
ଉତ୍କଳ ଦିବସ
ସୁବର୍ଣ୍ଣ ଜୟନ୍ତୀ ବିଶେଷାଙ୍କ
ଉତ୍କଳ ପ୍ରସଙ୍ଗ
ବର୍ଷାଣାଂ ଭାରତ ଶ୍ରେଷ୍ଠ
ଦେଶାନାଂ ଉତ୍କଳ ଶ୍ରୁତଃ
ଉତ୍କଳସ୍ୟ ସମୋ ଦେଶ
ଦେଶୋ ନାସ୍ତି ମହୀତଳେ ॥
(କପିଳ ସଂହିତା)





ଶହୀଦ ମାନଙ୍କ ପ୍ରତି ଜାତିର ଶ୍ରଦ୍ଧାଞ୍ଜଳି
Nation pays Homage to martyrs



ପାର୍ଲିଆମେଣ୍ଟ ବଜେଟ ଅଧିବେଶନ
To Address the Budget Session


ସେମାନଙ୍କ
କଲ୍ୟାଣ ପାଇଁ...

# ଉତ୍କଳ ପ୍ରସଙ୍ଗ

ଚୈତ୍ର | ୧୯୦୭ ଶକାବ୍ଦ | ୪୨ ବର୍ଷ | ୯ମ ସଂଖ୍ୟା | ଏପ୍ରିଲ | ୧୯୮୬



## ସମ୍ପାଦନା ମଣ୍ଡଳୀ

ନିର୍ଦ୍ଦେଶକ .. ଶ୍ରୀ ଗୋଲେକ ଚନ୍ଦ୍ର ମହାପାତ୍ର

ସମ୍ପାଦକ .. ଶ୍ରୀ ବ୍ରଜମୋହନ ପଟ୍ଟନାୟକ

ସହଯୋଗୀ ସମ୍ପାଦକ .. ଶ୍ରୀ ଉପେନ୍ଦ୍ର ପ୍ରସାଦ ଦାସ

ସହସମ୍ପାଦକ .. ଶ୍ରୀହରଜ ସତ୍ୟନାରାୟଣ ନନ୍ଦ

**ମୁଖ୍ୟ ସମ୍ପାଦକ**

ଶ୍ରୀ ସଚ୍ଚିଦାନନ୍ଦ ରାଉତରାୟ

**ପ୍ରଚ୍ଛଦ ଓ ଅଙ୍ଗସଜ୍ଜା**

ଅଧ୍ୟାପକ ବଳଦେବ ମହାରଥୀ



**ପ୍ରକାଶନ :** ସୂଚନା ଓ ଲୋକ ସମ୍ପର୍କ ବିଭାଗ,
ଓଡ଼ିଶା ସରକାର, ଭୁବନେଶ୍ୱର

ବାର୍ଷିକ ଦେୟ : ୧୦.୦୦

ପ୍ରତି ଖଣ୍ଡ : ୧.୦୦

**ମୁଦ୍ରଣ :**
ଓଡ଼ିଶା ସରକାରୀ ମୁଦ୍ରଣାଳୟ, କଟକ


ଓଡ଼ିଶା ସରକାରଙ୍କ [illegible]

'ଉତ୍କଳ ପ୍ରସଙ୍ଗ' [illegible]

# ଉତ୍କଳ ପ୍ରସଙ୍ଗ

## ସୂଚୀପତ୍ର


| | | |
|---|---|---|
| "ଭରତ-ପଙ୍କଜ-ଦଳମିବ ଉତ୍କଳ" .. | ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ .. | ୧ |
| ଉତ୍କଳ ସମ୍ମିଳନୀ ସଭାପତିଙ୍କ ଅଭିଭାଷଣ .. | ଉତ୍କଳମଣି ଗୋପବନ୍ଧୁ ଦାସ .. | ୫ |
| ଉତ୍କଳ ପ୍ରଦେଶ ଗଠନ .. | ଡକ୍ଟର ହରେକୃଷ୍ଣ ମହତାବ .. | ୨୦ |
| ନବ ଉତ୍କଳର ନିର୍ମାତା-ମଧୁସୂଦନ .. | ସ୍ୱର୍ଗତଃ ବିଶ୍ୱନାଥ ଦାସ .. | ୨୨ |
| ଭାରତୀୟ ଧର୍ମଧାରରେ ଓଡ଼ିଶାର ବୈଶିଷ୍ଟ୍ୟ ମହିମା ଧର୍ମ । | ବ୍ରହ୍ମାବଧୂତ ବିଶ୍ୱନାଥ ବାବା .. | ୨୪ |
| ଓଡ଼ିଆ ମୁହଁରେ ଓଡ଼ିଆ ମୁହଁ .. | ଶ୍ରୀ ରାଧାମୋହନ ଗଡ଼ନାୟକ .. | ୩୧ |
| ଓଡ଼ିଶା ପ୍ରଦେଶର ସୀମା ସଂଶୋଧନ .. | ଡକ୍ଟର ସତ୍ୟନାରାୟଣ ରାଜଗୁରୁ .. | ୩୫ |
| ଏସ୍କିଲ ପଛିଲରେ ପ୍ରାଚୀନ ଓଡ଼ିଶାର ଅନୁଚିନ୍ତା .. | ଅଧ୍ୟାପକ ଗୌରୀ କୁମାର ବ୍ରହ୍ମା .. | ୪୧ |
| ପୁରାଣ ପୃଷ୍ଠାରେ ଉତ୍କଳ ପ୍ରସଙ୍ଗ .. | ଡକ୍ଟର ଦୋଳଗୋବିନ୍ଦ ଶାସ୍ତ୍ରୀ .. | ୪୪ |
| ଓଡ଼ିଶାରେ କୃଷିବିକାଶ .. | ଡକ୍ଟର ରବିନାରାୟଣ ମହାନ୍ତି .. | ୪୭ |
| ସଫଳ କାହାଣୀ .. | .. | ୫୨ |
| [illegible]ଗତି ପ୍ରସଙ୍ଗ .. | .. | ୫୯ |
| [illegible]ଞ୍ଚଳ ମିଶ୍ରଣ ଓ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ | ଶ୍ରୀ ବଳରାମ ମହାନ୍ତି .. | ୭୦ |
| ଓଡ଼ିଶା ଓ ଓଡ଼ିଆ .. | ଶ୍ରୀ ଚିତ୍ତରଞ୍ଜନ ଦାସ .. | ୭୭ |
| ସଂସ୍କୃତ ଭାଷା ଓ ସାହିତ୍ୟକୁ ଓଡ଼ିଶାର ଅବଦାନ .. | ପଣ୍ଡିତ ନୀଳମଣି ମିଶ୍ର .. | ୮୧ |
| ଓଡ଼ିଶୀ ନୃତ୍ୟ—ଏକ ଆଧ୍ୟାତ୍ମିକ ପ୍ରକ୍ରିୟା .. | ଡକ୍ଟର ମିନତି ମିଶ୍ର .. | ୮୬ |
| ମହାରାଜ ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି .. | କୁମାରୀ ସସ୍ମିତା ରାଜଗୁରୁ .. | ୮୮ |
| ଓଡ଼ିଶାର ପୁରାଭିଲେଖ .. | ଡକ୍ଟର ସ୍ନିଗ୍ଧା ତ୍ରିପାଠୀ .. | ୯୩ |
| ଓଡ଼ିଶାର ବନ୍ୟ ସମ୍ପଦ .. | ଶ୍ରୀ ଭୂପାଳ ଚନ୍ଦ୍ର ମହାପାତ୍ର .. | ୯୭ |
| ଜନନୀ ଜନ୍ମଭୂମିଶ୍ଚ.... .. | ଅଧ୍ୟାପକ ଶତ୍ରୁଘ୍ନ ନାଥ .. | ୯୯ |
| ସିଂହଭୂମିରୁ କହୁଛି.... .. | ଶ୍ରୀ ଲକ୍ଷ୍ମୀଧର ନାୟକ .. | ୧୦୫ |
| ଛତିଶିଲ୍ଲ ଛାୟାଅଣି .. | ଅଧ୍ୟାପକ ଶ୍ରୀକାନ୍ତ ମହାନ୍ତି .. | ୧୧୨ |
| ଓଡ଼ିଶାର ନବ ଜାଗରଣ ଓ ମଧୁସୂଦନ .. | ଶ୍ରୀ ସୁରେନ୍ଦ୍ର ମହାନ୍ତି .. | ୧୧୭ |
| ଓଡ଼ିଶା ଅର୍ଥନୀତିର କେତେକ ଦିଗ .. | ଶ୍ରୀ ଶରତ ରାଉତ .. | ୧୨୧ |
| ଜଗନ୍ନାଥ ଓ ଓଡ଼ିଆ ଜାତୀୟତା .. | ଅଧ୍ୟାପକ ଦୁର୍ଗାଚରଣ କୁଅଁର .. | ୧୨୪ |
| ଓଡ଼ିଆ ସରକାରୀ ଭାଷା କାହିଁକି ? .. | ଶ୍ରୀ ସହଦେବ ସାହୁ .. | ୧୨୭ |
| ଦକ୍ଷିଣ-ପୂର୍ବ ଏସିଆରେ ସାଂସ୍କୃତିକ ଉପନିବେଶ । .. | ଡକ୍ଟର ଆଶୁତୋଷ ପଟ୍ଟନାୟକ .. | ୧୩୧ |

# ଅବତରଣିକା

ଓଡ଼ିଶାର ପୁଣ୍ୟ ଜନ୍ମ ଦିନର ଶୁଭେଚ୍ଛା ଜଣାଇ "ଉତ୍କଳ ପ୍ରସଙ୍ଗ" ଓଡିଆମାନଙ୍କୁ ଏହି ସଂଖ୍ୟାରେ ହାର୍ଦ୍ଦିକ ସମ୍ବର୍ଦ୍ଧନା ଜ୍ଞାପନ କରୁଛି ।

ଅର୍ଦ୍ଧ ଶତାବ୍ଦୀ ପୂର୍ବେ ଆଜିର ଏହି ଦିନ ଓଡିଆ ଜାତି ନିମନ୍ତେ ଏକ ଶୁଭ ଲଗ୍ନ ଥିଲା । ବ୍ରିଟିଶ ଶାସନରେ ପ୍ରଥମ ଭାଷା-ଭିତ୍ତିକ ପ୍ରଦେଶ ଗଠନ କରଯାଇଥିଲା ବଙ୍ଗ, ବିହାର, ମାନ୍ଦ୍ରାଜ ଓ ମଧ୍ୟ ପ୍ରଦେଶରୁ ଓଡିଆ-ଭାଷୀ ଅଞ୍ଚଳକୁ ନେଇ । ଏକ ସ୍ୱତନ୍ତ୍ର ପ୍ରଦେଶ ଗଠନରେ ଓଡ଼ିଆ ଗଣମାଧ୍ୟମକୁ ଦୃଢ଼ ନେତୃତ୍ୱ ଦେଇଥିବା ଉତ୍କଳ ଗୌରବ ମଧୁସୂଦନ, ଉତ୍କଳମଣି ଗୋପବନ୍ଧୁ ଓ ଓଡ଼ିଶାର ପ୍ରଥମ ପ୍ରଧାନମନ୍ତ୍ରୀ କୃଷ୍ଣଚନ୍ଦ୍ର ଗଜପତିଙ୍କୁ ପ୍ରଣିପାତ ଜଣାଇ ଏହି ଶୁଭ ଅବସରରେ " ଉତ୍କଳ ପ୍ରସଙ୍ଗ " ଆତ୍ମପ୍ରକାଶ କରୁଛି ।

ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଲେଖା ତାଙ୍କର ଜାମସେଦପୁରଠାରେ ସିଂହଭୂମି ଓଡ଼ିଆ ସାହିତ୍ୟ ସମାଜରେ ପ୍ରଦତ୍ତ ଭାଷଣ ଉପରେ ଆଧାରିତ ।

ସ୍ୱତନ୍ତ୍ର ପ୍ରଦେଶ ଗଠନରେ ଉତ୍କଳ ସମ୍ମିଳନୀର ଦାନ ଅବିସ୍ମରଣୀୟ । ଉତ୍କଳ ସମ୍ମିଳନୀରେ ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଅଭିଭାଷଣ ସେ ଯୁଗର ଭାବନା, ଆଶା ଓ ଆକାଂକ୍ଷାକୁ ପ୍ରାଣବନ୍ତ କରି ତୋଳିଛି ।

ଓଡ଼ିଶାର ଅନ୍ୟତମ ବରପୁତ୍ର ଡକ୍ଟର ହରେକୃଷ୍ଣ ମହତାବଙ୍କ ଲିଖିତ ପ୍ରବନ୍ଧ ଐତିହାସିକମାନଙ୍କର ଏକ ଅମୂଲ୍ୟ ରତ୍ନ ।

ଓଡ଼ିଶାର ଅନ୍ୟତମ ମୁଖ୍ୟମନ୍ତ୍ରୀ ଓ ନେତା ସ୍ୱର୍ଗୀୟ ବିଶ୍ୱନାଥ ଦାସ ଉତ୍କଳ ଗୌରବ ମଧୁସୂଦନଙ୍କ ସମ୍ପର୍କରେ ଲେଖିବାବେଳେ ମଣି କାଞ୍ଚନର ସଂଯୋଗ ଘଟିଛି ଏବଂ ପାଠକମାନେ ଏହାକୁ ଗ୍ରହଣ କରିବେ ବୋଲି ଆମର ଆଶା । ଏ ସମ୍ବନ୍ଧରେ ଶ୍ରୀ ସୁରେନ୍ଦ୍ର ମହାନ୍ତିଙ୍କ ପ୍ରବନ୍ଧ ପ୍ରତି ଆମେ ପାଠକଙ୍କ ଦୃଷ୍ଟି ଆକର୍ଷଣ କରିବା ଉଚିତ ହେବ ।

ଓଡ଼ିଶାର କଳା, କୃଷ୍ଟି, ନୃତ୍ୟ, ଜାତୀୟତା ଓ ସର୍ବୋପରି ଓଡ଼ିଶାର ନାଥ ଶ୍ରୀ ଜଗନ୍ନାଥଙ୍କ ବିଷୟରେ ପ୍ରବନ୍ଧମାନ ଏହି ସଂଖ୍ୟାରେ ଅନ୍ୟତମ ଆକର୍ଷଣ ।

ଓଡ଼ିଶା ପଞ୍ଚାଶ ବର୍ଷ ପୂର୍ବେ ଗଠନ କରାଯାଇଥିଲେ ମଧ୍ୟ ଏହାର ପ୍ରାଚୀନତା ଋଗ୍‌ବେଦ ଦ୍ୱାରା ସ୍ୱୀକୃତ ।

"ଆଦୋ ଯଦ୍‌ଦାରୁ ପ୍ଲବତେ ସିନ୍ଧୋଃ ପାରେ ଅପୂରୁଷମ୍"—ଋଗ୍‌ବେଦର ଦଶମ ମଣ୍ଡଳର ୧୫୫ ତମ ସୂକ୍ତରେ ପ୍ରାଣ ପ୍ରକାଶ କରିଛି । ଭଗବାନ ବ୍ୟାସଦେବ ଶ୍ରୀପୁରୁଷୋତ୍ତମ ମାହାତ୍ମ୍ୟମ୍‌ରେ ଓଡିଶାର ପ୍ରଶଂସା ଗାନ କରି କହିଛନ୍ତି—

"ଉତ୍କଳୋ ନାମ ଦେଶୋଽସ୍ତି ଖ୍ୟାତଃ ପରମ ପାବନଃ

*  *  *  *

ଭୂସ୍ୱର୍ଗଂ ସାମ୍ପ୍ରତଂ ହ୍ୟେଷ କଥିତଃ ପୁରୁଷୋତ୍ତମଃ ।"

ଆଜିର ଏହି ପୁଣ୍ୟ ଅବସରରେ 'ଉତ୍କଳ ପ୍ରସଙ୍ଗ' ସେହି ଭୂସ୍ୱର୍ଗର ସର୍ବବିଧ ମଙ୍ଗଳ ନିମନ୍ତେ ପୁରୁଷୋତ୍ତମଙ୍କଠାରେ ପ୍ରାର୍ଥନା କରୁଛି ।

[signature]



## ସୁବର୍ଣ୍ଣ ଜୟନ୍ତୀ ବର୍ଷ ଏକ ଅଭ୍ୟୁଦୟର ମହାନ୍ ବର୍ଷ ହେଉ
## ଓଡ଼ିଶାବାସୀଙ୍କ ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀ
# ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ
# ବାର୍ତ୍ତା

୧୯୮୬ ଅପ୍ରେଲ ପହିଲାରୁ ପାଳିତ ହେଉଥିବା ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ସୁବର୍ଣ୍ଣ ଜୟନ୍ତୀ ବର୍ଷ ଉପଲକ୍ଷେ ଓଡ଼ିଶାର ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଏକ ବାର୍ତ୍ତା ପ୍ରଦାନ କରି ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ସୁବର୍ଣ୍ଣ ଜୟନ୍ତୀ ବର୍ଷକୁ ଏକ ଅଭ୍ୟୁଦୟର ମହାନ୍ ବର୍ଷ ରୂପେ ପାଳନ କରିବା ପାଇଁ ନିବେଦନ କରିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ପୂର୍ଣ୍ଣାଙ୍ଗ ବାର୍ତ୍ତା ନିମ୍ନରେ ପ୍ରଦତ୍ତ ହେଲା :

"ପ୍ରତି ଅପ୍ରେଲ ପହିଲା ଓଡ଼ିଶା ପାଇଁ ସ୍ମରଣୀୟ । କାରଣ, ଏହିଦିନ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଜନ୍ମଲାଭ କରିଥିଲା । କିନ୍ତୁ ଏଥର ଅପ୍ରେଲ ପହିଲାର ଏକ ମହାନ୍ ବିଶେଷତ୍ୱ ହେଉଛି, ଏହିଦିନଠାରୁ ଓଡ଼ିଶାର ସୁବର୍ଣ୍ଣ ଜୟନ୍ତୀ ବର୍ଷ ଆରମ୍ଭ ହେଉଛି । ସେତେବେଳେ ଏକ ପରାଧୀନତାର ଯୁଗରେ ଓଡ଼ିଶାକୁ ଏକ ସ୍ୱତନ୍ତ୍ର ପ୍ରଦେଶରେ ପରିଣତ କରିବାପାଇଁ ଓଡ଼ିଶାର ଜନଗଣଙ୍କୁ ବହୁ ସଂଗ୍ରାମ କରିବାକୁ ପଡ଼ିଥିଲା । ସ୍ୱାଧୀନତା ସଂଗ୍ରାମ ଓ ସ୍ୱତନ୍ତ୍ର ପ୍ରଦେଶ ପାଇଁ ସଂଗ୍ରାମ, ଏହି ଦୁଇଟିଯାକ ପାଇଁ ବହୁ ତ୍ୟାଗ, ତପସ୍ୟା, ସଂଗ୍ରାମ ଓ ସାଧନା କରିବାକୁ ପଡ଼ିଛି । ଉତ୍କଳ ଗୌରବ ମଧୁସୂଦନ ଦାସ, ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ, ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଦେବ ଓ ଭାଷା ଓ ସାହିତ୍ୟ କ୍ଷେତ୍ରରେ ଫକୀର ମୋହନ, ରାଧାନାଥ, ମଧୁସୂଦନ, ଗଙ୍ଗାଧର ଓଡ଼ିଆ ଜାତୀୟତା ଓଡ଼ିଆ ଭାଷା, ଓଡ଼ିଆ ସାହିତ୍ୟକୁ ବଞ୍ଚାଇ ରଖିବାପାଇଁ ଓ ଏହାର ଅଭିବୃଦ୍ଧି ପାଇଁ ଆପ୍ରାଣ ଚେଷ୍ଟା କରିଛନ୍ତି । ତାହା ଫଳରେ ୧୯୩୬ ସାଲରେ ବହୁ ଭାଷାଭାଷୀ ଲୋକେ ସ୍ୱତନ୍ତ୍ର ପ୍ରଦେଶ ପାଇଁ ଦାବୀ କରି ଆସୁଥିଲେ ମଧ୍ୟ ଓଡ଼ିଆ ଜାତି ତାର ଏକ ସ୍ୱତନ୍ତ୍ର ପ୍ରଦେଶ ଲାଭ କରିପାରି ଥିଲା ।


"ସେତେବେଳର ଓଡ଼ିଶା ଅବଶ୍ୟ ଥିଲା ଆୟତନରେ କ୍ଷୁଦ୍ର ଓ ଅଳ୍ପ କେତୋଟି ଜିଲ୍ଲା ମଧ୍ୟରେ ସୀମାବଦ୍ଧ । କିନ୍ତୁ ସ୍ୱତନ୍ତ୍ରତାର ଏହି ସ୍ୱୀକୃତି ଓଡ଼ିଆ ଜାତିର ପ୍ରାଣରେ ଏକ ନୂତନ ସ୍ପନ୍ଦନ ଓ ଆଶାର ସଂଚାର କରିଥିଲା । ୧୯୪୮ ମସିହାରେ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଓ ଡଃ ହରେକୃଷ୍ଣ ମହତାବଙ୍କ ଉଦ୍ୟମରେ ଦେଶୀୟ ରାଜ୍ୟମାନଙ୍କର ମିଶ୍ରଣ ଫଳରେ ଓଡ଼ିଶାର ଆୟତନ ବୃଦ୍ଧି ହେଲା ଓ ଅଧିକାଂଶ ଓଡ଼ିଆ ଭାଷାଭାଷୀ ଲୋକେ ଗୋଟିଏ ଶାସନାଧୀନ ହୋଇପାରିଲେ । ସେହିଦିନଠାରୁ ସ୍ୱାଧୀନ ଭାରତରେ ବହୁ ବାଧାବିଘ୍ନ ମଧ୍ୟରେ ଓଡ଼ିଶା ଆଗେଇ ଚାଲିଛି । ସ୍ୱାଧୀନତା ପରବର୍ତ୍ତୀ ଏହି ୩୮ ବର୍ଷର ଇତିହାସ ହେଉଛି ବିଭିନ୍ନ କ୍ଷେତ୍ରରେ ଏକ ବିପୁଳ ଉଦ୍ୟମ, ଉନ୍ନୟନ ଓ ଅଗ୍ରଗତିର ଇତିହାସ । ଆଜିର ଓଡ଼ିଶା ଭାରତରେ ସବୁଠାରୁ ପଛୁଆ ରାଜ୍ୟ ହୋଇନାହିଁ । କୃଷି ଓ ଶିଳ୍ପ କ୍ଷେତ୍ରରେ ଏହାର ବିପୁଳ ଅଭିବୃଦ୍ଧି ସାଧିତ ହୋଇଛି । ଓଡ଼ିଆ ଭାଷା ସରକାରୀ ଭାଷାରେ ପରିଣତ ହୋଇଛି । ଓଡ଼ିଆ ସାହିତ୍ୟର ବହୁ ଉନ୍ନତି ସାଧିତ ହୋଇଛି । ଶିକ୍ଷା କ୍ଷେତ୍ରରେ, ବିଶେଷତଃ ଉଚ୍ଚଶିକ୍ଷା କ୍ଷେତ୍ରରେ ଓଡ଼ିଶାର ଅଗ୍ରଗତି ଉଲ୍ଲେଖଯୋଗ୍ୟ । ଓଡ଼ିଆ ଯୁବକମାନଙ୍କ ଭିତରେ ଅତୀତର ନିରାଶା ଓ ବ୍ୟର୍ଥତାର ବାତାବରଣ ଆଉ ନାହିଁ । ଓଡ଼ିଶାର ଲୋକେ ଭାରତର ବିଭିନ୍ନ କ୍ଷେତ୍ରରେ ସାଫଲ୍ୟ ଅର୍ଜନ କରିଛନ୍ତି ।


"ଏହି ସୁବର୍ଣ୍ଣ ଜୟନ୍ତୀ ବର୍ଷରେ ଆମର ଗୌରବମୟ ଅତୀତକୁ ସ୍ମରଣ କରି ଏକ ଉଜ୍ଜ୍ୱଳ ଭବିଷ୍ୟତର ନିର୍ମାଣ ପାଇଁ ସଂକଳ୍ପ ଗ୍ରହଣ କରିବାକୁ ହେବ । ଅତୀତରେ ଓଡ଼ିଶା ଭାରତର ଗୌରବର ପ୍ରତୀକ ଥିଲା । ସୁଦୂର ଦକ୍ଷିଣ-ପୂର୍ବ ଏସିଆରେ ଓଡ଼ିଶା ଥିଲା ଭାରତୀୟ ଧର୍ମ ଓ ସଂସ୍କୃତିର ବାର୍ତ୍ତାବହ । ଦେଶ ମଧ୍ୟରେ ଉତ୍ତର ଓ ଦକ୍ଷିଣ ଭାରତର ମଧ୍ୟସ୍ଥଳରେ ଅବସ୍ଥିତ ହେବାଯୋଗୁ ଓଡ଼ିଶାର ସଂସ୍କୃତି ଥିଲା ବିଭିନ୍ନ ଜାତୀୟତା, ଧର୍ମ ଓ ସଂସ୍କୃତିର ସମନ୍ୱୟ ସ୍ଥଳ, ଯାହାଉପରେ ଭିତ୍ତିକରି ସାରା ଭାରତବର୍ଷ ପାଇଁ ଏକ ଅମୂଲ୍ୟ ଜଗନ୍ନାଥ ସଂସ୍କୃତି ଗଢ଼ିଉଠିଛି । ଓଡ଼ିଶାର ବିପୁଳ ପ୍ରାକୃତିକ ସଂପଦ ରହିଛି, ଯାହାକି ଭାରତବର୍ଷର ଖୁବ୍ କମ୍ ରାଜ୍ୟରେ ଅଛି । ଓଡ଼ିଶାର ଲୋକଶକ୍ତି ପରିଶ୍ରମୀ ଏବଂ ବୁଦ୍ଧିମାନ୍, ଯୁବଶକ୍ତି ସଂକଳ୍ପବଦ୍ଧ । ଏହି ସୁବର୍ଣ୍ଣ ଜୟନ୍ତୀ ଦିବସରେ ଓଡ଼ିଶାରେ ଏକ ସ୍ୱର୍ଣ୍ଣଯୁଗ ସୃଷ୍ଟି କରିବାପାଇଁ ଜନସାଧାରଣଙ୍କ ମଧ୍ୟରେ ଏକ ବିପୁଳ ଉତ୍ସାହ ସୃଷ୍ଟି ହେଉ, ଏହାହିଁ ମୋର କାମନା । ଏହି ଅବସରରେ ଓଡ଼ିଶାର ଜନସାଧାରଣଙ୍କୁ ମୁଁ ମୋର ଆନ୍ତରିକ ଅଭିନନ୍ଦନ ଜଣାଉଛି ଏବଂ ଏହି ସୁବର୍ଣ୍ଣ ଜୟନ୍ତୀ ବର୍ଷକୁ ଏକ ଅଭ୍ୟୁଦୟର ମହାନ୍ ବର୍ଷ ରୂପେ ପାଳନ କରିବାପାଇଁ ନିବେଦନ କରୁଛି ।"


ବନ୍ଦେ ଉତ୍କଳ ଜନନୀ



• କୋଟି କୋଟି କଣ୍ଠେ ଆଜି ଉଠୁଛେ ଗର୍ଜିରେ ବାଜି, ଉତ୍କଳର ଜୟଗୀତି ଉନ୍ମାଦନା ଭରା,
କମ୍ପିଉଠୁ ଶୈଳରାଜି ସସାଗରା ଧରା ।
କମ୍ପିଉଠୁ ସ୍ପନ୍ଦେ ସ୍ପନ୍ଦେ ଆକାଶ ଅବନୀ,
ପୁଣ୍ୟମୟୀ ମା' ମୋର ଉତ୍କଳ ଜନନୀ,
ମୋର ଉତ୍କଳ ଜନନୀ,
ମୋର ଉତ୍କଳ ଜନନୀ ॥







# ଭାରତ ପଙ୍କଜ ଦଳମିବ ଉତ୍କଳ



ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ

ଐତିହାସିକ ସିଂହଭୂମି, ଓଡ଼ିଶା ଭାଷା, ସାହିତ୍ୟ ଓ ଇତିହାସରେ ସବୁବେଳେ ଏକ ମୁଖ୍ୟ ଭୂମିକା ଗ୍ରହଣ କରି ଆସିଛି । ଓଡ଼ିଆ ସାହିତ୍ୟ ଏବଂ ସଂସ୍କୃତି ସଂପର୍କରେ ଚିନ୍ତା କଲାବେଳେ ସିଂହଭୂମିକୁ ଛାଡ଼ି ତାହା କେବେ ଚିନ୍ତା କରାଯାଇ-ପାରିବ ନାହିଁ । ଓଡ଼ିଆ ଭାଷା ଏବଂ ସାହିତ୍ୟକୁ ବଳିଷ୍ଠ ଓ ପୁଷ୍ଟ କରିବା ପାଇଁ ଯେଉଁ ସବୁ ଅଞ୍ଚଳର ବିଶେଷ ଅବଦାନ ରହିଛି, ତହିଁରେ ସମଗ୍ର ଭାରତବର୍ଷରେ ଥିବା ଓଡ଼ିଆ ଭାଷାଭାଷୀ ଓ ସିଂହଭୂମିର ଭାଇ ଭଉଣୀଙ୍କ ମହନୀୟ ଦାନ ସଂଶ୍ଳିଷ୍ଟ । ଏକଦା ସିଂହଭୂମି ଭାରତର ଇତିହାସ, ରାଜନୈତିକ ତଥା ସଂସ୍କୃତିର ଏକ କେନ୍ଦ୍ର ସ୍ଥାନ ରୂପେ ସ୍ୱୀକୃତ ହୋଇଥିଲା । ସ୍ୱାଧୀନତା ସଂଗ୍ରାମରେ ପୋଡ଼ାହାଟର ରାଜା ସଂଗ୍ରାମ ସିଂ ଯେଉଁଭଳି ଭାବରେ ବ୍ରିଟିଶ ସରକାରଙ୍କ ବିରୁଦ୍ଧରେ ସଂଗ୍ରାମ କରି ପ୍ରାଣପାତ କରିଥିଲେ, ତାହା ଏ ଦେଶର ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିଛି । ବିଭିନ୍ନ କ୍ଷେତ୍ରରେ ସିଂହଭୂମିବାସୀ ଭାରତର ନବନିର୍ମାଣ ଓ ସଂସ୍କୃତିର ପୁଷ୍ଟିସାଧନ ପାଇଁ ବହୁ ଅବଦାନ ଦେଇଛନ୍ତି । ଜାମସେଦପୁର ହେଉଛି ଆଧୁନିକ ଭାରତର ଏକ ପ୍ରତୀକ । ଭାରତମାତାର ପୂଜା ପାଇଁ ଜାମସେଦପୁରକୁ ଏକ ପୁଷ୍ପିତ ଉପବନ ବୋଲି ବର୍ଣ୍ଣନା କରାଯାଇପାରେ । କାରଣ ଜାମସେଦପୁରରେ ଆମେ ଏକ କ୍ଷୁଦ୍ର ଭାରତର ରୂପରେଖ ଦେଖିବାକୁ ପାଉ । ଏଠାରେ ଭାରତର ସବୁ ଭାଷାଭାଷୀର ଲୋକ ରହିଛନ୍ତି । ଓଡ଼ିଆ, ବଙ୍ଗାଳୀ, ହିନ୍ଦୁସ୍ଥାନୀ, ପଞ୍ଜାବୀ, ତେଲଗୁ, ତାମିଲ, ମାଲୟାଲମ୍ ଗୁଜରାଟି, ମରହଟ୍ଟୀ ସବୁ ବିହାର, ହିନ୍ଦୁ, ମୁସଲମାନ, ଶିଖ, ପାର୍ସି ସବୁ ଧର୍ମର ଲୋକ ଏଠାରେ ରହିଅଛନ୍ତି । ତେଣୁ ଭାରତର ପ୍ରତୀକ ଯଦି ଦେଖିବାକୁ ହୁଏ ତାହା ହେଲେ ଜାମସେଦପୁର ତାହାର ଏକ ବଳିଷ୍ଠ ପ୍ରତୀକ । ଭାରତ ସ୍ୱାଧୀନତାର ବହୁ ପୂର୍ବରୁ ଭାରତମାତାଙ୍କର ପୂଜା ପାଇଁ ଜାମସେଦପୁର ପ୍ରାୟ ଏକ ମହନୀୟ ଦାନ ବୋଲି କୁହାଯାଇ ପାରେ ।

ଜାମସେଦପୁର ହିଁ ଆଧୁନିକ ଭାରତର ପରିଚୟ । କାରଣ ଯେତେବେଳେ ଶିଳ୍ପ ବିପ୍ଳବର ପ୍ରବାହ ଭାରତବର୍ଷର ଉପକୂଳକୁ ସ୍ପର୍ଶ କରି ନଥିଲା ସେତେବେଳେ ଜାମସେଦ୍‌ଜୀ ଟାଟା ଏଠାରେ ଇସ୍ପାତ କାରଖାନା ନିର୍ମାଣର ସ୍ୱପ୍ନ ଦେଖି କାର୍ଯ୍ୟକାରୀ କରିଥିଲେ । ଆଧୁନିକ ଭାରତ ବା ଆଧୁନିକ ପୃଥିବୀରେ ଇସ୍ପାତ ଶିଳ୍ପ ହେଉଛି ଶିଳ୍ପ-ବିପ୍ଳବର ଜନକ ବୋଲି କୁହାଯାଇପାରେ । ଭାରତବର୍ଷରେ ଶିଳ୍ପ ବିପ୍ଳବର ଯେଉଁ ଉନ୍ମେଷ ହୋଇଥିଲା ସ୍ୱାଧୀନତା ପ୍ରାପ୍ତିର ବହୁବର୍ଷ ପୂର୍ବେ, ସେତେବେଳେ ଜାମସେଦପୁର ସେଥିରେ ଏକ ଅଗ୍ର ଭୂମିକା ଗ୍ରହଣ କରିଥିଲା । ସେହି ଦୃଷ୍ଟିରୁ ଭାରତବର୍ଷର ଶିଳ୍ପ ତଥା ନିର୍ମାଣ ଇତିହାସରେ ଜାମସେଦପୁର ଏକ ପ୍ରଧାନ ସ୍ଥାନ ଅଧିକାର କରି ରହିଛି ।

ଜାମସେଦ୍‌ପୁରଠାରେ ଥିବା ଓଡ଼ିଆ ଭାଷାଭାଷୀ-ମାନେ ନିଜର ସାହିତ୍ୟ, ସଂସ୍କୃତି ଏବଂ ଭାଷା ବଜାୟ ରଖିବା ପାଇଁ ସବୁବେଳେ ଉଦ୍ୟମ କରି ଆସିଛନ୍ତି । ସୁଦୀର୍ଘ ୫୦ ବର୍ଷ ଧରି ଏଠାରେ ଗଢ଼ି ଉଠିଥିବା 'ସିଂହଭୂମି ଓଡ଼ିଆ ସାହିତ୍ୟ ସମାଜ' ସଫଳତା ତଥା ଉତ୍ତରୋତ୍ତର ଭାବେ ଉନ୍ନତି ଲାଭ କରି ଆସିଛି । ଏହି ସାହିତ୍ୟ ସମାଜ ଆନୁକୂଲ୍ୟରେ ଓଡ଼ିଶାର ବହୁ ବରେଣ୍ୟ ନେତାମାନଙ୍କର ଜୟନ୍ତୀ ଏଠାରେ ପାଳନ କରାଯାଇଛି । ୧୯୮୪ ଅଗଷ୍ଟ ୫ ତାରିଖରେ ଓଡ଼ିଶାର ଜଣେ ସ୍ୱନାମଧନ୍ୟ କବି, ପ୍ରାବନ୍ଧିକ, ବିଶିଷ୍ଟ ପଣ୍ଡିତ, ଶିକ୍ଷକ, ଦାର୍ଶନିକ ତଥା ରାଜନୀତିଜ୍ଞ ପଣ୍ଡିତ ନୀଳକଣ୍ଠ ଦାସଙ୍କ ଶତବାର୍ଷିକୀ ପାଳନ କରାଯାଇଥିଲା । ପଣ୍ଡିତ ନୀଳକଣ୍ଠ ଜଣେ ପ୍ରଚଣ୍ଡ ପ୍ରତିଭାର ଅଧିକାରୀ ଥିଲେ । ଭାରତବର୍ଷର ଇତିହାସରେ ସେହି ସମୟରେ ଯେଉଁସବୁ ପ୍ରତିଭା ଜନ୍ମ ନେଇଥିଲା, ସମଗ୍ର ଦେଶରେ ସେମାନଙ୍କ ସଂଖ୍ୟା ମୁଷ୍ଟିମେୟ । ପଣ୍ଡିତ ନୀଳକଣ୍ଠ ଥିଲେ ସେମାନଙ୍କ ମଧ୍ୟରେ ଅନ୍ୟତମ । ପଣ୍ଡିତ ଗୋପବନ୍ଧୁଙ୍କର ସହକର୍ମୀ ଭାବରେ ସେତେବେଳେ ସାହିତ୍ୟ, ଶିକ୍ଷା, ସମାଜ ସଂସ୍କାର କ୍ଷେତ୍ରରେ ଏବଂ ଓଡ଼ିଶାକୁ ଭାରତବର୍ଷରେ ପ୍ରତିଷ୍ଠିତ

କରାଇବା ଦିଗରେ ସେ ଯେଉଁ ଉଦ୍ୟମ କରିଛନ୍ତି, ତାକୁ ଉତ୍ତର ପୁରୁଷ ଭାବେ ଆମ୍ଭେମାନେ କେବେହେଲେ ଭୁଲି ପାରିବା ନାହିଁ ।

ଓଡ଼ିଶାର ଭାଷା, ସାହିତ୍ୟ, ସ୍ୱାଭିମାନକୁ ଆମେ ସବୁବେଳେ ବଳିଷ୍ଠ କରିବା ପାଇଁ ସଂକଳ୍ପବଦ୍ଧ ହେବା ଉଚିତ । ଭାଷା ଓ ସାହିତ୍ୟ ସେବା ହେଉଛି ପ୍ରତ୍ୟେକ ମଣିଷର କର୍ତ୍ତବ୍ୟ । ନିଜ ଜନନୀର ସେବା ଆମର ଯେପରି କର୍ତ୍ତବ୍ୟ, ସେହିପରି ଭାବରେ ମାତୃଭାଷାର ସେବା କରିବା ଆମ୍ଭମାନଙ୍କର ଧର୍ମ । ପ୍ରତ୍ୟେକ ମଣିଷ ନୀଜ ଜୀବନରେ କିଛି ନା କିଛି ଦେଶର ଓ ସାହିତ୍ୟ ଓ ଭାଷା ପାଇଁ କାର୍ଯ୍ୟ କରିବା ଉଚିତ । ସେଥିପାଇଁ ଆମର ପ୍ରଥମ ସଂକଳ୍ପ ଯେ ଅନ୍ତତଃ ପକ୍ଷେ ଆମେ ନିଜର ମାତୃଭାଷାରେ ଆମର ଚିଠି ଲେଖିବା । ଓଡ଼ିଶାରେ ଅନେକ ଯୁବକ ଅଛନ୍ତି, ସେମାନଙ୍କୁ ଓଡ଼ିଆ ଭାଷା ମାଧ୍ୟମରେ ସ୍କୁଲ କଲେଜରେ ଶିକ୍ଷା ଦାନ ଦିଆଯାଉଛି । କିନ୍ତୁ ଚିଠି ଯେତେବେଳେ ଲେଖା ଯାଉଚି ସେତବେଳେ ଭୁଲଭରା ଥିବା ଇଂରାଜୀ ଭାଷାରେ ଚିଠି ଲେଖିବା ପାଇଁ ସେମାନେ ଉଦ୍ୟମ କରୁଚନ୍ତି । ସେ ସବୁ ଚିଠି ଭୁଲ ଓଡ଼ିଆରେ ଲେଖିଲେ କ୍ଷତି ନାହିଁ, କାରଣ ସେ ଆମର ମାତୃଭାଷା । ତେଣୁ ନିଜର ମାତୃଭାଷାରେ ଅନ୍ତତଃ ପକ୍ଷେ ଆମେ ଲେଖିବା ପାଇଁ ସଂକଳ୍ପ ବଦ୍ଧ ହେବା । ଯେଉଁ ସବୁ ବହିପତ୍ର, ପତିକ ଓଡ଼ିଆ ଭାଷାରେ ପ୍ରକାଶ ପାଉଚି ସେ ସବୁ ଆମେ ପଢ଼ିବା ପାଇଁ ଚେଷ୍ଟା କରିବା । ଏହି ଦୁଇଟି କାର୍ଯ୍ୟ ମାଧ୍ୟମରେ ଆମେ ନିଜର ସାହିତ୍ୟ ସେବା କରିପାରିବା ।

ଓଡ଼ିଆ ଭାଷାକୁ ସରକାରୀ ଭାଷା ରୂପେ ପ୍ରଚଳନ କରିବା ସକାଶେ ୧୯୮୦ ମସିହାରେ ନୀତିଗତ ଭାବେ ନିଷ୍ପତି ନିଆଯାଇଥିଲା ଯେ ୧୯୮୫ ଅପ୍ରେଲ ପହିଲାଠାରୁ ସମଗ୍ର ରାଜ୍ୟରେ ଓଡ଼ିଆ ଭାଷା ସରକାରୀ ଭାଷା ରୂପେ ପ୍ରଚଳିତ ହେବ । ଏହି ପ୍ରତିଜ୍ଞାକୁ କାର୍ଯ୍ୟକାରୀ କରିବା ପାଇଁ ଓଡ଼ିଆ ଟାଇପ୍ ରାଇଟର ମେସିନ୍‌ର ସଂସ୍କାର କରାଯାଇଛି । ସଂସ୍କାର କରାଯାଇଥିବା ଏହି ଟାଇପ୍ ରାଇଟରଗୁଡ଼ିକ ବ୍ୟାପକ ଭାବେ ପ୍ରଚଳନ କରାଯିବ । ସେଥି ନିମନ୍ତେ ଯେଉଁ ସବୁ ଶବ୍ଦ କୋଷ ପ୍ରଶାସନିକ କାର୍ଯ୍ୟ, ପତ୍ରାଳାପ, ଓ ଅନ୍ୟାନ୍ୟ କାର୍ଯ୍ୟ ସଂପାଦନ କରିବା ଲାଗି ଆବଶ୍ୟକ, ତାହା ମଧ୍ୟ ପ୍ରଣୀତ ହୋଇଛି । ଏହି ଦୁଇଟି କାର୍ଯ୍ୟ ସଂପାଦିତ ହେବା ପରେ ସେକ୍ରେଟେରୀଏଟ ଠାରୁ ବ୍ଲକ ପର୍ଯ୍ୟନ୍ତ ଯେପରି ସରକାରୀ କାର୍ଯ୍ୟ ଓଡ଼ିଆ ଭାଷା ମାଧ୍ୟମରେ ସଂପାଦନ କରାଯାଇ ପାରିବ, ସେଥି ନିମନ୍ତେ ବଡ଼ା ବଡ଼ି ଭାବେ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଛି । ଯେଉଁ କବି ଓ ସାହିତ୍ୟିକ-ମାନେ ବୃଦ୍ଧାବସ୍ଥାରେ ପଦାର୍ପଣ କରି ସାରିଚନ୍ତି, ଏବଂ ଯେଉଁମାନେ ଅସହାୟ ଅବସ୍ଥାରେ ରହିଛନ୍ତି, ସେମାନଙ୍କୁ ପେନ୍‌ସନ୍ ଦେବାଲାଗି ବ୍ୟବସ୍ଥା କରାଯାଉଚି । କେବଳ ଓଡ଼ିଶାରେ ନୁହେଁ ବିଚ୍ଛିନ୍ନାଞ୍ଚଳରେ ଯେଉଁଠି ଯେତେ ସାହିତ୍ୟିକ ଅଛନ୍ତି, ସେମାନଙ୍କୁ ମଧ୍ୟ ଓଡ଼ିଶା ସରକାର ଏହି ପେନ୍‌ସନ୍ ଦେବେ । କାରଣ ଓଡ଼ିଆ ଭାଷାର ସେବା ଯେଉଁମାନେ କରୁଛନ୍ତି, ସେମାନଙ୍କୁ କେବଳ ରାଜ୍ୟର ଭୌଗୋଳିକ ପରିସୀମା ମଧ୍ୟରେ ନୁହେଁ, ଯେଉଁ ସ୍ଥାନରେ ଓଡ଼ିଆ ଭାଷା ଭାଷୀ ରହି ନୀରବରେ ସାହିତ୍ୟ ସାଧନ କରୁଛନ୍ତି, ସେମାନଙ୍କ ପାଇଁ ଓଡ଼ିଶା ସରକାରଙ୍କ କାର୍ଯ୍ୟକ୍ରମ ପ୍ରସ୍ତୁତ ।

ପ୍ରବାସୀ ଓଡ଼ିଆ ଭାଷା ଭାଷୀ ଅଞ୍ଚଳରେ ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ କରାଯାଉଛି ଓ କରାଯିବ । ସେଥିମଧ୍ୟରୁ ଗୋଟିଏ କାର୍ଯ୍ୟକ୍ରମ ହେଉଛି, ଯେଉଁଠି ଓଡ଼ିଆ ଭାଷା ମାଧ୍ୟମରେ ଶିକ୍ଷା ଦିଆ ଯାଉନାହିଁ ସେଠାରେ ଓଡ଼ିଆ ଭାଷା ମାଧ୍ୟମରେ କି ଭଳି ଶିକ୍ଷା ଦିଆଯାଇ ପାରିବ, ପାଠ୍ୟ ପୁସ୍ତକ ନାହିଁ, ଓଡ଼ିଆ ଭାଷାରେ ପାଠ୍ୟ ପୁସ୍ତକ ପ୍ରକାଶ କରାଯାଇ ପାରିବ । ଓଡ଼ିଆ ସ୍କୁଲମାନଙ୍କରେ ଶିକ୍ଷକମାନଙ୍କୁ ନିଯୁକ୍ତି ଦିଆଯିବ, ଏହି ସବୁ କାର୍ଯ୍ୟ ପାଇଁ ଓଡ଼ିଶା ସରକାର ପ୍ରତିବେଶୀ ରାଜ୍ୟ ସରକାରଙ୍କ ସହିତ ପତ୍ରାଳାପ ଦ୍ୱାରା ଯୋଗସୂତ୍ର ସ୍ଥାପନ କରି ବିଭିନ୍ନ ଭାବରେ କାର୍ଯ୍ୟକ୍ରମ ଗ୍ରହଣ କରିଚନ୍ତି । ପାଠ୍ୟ ପୁସ୍ତକ ସମ୍ବନ୍ଧୀୟ ଗୋଟିଏ ଅସୁବିଧା ସିଂହଭୂମି ଜିଲ୍ଲାରେ ରହିଥିଲା । ବିହାର ସରକାରଙ୍କ ସହିତ ଯୋଗାଯୋଗ ସ୍ଥାପନ କରି ସେ ଅସୁବିଧା ଦୂର କରାଯାଇଚି । ଏ ଅଞ୍ଚଳରେ ବିଭିନ୍ନ ସ୍କୁଲ ରହିଚି । ଅନେକ ଶିକ୍ଷାନୁଷ୍ଠାନରେ ଶିକ୍ଷକ ନାହାନ୍ତି । କେଉଁଠି ଓଡ଼ିଆ ଶିକ୍ଷକ ବଦଳି ହୋଇ ଯାଇଛନ୍ତି ଅଥଚ ତାଙ୍କ ସ୍ଥାନରେ ଓଡ଼ିଆ ଶିକ୍ଷକ ନିଯୁକ୍ତି ପାଇ ପାରୁ ନାହାନ୍ତି । କେଉଁ କେଉଁ ସ୍ଥାନରେ ନୂଆ ଓଡ଼ିଆ ସ୍କୁଲ ପ୍ରତିଷ୍ଠା କରିବା ଆବଶ୍ୟକ ହୋଇ ପଡୁଚି । ଏ ସବୁ ବିଷୟରେ ବିହାର ସରକାରଙ୍କ ସହିତ ଯୋଗାଯୋଗ ସ୍ଥାପନ କରାଯାଇ ନିଶ୍ଚିତ ଭାବରେ ସିଂହଭୂମିର ଓଡ଼ିଆ ଭାଷୀମାନଙ୍କୁ ସାହାଯ୍ୟ କରାଯିବ । କେବଳ ସିଂହଭୂମି ନୁହେ ଆନ୍ଧ୍ର ପ୍ରଦେଶରେ ମଧ୍ୟ ଅନେକଗୁଡ଼ିଏ ଓଡ଼ିଆ ଭାଷା ଭାଷୀ ଅଞ୍ଚଳ ରହିଚି । ସେ ସବୁ ଅଞ୍ଚଳରେ ମଧ୍ୟ ଅନେକ ଅସୁବିଧା ରହିଚି । ସେଥି ମଧ୍ୟରୁ ଅନେକ ଅସୁବିଧା ଦୂର କରିବା ପାଇଁ କାର୍ଯ୍ୟକ୍ରମ ନିଆ ଯାଇଚି । ଓଡ଼ିଆ ଭାଷାର ବିକାଶ ସାଧନ ପାଇଁ ଅନେକ ଯୁବକ ସଂଘ କାର୍ଯ୍ୟ କରୁଚନ୍ତି । ଯଦି ସିଂହଭୂମି ଜିଲ୍ଲା, ଜାମସେଦପୁର ଓ ଅନ୍ୟାନ୍ୟ ଅଞ୍ଚଳରେ ଥିବା ଯୁବକ ସଂଘଗୁଡ଼ିକ ବିଭିନ୍ନ କାର୍ଯ୍ୟକ୍ରମ କରିବା ପାଇଁ ଆଗଭର ହେବେ ସେମାନଙ୍କୁ ସରକାରଙ୍କ ପକ୍ଷରୁ ଆର୍ଥିକ ସାହାଯ୍ୟ ଦିଆଯିବ ।

ଓଡ଼ିଶାରୁ ଅନେକ ଲୋକ ସୁରାଟ ସହରକୁ ଯାଇ ସେଠାରେ କାମ ଧନ୍ଦା କରୁଚନ୍ତି । ସୁରାଟର ଲୋକସଂଖ୍ୟା ୭ ଲକ୍ଷ । ସେଥିମଧ୍ୟରୁ ୮୦ ହଜାର ଅଛନ୍ତି କେବଳ ଓଡ଼ିଆ । ଏଥର ମୁଁ ସେଠାକୁ ଯାଇଥିଲି ଓ ସେଠାରେ ଋକ୍ତିଶ ହଜାର ଲୋକଙ୍କର ଏକ ବିରାଟ ସଭାର ଆୟୋଜନ କରାଯାଇ ଥିଲା । ସେଠାରେ ଥିବା ଓଡ଼ିଆ ଭାଷାଭାଷୀଙ୍କର ମଧ୍ୟ ଅନେକ ସମସ୍ୟା ରହିଚି, ଅନେକ ସ୍ଥାନରେ ଶିକ୍ଷାନୁଷ୍ଠାନ ନଥିଲା । ଅନେକ ସମିତିକୁ ରେଜେଷ୍ଟ୍ରୀଭୁକ୍ତ କରାଯାଇ ପାରୁ ନଥିଲା । ଗୁଜୁରାଟର ମୁଖ୍ୟମନ୍ତ୍ରୀଙ୍କ ସହିତ ଆଲୋଚନା କରାଯିବା ଦ୍ୱାରା କେତେକ ସମସ୍ୟା ସମାଧାନ କରାଯାଇପାରିଚି । ଅନେକ ଶିକ୍ଷାନୁଷ୍ଠାନ ନିର୍ମାଣ କରିବା ପାଇଁ ସରକାର ଅର୍ଥ ସାହାଯ୍ୟ ଦେଉଛନ୍ତି । ଯେଉଁସବୁ ବିଚ୍ଛିନାଞ୍ଚଳରେ ଓଡ଼ିଆ ଭାଷାଭାଷୀମାନେ ରହିଛନ୍ତି, ସେମାନଙ୍କର ସାଂସ୍କୃତିକ ଜାଗରଣ, ଭାଷାର ସୁରକ୍ଷା ନିମନ୍ତେ ଯାହା ଆବଶ୍ୟକ, ତାହା କରିବା ପାଇଁ ଓଡ଼ିଶା ସରକାର ପ୍ରସ୍ତୁତ । ସିଂହଭୂମିର ଓଡ଼ିଆ ଭାଇମାନେ, ଯେଉଁମାନେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି କ୍ଷେତ୍ରରେ କାର୍ଯ୍ୟ କରୁଛନ୍ତି ସେମାନଙ୍କର ନ୍ୟାୟୋଚିତ ଦାବୀ ପୂରଣ କରିବା ସକାଶେ ସରକାରଙ୍କ ଅକୁଣ୍ଠ ସାହାଯ୍ୟ ଯୋଗାଇ ଦିଆଯିବ ।

ଓଡ଼ିଆ ଭାଷା ଓ ସାହିତ୍ୟ ସଂପର୍କରେ ଆମମାନଙ୍କ ମନରେ ଅନେକ ପ୍ରଶ୍ନ ଉଠେ । ଓଡ଼ିଆ ସଂସ୍କୃତିର ପ୍ରଥମ ଧ୍ୱନି ହେଉଛି 'ସମନ୍ୱୟ' । ସେ ମଧ୍ୟ ଭାରତୀୟ ସଂସ୍କୃତିର ପ୍ରଥମ ପର୍ଯ୍ୟାୟ । ସମନ୍ୱୟ ନଥିଲେ କେବେ ହେଲେ ସାଂସ୍କୃତିକ ବିକାଶ ହୋଇ ପାରିବ ନାହିଁ । ଆଜି ଯେଉଁ ଭାରତୀୟ ସଂସ୍କୃତି, ସେ ଭାରତୀୟ ସଂସ୍କୃତି ହେଉଛି ବହୁଧର୍ମ, ବହୁ ସଂପ୍ରଦାୟ, ବହୁ ଭାଷାଭାଷୀ ଲୋକଙ୍କୁ ନେଇ ତାହା ଗଢି ଉଠୁଚି । ଏସବୁ ଗୁଡ଼ିକର ସମନ୍ୱୟ ହେଉଛି ଭାରତୀୟ ସଂସ୍କୃତି । ଆମର ରାଜନୈତିକ ଏକତା ଆସିବା ପୂର୍ବରୁ ବହୁ ପ୍ରାଚୀନ କାଳରୁ, ବୈଦିକ ଯୁଗରୁ ଭାରତୀୟ ସଂସ୍କୃତି ପାଇଁ ଆମର ଏ ରାଜ୍ୟ କାର୍ଯ୍ୟ କରି ଆସୁଚି । ଆମେ ଯେତେବେଳେ କୌଣସି ସାମାଜିକ କାର୍ଯ୍ୟ କରୁଚୁ, ସେତେବେଳେ "ଗଙ୍ଗେଂଚ, ଯମୁନୈଚୈବ, ଗୋଦାବରୀ. ସରସ୍ୱତୀ, ନର୍ମଦେ, ସିନ୍ଧୁ କାବେରୀ" କହୁଁ । ଅର୍ଥାତ୍ ସମସ୍ତ ଭାରତବର୍ଷ ହେଉଛି ଗୋଟିଏ । ସେଇଥିପାଇଁ ଗଙ୍ଗାଠାରୁ କାବେରୀ ନଦୀ ପର୍ଯ୍ୟନ୍ତ ଓ ଭାରତବର୍ଷର ଅନ୍ୟାନ୍ୟ ନଦନଦୀମାନଙ୍କୁ ଆମେ ପ୍ରଥମେ ବନ୍ଦନା କରୁଚୁ । ଆମେ ଯେତେବେଳେ କୌଣସି କ୍ରିୟାକର୍ମ କରିବାକୁ ଯାଉ, ସେତେବେଳେ ଆମର ପୂର୍ବପୁରୁଷମାନେ ଗୋଟିଏ ସାଂସ୍କୃତିକ ସମନ୍ୱୟ ପ୍ରତିଷ୍ଠା କରିବା ପାଇଁ ଚେଷ୍ଟା କରିଛନ୍ତି । ଓଡ଼ିଶାର ବିଶିଷ୍ଟ ଭୂମିକା ହେଉଛି ଓଡ଼ିଶା ଜଗନ୍ନାଥ ସଂସ୍କୃତି ଏବଂ ଜଗନ୍ନାଥ ସଂସ୍କୃତି ହେଉଚି ଗୋଟିଏ ସମନ୍ୱୟର ସଂସ୍କୃତି । ଜଗନ୍ନାଥ ଧର୍ମ ସବୁ ଧର୍ମର ସମନ୍ୱୟ ବୋଲି କୁହାଯାଇଥାଏ । ସମଗ୍ର ହିନ୍ଦୁମାନଙ୍କର ମଧ୍ୟରେ ଯେତେ ସଂପ୍ରଦାୟ ରହିଛି ବୌଦ୍ଧମାନଙ୍କର ଦେବତା ହେଉଛନ୍ତି ଜଗନ୍ନାଥ, ଜୈନମାନଙ୍କର ଦେବତା ଜଗନ୍ନାଥ, ଶୈବମାନଙ୍କର ଦେବତା ଜଗନ୍ନାଥ, ଶାକ୍ତମାନଙ୍କର ଦେବତା ଜଗନ୍ନାଥ । ବୈଷ୍ଣବମାନଙ୍କର ଦେବତା ଜଗନ୍ନାଥ ଓ ଶିଖ-ମାନଙ୍କର ମଧ୍ୟ । ଶିଖଧର୍ମର ଯେଉଁ ସର୍ବ ପ୍ରସିଦ୍ଧ ସଙ୍ଗୀତ 'ଗଗନ୍‌ମେ ଥାଲ୍, ଯାହାକୁ ଗୁରୁନାନକ ରଚନା କରିଥିଲେ ସେହି ସଂଗୀତ ସେ ଜଗନ୍ନାଥଙ୍କ ଆଳତି ଦେଖି ଲେଖିଥିଲେ । ଜଗନ୍ନାଥଙ୍କ ଆଳତି ଦେଖି ସେ କହିଥିଲେ ଯେ ସାମାନ୍ୟ ଗୋଟିଏ ଥାଳିରେ କେତେଗୁଡ଼ିଏ ଦୀପ ଓ ଫୁଲରଖି ଯେଉଁ ବନ୍ଦନା କରାଯାଉଥିଲା, ସେ ବନ୍ଦନା ହେଉଛି ସମଗ୍ର ଆକାଶର । ଆକାଶରେ ଯେଉଳି ସୂର୍ଯ୍ୟ ଚନ୍ଦ୍ର ଦୀପଭଳି ରହିଛନ୍ତି, ଓ ସମଗ୍ର ପୃଥିବୀରେ ଯେତେ ଉପବନରେ ଫୁଲ ଫୁଟିଚି, ତହିଁରେ ଜଗନ୍ନାଥଙ୍କର ପୂଜା ଆରାଧନା ହେଉଅଛି । ଏହିଭଳି ଭାବେ ବନ୍ଦନା କରି ସେ ରଚନା କରିଥିଲେ ଗଗ'ନ୍ ମେ ଥାଲ୍' ।

ସେହିଭଳି ଜଗନ୍ନାଥଧାମକୁ କବିର, ଚୈତନ୍ୟ ପ୍ରମୁଖ ବହୁସନ୍ଥ, ମୀରାବାଇ ଆସିଚନ୍ତି । ସେମାନେ ଜଗନ୍ନାଥ ମହାପ୍ରଭୁଙ୍କ ବନ୍ଦନା ଗାନ କରିଚନ୍ତି । ଭାରତର ବିଭିନ୍ନ ଅଞ୍ଚଳ ଏପରିକି ମିଜୋରାମ, ମଣିପୁରଠାରୁ ଆରମ୍ଭ କରି ପଞ୍ଜାବ, ଗୁଜୁରାଟ ପର୍ଯ୍ୟନ୍ତ ସବୁଠାରେ ଜଗନ୍ନାଥଙ୍କର ପୂଜା ଓ ପ୍ରାର୍ଥନା କରାଯାଉଚି । ଏହାର ପ୍ରଧାନ କାରଣ ହେଉଛି ଜଗନ୍ନାଥ ଧର୍ମହିଁ ସବୁଧର୍ମର ସମନ୍ୱୟ । ଏପରିକି ମୁସଲ-ମାନମାନେ ଯେପରି ଜଗନ୍ନାଥଙ୍କୁ ପୂଜା କରି ପାରିବେ, ସେଥିପାଇଁ ପତିତପାବନ ମୂର୍ତ୍ତି ଜଗନ୍ନାଥଙ୍କ ମନ୍ଦିରର ଦ୍ୱାରଦେଶ ଦେଶରେ ସ୍ଥାପନ କରାଯାଇଛି । ଓଡ଼ିଶାର ଜଣେ ଗଜପତି ରାଜା, ଯେକି ପରେ ମୁସଲମାନ ହୋଇଥିଲେ, ସେ ଜଗନ୍ନାଥଙ୍କ ମନ୍ଦିରରେ ପ୍ରବେଶ କରି ନ ପାରିବା ଯୋଗୁଁ ମନ୍ଦିର ଦ୍ୱାରରେ ରହି ପତିତପାବନଙ୍କୁ ପ୍ରାର୍ଥନା କରିଥିଲେ । ପତିତପାବନଙ୍କୁ ସେ ଯେପରି ଶ୍ରୀ ଜଗନ୍ନାଥଙ୍କ ଦର୍ଶନ ଲାଭ କରି ପାରିବେ, ସେଥିପାଇଁ ପତିତପାବନଙ୍କ ମୂର୍ତ୍ତି ସ୍ଥାପନ କରିଥିଲେ ।

ଓଡିଆ ଜାତିର ବୈଶିଷ୍ଟ୍ୟ ହେଉଛି, ଓଡିଆ ଜାତିର ସଂସ୍କୃତି । ଏହା ଭାରତୀୟ ସଂସ୍କୃତିର ଏକ ପ୍ରତୀକ । ଭାରତୀୟ ସଂସ୍କୃତି କହିଲେ ଯାହା ବୁଝାଯାଏ, ଓଡିଆ ସଂସ୍କୃତି ହେଉଛି ତା'ର ଏକ ପ୍ରତିଛବି । ସେହି ଦୃଷ୍ଟିରୁ ଓଡିଆ ଜାତି ହେଉଛି ଏକ ମହାନ୍ ସଂସ୍କୃତିର ପ୍ରତୀକ । ଓଡିଶାରେ ପ୍ରଥମେ ଆଦିବାସୀ, ତା'ପରେ ଦ୍ରାବିଡ଼ ଓ ଆର୍ଯ୍ୟମାନେ ଯେ ଭଳି ଭାବେ ଓଡିଶାର ଜାତି, ସଂସ୍କୃତିକୁ ବଳିଷ୍ଠ କରାଇବାରେ ସହାୟକ ହୋଇଛନ୍ତି ସେହିଭଳି ଭାବରେ ଭାରତର ଜନ-ସାଧାରଣଙ୍କୁ ନେଇ ଭାରତର ଜାତୀୟତା । ଆଜି ଯେ ଭଳି ଭାବେ ଭାରତରେ ଧର୍ମ, ସମ୍ପ୍ରଦାୟ ନାମରେ ବିଦ୍ୱେଷ ଦେଖା ଦେଇଚି, ସେ ବିଦ୍ୱେଷ ହେଉଛି ଭାରତୀୟ ସଂସ୍କୃତିର ପରିପନ୍ଥୀ । ଭାରତୀୟ ସଂସ୍କୃତିରେ ବିରୋଧର ସ୍ଥାନ ନାହିଁ । ଭାରତୀୟ ସଂସ୍କୃତିର ବୈଶିଷ୍ଟ୍ୟ ହେଉଛି, ସମନ୍ୱୟ, ସହଯୋଗ । ଆମ ଦେଶରେ ଯେଉଁ ବିବାଦ ଓ ବିଚ୍ଛିନ୍ନତାବାଦୀ ଆନ୍ଦୋଳନ ବିଭିନ୍ନ ସ୍ଥାନରେ ଦେଖା ଯାଉଚି, ତା ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବା ହେଉଛି ଆମ ସମସ୍ତଙ୍କର କର୍ତ୍ତବ୍ୟ । କାରଣ ଏ ଦେଶ ହେଉଛି ଗୋଟିଏ ସମନ୍ୱୟର ଦେଶ । ସେହିପରି ଭାବରେ ଓଡିଶାର ବୈଶିଷ୍ଟ୍ୟକୁ ଆମକୁ ବିସ୍ତାର କରିବା ପାଇଁ ହେବ ।

ଓଡିଆ ଭାଷା ଓ ଓଡିଆ ସାହିତ୍ୟ ବହୁ ପ୍ରାଚୀନ । ଆଜକୁ ୧୩୦୦ ବର୍ଷ ଧରି ଓଡିଆ ଭାଷା ଲିଖିତ ଆକାରରେ ପ୍ରସାର ହୋଇଛି । ତା'ପୂର୍ବରୁ କଥିତ ଭାଷା ରୂପେ ଓ ଆଦିମ ଭାଷା ରୂପେ ଓଡିଆ ରହିଥିଲା । ପ୍ରାରମ୍ଭରେ ଦୋହାର ସୃଷ୍ଟି ହୋଇଥିଲା । କବିମାନେ ତାହା ଗାନ କରୁଥିଲେ । ଗଦ୍ୟ ସାହିତ୍ୟ ଦୃଷ୍ଟିରୁ ବିଚାର କଲେ ଅନନ୍ତ ଧର୍ମ ବଜ୍ରଯାନ ପ୍ରାୟ ୯ଶହ ବର୍ଷ ଧରି ଓଡିଶାର ବୋଲି କୁହାଯାଇପାରେ । ଓଡିଆ ଭାଷା ଅତି ପ୍ରାଚୀନ ଓ ସଂସ୍କୃତି ସମ୍ପନ୍ନ ହୋଇଥିବାରୁ ଓଡିଶା ଭାଷା ଭାଷୀମାନେ ଗର୍ବ କରିବାର କଥା । ସେଥିପାଇଁ ଆମେ ପ୍ରଥମେ ଭାରତୀୟ ଓ ତା'ପରେ ଓଡିଆ । କବିବର ରାଧାନାଥ ତାଙ୍କର ଭାରତ ·ଗୀତିକାରେ 'ସର୍ବେଷାଂ ନୋ ଜନନୀ ଭାରତ' ଗୀତରେ ଗୋଟିଏ ସ୍ଥାନରେ ଲେଖିଚନ୍ତି – "ଭାରତ ପଙ୍କଜ ଦଳମିବ ଉତ୍କଳ" ଅର୍ଥାତ ଭାରତ ହେଉଛି ଗୋଟିଏ ପଦ୍ମଫୁଲ ଏବଂ ଉତ୍କଳ ହେଉଛି, ସେହି ପଦ୍ମଫୁଲର ପାଖୁଡ଼ା । ତେଣୁ ଓଡିଶା, ଭାରତଠାରୁ ପୃଥକ - ତାହା କଳ୍ପନାତୀତ ।


ଯେତେବେଳେ ଓଡିଶାକୁ ଗୋଟିଏ ସ୍ୱତନ୍ତ୍ର ପ୍ରଦେଶ ରୂପେ ଗଠନ କରିବା ପାଇଁ ଉତ୍କଳ ସମ୍ମିଳନୀର ଆୟୋଜନ କରାଗଲା, ସେହି ଅବସରରେ କବିବର ଉପରୋକ୍ତ ଉକ୍ତି ଲେଖିଥିଲେ । ଓଡିଆଭାଷା ଓ ସଂସ୍କୃତିକୁ ବଞ୍ଚାୟ ରଖିବା ପାଇଁ ଉତ୍କଳମଣି ଗୋପବନ୍ଧୁ, ପଣ୍ଡିତ ଗୋଦାବରୀଶ ଓ ନୀଳକଣ୍ଠଙ୍କ ସହିତ ଯେ କି ସିଂହଭୂମିରେ ଏ ଦିଗରେ ସବୁଠାରୁ ବେଶୀ ପ୍ରଚେଷ୍ଟା କରିଥିଲେ, ସେ ମଧ୍ୟ କହିଥିଲେ "ଜଗତ ସରସେ ଭାରତ କମଳ, ତା ମଧ୍ୟେ କେଶର ପୁଣ୍ୟ ନୀଳାଚଳ" ।

ସମଗ୍ର ଜଗତ ହେଉଛି ଗୋଟିଏ ଭୂଖଣ୍ଡ, ତା ମଧ୍ୟରେ ଭାରତବର୍ଷ ହେଉଛି ପଦ୍ମଫୁଲ ଏବଂ ସେହି ପଦ୍ମଫୁଲର କେଶର ହେଉଛି ପବିତ୍ର ନୀଳାଚଳ ଧାମ । ତେଣୁ ଆମ ଦେଶର ପ୍ରସିଦ୍ଧ କବି ଏବଂ ଆମର ପୂର୍ବପୁରୁଷମାନେ କହିଛନ୍ତି ଯେ, ଓଡ଼ିଆ ଜାତି ଏବଂ ଓଡ଼ିଆ ଭାଷାର ଶ୍ରେଷ୍ଠତ୍ୱ ଯଦି ବଜାୟ ରଖାଯାଇ ପାରିବ, ତେବେ ମହାନ୍ ଭାରତୀୟ ଭାବ ଆମ ମଧ୍ୟରେ ସୃଷ୍ଟି ହୋଇପାରିବ । ଫଳରେ ଏକ ବିଶ୍ୱ ଚେତନା ଆମ ସମସ୍ତଙ୍କ ମନରେ ଜାଗ୍ରତ କରିବ । ସେହି ଦୃଷ୍ଟିରୁ ଆମେ ଆମର ଭାଷା ଓ ସଂସ୍କୃତିକୁ ହୃଦୟଙ୍ଗମ କରିବା ଆବଶ୍ୟକ ଏବଂ ଜଣେ ଭାରତୀୟ ଭାବେ ଆମେମାନେ ସମସ୍ତେ କାର୍ଯ୍ୟ କରିବା ଦରକାର ।

ଏହି ପରିପ୍ରେକ୍ଷୀରେ ଓଡ଼ିଆ ଭାଷା ଓ ସଂସ୍କୃତିକୁ ଧ... ରଖିବା ଦିଗରେ ସିଂହଭୂମି ସାହିତ୍ୟ ସମାଜର ଭୂମିକା ପ୍ରଶଂସନ... ବିଭିନ୍ନାଞ୍ଚଳରେ ଥିବା ଅନୁରୂପ ସାହିତ୍ୟ ସମାଜ ମଧ୍ୟ ଓଡ଼ି... ଉତ୍ତରୋତ୍ତର ଉନ୍ନତି କାମନା କରିବା ବାଞ୍ଛନୀୟ । ବିହାର ଭଳି ଓଡ଼ିଶା ମଧ୍ୟ ଆପଣଙ୍କର ରାଜ୍ୟ । ... ରାଜ୍ୟରେ ଆପଣମାନଙ୍କର ଯେପରି ସର୍ବଶ୍ରେଷ୍ଠ ଉନ୍ନତି ... ସେଥିନିମନ୍ତେ ଓଡ଼ିଶା ସବୁବେଳେ ସାହାଯ୍ୟ ଓ ସହଯୋ... ଦେବାକୁ ପଶ୍ଚାତପଦ ହେବନାହିଁ ।

(ଜାମସେଦପୁରଠାରେ ସିଂହଭୂମି ଓଡ଼ିଆ... ସମାଜର ୫୦ ବର୍ଷ ପୂର୍ତ୍ତି ଅବସରରେ ପ୍ର... ଭାଷଣ ଅବଲମ୍ବନରେ )

---





# ଉତ୍କଳ ସମ୍ମିଳନୀ ସଭାପତିଙ୍କ ଅଭିଭାଷଣ



• ଉତ୍କଳମଣି ଗୋପବନ୍ଧୁ ଦାସ

ଭାଷା ଭିତ୍ତିରେ ପ୍ରଦେଶ ଗଠନ ପାଇଁ ଦାବୀ ପ୍ରଥମେ ଓଡ଼ିଶାରେ ଆରମ୍ଭ କରାଯାଇଥିଲା ବୋଲି କହିଲେ, ଅତ୍ୟୁକ୍ତି ହେବ ନାହିଁ । ବ୍ରିଟିଶ ଶାସନାଧୀନରେ ଅନ୍ୟ ଯେ କୌଣସି ଅଞ୍ଚଳ ଅପେକ୍ଷା ଓଡ଼ିଶାରେ ସର୍ବାପେକ୍ଷା ଅଧିକ କ୍ଷତିଗ୍ରସ୍ତ ହୋଇଥିଲା । ତେଣୁ ଊନବିଂଶ ଶତାବ୍ଦିର ଶେଷାର୍ଦ୍ଧରେ ଓଡ଼ିଶାର ବୁଦ୍ଧିଜୀବୀ ଓ ନେତୃସ୍ଥାନୀୟ ବ୍ୟକ୍ତିମାନେ ଅନୁଭବ କରିଥିଲେ ଯେ ସମସ୍ତ ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ଏକତ୍ରିତ କରି ଗୋଟିଏ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ନକଲେ ଓଡ଼ିଶାର ଲୋକମାନଙ୍କର ଆର୍ଥିକ ଉନ୍ନତି ସାଧିତ ହେବ ନାହିଁ । ଏଣୁ ସ୍ୱତନ୍ତ୍ର ପ୍ରଦେଶ ଗଠନ ପାଇଁ ଦାବୀ ହେଲା ଓ ଉତ୍କଳ ସମ୍ମିଳନୀ ଜରିଆରେ ଏହି ଆନ୍ଦୋଳନକୁ ସଂଗଠିତ କରାଗଲା ।

ଭାଷା ଭିତ୍ତିରେ ପ୍ରଦେଶ ଗଠନ ସଂପର୍କରେ ବିଭିନ୍ନ ବିରୋଧୀ ମତ ରହିଛି । ଭାଷା ଭିତ୍ତିରେ ପ୍ରଦେଶ ଗଠନ ହୋଇଥିବାରୁ ଭାରତରେ ଆଞ୍ଚଳିକତା ଓ ଆଞ୍ଚଳିକ ଭେଦ ଭାବ ବୃଦ୍ଧି ପାଉଛି ବୋଲି ଅନେକଙ୍କର ମତ କିନ୍ତୁ ଭାଷା ଭିତ୍ତିରେ ପ୍ରଦେଶର ଗଠନ ଦ୍ୱାରା ଦେଶର ବିଭିନ୍ନ ଅଞ୍ଚଳ ଲୋକମାନଙ୍କର ସଂସ୍କୃତି ବିକାଶ ହୋଇଛି ଓ ସେମାନଙ୍କର ଆଶା ଆକାଂକ୍ଷା ପୂରଣ କରାଯାଇ ପାରିଛି ଏବଂ ଏହା ଦ୍ୱାରା ଭାରତର ଐକ୍ୟ ଓ ସଂହତି ବ୍ୟାହତ ହୋଇନାହିଁ ବୋଲି ମଧ୍ୟ ଅନେକ କ୍ଷେତ୍ରରେ ଯୁକ୍ତି କରାଯାଇଥାଏ । ଏହି ପରିପ୍ରେକ୍ଷୀରେ ଉତ୍କଳମଣି ଗୋପବନ୍ଧୁଙ୍କର ମତାମତ ଆଜି ପ୍ରଣିଧାନ ଯୋଗ୍ୟ । ୧୯୧୯ ମସିହା ଏପ୍ରିଲ ମାସ ୧୯ ତାରିଖ ଦିନ ଉତ୍କଳ ସମ୍ମିଳନୀର ଚତୁର୍ଦ୍ଦଶ ଅଧିବେଶନରେ ପଣ୍ଡିତ ଗୋପବନ୍ଧୁ ସଭାପତିତ୍ୱ କରିଥିଲେ । ତାଙ୍କ ଅଭିଭାଷଣରେ ସେ ବୁଝାଇଛନ୍ତି ଯେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପାଇଁ ଓ ଓଡ଼ିଆ ଭାଷା ଓ ସଂସ୍କୃତିର ବିକାଶ ପାଇଁ ଦାବୀ କରିବା ଭାରତୀୟ ଜାତୀୟତାର ବିରୁଦ୍ଧାଚରଣ କରୁ ନାହିଁ । ଓଡ଼ିଆ ଜାତି ଇତିହାସରେ କେବେ ସଂକୀର୍ଣ୍ଣ ସୀମାରେ ଆବଦ୍ଧ ନଥିଲେ । ତେଣୁ ସେ କହିଥିଲେ, "ନଦୀ ପର୍ବତ ଦ୍ୱାରା ଓଡ଼ିଶାର ସୀମା ଆବଦ୍ଧ ହେଲେ ସୁଦ୍ଧା, ସେ ସୀମା ଅତିକ୍ରମ କରି ବିଶାଳତା ଆଡ଼କୁ ଗତି କରିଅଛନ୍ତି । ଜାତୀୟତାର ଲକ୍ଷ୍ୟ ଯେ ଉଦାର ମାନବିକତା ସମଗ୍ର ଭାରତରେ ତାହା ଓଡ଼ିଆ ହିଁ ବୁଝୁଥିଲେ" । ତେଣୁ ଆଜି ଓଡ଼ିଶା ରାଜ୍ୟ ଗଠନର ଯେଉଁ ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ପାଳିତ ହେଉଛି ସେହି ଅବସରରେ ଗୋପବନ୍ଧୁଙ୍କର ସେହି ଅଭିଭାଷଣକୁ ସମସ୍ତେ ପାଠକରିବା ଉଚିତ । ଓଡ଼ିଶା ପ୍ରଦେଶ ଗଠନ ପାଇଁ ଯେଉଁ ଆନ୍ଦୋଳନ ଗଠିତ ହୋଇଥିଲା ତାହା କେବଳ ପ୍ରାଦେଶିକ ମନୋଭାବର ପରିପ୍ରକାଶ ନଥିଲା । ଓଡ଼ିଶାକୁ ଭାରତରେ ଜାତୀୟ ଆନ୍ଦୋଳନ ସହ ସାମିଲ କରିବାକୁ ଓ ଓଡ଼ିଶାର ଉଦାର ମାନବିକ ସଂସ୍କୃତିକୁ ଜନମାନସରେ ପୁଣି ଜାଗରଣ କରିବା ଏହି ଆନ୍ଦୋଳନର ଲକ୍ଷ୍ୟ ଥିଲା । ଆଜି ସୁବର୍ଣ୍ଣ ଜୟନ୍ତୀ ଉପଲକ୍ଷେ ସେହି ମହାନ୍ ଆଦର୍ଶ ଓ ଚିନ୍ତାଧାରାକୁ ଆଉଥରେ ସ୍ମରଣ କରାଇବା ପାଇଁ ଗୋପବନ୍ଧୁଙ୍କର ଏହି ଅଭିଭାଷଣ ସହାୟକ ହେଉ ।

ସମର ବଲ୍ଲଭ ମହାପାତ୍ର
ଶାସନ ସଚିବ, ସୂଚନା ଓ ଲୋକସଂପର୍କ ବିଭାଗ

ଭାଇମାନେ,

ଆଜି ଓଡ଼ିଆ ଜାତିର ଏହି ସମ୍ମିଳନୀରେ ଆପଣମାନେ ମତେ ନାୟକ ପଦରେ ବସାଇ ଅଛନ୍ତି । ସେଥିଲାଗି ମୁଁ ଧନ୍ୟବାଦ ଦେଉଅଛି । କେବଳ ଏତିକି କହିଲେ ବିଧିରକ୍ଷା ହେଲା ମାତ୍ର ମୋ ପ୍ରାଣର କଥା ପ୍ରକାଶ ପାଇଲା ନାହିଁ । ମୋର ଅକିଞ୍ଚନତା ଯେବେ ଜୀବନରେ କେବେ ବୁଝିଥାଏ ଏ ଘଟଣାରେ ଆଜି ତାହା ବିଶେଷରୂପେ ବୁଝିଛି । ବୟସ, ବିଷୟ ବୋଧ ଦୃଷ୍ଟିରେ ମୁଁ ଯେ ଏ ସମ୍ମାନର ଏକାନ୍ତ ଅଭାଜନ ଏହା ମୋର ବିଶ୍ୱାସ । ଏସମ୍ମାନ ଯେ କାହାରି ପକ୍ଷରେ ପରମ ଗୌରବ । ଉତ୍କଳ ମାତାଙ୍କର ଯେତେ ସ୍ନେହ ଆଦର ଥିଲା ସେ ଆଜି ତାହା ମତେ ସବୁ ଦେଇଛନ୍ତି । ଓଡ଼ିଆ ଜାତିର ହାତରେ ଯେ ସମ୍ମାନ ଦେବାର ଥିଲା ତାହା ମୁଁ ସମୁଦାୟ ପାଇଅଛି । ମାତ୍ର ଆମମାନଙ୍କ ଯେ ଘୋର ଜାତୀୟ ସମସ୍ୟା ରହିଛି, ଜାତିର ଯେ ଶତ ଶତ ସହସ୍ର ସହସ୍ର ଅଭାବ ଦୂର କରିବାର ଦାୟିତ୍ୱ ଆମମାନଙ୍କର ସମ୍ମୁଖରେ ତାହାସବୁ ମୁଁ ଭାବି ଥରେ ଥରେ ହତପ୍ରାୟ ହୋଇଯାଏ । ଯଥାର୍ଥରେ ପ୍ରାୟ ମାସକ ତଳେ ସମ୍ମିଳନୀର ମନ୍ତ୍ରଣା ସଭା ଯେତେବେଳେ ସମ୍ବାଦ ପତ୍ର ମାନଙ୍କରେ ସଭାପତି ସମ୍ପର୍କୀୟ ପ୍ରସ୍ତାବ ପ୍ରକାଶ କଲେ, ମୋ ନାମରେ ପ୍ରସ୍ତାବ ଉଠାଇ ଦେବାଲାଗି ଲେଖିବି ବୋଲି ଭାବିଲି ମାତ୍ର ପରେ ବିସ୍ମରିଲି ମୋ ପର୍ଯ୍ୟନ୍ତ ଆସିବ ନାହିଁ । ଦେଖୁଁ ଦେଖୁଁ ଆଜକୁ ଠିକ୍ ଏକ ସପ୍ତାହ ପୂର୍ବେ ହଠାତ୍ ସମ୍ମିଳନୀର ଦୂତ ମୋ ଦ୍ୱାରରେ ଉପସ୍ଥିତ । ଅବାକ୍ ହେଲି । କ୍ଷଣେ କିଛି କରି ନ ପାରିଲା ପରି ହୋଇଗଲି ତେଣେ ପୁଣି ଆଉ କେତେଗୁଡ଼ାଏ ଉପସ୍ଥିତ ଲକ୍ଷଣରେ ଉଦ୍‌ବେଗ । ସେ ଦୂତ ସମ୍ମିଳନୀ ପକ୍ଷରୁ ଯେ ଅନୁରୋଧ ପତ୍ର ନେଇ ଯାଇଥିଲେ, ତାହାକୁ ଏକାଧିକ ଥର ପଢ଼ିଲି । ସେ ମୋତେ ମା'ଙ୍କର ଡାକରଡ଼ି ଲାଗିଲା । ସେ ଡାକ ଏଡ଼ିବ କିଏ ? ଟିକିଏ ଇତସ୍ତତଃ ହୋଇ ହିଁ ଗଲି ।

ମା ଉତ୍କଳଜନନୀ ! ଏ ଅଧମ ସନ୍ତାନଠାରେ ତୁମର ଯଦି ଏତେ ଦୟା, ଏହାର କର୍ତ୍ତବ୍ୟ ପଥରେ ତୁମେଇ ସହାୟ ହୁଅ ମା; ମୁଁ ଉପସ୍ଥିତ ଘଟଣାରେ ଦେଶର ନାୟକ ନୁହେଁ । ତାହା ମୋର କେବେ ବାଞ୍ଛା ନୁହେଁ; ତୁମର ନିୟତ ସେବକ ହେବା ହିଁ ମୋ ଜୀବନର ଚିର ଆକାଂକ୍ଷା ଆଜି ବିଶେଷ ଭାବରେ ସେ ସେବା କରିବାକୁ ମୋତେ ସୁଯୋଗ ଦେଇଅଛି ମା, ଏ ଅଧମ ଅଜ୍ଞାନ ସନ୍ତାନ ତୋର କି ସେବା କରିବ ?

"ତୋତେ ହିଁ ତୁହି ରକ୍ଷାକର
ମୁଁ ଛାର ମନୁଷ୍ୟ ମାତର ।"

ଭାଇମାନେ, ସ୍ୱଦେଶ ସେବା ହିଁ ପ୍ରକୃତରେ ମନୁଷ୍ୟ ପକ୍ଷରେ ଭଗବତ୍ ସେବା । ଏହି ପୁଣ୍ୟ ଜାତୀୟ ପୀଠରେ ସେହି ସେବା କାର୍ଯ୍ୟରେ ମୋତେ ଆପଣମାନେ ପ୍ରଧାନ ପୂଜକ ଭାର ଦେଇଅଛନ୍ତି । ଆପଣମାନଙ୍କର ସାଧାରଣ ସହାନୁଭୂତି, ସୁଦୟା ଓ ସହଯୋଗିତା ବିନା ତାହା ନିର୍ବାହ କରିବା ମୋର ସାଧ୍ୟ ନୁହେଁ ।

ଏହି ଆସନରେ ବସିବା ସଙ୍ଗେ ସଙ୍ଗେ ସର୍ବପ୍ରଥମେ ମୋର ମନେ ପଡ଼ୁଛି, ସତ୍ୟବାଦୀ ଫକୀରମୋହନ ଆଉବର୍ଷ ଠିକ୍ ଏହି ସମୟରେ ଏହିଠାରେ ବସିଥିଲେ, ସେ ଆଜି ନାହାନ୍ତି, ଓଡ଼ିଆର ପ୍ରାଣର କଥା ହୃଦୟର ଗାଥି, ସାହିତ୍ୟ ଭୂମିକାରେ ଆଉ ଶୁଣାଯାଉ ନାହିଁ । କ୍ରମେ କ୍ରମେ ଆମମାନଙ୍କର ପ୍ରବୀଣ ନେତା ଏବଂ କର୍ମୀ ଗୋଟିଏ ଗୋଟିଏ ଏହି ପରି ଗୁଳିଯାଉଅଛନ୍ତି ! ଗତବର୍ଷ ମଧ୍ୟରେ ଓଡ଼ିଶାର ରାଜକୁଳରେ ଯେ ବିପରି ଘଟିଅଛି ତାହା ଭାବିଲେ ଦାରୁଣ ଦୁଃଖ ଲାଗେ । ପ୍ରବୀଣ କିଶୋର ରାଜା, ରାଣୀ, ଯୁବରାଜମାନେ ଗୁଣ୍ଡି ଗୁଣ୍ଡି କେତେଗୁଡ଼ିଏ ଗୁଳିଗଲେ । ଏହି ସମ୍ମିଳନୀର ଭୂତପୂର୍ବ ସଭାପତି ଆଠଗଡ଼ର ରାଜା ବାହାଦୁର ଏବଂ ପ୍ରଜାବତ୍ସଳ ଧର୍ମପ୍ରାଣ ସୁରଙ୍ଗଡ଼ାଙ୍କ ବିୟୋଗ ସମ୍ମିଳନୀକି ବିଶେଷ ଭାବରେ ବାଧିବ । ଉତ୍କଳ ନାରୀ ସମାଜରେ ସୁପରିଚିତା କିତୁଗା ରାଣୀ ଜନକମଙ୍ଗଳାଙ୍କ ସ୍ଥାନ ଅନେକଦିନ ଖାଲି ରହିବ ! ଏହା ଛଡ଼ା ଦେଶର କେଉଁ ଅଜ୍ଞାତ କୋଣରେ ଅଭାବ ଅନଟନରେ କାତର ରୋଗ ବ୍ୟାଧିରେ ଜର୍ଜରିତ ହୋଇ ନିରାଶ୍ରୟ ଏବଂ ନିରାଶରେ କେତେ ଲୋକ ପ୍ରତିଦିନ ଅସମୟରେ ଗୁଳିଯାଉଛନ୍ତି, ସବଳ ସୁସ୍ଥ ଶରୀରରେ ଦୀର୍ଘଜୀବୀ ହୋଇ ରହିଥିଲେ ସେମାନେ ଯେ ଦେଶର କେତେ ଶକ୍ତି ବଢ଼ାଇଥାନ୍ତେ ସେମାନଙ୍କ ମଧ୍ୟରେ କାହାଠାରେ କି ପ୍ରତିଭା ଲୁଚି ରହିଥିଲା ଯଥାସମୟରେ ବିକାଶ ପାଇଥିଲେ ମାନବସମାଜର କି କଲ୍ୟାଣ ସାଧନ ହୋଇଥାଆନ୍ତା କିଏ କହିପାରେ ? ଆଜି ଉତ୍କଳର ସେହି ସମସ୍ତ ଜଣାଅଜଣା ଅଜ୍ଞାତ ମୃତ ବ୍ୟକ୍ତିମାନଙ୍କ ନିମନ୍ତେ ଆମମାନଙ୍କ ପ୍ରାଣରେ ଗଭୀର ଶୋକ ହେଉଅଛି । ସେମାନଙ୍କ ମୃତ୍ୟୁରେ ଉତ୍କଳ ଯେ ବଳହୀନ ହୋଇଅଛି ବୋଲିବା ବାହୁଲ୍ୟ । ସେମାନେ ପ୍ରତ୍ୟେକେ ମୁଖ୍ୟ ଭାବରେ ହେଉ ବା ଗୌଣଭାବରେ ହେଉ ଆମମାନଙ୍କର ଏହି ଜାତୀୟ ସମ୍ମିଳନୀର ଶକ୍ତି ।

ଏହି ସମ୍ମିଳନୀ ଓଡ଼ିଆ ଜାତିର । ଆମେମାନେ ଯେ କେତେଜଣ ଏଠାରେ ଉପସ୍ଥିତ ଥାଇ କିମ୍ବା ଯେଉଁମାନେ ଆସିନପାରି ସହାନୁଭୂତି ପତ୍ର ଲେଖିଅଛନ୍ତି ସମ୍ମିଳନୀ କେବଳ ସେମାନଙ୍କର ନୁହେଁ । ଏମନ୍ତ କି ବର୍ତ୍ତମାନ ଓଡ଼ିଆଜାତିର ଆବାଳ-ବୃଦ୍ଧ-ବନିତା ସମସ୍ତ ଜୀବିତ ବ୍ୟକ୍ତିଙ୍କର କେବଳ ଏ ସମ୍ମିଳନୀ ନୁହେଁ; ଅଦ୍ୟାପି ଯେଉଁମାନେ ଜନ୍ମ ହୋଇନାହାନ୍ତି, ଶତ ଶତ ବର୍ଷପରେ ଯେଉଁମାନେ ଆମର ଉତ୍ତରାଧିକାରୀ ହେବେ ସେମାନଙ୍କର ମଧ୍ୟ ଏହି ସମ୍ମିଳନୀ । ଓଡ଼ିଆ ଜାତିର ଏହା ନିରବଚ୍ଛିନ୍ନ ପ୍ରାଣପ୍ରବାହ । ସମ୍ମିଳନୀକୁ ଏହି ଭାବରେ ନ ଦେଖିଲେ ଏହା ସମ୍ମିଳନୀ ନୁହେଁ ଏହା କେବଳ Conference ମାତ୍ର, ଅର୍ଥାତ୍ ଓଡ଼ିଶାର ଓ ଓଡ଼ିଆ ଜନସାଧାରଣଙ୍କର ହିତାହିତ ବିଚାର କରିବାଲାଗି କେତେଜଣ ଜାଣିବା ଶୁଣିବା ଲୋକଙ୍କର ଏକ ବୈଠକ ମାତ୍ର ଏବଂ ମିଳନର ପବିତ୍ରଭାବ, ଜାତୀୟତାର ଅଖଣ୍ଡ ମୂର୍ତ୍ତି ଏଥିରେ ପ୍ରକାଶ ପାଏ ନାହିଁ ।

ମୋର ଆଶଙ୍କା ହୁଏ ଆମମାନଙ୍କ ମଧ୍ୟରୁ ଅନେକେ ସମ୍ମିଳନୀର ସ୍ୱରୂପ ଏପର୍ଯ୍ୟନ୍ତ ବୁଝିପାରିନାହାନ୍ତି । ଏହାକୁ କେବଳ Conference ବୋଲି ମନେକରନ୍ତି । ତେଣୁ ସମୟେ ସମୟେ ପଚାରିଥାଆନ୍ତି "ସମ୍ମିଳନୀ ଏତେଦିନ ହେଲା କଅଣ କଲା ?" ସେମାନେ ମନେକରନ୍ତି ସମ୍ମିଳନୀ ଯେପରିକି ଏକପ୍ରକାର ସମବାୟ ଋଣସମିତି ବା ଶସ୍ୟ ଭଣ୍ଡାର, ଦୁଇବର୍ଷ ୫ ବର୍ଷ ପରେ ସମସ୍ତ ଦେଶବାସୀଙ୍କ ହାତରେ କିଛି କିଛି ଲାଭ ଦିଅନ୍ତା ।

ସମ୍ମିଳନୀ ଆମମାନଙ୍କ ଜାତିର ଏକ କଲ୍ୟାଣ ସାଧନ କରିଅଛି କହିବା ପୂର୍ବରୁ ସମ୍ମିଳନୀର ଉଦ୍ଦେଶ୍ୟ, ପ୍ରକୃତି, ପ୍ରକ୍ରିୟା, କ୍ଷେତ୍ର, ଲକ୍ଷ୍ୟ ଇତି ଆଦିର ଆଲୋଚନାର ପ୍ରୟୋଜନ ବୋଲିବା ବାହୁଲ୍ୟ । ସମ୍ମିଳନୀର ଲକ୍ଷ୍ୟ ଲକ୍ଷଣମାନ ନିରୂପିତ ହୋଇ ନ ଥିବାରୁ ତାହା ଆଶାନୁରୂପ କାର୍ଯ୍ୟ କରିପାରି ନାହିଁ ଏବଂ ତହିଁ ସମ୍ବନ୍ଧେ ଅନେକ ସମୟରେ ଅନେକ ପ୍ରକାର ମତଭେଦ ଘଟୁଅଛି । ସମ୍ମିଳନୀର ପରିଚାଳନା ନିମନ୍ତେ ନିୟମମାନ ପ୍ରଣୀତ ହୋଇଅଛି, ପୁଣି ତାହା ଭାଙ୍ଗିଅଛି । କାର୍ଯ୍ୟପନ୍ଥା ଏବଂ ପ୍ରଣାଳୀର ବାରମ୍ବାର ପରିବର୍ତ୍ତନ ଘଟିଅଛି । ଏଥିଲାଗି ଅନେକଙ୍କର ଆପତ୍ତି । ଏହି ଆପତ୍ତି ଅସଙ୍ଗତ ନ ହୋଇପାରେ; ମାତ୍ର ବୁଝିରଖିବାକୁ ହେବ ଯେ ଅନେକ ଭଙ୍ଗା ଗଢ଼ା ମଧ୍ୟରେ, ପରିବର୍ତ୍ତନ ପ୍ରତ୍ୟାବର୍ତ୍ତନ ମଧ୍ୟରେ ଯେକୌଣସି ବ୍ୟକ୍ତି ବା ଜାତିକୁ ପୂର୍ଣ୍ଣତା ଆଡ଼କୁ ଯିବାକୁ ହୁଏ । ମତଭେଦ ଅବଶ୍ୟ ଘଟିବ । ସମ୍ମିଳନୀ ଅଦ୍ୟାପି ଅଳ୍ପ ଦିନର ଅନୁଷ୍ଠାନ । ଏହା ଏକାଦିନକେ କୌଣସି ସୁନିଶ୍ଚିତ ପଥ ଧରିପାରିବ ନାହିଁ; କିନ୍ତୁ ... ବୋଲି ଯଦି କେହି କେହି ସମ୍ମିଳନୀରୁ ଅନ୍ତର ହୁଅନ୍ତି ଏବଂ ସମ୍ମିଳନୀର ଅନ୍ୟାନ୍ୟ କର୍ମୀମାନଙ୍କୁ ବ୍ୟଙ୍ଗ ବିଦ୍ରୂପଭାବରେ କଟାକ୍ଷ କରନ୍ତି ... ଅବଶ୍ୟ ... ପରିତାପର ବିଷୟ ଏବଂ ଆମମାନଙ୍କର ଜାତୀୟ କଲ୍ୟାଣ ... ପଥରେ ଅନ୍ତରାୟ । ଏ ଅଧିବେଶନରେ ସମ୍ମିଳନୀର ଉଦ୍ଦେଶ୍ୟ ଏବଂ କାର୍ଯ୍ୟ ପରିଚାଳନା ପ୍ରଣାଳୀ ବିଷୟରେ ନିୟମମାନ ଆଲୋଚିତ ହୋଇ ଧାର୍ଯ୍ୟ କରାଯିବ । ମାତ୍ର ସମ୍ମିଳନୀର ଉଦ୍ଦେଶ୍ୟ ଓ ଆଦର୍ଶ ଉତ୍ତମରୂପେ ସର୍ବପ୍ରଥମେ ନିରୂପିତ ନ ହେଲେ କାର୍ଯ୍ୟ ପରିଚାଳନାର ନୀରସ ନିୟମରେ କିଛି ଫଳ ହେବ ନାହିଁ ।

ଅନେକ ମନେ କରନ୍ତି ବିଚ୍ଛିନ୍ନ ଓଡ଼ିଆଭାଷୀ ପ୍ରଦେଶମାନଙ୍କର ମିଳନ ଘଟାଇବା ସମ୍ମିଳନୀର ଲକ୍ଷ୍ୟ । ଓଡ଼ିଆଭାଷୀ ପ୍ରଦେଶର ମିଳନ ସମ୍ମିଳନୀର ଅବାନ୍ତର କ୍ରିୟା । ଖଣ୍ଡ ବିଖଣ୍ଡିତ ହେଲେ ସୁଦ୍ଧା ଓଡ଼ିଆ ଜାତି ବର୍ତ୍ତମାନ ବିଦ୍ୟମାନ ରହିଅଛି । ରାଜନୈତିକ ବିଚ୍ଛେଦ ତାହାର ବାହ୍ୟ କଳେବରର ବିଭଙ୍ଗ ଘଟାଇଅଛି ମାତ୍ର । କିନ୍ତୁ ଜାତୀୟ ଆତ୍ମା ଅଦ୍ୟାପି ଅକ୍ଷୁଣ୍ଣ । ମୁଁ ଅନ୍ୟାନ୍ୟ ଘଟଣାରେ କହିଥାଏ ଆଜି ମଧ୍ୟ କହୁଅଛି ବ୍ୟକ୍ତିଗତାତ୍ମା ଯେପରି ଅବିନଶ୍ୱର,

ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ
ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ—

ଅର୍ଥାତ୍ ବ୍ୟକ୍ତିଗତ ଆତ୍ମା ଯେପରି ଅସ୍ତ୍ରରେ ଛିଣ୍ଡେ ନାହିଁ, ଅଗ୍ନିରେ ପୋଡ଼େ ନାହିଁ, ଜଳରେ ବୁଡେ ନାହିଁ, ପବନରେ ଶୁଖେ ନାହିଁ, ସ୍ଥଳରେ କୌଣସିପ୍ରକାର ବାହ୍ୟ ଶକ୍ତିଦ୍ୱାରା ଏହାର ବିନାଶ ହୁଏନାହିଁ, ଜାତୀୟ ଆତ୍ମା ସେହିପରି ରାଜନୈତିକ ହେଉ ବା ଅନ୍ୟ ଯେକୌଣସି ପ୍ରକାର ବାହ୍ୟ ଅସ୍ୱାଭାବିକ ପ୍ରଭାବରେ ସହଜରେ ଲୋପ ପାଏ ନାହିଁ । ଉତ୍କଳ ସମ୍ମିଳନୀ ଓଡ଼ିଆ ଜାତିର ଏକ ଅଖଣ୍ଡ ଅବିନଶ୍ୱର ଆତ୍ମାର ଇନ୍ଦ୍ରିୟଗ୍ରାହ୍ୟ ମୂର୍ତ୍ତି; ସୁତରାଂ ଆମମାନଙ୍କର ଜାତୀୟ ଆକାଂକ୍ଷାର ପ୍ରକାଶକ ।

ଓଡ଼ିଆ ଜାତି କିଏ ? ପୃଥିବୀର ସ୍ଥାନ ଅନୁସାରେ ଜାତିର ନାମକରଣ ହୋଇଥିବା ପ୍ରାୟ ସର୍ବତ୍ର ଦେଖାଯାଏ । ଏକ ସ୍ଥାନରେ ବାସ କରୁଥିବା ଲୋକମାନଙ୍କ ମଧ୍ୟରେ ସ୍ୱତଃ ମାୟା ମମତା ଜନ୍ମେ । ସେମାନଙ୍କର ଆଶା, ଅଭିପ୍ରାୟ, ଭାଗ୍ୟ ଓ ଭବିଷ୍ୟତ ଏକ ଶ୍ରେୟଃ ସ୍ୱାର୍ଥରେ ଆବଦ୍ଧ । ସେମାନଙ୍କର କର୍ମଭୂମି ଏକ ଓ ଅଭିନ୍ନ । ସେହି ଭୂମି ସେମାନଙ୍କ ପକ୍ଷରେ ପବିତ୍ର ଏବଂ ପ୍ରେମମୟ କ୍ଷେତ୍ର । ଏହା ସେମାନଙ୍କ ଜନ୍ମଭୂମି । ସେମାନଙ୍କର ଦୃଷ୍ଟିରେ ''ସ୍ୱର୍ଗାଦପି ଗରୀୟସୀ'' । ସୁତରାଂ ଯେଉଁମାନେ ଏପରି ଏକ ନିର୍ଦ୍ଦିଷ୍ଟ ଭୂଖଣ୍ଡରେ ବାସ କରନ୍ତି ସେମାନେ ଏକ ଜାତି ଏବଂ ସେହି ଭୂଖଣ୍ଡର ନାମାନୁସାରେ ନାମିତ ହୁଅନ୍ତି । ଏହି ପ୍ରାକୃତିକ ବିଧାନରେ ଯେଉଁମାନେ ଉତ୍କଳ ବା ଓଡ଼ିଶାରେ ସମାନ ଆଶା ଆକାଂକ୍ଷା ଧରି ଜନ୍ମ ମରଣରେ ସମାନ ଶ୍ରେୟଃସ୍ୱାର୍ଥରେ ବିଜଡ଼ିତ, ସେମାନେ ସମସ୍ତେ ଓଡ଼ିଆ ଜାତି ।

କେହି କେହି ପୁଣି ଉତ୍କଳ ଓ ଓଡ଼ିଆ ମଧ୍ୟରେ ପାର୍ଥକ୍ୟ ଦେଖନ୍ତି । ଯଥାର୍ଥରେ ଏ ଉଭୟ ମଧ୍ୟରେ କୌଣସି ପାର୍ଥକ୍ୟ ନାହିଁ କିମ୍ବା ରହିବା ଉଚିତ ନୁହେଁ । ବଙ୍ଗଳାର ହୁଅନ୍ତୁ ବା ପଞ୍ଜାବର ହୁଅନ୍ତୁ, ମାରବାଡ଼ର ହୁଅନ୍ତୁ ବା ମାନ୍ଦ୍ରାଜର ହୁଅନ୍ତୁ, ହିନ୍ଦୁ ହୁଅନ୍ତୁ ବା ମୁସଲମାନ ହୁଅନ୍ତୁ, ଆର୍ଯ୍ୟ ହୁଅନ୍ତୁ ବା ଆଦିମ ଅଧିବାସୀ ହୁଅନ୍ତୁ ଯେ ଉତ୍କଳ ବା ଓଡ଼ିଶା ସଙ୍ଗେ ଆପଣାର ସମସ୍ତ ସ୍ୱତ୍ୱ ଓ ସ୍ୱାର୍ଥ ମିଳାଇ ଦେଇଅଛନ୍ତି, ଓଡ଼ିଶା ତାଙ୍କର ଏବଂ ସେ ଓଡ଼ିଶାର । ଆଜିକାଲି ସମୟରେ ଏକ ସ୍ଥାନରେ ଯେ କେବଳ ଏକପ୍ରକାର ଲୋକ ରହିବେ ତାହା ଅସମ୍ଭବ । ପୃଥିବୀରେ ଏପରି ପ୍ରାୟ ସ୍ଥାନ ନାହିଁ ଯେଉଁଠାରେ ଭିନ୍ନ ଭିନ୍ନ ଜାତି ବା ସମାଜର ଲୋକ ବାସ କରୁନାହାନ୍ତି । ମାତ୍ର ସେମାନଙ୍କର ସ୍ୱାର୍ଥର କେନ୍ଦ୍ର ଏକ । ତେଣୁ କାଳକ୍ରମେ ଏକାତ୍ମୀଭୂତ ହେବା ସେମାନଙ୍କ ପକ୍ଷେ ସ୍ୱାଭାବିକ ଏବଂ ଶ୍ରେୟସ୍କର । ଆମେରିକାର ଇଉନାଇଟେଡ ଷ୍ଟେଟସ୍ ଏହି ଜାତୀୟତା ଗଠନ ବିଷୟରେ ଉଦାହରଣ ସ୍ଥଳ ।

ଭଗବାନ ଏକ ଏକ ଜାତି ନିମନ୍ତେ ସ୍ୱତନ୍ତ୍ର ଏକ ଏକ ଦେଶ ନିରୂପଣ କରିଥିଲାପରି ଜଣାପଡ଼େ । ମାତ୍ର ଏକ ଦେଶ ବା ପ୍ରଦେଶର ଜାତିବିଶେଷ କାଳକ୍ରମେ ଅନ୍ୟ ଜାତିର ସଂସ୍ପର୍ଶରେ ଆସିଲେ ସେହି ଦେଶର ଭାଷା, ଆଶା, ଶିକ୍ଷା, ସଭ୍ୟତାରେ ପରିବର୍ତ୍ତନ ଘଟିବା ସ୍ୱାଭାବିକ । ଏହି ନବ ପରିବର୍ତ୍ତିତ ସଭ୍ୟତା ସେ ଦେଶର ତଥା ସେ ଦେଶର ନୂତନ ଏବଂ ପୁରାତନ ଅଧିବାସୀଙ୍କର ସଭ୍ୟତା ହୁଏ ।

ପ୍ରାକୃତିକ ଅବସ୍ଥାନ ଦ୍ୱାରା ଓଡ଼ିଶା ଏକ ସ୍ୱତନ୍ତ୍ର ପ୍ରଦେଶ । ଆଜିକାଲିର ରାଜନୈତିକ ଓଡ଼ିଶା ନୁହେଁ, ପ୍ରାଚୀନ ଓଡ଼ିଶା ଯେଉଁ ପର୍ଯ୍ୟନ୍ତ ବିସ୍ତୃତ ଥିଲା ଗଙ୍ଗାନଦୀଠାରୁ ଗୋଦାବରୀ ପର୍ଯ୍ୟନ୍ତ, ମହୋଦଧିଠାରୁ ମଧ୍ୟପ୍ରଦେଶର ପର୍ବତଶ୍ରେଣୀ ପର୍ଯ୍ୟନ୍ତ ସେହି ବିଶାଳ ରାଜ୍ୟ ଯେ ଏକ ସ୍ୱତନ୍ତ୍ର ପ୍ରାକୃତିକ ଭୂଖଣ୍ଡ ଏହା ଦେଖିବାମାତ୍ରେ ଯେ କେହି ସ୍ୱୀକାର କରିବାକୁ କୁଣ୍ଠିତ ହେବେ ନାହିଁ । ଓଡ଼ିଆମାନେ ଏଠାରେ ବାସ କରି ନିଜର ଏକ ସ୍ୱତନ୍ତ୍ର ସଭ୍ୟତା ଗଠନ କରିଥିଲେ । କାଳକ୍ରମେ ଅନ୍ୟାନ୍ୟ ଧର୍ମ ଓ ଜାତିର ଲୋକେ ସ୍ଥାନାନ୍ତରରୁ ଆସି ସେମାନଙ୍କ ସଙ୍ଗରେ ଏକତ୍ର ବାସ କରିଅଛନ୍ତି । ଏହି ବିଭିନ୍ନ ଶ୍ରେଣୀର ସମ୍ମିଳନରେ ଆଜି ଓଡ଼ିଆ ସଭ୍ୟତା ପ୍ରଭାବିତ ହୋଇଅଛି ଏହା ବୋଲିବା ବାହୁଲ୍ୟ ।

ଭାଇ ଉତ୍କଳବାସୀ, ତୁମେ ଯେ ହୁଅ, ବଙ୍ଗାଳୀ, ଓଡ଼ିଆ, ତେଲଙ୍ଗା, ହିନ୍ଦୁସ୍ଥାନୀ, ବୌଦ୍ଧ, ହିନ୍ଦୁ, ଖ୍ରୀଷ୍ଟାନ, ମୁସଲମାନ ଯେ ହୁଅ ଉତ୍କଳଭୂମି ତୁମକୁ ଆପଣା ଶରୀରରେ ବହି ତୁମର କେତେ ଅଳି ଅର୍ଦ୍ଦଳି ସହୁଛନ୍ତି । ତୁମର ହେଉ ବା ତୁମର ଶିଶୁସନ୍ତାନମାନଙ୍କର ହେଉ ଏହା ଶୈଶବର ଲୀଳାଭୂମି, ଯୌବନର କର୍ମକ୍ଷେତ୍ର, ବାର୍ଦ୍ଧକ୍ୟର ବିଶ୍ରାମ ସ୍ଥାନ ଏବଂ ଅନ୍ତିମକାଳର ଆଶ୍ରୟ । ଏ ଦେଶକୁ ଏପରି ଭାବରେ ଯେବେ ଗ୍ରହଣ କରିଥାଅ, ଦେଶାନୁରାଗର ପବିତ୍ର ସୂତ୍ରରେ ଏ ଦେଶର ଅନ୍ୟମାନଙ୍କ ସଙ୍ଗେ ଯଦି ଭାଗ୍ୟ ଆବଦ୍ଧ କରିଥାଅ ଏବଂ ଏ ଦେଶର ଜାତୀୟ ଭାଷା, ଶିକ୍ଷା ଓ ସଭ୍ୟତାରେ ଆତ୍ମସମର୍ପଣ କରିଥାଅ ତେବେ ଏ ଦେଶାନୁସାରେ ତୁମର ଜାତି । ଏ ଦେଶର ଇତିହାସ ଓ ସଭ୍ୟତା ତୁମର; କାରଣ ଏ ଦେଶର ଅତୀତ ଇତିହାସର ଫଳ ଏବେ ତୁମେ ଭୋଗ କରୁଅଛ ଏବଂ ଏହାର ବର୍ତ୍ତମାନ ଓ ଭବିଷ୍ୟତ ଗଠନରେ ତୁମେ ଯୋଗ ଦେଉଅଛ, ସୁତରାଂ ତୁମେ ଓଡ଼ିଆ, ତୁମେ ଉତ୍କଳ, ଉତ୍କଳ ସମ୍ମିଳନୀରେ ତୁମ ନିମନ୍ତେ ପ୍ରଶସ୍ତ ସ୍ଥାନ ରହିଅଛି । ଉତ୍କଳମାତା ମଧ୍ୟ ତୁମର ସେବା ପୂଜା ଗ୍ରହଣ କରିବାକୁ ସତୃଷ୍ଣ ନୟନରେ ଅନାଇଁ ରହିଅଛନ୍ତି ।

ଭାରତରେ ଜାତୀୟତା ଗଠନର ନାନା ଅନ୍ତରାୟ ରହିଅଛି, ନାନା ଭାଷା, ନାନା ଧର୍ମ, ନାନାବିଧ ଆଚାର ବ୍ୟବହାର ଯୋଗୁଁ ଭାରତୀୟମାନଙ୍କ ମଧ୍ୟରେ ଏତେ ପାର୍ଥକ୍ୟ ରହିଅଛି ଯେ, ଭାରତ ଜାତୀୟତା କେହି କେହି ଅସମ୍ଭବ ମନେ କରନ୍ତି; ସେଥିରେ ପୁଣି କୌଣସି ଏକ ପ୍ରଦେଶ ବା ଅଞ୍ଚଳରେ ସେହି ପ୍ରକାର ଭେଦ ଘଟିଲେ ଭାରତର ଜାତୀୟ ସମସ୍ୟା ଅଧିକ ଦୁଃସାଧ୍ୟ ଏବଂ ଜଟିଳ ହେବ । ଏକ ପ୍ରଦେଶରେ ବାସ କରି ସମସ୍ତ ଶ୍ରେୟ ସ୍ୱାର୍ଥ-ମାୟା-ମମତା ତହିଁ ସଙ୍ଗେ ମିଶାଇ ନଦେଇ ଯେଉଁମାନେ ସ୍ୱତନ୍ତ୍ର ସ୍ୱାର୍ଥ ଏବଂ ସତ୍ତ୍ୱ ଦାବୀ କରନ୍ତି ସେମାନେ ସେ ପ୍ରଦେଶର ଉନ୍ନତି ପଥରେ କଣ୍ଟକ ସ୍ୱରୂପ । ନିଜର ଆପାତସ୍ୱାର୍ଥ ଲାଗି ଅନ୍ୟ ଜାତିର ଉନ୍ନତିର ଅନ୍ତରାୟ ଏକ ପ୍ରଦେଶ ମଧ୍ୟରେ ସ୍ୱାର୍ଥର ଅନୈକ୍ୟ ଘଟାଇବା ଦ୍ୱାରା ଭାରତର ସମୂହ କଲ୍ୟାଣର ସେମାନେ ଶତ୍ରୁ; ସୁତରାଂ ପରିଣାମରେ ଆତ୍ମଘାତୀ, ଅତଏବ ପ୍ରାକୃତିକ ଓଡ଼ିଶାରେ ଯେଉଁ ବିଭିନ୍ନ ଶ୍ରେଣୀ ସଂପ୍ରଦାୟର ଲୋକେ ବାସ କରି ଏହାକୁ ନିଜ ଦେଶ ବୋଲି ଗ୍ରହଣ କରିଅଛନ୍ତି, ସମସ୍ତଙ୍କ ସମ୍ମିଳନୀରେ ଯେଉଁ ଓଡ଼ିଆ ଜାତି ସଙ୍ଗଠିତ, ତାହାରି ଜାତୀୟତା ବିକାଶ ସମ୍ମିଳନୀର ଉଦ୍ଦେଶ୍ୟ ।

ଅନେକଥର ପ୍ରଶ୍ନ ଉଠିଛି ଯେ ସମ୍ମିଳନୀ ରାଜନୈତିକ କି ନୁହେଁ ? ଭିନ୍ନ ଭିନ୍ନ ଘଟଣାରେ ଏ ପ୍ରଶ୍ନର ମୀମାଂସା ଭିନ୍ନ ଭିନ୍ନ ପ୍ରକାରର ହୋଇଅଛି । ମାତ୍ର ସମ୍ମିଳନୀରେ କେତେବେଳେ ଯେ ସବୁ ବିଷୟରେ ଆଲୋଚନା କରାଯାଇଥାଏ ତାହାସବୁ ରାଜନୈତିକ ! ସେ ଯାହା ହେଉ, ଗତ ବିଶେଷ ଅଧିବେଶନରେ ଶାସନ ସଂସ୍କାର ପ୍ରସ୍ତାବମାନଙ୍କର ଆଲୋଚନା କରିବା ଦ୍ୱାରା ସମ୍ମିଳନୀ ଯେ ରାଜନୈତିକ କ୍ଷେତ୍ରରେ ପ୍ରବେଶ କରିଅଛି ଏହା ଅସ୍ୱୀକାର କରାଯାଇ ନ ପାରେ । ସମ୍ମିଳନୀ ଯଦି ଆମମାନଙ୍କର ଜାତୀୟ ଆକାଂକ୍ଷାର ପ୍ରକାଶକ ହୁଏ, ଏହା ଜାତୀୟ କାର୍ଯ୍ୟର ସକଳ ବିଭାଗ ଅବଶ୍ୟ ଆଲୋଚନା କରିବ । ଜାତୀୟ ପ୍ରବୃତ୍ତି, ଜାତୀୟ ପ୍ରଭାବ ଓ ଜାତୀୟ ଅଭାବ, ଇଚ୍ଛା ସକଳର ପୂରଣ ନିମନ୍ତେ ପ୍ରୟାସ କରିବ । ଜାତୀୟ ଉନ୍ନତି ନିମନ୍ତେ ଶିଳ୍ପ, କୃଷି, ସାହିତ୍ୟ, ଶିକ୍ଷା ଯେପରି ପ୍ରୟୋଜନ, ରାଜନୈତିକ ଅଧିକାର ତତୋଧିକ ପ୍ରୟୋଜନ, ବସ୍ତୁତଃ ରାଜନୈତିକ ଅଧିକାର ବିନା ଅନ୍ୟାନ୍ୟ କ୍ଷେତ୍ରରେ କୌଣସି ନିର୍ଦ୍ଦିଷ୍ଟ ସୀମା ପରେ ଅଧିକ ଦୂର ଉନ୍ନତି ଅସମ୍ଭବ । ଶିକ୍ଷା, ଶିଳ୍ପ, ବାଣିଜ୍ୟ ଏମନ୍ତ କି ଧର୍ମ ଏବଂ

ସମାଜଗତ ପ୍ରସଙ୍ଗମାନ କେତେବେଳେ ହେଲେ ରାଜନୀତି ସଙ୍ଗେ ସଂଘର୍ଷରେ ଅବଶ୍ୟ ଆସିବ; ତେଣୁ କେହି କେହି ପଣ୍ଡିତ, ମନୁଷ୍ୟକୁ ରାଜନୈତିକ ପ୍ରାଣୀ ବୋଲି କହିଅଛନ୍ତି ଯେଉଁମାନେ କହନ୍ତି– ପରାଧୀନ ଜାତିର ରାଜନୀତି ନାହିଁ, ସେମାନେ ମାନବ ଜୀବନକୁ ପୂର୍ଣ୍ଣଭାବରେ ଦେଖନ୍ତି ନାହିଁ । ପରାଧୀନ ହେଉ ବା ସ୍ୱାଧୀନ ହେଉ, ଯେଉଁ ଜାତି ବା ସମାଜ କୌଣସି ରାଜ୍ୟରେ ବାସ କରେ ଏବଂ କୌଣସି ସୁଗଠିତ ଏବଂ ସୁଶୃଙ୍ଖଳାବଦ୍ଧ ଶାସନ ଶକ୍ତିର କର୍ତ୍ତୃତ୍ୱ ସ୍ୱୀକାର କରେ, ତାହାର କୌଣସି ନା କୌଣସି ପ୍ରକାରରେ ରାଜନୀତି ରହିବ । ପରାଧୀନ ଜାତିର ରାଜନୀତି ସ୍ୱାଧୀନ ଜାତିର ରାଜନୀତିଠାରୁ ପୃଥକ ହୋଇପାରେ । କିନ୍ତୁ ତାହାର ରାଜନୀତି ନାହିଁ ବୋଲି କୁହାଯାଇ ନ ପାରେ । ସମ୍ମିଳନୀ ପରି ଜାତିୟ ଅନୁଷ୍ଠାନ ରାଜନୀତିରେ ଚର୍ଚ୍ଚା ଛାଡ଼ିଦେଲେ ତାହାର ଉଦ୍ଦେଶ୍ୟ ଚିରଦିନ ଅସମ୍ପୂର୍ଣ୍ଣ ରହିବ । ଏ ସମ୍ବନ୍ଧେ କୌଣସି ସୁନିଶ୍ଚିତ ସିଦ୍ଧାନ୍ତ ନ କରିବା ଆମମାନଙ୍କର ଜାତୀୟ ଦୁର୍ବଳତାର ପରିଚୟ । ମୋ ମତରେ ସମ୍ମିଳନୀ କେବଳ ସାହିତ୍ୟିକ, ସାମାଜିକ ବା ରାଜନୈତିକ ଅନୁଷ୍ଠାନ ନୁହେଁ, କେବଳ କୃଷି, ଶିଳ୍ପ, ବାଣିଜ୍ୟ, ଶିକ୍ଷା ଏହାର କାର୍ଯ୍ୟ ନୁହେଁ; ସମ୍ମିଳନୀ ଆମମାନଙ୍କର ଜାତୀୟ ଅନୁଷ୍ଠାନ । ସୁତରାଂ ଜାତୀୟ ଉନ୍ନତି ନିମନ୍ତେ ଯାହା ପ୍ରୟୋଜନ ସମ୍ମିଳନୀର ତାହା କର୍ତ୍ତବ୍ୟ । ଏହିପରି ବ୍ୟାପକ ଭାବରେ ସମ୍ମିଳନୀର କାର୍ଯ୍ୟ ନିରୂପିତ ନହେଲେ ଜାତିର ତହିଁରେ ପ୍ରତ୍ୟୟ ଜନ୍ମିବ ନାହିଁ । କୌଣସି କାରଣରୁ ହେଉ ଓଡ଼ିଶାରେ ତଥା ଭାରତରେ ଆଭିଜାତ୍ୟର ପ୍ରଭାବ ଆମମାନଙ୍କର ଜାତୀୟ ଶକ୍ତିକୁ ଅତ୍ୟନ୍ତ ହୀନବଳ କରିଅଛି, ମାତ୍ର ସମ୍ମିଳନୀ ପରି ଜାତୀୟତା ଗଠନ ଉଦ୍ୟମରେ ଆଭିଜାତ୍ୟ ନିମନ୍ତେ କୌଣସି ପ୍ରକାର ଅବକାଶ ରହିବା ବାଞ୍ଛନୀୟ ନୁହେଁ ।

ଏ ମାତୃପୂଜା ମଣ୍ଡପରେ ସମସ୍ତଙ୍କ ସମାନ ଅଧିକାର, ସମାନ ଆସନ । ତାହା ନ ହେଲେ ସମ୍ମିଳନୀର ଉଦ୍ଦେଶ୍ୟ କଦାପି ସିଦ୍ଧ ହେବ ନାହିଁ ।

ଉଦାର ମାନବିକତା ସମ୍ମିଳନୀର ଲକ୍ଷ୍ୟ ହେଲେ ଭାରତର ଜାତୀୟ ଆନ୍ଦୋଳନରୁ ଆମେମାନେ ପୃଥକ ହୋଇ ରହିଲେ ଚଳିବ ନାହିଁ । ଓଡ଼ିଶା ନଦୀ ବନ ପର୍ବତାଦି ପ୍ରାକୃତିକ-ଅବଚ୍ଛେଦ ଦ୍ୱାରା ଭାରତର ଅନ୍ୟାନ୍ୟ ପ୍ରଦେଶରୁ ବିଛିନ୍ନ ଥିଲା ପରି ବୋଧହେଲେ ସୁଦ୍ଧା ଏହା ଅନ୍ୟାନ୍ୟ ପ୍ରଦେଶ ପରି ବିଶାଳ ଭାରତର ଅଂଗବିଶେଷ । ଭାରତୀୟ ଆକାଂକ୍ଷା ସଙ୍ଗେ ଉତ୍କଳ ଆକାଂକ୍ଷାର ସାମଞ୍ଜସ୍ୟ ରହିବା ଉଚିତ । ଭାରତ ସଙ୍ଗେ ଉତ୍କଳର ନିତ୍ୟ ସମ୍ବନ୍ଧ ରହିବହିଁ ରହିବ । ଏହି ସମ୍ବନ୍ଧ ଚିରଦିନ ରହିଅଛି । ସମ୍ମିଳନୀ କାର୍ଯ୍ୟରେ ଭାରତୀୟ ଆନ୍ଦୋଳନରୁ ପୃଥକ ଥିଲେ ସୁଦ୍ଧା ମହାଭାରତ ଜାତୀୟତା ସହିତ ଏହାର ସଂଯୋଗ ମୂଳମନ୍ତ୍ର । ବର୍ଷକୁ ବର୍ଷ ସମ୍ମିଳନୀର ପ୍ରାରମ୍ଭରେ ଆମେମାନେ ପୂତ ପ୍ରାଣରେ ଅବହିତ ହୋଇ ପ୍ରଥମେ ଗାଉ–

"ସର୍ବେଷାଂ ନୋ ଜନନୀ ଭାରତ ଧରଣୀ କଳ୍ପଲତେୟଂ"

ଏହି ଜାତୀୟ ଗୀତରେ "ଭାରତ ମେକୋ ଗତି ରସ୍ତୁ ବଂ" ବୋଲି ଆମେମାନେ ଯାହା କହୁଅଛୁ, ଜାତୀୟ ଜୀବନରେ ତଥା ଜାତୀୟ କାର୍ଯ୍ୟରେ ତାହାର ସାର୍ଥକତା ବିଧେୟ । ଉଦାର ମାନବିକତା ଲାଭ କରିବା ପଥରେ ଭାରତ ଭାବ ଆମମାନଙ୍କୁ ଅବଶ୍ୟ ସହାୟ ହେବ । ମନେ ରଖିବାକୁ ହେବ ଆମେମାନେ ଭାରତ ଜାତିର ଅନ୍ତର୍ଗତ । ଭାରତ ଏକ ମହାଦେଶ, ତେଣୁ ସେଥିରେ ଅନେକ କ୍ଷୁଦ୍ର କ୍ଷୁଦ୍ର ଜାତି, ପ୍ରାଦେଶିକ ପାର୍ଥକ୍ୟ ଅନୁସାରେ କାଳକ୍ରମେ ଉଦ୍ଭବ ହୋଇଛନ୍ତି; ମାତ୍ର ସେସମସ୍ତଙ୍କ ଭାଗ୍ୟ ଭାରତ ଭାଗ୍ୟ ସଙ୍ଗେ ସମାବଦ୍ଧ । ଆମେମାନେ ଭାରତୀୟ ଅନୁଷ୍ଠାନ ସଙ୍ଗେ ସଂପୃକ୍ତ ହେଉ ବା ନ ହେଉ ଭାରତର ସୁଖଦୁଃଖରେ ଆମମାନଙ୍କୁ ଅଳ୍ପାଧିକ ପରିମାଣରେ ଭାଗୀ ହେବାକୁ ପଡ଼ିବ । ଏକ ଶରୀରର ଅବୟବ ବିଶେଷ ଶରୀର ସମୂହ କ୍ରିୟାରେ ନିଜର କର୍ମ କରୁ ବା ନ କରୁ ସର୍ବଶରୀର ରୋଗବ୍ୟାଧି ସ୍ୱାସ୍ଥ୍ୟସୁଖରେ ତାହାର ଭାଗ୍ୟ ଯୋଗ ନାହିଁ । ଭାରତୀୟ ରାଜନୈତିକ ଆନ୍ଦୋଳନରେ ଆମମାନଙ୍କର ପରିଚୟ ମିଳୁଅଛି, ତାହାର ବିଶେଷ କିଛି ମୂଲ୍ୟ ଅଛି କି ନାହିଁ ସନ୍ଦେହ । ଆମମାନଙ୍କର ଏ ଉଦାସୀନତାରେ ଯେ ରାଜଭକ୍ତିର କେହି ରାଜପୁରୁଷ ଏପର୍ଯ୍ୟନ୍ତ ମଧ୍ୟ କହିଅଛନ୍ତି ଯେ "Orissa is hot bed of loyalty" ଅର୍ଥାତ୍ ଓଡ଼ିଶା ରାଜଭକ୍ତିରେ ସଡ଼ି ଯାଉଛି । ଏ ଭକ୍ତିର ବା ଦେବତାଙ୍କ ନିକଟରେ ଆଦର କଣ ? ଏତେ ଭକ୍ତି ସତ୍ତ୍ୱେ ଭାରତ ରକ୍ଷା ଆଇନ ( Defence of India act ) ଓଡ଼ିଶାରେ ଜାରି ହେଲାତ ? ପ୍ରେସ ଆଇନ୍ (Press act )ର ବିଧାନରୁ ଓଡ଼ିଶା ମୁକ୍ତ କି ? ଆଜି ଯେ ରାଓଲାଟ୍ ବିଲ୍ (Rowlatt Bill ) ଘେନି ଭାରତରେ ଏତେ ଆନ୍ଦୋଳନ ଲାଗିଛି, ସ୍ଥାନେ ସ୍ଥାନେ ତୁମୁଳ ଉତ୍ପାତ ଘଟୁଛି, ସାଧାରଣ ମନୁଷ୍ୟର ପ୍ରାଥମିକ ନ୍ୟାୟସଙ୍ଗତ ଅଧିକାରରୁ ଭାରତର ପ୍ରଜାସାଧାରଣ ବଞ୍ଚିତ ହେବା ଭୟରେ ଅସାମାନ୍ୟ ସ୍ୱାର୍ଥ ତ୍ୟାଗକରି ଯେ ଆଇନର ତୀବ୍ର ପ୍ରତିବାଦ କରୁଅଛନ୍ତି, ଓଡ଼ିଶା ଛଡ଼ା ଅନ୍ୟ ସର୍ବତ୍ର ଜାରି ହେବ ବୋଲି କିଛି ବିଧାନ ଅଛି କି ? ଘଟଣାଚକ୍ରରେ ଭାରତରକ୍ଷା ଆଇନ ( Defence of India act ) ପରି ଏହା ଦିନେ ଓଡ଼ିଶାରେ ଜାରି ହେବାର ସମ୍ଭବ କି ? ପୁଣି ସମଗ୍ର ଭାରତର ଆନ୍ଦୋଳନରେ ଭାରତ ଯାହା ସମୂହ ଭାବରେ ଲାଭ କରୁଅଛି, ଓଡ଼ିଶା ବା ଓଡ଼ିଆ ଜାତି ତହିଁର ଫଳ ଭୋଗୀ ହୋଇ ନାହାନ୍ତି କି ? ଅତଏବ ଭାରତୀୟ ଆକାଂକ୍ଷା ସଙ୍ଗେ ଆମମାନଙ୍କର ଜାତୀୟ ଆକାଂକ୍ଷା ମିଳାଇ ସମଗ୍ର ଭାରତ ମହାଜାତିରକଲ୍ୟାଣରେ ଯଥାଶକ୍ତି ଆତ୍ମବିନିଯୋଗ କରିବା ଆମମାନଙ୍କର କର୍ତ୍ତବ୍ୟ । ମନେରଖିବାକୁ ହେବ ଆମେମାନେ ପ୍ରଥମେ ମନୁଷ୍ୟ, ପରେ ଭାରତୀୟ ଓ ସର୍ବଶେଷରେ ଓଡ଼ିଆ । ଏହି ଭାବ ମନରେ ନ ରଖିଲେ ଜାତୀୟ କ୍ରମବିକାଶ ଅସମ୍ଭବ । ପ୍ରତ୍ୟେକ ବ୍ୟକ୍ତିର ସ୍ୱାତନ୍ତ୍ର୍ୟ ଅଛି, ମାତ୍ର ସାମାଜିକ ଭିତ୍ତି ବିନା ଏ ସ୍ୱାତନ୍ତ୍ର୍ୟ ପ୍ରକଟିତ ହୁଏ ନାହିଁ । ସେହିପରି ଓଡ଼ିଆ ଜାତିର ସ୍ୱାତନ୍ତ୍ର୍ୟ ଫୁଟିବ ପ୍ରଶସ୍ତତର ଜାତୀୟତା କ୍ଷେତ୍ରରେ ଏବଂ ଉଦାର ସାର୍ବଜନୀନ ମାନବିକତାରେ ।

ଓଡ଼ିଆମାନେ ଯେ ଏହି ଉଦାର ମାନବ ଧର୍ମରେ ଚିରଦିନ ଦୀକ୍ଷିତ ଏବଂ ଭାରତ ସହିତ ଉତ୍କଳର ନିତ୍ୟ ସମ୍ବନ୍ଧ ଅନୁଭବ କରିଅଛନ୍ତି, ଓଡ଼ିଆ ଜାତିର ଇତିହାସ ଅଭ୍ରାନ୍ତ ଭାବରେ ଏହା ପ୍ରମାଣ କରୁଅଛି । ଓଡ଼ିଶାର ଯଥାର୍ଥ ଇତିହାସ ଏ ପର୍ଯ୍ୟନ୍ତ ଲେଖାହୋଇ ନାହିଁ । ଏହାର ଗିରିକନ୍ଦରରେ ଯେ ସମସ୍ତ ଉପାଦାନ ବିକ୍ଷିପ୍ତ ଭାବରେ ପଡ଼ି ରହିଛି, କଷ୍ଟ ମନ୍ଦିରରେ ଯେ ସମସ୍ତ ସ୍ମୃତି ଏବଂ ସଂସ୍କାର ଜଡ଼ିତ ଅଛି; ପୁଣି ପର୍ବମାନଙ୍କରେ ଏମନ୍ତ କି ଯେ ସମସ୍ତ ଅନୁଷ୍ଠାନ ଆଜି ଅନେକଙ୍କ ନିକଟରେ କୁସଂସ୍କାର, ସେ ସବୁର ମଜ୍ଜାରେ ଯେ ସତ୍ୟ ସାର ନିହିତ ଅଛି, ପ୍ରବାଦ ଓ ପ୍ରଚଳିତ ପରମ୍ପରାରେ ଜୀବନର ଯେ ସମସ୍ତ ତଥ୍ୟ ପ୍ରକାଶ ପାଉଅଛି, ସେ ସବୁର ଭିତରକୁ ଦେଖିଲେ ଜଣାଯାଏ, ଓଡ଼ିଆଜାତି ଇତିହାସରେ କେବେ ସଂକୀର୍ଣ୍ଣ ସୀମାରେ ଆବଦ୍ଧ ନଥିଲେ । ନଦୀ ପର୍ବତ ଦ୍ୱାରା ଓଡ଼ିଶାର ସୀମା ଆବଦ୍ଧ ହେଲେ ସୁଦ୍ଧା, ସେ ସୀମା ଅତିକ୍ରମ କରି ବିଶାଳତା ଆଡ଼କୁ ଗତିକରି ଅଛନ୍ତି । ଜାତୀୟତାର ଲକ୍ଷ୍ୟରେ ଉଦାର ମାନବିକତା, ସମଗ୍ର ଭାରତରେ ତାହା ଓଡ଼ିଆ ହିଁ ବୁଝିଥିଲେ । ବିଶ୍ୱପ୍ରୀତି ହିଁ ଓଡ଼ିଆର ଜାତୀୟତା, ପୂର୍ଣ୍ଣପ୍ରାଣ ଓଡ଼ିଶାର ମନୁଷ୍ୟତା । ଓଡ଼ିଆର ଏ ଜାତୀୟତା, ଦେଶାନୁରାଗ କେବେ ଜଡ଼; ନିର୍ଜୀବ, ନୀରସ ଓ ସ୍ୱାର୍ଥକଳୁଷିତ ନୁହେଁ । ରାଜ୍ୟଲାଭ ବା ରକ୍ତପାତରେ ଏହାର ପ୍ରତିଷ୍ଠା ନୁହେଁ । ଗଭୀର ଧର୍ମଭାବ ଏବଂ ଦୃଢ଼ ବିଶ୍ୱାସ ଏହାର ଭିତ୍ତି । ସାମ୍ୟ, ମୈତ୍ରୀ, ସ୍ୱାଧୀନତା ଏହାର ବିଗ୍ରହ । ଓଡ଼ିଆର ଏହି ଭାବ ନୀଳାଚଳ ଧାମରେ ପ୍ରକଟିତ; ତେଣୁ ଜଗନ୍ନାଥ ଓଡ଼ିଆର ଜାତୀୟ ଦେବତା । ବଦ୍ରିନାଥ, ରାମନାଥ, ଦ୍ୱାରିକାନାଥ ସ୍ଥାନ ବିଶେଷର 'ନାଥ'; ମାତ୍ର ଜଗତର ନାଥ ନୁହନ୍ତି । ପ୍ରାଚୀନ କାଶୀ ଧାମରେ ବିଶ୍ୱନାଥ ଅଛନ୍ତି, କିନ୍ତୁ ସମସ୍ତ ବିଶ୍ୱକୁ ଆଲିଙ୍ଗନ କରିବାର ଉଦାରତା ସେଠାରେ ନାହିଁ । କାଳକ୍ରମେ ଆମମାନଙ୍କର ଜାତୀୟ ଅଧୋଗତି ସଙ୍ଗେ ନୀଳାଚଳର ମୌଳିକ ଉଦାର ଭାବ ଆଜି କେତେ ସଙ୍କୁଚିତ ହୋଇଅଛି ସତ୍ୟ, କିନ୍ତୁ ଧର୍ମ ଜୀବନରେ ସାର୍ବଜନୀନ ଉଦାରତା ଯେ ଏକମାତ୍ର ସତ୍ୟ, ଏ ଭାବ ଓଡ଼ିଶାରୁ ଲୋପ ପାଇନାହିଁ । ନୀଳାଚଳର ନାଭିରେ କ୍ଷୁଦ୍ର ବୃହତ୍ ନାହିଁ; ରାଜା ପ୍ରଜା ନାହିଁ; ବ୍ରାହ୍ମଣ ଚଣ୍ଡାଳ ନାହିଁ, ପାମର ପ୍ରେମିକ ନାହିଁ ଏମନ୍ତକି ହିନ୍ଦୁ ବୌଦ୍ଧର ଭେଦ ନାହିଁ । ପରବର୍ତ୍ତୀ

ଚୈତନ୍ୟ ଯୁଗରେ ମଧ୍ୟ ହିନ୍ଦୁ ମହମ୍ମଦୀୟ ଭେଦ ପର୍ଯ୍ୟନ୍ତ ଏଠାରେ ଲୁଚି ଯାଇଥିଲା । ଏହି ଉଦାର ମାନବିକତା ଏବଂ ମହାଭାରତ ଜାତୀୟତାର ବୀଜ ନୀଳାଚଳ ଧାମରେ ଅଛି ବୋଲିତ କାଳେ କାଳେ ଭାରତର ଦିଗ ଦିଗନ୍ତରୁ ସିଦ୍ଧ ସାଧକ ଓ ମହାପୁରୁଷମାନେ ଆକୃଷ୍ଟ ହୋଇ ଆସିଛନ୍ତି । ଜଗନ୍ନାଥ ସାକ୍ଷାତ ବୌଦ୍ଧ ଅବତାର । ଶଙ୍କରଙ୍କର ପ୍ରଧାନ ମଠ ପୁରୀରେ । ରାମାନୁଜଙ୍କର ଏହା ପୁଣି ଏକ ପ୍ରଧାନ ଧର୍ମ କେନ୍ଦ୍ର । ନାନକ ପୁରୀର ସାଗର ସୈକତରେ ନିଜର ସର୍ବୋତ୍କୃଷ୍ଟ ମଧୁମୟ ସଙ୍ଗୀତ ଗାଇଥିଲେ । କବୀରଙ୍କର ମଧ୍ୟ ଆସ୍ଥାନ ଏହିଠାରେ । ଅବଶେଷରେ ପ୍ରେମର ଅବତାର ଭଗବାନ ଶ୍ରୀକୃଷ୍ଣ ଚୈତନ୍ୟ ଭାରତର ସମଗ୍ର ତୀର୍ଥଭୂମି ବୁଲି ଶେଷରେ ଏହି ସାର୍ବଜନୀନ ପ୍ରେମଧାମରେ ସ୍ଥାୟୀ ନିବାସ କରି ଗାଇଲେ—

"ଜଗନ୍ନାଥ ସ୍ୱାମୀ,
ନୟନପଥଗାମୀ ଭବତୁ ମେ"

ମୁସଲମାନ ଭକ୍ତ ହରିଦାସ, ସାଲବେଗ ପ୍ରଭୃତିଙ୍କର ସମାଧି ଏହି ପୁରୀରେ ପ୍ରତିଷ୍ଠିତ । ବାସ୍ତବିକ୍ ଉତ୍କଳଭୂମି ସଂକୀର୍ଣ୍ଣ ନୁହେଁ । ଓଡ଼ିଆ କେବେ କ୍ଷୁଦ୍ରତର ସୀମାବଦ୍ଧ ନୁହେଁ, ପୁରୀ, ଭୁବନେଶ୍ୱର ଓ କୋଣାର୍କ ମନ୍ଦିରର ବିଶାଳତା ଏହାର ପରିଚୟ । ମନୁଷ୍ୟ ହାତଗଢା ଏ ଶିଳ୍ପଛଡା ଓଡ଼ିଶାର ପାରିପାର୍ଶ୍ୱିକ ବେଷ୍ଟନୀ ଓଡ଼ିଆର ସେହି ବିଶାଳଭାବ ଓ ଉଦାରତାର ପ୍ରମାଣ । ଯେଉଁ ଦେଶର ଦେବତା ଜଗନ୍ନାଥ, ସେ ଦେଶ ନଦୀ, ଗିରି, ସାଗର, ଶ୍ମଶାନରେ ଯେ ସେହି ମହାଉଦାରଭାବ ବିକାଶ ପାଇବ, ତାହା ସ୍ୱାଭାବିକ । ଓଡ଼ିଶାର ନଦୀ ମହାନଦୀ, ସମୁଦ୍ର ମହୋଦଧି, ଗିରି ମହେନ୍ଦ୍ର, ବୃକ୍ଷ କଳ୍ପବଟ, ଏମନ୍ତକି ଶ୍ମଶାନ ମାନବର ଅନ୍ତିମ ସ୍ଥାନ ନୁହେଁ; ଦିବ୍ୟ ଅନନ୍ତ ଧାମର ପ୍ରବେଶ ଦ୍ୱାର—ସ୍ୱର୍ଗଦ୍ୱାର । ଏହି ନାମସବୁ କ'ଣ ପ୍ରକାଶ କରୁଅଛି ? ଓଡ଼ିଆ ପ୍ରାଣରେ ମହାଭାବ କଳ୍ପନା କରିଅଛି । ଚତୁର୍ଦ୍ଦିଗରେ ତାହାହିଁ ଦେଖିବାକୁ ପ୍ରୟାସୀ ହୋଇଅଛି । ଗୋଟିଏ ଗୋଟିଏ ଶବ୍ଦ ଏକ ଏକ ଜାତିର ଇତିହାସ ପଟ ଫିଟାଇ ଦେଇ ଅତୀତର ଅନ୍ଧାରରେ ଆଲୋକ ଦେଉଅଛି, ମହାନଦୀ ମହୋଦଧି ପ୍ରଭୃତି ଓଡ଼ିଆ ପ୍ରାଣର ବିଶାଳତା ଏବଂ ପୂର୍ଣ୍ଣତା ନିମନ୍ତେ ଓଡ଼ିଆ ହୃଦୟର ଆକାଂକ୍ଷା ପ୍ରକାଶ କରୁନାହିଁକି ? ଶିଳ୍ପରେ ଏବଂ ଦେବ ମୂର୍ତ୍ତିରେ ଓଡ଼ିଆ ହୃଦୟର ଯେ ଭାବ ବ୍ୟକ୍ତ କରିଅଛି, ଏହିପରି ଗୋଟିଏ ଗୋଟିଏ ଶବ୍ଦରେ ତାହାର ପ୍ରାଣର କବିତା ସେହି ଉଦାର ମହାଭାବ ପ୍ରକାଶ କରିଅଛି ।

କବିତା, ଶିଳ୍ପ ବା ଦେବତା କଳ୍ପନାରେ ଯେଉଁ ଭାବର ସୂଚନା ଦେଖାଯାଉଛି, ଓଡ଼ିଆ ଜୀବନ କ୍ରିୟାରେ ଇତିହାସର ଯୁଗେ ଯୁଗେ ତାହାହିଁ ପ୍ରକଟିତ ହୋଇଅଛି । ହିନ୍ଦୁ, ବୌଦ୍ଧ, ଶିଖ, ଶୈବ, ଶାକ୍ତ ପରମାର୍ଥ ନାନା ଶାଖା ସଂପ୍ରଦାୟର ମହା ସମନ୍ୱୟସ୍ଥଳୀ ପବିତ୍ର ଉତ୍କଳ ଭୂମି । ଓଡ଼ିଆ କେବେ କାହାକୁ ବିଦ୍ୱେଷ ଦୃଷ୍ଟିରେ ଦେଖିନାହିଁ । ଧର୍ମକ୍ଷେତ୍ର ଛଡା ଶାସନ ଏବଂ ସାମାଜିକ କ୍ଷେତ୍ରରେ ଓଡ଼ିଆ ମଧ୍ୟ ଏହି ଉଦାରତା ବରାବର ଦେଖାଇ ଆସିଅଛି । ମୁଁ ଏଠାରେ ଏ ସମ୍ବନ୍ଧେ ଅଧିକ କିଛି ନ କହି ଶ୍ରଦ୍ଧେୟ କୃପାସିନ୍ଧୁ ମିଶ୍ରଙ୍କ ବିରଚିତ ବାରବାଟୀ ଦୁର୍ଗରୁ ଏକ ପଂକ୍ତି ଉଦ୍ଧାର କଲି—

"ଭାରତ ଇତିହାସରେ ତେଜସ୍ୱୀ ଓଡ଼ିଆର ଦାନ ହେୟ ନୁହେଁ, ବୀର ଓଡ଼ିଆ ବଦାନ୍ୟତାରେ ପ୍ରସିଦ୍ଧ ଥିଲା । ଚିରକାଳ ଓଡ଼ିଆ ଆତ୍ମନିର୍ଭରଶୀଳ । କେବେ କାହାର ଅନୁଗ୍ରହ ଭିକ୍ଷା କରିବାର ପ୍ରମାଣ ନାହିଁ; ଯଶୋନାଶୀ କାଳ ଗର୍ଭରେ ବିଲୁପ୍ତ ପ୍ରାୟ ହେଲେହେଁ ଏକଥା ସତ୍ୟଅନୁସନ୍ଧାନସେବୀଙ୍କର ସ୍ୱୀକାର୍ଯ୍ୟ ଯେ, ଅନୁଗ୍ରହ ଦେଖାଇବା ନିମନ୍ତେ ଓଡ଼ିଆ ଭାରତ ଇତିହାସରେ ପ୍ରସିଦ୍ଧ; ଅନେକେ ଜାଣିଥିବେ; କିପରି ୧୨୦୩ ଖ୍ରୀଷ୍ଟାବ୍ଦରେ ମହମ୍ମଦବକ୍ତିଆର ଖିଲିଜ୍‌ଙ୍କ ଦ୍ୱାରା ସିଂହାସନରୁ ବିତାଡ଼ିତ ହୁଅନ୍ତେ, ବଙ୍ଗଦେଶର ଶେଷ ହିନ୍ଦୁରାଜା ଲକ୍ଷ୍ମଣ ସେନ୍ ଓଡ଼ିଆଙ୍କ ଅନୁଗ୍ରହ ଭିକ୍ଷା କରି ପୁରୀରେ ନିରାପଦରେ ଶେଷ ଜୀବନ ଯାପନ କରିଥିଲେ ଏବଂ ୧୪୫୭ ଖ୍ରୀଷ୍ଟାବ୍ଦରେ ବାହାମଣି ରାଜ୍ୟର ସୁଲତାନ, ହିମାୟୁନ୍‌ଙ୍କ ଦ୍ୱାରା ବାରମ୍ବାର ପରାସ୍ତ ହୋଇ ତେଲେଙ୍ଗୀ ହିନ୍ଦୁରାଜା ନରସିଂହ ଦେବଙ୍କ ରାଜତ୍ୱ କାଳରେ ଓଡ଼ିଆଙ୍କ ଦ୍ୱାରେ ସାହାଯ୍ୟ ଭିକ୍ଷା କରିଥିଲେ । ପୁଣି କପିଳେନ୍ଦ୍ର ଦେବଙ୍କ ରାଜତ୍ୱ କାଳରେ ୧୪୭୦ ଖ୍ରୀଷ୍ଟାବ୍ଦରେ ହିମ୍ବୀରଙ୍କ ପରିବର୍ତ୍ତେ ସ୍ୱୟଂ ରାଜା ହେବା ନିମନ୍ତେ ମଙ୍ଗଳରାୟ ଏହି ବାରବାଟୀରେ ଆଶ୍ରୟ ଲୋଡ଼ିଥିଲେ । ଓଡ଼ିଆମାନେ ଫେରିବା ପରେ ମଲବା ସୁଲତାନ ମହମ୍ମଦ ସାହଙ୍କ ଆଶ୍ରୟରେ ହିମ୍ବୀର ପୁଣି ରାଜା ହୋଇ ଯେତେବେଳେ ମୁସଲମାନ ଦୌରାତ୍ମ୍ୟରେ ପ୍ରପୀଡ଼ିତ ହେଲେ, ସେତେବେଳେ ଉପହାର ସହ ସେହି ପୂର୍ବ ଶତ୍ରୁ ଓଡ଼ିଆ ରାଜାଙ୍କ ସାହାଯ୍ୟ ମଗାଇ ପଠାଇଥିଲେ ଏବଂ ଉତ୍କଳରାଜା ମଧ୍ୟ ଆଶ୍ରିତଙ୍କୁ ରକ୍ଷାକଲେ । ଉତ୍ତର ଭାରତରେ ବି ଓଡ଼ିଆମାନେ ଏହିପରି ସାହାଯ୍ୟ ଦାନ ପାଇଁ ପ୍ରସିଦ୍ଧ ଥିଲେ । ଖ୍ରୀଷ୍ଟୀୟ ୬ଷ୍ଠ ଶତାବ୍ଦୀର ମଧ୍ୟ ଭାଗରେ ସୁଲେମାନଙ୍କ କର୍ତ୍ତୃକ ପରାଭୂତ ଓ ଦୂରୀକୃତ ବଙ୍ଗର ସୁଲତାନ ଇବ୍ରାହିମ୍ ଜୀବନରକ୍ଷା ନିମନ୍ତେ ଇତସ୍ତତଃ ହୋଇ ପରିଶେଷରେ ଓଡ଼ିଆଙ୍କ ଦ୍ୱାରେ ସାହାଯ୍ୟ ପ୍ରାର୍ଥୀ ହୋଇଥିଲେ ଏବଂ ସ୍ୱଦେଶ ତଥା ସ୍ୱଜାତିର ଗୌରବ ରକ୍ଷା କରି ଓଡ଼ିଆମାନେ ଆପଣାର ସହଜାତ ବଦାନ୍ୟ ଗୁଣରେ ଆଶ୍ରଯ ପ୍ରାର୍ଥୀଙ୍କୁ ଯଥୋପଯୁକ୍ତ ଭିକ୍ଷାଦାନ କରିଥିଲେ । ପୁଣି ଦୁର୍ଦ୍ଦାନ୍ତ ବଙ୍ଗ ନବାବ ସୁଲେମାନଙ୍କୁ ଦମନ କରିବାପାଇଁ ଅହର୍ନିଶ ବହୁଅର୍ଥ ଓ ସାମର୍ଥ୍ୟ ବ୍ୟୟ କରି ଅକୃତ କାର୍ଯ୍ୟ ହେଲାପରେ ସ୍ୱୟଂ ମୋଗଲ ସମ୍ରାଟ ଆକବର ଦିନେ ଓଡ଼ିଆଙ୍କ ସାହାଯ୍ୟ ଲୋଡ଼ିଥିଲେ ଏବଂ ଓଡ଼ିଆମାନେ ଯଥାର୍ଥ ସାହାଯ୍ୟ ଦାନ କରି ଜନ୍ମଭୂମିକୁ ଦେଶବ୍ୟାପୀ ମହା ଗୌରବରେ ମହୀୟାନ କରିଥିଲେ । ରାଜନୈତିକ ସ୍ୱାଧୀନତା ବିଲୋପପରେ ମଧ୍ୟ ୧୬୩୩ ଖ୍ରୀଷ୍ଟାବ୍ଦରେ ଓଡ଼ିଶାର ପ୍ରଥମ ଇଂରେଜ ବଣିକ କାର୍ଟରାଇଟ୍ ଓ ତାହାଙ୍କର ପାଞ୍ଚୋଟି ମାତ୍ର ସହଚରଙ୍କ ପ୍ରତି ହରିଶପୁରଠାରେ ତତ୍‌କାଳୀନ ପ୍ରତାପୀ ପର୍ତ୍ତୁଗୀଜ୍‌ମାନଙ୍କର ଆକ୍ରମଣରୁ ତାହାଙ୍କୁ ରକ୍ଷା କରି ଓଡ଼ିଆମାନେ ଯେ ମାନବ ପ୍ରୀତି ଓ ବଦାନ୍ୟତା ଦେଖାଇଥିଲେ, ତାହାମଧ୍ୟ ସ୍ମରଣୀୟ ।"

ଏହି ସମସ୍ତ ଐତିହାସିକ ଘଟଣାରୁ କେବଳ ଯେ ଓଡ଼ିଆମାନଙ୍କର ଉଦାରତାର ପରିଚୟ ମିଳୁଅଛି, ତାହା ନୁହେଁ ଭାରତୀୟ ରାଜନୀତିରେ ସେମାନେ ପୂର୍ବେ ବରାବର ଯୋଗ ରଖିଥିଲେ ଏହା ମଧ୍ୟ ପ୍ରମାଣିତ ହୋଇଅଛି । ଧର୍ମ, ରାଜନୀତି ପ୍ରଭୃତି ସକଳ ବିଷୟରେ ଭାରତ ସଙ୍ଗେ ଓଡ଼ିଶାର ଏହି ଯେ ଚିର ସମ୍ବନ୍ଧ ରହିଅଛି, ତାହା ଅସ୍ୱୀକାର କରାଯାଇ ନ ପାରେ । ଭାଇ ଓଡ଼ିଆ; ବର୍ତ୍ତମାନ ତୁମେ ଯାହାହୁଅ କିମ୍ବା ତୁମକୁ ଅନ୍ୟ ଯାହା ବୋଲି ମନେକରୁ ପଛକେ ଯେତେଦିନ ଯାଏ ନୀଳାଚଳରେ ସାମ୍ୟ ମୈତ୍ରୀ ଧ୍ୱଜା ଉଡୁଥିବ, ତେତେଦିନଯାଏ ଓଡ଼ିଶା ସମଗ୍ର ଭାରତର ଏକତାର କେନ୍ଦ୍ର ଭୂମି ହୋଇ ବିରାଜୁଥିବ । ତୁମେ ଏହି ଭାରତ ଜାତୀୟତା କେନ୍ଦ୍ରରେ ଅଧିକାରୀ । ଏ ଅଧିକାରର ଉପଯୁକ୍ତ କାର୍ଯ୍ୟ ନକଲେ ଆମମାନଙ୍କୁ ଭାରତ ନିକଟରେ ଅପମାନିତ ହେବାକୁ ହେବ ଏବଂ ଭବିଷ୍ୟତ ପୁରୁଷମାନେ ଆମମାନଙ୍କର ସଂକୀର୍ଣ୍ଣତା ଓ ଅଦୂରଦର୍ଶୀତାର ନିନ୍ଦା କରିବେ । ଭାରତର ବର୍ତ୍ତମାନ ଉପର୍ଯ୍ୟୁପରି କେତେ ଘଟଣ ଘଟିଯାଉଅଛି; କିନ୍ତୁ ସେ ସବୁରେ ଆମେମାନେ ଉଦାସୀନ ।

ସରଳଭାବରେ କହ ଦେଖି, ଏ ଉଦାସୀନତା ଆମମାନଙ୍କର ବିଚକ୍ଷଣତା ନା ଦୁର୍ବଳତା ? କେହି କେହି କହନ୍ତି ଭାରତର ବୃହତ୍ତର ଜାତୀୟ ସମସ୍ୟାରେ ଯୋଗଦେବା ଭଳି ଆମମାନଙ୍କର ଶକ୍ତି ଜନ୍ମି ନାହିଁ; କିନ୍ତୁ ଜାତୀୟତା ଗଠନର ଯେ ନିୟମ ଏଠାରେ ନିର୍ଦ୍ଦେଶ କରାଗଲା ତାହା ଦୃଷ୍ଟିରେ ଏ ସବୁ ଆପତ୍ତି ସଙ୍ଗତ ନୁହେଁ । ଆମମାନଙ୍କର ଉପଯୋଗିତା ଯାହା ହେଉନା କାହିଁକି ଆମେମାନେ ଯେ ଶରୀରର ଅଙ୍ଗ ବିଶେଷ ତାହାର ସମୂହ କାର୍ଯ୍ୟ ସମ୍ପର୍କ ରଖି ଯାହା ପାରିବା, ତାହା ନ କଲେ ଆମେମାନେ ଆତ୍ମଘାତୀ । ଆମମାନଙ୍କ ମଧ୍ୟରେ ବର୍ତ୍ତମାନ ଯେ ଜାତୀୟ ଚୈତନ୍ୟ ଜାଗିଅଛି ଏହା ଆମେମାନେ ସମସ୍ତେ ଅନୁଭବ କରୁଅଛୁଁ । ଏହି ଜାତୀୟ ଚୈତନ୍ୟର ଜାଗରଣ ସଙ୍ଗେ ସଙ୍ଗେ ଜାତୀୟତାର ଉପଯୋଗୀ କାର୍ଯ୍ୟଲାଗି ଆମମାନଙ୍କର ଶକ୍ତି ଜନ୍ମିଅଛି । ମାତ୍ର ସେହି ଆତ୍ମ ଶକ୍ତିରେ ପ୍ରତ୍ୟୟ ଜନ୍ମି ନାହିଁ । ଅଲଗା ହୋଇ ରହିଥିଲେ ଏ ପ୍ରତ୍ୟୟ କଦାପି ଜନ୍ମିବ ନାହିଁ; ଚିଲିକା ସଙ୍ଗେ ସମୁଦ୍ରର ସଂଯୋଗ ଲାଗିଥିବା ଯାଏ ଚିଲିକା ସୀମାବଦ୍ଧ କ୍ଷୁଦ୍ର ଜଳାଶ୍ରୟ ନୁହେଁ, ଏହା ହ୍ରଦ ହେଲେ ସୁଦ୍ଧା ସମୁଦ୍ରର ଅଙ୍ଗ । ମୁହାଣ ବନ୍ଦ

ହୋଇଥିଲେ ବଢି ପାଣିରେ ଏହା ଆପାତତଃ ବଢ଼ ଦିଶିପାରେ, କିନ୍ତୁ ସେ ବୃଦ୍ଧି କେବଳ ପଙ୍କ ସଞ୍ଚୟ ପାଇଁ ଏବଂ ଶେଷରେ ତାହା ଚିକିବାକୁ ପୋତି ପକାଇବ ।

ମୁଁ ଜାଣେ, ସମ୍ମିଳନୀ ଭାରତୀୟ ଆନ୍ଦୋଳନରୁ ଅଲଗା ହୋଇ ରହିବା ଅନେକ ଓଡ଼ିଆ ଯୁବକଙ୍କର ଇଚ୍ଛା ନୁହେଁ । ସମ୍ମିଳନୀ ଏହି ଅବସ୍ଥାରେ ଥିଲେ କେବେ ବିଶେଷ କାର୍ଯ୍ୟ କରି ପାରିବ ନାହିଁ, ଏ ଧାରଣା ମଧ୍ୟ ଅନେକଙ୍କର ଜନ୍ମିଅଛି । ଗତ ପନ୍ଦର ବର୍ଷ ମଧ୍ୟରେ ସମ୍ମିଳନୀର କାର୍ଯ୍ୟରେ ଦେଶବାସୀ ଅଧିକାଂଶ ଯେ ସନ୍ତୁଷ୍ଟ ନୁହନ୍ତି ଏହା ଅଧିକ କରି କହିବା ନିଷ୍ପ୍ରୟୋଜନ । ସମ୍ମିଳନୀ କିଛି କରିନାହିଁ ବୋଲି ମୁଁ ଅବଶ୍ୟ କହିବାକୁ ପ୍ରସ୍ତୁତ ନୁହେଁ । ସମ୍ମିଳନୀ ଓଡ଼ିଆମାନଙ୍କ ମଧ୍ୟରେ ଜାତୀୟ ଭାବ ଜଗାଇଛି ଏବଂ ଜାତୀୟ ଏକତା ଲାଗି ଆକାଂକ୍ଷା ଜନ୍ମାଇଛି । ଅନ୍ୟାନ୍ୟ ଅନେକ ଭାରତୀୟ ଘଟଣା ଯେ ଏ ବିଷୟରେ ସାହାଯ୍ୟ କରିଅଛି ଏହା ଅବଶ୍ୟ ସ୍ୱୀକାର କରିବାକୁ ହେବ । ମୋ ମତରେ ସମ୍ମିଳନୀ କ'ଣ କରୁଅଛି— ଏହି ଯେ ପ୍ରଶ୍ନ ସମସ୍ତଙ୍କ ମନକୁ ଯାଉଛି ଏହା ପନ୍ଦର ବର୍ଷର ଫଳ । ପୁଣି ଓଡ଼ିଆଭାଷାଭାଷୀ ଦେଶର ଭିନ୍ନଭିନ୍ନ ଅଞ୍ଚଳମାନଙ୍କ ମଧ୍ୟରେ ପରିଚୟ, ସ୍ନେହ, ଆଦର ଘନିଷ୍ଠତର ହୋଇଅଛି । ଓଡ଼ିଆ ସଂବାଦପତ୍ରମାନଙ୍କରେ ଓଡ଼ିଆ ଜାତୀୟ ଅଭାବ ଅଭିଯୋଗର ଆଲୋଚନା ଅଧିକ ହେବାର ଦେଖାଯାଉଛି । ସମ୍ମିଳନୀ କିଛି କରୁନି ବୋଲି ସମସ୍ତେ କହିଲେ ସୁଦ୍ଧା ତାହାକୁ ତ ଭାଙ୍ଗିବା କାହିଁକି କାହାରି ମନକୁ ଯାଉନାହିଁ; ଜାତିପ୍ରତି ଯେ ମମତା ବୃଦ୍ଧି ହୋଇଅଛି ଏହାହିଁ ତାହାର ପ୍ରମାଣ । ଅନେକ ଦିନଯାଏ କଂଗ୍ରେସ ସମ୍ବନ୍ଧରେ ଲୋକେ ଏହିପରି କହୁଥିଲେ । ଏମନ୍ତ କି ଭାରତ ମହାସମିତିର ଏକୋଇଶ ବର୍ଷ ପରେ କାଶୀ ଅଧିବେଶନର ସଭାପତି ସ୍ୱର୍ଗୀୟ ଗୋଖଲେ ଲୋକମାନଙ୍କର ଏହି ଅସନ୍ତୋଷ ଏବଂ ଆପତ୍ତି ଖଣ୍ଡନ କରିବା ଲାଗି ତାଙ୍କ ଅଭିଭାଷଣରେ ପ୍ରୟାସ କରିଥିଲେ । ଏଥିରେ ଅବଶ୍ୟ ଉତ୍କଳ ସମ୍ମିଳନୀ ସମ୍ବନ୍ଧେ ଆମ୍ଭମାନଙ୍କର ଆଶ୍ୱସ୍ତ ଏବଂ ନିଶ୍ଚିନ୍ତ ରହିବା ଯେ ଉଚିତ୍ ବୋଲି ମୁଁ କଦାପି କହୁନାହିଁ । ଆମ୍ଭମାନଙ୍କର ଯେ ଅଭିଜ୍ଞତା ହୋଇଅଛି ଏବଂ ହୃଦୟରେ ଯେ ଉନ୍ନତି ଅଭିମୁଖୀ ଅଶାନ୍ତି ଜନ୍ମିଅଛି ଏହା ସାମାନ୍ୟ ଲାଭ ନୁହେଁ । ଯେ କର୍ମବିଧାନ ଏବଂ ଉଦ୍ଦେଶ୍ୟରେ ସମ୍ମିଳନୀର କାର୍ଯ୍ୟ ଏପର୍ଯ୍ୟନ୍ତ ଚାଲିଅଛି ତାହାର ପରିବର୍ତ୍ତନ ନହେଲେ ବିଶେଷ କିଛି ଲାଭ ହେବନାହିଁ । ଏହି ବିଶ୍ୱାସ ଏଣିକି ଆମ୍ଭମାନଙ୍କର ଭବିଷ୍ୟତ ପଥ ପରିଷ୍କାର କରିବ, ସନ୍ଦେହ ନାହିଁ । ଭାରତୀୟ ଆନ୍ଦୋଳନ ସଙ୍ଗେ ସମ୍ମିଳନୀର ସମ୍ବନ୍ଧ ଓ ସହଯୋଗିତା ରହିଲେ ଆମ୍ଭମାନଙ୍କ କାର୍ଯ୍ୟରେ ନୂତନ ଜୀବନ ଏବଂ ନୂତନ ଉତ୍ସାହ ଆସିବ । ଏହି ଭାରତ ମିଳନ ହିଁ ତ ଆମ୍ଭମାନଙ୍କ ପକ୍ଷେ—

"ନାନ୍ୟଃ ପନ୍ଥା ବିଦ୍ୟତେ ଅୟନାୟ ।"

ବର୍ତ୍ତମାନ ଦେଖାଯାଉ; ଆମ୍ଭମାନଙ୍କର ଏ ଉତ୍କଳ ସମ୍ମିଳନୀର ଭିତ୍ତି କଣ ? ଆମ୍ଭେମାନେ ବରାବର କହି ଆସୁଅଛୁ ସମ୍ମିଳନୀ ସମଗ୍ର ଓଡ଼ିଆ ଜାତିର । ମାତ୍ର ଜାତିର ସମସ୍ତ ଅଙ୍ଗପ୍ରତ୍ୟଙ୍ଗରେ ଏହାର ଭାବ ପ୍ରବେଶ କରିଅଛି କି ? ଜାତିର ଭିତ୍ତି କେଉଁଠାରେ ଏହା ଏପର୍ଯ୍ୟନ୍ତ ଆମ୍ଭମାନଙ୍କର ଉତ୍ତମରୂପେ ହୃଦୟଙ୍ଗମ ହୋଇନାହିଁ ଜାଣିଲେ ସୁଦ୍ଧା ତହିଁରେ ଦୃଢ଼ତା ସମ୍ପାଦନ ନିମନ୍ତେ ଉଦ୍ୟମ ନାହିଁ । ଏକା ଓଡ଼ିଶାର କାହିଁକି ଭାରତର ଅନ୍ୟାନ୍ୟ ଜାତୀୟ ଆନ୍ଦୋଳନରେ ମଧ୍ୟ ଜାତୀୟ ଭିତ୍ତିର ସୁଗଠନ ନିମନ୍ତେ ଏପର୍ଯ୍ୟନ୍ତ ସେତେ ଦୃଷ୍ଟି ଦିଆଯାଇ ନାହିଁ ବୋଲି କୁହାଯାଇପାରେ । ଏପର୍ଯ୍ୟନ୍ତ ଆମ୍ଭମାନଙ୍କର ସମସ୍ତ ଜାତୀୟ ଆନ୍ଦୋଳନ କେତେକ ଶିକ୍ଷିତ ଏବଂ ପଦସ୍ଥ ବ୍ୟକ୍ତିଙ୍କ ମଧ୍ୟରେ ସୀମାବଦ୍ଧ ଆରମ୍ଭ କରିଅଛି । କ୍ରମେ ଦେଶର ଜନସାଧାରଣ ସମସ୍ୟାମାନ ବୁଝୁଅଛନ୍ତି ଏବଂ ଦେଶର ବିଭାଗୀୟ ଶିକ୍ଷିତ ନେତୃଗଣଙ୍କ ସଙ୍ଗେ ସେମାନଙ୍କ ସଂସ୍ପର୍ଶ ଘନିଷ୍ଠ ହେଉଅଛି, ଏହାହିଁ ହେବାର କଥା । ସମାଜ ବା ଜାତିକୁ ଅନେକେ ଦେବାଳୟ ବା ପିରାମିଡ୍ ସ୍ୱରୂପ ବର୍ଣ୍ଣନା କରିଥାଆନ୍ତି । ଏହାର ଅଗ୍ରଭାଗ କ୍ରମେ ସୂକ୍ଷ୍ମ ଏବଂ ତଳକୁ ତଳକୁ କ୍ରମେ ବେଶ ମୋଟ ଏବଂ ପ୍ରଶସ୍ତ । ଆକାଶର ଜଳବିନ୍ଦୁ ବଡ଼ଦେଉଳର ନୀଳଚକ୍ର ଉପରେ ପଡ଼େ । କ୍ରମେ ତାହା ଦେଉଳର ଏକ ପାଦ ପରେ ଅନ୍ୟ ପାଦକୁ ଆସେ ଅବଶେଷରେ ଦେଉଳର ପାଦଦେଶରେ ପହଞ୍ଚେ; ପରେ ପୁଣି ମଟି ଭେଦକରି ତଳକୁ ଯାଏ ଏବଂ ଏହାଦ୍ୱାରା ଦେଉଳର ଭିତ୍ତି ଶକ୍ତହୁଏ ଏଥିପାଇଁ ଅବଶ୍ୟ ସମୟ ଲାଗିବ; କିନ୍ତୁ ଏହାହିଁ ପ୍ରାକୃତିକ ପ୍ରକ୍ରିୟା । ଯେ କୌଣସି ନୂତନ ଭାବ ପ୍ରଥମେ ଜାତିର ଜଣେ ଦୁଇଜଣଙ୍କ ମନକୁ ଆସେ ସେ ଭାବ ସମ୍ବନ୍ଧେ ସେମାନେହିଁ ଜାତୀୟ ଦେଉଳର ନୀଳଚକ୍ର । ମୋର ବିଶ୍ୱାସ ଚିନ୍ତା କୌଣସି ବ୍ୟକ୍ତି ବିଶେଷର ନୁହେଁ । ଆମ୍ଭମାନଙ୍କର ପ୍ରତ୍ୟେକ ଚିନ୍ତା, ବିଶେଷତଃ ଯେଉଁସବୁ ଉଚ୍ଚଭାବମାନ ମାନବ ସମାଜରେ ପରିବର୍ତ୍ତନ ଘଟାଇ କଲ୍ୟାଣ ସାଧନ କରୁଅଛି ଏହା ସେହି ସମସ୍ତ ଚିନ୍ତାର ଆଧାର ଭଗବାନଙ୍କଠାରୁ ଆସେ । କୌଣସି ପବିତ୍ର ପ୍ରାଣରେ ପ୍ରଥମେ ତାହା ସ୍ଥାନ ପାଏ । ଏପରିକି କୌଣସି ଭାବ ଥରେ ମାନବ ସମାଜରେ ଅବତୀର୍ଣ୍ଣହେଲେ ସହଜରେ ଲୋପ ପାଏ ନାହିଁ । ହଠାତ୍ ତାହାର ତେତେ ସମ୍ପ୍ରସାରଣ ନ ହୋଇ ପାରେ, ଏମନ୍ତ କି ଏହା ମୂଳରେ ଅନେକ ବାଧା ପାଇପାରେ । କିନ୍ତୁ ଏହା ନଷ୍ଟ ହେବାର ନୁହେଁ । କ୍ଷୁଦ୍ର ବୀଜରୁ ବିଶାଳ ବଟବୃକ୍ଷ ପରି କାଳକ୍ରମେ ଏହି ଭାବକଣିକା ବିକାଶ ଲାଭ କରି ବିରାଟ ବୃକ୍ଷରେ ପରିଣତ ହେବ । ପୁଣି ଏହାର କାର୍ଯ୍ୟ ଶେଷହେଲେ ଏହା ଅନ୍ୟ ନୂତନ ଭାବରେ, ଅନ୍ୟ ନୂତନ କ୍ରିୟାରେ ପ୍ରକଟିତ ହେବ, ଏହିପରି ଭାବର କ୍ରମ ଏବଂ କ୍ରିୟାର କର୍ମ ମାନବ ସମାଜରେ ଚିରଦିନ ଘୂରିଛି ଏବଂ ମାନବ ସମାଜର ସଭ୍ୟତା କ୍ରମେ ଏକସ୍ତରରୁ ଅନ୍ୟ ସ୍ତରକୁ ଉଠୁଛି ।

ସମ୍ମିଳନୀର ନିନ୍ଦୁକ କେହି କେହି ଏହାକୁ ଜଣକର ସୁଆଙ୍ଗ ବୋଲି କଟାକ୍ଷ କରି ଆସୁଅଛନ୍ତି । ମାନବ ସମାଜର ପ୍ରତ୍ୟେକ ଉଚ୍ଚ ଅନୁଷ୍ଠାନ ବ୍ୟକ୍ତିବିଶେଷର ଚିନ୍ତା ଏବଂ କ୍ରିୟାର ଫଳ । ପୃଥିବୀରେ ଯେ ସମସ୍ତ ଧର୍ମ ବର୍ତ୍ତମାନ ପ୍ରଚଳିତ, ସେସବୁ କ'ଣ ଜଣେ ଜଣେ ସିଦ୍ଧ ମହାପୁରୁଷଙ୍କର ସୁଆଙ୍ଗ ନୁହେଁ ? ଭାବ ପ୍ରଥମେ ସେମାନଙ୍କ ପ୍ରାଣରେ ପ୍ରକାଶ ପାଇଅଛି । ତାହାର ପ୍ରସାର ଏବଂ ପରିଣତି ନିମନ୍ତେ ସେମାନେ ପାଗଳ ହୋଇପଡ଼ନ୍ତି । ବଞ୍ଚିତ ଏବଂ ଦଳିତ ହୋଇଅଛନ୍ତି; କିନ୍ତୁ ପରିଣାମରେ ସେମାନେହିଁ ଜୟୀ । ମାନବ ସମାଜ ସେହିମାନଙ୍କ ଭାବରେ ଦୀକ୍ଷିତ ଏବଂ ଭାବାନ୍ୱିତ । ଯେ ଯାହା କୁହନ୍ତୁ ଓଡ଼ିଆ ଜାତୀୟ ମିଳନର ଭାବ ପ୍ରଥମେ ଯାହାଙ୍କ ହୃଦୟରେ ସ୍ଥାନ ପାଇଥିଲା ଏବଂ ସେହି ଭାବକୁ କ୍ରିୟାରେ ପରିଣତ କରିବା ନିମନ୍ତେ ଯେ ଆମ୍ଭମାନଙ୍କର ଏ ଉତ୍କଳ ସମ୍ମିଳନୀ ସୂତ୍ରପାତ କରିଅଛନ୍ତି, ଓଡ଼ିଆ ଜାତିର ଇତିହାସ ଯେ ତାଙ୍କର ମହତ୍ତ୍ୱ ଚିରଦିନ ସ୍ୱୀକାର କରିବ, ଏହା ନିଃସନ୍ଦେହ । ଏହି ଅଳ୍ପସମୟ ମଧ୍ୟରେ ସମ୍ମିଳନୀ ଓଡ଼ିଆ ପ୍ରାଣରେ ଅଧିକାର ବିସ୍ତାର କରିଅଛି । ବର୍ତ୍ତମାନ ଜଳବିନ୍ଦୁ ପରି ଏହି ସମ୍ମିଳନୀର ଭାବ ଜାତିର ନିମ୍ନ ସ୍ତରକୁ କ୍ରମେ ପ୍ରବେଶ କରିବାର ସମୟ ଆସିଅଛି । ଏହା ସ୍ୱଚ୍ଛନ୍ଦଭାବେ ତଳକୁ ଗଡ଼ିଆସି ମଟି ଭେଦକରି ଦେଉଳର ମୂଳ ପତନରେ କିପରି ପହଞ୍ଚିବ ଏବଂ ତଦ୍ୱାରା ମୂଳଭିତ୍ତି କିପରି ଶକ୍ତ ଓ ସବଳ ହେବ, ଏହାହିଁ ଆମ୍ଭମାନଙ୍କର ଦେଖିବା ଏକାନ୍ତ ପ୍ରୟୋଜନ । ତଳକୁ ଗଡ଼ି ନଆସି ଉପରର କୌଣସି ପାଦରେ ଯଦି ବନ୍ଦ ହୋଇ ରହେ, ତେବେ ଫଳ କ'ଣ ହେବ ? ନୂଏତ ସେ ପାଦର କୌଣସି ଛିଦ୍ରରେ ବା ରନ୍ଧ୍ରରେ ପାଣି ଭେଦି ସମୟରେ ଦେଉଳକୁ ପଟାଇବ । ଏକ ପାଦ ସହିତ ଅନ୍ୟ ପାଦର ଯୋଡ଼ା ଠିକ୍ ଥିଲେ, ଏପରି ଅବଶ୍ୟ କଦାପି ଘଟିବ ନାହିଁ । ଏହା ଅବଶ୍ୟ ଓଡ଼ିଆମାନଙ୍କ ପକ୍ଷେ ପ୍ରଶଂସା ଏବଂ ସୌଭାଗ୍ୟର କଥା ଯେ ସମ୍ମିଳନୀର ଆଦ୍ୟରୁ ଏଥିପ୍ରତି ଦୃଷ୍ଟି ରଖାଯାଇଅଛି । ତେଣୁ ସମ୍ମିଳନୀର କାର୍ଯ୍ୟାବଳୀ ଜାତୀୟ ଭାଷାରେ ପରିଚାଳିତ । "ଭାବ ମିଳନ୍ତି ଦେବତାନ୍ତେ" ତଥା ସତ୍ୟ; ମାତ୍ର ମା'ଙ୍କର ପୂଜା ମା'ଙ୍କ ଭାଷାରେ ହେବା ସୁନ୍ଦର ଏବଂ ସୁସଙ୍ଗତ । ଓଡ଼ିଆ ଜନସାଧାରଣଙ୍କ ମଧ୍ୟରେ ସମ୍ମିଳନୀର ଭାବ ପ୍ରସାର ପ୍ରଥମରୁ ଉଦ୍ଦେଶ୍ୟ ରହିଅଛି । ଏହି ସମ୍ମିଳନୀରେ କୌଣସି କୌଣସି ଅଧିବେଶନରେ ପଲ୍ଲୀର ଜନସାଧାରଣ ଆସି ମଧ୍ୟ ଯୋଗ ଦେଇଅଛନ୍ତି । ମାତ୍ର ନିୟମ, ଯତ୍ନ ଏବଂ ଉଦ୍ୟମ ଅଭାବରୁ ସେମାନଙ୍କର ଏଥିସହିତ ଯେପରି ସଂଯୋଗ ରହିବା ଉଚିତ ତାହା ଏପର୍ଯ୍ୟନ୍ତ ହୋଇପାରିଲା ନାହିଁ ।

ଜାତିର ଜନସାଧାରଣ ଯେ ଜାତିର ଗଣ୍ଡି କ୍ରମେ ଏହା ଅଧିକରୁ ଅଧିକ ବୁଝାଯାଉଛି । ପାଶ୍ଚାତ୍ୟଦେଶରେ ,ଜନସାଧାରଣଙ୍କ ଶକ୍ତି ଅନ୍ୟାନ୍ୟ ସମସ୍ତ ଶକ୍ତିକୁ ଲୋପ କରି ସାରିଲାଣି । ଗଛରପତ୍ର ଉପରୁ ଆଲୋକ ପବନ ଆଦି ଗ୍ରହଣ କରେ । ମୂଳ ଚେର ପ୍ରଭୃତି ମାଟିରେ ଲୁଚି ରହିଥିଲେ ମଧ୍ୟ ମାଟିରୁ ରସ ଗ୍ରହଣ କରି ଗଛକୁ ସଜୀବ ଏବଂ ପରିପୁଷ୍ଟ ରଖେ । ଜାତୀୟ ବୃକ୍ଷର କ୍ରିୟା ମଧ୍ୟ ଏହିପରି । ଯେଉଁମାନେ ଉପରେ ଅଛନ୍ତି—ସେମାନେ ଚିନ୍ତାର ଆଲୋକରେ ଜାତୀୟ ବୃକ୍ଷକୁ ସତେଜ ରଖିବେ ସତ୍ୟ; ମାତ୍ର ତଳୁ ରସ ନ ପାଇଲେ ଗଛ ମରିଯିବ—ମୂଳ ନଥିଲେ ଡାଳପତ୍ର ଅସମ୍ଭବ । ମାତ୍ର ଡାଳପତ୍ର ନଥାଇ କେବଳ ମୂଳ ଥିଲେ ସମୟରେ ଗଛ ବଢ଼ି ତହିଁରୁ ଶାଖାପ୍ରଶାଖା ବାହାରିବ ଏବଂ ତାହା ସୁନ୍ଦର ଫଳ ଫୁଲରେ ଭୂଷିତ ହେବ । ମୂଳ ନ ଥିବା ଉଦ୍ଭିଦ ମଲାଙ୍ଗ ଅନ୍ୟ ଗଛ ଉପରେ ନିର୍ଭର କରି ଅନ୍ୟର ରସ ଖାଇ ବଞ୍ଚେ, ଏହାର ସ୍ୱାତନ୍ତ୍ର୍ୟ ନାହିଁ, ସେହିପରି ଜାତୀୟ ସ୍ୱାତନ୍ତ୍ର୍ୟ ରଖିବାକୁ ହେଲେ ଜାତିର ମୂଳ ଠିକ୍ ରଖିବାକୁ ହେବ । ଏହା ମାଟିତଳେ ଲୁଚି ରହିଛି ସତ୍ୟ, ମାତ୍ର ଏହାହିଁ ମୂଳଶକ୍ତି, ଏହାହିଁ ଜାତୀୟ ମନ୍ଦିରର ଭିତ୍ତି । ସେ ମୂଳ ଯେପରି ପୋକ ନ ଖାଏ ବା ସଢ଼ି ନ ଯାଏ, ସେ ବିଷୟରେ ସାବଧାନ ରହିବାକୁ ହେବ ।

ଆଜି ଆମମାନଙ୍କ ପଲ୍ଲିର ଜନସାଧାରଣଙ୍କର ଅବସ୍ଥା ଦେଖିଲେ ହୃଦୟ ଫାଟିଯାଏ । ଏହି ଅବସ୍ଥା ଅଧିକ ଦିନ ଚାଲିଲେ ଆମମାନଙ୍କ ଜାତିର କି ଦୁର୍ଗତିହେବ ଭାବି ହୃଦୟରେ କେବଳ ନିରାଶା ଆସେ । ଶ୍ରମଜୀବୀକୁଳକ୍ରମେ ଛାରଖାର ହେଉଛନ୍ତି; ଖାଦ୍ୟର ଅଭାବ, ଜଳର ଅଭାବ, ବସ୍ତ୍ରର ଅଭାବ, ଶିକ୍ଷା ନାହିଁ, ସ୍ୱାସ୍ଥ୍ୟ ନାହିଁ ଏବଂ ସାହସ ନାହିଁ । ଯେଉଁ ଜାତିର ପନ୍ଦରଅଣାଲୋକ ଏପରି ଯନ୍ତ୍ରଣାରେ ଜୀବନ କଟାଉଛନ୍ତି, ଅଭାବରେ ପେଷି ହୋଇ ହା' ହା'କାର ଓ ନିରାଶାରେ ନାନା ରୋଗ ବ୍ୟାଧିରେ ପ୍ରତିଦିନ ଶତ ଶତ ସହସ୍ର ସହସ୍ର ମରିଯାଉଛନ୍ତି; ଯେଉଁ ଜାତିରେ ଦୀନ ଦରିଦ୍ର ପ୍ରଜାକୁଳ ପଦବିଶେଷରେ ବିରାଡ଼ି କୁକୁରପରି କ୍ଷମତାଶାଳୀ ଲୋକଙ୍କ ଦୌରାତ୍ମ୍ୟ ଓ ନିଗ୍ରହ ଭୋଗି ପଡ଼ି ରହିଛନ୍ତି, ସେ ଜାତିର ମୂଳଭିତ୍ତି ଶକ୍ତ ଓ ସୁଦୃଢ଼ ହୋଇ ଆଉ କେତେଦିନ ରହିବ ? ମାତ୍ର ସେହିମାନଙ୍କ ପ୍ରାଣ ଉପରେ ପ୍ରତିଷ୍ଠିତ ନ ହେବାଯାଏ ଆମମାନଙ୍କର ଏହା ସମ୍ମିଳନୀ ନୁହେଁ । ନଗର, ଗ୍ରାମ, ପଡା, ପାଟଣା, ବିଲ, ହାଟ ବାଲି ରାଜପଥ ସର୍ବତ୍ର ଜାତୀୟତାର ଭାବ ସ୍ରୋତରେ ଭସାଇବାକୁ ହେବ ଏବଂ ଆମମାନଙ୍କର ଏହି ଜାତୀୟ ଆନ୍ଦୋଳନରେ ରାଜା, ପ୍ରଜା, ଜମିଦାର, ରୟତ, ମହାଜନ, ଖାତକ, ବ୍ରାହ୍ମଣ, ଚଣ୍ଡାଳ, ଉଚ୍ଚନୀଚ, ଧନୀ, ଦରିଦ୍ର,ବଡସାନ ପ୍ରଭୃତି ଭେଦ ଭାଙ୍ଗିବାକୁ ହେବ । ଜାତୀୟ କ୍ଷେତ୍ରରେ ଏହି ଅଭେଦ ନୀତି ଓଡ଼ିଆମାନେ ଦିନେ ବୁଝିଥିଲେ । ଦେଖ ଓଡ଼ିଶାର ମହାରାଜା ଶ୍ରୀ ଗଜପତି ଗୌଡେଶ୍ୱର ନବକୋଟୀ କର୍ଣ୍ଣାଟ ଉତ୍କଳ କଳେବର୍ଗେଶ୍ୱରମାନେ ମାହାରର କାର୍ଯ୍ୟ ପର୍ଯ୍ୟନ୍ତ କରୁଥିଲେ । ଜାତୀୟ କାର୍ଯ୍ୟରେ ମାହାର ମହାରାଜାଙ୍କ ମଧ୍ୟରେ ଭେଦ ରହିବା ଉଚିତ୍ ନୁହେଁ । ଓଡିଆମାନଙ୍କର ଏ ନୀତି ସମ୍ମିଳନୀର କାର୍ଯ୍ୟ ନିୟାମକ ନୀତି ହେବା ଉଚିତ୍ ।

ଏହି ଅଭେଦ ନୀତିରେ ଆମମାନଙ୍କର ଜାତୀୟତାର ମୂଳଭିତ୍ତି ସୁଦୃଢ଼ କରିବା ଲାଗି ବର୍ତ୍ତମାନ ଯତ୍ନ ଏବଂ ଅଧ୍ୟବସାୟ ଆବଶ୍ୟକ । ଜନସାଧାରଣଙ୍କର ଅବସ୍ଥା କିପରି ପରିବର୍ତ୍ତିତ ହେବ, ସେମାନେ ନିଜର ଅଧିକାର ବୁଝିବାକୁ କିପରି ସମର୍ଥ ହେବେ, ସେମାନଙ୍କର କର୍ତ୍ତବ୍ୟ ଜ୍ଞାନ କିପରି ଜନ୍ମିବ, ସେମାନଙ୍କର ପ୍ରାଣରେ କିପରି ଆଶା, ମୁଖରେ ଜ୍ୟୋତି, ଶରୀରରେ ବଳ ଓ ହୃଦୟରେ ବିଶ୍ୱାସ କିପରି ପ୍ରକାଶ ପାଇବ ଏଥିଲାଗି ଆମମାନଙ୍କର ଶକ୍ତି ନିୟୋଜିତ ହେବା ଉଚିତ୍ । ଅବଶ୍ୟ କୃଷି, ଶିଳ୍ପ, ସାହିତ୍ୟ ଶିକ୍ଷା, ବାଣିଜ୍ୟାଦି ସକଳ ଉନ୍ନତି ନ ହେଲେ ଏ ଅବସ୍ଥାର ପରିବର୍ତ୍ତନ ସମ୍ଭବପର ନୁହେଁ । ମାତ୍ର ବର୍ତ୍ତମାନ ଅବସ୍ଥାରେ ଏକାବେଳକେ ବହୁବିଧ ଉଦ୍ୟମ ଆମମାନଙ୍କ ପକ୍ଷେ ଅସାଧ୍ୟ । ପୁଣି ସମ୍ମିଳନୀର ଉଦ୍ୟମରେ କୌଣସିଠାରେ ଗୋଟାଏ କାରଖାନା ବସିଲେ କିମ୍ବା ଆଦର୍ଶ କୃଷିକ୍ଷେତ୍ର ଖୋଲାଗଲେ ଯଥେଷ୍ଟ ହେବ ନାହିଁ । ଜାତୀୟତା ଗଠନର ଏହା କାର୍ଯ୍ୟକ୍ରମ ନୁହେଁ । ଆମମାନଙ୍କର ପ୍ରଥମ କାର୍ଯ୍ୟ ଜାତୀୟ ହୃଦୟରେ ଭାବର ପରିବର୍ତ୍ତନ ଘଟାଇବା । ଭାବ ଆସିଲେ, ଆଶା ଏବଂ ଉତ୍ସାହରେ ପ୍ରାଣ ଜାଗ୍ରତ ହେଲେ ଲୋକେ ନିଜର କର୍ତ୍ତବ୍ୟ ବଳେ ବୁଝିବେ । ସେତେବେଳେ କୃଷକକୁ ଉପଦେଶ ଦେବା ପ୍ରୟୋଜନ ହେବ ନାହିଁ । ଜାତୀୟ କର୍ମ କ୍ଷେତ୍ରରେ ଭିନ୍ନ ଭିନ୍ନ ବିଭାଗ ଆପେ ଆପେ ଘଟିବ । ଏହିଭାବ ପରିବର୍ତ୍ତନର ଉପାୟ ଶିକ୍ଷା ।

ମୁଁ ଜାତୀୟ ଶିକ୍ଷାର କଥା କହୁଅଛି । ଏହା କେବଳ ସ୍କୁଲ କଲେଜର ଶିକ୍ଷା ନୁହେଁ । ଭିନ୍ନ ଭିନ୍ନ କ୍ଷେତ୍ରରେ ଭିନ୍ନ ଭିନ୍ନ ଉପାୟରେ ଏହା ବିସ୍ତାର କରାଯାଇପାରେ । ଜାତିର ଯେଉଁସବୁ ପ୍ରାଚୀନ ଅନୁଷ୍ଠାନ ଅଛି, ଧର୍ମ କର୍ମର ଯେ ନାନା କେନ୍ଦ୍ର ଅଛି, ସେ ସବୁ ସୂତ୍ରରେ ଜାତୀୟ ଶିକ୍ଷା ପ୍ରସ୍ତର କରାଯାଇପାରେ । ଆଜିକାଲି ଶିକ୍ଷାର ଉନ୍ନତି ନିମନ୍ତେ ଭାରତରେ ନାନାବିଧ ଉଦ୍ୟମ ଲାଗିଅଛି । କେଉଁଠାରେ ଶ୍ରମଜୀବୀମାନଙ୍କ ନିମନ୍ତେ ନୈଶ୍ୟ ବିଦ୍ୟାଳୟ ବସୁଅଛି । କେଉଁଠାରେ ଜାତୀୟ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠିତ ହେଉଅଛି; କେଉଁଠାରେ ବା ପୂର୍ବ ବ୍ରହ୍ମଚର୍ଯ୍ୟ ବିଧାନର ପୁନରୁଦ୍ଧାର କରାଯାଉଛି । ବୈଷୟିକ ଶିକ୍ଷା ନିମନ୍ତେ ଶିଳ୍ପାଗାର ପ୍ରଦର୍ଶନୀମାନ ମଧ୍ୟ ସ୍ଥାନେ ସ୍ଥାନେ ଫିଟୁଅଛି; କିନ୍ତୁ ଏ ସବୁରେ ଜାତୀୟ ଆକାଂକ୍ଷା ପୂର୍ଣ୍ଣ ହେଉନାହିଁ; ଜାତୀୟ ଅଭାବ ଦୂର ହେଉନାହିଁ । ଏ ଦେଶରେ ଗଭୀର ଅଜ୍ଞାନ ଅନ୍ଧକାର ଏବଂ ଜଡତା ଯେପରି ଲୋକ ସାଧାରଣଙ୍କୁ ଗ୍ରାସି ରହିଅଛି ସେଥିରେ ଶିକ୍ଷାର ପ୍ରସାର ଲାଗି ଆମମାନଙ୍କର ପ୍ରାଣାନ୍ତକ ଯତ୍ନ ଏବଂ ଅଧ୍ୟବସାୟ ମଧ୍ୟ ଯଥେଷ୍ଟ ନୁହେଁ । ଭାରତର ଉନ୍ନତତର ପ୍ରଦେଶରେ ଯେତେବେଳେ ଏହି ଅବସ୍ଥା, ସେତେବେଳେ ଓଡ଼ିଶାର ଅବସ୍ଥା ବା କଣ କହିବା ? କେହି କେହି କହିଥାଆନ୍ତି ଓଡ଼ିଶାରେ ଅକ୍ଷର ଚିହ୍ନିବା ଲୋକଙ୍କ ସଂଖ୍ୟା ଅନ୍ୟାନ୍ୟ ପ୍ରଦେଶ ତୁଳନାରେ ବେଶୀ । ଅନ୍ୟମାନଙ୍କ ନିକଟରେ ଆମମାନଙ୍କର ଜାତୀୟ ଗୌରବର ପରିଚୟ ଦେଲାବେଳେ କିମ୍ବା ସେହି ଗୌରବରେ ସରକାରଙ୍କଠାରୁ କିଛି ଅଧିକାର ଦାବୀ କରିବାବେଳେ ଏଭଳି କଥାର କିଛି ପ୍ରୟୋଜନ ଥାଇପାରେ । କିନ୍ତୁ ବାସ୍ତବରେ ଆମେମାନେ ଯାହା ଦେଖୁ ଦେଶରେ କୌଣସି କୌଣସି ପଲ୍ଲୀ ପ୍ରାନ୍ତରେ କ୍ରମାଗତ ଗ୍ରାମପରେ ଗ୍ରାମ ଅତିକ୍ରମ କରି ଚାଲି ଯାଉଥିଲେ । ଲୋକ ସାଧାରଣଙ୍କର ଦୁର୍ଗତି ଯେ ସବୁ ଆଖିରେ ପଡେ, ସେଥିରେ ଏଭଳି କଥା ସାନ୍ତ୍ୱନା ଦିଏ କି ? ପଲ୍ଲୀଗ୍ରାମରେ ସ୍ୱୈଚ୍ଛିକ ଦାରୀ ପଞ୍ଚାୟତର ସୃଷ୍ଟି ହେଲା । ଅଧିକାଂଶ ସ୍ଥାନରେ ଲୋକ ସାଧାରଣଙ୍କର ଶିକ୍ଷା ଅଭାବରୁ ତହିଁର କି ଫଳ ହୋଇଅଛି ତାହା ସମସ୍ତେ ଜାଣନ୍ତି । ସ୍ୱାସ୍ଥ୍ୟରକ୍ଷାର ସାମାନ୍ୟ ନିୟମ ମାନିଲେ ଲୋକେ କେତେ ରୋଗ, ବ୍ୟାଧି, ଯନ୍ତ୍ରଣା ମୁକ୍ତି ପାଆନ୍ତେ । ନିଜର ଅଧିକାର ଜାଣିପାରିଲେ କେତେ ଅତ୍ୟାଚାରରୁ ନିଷ୍କୃତି ଲଭନ୍ତେ ।

ଶିକ୍ଷା ଅଭାବରୁ ଏହିପରି ପଦେ ପଦେ ଲୋକ ସାଧାରଣଙ୍କୁ ଯେ କେତେ ବିପଦ ନିର୍ଯ୍ୟାତନା ଭୋଗିବାକୁ ପଡୁଅଛି, ତାହାର ଇୟତ୍ତା ନାହିଁ । ସରକାର ମଧ୍ୟ ଲୋକଶିକ୍ଷାର ପ୍ରୟୋଜନୀୟତା ଦିନୁଁଦିନ ଅଧିକ ହୃଦୟଙ୍ଗମ କରୁଅଛନ୍ତି । . ଶାସନର ଉଦାରତା ନିମନ୍ତେ ଶିକ୍ଷିତ ପ୍ରଜାମାନେ ତାଡ଼ନା କରିପାରନ୍ତି; ମାତ୍ର ଅଶିକ୍ଷିତ ପ୍ରଜାମାନେ ତହିଁର ଉନ୍ନତିର ଅନ୍ତରାୟ । ସେମାନଙ୍କଠାରୁ ହିଁ ଅଧିକ ବିପଦର ଆଶଙ୍କା । ଶିକ୍ଷାଲାଗି ଆର୍ଥିକ ସାହାଯ୍ୟ ସରକାର କ୍ରମେ ବଢ଼ାଉଥିବା ସୁଖର କଥା; ତଥାପି ଯେଉଁ ଗତିରେ କାର୍ଯ୍ୟ ଚାଲିଛି ସେଥିରେ ପ୍ରୟୋଜନ ପୂରଣ ହେବାକୁ କେତେ ସମୟ ଲାଗିବ । ସରକାରଙ୍କର କାର୍ଯ୍ୟରେ ଲୋକ ସାଧାରଣଙ୍କର ସହଯୋଗ ଦେଖାଯିବା ଆବଶ୍ୟକ । ସେଦିନ ବିଲାତର କୌଣସି ବକ୍ତୃତାରେ ଭାରତର ସେକ୍ରେଟାରୀ ମଣ୍ଟେଗୁ ସାହେବ କହିଥିଲେ—ଶିକ୍ଷା, ଶିଳ୍ପ, ବାଣିଜ୍ୟ ପ୍ରଭୃତି ଦିଗରେ ଭାରତୀୟମାନଙ୍କ ଶକ୍ତି ନିୟୋଜିତ ହେବା ଲାଗି ପ୍ରଶସ୍ତ କ୍ଷେତ୍ର ପଡ଼ି ରହିଛି ଏବଂ ଏଥିରେ ଉନ୍ନତି ଲାଭ କଲେ ଭାରତବାସୀ ଯେ ପୂର୍ଣ୍ଣାଙ୍ଗ ସ୍ୱାୟତ୍ତ ଶାସନର ଉପଯୋଗୀ ହେବେ ତହିଁରେ ସନ୍ଦେହ କଣ ?

ନିକଟରେ ଯେ ଶାସନ ସଂସ୍କାର ହେବ, ତାହାମଧ୍ୟ ଆମମାନଙ୍କ ନିମନ୍ତେ ଶିକ୍ଷାର କ୍ଷେତ୍ର । ଆମମାନଙ୍କର ଜନସାଧାରଣ ଏପର୍ଯ୍ୟନ୍ତ ଶାସନ

ସମ୍ପର୍କରେ ଆଦୌ ଆସିନାହାଁନ୍ତି । ଗଭର୍ଣ୍ଣମେଣ୍ଟ ହୁଅନ୍ତୁ ବା ଦେଶର ବିଶିଷ୍ଟ ନାୟକମାନେ ହୁଅନ୍ତୁ କୌଣସି କାର୍ଯ୍ୟ କଲାବେଳେ ଲୋକ ସାଧାରଣଙ୍କ ନାମରେ ଦୁହିଁ ଦେଇ କରିଥାଆନ୍ତି; କିନ୍ତୁ ସେ ଲୋକ ସାଧାରଣ ମୂକ । ଶାସନରେ କୌଣସି ସମ୍ପର୍କ ଅନୁଭବ କରନ୍ତି ନାହିଁ; ତେଣୁ ଇଂରେଜ ଶାସନ ଏତେ କାଳ ହେଲେ ସୁଦ୍ଧା ଏ ଦେଶରେ ତାହାର ଉଦ୍ଦେଶ୍ୟ ସାଧନ କରିପାରି ନାହିଁ । ଏ ଦେଶରେ ଏହି ଆପତ୍ତି ବାରମ୍ବାର ଉଠୁଅଛି । ଇଂରେଜ ଜାତି ମଧ୍ୟ ଏହା ବୁଝିଅଛନ୍ତି । ତେଣୁ ଆଜି ସଂସ୍କାର ପ୍ରବର୍ତ୍ତନ ପ୍ରୟୋଜନ । ଏହି ଶାସନ ସଂସ୍କାର ଉଦ୍ଦେଶ୍ୟ ସଫଳ କରିବାଲାଗି ଲୋକମାନଙ୍କୁ ଶିକ୍ଷିତ କରିବା ଦରକାର । ସେମାନେ ମନଦେଇ ଆପଣା ଆପଣାର ପ୍ରତିନିଧି ନିର୍ବାଚନ କରିବେ, ଶାସନର କାର୍ଯ୍ୟକଳାପକୁ ଲକ୍ଷିବେ; ସମାଲୋଚନା କରି ସେ ସମ୍ବନ୍ଧେ ନିଜର ମତ ଗଠନ କରିବେ ଏ ସବୁ ଗୁରୁତର କାର୍ଯ୍ୟ ନିମନ୍ତେ ସେମାନଙ୍କୁ ଉପଯୋଗୀ କରିବାକୁ ହେବ ।

ସଂସ୍କାର ପ୍ରବର୍ତ୍ତନ ପୂର୍ବରୁ ଗଭର୍ଣ୍ଣମେଣ୍ଟ ଏ ଦାୟିତ୍ୱ ବୁଝିବା ଉଚିତ୍ । ମାତ୍ର ସରକାରୀ ସାହାଯ୍ୟ ଯଥେଷ୍ଟ ହେଉନାହିଁ । ଲୋକେ ନିଜର ଶିକ୍ଷା ନିଜ ହାତରେ ନେବା ଆବଶ୍ୟକ ହୋଇଅଛି ।

ସୁଖର କଥା, ଓଡ଼ିଶାରେ ଶିକ୍ଷା ପ୍ରତି କ୍ରମେ ଲୋକଙ୍କର ଅନୁରାଗ ଦେଖାଯାଉଛି । ନାନାସ୍ଥାନରେ ବିଦ୍ୟାଳୟ ସ୍ଥାପନର ଉଦ୍ୟମ ହେଉଅଛି । ମାତ୍ର ଉପଯୁକ୍ତ ସହଯୋଗିତା, ସୁପରାମର୍ଶ ଏବଂ ସାହାଯ୍ୟ ବିନା ଅନେକ ଉଦ୍ୟମ ବିଫଳ ହେଉଅଛି, ଲୋକସାଧାରଣଙ୍କ ପକ୍ଷରୁ ଏହିପରି ସ୍ଥାନେ ସ୍ଥାନେ ଶିକ୍ଷାର ଉଦ୍ୟମ ହେଉଅଛି, ସେସବୁ ଏକ ସ୍ଥାୟୀ ସୁଗଠିତ ଓ ସୁପରିଚାଳିତ ସଂଘ ବା ସମିତି ଅନ୍ତର୍ଭୁକ୍ତ ହେଲେ ଅଧିକଫଳ ଲାଭର ଆଶା କରା ଯାଇପାରେ । ଏଥିଲାଗି ଆମେମାନେ ଏକ ବିଶ୍ୱଜନୀନ ଶିକ୍ଷାସଂଘ ( Universal Educational league ) କଳ୍ପନା କରିଅଛୁ । ସତ୍ୟବାଦୀ ସ୍କୁଲର ଛାପା ରିପୋର୍ଟରେ ଏ ସମ୍ବନ୍ଧରେ କେତେକ ଆଭାସ ଦିଆଯାଇଅଛି । ''ସଂହତି କାର୍ଯ୍ୟ ସାଧିକା''– ଜଣେ ବନ୍ଧୁ ଯତ୍ନକରି ଏକ ସ୍ଥାନରେ ଯାହା କରିବାକୁ ସମର୍ଥ ହେଉନାହାନ୍ତି, ସଂଘର ଉଦ୍ୟମରେ ତାହା ଅପେକ୍ଷାକୃତ ସହଜ ହେବ । ଏହି ସଂଘରେ ଏକ ଶ୍ରେଣୀର ସଭ୍ୟ ରହିବେ, ଯେଉଁମାନେ ଅର୍ଥସାହାଯ୍ୟ କରିବେ ଏବଂ କାର୍ଯ୍ୟ ପରିଚାଳନାରେ ତତ୍ତ୍ୱନେବେ । ଆଉ ଏକ ଶ୍ରେଣୀର ସଭ୍ୟ ରହିବେ ଯେଉଁମାନେ ସଂଘ ଅଧୀନସ୍ଥ ବିଦ୍ୟାଳୟରେ ଅନ୍ତତଃ କୋଡ଼ିଏବର୍ଷ ଶିକ୍ଷା କାର୍ଯ୍ୟ କରିବେ । ସକଳପ୍ରକାର ଶିକ୍ଷାର ବ୍ୟବସ୍ଥା ରହିବ ଏବଂ ସକଳ ଶ୍ରେଣୀର ଲୋକଙ୍କୁ ସମାନ ସୁଯୋଗ ଓ ଅଧିକାର ଦିଆଯିବ । ପ୍ରତିଭାଶାଳୀ ଛାତ୍ରମାନଙ୍କୁ ବିଦେଶରେ ଶିକ୍ଷା ଦେବାର ବ୍ୟବସ୍ଥା ମଧ୍ୟ ଏଥିରେ ରହିବ । ଏହି ସଂଘ ଅଧୀନରେ କାର୍ଯ୍ୟ ପରିଚାଳନା ନିମନ୍ତେ କାର୍ଯ୍ୟନିର୍ବାହିକା ସମିତି ଆଦି ରହିବ । ସଂଘ ଗଠନ ସ୍ଥିରହେଲେ ବିସ୍ତାରିତ ନିୟମ ଓ କ୍ରିୟାପ୍ରଣାଳୀ ପରେ ସ୍ଥିର ହୋଇପାରିବ । ଏହି କଳ୍ପିତ ଶିକ୍ଷା ସଂଘ କାର୍ଯ୍ୟରେ ପରିଣତ ହେଲେ ସତ୍ୟବାଦୀ ବିଦ୍ୟାଳୟକୁ ସର୍ବପ୍ରଥମେ ଏହା ଅଧୀନରେ ଦେବା ନିମନ୍ତେ ଆମେମାନେ ପ୍ରସ୍ତୁତ ଅଛୁ ।

ସମ୍ମିଳନୀ ଆଜି ପର୍ଯ୍ୟନ୍ତ ଯଦି କିଛି କାର୍ଯ୍ୟ କରି ନ ଥାଏ, ତାହାର କାରଣ ଏହି ଯେ, ବ୍ୟାପକଭାବେ ଆମମାନଙ୍କର କୌଣସି କାର୍ଯ୍ୟ ନିର୍ଦ୍ଦିଷ୍ଟ ପ୍ରସ୍ତୁତ ହୋଇନାହିଁ । ସ୍ତ୍ରୀ ଶିକ୍ଷା ହେଉ, ଜାତୀୟ ବିଦ୍ୟାଳୟ ହେଉ, କପାଚାଷ ହେଉ, ଏହିପରି ଦେଖିବାକୁ ନ ଲାଗିଲାଭଳି କେବଳ କେତେଗୁଡ଼ିଏ ପ୍ରସ୍ତାବରେ ଆମମାନଙ୍କର ଉଦ୍ୟମ ଶେଷହେଲେ କାର୍ଯ୍ୟ ହେବ ନାହିଁ । ଏଣିକି ଶୃଙ୍ଖଳାବଦ୍ଧ ଭାବରେ କୌଣସି ସୁନିଶ୍ଚିତକାର୍ଯ୍ୟର ପନ୍ଥା ସ୍ଥିରିବା ଉଚିତ । ଶିକ୍ଷାର ଅତୀବ ପ୍ରୟୋଜନୀୟତା ଦୃଷ୍ଟିରୁ ସମ୍ମିଳନୀ ଏ ବିଶ୍ୱଜନୀନ ଶିକ୍ଷାସଂଘ ଗଠନ କରି ତାହା ଉପରେ ଶିକ୍ଷା ଭାରଦେବା ଅସଙ୍ଗତ ହେବ ନାହିଁ । ନିଷ୍ଠା ଏବଂ ଦୃଢ଼ତାର ସହିତ କାର୍ଯ୍ୟ ହେଲେ ମୋର ବିଶ୍ୱାସ ଯେ, କାର୍ଯ୍ୟ କରିବା ଲାଗି ତ୍ୟାଗକର୍ମୀ ଓ ଶିକ୍ଷିତ ଲୋକଙ୍କର ଅଭାବ ହେବ ନାହିଁ କିମ୍ବା ଅର୍ଥାଭାବ ଏ କାର୍ଯ୍ୟ ପଥରେ ବାଧା ଦେବ ନାହିଁ ।

ପଲ୍ଲୀର ଭାଗବତ ଘର ଆମମାନଙ୍କର ଜାତୀୟ ଶିକ୍ଷାର ଅନ୍ୟ ଏକ କ୍ଷେତ୍ର । ସରକାର ପ୍ରାଥମିକ ଶିକ୍ଷା ବଢ଼ାଇଥିଲେ ସୁଦ୍ଧା ଓଡ଼ିଶାର ଅକ୍ଷର ଚିହ୍ନା ଲୋକଙ୍କ ସଂଖ୍ୟା ଗଲା ସେନ୍‌ସସ ପୂର୍ବେ ଯାହା ଥିଲା, ଗଲା ସେନସସରେ ତହିଁରୁ ଲୋକସଂଖ୍ୟା ଅନୁପାତରେ ଊଣା ହୋଇଅଛି । ଏହାର କାରଣ କଣ ? ଇତିପୂର୍ବେ ଚାଟଶାଳୀମାନଙ୍କରେ ଯେ ଶିକ୍ଷା ଦିଆଯାଉଥିଲା ଲୋକେ ସେଥିରେ ଚିରଅଭ୍ୟସ୍ତ ହୋଇଥିଲେ । ଓଡ଼ିଆ ଜନସାଧାରଣଙ୍କର ଧର୍ମରେ ବିଶେଷ ଆସ୍ଥା ଥିଲା । ଓଡ଼ିଆ ଭାଗବତ ଓ ଅନ୍ୟାନ୍ୟ ପୁରାଣର ବହୁଳ ପ୍ରଚାର ଥିଲା । ପୁଅର ବର୍ଣ୍ଣ ପରିଚୟ କରାଇ ଭାଗବତ ପଢ଼ିବାଲାଗି ତାକୁ ସମର୍ଥ କରାଇବାକୁ ପ୍ରତ୍ୟେକ ପିତା ଆପଣାର କର୍ତ୍ତବ୍ୟ ମଣୁଥିଲେ । ଏମନ୍ତ କି ଉପେକ୍ଷିତ ଅସ୍ପୃଶ୍ୟବର୍ଣ୍ଣମାନେ କେବଳ ଏହି ଉଦ୍ଦେଶ୍ୟରେ ପିଲାମାନଙ୍କୁ ପାଠ ପଢ଼ାଉଥିଲେ । ବାଉରି କଣ୍ଡରାସାହିରେ ତୁଳସୀ ଗଛମୂଳରେ ଭାଗବତ ବୋଲୁଥିଲେ । ବର୍ତ୍ତମାନ ସୁଦ୍ଧା ଏହା କ୍ୱଚିତ ସ୍ଥାନେ ସ୍ଥାନେ ଦେଖାଯାଏ । ଜୀବନ ଶେଷମୁହୂର୍ତ୍ତରେ ପୁଅ ମୁହଁରୁ ଭାଗବତ ଶୁଣି ପାରିଲେ ଓଡ଼ିଆ କୃଷକ ପରମ ଶାନ୍ତି ଲାଭ କରୁଥିଲା । ଗ୍ରାମେ ଗ୍ରାମେ ଘରେ ଘରେ ଭାଗବତ ପୁସ୍ତକ ପାଠ ଓ ପୂଜାହେଉଥିଲା । ପାଠପଢ଼ି ଚାକିରୀକରିବା ଉଦ୍ଦେଶ୍ୟରେ ସାଧାରଣ ଓଡ଼ିଆ ପୁଅ ପୁରୁଣାକୁ ପଢ଼ାଉ ନ ଥିଲେ, ପଢ଼ାଉଥିଲେ କେବଳ ଭାଗବତ ଶୁଣିବାପାଇଁ । ଆଧୁନିକ ସଭ୍ୟତାର ଶିକ୍ଷା ପ୍ରଣାଳୀରେ ଏ ଧର୍ମଭାବର କୌଣସି ସ୍ଥାନ ନାହିଁ । ପ୍ରାଥମିକ ବିଦ୍ୟାଳୟମାନଙ୍କରେ ଭାଗବତ ଆଉ ପଢ଼ା ହୁଏନାହିଁ । ଏଥିଲାଗି ଅନେକେ ପିଲାଙ୍କୁ ସ୍କୁଲରେ ପାଠ ପଢ଼େଇବାକୁ ନାରାଜ । ଆଗେ ଗ୍ରାମରେ ସ୍କୁଲ ଥିଲେ ସୁଦ୍ଧା ସେଠାରେ ପୁଅକୁ ନ ପଢ଼ାଇ ଅନେକ ସ୍ୱତନ୍ତ୍ର ଅବଧାନ ରଖି ପଢ଼ାଉଥିଲେ । ମାତ୍ର ଆଜିକାଲି କ୍ରମେ ଧର୍ମଭାବ କମି ଯାଉଛି । ଭାଗବତ ପ୍ରତି ପୂର୍ବପରି ତେତେ ଆଦର ନାହିଁ । ଗ୍ରାମରେ ଯେଉଁ ସ୍ଥାନ ପୂର୍ବେ ଭାଗବତ ଧ୍ୱନିରେ ମୁଖରିତ ହେଉଥିଲା, ଆଜି କଳହ ବିବାଦ ମାମଲା ମୋକଦ୍ଦମାରେ ସେ ସ୍ଥାନ ଗରମ ।

ସୁତରାଂ ଭାଗବତ ପାଠଲାଗି ଶିଶୁ ସନ୍ତାନମାନଙ୍କୁ ଚାଟଶାଳୀରେ ଲୋକେ ଆଗେ ଯେପରି ପ୍ରାଥମିକ ଶିକ୍ଷା ଦେଉଥିଲେ, ଏବେ ଆଉ ସେପରି ଦେଖାଯାଏ ନାହିଁ । ପୁଣି ବର୍ତ୍ତମାନ ସମୟର ନୂତନ ଶିକ୍ଷାରେ ପ୍ରବର୍ତ୍ତିବା ଲାଗି ସେମାନେ ଶ୍ରେୟ ବା ସ୍ୱାର୍ଥ ତେତେ ଅନୁଭବ କରିନାହାନ୍ତି । ଏ ଅବସ୍ଥାରେ ସାକ୍ଷର ଲୋକଙ୍କ ସଂଖ୍ୟା କମିବା ବିଚିତ୍ର ନୁହେଁ ।

ଏ ପ୍ରଦେଶରେ ସରକାର ବାଧ୍ୟତାମୂଳକ ଶିକ୍ଷା ଆଇନ ଜାରି କରି ଅଛନ୍ତି । ଏ ଆଇନ୍ ଉପସ୍ଥିତ କେବଳ ମ୍ୟୁନିସିପାଲିଟି ଏବଂ ମୋଫସଲରେ କୌଣସି ନିର୍ଦ୍ଦିଷ୍ଟ ସ୍ଥାନ ପ୍ରତି ଖଟିବ । ଏହା ନ ହୋଇ ସମସ୍ତ ପ୍ରଦେଶ ପ୍ରତି ଖଟିଲେ ସୁଦ୍ଧା ସେଥିରେ ବିଶେଷ କୌଣସି ଲାଭର ଆଶା ନାହିଁ । ସରକାର ଯାହା ଟଙ୍କା ଦେବାର ତାହାହିଁ ଦେବେ । ତାଙ୍କର ଯେ ନିୟମରେ ଯେ ବ୍ୟୟରେ ଶିକ୍ଷା ଦିଆଯାଉଅଛି, ଠିକ୍ ସେହି ପରି ଦିଆଯିବ । ବାଧ୍ୟହୋଇ ଅଧିକ ଲୋକ ପଢ଼ିଲେ ଯେ ଅଧିକ ବ୍ୟୟ ଲାଗିବ ତାହା ଜିଲାବୋର୍ଡ ବା ମ୍ୟୁନିସିପାଲିଟି ଦେଇ ପାରିବେତ ଉତ୍ତମ, ନ ହେଲେ ଲୋକଙ୍କ ଉପରେ ଟିକସ ବସିବ । ଏ ବିଧାନରେ ନୂତନ ଆଇନ କୌଣସିଠାରେ କେବେ କାର୍ଯ୍ୟକାରୀ ହେବ କି ନାହିଁ ସନ୍ଦେହ । କୌଣସି ଉଦ୍ଦେଶ୍ୟ ନଥିଲେ କିମ୍ବା କୌଣସି ଶ୍ରେୟ ସ୍ୱାର୍ଥ ଅନୁଭବ ନକଲେ କେହି କୌଣସି କାର୍ଯ୍ୟରେ ପ୍ରବୃତ୍ତ ହୁଏନାହିଁ । ବର୍ତ୍ତମାନ ଦେଶର ପ୍ରାୟ ସମସ୍ତେ ବୁଝୁଛନ୍ତି ଯେ, ପାଠ ପଢ଼ାଯାଏ କେବଳ ଚାକିରୀ ଲାଗି । ପୁଣି ଚାକିରୀ ଉପଯୋଗୀ ପାଠ ଏତେ ବ୍ୟୟସାଧ୍ୟ ଯେ, ସାଧାରଣ ପଲ୍ଲୀ କୃଷକ ସେ ବିଷୟରେ ଏକାବେଳକେ ଆଶା ଛାଡ଼ି ଦେଇ ଅଛନ୍ତି । ଏଣେ ଚାକିରୀ ଆଶାନାହିଁ କି ଧର୍ମର ପ୍ରେରଣା ନାହିଁ । ସୁତରାଂ ପ୍ରାଥମିକ ବିଦ୍ୟାଳୟରେ ବାଧ୍ୟହୋଇ ସେ କାହିଁକି ପିଲାଙ୍କୁ ପଢ଼ାଇବ ? ଏପରି ଅବସ୍ଥାରେ ବାଧ୍ୟତାମୂଳକ ଶିକ୍ଷା ଆଇନ ଦ୍ୱାରା ଆମମାନଙ୍କର ବିଶେଷ କୌଣସି ଲାଭନାହିଁ । ସରକାରଙ୍କ ନିୟମରେ ଯାହା ହେଉଛି ହେଉ; ମାତ୍ର ଜନସାଧାରଣଙ୍କୁ ସାକ୍ଷର କରାଇବା ଲାଗି ଆମମାନଙ୍କର

ପ୍ରଚୁର ଆୟୋଜନ କରିବାକୁ ହେବ । ଏଥିଲାଗି ଗ୍ରାମ ଭାଗବତ ଘରର ସଂସ୍କାର ପ୍ରୟୋଜନ ।

ଭାଗବତ ଘର ଓଡ଼ିଶା ଗ୍ରାମୀୟ ଜୀବନର ଏକ ବିଶେଷତ୍ୱ । ପୂର୍ବେ ଭାଗବତ ଘର ନ ଥିବା ଗ୍ରାମ ପ୍ରାୟ ନ ଥିଲା । ଆଜିକାଲି ଅନେକ ଗ୍ରାମରେ ଭାଗବତ ଘର ମଧ୍ୟ ଅଛି । ଭାଗବତ ଗାଦି ପୂଜା ପାଉଛନ୍ତି । କେହି ଶୁଣନ୍ତୁ ବା ନ ଶୁଣନ୍ତୁ ସେଠାରେ ପ୍ରତି ସଂଧ୍ୟାରେ ଅଧ୍ୟାଏ ଗୀତ ହେଉଅଛି । ଜନସାଧାରଣଙ୍କର ଏଥିରୁ ଏକାବେଳେ ଆସ୍ଥା ଏବଂ ବିଶ୍ୱାସ ତୁଟିନାହିଁ । ଭାଗବତ ଓଡ଼ିଆ ହୃଦୟରେ କି ଅପ୍ରତିହତ ପ୍ରଭାବ ବିସ୍ତାର କରି ଆସିଅଛି, ଭାବିଲେ ଆଶ୍ଚର୍ଯ୍ୟ ଲାଗେ । ଓଡ଼ିଶା ଆଜି ଖଣ୍ଡବିଖଣ୍ଡିତ ହୋଇ ପଡ଼ିଅଛି; କିନ୍ତୁ ଜଗନ୍ନାଥ ଦାସଙ୍କର ମଧୁମୟ ପ୍ରାଣସ୍ପର୍ଶୀ ଭାଗବତ ପଦାବଳୀ ଓଡ଼ିଆ ପିଣ୍ଡର ଏକତା, ଓଡ଼ିଆ ଭାବର ପୂର୍ଣ୍ଣତା ଅକ୍ଷୁର୍ଣ୍ଣ ରଖିଅଛି । "କହଇ ଜଗନ୍ନାଥ ଦାସ" ଏହି ଦୁହା ମହେନ୍ଦ୍ରଗିରିଠାରୁ ରୂପନାରାୟଣ କୂଳ ପର୍ଯ୍ୟନ୍ତ ବିଶାଳ ଭୂଭାଗରେ ସର୍ବତ୍ର ଧ୍ୱନିତ ହେଉଅଛି । ମେଦିନାପୁରର ଓଡ଼ିଆମାନେ ଶାସନ ପ୍ରଭାବରୁ ମାତୃଭାଷା ଭୁଲିଯାଉଅଛନ୍ତି; କିନ୍ତୁ ଓଡ଼ିଆ ଭାଗବତ ବଙ୍ଗଳା ଅକ୍ଷରରେ ଛପା ହୋଇ ସେଠାରେ ପଠିତ ହେଉଅଛି । ମଧ୍ୟପ୍ରଦେଶର ଓଡ଼ିଆ ବାଧ୍ୟହୋଇ ହିନ୍ଦୀ ପଢ଼ୁଅଛି; ମାତ୍ର ଭାଗବତ ଛାଡ଼ିନାହିଁ । ଏହିପରି ଯେଉଁଠାରେ ଓଡ଼ିଆ ସେଠାରେ ଭାଗବତ ଧ୍ୱନି । ଭାଗବତ ଓଡ଼ିଆ ଜନସାଧାରଣଙ୍କର ଦେବତା । ଏହାହିଁ କେବଳ ଓଡ଼ିଆର ଜାତୀୟତା ରଖିଅଛି ବୋଇଲେ ଅତ୍ୟୁକ୍ତି ହେବନାହିଁ ।

ଏହି ଭାଗବତ ଆମମାନଙ୍କର ଜାତୀୟ ଉନ୍ନତି ବିଧାନରେ ପ୍ରଧାନ ଅବଲମ୍ବନ ହେବା ଉଚିତ । ଗ୍ରାମମାନଙ୍କରେ ଯେସବୁ ଭାଗବତ ମନ୍ଦିର ବର୍ତ୍ତମାନ ଅଛି, ତହିଁର ସଂସ୍କାର ହେଉ । ଯେଉଁଠାରେ ନାହିଁ ସେଠାରେ ନୂତନ ସ୍ଥାପିତ ହେଉ । ଭାଗବତ ପ୍ରତି ଲୋକସାଧାରଣଙ୍କର ଯେପରି ଭକ୍ତି ସେଥିରେ ଏ ଉଦ୍ୟମ ଅନାୟାସରେ କୃତକାର୍ଯ୍ୟ ହେବାର ସମ୍ଭାବନା । ଭାଗବତ ଘରକୁ ଗ୍ରାମଜୀବନର କେନ୍ଦ୍ରଭୂମି କରିବାକୁ ହେବ । ଧର୍ମଚର୍ଚ୍ଚା ସଙ୍ଗେ ସଙ୍ଗେ ଏହା ଗ୍ରାମର ପରାମର୍ଶ ସ୍ଥାନ ହେବ । ଗ୍ରାମ ବିବାଦ ଏହିଠାରେ ମେଣ୍ଟିବ । ଗ୍ରାମର ହିତାହିତ ଚର୍ଚ୍ଚା, କୃଷି ଶିଳ୍ପର ଉନ୍ନତି, ଅନ୍ୟାନ୍ୟ ସାମାଜିକ ଭଲମନ୍ଦ, କଥା ଏହିଠାରେ ପଡ଼ିବ । ଫଳରେ ଗ୍ରାମର ଲୋକସାଧାରଣଙ୍କର ସକଳ ବିଷୟରେ ଏହା ଶିକ୍ଷା ସ୍ଥାନ ହେବ । ମୁଁ ଭାଗବତ ଘର କଥା କହିଲାବେଳେ ଓଡ଼ିଶାର କେବଳ ହିନ୍ଦୁ ଗ୍ରାମର କଥା କହୁନାହିଁ । ମୁସଲମାନ ଗ୍ରାମର ମସଜିଦ୍, ଖ୍ରୀଷ୍ଟାନ ଗ୍ରାମର ଗିର୍ଜ୍ଜା ମଧ୍ୟ ଭାଗବତ ଘର । ଯେଉଁଠାରେ ଭଗବାନଙ୍କର ପ୍ରାର୍ଥନା ହୁଏ ତାହାହିଁ ଭାଗବତ ମନ୍ଦିର । ମୋର ବିଶ୍ୱାସ ଯେ, ଭାଗବତ ବିସ୍ତାର ନିମନ୍ତେ ଉପଯୁକ୍ତ ଉଦ୍ୟମ ହେଲେ ଅନେକ ବୟସ୍କ ଲୋକ ମଧ୍ୟ ଭାଗବତ ପଢ଼ିବା ଲାଗି ବର୍ଣ୍ଣ ପରିଚୟ କରିବାକୁ ପ୍ରୟାସୀ ହେବେ । ଭାଗବତ ଘର ସଂଲଗ୍ନରେ ସେଥିଲାଗି ନୈଶ୍ୟ ବିଦ୍ୟାଳୟ ଖୋଲିବାକୁ ହେବ । ନାନା ଧର୍ମ ଓ ବର୍ଣ୍ଣ ଲୋକମାନଙ୍କର ସମ୍ମିଳନୀ ବୋଲି ଏଥିରେ କୌଣସି ଧର୍ମର ଆଲୋଚନା ହୁଏ ନାହିଁ । ଏ ନୀତି ସୁସଙ୍ଗତ । ମାତ୍ର ମୋ ମତରେ ତାହା କେବଳ ଏହି ସମ୍ମିଳନୀ ମଣ୍ଡପରେ ପରିପାଳନୀୟ । ଦେଶର ଜନସାଧାରଣଙ୍କ ମଧ୍ୟରେ ସେମାନଙ୍କ ନିଜ ନିଜଧର୍ମର ଚର୍ଚ୍ଚା ସର୍ବଥା ବାଞ୍ଛନୀୟ । ବୈଦିକ, ବୌଦ୍ଧଧର୍ମରୁ ଆରମ୍ଭ କରି ଭୀମଭୋଇଙ୍କ ମହିମା ଧର୍ମ ପର୍ଯ୍ୟନ୍ତ ଅସଂଖ୍ୟ ଶାଖା ସଂପ୍ରଦାୟଙ୍କର ଓଡ଼ିଶାରେ ସ୍ଥାନ ରହିଅଛି । ଅଥଚ ଓଡ଼ିଶାର ଇତିହାସରେ କେବେହେଲେ ଧର୍ମ ବିପ୍ଳବ ଘଟିନାହିଁ । ସାମ୍ୟବାଦ ଓଡ଼ିଶାର ଜାତୀୟ ନୀତି । ପରସ୍ପର ପ୍ରତି ସମ୍ମାନ, ସହାନୁଭୂତି, ଆସ୍ଥା ଏବଂ ଅନୁରାଗ ରଖି ଭିନ୍ନ ଭିନ୍ନ ଧର୍ମବଲମ୍ବୀ ଓଡ଼ିଆମାନେ ନିଜ ନିଜର ଧର୍ମ ଆଲୋଚନା କରନ୍ତୁ ଏବଂ ଅନ୍ୟ କୌଣସି କାରଣରୁ ନହେଲେ କେବଳ ସେହି ଉଦ୍ଦେଶ୍ୟରେ ଶିକ୍ଷିତ ହୁଅନ୍ତୁ ଏହା ମୋର ଏକାନ୍ତ କାମନା । ମୋର ବିଶ୍ୱାସ ଧର୍ମବଳରେ ବଳୀୟାନ ନହେଲେ ଆମମାନଙ୍କର ଦେଶାନୁରାଗ ବା ଜାତୀୟତାର କୌଣସି ଭିତ୍ତିନାହିଁ । ବସ୍ତୁତଃ ଜାତୀୟତା ହିଁ ଆମମାନଙ୍କର ଧର୍ମ । ଈଶ୍ୱର ଆମର ଜାତି ରୂପରେ ଆମ ନିକଟରେ ଉପସ୍ଥିତ । ନରନାରାୟଣଙ୍କ ରୂପଛଡ଼ା ତାଙ୍କ କୌଣସି ପ୍ରକାର ତାଙ୍କର ଧାରଣା ଆମମାନଙ୍କ ପକ୍ଷେ ଅସମ୍ଭବ ।

ପଲ୍ଲୀର ପ୍ରତ୍ୟେକ ଭାଗବତ ଘରକୁ ଅନ୍ତତଃ ଖଣ୍ଡିଏ ଲେଖାଏ ଓଡ଼ିଆ ସାପ୍ତାହିକ ପତ୍ରିକା ଯିବା ଆବଶ୍ୟକ । ସୁଲଭ ସମ୍ବାଦପତ୍ର ଲୋକଶିକ୍ଷାରେ ପ୍ରଭୁତ ସାହାଯ୍ୟ କରେ । ଇତିପୂର୍ବେ ଲୋକବୋଧ୍ୟ ଭାଷାରେ ସମ୍ମିଳନୀ ପକ୍ଷରୁ ଖଣ୍ଡିଏ ପତ୍ର ବାହାରିବାର ପ୍ରସ୍ତାବ ବହୁବାର ହୋଇଅଛି । ମାତ୍ର ଏହାର ମଧ୍ୟ ଅନ୍ୟାନ୍ୟ ପ୍ରସ୍ତାବର ଦଶା ଘଟିଅଛି । ସ୍ୱାସ୍ଥ୍ୟ, ଶିକ୍ଷା, ସମବାୟ ସମିତି, କୃଷି, ଶିଳ୍ପ ଗ୍ରାମ୍ୟପଞ୍ଚାୟତ ପ୍ରଭୃତି ପଲ୍ଲୀବାସୀର ଶିକ୍ଷଣୀୟ ବିଷୟମାନ ଏ ପତ୍ରିକାରେ ପ୍ରଧାନ ଆଲୋଚ୍ୟ ବିଷୟ ହେବା ଆବଶ୍ୟକ ଏବଂ ଏଥିସଙ୍ଗେ ବାହ୍ୟଜଗତର ଖବର ମଧ୍ୟଥିବ । ଯେଉଁଦିନୁ ଏ ପ୍ରସ୍ତାବ ସମ୍ମିଳନୀରେ ଆଗତ ହେଲାଣି, କାର୍ଯ୍ୟରେ ପରିଣତ ହୋଇଥିଲେ ଆଜି ଆମମାନଙ୍କର ଲୋକସାଧାରଣଙ୍କ ଅବସ୍ଥା ଅନେକ ପରିବର୍ତ୍ତିତ ହୋଇଥାଆନ୍ତା ଏବଂ ସମ୍ମିଳନୀ ଲୋକରେ ବହୁଳ ପ୍ରଚାର ହୋଇ ଆମମାନଙ୍କ ଜାତୀୟ ଜୀବନର ଶକ୍ତି ବଢ଼ାଇ ଥାଆନ୍ତା । ଅନ୍ୟାନ୍ୟ ଦେଶରେ ଏ ଶ୍ରେଣୀର ସୁଲଭପତ୍ରିକା ଅଭାବନୀୟ ଫଳ ଘଟାଇଛି । ଲୋକସାଧାରଣଙ୍କ ମତ ଗଠନ ଏବଂ ସେହି ମତରେ ଅଭିବ୍ୟକ୍ତି ନିମନ୍ତେ ଏଭଳି ସୁଲଭ ପତ୍ରିକା ଏକ ଉତ୍କୃଷ୍ଟ ଉପାୟ ।

ସୁଲଭ ପତ୍ରିକା ପ୍ରଚାରକାର୍ଯ୍ୟ କରିବ । ତଥାପି ତାହାଛଡ଼ା ସ୍ୱତନ୍ତ୍ର ପ୍ରଚାରକ ମଧ୍ୟ ଜାତୀୟ ଶିକ୍ଷା ନିମନ୍ତେ ଆବଶ୍ୟକ । ସେ ଗ୍ରାମେ ଗ୍ରାମେ ଲୋକମାନଙ୍କର ପ୍ରୟୋଜନୀୟ ନିୟମର ଉପଦେଶ ଦେବେ । ଭାଗବତ ମନ୍ଦିର ସଂସ୍କାର କରାଇବେ; ସୁଲଭ ପତ୍ରିକା ପ୍ରଚାରରେ ସାହାଯ୍ୟ କରିବେ, ଗ୍ରାମ୍ୟ ବିଦ୍ୟାଳୟର ଉନ୍ନତି ନିମନ୍ତେ ଲୋକମାନଙ୍କୁ ଉତ୍ସାହିତ କରିବେ । ସ୍ଥଳବିଶେଷରେ ବିଦ୍ୟାଳୟ ସ୍ଥାପନ କରାଇବେ । ସମବାୟ ସମିତିର ଉପକାରିତା ବୁଝାଇ ତହିଁର ସ୍ଥାପନରେ ସାହାଯ୍ୟ ଦେବେ । ପ୍ରଚାର କାର୍ଯ୍ୟର ଆବଶ୍ୟକତା ସମସ୍ତେ ମୁକ୍ତରୁ ସ୍ୱୀକାର କରିଅଛନ୍ତି । ଏହି କାର୍ଯ୍ୟ ମଧ୍ୟ କେତେକ ପରିମାଣରେ କରାଯାଉଛି । ମାତ୍ର ଜଣେ ଦୁଇଜଣଙ୍କର ଦୁଇଚାରିବର୍ଷର ଏହା କାର୍ଯ୍ୟ ନୁହେଁ । ଜଗନ୍ନାଥଙ୍କ ପଣ୍ଡାମାନେ ବର୍ଷକୁବର୍ଷ ଭାରତର ନଗରେ ନଗରେ ଗ୍ରାମେ ଗ୍ରାମେ ବୁଲିଲାପରି ସମ୍ମିଳନୀର ପ୍ରଚାରକମାନଙ୍କୁ କ୍ରମାଗତ ଦେଶର ଜନସାଧାରଣଙ୍କ ମଧ୍ୟରେ ବୁଲି କାର୍ଯ୍ୟ କରିବାକୁ ହେବ । ଅର୍ଥର ଅଭାବ ଏବଂ ଉପଯୁକ୍ତ ଲୋକର ଅଭାବ ହେତୁ ଏ ପ୍ରଚାର କାର୍ଯ୍ୟ ନିରବଚ୍ଛିନ୍ନଭାବରେ ଚଳି ପାରିନାହିଁ । ଏଣିକି ଜିଲା ସମିତିମାନ ନିୟମିତ ରୂପେ ଗଠିତ ହୋଇ କାର୍ଯ୍ୟ କରିବା ଆଶା କରାଯାଏ । ପ୍ରତ୍ୟେକ ଜିଲା ସମିତି ଅଧୀନରେ ଜଣେ ଲେଖାଏଁ ବେତନ ଭୋଗୀ ପ୍ରଚାରକ ରହିଲେ କାର୍ଯ୍ୟ ଏକ ପ୍ରକାର ଚଳିବ । ଏହାଛଡ଼ା ଜିଲା ସମିତିର ସଭ୍ୟମାନେ ଜିଲାର ନିଜ ନିଜ ଅଞ୍ଚଳରେ ନିଜେ ହୁଅନ୍ତୁ ବା ଅନ୍ୟ କୌଣସି ବ୍ୟକ୍ତିଙ୍କ ଦ୍ୱାରା ଅବୈତନିକ ଭାବରେ ସମୟ ସମୟରେ ପ୍ରଚାର କାର୍ଯ୍ୟରେ ସାହାଯ୍ୟ କରିପାରନ୍ତି ।

ଏ ପ୍ରସଙ୍ଗରେ ଆଉ ଗୋଟିଏ ବିଷୟ ବିଶେଷ ଉଲ୍ଲେଖଯୋଗ୍ୟ । ସମ୍ମିଳନୀର ଏପର୍ଯ୍ୟନ୍ତ ପ୍ରକୃତରେ କାର୍ଯ୍ୟକାରିଣୀ ଜିଲା ସମିତି ବା ଗ୍ରାମ୍ୟସମିତି ନାହିଁ । ଆରମ୍ଭରୁ ପ୍ରଥମ ଦୁଇ ଚାରିବର୍ଷ ମଧ୍ୟରେ ଏପରି କେତେକ ସମିତି ଗଠିତ ହୋଇଥିଲା; ମାତ୍ର କାର୍ଯ୍ୟ ତତ୍ପରତା ଓ ଶୃଙ୍ଖଳା ଅଭାବରୁ ସେସବୁ ଆଉ ଦେଖା ଯାଉନାହିଁ । ଯାହାହେଉ ସେଥିଲାଗି ହତାଶ ହେବାର ନୁହେଁ । ପୁନରାୟ ନୂତନ ଶାଖା ସମିତିମାନ ବସାଇବାକୁ ହେବ । ସେମାନଙ୍କ ଛଡ଼ା ଦେଶର ଅନେକ ସ୍ଥାନରେ ଅନ୍ୟାନ୍ୟ ଅନେକ ପ୍ରକାରର ସଭାସମିତିମାନ ଅଛି ମୁଁ ଜାଣେ, ଓଡ଼ିଶାର ଅନେକ ପଲ୍ଲୀ ଗ୍ରାମରେ ଗ୍ରାମର ହିତସାଧନ ଉଦ୍ଦେଶ୍ୟରେ ସ୍ଥାନୀୟ ଲୋକଙ୍କ ଯତ୍ନରେ ସମିତି ସ୍ଥାପିତ ହୋଇଅଛି । ଏହାଛଡ଼ା ସହରମାନଙ୍କରେ ମଧ୍ୟ ଶିକ୍ଷା ସାହିତ୍ୟର ଉନ୍ନତିକଳ୍ପେ କିମ୍ବା ସରକାରଙ୍କଠାରେ ଆପତ୍ତି ଅଭିଯୋଗ କରିବା ଉଦ୍ଦେଶ୍ୟରେ ଏବଂ ସାମୟିକ ରାଜନୈତିକ ପ୍ରସଙ୍ଗ ଆଲୋଚନା ନିମନ୍ତେ ସଭାସମିତିମାନ ବିଦ୍ୟମାନ ଅଛି; ଏହିସବୁ ସ୍ଥାନୀୟ ସମିତି ନିଜ ନିଜର କାର୍ଯ୍ୟ କରନ୍ତୁ । ମୋର ବିଶ୍ୱାସ ସେମାନେ ପ୍ରକାରାନ୍ତରେ ସମ୍ମିଳନୀରେ କାର୍ଯ୍ୟ କରୁଅଛନ୍ତି । ସେମାନଙ୍କୁ ସମ୍ମିଳନୀର ଅନ୍ତର୍ଭୁକ୍ତ କରାଗଲେ ସମ୍ମିଳନୀର କାର୍ଯ୍ୟ ପ୍ରସାରରେ ସୁବିଧା ହୁଅନ୍ତା । ଆଉ ଅଧିକ କିଛି ନହେଲେହେଁ ଏହି ସ୍ଥାନୀୟ ସଭାସମିତିମାନ ସମ୍ମିଳନୀର ବାର୍ଷିକ ଅଧିବେଶନକୁ ନିଜ ନିଜ ଅଞ୍ଚଳରୁ ପ୍ରତିନିଧି ନିର୍ବାଚନ କରି ପଠାଇବେ ।

ଶୃଙ୍ଖଳା, ସୁନିୟମ ଏବଂ ସଜ୍ଞାବତାର ସହିତ କାର୍ଯ୍ୟ ଚଳିଲେ ଏହି ସ୍ଥାନୀୟ ସମିତିମାନଙ୍କର ସମ୍ମିଳନୀ ପ୍ରତି ମମତା ଜନ୍ମିବ ଏବଂ ଏହି ସୂତ୍ରରେ ସମ୍ମିଳନୀର କାର୍ଯ୍ୟ ଦେଶମଧ୍ୟରେ ବହୁଳ ପ୍ରଚାର ହେବ । ଏହାଛଡ଼ା ସମ୍ମିଳନୀର କାର୍ଯ୍ୟ ଦେଶମଧ୍ୟରେ ବହୁଳ ପ୍ରଚାର ହେବ । ଏହାଛଡ଼ା ଆପଣମାନେ ଜାଣନ୍ତି; ଓଡ଼ିଶାର ପ୍ରାୟ ସମସ୍ତ ପାଟକ ଜାତିଙ୍କର ସଭା ଅଛି । ସେମାନଙ୍କୁ ମଧ୍ୟ ସମ୍ମିଳନୀର ଅନ୍ତର୍ଭୁକ୍ତ କରିବା ଆବଶ୍ୟକ । ସେମାନଙ୍କର କୁଳ ବ୍ୟବସାୟ ସମ୍ବନ୍ଧେ ସମ୍ମିଳନୀରୁ ସମୟେ ସମୟେ ଉତ୍ସାହ, ପରାମର୍ଶ ଏବଂ ସାହାଯ୍ୟ ମିଳିବାଦ୍ୱାରା ଗ୍ରାମଶିଳ୍ପର ଯେ ଉନ୍ନତି ହେବ ବୋଲିବା ବାହୁଲ୍ୟ ।

ଜାତୀୟ ଶିକ୍ଷା ପ୍ରସଙ୍ଗରେ Co-operative Society ସମବାୟ ସମିତିର ବିଷୟ କୁହାଯିବା ଉଚିତ । ଓଡ଼ିଶାରେ ସୁଧର ଦର ଯେପରି ଚଢ଼ା, ଲୋକେ ଯେପରି ଦରିଦ୍ର ଓ ସଞ୍ଚିତ ଉଦ୍ୟମରେ ଯେପରି ଅଭାବ ସେଥିରେ ସମବାୟ ଋଣ ସମିତିର ଆବଶ୍ୟକତା ବିଶେଷ ବୁଝାଇ କହିବା ନିଷ୍ପ୍ରୟୋଜନ । ଅବଶ୍ୟ ଏପର୍ଯ୍ୟନ୍ତ ଯେ ଭାବରେ ଏ ଆନ୍ଦୋଳନ ଗ୍ରୁଡ଼ିଅଛି ଏବଂ ଗ୍ରାମ୍ୟ ସମିତିମାନ ଗଠିତ ହୋଇଅଛି ତାହା ଏକାବେଳେ ତ୍ରୁଟି ବା ପ୍ରମାଦ ବୋଲି କୁହାଯାଇ ନ ପାରେ । ଏ ଆନ୍ଦୋଳନ ଅଦ୍ୟାପି ଏଦେଶରେ ନୂତନ । ସରକାର ଏହାକୁ ଲୋକେ ସାଧାରଣଙ୍କ ହାତରେ ସମ୍ପୂର୍ଣ୍ଣରୂପେ ରଖି ଆବଶ୍ୟକ ମତେ ସାହାଯ୍ୟ ଏବଂ ସହଯୋଗିତା ଦେବାଲାଗି ପ୍ରସ୍ତୁତ । କାଳକ୍ରମେ କାର୍ଯ୍ୟରେ ଅଗ୍ରସର ହେବା ସଙ୍ଗେ ସଙ୍ଗେ ଏ ଆନ୍ଦୋଳନର ତ୍ରୁଟି ଓ ଅଭାବମାନ ପୂରଣ ହେବ ସନ୍ଦେହ ନାହିଁ ଏବଂ ଏହା ଏକ ବିସ୍ତୃତ ଲୋକ ଶକ୍ତିରେ ପରିଣତ ହେବା ଆଶା କରାଯାଏ । ଦଶଜଣ ମିଳି ନିର୍ଦ୍ଦିଷ୍ଟ ନିୟମ ଅନୁସାରେ କାର୍ଯ୍ୟ କରିବା ଏବଂ ନିଜର ଦାୟିତ୍ୱ ବୁଝି ଯଥା ସମୟରେ ତାହା ସମ୍ପାଦନ କରିବା, ନିଜର ଚରିତ୍ର ଓ ପତିଆରାର ମୂଲ୍ୟ ବୁଝିବା ଆମମାନଙ୍କ ଦେଶବାସୀଙ୍କ ପକ୍ଷେ ସାମାନ୍ୟ ଶିକ୍ଷା ନୁହେଁ । ସରକାର ସମବାୟ ଋଣ ସମିତି ସ୍ଥାପନରେ ବିଶେଷ ମନୋଯୋଗୀ । କେବଳ ଋଣ ନିମିତ୍ତ ନୁହେଁ, ଶିଳ୍ପ, ବ୍ୟବସାୟ ବାଣିଜ୍ୟର ଉନ୍ନତି ଲାଗି ସମବାୟ ସମିତି ପ୍ରୟୋଜନ । ପ୍ରତ୍ୟେକ ଗ୍ରାମରେ ସମବାୟ ସମିତି ଭିନ୍ନ ଭିନ୍ନ ଉଦ୍ଦେଶ୍ୟରେ କିପରି ଗଠିତ ହେବ ଏବଂ ଏହା ସାହାଯ୍ୟରେ ଗ୍ରାମବାସୀମାନେ କିପରି ନିଜର ଆର୍ଥିକ ଅବସ୍ଥା ଭଲ କରିପାରିବେ, ସେଥିଲାଗି ଆମକୁ ଦୃଷ୍ଟି ଦେବାକୁ ହେବ । ଗ୍ରାମର ଏହି ସମବାୟ ସମିତିମାନଙ୍କୁ ସମ୍ମିଳନୀର ଅଙ୍ଗୀଭୂତ କରିବାରେ କୌଣସି ଆପତ୍ତି ହୋଇ ନପାରେ ।

ଏହିପରି ନୂତନ ଓ ପୁରାତନ ଯେତେ ଅନୁଷ୍ଠାନ ଅଛି, ଦେଶରେ ଏହି ପ୍ରକାର ଯେତେ ଦଳଗତ ଉଦ୍ୟମ ବର୍ତ୍ତମାନ ଅଛି ସେ ସମସ୍ତଙ୍କୁ ସର୍ବପ୍ରଥମେ ସମ୍ମିଳନୀର ଅଙ୍ଗୀଭୂତ କରି ସେମାନଙ୍କ ସାହାଯ୍ୟରେ ନାନା ସୂତ୍ରରେ ଏବଂ ନାନା ଉପାୟରେ ଜାତୀୟ ଶିକ୍ଷା ପ୍ରଚାର କରିବାକୁ ହେବ ।

ଜାତୀୟ ଶିକ୍ଷା ବିଧାନରେ ସ୍ତ୍ରୀ ଜାତିର ଶିକ୍ଷା ନିମନ୍ତେ ବିହିତ ବ୍ୟବସ୍ଥା ନ ରହିଲେ ତାହା ପୂର୍ଣ୍ଣାଙ୍ଗ ନୁହେଁ । ସ୍ତ୍ରୀ ଶିକ୍ଷା ସମ୍ବନ୍ଧେ ଆମମାନଙ୍କ ଦେଶରେ ନାନା ପ୍ରକାର ପ୍ରତିବନ୍ଧକ ଅଛି; ତାହାସବୁ ହଠାତ୍ ଏକା ଦିନକେ ଦୂରୀଭୂତ ନାହିଁ । ଶିକ୍ଷାର ପ୍ରଭାବରୁ କ୍ରମେ କ୍ରମେ ତାହା ସବୁ ଶିଥିଳ ହୋଇ ଆସୁଅଛି । ବର୍ତ୍ତମାନ ଅବସ୍ଥାରେ ସ୍ତ୍ରୀ ଜାତିର ଶିକ୍ଷା ନିମନ୍ତେ ଯେ ବ୍ୟବସ୍ଥା କରାଯାଇପାରେ ତାହା ପୂର୍ଣ୍ଣଭାବରେ ହେବା ବାଞ୍ଛନୀୟ । ମୁଁ ଇତିପୂର୍ବେ ଯେ ଭାଗବତ ପ୍ରଚାରର ସୂଚନା କରିଅଛି, ତାହା କାର୍ଯ୍ୟରେ ପରିଣତ ହେଲେ ସ୍ତ୍ରୀ ଜାତି ପ୍ରାଥମିକ ଶିକ୍ଷା ପାଇବା ନିମନ୍ତେ ମନ ବଳାଇବେ । ପୁସ୍ତକ ପଢ଼ି ଯେ କେବଳ ସ୍ତ୍ରୀମାନଙ୍କର ଜାତୀୟ ଶିକ୍ଷା ହେବ ତାହା ନୁହେଁ, ଗାଉଁଲି ବିଲ୍ଲୁର ପରିବାରଠାରୁ ଶିଶୁପାଳନ ପର୍ଯ୍ୟନ୍ତ ଜାତୀୟ କାର୍ଯ୍ୟର ସଂଖ୍ୟା ନାହିଁ । ସ୍ତ୍ରୀମାନେ ଆମମାନଙ୍କର ଗୃହର ଲକ୍ଷ୍ମୀ, ପାରିବାରିକ ଜୀବନର ଦେବତା । ସେମାନଙ୍କ ଜୀବନରେ ସୀତା ସାବିତ୍ରୀଙ୍କ ଚରିତ୍ର ପ୍ରତିଫଳିତ କରାଇବା ଜାତୀୟ ସ୍ତ୍ରୀ ଶିକ୍ଷାର ଲକ୍ଷ୍ୟ ହେବା ଉଚିତ ।

ଓଡ଼ିଆମାନଙ୍କ ଶିକ୍ଷା ପଥରେ କେତେକ ଅଞ୍ଚଳରେ ବହୁ ଅନ୍ତରାୟ ରହିଅଛି । ଜାତୀୟ ଶିକ୍ଷା ଯେ ଜାତୀୟ ଭାଷାରେ ଦିଆଯିବା ଉଚିତ୍, ଏହା ସର୍ବବାଦୀସମ୍ମତ । ମାତ୍ର କେତେକ ଓଡ଼ିଆ ଅଞ୍ଚଳରେ ଓଡ଼ିଆ ଭାଷା ବ୍ୟବହାର ପକ୍ଷେ ତେତେ ଯେ ସୁବିଧା ନାହିଁ ତାହା ନୁହେଁ । ଅନେକ ବାଧା ମଧ୍ୟ ଅଛି । କେତେକ ବର୍ଷ ପୂର୍ବେ ଓଡ଼ିଆ ଭାଷା ଓ ସାହିତ୍ୟର ବିଳାସଭୂମି ଗଞ୍ଜାମର ସ୍କୁଲ, କଲେଜ ଓ ବିଚାର ଅଦାଲତରୁ ଓଡ଼ିଆ ଏକପ୍ରକାର ବିତାଡ଼ିତ ହୋଇଥିଲା । ଓଡ଼ିଆମାନେ ନିଜ ମାତୃ ଭାଷା ପଢ଼ିବାର ସୁଯୋଗ ପାଉ ନ ଥିଲେ । ଆଜି ସେ ଅବସ୍ଥା ବଦଳିଛି । ଗଞ୍ଜାମରେ ଓଡ଼ିଆ ସତ୍ତ୍ୱ ଓ ଅଧିକାର ସରକାର ସ୍ୱୀକାର କରିଛନ୍ତି । ଓଡ଼ିଆ ସ୍କୁଲର ସଂଖ୍ୟା ଦିନକୁ ଦିନ ବଢୁଛି । ମାତ୍ର ବିଚାର ଅଦାଲତରେ ଓଡ଼ିଆ ଏପର୍ଯ୍ୟନ୍ତ ଉପଯୁକ୍ତ ସ୍ଥାନ ପାଇନାହିଁ । କେବଳ ଘୁମୁସର ତାଲୁକରେ ଓଡ଼ିଆ ଏକମାତ୍ର କଚେରୀ ଭାଷାରୂପେ ଜାରି ହୋଇଅଛି । ଅନ୍ୟାନ୍ୟ ପୂରା ଓଡ଼ିଆଭାଷୀ ତାଲୁକରେ ଏପର୍ଯ୍ୟନ୍ତ ପୂର୍ଣ୍ଣ ଅଧିକାର ମିଳିନାହିଁ । ଗଞ୍ଜାମର ନ୍ୟାୟପରାୟଣ ନିରପେକ୍ଷ କଲେକ୍ଟର କଟରକ୍ ସାହେବ ଛତ୍ରପୁର ତାଲୁକରେ ପୂରା ଓଡ଼ିଆ ଜାରି କରିବାଲାଗି ଗଭର୍ଣ୍ଣମେଣ୍ଟଙ୍କୁ ଲେଖିଲେ ସୁଦ୍ଧା ଗଭର୍ଣ୍ଣମେଣ୍ଟ ଓଡ଼ିଆର ନ୍ୟାୟସଙ୍ଗତ ଦାବୀ ବିବେଚନା କରିନାହାନ୍ତି । ଏହା ଓଡ଼ିଆମାନଙ୍କ ପ୍ରତି ନିତାନ୍ତ ଅବିଚାର । ଅନେକସ୍ଥଳେ ଓଡ଼ିଆ ଶିକ୍ଷା ଯେପରି ହେବା ଉଚିତ୍, ଓଡ଼ିଆମାନଙ୍କର ଅଦ୍ୟାପି ତେତେ କର୍ତ୍ତୃତ୍ୱ ନ ଥିବାରୁ ସେପରି ହୋଇ ପାରି ନାହିଁ । ଗଞ୍ଜାମରେ ଓଡ଼ିଆ ଜାତୀୟ ପ୍ରାଣ ଜାଗିଅଛି । ସେ ଏଣିକି କୌଣସି ବାଧା ମାନିବ ନାହିଁ । ମୋର ବିଶ୍ୱାସ ଓଡ଼ିଆଭାଷା ସେଠା ବିଦ୍ୟାଳୟ ଓ ବିଚାର ଅଦାଲତରେ ସମ୍ପୂର୍ଣ୍ଣ ଅଧିକାର ପାଇବାକୁ ଆଉ ଅଧିକ ଦିନ ଲାଗିବ ନାହିଁ ।

ମାନ୍ଦ୍ରାଜ ପ୍ରଦେଶରେ ଭାଇଜାଗପଟମ୍ ଏଜେନ୍‌ସି ପୂରା ଓଡ଼ିଆ ଅଞ୍ଚଳ । ସେଠାରେ ଓଡ଼ିଆଭାଷାର ଅବସ୍ଥା ଶୋଚନୀୟ । ଓଡ଼ିଆମାନଙ୍କ ପକ୍ଷେ ଓଡ଼ିଆଭାଷା ବ୍ୟବହାର ସରକାର ନାମକୁ ମାତ୍ର ସ୍ୱୀକାର କରୁଅଛନ୍ତି । ମାତ୍ର ସତ୍ୟ କାର୍ଯ୍ୟରେ ଯଥାର୍ଥ ଓଡ଼ିଆ ଶିକ୍ଷା ଏପର୍ଯ୍ୟନ୍ତ ଆରମ୍ଭ ହୋଇନାହିଁ କହିଲେ ଅତ୍ୟୁକ୍ତି ହେବନାହିଁ ।

ମେଦିନୀପୁରରେ ଓଡ଼ିଆ ସଂଖ୍ୟା କ୍ରମେ ଏପରି ଊଣା ହୋଇ ଆସୁଅଛି ଯେ, ଆଉ ଅଳ୍ପଦିନ ମଧ୍ୟରେ ଓଡ଼ିଆନାମ ସେଠାରୁ ଲୋପ ପାଇବ । ତିନି ସେନ୍‌ସସ ଆଗେ ସେଠାରେ ଓଡ଼ିଆ ସଂଖ୍ୟା ଥିଲା ୬ ଲକ୍ଷ । ତହିଁପର ସେନ୍‌ସସରେ ୩ ଲକ୍ଷ ଏବଂ ବର୍ତ୍ତମାନ ଏହା ଦେଢ଼ଲକ୍ଷ ମାତ୍ର । ଯେପରି ଗତିରେ କମୁଛି, ଆଗାମୀ ସେନ୍‌ସସ ବେଳକୁ ଓଡ଼ିଆ ବୋଲି ପରିଚୟ ଦେବାକୁ ସେଠାରେ କେହି ନ ଥିବା ବିଚିତ୍ର ନୁହେଁ ।

ସିଂହଭୂମିରେ ଆଦିମ ଅଧିବାସୀଙ୍କୁ ଛାଡ଼ିଦେଲେ ଓଡ଼ିଆମାନଙ୍କ ସଂଖ୍ୟା ଅନ୍ୟାନ୍ୟମାନଙ୍କ ଅପେକ୍ଷା ଅଧିକ । ସେ ଜିଲ୍ଲାର ଏକ ଅଞ୍ଚଳରେ ପଢ଼ାହୁଏ ହିନ୍ଦୀ । ଅନ୍ୟ ଅଞ୍ଚଳରେ ବଙ୍ଗଳା । କଚେରୀରେ ଏହି ଦୁଇ ଭାଷା ଚଳେ; ଓଡ଼ିଆର କୌଣସିଠାରେ ସ୍ଥାନ ନାହିଁ । ମୁଁ ନିଜେ ହିନ୍ଦୀ ଓ ବଙ୍ଗଳା ସ୍କୁଲମାନଙ୍କରେ ଓଡ଼ିଆ ପିଲାମାନଙ୍କର ଶିକ୍ଷା ଦେଖିଅଛି । ଶିଶୁମାନେ ପ୍ରାଥମିକ ପୁସ୍ତକର ପାଠ ଆଦୌ ବୁଝିପାରୁ ନାହାନ୍ତି । ଯେଉଁଠାରେ ଓଡ଼ିଆ ଶିକ୍ଷକ ଅଛନ୍ତି ସେମାନେ ଘରୋଇ ଓଡ଼ିଆଭାଷାରେ ବୁଝାଇ ଦିଅନ୍ତି । ଯେଉଁଠାରେ ସେ ସୁବିଧା ନାହିଁ, ଶିଶୁମାନେ କିଛି ନ ବୁଝି ଶୁଆପରି ମୁଖସ୍ଥ କରନ୍ତି । କୌଣସି ବିଦେଶୀଭାଷା ଶିଖିବାରେ ଯେତେ ଶ୍ରମ ଓ ଅଧ୍ୟବସାୟ ପଡ଼େ, ଅତି ଶୈଶବ ଅବସ୍ଥାରୁ ଓଡ଼ିଆ ଛାତ୍ରମାନଙ୍କୁ ସେହି କଷ୍ଟ ସ୍ୱୀକାର କରିବାକୁ ହେଉଛି । ସିଂହଭୂମିର ଓଡ଼ିଆମାନେ ପ୍ରାୟ ୩ ବର୍ଷ ପୂର୍ବେ ବିହାର ଓଡ଼ିଶା ଗଭର୍ଣ୍ଣମେଣ୍ଟଠାରେ କଚେରୀ ଏବଂ ସ୍କୁଲରେ ଓଡ଼ିଆ ଭାଷା ଚଳନ ନିମନ୍ତେ ଦରଖାସ୍ତ ଦେଇଥିଲେ । ସରକାର ତହିଁରେ ଆଦେଶ କଲେକି ସିଂହଭୂମିରେ କଚେରୀ ଭାଷାର ସଂଖ୍ୟା ଅଧିକ ବଢ଼ାଇବା ଉଚିତ ଓ ଆବଶ୍ୟକ ନୁହେଁ । ଆଉ ମଧ୍ୟ କହିଥିଲେ ଯେ ଓଡ଼ିଆମାନଙ୍କ ଶିକ୍ଷା ବିଷୟରେ ସରକାର ମନୋଯୋଗୀ ଅଛନ୍ତି ।

ସରକାର କିଭଳି ମନୋଯୋଗ ଦେଉଛନ୍ତି କେଜାଣି ମୁଁ କୌଣସି ମାଇନର ସ୍କୁଲରେ ଦେଖିଅଛି ୧୩୮ ଜଣ ଛାତ୍ରଙ୍କ ମଧ୍ୟରୁ ୧୨୧ ଜଣ ଓଡ଼ିଆ । ଘରେ ସେମାନେ ଓଡ଼ିଆ କଥା କହନ୍ତି, ଓଡ଼ିଆ ତାଳପତ୍ର ପୋଥି ସଂପାଦି ରଖିଅଛନ୍ତି; ମାତ୍ର ସ୍କୁଲରେ ଆସି ପଢ଼ନ୍ତି ବଙ୍ଗଳା ।

ଅଧିକାଂଶ ହିନ୍ଦୀ ସ୍କୁଲରେ ଓଡ଼ିଆମାନଙ୍କ ସଂଖ୍ୟା ଏହିପରି ଦେଖାଯିବ । ଦୁଇ ତିନୋଟି ସ୍କୁଲଛଡ଼ା ଆଉ କେତେ ହିନ୍ଦୀ ବିଦ୍ୟାଳୟରେ ପ୍ରକୃତ ହିନ୍ଦୀଭାଷୀ ଛାତ୍ର ଆଦୌ ନାହାନ୍ତି । ଅଛନ୍ତି କେବଳ ଓଡ଼ିଆ ଏବଂ ସିଂହଭୂମିର ଆଦିମ ଅଧିବାସୀ । ଆଦିମ ଅଧିବାସୀମାନେ ଓଡ଼ିଆମାନଙ୍କ ସଙ୍ଗେ ବହୁଦିନ ରହି କ୍ରମେ ଓଡ଼ିଆ ଶିକ୍ଷିଯାଉଅଛନ୍ତି । କୌଣସି ପ୍ରାକୃତ ଭାଷାରେ ସେମାନଙ୍କୁ ଶିକ୍ଷା ଦେବାକୁ ହେଲେ ଓଡ଼ିଆ ଭାଷାର ଦାବୀ ଅଗ୍ରଗଣ୍ୟ; ମାତ୍ର ସେମାନଙ୍କୁ ଓଡ଼ିଆ ପରିବର୍ତ୍ତେ ହିନ୍ଦୀ ଶିକ୍ଷା ଦିଆଯାଉଛି ।

ରାୟପୁର ଜିଲା ଅନ୍ତର୍ଗତ ଫୁଲଝର, ପଦ୍ମପୁର, ଖଡ଼ିଆଳ ପ୍ରଭୃତି ଅଞ୍ଚଳର ଓଡ଼ିଆମାନେ ହିନ୍ଦୀ ପଢ଼ିବାକୁ ବାଧ୍ୟ । କଚେରୀରେ ଓଡ଼ିଆଭାଷାର ନାମ ମାତ୍ର ନାହିଁ; ତଥାପି ଲୋକେ ନିଜ ନିଜର ସ୍ୱତନ୍ତ୍ର ଚାଟଶାଳୀ ବା ସ୍କୁଲ ବସାଇ ପିଲାମାନଙ୍କୁ ଓଡ଼ିଆ ଭାଷା ଶିଖାଉଛନ୍ତି । ଏହା ଆଉ କେତେ ଦିନ ରହିବ ?

ଓଡ଼ିଆଭାଷାର ପରିସର କ୍ରମେ ଏହିପରି ସଙ୍କୁଚିତ ହୋଇ ଯାଉଅଛି । ଓଡ଼ିଆ ଜାତିର ଅଙ୍ଗ କ୍ରମେ ଖଣ୍ଡବିଖଣ୍ଡିତ ହୋଇଅଛି । ପୁଣି ଛିନ୍ନକଟା ହୋଇଅଛି । ଏ ଦୁରବସ୍ଥା ନ ଘୁଞ୍ଚିବାଯାଏ ଓଡ଼ିଆର ଜାତୀୟ ଶିକ୍ଷାପଥ ପରିଷ୍କୃତ ହେବନାହିଁ ଏବଂ ଓଡ଼ିଆ ପ୍ରାଣର ସ୍ୱଚ୍ଛନ୍ଦ ଓ ସ୍ୱାଭାବିକ ବିକାଶ ହେବ ନାହିଁ ।

ସମ୍ବଲପୁର ସମ୍ମିଳନୀରେ ସିଂହଭୂମିରେ ଓଡ଼ିଆ ଶିକ୍ଷା ପ୍ରସାର ନିମନ୍ତେ ଉଦ୍ୟମ କରିବା ଲାଗି ମୁଁ ପ୍ରତିଶ୍ରୁତ ହୋଇଥିଲି; ସେହିଦିନୁଁ ସେ ବିଷୟରେ ମୁଁ କେତେକ କାର୍ଯ୍ୟ କରିବାକୁ ଚେଷ୍ଟା କରିଅଛି । ମାତ୍ର ମୋପରି କ୍ଷୀଣଶକ୍ତି ଲୋକର ଏକାକୀ ଯତ୍ନରେ ହଠାତ୍ କାର୍ଯ୍ୟର ସଫଳତା ଆଶା କରାଯାଇ ନ ପାରେ । ଓଡ଼ିଆଭାଷୀ ଅଞ୍ଚଳମାନଙ୍କରେ ଓଡ଼ିଆଭାଷାର ପୁନରୁଦ୍ଧାର ଏବଂ ପ୍ରଚଳନ ନିମନ୍ତେ ବିସ୍ତର ଲୋକ ଓ ଅର୍ଥ ଆବଶ୍ୟକ । ସମ୍ମିଳନୀ ନିର୍ଦ୍ଧାରଣ କରୁଛନ୍ତି, ସରକାରଙ୍କୁ ଅନ୍ୟାନ୍ୟ ସୂତ୍ରରେ କୁହାଯାଉଛି ଏବଂ ଭବିଷ୍ୟତରେ କୁହାଯିବ; କିନ୍ତୁ ମୋର ବିଶ୍ୱାସ ଆମେମାନେ ନିଜ ଗୋଡ଼ରେ ଠିଆହେବାକୁ ଉଦ୍ୟତ ନ ହେବା ଯାଏ ଏସବୁରେ ବିଶେଷ କିଛି ଫଳ ହେବନାହିଁ । ଏ କ୍ଷେତ୍ରରେ ଓଡ଼ିଆମାନଙ୍କର Passive Resistance ବା ସତ୍ୟାଗ୍ରହ ନୀତି ଅବଲମ୍ବନ କରିବା ଉଚିତ । ସେମାନଙ୍କର ପ୍ରଥମ କର୍ତ୍ତବ୍ୟ ହିନ୍ଦୀ, ବଙ୍ଗଳା ବା ତେଲୁଗୁ ସ୍କୁଲରେ ନ ପଢ଼ିବା । ଦୃଢ଼ତାର ସହିତ ଏ ନୀତି କାର୍ଯ୍ୟରେ ଅନୁସରଣ କଲେ ମୋର ବିଶ୍ୱାସ ଓଡ଼ିଆ ଅଞ୍ଚଳରେ ଥିବା ଭିନ୍ନ ଭାଷାର ସ୍କୁଲମାନେ ଆପେ ଆପେ ଉଠିଯିବ । ଯଦି ନ ଉଠିଲାଭି ନାହିଁ । ଓଡ଼ିଆ ଅଞ୍ଚଳରେ ଯଦି କୌଣସି ବିଶେଷ କାରଣରୁ ସେ ସବୁ ସ୍କୁଲ ରଖିବାକୁ ସରକାରଙ୍କର ଆବଶ୍ୟକ ହୁଏ ରଖନ୍ତୁ । ଆମେମାନେ ନିଜର ଓଡ଼ିଆ ସ୍କୁଲରେ ପଢ଼ାଇବୁଁ । ମନେ ରଖିବାକୁ ହେବ ଯେ ଓଡ଼ିଆ ଭାଷା ଉପରେ ଆମମାନଙ୍କର ଜାତୀୟ ସତ୍ତା ନିର୍ଭର କରେ । ଭାଷା ଲୋପ ପାଇଲେ ଓଡ଼ିଆ ଜାତି ଲୋପ ପାଇବ । ସୁତରାଂ ଭାଷା ଆମମାନଙ୍କ ପକ୍ଷେ ଜୀବନମରଣର ସମସ୍ୟା । ଅବଶ୍ୟ ଭାରତରେ ସମସ୍ତଙ୍କର ଏକ ସାଧାରଣ ଭାଷା ହୋଇପାରିଲେ ପରମ ସୌଭାଗ୍ୟର ବିଷୟ ହୁଅନ୍ତା । ସେଥିଲାଗି ଓଡ଼ିଆ ଭାଷାକୁ ତ୍ୟାଗ କରିବା ନିମନ୍ତେ ମୁଁ କୁଣ୍ଠିତ ନୁହେଁ । ଭାରତରେ ଏକ ଭାଷା ପ୍ରସାର ନିମନ୍ତେ ଯେକୌଣସି ସ୍ୱାର୍ଥତ୍ୟାଗ ବ୍ୟକ୍ତିବିଶେଷ ବା ପ୍ରଦେଶ ବିଶେଷ ପକ୍ଷେ କଦାପି ଅତ୍ୟଧିକ ହୋଇପାରେନା । ଭାରତର ସମୂହ କଲ୍ୟାଣରେ ପ୍ରାଦେଶିକ ସ୍ୱାର୍ଥ ବଳି ଦେବା ସମସ୍ତଙ୍କର କର୍ତ୍ତବ୍ୟ ହେବା ଉଚିତ; ମାତ୍ର ଯେତେଦିନଯାଏ ଭାରତରେ ଏକ ସାଧାରଣ ଭାଷାର ସମ୍ଭବ ହୋଇନାହିଁ, ଭାରତରେ ପ୍ରାଦେଶିକ ସ୍ୱାତନ୍ତ୍ର୍ୟ ବିଦ୍ୟମାନ ରହିଅଛି, ସେତେଦିନଯାଏ ଓଡ଼ିଆ ଅକାରଣ ତାହାର ସ୍ୱାତନ୍ତ୍ର୍ୟ ହରାଇବାକୁ ପ୍ରସ୍ତୁତ ନୁହେଁ । ସିଂହଭୂମିର ଓଡ଼ିଆ ଶିକ୍ଷାର ପ୍ରସାର ନିମନ୍ତେ ଆମେମାନେ ଓଡ଼ିଆ ଶିକ୍ଷା ପାଣ୍ଠି ଖୋଲିଅଛୁଁ । ବର୍ତ୍ତମାନ ମୁଁ ଭାବିଦେଖୁଛି; କେବଳ ସିଂହଭୂମି ନୁହେଁ, ଓଡ଼ିଶାର ବାହାରେ ଯେ ସମସ୍ତ ଓଡ଼ିଆ ଅଞ୍ଚଳରେ ଓଡ଼ିଆମାନେ ନିଜ ମାତୃଭାଷା ବ୍ୟବହାରରୁ ବଞ୍ଚିତ ହୋଇଅଛନ୍ତି, ସେ ସମସ୍ତ ଅଞ୍ଚଳରେ ଓଡ଼ିଆର ଭାଷାର ଶିକ୍ଷା ଏବଂ ବ୍ୟବହାର ଯେପରି କ୍ରମେ ବଢ଼ିବ, ଓଡ଼ିଆର ନ୍ୟାଯ୍ୟ ଅଧିକାର ଓଡ଼ିଆ ଯେପରି ପାଇବ ତହିଁର ବିହିତ ପ୍ରତିକାର କରିବା ନିମନ୍ତେ ସିଂହଭୂମି ଓଡ଼ିଆ ଶିକ୍ଷା ପାଣ୍ଠି ଓଡ଼ିଆ ରକ୍ଷା ସମାଜରେ ପରିଣତ ହେବା ଉଚିତ ।

ଏଠାରେ ପ୍ରଶ୍ନ ହୋଇପାରେ, ଓଡ଼ିଶା ବାହାରେ ଭିନ୍ନ ଭିନ୍ନ ପ୍ରଦେଶ ବା ଜିଲାରେ ଥିବା ଓଡ଼ିଆମାନେ ଯେବେ ସେ ପ୍ରଦେଶ ବା ଜିଲାର ଭର୍ଣ୍ଣାକ୍ୟୁଲାର ବା ଦେଶିକ ଭାଷା ନ ପଢ଼ି ଓଡ଼ିଆ ପଢ଼ିବା ଲାଗି ଦାବୀ କରାଯାଏ, ତେବେ ଓଡ଼ିଶାରେ ଯେଉଁସବୁ ବିଭିନ୍ନ ଜାତୀୟ ଲୋକ ଅଛନ୍ତି, ସେମାନେ ବା ଓଡ଼ିଆ ପଢ଼ିବେ କାହିଁକି ? ଯେ ଯେଉଁ ଦେଶରେ ବାସ କରିବେ, ସେହି ଦେଶର ଭାଷା କ୍ରମେ ତାଙ୍କର ଭାଷା ହେବା ଉଚିତ । ତା ନହେଲେ କୌଣସି ଏକ ଦେଶର ଦୃଢ଼ ଜାତିୟତା ଜନ୍ମିବ ନାହିଁ; ମାତ୍ର ରାଜନୈତିକ ଓଡ଼ିଶାର ସଂଲଗ୍ନ ଅଥଚ ଶାସନ ଭେଦରେ ଓଡ଼ିଶାରୁ ବିଚ୍ଛିନ୍ନ ଅଞ୍ଚଳମାନ ସ୍ୱାଭାବିକ ଓଡ଼ିଆ ଅଞ୍ଚଳ । ସେସବୁ ଅଞ୍ଚଳମାନ ଓଡ଼ିଶା ସଙ୍ଗେ ଏକ ଶାସନରେ ରହିବାଲାଗି ଆମେମାନେ ଦାବୀ କରୁ । ସେହିସବୁ ସ୍ଥାନରେ ଓଡ଼ିଆ ଅଧିବାସୀଙ୍କ ସଂଖ୍ୟା ଅଧିକ । ଓଡ଼ିଆହିଁ ସେହିସବୁ ସ୍ଥାନରେ ଦେଶିକ ଭାଷା । ଶାସନଭେଦ ଘଟି ନଥିଲେ ଏମନ୍ତ କି ଶାସନ ଭେଦରେ 'ସୁଦ୍ଧା ଶିକ୍ଷା ଆଦି ବିଷୟରେ ଲୋକମାନଙ୍କର ସମ୍ପୂର୍ଣ୍ଣ ସ୍ୱାଚ୍ଛନ୍ଦ୍ୟ ଏବଂ ସ୍ୱାଧୀନତା ଥିଲେ ଏବଂ Principle of self determination ବା ଆତ୍ମନିୟନ୍ତ୍ରଣ ନୀତି ସେହି ସବୁ ଅଞ୍ଚଳରେ କାର୍ଯ୍ୟକାରୀ ହୋଇଥିଲେ, ଆଜି ସେଠାରେ କେବଳ ଓଡ଼ିଆ ଭାଷା ଅକ୍ଷୁର୍ଣ୍ଣଭାବରେ ଥାଆନ୍ତା ଓ ଅନ୍ୟ କୌଣସି ଭାଷା ପ୍ରବେଶର ଅବକାଶ ପାଇ ନ ଥାଆନ୍ତା । ଅନ୍ୟ ଭାଷାଭାଷୀ ଅଳ୍ପସଂଖ୍ୟକ ଲୋକେ ସମସ୍ତେ ଆଜି ସେଠାରେ ଓଡ଼ିଆ ଭାଷା ଗ୍ରହଣ କରି ଥାଆନ୍ତେ । ତ୍ରିହୁତ୍ ଜିଲାରେ ଅନେକ ଓଡ଼ିଆ ଅଛନ୍ତି । ସେମାନେ ସେଠାରେ ସ୍ଥାୟୀ ଅଧିବାସୀ । ବ୍ୟବହାର, କ୍ରିୟା, ରୀତିନୀତି, ପ୍ରଥା ପଦ୍ଧତି ଆଦି ସ୍ୱାଭାବିକ ପ୍ରକ୍ରିୟାରେ କ୍ରମେକେତେ ବଦଳି ଗଲେଣି । ତଥାପି ଏ ଦେଶରେ ସ୍ଥାୟୀ ଅଧିବାସୀ ବଙ୍ଗାଳୀଙ୍କ ପରି ଘରେ ଭଙ୍ଗା ଓଡ଼ିଆ କହୁଛନ୍ତି ଏବଂ ଓଡ଼ିଆ ସ୍ମୃତି ସାମାଜିକ ବିଧାନରେ ଚଳୁଛନ୍ତି । କିନ୍ତୁ ତାହା ବୋଲି ସେଠାରେ ବହୁଦୂର ବିଚ୍ଛିନ୍ନ ଅଳ୍ପସଂଖ୍ୟକ ଓଡ଼ିଆ ଭାଷା କେହି ଦାବୀ କରୁନାହିଁ । ତାହା ସଙ୍ଗତ ବା ସ୍ୱାଭାବିକ ନୁହେଁ । ଭାରତର ହିନ୍ଦୁ ସମାଜର ନିଗୂଢ଼ ସାମାଜିକ ବନ୍ଧନ ଯୋଗୁଁ ସେମାନେ ଓଡ଼ିଆ ସଙ୍ଗେ ବୈବାହିକ ସୂତ୍ରରେ ଆବଦ୍ଧ ହେଉଛନ୍ତି; ମାତ୍ର ଓଡ଼ିଶାର କନ୍ୟା ତ୍ରିହୁତ୍‌ର ବଧୂହେଲେ ସେଠାରେ ତାଙ୍କୁ ହିନ୍ଦୀ ଶିଖିବାକୁ ଓ କହିବାକୁ ହେବ ଓ ତ୍ରିହୁତ କନ୍ୟା ଓଡ଼ିଶାକୁ ଆସିଲେ ସେ ଅବଶ୍ୟ ଓଡ଼ିଆ କହିବେ । ଭାଷା ବାହୁଲ୍ୟ ଭାରତର ଏକତା ପଥରେ ପ୍ରଧାନ ପ୍ରତିବନ୍ଧକ, ଏହା ସମସ୍ତେ ଅନୁଭବ କରୁଅଛନ୍ତି । ଏ ଅସୁବିଧା ସହଜରେ ନିକଟରେ ଘୁଞ୍ଚିବାର ନୁହେଁ । ତାହା ବୋଲି ଏ ପ୍ରତିବନ୍ଧକକୁ ବାଧା ଦେବା କାହାରି କର୍ତ୍ତବ୍ୟ ନୁହେଁ । ଯେଉଁ ସ୍ଥାନ ବା ଅଞ୍ଚଳରେ ଯେଉଁ ଲୋକଙ୍କର ସ୍ୱାଭାବିକ ଭାଷା, ସେହି ଭାଷା ସେହି ସ୍ଥାନ ର ସର୍ବସାଧାରଣଙ୍କର ହେବା ଉଚିତ । ଇଂରେଜ ରାଜ୍ୟରେ ଓଡ଼ିଆମାନେ ଭାଷା ସମ୍ବନ୍ଧରେ ଯେ ବାଧା ପାଉଛନ୍ତି ଓ ପାଉଛନ୍ତି ତାହା କଠୋର ନିର୍ଦ୍ଦୟତା ଏବଂ ଉତ୍କଟ ଅନ୍ୟାୟ ବୋଲି ମୁଁ ଅସଂକୋଚ ଚିତ୍ତରେ କହିପାରେ । ମାତୃଭାଷା ମନୁଷ୍ୟ ହୃଦୟରେ ସ୍ୱାଭାବିକ ପ୍ରବାହ । ଏହାକୁ ସେ ଭାଷାରୁ ବଞ୍ଚିତ କରିବା ଅର୍ଥ ତାହାର ହୃଦୟର ଗତିରୋଧ କରିବା, ହୃଦୟର ଦ୍ୱାର ମୁଖ ବନ୍ଦ କରିବା ଏବଂ ଅନ୍ତରର ସ୍ମୃତି ଚିର କାଟିଦେବା । ଏହି ନିଗ୍ରହ ଓ ନିର୍ଯ୍ୟାତନା ଆମମାନଙ୍କୁ ଏ ରାଜତ୍ୱରେ ଏକପ୍ରକାର ପ୍ରାରମ୍ଭରୁ ଆଜିଯାଏ ସହିବାକୁ ପଡ଼ିଅଛି ।

ଗତ ଶତାବ୍ଦୀର ମଧ୍ୟ ଭାଗରେ ରାଜନୈତିକ ଓଡ଼ିଶାରେ ବଙ୍ଗଳା ଚଳିବାର ଉଦ୍ୟମ ହୋଇଥିଲା । କେତେକ ସ୍କୁଲରେ ମଧ୍ୟ ଚଳିଥିଲା । ଚିତ୍ରାନନ୍ଦ,ଗୌରୀଶଙ୍କର ପ୍ରଭୃତି କ୍ଷଣଜନ୍ମା ଉତ୍କଳପୁତ୍ରଙ୍କ ଯତ୍ନରେ ସେ ଉଦ୍ୟମ ବିଫଳ ହେଲା । ତାହା ନ ହୋଇଥିଲେ ଓଡ଼ିଶାରେ ମଧ୍ୟ ଓଡ଼ିଆ ସତ୍ତା ଆଜି ନ ଥାଆନ୍ତା । ଗଙ୍ଗାମୁହାଣ ପର୍ଯ୍ୟନ୍ତ ଓଡ଼ିଶାର ନୈସର୍ଗିକ ସୀମା ବିସ୍ତୃତ ଥିଲାବେଳେ ମେଦିନୀପୁର ଓଡ଼ିଶାର ଅନ୍ତର୍ଗତ ଥିଲା । ଓଡ଼ିଆ

ସେଠାରେ ଭାଷାଥିଲା; ତାସବିକ୍ ମେଦିନୀପୁର ଇଂରେଜମାନଙ୍କର ସାବେକ କାଗଜ ପତ୍ରରେ ଓଡ଼ିଶା ବୋଲି ଉଲ୍ଲେଖ ହୋଇଅଛି । ମାତ୍ର ସେଠାରୁ ଓଡ଼ିଆ ବର୍ତ୍ତମାନ ଲୋପ ପାଇଲାଣି । ଗଞ୍ଜାମ, ଭାଇଜାଗପଟମ୍‌ର କଥା ପୂର୍ବରୁ କୁହାଯାଇଅଛି । ସମ୍ବଲପୁର ହିନ୍ଦୀ ଓ ଓଡ଼ିଆ ଭିତରେ କେତେ ଆଘାତ ଓ ପ୍ରତିଘାତ ସହି ଅବଶେଷରେ ନିଜ ଭାଷା ପାଇଅଛି; ମାତ୍ର ଏଥିଲାଗି ତାକୁ ଯେଉଁ ସଂଗ୍ରାମ କରିବାକୁ ପଡ଼ିଥିଲା, ସେ ସଂଗ୍ରାମ ଫଳରେ ତାହାର ଅଙ୍ଗହାନି ଘଟିଛି ଓ ତାହାର କେତେକ ଅଞ୍ଚଳ ହିନ୍ଦୀଭାଷୀ ପ୍ରଦେଶ ସହିତ ରହିଯାଇଅଛି । ଏହା ଓଡ଼ିଶା ପକ୍ଷେ ଗୁରୁତର କ୍ଷତି । ସିଂହଭୂମି ହିନ୍ଦୀ ବଙ୍ଗଳା ଉଭୟ ସଂକଟ ମଧ୍ୟରେ ବର୍ତ୍ତମାନ ସୁଦ୍ଧା ପଡ଼ି ରହିଅଛି । ମୂଳରେ କହିବାକୁ ଗଲେ ସମଗ୍ର ଉତ୍କଳ ପ୍ରଦେଶରେ ଏପରି ସ୍ଥାନ ବା ଜିଲା ନାହିଁ, ଯେଉଁଠାରେ କୌଣସି ସମୟରେ ଓଡ଼ିଆମାନଙ୍କ ଭାଷା ଉପରେ ଅଯଥା ଆକ୍ରମଣ ଏବଂ ଅତ୍ୟାଚାରହୋଇନାହିଁ ଏବଂ ସେଥିଯୋଗୁଁ ଓଡ଼ିଆମାନେ ଦୁଃଖ ଓ କଷ୍ଟ ଭୋଗୁନାହାନ୍ତି । ଓଡ଼ିଆମାନଙ୍କ ଶାସନରେ ଇଂରେଜ ସରକାର ସେମାନଙ୍କର ପ୍ରକୃତ ଅବସ୍ଥା ବୁଝିବାକୁ ଚେଷ୍ଟା କରିଥିଲେ ଏ ଅନ୍ୟାୟ ଏବଂ ଅତ୍ୟାଚାର କଦାପି ଘଟି ନ ଥାଆନ୍ତା । କେବଳ ଭାଷାବିଷୟରେ ନୁହେଁ । ଅନ୍ୟାନ୍ୟ ଅନେକ କ୍ଷେତ୍ରରେ ଇଂରେଜ ସରକାରଙ୍କ ଓଡ଼ିଆମାନଙ୍କ ପ୍ରତି ଏହିପରି ଅନବଧାନତା ଏବଂ ଉଦାସୀନତା ଦେଖାଯାଇଅଛି । ଆଜି ଯେ ଓଡ଼ିଶାର ଅଧିକାଂଶ ବଡ ବଡ ଜମିଦାରୀ ସ୍ଥାନାନ୍ତର ଲୋକଙ୍କ ହାତରେ ରହିଛି ତାହାର କାରଣ ଅନୁସନ୍ଧାନ କଲେ ଜଣାଯିବ ଯେ ଓଡ଼ିଆଙ୍କରଭାଷା ନ ବୁଝି, ଓଡ଼ିଶାର ଅବସ୍ଥା ନ ଜାଣି, ଶାସନ ପରିବର୍ତ୍ତିତ ନିୟମମାନ ଓଡ଼ିଆମାନଙ୍କୁ ଜାଣିବାର ସୁଯୋଗ ନ ଦେଇ, ସମୁଦ୍ର ଆର ପାଖରେ କଲିକତାରୁ ଓଡ଼ିଶାର ଭାଗ୍ୟ ନିଷ୍ପତ୍ତି କରିବା ଦ୍ୱାରା ଓଡ଼ିଶାର ଏହି ଗତି ଘଟିଅଛି । ବୋଲିବା ବାହୁଲ୍ୟ ଯେ ଓଡ଼ିଆମାନଙ୍କର ଯେତେବେଳେ ସମୁଚିତ ସଂଖ୍ୟା ଓ ଶିକ୍ଷା ଥିଲେ ଏବଂ ଶାସନ ଚକ୍ରରେ ସେମାନେ କ୍ରମେ କେଉଁ ଆଡକୁ ଗଡ଼ି ହୋଇ ଯାଉଛନ୍ତି, ତାହା ବୁଝିବାର ଶକ୍ତି ଥିଲେ, ସେମାନେ ଏ ଶାସନ ବିଧାନକୁ କଦାପି ଗ୍ରହଣ କରି ନ ଥାନ୍ତେ । ବସ୍ତୁତଃ ୧୮୦୩ ମସିହାରେ ଯେଉଁ ଓଡ଼ିଆ ତାହାର ଜାତୀୟ ସର୍ବସ୍ୱ ଜଗନ୍ନାଥଙ୍କୁ ଇଂରେଜମାନଙ୍କଠାରେ ସମର୍ପଣ କରି ସେମାନଙ୍କୁ ଆମନ୍ତ୍ରଣକରି ଆଣିଥିଲେ, ୧୮୧୭ ମସିହାରେ ସେହି ରାଜଭକ୍ତ ଓଡ଼ିଆ ବାଧ୍ୟ ହୋଇ ଯେ ବିଦ୍ରୋହ ଆରମ୍ଭ କରିଥିଲେ, ତାହା ଏହି ପ୍ରକାର ବ୍ୟବହାରର ଫଳ । ଓଡ଼ିଆମାନଙ୍କ ପ୍ରତି ଅତୀତରେ ଏହିପରି ଯେ ଉତ୍କଟ ଅନ୍ୟାୟ କରାଯାଇ ଅଛି, ବର୍ତ୍ତମାନ ସଂଖ୍ୟାଲାଭ କରି ସେମାନେ ତାହା ବୁଝିଥିଲା ପରି ବୋଧ ହେଉ ନାହିଁ । ଜ୍ଞାତସାରରେ ହେଉ ବା ଅଜ୍ଞାତସାରରେ ହେଉ, ଓଡ଼ିଆମାନଙ୍କ ପ୍ରତି ଯେ ସବୁ ଅନ୍ୟାୟ ହୋଇଅଛି, ସେଥିରୁ ବର୍ତ୍ତମାନ ଯେ ସବୁ ପ୍ରତିକାର କରାଯାଇପାରେ, ଅତୀତରେ ଓଡ଼ିଆର ଯେ ସବୁ କ୍ଷତି ହୋଇଅଛି; ତହିଁରୁ ଯେତେ ପରିମାଣରେ ବର୍ତ୍ତମାନ ପୂରଣ କରାଯାଇପାରେ, ସରକାର ତାହା କରିବାକୁ ପ୍ରସ୍ତୁତ ହେଲେ ଓଡ଼ିଆମାନଙ୍କର ଆଉ କେତେ ଦୁଃଖର କାରଣ ରହନ୍ତା ନାହିଁ ।

କିନ୍ତୁ ଉତ୍କଳ ଭୂମି ଯେପରି ଖଣ୍ଡ ବିଖଣ୍ଡିତ, ସେହିପରି ଭାଷାର ମଧ୍ୟ ସେହି ଦଶା । ଓଡ଼ିଆ ଦେଶ ମିଶ୍ରଣ ସମସ୍ୟା ବର୍ତ୍ତମାନ ସୁଦ୍ଧା ଅପୂର୍ଣ୍ଣ । ଏ ସମ୍ମିଳନୀର ଆରମ୍ଭ ପୂର୍ବରୁ ଅର୍ଥାତ୍ ଓଡ଼ିଆ ଜାତିର ସଂଜ୍ଞା ଜାଗିବା ଦିନ୍ରୁ ଶାସନ ସୂତ୍ରରେ ଓଡ଼ିଆ ଜାତିର ମିଳନ ନିମନ୍ତେ ଚିତ୍କାର ଉଠୁଅଛି ଯହିଁର ଫଳରେ ଲର୍ଡ କର୍ଜନ ଗଭର୍ଣ୍ଣମେଣ୍ଟଠାରେ ଓଡ଼ିଆଭାଷୀ ଦେଶମିଶ୍ରଣର ପ୍ରସ୍ତାବ କରିଥିଲେ । ତାହା କାର୍ଯ୍ୟରେ ପରିଣତ ହୋଇଥିଲେ ଓଡ଼ିଆ ଆଜି ବିକଳାଙ୍ଗ ହୋଇ ପଡ଼ିରହି ନ ଥାନ୍ତା; ମାତ୍ର ପରିଣାମରେ ତାହା ଘଟିଲା ନାହିଁ । ଗଞ୍ଜାମ, ଭାଇଜାଗ୍, ସିଂହଭୂମି ପ୍ରଭୃତି ଓଡ଼ିଆ ଅଞ୍ଚଳମାନ ଲର୍ଡ କର୍ଜନଙ୍କ ପ୍ରଥମ ପ୍ରସ୍ତାବ ମତେ ଓଡ଼ିଶା ସଙ୍ଗେ ମିଶିଲା ନାହିଁ; ମାତ୍ର ଓଡ଼ିଆମାନେ ସେହି ଦିନ୍ରୁ ନୀରବ ନାହାନ୍ତି । ଉତ୍କଳ ସମ୍ମିଳନୀର ଆରମ୍ଭରୁ ଏହି ଦେଶ ମିଶ୍ରଣ ପ୍ରସ୍ତାବ କ୍ରମାଗତ ଆଲୋଚିତ ହୋଇ ଆସୁଅଛି । ଆବେଦନ, ନିବେଦନ, ନିର୍ଦ୍ଧାରଣ ପ୍ରଭୃତି ନାନା ଭାବରେ ଏହି ପ୍ରସଙ୍ଗ ସରକାରଙ୍କର କର୍ଣ୍ଣଗୋଚର କରାଇବାର ପ୍ରୟାସ ହୋଇଅଛି । କେତେବେଳେ ସରକାର କହୁଛନ୍ତି ଓଡ଼ିଆମାନଙ୍କର ଦେଶମିଶ୍ରଣ ବାଞ୍ଛନୀୟ ବା ଆବଶ୍ୟକ ନୁହେଁ, ପୁଣି କେତେବେଳେ କହୁଛନ୍ତି ଯଥେଷ୍ଟ ପ୍ରମାଣ ମିଳିଲେ ଏହାର ବିଚାର କରାଯିବ । ପ୍ରମାଣର ଯଥେଷ୍ଟତା ଏବଂ ଦେଶ ମିଶ୍ରଣର ବାଞ୍ଛନୀୟତା ବା ଆବଶ୍ୟକତା ବିଚାର କରିବାର କ୍ଷମତା ସରକାରଙ୍କଠାରେ; ମାତ୍ର ଯେଉଁମାନେ ଶାସିତ ହେବେ ସେମାନଙ୍କର ବାଞ୍ଛା କଣ, ସେମାନେ କଣ ଆବଶ୍ୟକ ମଣୁଛନ୍ତି, ଏହା କି ବିଚାରର ବିଷୟ ନୁହେଁ ? ବୋଲିବା ବାହୁଲ୍ୟ, ସରକାରଙ୍କ ବାଞ୍ଛନୀୟତା ଏବଂ ଆବଶ୍ୟକତା ବୋଧରେ ଲୋକଙ୍କର ତେତେ ବିଶ୍ୱାସ ନାହିଁ । ଲର୍ଡ କର୍ଜନଙ୍କ ପ୍ରଥମ ପ୍ରସ୍ତାବବେଳେ ଯାହା ଆବଶ୍ୟକ ଓ ବାଞ୍ଛନୀୟ ବୋଧ ହେଉଥିଲା, ଲର୍ଡ ମିଣ୍ଟୋଙ୍କ ବେଳକୁ ଯଦି ତାହା, ଏକାବେଳକେ ଅବାଞ୍ଛନୀୟ ଏବଂ ଅନାବଶ୍ୟକ ହେଲା, ତେବେ ଏଥିରୁ ଲୋକେ ବୁଝିବେ କଅଣ ? ପୁଣି ଅନ୍ୟ ଏକ କର୍ତ୍ତାଙ୍କ ବିଚାରରେ ବିହାରର ସମୁଦ୍ର ସଙ୍ଗେ ସଂଯୋଗ ରଖିବାଲାଗି ତହିଁ ସହିତ ଓଡ଼ିଶାର ସଂଯୋଗ ଏତେ ବାଞ୍ଛନୀୟ ଓ ଆବଶ୍ୟକ ହୋଇପଡ଼ିଲା । ଇଂରେଜ ଶାସନର ପ୍ରାରମ୍ଭରୁ ଆଜିଯାଏ ଓଡ଼ିଆମାନଙ୍କ ପ୍ରତି ନାନା ବିଷୟରେ ଏହିପରି କ୍ରମାଗତ ଯେ ବ୍ୟବହାର କରାଯାଇଛି, ସେ ସବୁ ଦୃଷ୍ଟିରେ ଇଂରେଜ ସରକାର ସରଳ ଅସଂକୋଚିତରେ କହିପାରିବେ କି ଓଡ଼ିଶାର ଶାସନ ପ୍ରବର୍ତ୍ତନ, ପରିଚାଳନା ଓ ପରିବର୍ତ୍ତନ ଓଡ଼ିଆମାନଙ୍କ ସୁବିଧା ଅସୁବିଧା ଓ ହିତାହିତ ବିବେଚନାରେ କରାଯାଇଛି ।

ଦେଶ ମିଶ୍ରଣ ସମ୍ବନ୍ଧେ ଯଥେଷ୍ଟ କୁହାଯାଇଅଛି ଏବଂ ଓଡ଼ିଆ ଜନସାଧାରଣ ନାନା ଭାବରେ ସେମାନଙ୍କର ଏହି ଆକାଂକ୍ଷା ବ୍ୟକ୍ତ କରିଅଛନ୍ତି । ଓଡ଼ିଆମାନଙ୍କର ଏହି ଦାବୀ ଯେ ନ୍ୟାୟସଂଗତ ଏବଂ ଓଡ଼ିଆର ସ୍ୱାତନ୍ତ୍ର୍ୟ ରକ୍ଷା ନିମନ୍ତେ ଏହା ଯେ ଆବଶ୍ୟକ, ଗଭର୍ଣ୍ଣମେଣ୍ଟ ଏହା ଅବଶ୍ୟ ବୁଝି ପାରିଅଛନ୍ତି ଏବଂ ସମୟ ବିଶେଷରେ ଏହା ମଧ୍ୟ ସ୍ୱୀକାର କରିଅଛନ୍ତି; କିନ୍ତୁ ଏଣିକି ଏହିପରି ସାମୟିକ ଆଶ୍ୱାସନାଜନକ ସ୍ୱୀକାର ଓଡ଼ିଆମାନଙ୍କୁ ଆଉ ଶାନ୍ତି ଦେବ ନାହିଁ ।

ସମସ୍ତଙ୍କର ଆଶାଥିଲା, ମଣ୍ଟେଗୁ ଚେମସ୍‌ଫୋର୍ଡ ଶାସନ ସଂସ୍କାରରେ ଓଡ଼ିଆ ସମସ୍ୟାର କିଛି ମୀମାଂସା ହେବ । ରିପୋର୍ଟରେ ମଧ୍ୟ ଏହି ବିଷୟରେ ଯାହା ଉଲ୍ଲେଖ ସେଥିରୁ ଓଡ଼ିଆମାନଙ୍କ ଦାବୀ ପ୍ରତି ସହାନୁଭୂତି ଥିବାର ଜଣାଯାଏ । ମାତ୍ର ଯେଉଁ Subprovince ସୂଚନା ଦିଆଯାଇଛି ତାହାର ଆକାର ପ୍ରକାର ସମ୍ବନ୍ଧେ ଇଙ୍ଗିତ ପର୍ଯ୍ୟନ୍ତ ନାହିଁ । ସେ ସବ୍‌ପ୍ରୋଭିନସ୍ ପୁଣି ବର୍ତ୍ତମାନର କଥା ନୁହେଁ ଭାରତ ବ୍ୟବସ୍ଥାପକ ସଭାରେ ମାନ୍ୟବର କନିକା ରାଜାସାହେବଙ୍କ ପ୍ରଶ୍ନରେ ଏ ସମ୍ବନ୍ଧେ ସରକାରଙ୍କ ଉତ୍ତରରୁ ଜଣାଯାଏ । ଏ ବିଷୟ ନ ଉଠାଇବା ଲାଗି ପ୍ରାଦେଶିକ ଗଭର୍ଣ୍ଣମେଣ୍ଟଙ୍କୁ ଆଦେଶ ଦିଆଯାଇଛି । ଏହିପରି କ୍ରମେ "ପଦ୍ମ ବୁଡୁବୁଡୁ ଯାଉଛି" ଦେଖି ଓଡ଼ିଆମାନଙ୍କ ପ୍ରତ୍ୟୟ କ୍ରମେ ଉଣା ହୋଇ ଆସିବା ସ୍ୱାଭାବିକ । ତଥାପି ଆଶା ସହଜରେ ତୁଟୁ ନାହିଁ । Subprovince ପ୍ରସଙ୍ଗରେ ଓଡ଼ିଆମାନଙ୍କର ଦେଶମିଶ୍ରଣ ପ୍ରଶ୍ନର ବିଚାର ହେବ ବୋଲି ଆଶା କରାଯାଏ ।

ଓଡ଼ିଆମାନଙ୍କର ସ୍ୱତନ୍ତ୍ର ଶାସନର ଦାବୀ ଅସଙ୍ଗତ ନୁହେଁ । ସ୍ୱତନ୍ତ୍ର ଶାସନ ନିମନ୍ତେ ଓଡ଼ିଆଭାଷୀ ପ୍ରଦେଶ ନିତାନ୍ତ ସାମାନ୍ୟ ନୁହେଁ । ବସ୍ତୁତଃ ଗଭର୍ଣ୍ଣମେଣ୍ଟ ନିଜେ ମଧ୍ୟ ସେପରି କେତେଥର ପ୍ରସ୍ତାବ କରିଥିବା ଜଣାଯାଏ; ମାତ୍ର ଅନ୍ୟାନ୍ୟ ନାନାପ୍ରକାର ପ୍ରଭାବରୁ ସେ ପ୍ରସ୍ତାବ ପରିତ୍ୟାଗ କରିବାକୁ ପଡ଼ିଅଛି । ଓଡ଼ିଆଭାଷୀ ପ୍ରଦେଶକୁ ଏକ ଶାସନାଧୀନ ଗଠିତ ଲାଗି ଆମମାନଙ୍କର ହିସାବ କିତାବର ଅଧିକ ପ୍ରମାଣ ଦେବା ପ୍ରୟୋଜନ

ନାହିଁ । ସରକାର ସ୍ଥିରକଲେ ତାଙ୍କୁ ଯୁକ୍ତି ହେବ ନାହିଁ । ତାହା ପୁଣି ସେତେବେଳେ ପ୍ରୟୋଜନୀୟ ଓ ବାଞ୍ଛନୀୟ ନୁହେଁ । ଏ ବିଷୟରେ ଆମମାନଙ୍କର ଯେ କ୍ରମେ ନିରାଶା ଜନ୍ମୁଛି ଏବଂ ପ୍ରତ୍ୟୟ କମୁଅଛି, ଏଣିକି ମୁଁ ବୋଧକରେ ସରକାର କେବଳ ଏହାରି ପ୍ରମାଣ ପାଇବେ ।

ବର୍ତ୍ତମାନ ଇଉରୋପର ମହାସମର ଶେଷ ହୋଇଅଛି । ବ୍ରିଟିଶ ମିତ୍ରପକ୍ଷର ବିଜୟବାନା ସ୍ୱରିଆଡେ ଉଡୁଅଛି । ନ୍ୟାୟ ଓ ସତ୍ୟର ଜୟ ଏହି ଦୁହା ସର୍ବତ୍ର ଘୋଷିତ ହେଉଅଛି । ଏହି ବିଜୟରେ ଭାରତବାସୀ ଆପଣାକୁ ଗୌରବାନ୍ୱିତ ମଣୁଅଛି । ଏହା ଓଡ଼ିଆ ହୃଦୟରେ ଆଶା ଓ ଆଶ୍ୱାସନା ଜନ୍ମାଉଛି । କ୍ଷୁଦ୍ର ଏବଂ କ୍ଷୀଣବଳ ଜାତିମାନଙ୍କର ସ୍ୱାଧୀନତା ଓ ସ୍ୱାତନ୍ତ୍ର୍ୟ ରକ୍ଷା ଇଂରେଜଙ୍କ ଯୁଦ୍ଧରେ ପ୍ରବେଶର ପ୍ରଧାନ କାରଣ । ଭାରତ ଶାସନରେ ଏହି କାରଣ ପରିବର୍ତ୍ତିତ ହେଲେ ଓଡ଼ିଆ ପ୍ରଶ୍ନ ସମାଧାନର ଆଉ କୌଣସି କଷ୍ଟ ରହନ୍ତା ନାହିଁ । ପ୍ରତ୍ୟେକ ଜାତି ତାର ନିଜର ସ୍ୱାତନ୍ତ୍ର୍ୟ ରକ୍ଷୁ ଏବଂ ଉକ୍ତ ସ୍ୱାତନ୍ତ୍ର୍ୟର କ୍ରମ ନୈସର୍ଗିକ ବିକାଶ ନିମନ୍ତେ ସଂପୂର୍ଣ୍ଣ ସୁବିଧା ସୁଯୋଗ ପାଉ । ଇଉରୋପରେ ଏ ନୀତି ଯେପରି ଉଚିତ ଏବଂ ଉପାଦେୟ ଏ ଦେଶରେ ମଧ୍ୟ ସେପରି ପ୍ରଶସ୍ତ ଓ ପ୍ରୟୋଜନୀୟ । ସାମ୍ରାଜ୍ୟ ବିଜୟରେ ଆଜି ହୃଦୟର ଅଶେଷ ଆନନ୍ଦ ପ୍ରକାଶ କରିଅଛୁଁ । ପୂର୍ବେ ରାଜାମାନେ ବିଜୟୋତ୍ସବରେ ନାନାବିଧ ଦାନ କରୁଥିଲେ । ଆଜିକାଲି ମଧ୍ୟ ଏ ବିଧି ପ୍ରଚଳିତ ଅଛି । ଉପସ୍ଥିତ ବିଜୟ ଉତ୍ସବର ଦାନସ୍ୱରୂପ ଓଡ଼ିଆଜାତି ତାହାର ଶାସନ ସମ୍ମିଳନୀ ପ୍ରାର୍ଥନା କରେ ।

ମୁଁ ସତ୍ୟରେ ଏବଂ ନ୍ୟାୟରେ ଯେପରି ବିଶ୍ୱାସ କରେ ଓଡ଼ିଆମାନଙ୍କ ଶାସନ ମିଳନରେ ସେହିପରି ବିଶ୍ୱାସ କରେ । ଶୀଘ୍ର ହେଉ ବା ବିଳମ୍ବରେ ହେଉ ଏହା ଯେ ନିଶ୍ଚିତ ଦିନେ ହେବ ଏଥିରେ ମୋର ଲେଶ ସନ୍ଦେହ ନାହିଁ । କାରଣ ଓଡ଼ିଆମାନଙ୍କର ଏ ଦାବୀ ସତ୍ୟ ଏବଂ ନ୍ୟାୟ ସଙ୍ଗତ; କିନ୍ତୁ, ଶାସନ ସଂସ୍କାର ପ୍ରବର୍ତ୍ତନ ପୂର୍ବରୁ ଏ ସମ୍ବନ୍ଧେ କିଛି ହେଉ ନାହିଁ । ସୁତରାଂ ଦେଶର ମିଶ୍ରଣ ପୂର୍ବରୁ ଶାସନ ସଂସ୍କାର ବିଧାନରେ ଓଡ଼ିଆମାନଙ୍କର ସ୍ୱାତନ୍ତ୍ର୍ୟରକ୍ଷା ନିମନ୍ତେ କୌଣସି ସୁବ୍ୟବସ୍ଥା ହେବା ଉଚିତ୍ । ଏ ସମ୍ବନ୍ଧେ Franchise କମିଟିଙ୍କ ନିକଟରେ ଉତ୍କଳ ସମ୍ମିଳନୀ ପକ୍ଷରୁ ଯେ ମତ ବ୍ୟକ୍ତ କରାଯାଇଅଛି ଆଶା କରାଯାଏ ତହିଁର ସୁବିଚାର ହେବ । ବିହାର ଓଡ଼ିଶା ପ୍ରଦେଶରେ ଓଡ଼ିଶାକୁ କେବଳ ଏକ କମିଶନୀ ବିଭାଗ ବୋଲି ବିଚାର କରିବା ନ୍ୟାୟସଙ୍ଗତ ହେଉନାହିଁ । ଏ ପ୍ରଦେଶ ମଧ୍ୟରେ ନାନ ପ୍ରକାରେ ଓଡ଼ିଶାର ଯେ ସ୍ୱତନ୍ତ୍ର ସ୍ୱତ୍ୱ ଓ ସ୍ୱାର୍ଥ ଅଛି, ତାହା ବିବେଚିତ ହେବା ଉଚିତ୍ । ଲୋକସଂଖ୍ୟା ଆଦି ଦୃଷ୍ଟିରେ ପାର୍ଲିମେଣ୍ଟ ସଭାକୁ ଆୟର୍ଲାଣ୍ଡ ଯେତେସଂଖ୍ୟକ ସଭ୍ୟ ପଠାଇବା ଉଚିତ୍, ସେ ତତ୍ ଅପେକ୍ଷା ୩୦ ଜଣ ଅଧିକ ପଠାଇ ଥାଏ ।

ଆୟର୍ଲାଣ୍ଡ ପକ୍ଷେ ଯେ କାରଣ ଓଡ଼ିଶାପକ୍ଷେ ମଧ୍ୟ ସେହି କାରଣ ବିଦ୍ୟମାନ । ମାନ୍ଦ୍ରାଜର ଓଡ଼ିଆଭାଷୀ ଅଞ୍ଚଳ ସ୍ୱତନ୍ତ୍ର ନିର୍ବାଚନ ମଣ୍ଡଳ ଗଠନଲାଗି ଲୋକସଂଖ୍ୟା ଏବଂ ପରିମାଣରେ ଯଥେଷ୍ଟ ହେବ । ଅନ୍ୟାନ୍ୟ ଶାସନାଧୀନରେ ଯେ ସମସ୍ତ ଓଡ଼ିଆ ଅଛନ୍ତି, ଶାସନ ସଂସ୍କାରରେ ସେମାନଙ୍କ ନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥା ହେବା ବାଞ୍ଛନୀୟ ।

ମୁଁ ନିଜେ ବ୍ୟକ୍ତିଗତ ଭାବରେ ସାଂପ୍ରଦାୟିକ ନିର୍ବାଚନର ପକ୍ଷପାତୀ ନୁହେଁ, ମାତ୍ର ବର୍ତ୍ତମାନ ଅବସ୍ଥା ଯେପରି ସେଥିରେ ଏକାବେଳକେ ସେହିପରି ଅବସ୍ଥା ଉଠାଇ ଦିଆଗଲେ ଅନେକଙ୍କର ଅଶାନ୍ତି ଏବଂ ଅସନ୍ତୋଷ ଜନ୍ମିବ । ପରିଣାମରେ ସାଂପ୍ରଦାୟିକ ନିର୍ବାଚନ ବିଧାନର ଆବଶ୍ୟକତା ଯେ ରହିବ ନାହିଁ ଏବଂ ରହିବା ଉଚିତ୍ ନୁହେଁ, ଏହା ମୋର ବିଶ୍ୱାସ ।

ଭାଇମାନେ,

ଆମେମାନେ ଏହି ସମ୍ମିଳନୀ ମଣ୍ଡପରେ ନାନାବିଧ ଜାତୀୟ ସମସ୍ୟା ଆଲୋଚନା କରୁଥିବା ସମୟରେ ଓଡ଼ିଶାର ସ୍ୱରିଆଡେ ଯେ ବର୍ତ୍ତମାନ ଦାରୁଣ ଅନ୍ନ କଷ୍ଟ ଘଟିଅଛି, ତାହା ସ୍ୱତଃ ପ୍ରାଣକୁ ଆଲୋଡ଼ିତ କରେ । ଅନ୍ନକଷ୍ଟ ପୃଥିବୀର ସ୍ୱରିଆଡେ ଅତ୍ୟଧିକ ପରିମାଣରେ ବ୍ୟାପିଛି । ଭାରତର ପ୍ରତ୍ୟେକ ପ୍ରଦେଶର ଅବସ୍ଥା ପ୍ରାୟ ଶୋଚନୀୟ । ଓଡ଼ିଶା ଏକେ ଦରିଦ୍ର, ସେଥିରେ ପୁଣି ପ୍ରତିବର୍ଷ କୌଣସି ନା କୌଣସି ଅଞ୍ଚଳରେ ଶସ୍ୟହାନୀ ଘଟୁଛି । ଏବର୍ଷ ଓଡ଼ିଆ ରାଜ୍ୟର ଚତୁର୍ଦ୍ଦିଗରେ ଶସ୍ୟହାନୀ । ଗଞ୍ଜାମ, ଅନୁଗୁଳ ଏବଂ ଗଡଜାତର କେତେ ରାଜ୍ୟରେ ବର୍ତ୍ତମାନ ଦାରୁଣ ଦୁର୍ଭିକ୍ଷ । ଅନ୍ୟାନ୍ୟ ସ୍ଥାନରେ ସେତେ ଉତ୍କଟ ନ ହେଲେ ହେଁ ଖାଦ୍ୟ ଜିନିଷର ଭାଉ ଯେପରି ବଢ଼ିଅଛି, ସାଧାରଣ ଶ୍ରମଜୀବି ପକ୍ଷରେ ଚଳିବା ଦୁଃସାଧ୍ୟ । ପ୍ରତ୍ୟେକ ଜିଲ୍ଲାରୁ ଏବଂ ଗଡଜାତର ପ୍ରତ୍ୟେକ ରାଜ୍ୟରୁ କେହି ବା ସ୍ତ୍ରୀ ପୁତ୍ର କନ୍ୟାଧରି କେହି ବା ପରିବାର ଘରଦ୍ୱାର ଛାଡ଼ି, ଆସାମ ଓ ଅନ୍ୟାନ୍ୟ ଦୂରବର୍ତ୍ତୀ ସ୍ଥାନକୁପେଟ ବିକଳରେ ସ୍ୱଲିଯାଉଅଛନ୍ତି । ଏଣେ ଦେଶରେ ସେପରି ଶିଳ୍ପ ବାଣିଜ୍ୟର ବ୍ୟବସ୍ଥାନାହିଁ ଯହିଁରେ ସେମାନେ ନିଯୁକ୍ତ ହୋଇପାରିବେ । ଗ୍ରାମମାନଙ୍କରେ ଏହି ଦିନୁଁ ଜଳକଷ୍ଟ ପଡ଼ିଲାଣି । କୌଣସି କୌଣସି ଅଞ୍ଚଳରେ ଲୋକେ ଧାନ ଚାଉଳ କିଣିବାକୁ ପାଉନାହାନ୍ତି; ବସ୍ତ୍ରକଷ୍ଟ ଯୁଦ୍ଧ ଆଦ୍ୟରୁ ତ ବରାବର ଲାଗି ରହିଛି । ଆଜିକାଲି ପଲ୍ଲୀର ଲୋକେ ଯେପରି ଭାବରେ କାଳ କଟାଉଛନ୍ତି, ତା ଦେଖିଲେ ହୃଦୟ ଫାଟିଯାଏ । ଜ୍ୱର, ବିସୂଚିକା, ବସନ୍ତ ଗ୍ରାମମାନଙ୍କୁ ଛାରଖାର କରିସାରିଲାଣି । ମୃତ୍ୟୁ ରେଜିଷ୍ଟରରେ ମୃତ୍ୟୁର କାରଣ ଯାହା ଲେଖାହେଉନା କାହିଁକି, ଅଧିକାଂଶ ମୃତ୍ୟୁର ନିଦାନ ଯେ ଅନ୍ନକଷ୍ଟ, ଏଥିରେ କୌଣସି ସନ୍ଦେହ ନାହିଁ । ଆଉ ଦୁଇମାସମଧ୍ୟରେ ଅବସ୍ଥା ବଡ ଭୟଙ୍କର ହୋଇପଡ଼ିବ । ଅବଶ୍ୟ ଏ ଚତୁର୍ଦ୍ଦିଗ ବ୍ୟାପୀ ଅନ୍ନକଷ୍ଟ ନିମନ୍ତେ ବିଶେଷ କିଛି କରିପାରିବା ଭଳି କ୍ଷମତା ସମ୍ମିଳନୀର ନାହିଁ ।

ବିଶେଷ ଭାବରେ କୌଣସି କୌଣସି ସ୍ଥାନ ନିମନ୍ତେ ସମ୍ମିଳନୀ କିଛି କରିପାରିଲେ ବଡ ଭଲ ହୁଅନ୍ତା । ଲୋକମାନଙ୍କର ଇଚ୍ଛା ଯେ କେନ୍ଦ୍ରସ୍ଥାନମାନଙ୍କରେ ସରକାରଙ୍କ ତରଫରୁ ଚାଉଳ ବା ଧାନ ଗୋଦାମ ବସି ଏକ ନିର୍ଦ୍ଦିଷ୍ଟ ଦରରେ ବିକ୍ରିହେଉ ଯେପରିକି ମହାଜନମାନେ ମନଇଚ୍ଛାରେ ଅତ୍ୟଧିକ ଲାଭବାନ ହୋଇପାରିବେ ନାହିଁ । ସରକାରଙ୍କ ତରଫରୁ ଏପରି ଗୋଦାମ ବସିଲେ, ସମ୍ମିଳନୀ ଅବଶ୍ୟ ଏଥିରେ ସହଯୋଗିତା କରିବେ, ସନ୍ଦେହ ନାହିଁ । ଏହାଛଡା ସମ୍ମିଳନୀ ପକ୍ଷରୁ ସ୍ୱେଚ୍ଛାସେବକମାନଙ୍କ ଦ୍ୱାରା କିମ୍ବା ଅନ୍ୟ ଉପାୟରେ ସ୍ଥାନୀୟ ମହାଜନମାନଙ୍କୁ ଅନୁରୋଧ କରାଯାଉ ଯେ, ସେମାନେ ବେପାରୀମାନଙ୍କୁ ଧାନ ଚାଉଳ ଶ୍ରମଜୀବୀ କିଣିଖିଆ ନିକଟବର୍ତ୍ତୀ ଲୋକଙ୍କୁ ଟିକିଏ କୋହଳ ଦରରେ ବିକନ୍ତୁ ।

ଏ ପ୍ରସଙ୍ଗରେ ଦେଶର ସ୍ୱାସ୍ଥ୍ୟ ଦିନକୁ ଦିନ ଯେ କିପରି ନଷ୍ଟ ହେଉଛି, ତାହା ବିଚାର କରିବା ଆବଶ୍ୟକ । ଅତଳୁ ରୋଗ ଆକାଶରୁ ମହର୍ଗ, ପଲ୍ଲୀର ଲୋକ ସାଧାରଣଙ୍କ ମଧ୍ୟରେ ଅଧିକାଂଶସ୍ଥଳେ ଖାଦ୍ୟାଭାବ, ସ୍ୱାସ୍ଥ୍ୟଭଙ୍ଗ ଓ ଦୁର୍ବଳତାର କାରଣ । ଏହାଛଡା ଅନ୍ୟାନ୍ୟ, କାରଣ ମଧ୍ୟ ଅଛି । ଗ୍ରାମମାନଙ୍କରେ ପାଣିର ମଧ୍ୟ ଅଭାବ । ଏପରିକି କୌଣସି କୌଣସି ଗ୍ରାମରେ ଗାଧୋଇବାକୁ ମଧ୍ୟ ବର୍ଷର କେତେକ ମାସ ପାଣି ମିଳେ ନାହିଁ । ସ୍ୱାସ୍ଥ୍ୟରକ୍ଷାର ନିୟମ ନ ଜାଣି ଲୋକେ ଘର ଏବଂ ଗ୍ରାମର ଅବସ୍ଥା ଏପରି କରିଥାନ୍ତି ଯେ, ଗ୍ରାମର ଚତୁର୍ଦ୍ଦିଗରେ ରୋଗର ବୀଜ ଏପରି ବୁଣା ହୋଇଥାଏ ଯେ, ସର୍ବାପେକ୍ଷା ଅଧିକ ପରିତାପର ବିଷୟ ଯେ, ଚିକିତ୍ସାର କୌଣସି ପ୍ରକାର ବ୍ୟବସ୍ଥା ନାହିଁ । ଭାଗ୍ୟ ଆଦରି ଲୋକେ ରୋଗର ଯନ୍ତ୍ରଣା ଭୋଗନ୍ତି । ପରମାୟୁ ଥିଲେ କେବଳ ବଞ୍ଚନ୍ତି । ସରକାର ବା ଜିଲାବୋର୍ଡ ଡାକ୍ତର ଚିକିତ୍ସାକୁ ସାହାଯ୍ୟ କରିଥାଆନ୍ତି, ମାତ୍ର ଲୋକସଂଖ୍ୟା ଦୃଷ୍ଟିରେ କେତେଜଣ ଡାକ୍ତର ? କେତେଟା ବା ଡାକ୍ତରଖାନା ? ପୁଣି ଡାକ୍ତରୀ ଚିକିତ୍ସା ଯେପରି ବ୍ୟୟସାଧ୍ୟ ଏବଂ ଏ ଦେଶର ଯେପରି ଦୁର୍ଲଭ, ଦରିଦ୍ର ପଲ୍ଲୀବାସୀ ଓଡ଼ିଆଙ୍କ ନିମନ୍ତେ ସେ ଚିକିତ୍ସା କେବେହେଲେ ଉପଯୁକ୍ତ ହେବନାହିଁ । ପଲ୍ଲୀର ଶୀଘ୍ର ଚିକିତ୍ସାର କିଛି ବନ୍ଦୋବସ୍ତ ନ ହେଲେ କେତେକ ବର୍ଷ ମଧ୍ୟରେ ଅନେକ ଗ୍ରାମ ଜନଶୂନ୍ୟ ହୋଇଯିବା ବିଚିତ୍ର ନୁହେଁ । ଦେଶୀୟ କବିରାଜ ଚିକିତ୍ସାର ପୁନରୁଦ୍ଧାର ଅତୀବ ପ୍ରୟୋଜନ । ପୁରୀ ନୂତନ ସଂସ୍କୃତ କଲେଜରେ କବିରାଜ ଶିକ୍ଷାର ବ୍ୟବସ୍ଥା କରାଯାଇଛି । ଏହି କଟକ ସହରରେ

କେତେକ ସହୃଦୟବ୍ୟକ୍ତି ଏ ସମ୍ବନ୍ଧରେ ଉଦ୍ୟମ କରୁଅଛନ୍ତି । ତାହା ପ୍ରଶଂସନୀୟ । ଅନ୍ୟାନ୍ୟ କୌଣସି କୌଣସି ସ୍ଥାନରେ ମଧ୍ୟ ବିଦ୍ୟାଳୟ ଅଛି; ମାତ୍ର ଏ ସବୁର ସଂଖ୍ୟା ପ୍ରୟୋଜନ ଅନୁରୂପ ନୁହେଁ । ଶିକ୍ଷା ମଧ୍ୟ ସେପରି ଉତ୍କୃଷ୍ଟ ଧରଣର ଦିଆଯାଏ ନାହିଁ । ପୁସ୍ତକ ଶିକ୍ଷା ସଙ୍ଗେ ସଙ୍ଗେ ଔଷଧାଦି ପ୍ରୟୋଗରେ ଅଭ୍ୟାସଲାଭ କରିବା ଲାଗି ବ୍ୟବସ୍ଥା ନାହିଁ । କବିରାଜୀ ଚିକିତ୍ସାର ପ୍ରୟୋଜନୀୟତା ଦୃଷ୍ଟିରୁ ସରକାର ଏହାର ବିସ୍ତାର ନିମନ୍ତେ ସାହାଯ୍ୟ କରିବା ଉଚିତ୍ । ଅନ୍ତତଃ ପକ୍ଷେ ଜିଲାବୋର୍ଡ ଏବଂ ମ୍ୟୁନିସିପାଲିଟିମାନେ ନିଜ ନିଜ ଇଲାକା ମଧ୍ୟରେ ଏ ପ୍ରକାର ଚିକିତ୍ସା ଲାଗି ବାର୍ଷିକ କିଛି ବ୍ୟୟ କରିବା ନିତାନ୍ତ ଆବଶ୍ୟକ । ଏହାଛଡା ଯେଉଁ ସ୍ଥାନମାନଙ୍କରେ ଟୋଲ ଅଛି, ସେଠାରେ କବିରାଜୀ ଶିକ୍ଷା ବ୍ୟବସ୍ଥା ରହିଲେ କ୍ରମେ କବିରାଜ ସଂଖ୍ୟା ବଢ଼ନ୍ତେ । ମୋ ମତରେ ସାଧାରଣ କେତେକ ରୋଗ ନିମନ୍ତେ ଆୟୁର୍ବେଦୀୟ ଚିକିତ୍ସାର ବ୍ୟବସ୍ଥା ଖଣ୍ଡେ କାଗଜରେ ଛପା ହୋଇ ପ୍ରତ୍ୟେକ ଗ୍ରାମକୁ ଗଲେ କିଛି ଉପକାର ମଧ୍ୟ ହୋଇପାରନ୍ତା । ମୋର ପୂର୍ବ କଥିତ ଭାଗବତ ଘର ପ୍ରସ୍ତାବ କାର୍ଯ୍ୟରେ ପରିଣତ ହେଲେ, ସେହିଠାକୁ ଏ କାଗଜମାନ ପଠାଯାଇ ପାରନ୍ତା । ରୋଗବ୍ୟାଧି ଅନାହାର ପ୍ରଭୃତି ନାନା ଦୁଃଖକଷ୍ଟ ଲୋକେ ଭୋଗୁଛନ୍ତି, ମାତ୍ର ସେମାନଙ୍କୁ କୌଣସି ପ୍ରକାର ଯେତେ ସାମାନ୍ୟ ହେଉ ପଛେକେ ସାହାଯ୍ୟ ପାଇଁ କିଛି ବ୍ୟବସ୍ଥା ନାହିଁ, ଅନ୍ୟାନ୍ୟ ପ୍ରଦେଶରେ ସେବା ସମିତି ପ୍ରଭୃତି ସ୍ଥାପିତ ହୋଇ ନାନାଭାବରେ ଜନସାଧାରଣଙ୍କର ହିତବିଧାନ କରୁଅଛନ୍ତି । ୧୯୧୭ ମସିହାରେ କେନ୍ଦ୍ରାପଡା, ଯାଜପୁର ଦୁର୍ଭିକ୍ଷ ସାହାଯ୍ୟ କରିବାଲାଗି ଓଡ଼ିଶା ଛାତ୍ରସମାଜ ଯେ ଦଳଗତ ଉଦ୍ୟମ କରିଥିଲେ ତାହା ଭାବିଲେ ଏବେ ସୁଦ୍ଧା ମୋ ମନରେ କମ୍ ଆହ୍ଲାଦ ଜାତ ହୁଏନି । ଉତ୍କଳ ଯୁବ ସମିତିର ସେହି ଉତ୍ସାହୀ ଯୁବକମାନଙ୍କ ଉଦ୍ୟମ ଆଜିଯାଏ ଅକ୍ଷୁର୍ଣ୍ଣ ଚାଲିଥିଲେ ଦେଶରେ ଏକ ସ୍ଥାୟୀ ଶକ୍ତି ହୋଇଥାଆନ୍ତା । ଯାହାହେଉ ଆବଶ୍ୟକ ହେଲେ ବ୍ୟକ୍ତିଗତ ଭାବରେ ବା କ୍ଷୁଦ୍ର ଦଳବଦ୍ଧ ହୋଇ କୌଣସି କୌଣସି ସ୍ଥାନରେ କେତେକ ଯୁବକ ସମୟ ବିଶେଷରେ ସ୍ୱେଚ୍ଛାସେବକ ହୋଇ କାର୍ଯ୍ୟ କରିବାର ଦେଖାଯାଉଅଛି । ପୁରୀ ଗଞ୍ଜାମ ଉଭୟ ଜିଲାରେ କୌଣସି କୌଣସି ପଲ୍ଲୀରେ ଏପରି ସ୍ୱେଚ୍ଛାସେବକ ଦଳ ଥିବାର ମୁଁ ଜାଣେ । ସୁଖର କଥା ଏହି କଟକରେ କେତେକପ୍ରଯୁବକ ଅଳ୍ପଦିନ ହେଲା ଗୋଟିଏ ସେବା ସମିତି ଆରମ୍ଭ କରିଅଛନ୍ତି । ଅନ୍ୟାନ୍ୟ ସ୍ଥାନରେ ମଧ୍ୟ ସମୟେ ସମୟେ ଏପରି ସମିତି ଗଠିତ ହୋଇଥାଏ; କିନ୍ତୁ ଧୈର୍ଯ୍ୟ, ନୈଷ୍ଠିକତା ଏବଂ ଶୃଙ୍ଖଳବଦ୍ଧ ସୁପରିଗ୍ରାଳନା ଅଭାବରୁ ଏହାସବୁ ଅଧିକ ଦିନ ସ୍ଥାୟୀ ହୁଏନାହିଁ । ସବୁସ୍ତ ଓଡ଼ିଶା ପ୍ରଦେଶରେ ଗୋଟିଏ ବିରାଟ ସେବା ପ୍ରତିଷ୍ଠାନ ସଙ୍ଗଠିତ ହେଲେ ଏସବୁ ସ୍ଥାନୀୟ ଉଦ୍ୟମ ମାନ ତହିଁର ଅନ୍ତର୍ଭୁକ୍ତ ହୁଅନ୍ତା ମହାରାଗାନ୍ଧିଙ୍କ ଯତ୍ନରେ ଯେଉଁ ନିଖିଳ ଭାରତ ସେବାସଂଘ ବା "Social Service League" ଗଠିତ ହୋଇଅଛି ଉତ୍କଳ ସେବାସଂଘ ସେଥିରେ ଅନ୍ତର୍ଭୁକ୍ତ ହେବା ଉଚିତ । ଭାରତର ଅନ୍ୟାନ୍ୟ ପ୍ରଦେଶରେ ଏପରି ସଂଘ ଗଠିତ ହୋଇଅଛି । ଏ ସମ୍ବନ୍ଧେ ଆମ୍ଭମାନଙ୍କର ଅଖିଳ ଭାରତ ଆନ୍ଦୋଳନରୁ ଅଲଗା ହୋଇ ରହିବା ଅଶୋଭନୀୟ ଏବଂ ହାନୀଜନକ । ଏ ଶ୍ରେଣୀର ସେବାସମିତିମାନଙ୍କ କାର୍ଯ୍ୟର ଶୃଙ୍ଖଳା ନିମିତ୍ତ ନିର୍ଦ୍ଦିଷ୍ଟ ସ୍ଥାନବିଶେଷରେ ସ୍ଥାପିତ ହେଲେସୁଦ୍ଧା ମାନବ ପ୍ରୀତି ଏସବୁ ଅନୁଷ୍ଠାନର ମୂଳମନ୍ତ୍ର । ମନୁଷ୍ୟକୁ କେବଳ ମନୁଷ୍ୟ ବୋଲି ନ ଭାବି ମାନବ ସେବାହିଁ ଭଗବତ ସେବା ଏହି ବିଶ୍ୱାସରେ ସେବାସମିତିର ସଭ୍ୟମାନେ କାମ କରିବାକୁ ହେବ । ଏଠାରେ ପ୍ରାଦେଶିକ ବା ସାଂପ୍ରଦାୟିକତା ନାହିଁ । ଦେଶର ଦୀନଦରିଦ୍ର ଜନସାଧାରଣ ଜାତି ବା ସମାଜର ଗଣ୍ଠି । ମାତ୍ର ସେମାନଙ୍କ ମଧ୍ୟରେ ଏବଂ ସହରବାସୀ ପଦସ୍ଥ ଲୋକମାନଙ୍କ ମଧ୍ୟରେ ଭାବର ତେତେ ଘନିଷ୍ଠତା ଏବଂ ହୃଦୟର ତେତେ ଅଭିନ୍ନ ମିଳନ ଅଛିକି ? ସେମାନଙ୍କ ମଧ୍ୟରେ ରହି ସେମାନଙ୍କ ଲାଗି କାର୍ଯ୍ୟ ନକଲେ, ସେମାନଙ୍କ ଦୁଃଖ ଦୁର୍ଗତିରେ ସହାୟକ ନ ହେଲେ ଆମ୍ଭମାନଙ୍କର ଜାତୀୟ ଜୀବନ ଗଠନର ପ୍ରୟାସ ପ୍ରତାରଣା ମାତ୍ର ।

ଭାଇମାନେ !

ମୁଁ ମୋର କର୍ତ୍ତବ୍ୟ ପ୍ରାୟ ଶେଷ କରିଅଛି । ଜାତୀୟ ଜୀବନର ବିଭାଗ ଅନେକ; କାର୍ଯ୍ୟ ଅସୀମ । ସେ ସବୁର ବିସ୍ତୃତ ଆଲୋଚନା ଏଠାରେ ଅସମ୍ଭବ । ପୁଣି ଆମ୍ଭମାନଙ୍କର ବର୍ତ୍ତମାନ ଅବସ୍ଥାରେ ନିଷ୍ପ୍ରୟୋଜନ । ମୂଳନୀତି ଦୃଢ଼ ରଖି ଲକ୍ଷ୍ୟ ସ୍ଥିରକରି କର୍ତ୍ତବ୍ୟ ପଥରେ ଚାଲିଲେ ସେସବୁ ଯଥାସମୟରେ ଏବଂ ଯଥା ସ୍ଥାନରେ ଆମ୍ଭମାନଙ୍କ ସାଧନାପଥରେ ପ୍ରକାଶ ପାଇବ । ତେଣୁ ମୁଁ ସ୍ଥୂଳରେ କେତୋଟି ମାତ୍ର ବିଷୟର ଅବତାରଣା କରିଅଛି । ସମ୍ମିଳନୀର ସ୍ୱରୂପ ନିର୍ଦ୍ଦେଶ କରିବାକୁ ପ୍ରୟାସ କରିଅଛି । ଏକ କଥାରେ ଏହା ଆମ୍ଭମାନଙ୍କର ଜାତୀୟ ଆତ୍ମାର ବିଗ୍ରହ, ଜାତୀୟ ଆକାଂକ୍ଷାର ବିକାଶ, ଜାତୀୟ ଉନ୍ନତି ଏହାର କାର୍ଯ୍ୟ, ସାମ୍ୟ-ମୈତ୍ରୀ-ସ୍ୱାଧୀନତା ଏହାର ମନ୍ତ୍ର । ସ୍ୱାର୍ଥତ୍ୟାଗ ଏବଂ ଧର୍ମ ବିଶ୍ୱାସ ଏହାର ଭିତ୍ତି । ପୂର୍ଣ୍ଣପ୍ରାଣ ମାନବିକତା ଏହାର ଲକ୍ଷ୍ୟ । ଆମ୍ଭମାନଙ୍କର ଜାତୀୟ ପ୍ରବୃତ୍ତି ଏବଂ ଜାତୀୟ ଇତିହାସରେ ଏହି ଦିଗରେ ଅଙ୍ଗୁଳି ନିର୍ଦ୍ଦେଶ କରି କର୍ତ୍ତବ୍ୟ ଦେଖାଇ ଦେଉଛି । ଏ ସାଧନାରେ ଆମ୍ଭମାନଙ୍କର ପ୍ରଥମ କାର୍ଯ୍ୟ ଶିକ୍ଷାସଂଘ । ନାନାକ୍ଷେତ୍ରରେ ଶିକ୍ଷା ପ୍ରସାରକରି ଜାତୀୟ ହୃଦୟରେ ନୂତନ ଭାବ ଜଗାଇବାକୁ ହେବ । ସକଳ ପ୍ରକାର କାର୍ଯ୍ୟସାଧନ ନିମନ୍ତେ ସଂଘ ଗଠନ କରିବାକୁ ହେବ । ଏଥିରେ କେହି କରଛଡା ଦେଇ ରହିଲେ ଚଳିବ ନାହିଁ । ଯେ କୌଣସି କାରଣ ଘଟୁ ପଛକେ, ଏହି ସମ୍ମିଳନୀରୁ ଦୂରରେ ରହିବା ଉତ୍କଳ ସନ୍ତାନମାନଙ୍କର ଅକର୍ତ୍ତବ୍ୟ । ଉତ୍କଳ ମାତ୍ର ପ୍ରତ୍ୟେକ ସନ୍ତାନଠାରୁ ତାଙ୍କର କର୍ତ୍ତବ୍ୟ ଆଶା କରନ୍ତି । କାର୍ଯ୍ୟକ୍ଷେତ୍ରରେ ନାନା ଘଟଣାରେ ମତାନ୍ତର ଘଟିପାରେ; ଏପରିକି ମନାନ୍ତର ମଧ୍ୟ ଘଟିପାରେ । ତାହା ବୋଲି ମା'ଙ୍କ ଏ ପୂଜାପାଠରୁ କେହି ଅନ୍ତର ହେଲେ ତାହା ଉତ୍କଳ ମାତାଙ୍କ ପକ୍ଷେ ଦାରୁଣ କ୍ଷୋଭର ବିଷୟ । ତୁମେ ଛାଡ଼ିପାର, କିନ୍ତୁ ମନେରଖ ମା ତୁମଙ୍କୁ ଛାଡ଼ି ପାରିବେ ନାହିଁ । ନନ୍ଦିଘୋଷ ରଥ ନିଶ୍ଚୟ ଲକ୍ଷ୍ୟ ସ୍ଥାନକୁ ଯିବ । ବର୍ଣ୍ଣ, ଧର୍ମ, ଜାତିଭେଦ ଭୁଲି ବ୍ୟକ୍ତିଗତ ଅହଂକାର, ଅଭିମାନ ପଛକୁ ପକାଇ ଆସ ଭାଇ ସମସ୍ତେ ରଥ ଦଉଡ଼ି ଧରି ଟାଣିବା ପ୍ରାଣପଣେ ।

ଆମ୍ଭମାନଙ୍କ ସମ୍ମୁଖରେ ଅସଂଖ୍ୟକାର୍ଯ୍ୟ ରହିଛି । ଜୀବନର କୌଣସି କ୍ଷେତ୍ରକୁ ଦେଖିଲେ ତାହା ବିସ୍ତୃତ ପତିତ ପ୍ରାନ୍ତର ହୋଇ ପଡ଼ି ରହିଛି । ତଳଶୋଧ କରିବାକୁ ହେବ; ଖତ ଦେବାକୁ ହେବ; ପରେ ମଞ୍ଜି ବୁଣିବାକୁ ହେବ; ଏଥିରେ ପୁଣି କେତେ ବାଧା ବିପଦ ଅଛି; ସେସବୁ ସହିବାକୁ ହେବ । ପ୍ରାଣରେ ଧୈର୍ଯ୍ୟ ଏବଂ ବିଶ୍ୱାସ ରଖି କ୍ରମାଗତ ଚାଲିବାକୁ ହେବ । ଏଥିରେ ବିଶ୍ରାମ ନାହିଁ, କର୍ମର ବିରାମ ନାହିଁ, ଜାତୀୟ କାର୍ଯ୍ୟ ପଥରେ ସାଧନା ସହଜ ନୁହେଁ ।

"ଦୁର୍ଗମ ପଥ ଏ ଭଜନ,
ଭୟେ ଭାଜିଲେ ଯୋଗୀଜନ ।"


କିନ୍ତୁ ଏହା ବୋଲି ଅବିଶ୍ୱାସ, ଅବସାଦ, ନିରାଶାରେ ବିଜଡ଼ିତ ହେବାର ନୁହେଁ । ଭାଇ! ବହୁ ଦୂରରେ ଏହି ଯେ ନୀଳଚକ୍ର ଉପରେ ଧ୍ୱଜା ଉଡ଼ୁଛି ତାହାରି ଉପରେ ଲକ୍ଷ୍ୟ ରଖି ଚାଲିବାକୁ ହେବ । ପଥ ଅନେକ ସ୍ଥଳେ ଦୁସ୍ତର ଏବଂ ଦୁର୍ଗମ ।


"ଗଲେ ଯାଉ ପଛେ ଜୀବ
ଯାହା ହେବ ଦେଖାଯିବ ।"


ଏହି ପଣ କରିବାକୁ ହେବ । ଏ ଦୁସ୍ତର କର୍ମ ପଥରେ କେତେ କର୍ମୀଙ୍କୁ ଜୀବନବଳୀ ଦେବାକୁହେବ । ବ୍ୟକ୍ତିବିଶେଷର ତ୍ୟାଗରେ ଜାତୀୟ ଶକ୍ତି ପ୍ରତିଷ୍ଠିତ ହେବ । ଏହାହିଁ ଆମ୍ଭମାନଙ୍କର ଆତ୍ମଲାଭର ଉପାୟ । ଭୟ ନାହିଁ, ନିରାଶ ନାହିଁ, ମା ଭୈ, ମା ଭୈ ନାଦରେ ଉତ୍କଳ ଜନନୀ ଆମ୍ଭମାନଙ୍କୁ ଆଶୀର୍ବାଦ କରୁଅଛନ୍ତି । ବିଶ୍ୱାସକର, ଓଡ଼ିଆ ଜାତି ନାନା ବାଧାବିଘ୍ନ, ବହୁ ଅତ୍ୟାଚାର ମଧ୍ୟରେ ଆଜି ଯେ ବର୍ତ୍ତିଅଛି, ଏହା ନିରର୍ଥକ

ନୁହେଁ । ମହାଭାରତର ସମସ୍ୟାରେ ଏହାର ଗୁରୁ କର୍ତ୍ତବ୍ୟ ଅଛି । ଭାରତର ସିଦ୍ଧ ସାଧକ ପ୍ରସ୍ତୁତକ ମହାପୁରୁଷମାନେ ଏହି ଉତ୍କଳ ଭୂମିରେ ଯେଉଁ ତତ୍ତ୍ୱ ଅନୁସନ୍ଧାନ କରିଅଛନ୍ତି ତାହା ଏପର୍ଯ୍ୟନ୍ତ ପୁଣ ପ୍ରକଟିତ ହୋଇନାହିଁ । ଉତ୍କଳ ସନ୍ତାନ ! ବର୍ତ୍ତମାନ ତୁମର ପ୍ରସ୍ତୁତର ପାଳି ଆସିଅଛି । ସେବାର ସମୟ ଉପସ୍ଥିତ ହୋଇଅଛି । ଯାଅ, ଗ୍ରାମେ ଗ୍ରାମେ ବୁଲ, ଦେଶେ ଦେଶେ କହ, ଲୋକ କାନେ କାନେ ଉତ୍କଳର ଶୁଭ ସମାଗ୍ଭର । କେତେ ସାଧୁ ସନ୍ନ୍ୟାସୀଙ୍କୁ ଏ ପୁଣ୍ୟଭୂମି ଯୁଗେ ଯୁଗେ ଆକର୍ଷଣ କରିଅଛି । ବର୍ତ୍ତମାନ ଏହାର ସନ୍ତାନମାନଙ୍କର ସନ୍ନ୍ୟାସୀ ହେବାର ସମୟ ଆସିଅଛି; ସନ୍ନ୍ୟାସୀର ସାଧନ ଏବଂ ତପସ୍ୟା ବିନା ଜଗତରେ କେବେ କୌଣସି ଗୁରୁକାର୍ଯ୍ୟସାଧିତ ହୋଇନାହିଁ । ସନ୍ନ୍ୟାସୀର ସାଧନାହିଁ ଆମମାନଙ୍କର ଜାତିର ମୁକ୍ତି ।

(ତା ୧୯।୪।୧୯୧୯)







# ଉତ୍କଳ ପ୍ରଦେଶ ଗଠନ

ଡକ୍ଟର ହରେକୃଷ୍ଣ ମହତାବ

୧୯୦୩ରେ ଯେତେବେଳେ ଉତ୍କଳ ୟୁନିୟନର କନଫରେନ୍ସ ଗଠିତ ହେଲା, ସେତେବେଳେ କାହାରି ମନରେ ନଥିଲା ଉତ୍କଳ ଏକ ସ୍ୱତନ୍ତ୍ର ପ୍ରଦେଶ ହେଉ । ସେତେବେଳେ ଗୋଟିଏ ଦିଗରେ ଆନ୍ଧ୍ର ଓ ଅନ୍ୟ ଦିଗରେ ବଙ୍ଗର ତାଡନା ଏବଂ ବ୍ରିଟିଶ ଶାସନ ପକ୍ଷରୁ ମଧ୍ୟବର୍ତ୍ତୀ ଓଡ଼ିଆମାନଙ୍କ ପ୍ରତି ଆଦୌ ଦୃଷ୍ଟି ନଦେବା । ଏଥିରେ ବ୍ୟତିବ୍ୟସ୍ତ ହୋଇ ଉତ୍କଳ ଭାଷାଭାଷୀ ପିଣ୍ଡର ମିଶ୍ରଣ ହେଲା ଆନ୍ଦୋଳନର ଲକ୍ଷ୍ୟ । ଏ ଲକ୍ଷ୍ୟ ସାଧନାରେ ସମ୍ବଲପୁର ବସ୍ତୁତଃ ନେତୃତ୍ୱ ଦେଇଥିଲା । ଖ୍ରୀ: ୧୯୦୫ ରେ ସମ୍ବଲପୁର ମଧ୍ୟପ୍ରଦେଶରୁ ଆସି ଓଡ଼ିଶା ସହ ମିଶିଲା । ତାପରେ ମଧ୍ୟ କେବଳ ମିଶ୍ରଣ ଥିଲା ଆନ୍ଦୋଳନର ଦାବି । ଏପରିକି ଭାରତ ଶାସନ ସଂପର୍କରେ ଅନୁସନ୍ଧାନ କରିବା ପାଇଁ ଆସିଥିବା ସାଇମନ କମିଶନ ପାଟଣା ଆସିବା ପର୍ଯ୍ୟନ୍ତ ସ୍ୱତନ୍ତ୍ର ପ୍ରଦେଶ ଗଠନର ସ୍ୱର ଉଠି ନଥିଲା । ଏ ସ୍ୱରର ସୂତ୍ରପାତ ହେଲା ଏକ କୌତୁହଳଜନକ ପରିସ୍ଥିତିରେ ଏବଂ ବଙ୍ଗର ଜଣେ ବିଶିଷ୍ଟ ନେତାଙ୍କ ଭାଷଣରେ ତତ୍କାଳୀନ ଇମ୍ପେରିଆଲ କାଉନ୍‌ସିଲ୍‌ରେ ବିହାରର ସଭ୍ୟ ଶ୍ରୀ ସଚ୍ଚିଦାନନ୍ଦ ସିଂହ ପ୍ରସ୍ତାବ ଆଗତ କରିଥିଲେ, ଓଡ଼ିଆଭାଷୀ ସମସ୍ତ ଅଞ୍ଚଳକୁ ଏକତ୍ର କରି ବିହାର ପ୍ରଦେଶ ଅନ୍ତର୍ଗତ କରାହେଉ । ଏ ପ୍ରସ୍ତାବକୁ ଦୃଢ଼ଭାବରେ ଅନୁମୋଦନ କଲେ କନିକାର ରାଜା ରାଜେନ୍ଦ୍ର ନାରାୟଣ ଭଞ୍ଜଦେଓ । କିନ୍ତୁ ଏ ପ୍ରସ୍ତାବ ଉପରେ ଭାଷଣ ଦେଇ ସୁରେନ୍ଦ୍ରନାଥ ବାନାର୍ଜୀ ବିହାର ଶାସନର ସମାଲୋଚନା କରି କହିଥିଲେ ଓଡ଼ିଆମାନେ ବିହାରରେ କେବେ ନ୍ୟାୟ ପାଇବେ ନାହିଁ । ସେମାନେ ନିଜର ସ୍ୱତନ୍ତ୍ର ପ୍ରଦେଶ ଗଠନ ପାଇଁ ଉଦ୍ୟମ କରନ୍ତୁ । ଏହି ଭାଷଣ ପରେ ଓଡ଼ିଆଙ୍କ ମଧ୍ୟରେ ଯେ ଓଡ଼ିଆ ଜାତୀୟତାର ଲକ୍ଷ୍ୟ ଥିଲା ତାହା ବଦଳିଯାଇ ସ୍ୱତନ୍ତ୍ର ପ୍ରଦେଶ ଗଠନ ହେଲା ଲକ୍ଷ୍ୟ । ଏହାର ନେତୃତ୍ୱ ନେଲେ କନିକାର ରାଜା । ସେ ଯାହା କରିଛନ୍ତି ତାହାକୁ ଇତିହାସ ସ୍ୱୀକାର କରିବାକୁ ହେବ । କନିକା ରାଜା ବିହାର ଓଡ଼ିଶା ସରକାର ଏକଜିକ୍ୟୁଟିଭ୍ କାଉନସିଲ୍‌ର ମେମ୍ବର ହେଲେ । ସେହି ସମୟରେ ଭାରତର ସର୍ବତ୍ର ସାଇମନ୍ କମିଶନ୍ ବର୍ଜନର ଆଲୋଚନା ପ୍ରବଳଭାବରେ ଚାଲିଥାଏ । କିନ୍ତୁ କମିଶନ୍‌ଙ୍କ ପାଟଣା ପରିଦର୍ଶନ ସମୟରେ ଏପରି କୌଶଳ ଅବଲମ୍ବନ କରାହେଲା, ଯଦ୍ୱାରା ବାହାରେ ଧାରଣା ହେଲା ଓଡ଼ିଆମାନେ କମିଶନ୍‌କୁ ସ୍ୱାଗତ ଜଣାଇଛନ୍ତି । ଏହାର ସାକ୍ଷୀ ଆଜିର ଜଷ୍ଟିସ୍ ହରିହର ମହାପାତ୍ର । ସେ ସେତେବେଳେ ପାଟଣା କଲେଜର ଛାତ୍ର । ପାଟଣା ଷ୍ଟେସନ୍ ମାଷ୍ଟରଙ୍କୁ ମାତ୍ର ଟ୨୦ଙ୍କା ଦେଇ ସାରା ରାତି ଷ୍ଟେସନ୍ ସାରା ପ୍ରାଚୀର ପତ୍ର ମରାଗଲା । ସାଇମନ କମିଶନ୍ ସ୍ୱାଗତଂ, ଓଡ଼ିଆ ଚାହେଁ ସ୍ୱତନ୍ତ୍ର ପ୍ରଦେଶ । କେବଳ ଏତିକି ନୁହେଁ, ପାଟଣା ରାଜଭବନରେ, ପାଟଣାରେ ଥିବା ଓଡ଼ିଆ ଛାତ୍ର ଓ ସେକ୍ରେଟେରୀଏଟ୍ କିରାନୀ ମଧ୍ୟ ଏକ ଶୋଭାଯାତ୍ରା କରି କମିଶନ୍‌କୁ ସ୍ୱାଗତ କରିଥିଲେ । ଆନ୍ଦୋଳନକାରୀମାନେ ଏହାର ଗନ୍ଧ ସୁଦ୍ଧା ପୂର୍ବରୁ ପାଇ ନଥିଲେ । ଏପରିକି ଓଡ଼ିଶାରେ ମଧ୍ୟ ଏହା ରାଷ୍ଟ୍ର ହୋଇନଥିଲା । କନିକା ରାଜା ଓଡ଼ିଶାରୁ କେବଳ ବ୍ରଜସୁନ୍ଦର ଦାସ, ଲକ୍ଷ୍ମୀଧର ମହାନ୍ତି ଓ ବ୍ରଜାନନ୍ଦ ଦାସଙ୍କୁ ଡକାଇ ନେଇଥିଲେ । ସେତେବେଳେ ଭାରତର ସବୁ ପତ୍ରପତ୍ରିକାରେ ପ୍ରସ୍ତାବିତ

ହୋଇଗଲା । ସାଇମନ କମିଶନଙ୍କୁ ଭାରତବାସୀ ବର୍ଜନ କରିଥିଲେ ମଧ୍ୟ ଓଡ଼ିଆମାନେ ସ୍ୱାଗତ ଜଣାଇଛନ୍ତି । ଖ୍ରୀ: ୧୯୨୮ ରେ କଲିକତାର ନିଖିଳଭାରତ କଂଗ୍ରେସ କମିଟି ଅଧିବେଶନରେ ତତ୍କାଳୀନ ସଭାପତି ମୋତିଲାଲ ନେହେରୁ ଏହି ମନ୍ତବ୍ୟ ପ୍ରକାଶ କରିବାରୁ ପଣ୍ଡିତ ନିଳକଣ୍ଠ ଦାସ ପ୍ରତିବାଦ କରି କହିଥିଲେ, ଓଡ଼ିଆମାନେ ସ୍ୱାଗତ କରିନାହାଁନ୍ତି, କେବଳ କେତେକ ଓଡ଼ିଆ ପାଟଣାଠାରେ କରିଛନ୍ତି । ମୋତିଲାଲଙ୍କ ମନ୍ତବ୍ୟ ହେତୁ ଓଡ଼ିଶା ସଭ୍ୟମାନେ ସଭା ବର୍ଜନ କରିଥିଲେ । ପରେ ପଟ୍ଟାଭି ସୀତାରାମେୟା ମିଳାମିଶା କରାଇ ଦେଇଥିଲେ

ଯେ ଯାହାହେଉ ସାଇମନ କମିଶନ ଓଡ଼ିଶା ବିଷୟ ବୁଝିବା ପାଇଁ ମେଜର ଆଟଲୀଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କଲେ । କନିକା ରାଜାଙ୍କ ସମର୍ଥିତ ଦୁଇଜଣ ଏ କମିଟିର ସଭ୍ୟ ହିସାବରେ ଉକ୍ତ କମିଟି ଆଗରେ ସାକ୍ଷ୍ୟ ଦେଇଥିଲେ । ସେ ହେଲେ ବ୍ରଜସୁନ୍ଦର ଦାସ ଓ ଲକ୍ଷ୍ମୀଧର ମହାନ୍ତି । ଶେଷରେ କମିଟି ସୁପାରିଶ କଲେ, ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ହେଉ, କିନ୍ତୁ ଗଡ଼ଜାତମାନଙ୍କ ସହିତ ଶାସନ ବିଷୟରେ ବୁଝାମଣା ହେବା ଉଚିତ ।


ସାଇମନ୍ କମିଶନଙ୍କ ରିପୋର୍ଟ ବିଚାର ପାଇଁ ରାଉଣ୍ଡ-ଟେବୁଲ୍ କନ୍‌ଫରେନ୍ସ ବସିଲା । ସେଠିକୁ ଜଣେ ଶକ୍ତିଶାଳୀ ଓଡ଼ିଆ ସଭ୍ୟ ଯିବା ଉଚିତ । ଯାଇଥାନ୍ତେ କନିକା ରାଜା । କିନ୍ତୁ ସରକାରୀ ପଦର ସୁବିଧା ଛାଡ଼ିବା ଉଚିତ ନୁହେଁ ; ଏହା ସ୍ଥିରକଲେ ପାରଳାଖେମୁଣ୍ଡି ମହାରାଜା । ସେ ବିହାର ଓଡ଼ିଶାରୁ କିପରି ସଭ୍ୟ ହେବେ ସେ ହୋଇଥିଲା ସମସ୍ୟା । ତାଙ୍କର ପୁରୀ ଜିଲ୍ଲାରେ ଖଣ୍ଡେ ଜମିଦାରୀ ଥିବାରୁ ସେ-ଓଡ଼ିଶାର ଜମିଦାର ହିସାବରେ ବିହାର ଓଡ଼ିଶା ଜମିଦାରଙ୍କ ପକ୍ଷରୁ ରାଉଣ୍ଡ ଟେବୁଲରେ ଯୋଗଦେଲେ । ତାଙ୍କର ସେଠାରେ ତତ୍ପରତା ଓ ଶକ୍ତିଶାଳୀ ଭାଷଣ ସର୍ବତ୍ର ପ୍ରଶଂସିତ ହୋଇଥିଲା । ସଂଯୋଗବଶତଃ ସେହି ସମୟରେ ମୁସ୍‌ଲିମ୍ ଲିଗ୍ ସିନ୍ଧୁ ପ୍ରଦେଶକୁ ସ୍ୱତନ୍ତ୍ର କରିବା ପାଇଁ ଆନ୍ଦୋଳନ ଚଳିଥାଏ । ଏକ ସାଥିରେ ମୁସ୍‌ଲିମ୍ ପ୍ରଦେଶ ଓ ହିନ୍ଦୁ ପ୍ରଦେଶ ଓଡ଼ିଶାକୁ ସ୍ୱତନ୍ତ୍ର କରିଦେଇ ବ୍ରିଟିଶ ସରକାର ଭାରସାମ୍ୟ ରକ୍ଷାକଲେ ।

ଖ୍ରୀ: ୧୯୩୬ରେ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ହେଲା । ୧୯୪୮ ରେ ମୟୂରଭଞ୍ଜ ବ୍ୟତୀତ ଅନ୍ୟ ଗଡ଼ଜାତମାନ ଓଡ଼ିଶାରେ ମିଶିଲେ । କିନ୍ତୁ ସରାଇକଳା ଖରସୁଆଁ ଆନ୍ଦୋଳନ ଫଳରେ ବିହାର ସହିତ ମିଶିଲେ । ଏଥିରେ ଓଡ଼ିଶା କିଛି କରି ପାରିଲା ନାହିଁ । କାରଣ ମୟୂରଭଞ୍ଜ ମିଶଣ ପାଇଁ ଓଡ଼ିଶା ଭାରତ ସରକାରଙ୍କ ସାହାଯ୍ୟ ଉପରେ ନିର୍ଭର କରୁଥିଲା । ୧୯୪୯ ରେ ମୟୂରଭଞ୍ଜ ଓଡ଼ିଶାରେ ମିଶିଲା । ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ହୋଇଥିଲେ ମଧ୍ୟ ଓଡ଼ିଶା ପ୍ରଦେଶଟି ସୁସଂଗଠିତ ହୋଇ ନାହିଁ । ଏଥି ପାଇଁ ଶୃଙ୍ଖଳାବଦ୍ଧ ଉଦ୍ୟମ ଆବଶ୍ୟକ । ସରକାରୀ ସାହାଯ୍ୟରେ ବେସରକାରୀ ଉଦ୍ୟମ ହେଲେ ପ୍ରଦେଶଟି ସୁସଂଗଠିତ ହେବ । କାରଣ ଇଂରେଜ ରାଜତ୍ୱ କାଳରେ ଯେଉଁସବୁ ସୁବିଧା ଅନ୍ୟ ପ୍ରଦେଶମାନେ ପାଇଛନ୍ତି, ତାହା ଓଡ଼ିଶା ପାଇଁ ନାହିଁ । ଏଣୁ ଓଡ଼ିଶା ଅବଶ୍ୟକ କରେ ବହୁ ବାକିକାମର ପୂରଣ ଯଥା:— ଆଭ୍ୟନ୍ତରୀଣ ପରିବହନ, ଶିକ୍ଷାର ବ୍ୟାପକ ପ୍ରସାର ପାଇଁ ଅର୍ଥ ବିନିଯୋଗ, ଇତ୍ୟାଦି ।

ଏକାମ୍ର ନିବାସ
ଭୁବନେଶ୍ୱର-୨



ନୀଳାଚଳ ଆଶ୍ରମରେ ଶ୍ରୀ ଚୈତନ୍ୟ ମହାପ୍ରଭୁଙ୍କ ଜନ୍ମୋତ୍ସବରେ ରାଷ୍ଟ୍ରପତି...



# ନବ ଉତ୍କଳର ନିର୍ମାତା ମଧୁସୂଦନ

ସ୍ୱର୍ଗତଃ ବିଶ୍ୱନାଥ ଦାସ

ଓଡ଼ିଶାର ନିର୍ମାତା ଭାବରେ ପୁଣ୍ୟ ପ୍ରାଣ ମଧୁସୂଦନ ଦାସ ଇତିହାସରେ ଏକ ସ୍ୱତନ୍ତ୍ର ଭୂମିକାରେ ପ୍ରତିଷ୍ଠିତ ରହିବେ । ମଧୁସୂଦନ ରାଜନୀତିର ରଂଗମଞ୍ଚରେ ପ୍ରବେଶ କରିବା ବେଳର ଓଡ଼ିଶା ଏବଂ ବର୍ତ୍ତମାନର ଓଡ଼ିଶା ମଧ୍ୟରେ ବହୁ ପାର୍ଥକ୍ୟ ରହିଛି । ଦୁଃଖ କଷ୍ଟ ଯନ୍ତ୍ରଣା ଜର୍ଜରିତ ଓଡ଼ିଶା ସେତେବେଳେ ନିଜର ଭାଷା ଓ ସର୍ବୋପରି ନିଜସ୍ୱ ସତ୍ତା ହରାଇବାକୁ ବସିଥିଲା । ସେତେବେଳେ କାନ୍ତି ଚନ୍ଦ୍ର ଭଟ୍ଟାଚାର୍ଯ୍ୟଙ୍କ ପୃଷ୍ଠପୋଷକତାରେ ବଂଗ ପ୍ରଦେଶରେ ପ୍ରଚାରିତ ହେଉଥାଏ ଯେ ଓଡ଼ିଆ ଏକ ସ୍ୱତନ୍ତ୍ର ଭାଷା ନୁହେଁ । ଏହା ବଂଗଳା ଭାଷାର ଉପଭାଷା ସଦୃଶ । ତେଣୁ ସ୍କୁଲ କଲେଜ କଚେରୀ ସର୍ବତ୍ର ଓଡ଼ିଆ ପରିବର୍ତ୍ତେ ବଂଗଳା ଭାଷା ହିଁ ବ୍ୟବହୃତ ହେବା ଉଚିତ । ସ୍ୱାଧୀନତା ହରାଇବାରେ ସର୍ବଶେଷ ଜାତି ରୂପେ ଓ ବ୍ରିଟିଶ ଶାସନ ଚକ୍ରରେ ନିଷ୍ପେଷିତ ସର୍ବ ପ୍ରଥମ ଜାତି ରୂପେ ପରିଗଣିତ ଓଡ଼ିଶା ବାସୀଙ୍କ ସ୍ୱାତନ୍ତ୍ର୍ୟ ରକ୍ଷା କରିବା ପାଇଁ ଓଡ଼ିଆ ଭାଷା ଓ ସଂସ୍କୃତିକୁ ପୁନରୁଜ୍ଜୀବିତ କରିବାର ସଂକଳ୍ପ ନେଇ ଫକୀର ମୋହନ ଓ ପ୍ୟାରୀ ମୋହନ ଆଦି ଯୁବକଙ୍କ ସହିତ ମଧୁସୂଦନ ରାଜନୀତିର ଚକ୍ରବାଳରେ ଦେଖାଦେଲେ । ଜୀବନର ଶେଷ ନିଃଶ୍ୱାସ ତ୍ୟାଗ କରିବା ପର୍ଯ୍ୟନ୍ତ ଭଗବାନ ଓ ଦେଶ ତାଙ୍କର ଏକ ମାତ୍ର ଚିନ୍ତାର ବିଷୟ ଥିଲା ।

ସୁରେନ୍ଦ୍ରନାଥ, ତିଲକ, ରାଣାଡ଼େ, ଅଯୋଧ୍ୟାନାଥ ଆଦିଙ୍କ ପରି ସେ ମଧ୍ୟ ନୂତନ ଓଡ଼ିଶାର ନିର୍ମାତା ଏବଂ ତାଙ୍କର ଚରିତ୍ର ଅନୁପ୍ରେରଣାରେ ପୁଣ୍ୟ ସ୍ମୃତି ଗୋପବନ୍ଧୁ ଓ ଅଭିମନ୍ୟୁ ଭଳିଙ୍କ ପରି ବହୁ ଯୁବକ ଉତ୍କଳ ଜନନୀଙ୍କ ସେବା ପାଇଁ ଆତ୍ମୋତ୍ସର୍ଗ କରିଥିଲେ । ଭାରତୀୟ ପରିପ୍ରେକ୍ଷୀରେ ବିଶାଳ ଉତ୍କଳ ଯେ ଏକତାର ଆବଶ୍ୟକତା ରହିଛି, ଜଣେ ରାଜନୀତିଜ୍ଞ ଓ ଦେଶପ୍ରେମୀ ଭାବରେ ଏହା ସେ ଉତ୍ତମ ରୂପେ ହୃଦୟଙ୍ଗମ କରିପାରିଥିଲେ ଏବଂ ଉତ୍କଳ ସମ୍ମିଳନୀ ପ୍ରତିଷ୍ଠା କରି, ପରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ପାଇଁ ଅଭିଯାନ ଆରମ୍ଭ କଲେ । ମୃତ୍ୟୁର ଅବ୍ୟବହିତ ପୂର୍ବରୁ ସେ ବିଗତ ୪୦ ବର୍ଷର କଠିନ ପରିଶ୍ରମର ଫଳ ପାଇବାର ସୌଭାଗ୍ୟ ଲାଭ କରିଥିଲେ । ବିଗତ ଅର୍ଦ୍ଧ ଶତାବ୍ଦୀ ମଧ୍ୟରେ ଓଡ଼ିଶାର ସମ୍ମାନ ରକ୍ଷା ତଥା ଆର୍ଥିକ ପ୍ରଗତି ନିମନ୍ତେ ଯେତେଗୁଡ଼ିଏ ଅନୁଷ୍ଠାନ ଗଢ଼ି ଉଠିଛି ତାହାର ଇତିହାସର ପ୍ରତ୍ୟେକ ପୃଷ୍ଠା ମଧୁସୂଦନଙ୍କ ପ୍ରତ୍ୟକ୍ଷ ବା ପରୋକ୍ଷ ସାହାଯ୍ୟ, ସହଯୋଗ ଓ ସହାନୁଭୂତିରେ ଗୌରବ ମଣ୍ଡିତ ହୋଇ ରହିଛି । ଶିଳ୍ପ ପ୍ରତିଷ୍ଠା ଦିଗରେ ସେ ଥିଲେ ମହା ଉତ୍ସାହୀ, ସର୍ବ ପ୍ରଥମ ଉଦ୍ୟୋଗୀ ଏବଂ ସମଗ୍ର ଭାରତବର୍ଷରେ ଶକ୍ତିଶାଳୀ ଅନୁଷ୍ଠାନ ଭାବରେ କାର୍ଯ୍ୟ କରୁଥିବା ତତ୍କାଳୀନ ପ୍ରଜା ସଭା (କୃଷକମାନଙ୍କ ଏକ ସଂଗଠନ) ଆହ୍ୱାନ କରିବାରେ ସେ ହେଉଛନ୍ତି ପ୍ରଥମ । ମଧୁସୂଦନଙ୍କ ବ୍ୟକ୍ତିତ୍ୱରେ ଜଣେ କବିଙ୍କର କଳ୍ପନା ଶକ୍ତି, ଜଣେ ବାଗ୍ମୀ ପ୍ରବରଙ୍କର ବାଗ୍ମିତା ଏବଂ ଜଣେ ବିଶିଷ୍ଟ ତର୍କବିଦଙ୍କର ବୁଦ୍ଧିଦୀପ୍ତ ଖର ଗ୍ରହଣଶୀଳତା ସମନ୍ୱିତ ହୋଇ ରହିଥିଲା । ତାଙ୍କର ଦୀର୍ଘ ଗୌରବମୟ ଜୀବନ କାଳ ମଧ୍ୟରେ ତତ୍କାଳୀନ ଇଂପେରିଆଲ କାଉନସିଲ, ପ୍ରାଦେଶିକ ବିଧାନ ସଭା ଏବଂ କେନ୍ଦ୍ର ବିଧାନ ସଭା ଆଦିରେ ସେ ଥିଲେ ଏହିପରି ଭାବେ ଜଣେ ସ୍ୱୟଂ ସିଦ୍ଧ ଶକ୍ତିର ବିଗ୍ରହ ।

ବ୍ରିଟିଶ ସାମ୍ରାଜ୍ୟବାଦର ସେ ଥିଲେ ତୀବ୍ର ସମାଲୋଚକ ଏବଂ ବ୍ରିଟିଶ ରାଜ୍ୟ ଗୋଷ୍ଠୀ ମଧ୍ୟରେ ରହି ଭାରତ ବର୍ଷରେ ସ୍ୱାୟତ୍ତ ଶାସନ ପ୍ରତିଷ୍ଠା ପାଇଁ ସେ ଖୁବ୍ ଆଗ୍ରହୀ ଥିଲେ । ଧର୍ମ ବିଶ୍ୱାସ ଦୃଷ୍ଟିରୁ ମଧୁସୂଦନ ଜଣେ ଖ୍ରୀଷ୍ଟିୟାନ ଥିଲେ ଏବଂ କାର୍ଯ୍ୟ କ୍ଷେତ୍ରରେ ଜଣେ ଉଦାର ଖ୍ରୀଷ୍ଟିୟାନ ଭାବେ ସେ ନିଜର ବ୍ୟକ୍ତିତ୍ୱର ପରିଚୟ ଦେଉଥିଲେ ।


କ୍ଷମତା, ଅର୍ଥ ବା ଉପାଧି କଦାପି ତାଙ୍କୁ କୟ କରି ପାରିନାହିଁ । ସେ ହେଉଛନ୍ତି ଭାରତର କେତେକ ଗ୍ରାମ୍ୟ ମୁଷ୍ଟିମେୟ ଆଇନଜୀବିମାନଙ୍କ ମଧ୍ୟରେ ଅନ୍ୟତମ, ଯେ କି ଜୀବନ କାଳରେ ଲକ୍ଷ ଲକ୍ଷ ଟଙ୍କା ଉପାର୍ଜନ କରି ମୃତ୍ୟୁବେଳକୁ କପର୍ଦ୍ଦକ ଶୂନ୍ୟ ହୋଇ ପଡ଼ିଥିଲେ ଏବଂ ସେ ନିଜ ଉପାର୍ଜନରେ ଶେଷ ପର୍ଯ୍ୟନ୍ତ ଚଳୁଥିଲେ । ସେ ଉପାର୍ଜନ କରୁଥିଲେ ଏବଂ ଜଣେ ରାଜ ପୁତ୍ର ପରି ବ୍ୟୟ ମଧ୍ୟ କରୁଥିଲେ । ମଣ୍ଟେଗୁ ଚେମସ୍ ଫୋର୍ଡ ଶାସନ ସଂସ୍କାରରେ ସେ ବିହାର ଓଡ଼ିଶାର ଜଣେ ମନ୍ତ୍ରୀ ଭାବରେ ନିର୍ବାଚିତ ହୋଇଥିଲେ । ସେ ହେଉଛନ୍ତି ଭାରତର ଏକମାତ୍ର ଦୃଷ୍ଟାନ୍ତ, ଯେ କି ତାଙ୍କର ଉଚ୍ଚ କ୍ଷମତା, ସର୍ବୋପରି ମାସିକ ପାଞ୍ଚ ହଜାର ଟଙ୍କାର ବେତନକୁ ଭ୍ରୂକ୍ଷେପ ନ କରି ମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ । ତାର କାରଣ ସ୍ୱରୂପ ସେ କହୁଥିଲେ ଗୋଟିଏ ସ୍ୱାୟତ୍ତ ଶାସନ ସଂସ୍ଥାର ଜଣେ ମନ୍ତ୍ରୀ ଭାବରେ ତାଙ୍କୁ ସ୍ଥାନୀୟ ବହୁ ସ୍ୱାୟତ୍ତ ଶାସିତ ସଂସ୍ଥାର ଅବୈତନିକ କର୍ମୀଙ୍କ ସଂଗେ କାରବାର କରିବାକୁ ପଡ଼ିବ । ସେ କ୍ଷେତ୍ରରେ ତାଙ୍କୁ ଦରମା ନ ନେଇ ସ୍ୱେଚ୍ଛାକୃତରେ କାମ କରିବାର ସ୍ୱାଧୀନତା ମିଳିବା ଉଚିତ ।

ଆଜୀବନ ଉଦର ରୋଗରେ ପ୍ରପୀଡ଼ିତ ମଧୁସୂଦନ ସବୁବେଳେ ଆଡ଼ମ୍ବରପୂର୍ଣ୍ଣ ଭୋଜି ଦେବାରେ ଆମୋଦ ଅନୁଭବ କରୁଥିଲେ । ଭୋଜି ସଭାର ଆବାହକ ଭାବରେ ତାଙ୍କ ନିକଟରେ ଆତିଥ୍ୟ–ଦାକ୍ଷିଣ୍ୟ ଚମତ୍କାର ଭାବେ ପରିସ୍ଫୁଟ ହେଉଥିଲା । ପିଲାମାନଙ୍କୁ ସ୍ନେହ କରିବାରେ, ନାରୀମାନଙ୍କ ପ୍ରତି ସମ୍ବେଦନଶୀଳ ବ୍ୟବହାର ଦେଖାଇବାରେ ଯୁବ ସମାଜର ବଳିଷ୍ଠ ସମାଲୋଚକ ଭାବରେ, ଦୀର୍ଘ ଅର୍ଦ୍ଧଶତାବ୍ଦୀ ଧରି ସେ ତାଙ୍କ ରାଜ୍ୟରେ ଆଦର୍ଶ ହୋଇ ରହିଥିଲେ । "ମଧୁବାବୁ" ନାମରେ ସେ ଥିଲେ ଓଡ଼ିଶାର ଘରେ ଘରେ ସୁପରିଚିତ ।

ଏଭଳି ଜଣେ ବଳିଷ୍ଠ ଜନନାୟକଙ୍କର ଦୃଷ୍ଟାନ୍ତମୟ ଜୀବନରେ ଅନୁପ୍ରାଣିତ ହୋଇଥିବା ଅନ୍ୟମାନଙ୍କ ମଧ୍ୟରେ ଏହି ଲେଖକ ଅନ୍ୟତମ । ଦେଶ ସେବାରେ ନିଜକୁ ସର୍ବୋତ ଭାବରେ ଉତ୍ସର୍ଗ କରିବା ପାଇଁ ସେ ଯେଉଁ ଦିନ ମତେ ଆହ୍ୱାନ କରିଥିଲେ, ସେ ଦିନଟି ମୋ ନିକଟରେ ସ୍ମରଣୀୟ ହୋଇ ରହିଛି । ଆଜି ମୁଁ ଯାହା ହୋଇ ପାରିଛି, ତାହା କେବଳ ଓଡ଼ିଶାର ଦୁଇଜଣ ବରେଣ୍ୟ ମନୀଷୀଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ଯୋଗୁଁ—ସେମାନେ ହେଉଛନ୍ତି ପୁଣ୍ୟସ୍ମୃତି ମଧୁସୂଦନ ଦାସ ଓ ଗୋପବନ୍ଧୁ ଦାସ ।

⊙⊙○

ପୂର୍ବତନ ମୁଖ୍ୟମନ୍ତ୍ରୀ,
ଓଡ଼ିଶା



ଓଡ଼ିଆ ଶିଳ୍ପୀର ନିପୁଣତା





# ଭାରତୀୟ ଧର୍ମଧାରାରେ ଓଡ଼ିଶାର ବୈଶିଷ୍ଟ୍ୟ - ମହିମାଧର୍ମ

ବ୍ରହ୍ମବଧୂତ ବିଶ୍ୱନାଥ ବାବା

ଯେଉଁ ମହିମାମୟ ମହାପ୍ରଭୁଙ୍କ ପ୍ରଭାରେ ଅନନ୍ତ କୋଟି ବ୍ରହ୍ମାଣ୍ଡ ଓ ଜୀବ ଜଗତ ସୃଷ୍ଟି ହୋଇଅଛି, ହେଉଅଛି ଏବଂ ସ୍ଥିତି ହୋଇ ରହିଅଛି, ସେହି ମହାମହିମାମୟ ଏକ ଅଦ୍ୱିତୀୟ ପ୍ରଭୁ ପରମବ୍ରହ୍ମ କେବଳ ଜୀବ ଜଗତର କାରଣ, ତାରଣ କର୍ତ୍ତା ଅଟନ୍ତି । ଶ୍ରୁତିରେ ନିମ୍ନୋକ୍ତ ଭାବରେ ଉପାଦାନ ଓ ନିମିତ୍ତ କାରଣ ବର୍ଣ୍ଣନ ଅଛି ;

"ଯତୋ ବା ଇମାନି ଭୂତାନି ଜାୟନ୍ତେ ଯେନ ଜାତାନି
ଜୀବନ୍ତି, ଯତ୍ ପ୍ରୟନ୍ତ୍ୟଭିସଂବିଶନ୍ତି,
ତଦ୍ ବିଜିଜ୍ଞାସ ସ୍ୱ ତଦ୍ ବ୍ରହ୍ମ ଇତି ।"

ତୈତ୍ତିରୀୟୋପନିଷଦ୍

ଯାହାଙ୍କଠାରୁ ବ୍ରହ୍ମା ପ୍ରଭୃତି ଭୂତବର୍ଗ ଉତ୍ପନ୍ନ ହୋଇଅଛନ୍ତି ଓ ଯାହାଙ୍କ ଦ୍ୱାରା ଜୀବିତ ଅଛନ୍ତି, ବିନାଶ ସମୟରେ ଯାହାଙ୍କଠାରେ ବିଲୀନ ହେବେ ତାହାଙ୍କୁ ବିଶେଷ ଭାବେ ଜାଣିବାକୁ ଇଚ୍ଛାକର । ସେ ହେଉଛନ୍ତି ମହାମହିମାମୟ ପରମାତ୍ମା ପରମ ବିଭୁ । ସେହି ବିଶୁଦ୍ଧ ଏକ ଅଦ୍ୱିତୀୟ ତାହାପ୍ରଭୁ କେବଳ ତଟସ୍ଥ ସ୍ୱରୂପ ଲକ୍ଷଣର ଅଧିପତି ।

ସତ୍ୟଂ ଜ୍ଞାନମନନ୍ତଂ ବ୍ରହ୍ମ ଆନନ୍ଦ ରୂପ ମମୃତମ୍
ଯଦ୍ ବିଭାତି ଶାନ୍ତଂ ଶିବ ମଦ୍ୱୈତଂ ଶୁଦ୍ଧମପାପବିଦ୍ଧମ୍

ତୈତ୍ତିରୀୟୋପନିଷଦ୍ ।


ବ୍ରହ୍ମ ସତ୍ୟ ସ୍ୱରୂପ, ଜ୍ଞାନ ସ୍ୱରୂପ ଓ ଅନନ୍ତ ସ୍ୱରୂପ । ସେ ସର୍ବାପେକ୍ଷା ଶ୍ରେଷ୍ଠ ଓ ଅମୃତ ସ୍ୱରୂପରେ ପ୍ରକାଶ ପାଆନ୍ତି । ସେ ଶାନ୍ତ ସ୍ୱରୂପ, ବିମଳ ସ୍ୱରୂପ, ଅଦ୍ୱିତୀୟ, ବିଶୁଦ୍ଧ, ମଙ୍ଗଳମୟ ଏବଂ ପାପସ୍ପର୍ଶରହିତ । ଏହା ହେଉଛି ପରଂବ୍ରହ୍ମ ପରମାତ୍ମାଙ୍କର ସ୍ୱରୂପ ଲକ୍ଷଣ ।

ଏହି ସ୍ୱରୂପ ତଟସ୍ଥର ଯେ ଅଧିପତି ସେ ପରମ ବିଭୁ ସଚ୍ଚିଦାନନ୍ଦ ସ୍ୱରୂପରେ ଅଧଃଉର୍ଦ୍ଧ୍ୱ ମଧ୍ୟରେ ବ୍ୟାପକ ହୋଇ ସର୍ବାତୀତ ଭାବରେ ସତତ ବିରାଜିତ ଅଛନ୍ତି । ସେହି ଏକ ଅଦ୍ୱିତୀୟ ପରଂବ୍ରହ୍ମ ପରମାତ୍ମା ମହିମାଧର୍ମର ଆଶ୍ରୟ, ଶରଣୀୟ, ଭଜନୀୟ, ଚିନ୍ତନୀୟ ଓ ଦର୍ଶନୀୟ ଅଟନ୍ତି ।

ଶ୍ରୁତି ନେତି ନେତି ବାକ୍ୟଦ୍ୱାରା ବା ଅସ୍ତିତ୍ୱ ନାସ୍ତିତ୍ୱ ବାକ୍ୟ ଦ୍ୱାରା ଯେଉଁଠାରେ ନିଃଶବ୍ଦ ରହୁଛି ସେହି ପରମ ବିଭୁଙ୍କ ସମ ବା ତଦୂର୍ଦ୍ଧ୍ୱରେ ନିତ୍ୟ ଆଉକିଛି ନାହିଁ । ସେ ହେତୁ ଶ୍ରୁତି କହେ—

ଯସ୍ମାତ୍ ପରଂ ନା ପର ମସ୍ତି କିଞ୍ଚିତ୍ ଯସ୍ମାନାଣୀୟୋ
ନ ଜ୍ୟାୟୋଽସ୍ତି କଶ୍ଚିତ୍ ବୃକ୍ଷ ଇବ ସ୍ତବ୍ଧୋଦିବି
ତିଷ୍ଠତ୍ୟେକ—ସ୍ତେନେଦଂ ପୂର୍ଣ୍ଣଂ ପୁରୁଷେଣ ସର୍ବମ୍ ।

ଶ୍ୱେତାଶ୍ୱତରୋ ପନିଷଦମ୍



• ମହିମା ଧର୍ମ ମନ୍ଦିରର ବହିର୍ଦୃଶ୍ୟ •

ସେହି ପରମାତ୍ମା ପରମ ପୁରୁଷଙ୍କଠାରୁ ଉତ୍କୃଷ୍ଟ ନିତ୍ୟ ପୁରୁଷ ଆଉ କେହି ନାହିଁ । ସେହି କେବଳ ଜଗତର ଅତିସୂକ୍ଷ୍ମ ଓ ସର୍ବ ପ୍ରଧାନ ଏବଂ ବୃକ୍ଷ ତୁଲ୍ୟ ସ୍ଥିର ଅଥଚ ମହାତ୍ମା ବଳରେ ସର୍ବତ୍ର ବ୍ୟାପୀ ରହିଅଛନ୍ତି । ସେ ପୂର୍ଣ୍ଣ ଓ ଅଦ୍ୱିତୀୟ । ଏହି ଅଖିଳ ଜଗତରେ କୌଣସି ସ୍ଥାନରେ ମଧ୍ୟ ତାଙ୍କର ଅଭାବ ନାହିଁ । ସର୍ବତ୍ର ସେ ପୂର୍ଣ୍ଣ ରୂପରେ ଅବସ୍ଥିତ ରହିଅଛନ୍ତି ।

ସେହି ମହିମାମୟ ମହାପ୍ରଭୁ ପରଂବ୍ରହ୍ମଙ୍କଠାରୁ ସୂକ୍ଷ୍ମ ବସ୍ତୁ ଦ୍ୱିତୀୟ କିଛି ନାହିଁ ଓ ତଦ୍ରୂପ ବୃହତ୍ ମଧ୍ୟ କିଛି ନାହିଁ । ସେ ହେଉଛନ୍ତି—

ଅଣୋରଣୀୟାନ୍ ମହତୋ ମହୀୟାନାତ୍ମା ଗୁହାୟାଂ
ନିହିତୋଽସ୍ୟ ଜନ୍ତୋଃ । ତମ କ୍ରତୁଂ ପଶ୍ୟତିବୀତ ଶୋକୋ
ଧାତୁପ୍ରସାଦାନ୍ମହିମାନମୀଶମ୍ ।

ଶ୍ୱେତାଶ୍ୱତରୋ ପନିଷଦ୍

ପରମପିତା ପରଂବ୍ରହ୍ମ ସୂକ୍ଷ୍ମରୁ ସୂକ୍ଷ୍ମତର ଏବଂ ମହତରୁ ମହତର । ସେ ବ୍ରହ୍ମାଦିସ୍ତମ୍ବ ପର୍ଯ୍ୟନ୍ତ ପ୍ରାଣୀ ସମୂହର ହୃଦୟ ଗୁହାରେ ଆତ୍ମା ସ୍ୱରୂପରେ ନିହିତ ଅଛନ୍ତି । ଯେଉଁ ବ୍ୟକ୍ତି ବିଷୟ ଭୋଗ ସଙ୍ଗ ରହିତ ହୋଇ ସେହି ଅଦ୍ୱିତୀୟ ମହା ମହିମା ପ୍ରଭୁଙ୍କୁ ଜାଣନ୍ତି, ସେହି ବ୍ୟକ୍ତି କରୁଣାମୟଙ୍କ ପ୍ରସାଦରୁ ଶୋକ ମୋହାଦିରୁ ବିମୁକ୍ତ ହୋଇ ଅନନ୍ତ କାଳ ପର୍ଯ୍ୟନ୍ତ ପରମାନନ୍ଦ ଭୋଗ କରନ୍ତି । ଏହି ମହିମାମୟ ମହାପ୍ରଭୁ ସ୍ୱ ମହିମାରେ ପ୍ରତିଷ୍ଠିତ ଅଛନ୍ତି । "ସ୍ୱେ ମହିମ୍ନି ପ୍ରତିଷ୍ଠିତଃ" ।

ସେହି ମହିମାମୟ ମହାପ୍ରଭୁ ସର୍ବ ଜଗତର ଆଶ୍ରୟ ଅଟନ୍ତି । ତାଙ୍କ ବ୍ୟତୀତ ଦ୍ୱିତୀୟ କେହି ଜୀବ କୁଳର ଆଶ୍ରୟ ନୁହନ୍ତି । ସେହି ପ୍ର କେବଳ ଶରଣୀୟ, ଦର୍ଶନୀୟ ଓ ଚିନ୍ତନୀୟ ଅଟନ୍ତି ।

"ସ ଆଶ୍ରୟ ପରଂବ୍ରହ୍ମ ପରମାତ୍ମେତି ଶବ୍ଦ୍ୟତେ"

ମହିମା ଧର୍ମରେ ସେହି ଏକ ବିଶୁଦ୍ଧ ପରଂବ୍ରହ୍ମଙ୍କ ଆଶ୍ରୟ ଶରଣ ଦର୍ଶନ ଭଜନ ବିଧାନ ରହିଅଛି । ଏ ହେତୁ ମହିମା ଧର୍ମ ଅପରିତ୍ୟଜ୍ୟ' ତେଣୁ ଏକ ଅଦ୍ୱିତୀୟ ପରଂବ୍ରହ୍ମଙ୍କ ସ୍ମରଣରେ ମହିମାଧର୍ମ ଓତଃପ୍ରୋତ ବ୍ୟାପକ ଭାବେ ପରିପୂରିତ ।

ପ୍ରାତଃ ସାୟଂ ଶରଣ ଦର୍ଶନ ଭଜନରେ ସେହି ସୁନିୟମରେ କାୟମନୋବାକ୍ୟରେ ବ୍ରହ୍ମ ଶରଣ ଦର୍ଶନ କରାଯାଏ ।

ମହିମାଧର୍ମ ବିଧାନରେ ରାତ୍ରରେ ଶେଷ ଯାମ ପ୍ରାତଃ ବ୍ରାହ୍ମମୁହୂର୍ତ୍ତରେ ସ୍ନାନ ଶୌଚ ହୋଇ ସୁନିର୍ମଳ ସ୍ଥାନରେ ଅନନ୍ତ ଆକାଶ ତଳେ ପୂର୍ବାଭିମୁଖରେ ଉଭା ହୋଇ ମହାଶୂନ୍ୟ ଭୁବନ ମହାନିତ୍ୟବାସୀ ମହ

ମହିମାଦ୍ରିର ଅଲେଖ ପ୍ରଭୁ ପରଂବ୍ରହ୍ମଙ୍କୁ କାୟମନୋବାକ୍ୟରେ ସ୍ତୁତି କଣାଣ ପ୍ରାର୍ଥନା ସହ ଛଳୋଚଳ ବିଧାନରେ ଭୂଭାରେ ଭୂମିଷ୍ଠ ପ୍ରଣମିତ ହୋଇ ସପ୍ତବାର ଶରଣ ଦର୍ଶନ କରାଯାଏ । ପ୍ରାର୍ଥନା ସମୟରେ ଉଚ୍ଚାରଣ କରାଯାଏ ।

ଆହେ ମହିମାମୟ ମହାପ୍ରଭୁ ଅନନ୍ତ କୋଟି ଜୀବଚରର କର୍ତ୍ତା ! ଏହି ଅନନ୍ତ କୋଟି ଅଶେଷ ବ୍ରହ୍ମାଣ୍ଡ ମହାପ୍ରଭୁଙ୍କର ଅଟେ । ମହାପ୍ରଭୁ ଏହି ଅଶେଷ ବ୍ରହ୍ମାଣ୍ଡ ରକ୍ଷା କରନ୍ତୁ । ଅନନ୍ତ କୋଟିବ୍ରହ୍ମାଣ୍ଡ ମହାପ୍ରଭୁଙ୍କ ସ୍ୱ ମହିମାରୁ ସମ୍ଭୂତ । ସର୍ବ ଜୀବ କୁଳ ତବ ତେଜରେ ପ୍ରକାଶିତ ଓ ଅନନ୍ତ ଆକାଶ ମଣ୍ଡଳରେ ବିରାଜିତ ଚନ୍ଦ୍ର, ସୂର୍ଯ୍ୟ, ଗ୍ରହ ନକ୍ଷତ୍ର ଇତ୍ୟାଦି ତବ ମହିମାରେ ପ୍ରକାଶିତ । ଏ ଆତ୍ମା ମଧ୍ୟ ତବ ତେଜରୁ ଉଦ୍ଭବ । ହେ ପ୍ରଭୁ ଆତ୍ମାର ଆତ୍ମା । ଏ ଆତ୍ମାକୁ ସର୍ବଦା ତବ ସ୍ମରଣ ଭଜନ ଚିନ୍ତନରେ ଲିପ୍ତ କରି ରଖନ୍ତୁ । ତେ ସ୍ମରଣ ଭଜନ ବ୍ୟତୀତ ଅନ୍ୟ ସ୍ମରଣ ଚିନ୍ତନ ଏ ହୃଦୟକୁ ନ ଆସୁ । ତବ ଅଶେଷ ମହିମା ତ୍ରିଭୁବନରେ ବ୍ୟାପୀ ରହିଅଛି ।

"ଅଶେଷ ମହିମା ତିନି ଭୁବନେ ଖ୍ୟାତ
ନର ଦେହ ବହି କେହ୍ନୁ କହିବ ଅନ୍ତ ।"

କଳ୍ପ କଳ୍ପାନ୍ତରେ ତବ ମହିମା ବର୍ଣ୍ଣନ କଲେ ମଧ୍ୟ ସମ୍ପୂର୍ଣ୍ଣ ହୋଇ ପାରିବ ନାହିଁ । ଆହେ ପ୍ରଭୁ ପିଣ୍ଡ ପ୍ରାଣର କର୍ତ୍ତା ! ତବ ମହିମା ସାଗରରେ ଏ ଆତ୍ମା ସର୍ବଦା ନିମଜ୍ଜିତ ହୋଇ ରହୁ । ଇହପର ଜୀବନରେ ଜ୍ଞାନା ଜ୍ଞାନାକୃତ ଯାହା ଦୋଷ ହୋଇଛି ବା ହୋଇଥିବ ତାହା ସବୁ କ୍ଷମାସାଗରର ମହାପ୍ରଭୁ କ୍ଷମାଦେଇ ଏ ଆତ୍ମାକୁ କ୍ଷମାସାଗରରେ ନିମଜ୍ଜିତ କରି ରଖନ୍ତୁ । ତବ ଅଭୟ ପଦ ଆଶ୍ରୟରେ ଏ ଆତ୍ମା ସର୍ବଦା ଆଶ୍ରୟୀ ହୋଇ ରହୁ । କ୍ଷଣମାତ୍ର କୁଚିନ୍ତା କୁଭାବନା ଏ ହୃଦୟକୁ ନ ଆସୁ । କୌଣସି ଦୂଷିତ କର୍ମରେ ଏ ଚିତ୍ତ ଭୁଲି ନ ଯାଉ । ସର୍ବଦା ଏକାଗ୍ରମନ ଏକାଗ୍ର ଚିତ୍ତରେ ଅଭୟ ପଦକମଳ ଭାବନାରେ ଏ ଆତ୍ମା ମଜ୍ଜିତ ହୋଇ ରହିଥାଉ । ଇହ କଳ୍ପରେ ଏକପ୍ରଭୁ ପରଂବ୍ରହ୍ମଙ୍କ ଭାବନା ଛଡା ଅନ୍ୟ ଭାବନା ହୃଦୟକୁ ନ ଆସୁ । ଏ ଆତ୍ମା ସତତ ତବ ଅଭୟ ପଦ ଭାବନାରେ ରହି ଜାଗ୍ରତ ସ୍ୱପ୍ନ ସୁଷୁପ୍ତି ଅବସ୍ଥାରେ ଭୁଲି ନ ଯାଉ । ମହାପ୍ରଭୁ ସ୍ୱୟଂ ପ୍ରାଣ ମଧ୍ୟରେ ପ୍ରାଣେଶ୍ୱର ହୋଇ ଏ ପ୍ରାଣକୁ ସର୍ବଦା ସଚେତନ ମାର୍ଗରେ ଜାଗ୍ରତ କରାଇ ପ୍ରାଣ ପବନକୁ ଅଜପା ଅମପା ସ୍ମରଣରେ ନିମଜ୍ଜିତ କରି ରଖନ୍ତୁ । ଜ୍ଞାନେନ୍ଦ୍ରିୟ କର୍ମେନ୍ଦ୍ରିୟ ଗଣ ଓ ତଦଧିପତି ଦେବଗଣ ସର୍ବେ ଆତ୍ମାର ମୋକ୍ଷ ଉଦ୍ଦେଶ୍ୟରେ ଜାଗରଣ ରହି ପ୍ରଭୁପଦ ସ୍ମରଣରେ ଯଥା ଶକ୍ତି ସାହାଯ୍ୟ କରନ୍ତୁ । ପିଣ୍ଡରେ ପ୍ରାଣ ଥିବା ପର୍ଯ୍ୟନ୍ତ ଏ ଆତ୍ମା ସର୍ବଦା ବ୍ରହ୍ମମୟ ଭାବନାରେ ପ୍ରଶାନ୍ତ ହୋଇ ରହିଥାଉ । ଅଶେଷ କୋଟି ବାର ଅଭୟ ପଦରେ ଶରଣଂ ନମାମି, ଶରଣଂ ନମାମି । କୈବଲ୍ୟ ମୁକ୍ତି ଦାୟକ ମହାପ୍ରଭୁ ! ସର୍ବଦା ଏ ଆତ୍ମାକୁ ନିଷ୍କାମ ଭାବରେ କୈବଲ୍ୟ ମୁକ୍ତିପଦ ପନ୍ଥାରେ ପଥିକ କରି ରଖନ୍ତୁ । ସର୍ବ ଜଗତ ଭକ୍ତଙ୍କୁ ମହିମାମୟ ମହାପ୍ରଭୁ ଉଦ୍ଧାର କରନ୍ତୁ । ସମସ୍ତଙ୍କ ଘଟରେ ମହାପ୍ରଭୁ ସେହିପରି ସଚେତନ ବୁଦ୍ଧି ପ୍ରଦାନ କରନ୍ତୁ । ସର୍ବେ ମହିମାମୃତ ସାଗରରେ ଆତ୍ମା ମନଃ ପ୍ରାଣ ସବୁ ଅର୍ପଣ କରି ନିମଜ୍ଜିତ ହୋଇ ରହନ୍ତୁ ।

ଏହିପରି ପ୍ରାତଃ ସାୟଂ ବ୍ରାହ୍ମ ମୁହୂର୍ତ୍ତରେ ଯଥାକ୍ରମେ ପୂର୍ବ ପଶ୍ଚିମାଭିମୁଖରେ ସପ୍ତ ପଞ୍ଚବାର ଭୂମିଷ୍ଠ ଶରଣ ଦର୍ଶନ କରାଯାଏ । ଏହା ମହିମାଧର୍ମର ମୁଖ୍ୟ ଶରଣ ଦର୍ଶନ ଭଜନ ବିଧାନ ଅଟେ । ସେ ସମ୍ପର୍କରେ ଶାସ୍ତ୍ରୀୟ ପ୍ରମାଣ ଏତଦ୍ରୂପ–

ଯୋ ବ୍ରହ୍ମାଣଂ ବିଦଧାତି ପୂର୍ବଂ ଯୋ ବୈ
ବେଦାଂଶ୍ଚ ପ୍ରହିଣୋତି ତସ୍ମୈ, ତଂ ହ ଦେବ ମାତ୍ମବୁଦ୍ଧି
ପ୍ରକାଶଂ, ମୁମୁକ୍ଷୁ ର୍ବୈ ଶରଣମହଂ ପ୍ରପଦ୍ୟେ ।

ଶ୍ୱେତାଶ୍ୱତରୋପନିଷଦ୍

ତମେବ ଶରଣଂ ଗଚ୍ଛ ସର୍ବ ଭାବେନ ଭାରତ
ତତ୍ ପ୍ରସାଦାତ୍ ପରା ଶାନ୍ତିଂ ସ୍ଥାନଂ ପ୍ରାପ୍ସ୍ୟସି ଶାଶ୍ୱତମ୍ ।

ଗୀତା

ମହିମାଧର୍ମ ବିଶ୍ୱବାସୀର ନୀତିରେ ରାତ୍ର ଶେଷ ଯାମରୁ ଉତ୍ଥିତ ହୋଇ ପ୍ରଭୁ ନାମ ସ୍ମରଣ ପୂର୍ବକ ବିଶୁଦ୍ଧ ଜଳରେ ସ୍ନାନ ଶୌଚ ଅବଲମ୍ବନ



କରି ପବିତ୍ର ବିଧାନରେ ଗୃହସ୍ଥ ଭକ୍ତଗଣ ଶୁଦ୍ଧ ଗୈରିକ ବସ୍ତ୍ର ପରିଧାନ ଓ ସାଧୁ ସନ୍ନ୍ୟାସୀବୃନ୍ଦ ଭେକ କୌପୀନ ଧାରଣ କରି ବ୍ରହ୍ମ ଶରଣ ଦର୍ଶନ କରିବାର ବିଧାନ ରହିଅଛି । ଏହି ବ୍ରହ୍ମ ଶରଣ ଦର୍ଶନ ବିଧାନର ଶାସ୍ତ୍ରୀୟ ପ୍ରମାଣ ମଧ୍ୟ ଯଥାବିଧି ରହିଅଛି—

ଉଷାକାଳେ ତୁ ସଂପ୍ରାପ୍ତେ ଶୌଚଂ କୃତ୍ୱା ଯଥାର୍ଥବିତ୍
ତତଃସ୍ନାନଂ ପ୍ରକୁର୍ବୀତ ଦନ୍ତଧାବନ ପୂର୍ବକମ୍
ଅତ୍ୟନ୍ତ ମଳିନଃ କାୟୋ ନବଛିଦ୍ର ସମନ୍ୱିତଃ
ସ୍ରବତ୍ୟେଷ ଦିବାରାତ୍ରୌ ପ୍ରାତଃ ସ୍ନାନଂ ବିଶୋଧନମ୍

ଦକ୍ଷ ସଂହିତା

ରାତ୍ରି ଭୋଜନ ସମ୍ବନ୍ଧରେ ଶାସ୍ତ୍ର କହେ—

ନ କୁର୍ଯ୍ୟାଦ୍ ରାତ୍ରି ଭୋଜନମ୍
ଆଦିତ୍ୟେଽସ୍ତମିତେ ଯାତେ ଅନ୍ନଂ ନୈବ ମାଚରେତ୍

ମହିମା ଧର୍ମରେ ସତ୍ୟ ଅହିଂସାଦି ଯମ ନିୟମ ସାଧନ ଯଥାରୀତିରେ ପାଳନ କରିବା ବିଧାନ ରହିଅଛି । ଏହାମଧ୍ୟ ହଠଯୋଗ, ରାଜଯୋଗ, ନିଷ୍କାମ ଭକ୍ତିଯୋଗ ଆଦି ସବୁ ଯୋଗ ସାଧନର ପ୍ରଥମ ପ୍ରକରଣ ଅଟେ ।

ଅହିଂସା ସତ୍ୟମସ୍ତେୟ ବ୍ରହ୍ମଚର୍ଯ୍ୟା ପରିଗ୍ରହା ଯମାଃ ।
ଶୌଚ ସନ୍ତୋଷତପଃ ସ୍ୱାଧ୍ୟାୟେଶ୍ୱର ପ୍ରଣିଧାନାନି ନିୟମାଃ ।

ଏହା ନିତ୍ୟାନିତ୍ୟ ବିଚାର ବିବେକୀ ମାନବଗଣ ସର୍ବଦା ଅବଧାରଣ କରନ୍ତି । ମହିମା ଧର୍ମ ବିଶୁଦ୍ଧାଚାର ନୀତିରେ ଏହି ସବୁ ବିଷୟରେ ବିଶେଷ ପ୍ରମାଣ ରହିଛି ।

ମହିମାଧର୍ମରେ ଗୃହସ୍ଥାଶ୍ରମ ଓ ସନ୍ନ୍ୟାସାଶ୍ରମ ଦ୍ୱିବିଧ ପନ୍ଥା ରହିଅଛି । ଏହି ଉଭୟ ପନ୍ଥୀ ଉପରୋକ୍ତ ବ୍ରହ୍ମ ଶରଣ ଦର୍ଶନ ଭଜନ ଓ ଧର୍ମର ବିଶୁଦ୍ଧାଚାର ନୀତି ପାଳନ କରନ୍ତି । ସନ୍ନ୍ୟାସୀମାନେ କାମିନୀ କାଞ୍ଚନରେ ଆବଦ୍ଧ ନ ହୋଇ ଅବଧୂତ ସନ୍ନ୍ୟାସ ପନ୍ଥାର ନୀତି ନିୟମ ଯଥା ବିଧାନରେ ପାଳନ କରନ୍ତି ଓ ଜଗତର କଲ୍ୟାଣ ନିମିତ୍ତ ଦେଶରେ ଭ୍ରମଣ ପୂର୍ବକ ଲୋକମାନଙ୍କୁ ସତ୍ୟ ଧର୍ମର ସୁଶିକ୍ଷା ଦିଅନ୍ତି । ବ୍ରହ୍ମ ଶରଣ ଦର୍ଶନ ଭଜନରେ ଜଗଜ୍ଜନମାନେ ଅନୁବ୍ରତୀ ହୋଇ ଯେପରି ମହାପ୍ରଭୁଙ୍କର ଭକ୍ତ ହେବେ ଓ ଆତ୍ମାର ସଦ୍‌ଗତିମାର୍ଗର ଆଶ୍ରୟ ନେବେ ତାହା ଉତ୍ତମ ରୂପେ ବୁଝାଇ ମହିମାଧର୍ମ ନିଷ୍ଠାରେ ଅନୁପ୍ରାଣିତ କରନ୍ତି ।

ଗୃହସ୍ଥଗଣ ସଜ୍ଜନ ସିଦ୍ଧସାଧୁ ସନ୍ନ୍ୟାସୀଙ୍କ ଠାରୁ ସୁଶିକ୍ଷା ଲାଭକରି ମହାମହିମାମୟ ମହାପ୍ରଭୁଙ୍କ ପ୍ରବର୍ତ୍ତିତ ମହିମା ଧର୍ମରେ ଆଶ୍ରିତ ହେବେ ଓ ଧର୍ମଶ୍ରେୟ ପଥରେ ଦୀକ୍ଷିତ ହୋଇ ଆତ୍ମାର ପରମ ସଦ୍‌ଗତି ଲାଭ କରିବେ ଏବଂ ମହିମା ପ୍ରଭୁଙ୍କର ଭକ୍ତ ହୋଇ ଭକ୍ତି ସାଧନ ଭଜନରେ ଅନୁବ୍ରତୀ ହୋଇ ରହିବେ ।

ଗୃହସ୍ଥ ଓ ସନ୍ନ୍ୟାସୀମାନେ ସର୍ବେ ମହିମା ପ୍ରଭୁଙ୍କର ଭକ୍ତ । ମହିମା ପ୍ରଭୁଙ୍କର ନିଷ୍କାମ ଭକ୍ତ ସିଦ୍ଧ ସାଧୁ ସନ୍ନ୍ୟାସୀମାନେ ନିଜ ଭକ୍ତି ନିଷ୍ଠାରେ ତନ୍ମୟ ରହି ଓ ଗୃହସ୍ଥ ଭକ୍ତଙ୍କୁ ସର୍ବଦା ସେହି ଚେତନାରେ ଜାଗ୍ରତ କରାଇ ମହିମା ଧର୍ମର ଗୋଷ୍ଠୀଭୁକ୍ତ କରାଉଥିବେ ।

ଏହି ସୂତ୍ରରେ ଗୃହସ୍ଥ ଓ ସନ୍ନ୍ୟାସ ଦୁଇଟି ପନ୍ଥା ମଧ୍ୟ ଆଗମରେ ଉକ୍ତ—

ବ୍ରହ୍ମ ଚର୍ଯ୍ୟା ଶ୍ରମୋନାସ୍ତି ବାନପ୍ରସ୍ଥୋଽପି ନ ପ୍ରିୟେ
ଗାର୍ହସ୍ଥ୍ୟୋ ଭିକ୍ଷୁକଶ୍ଚୈବ ଆଶ୍ରମ ଦ୍ୱୌ କଳୌ ଯୁଗେ ।

ମହାନିର୍ବାଣ

ଗୃହସ୍ଥଗଣ ବ୍ରହ୍ମନିଷ୍ଠ ତତ୍ତ୍ୱଜ୍ଞାନ ପରାୟଣ ହେବା ପାଇଁ ମଧ୍ୟ କୁହାଯାଇଛି :

ବ୍ରହ୍ମନିଷ୍ଠୋ ଗୃହସ୍ଥଃସ୍ୟାଦ୍ ବ୍ରହ୍ମଜ୍ଞାନ ପରାୟଣଃ
ଯଦ୍ ଯତ୍ କର୍ମ ପ୍ରକୁର୍ବୀତ ତଦ୍ ବ୍ରହ୍ମଣି ସମର୍ପୟେତ୍ ।

ମହାନିର୍ବାଣ

ଏ ବିଷୟରେ ଭକ୍ତ ଭୀମ ଭୋଇଙ୍କର ପ୍ରବଚନ ହେଉଛି—

"ବଣା ନୁହ, କର ବିଚାରଣା, ହେତୁ ଚେତା ହୁଅ ।"
ସତ୍ୟ ଧର୍ମରେ ଯେ ଥିବ ଯଶ କୀରତି ଲଭିବ
ଶୁଭ ମଙ୍ଗଳ ଶୁଭିବ ଜୟ ଜୟ
ଭଣେ ଭୀମ ହୀନ ଦାସ ପ୍ରଭୁଙ୍କୁ କୋଟିବା ଆଶ
କର ଯୋଡ଼ି ସମସ୍ତଙ୍କୁ କହୁଛି ବିନୟ ।

ଇତ୍ୟାଦି

ଉପରୋକ୍ତ ବିଚାରଣ ବାକ୍ୟ ଯାହା ଉଲ୍ଲେଖ ହେଲା ତାହା ଲୌକିକ ସାଧାରଣ ବିଚାର ନୁହେଁ । ଏହା ନିତ୍ୟାନିତ୍ୟ ବସ୍ତୁ ବିବେକ ବିଚାରଦ୍ୱାରା ଅନ୍ୱିତ । "ନିତ୍ୟ ବସ୍ତ୍ୱେକଂ ବ୍ରହ୍ମ, ତଦ୍ ବ୍ୟତିରିକ୍ତଂ ସର୍ବମନିତ୍ୟମ୍" । ଏହି ଭାବନା ହୃଦୟରେ ଦୃଢ଼ୀଭୂତ ହୋଇ ରହିବା ନିମିତ୍ତ ସୁବିଚାର କରି ତହିଁରେ ସର୍ବେ ଅନୁପ୍ରାଣିତ ହେବା କର୍ତ୍ତବ୍ୟ ।

ବର୍ତ୍ତମାନ ମହିମାଧର୍ମର ସ୍ଥାପୟିତା ପ୍ରବୁଦ୍ଧ ଗୁରୁ ମହିମା ସ୍ୱାମୀଙ୍କ ସ୍ୱାମୀଙ୍କ ବିଷୟରେ ଆଲୋଚନା କରିବା ।

ପ୍ରବୁଦ୍ଧ ଗୁରୁ ମହିମା ସ୍ୱାମୀ ସ୍ୱ ମହିମାରେ ମର୍ତ୍ତ୍ୟ ଭୁବନକୁ ବିଜେ ହୋଇ ପ୍ରଥମେ ହିମାଳୟ କୈଳାସ ଗିରିରେ ଅବସ୍ଥାନ କରିଥିଲେ । ଏହାପରେ ହିମାଳୟ ସାନୁ ଦେଶରେ ଅଲେଖ ସ୍ୱାମୀ ଭାବରେ ଭ୍ରମଣ କରିଥିଲେ । ସେହି ମହାପ୍ରଭୁ ଅନାଦି ସିଦ୍ଧ ସନ୍ନ୍ୟାସୀ ସ୍ୱରୂପରେ ନାନା ଦେଶ ଭ୍ରମଣକରି ୧୮୨୬ ଖ୍ରୀଷ୍ଟାବ୍ଦରେ ଉତ୍କଳ ଭୂମିକୁ ପଦାର୍ପଣ କରିଥିଲେ ।

ଉତ୍କଳର ପୁରୀଠାରେ ସର୍ବ ପ୍ରଥମେ ଲୋକ ଦୃଷ୍ଟି ଗୋଚର ହୋଇଥିଲେ । ସେ ସମୟକୁ ମହିମାସ୍ୱାମୀ କେବଳ ଜଳ ଆହାର କରି ଧୂଳିରେ ଶୟନ ଉପବେଶନ କରୁଥାନ୍ତି । ଏହେତୁ 'ଜଳାହାରୀ ଗୋସାଇଁ ଓ ଧୂଳିଆ ଗୋସାଇଁ ବୋଲି ଖ୍ୟାତ ହୋଇଥିଲେ । ସେ ସମୟରେ ମହିମାପ୍ରଭୁ ଖଣ୍ଡଗିରି, ନୀଳଗିରି ପ୍ରଭୃତି ବିଭିନ୍ନ ସ୍ଥାନରେ ଅବସ୍ଥାନ କରୁଥାନ୍ତି । କେତେକ ଆଶ୍ଚର୍ଯ୍ୟ ଲୀଳା ମଧ୍ୟ ଲୋକମାନେ ପ୍ରତ୍ୟକ୍ଷ କରୁଥାନ୍ତି । ଏକଦା ପୁରୀ ମୁକ୍ତି ମଣ୍ଡପ ସଭାରେ ଏକ ଅଦ୍ୱିତୀୟ ବ୍ରହ୍ମବାଦ ବିଷୟ ବାଖ୍ୟା କରିଥିଲେ । ପ୍ରାୟ ଦ୍ୱାଦଶ ବର୍ଷ ପର୍ଯ୍ୟନ୍ତ ଗିରି ଗୁହା ମାନଙ୍କରେ ଅବସ୍ଥାନ କରୁଥାନ୍ତି ।

ଖ୍ରୀଷ୍ଟାବ୍ଦ ୧୮୩୮ ସମୟକୁ ଧୂଳିଆ ଗୋସାଇଁ ମହାପ୍ରଭୁ ଢେଙ୍କାନାଳ କପିଳାସ ଗିରିକୁ ବିରାଜମାନ ହେଲେ । ସେଠାରେ ଗିରିର ଉର୍ଦ୍ଧ୍ୱଦେଶ ଏକ ଚକ୍ରାକାର ପ୍ରସ୍ତର ଉପରେ ଅନନ୍ତ ଶଯ୍ୟାରେ ଏକବିଂଶ ଦିନ ପର୍ଯ୍ୟନ୍ତ ଆତ୍ମାଯୋଗ ସମାଧିରେ ଅବସ୍ଥାନ କରିଥିଲେ । ମହିମା ପ୍ରଭୁ ସମାଧିରୁ ଉତ୍‌ଥିତ ହୋଇ ଦ୍ୱାଦଶ ବର୍ଷ ପର୍ଯ୍ୟନ୍ତ ଫଳାହାର କରି କାଳ ଯାପନ କରିଥିଲେ । ଫଳାହାର ମଧ୍ୟରେ ସିଦ୍ଧ ଗୋବିନ୍ଦ ଦାସ୍ ବାବା ସର୍ବ ପ୍ରଥମେ ବ୍ରହ୍ମଚାରୀବେଶରେ ଆସି ମହିମା ପ୍ରଭୁଙ୍କ ଦର୍ଶନ ଲାଭ କରିଥିଲେ । ଏ ସମ୍ବନ୍ଧରେ ଭୀମଭୋଇ ଗାନ କରି ଅଛନ୍ତି ।

ପ୍ରଥମେ ଶ୍ରୀ ଗୋବିନ୍ଦ ଦାସ । ମିଳିଲେ ଶ୍ରୀଗୁରୁଙ୍କ ପାଶ ॥
କର ଅଞ୍ଜଳି ଶିରେ ଦେଇ । ଛାମୁରେ ବିନୟ ହୁଅଇ ॥
ହୃଦରେ ବେନି କର ଯୋଡ଼ି । ଶ୍ରୀଗୁରୁ ପାଦ ତଳେ ପଡ଼ି ॥

ନିର୍ବେଦ ସାଧନା

ମହିମାପ୍ରଭୁ କପିଳାସରେ ସିଦ୍ଧ ଗୋବିନ୍ଦ ବାବାଙ୍କୁ ଆଦିସତ୍ୟ ସନାତନ ମହିମା ଧର୍ମର ଉପଦେଶ ଦେଇ ବଳକ୍ଳ ଭେକବାନା ପ୍ରଦାନ ପୂର୍ବକ ଅବଧୂତାଶ୍ରମ ପ୍ରଥମ ସିଦ୍ଧ ପର ସନ୍ନ୍ୟାସ କରାଇଲେ । ଗୋବିନ୍ଦ ବାବାଙ୍କୁ ଅବଧୂତ ସନ୍ନ୍ୟାସ ପନ୍ଥାର ନୀତିନିୟମ ସବୁ ବୁଝାଇ ଦେଶ ଭ୍ରମଣକୁ ପଠାଇ ଦେଇଥିଲେ ।

ଦ୍ୱାଦଶ ବର୍ଷ ଫଳାହାର ସମ୍ପୂର୍ଣ୍ଣ ସମୟକୁ ଢେଙ୍କାନାଳର ତତ୍‌କାଳୀନ ମହାରାଜା ଭାଗୀରଥି ଭ୍ରମରବର ମହେନ୍ଦ୍ର ବାହାଦୁରଙ୍କୁ ମହିମାପ୍ରଭୁ କପିଳାସରେ ବିଜେ ହେବା ଅଦ୍ଭୁତ ଭାବେ ଜଣାଗଲା । ସେ ତାହା ଜାଣି ପାରି ଲୋକଙ୍କୁ ପଠାଇ ଅନୁସନ୍ଧାନ କରିବାକୁ ଲାଗିଲେ । ମହିମାପ୍ରଭୁଙ୍କୁ ଫଳ ଯୋଗାଉଥିବା ଦେଉଳୀଆ ଗ୍ରାମବାସୀ ସଦାନନ୍ଦ ଶବର ମହିମା ସ୍ୱାମୀଙ୍କ ମହିମା ପରିଚୟ ଯଥାଭାବରେ ବୁଝାଇ ଦେଇଥିଲେ । ରାଜା

ବାହାଦୁର ତାହାଶୁଣି କିପରି ମହିମା ପ୍ରଭୁଙ୍କୁ ଦର୍ଶନ ଲାଭ କରିବି ବୋଲି କପିଳାସ ଗିରି ସମୀପକୁ ଆସିଥିଲେ । ରାଜାଙ୍କର ପାତ୍ର ମନ୍ତ୍ରୀଗଣ କପିଳାସ ଗିରି ଉର୍ଦ୍ଧ୍ବକୁ ଯାଇ ମହିମା ସ୍ୱାମୀଙ୍କୁ ଜଣାଇଲେ ଯେ, ରାଜା ବାହାଦୁର ପ୍ରଭୁଙ୍କୁ ଦର୍ଶନ କରିବା ନିମିତ୍ତ ଆସି ଅଛନ୍ତି । ସେ ଏଠାକୁ ଆସି ପାରିବେ ନାହିଁ । ପ୍ରଭୁ ବିଜେ ହୋଇ ଦର୍ଶନ ଦିଅନ୍ତୁ । ପ୍ରଭୁ ସ୍ୱୟଂ କପିଳାସ ଗିରିର ନିମ୍ନ ଦେଶକୁ ବିଜେକଲେ । ରାଜା ବାହାଦୁର ପ୍ରଭୁଙ୍କୁ ଦର୍ଶନ କରିବା ମାତ୍ରେ ସାଷ୍ଟାଙ୍ଗେ ପ୍ରଣିପାତ କରି ରହିଲେ । ପ୍ରଭୁ ତାଙ୍କୁ ସ୍ୱକଲ୍ୟାଣ କରି ଉଠ ଉଠ ବୋଲି ଆଜ୍ଞା ଦେଲେ । ରାଜା କରପତ୍ର ଯୋଡ଼ି ପ୍ରାର୍ଥନା କଲେ, "ପ୍ରଭୁ କି ନିମିତ୍ତ ମର୍ତ୍ତ୍ୟପୁରକୁ ବିଜେ ହୋଇଛନ୍ତି । ମୁଁ ଆପଣଙ୍କର କ'ଣ ସେବା ଯୋଗାଇବି ।" ମହିମା ପ୍ରଭୁଙ୍କର ଆଜ୍ଞା ହେଲା ମହିମା ଧର୍ମ ସ୍ଥାପନାର୍ଥେ ମହିମା ପ୍ରଭୁ ମର୍ତ୍ତ୍ୟ ପୁରକୁ ଆସି ଅଛନ୍ତି । ଏହିପରି କହି ମହିମା ଧର୍ମର ତତ୍ତ୍ୱ ଉପଦେଶ ବିଷୟ କେତେକ ଆଜ୍ଞା କରି ରାଜାଙ୍କୁ ବୁଝାଇ ଦେଇ ଥଲେ । ତାହାପରେ ପ୍ରଭୁ ଆଜ୍ଞା କଲେ ଦ୍ୱାଦଶ ବର୍ଷ ଫଳାହାର ସମ୍ପୂର୍ଣ୍ଣ ହୋଇଅଛି । ତୁମେ ଦ୍ୱାଦଶବର୍ଷ ପର୍ଯ୍ୟନ୍ତ କ୍ଷୀର ଆହାର ଯୋଗାଇ ପାରିବକି ? ରାଜା ବାହାଦୁର କରପତ୍ର ଯୋଡ଼ି ନତମସ୍ତକ ହୋଇ ଜଣାଇଲେ ଯେ ପ୍ରଭୁଙ୍କର ସୁଦୟା ହେଲେ ସେ ନିଶ୍ଚୟ ଯୋଗାଇବେ । ସେହି ଦିନ ଠାରୁ ଗୋଟିଏ ଗୋଗୋଷ୍ଠ ରାଜା ସରକାର ସେଠାରେ କରାଇଲେ । ପ୍ରତିନିତ୍ୟ ପ୍ରାତଃ ବ୍ରାହ୍ମ ମୁହୂର୍ତ୍ତରେ ଗୋପାଳ ସ୍ନାନ ଶୌଚ ହୋଇ ନୂତନମୃତ୍ତିକା ଧୌତ ପାତ୍ରରେ କ୍ଷୀର ଧରି ମହିମା ପ୍ରଭୁଙ୍କ ଛାମୁରେ ଯୋଗାଉଥିଲେ । ଏହିପରି ଦ୍ୱାଦଶବର୍ଷ କ୍ଷୀରାହାର ସମୟରେ ମହିମା ପ୍ରଭୁ ତେଢ଼ାଖୋଲ କଙ୍କଣପଦାଗ୍ରାମକୁ ଅଲୌକିକ ଭାବେ ବିଜେ ହୋଇ ଭୀମଭୋଇକୁ ମହିମା ଧର୍ମଉପଦେଶ ଓ କବିତା ଶକ୍ତି ପ୍ରଦାନ କରି ପୁନଃଶ୍ଚ କପିଳାସ ଗିରିକୁ ଆଗମନ କରିଥିଲେ । କ୍ଷୀର ଆହାର ସମ୍ପୂର୍ଣ୍ଣ ହେବା ପରେ ପୃଥ୍ୱୀ ଦେବୀ ଆସି ପ୍ରଭୁଙ୍କ ଛାମୁରେ ପ୍ରାର୍ଥନା କଲେ, "ମହିମା ପ୍ରଭୁ ଅନ୍ନଭିକ୍ଷା ଗ୍ରହଣ କରନ୍ତୁ" । ମହିମା ପ୍ରଭୁ ପୃଥ୍ୱୀ ଦେବୀଙ୍କୁ ଆଦେଶ ଦେଲେ ଯେ ଚୌଷଠି ସିଦ୍ଧ ଅନନ୍ତ କୋଟି ସାଧୁଙ୍କୁ ଅନ୍ନଭିକ୍ଷା ଯୋଗାଇଲେ ମହିମା ପ୍ରଭୁଙ୍କର ଅନ୍ନ ଭିକ୍ଷା ହେବ । ପ୍ରଭୁଙ୍କ ଆଜ୍ଞାକୁ ସେ ଶିରୋଧାର୍ଯ୍ୟ କରିବାରୁ ତତ୍ପରେ ପ୍ରଭୁଙ୍କର ଅନ୍ନଭିକ୍ଷା ଆରମ୍ଭ ହୋଇଥିଲା ।

ଏତଦ୍ ପରେ ମହିମା ସ୍ୱାମୀ ପଦବ୍ରଜରେ ଓଡ଼ିଶାର ବିଭିନ୍ନ ସ୍ଥାନ ଭ୍ରମଣ ତଥା ମହିମାଧର୍ମ ପ୍ରଚାର ଆରମ୍ଭ କଲେ । ମହିମା ଧର୍ମର ସଂସ୍ଥାପକ ଓ ପ୍ରଚାରକ ସ୍ୱୟଂ ମହିମା ପ୍ରଭୁ ଅଟନ୍ତି । ଏତଦ୍ ଭିନ୍ନ ଅନ୍ୟକେହି ନୁହଁନ୍ତି । ଏହା ମହିମା ଧର୍ମର ଏକମାତ୍ର ସର୍ବଗୃହୀତସିଦ୍ଧାନ୍ତ । ଭକ୍ତ କବି ଭୀମ ଭୋଇ ମହିମା ପ୍ରଭୁଙ୍କର ସ୍ତୁତି ଭଜନ ଜଣାଣ ଗାନ କରି ମହିମା ପ୍ରଭୁ ଯେ ସ୍ୱୟଂ ଜଗତର କର୍ତ୍ତା ମହାଶୂନ୍ୟବାସୀ ମହାପ୍ରଭୁ ତାହା ସେ ବାରମ୍ବାର ଗାୟନ କରି ଅଛନ୍ତି ।

"ଶୂନ୍ୟବାସୀ ମର୍ତ୍ତ୍ୟେ ଆସି ବିଜେ ହେଲେ ଗବିତଳେ ।"
"ଶୂନ୍ୟ ପୁରୁଷ ମର୍ତ୍ତ୍ୟରେ ଖେଳୁଛନ୍ତି ହେ
ନର ରୂପେ ଦେବା ଦେବୀ ଖଟିଛନ୍ତି ହେ ।"
"ଆସ୍ଥା ଭକ୍ତି କଲେ ଉଦ୍ଧାର କରିବେ ଅଲେଖ ମହିମା ଗୁରୁ ।
ଏ କଳି ଯୁଗରେ ଦେହଧାରୀ ହୋଇ ଆସି ଅଛନ୍ତି ଶୂନ୍ୟରୁ ।।"
କ୍ଷୀର ସିନ୍ଧୁବାସୀ ଅନନ୍ତ ଈଶ୍ୱର ହୋଇଛନ୍ତି ଅବତାର
ହେଳା କଲେ ସର୍ବେ ଭେଳା ବୁଡ଼ିଯିବ ବେଳ ଥାଉଁ ଆଶ୍ରେ କର ।
"ଅଣାକାର ଅରୂପ ବ୍ରହ୍ମ ମୂରତି
ଏବେ ବିଜୟ କରିଛନ୍ତି ଧରିତ୍ରୀ ।"
ବୈଷ୍ଣବ ଜଣେ ବୋଇଲେ ଯୋଗୀ ପରାଏ ମଣିଲେ
ମାନବ ଶକତି ସେହେ ଅନାଦି ସେ ଈଶ୍ୱର ।
ଜଗତ ଜୀବନ ପ୍ରାଣପତି ଗୋ
ଏବେ ବିଜୟ କରିଛନ୍ତି ଧରିତ୍ରୀ ।

ଏହିପରି ତାଙ୍କ କବିତାରେ ବହୁସ୍ଥାନରେ ଉଲ୍ଲେଖ କରିଛନ୍ତି ।

ମହିମା ପ୍ରଭୁ ଅବଧୂତ ସନ୍ନ୍ୟାସସ୍ୱରୂପରେ ଗ୍ରାମେ ଗ୍ରାମେ ଅତିଥିସ୍ୱରୂପରେ ଭ୍ରମଣ କରି ନୂତନ ମୃତ୍ତିକା ପାତ୍ର ଓ ପାତ୍ରରେ ଧର୍ମଦାଣ୍ଡରେ ଦାତା ମାନଙ୍କଠାରୁ ଅନ୍ନଭିକ୍ଷା ଗ୍ରହଣ କରି ମହିମାଧର୍ମର ଉପଦେଶ ପ୍ରଚାର କରିବାକୁ ଲାଗିଲେ । ସହସ୍ର ସହସ୍ର ନରନାରୀ ମହିମାଧର୍ମରେ ଦୀକ୍ଷିତ ହେଲେ । ଆଉ କେତେ ବୈରାଗ୍ୟ ଅବଲମ୍ବନ କରି ସାଧୁ ସନ୍ନ୍ୟାସୀ ହେବାକୁ ପ୍ରଭୁଙ୍କ ଛାମୁରେ ପହଞ୍ଚିଲେ ।

ମହିମା ପ୍ରଭୁଙ୍କର ଏପରି ଐଶ୍ୱରିକ ଶକ୍ତି ଯେ ମୃତ ଶବକୁ ଜୀବନ ଦାନ, ଗନ୍ତବ୍ୟ ପଥରେ ଅନ୍ତର୍ଦ୍ଧ୍ୟାନ, ଶୂନ୍ୟମାର୍ଗରେ ଗମନ ଇତ୍ୟାଦି ଲୋକମାନେ ଦେଖି ଜାଣି ଶୁଣି ପାରୁଥିଲେ । ନାନା ସ୍ଥାନରେମହିମା ପ୍ରସାଦ ବାଲ୍ୟଲୀଳା ଓ ଧୂନି ଘରମାନ କରାଇଥିଲେ । ବହୁସ୍ଥାନରେ ପ୍ରଭୁଙ୍କର ଅବସ୍ଥାନ ନିମିତ୍ତ ଟୁଙ୍ଗୀ ଆଶ୍ରମ ମାନ ନିର୍ମିତ ହୋଇଥିଲା ।ଏଥିମଧ୍ୟରେ ହିନ୍ଦୋଳ, ବ୍ରହ୍ମପୁର, ରାଞ୍ଜୀଗୋଳ, ଅଙ୍ଗାରବନ୍ଧ, ଢେଙ୍କାନାଳର ମଢ଼ି (କାମାକ୍ଷାନଗର),ଜଙ୍କା, ଯୋରନ୍ଦା ପ୍ରଭୃତି ବିଶିଷ୍ଟ ସ୍ଥାନ ଅଟେ । ଚମଣା, ମାଳବିହାରପୁର ସ୍ଥାନ ମାନଙ୍କରେ ଧୂନିଘର କରାଇଥିଲେ । ଧୂନିରେ ବହୁ ପରିମାଣର ଘୃତ ଚନ୍ଦନାଦି ଆହୂତି ଦିଆଯାଉଥିଲା ।

ମହିମା ପ୍ରଭୁଙ୍କ ଆଜ୍ଞାନୁସାରେ ମହିମାଧର୍ମରେ ପ୍ରତ୍ୟୁ ପୂର୍ଣ୍ଣିମା ଚତୁର୍ଦ୍ଦଶୀ ଅବସରରେ ମହିମା ପ୍ରସାଦ ବାଲ୍ୟଲୀଳା କରାଯାଏ । ଅନ୍ୟ ଯେ କୌଣସି ଶୁଭ କାର୍ଯ୍ୟରେ ମଧ୍ୟ ମହିମା ପ୍ରସାଦ କରି ଆବାଳବୃଦ୍ଧ ବନିତାଙ୍କୁ ବଣ୍ଟନ କରାଯାଏ ।

ଚମଣା ଟୁଙ୍ଗୀ ଧୂନିଘରଠାରେ ସିଦ୍ଧ ଗୋବିନ୍ଦ ବାବା ମହିମା ପ୍ରଭୁଙ୍କ ଆଜ୍ଞାରେ ନୃସିଂହ, ଭଗବାନ, ଅଚ୍ୟୁତାନନ୍ଦ, ଭାଗ୍ୟରଥି, କୃଷ୍ଣଚନ୍ଦ୍ର, କୃପାସିନ୍ଧୁ, ମାଧବାନନ୍ଦ ପ୍ରଭୁଙ୍କୁ ସପ୍ତ ମୂର୍ତ୍ତିଙ୍କୁ ବଳକ୍ଲବାନା ଦେଇ ଅବଧୂତ ପରମସନ୍ନ୍ୟାସ ଗୋଷ୍ଠୀରେ ଭୁକ୍ତ କରାଇଥିଲେ । ଏତତ୍ ପରେ ମାଳବିହାରପୁରଠାରେ ଯେତେବେଳେ ଧୂନିଘର ସ୍ଥାପନ କରାଗଲା ସେଠାରେ ସହସ୍ର ସହସ୍ର ଲୋକ ଆସି ଯୋଗ ଦେଇଥିଲେ । ମହିମା ପ୍ରଭୁଙ୍କ ଆଜ୍ଞାରେ ପ୍ରଥମ ଧୂନି ସ୍ଥାପନ ଦିବସ ଠାରୁ ଆରମ୍ଭ କରି ମାଳ ବିହାରପୁରଠାରେ ନୃସିଂହବାବାଙ୍କୁ ବଳକ୍ଲ ଭେକବାନା ଦେଇ ପୂର୍ବୋକ୍ତ ନିୟମ ଅନୁସାରେ ସିଦ୍ଧପର ସନ୍ନ୍ୟାସ ଗୋଷ୍ଠୀଭୁକ୍ତ କରାଇଥିଲେ । ସେହି ସିଦ୍ଧ ସାଧୁ ବାବାମାନଙ୍କର ନାମ ହେଉଛି ଅପର୍ତ୍ତି ଦାସ ବାବା, ନୀଳାଦ୍ରି ବାବା, କିଶୋରୀ ଅନନ୍ତ ଦାସ ବାବା, ଧ୍ୟାନ ଦାସ ବାବା, ଅଭାଗୀ ଦାସ ବାବା, ନାରାୟଣ ଦାସ ବାବା, ରଘୁବର ଦାସ ବାବା, କାଳୁ ଦାସ ବାବା, ଗଣେଶ ଦାସ ବାବା, କମୁ ଦାସ ବାବା, ସନାତନ ଦାସ ବାବା, ଚନ୍ଦ୍ରମଣି ଦାସ ବାବା, ବଳରାମ ଦାସ ବାବା, ମୁକୁନ୍ଦ ଦାସ ବାବା ପ୍ରଭୃତି ୮୪ ମୂର୍ତ୍ତି ପୂର୍ବୋକ୍ତ ୮ ମୂର୍ତ୍ତି ସମେତ ୯୨ ମୂର୍ତ୍ତି ପର ସନ୍ନ୍ୟାସ ହୋଇ ସିଦ୍ଧ ଗୋଷ୍ଠୀଭୁକ୍ତ ହୋଇଥିଲେ । ତନ୍ମଧ୍ୟରୁ ୬୪ ମୂର୍ତ୍ତି ସିଦ୍ଧ ସନ୍ନ୍ୟାସ ହୋଇ ରହିଥିଲେ ।

ଏହାପରେ ସେ ସମୟରେ ଆଉ ଯେତେ ତ୍ୟାଗୀ ହୋଇ ଆସିଲେ ସିଦ୍ଧ ବାଞ୍ଛାନିଧି ବାବା ମହିମା ପ୍ରଭୁଙ୍କ ଆଜ୍ଞାରେ ଜଙ୍କାଟୁଙ୍ଗୀ ଠାରେ ଡୋର କୌପୀନ ଧାରୀ ସାଧୁ କରାଇ ଥିଲେ । ସେମାନଙ୍କ ମଧ୍ୟରୁ କେତେକଙ୍କ ନାମ ଯଥା ପରମାନନ୍ଦ ଦାସ, ବାଳକୃଷ୍ଣ ଦାସ, ଘାସିରାମ ଦାସ, ବାଇଧର ଦାସ, ବିଦ୍ୟାଧର ଦାସ, ସନ୍ନ୍ୟାସୀ ଦାସ, ମସ୍ତରାମ ଦାସ, ମାର୍କଣ୍ଡ ଦାସ, ଋଷି ଦାସ ପ୍ରଭୃତି ଥିଲେ । ଉକ୍ତ କୌପୀନଧାରୀ ସାଧୁ ମାନଙ୍କୁ ମହିମା ପ୍ରଭୁଙ୍କର ଆଜ୍ଞା ହେଲା, ସେମାନେ ସିଦ୍ଧ ବଳକ୍ଲ ଧାରୀ ବାବାମାନଙ୍କୁ ଯଥାବିଧିରେ ଶରଣମାନ୍ୟ କରି ତାଙ୍କ ଆଜ୍ଞାନୁସାରେ ପ୍ରଭୁଙ୍କ ଖେଳଲୀଳା କାର୍ଯ୍ୟରେ ଯୋଗଦାନ କରୁଥିଲେ । ମହିମା ପ୍ରଭୁଙ୍କର ଯେଉଁଠାରେ ଧାମ ହେବ ସେ ସମୟକୁ ଯେ ତ୍ୟାଗୀ ବୈରାଗୀ ମାନେ ଆସିବେ ସେମାନଙ୍କୁ ସିଦ୍ଧି ଦ୍ୱାରରେ ସିଦ୍ଧ ବାବା ମାନେ ମହିମାପ୍ରଭୁଙ୍କ ଆଜ୍ଞାରେ ଡୋର କୌପୀନ ଧାରୀ ସାଧୁ କରାଇ ତା'ପରେ ମହିମା ପ୍ରଭୁଙ୍କ ହୁକୁମ୍‌ରେ ସିଦ୍ଧ ପର ସନ୍ନ୍ୟାସୀ କରାଇ ସିଦ୍ଧ ଗୋଷ୍ଠୀଭୁକ୍ତ କରାଇବେ । ଇତି ପୂର୍ବରୁ ଆଉ ଏକ ସମୟରେ ମହିମା ପ୍ରଭୁ ସମସ୍ତଙ୍କୁ ଶୁଣାଇଥିଲେ ଯେ ସିଦ୍ଧ ନନ୍ଦଠାରୁ ବଳକ୍ଲ ବାନା ଦିଆଯିବ । ବର୍ତ୍ତମାନ ବନ୍ଦ ରହିଛି । ପୁନଶ୍ଚ ମହିମା ପ୍ରଭୁଙ୍କରହୁକୁମ୍ ହେଲେ ଯାହାଙ୍କ ପରେ ବନ୍ଦ ରହିଛି ପୁନଶ୍ଚ ସେ

ବଳକ୍ଳ ବାନା ପ୍ରଦାନ କରିବେ ।

ମହିମା ପ୍ରଭୁ ଖେଳଲୀଳା ଧର୍ମପ୍ରଚାର କରୁଥିବା ସମୟରେ ଏହି ସୁନିୟମରେ ସାଧୁ ସନ୍ନ୍ୟାସ ପନ୍ଥା ସୃଷ୍ଟି କରିଥିଲେ । ମହିମା ମହାପ୍ରଭୁ ଖେଳଲୀଳା କାର୍ଯ୍ୟ ସମ୍ପୂର୍ଣ୍ଣ କରି ଖ୍ରୀଷ୍ଟାବ୍ଦ ୧୮୭୬ ମସିହା ଫାଲଗୁନ ଶୁକ୍ଳଦଶମୀ ଦିବସଯୋଗବଦା ଶୂନ୍ୟ ମନ୍ଦିର ଟୁଙ୍ଗୀରେ ପୂର୍ଣ୍ଣ ସମାଧିଯୋଗରେ ପରମଧାମକୁ ବିରାଜମାନ ହେଲେ । ସେ ପ୍ରଭୁଙ୍କ ଅନ୍ତର୍ଦ୍ଧାନ ସ୍ଥାନହିଁ ମହିମା ଗାଦୀ ଧାମ ଗୁରୁଦ୍ୱାର ରୂପେ ସ୍ଥାପନ ହୋଇଅଛି । ନୀଳାଦ୍ରିଦାସ ବାବା, ଅନାମ ଦାସ ବାବା, ସନାତନ ଦାସ ବାବା, ବାଞ୍ଛାନିଧିଦାସ ବାବା, ରାମଦାସ୍ ବାବା, ଶବର ଦାସ ବାବା ପ୍ରଭୃତି ବାବାମାନେ ମହିମା ଗାଦୀର ଶୁଭାରମ୍ଭ କରାଇଥିଲେ । ବାଇଧର ଦାସ, ପରମାନନ୍ଦ ଦାସ, ଅପର୍ତ୍ତି ଦାସ ପ୍ରଭୃତି କୌପୀନଧାରୀ ସାଧୁମାନେ ଓ ବୃନ୍ଦାବନ ଭକ୍ତ ଦାମ ବେହେରା, ବଳଭଦ୍ର ମାର୍ଥା ପ୍ରଭୃତି ଭକ୍ତମାନେ ସେମାନଙ୍କ ସହ ଯୋଗଦାନ କରିଥିଲେ । ଦେଶ ବିଦେଶର ଭକ୍ତମାନଙ୍କ ଅର୍ଥ ସାହାଯ୍ୟରେ ମହିମା ଗାଦି ନିର୍ମିତ ହୋଇଛି ।

ମହିମା ଗାଦୀ ନିର୍ମାଣ ପରେ ଶୂନ୍ୟ ମନ୍ଦିର, ଧୁନି ଘର, ଭିକ୍ଷା ସ୍ଥାନ, ମଣୋହି ଆସ୍ଥାନ, ନୀତି ଉପକରଣ ମନ୍ଦିର ପ୍ରଭୃତି ବିଭିନ୍ନ ସ୍ଥାନ ନିର୍ମିତ ହୋଇଅଛି ।

ମହିମାଗାଦି ଆରମ୍ଭ ସମୟେ ସିଦ୍ଧ ୩୨ ମୂର୍ତ୍ତି ବଳକ୍ଳ ଧାରୀ ବାବାମାନେ ମହିମା ଗାଦି ସମୀପରେ ବସି ସଭା କଲେ । ଡୋର କୌପୀନ ଧାରୀ ସାଧୁମାନେ ଓ ଶହ ଶହ ଭକ୍ତ ଆସି ଯୋଗ ଦେଇଥିଲେ । ସିଦ୍ଧ ବାବାମାନେ ବସି ବିଚାର କଲେ, ମହିମା ପ୍ରଭୁଙ୍କ ଆଜ୍ଞାନୁସାରେ ଯେପରି ଧୁନି ଘର ମାନଙ୍କରେ ବଳକ୍ଳ ଧାରୀ ବାବାମାନେ ନୀତି କରୁଥିଲେ ତଦ୍ରୂପ ମହିମା ଗାଦି ର ପ୍ରଥମ ବେଢ଼ାମଧ୍ୟରେ ବଳକ୍ଳ ଧାରୀ ବାବାମାନେ ପ୍ରବେଶ ହୋଇ ମହିମା ଗାଦି ନୀତି କାର୍ଯ୍ୟ ଚଳାଇବେ । ଡୋର କୌପୀନ ଧାରୀ ସାଧୁମାନେ ମୁଖଶାଳାରେ ରହି ନୀତି ଉପକରଣ ମାନ ଯୋଗାଇ ଶଙ୍ଖ ଘଣ୍ଟା ବଜାଇ ଧ୍ୱନିକରାଇବେ । ବେଢ଼ା ବାହାରେ ବେଢ଼ା ପରିକ୍ରମା କରି ପ୍ରଭୁନାମ ଭଜନ ପ୍ରଭୃତି ଗାନ କରାଇବେ । ନୀତି ସମ୍ପୂର୍ଣ୍ଣ ହେବା ପରେ ସର୍ବେ ଏକ ସମୟରେ ମହିମାଅଲେଖ ପରଂବ୍ରହ୍ମଙ୍କ ଶରଣ ଦର୍ଶନ କରିବେ । ଏହିପରି ନୀତି କାର୍ଯ୍ୟମାନ ସବୁ ସ୍ଥିର କରି ୧୮ ମୂର୍ତ୍ତି ବଳକ୍ଳ ଧାରୀ ବାବାମାନଙ୍କୁ ମହିମା ଗାଦି ନୀତି କାର୍ଯ୍ୟରେ ନିଯୁକ୍ତ କରାଇଲେ । ପ୍ରତି ମାସରେ ୩ ମୂର୍ତ୍ତି ବାବା ନୀତିରେରହି, ନୀତି ଚଳାଉଥିବେ ଏବଂ ଭ୍ରମଣକାରୀ ବାବାମାନଙ୍କ ମଧ୍ୟରୁ ଆଉ ଆଉ ୩ ମୂର୍ତ୍ତି ବାବା ନୀତିରେ ଯୋଗ ଦେଲେ, ନୀତି କରୁଥିବା ବାବାମାନେ ଦେଶ ଭ୍ରମଣକୁ ଯିବେ କିନ୍ତୁ ମହିମା ପ୍ରଭୁଙ୍କ ହୁକୁମ୍ ହୋଇଛି । ସିଦ୍ଧ ନନ୍ଦ ବାବା ପ୍ରଥମେ ନୀତି କାର୍ଯ୍ୟରେନିଯୁକ୍ତି ରହିବେ । ସେ ଅନୁସାରେ କାର୍ତ୍ତିକ ପ୍ରଭୁ ପୂର୍ଣ୍ଣିମା ଠାରୁ ସିଦ୍ଧ ନନ୍ଦ ବାବା ନୀତି କାର୍ଯ୍ୟ ଆରମ୍ଭ କଲେ । ତାଙ୍କ ସହ ଆଉ ୨ ମୂର୍ତ୍ତି ରହିଲେ । ଏହିପରି ମାସକୁ ମାସ ୩ ମୂର୍ତ୍ତି ଲେଖାଏଁ ବାବା ନୀତି କାର୍ଯ୍ୟ ଚଳାଇଲେ ।

ବାବାମାନଙ୍କ ଆଜ୍ଞାନୁସାରେ ଡୋର କୌପୀନ ଧାରୀ ସାଧୁ ବାଇଧର ଦାସ, ପରମାନନ୍ଦ ଦାସ, ଅପର୍ତ୍ତି ଦାସ ପ୍ରଭୃତି ସାଧୁମାନେ ନୀତି ସେବା ଉପକରଣ ଯୋଗାଇ କେତେ ବର୍ଷ ପର୍ଯ୍ୟନ୍ତ ଏହିପରି ନୀତି ଚଳାଇଲେ ।

ମହିମା ଗାଦୀ ସ୍ଥାପନ ପରେ ଯେଉଁ ତ୍ୟାଗୀ ବୈରାଗୀମାନେଆସିଲେ, ସେମାନେ ସିଦ୍ଧ ଗୁରୁଜନଙ୍କ ସେବାରେ ରହି, ମହିମା ଗାଦି କାର୍ଯ୍ୟକ୍ରମରେ ଯଥାବିଧି ସାହାଯ୍ୟ କରିବାରେ ଲାଗିଲେ । ଉକ୍ତ ତ୍ୟାଗୀ ବୈରାଗୀମାନଙ୍କୁ ସିଦ୍ଧ ବଳକ୍ଳ ଧାରୀ ଅନାମ ବାବା, ନିଳାଦ୍ରି ବାବା, କୃପାସିନ୍ଧୁବାବା, ଅନନ୍ତ ବାବା ପ୍ରଭୃତି ବାବାମାନେ ମହିମା ପ୍ରଭୁଙ୍କ ଆଜ୍ଞାନୁସାରେ, ମହିମା ଗାଦୀ ଗୁରୁଦ୍ୱାର ଠାରେ ଡୋର କୌପୀନ ଧାରୀ ସାଧୁ କରାଇଲେ । ଉକ୍ତ ସାଧୁମାନେ ପ୍ରଭୁଘର ନୀତି କାର୍ଯ୍ୟରେ ଏବଂ ଅନ୍ୟାନ୍ୟକାର୍ଯ୍ୟରେ ସହଯୋଗ କରିବାରୁ ଦିନକୁ ଦିନମହିମା ଗାଦି ଧାମର କାର୍ଯ୍ୟ କଳାପ ବିକାଶ ହେବାକୁ ଲାଗିଲା । ଦେଶରେ ଧର୍ମ ପ୍ରଚାର ମଧ୍ୟ ଆଗେଇ ଚାଲିଲା ।

୧୯୧୧/୧୨ ଖ୍ରୀଷ୍ଟାବ୍ଦରେ ମହିମା ପ୍ରଭୁଙ୍କର ନନ୍ଦ ବାବାଙ୍କୁ ହୁକୁମ୍ ହେଲା ଯେ କୌପୀନ ଧାରୀଙ୍କୁ ବଳକ୍ଳ ବାନା ଦେଇ ସିଦ୍ଧପନ୍ଥାରେଭୁକ୍ତ କରାଅ । ସେହି ଅନୁସାରେ ନନ୍ଦବାବା ପୂର୍ବୋକ୍ତ ସିଦ୍ଧବାବାମାନଙ୍କୁ ଜଣାଇ ମହିମା ଗାଦି ଗୁରୁଦ୍ୱାରେ ୫୬ ମୂର୍ତ୍ତିଙ୍କୁ ବଳକ୍ଳ ବାନା ପ୍ରଦାନ କରି ଗୋଷ୍ଠୀଭୁକ୍ତ କରାଇଲେ ।

ନନ୍ଦବାବାଙ୍କ ପରମଧାମ ଗମନ ପରେ ୧୯୧୫/୧୬ ରେ ଅନାମ ବାବା ସାନ କୃପାସିନ୍ଧୁ ବାବା ପ୍ରଭୃତି ବାବାମାନେ ୩୩ ମୂର୍ତ୍ତିଙ୍କଠାରୁ ଆରମ୍ଭ କରି ୫୦ ମୂର୍ତ୍ତିଙ୍କୁ ବଳକ୍ଳ ବାନା ଦେଇସିଦ୍ଧ ସାଧୁ ଗୋଷ୍ଠୀଭୁକ୍ତ କରାଇଥିଲେ ।

ତତ୍ ସଙ୍ଗେ ସଙ୍ଗେ ବଡ କୃପାସିନ୍ଧୁ ବାବା ଭିନ୍ନ ବିଚାର କରି ବାଳକ ଦାସ, ବାବା ରାଜେନ୍ଦ୍ର ଦାସ, ବାବା ଭାସ୍କର ଦାସ, ବାବା ଶ୍ୟାମ ଦାସ, ବାବା କୃଷ୍ଣ ଦାସ, ବାବା ଘନଶ୍ୟାମ ଦାସ, ବାବା ଧର୍ମାନନ୍ଦ ଦାସ ପ୍ରଭୃତି ୨୦ ମୂର୍ତ୍ତିଙ୍କୁ ବଳକ୍ଳ ଦେଇ ତାଙ୍କୁ ଗୋଷ୍ଠୀଭୁକ୍ତ ନ କରି ମହିମା ଗାଦି ଛାଡ଼ି ଦେଶକୁ ଚାଲିଗଲେ । ଏହି ବାବାମାନେ ମହିମାଧର୍ମ ଗୋଷ୍ଠୀରୁ ଅଲଗା ରହି ଦେଶରେ ଭ୍ରମଣ କଲେ । ପୁନଶ୍ଚ ଦେଶ ଭ୍ରମଣ ସମୟରେ ବଡ଼ କୃପାସିନ୍ଧୁ ବାବା, ବୃନ୍ଦାବନ ଦାସ, ସୁରେନ୍ଦ୍ର ଦାସ ପ୍ରଭୃତି କେତେ ମୂର୍ତ୍ତିଙ୍କୁ ଡୋର କୌପୀନ ଧାରୀ ସାଧୁ କରାଇଲେ । ବୃନ୍ଦାବନ ଦାସ, ମହେନ୍ଦ୍ର ଦାସ ପ୍ରଭୃତି ଅଲଗା କୌପୀନଧାରୀ ଦଳର ସଭାପତି ହୋଇଥିଲେ ।


ମହିମା ପ୍ରଭୁଙ୍କ ଆଜ୍ଞାରେ ୫୬ ମୂର୍ତ୍ତିଙ୍କ ସହ ଯେଉଁ ଶତାଧିକ ମୂର୍ତ୍ତି ସିଦ୍ଧ ସାଧୁ ଗୋଷ୍ଠୀଭୁକ୍ତ ହେଲେ ସେହି ସିଦ୍ଧ ସାଧୁ ବଳକ୍ଳ ଧାରୀ ବାବାମାନେ ୧୯୧୬/୧୭ ଠାରୁ ମହିମା ଗାଦିର ନୀତି ପରିଚାଳନା ଓ ମହିମା ଗାଦିର ଭୂମିର ବିସ୍ତାର ଏବଂ ଆଶ୍ରମ ମଣ୍ଡଳର ଯାବତୀୟ କାର୍ଯ୍ୟମାନ ସବୁ କରାଇ ଆସୁଛନ୍ତି । ସେହି ଦ୍ୱିତୀୟ ସିଦ୍ଧ ପନ୍ଥା ପର ସନ୍ନ୍ୟାସୀ ଗୋଷ୍ଠୀଭୁକ୍ତ ବାବାମାନଙ୍କ ନାମ ହେଉଛି– ଦୀନବନ୍ଧୁ ଦାସ ବାବା, ଗୋପାଳ ଦାସ ବାବା, ଗଣେଶ୍ୱର ଦାସ ବାବା, ଚକ୍ରଧର ଦାସ ବାବା, ଶରଣ ପଞ୍ଜର ଦାସ ବାବା, ନବୀନ ଦାସ ବାବା, କାହ୍ନୁ ଚରଣ ଦାସ ବାବା, ବନମାଳୀ ଦାସ ବାବା, ଯୋଗୀନ୍ଦ୍ର ଦାସ ବାବା, ପରମାନନ୍ଦ ଦାସ ବାବା, ଅନିରୁଦ୍ଧ ଦାସ ବାବା, ରାମଚନ୍ଦ୍ର ଦାସ ବାବା, ରାଜୀବ ଚରଣ ଦାସ ବାବା, ହରି ଦାସ ବାବା, ରାମାନନ୍ଦ ଦାସ ବାବା, ବିଶ୍ୱନାଥ ଦାସ ବାବା, ମାଧବାନନ୍ଦ ଦାସ ବାବା, ଏକାଦଶୀ ଦାସ ବାବା, ଅନାଦି ଚରଣ ଦାସ ବାବା, ଅନନ୍ତ ଚରଣ ଦାସ ବାବା, ଆର୍ତ୍ତତ୍ରାଣ ଦାସ ବାବା, ବାମନ ଚରଣ ଦାସ ବାବା, କେଶବ ଦାସ ବାବା, ପୀତାମ୍ବର ଦାସ ବାବା, ବିଦ୍ୟାଧର ଦାସ ବାବା, ଘନଶ୍ୟାମ ଦାସ ବାବା ଇତ୍ୟାଦି । ପୁନଶ୍ଚ ଏହି ସିଦ୍ଧ ସାଧୁ ବାବାମାନଙ୍କ ଦ୍ୱାରା ଗୁରୁଦ୍ୱାରେ ବଳକ୍ଳ ବାନା ଦିଆଯାଇ ତୃତୀୟ ପରସନ୍ନ୍ୟାସୀ ପନ୍ଥା ପ୍ରକାଶ ପାଇଅଛି।

ତୃତୀୟ ପନ୍ଥା କେତେକ ବାବା ମାନଙ୍କର ନାମ ଯଥା– ବାବା ନନ୍ଦ ଦାସ, ବାବା ବାଉରୀ ବନ୍ଧୁ ଦାସ, ବାବା ସତ୍ୟବାଦୀ ଦାସ, ବାବା କ୍ଷେତ୍ରବାସୀ ଦାସ, ବାବା ରଘୁନାଥ ଦାସ, ବାବା ବେଣୁଧର ଦାସ, ବାବା ଈଶ୍ୱରଚନ୍ଦ୍ର ଦାସ, ବାବା କରୁଣାକରଦାସ, ବାବା ନରହରି ଦାସ, ବାବା ଉପେନ୍ଦ୍ର ଦାସ, ବାବା ରାମଚନ୍ଦ୍ର ଦାସ, ବାବା ନାରାୟଣ ଦାସ, ବାବା ଗଙ୍ଗାଧର ଦାସ, ବାବା ପବନାନନ୍ଦ ଦାସ, ବାବା ଜୟକୃଷ୍ଣ ଦାସ, ବାବା ବଂଶୀଧର ଦାସ, ବାବା ଅରକ୍ଷିତ ଦାସ, ବାବା ଲୋଚନାନନ୍ଦ ଦାସ, ବାବା ମଦରଧରି ଦାସ, ବାବା ପବିତ୍ରମୋହନ ଦାସ, ବାବା ଯଦୁମଣି ଦାସ, ବାବା ମୋହନ ଚରଣ ଦାସ, ବାବା ବିଚିତ୍ରାନନ୍ଦ ଦାସ, ବାବା ସହଦେବ ଦାସ, ବାବା ନରେନ୍ଦ୍ର ଦାସ, ବାବା ବଂଶୀଧର ଦାସ, ବାବା ପଦ୍ମନାଭ ଦାସ, ବାବା ପୀତାମ୍ବର ଦାସ ପ୍ରଭୃତି ପ୍ରାୟ ୮୦ ମୂର୍ତ୍ତି ତୃତୀୟ ପନ୍ଥା ପର ସନ୍ନ୍ୟାସୀ ସିଦ୍ଧ ସାଧୁ ଗୋଷ୍ଠୀଭୁକ୍ତ ହୋଇ ମହିମା ଧର୍ମ ଧାମ ସମାଜର ପରିଚାଳନାରେ ଯଥା ସାହାଯ୍ୟ କରୁ ଅଛନ୍ତି । ଏତଦ୍‌ଭିନ୍ନମହିମା ଧର୍ମ ସମାଜରେ ଡୋର କୌପୀନ ଧାରୀ ଅପର ସନ୍ନ୍ୟାସୀ ସାଧୁ ଶତ ଶତ ସଂଖ୍ୟାରେ ରହି ଅଛନ୍ତି ।

ମହିମା ଗାଦି ପରିଚାଳନା ଓ ମାର୍ଫତଦାର ମହିମାଗାଦିର ପ୍ରଥମ

ମାର୍ଫତଦାର ସମସ୍ତ ସିଦ୍ଧସାଧୁ ବାବାମାନଙ୍କ ବିଚାରରେ ଢେଙ୍କାନାଳରେ ବିଶେଷ ଭାବରେ ଭ୍ରମଣ କରୁଥିବା କୃପାସିନ୍ଧୁ ବାବାଙ୍କୁ ମାର୍ଫତଦାର ପଦରେ ରଖାଇଥିଲେ । ସେ ଯେତେବେଳେ ୧୯୧୫/୧୬ ଖ୍ରୀଷ୍ଟାବ୍ଦରେ ମହିମାଗାଦି ତ୍ୟାଗକରି ଦେଶ ଭ୍ରମଣକୁ ବାହାରି ଗଲେ ତତ୍ପରେ ଯେ ବନ୍ଦୋବସ୍ତ ହେଲା ସମସ୍ତ ବାବାଙ୍କ ବିଚାରରେ ବାବା ଅନାମ ଦାସ, ବାବା ଅନିରୁଦ୍ଧ ଦାସ, ବାବା ଦୀନବନ୍ଧୁ ଦାସ ପ୍ରଭୃତି ବଳକଳଧାରୀ ବାବାମାନେ ମାର୍ଫତଦାର ରହିଲେ । ଉପରୋକ୍ତ ବାବାମାନଙ୍କର ଦେହାନ୍ତ ହୋଇଯିବାରୁ ସତ୍ୟ ମହିମାଧର୍ମ ପରିଚାଳନା ସମିତି ଗଠିତ ହୋଇ ରେଜିଷ୍ଟ୍ରି ହୋଇଅଛି । ଏହି ସତ୍ୟ ମହିମା ଧର୍ମ ପରିଚାଳନା ସମିତି ଦ୍ୱାରା ମହିମା ଗାଦିର ସମସ୍ତ ଚଳାଚଳ ଭୂମି ସଂରକ୍ଷିତ ହୋଇ ରହିଅଛି ଏବଂ ମହିମା ଗାଦି ଧର୍ମ ଧାମ ନୀତିପରିଚାଳନା ଇତ୍ୟାଦି ସୁଚାରୁ ରୂପେ ଚଳି ଆସୁଅଛି ।

ଗ୍ରାମ/ପୋ:ଅ: ମହିମା ଗାଦି
ଜିଲ୍ଲା: ଢେଙ୍କାନାଳ





• ରାଷ୍ଟ୍ରପତି ଜ୍ଞାନୀ ଜୈଲ ସିଂହଙ୍କ, ଓଡ଼ିଶା ଗସ୍ତ କାଳରେ, ଶ୍ରୀମନ୍ଦିର ଦର୍ଶନ •

# ଓଡ଼ିଆ ମୁହିଁରେ ଓଡ଼ିଆ ମୁହିଁ



ଶ୍ରୀ ରାଧାମୋହନ ଗଡ଼ନାୟକ

ଜଗତର ନାଥ ଠାକୁର ସେବାରେ
ଯେ ଦେଶର ରାଜା ଆତ୍ମହରା,
ରଥଯାତ୍ରାରେ ଝାଡୁଦାର ହୋଇ
କରି ଆସୁଥିଲେ ଛେରା ପହଁରା !

ଅନ୍ୟ ଦେଶର ରାଜା ଦେଖି ତାହା
ମନରେ ବହିଲ ଗୁମାନ ଘୋର–
"ଏଇ ଚଣ୍ଡାଳ ହାତରେ ମୁଁ ଆଜି
ଦେଇ ପାରିବି କି କନ୍ୟା ମୋର ?"

ନିରପରାଧର ମାନ ହାନି ଦେଖି
କାଳିଆ ଧଳିଆ ଠାକୁର ବେନି
କଳା ଧଳା ଘୋଡ଼ା ଛୁଟାଇଲେ ରଣେ
ମନର ଅତଳେ ମମତା ଘେନି ।

କ୍ଷୁବ୍ଧ ସେ ରାଜା ଯୁଦ୍ଧକୁ ଯାଇ
ଅନ୍ୟ ରାଜାର ଦର୍ପ ହରି,
ଦେଶକୁ ଫେରିଲେ, ବିଜୟ ଲକ୍ଷ୍ମୀ
କନ୍ୟା-ରତନ ସାଥିରେ ଧରି ।

ମହାଭାରତର ହୃଦୟ ଭୂଷଣ
ପୁଣ୍ୟ-ଭୂଇଁ ଏ ଓଡ଼ିଶା, ଜୁରି,
ଅଧିବାସୀ ତାର ସନ୍ତାନ ମୁହିଁ,
ଓଡ଼ିଆ ମୁହିଁରେ ଓଡ଼ିଆ ମୁହିଁ ।

(୨)

ଯେ ଦେଶର ରାଜା ଖାରବେଳ ଥିଲେ
ଲକ୍ଷେ ରାଜାରେ ମଉଡ଼ମଣି,
ଭାରତର ପଥେ ଅଭିଯାନ ରଚି
ତୋଳିଥିଲେ ବିପୁଳ ବିଜୟ ଧ୍ୱନୀ ।

ମଗଧର ରାଜା ନେଇ ଯାଇଥିଲେ
ମୋ ଦେଶର ଜିନ ମୂର୍ତ୍ତି,
ରଣ-ଜିତ୍ ତାହା ଫେରାଇ ଆଣିଲେ–
ପ୍ରାଣରେ ଅତୁଳ ତୃପ୍ତି ।

ମଗଧର ରାଜା ଅଶୋକ ପୁଣି
ଚଢ଼ାଉ କରିଲେ ଦର୍ପଭରେ
ରକ୍ତର ସୁଅ ଛୁଟାଇଲେ ଆମ
ଶାନ୍ତିର ଧାମ ଏ ଦେଶ ପରେ ।

ହଜାର ହଜାର ସଂଖ୍ୟାରେ ସେନା
ମରଣ ବରଣ କରିଲେ ସତ
ଅଶୋକ-ଚିତରେ ଚଣ୍ଡ ଯା ଥିଲା
ସତ୍ତ୍ୱରେ ତାହା କରିଲେ ହତ ।

ଚଣ୍ଡ ଅଶୋକ ଦଣ୍ଡକରେ ତ
ଧର୍ମ ଅଶୋକ ହୋଇଲେ ଜାଣି,
ବୁଦ୍ଧ ଶରଣ ଧର୍ମ ଶରଣ ସଂଘ ଶରଣ
ଦିଗ ବିଦିଗରେ ବାଜିଲା ବାଣୀ ।

କାଳିନ୍ଦୀ ରାଣୀ ଯୁଦ୍ଧ ଦେଇ ଥିଲେ
ବୀର ଚିହ୍ନମେ ଶୌର୍ଯ୍ୟବତୀ,
ତାହାଙ୍କ ସାଥିରେ ଦେଖାଇ ଦେଲେ ତ
ସଂବେଦନାର ଉଦାର ମତି ।

ଅହଲ୍ୟା ବ୍ୟାଘ୍ରୀ ପରାଏ କ୍ରୋଧରେ
ଯୁଦ୍ଧ ରଚିଲେ ଶତ୍ରୁ ତୁଲେ,
"କାଳିନ୍ଦୀ ଜୟ" "ବାଜିର ଜୟ"
ନାଦ ଉଠୁଥିଲା ଉଚ୍ଚ ସୁରେ ।

"ବାଜି-ରାଜ୍ୟରେ ହତ୍ୟା କରିଚ,
ଓଡ଼ିଶାର ତୁମେ ହେ ମହାରାଜ,
ମୋହରି ଆଗରେ ବନ୍ଦୀ ତୁମେତ,
ପ୍ରତିଶୋଧ ମୋର ନେବି ମୁଁ ଆଜ।

ପ୍ରତିଶୋଧ ତୁମେ କଅଣ ଭାବୁଚ ?
ସେନିବି ତୁମର ରକତ ଟିକା ?
ଶୋଣିତ ଶୋଣିମ ସଂଗ୍ରାମ ଭୂମେ
ଗାଇବି ଜୈତ୍ର ଜୀବନ-ଗୀତା ?

ମୋ ରାଜା ତ ଗଲେ ବିଧବା ମୁଁ ଆଜି,
ଖୋରଧା-ରାଣୀକି ମୋ'ପରି ହେବେ ?
ସେ ରୂପେ ତାଙ୍କୁ ଦେଖିବି ନାହିଁ ମୁଁ
ବନ୍ଦୀ ହେ ତୁମେ ମୁକ୍ତ ଏବେ।

ମହାଭାରତର ହୃଦୟ ଭୂଷଣ
ଜନ୍ମ ଭୂଇଁ ଏ ଓଡ଼ିଶା ଭୂଇଁ,
ଅଭିଜାତ ତାର ସନ୍ତାନ ମୁହିଁ
ଓଡ଼ିଆ ମୁହିଁରେ ଓଡ଼ିଆ ମୁହିଁ।

(୩)

ଯେଉଁ ରାଇଜର ମହାକବି ଥିଲେ
ସିଦ୍ଧ ପରିଡ଼ା ଶାରଳା ଦାସ,
ମହାଭାରତର ବିରାଟ ଚରିତ
କରି ଦେଇଗଲେ ସୁପ୍ରକାଶ।

ରହିଚି ତହିଁରେ ମହାବିସ୍ତାର
ମହା ପୁରାଣର ଦିଗ୍‌ବିଜୟ,
ଦ୍ୱନ୍ଦ୍ୱ ବାଦର ସଂଗ୍ରାମ ଭୂଇଁ,
କାମନା ଆଶାର ରଙ୍ଗାଳୟ।

ସୂର୍ଯ୍ୟ ପରାଏ ରଶ୍ମିର ଦିନ
ସୃଜି ଦେଇଥିଲେ ବେଦବ୍ୟାସ,
ଚନ୍ଦ୍ର ପରାଏ ଜ୍ୟୋତ୍ସ୍ନାର ନିଶି
ରଚିଦେଲେ ତହିଁ ଶାରଳା ଦାସ।

ବ୍ୟାସ ଯେଉଁ ବନ-ଆଶ୍ରମେ ଥିଲେ
ଗଣେଶ ଦେବତା ସେଇଠି ବିଜେ,
ମହାକବି ଯାହା ଗାଇ ଯାଉଥିଲେ
ଲେଖି ଦେଉଥିଲେ ଦେବତା ନିଜେ।

ସିଦ୍ଧ ପରିଡ଼ା ସିଦ୍ଧି ଲଭିଲେ
ଯାହାର ଚରଣ କମଳ ସେବି,
ମହା ଭାରତର ଲେଖନ-କାରିଣୀ
ନିଜେ ହେଲେ ସେଇ ଶାରଳା ଦେବୀ।

ଶିରୀ କ୍ଷେତ୍ରର ଦେଉଳ ବେଢ଼ାରେ
ଉକତ କବି ସେ ଜଗନ୍ନାଥ—
ହଜାର ହଜାର ଯାତ୍ରୀ ଆଗରେ
କରୁଥିଲେ ଆଗ ପୁରାଣ ପାଠ।

ମନ୍ଦାକିନୀ ତ ସ୍ୱର୍ଗରେ ଥିଲା
ରହିଥିଲା ଖାଲି ଦେବତା ପାଇଁ,
ଭାଗୀରଥ ତାର ପୁଣ୍ୟ ପ୍ରବାହ
ମର୍ତ୍ତ୍ୟ ପଥରେ ଆଣିଲେ ବାହି।

ସଂସ୍କୃତେ ଥିଲା ଭାଗବତ ଭାବ
ଓଡ଼ିଆ ଭାଷାରେ ବାଢ଼ିଲେ କବି,
ରାଇଜର ଜନ, ରାଇଜର ମନ
ଆସ୍ୱାଦ ତାର ପାରିଲେ ଲଭି।

ଓଡ଼ିଶାର ଆମ ଗାଆଁରେ ଗାଆଁରେ
ଭାଗବତ ନିତି ହେଉଚି ପାଠ,
ତାହାରି ସହିତ ସ୍ପନ୍ଦିତ ସୁରେ
ବନ୍ଦିତ ଆଜି ଜଗନ୍ନାଥ।

ନିତ୍ୟ ତରୁଣ ଉପେନ୍ଦ୍ର କବି
ବୀଣାପାଣି ବାଣୀ ପୂଜିଲେ ନିତି,
ଶୃଙ୍ଗାର ରସେ କାବ୍ୟ ରଚିଲେ,
ଗୀତ ଚୌପଦୀ ଛାନ୍ଦବୀଥି।

ପିତାମହ ତାରେ ପାଖକୁ ଡକାଇ
ପଚାରିଲେ—"ବାବୁ, କହ ତ ଦେଖି ?
'ବିଳାସ' ରଚନା ପଢ଼ିଚୁ ତ ମୋର,
ସେଇଭଳି କିଛି ପାରିବୁ ଲେଖି ?"

"ତାହାଠାରୁ ବଳି ଲେଖି ପାରିବି ମୁଁ,
ହେ ମୋର ପୂଜ୍ୟ ବନ୍ଦନୀୟ,
ଚାହୁଁଅଛ ଯଦି ଆଜିଠାରୁ ମତେ
ଗୋଟିଏ ବରଷ ସମୟ ଦିଅ।"

"ବରଷେ କାହିଁକି, ଆହୁରି ସମୟ
ନେଉନାହୁଁ ଆରେ ସୌମ୍ୟ ତୁହି ?"
"କେବଳ ଗୋଟିଏ ବରଷ ଚାହୁଁଛି
ବାଉନ ହସ୍ତା ଚାହୁଁଛି ମୁହିଁ।"

"କଅଣ କିପରି ଲେଖିବୁ କହ ତ?"
"ବ ଆଦ୍ୟରେ 'ବିଳାସ' ମୋର,
ବାଉନ ହସ୍ତା ଭିତରେ ରଚିବି
ବାଉନ ଛାନ୍ଦ ରସରେ ଭର।

ପଦେ ପଦେ ତାର ଅଳଂକରଣ,
ପଦେ ପଦେ ତାର ଯମକ ଶ୍ଳେଷ,
ପଦେ ପଦେ ପୁଣି ଶୃଂଖଳା ରୀତି,
ଚତୁର ଚଟୁଳ ସ୍ୱପ୍ନାବେଶ।"

ବିସ୍ମିତ ହୋଇ ସସ୍ମିତ ଭାଷେ
ଆଶିଷ ଢାଳିଲେ ଧନଞ୍ଜୟ,—
"ମୋହଠାରୁ ବଡ଼ ହୁଅ, ବୀରବର,
ପରାଜୟ ନୁହେଁ ସେ ମୋର ଜୟ।"

ସେ ଦେଶର କବି ରାଜାର ଆଦେଶେ
ଉପଗତ ହେଲେ ଛାମୁରେ ଯାଇ,
କୋମଳ ମଧୁର ବଚନ ପରଶି
ସାଦରେ ବୋଇଲେ ରାଇଜ ସାଇଁ–

"ବହୁତ କାବ୍ୟ ରଚନା କରୁତ,
ଆମ ନାମେ କିଛି ଭଣିତା କର,
ଦୁଃଖରେ କିପାଁ କାଳ କାଟୁ ଅଛ ?
ବଧାଇ ପାଇବ ଜୀବନଭର।"

"କୃଷ୍ଣ ନାମରେ କାବ୍ୟ ମୋହର,
କ୍ଷୀତ ହେଉଅଛି ମୋର ଏ ଛାତି,
ଅନ୍ୟ ନାଆଁରେ ରଚନା କରିଲେ
ହେବ ସିନା ତାହା ଛାତିକି କାତି।"

ଯେଉଁ ରାଇଜର ଭୀମ ଭୋଇ ଖାଲି
ଦେଖିଲେ ଦୁଃଖ ଅପ୍ରମିତ
ଦେଖିଲେ ବହୁତ ସଜଳ ବେଦନା
ଗାଇଲେ ଆର୍ତ୍ତ କାତର ଗୀତ ।

ପରାଣର କେଉଁ ନିଭୃତ ତଳୁ
ଢାଳି ଦେଇ ଗଲେ ଦିବ୍ୟଧାରା,
"ମୋ ଜୀବନ ପଛେ ନର୍କରେ ପଡୁ;
ଉଦ୍ଧାର ପାଉ ଜଗତ ସାରା" ।

ଫକୀର ମୋହନ ଭାଷା ସଂଗ୍ରାମେ
ସେନାପତି ହୋଇ ଆମ ଏ ଦେଶେ
ସାଥି ବନ୍ଧୁରେ ଜାଗ୍ରତ କରି
ବାହାରି ପଡିଲେ ଲଢୁଆ ବେଶେ ।

ଆପଣା ଭାଷାକୁ ଠିଆ କରାଇଲେ,
କାବୋଡି ଧଇଲେ ଭୂଇଁର ଘାସ
ବହୁତ ଗଳପ ରଚନା କରିଲେ
ରଚିଲେ ବହୁତ ଉପନ୍ୟାସ ।

ମାଟିର ଭାଷାକୁ ଛାତିରେ ଜଡାଇ
ବୁଝିଲେ ଆପଣା ଲୋକର ବ୍ୟଥା ।
ବର୍ଣ୍ଣିଲେ କେତେ ବଗୁଲ ବଗୁଲୀ
ଭଗିଆ, ସାରିଆ, ଚଂପା କଥା ।

ମହାଭାରତର ହୃଦୟ ଭୂଷଣ
ପୁଣ୍ୟ ଭୂଇଁ ଏ ଓଡିଶା ଭୂଇଁ
ଅଭିଜାତ ତାର ସଂତାନ ମୁହିଁ,
ଓଡିଆ ମୁହିଁରେ ଓଡିଆ ମୁହିଁ ।

(୪)

ସେ ଜାତିର ପୁଅ, ବିଦାଣୀ ପୁଅ–
ବାରବରଷର ଧର୍ମପଦ
କୋଣାର୍କର ସେ ପୁଣ୍ୟ ବିତାନେ
ହୋଇ ଯାଇ ଅଛି ପୂଜାସ୍ପଦ ।

"ଦେଉଳ ମୁଣ୍ଡି କେମିତି ମାରିବା" ?
ଭାଳେଣି ପଡିଲେ ବଢେଇ ଜୁଳେ
ଦେଉଳ ମୂଳରେ ବୁଲି ବୁଲି ତେବେ
ଜାଣିଲା ବାଳକ ପିଥର ତୁଲେ ।

ବୁଦ୍ଧି ବିଦ୍ୟା ବିବେକ ଖଟାଇ
ମୁଣ୍ଡି ମାରିଲା ନିପୁଣ କରି
ହରଷେ ନାଚିଲା, ଗରବେ ନାଚିଲା
ପିଅର ତାହାକୁ ବୁକୁରେ ଧରି ।

କିଏ ସେ ଦେଉଳ-ମୁଣ୍ଡି ମାରିଲା
ଜାଣିଲେ ସହଜେ ଶିଳ୍ପୀ କୁଳ
ହର୍ଷ ବିଷାଦ ସ୍ପର୍ଶ ଭିତରେ
ତାତ ସୁତ ପାଶେ ହୋଇଲେ ଠୁଳ ।।

"ବାରଶ ବଢେଇ ଜାତିରେ ଦାୟ କି
ପୁଅରେ ଦାୟ ?"
ଶିଳ୍ପୀ ଭାଇରେ ପୁଛିଲେ ସକଳେ
ପାଗଳ ପ୍ରାୟ ।

ଝଡ ପରି ତହୁଁ ଧରମା କାଗିଲା
ବାରଶ ବଢେଇ ମୁହଁକୁ ଚାହିଁ,
ଗୋପନ ରାତିରେ କାଳର ଛାତିରେ
ଜୀବନ ଢାଳିଲା ଜାତିର ପାଇଁ ।

ଢେଙ୍କାନାଳର ବ୍ରାହ୍ମଣୀ ତୀରେ
ଫଉଜ ଡାକିଲେ, ଡଙ୍ଗା ପାଇଁ
ବାଜିଆ ତାହାର ଉତ୍ତର ଦେଲା–
"ପ୍ରଜାମଣ୍ଡଳ ହୁକମ ନାହିଁ ।"

ଫଉଜ ପୁଣି ଗର୍ଜି ଉଠିଲା
"ଡଙ୍ଗା ଆଣ୍ ରେ ଡଙ୍ଗା ଆଣ,
ଜାଣି ପାରୁ ନାହୁଁ ଆଖି ପିଛୁଳାକେ
ଭସ୍ମ ହେବ ରେ ତୋହର ପ୍ରାଣ"

ଶଙ୍କିଲା ନାହିଁ ଚଙ୍କିଲା ନାହିଁ
ବାଳକ ବୀର ସେ ବାଜି ରାଉତ,
ଗୁଳିର ମାଡରେ ମୃତ୍ୟୁ ବରିଲା,
ମୃତ୍ୟୁ ଜିଣିଲା ରହୁଁ ରହୁଁ ତ ।
ମହାଭାରତର ହୃଦୟ ଭୂଷଣ
ପୁଣ୍ୟ ଭୂଇଁ ଏ ଓଡ଼ିଶା ଭୂଇଁ
ଅଭିଜାତ ତାର ସଂତାନ ମୁହିଁ,
ଓଡିଆ ମୁହିଁ ରେ ଓଡିଆ ମୁହିଁ ।

(୫)

କଳିଙ୍ଗ ଭୂଇଁ, ଉତ୍କଳ ଭୂଇଁ
କୋଶଳ ଭୂଇଁ ଏ ଉତ୍ର ଭୂଇଁ
ଅଭିଜାତ ତାର ସଂତାନ ମୁହିଁ
ଓଡିଆ ମୁହିଁରେ ଓଡିଆ ମୁହିଁ ।

ବିଦେଶୀ ଶାସନେ ଚାରି ମୁଲକରେ
କବଳିତ ହୋଇଥିଲା ଏ ଦେଶ,

ବଙ୍ଗ ସାଥିରେ, ବିହାର ସାଥିରେ
ଯୋଡ଼ା ହୋଇଥିଲା ଯା ଅବଶେଷ ।

ସ୍ୱତନ୍ତ୍ର ହୋଇ ବଞ୍ଚିବା ପାଇଁ
ଆପଣାର ଭାଷା କହିବା ପାଇଁ
ସର୍କାର ପାଖେ ଲଢ଼ିଲେ ବହୁତ
କେତେ ଯେ ତାହାର କଳନା ନାହିଁ ।

ମଧୁସୂଦନ ସେ ପୁରୁଷ ସିଂହ,
ଗୋପବନ୍ଧୁ ସେ ଦରଦୀପ୍ରାଣ;
ସର୍କାର ପାଖେ ଜଣାଇଲେ କେତେ
ଜନତାର ଦାବି, ଦେଶର ମାନ,

ଉତ୍କଳ ମଣି, ପୁରୁଷ ସିଂହ
ଇଆରି ଭିତରେ ବୁଜିଲେ ଆଖି
ଦେଖି ପାରିଲେ ନି ସ୍ୱତନ୍ତ୍ର ଦେଶ
ଜୀବନ ସ୍ୱପ୍ନ ରହିଲା ବାକି ।

ପାରଳାର ବୀର ଗଜପତି ରାଜା
ବିଲାତରେ ପୁଣି ଥୋଇଲେ ଦାବି
ବିଦେଶୀ ଶାସନ ମଞ୍ଜୁର କଲା
ଶେଷରେ କଅଣ ମନରେ ଭାବି ।

ଆଜକୁ ପଚାଶ ବରଷ ହେଲାଣି
ସ୍ୱତନ୍ତ୍ର ଦେଶ ପାଇଚେଁ ଆମେ
ଆଶା-ଅନୁରୂପ ନହେଉ ପଛକେ
ବଞ୍ଚି ପାରୁଚୁ ଦେଶର ନାମେ ।

ଗୁପ୍ତି ହୋଇଥିଲା, ମୁକ୍ତି ପାଇଲା,
ଶକ୍ତି ପାଇଲା ଆମର ଭାଷା
କାବ୍ୟ କଥାରେ ଗୀତ ଝଂକାରେ
ପ୍ରସ୍ଫୁଟ ଆଜି ଆମର ଆଶା ।
ମହାଭାରତର ହୃଦୟ ଭୂଷଣ
ପୁଣ୍ୟ-ଭୂମି ଏ ଓଡ଼ିଶା ଭୂମି,
ଅଭିଜାତ ତାର ସଂତାନ ମୁହିଁ,
ଓଡ଼ିଆ ମୁହିଁରେ ଓଡ଼ିଆ ମୁହିଁ ।

ଉପ ସଭାପତି
ଓଡ଼ିଶା ସାହିତ୍ୟ ଏକାଡେମୀ ।
ସଂପାଦକ, କୋଣାର୍କ
ଭୁବନେଶ୍ୱର

• ଚାରୁକାର୍ଯ୍ୟଭରା ରାଜାରାଣୀ ମନ୍ଦିର •



# ଓଡ଼ିଶା ପ୍ରଦେଶର ସୀମା ସଂଶୋଧନ



ଡକ୍ଟର ସତ୍ୟନାରାୟଣ ରାଜଗୁରୁ

ଓଡ଼ିଶା ପ୍ରଦେଶ ଗଠନର ସ୍ମରଣୀୟ ଦିବସଟି ହେଉଛି, ୧୯୩୧ ସାଲ ଜାନୁଆରୀ ମାସ ୬ ତାରିଖ, ଯେଉଁଦିନ ଲଣ୍ଡନରେ ଅନୁଷ୍ଠିତ ଗୋଲଟେବୁଲ ବୈଠକରେ ପାରଳାଖେମୁଣ୍ଡି ମହାରାଜା ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ସକାଶେ ପ୍ରସ୍ତାବ ଆଗତ କରିଥିଲେ ଓ ତାହା ସର୍ବସମ୍ମତିକ୍ରମେ ଗୃହୀତ ହୋଇଥିଲା । ସେହି ଆନନ୍ଦ ସମ୍ବାଦଟି କଟକରେ ପହଞ୍ଚିବା ସଙ୍ଗେ ସଙ୍ଗେ ଦିବାନ ବାହାଦୂର ଶ୍ରୀକୃଷ୍ଣ ମହାପାତ୍ରଙ୍କ ସଭାପତିତ୍ୱରେ ସେଠା ଟାଉନହଲରେ ଗୋଟିଏ ବିରାଟ ସଭାର ଆୟୋଜନ କରାଗଲା । ସେହି ତା୧୯-୧-୧୯୩୧ ମସିହା ସନ୍ଧ୍ୟାରେ ଅନୁଷ୍ଠିତ ସଭାରେ ଆନନ୍ଦ କୋଳାହଳ ମଧ୍ୟରେ ସଭାପତି କହିଥିଲେ "ଶ୍ରୀକୃଷ୍ଣଚନ୍ଦ୍ର ଗଜପତି ହେଉଛନ୍ତି ଓଡ଼ିଆ ଜାତିର ରାଜରାଜେଶ୍ୱର" "(Shri Krushna Chandra Galapati is the King of the Oriya Race)" ସେଥିରେ ବୀରକିଶୋର ରାୟ ମଧ୍ୟ କହିଥିଲେ ଯେ, "ପୁରୁଷୋତ୍ତମ ଦେବଙ୍କୁ କାଞ୍ଚି ଯୁଦ୍ଧରେ ଶ୍ରୀ ଜଗନ୍ନାଥ ଯେପରି ଜୟଯୁକ୍ତ କରାଇଥିଲେ, ସେହିପରି ଗଙ୍ଗ ଗଜପତି ବଂଶଧର କୃଷ୍ଣ ଚନ୍ଦ୍ରଙ୍କୁ ଆଜି ଶ୍ରୀଜଗନ୍ନାଥ ଜୟଯୁକ୍ତ କରିଅଛନ୍ତି ।" ବିହାର ଓଡ଼ିଶାର ନେତା ଶ୍ରୀ ସଚ୍ଚିଦାନନ୍ଦ ସିଂହ କଟକରେ ଶ୍ରୀମଧୁସୂଦନ ଦାସଙ୍କୁ କହିଥିଲେ "You oriya must congratulate yourselves that you have got a worthy champion in the Maharaja for your causes. It is for him that the Round table Conference conceded the claim of oriyas for a separate province practically he Wrested the decision from the unwiling British homes" ମିଷ୍ଟର ଫିଲିପ୍ (Mr. C. Z. Philip) ଯେକି ଓଡ଼ିଶାର କମିଶନର ଥିଲେ, ସେ ୧୯୩୦ ମସିହାରେ ମହାରାଜାଙ୍କୁ ପ୍ରଶଂସାକରି କହିଥିଲେ—" The Maharaja of Parlakhemundi took a prominent Part. His efforts ir the Round Table conference have been rewarded successfully. The Maharaja is a great protagonist of the Oriya Cause as I found it in our towns of Ganjam District in 1924".

ପ୍ରଥମ ଗୋଲଟେବୁଲ ବୈଠକ ଶେଷରେ ତା ୧୬-୧-୧୯୩୧ ତାରିଖ ଦିନ ସେକ୍ରେଟାରୀ ଅଫ ଷ୍ଟେଟ ସାର ସାମୁଏଲ ହୋର୍ ( Sir Samual Hoare ) ଘୋଷଣା କଲେ ଯେ, ଭାରତରେ ଓଡ଼ିଶା ଏକ ସ୍ୱତନ୍ତ୍ର ପ୍ରଦେଶ ହୋଇ ରହିବ । ସେଥିରେ ସୀମା ନିର୍ଣ୍ଣୟ କରିବାକୁ ଗୋଟିଏ ସ୍ୱତନ୍ତ୍ର କମିଟି ସାର ଓ ଡୋନଲ ( Sir O' Donnel )ଙ୍କ ଅଧ୍ୟକ୍ଷତାରେ ଗଠିତ ହେଲା । ସେଥିରେ ଅନ୍ୟ ଦୁଇଜଣ ଭାରତୀୟ ସଭ୍ୟ ରହିଥିଲେ । ସେମାନେ ହେଉଛନ୍ତି, ବମ୍ବେର ଶ୍ରୀ ଏଚ. ଏନ. ମେହେଟା ( H, N. Mehta ) ଏବଂ ଆସାମର ଶ୍ରୀ ତରୁଣ ରାମ ଫୁକାନ ((T, R. Phookan) କମିଟିକୁ ସାହାଯ୍ୟ କରିବା ସକାଶେ ଓଡ଼ିଆଙ୍କ ପକ୍ଷରୁ ପାରଳା-ଖେମୁଣ୍ଡି ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି, ତେଲୁଗୁଙ୍କ ପକ୍ଷରୁ ସି. ଭି. ଏସ. ନରସିଂହ ରାଜୁ ଏବଂ ବିହାରୀଙ୍କ ପକ୍ଷରୁ ଶ୍ରୀ ସଚ୍ଚିଦାନନ୍ଦ ସିଂହ ସରକାରଙ୍କ ଦ୍ୱାରା ମନୋନୀତ ହୋଇଥିଲେ ।

ସୀମା ନିର୍ଦ୍ଦେଶକ କମିଟି ସର୍ବ ପ୍ରଥମେ ତାଙ୍କର ଅନୁସନ୍ଧାନ କାର୍ଯ୍ୟ ଗଞ୍ଜାମର ଗୋପାଳପୁରଠାରେ ଆରମ୍ଭ କଲେ । ସେଥିରେ ସାକ୍ଷ୍ୟ ଦେବାକୁ ଓଡ଼ିଶା ପକ୍ଷରୁ ପାରଳା ମହାରାଜାଙ୍କ ନେତୃତ୍ୱରେ ବିଶେଷ ତତ୍ପରତା ଦେଖାଗଲା । ମହାରାଜାଙ୍କର ବ୍ରହ୍ମପୁରସ୍ଥ ପ୍ରାସାଦରେ ଗୋଟିଏ ସ୍ୱତନ୍ତ୍ର ଅଫିସ ଖୋଲାହୋଇ ସେଠାରେ ବିଭିନ୍ନ ଜମିଦାରୀ ଓ ତାଲୁକମାନଙ୍କରୁ ସାକ୍ଷ୍ୟ ଦେବାକୁ ଆସିଥିବା ବିଶିଷ୍ଟ ପ୍ରତିନିଧି ସ୍ଥାନୀୟ ଲୋକଙ୍କୁ ସାହାଯ୍ୟ କରାଗଲା । ବ୍ରହ୍ମପୁରର "ତେଲୁଗୁ ଭାଷା ବିବର୍ଦ୍ଧିନୀ ସମିତି" ପକ୍ଷରୁ ମଧ୍ୟ ତାଦୃଶ୍ୟ ଆୟୋଜନ ହୋଇଥିଲା । ଉଭୟ ପକ୍ଷରୁ ଗଞ୍ଜାମ ଓ ବିଶାଖାପାଟଣା ଜିଲ୍ଲାରେ ପ୍ରତିଷ୍ଠିତ ଅନୁଷ୍ଠାନଗୁଡ଼ିକରୁ ମଧ୍ୟ ଓଡ଼ିଶାରେ ଗଞ୍ଜାମ ଓ ଜୟପୁରର

ମିଶ୍ରଣ ସପକ୍ଷରେ ଓ ବିପକ୍ଷରେ ସ୍ମାରକପତ୍ରମାନ ଓଡ଼ୋନର କମିଟିରେ ଉପସ୍ଥାପିତ ହେଲା । ଉଭୟ ପକ୍ଷରୁ ଯେଉଁ ସାକ୍ଷ୍ୟମାନ ମୌଖିକ ଓ ଲିଖିତ ଭାବରେ କମିଟିକୁ ଦିଆଗଲା, ସେ ସମସ୍ତ ଯୁକ୍ତିତର୍କ ପଛରେ ପକାଇ ଦେଇ କମିଟିର ଅଧ୍ୟକ୍ଷ ଓଡ଼ୋନଲ ମାଡ୍ରାଜର ପ୍ରାଦେଶିକ ସରକାରଙ୍କ ପକ୍ଷରୁ ନିଯୁକ୍ତ ହୋଇ ସାକ୍ଷ୍ୟ ଦେବାକୁ ଆସିଥିବା ସେନ୍‌ସେସ ଅଧ୍ୟକ୍ଷ ମିଷ୍ଟର ୟିଟସ୍ ( Mr. Yeatts )ଙ୍କଠାରୁ ସାକ୍ଷ୍ୟ ସଙ୍ଗେ ଭାଷା ଭିତ୍ତିକ ମାନଚିତ୍ରକୁ ଆଧାର କରି ଗଞ୍ଜାମର ସୀମା ନିର୍ଦ୍ଦେଶ କରି ତାଙ୍କ ରିପୋର୍ଟ ଭାରତ ସରକାରଙ୍କୁ ୧୯୩୨ ମସିହାରେ ପଠାଇଥିଲେ । ୟିଟସ ସାହେବ ୧୯୩୧ ମସିହାର ଜନ ସୁମାରୀ ହିସାବ ସଙ୍ଗେ ଯେଉଁ ମାନଚିତ୍ରଟି ଦେଇଥିଲେ, ତାହା ଅବିକଳ ଭାବେ ମାଡ୍ରାଜ ପ୍ରଦେଶର ସେନ୍‌ସେସ-ରେକର୍ଡ ( Census record ) ରେ ପ୍ରକାଶିତ ହୋଇଅଛି । (ଏ ପ୍ରବନ୍ଧ ଶେଷରେ ତାହା ଅବିକଳ ଉଦ୍ଧୃତ ହେଲା) ।

ଓଡ଼ୋନେଲଙ୍କ ଉଦ୍ଦଣ୍ଡ ବ୍ୟବହାର କମିଟିର ଅନ୍ୟ ଦୁଇ ଜଣ ଭାରତୀୟ ସଭ୍ୟ (ଫୁକାନ ଓ ମେହେଟା)ଙ୍କୁ ବିସ୍ମିତ କରିଦେଲା । କାରଣ ସେମାନେ ଭାବିଥିଲେ ଯେ, ଓଡ଼ୋନେଲ ତାଙ୍କ ସଙ୍ଗେ ପରାମର୍ଶ ନ କରି ଏପରି ମନମୁଖି ଭାବରେ କେବଳ ୧୯୩୧ ସାଲର ଜନଗଣନା ହିସାବରେ ସନ୍ଦେହାତ୍ମକ ଭାଷାଭିତ୍ତିକ ମାନଚିତ୍ର ଉପରେ ନିର୍ଭରକରି ଦକ୍ଷିଣ ଓଡିଶାର ସୀମା ନିର୍ଦ୍ଧାରଣ କରିଦେବେ । ଏହା ଯଦି ସରକାରଙ୍କ ପକ୍ଷରୁ ଗୃହୀତ ହୁଏ, ତେବେ କମିଟି ନିଯୁକ୍ତ କରି ଶହ ଶହଲୋକ ଏବଂ ଅନୁଷ୍ଠାନ ପକ୍ଷରୁ ସାକ୍ଷ୍ୟ ଗ୍ରହଣକରି ଏକ ବିରାଟ ପ୍ରହସନର ଅବତାରଣା କରାଗଲା କାହିଁକି ? ଏଣୁ ଆସାମର ସୁପ୍ରସିଦ୍ଧ ଆଇନଜ୍ଞ ଶ୍ରୀ ତରୁଣରାମ ଫୁକାନ ଓ ବମ୍ବେର ପ୍ରସିଦ୍ଧ ରାଜନୀତିଜ୍ଞ ମେହେଟା ସେହି କମିଟିଙ୍କ ରିପୋର୍ଟରେ ସ୍ୱତନ୍ତ୍ର ମତ ଦେଇ ଲେଖିଲେ ଯେ, (ସେ ଦିହେଁ ଓଡ଼ୋନଲଙ୍କ ମତକୁ ପ୍ରତ୍ୟାଖ୍ୟାନ କରି କହିଥିଲେ ଯେ) ନୂତନ ଓଡିଶା ପ୍ରଦେଶରେ ପାରଳାଖେମୁଣ୍ଡି ତାଲୁକା ସଙ୍ଗେ ସେଥିର ମାଳଅଂଶ, ପୁଣି ଉପକୂଳବର୍ତ୍ତୀ ସୁନାପୁରଠାରୁ ଦକ୍ଷିଣକୁ ନୌପଡ଼ା ପର୍ଯ୍ୟନ୍ତ ଜଳଭାଗ, ଯାହା ଫଳରେ ଟିକାଲି, ତରଲା, ମଞ୍ଜୁଷା, ବାରୁଆ, ବୁଢ଼ାରସିଙ୍ଗି, ଜଳନ୍ତର ପ୍ରଭୃତି ଓଡିଆ ଜମିଦାରୀ ଅଞ୍ଚଳ ଓଡିଶା ସଙ୍ଗେ ମିଶି ପାରିବ । ଏହା ବ୍ୟତୀତ ଭିଶାଖାପାଟଣା ଜିଲ୍ଲାର ମାଳ ଯେଉଁଥିରେ ଜୟପୁର ଜମିଦାରୀ ଅନ୍ତର୍ଭୁକ୍ତ ହୋଇଛି, ସେ ସମସ୍ତ ଓଡିଶାରେ ମିଶି ରହିବା ଆବଶ୍ୟକ ।

ବାସ୍ତବରେ ଦେଖିବାକୁ ଗଲେ, ୧୯୩୨ରେ ଆନ୍ଧ୍ର ମହାସଭାର ସଭାପତି (ଜଏଣ୍ଟ ପାର୍ଲିଆମେଣ୍ଟାରୀ କମିଟିରେ) ସାକ୍ଷ୍ୟଦେଇ ସ୍ୱତନ୍ତ୍ର ଆନ୍ଧ୍ର ପ୍ରଦେଶ ଗଠନ ପାଇଁ ଦାବୀ କଲାବେଳେ କହିଥିଲେ ଯେ, ଆନ୍ଧ୍ର ପ୍ରଦେଶର ପୂର୍ବୋତ୍ତର ସୀମା ନୌପଡ଼ାଠାରେ ନିରୂପଣ କରିବାକୁ ହେବ ।

କିନ୍ତୁ ଓଡ଼ୋନେଲଙ୍କ ଭୁଲ ବୁଝାମଣା ହେତୁ ଯେଉଁ ଅସ୍ୱାଭାବିକ ସୀମାରେଖା ଚିହ୍ନଟ ହେଲା ତାହା ଫଳରେ ବ୍ରହ୍ମପୁରର ଦକ୍ଷିଣକୁ ପ୍ରାୟ ୧୦୦ କିଲୋମିଟରରୁ ଊର୍ଦ୍ଧ୍ୱ ଉପକୂଳ ଅଞ୍ଚଳ ଓଡିଶା ହରାଇଲା । ଏହା ଫଳରେ ଓଡିଶାର ଯେଉଁ କ୍ଷତି ହୋଇଛି ଏବଂ ଶାସନ ତଥା ଅର୍ଥନୈତିକ ବିଚାର ଦୃଷ୍ଟିରୁ ଓଡିଶା ଓ ଆନ୍ଧ୍ର ଉଭୟ ସରକାରଙ୍କୁ ଅସୁବିଧାରେ ପକାଇ ଉପାନ୍ତ ଅଞ୍ଚଳରେ ପ୍ରାଚୀନ ସାମାଜିକ ସଂସ୍କୃତିକୁ ବିଚ୍ଛିନ୍ନ କରି ଲକ୍ଷ ଲକ୍ଷ ଲୋକଙ୍କୁ ନିମ୍ନ ସ୍ତରକୁ ଟାଣି ନେଇଛି, ତାହା ଓଡ଼ୋନେଲଙ୍କ ଅପରିଣାମ ଦର୍ଶିତାର ପରିଚୟ ।

ଓଡ଼ିଶାର ଅନ୍ୟ ଏକ ଉପାନ୍ତ ଅଞ୍ଚଳ, ବିହାରର ସିଂହଭୂମ୍ । ସେଠାରେ ଓଡ଼ିଆ ସମସ୍ୟାର ବିଚାର କଲାବେଳେ ଓଡ଼ୋନେଲ୍ ସାହେବ ଭାଷାଭିତ୍ତିକ ମାନଚିତ୍ରର ଆବଶ୍ୟକତା ବୋଧ କଲେନାହିଁ । କିନ୍ତୁ ବିହାରର କେତେକ ନେତାଙ୍କ ପ୍ରୋତ୍ସାହରେ ସୀମା ନିର୍ଦ୍ଦେଶ ସକାଶେ ସେଠାକୁ ଯାଇଥିବା କମିଟିର ଉଦ୍ଦେଶ୍ୟ କିଛି ନଜାଣି କଳା ପତାକା ଧରି ଧାଡ଼ି ବାନ୍ଧିଥିବା ଆଦିବାସୀ 'ହୋ' ମାନଙ୍କୁ ଦେଖି ଓଡ଼ୋନେଲ୍ ମନରେ ବିଚାର କଲେ ଯେ, ସିଂହଭୂମ ଜିଲ୍ଲାର ସଂଖ୍ୟାଧିକ ଆଦିବାସୀ ଓଡ଼ିଶାରେ ରହିବାକୁ ଇଚ୍ଛୁକ ନୁହଁନ୍ତି । ତେଣୁ ସେମାନଙ୍କ ଜିଲ୍ଲାକୁ ଖଣ୍ଡିଆକରିବା ଉଚିତ ହେବନାହିଁ । ଆଉ ମଧ୍ୟ ସେଠା ଖରସୁଆଁ ଓ ସରାଇକଳା ଷ୍ଟେଟ୍‌ର ରାଜାମାନଙ୍କ ମତାମତ ସ୍ପଷ୍ଟ ନୁହେଁ ।

ସିଂହଭୂମ୍ ଜିଲ୍ଲାରେ ଓଡ଼ିଆମାନଙ୍କ ପକ୍ଷରୁ ଦେଶମିଶ୍ରଣ କାମ କରିବାକୁ କଂଗ୍ରେସ ପକ୍ଷରୁ ପଣ୍ଡିତ ନୀଳକଣ୍ଠ ଦାସଙ୍କୁ ଭାର ଦିଆଯାଇଥିଲା । ସେଠାରେ ସେ ଯେଉଁ ସମସ୍ୟାର ସମ୍ମୁଖୀନ ହୋଇଥିଲେ ତାହା ବର୍ଣ୍ଣନା କରି ତା ୧-୭-୧୯୩୧ରିଖ "ଦୈନିକ ଆଶା" ପତ୍ରିକାରେ ଗୋଟିଏ ଦୀର୍ଘ ପ୍ରବନ୍ଧ ଛପାଇ ଥିଲେ । ସେଥିର ଶିରୋନାମା ଥିଲା "ଉତ୍କଳବାସୀର ବର୍ତ୍ତମାନ କର୍ତ୍ତବ୍ୟ" । "ସର୍ବତ୍ର ବିରୁଦ୍ଧ ପ୍ରଚାର ଚାଲିଛି । ଉତ୍କଳର ପୁରପଲ୍ଲୀରେ ହେଉ-ସିଂହଭୂମି କାହାର ଏହା ଶୀଘ୍ର ନିଷ୍ପତ୍ତି ହେଉ—ସୁଭାଷ ସେନଗୁପ୍ତ, ରାଜେନ୍ଦ୍ର ପ୍ରସାଦ, ଏମାନଙ୍କଠାରେ ଦାବୀ କରାଯାଉ । "

ଉପରୋକ୍ତ ଶିରୋନାମାରେ ସେ ଲେଖିଥିଲେ-"........ ଆଜି ଏକଥା କହିବାର ବିଶେଷ ଦରକାର ପଡ଼ିଛି କାହିଁକି ? କଂଗ୍ରେସ ମୋତେ ସିଂହଭୂମିରେ କାମ କରିବାକୁ ଦେଇଛନ୍ତି । ସର୍ବଦଳ ସମ୍ମିଳନୀରେ ମଧ୍ୟ ସେହି ଭୂମିରେ କାର୍ଯ୍ୟ ଅଛି । ମୁଁ ଯାଇ ସେ ଜିଲ୍ଲାରେ କଂଗ୍ରେସ କାମ କଲାବେଳେ ସେହି ଜିଲ୍ଲାରେ ଥିବା କେତେକ ବଙ୍ଗାଳି ଓକିଲ ପ୍ରଭୃତିଙ୍କଠାରୁ ଶୁଣିଲି, "ପୁରୀ କଂଗ୍ରେସ ପାଇଁ ଦେବାକୁ ଆମର କିଛି ଆପତ୍ତି ନାହିଁ । ଯଦି ତାହା କରିବାରେ ସିଂହଭୂମି ଉତ୍କଳର ଅଂଶ ବୋଲି ସୂଚନା ଥାଏ ,ତେବେ ଆମ୍ଭେମାନେ ପୁରୀ କଂଗ୍ରେସରେ ଯୋଗଦେବାର ବିରୋଧୀ । " ଏତିକି ନୁହେଁ, ସେମାନେ କହିଲେ "ସିଂହଭୂମି ଏବେ ବିହାରରେ ରହିବା ପାଇଁ ଆମ୍ଭେ ଲଢ଼ିବୁ" ତାହାହେଲେ ପରେ ବଙ୍ଗସୀମା କଥା ଉଠିଲାବେଳେ ଏ ଖଣ୍ଡକୁ ବଙ୍ଗଳାକୁ ଝିଙ୍କି ନେବାକୁ ସୁବିଧାହେବ । କାରଣ ବିହାରର ବସ୍ତୁତଃ ଏ ଭୂମିରେ ଦାବୀ କରିବା କିଛି ନାହିଁ । କିନ୍ତୁ ଏହି ସିଂହଭୂମି ଖଣ୍ଡ ଥରେ ଓଡ଼ିଶାକୁ ଗଲେ ପରେ ଆଉ ବଙ୍ଗଳାର ଦାବୀ ଉଠାଇବା ସହଜ ହେବ ନାହିଁ । " ସେମାନେ କହିଲେ, "ଆପଣମାନେ ନେତୃ ଶ୍ରେଣୀର ଲୋକ । ଆପଣ ସୁଭାଷ ସେନଗୁପ୍ତ, ରାଜେନ୍ଦ୍ର ପ୍ରସାଦଙ୍କ ସଙ୍ଗେ ବିଚାର

କରି ଯାହା ଠିକ୍ କରିଦେବେ ଆମେ ତାହା ମାନିବାକୁ ବାଧ୍ୟ ହେବୁ ।"

ମୁଁ ସେଠାରୁ ଗୋଟିଏ ଷ୍ଟେଟ୍‌ମେଣ୍ଟ କଲିକତା ଓ ପାଟଣାର ପ୍ରଧାନ ପ୍ରଧାନ କାଗଜକୁ ପଠାଇ ଦେଲି । ମନେ କଲି, ଏହି ପ୍ରଚାରରେ ସୁଭାଷ, ସେନ୍‌ଗୁପ୍ତ ଓ ରାଜେନ୍ଦ୍ର ପ୍ରସାଦଙ୍କ ଦଳର ପ୍ରାଦେଶିକ ମତାମତ ଫୁଟି ପଡ଼ିବ । ମୁଁ ଯାହା ଲେଖିଥିଲି ତାହାର ସାର ମର୍ମ ଟିକିଏ ଶୁଣନ୍ତୁ:—

ସିଂହଭୂମି ବିହାର ପାଖ ଆଖରେ ନାହିଁ । ବିହାରୀମାନେ ମାଘି-ମୈଥିଳୀ ପ୍ରଭୃତି ନିଜ ନିଜର ମାତୃଭାଷାକୁ ତଳକୁ ପକାଇ ଦେଇ ଏବେ ହିନ୍ଦୀକୁ ଦେଶୀ ଭାଷା ଅର୍ଥାତ୍ ସ୍କୁଲ-କଚେରୀର ଭାଷା ରୂପେ ଧରିଛନ୍ତି । ଛୋଟନାଗପୁର ତଥା ସିଂହଭୂମିରେ ମଧ୍ୟ ତାହାହିଁ ହୋଇ ଯାଇଅଛି । ହିନ୍ଦୁସ୍ଥାନୀ ଯେତେବେଳେ ଭାରତର ରାଷ୍ଟ୍ରଭାଷା ହେଉଛି, ସେତେବେଳେ ଓଡ଼ିଶାରେ ମଧ୍ୟ ହିନ୍ଦୀ ଚଳିବା ଉଚିତ । ବିହାର ଏହି ହିନ୍ଦୀ-ବଳରେ ଆଜି ସିଂହଭୂମିକୁ ଦାବୀ କରୁଛି । ସେ କଥାର ଅର୍ଥ କିଛି ନାହିଁ । ସମସ୍ତ ଉତର ଛୋଟନାଗପୁର ଡେଇଁ ସିଂହଭୂମି ପର୍ଯ୍ୟନ୍ତ ଗିଳିଦେବାକୁ ବିହାର କେବେ ସକ୍ଷମ ହେବ ନାହିଁ । ବିହାରର ଏ ପଣ୍ଡ ପରିଶ୍ରମ କେବଳ ଅସଙ୍ଗତ ନୁହେଁ, ଘୋର ଅଦୂରଦର୍ଶିତାର ଫଳ । ................... ।"

ବାସ୍ତବରେ ବିହାରର କଂଗ୍ରେସ ପକ୍ଷରୁ ରାଜେନ୍ଦ୍ର ପ୍ରସାଦ ଏବଂ ବଙ୍ଗର ମେଦିନୀପୁରରେ ସୁବାଷଚନ୍ଦ୍ର ବୋଷ ଓ ସେନଗୁପ୍ତାଙ୍କ ପ୍ରଭାବ ହେତୁ ଓଡ଼ିଆଙ୍କ ଦୁର୍ବଳ ନେତୃତ୍ୱ ସୀମା ନିର୍ଦ୍ଦେଶକ କମିଟିକୁ ପ୍ରଭାବିତ କରିପାରିଲା ନାହିଁ । ପାରଳା ମହାରାଜାଙ୍କ ଶାଳକ ସିଂହଭୂମିର ଖରସୁଆଁ ରାଜ୍ୟର ରାଜା ହୋଇ ଥିବାରୁ ମହାରାଜାଙ୍କ ପ୍ରଭାବରେ ସେ ଓଡ଼ିଶାରେ ସିଂହଭୂମି ମିଶ୍ରଣର ସପକ୍ଷରେ ମତ ଦେଇଥିଲେ ସୁଦ୍ଧା ତାଙ୍କ ମତ ବିରୁଦ୍ଧରେ ସରାଇକଳା ରାଜାଙ୍କୁ ସେଠାର ନେତାମାନେ ପ୍ରୋତ୍ସାହିତ କରିଥିଲେ । ଆଦିବାସୀମାନଙ୍କୁ ଉତ୍ସାହିତ କରିବା ମୂଳରେ ସେହି ରାଜେନ୍ଦ୍ର ପ୍ରସାଦ-ସୁଭାଷ-ସେନଗୁପ୍ତଙ୍କ ଅଦୃଶ୍ୟ ପ୍ରଭବ ନିହିତ ଥିଲା ।

ପଣ୍ଡିତ ନୀଳକଣ୍ଠ ଦାସ ତାଙ୍କର ପ୍ରବନ୍ଧରେ ଆଉ ମଧ୍ୟ ଲେଖିଛନ୍ତି:—

"ଏବେ ଖବର ପାଉଛି, ଗତ ସପ୍ତାହ ମଧ୍ୟରେ ସିଂହଭୂମିରେ ବଙ୍ଗାଳିମାନେ ଘୋର ଆନ୍ଦୋଳନ କରି ଦେଇଛନ୍ତି । ସେ ଜିଲ୍ଲାର ଓଡ଼ିଆମାନେ ସେମାନଙ୍କ ପାଖେ ଏବେ ଠିଆ-ହୋଇ ପାରିବେ ନାହିଁ । ସେହି ଶ୍ରେଣୀର ସସଉମିତିମାନ କରି ବଙ୍ଗଳା ପାଇଁ ସିଂହଭୂମିକୁ ଦାବୀ କରିବା ସଙ୍ଗେ ସଙ୍ଗେ ଏବେ ବିହାରରେ ରହୁ ବୋଲି ଘୋର ସ୍ୱର ଉଠାଇବାର ଆରମ୍ଭ କରିଛନ୍ତି । ବିହାରୀମାନେ ମଧ୍ୟ ଏ କ୍ଷେତ୍ରରେ ଯେପରି ଭାବ ଦେଖାଇ ଆସିଛନ୍ତି, ସେଥିରେ ପରେ ସେ କଥା କଣ ହେବ ସେ କଥା ଭାବିବା ବୋଲି ମନେ କରିବେ ନାହିଁ । ଏପରି ପ୍ରାଦେଶିକ ସଂକୀର୍ଣ୍ଣତାମୂଳକ ଉଦ୍ୟମ ପାଖେ ଆମମାନଙ୍କୁ ଶୀଘ୍ର ଛିଡ଼ା ହେବାକୁ ହେବ ।"

ଏହା ପରେ ସେ ଅତି ଆକୁଳ ପ୍ରାଣରେ ଓଡ଼ିଆଜାତିକୁ ଲକ୍ଷ୍ୟ କରି ଲେଖିଛନ୍ତି:— "ମୋର ଦେଶବାସୀଙ୍କ ପାଖେ ଏହାକୁ ଅନୁରୋଧ, ଏ ବିଷୟରେ କ'ଣ କରିବାକୁ ହେବ ତାହା ଶୀଘ୍ର ସ୍ଥିର କରନ୍ତୁ । ସରକାର ଏତେକାଳ ଓଡ଼ିଶାକୁ ଖଣ୍ଡବିଖଣ୍ଡିତ ଓ ନାନା ଭାବରେ ଦୁର୍ବଳ କରି ରଖିଛନ୍ତି । ଏ ସରକାର ମଧ୍ୟ ଦୁର୍ବଳ ପକ୍ଷ ହେବେ ବୋଲି ଯଦି କେହି ଆଶା କରନ୍ତି ସେ ଭ୍ରାନ୍ତ ।"

ପଣ୍ଡିତ ନୀଳକଣ୍ଠ ଦାସ ୧୯୩୧ ମସିହା ଜୁଲାଇ ପହିଲାଦିନ ପତ୍ରିକା ମଧ୍ୟରେ ଓଡ଼ିଆ ଜାତିକୁ ଯେଉଁ ଚେତାବାଣୀ ଶୁଣାଇ ଥିଲେ, ତାହା ଓଡେନଲ୍ କମିଟିର ସୁପାରିଶ ୧୯୩୨ରେ ପ୍ରକାଶ ପରେ ସତ୍ୟରେ ପରିଣତ ହେଲା । କାରଣ ବଙ୍ଗାଳିଙ୍କ ପ୍ରରୋଚନା ଯୋଗୁଁ ମେଦିନାପୁର ଜିଲାର ଓଡ଼ିଆମାନେ ମଧ୍ୟ ଓଡ଼ିଶା ସଙ୍ଗେ ମିଶ୍ରଣ ବିପକ୍ଷରେ ମାରାତ୍ମକଭାବେ ଆନ୍ଦୋଳନ ସୃଷ୍ଟି କଲେ । ଯେଉଁଦିନ ସୀମା କମିଟି ସଙ୍ଗେ ପାରଳା ମହା-ରାଜା ଓଡ଼ିଆଙ୍କ ସପକ୍ଷରେ ସାହାଯ୍ୟ କରିବାକୁ ମେଦିନାପୁରରେ ପହଞ୍ଚିଲେ, ସେଦିନ ଏ ଲେଖକ ମଧ୍ୟ ସେଠାରେ ଉପସ୍ଥିତ ଥିଲା । ସାଇକଲରେ ଜଣେ ବଙ୍ଗାଳି ଯୁବକ ଆମ ବସାକୁ ଆସି ଗୋଟିଏ ମୁଦ ଲଫାପା ଦେଇ କହିଲା "ପାରଳାମହାରାଜା କୋ ଦିତେ ହେବେ ।" ଏତିକି କହି ସେ ଚଞ୍ଚଳ ଗୁଳିଗଲା । କିଛିକ୍ଷଣ ପରେ ମହାରାଜା ମିଟିଂରୁ ଫେରିଆସି ପତ୍ରଟି ପଢି ହସି ହସି ଆମକୁ କହିଲେ "ପଢ଼" । ପତ୍ରଟି ମହାରାଜାଙ୍କ ପ୍ରାଇଭେଟ୍ ସେକ୍ରେଟେରୀ ଶ୍ରୀ ଶ୍ୟାମସୁନ୍ଦର ଗଜୟ ପଢି ଆମକୁ ଶୁଣାଇଲେ । ସେଥିରେ ଉତ୍ତରରେ ଲେଖାଥିଲା ।

" Know ye O' are Raja
This is called Midnapur
How do you dare to harm us ?
Have you know that Padi's fate ?
× × × × "

ମିଦିନାପୁରର ଜିଲ୍ଲା କଲେକ୍ଟର ମି: ପେଡ଼ିଙ୍କୁ ଏଠାରେ ହତ୍ୟା କରାଯାଇଥିଲା । ସେ କଥା ସ୍ମରଣ କରାଇ ପାରଳା ମହାରାଜାଙ୍କୁ ପ୍ରାଣ ଭୟ ଦେଖାଇ ପତ୍ରଟି ଲେଖା ହୋଇଥିଲା ।

ସେପରି କେତେ ଯେ ଗୁଣ୍ଡାମି ସେଠାରେ ହେଉଥିଲା ଯାହା ଫଳରେ ନିରୀହ ଓଡ଼ିଆମାନେ ନିଜ ମାତୃଭାଷାରେ ମଧ୍ୟ କଥା କହିବାକୁ ଶଂକିତ ହେଉଥିଲେ । ସେଠାରେ ନେତା ବୀରେନ୍ଦ୍ର ସାସମଲ ଓଡ଼ିଆ ଜାତିରେ ଜନ୍ମ ହୋଇ ବଂଗାଳିଙ୍କ ସଂଗରେ ରହି ନିଜେ ଓଡ଼ିଆ ମିଶ୍ରଣ ବିରୁଦ୍ଧରେ ସ୍ୱର ଉଠାଇ ଥିଲେ । ସେହି ନେତାମାନଙ୍କ ଉଚ୍ଛୃଂଖଳତା ଓ ବଂଗାଳି ଯୁବକଙ୍କ ସାନ୍ତ୍ରାସ ହେତୁ ମିଦନାପୁର ଚିରଦିନ ପାଇଁ ଓଡ଼ିଶାରୁ ବିଚ୍ଛିନ୍ନ ହୋଇ ରହିଲା । ସେଠାରେ ଝାଡ଼ ଗ୍ରାମ, କଣ୍ଟାଇ, ପ୍ରଭୃତି ଖାଣ୍ଟି ଓଡ଼ିଆ ଅଞ୍ଚଳ ମଧ୍ୟ ଭାଷା ଦୃଷ୍ଟିରୁ ଓଡ଼ିଶାରେ ଅନ୍ତର୍ଭୁକ୍ତ ହେବା ଆବଶ୍ୟକ ବୋଲି ଓଡ଼େନଲଙ୍କର ହୃଦ୍‌ବୋଧ ହେଲା ନାହିଁ ।

ଶ୍ରୀ ବୀରେନ୍ଦ୍ର ସାସମଲ ସେଠାରେ ଗୋଟିଏ ସଂଘ ଗଠନ କରି ମିଦିନାପୁରର କୌଣସି ଅଂଶ ଓଡ଼ିଶାରେ ନ ମିଶିବାକୁ ଯେଉଁ ସବୁ ଅବାନ୍ତର ଯୁକ୍ତି କଲିକତାର ଖବର କାଗଜ-ମାନଙ୍କରେ ପ୍ରକାଶ କରିଥିଲେ, ତାହା ଖଣ୍ଡନ କରିବାକୁ ଯାଇ ଗଞ୍ଜାମର ଶ୍ରୀ ବିଶ୍ୱନାଥ ଦାସ କଲିକତାର ଇଂରାଜୀ ଖବର କାଗଜ "ଆଡ଼ଭାନ୍‌ସ" ର ୯ ପୃଷ୍ଠାରେ " Delimitation of Midnapur " ଶିରୋନାମା ଦେଇ ଲେଖିଥିଲେ :—

" Mr. B. N. Sasmal, Bar-at-Law as President

of an association called the 'Midnapur Anti-partition Committee', has written a pamphlet discussing the various difficulties that might befall the people of south Midnapur in the event of formation of a separate Utkal Province. A number of mis-statements of facts have been made which will prejudice the people against formation of an Utkal Province, as also the re-union of the Oriya tracts from Bengal. This reply is intended merely to clear the clouds brought round the question to enable people to take a dispassionate view on this important question.

In the first and second pages of the pamphlet he makes an allegation that the Government may favour the Oriyas by amalgamating South Midnapur with Orissa. With a view to wreak its vengeance on the politically minded people in Midnapur and also to nip its political spirit in the bud. Let me, therefore, inform my friend that the Oriyas never secured any favour nor did any hanker after any from from Government. Our complain has always been that the misery of Oriyas began with the British Rule and that this admistration extending over 150 years has not benifited to any extent the people of the soil and that the Oriyas have been subjected to the joint exploitation of the Britisher and of their Indian bretheren from the nighbouring provinces. The Oriyas are, therefore, first in the field of agitation to restore the natural state of things by the creation autonomous linguistic provinces since 1901. Mr. Sasmal's aspersions on the Oriya leaders are as unfortunate as his vision of the future Indian Provinces is disappointing. It differs wholly from that of the models laid down by the Congress or the Nehru Report or even the Constitution drawn up by liberal Indian Statesmen. The Satyagraha movement of 1930 has clearly proved that the so-called non-agitating Oriya is not behind any body else. The accounts of Satyagraha work in Utkal, as also the figures of Jail-retuned people as published by the Working Committee, show that Orissa fought her battle of independence in the field of non-violence no less than any other province. The attempt of Mr. Sasmal evoki sympathy of the nationalists in India in favour of his agration on a clear plea of the Bureaucracy dividing Midnapur to put down its real, will not appeal to any one. If our friend had taken a little pain to go into the past records of the second half of the 19th Century, he would have seen to his surpris that the entire portion of the south Midnapur is put a latter addition.

I belong to the Oriya speaking races of the Madras Presidency, and I am more concerned preservation and up-keep of the District sub-cultural unit ( in the cultural unit of the great Indian Union ) of the Oriyas, so as to keep our pace with the growing Indian nationalism. I am glad Mr. Sasmal has admitted the superior administration now in vogue in Ganjam (Madras Presidency) to that of Central Provinces, Bengal or Bihar-Orissa. The very fact of our leading the agitatian is a proof positive that the position of the Oriyas will not be worse than the administration now in vogue in Oriya tracts of Madras ..............".

ଶ୍ରୀ ବିଶ୍ୱନାଥ ଦାସଙ୍କ ଯୁକ୍ତି ଏବଂ ଉପଦେଶ ସଂଗ୍ରେ ମହା ଭାରତୀୟ ସମ୍ବିଧାନର ମୌଳିକ ନୀତିର ବ୍ୟାଖ୍ୟା ପ୍ରାଦେଶିକତା ମନ୍ତ୍ରରେ ଦୀକ୍ଷିତ ଶ୍ରୀ ସାସମଲଙ୍କୁ ପ୍ରଶେ ପ୍ରଭାବିତ କଲା ନାହିଁ ।

ଓଡ଼ିଶାର ଦକ୍ଷିଣ ସୀମା ଯେପରି ଆନ୍ଧ୍ରର ନେତୃ ଶ୍ରେଣୀ ଲେକେ ଗ୍ରାସ କରିବାକୁ ଆଗ୍ରହ ପ୍ରକାଶ କରୁଥିଲେ, ସେପରି ବିହାର ଓ ବଂଗ ପ୍ରଦେଶର ଓଡ଼ିଆ ଅଞ୍ଚଳଗୁଡ଼ିକ ଢଳିତ୍ର କରିବାକୁ ସେଠାରେ ନେତାମାନେ ଓଡ଼ିଆଙ୍କ ବିପକ୍ଷରେ ଅସ୍ତ୍ର ଧାରଣ କରିଥିଲେ । ଗଞ୍ଜାମର ଶିକ୍ଷିତ ସଂପ୍ରଦାୟ ତଥା ଅନୁଷ୍ଠାନଗୁଡ଼ିକ ମହାରାଜା ପାରଳାଖେମୁଣ୍ଡି ଓ ଖଲ୍ଲିକୋଟ ରାଜା ସାହେବଙ୍କ ବଳିଷ୍ଠ ନେତୃତ୍ୱ ଯୋଗୁଁ କେତେକାଂଶରେ ରକ୍ଷା ପାଇଗଲା । କିନ୍ତୁ ସିଂହଭୂମି ଓ ମେଦିନାପୁର କ୍ଷେତ୍ରରେ ସେପରି ଅନୁଷ୍ଠାନ ବା ନେତୃତ୍ୱ ବିହାରୀ ଓ ବଂଗାଳିଙ୍କୁ ହଟାଇବାକୁ ସମର୍ଥ ହେଲା ନାହିଁ ।

୧୯୩୧ ସାଲରେ ଆନ୍ଧ୍ରମାନଙ୍କ ପକ୍ଷରୁ ବ୍ରହ୍ମପୁରରେ 'Ganjam defence league'' ନାମରେ ଗୋଟିଏ ଅନୁଷ୍ଠାନ ଗଠିତ ହୋଇଥିଲା । ତେଣୁ ପାରଳା ଖେମୁଣ୍ଡିରେ 'People's Associatio' ନାମରେ ଓଡ଼ିଆ ଓ ତେଲୁଗୁଙ୍କ ସମ୍ମିଳିତ ଉଦ୍ୟମରେ ଏକ ନୂତନ ଅନୁଷ୍ଠାନ ଗଠିତ ହେଲା । ସେଥିରେ ସଭାପତି ଥିଲେ ରାଓ ସାହେବ, ପି: ସୀତାରାମ ସ୍ୱାମୀ (ଭୂତପୂର୍ବ ନଗରପାଳିକା) ଏବଂ ସଂପାଦକ ରୂପେ ଏ ଲେଷ୍ଟ ଓ ତେଲୁଗୁ ଏଡ୍‌ଭୋକେଟ ବି: ସୂର୍ଯ୍ୟନାରାୟଣ ଦିହେଁ ଯଥାକ୍ରମେ ଓଡ଼ିଆ ଓ ତେଲୁଗୁଙ୍କ ପକ୍ଷରୁ ମନୋନୀତ ହେଲେ । ଏହି ପାରଳା ମହାରାଜାଙ୍କ ନିର୍ଦ୍ଦେଶ କ୍ରମେ ଓଡ଼ିଆ ଓ ତେଲୁଗୁଙ୍କ ମଧ୍ୟରେ ସୌହାର୍ଦ୍ଦ୍ୟ ଓ ସହଯୋଗ ନଷ୍ଟ ହେଲା ନାହିଁ । କିନ୍ତୁ ସେଠାରେ କେତେକ ଓକିଲ ଓ ଅଧ୍ୟାପକଙ୍କ ନେତୃତ୍ୱରେ ତେଲୁଗୁମାନଙ୍କ ପକ୍ଷରୁ ଏକ ଗୋଷ୍ଠୀ Ganjam Defence leagueର ପ୍ରତିନିଧି ହୋଇ ତାଙ୍କ ଲେକଙ୍କୁ ନେଇ ଓଡ଼ିଆଙ୍କ ବିରୁଦ୍ଧରେ ଉତ୍ତେଜନା ସୃଷ୍ଟି କରୁଥିଲେ । ଏଥିର ପ୍ରତିବାଦ କରି ପୁଣି ସୀମା ନିର୍ଦ୍ଦେଶ କମିଟି ରିପୋର୍ଟରେ ଓଡ଼ିଆଙ୍କ ମତପ୍ରକାଶ କରିବାକୁ 'People's Association' ପକ୍ଷରୁ ରାଓ ସାହେବ ପି: ସୀତାରାମ ସ୍ୱାମୀଙ୍କ ଅଧ୍ୟକ୍ଷତାରେ ପାରଳାରେ ଗୋଟିଏ ବିରାଟ ସଭା ତା ୧୨-୧୨-୧୯୩୧ରେ ଭିକ୍ଷରେ ଅନୁଷ୍ଠିତ ହେଲା । ସେଥିରେ ନିମ୍ନୋକ୍ତ ପ୍ରସ୍ତାବଟି ସର୍ବ ସମ୍ମତି କ୍ରମେ ଗୃହୀତ ହେଲା:—

"We, the people of Parlakhemundi Samasthan particularly the Telgu Section thereof,

assembled in a public meeting, do record our emphatic protest against and entirely disassociate ourselves from, the sentiments and opinions expressed in para 75 of the Memorandum presented to the Orissa Boundary Commission by the Ganjam Division bagul, in as much as they are all misrepresentations in fact and misleading in inference. We presume from several references in the para, such as the 80 percent Telgu tenantry, etc., that these portions are meant to refer to our Rajah Saheb and therefore feel called upon to declare that they are neither true nor right, and also express that in the matter of a separate Orissa Province our views and interests are identical with those of our Rajah Sahib in as much as the Parlakhemundi Rajahs as our present Rajah Sahib have been to us all for generations together a patron of help, support and guidance in every matter relating to our well-being and prosperity."

ରାଓ ସାହେବ ଜେ. ଭି. ଆପାରାଓ, ପାରଳାଖେମୁଣ୍ଡିର ତତ୍କାଳୀନ ନଗରପାଳିକା ମଧ୍ୟ ସେଠା ମ୍ୟୁନିସିପାଲିଟିର ତେଲୁଗୁ ସଭ୍ୟମାନଙ୍କ ପକ୍ଷରୁ ଗଞ୍ଜାମ ଡିଫେନ୍ସ ଲିଗ୍ (Ganjam Defence League)ର ସୀମା ନିର୍ଦ୍ଦେଶ କମିଟିକୁ ଦେଇଥିବା ସ୍ମାରକପତ୍ର (Memorandum)ର ୭୫ ପାରାରେ ବିବରଣୀ ବିରୁଦ୍ଧରେ ଅନ୍ୟ ଏକ ପ୍ରସ୍ତାବ ଗ୍ରହଣ କରିଥିଲେ ।

ଏସବୁ ସତ୍ତ୍ୱେ ଓଡ଼େନଲ୍‌ଙ୍କ ସୁପାରିଶ ଓଡ଼ିଆଙ୍କ ଆଶା ଓ ଆକାଂକ୍ଷାକୁ ବିଚୂର୍ଣ୍ଣ କରିଦେଇ ନୂତନ ଓଡ଼ିଶା ପ୍ରଦେଶରୁ ଜୟପୁର ଓ ପାରଳାଖେମୁଣ୍ଡିକୁ ବିଚ୍ଛିନ୍ନ କରିଦେଲା । ମାନ୍ଦ୍ରାଜ ସରକାରଙ୍କ ପକ୍ଷରୁ ମିଷ୍ଟର ଉଟସ୍ ଯେଉଁ ସାକ୍ଷ୍ୟ ଦେଇଥିଲେ ତାକୁ ହିଁ ଓଡ଼େନଲ୍ ସାହେବ ମୂଳମନ୍ତ୍ର ବୋଲି ଗ୍ରହଣ କଲେ । ୧୯୩୧ ମସିହାର ଜନଗଣନା ଅନୁସାରେ, କିପରି ହଟଚମଟ କାର୍ଯ୍ୟସବୁ ମାନ୍ଦ୍ରାଜ ସରକାରଙ୍କ ପକ୍ଷରୁ କରାଯାଇ ଥିଲା ସେଥିର ଟିକିନିଖି ବିବରଣୀ ଉଲ୍ଲେଖ କରି ଏ ଲେଖକ The Census Error ଶିରୋନାମାରେ ଗୋଟିଏ ପେମ୍‌ଲେଟ୍ (ପୁସ୍ତିକା) ଛପାଇ ଥିଲା ଓ ମାନ୍ଦ୍ରାଜର " The Hindu " ପତ୍ରିକାରେ ମଧ୍ୟ ଏକ ଦୀର୍ଘ ପ୍ରବନ୍ଧ ପ୍ରକାଶ କରିଥିଲା । ସେତେବେଳେ ଗଞ୍ଜାମର ଓକିଲ ଭି. ସତ୍ୟନାରାୟଣ ମୂର୍ତ୍ତି ଓ ଏ ଲେଖକ ମଧ୍ୟରେ ମାନ୍ଦ୍ରାଜର ପତ୍ରିକା ମାଧ୍ୟମରେ ଯୁକ୍ତିତର୍କମାନ ପ୍ରକାଶ ହୋଇଥିଲା, ସେପରି କଲିକତାର 'Advance' ପତ୍ରିକାର ଆନ୍ଧ୍ରନେତା ଡି. କୃଷ୍ଣମୂର୍ତ୍ତି ଓ ଲକ୍ଷ୍ମୀନାରାୟଣ ସାହୁଙ୍କ ମଧ୍ୟରେ ଦକ୍ଷିଣ ଓଡ଼ିଶାର ସୀମା ସମସ୍ୟା ନେଇ ବାଦ-ବିବାଦ ଚାଲିଥିଲା । (' Advance', dated 24-9-31 ଦ୍ରଷ୍ଟବ୍ୟ) ପ୍ରବନ୍ଧର କଳେବର ବୃଦ୍ଧି ଭୟରେ ତାହା ଏଠାରେ ଉଦ୍ଧୃତ କରାଗଲା ନାହିଁ ।

ସେ ବର୍ଷ ଗଞ୍ଜାମରୁ ଶ୍ରୀ ଶଶିଭୂଷଣ ରଥଙ୍କ ସଂପାଦିତ "ଦୈନିକ ଆଶା"ର ତା ୧୩-୮-୩୧ ରିଖ ସଂଖ୍ୟାରେ ଓଡ଼ିଆର ଆନ୍ଦୋଳନ ଓ କଂଗ୍ରେସ ଶିରୋନାମାରେ କଂଗ୍ରେସର କେତେକ ପଡ଼ୋଶୀ ନେତାଙ୍କ ସ୍ୱାର୍ଥ ପ୍ରଣୋଦିତ ଭଙ୍ଗିକୁ ସମାଲୋଚନା କରି ଜଣେ ଜାତୀୟ ପ୍ରେମୀ ସମାଲୋଚକ ଲେଖିଥିଲେ :-

"କଟକରେ ସର୍ବଦଳ ସମ୍ମିଳନୀ ବେଳେ ନେତାମାନଙ୍କର ଯେପରି ଉତ୍ସାହ ଓ କାର୍ଯ୍ୟ ତତ୍ପରତା ପରିଲକ୍ଷିତ ହେଉଥିଲା, ତାହା ସେହିଠାରେ କେବଳ ପର୍ଯ୍ୟବସିତ ହୋଇଛି । ଏକଥା ଆଜି କେହି ଅସ୍ୱୀକାର କରିବେ କି ? ××× ଆନ୍ଧ୍ର ପ୍ରତିନିଧି ଡାକ୍ତର ପଟ୍ଟାଭିସୀତାରାମେୟା ଓ ଟି. ପ୍ରକାଶଂ ଯେପରି ମନୋଭାବ ପ୍ରକାଶ କରି ଅଛନ୍ତି, ସେ କଥା କି ଏତେ ସହଜରେ ପାଶୋରି ଯାଇପାରେ ? ବଙ୍ଗ କଂଗ୍ରେସର ଅନ୍ୟତମ ମୁଖପତ୍ର "ଲିବର୍ଟି" ପତ୍ରିକା ଏହି ଦେଶ ମିଶ୍ରଣ ସମ୍ବନ୍ଧେ ଯେପରି ଭିତ୍ତିହୀନ ଅସଙ୍ଗତ ବିରୁଦ୍ଧମତ ପ୍ରଚାର କରୁଛି, ତାହା କି ଉଦାରନୈତିକ ଭାବାପନ୍ନ ଆଦର୍ଶର ପରିଚାୟକ ? ଏହି ସବୁ ଜାଣି ଶୁଣି କଂଗ୍ରେସ କି କେବେ ତାହାକୁ ସତର୍କ କରାଇ ପାରିଛି, କିମ୍ବା ଡାକ୍ତର ମୁଞ୍ଜେଙ୍କ ବୈଠକ ବିଫଳ ହେବାର କାରଣ ଅନୁସନ୍ଧାନ କରିଛି ? ×× ସେଦିନ ଯୋଗେୟା (ବ୍ରହ୍ମପୁରର ଆନ୍ଧ୍ର କଂଗ୍ରେସ ନେତା) ଙ୍କ ପରି ନେତୃସ୍ଥାନୀୟ କଂଗ୍ରେସ ଭକ୍ତ ସ୍ପଷ୍ଟ କହିପାରିଛନ୍ତି ଯେ, ଗଞ୍ଜାମ ଓଡ଼ିଶାରେ ମିଶାଇବା ପାଇଁ କୌଣସି ପ୍ରକାର ଜାତିଗତ କିମ୍ବା ଭାଷାଗତ ଭିତ୍ତିନାହିଁ ଇତ୍ୟାଦି । ଏହା କହିବା ପାଇଁ ସେ ଅଣୁମାତ୍ର ସଂକୋଚ ବୋଧ କରି ନାହାନ୍ତି । ଶୁଣାଯାଏ, ଯୋଗେୟା ପାନ୍ତୁଲୁ, ରାମଲିଙ୍ଗମ୍ ପ୍ରମୁଖ କଂଗ୍ରେସ ନେତାଗଣ ଅଳ୍ପଦିନ ତଳେ ଗଞ୍ଜାମ ପରିଭ୍ରମଣ କରି କଂଗ୍ରେସପାଣ୍ଠି ପାଇଁ ଯେଉଁ ସହସ୍ରାଧିକ ଟଙ୍କା ଚାନ୍ଦା ସଂଗ୍ରହ କରିଥିଲେ, ତହିଁରେ ଗୋଟିଏ ମୋଟର କିଣା ଯାଇ ତାହା ସାହାଯ୍ୟରେ କଂଗ୍ରେସ ପ୍ରଚାର ବାହାନାରେ ଦେଶ ମିଶ୍ରଣର ବିରୁଦ୍ଧ ପ୍ରଚାର ଚାଲିଅଛି । ଏହା ଯଦି ସତ୍ୟ ହୁଏ, ଓଡ଼ିଆ ଯେ ଏହି ସଂଗୃହୀତ ଧନରେ ଅର୍ଦ୍ଧାଧିକ ଅଂଶ ଦେଇଛି, ସେଥିର ପ୍ରତିଦାନ ସ୍ୱରୂପ ଓଡ଼ିଆଙ୍କ ଏହି ତ୍ରିଂଶବର୍ଷର ଆନ୍ଦୋଳନକୁ ପଣ୍ଡ କରିବା ପାଇଁ ଯେଉଁ ଉଦ୍ୟମ ହେଉଛି, ସେଥିରେ କି ମହାଜାତୀୟ କଂଗ୍ରେସର ଅଂଶ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବେ ଗୌଣ ବା ମୁଖ୍ୟଭାବେ ପରିଲକ୍ଷିତ ହୁଏ ନାହିଁ ? ××× କଂଗ୍ରେସ ଓ ସରକାର ବିଚ୍ଛିନ୍ନ ଓଡ଼ିଶାର ଏକତ୍ରିକରଣ ପ୍ରସ୍ତାବକୁ ସମର୍ଥନ କରି ଯଥା ସମ୍ଭବ କାର୍ଯ୍ୟରେ ପରିଣତ କରିବା ପାଇଁ ପ୍ରସ୍ତୁତ ହେଲବେଳେ ଉଦାର ନୈତିକ ଭାବାପନ୍ନ କଂଗ୍ରେସର ଭାରତୀୟ ନେତା ଶ୍ରୀ ଯୁକ୍ତ ସେନଗୁପ୍ତ ଓ ସୁଭାଷ ବାବୁ ଭାଷା ସୂତ୍ରରେ ପ୍ରଦେଶ ଗଠନ ପ୍ରସ୍ତାବକୁ ପୁଣି ନୂତନଭାବେ ଆଗତ କରି ମହାତ୍ମାଙ୍କଠାକୁ ଯେଉଁ ତାର କରି ଅଛନ୍ତି, ସେଥିରେ ଉଦ୍ଦେଶ୍ୟ କି ବୁଝିବା ପାଇଁ କାହାର ଆଉ ବାକି ରହୁଅଛି ? ଏପରି ଗୋଟିଏ ପୁରୁଣା ପ୍ରସ୍ତାବକୁ ନୂଆ ରଙ୍ଗରେ ଆଗତ କରିବାର ଉଦ୍ଦେଶ୍ୟ କି ଉତ୍କଳର ଅର୍ଦ୍ଧାଧିକ ଅଗ୍ରଗତିକ ସମସ୍ୟାକୁ ଝିଙ୍କି ଓଟାରି ପଛକୁ ଫେରାଇ ନେବାର ଚେଷ୍ଟା ନୁହେଁ ? ଅତଏବ ମୋର ବିଶ୍ୱାସ ପ୍ରଭାବଶାଳୀ ନିଷ୍ପାପର ପଡ଼ୋଶୀ କଂଗ୍ରେସ ନେତାଙ୍କର ଏବଂ ଭୂତ ସ୍ୱାର୍ଥପର ସଂକୀର୍ଣ୍ଣ ମନୋଭାବ ଯୋଗୁଁ ଅନେକ ଦିନ ଆଗରୁ ଓଡ଼ିଶା ତଥା ଭାରତର ରାଜନୈତିକ ବାୟୁମଣ୍ଡଳ ସଂପୂର୍ଣ୍ଣ ଦୋଷଦୁଷ୍ଟ ହୋଇ ରହିଛି । ××× ବ୍ୟଙ୍ଗ ବିଦ୍ରୂପ କରି ଏତେବଡ଼ ପ୍ରାଚୀନତମ ଐତିହାସିକ ଉତ୍କଳ ସଂସ୍କୃତିର ସତ୍ତା ପର୍ଯ୍ୟନ୍ତ ସ୍ୱୀକାର କରିବାକୁ ଯେଉଁମାନେ

କୃଷାବୋଧ କରୁଅଛନ୍ତି, ଆମରି ଘରେ ପ୍ରବେଶ କରି, ଆମରି ଭାତ, ଆମରି ଜଳବାୟୁରେ ବର୍ଦ୍ଧିତ ହୋଇ କୃତଜ୍ଞତା ସ୍ୱୀକାର ତ ଦୂରର କଥା, କୁଣ୍ଡି-ମୁଣ୍ଡିଆ ଜାତିର ଲୋକେ ବୋଲି ତୁଚ୍ଛ ତାଚ୍ଛଲ୍ୟ ଜ୍ଞାନରେ ଏକ ପ୍ରକାର ଅସ୍ପୃଶ୍ୟ ବୋଲି ମନେ କରୁଅଛନ୍ତି ; ବଳେ, ଛଳେ, କୌଶଳେ, ଉତ୍କଳର ଅତୁଳ ସଂପଦ ଅଧିକାର କରି ଓଡ଼ିଆଙ୍କୁ ଆଜି ପଥର ଭିକାରୀ କରି ରଖିଅଛନ୍ତି, ତଥାପି ସଂପାଦକଙ୍କର ସମାଲୋଚନାରେ ସେହିମାନଙ୍କଠାରେ ଯେପରି ଆଶା, ଆସ୍ଥା ଓ ବିଶ୍ୱାସ ପ୍ରକାଶ ପାଉଅଛି ; ତହିଁରୁ ଧ୍ୱଂସାବଶେଷ ମୁମୂର୍ଷୁ ଓଡ଼ିଆ ଜାତିର ସେହି ମହନୀୟ ଉଦାରତା ବରଣୀୟ ଆଦର୍ଶ ସ୍ପଷ୍ଟ ପ୍ରତିଭାତ ହେଉଅଛି । "

ଉପରୋକ୍ତ ଲେଖାଟି "ଜଣେ ସମାଲୋଚକଙ୍କ ପତ୍ର" ବୋଲି ପ୍ରକାଶ ପାଇଥିଲେ ସୁଦ୍ଧା ଭାଷା ଭାବ ଓ ତଥ୍ୟ ଦୃଷ୍ଟିରୁ ଏହା ଯେ ପଣ୍ଡିତ ନୀଳକଣ୍ଠ ଦାସଙ୍କ ଲେଖା ହୋଇଥିବ, ସେଥିରେ ସନ୍ଦେହ ନାହିଁ ।

ଠିକ୍ ସେତିକି ବେଳେ ଏ ଲେଖକ ମଧ୍ୟ "ଦୈନିକ ଆଶା"ର ତା ୨-୯-୩୧ ଓ ୧୮-୯-୩୧ରେ ଯଥାକ୍ରମେ "ଗଞ୍ଜାମ ଓ ଭିଶାଖାପାଟଣା ମାଫ" ଏବଂ "ଗଞ୍ଜାମରେ ଓଡ଼ିଆ ଭାଷାର ପ୍ରାକୃତିକ ସୀମା ନିର୍ଦ୍ଦେଶ" ଶିରୋନାମାରେ ଦୁଇଟି ଦୀର୍ଘ ପ୍ରବନ୍ଧ ପ୍ରକାଶ କରିଥିଲ । ଗଞ୍ଜାମର ସେହି 'ଭାଷା-ଯୁଦ୍ଧର ଉଗ୍ରତା ଏବଂ ସୀମା ସଂକ୍ରାନ୍ତ ବିବାଦି ଅଧିକ ଉତ୍କଟ ହେଲ ଯେତେବେଳେ ଓଡ଼ୋନେଲ୍ କମିଟିର ଛାପା ରିପୋର୍ଟ ଆମର ହସ୍ତଗତ ହେଲ । କମିଟିର ଅଧ୍ୟକ୍ଷଙ୍କ ଅବିଚାର ହେତୁ ଓଡ଼ିଆ ପ୍ରଦେଶର ଏକ ତୃତୀୟାଂଶ ମାନ୍ଦ୍ରାଜରେ ଏବଂ ଏକ ଚତୁର୍ଥାଂଶ ବିହାର, ମଧ୍ୟ ପ୍ରଦେଶ ଓ ବଙ୍ଗରେ ଛାଡ଼ି ଦେବାକୁ ପଡ଼ିବ, ଏହା ଓଡ଼ିଆମାନଙ୍କ ପ୍ରାଣରେ ଘୋର ଆଘାତ ସୃଷ୍ଟି କଲ ।

୧୯୩୧ ମସିହାର ଜନଗଣନା ଉପରେ ଭିତ୍ତିକରି ମି. ଉଟିସ୍ ସାହେବ ଓଡ଼ିଶା ବାଉଣ୍ଡାରୀ କମିଟି ସମ୍ମୁଖରେ ଗଞ୍ଜାମ ଓ ଭିଶାଖାପାଟଣା ଜିଲ୍ଲାରେ ପ୍ରଚଳିତ ମାତୃଭାଷା (ଓଡ଼ିଆ ତେଲୁଗୁ ଓ ଆଦିବାସୀ) ସଂଖ୍ୟା ଅନୁପାତରେ ଯେଉଁ ମାନଚିତ୍ରଟି ଉପସ୍ଥାତ କରିଥିଲେ, ଓ Madras Census Report " ପୁସ୍ତକରେ ଯାହା ଛାପିଥିଲେ, ସେଥିର ପ୍ରତିଲିପି ଉପରେ ପ୍ରଦର୍ଶିତ ହେଲ । ଉପରୋକ୍ତ ପୁସ୍ତକର Chapter X page 288, ଓ 289 ରେ ସେ ଲେଖିଛନ୍ତି—"The small map gives a fairly indication of the approximate dividing lines with in province.

The lines in Ganjam district and Vizagapatam Agency enclose areas within which 50 % of the people returned Oriya or Telugu as their mother tongue or in which neither of these another tongue reached 50% Telugus persistence as a coastal feature in marked and on coast it runs up to the mouth of the Rushikulya river. In some ways the Rushikulya system (down to the Godahado river) marks the southern boundary of the truly Oriya region., on the west, the Oriya boundary. Overlapping on to the plains in the north and in to the Agency on the south. It is doubtful whether the apparent Oriya penetration in to Ramagiri Taluk is of the dimensions the live would indicate. All the enumerators were of necessity Oriyas and it is probable that some Saora mother tongue element has been obscured by the lingua franca which they habitually use ".

ଜୟପୁର ଜମିଦାରୀରେ ମଧ୍ୟ ଓଡ଼ିଆମାନେ ଆଦିବାସୀଙ୍କ ଭାଷା ଗ୍ରେରି କରିଥିବା ସାହେବ ଅଭିଯୋଗ କରି ଲେଖିଛନ୍ତି:—

" In the upper Agency of Naurangapur, Jeypore and Koraput taluks on the other hand Oriya is an established feature. Here too some of the Oriya almost certainly overlays and obsecures surviving primitive mother tongue " "

ଯେ କୌଣସି ନିରାପେକ୍ଷ ବ୍ୟକ୍ତି ଏ ରିପୋର୍ଟ ପଢ଼ିଲେ ସ୍ପଷ୍ଟ ବୁଝିପାରିବ ଯେ, ମାନ୍ଦ୍ରାଜ ସରକାର ତଥା ଓଡ଼ିଶା ବାଉଣ୍ଡାରୀ କମିଟିର ଅଧ୍ୟକ୍ଷ ଓଡ଼ୋନେଲଙ୍କୁ ମି : ଉଟସ୍ କିପରି ଓଡ଼ିଆଙ୍କ ବିପକ୍ଷରେ ବିଷଉଦ୍‌ଗୀରଣ କରିଥିଲେ, ଯାହା ଫଳରେ ଓଡ଼ିଶାର ବହୁ ଅଞ୍ଚଳ ଓଡ଼ିଶା ହରାଇଲ ।

(କ୍ରମଶଃ)

ଚିତ୍ରକର ଲେନ୍,
ପାରଳାଖେମଣ୍ଡି,
ଗଞ୍ଜାମ ।



# ଏପ୍ରିଲ ପହିଲାରେ ପ୍ରାଚୀନ ଓଡ଼ିଶାର ଅନୁଚିନ୍ତା



ଅଧ୍ୟାପକ ଗୌରୀ କୁମାର ବ୍ରହ୍ମା

ଆଜି ୧୯୮୬ ଏପ୍ରିଲ୍ ପହିଲା । ପଚାଶ ବର୍ଷ ତଳେ ୧୯୩୬ ଏପ୍ରିଲ୍ ପହିଲା ଦିନ ଆମର ଏହି ଓଡ଼ିଶା ପ୍ରଦେଶ ଗଠିତ ହୋଇଥିଲା । ଆଜିର ଓଡ଼ିଆମାନେ କିନ୍ତୁ ଅଳ୍ପ ସଂଗ୍ରାମରେ ଏ ରାଜ୍ୟ ପାଇନାହାନ୍ତି । ଉତ୍କଳ ଗୌରବ ମଧୁସୂଦନ, ଉତ୍କଳମଣି ଗୋପବନ୍ଧୁ ଏବଂ ଉତ୍କଳ-ଗୌରବ କୃଷ୍ଣଚନ୍ଦ୍ର ଗଜପତି ତଥା ଅନ୍ୟ ଅନେକ ସ୍ୱନାମଧନ୍ୟ ଜନନାୟକଙ୍କର କଠୋର ପରିଶ୍ରମ ଫଳରେ ଆଜି ଆମେ ଏକ ସ୍ୱତନ୍ତ୍ର ପ୍ରଦେଶ ବା ରାଜ୍ୟ ଲାଭ କରିଅଛୁ । ଏହି ଅବକାଶରେ ମନେପଡ଼େ ଅତୀତ କାଳର କଥା । ସହସ୍ରାଧିକ ବର୍ଷ ତଳର କଥା । ସେ ସମୟକୁ ଉତ୍ତର ଭାରତର ଅଧିକାଂଶ ଭାଷା ବିକଶିତ ହୋଇନଥାନ୍ତି । ସୁଦୂର ଦକ୍ଷିଣର ତାମିଲ ଭାଷା କିନ୍ତୁ ଅନେକ ପରିମାଣରେ ବିକଶିତ ହୋଇଥାଏ । ତେଣୁ ସର୍ବଭାରତୀୟ ସ୍ତରରେ ସାହିତ୍ୟ ବୋଇଲେ ମୁଖ୍ୟତଃ ସଂସ୍କୃତ । ସାହିତ୍ୟ ଏବଂ ପାରିଭାଷାର ସାହିତ୍ୟ ବୋଲି ବୁଝାଯାଇଥାଏ ତା ସହିତ ଜୈନ ସାହିତ୍ୟ ମଧ୍ୟ ବୁଝାଯାଇଥାଏ । ଏସବୁ ସାହିତ୍ୟରେ କଳିଙ୍ଗ, ଉତ୍କଳ, ଉଡ୍ର (ଓଡ୍ର) ତଥା କୋଶଳ, ଏହି ଚାରୋଟି ରାଜ୍ୟର କଥା କୁହାଯାଇଛି । ଆଜିର ଓଡ଼ିଶା ଉପରୋକ୍ତ ଚାରୋଟି ରାଜ୍ୟର ଅଂଶ ବିଶେଷକୁ ନେଇ ଗଠିତ ଓଡ଼ିଶାର ଐତିହାସିକମାନେ ପ୍ରାଚୀନ ଓଡ଼ିଶାର ଇତିହାସ ଲେଖିଲା ବେଳେ ମୁଖ୍ୟତଃ ତାମ୍ରଶାସନ ଏବଂ ଅଭିଲେଖ ଉପରେ ଗୁରୁତ୍ୱ ଦେଇଛନ୍ତି । ସଂସ୍କୃତ ସାହିତ୍ୟରୁ ତଥା ବୌଦ୍ଧ ସାହିତ୍ୟରୁ ଓଡ଼ିଶାର ପ୍ରାଚୀନ ଇତିହାସ ସଂପର୍କରେ ଯେଉଁ ସବୁ ପ୍ରମାଣ ମିଳେ, ତହିଁରେ ଠାଏ ଠାଏ ଗୁରୁତର ମତଭେଦ ରହିଅଛି । ତେବେ, ତହିଁରୁ ଜଣାଯାଏ, ପ୍ରାଚୀନ କାଳରେ ଓଡ଼ିଶାର ବିଭିନ୍ନ ନାମ ବା ଅଂଶର ନାମ ବ୍ୟାପକ ଅଞ୍ଚଳରେ ପ୍ରସାରଲାଭ କରିଥିଲା । ତେଣୁ ବିଭିନ୍ନ ଗ୍ରନ୍ଥରେ ଉତ୍କଳର ବା କଳିଙ୍ଗର ବିବରଣ ଦେଖିଲେ ଦେଶବାସୀଙ୍କର ନାମ ଧାମର ବିପୁଳ ବ୍ୟାପ୍ତିହିଁ ପ୍ରତିଭାତ ହୋଇଥାଏ । ଜୁଲିଅସ ଯେ, ଉତ୍କଳ ଅତି ପ୍ରାଚୀନ ନାମକ ଗୋଟିଏ ପୁସ୍ତିକା ୧୯୩୦ରେ ବାଲେଶ୍ୱରର ଟାଉନପ୍ରେସରୁ ପ୍ରକାଶ ପାଇଥିଲା । ପଣ୍ଡିତ ଶ୍ରୀଯୁକ୍ତ ରୁଦ୍ରନାରାୟଣ ଷଡ଼ଙ୍ଗୀ ଏ ଏ ପୁସ୍ତିକାର ଲେଖକ । ଯେଉଁମାନେ ଉତ୍କଳର "ପୌରାଣିକ ଇତିହାସ" ଜାଣିବାକୁ ଚାହାନ୍ତି, ସେମାନେ ଏ ପୁସ୍ତିକାଟିକୁ ପାଠ କରିବା ଉଚିତ୍ ।

ଆଜି ଆମେ ଯେଉଁ 'ଓଡ଼ିଶା' ଶବ୍ଦ ବ୍ୟବହାର କରୁଅଛୁ ତାହାର ଉତ୍ପତି ସମ୍ବନ୍ଧରେ ଦୁଇଟି ମତ ରହିଛି । ପ୍ରଥମଟି ହେଉଛି "ଓଡ୍ର-ଦେଶ" ଶବ୍ଦ କାଳକ୍ରମେ ଲୋକ ମୁଖରେ "ଓଡ଼ିଶା" ହୋଇଅଛି । ଦ୍ୱିତୀୟ ମତ ହେଉଛି, 'ଓଡ୍ର-ବିଷୟ' ଶବ୍ଦ କାଳକ୍ରମେ ଲୋକ ମୁଖରେ 'ଓଡ଼ିବିଶା' ହୋଇ ଶେଷରେ, 'ଓଡ଼ିଶା' ହୋଇଅଛି । ପ୍ରଥମଟି ଅପେକ୍ଷା ଦ୍ୱିତୀୟ ମତଟି ଅଧିକ ପରିମାଣରେ ଗ୍ରାହ୍ୟ ବୋଲି ଅଧିକାଂଶ ପଣ୍ଡିତ ମତ ଦେଇଛନ୍ତି ।

ଉତ୍କଳ ବା କଳିଙ୍ଗ, ଏ ଦୁଇଟି ନାମ ଆଧୁନିକ ଓଡ଼ିଶାର ଏକ ଏକ ଅଞ୍ଚଳକୁ କେତେକ ସମୟରେ ବୁଝାଉଥିଲେ ମଧ୍ୟ ଅନ୍ୟ କେତେକ ସମୟରେ ସମଗ୍ର ଦେଶକୁ ବୁଝାଉଥିଏ ବୋଲି ପ୍ରାଚୀନ ଇତିହାସରୁ ଜଣାଯାଏ । ସେ ଯାହାହେଉ ପ୍ରାଚୀନ ସଂସ୍କୃତ ସାହିତ୍ୟରେ ଏ ରାଜ୍ୟର ନାମ ତଥା ବିବରଣ ବର୍ତ୍ତମାନ ଦେଖିବାକୁ ମିଳେ । ତହିଁରୁ କେତୋଟି କଥା ଉଲ୍ଲେଖ କରାଯାଉଛି ।

ପ୍ରଥମେ ବୈଦିକ ସାହିତ୍ୟ ନିଆଯାଉ । ପ୍ରାଚ୍ୟ ପଣ୍ଡିତ-ମାନଙ୍କ ମତରେ ବୈଦିକ ସାହିତ୍ୟ କୌଣସି ବ୍ୟକ୍ତି ବିଶେଷଙ୍କର ରଚନା ନୁହେଁ । ଏହା ଅପୌରୁଷେୟ । କିନ୍ତୁ ଆଜିର ଐତି-ହାସିକମାନଙ୍କ ମତରେ, ବେଦ ରଚିତ ବା ସଙ୍କଳିତ ହୋଇଥିଲା ପ୍ରାୟ ଚାରିହଜାର ବର୍ଷ ତଳେ । ବେଦର ଗୋଟିଏ ମୁଖ୍ୟ ବିଭାଗ ହେଉଛି ସଂହିତା ବା ମନ୍ତ୍ରଭାଗ । ଆଉ ଗୋଟିଏ ବିଭାଗ ହେଉଛି ବ୍ରାହ୍ମଣ ବା ଗଦ୍ୟଭାଗ । ମନ୍ତ୍ରଭାଗରେ ପ୍ରାଚୀନ ଉତ୍କଳାଦିର କୌଣସି ଉଲ୍ଲେଖ ଥିବା ଜଣାଯାଇ ନାହିଁ । କିନ୍ତୁ 'ବ୍ରାହ୍ମଣ'ରେ ଅଛି । ବ୍ରାହ୍ମଣ ଗ୍ରନ୍ଥଗୁଡ଼ିକରେ ଅନେକ ଭାଗ ରହିଅଛି । ସେ ମଧ୍ୟରୁ ଗୋଟିକର ନାମ ହେଉଛି, ଐତରେୟ

ବ୍ରାହ୍ମଣ । ତହିଁରେ କଳିଙ୍ଗର ନାମ ଥିବାରୁ ଆମ ଦେଶର ପ୍ରାଚୀନତା ସହଜରେ ଅନୁମେୟ । ବଡ଼ କଥା, ଋଗ୍‌ବେଦରେ ମଧ୍ୟ ଜଗନ୍ନାଥଙ୍କ ଦାରୁରୂପ କଥା ସୂଚିତ ଥିବାର ଜଣାଯାଏ, ଯଦିଓ ଏ କ୍ଷେତ୍ରରେ ମଧ୍ୟ ମତାନ୍ତର ରହିଅଛି ।

ବୈଦିକ ସାହିତ୍ୟ ପରେ, ଆମେ ସଂସ୍କୃତ ଭାଷା ରଚନା ଦୃଷ୍ଟିରୁ, 'ରାମାୟଣ' ଉପରେ ଗୁରୁତ୍ୱ ଦେଇଥାଉ । ଭାରତରେ ବାଲ୍ମୀକିଙ୍କୁ "ଆଦିକବି" କୁହାଯାଏ । ତେଣୁ ବାଲ୍ମୀକି ରାମାୟଣ ହେଉଛି ଭାରତର ଆଦିକାବ୍ୟ । ଗତ ପ୍ରାୟ ପଚାଶ ବର୍ଷଠାରୁ କେତେକ ପଣ୍ଡିତ ଯୁକ୍ତି ଦେଖାଇ ଆସିଛନ୍ତି ଯେ, ସଂସ୍କୃତ ମହାଭାରତ ପ୍ରଥମେ ରଚିତ ହୋଇଥିଲା ଏବଂ ତା'ପରେ ରଚିତ ହେଲା ରାମାୟଣ । ଟାଣି ଓଟାରି ସେମାନେ କେତେକ ଯୁକ୍ତି ଦେଖାଇଥିଲେ ମଧ୍ୟ ସେ ସବୁ ଯୁକ୍ତି ବ୍ୟାପକ ପ୍ରସାର ଲାଭ କରିନାହିଁ । ତେଣୁ ପରଂପରା ଅନୁସାରେ ରାମାୟଣକୁ ମହାଭାରତଠାରୁ ପ୍ରାଚୀନ ବୋଲି ଧରା ଯାଉଛି । ରାମାୟଣର କିଷ୍କିନ୍ଧା କାଣ୍ଡରେ ଏବଂ ଉତ୍ତରା କାଣ୍ଡରେ ଜଗନ୍ନାଥଙ୍କ କଥା ରହିଅଛି । ରାମାୟଣ ବେଳକୁ ଆମର ଏହି ଜଗନ୍ନାଥଧାମ ପ୍ରସିଦ୍ଧି ଲାଭ କରିଥିଲା ବୋଲି କେତେକ ଐତିହାସିକ ଯୁକ୍ତି ଦେଖାଉଛନ୍ତି । ଅନ୍ୟମାନଙ୍କ ମତରେ କିନ୍ତୁ ଏହା ଗ୍ରହଣ ଯୋଗ୍ୟ ନୁହେଁ । କାରଣ ସେମାନଙ୍କ ମତରେ, ରାମାୟଣ ଉତ୍ତରା କାଣ୍ଡର ବହୁ ଶ୍ଳୋକ ପରବର୍ତ୍ତୀ କାଳରେ ରଚିତ ହୋଇ ତହିଁରେ ସଂଯୋଜିତ ହୋଇଯାଇଛି । କେହି କେହି ସମଗ୍ର ଉତ୍ତରା କାଣ୍ଡକୁ ମଧ୍ୟ ପରବର୍ତ୍ତୀ କାଳରେ ରଚନା ବୋଲି କହନ୍ତି । କିନ୍ତୁ କିଷ୍କିନ୍ଧା କାଣ୍ଡରେ ସୁଗ୍ରୀବଙ୍କ ଲୋକେ ଅପହୃତା ସୀତାଙ୍କ ଅନ୍ୱେଷଣରେ ଯିବାବେଳର ଯେଉଁ ବିବରଣୀ ଦିଆଯାଇଛି, ତହିଁରେ ପୁରୁଷୋତ୍ତମ, ସୁଦର୍ଶନ, ଅନନ୍ତ (ବଳଭଦ୍ର ବେଦୀ, ରତ୍ନବେଦୀ ବା ଜଗନ୍ନାଥଙ୍କ ପୀଠ)ର ନାମ ଅଛି । ହୁଏତ ଏ ସଂପର୍କରେ ଆହୁରି ଅଧିକ ଗବେଷଣା ହେଲେ ପ୍ରକୃତ ତଥ୍ୟ ଜଣା ପଡ଼ିବ ।

ରାମାୟଣ ପରେ ମହାଭାରତ । ମହାଭାରତରେ ଆମ ଦେଶର ନାନାବିଧ ବର୍ଣ୍ଣନା ରହିଅଛି । ଆନୁମାନିକ ତିନିହଜାର ବର୍ଷ ପୂର୍ବେ ମହାଭାରତ ରଚିତ ହୋଇଥିଲା । ଏହି ମହାଗ୍ରନ୍ଥରୁ ଜଣାଯାଏ ଯେ, କଳିଙ୍ଗର ରାଜଧାନୀ ଥିଲା ରାଜପୁରୀ । ଏଥିରୁ ପୁଣି ଜଣାଯାଏ, କଳିଙ୍ଗର ରାଜା ଚିତ୍ରାଙ୍ଗଦ ଯେତେବେଳେ ତାଙ୍କ କନ୍ୟାର ବିବାହ ପାଇଁ ସ୍ୱୟମ୍ବର ସଭା କରାଇଥିଲେ, ସେତେବେଳେ କର୍ଣ୍ଣ ଓ ଦୁର୍ଯ୍ୟୋଧନ ମଧ୍ୟ ତହିଁରେ ଯୋଗ ଦେଇଥିଲେ । ରାଜଧାନୀ ରାଜପୁରୀରେ ଏହି ସ୍ୱୟମ୍ବର ସଭା ଅନୁଷ୍ଠିତ ହୋଇଥିବାର ଜଣାଯାଏ । ମହାଭାରତର ବିଭିନ୍ନ ପର୍ବରେ କଳିଙ୍ଗର କଥା ରହିଅଛି । ବିଶେଷତଃ ସଭାପର୍ବ, ବନପର୍ବ, ଦ୍ରୋଣପର୍ବ ପ୍ରଭୃତିରେ ପ୍ରାଚୀନ ଓଡ଼ିଶାର କଥାମାନ ଦେଖିବାକୁ ମିଳେ । ତୀର୍ଥଯାତ୍ରା ଅବକାଶରେ ଅର୍ଜ୍ଜୁନ କଳିଙ୍ଗକୁ ଆସିଥିଲେ । ସହଦେବ ଦିଗ୍‌ବିଜୟ ଯାତ୍ରା କଲାବେଳେ କଳିଙ୍ଗ ରାଜାଙ୍କୁ ପରାସ୍ତ କରିଥିଲେ । ଯୁଧିଷ୍ଠିର ତାଙ୍କ ତୀର୍ଥଯାତ୍ରା ବେଳେ କଳିଙ୍ଗକୁ ଆସି ବୈତରଣୀ ନଦୀର ପବିତ୍ରତାରେ ବିମୁଗ୍ଧ ହୋଇଥିଲେ । କଳିଙ୍ଗର ସୈନ୍ୟମାନେ କୁରୁକ୍ଷେତ୍ର ଯୁଦ୍ଧରେ ଯୋଗ ଦେଇଥିଲେ । ମହାଭାରତ ଯୁଦ୍ଧରେ ଦ୍ରୋଣାଚାର୍ଯ୍ୟ ଗରୁଡ଼ ବ୍ୟୂହ ରଚନା କରିଥିଲେ ଏବଂ କଳିଙ୍ଗ ରାଜା ତାହାର ଗୋଟିଏ ଅଂଶର ସୁରକ୍ଷା ଦାୟିତ୍ୱ ନେଇଥିଲେ । ଏଭଳି ଭାବରେ ବହୁତ କଥା ଅଛି । ଏପରିକି ଜଗନ୍ନାଥ ଧାମର ଗୌରବ ମଧ୍ୟ ମହାଭାରତରେ କୀର୍ତ୍ତିତ ହୋଇଅଛି । ମହାଭାରତରେ ଉଡ୍ର, ଉତ୍କଳ ଏବଂ କଳିଙ୍ଗ ଦେଶ ପରସ୍ପରଠାରୁ ଅଲଗା ଥିବା କଥା ଜଣାଯାଇଛି ।

ତା ପରେ ମନୁସ୍ମୃତି ଏବଂ ଭରତ ନାଟ୍ୟ ଶାସ୍ତ୍ର ପ୍ରଭୃତି ପ୍ରାଚୀନ ଗ୍ରନ୍ଥରେ ମଧ୍ୟ ଆମ ଦେଶର ପରିସ୍ଥିତି ବା ସଂସ୍କୃତି ଉଲ୍ଲିଖିତ ହୋଇଅଛି ।

ତାପରେ ପୁରାଣ ସାହିତ୍ୟ । ପୁରାଣ ଗ୍ରନ୍ଥଗୁଡ଼ିକ ତିନି ଭାଗରେ ବିଭକ୍ତ—ପୁରାଣ, ଉପପୁରାଣ ଏବଂ ଔପପୁରାଣ ପ୍ରତ୍ୟେକଟିର ଅଠରଗୋଟି ଲେଖା ବିଭାଗ ଅଛି । ସେ ମଧ୍ୟରୁ ଅଠରଗୋଟି ପୁରାଣ ହେଉଛି ମୁଖ୍ୟ । ପୁରାଣମାନଙ୍କ ମଧ୍ୟରେ ଆମଦେଶର ପ୍ରାଚୀନ ସଂସ୍କୃତି ଦୃଷ୍ଟିରୁ ସ୍କନ୍ଦ ପୁରାଣ ହେଉଛି ମଉଡ଼ମଣି । ଏଥିରେ ଜଗନ୍ନାଥ ଧାମର କଥା ବିସ୍ତାରିତ ଭାବରେ ବର୍ଣ୍ଣିତ ହୋଇଅଛି । ଏହାଛଡ଼ା ମତ୍ସ୍ୟପୁରାଣ, ବିଷ୍ଣୁପୁରାଣ, ବ୍ରହ୍ମପୁରାଣ, କୂର୍ମପୁରାଣ, ଅଗ୍ନିପୁରାଣ ଇତ୍ୟାଦିରେ ମଧ୍ୟ ପ୍ରାଚୀନ ଓଡ଼ିଶା କଥା ଦେଖିବାକୁ ମିଳେ ।

ଏହାଛଡ଼ା ତନ୍ତ୍ରସାହିତ୍ୟରେ, ବିଭିନ୍ନ ଧର୍ମଶାସ୍ତ୍ରରେ, କାଳିଦାସଙ୍କ ରଘୁବଂଶ ମହାକାବ୍ୟରେ, ତ୍ରିକାଣ୍ଡ ଶେଷରେ, ଶକ୍ତିସଂଗମ ତନ୍ତ୍ରରେ, ବୃହତ୍ ସଂହିତାରେ, ଦଶକୁମାର ଚରିତରେ, ନୈଷଧ କାବ୍ୟରେ, କପିଳ ସଂହିତାରେ, ତନ୍ତ୍ରଯାମଳରେ, ବୌଧାୟନ ଧର୍ମଶାସ୍ତ୍ରରେ, ହରିବଂଶରେ, ଦିଗ୍‌ବିଜୟ ପ୍ରକାଶରେ ଏବଂ ଅନ୍ୟ ଅନେକ ପ୍ରାଚୀନ ଗ୍ରନ୍ଥରେ କଳିଙ୍ଗ, ଉତ୍କଳ ପ୍ରଭୃତିର ନାମୋଲ୍ଲେଖ କିମ୍ବା ବିଭିନ୍ନ ବିଷୟକ ବିବରଣୀ ଦେଖିବାକୁ ମିଳେ ।


ମହାବୀର ବର୍ଦ୍ଧମାନ ଏବଂ ଭଗବାନ ଗୌତମ ବୁଦ୍ଧ ଆଜକୁ ଅଢ଼େଇହଜାର ବର୍ଷ ପୂର୍ବେ ଆବିର୍ଭୂତ ହୋଇଥିଲେ । ଏ ଉଭୟ ମହାପୁରୁଷ ଯେଉଁ ମହାବାଣୀ ପ୍ରଚାର କରି ଯାଇଥିଲେ, ତାକୁ ଭିତ୍ତିକରି ବିରାଟ ବୌଦ୍ଧସାହିତ୍ୟ ଏବଂ ଜୈନସାହିତ୍ୟ ଗଢ଼ି ଉଠିଛି । ଏ ଉଭୟ ଧର୍ମର ସାହିତ୍ୟରେ କଳିଙ୍ଗର ଗାଥା ଶୁଣିବାକୁ ମିଳେ । ବୌଦ୍ଧସାହିତ୍ୟ ଅନ୍ତର୍ଗତ ଜାତକ ସାହିତ୍ୟରେ କଳିଙ୍ଗ ନାମର ଉତ୍ପତ୍ତି ସହିତ ଅନ୍ୟ ଅନେକ ବିବରଣୀ ଦିଆଯାଇଛି । ଜୈନ ହରିବଂଶରୁ ଜଣାଯାଏ ଯେ ମହାବୀର ବର୍ଦ୍ଧମାନ କଳିଙ୍ଗରେ ତାଙ୍କର ଧର୍ମପ୍ରଚାର କରିଥିଲେ ।

ଏହିପରି ଭାବରେ ପ୍ରାଚୀନ ଉତ୍କଳର ବିଭିନ୍ନ ଅଂଶ ଅର୍ଥାତ୍ ଉତ୍କଳ, କଳିଙ୍ଗ, ଉଡ୍ର ଏବଂ କୋଶଳ ଏଗୁଡ଼ିକ ବୈଦିକ ସାହିତ୍ୟର ବ୍ରାହ୍ମଣ ଯୁଗରୁ ଆରମ୍ଭକରି ବହୁଗ୍ରନ୍ଥରେ ନାନା ଭାବରେ ଉଲ୍ଲିଖିତ ହୋଇଅଛି । ମହାଭାରତର ବନପର୍ବରେ କୋଶଳ କଥା ରହିଅଛି । ଯେଉଁ ପ୍ରସଙ୍ଗରେ ସେଠାରେ କୋଶଳ କଥା କୁହାଯାଇଛି, ତହିଁରୁ ଜଣାଯାଏ, ଦକ୍ଷିଣ କୋଶଳ କଥାହିଁ ତହିଁରେ କୁହାଯାଇଛି । ଆଧୁନିକ ସମ୍ବଲପୁର ଅଞ୍ଚଳ ଥିଲା ଦକ୍ଷିଣ କୋଶଳର ଗୋଟିଏ ମୁଖ୍ୟ ଅଂଶ । ଏହାଛଡ଼ା ଅନ୍ୟାନ୍ୟ ସଂସ୍କୃତ ଗ୍ରନ୍ଥରେ ମଧ୍ୟ କୋଶଳର ଗୌରବଗାନ କରାଯାଇଛି । ଏ ସଂପର୍କରେ "କୋଶଳାନନ୍ଦ କାବ୍ୟ" ସମଗ୍ର ସଂସ୍କୃତ ସାହିତ୍ୟକୁ ଏକ ବରେଣ୍ୟ ଅବଦାନ ଭାବରେ ପ୍ରତିଭାତ ହୋଇଥାଏ ।

ଓଡ଼ିଆ ଭାଷାର ଉତ୍ପତ୍ତି ହୋଇଥିଲା ହୁଏତ ଦୁଇହଜାର ବର୍ଷ ପୂର୍ବେ । ତେବେ ଅଷ୍ଟମ ଶତାବ୍ଦୀରୁ ତ୍ରୟୋଦଶ ଶତାବ୍ଦୀ

ପର୍ଯ୍ୟନ୍ତ ଦୀର୍ଘ ପାଞ୍ଚ—ଛଅଶହ ବର୍ଷଧରି ସେକାଳର ଓଡ଼ିଆ ଭାଷାରେ ଚର୍ଯ୍ୟାଗୀତିଗୁଡ଼ିକ ରଚିତ ହୋଇଥିଲା । ପୁଣି ନାଥଧର୍ମ ମୂଳକ କେତେକ ରଚନାମଧ୍ୟ ସେହି ସମୟରେ ଜନ୍ମଲାଭ କରିଥିଲା । ପଞ୍ଚଦଶ ଶତାବ୍ଦୀର ମଧ୍ୟ ଭାଗରେ ସାରଳା ସାହିତ୍ୟ କନ୍ଦରର ଓଡ଼ିଆ ସାହିତ୍ୟକୁ ଅଭିନବ ସୌନ୍ଦର୍ଯ୍ୟରେ ବିମଣ୍ଡିତ କରିଥିଲା । ତାପରେ ବଳରାମ, ଜଗନ୍ନାଥ, ଅଚ୍ୟୁତାନନ୍ଦ, ଦୀନକୃଷ୍ଣ ଉପେନ୍ଦ୍ରଭଞ୍ଜ, ଅଭିମନ୍ୟୁ, ବ୍ରଜନାଥ, ଯଦୁମଣି, ବନମାଳୀ, ଗୋପାଳ-କୃଷ୍ଣ ପ୍ରମୁଖ କବିମାନେ ନିଜନିଜର ବହୁମୁଖୀ ରଚନାଦ୍ୱାରା ଉତ୍କଳ ମାତାର ମୁଖରେ ହାସ ଫୁଟାଇଥିଲେ । ରାଧାନାଥ, ଫକୀର ମୋହନ, ଗୌରୀଶଙ୍କର ଏବଂ ରାମଶଙ୍କର ପ୍ରଭୃତିଙ୍କ-ଠାରୁ ଓଡ଼ିଆ ସାହିତ୍ୟରେ ପାଶ୍ଚାତ୍ୟ ପ୍ରଭାବ ସୂଚିତ ନବ-ଯୁଗର ସୂତ୍ରପାତ ହୋଇଥିଲା । କିନ୍ତୁ ଓଡ଼ିଆ ଭାଷାଭାଷୀମାନେ ଏବେ ମଧ୍ୟ ଲକ୍ଷ ସଂଖ୍ୟାରେ ଓଡ଼ିଶା ବାହାରେ ରହିଯାଇଛନ୍ତି । ସେମାନେ ଓଡ଼ିଶାରେ କିପରି ସାମିଲ ହେବେ, ଏହା ପ୍ରଥମ ଚିନ୍ତା ନୁହେଁ । ପ୍ରଥମ ଚିନ୍ତା ହେଉଛି, ସେମାନଙ୍କ ସଂସ୍କୃତିର ସୁରକ୍ଷା । ଉତ୍କଳ ମାତାର ଯୋଗ୍ୟ ସନ୍ତାନମାନେ ଏଦିଗରେ ଯେ ଦୃଷ୍ଟି ଦେଉନାହାନ୍ତି, ତା ନୁହେଁ । କିନ୍ତୁ ଅଧିକ ଦୃଷ୍ଟି ଯଦି ସେମାନେ ନ ଦିଅନ୍ତି, ତାହାହେଲେ ଏକଶତାବ୍ଦୀ ମଧ୍ୟରେ ଅନ୍ୟ-ପ୍ରଦେଶୀୟ ଓଡ଼ିଆ ଭାଇଭଉଣୀଙ୍କର ସଂସ୍କୃତି ବିଲୁପ୍ତ ହୋଇଯିବ । ଭବିଷ୍ୟତର ଐତିହାସିକମାନେ ହୁଏତ ଏଥିପାଇଁ ଆଜିର ବିଶିଷ୍ଟ ଓଡ଼ିଆଙ୍କୁ ଦାୟୀ କରିବେ । ଅତଏବ ଜାତୀୟ ସଂସ୍କୃତିର ବିଭିନ୍ନ ସ୍ତରରେ ସତର୍କତା ଅବଲମ୍ବନୀୟ ।

ମାଉସୀମା ମନ୍ଦିର ନିକଟ,
ଭୁବନେଶ୍ୱର—୨



ସୁଇଡେନ୍ ପ୍ରଧାନମନ୍ତ୍ରୀଙ୍କ 'ଓଲୋଫ୍ ପାମେ' ଶୋକ ପୁସ୍ତିକାରେ ପ୍ରଧାନମନ୍ତ୍ରୀ ଶ୍ରୀ ଗାନ୍ଧୀଙ୍କ ସ୍ୱାକ୍ଷର ପ୍ରଦାନ ...

# ପୁରାଣ ପୃଷ୍ଠାରେ ଉତ୍କଳ ପ୍ରସଙ୍ଗ



ଡକ୍ଟର ଦୋଳଗୋବିନ୍ଦ ଶାସ୍ତ୍ରୀ

ସୁଦୂର ପ୍ରାଗୈତିହାସିକ କାଳରୁ ଉତ୍କଳ, କଳିଙ୍ଗ, କୋଶଳ ଓ ଉଡ୍ର ନାମରେ ପ୍ରଖ୍ୟାତ ଭୂମିଖଣ୍ଡରୁ କେଉଁଟିର ପୂର୍ଣ୍ଣ କିମ୍ବା କେଉଁଟିର ଆଂଶିକ ସମ୍ମିଶ୍ରଣ ଆଧୁନିକ ଓଡିଶା ପ୍ରଦେଶ ରୂପେ ଆତ୍ମପ୍ରକାଶ କରିଛି । ସମ୍ଭବତଃ ଉଡ୍ର ବିଷୟ (ପ୍ରଦେଶ) ଓଡ୍ରବିଶା, ଓଡିଶା ଏହିପରି ଅପଭ୍ରଷ୍ଟ ହୋଇଛି – ଯେପରି ଡେରା (ସୈନ୍ୟ ଛାଉଣୀ) ବିଷୟରୁ 'ଡେରାବିଶି' ହୋଇଛି । ସୁତରାଂ ଓଡିଶା, ଓଡିଆ ପ୍ରଭୃତି ନାମ ବହୁ ପରବର୍ତ୍ତୀ ଯୁଗରେ ହୋଇଛି ।

ସେ ଯାହା ହେଉ 'ଉତ୍କଳ' ନାମଟି ଯେ ସର୍ବାପେକ୍ଷା ପ୍ରାଚୀନ, ଅର୍ଥାତ୍ ପ୍ରାକ୍‌ବୈଦିକ ଯୁଗରୁ ବିଭିନ୍ନ ଶାସ୍ତ୍ରରେ ପ୍ରଚଳିତ ହୋଇ ଆସିଛି, ଏହା ନିଃସନ୍ଦିଗ୍ଧ ଭାବରେ କୁହାଯାଇପାରେ ।

ମନୁଙ୍କ ପୁତ୍ର ଉତ୍ତାନପାଦ ଏବଂ ତାଙ୍କରି ପୁତ୍ର ଧ୍ରୁବ । ଏହି ଧ୍ରୁବ ତପସ୍ୟା ଦ୍ୱାରା ପାଞ୍ଚବର୍ଷ ବୟସରେ ଭଗବାନ ବିଷ୍ଣୁଙ୍କ ଦର୍ଶନ ଓ କୃପାଲାଭ କରି ପୁନଶ୍ଚ ରାଜ୍ୟପ୍ରାପ୍ତ ହୋଇଥିଲେ । ଯୌବନରେ ସେ ଦୁଇଟି ସ୍ତ୍ରୀ ବିବାହ କରିଥିଲେ । ପ୍ରଥମେ ରାଜା ଶିଶୁମାରଙ୍କ କନ୍ୟା ଭ୍ରମିଙ୍କୁ ସେ ବିବାହ କରିଥିଲେ । ଭ୍ରମିଙ୍କର କଳ୍ପ ଓ ବତ୍ସର ନାମରେ ଦୁଇଟି ପୁତ୍ର ଜାତ ହୋଇଥିଲେ । ତା'ପରେ ଧ୍ରୁବ ବାୟୁ କନ୍ୟା ଇଳାଙ୍କୁ ବିବାହ କଲେ । ଇଳାଙ୍କ ଗର୍ଭରୁ ଧ୍ରୁବଙ୍କ ଔରସରେ ଦୁଇଟି ସନ୍ତାନ ଜାତ ହୋଇଥିଲେ । ପ୍ରଥମଟି ପୁତ୍ର, ତାଙ୍କନାମ ଉତ୍କଳ ଏବଂ ଦ୍ୱିତୀୟ ସନ୍ତାନଟି କନ୍ୟା, ତାଙ୍କ ନାମ ସୁଶ୍ରୀ ।

ଧ୍ରୁବ ପୁନଶ୍ଚ ତପସ୍ୟା କରିବା ପାଇଁ ବାନପ୍ରସ୍ଥ ଅବଲମ୍ବନ କଲେ ; କିନ୍ତୁ ଉତ୍କଳ ପିତାଙ୍କ ରାଜସିଂହାସନ ବା ସାମ୍ରାଜ୍ୟ କୌଣସିଟି ଗ୍ରହଣ କରିବାକୁ ଇଚ୍ଛା କଲେନାହିଁ । ସେ ଜନ୍ମାବଧି ପ୍ରଶାନ୍ତ ଚିତ୍ତ, ନିଃସଙ୍ଗ ଓ ସମଦର୍ଶୀ ଥିଲେ । ସେ ନିଜ ମଧ୍ୟରେ ସମସ୍ତଙ୍କୁ ଓ ସମସ୍ତଙ୍କ ମଧ୍ୟରେ ନିଜକୁ ଦର୍ଶନ କରୁଥିଲେ । ତାଙ୍କର ପ୍ରଶାନ୍ତ ଆତ୍ମଜ୍ଞାନ ରୂପ-ରସର ଆକର୍ଷଣରୁ ତାଙ୍କୁ ଦୂରରେ ରଖିଥିଲା । ଯୋଗାଗ୍ନି ଦ୍ୱାରା ତାଙ୍କର ଯାବତୀୟ ବାସନା ଦଗ୍ଧ ହୋଇଥିଲା । ଅନ୍ୟମାନେ ତାଙ୍କୁ ଜଡ଼, ଅନ୍ଧ, ବଧିର ଓ ମୂକ ବୋଲି ମନେ କରୁଥିଲେ । ଅଥଚ ସେ କିନ୍ତୁ ସର୍ବାଙ୍ଗ ସମ୍ପନ୍ନ ଥିଲେ । ରାଜ୍ୟର ଅମାତ୍ୟ ଓ ଋଷିଗଣ ତାଙ୍କର ଏପରି ନିଃସ୍ପୃହତା ଦେଖି ତାଙ୍କ କନିଷ୍ଠ ଭ୍ରାତା ବତ୍ସରଙ୍କୁ ରାଜ ସିଂହାସନରେ ବସାଇଲେ ।

ମହାରାଜ ଭରତଙ୍କ ନାମରେ ଏହି ଅଜନାଭବର୍ଷ "ଭାରତବର୍ଷ" ଆଖ୍ୟା ପାଇଥିଲା । ସେହିପରି ସମଦର୍ଶୀ ସାଧୁ ଉତ୍କଳଙ୍କ ନାମରେ ତାଙ୍କ ଭୂ-ଖଣ୍ଡ ଉତ୍କଳ ନାମରେ ପରିଚିତ ହୋଇଥିବା ଅନୁମାନ ।

ପରବର୍ତ୍ତୀ ସମୟରେ ଅନ୍ୟ ଏକ ରାଜାଙ୍କର ନାମ ଉତ୍କଳ ଥିବାର ପ୍ରମାଣ ଶ୍ରୀମଦ୍‌ଭାଗବତରୁ ମିଳେ । ଶ୍ରାଦ୍ଧଦେବ ମନୁ ପୁତ୍ରଲାଭ ନିମିତ୍ତ ଯଜ୍ଞ କଲେ ; କିନ୍ତୁ ତାଙ୍କ ପତ୍ନୀ ଶ୍ରଦ୍ଧା ଯଜ୍ଞର ହୋତାଙ୍କ ନିକଟରେ କନ୍ୟା ପ୍ରାର୍ଥନା କଲେ । ଫଳରେ ଇଳା ତାଙ୍କ କନ୍ୟା ରୂପେ ଜନ୍ମଲାଭ କଲେ । ଏହା ଦେଖି ମନୁ ବଶିଷ୍ଠଙ୍କ ନିକଟରେ ପୁତ୍ରକାମ ଯଜ୍ଞର ବିପରୀତ ଫଳ କିପରି ହେଲା, ତାହା ଦୁଃଖର ସହ ନିବେଦନ କଲେ । ବଶିଷ୍ଠ ତାଙ୍କ ପ୍ରତି ସମବେଦନା ପ୍ରକାଶ କରି ଶ୍ରୀହରିଙ୍କୁ ସ୍ତବ ଦ୍ୱାରା ସନ୍ତୁଷ୍ଟ କରି ତାଙ୍କ ବର ପ୍ରଭାବରେ ଇଳାଙ୍କୁ ପୁରୁଷ ଶ୍ରେଷ୍ଠ ରୂପେ ପରିଣତ କଲେ ଏବଂ ତାଙ୍କ ନାମ ହେଲା ସୁଦ୍ୟୁମ୍ନ । ଏକଦା ବୀରଶ୍ରେଷ୍ଠ ସୁଦ୍ୟୁମ୍ନ ନିଜ ଅମାତ୍ୟମାନଙ୍କ ସହ ଘୋଡ଼ାରେ ଚଢ଼ି ମୃଗୟା କରିବାକୁ ଯାଇ ହର ପାର୍ବତୀଙ୍କ ବିହାର ସ୍ଥଳୀରେ ପ୍ରବେଶ କଲେ ; କିନ୍ତୁ ସେଠାରେ ପ୍ରବେଶ କରିବାମାତ୍ରେ ସମସ୍ତେ ଏପରିକି ଘୋଡ଼ାଟି ପର୍ଯ୍ୟନ୍ତ ସ୍ତ୍ରୀଲିଙ୍ଗ ପ୍ରାପ୍ତ ହୋଇ ନାରୀରେ ରୂପାନ୍ତରିତ ହୋଇଗଲେ । ଏହି ପ୍ରକାର ପରିବର୍ତ୍ତନର କାରଣ

ହେଲେ ଏହି ଯେ, ଥରେ ସୁଦ୍ୟୁମ୍ନ ଋଷିଗଣ ମହାଦେବଙ୍କ ଦର୍ଶନ ଆକାଂକ୍ଷାରେ ସେହି ବିହାର ସ୍ଥଳୀରେ ପ୍ରବେଶ କଲେ । ସେତେବେଳେ ପାର୍ବତୀ ବିବସ୍ତ୍ରା ଅବସ୍ଥାରେ ଶିବଙ୍କ କୋଳରେ ଅବସ୍ଥାନ କରି ଥିବାରୁ ଲଜ୍ଜିତ ହେଲେ । ପାର୍ବତୀଙ୍କୁ ସନ୍ତୁଷ୍ଟ କରିବା ଲାଗି ଶିବ ସେହି ଦିନଠାରୁ ଆଦେଶ ଦେଲେ ଯେ ସେହି ବିହାର ସ୍ଥଳୀରେ କୌଣସି ପୁରୁଷ ପ୍ରବେଶ କଲେ ସ୍ତ୍ରୀ ରୂପ ପ୍ରାପ୍ତ ହେବ ।

ମହାବୀର ସୁଦ୍ୟୁମ୍ନ ନିଜ ପରିଜନମାନଙ୍କ ସହିତ ସୁନ୍ଦରୀ ନାରୀ ହୋଇ ବିଚରଣ କରିବା ସମୟରେ ବୁଧଙ୍କ ଆଶ୍ରମରେ ପହଞ୍ଚିଲେ । ଉଭୟ ଉଭୟଙ୍କ ପ୍ରତି ଆକୃଷ୍ଟ ହେଲେ ଏବଂ ବୁଧ ଓ ନାରୀରୂପୀ ସୁଦ୍ୟୁମ୍ନଙ୍କ ମିଳନରେ ପୁରୁରବା ଜାତ ହେଲେ । ବଶିଷ୍ଠ ସୁଦ୍ୟୁମ୍ନଙ୍କର ଏପରି ଭାଗ୍ୟ ବିଡ଼ମ୍ବନା ଦେଖି ମହାଦେବଙ୍କୁ ପ୍ରାର୍ଥନା କରିବାରୁ ମହାଦେବ ସନ୍ତୁଷ୍ଟ ହୋଇ ବର ଦେଲେ ଯେ, ସୁଦ୍ୟୁମ୍ନ ଗୋଟିଏ ମାସ ପୁରୁଷ ହୋଇ ରହିବେ ଏବଂ ପରବର୍ତ୍ତୀ ମାସରେ ନାରୀ ହୋଇ ଇଲା ରୂପେ ପରିଚିତ ହେବେ ।

ଏହି ସୁଦ୍ୟୁମ୍ନଙ୍କର ତିନୋଟି ପୁତ୍ର ହେଲେ । ସେମାନେ ତିନିଜଣ ଉତ୍କଳ, ଗୟ ଓ ବିମଳ ଅତ୍ୟନ୍ତ ଧାର୍ମିକ ଥିଲେ ଏବଂ ଦକ୍ଷିଣା ପଥରେ ରାଜା ହୋଇଥିଲେ । ଏହି ଦକ୍ଷିଣାପଥ ହିଁ ଉତ୍କଳ ରାଜ୍ୟ ରୂପେ ପରିଚିତ ।

ଅନ୍ୟ ଏକ ପ୍ରସଙ୍ଗରୁ ଦେଖାଯାଏ, ବଳିଙ୍କ ପତ୍ନୀ ଗର୍ଭରୁ ଦୀର୍ଘତମା ଋଷିଙ୍କ ଔରସରେ ଅଙ୍ଗ, ବଙ୍ଗ, କଳିଙ୍ଗ, ଶୁହ୍ମ, ପୁଣ୍ଡ୍ର ଓ ଉଡ୍ର (ମତାନ୍ତରେ ଅନ୍ଧ୍ର) ନାମକ ପୁତ୍ରଗୁଡିକ ନିଜ ନିଜ ନାମରେ ରାଜ୍ୟ ସ୍ଥାପନ କରି ରାଜତ୍ୱ କରିଥିଲେ । ସୁତରାଂ ଏହି ସମୟରୁ କଳିଙ୍ଗ ଓ ଉଡ୍ର ଦେଶର ପରିଚୟ ମିଳେ ।

କୋଶଳ ରାଜକନ୍ୟା କୌଶଲ୍ୟା ମହାରାଜ ଦଶରଥଙ୍କର ଶ୍ରେଷ୍ଠ ମହିଷୀ । ଯାହାଙ୍କ ଗର୍ଭରୁ ଭଗବାନ ରାମଚନ୍ଦ୍ରଙ୍କର ଜନ୍ମ । ରାମାୟଣ ଯୁଗର ସେହି କୋଶଳର କିଛି ଅଂଶ ସମ୍ବଲପୁର ଜିଲ୍ଲା ନାମରେ ଅଧୁନା ନାମିତ ।

ମହାଭାରତ ଯୁଦ୍ଧରେ କଳିଙ୍ଗ ସମ୍ରାଟ କୌରବ ସେନାଙ୍କୁ ସହାୟତା କରିବାର ପ୍ରମାଣ ମିଳେ ।

ଚେଦିରାଜ ଶିଶୁପାଳଙ୍କ ବଂଶରେ ଉପରିଚର ବସୁ ଜଣେ ଧାର୍ମିକ ରାଜା ଥିଲେ । ତାଙ୍କରି ବଂଶରେ କଳିଙ୍ଗ ସମ୍ରାଟ ଖାରବେଳଙ୍କର ଜନ୍ମ । ଖାରବେଳଙ୍କୁ 'ଚେଦିରାଜବଂଶ ବର୍ଦ୍ଧନ' (ଚେତରାଜବସ ବଧନେନ) ବୋଲି ଖାରବେଳ ଶିଳା ଲେଖରେ ଉଲ୍ଲେଖ କରାଯାଇଛି । ମହାରାଜ ଖାରବେଳ ଖ୍ରୀଷ୍ଟପୂର୍ବ ପ୍ରଥମ ଶତାବ୍ଦୀବେଳକୁ କଳିଙ୍ଗ ସାମ୍ରାଜ୍ୟର ସୀମା ମଥୁରାଠାରୁ ଦକ୍ଷିଣରେ ପାଣ୍ଡ୍ୟରାଜ୍ୟ ବା ମଦୁରାଇ ପର୍ଯ୍ୟନ୍ତ ବିସ୍ତୃତ କରାଇଥିବାର ଉଲ୍ଲେଖ ଦେଖାଯାଏ । ଅଙ୍ଗଠାରୁ ମଗଧ ପର୍ଯ୍ୟନ୍ତ ତତ୍କାଳୀନ ସମସ୍ତ ରାଜା କଳିଙ୍ଗ ସମ୍ରାଟ ଖାରବେଳଙ୍କର ବଶ୍ୟତା ସ୍ୱୀକାର କରିବାକୁ ବାଧ୍ୟ ହୋଇଥିଲେ ।

ଉଡ୍ର ଦେଶ ସଂପର୍କରେ ପୌରାଣିକ ଉଲ୍ଲେଖ ବ୍ୟତୀତ ସାଂସ୍କୃତିକ ଓ ଐତିହାସିକ ଦୃଷ୍ଟିକୋଣରୁ ବିଚାର କଲେ ଜଣାଯାଏ, ଭରତ ମୁନୀଙ୍କ ନାଟ୍ୟ ଶାସ୍ତ୍ରର ରଚନାକାଳ ଆନୁମାନିକ ଖ୍ରୀଷ୍ଟ ଜନ୍ମପର ୧ମ ଶତାବ୍ଦୀ । ସେଥିରେ "ଉଡ୍ର ବିଭାଷା" ନାମକ ଏକ ପ୍ରଚଳିତ ଭାଷାର ଉଲ୍ଲେଖ ଦେଖାଯାଏ । ଅର୍ଥାତ୍ ପାଲି-ପ୍ରାକୃତରୁ କେତେକ କ୍ଷେତ୍ରରେ ଆଞ୍ଚଳିକ ଚଳଣୀ ଓ ଉଚ୍ଚାରଣର ସମ୍ମିଶ୍ରଣରେ ପୁରାଣୋକ୍ତ ଉତ୍କଳ, କଳିଙ୍ଗ, ଉଡ୍ର, କୋଶଳ ପ୍ରଭୃତି ଭୂଖଣ୍ଡରେ ଯେଉଁ ଲୋକମୁଖୀ ଭାଷା ପ୍ରଚଳିତ ଥିଲା, ସମ୍ଭବତଃ ସେହି ଭାଷାକୁ 'ଉଡ୍ର-ବିଭାଷା' ନାମରେ ଉଲ୍ଲେଖ କରାଯାଇଛି ।

ଖାରବେଳ ଶିଳାଲେଖାରେ ଯେଉଁ ଭାଷା ବ୍ୟବହାର କରାଯାଇଛି, ତାହା ସେହି ସମୟର ପାଲି ପ୍ରାକୃତର ଏକ ପରବର୍ତ୍ତୀ ଆଞ୍ଚଳିକ ଭାଷା, ଯେଉଁ ଭାଷାରେ ବ୍ୟବହୃତ ଶତକଡ଼ା ଅଶୀ ଭାଗ ଶବ୍ଦ ଆଜି ପର୍ଯ୍ୟନ୍ତ ଆଧୁନିକ ଓଡିଆ ଭାଷାରେ ଅବିକୃତ ବା କିଞ୍ଚିତ ବିକୃତ ହୋଇ ବ୍ୟବହୃତ ହୋଇଅଛି । ଖାରବେଳ ଶିଳାଲେଖର ଭାଷା ତାତ୍ତ୍ୱିକ ଆଲୋଚନାରୁ ଏହି ସିଦ୍ଧାନ୍ତ ସହଜରେ ଉପଲବ୍ଧ ହୁଏ ।

ସ୍କନ୍ଦ ପୁରାଣ ପୁରୁଷୋତ୍ତମ ମାହାତ୍ମ୍ୟରେ ଉତ୍କଳ ଦେଶକୁ ପୃଥିବୀର ସର୍ବାପେକ୍ଷା ପବିତ୍ର ଦେଶ ବୋଲି ବର୍ଣ୍ଣନା କରାଯାଇଛି । ଉତ୍କଳର ପୁରୁଷୋତ୍ତମ କ୍ଷେତ୍ରରେ ଶ୍ରୀଜଗନ୍ନାଥଙ୍କ ଅବସ୍ଥିତି ଯୋଗୁଁ ହିଁ ଏହା ଏତେ ପବିତ୍ର ଓ ଧର୍ମ ଭୂମି ହୋଇପାରିଛି ।

ଯତ୍ ସମ୍ପର୍କାତ୍ ସମୁଦ୍ରୋଽତ୍ର,
ତୀର୍ଥ ରାଜତ୍ୱ ମାଗତଃ ।

ଯଥାୟଂ ଭଗବାନୋ ମୁକ୍ତିପ୍ରଦୋ,
ଦୃଷ୍ଟିପଥଂ ଗତଃ ।

ସୁଦୁର୍ଲ୍ଲଭଂ ଯତ୍ରିତ୍ରୟମେକୈକଂ,
ସିନ୍ଧୁସ୍ନାନାଦ୍ ବିମୁକ୍ତିଦମ୍ ।

ଅର୍ଥାତ୍ ଏହି କ୍ଷେତ୍ରରେ ଭଗବାନ ଶ୍ରୀଜଗନ୍ନାଥଙ୍କ ଦର୍ଶନ, ଶ୍ରୀକ୍ଷେତ୍ରରେ ମରଣ, ସମୁଦ୍ରରେ ସ୍ନାନ ଏଇ ତିନୋଟି ପ୍ରତ୍ୟେକ ମୁକ୍ତିର ସାଧନ ଏବଂ ଅତୀବ ଦୁର୍ଲଭ ।

ସୁପୁଣ୍ୟେ ହ୍ୟୁତ୍କଳ ଦେଶେ,
ଦକ୍ଷିଣାବର୍ତ୍ତ ତୋରଣେ ।
ନିଳାଦ୍ରୀଶିଖରାବାସଂ,
ଦ୍ରକ୍ଷେଥାଃ ଶରଣଂ ବିଭୁମ୍ ॥

ପୁଣ୍ୟଭୂମି ଉତ୍କଳ ଦେଶର ଦକ୍ଷିଣ ସମୁଦ୍ର ତଟ ଭାଗରେ ପର୍ବତ ଶିଖରବାସୀ ଭଗବାନଙ୍କର ଶରଣାଗତି ଦ୍ୱାରା ଇଷ୍ଟ ସିଦ୍ଧି ହୁଏ ।

ଉତ୍କଳ ନାମ ଦେଶୋଽସ୍ତି,
ଖ୍ୟାତଃ ପରମ ପାବନଃ '
ଯତ୍ରତୀର୍ଥାନ୍ୟ ନେକାନି,
ପୁଣ୍ୟାନ୍ୟାୟାତନାନି ଚ ।
ଦକ୍ଷିଣ ସ୍ୟୋଦଧେସ୍ତୀରେ,
ସତ୍ର ଦେଶଃ ପ୍ରତିଷ୍ଠିତଃ ॥

ଏହି ଉତ୍କଳ ଦେଶର ସୀମା ପରିଧିର ନିର୍ଦ୍ଦେଶ ମଧ୍ୟ ସ୍କନ୍ଦ ପୁରାଣ ବିଷ୍ଣୁ ଖଣ୍ଡରେ ଦେଖାଯାଏ ।

ସ ଏଷ ଦେଶ ପ୍ରବର,
ଉତ୍କଳାଖ୍ୟୋ ଦ୍ୱିଜୋତ୍ତମାଃ ।
ଋଷିକୁଲ୍ୟାଂ ସମାସାଦ୍ୟ,
ଦକ୍ଷିଣୋଦଧି ଗାମିନୀମ୍,
ସୁବର୍ଣ୍ଣରେଖା ମହାନଦ୍ୟୋ,
ମଧ୍ୟେ ଦେଶଃ ପ୍ରତିଷ୍ଠିତଃ ।
ଭୂସ୍ୱର୍ଗଂ ସାମ୍ପ୍ରତଂ ହ୍ୟେଷ,
କଥିତଃ ପୁରୁଷୋତ୍ତମଃ ॥

ଦକ୍ଷିଣ ସମୁଦ୍ରଗାମିନୀ ଋଷିକୁଲ୍ୟାଠାରୁ ଆରମ୍ଭକରି ସୁବର୍ଣ୍ଣରେଖା ଓ ମହାନଦୀ ମଧ୍ୟରେ ଯେତେ ପ୍ରଦେଶ ଅଛି, ସମସ୍ତ ଦେଶ ଶ୍ରୀ ପୁରୁଷୋତ୍ତମ କ୍ଷେତ୍ର । ଏହା ଭୂସ୍ୱର୍ଗ ରୂପେ ବର୍ଣ୍ଣିତ ।

ସତ୍ୟ ଯୁଗରେ ମଧ୍ୟ ଉତ୍କଳ ଦେଶର ସୀମା ଋଷିକୁଲ୍ୟା ମହାନଦୀ ଓ ସୁବର୍ଣ୍ଣରେଖାର ଅବବାହିକା ସମଗ୍ର ଭୂମିଖଣ୍ଡକୁ ବ୍ୟାପି ରହିଥିବାର ପ୍ରମାଣ ମିଳିଛି । 'ଉତ୍କଳ' ନାମଟି ସର୍ବ ପ୍ରାଚୀନ, ଅତି ପବିତ୍ର ଧର୍ମ କ୍ଷେତ୍ରର ଦ୍ୟୋତକ ।

'କଳିଙ୍ଗ' ନାମଟି ମଧ୍ୟ ପ୍ରାଚୀନତା, ଶୌର୍ଯ୍ୟ, ବୀର୍ଯ୍ୟ ଓ ସାହସର ଦ୍ୟୋତକ । 'ଓଡ୍ର' ନାମ ମଧ୍ୟରେ ପ୍ରାଚୀନ ଐତିହ୍ୟ ଓ ସଂସ୍କୃତିର ଦ୍ୟୋତନା ରହିଛି ।

ପୂର୍ବେ ଦର୍ଶାଯାଇଛି ଯେ, 'ଓଡ୍ର ବିଷୟରେ ଓଡିଶା ଶବ୍ଦ ଆସିଛି । ଏହାବ୍ୟତୀତ 'ଓଡିଆ ଶବ୍ଦର ଆଉ ଏକ ମୌଳିକ ଯୋଗ ସାଧନାର ସଙ୍କେତ ରହିଛି । ପୂର୍ବେ କୋଶଳ ଦେଶକୁ ଉଡ୍ଡୀୟାନ ଦେଶ ବୋଲି ଆଖ୍ୟା ଦିଆଯାଉଥିଲା । ନାଥ ଧର୍ମର ସିଦ୍ଧ ମହାଯୋଗୀ ଗୋରକ୍ଷନାଥଙ୍କ ପ୍ରବର୍ତ୍ତିତ ଯୋଗ ସାଧନ ମୁଦ୍ରାଗୁଡ଼ିକ ମଧ୍ୟରୁ ଉଦାନ ବାୟୁର ନିୟମନରେ ସ୍ୱଳିତ ଉଡ୍ଡାନ ମୁଦ୍ରାର ସାଧନା ଓଡ୍ରଦେଶରେ ବିଶେଷ ଭାବରେ ଗୃହୀତ ହୋଇଥିବାରୁ ଏ ଦେଶର ନାମ ଉଡ୍ଡୀୟାନ ଦେଶ ବୋଲି କଥିତ ହୋଇଥିବାର ଅନୁମାନ କରାଯାଏ । ଓଡ୍ରଦେଶ – ଓଡ୍ଡଦେଶ – ଓଡିଶ – ଓଡିଶା ପ୍ରଭୃତି ଅପଭ୍ରଂଶ ନାମ କ୍ରମଶଃ ପ୍ରଚଳିତ ହୋଇ ଶେଷରେ ଓଡିଶା ଓଡିଆ ପ୍ରଭୃତି ଶବ୍ଦ ଏ ଦେଶର ଭାଷାରେ ଗୃହୀତ ହୋଇ ଚଳଣି ପର୍ଯ୍ୟାୟରୁ ହୋଇଗଲା । ପ୍ରାକ୍ ଶାରଳା ଯୁଗର ପ୍ରାଚୀନ ଓଡିଆ ଗଦ୍ୟ ପଦ୍ୟର ନିଦର୍ଶନ ଶିଶୁବେଦରେ ଓଡ଼ିଆଣି ମୁଦ୍ରା (ଉଡ୍ଡାନ ମୁଦ୍ରା) ଏବଂ ରୁଦ୍ର ସୁଧା ନିଧିରେ 'ଓଡିଆଣୀ ମୁଦ୍ରା ଖଞ୍ଜିଅଛି" ଇତ୍ୟାଦି ବାକ୍ୟରୁ ଉଡ୍ଡାନ ମୁଦ୍ରା ଶେଷକୁ "ଓଡ଼ିଆଣି ମୁଦ୍ରା ଏବଂ ଉଡ୍ଡୀୟାନ ଦେଶ ଓଡିଆଣ – ଓଡିଆ ପ୍ରଦେଶରେ ରୂପାନ୍ତରିତ ହୋଇଯାଇଛି ।

କେତେକ ମତବ୍ୟକ୍ତ କରିଥାଆନ୍ତି ଯେ, ତେଲୁଗୁ ଓଡ୍ରସୁ (ଗୃଷୀ) ଶବ୍ଦରୁ ଓଡିଆ ଭାଷାରେ ଓଡ଼ଗସ ଶବ୍ଦ ଆସିଛି ; ଅତଏବ ଓଡ଼ିସୁ ଶବ୍ଦରୁ ଓଡ଼ିଶା ଶବ୍ଦ ଆସିଛି । ଉକ୍ତ ସାହିତ୍ୟରୁ ଯଦି କେହି ବନ୍ ନିୟନ୍ତ୍ରଣ ତଥ୍ୟ ଆବିଷ୍କାର କରେ ତାହା ଯେପରି ହାସ୍ୟାସ୍ପଦ, ସେହିପରି ଏତେବଡ଼ ପ୍ରାଚୀନ ଐତିହ୍ୟ, ଧର୍ମ ଓ ସଂସ୍କୃତିସଂପନ୍ନ ଦେଶ ସହସ୍ରାଧିକ ବର୍ଷ ମହାନ୍ ଗୌରବ ପରଂପରାର ଦାୟାଦ ଥାଇ ଶେଷକୁ ତେଲୁଗୁ ଓଡ଼ିଶୁ ଶବ୍ଦରୁ ନିଜର ଓଡ଼ିଶା ନାମ ଆମଦାନୀ କରିବାରେ ଗୌରବ ବୋଧ କଲା—ଏପରି ଲଘୁ ଚିନ୍ତା ମଧ୍ୟ ହାସ୍ୟକର ।

ଉପସଂହାରରେ ବକ୍ତବ୍ୟ ଏହିଯେ, ଆଜିର ଓଡ଼ିଆ ତଥା ଓଡ଼ିଶା ଯେତେ ଅନୁନ୍ନତ, ଦରିଦ୍ର, ନୀତି ରହିତ, ପରଂପରା-ଭ୍ରଷ୍ଟ ବୋଲି ପ୍ରଚାରିତ ବା ପରିଚିତ ହେଉନା କାହିଁକି, ମହାଜନ ଓ ଶାସ୍ତ୍ର ଏ ଦେଶକୁ ପୃଥିବୀର ସର୍ବାପେକ୍ଷା ପବିତ୍ର ଧର୍ମ-କ୍ଷେତ୍ର ରୂପେ ମର୍ଯ୍ୟାଦା ଦେଇ ଆସିଛନ୍ତି ଏବଂ ଏବେ ମଧ୍ୟ ସାଧୁ ସନ୍ଥ ସେହି ଦୃଷ୍ଟିରେହିଁ ଏ ଦେଶକୁ ଦର୍ଶନକରି ଆସୁଛନ୍ତି । ଗଙ୍ଗା ସ୍ରୋତରେ ମଇଳା, ପଶୁ ଶବ ଭାସିଲେ ମଧ୍ୟ ତାହା ଶାସ୍ତ୍ର ବାକ୍ୟରେ ଚିର ପବିତ୍ର ଓ ପାବନ ।

ଗଙ୍ଗାମ୍ଭସାଂ ନ ଖଳୁ ବୁଦ୍‌ବୁଦ୍‌ଫେନ ପଙ୍କୈଃ
ଅପଗଚ୍ଛତ ନୀରଧର୍ମଃ ।

(ରୂପ ଗୋସ୍ୱାମୀ)

ଉତ୍କଳ, କଳିଙ୍ଗ, ଓଡ୍ର, ଓଡିଶା – ଯେ ନାମରେ ନାମିତ ହେଉ ନା କାହିଁକି, ଏହା ଜଗତରନାଥ ଜଗନ୍ନାଥଙ୍କର ନିତ୍ୟ ଲୀଳାକ୍ଷେତ୍ର ।

ପାରେଶ୍ୱର ସାହି, କଟକ-୩



# ଓଡ଼ିଶାରେ କୃଷି ବିକାଶ





ଡକ୍ଟର ରବିନାରାୟଣ ମହାନ୍ତି

ଆମ ଦେଶର କୃଷି ବହୁ ପୁରାତନ । ପ୍ରାଚୀନ ଯୁଗରୁ ଆରମ୍ଭ କରି, ଆଜିର ବିଜ୍ଞାନ ସମୃଦ୍ଧ ବିଂଶ ଶତାବ୍ଦୀ ପର୍ଯ୍ୟନ୍ତ ଭାରତୀୟ ଜନ ଜୀବନକୁ କୃଷି ବହୁ ଭାବରେ ପ୍ରଭାବିତ କରି ଆସିଛି । ସେହି ଦୃଷ୍ଟିରୁ ଭାଗବତ ଗୀତାରେ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ କର୍ମଯୋଗ ବୁଝାଇବାକୁ ଯାଇ କହିଛନ୍ତି –

"ଅନ୍ନାଦ୍ଭବନ୍ତି ଭୂତାନି
ପର୍ଜନ୍ୟାଦନ୍ନ ସମ୍ଭବଃ ।
ଯଜ୍ଞାଦ୍ଭବତି ପର୍ଜନ୍ୟୋ,
ଯଜ୍ଞଃ କର୍ମ ସମୁଦ୍ଭବଃ ।।"

(ତୃତୀୟ ଅଧ୍ୟାୟ—୧୪ଶ ଶ୍ଳୋକ)

ଅନ୍ନ ବା ଖାଦ୍ୟ କେବଳ ଆମ ଦେଶରେ ନୁହେଁ, ବହୁ ସମୃଦ୍ଧ ଦେଶରେ ବିକାଶର ଭିତ୍ତିବୋଲି ବହୁ କାଳରୁ ସ୍ୱୀକୃତି ଲାଭ କରି ଆସିଛି । ସଂପ୍ରତି ଆମେ ସ୍ୱାଧୀନତାର ଅଠତିରିଶ ବର୍ଷ ଅତିକ୍ରମ କରିସାରିଲେଣି । ଏହି ସମୟ ମଧ୍ୟରେ ଦେଶ ତଥା ରାଜ୍ୟରେ ଶିଳ୍ପ ଏବଂ ଆନୁସଙ୍ଗିକ-କ୍ଷେତ୍ରମାନଙ୍କରେ ବ୍ୟାପକ ଉନ୍ନତି ସାଧିତ ହୋଇଛି । ମାତ୍ର ଆମ ଦେଶ ତଥା ରାଜ୍ୟର ଅର୍ଥନୀତି ପୂର୍ବପରି କୃଷିଭିତ୍ତିକ ହୋଇ ରହିଛି । ଓଡ଼ିଶା କଥା ବିଚାର କଲେ ଦେଖାଯିବ ଯେ, ରାଜ୍ୟର ମୋଟ ଶ୍ରମଜୀବିକ ମଧ୍ୟରୁ ଶତକଡ଼ା ୭୦ ଭାଗରୁ ଅଧିକ ଲୋକ ଏବେ ମଧ୍ୟ କୃଷି ଉପରେ ନିର୍ଭର କରି ଜୀବିକାର୍ଜ୍ଜନ କରୁଛନ୍ତି । ରାଜ୍ୟର ମୋଟ ଆୟର ହାରାହାରି ୫୫ ଭାଗ କୃଷିରୁ ମିଳୁଛି । ତେଣୁ ରାଜ୍ୟର ବିକାଶ, କୃଷି ଓ କୃଷକର ବିକାଶ ସହିତ ଯେ, ଅଙ୍ଗାଙ୍ଗୀ ଭାବେ ଜଡ଼ିତ, ଏହା ଅନସ୍ୱୀକାର୍ଯ୍ୟ ।

୧୯୫୫-୫୬ ମସିହା ବେଳକୁ ପ୍ରଥମ ପଞ୍ଚବାର୍ଷିକ ଯୋଜନା ଶେଷ ହେଲା । ସେତେବେଳକୁ ରାଜ୍ୟର ମୋଟ ଉତ୍ପାଦିତ ଖାଦ୍ୟଶସ୍ୟର ପରିମାଣ ଥିଲା ମାତ୍ର ୨୪ ଲକ୍ଷ ମେଟ୍ରିକ୍ ଟନ୍ ।

ଷଷ୍ଠ ପଞ୍ଚବାର୍ଷିକ ଯୋଜନା ଶେଷ ବେଳକୁ ଅର୍ଥାତ୍ ୧୯୮୪-୮୫ ମସିହାରେ ମୋଟ ଖାଦ୍ୟ ଉତ୍ପାଦନ ବୃଦ୍ଧିପାଇ ହାରାହାରି ୬୩ ଲକ୍ଷ ମେଟ୍ରିକ୍ ଟନ୍‌ରେ ପହଞ୍ଚିଲା । ଯୋଜନାରେ କୃଷିକୁ ଅଗ୍ରାଧିକାର ଦେବା ଦ୍ୱାରା ଏହା ସମ୍ଭବ ହୋଇପାରିଛି । ଏହି ସମୟ ମଧ୍ୟରେ କେବଳ ଯେ, କୃଷିର 'ସାମୂହିକ ଉତ୍ପାଦନ ବୃଦ୍ଧି ପାଇଛି ତାହା ନୁହେଁ, ଜମିର ଉତ୍ପାଦିକା ଶକ୍ତିରେ ମଧ୍ୟ ଉନ୍ନତି ସାଧିତ ହୋଇଛି । ମାତ୍ର, ସମୟର ବ୍ୟାପକତା ତଥା ଜନସଂଖ୍ୟାର ଅଭିବୃଦ୍ଧି ହାରକୁ ବିଚାରକୁ ନେଲେ, ଆମର ଆବଶ୍ୟକତା ପୂରଣରେ କୃଷି ଉତ୍ପାଦନ ଯେ, ଯଥେଷ୍ଟ ପଛରେ ପଡ଼ିଛି, ଏହା ନିଶ୍ଚିତ ଭାବେ ସ୍ୱୀକାର କରିବାକୁ ହେବ ।

କ୍ରମାଗତ ଜନ୍ମ-ସଂଖ୍ୟା ବୃଦ୍ଧି ଓ ତଦ୍‌ଜନିତ କୃଷି ଜମିର ବିଭାଜନ କୃଷି ଉତ୍ପାଦନ ବୃଦ୍ଧିରେ ସଂପ୍ରତି ଏକ ବଡ଼ ଅନ୍ତରାୟ ହୋଇଛି । ୧୯୭୬-୭୭ କୃଷି ପରିସଂଖ୍ୟାନ ଅନୁସାରେ ରାଜ୍ୟର ମୋଟ ୩୬ ଲକ୍ଷ ଜୋତ ଜମି (Operational holding) ମଧ୍ୟରୁ ହାରାହାରି ୧୭ ଲକ୍ଷ ନାମ ମାତ୍ର (ଏକ ହେକ୍ଟରରୁ କମ୍) ଏବଂ ପ୍ରାୟ ୧୦ ଲକ୍ଷ ଛୋଟ ଚାଷୀ (ଏକ ହେକ୍ଟରରୁ ଦୁଇ ହେକ୍ଟର ମଧ୍ୟରେ) ଅର୍ଥାତ୍ ଶତକଡ଼ା ୭୫ ଭାଗ ଜୋତ ଜମି, ନାମମାତ୍ର ଏବଂ ଛୋଟ ଚାଷୀଙ୍କ ପାଖରେ ରହିଛି । ଏହି ସଂଖ୍ୟା କ୍ରମଶଃ ବୃଦ୍ଧି ପାଉଛି । ଉନ୍ନତ ଚାଷ ପ୍ରଣାଳୀ ଅବଲମ୍ବନ କରିବା ପାଇଁ, ଏହି ଶ୍ରେଣୀୟ ଚାଷୀ ପ୍ରାୟତଃ ବିବ୍ରତ । କାରଣ ଆମର ଶତକଡ଼ା ହାରାହାରି ୮୦ ଭାଗ ଜମିରେ ନିଶ୍ଚିତ ଜଳସେଚନ ବ୍ୟବସ୍ଥା ନାହିଁ । ଅନିଶ୍ଚିତ ମୌସୁମୀ ବର୍ଷାକୁ ନେଇ ଏଠାକାର ଚାଷୀ, ବ୍ୟୟ-ସାପେକ୍ଷ ଉନ୍ନତ ଚାଷ ପ୍ରଣାଳୀ ଅବଲମ୍ବନ କରିବା, ଅନେକ କ୍ଷେତ୍ରରେ ସମ୍ଭବ ହେଉନାହିଁ ।

ସଂପ୍ରତି ପଞ୍ଜାବର ଚାଷୀ ଗହମ ଏବଂ ଧାନ ଉତ୍ପାଦନରେ ଦେଶରେ ରେକର୍ଡ ସୃଷ୍ଟି କରିପାରିଛନ୍ତି । ଆମ ରାଜ୍ୟରେ ଏହା ସମ୍ଭବ ହେଉ ନାହିଁ କାହିଁକି ? ଏହାର ଏକ ବଡ଼ କାରଣ

ହେଲେ ସେଠାକାର ମାଟି, ପାଣି ତଥା ଜଳବାୟୁ ଆମ ରାଜ୍ୟଠାରୁ ସମ୍ପୂର୍ଣ୍ଣ ଭିନ୍ନ । ଆମର ମୁଖ୍ୟ ଫସଲ ଧାନ । ସାଧାରଣତଃ ବର୍ଷାଦିନେ ଏହା ଚାଷ କରାଯାଏ । ଜୁଲାଇରୁ ଅକ୍ଟୋବର ମାସ ମଧ୍ୟରେ ଆମେ ମାତ୍ର ୬୦ ଦିନ ଖରାପାଗ ପାଉଥିବା ବେଳେ, ପଞ୍ଜାବରେ ହାରାହାରି ୧୦୦ ଦିନ ଖରାପାଗ ରହେ । ସେଠାକାର ଚାଷୀ ନିଜ ନିୟନ୍ତ୍ରଣରେ ଜଳସେଚନ ବ୍ୟବସ୍ଥା କରିଥାନ୍ତି । ସର୍ବୋପରି, ପଞ୍ଜାବର ଜୋତଜମି (Holding) ଆକାରରେ ଖୁବ୍ ବଡ଼ ଓ ଏଥିପାଇଁ ପର୍ଯ୍ୟାପ୍ତ ପରିମାଣର ଆର୍ଥିକ ସୁବିଧା ମିଳୁଥିବାରୁ, ଯାନ୍ତ୍ରିକ ଚାଷ (Mechanised farming) କରିବା ସହଜ ହୁଏ । ତେଣୁ ପୋକ, ରୋଗ ବିହୀନ, ସୁସ୍ଥ ପରିବେଶରେ, ଚାଷୀ କମ୍ ଖର୍ଚ୍ଚରେ ଉନ୍ନତ ଚାଷ ପ୍ରଣାଳୀ ଅବଲମ୍ବନ କରି, ଅଧିକ ଅମଳ ପାଆନ୍ତି । ଅମଳ ପରବର୍ତ୍ତୀ ବ୍ୟାପକ ବିକ୍ରିବଟା ବ୍ୟବସ୍ଥା, ଚାଷୀକୁ ଆହୁରି ସହାୟକ ହୁଏ । ମାତ୍ର ଆମରାଜ୍ୟର ପ୍ରାକୃତିକ, ସାମାଜିକ ତଥା ଅର୍ଥନୈତିକ ପରିବେଶରେ ଏସମସ୍ତ ସୁବିଧା ଏକତ୍ର ପାଇବା, ପ୍ରାୟତଃ ଅସମ୍ଭବ । ଏହା ସତ୍ତ୍ୱେ ରାଜ୍ୟ ସରକାର କୃଷି ଓ କୃଷକର ଉନ୍ନତି ସାଧନ ଦିଗରେ କ୍ରମାଗତ ଉଦ୍ୟମ ଚଳାଇ ରଖିଛନ୍ତି ।

ବିଗତ ଶତାବ୍ଦୀର ଷଷ୍ଠ ଦଶକ, ରାଜ୍ୟ ତଥା ଦେଶର କୃଷି ଇତିହାସରେ ଏକ ସନ୍ଧିସନ୍ଧି ମୁହୂର୍ତ୍ତ । ୧୯୬୦ ମସିହା ଆରମ୍ଭରେ, ଦେଶରେ ଖାଦ୍ୟ ସମସ୍ୟା ଏତେ ଉତ୍କଟ ହୋଇପଡ଼ିଲା ଯେ, କୃଷି ଉତ୍ପାଦନ ବ୍ୟବସ୍ଥାରେ ଏକ ବୈପ୍ଳବିକ ପରିବର୍ତ୍ତନ ଦ୍ୱାରା, ଅବସ୍ଥାର ମୁକାବିଲା କରିବା ଦରକାର ହେଲା । ଏହି ସମୟରୁ ନୂତନ ଦିଗଦର୍ଶନର ଅଗ୍ରଦୂତ ଭାବେ, ପ୍ରଥମ କରି ଭାରତୀୟ କୃଷି କ୍ଷେତ୍ରରେ, ଅଧିକ ଅମଳକ୍ଷମ ବିହନ ବ୍ୟବହାର ଦ୍ୱାରା, ଉତ୍ପାଦନ ବୃଦ୍ଧି ପାଇଁ ପଦକ୍ଷେପ ନିଆଗଲା । ପରେ ପରେ ଏହି କାର୍ଯ୍ୟକ୍ରମର ସହାୟକ ଅଙ୍ଗଭାବେ ବହୁ ଫସଲି, ରିଲେ (Relay cropping) ଏବଂ ଅନ୍ତ ଫସଲ (Inter croop) ଚାଷ ଇତ୍ୟାଦି ପ୍ରୟୋଗ କରି, ସଘନ ଚାଷ ମାଧ୍ୟମରେ ଉତ୍ପାଦନ ବୃଦ୍ଧି ସାଙ୍ଗକୁ ଫସଲ ପର୍ଯ୍ୟାୟ (Cropping pattern) ରେ ମଧ୍ୟ ପରିବର୍ତ୍ତନ କରାଯାଇଛି ।

ଷଷ୍ଠ ଦଶକର ମଧ୍ୟ ଭାଗ ପର୍ଯ୍ୟନ୍ତ ଅଧିକ ଅମଳକ୍ଷମ ଫସଲ କାର୍ଯ୍ୟକ୍ରମ (High yielding Varieties programme) କେବଳ ଶସ୍ୟ ଜାତୀୟ ଯଥା—ଧାନ, ଗହମ, ମକା, ଜୋଆର ଇତ୍ୟାଦି ଫସଲ ପାଇଁ ଉଦ୍ଦିଷ୍ଟ ଥିଲା । ଫଳତଃ, ଚତୁର୍ଥ ଯୋଜନା ଆରମ୍ଭ ବେଳକୁ ରାଜ୍ୟରେ ନିମ୍ନ ଆୟତନର ଅଧିକ ଅମଳକ୍ଷମ ଫସଲ ଚାଷ ହେଉଥିଲା ।

| | | |
|---|---|---|
| ଧାନ | .. | ୧,୪୭,୦୦୦ ହେକ୍ଟର |
| ଗହମ | .. | ୪,୦୦୦ ହେକ୍ଟର |
| ମକା | .. | ୫,୦୦୦ ହେକ୍ଟର |
| ଜୋଆର | .. | ୧,୦୦୦ ହେକ୍ଟର |

ଓଡ଼ିଶାରେ ଏକ ପ୍ରବାଦ ଅଛି ଯେ, ଧାନ ଏବଂ ଦାରିଦ୍ର୍ୟ ଘନିଷ୍ଠ ଭାବେ ସଂପୃକ୍ତ । ଅର୍ଥାତ, ଯେଉଁ ଚାଷୀ ଯେତେବେଶୀ ଜମିରେ ଧାନ ଚାଷ କରେ, ସେ ସେତେ ଦାରିଦ୍ର୍ୟର ସମ୍ମୁଖୀନ ହୋଇଥାଏ । ଏହାର କାରଣ ହେଲା ଧାନ ଚାଷ ପାଇଁ ପ୍ରଚୁର ପାଣି ଦରକାର । ମାତ୍ର, ଆମର ଚାଷୀ ଜମିର ଚାହିଦା ବିଷୟରେ ନ ଜାଣି ଖାଲି, ଡିହ ସବୁ ଜମିରେ ଧାନଚାଷ କରେ । ବର୍ଷା ଅଭାବ ହେଲେ ଅମଳ କମେ କିମ୍ବା ଅତି ବର୍ଷା ହେଲେ ବନ୍ୟା ସହିତ ପୋକ, ରୋଗ ଲାଗି ଅମଳ କମେ । ଏଥିରେ ଖର୍ଚ୍ଚ ଅଧିକ ହୁଏ । ମାତ୍ର ଅମଳ ଆଶାନୁରୂପ ହୁଏ ନାହିଁ ।

ଏହି ପରିପ୍ରେକ୍ଷୀରେ ଷଷ୍ଠ ଦଶକର ଶେଷ ଆଡ଼କୁ ଡାଲି ଓ ତୈଳବୀଜ ଚାଷ କ୍ଷେତ୍ରରେ ଅଧିକ ଅମଳକ୍ଷମ ଫସଲ କାର୍ଯ୍ୟକ୍ରମ (H. Y. V. P.) ଲାଗୁହେଲା ଓ ଆଗୁଆ ପ୍ରଦର୍ଶନୀ ଯୋଜନା (Pilot Project Demonstration) ମାଧ୍ୟମରେ ଜଳସେଚିତ ଅଞ୍ଚଳର ଚାଷୀଙ୍କୁ ଉନ୍ନତ ଫସଲ ପର୍ଯ୍ୟାୟ ସଂପର୍କରେ ଶିକ୍ଷା ଦିଆଗଲା । ୧୯୭୦ ମସିହା ବେଳକୁ ଅଧିକ ଅମଳକ୍ଷମ ଗହମ, ସୋରିଷ, ଚିନାବାଦାମ ସାଧାରଣତଃ ଜଳସେଚିତ ଅଞ୍ଚଳର ବହୁ ଫସଲି ପର୍ଯ୍ୟାୟରେ ଧାନ ଭଳି ଲୋକପ୍ରିୟ ହେବାକୁ ଲାଗିଲା । ଚତୁର୍ଥ ଯୋଜନା ଶେଷ ସୁଦ୍ଧା ପ୍ରଥମ ଯୋଜନା ତୁଳନାରେ ଗହମ ଉତ୍ପାଦନ ପ୍ରାୟ ୨୮ ଗୁଣ ବଢ଼ି ୮୩ ହଜାର ମେଟ୍ରିକ ଟନ, ଡାଲି ଉତ୍ପାଦନ ଦୁଇଗୁଣ ବୃଦ୍ଧି ପାଇ ୪,୭୬,୦୦୦ ମେଟ୍ରିକ୍ ଟନ୍ ଏବଂ ତୈଳବୀଜ ଉତ୍ପାଦନ ଚାରିଗୁଣ ବଢ଼ି ୨,୪୬,୦୦୦ ମେଟ୍ରିକ ଟନ୍‌ରେ ପହଞ୍ଚିଲା ।

୫ମ ଯୋଜନାରେ ଗହମ ଉତ୍ପାଦନ ୧,୨୭,୦୦୦ ମେଟ୍ରିକ ଟନ୍‌ରେ, ଡାଲି ଉତ୍ପାଦନ ୬,୭୯,୦୦୦ ମେଟ୍ରିକ ଟନ୍‌ରେ ଏବଂ ତୈଳବୀଜ ଉତ୍ପାଦନ ୨,୮୪,୦୦୦ ମେଟ୍ରିକ ଟନ୍‌ରେ ପହଞ୍ଚିଲେ ମଧ୍ୟ ସର୍ବତ୍ର ଧାନ ଚାଷର ପ୍ରାଧାନ୍ୟ ରହିଥିଲା । ପାଣିପାଗ ଅନୁକୂଳ ରହିଲେ ରାଜ୍ୟର ଖାଦ୍ୟ ଶସ୍ୟ ଉତ୍ପାଦନ ମୋଟାମୋଟି ଚଳିଲା ଭଳି ହୁଏ । ମାତ୍ର ବଢ଼ି, ମରୁଡ଼ି ବା ଅନ୍ୟ ପ୍ରତିକୂଳ ଅବସ୍ଥାରେ ଫସଲ ଉତ୍ପାଦନ କମିଗଲେ ଆମକୁ କେନ୍ଦ୍ର ସରକାରଙ୍କ ଉପରେ ନିର୍ଭର କରିବାକୁ ପଡ଼େ । ୧୯୭୯-୮୦ ମସିହା ରାଜ୍ୟ ପାଇଁ ଏକ ଦୁର୍ଭାଗ୍ୟର ବର୍ଷ ବୋଲି କୁହାଯାଇପାରେ । ଉତ୍କଟ ମରୁଡ଼ି ଯୋଗୁ ସେ ବର୍ଷ କେବଳ ୩୮.୭୨ ଲକ୍ଷ ମେଟ୍ରିକ ଟନ୍ ଖାଦ୍ୟଶସ୍ୟ ଉତ୍ପାଦନ କରାଯାଇଥିଲା । ଧାନ ଉତ୍ପାଦନ ହାରାହାରି ଅଧାକୁ କମିଗଲା । ମାତ୍ର ବ୍ୟାପକ ମରୁଡ଼ି ସତ୍ତ୍ୱେ, ୩ଲକ୍ଷ ଟନ୍ ଡାଲି ଓ ୨.୪ଲକ୍ଷ ଟନ୍ ତୈଳବୀଜ ଉତ୍ପାଦନ ହୋଇଥିଲା । ସବୁଜ ବିପ୍ଳବର ଦ୍ୱିତୀୟ ଅଧ୍ୟାୟ ସୃଷ୍ଟିରେ ଏହାହିଁ ଥିଲା, ଏକ ସଫଳ ଦିଗ୍‌ଦର୍ଶନ । ମରୁଡ଼ିର ମୁକାବିଲା ଉଦ୍ଦେଶ୍ୟରେ ଏହି ସମୟରୁ ଧାନ ବଦଳରେ ଡାଲି ଓ ତୈଳବୀଜ ଚାଷ ଉପରେ ଅଧିକ ଗୁରୁତ୍ୱ ଦିଆଗଲା । ଦେଶୀ ଧାନ ବଦଳାଇ, ମଝିଆଣି ଓ ଖାଲ ଜମିମାନଙ୍କରେ ଅଧିକ ଅମଳକ୍ଷମ ଅପେକ୍ଷାକୃତ ସଫଳ ଅମଳ ହୋଇ ପାରୁଥିବା ଧାନ ବିହନ ବ୍ୟବହାରକୁ ବ୍ୟାପକ କରାଗଲା ।

ଏହା ପୂର୍ବରୁ ୧୯୭୭ ମସିହାରେ କୃଷି ସଂପ୍ରସାରଣ ବ୍ୟବସ୍ଥାର ଆମୂଳ ପରିବର୍ତ୍ତନ କରାଯାଇ ବିଶ୍ୱ ବ୍ୟାଙ୍କ ସହାୟତାରେ ନୂତନ ତାଲିମ ଓ ପରିଦର୍ଶନ ( (Training and Visit ) କାର୍ଯ୍ୟକ୍ରମ ରାଜ୍ୟରେ ଶୁରୁ କରାଯାଇଥିଲା । ଫଳରେ ଚାଷୀ ଏବଂ କୃଷି–ବିଜ୍ଞାନୀଙ୍କ ମଧ୍ୟରେ ରହି ଆସିଥିବା ବ୍ୟବଧାନ ଦୂରକରି ଏହି ବ୍ୟବସ୍ଥା ମାଧ୍ୟମରେ ଆଧୁନିକ ଜ୍ଞାନ କୌଶଳ ସିଧାସଳଖ ଚାଷୀଙ୍କୁ ଯୋଗାଇ ଦେବା ସହିତ



ହେଲା । ଏହା ସାଙ୍ଗକୁ ବିଶ୍ୱବ୍ୟାଙ୍କ ସହାୟତାରେ ଜଳ-ସେଚନ ବ୍ୟବସ୍ଥାର ଉନ୍ନତି, ଉନ୍ନତ କୃଷି ଉପକରଣ ( inputs ) ଯୋଗାଣର ସଂପ୍ରସାରଣ ଦ୍ୱାରା

୧୯୮୦–୮୧ ମସିହାରେ କୃଷି ଉତ୍ପାଦନରେ ଏକ ନୂତନ ରେକର୍ଡ ସୃଷ୍ଟି ହେଲା । ସେହି ବର୍ଷ ମୋଟ ୫୯·୭୭ ଲକ୍ଷ ଟନ୍ ଖାଦ୍ୟ ଶସ୍ୟ ଉତ୍ପାଦିତ ହୋଇଥିଲା ଓ ଡାଲି ତଥା



ତୈଳବୀଜ ଉତ୍ପାଦନ ଯଥାକ୍ରମେ ୮.୮୬ ଲକ୍ଷ ଟନ ଏବଂ ୪.୮୫ ଲକ୍ଷ ଟନ୍‌ରେ ପହଞ୍ଚିପାରିଥିଲା । ଦୀର୍ଘ ଦୁଇ ଦଶନ୍ଧି ଧରି ଶାଣ୍ ଭାବେ ପଡ଼ିରହିଥିବା କୃଷି-କ୍ଷେତ୍ର, ହଠାତ୍ ସେପରି ଗତିଶୀଳ ହୋଇ ଉଠିଲା । ଦୀର୍ଘ ଦିନ ଧରି ରାଜ୍ୟରେ ମୋଟ ୪୪ ଲକ୍ଷ ହେକ୍ଟର ଜମିରେ ଧାନ ଚାଷ କରାଯାଉଥିଲା ବେଳେ, ୧୯୮୦-୮୧ ମସିହାରେ ଏହାକୁ ୪୨ ଲକ୍ଷ ହେକ୍ଟରକୁ କମାଇ ଦିଆଯାଇଥିଲେ ମଧ୍ୟ ଧାନ ଫସଲର ହାରାହାରି ଉତ୍ପାଦନ ହେକ୍ଟର ପ୍ରତି ୧୦.୪୦ କ୍ୱିଣ୍ଟାଲକୁ ବୃଦ୍ଧି ପାଇବା ଫଳରେ ମୋଟ ୪୩ ଲକ୍ଷ ମେଟ୍ରିକ ଟନ୍ ଧାନ ଉତ୍ପାଦିତ ହେଲା । ଆଶଙ୍କାର ଅନ୍ଧକାର ମଧ୍ୟରେ ଆମ ପାଇଁ ଏହା ଥିଲା ପ୍ରଥମ ଆଲୋକ । ପରବର୍ତ୍ତୀ ବର୍ଷମାନଙ୍କରେ ରାଜ୍ୟର ଡିହ ଜମିରେ ଧାନ ବଦଳରେ ଡାଲି, ତୈଳବୀଜ, ମକା, ମାଣ୍ଡିଆ, ଝୁଣା ଇତ୍ୟାଦି ଚାଷ କରି ମାଲ୍ ମଟିଶଣ୍ଡି ଓ ଖାଲ ଜମିରେ ବ୍ୟାପକ ଭାବେ ଅଧିକ ଅମଳ କ୍ଷମ ଧାନ ଫସଲ ଚାଷ ପାଇଁ ବ୍ୟବସ୍ଥା କରାଯାଉଛି ।

୭.୮୩ ଲକ୍ଷ ଟନରେ, ଝୋଟ ଓ ମେସ୍ତା (ଗଣ୍ଠି) ଉତ୍ପାଦନ ୬.୬୫ ଲକ୍ଷ ଗେଣ୍ଡରେ ଏବଂ ଆଖୁ ଉତ୍ପାଦନ ୩.୭ ଲକ୍ଷ ଟନ୍ (ଗୁଡ଼) ପହଞ୍ଚି ପାରିଛି । ରାଜ୍ୟର ମୋଟ ଅଧିକ ଅମଳକ୍ଷମ ଧାନ ଏବଂ ଗହମ ଜମିର ଆୟତନ ଯଥାକ୍ରମେ ୧୪ ଲକ୍ଷ ୪୭ ହଜାର ହେକ୍ଟର ଓ ୭୭ ହଜାର ହେକ୍ଟର ହୋଇ ପାରିଛି । ବ୍ୟାପକ ଅଞ୍ଚଳରେ ସ୍ୱଳ୍ପ ସମ୍ପନ୍ନ ହୋଇ ପାରୁଥିବା ଅଧିକ ଅମଳକ୍ଷମ ଧାନ ଚାଷ କରାଯାଇପାରିଥିବାରୁ ଦୁଇ ଫସଲି ଏବଂ ବହୁ ଫସଲି ( Double and multiple cropping ) ପଦ୍ଧତି ଅନୁସରଣ ପାଇଁ ଅନୁକୂଳ ପରିବେଶ ସୃଷ୍ଟି ହେବା ସଙ୍ଗେ ସଙ୍ଗେ ଧାନ ଫସଲକୁ ସଫଳ ଭାବେ ବିଳମ୍ବରେ ଘଟୁଥିବା ମରୁଡ଼ି ( Late Drught )ରୁ ରକ୍ଷା କରାଯାଇ ପାରୁଛି । ଏହା ସାଙ୍ଗକୁ ସମତଳ ଅଞ୍ଚଳରେ ଡିହ ଓ ଅତଃ ଜିଲ୍ଲାମାନଙ୍କର ମାଳ ଜମିରେ ଅଧିକ ଅମଳକ୍ଷମ ଧାନ ଫସଲ ସହିତ ହରଡ଼ ଚିନାବାଦାମ ମିଶ୍ରିତ ଫସଲ ( Mixed crop ) ଭାବେ ଚାଷ



" ଅଧିକ ଅମଳକ୍ଷମ ଧାନ "

କ୍ଷୁଦ୍ର ଏବଂ ନାମ ମାତ୍ର ଚାଷୀଙ୍କୁ ଉନ୍ନତ ଚାଷ ପ୍ରଣାଳୀ ଅନୁସରଣ କରିବାରେ ସାହାଯ୍ୟ କରିବା ପାଇଁ ରାଜ୍ୟରେ ସ୍ୱତନ୍ତ୍ର ଧାନ ଉତ୍ପାଦନ ଯୋଜନା, ଜାତୀୟ ତୈଳବୀଜ ଉନ୍ନୟନ କାର୍ଯ୍ୟକ୍ରମ, ଡାଲିଜାତୀୟ ଫସଲ ଉନ୍ନୟନ କାର୍ଯ୍ୟକ୍ରମ ଇତ୍ୟାଦି ସ୍ୱତନ୍ତ୍ର ଯୋଜନାମାନ ମଧ୍ୟ ଶୁରୁ କରାଯାଉଛି । ୧୯୮୪-୮୫ ମସିହା ଶେଷ ସୁଦ୍ଧା ରାଜ୍ୟରେ ମୋଟ ୬୩.୭୬ ଲକ୍ଷ ଟନ ଖାଦ୍ୟ ଶସ୍ୟ ଉତ୍ପାଦିତ ହୋଇ ପାରିଛି । ସେଥି ମଧ୍ୟରୁ ୪୫.୭୬ ଲକ୍ଷ ଟନ ଧାନ ୧.୫୦ ଲକ୍ଷ ଟନ ଗହମ, ୬.୭୫ ଲକ୍ଷ ଟନ ଅନ୍ୟାନ୍ୟ ଶସ୍ୟ ଓ ୯.୭୫ ଲକ୍ଷ ଟନ ଡାଲି ଜାତୀୟ ଫସଲ । ଏହା ସାଙ୍ଗକୁ ତୈଳବୀଜ ଉତ୍ପାଦନ

କରାଯାଉଛି । ଦେଖା ଯାଉଛି ଯେ, ମରୁଡ଼ି ଜନିତ କ୍ଷୟ କ୍ଷତିର ଭରଣା ଦିଗରେ ଏହା ଏକ ପ୍ରକାର ବୀମା ଭଳି କୃଷକମାନଙ୍କୁ ସାହାଯ୍ୟ କରିପାରୁଛି ।

ଆମର ପ୍ରଧାନ ଫସଲ ଧାନ । ଏହାର ଉତ୍ପାଦନ ଉପରେ ମୁଖ୍ୟତଃ ଚାଷ ଓ ଚାଷୀର ଆର୍ଥିକ ସ୍ୱଚ୍ଛଳତା ନିର୍ଭର କରୁଥିବାରୁ, ୧୯୮୪ ମସିହାରୁ କେନ୍ଦ୍ରସରକାରଙ୍କ ସହାୟତାରେ ଏବେ ରାଜ୍ୟର ୬୩ଟି ବ୍ଲକରେ, ସ୍ୱତନ୍ତ୍ର ଧାନ ଉତ୍ପାଦନ ଯୋଜନା ( Special Rice Production Programme) କାର୍ଯ୍ୟକାରୀ କରାଯାଉଛି । କୃଷକମାନଙ୍କୁ ଆଧୁନିକ ଜ୍ଞାନ କୌଶଳ ଯୋଗାଇଦେବା ସଙ୍ଗେ ସଙ୍ଗେ ଉନ୍ନତ ବୁଣ ପାଇଁ

ଆବଶ୍ୟକ ହେଉଥିବା କୃଷି ଉପକରଣ ( Inputs ) ଯଥା:- ବିହନ, ସାର, ପୋକମରା ଔଷଧ, ଯନ୍ତ୍ରପାତି ଏବଂ କୃଷି ଋଣ ଇତ୍ୟାଦି ଯଥା ସମୟରେ ଚାଷୀର ଆବଶ୍ୟକତାକୁ ଦୃଷ୍ଟି ଯୋଗାଇଦେବା ଏହି ଯୋଜନାର ମୂଳ ଲକ୍ଷ୍ୟ । ଏହା ଫଳରେ ଜଳସେଚନ ସୁବିଧା ଓ ମାଟିର ଉର୍ବରତାକୁ ସର୍ବାଧିକ ଉପଯୋଗ କରି ଦୁଇ ଫସଲି ଅଥବା ବହୁ ଫସଲି ଚାଷ ଦ୍ୱାରା ବର୍ଷକ ମଧ୍ୟରେ ଏକାଧିକ ଫସଲ ଚାଷକୁ ମଧ୍ୟ ଉତ୍ସାହିତ କରାଯାଉଛି । ଚକବନ୍ଦି ଦ୍ୱାରା ଜୋତ ଜମିର ଏକୀକରଣ ( Consolidation ) ଏବଂ ଜଳସେଚନ ତଥା ଜଳ ନିଷ୍କାସନ ବ୍ୟବସ୍ଥାର ଉନ୍ନତି ଓ ପ୍ରସାର ହୋଇ ପାରିଲେ, ରାଜ୍ୟର କୃଷି ଉତ୍ପାଦନ ନିଶ୍ଚିତଭାବେ ବଢ଼ିବ ।

୧୯୮୫-୮୬ରୁ ରାଜ୍ୟରେ ଫସଲ ବୀମା ଯୋଜନା ( Crop Insurance Scheme ) କାର୍ଯ୍ୟକାରୀ ହେଉଛି । ଜଳସେଚନର ସୀମିତ ବ୍ୟବସ୍ଥା ମଧ୍ୟରେ ମରୁଡ଼ି ଓ ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହେବା ଓ ଉତ୍ପାଦନ ବୃଦ୍ଧି ପାଇଁ ଉନ୍ନତ ପ୍ରଣାଳୀ ଅବଲମ୍ବନରେ ଏହି ଯୋଜନା ଚାଷୀମାନଙ୍କର ସହାୟତା କରି ପାରିବ । । ଏସବୁ ସତ୍ତ୍ୱେ ଚାଷ ଓ ଚାଷୀର ସାମୁଦାୟିକ ଉନ୍ନତିପାଇଁ ନିମ୍ନ କେତୋଟି ପଦକ୍ଷେପ ଅତ୍ୟନ୍ତ ଜରୁରୀ ବୋଲି ମନେ ହୁଏ ।

୧-ଜନ ସଂଖ୍ୟା କମାଇବା ଦ୍ୱାରା ଜୋତ ଜମିର ବିଭାଜନ ରୋକିବା

୨-ଜୋତ ଜମି ଆକାର ( Holding Size ) ବୃଦ୍ଧି କରି ଆଧୁନିକ ଚାଷ ପ୍ରଣାଳୀ ଅବଲମ୍ବନ ପାଇଁ ସୁଯୋଗ ସୃଷ୍ଟି କରିବା ସଙ୍ଗେ ସଙ୍ଗେ, ଚାଷ ଉପରେ ଅଯଥା ଚାପ କମାଇ, କର୍ମଜୀବିମାନଙ୍କୁ ଅନ୍ୟତ୍ରନିଯୁକ୍ତିର ସୁଯୋଗ ଦେବା ।


୩-ଚାଷୀଙ୍କୁ ନିଜ ନିଜର ଜଳସେଚନ ବ୍ୟବସ୍ଥା ସୃଷ୍ଟି ପାଇଁ ଅଗ୍ରାଧିକାର ଭିତ୍ତିରେ ସୁଯୋଗ ଦେଇ, ନିୟନ୍ତ୍ରିତ ଜଳସେଚନ ବ୍ୟବସ୍ଥାକୁ ବ୍ୟାପକ କରିବା ।

୪-ଉତ୍ପାଦନ ପରବର୍ତ୍ତୀ ବିକ୍ରିବଟା, ସାଇତି ରଖିବା ଏବଂ କୃଷିଭିତ୍ତିକ ଶିଳ୍ପ ( Agro Indrustries ) ବ୍ୟବସ୍ଥାର ବ୍ୟାପକ ଉନ୍ନତି କରିବା

୫-ଚାଷୀ କେବଳ କୃଷି ( Agriculture ) ଉପରେ ନିର୍ଭର ନ କରି ବହୁବିଧ ଚାଷ ଯଥା:-ପନିପରିବା, ଫଳଚାଷ, ମାଛ, କୁକୁଡ଼ା, ଛେଳି, ଗୋ-ପାଳନ ଇତ୍ୟାଦ ମିଶ୍ରିତଭାବେ କରିବାକୁ ସାହାଯ୍ୟ ଯୋଗାଇଦେବା ।

୬-ଚାଷର ମୁଖ୍ୟ ଉପକରଣ ( Input ) ଯଥା:- ବିହନ, ସାର, ପାଣି, ଋଣ ଇତ୍ୟାଦିର ଆବଶ୍ୟକ ଏବଂ ସମୟ ଉପଯୋଗୀ ଯୋଗାଣପାଇଁ ସଂପୃକ୍ତ ବିଭାଗମାନଙ୍କ ମଧ୍ୟରେ ସହଯୋଗ ଓ ସମନ୍ୱୟ ବୃଦ୍ଧି କରିବା ।

କୃଷି ନିର୍ଦ୍ଦେଶକ, ଓଡ଼ିଶା, ଭୁବନେଶ୍ୱର



ଭୁବନେଶ୍ୱର ଟାଓ୍ୱାର୍ ପ୍ଲାଣ୍ଟ୍‌ରେ ରାଷ୍ଟ୍ରପତି ଓ ମୁଖ୍ୟମନ୍ତ୍ରୀ ....

# ସଫଳ କାହାଣୀ

ଶ୍ରୀ ଅଚ୍ୟୁତାନନ୍ଦ ଜେନା

## ● ସାବିତ୍ରୀ ଟ୍ରେଡ଼ର୍ସ ●

ପ୍ରଦୀପର ଜନ୍ମ କଟକ ଜିଲ୍ଲା ବରୀ ବ୍ଲକର ଏକ ଛୋଟିଆ ଗାଁରେ । ଗାଁ ଟିର ନାମ ଭାରି ନୂଆ ଗାଁ ! ସେଇ ଛୋଟ ପିଲଟି ସେ ଗାଁର ନାମ ରଖିଲା । ବାପ, ମାଆର ଟେକ ରଖିଲା । ପରିବାରର ୮ ଜଣଙ୍କ ଭରଣ ପୋଷଣ ଦାୟିତ୍ୱ ପ୍ରଦୀପ ଉପରେ ! ପାଦ ଦୁଇଟିରେ ସାମାନ୍ୟ ଅସାମଞ୍ଜସ୍ୟ ଥିଲେ ମଧ୍ୟ ସେ ଚଲାବୁଲା କରୁଛି । ସେ କୌଣସି କାର୍ଯ୍ୟ କରିବାକୁ ସେ ସମର୍ଥ । ବୟସ ତା'ର ୨୧ ହେବ । ବାପା, ମାଆ, ଗୋଟିଏ ଭାଇ, ଦୁଇ ଭଉଣୀ ସମସ୍ତଙ୍କର ଦାୟିତ୍ୱ ପ୍ରଦୀପ ଉପରେ । ତା ବାପା ଅବଶ୍ୟ କିଛି ରୋଜଗାର କରନ୍ତି । ଯାଜପୁର ରୋଡ଼ରେ ବେସରକାରୀ କାର୍ଯ୍ୟ କରନ୍ତି ଜମି ଯାହା ଅଛି ସେଇଥିରେ ତାଙ୍କର ୫ ମାସର ଖାଦ୍ୟ ଯାଏ । ସେ ସିନା କଲେଜ ପାଠ ଶେଷ କରି ପାରିଲା ନାହିଁ ! ଦୁଇଟି ଭାଇ ଓ ଦୁଇଟି ଭଉଣୀ ପଢ଼ିବେ । ତାଙ୍କର ଦରମା, ବହି ପତ୍ର, ଲୁଗା ସମସ୍ତ ବହନ କରିବାକୁ ହେବ ।

ପ୍ରଦୀପର ଭାବନାର ଶେଷ ନାହିଁ । ସେ କ'ଣ କରିବ ? ନିଜେ ପଢ଼ିବାକୁ ଶକ୍ତି ସାମର୍ଥ ନାହିଁ । ଭାଇ ଭଉଣୀଙ୍କୁ ନ ପଢ଼ାଇଲେ ସେ ଭଗବାନଙ୍କ ପାଖରେ ଦୋଷୀ ହେବ । ନିଜର ଗୋଡ଼ ଦୁଇଟି ଉପରେ ସଂପୂର୍ଣ୍ଣ ବିଶ୍ୱାସ ନାହିଁ । ହେଲେ ମନରେ ଅଦମ୍ୟ ସାହାସ, ହୃଦୟରେ ଶତ ସିଂହର ବଳ । ଏ କର୍ମ ମୁଖର ଦୁନିଆଁ ଓ ବୈଜ୍ଞାନିକ ଯୁଗରେ ତାକୁ ନୂଆ ପନ୍ଥା ଆବିଷ୍କାର କରିବାକୁ ହେବ । ସେ କିଛି ରୋଜଗାର କରିବ । ପରିବାରର କଲ୍ୟାଣସାଧନ ଲାଗି ତା' ଜୀବନ ସାର୍ଥକ ହେବ । ଆଖିରେ ନିଦ ନ ଥିଲା । ପ୍ରଦୀପର ଭଗବାନଙ୍କୁ ମନେ ମନେ ପ୍ରଣତି ଜଣାଉଥାଏ । ଗୋଟିଏ ନୂଆ ପନ୍ଥା ପାଇଁ ଈଶ୍ୱର ତାର ଡାକ ଶୁଣିଲେ ।

ସମାଜରୁ ଦାରିଦ୍ର୍ୟ ଘୁଞ୍ଚାଇବା ଲାଗି ସରକାର ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଛନ୍ତି । ଆତ୍ମ ନିଯୁକ୍ତି ଯୋଜନାରେ କଟକ ଜିଲ୍ଲା ଶିଳ୍ପ କେନ୍ଦ୍ରଙ୍କ ଭାରତୀୟ ବ୍ୟାଙ୍କ, ବାଲିଆ, ଜରିଆରେ ଋଣ ପାଇଲା ପ୍ରଦୀପ । ଟ ୨୧,୫୦୦ ଋଣ ତାର ମଞ୍ଜୁର ହେଲା । ଘରଭଡ଼ା ଓ ବିଜୁଳି ଆଲୁଅ ପାଇଁ ଟ ୩,୦୦୦ଙ୍କା ବ୍ୟାଙ୍କ କାଟି ରଖିଲେ ନଗଦ ସେ ଟ ୧୮,୫୦୦ ଙ୍କା ବ୍ୟାଙ୍କରୁ ପାଇଲେ । ରିହାତି ମିଳିବ ଶତକଡ଼ା ୩୦ ପରସେଣ୍ଟ । ଏଇ ପାଞ୍ଚ ମାସ ଭିତରେ ସେ ଟ ୧,୦୦୦ଙ୍କା ସୁଝି ସାରିଲେଣି ।

ପ୍ରଦୀପ ଯେଉଁ ଟଙ୍କା ପାଇଲା ତହିଁରେ ଦୁଇଟି ଉଷା ସିଲେଇ ମେସିନ , ର୍ୟାକ , ଚେୟାର, କପଡ଼ା ସିଲେଇ ସରଞ୍ଜାମ ଇତ୍ୟାଦି କିଣିଲା । ଜଣେ କାରିଗରଙ୍କୁ ନିଯୁକ୍ତି ଦେଲା । ପ୍ରଦୀପ ତାର କାରିଗର ସାହାଯ୍ୟରେ ବ୍ୟାଗ, ଟେପ, ଚଡ଼ି, ବ୍ଲାଉଜ, ସାୟା, ଫୁଲ ପ୍ୟାଣ୍ଟ, ଗଦି, ରେକ୍ସେଇ, ତକିଆ ପ୍ରଭୃତି ତିଆରି କରି ତାହା ବଜାରରେ ବିକ୍ରୟ ପାଇଁ ପଠାଉଛି । ଫୁଲ୍ ପ୍ୟାଣ୍ଟ ଓ ସାର୍ଟ ଇତ୍ୟାଦି ପାଇଁ ସେ ମଧ୍ୟ ବାହାରୁ ଅର୍ଡର ପାଉଛି ଓ ତଦନୁସାରେ କାର୍ଯ୍ୟ ସଂପାଦନ କରିପାରୁଛି ।

ପ୍ରଦୀପ ଦୋକାନର ନାମ "ସାବିତ୍ରୀ ଟ୍ରେଡ଼ର୍ସ" (SABITRI TRADERS) ତା'ର ପରମ ପୂଜନୀୟା ମାଆ ନାମରେ ନାମିତ ହୋଇଛି ଏହି ଦୋକାନଟି । ପାଞ୍ଚ, ଛଅ ମାସର ଏହି ଦୋକାନଟି ଆଜି କର୍ମ ମୁଖର । ନୂତନ ପୁଲକ, ନୂତନ ଉତ୍ସାହ ନେଇ ସେ ଆଗେଇ ଚାଲିଛି, ଏଇ ଶିଶୁ ଅନୁଷ୍ଠାନଟିକୁ ଭରସା କରି । ମୁଁହରେ ଆଜି ହସର ଜୁଆର । ମାସରେ ଖୁବ୍ କମ୍‌ରେ ସେ ଟ ୫୦୦ ଙ୍କା ରୁ ଟ ୬୦୦ଙ୍କା ଭିତରେ ପାଉଛି ।

କାଲି ଓ ଆଜିର ମଧ୍ୟରେ କେତେ ତଫାତ । ଗୀତାର ବାଣୀକୁ ସେ ସାର୍ଥକ କରିଛି । "କର୍ମ ବଳରେ ମଣିଷ ତାର ଅର୍ଥନୈତିକ ଗତିକୁ ବଦଳାଇ ଦେଇପାରେ । ଏହାହିଁ ପ୍ରମାଣ କରିଛି ଛୋଟା ପ୍ରଦୀପ । ସେ ପ୍ରତିଜ୍ଞା କରିଛି ଭଗବାନଙ୍କ ପାଖରେ ଓ ତା'ର ସ୍ନେହମୟୀ ଜନନୀଙ୍କ ନିକଟରେ । ସେ ସତ୍ୟ ଓ ଧର୍ମ ପଥରେ ରହି ମାଆର ନାମ ସାର୍ଥକ କରିବ । ବ୍ୟାଙ୍କର ଋଣ ଆସ୍ତେ ଆସ୍ତେ ପରିଶୋଧ କରିବ । ଭଲ ଜିନିଷ ତିଆରି କରି ବଜାରକୁ ଛାଡ଼ିବ ଓ ପରିବାରର କଲ୍ୟାଣ ସାଧନ କରିବ ।

ସୂଚନା ଓ ଲୋକ ସଂପର୍କ ଅଧିକାରୀ, ଯାଜପୁର

# ଆତ୍ମ ବିଶ୍ୱାସର ପ୍ରତୀକ : ବିଶ୍ୱନାଥ

ଶ୍ରୀ ଗୌରୀଶଙ୍କର ମହାପାତ୍ର

ସମୁଦ୍ର ମନ୍ଥନରୁ ନିର୍ଗତ ଗରଳ ପାନ କରି ବିଶ୍ୱନାଥ ହୋଇଥିଲେ ନୀଳକଣ୍ଠ । ଗଂଜାମ ଜିଲ୍ଲା ବୁଗୁଡ଼ା ପଞ୍ଚାୟତ ସମିତି ଅନ୍ତର୍ଗତ ଗୋଳିଆ ଗ୍ରାମର ବିଶ୍ୱନାଥ ସାହୁ କିନ୍ତୁ ସାଂସାରିକ ଜଞ୍ଜାଳ ଗରଳ ପ୍ରଭାବରେ ହୋଇଗଲେ ମୁମୂର୍ଷୁ । ତାଙ୍କର ଜୀବନ ଥିଲା ମୃତ୍ୟୁ"ଠାରୁ ବିଭିଷିକାମୟ; ଜୀବନ ନୁହେଁ ସେ ଜୀବନ୍ତ ମରଣ ।"

୪୬ ବର୍ଷ ବୟସ ଶ୍ରୀ ସାହୁ ପ୍ରାୟ ୧୦ ବର୍ଷ ତଳେ ହଠାତ୍ ଦୃଷ୍ଟି ଶକ୍ତି ହୀନ ହୋଇ ଗଲେ । ୩ ଟି ଝିଅ, ଗୋଟିଏ ପୁଅ ଏବଂ ସ୍ତ୍ରୀକୁ ନେଇ ୬ ଜଣ ବିଶିଷ୍ଟ ପରିବାରର ପରିପୋଷଣ କିପରି କରିବେ, ଏହା ଥିଲା ତାଙ୍କର ଚିନ୍ତାର ବିଷୟ ।

ବିଶ୍ୱନାଥ ଜାତିରେ ଶୁଣ୍ଢି । ତାଙ୍କର ପରିବାରର ଲୋକେ ପୂର୍ବେ ମାଦକ ଦ୍ରବ୍ୟ ବ୍ୟବସାୟ କରୁଥିଲେ ମଧ୍ୟ ଗାଁ ଲୋକଙ୍କର ପରାମର୍ଶରେ ସେ ମଦ ବ୍ୟବସାୟ ପ୍ରତି ମନ ନ ଦେଇ ନିଜର ଘର ବାରଣ୍ଡାରେ ଖୋଲିଲେ ଏକ ଛୋଟ କିରାଣି ଦୋକାନ, ଛୋଟ ମଫସଲର ଗାଁ । କେତେବା ବିକ୍ରି ହେବ, ଲାଭ ବା ହେବ କେତେ ? ଆର୍ଥିକ ଦୂରବସ୍ଥାକୁ ନେଇ ଦରିଦ୍ର ପଞ୍ଚାକ୍ଷର ମନ୍ତ୍ର ଜପ କରିବା ବ୍ୟତୀତ ତାଙ୍କର ଅନ୍ୟ ଉପାୟ ବା କ'ଣ ଥିଲା ?

ତାଙ୍କର ଇଚ୍ଛାଥିଲା ପିଲାଏ ପାଠ ପଢ଼ିବେ, ଭବିଷ୍ୟତରେ ବଡ଼ ହେବେ ; କିନ୍ତୁ ହାୟ, ମଣିଷ ଯାହା ଚାହେଁ ତାକୁ କ'ଣ ତାହା ମିଳେ । ଅଭାବ ଯୋଗୁଁ ବଡ଼ ଝିଅ ଅଷ୍ଟମ ଶ୍ରେଣୀରୁ ପାଠ ଛାଡ଼ିଲା । ଆର୍ଥିକ ଦୁଃସ୍ଥତା ଓ ବୁଭୁକ୍ଷା ମଧ୍ୟରେ ତିଳ ତିଳ ହୋଇ ସଢ଼ୁଥିବା ବେଳେ ହଠାତ୍ ଈଶ୍ୱର ଙ୍କ ଆଶୀର୍ବାଦ ପରି ଏହି ପରିବାରର ଅବସ୍ଥାରେ ଦେଖାଦେଲା ବିରାଟ ପରିବର୍ତ୍ତନ ।

ଆଜି ମଧ୍ୟ ବିଶ୍ୱନାଥଙ୍କର ମନେ ଅଛି । ୧୯୮୨-୮୩ ଆର୍ଥିକ ବର୍ଷ ମଧ୍ୟରେ ତାଙ୍କ ଗାଁର ଆଉ ୯ଜଣଙ୍କ ସହ ସେ ମନୋନିତ ହେଲେ ଗ୍ରାମବାସୀଙ୍କ ଦ୍ୱାରା ଗ୍ରାମ୍ୟ ଦରିଦ୍ରତମ ଲୋକଙ୍କର ଅର୍ଥନୈତିକ ପୁନର୍ବସତି ଯୋଜନାରେ ସାହାଯ୍ୟ ପାଇଁ ବହୁ ଚିନ୍ତା ପରେ ସେ ଦୁଧିଆଳୀ ଗାଈ ରଖିବାକୁ ସ୍ଥିର କଲେ ।

ବିରିଞ୍ଚିପଡ଼ା ଶାସନର ଋଷିକୁଲ୍ୟା ଗ୍ରାମ୍ୟ ବ୍ୟାଙ୍କରୁ ଋଣ ଓ ରାଜ୍ୟ ସରକାରଙ୍କ ନିକଟରୁ ଆର୍ଥିକ ସାହାଯ୍ୟ ନେଇ ସେ ପ୍ରଥମ ବର୍ଷ ଗୋଟିଏ ଦୁଧିଆଳୀ ଜର୍ସିଗାଈ ଓ ବାଛୁରୀ କିଣିଲେ । ତା' ପର ବର୍ଷ ଆଉ ଗୋଟିଏ ଗାଈ ଓ ବାଛୁରୀ ମଧ୍ୟ ତାଙ୍କୁ ଯୋଗାଇ ଦିଆଗଲା । ସମୁଦାୟ ଖର୍ଚ୍ଚ ଟ୮,୦୦୦ ମଧ୍ୟରୁ ଟ୬,୦୦୦ ସରକାରୀ ସାହାଯ୍ୟ ମିଳିଲା ।

ବର୍ତ୍ତମାନ ଶ୍ରୀ ସାହୁଙ୍କର ପରିବାର ପାଇଁ ଆଉ ବୁଭୁକ୍ଷାର ତାଡ଼ନା ନାହିଁ । ଟ ୨,୦୦୦ ଋଣ ମଧ୍ୟରୁ ସେ ଏ ଭିତରେ ଟ ୧,୯୦୦ ଶୁଝି ସାରିଲେଣି । ଆଜି ତାଙ୍କ ଘରେ ୫ଟି ଗାଈ ବାଛୁରୀ । ଟ ୧୮୦୦ ରେ ସେ ହଳେ ଗାଈ ବାଛୁରୀ ବିକି ସାରିଛନ୍ତି । ପ୍ରତିଦିନ ଟ ୩୦, ଟ ୩୫ ର କ୍ଷୀର ବିକ୍ରି ହେଉଛି । ଗାଈ ଦାନା ଖର୍ଚ୍ଚ ଯାଇ ଅତିକମ୍‌ରେ ଦୈନିକ ଲାଭର ପରିମାଣ ଟ ୧୫ରୁ ଟ ୨୦ । ନିଜର ଲାଭ ଟଙ୍କା ଓ ପ୍ରାୟ ଟ ୪,୦୦୦ ଋଣ ଆଣି ସେ ଗୋଟିଏ ଛୋଟ ପକ୍‌କା ଘର କରିଛନ୍ତି । ପୁଅ ନବମ ଶ୍ରେଣୀରେ ପାଠ ପଢ଼ୁଛି । ଆଜି ତାଙ୍କ ମନରେ ବଳିଷ୍ଠ ଆତ୍ମ ବିଶ୍ୱାସ ।

ସଂଧ୍ୟାବେଳେ ପିଲାମାନଙ୍କଠାରୁ ଭାଗବତ ଶୁଣିଲା ବେଳେ ଅନ୍ଧ ବିଶ୍ୱନାଥଙ୍କ ଆଖିରୁ ଝରି ଯାଏ ଦୁଇ ଧାର ଲୁହ । ସେ ଆନନ୍ଦର ଲୁହ । ଭଗବାନ ତଥା ଓଡ଼ିଶା ସରକାରଙ୍କ ପ୍ରତି କୃତଜ୍ଞତାରେ ତାଙ୍କର ଅନ୍ତର ପୁରି ଉଠେ ।

ସୂଚନା ଓ ଲୋକ ସଂପର୍କ ଅଧିକାରୀ, ଗଞ୍ଜାମ

# ଆଖି ନାହିଁ ଧନ ନାହିଁ...

ଶ୍ରୀ ଦେବେନ୍ଦ୍ର ନାଥ ଦତ୍ତ

ସନ୍ଧ୍ୟା ସମୟରେ ଗାଁ ଦାଣ୍ଡରେ ଅନ୍ଧଲୋକଟିଏ ଘରକୁ ଫେରୁ ଥିଲା । ଗାଁ ଦାଣ୍ଡରେ ଛୋଟ ଛୋଟ ପୁଅ ଝିଅମାନେ ଅନ୍ଧପୁତୁଳୀ ଖେଳ ଖେଳୁଥିଲେ । ଯେଉଁ ପିଲା ଆଖିରେ ଅନ୍ଧ ପୁତୁଳୀ ବନ୍ଧା ହୋଇଥିଲା ସେ ପକ୍କୀ ସ୍ୱରରେ ଗୀତ ବୋଲୁଥିଲା ।

"ଆଖିନାହିଁ କାନ ନାହିଁ
ବାଜି ଗଲେ ଦୋଷ ନାହିଁ" ।

ଅନ୍ଧ ଲୋକଟିଏ ଖେଳ ପାଖରେ ଠିଆ ହୋଇଥିଲା । କହିଲା ଆଉ ଗୋଟିଏ ପଦ ଯୋଡରେ ପିଲାମାନେ—

"ଆଖି ନାହିଁ ଧନ ନାହିଁ
ସରକାର ଥିଲେ ଦୁଃଖ ନାହିଁ । "

ଏହି ପଦଟି ଶୁଣି ମୋ ମନରେ ଆଗ୍ରହ ଆସିଲା ସେହି ପଦକ ସଂପର୍କରେ ଜାଣିବା ପାଇଁ । ତାକୁ ପଚାରିଲି ହଇ ହୋ ବାବୁ ଏ ପଦର ଉଦ୍ଦେଶ୍ୟ କଣ ? ସେ କହିଲା ବାବୁ ଏହା ସହିତ ମୋର ଜୀବନର ବିକାଶ ଜଡ଼ିତ । ସେ ତା'ର ଜୀବନ ଇତିହାସ ଆରମ୍ଭ କଲା ।

ଅନ୍ଧ ହେଲେ ବି …



ଚଂପୁଆ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଚଂପୁଆ ଗ୍ରାମରେ ଏକ ଦରିଦ୍ର ମାହୁରୀ ପରିବାରରେ ୧୯୫୬ ମସିହାରେ ତାର ଜନ୍ମ । ଜନ୍ମ ପରଠାରୁ ତା' ଭାଗ୍ୟରେ ଈଶ୍ୱରଙ୍କର ଏ ସୁନ୍ଦର ସୃଷ୍ଟିକୁ ଦେଖିବାର ସୌଭାଗ୍ୟ ପାଇ ନାହିଁ । ପିତାଙ୍କର ନାମ ଶ୍ରୀ କିଶନ ରାମ । ବାଲ୍ୟାବସ୍ଥାରେ ପିତାଙ୍କର ମୃତ୍ୟୁ ହେଲା । ପ୍ରଥମରେ ସେ ଅନ୍ଧ ପୁଣି ଗରିବ । ବୁଢ଼ୀ ମାକୁ ନେଇ ବୃନ୍ଦାବନ । ତାର ଦେଇ ଲୁଣ ସଂସାରକୁ ଚଳାଇବା ପାଇଁ ଅକ୍ଷମ । ମା ଦେହରେ ବଳ ଥିବା ପର୍ଯ୍ୟନ୍ତ ସେ କୌଣସି ପ୍ରକାରେ ତାର ସଂସାରକୁ ଚଳାଇ ନେଉଥିଲା । ଦେହରୁ ବଳ ହଟିଗଲା । ମା ଆଉ ପାରିଲାନି । ଘରେ ଚଳ ପ୍ରଚଳ ହେବାକୁ ମଧ୍ୟ ବଳ ପାଇଲାନି । ବୃନ୍ଦାବନର ମୁଣ୍ଡରେ ଅକାଳ ଚଡ଼କ ପଡ଼ିଲା । ଦୁନିଆଁରେ କେମିତି ବଞ୍ଚି ରହିବ, ଏହି ଚିନ୍ତାରେ ସେ ଭାଙ୍ଗି ପଡୁଥାଏ । ସେ ରୋଜଗାରର ପନ୍ଥା ପାଇଲାନି । ହାତରେ ଧନ ନାହିଁ ଯେ କୌଣସି ଗୋଟିଏ ବ୍ୟବସାୟ କରିବ ।

ବୃନ୍ଦାବନ କହେ ୧୯୮୩ ମସିହା ମାର୍ଚ୍ଚ ମାସଟି ତା ପକ୍ଷରେ ଏକ ସୌଭାଗ୍ୟର ମାସ । ସେ ଖବର ପାଇଲା ଯେ ରାଜ୍ୟ ସରକାର ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଲୋକମାନଙ୍କୁ ଆର୍ଥିକ ସାହାଯ୍ୟ ଦେଉଛନ୍ତି । ଚଂପୁଆର ସରପଞ୍ଚ ତାକୁ ଏହି ଆର୍ଥିକ ସାହାୟତା ପାଇବାରେ ସାହାଯ୍ୟ କଲେ । ୧୯୮୩ ମାର୍ଚ୍ଚମାସରେ ତାକୁ ଇ. ଆର. ଆର. ପି. ଯୋଜନା ମାଧ୍ୟମରେ ଟ ୩,୦୦୦ଙ୍କା ବ୍ୟାଙ୍କ ଋଣ ମିଳିଲା । ସେଥି-ମଧ୍ୟରୁ ଟ ୨,୨୫୦ଙ୍କା ରିହାତି ମିଳିଲା । ତାକୁ ମାତ୍ର ଟ ୭୫୦ଙ୍କା ବ୍ୟାଙ୍କକୁ ପରିଶୋଧ କରିବାକୁ ପଡ଼ିଲା । ଟ ୧,୬୦୦ଙ୍କାରେ ଗୋଟିଏ କାଠ କ୍ୟାବିନ କଲା । କଚେରୀ ଛକରେ ପାନ ସିଗାରେଟର ଗୋଟିଏ ଦୋକାନ ଖୋଲିଲା । ପରେ ପରେ ସାଦା କାଗଜ, ପେନ୍‌ସିଲ ଓ ଖାତା ଇତ୍ୟାଦି ରଖିଲା । ତାର ହାତ ଭଙ୍ଗା ପାନ ଏତେ ସୁଆଦିଆ ଯେ ସବୁବେଳେ ସେଠାରେ ଗରାଖଙ୍କ ଭିଡ ଲାଗି ରହିଥାଏ । ଦୋକାନରୁ ଦୈନିକ ୪୫ ଟଙ୍କାରୁ ଅଧିକ ବିକ୍ରି ହେଉଥିଲା ।

ଏହା ମଧ୍ୟରେ ସେ ବ୍ୟାଙ୍କ ଋଣ ପରିଶୋଧ କରି ସାରିଛନ୍ତି । ନିଜର ବାସଗୃହ ନଥିବା ଯୋଗୁଁ ଗୋଟିଏ ଘର ନିର୍ମାଣ ପାଇଁ ସେ ପ୍ରସ୍ତୁତ ହେଉଛନ୍ତି । ଏହା କହିସାରି ସେ ଦୁଇ ହାତ ଯୋଡ଼ି ଜଗତର ଈଶ୍ୱର ଓ ତାକୁ ସାହାଯ୍ୟ କରିଥିବା ବ୍ୟକ୍ତିଙ୍କ ଉଦ୍ଦେଶ୍ୟରେ ପ୍ରଣତି ଜଣାଇଲା ।

ଉପଖଣ୍ଡ ସୂଚନା ଓ ଲୋକ ସଂପର୍କ ଅଧିକାରୀ, ଚମ୍ପୁଆ

## ବିଭୂତିଙ୍କ ପାନ ଦୋକାନ...

ଶ୍ରୀ ବିବେକାନନ୍ଦ ମିଶ୍ର

ଶ୍ରୀ ବିଭୂତି ଭୂଷଣ ସାବତ, କୋରାପୁଟ ଜିଲ୍ଲାର ଶିମିଳିଗୁଡ଼ା ବ୍ଲକ୍ ସଦର ମହକୁମାଠାରେ ଏକ ପାନ ଓ ମନୋହରୀ ଦୋକାନ ଖୋଲି ଦିନକୁ ପ୍ରାୟ ହାରାହାରି ୧୫୦ ଟଙ୍କା ବିକ୍ରୀ କରନ୍ତି । ସେ ଜଣେ ବିକଳାଙ୍ଗ ବ୍ୟକ୍ତି ହୋଇଥିବାରୁ, ଗତ ତା୧୭-୮-୧୯୮୪ରେ କୋରାପୁଟ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ତାଙ୍କରି ନାମରେ



୨୦୦୦'୦୦ ଟଙ୍କା ମଂଜୁର କରିଥିଲେ । ଏହି ବାବଦରେ ସେ ୫୦୦'୦୦ ଟଙ୍କା ଛାଡ଼ ପାଇ ବଳକା ୧୫୦୦'୦୦ ଟଙ୍କା ପରିଶୋଧ କରିବା କଥା । ବର୍ତ୍ତମାନ ପ୍ରାୟ ୧,୦୦୦'୦୦ ଟଙ୍କା ଯାଏଁ ପରିଶୋଧ କରି ସାରିଲେଣି ଏବଂ ନିଜର ବୃଦ୍ଧ ବାପ ଓ ମା'ଙ୍କୁ ସେ ଏହି ରୋଜଗାରରୁ ପରିପୋଷଣ କରିବା ସଙ୍ଗେ ସଙ୍ଗେ, ବ୍ୟବସାୟର ଉତରୋତର ଉନ୍ନତି କରିବାରେ ଲାଗିଛନ୍ତି । ଏଥିପାଇଁ ସୁନାବେଡ଼ାସ୍ଥିତ ଆଲହାବାଦ ବ୍ୟାଙ୍କ ତରଫରୁ ଅର୍ଥ ଯୋଗାଇ ଦିଆ ଯାଉଥିଲା । ବଳକା ଋଣ ପରିଶୋଧ କରି ଆଉ ଏକ ଋଣ ପାଇଁ ସେ ଦରଖାସ୍ତ କରି, ବ୍ୟବସାୟକୁ ଅଧିକରୁ ଅଧିକ ବୃଦ୍ଧି କରିବା ସଙ୍ଗେ ସଙ୍ଗେ ନିଜର ଏକ ବାସଗୃହ ନିର୍ମାଣପାଇଁ ମଧ୍ୟ ଚେଷ୍ଟା ଚଳାଇଛନ୍ତି ।

ବିକଳାଙ୍ଗ ହୋଇ ମଧ୍ୟ ସମାଜ ଉପରେ ବୋଝ ନହୋଇ ସେ ଆଦରର ସହ ନିଜକୁ ବ୍ୟବସାୟରେ ସାମିଲ କରାଇ ନିଜର ସଂସାର ଚଳାଇବାରେ ବ୍ୟସ୍ତ ଅଛନ୍ତି ।

ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ
କୋରାପୁଟ

## ସ୍ମୃତିଓ ନୀଳକମଳ

ଶ୍ରୀ ଅଚ୍ୟୁତାନନ୍ଦ ଜେନା

ଯାଜପୁର ସବ୍‌ଡିଭିଜନର, ବରୀ ବ୍ଲକରେ ରାମଚନ୍ଦ୍ରପୁର ଗ୍ରାମରେ ଜନ୍ମ ଲାଭ କରିଥିଲେ ବୀରବାବୁ । ନାଁଟି ଯେପରି ବୀର, କାମରେ ମଧ ସେହିପରି । ନାମ ସହିତ କାର୍ଯ୍ୟର ସାମଞ୍ଜସ୍ୟ ରଖି ବାପା ମାଆ ନାମ ଦେଇଥିଲେ ବୀର କିଶୋର । ସାତଜଣ ପ୍ରାଣୀଙ୍କୁ ନେଇ ବୀରକିଶୋରଙ୍କ ପରିବାର । ଜମିବାଡ଼ି ଯାହାଥିଲା କୌଣସି ପ୍ରକାର ଗୁଜରାଣ ମେଣ୍ଟୁଥିଏ । ୧୯୬୭ ମସିହାରେ ବୀର ବାବୁ ବି. ଏ. ପାଶ କଲେ । ଚାକିରି ପ୍ରତି ତାଙ୍କର ବିତୃଷ୍ଣା ଭାବ ରହିଥିଲା । କେତେ ଦରମା ବା ସେ ପାଇବେ । ଖୁବ୍ ବେଶୀ ହେଲେ କିରାଣୀଟିଏ ...

ମାଷ୍ଟର ସର୍ଟିଫିକେଟିଏ ମିଳିବ । ଦରମା ମିଳିଲେ ଟ୭୦୦)ରୁ ୮୦୦)ଯାଏ ମିଳିବ । ତାହା ମିଳିବା ମଧ୍ୟ କଷ୍ଟ ସାଧ୍ୟ । କାମରେ ପରାଧୀନ । ଯେଉଁ ବ୍ୟକ୍ତି ସ୍ୱାଧୀନତା ଚାହେଁ, ସେ କ'ଣ କେଉଁଠି ବାନ୍ଧି ହୋଇ ରହିପାରିବ ? ଚାକିରି ନକଲେ ଏ ସଂସାର କ୍ଷେତ୍ରରେ କିପରି ସେ ବଞ୍ଚିବ ? ସେ ତ ପାଠ ପଢ଼ିଛି । ସରକାରଙ୍କର ବିଭିନ୍ନ ଯୋଜନା ସଂପର୍କରେ ତା'ର ଧାରଣା ଅଛି । ୧୯୮୨-୮୩ରେ ଆତ୍ମ ନିଯୁକ୍ତି ଯୋଜନାରେ ସେ ଟ୨୩,୫୦୦ ଋଣ ପାଇଲା । ୨୫%ଭାଗ ଛାଡ଼ ମିଳିଲା । ସମସ୍ତ ଟଙ୍କା ସେ ତା ଷ୍ଟୁଡ଼ିଓରେ ଖର୍ଚ୍ଚ କଲା । ଘରଟିର ପରିବର୍ତ୍ତନ, ବିଭିନ୍ନ କାମର ଚିତ୍ର ଓ ଫଟୋ ସଂପର୍କିତ ଅନ୍ୟାନ୍ୟ ସମସ୍ତ ସରଞ୍ଜାମ କିଣି ଆଣିଲା । ଦୁର୍ବାର ମନୋରଥର ଅୟମାରମ୍ଭ ହେଲା । ସ୍ୱାଧୀନ ଚେତନା ଓ ସ୍ୱାଧୀନ ମନଦେଇ ସେ ବଞ୍ଚିବାକୁ ଚାହେଁ କର୍ମ ମୁଖର ଦୁନିଆଁରେ । ସେ ଚାହେଁ ଏ ଜୀବନକୁ ବିକଶିତ କରିବ । ମୁକୁଳିତ ପଲ୍ଲବିତ ଓ ପୁଷ୍ପିତ ହେବ ତାର ଜୀବନ । ସେ ଜଗତକୁ ଦେଖାଇ ଦେବ ନିଷ୍ଠା, ଚେଷ୍ଟା, କର୍ମ ପ୍ରବଣତା ବଳରେ ମଣିଷ, ନିଜ ଗୋଡ଼ରେ ମଣିଷ ପରି ଠିଆ ହୋଇ ପାରେ ।

ବୀର କିଶୋର ଜୀବନ ଆଜି ସାର୍ଥକ ହୋଇଛି । ରାମଚନ୍ଦ୍ରପୁର ଠାରେ ଯେଉଁ 'ନୀଳକମଳ ଷ୍ଟୁଡ଼ିଓ' ଠିଆହୋଇଛି ସେଠାରେ ସେ ଫଟୋ ନେଉଛନ୍ତି । ଏହା ବ୍ୟତୀତ ସେ ବାହାର ଡ଼ାକରାରେ ମଧ୍ୟ ଫଟୋ ଉଠାଇବାପାଇଁ ଯାଉଛନ୍ତି । ବିଭିନ୍ନ ଡ଼ିଜାଇନ୍‌ର ଫଟୋ ତିଆରି କରିପାରୁଛନ୍ତି । ବର୍ତ୍ତମାନ ସେ ମାସିକ ହାରାହାରି ଟ ୮୦୦ ରୁ ଟ ୯୦୦ ମଧ୍ୟରେ ସ୍ୱାଧୀନ ଭାବରେ ରୋଜଗାର କରିବାକୁ ସକ୍ଷମ ହୋଇ ପାରିଛନ୍ତି । କାହା ଉପରେ ଆଜି ସେ ନିର୍ଭରଶୀଳ ନୁହନ୍ତି । ପରିବାରର ସମସ୍ତଙ୍କ ମୁଖରେ ହସର ହିଲ୍ଲୋଳ ବର୍ତ୍ତମାନ ବ୍ୟାଙ୍କ ଋଣ ବୀରବାବୁ କିଛି କିଛି ସୁଝିବାକୁ ଆରମ୍ଭ କଲେଣି । ଆଉ ଅଳ୍ପ ଦିନ ପରେ ସବୁ ଋଣ ପରିଶୋଧ କରିଦେବେ ବୋଲି ଆଶା ପୋଷଣ କରିଛନ୍ତି ।

ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ
ଯାଜପୁର

# ଅରକ୍ଷିତଙ୍କୁ ଦଇବ ରକ୍ଷା

ଶ୍ରୀ ବିନୋଦବିହାରୀ ପାତ୍ରୀ

ଓ୍ୱାଲ୍ଟର କେରକେଟା ସୁନ୍ଦରଗଡ଼ ଜିଲ୍ଲା ଲଠିକଟା ପଞ୍ଚାୟତ ସମିତି ଅନ୍ତର୍ଗତ ବଡ଼ମାରେଣୀ ଗ୍ରାମର ଜଣେ ଅଧିବାସୀ । ସୁସ୍ଥ ସବଳ ଯୁବକ । ପଢ଼ାପଢ଼ି ଅବଶ୍ୟ ବେଶୀ କରି ପାରିନି । ବୟସ ତା'ର ତିରିଶ ପାଖା ପାଖି । ଘରର ଆର୍ଥିକ ପରିସ୍ଥିତି ସ୍ୱଚ୍ଛଳ ନୁହେଁ । ଫଳରେ ଇଚ୍ଛା ଥିଲେ ବି ପଢ଼ା ପଢ଼ି କରି ପାରିଲାନାହିଁ । ଘରେ ତାର ବାପ ମା ଭାଇ ଭଉଣୀ । ଜମି ବାଡ଼ି ବିଲ୍‌କୁଲ୍ ନାହିଁ । ପିଲା ଦିନରୁ ଅନ୍ୟ ଉପରେ ନିର୍ଭର କରି ଚଳିବା ପାଇଁ ସେ ପସନ୍ଦ କଲେ ନାହିଁ । ଭାଗ୍ୟର ବିଡ଼ମ୍ବନା ଯେ ସେ ଆବଶ୍ୟକ ଶିକ୍ଷାଗତ ଯୋଗ୍ୟତା ହାସଲ କରି ପାରିନାହିଁ । ତା' ରୋଜଗାର ଉପରେ ପୁରା ପରିବାର ନିର୍ଭରଶୀଳ । ଓ୍ୱାଲ୍ଟର ଲଠିକଟାଠାରେ କୌଣସି ପରିଚିତ ଦରଜୀ ଦୋକାନରେ କାମ କରି କୌଣସି ପ୍ରକାରେ ଦୁଃଖେ କଷ୍ଟେ ଚଳୁଥାଏ । ହେଲେ ସେ ଯାହା ରୋଜଗାର କରେ, ତାହା ପରିବାର ଚଳାଇବା ପାଇଁ ନିଅଣ୍ଟ । ଓ୍ୱାଲ୍ଟର ଦିନେ ଚିନ୍ତା କଲା, ସ୍ୱାଧୀନ ଭାବରେ କିଛି କାର୍ଯ୍ୟ କରିବା ପାଇଁ । ସେଥିପାଇଁ ତ ପୁଣି ପାଣ୍ଠି ଦରକାର । ଓ୍ୱାଲ୍ଟର ଯେଉଁ ଦରଜୀ ଦୋକାନରେ କାମ କରୁଥିଲା, ସେହି ଦୋକାନକୁ ବ୍ଲକ କର୍ମଚାରୀମାନେ ଅନେକ ସମୟରେ ଆସନ୍ତି । ସେ କର୍ମଚାରୀମାନଙ୍କଠାରୁ ସରକାର ସିଲେଇ ମେସିନ ଯୋଗାଇ ଦେଉଥିବା କଥା ଶୁଣି ବି. ଡ଼ି. ଓ.ଙ୍କ ପାଖକୁ ଯାଇଥିଲା । ବି. ଡ଼ି. ଓ. ତାକୁ ଆଶ୍ୱାସନା ଦେଇଥିଲେ । ତଦାରଖ ପରେ ଓ୍ୱାଲ୍ଟରକୁ ଇ. ଅର. ଆର. ପି. କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ କରାଗଲା । ତା ୨୬-୨-୮୫ ରିଖ ଦିନ ତା'କୁ ଗୋଟିଏ ସିଲେଇ ମେସିନ ବାବଦକୁ ଟ୩,୦୦୦ଙ୍କା ଋଣ ମଂଜୁର କରାଗଲା । କାଲୁଙ୍ଗାସ୍ଥିତ କୃଷି ଉନ୍ନୟନ ବ୍ୟାଙ୍କ ଏଥିରେ ସାହାଯ୍ୟ କରିଥିଲେ । ଓ୍ୱାଲ୍ଟର ସିଲେଇ ମେସିନ୍ ନେଇ ବିରଡ଼ା ଗ୍ରାମ ପଞ୍ଚାୟତ ଛକ ଜାଗାରେ ଦୋକାନଟିଏ ଖୋଲିଲା । ତାଙ୍କ ଗାଁରୁ ବିରଡ଼ା ଗ୍ରାମ ପଞ୍ଚାୟତ ଅଳ୍ପ ଦୂର । ରାଉରକେଲାକୁ ଗୁରୁଣ୍ଡିଆ, ବଣେଇ ଯିବାକୁ ହେଲେ ବିରଡ଼ା ଦେଇ ଯିବାକୁ ପଡ଼ିଥାଏ । ରାଉରକେଲାଠାରୁ ବିରଡ଼ା ୪୫ କି. ମି. । ବିରଡ଼ାଠାରେ ଆଗରୁ କୌଣସି ସିଲେଇ ଦୋକାନ ନଥିଲା । ଯେଉଁମାନଙ୍କର ଲୁଗାପଟା ସିଲେଇ କରିବା ଦରକାର ହେଉଥିଲା, ସେମାନଙ୍କୁ ଲଠିକଟା କିମ୍ବା କାଲୁଙ୍ଗା ଯିବାକୁ ପଡୁଥିଲା । ଓ୍ୱାଲ୍ଟର ଦରଜୀ ଦୋକାନ ଖୋଲିବା ଦିନଠାରୁ, ଆଖ ପାଖ ଅଞ୍ଚଳର ଲୋକଙ୍କୁ ବହୁତ ସୁବିଧା ହୋଇ ଯାଇଛି । ସେ ସିଲେଇ କାମରେ ଭଲ ଦକ୍ଷତା ହାସଲ କରିଥିବାରୁ, ତା'ଦୋକାନରେ ବର୍ତ୍ତମାନ ଭାରି ଭିଡ଼ । ଯେ ଯେମିତି ପ୍ରକାରର ଡ଼ିଜାଇନ୍ କହୁଛନ୍ତି, ଓ୍ୱାଲ୍ଟର୍ ଠିକ୍ ସେହିପରି ସିଲେଇ କରି ପାରୁଛି । ଫଳରେ ତା' ଦୋକାନରେ ଏତେ ଭିଡ଼ ହେଉଛି ଯେ ସେ ସମସ୍ତଙ୍କର କାମ ରଖି ପାରୁନାହିଁ । ଏକେତ ଅଳ୍ପ ଦିନର ଦୋକାନ । ଗ୍ରାମରେ ବିଜୁଳି ଆଲୁଅ ଥିବାରୁ ସେ ଦିନ ରାତି ଲାଗି କାମ ସବୁ ଶେଷ କରିବା ପାଇଁ ଚେଷ୍ଟା କରୁଛି ଏବଂ ଯଥା ସମୟରେ ସେମାନଙ୍କର କାମ ଶେଷ କରି ଯୋଗାଇ ଦେଉଛି । ତେଣୁ ଲୋକମାନେ ତା' ଉପରେ ଭାରି ଖୁସି । ଓ୍ୱାଲ୍ଟର କହେ, ଆଜ୍ଞା ମୁଁ ତ ଜଣେ ଲୋକ କାମ କରୁଛି, ତଥାପି ଦିନକୁ ୨୦-୨୫ ଟଙ୍କାରୁ କମ୍ ଆୟ ହେଉ ନାହିଁ । ସରକାରୀ ସାହାଯ୍ୟ ପାଇ ସେ ସ୍ୱାବଲମ୍ବୀ ହେବା ସଙ୍ଗେ ସଙ୍ଗେ ନିଜ ପରିବାରର ଭରଣପୋଷଣ ପାଇଁ ସକ୍ଷମ ହୋଇଛି ।

ଜିଲ୍ଲା ସୂଚନା ଓ ଲୋକସଂପର୍କ
ଅଧିକାରୀ, ସୁନ୍ଦରଗଡ଼

---

# ପଙ୍ଗୁ ଲଙ୍ଘୟତେ ଗିରି

ଶ୍ରୀ ଶରତଚନ୍ଦ୍ର ଗଜେନ୍ଦ୍ର ଦେଓ

କୋରାପୁଟ ଉପମଣ୍ଡଳର ଦଶମନ୍ତପୁର ପଞ୍ଚାୟତ ସମିତି ଅନ୍ତର୍ଗତ ପୋଡ଼ାଗଡ଼ ଗ୍ରାମରେ ୨୪ ବର୍ଷ ବୟସ ଗେରସନ୍ କଂଧପାନର ଜନ୍ମ । ବାପା ଶ୍ରୀ ନାଥ୍ୟାଲ କଂଧପାନ,

ସ୍କୁଲଟିକୁ ପଢ଼ାଇବାକୁ ସମ୍ବଳ ପାଇଲେ ନାହିଁ । ଏଣୁ ଗେରସନ୍ ମାତ୍ର ପ୍ରାଥମିକ ଶିକ୍ଷା ପରେ ପୋଥିରେ ଡୋରି ବାନ୍ଧିଲେ । ପୋଡ଼ାଗଡ଼ ବସ୍‌ଷ୍ଟାଣ୍ଡରେ କୁଲି କାମ ସହ ଦୈନିକ ମଜୁରୀ ପାଇଁ ମଧ୍ୟ ଅନ୍ୟ ବିଲବାଡ଼ିରେ କାମ କରୁଥାଏ । ବାପାଙ୍କୁ ମିଳିଥିବା ୨ ଏକର ଶିଲିଂ ବହିର୍ଭୁତ ଜମି ପାଇ ଦୁହେଁ କଷ୍ଟରେ ଚଳୁଥିଲେ । ହେଲେ ପେଟପୂରା ଖାଇବାକୁ ପାଉ ନଥିଲେ । ସମନ୍ବିତ ଗ୍ରାମ ଉନ୍ନୟନ କାର୍ଯ୍ୟକ୍ରମରେ ଆର୍ଥିକ ସହାୟତା ଗେରସନ୍‌କୁ ଦେବାକୁ ବି. ଡ଼ି. ଓ. ସୁପାରିଶ କରିଲେ । ୧୯୮୨-୮୩ ଆର୍ଥିକ ବର୍ଷରେ ପଞ୍ଚବଟୀ ଗ୍ରାମ୍ୟବ୍ୟାଙ୍କ ଦଣ୍ଡମଉପୁର ଶାଖା ଦ୍ୱାରା କ୍ଷୁଦ୍ର ବ୍ୟବସାୟ ପାଇଁ ୩,୦୦୦ ଟଙ୍କାର ଋଣ ସହାୟତା ଦିଆଗଲା । ଏ ମଧ୍ୟରୁ ଗେର୍‌ସନ୍‌କୁ ୧,୦୦୦ ଟଙ୍କା ରିହାତି ଦିଆଯାଇଛି । ସେ ସର୍ବମୋଟ ୨,୦୦୦ ଟଙ୍କାର ଋଣ ସୁଧ ସହ ବ୍ୟାଙ୍କକୁ ଶୁଝିବାକୁ ହେବ । ଏ ମଧ୍ୟରେ ସେ ୧,୪୦୦ ଟଙ୍କା ସୁଧ ସହ ଶୁଝିଲାଣି । ଏ ଆର୍ଥିକ ସହାୟତାରୁ ସେ ୧,୮୦୦ ଟଙ୍କା ନେଇ ଗୋଟିଏ ଗାଡ଼ି ତିଆରି କରାଇଲେ ଓ ବଳକା ଟଙ୍କାରେ ପାନ ଦୋକାନର ଜିନିଷପତ୍ର କିଣିଲେ । ପାନ ଦୋକାନଟିକୁ ଠିକ୍ ପୋଡ଼ାଗଡ଼ର ବସ ଷ୍ଟାଣ୍ଡ ଛକରେ ଖୋଲିଲେ । ଦୈନିକ ହାରାହାରି ୧୦୦ ଟଙ୍କା ବିକ୍ରି ହେଉଛି । ଏଥିରୁ ଲାଭାଂଶ ୪୦ ଟଙ୍କାରୁ କିଛି କମ୍ ନୁହେଁ । ବାପାଙ୍କର ଶିଲିଂ ଜମି ଚାଷ ପାଇଁ ସେ ହଳେ ବଳଦ କିଣିବାକୁ ସକ୍ଷମ ହୋଇଛି । କୁଲି କରି ବଞ୍ଚିବା-ବେଳେ ଖଣ୍ଡିଏ ପିନ୍ଧିବାକୁ ଅସମର୍ଥ ଥିବା ଗେରସନ୍ ଏବେ ସଫା ଓ ଦାମିକା ପୋଷାକ ପିନ୍ଧି ଦୋକାନରେ ବସୁଛି । ଗୋଟିଏ ରେଡ଼ିଓ କିଣି ଦୋକାନରେ ଲଗାଇଛି । ସେ ବିବାହ କରି ସାରିଛି । ତାର ପୁଅ ଝିଅକୁ ପଢେଇବାକୁ ଦୃଢ଼ ଆଶା ପୋଷଣ କରିଛି । ସରକାରଙ୍କ ଦାରିଦ୍ର୍ୟ ଦୂରୀକରଣ କାର୍ଯ୍ୟକ୍ରମ ପାଇଁ ସେ ବର୍ତ୍ତମାନ କୃତଜ୍ଞତା ସ୍ୱୀକାର କରନ୍ତି ।

ସୂଚନା ଓ ଲୋକସମ୍ପର୍କ ଅଧିକାରୀ
ପାରଳାଖେମୁଣ୍ଡି

—

# ଦିନ ଆସିଲା

**ଶ୍ରୀ ଦାମୋଦର ପଣ୍ଡା**

ମଣିଷର ମନ ଖୋଜେ ଅନେକ କିଛି। କି ସୁ ଜୀବନରେ ସବୁ କଣ ମିଳେ ? କର୍ମରତ ମଣିଷ କର୍ମଉପରେ ବିଶ୍ୱାସ କରେ । ଫଳ ଭଗବାନଙ୍କ ହାତରେ । ଗୀତାରେ ସ୍ୱୟଂ ଭଗବାନ ତାଙ୍କ ପ୍ରିୟ ଭକ୍ତ ଅର୍ଜୁନଙ୍କୁ ସେଇକଥା କହିଛନ୍ତି । ଗରିବ ରବି ମାଝୀ ମଧ୍ୟ ସେଇ ଅନୁସାରେ କର୍ମ ଉପରେ ଭରସା ରଖି ଚାଲିଥିଲେ ।

ବାହାନଗା ବ୍ଲକ୍ ଅଧୀନରେ ବିଷ୍ଣୁପୁର ଗାଁର ରବି ମାଝୀ । ତାର ମହତ ସାରିଦେଇଥିଲା । ହେଲେ ଦାରିଦ୍ର୍ୟ ବିରୁଦ୍ଧରେ ସଂଗ୍ରାମ କରିବାକୁ ତା ମନରେ ଥିଲା ଜେଦ୍ ତାକତ୍ । ମାଛ ଧରିବା ଥିଲା ତାର ନିତି ଦିନିଆ ଧନ୍ଦା । ଦିନକର ମେହେନତ । ଦିନକର ରୋଜଗାର ସବୁ ତା ଆଖି ସାମ୍ନାରେ ଗଳିଯାଏ ସାହୁକାର ପାଖକୁ । କାରଣ ସାହୁକାରର ଡଙ୍ଗା ଓ ଜାଲ, ମେହେନତ୍ ରବି ମାଝୀର । ମାଛ ବିକ୍ରୀ ହୁଏ ସାହୁକାର ଗୋଦାମରେ । ବିକ୍ରି ଟଙ୍କାରୁ ପାଏ ସେ ଗୋଟିଏ ଭାଗ । ଏକୁଟିଆ ତା' ଦିନ କଟିଯାଏ । କୁଡ଼ିଆ ଛପର ପାଇଁକି ବି ପଇସା କୁଳାଏ ନାହିଁ । ଘା ଭିତରକୁ ଚନ୍ଦ୍ର ସୂର୍ଯ୍ୟଙ୍କର ବେପରୁଆ ପ୍ରବେଶ । ତଥାପି ମନରେ ଅସୁମାର ସ୍ୱପ୍ନ । ସେ ମଣିଷ ହେବ । ଘର ବାନ୍ଧିବ । ବାହାସାହା ହେବ । ଦୁନିଆଁରେ ବାପନାଆଁ ରଖିବ ।

ଛାଇଲେଉଟା ବେଳ । ସେ ଫେରୁଥିଲା, ସାର ମହିଳେ ଦେଖିଲା ଲୋକେ ଭୁଣ୍ଡହୋଇଛନ୍ତି । ତାସାଙ୍ଗ କିଏ କହିଲା, ଶିରେ; ରବି ଭାଇ, ତୁ ନାଆଁ ଲେଖଉନୁ । ଆରେ, ସାହୁକାର ଦୁଆରକୁ ଆଉ ଯିବାକୁ ପଡ଼ିବନି । ଡଙ୍ଗା ଓ ଜାଲ ସରକାରଙ୍କ ଠାରୁ ମିଳିବ । କାହାରିକୁ ହାତ ପତେଇବାକୁ ପଡ଼ିବନି । ମୋ କଥା ମାନ । ତୁ ଯା......ଯା ।

ଗାଁ ବରଗଛ ମୂଳେ ସଭା ବସିଛି । ସମସ୍ତଙ୍କ ଦୁଃଖ ଶୁଣିବାକୁ ସରକାରୀ ଘରୁ ହାକିମମାନେ ଆସିଛନ୍ତି । ରବି ତା କଥା ହାକିମମାନଙ୍କ ସାମ୍ନାରେ ଜଣାଇଲା । ସହଯୋଗ ନିଃସ୍ୱ । ବାଡ଼ି ଗୋଡ଼ରେ ଗୋଡ଼େ କୋଉଠି ନାହିଁ । ତେଣୁ ଦରିଦ୍ରତମ ମଣିଷଙ୍କ ଆର୍ଥିକ ଥଇଥାନ କାର୍ଯ୍ୟକ୍ରମରେ ତା ନାଆଁ ରଖାଗଲା । ସାଇବାଲାଏ ସମସ୍ତେ ଏଥିରେ ହଁ ଭରିଲେ । ଡଙ୍ଗା ପିଛା ୫ ଜଣ ମାଛଧରାଳୀ । ଅନ୍ୟ ଚାରିଜଣଙ୍କୁ ମିଶେଇ ତାଙ୍କୁ ମିଳିଲା ଡଙ୍ଗା ଓ ନାଇଲନ ମାଛଧରା ଜାଲ । ମନରେ ଆନନ୍ଦ ଦେଖିବ କିଏ ? ଏତେ ଦିନେ ମା, ସର୍ବମଙ୍ଗଳା ଡାକ ଶୁଣିଲେ । ରବି ଅଳିକଲା ପାଣି ପାଖରେ । ମାଛ ସଂପଦରେ ଭରପୂର ପାଣି ତା କଥା ଶୁଣିଲା । ଚାଲିଲା ମେହେନତ । ଅପ୍ରେଲ' ୮୩ ରୁ ଡିସେମ୍ବର' ୮୪ ସମୟ ଭିତରେ ୩୪୨ ଦିନର କଠିନ ପରିଶ୍ରମ । ଆଠ ହଜାର ୩୭୦ କିଲୋ ମାଛ ଆମଦାନୀ । ସଙ୍ଗେ ସଙ୍ଗେ ମାଛ ବିକ୍ରି । ମାଛପାଇଁ ଅତି ଖାଉଟୀ ମଣିଷଙ୍କ ଚାହିଦା ଢେରବେଶୀ । ବେପାରୀମାନେ ମଧ୍ୟ ସେଇ ପ୍ରକାର । ଏଇ ମାଛ ବିକ୍ରୀରୁ ଆୟ ମିଳିଲା ୪୧ ହଜାର ୯୧୧ଟଙ୍କା । ନିଃସ୍ୱ ରବି ମାଝୀ ଆଜି ନିଃସ୍ୱ ନୁହେଁ । ନିଜ ମେହେନତ ବଳରେ ସିଏ ବି ବଞ୍ଚିବାର ସ୍ୱପ୍ନ ଦେଖୁଛି ଏବଂ ତାସହିତ ସ୍ୱପ୍ନ ଦେଖୁଛନ୍ତି ଆହୁରି ୪ ଜଣ । ୫ଟି ପରିବାରର ଆର୍ଥିକ ଅବସ୍ଥା ଆଜି ସ୍ୱଚ୍ଛଳ । ଏଇ ମେହେନତ ପାଇଁ ସମସ୍ତଙ୍କ ମୁହଁରେ ହସ ।

ସାହୁକାରର ଜୁଲମ ନାହିଁ । ମଧ୍ୟସ୍ଥଠାରୁ ନେହୁରା ହୋଇ ଆଗତ କାଢ଼ିଆ ନେବାର ରାସ୍ତା ବନ୍ଦ । ଯୁଡି ଦିପଇସା ଅଧିକ ମିଳିଲା ସିଠି କାରବାର । ପାଶ୍‌ବୁକରେ ଯେ ୧୪ ଶହ ଟଙ୍କା ଲେଖାଁଏ ଜମା କଲେଣି । ଡଙ୍ଗାକୁ ସଜବାଜ କରି ମାଛ ଧରାପାଇଁ ପ୍ରସ୍ତୁତ ।

ରୋଜଗାର ତ ରବି ମାଝୀକୁ ଦିପଇସା ମିଳିଲା । ଠାକୁରାଣୀ ତା'ଡାକ ଶୁଣିଲେ । ବଞ୍ଚିବା ପାଇଁ ରବି ମାଝୀ ମନରେ କେତେ ବିରାଟ ଆଶା । ତା'ର ସ୍ୱପ୍ନ ସାର୍ଥକ ହେଲା ।

ସୂଚନା ଓ ଲୋକସଂପର୍କ ଅଧିକାରୀ
ବାଲେଶ୍ୱର ।

—

# ମେଟ୍‌ନା ବୁଢ଼ାର କୁକୁଡ଼ା

ଶ୍ରୀ ରତ୍ନମଣି ପତ୍ରୀ

କୋରାପୁଟ ଜିଲା ଉମରକୋଟ ତହସିଲ ଅନ୍ତର୍ଗତ ଘାଟଖୁଲିଆ ଗାଁ ର ଶେଷମୁଣ୍ଡରେ ଛୋଟ କୁଡ଼ିଆଟିଏ । ସେଇଠି ବୁଢ଼ାଟିଏ ରହେ । ନାଁ ମେଟନା । ସେ ଭାରି ଗରିବ । ଜମିବାଡ଼ି ତାର କିଛି ନାହିଁ । ଅନ୍ୟର ଓଳିତଳେ ସେ ଦିନତମାମ କାମକରେ । ତଥାପି ତା ପେଟ ପୂରେନାହିଁ । ବହୁସମୟରେ ତାକୁ ଭୋକ ଉପାସରେ ରହିବାକୁ ପଡେ ।

ଏହି ଗାଁରେ ଆଉଜଣେ ଗ୍ରାମସେବକ ରହନ୍ତି । ଗାଁ ଟା ସାରା ଲୋକେ ତାଙ୍କ ପରାମର୍ଶ ଅନୁଯାୟୀ ଚଳନ୍ତି । ଲୋକଙ୍କ ସୁଖ ଦୁଃଖରେ ସେ ଛିଡ଼ା ହୁଅନ୍ତି । ମେଟନାର ଯେଉଁଦିନ କାମ ଧନ୍ଦା ନଥାଏ ସେଦିନ ସେ ଗ୍ରାମ ସେବକଙ୍କ ଘରେ ଆସି ପହଞ୍ଚେ । ତାଙ୍କଠାରୁ ଦେଶ ବିଦେଶର ବହୁ ଖବର ଶୁଣେ ।

ଦିନେ ମେଟନା ଗ୍ରାମ ସେବକଙ୍କୁ କହିଲା,' ବାବୁ' ମୋର ଜମିବାଡ଼ି ବୋଲି କିଛି ନାହିଁ । ଆପଣତ ଦେଖୁଛନ୍ତି ନିତିଦିନ ମୁ ଅନ୍ୟର ଓଳିତଳେ ଝାଳବୁହା ପରିଶ୍ରମ କରି ମଧ୍ୟ ପେଟ ଗଖଣ୍ଡକୁ ଚଳାଇ ପାରୁନାହିଁ । ମୋତେ କିଛି ଉପାୟ ବତାନ୍ତୁ, ଯେଉଁଥିରେ କି ଅନ୍ତତଃ ମୁଁ ଦୁଇଓଳି ଟଙ୍କିଏ ଖାଇବାକୁ ପାଇ ପାରିବି ।

ମେଟନାକୁ ଗ୍ରାମ ସେବକ ଭାରି ଭଲ ପାଆନ୍ତି । ତା ଦୁଃଖଶୁଣି ତାଙ୍କ ମନ ତରଳିଗଲା । ସେ କିଛି ସମୟ ଚିନ୍ତା କଲେ ଓ ବାଡ଼ିପଟେ ଥିବା ଘରକୁ ଚାଲିଗଲେ । ଘରୁ ଧଳା କୁକୁଡାଟିଏ ଆଣି ସେ ମେଟନାକୁ ଦେଲେ ଓ କହିଲେ' ମେଟନା, ଏଇ କୁକୁଡାଟିକୁ ନିଅ । ଏହାର ଯତ୍ନ ନେବ । ଦୁଇବର୍ଷ ଭିତରେ ଦେଖିବ କୁକୁଡାଟି ତୁମ ଦୁଃଖ ଦୂର କରି ଦେବ ।

କୁକୁଡାଟିକୁ ହାତରେ ଧରି ମେଟନା ହସି କହିଲା, "ବାବୁ, ଆପଣଙ୍କ ପିଲାଳିଆ ଢଙ୍ଗ ଗଲାନାହିଁ । ସାମାନ୍ୟ କୁକୁଡାଟିଏ କ'ଣ ମୋର ଦୁଃଖ ଦୂରକରି ପାରିବ ? "

ଗ୍ରାମସେବକ କହିଲେ, "ଆରେ ପରୀକ୍ଷାକରି ଦେଖ । ଦୁଇବର୍ଷ ପରେ ମୋତେ କହିବୁ ଯେ ମୋ କଥା ସତକି ମିଛ । "

କୁକୁଡାଟିକୁ ଧରି ମେଟନା ଘରକୁ ଚାଲିଗଲା । ସେ କୁକୁଡାଟି ପାଇଁ ଛୋଟିଆ ଘରଟିଏ ତୋଳି ଦେଲା । ପ୍ରତିଦିନ କୁକୁଡା ଚରାବୁଲା କରି ସାରି ସେଇ ଘରେ ଆସି ଆଶ୍ରୟ ନିଏ । କୁକୁଡା ପ୍ରତି ମେଟନାର ବି ଆଦର ବଢିବାକୁ ଲଗିଲା । ସେ ତାର ନାଁ ଦେଲା ଧୋବଲା । ମେଟନା କୁକୁଡାକୁ ଆ—ଆ ବୋଲି ଡାକ ଦେଲେ, କୁକୁଡାଟି ଯେଉଁଠି ଥାଉନା କାହିଁକି ଦୌଡ଼ି ଆସେ । ମେଟନା ତା ଆଗରେ ଖୁଦ ଚାଉଳ ଫୋପାଡ଼ି ଦେଇ ଦେଇ କୁକୁଡା ତା ଥଣ୍ଟରେ ଖୁଂପି ଖୁଂପି ଖୁଦ ଚାଉଳ ତକ ଖାଇଦିଏ । ଏଦୃଶ୍ୟ ଦେଖି ମେଟନା ଖୁସିରେ ଆତ୍ମହରା ହୋଇ ଉଠେ ।

ଛଅମାସ ମାସେ ଦୁଇମାସ ଗଲା । କୁକୁଡାଟି ଅଣ୍ଡା ଦେବାକୁ ଲାଗିଲା । ମେଟନା ବୁଢା ଆହୁରି ଖୁସିହେଲା । ସେ ମନେ ମନେ ନିଷ୍ପତ୍ତି କଲାଯେ ଅଣ୍ଡାତକ ସେ ବିକିବ ନାହିଁ । କୁକୁଡା ଦ୍ୱାରା ସେଥିରୁ ସେ ଛୁଆ ଫୁଟାଇବ ।

ସେଇଆ ହେଲା । କିଛିଦିନ ଗଲା ପରେ କୁକୁଡା ଛୁଆ ଫୁଟାଇଲା । କୁକୁଡା ଛୁଆଙ୍କ ସଂଖ୍ୟା ହେଲେ ଦଶ । ସେମାନେ ଏଣେ ତେଣେ ଚରିବୁଲି ଧୀରେ ଧୀରେ ବଡ ହେଲେ । ସେମାନଙ୍କ ବଂଶ ବୃଦ୍ଧି ହୋଇ ବର୍ଷକ ଭିତରେ ସେମାନଙ୍କ ସଂଖ୍ୟା ପଚାଶରୁ ଆହୁରି ବଢିଗଲା । ଗ୍ରାମ ସେବକ ଦୁଇବର୍ଷ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ କହିଥିଲେ । ତେଣୁ ସେ ଅପେକ୍ଷାକଲା ।

ପୁଣି ଦିନ ଗଡ଼ିବାକୁ ଲାଗିଲା । ଦୁଇ ବର୍ଷ ପୂରିବାକୁ ଆଉ ଦେଢମାସ ବାକିଥାଏ । ଦିନେ ମେଟନା ଦେଖିଲା କୁକୁଡା ମାନଙ୍କ ଭିତରୁ କେତେକ ରୋଗରେ ପଡ଼ି ମରିଗଲେ । ସେ ଜାଣିଗଲାଯେ କୁକୁଡା ମଉଡ଼ି ଧରିଲାଣି । ଏଣିକି ଆଉ ଗୋଟିଏ-ବି କୁକୁଡା ବଞ୍ଚିବେ ନାହିଁ । ତା ମନଟା ଦୁଃଖରେ ପୂରିଗଲା ବିକଳ ହୋଇ ସେ ଗ୍ରାମସେବକଙ୍କ ପାଖକୁ ଧାଇଁଗଲା ।

ଗ୍ରାମସେବକ ମେଟନାଠାରୁ କୁକୁଡାମାନଙ୍କୁ ମଉଡ଼ି ଧରିବାର ଖବର ପାଇ ଦୁଃଖିତ ହେଲେ । ସେ ସଙ୍ଗେ ସଙ୍ଗେ ପଶୁ ଚିକିତ୍ସକଙ୍କୁ ସାଙ୍ଗରେ ନେଇ ମେଟନାର ଘରେ ପହଞ୍ଚିଲେ । ପଶୁ ଚିକିତ୍ସକ ଗୋଟି ଗୋଟିକରି ସମସ୍ତ କୁକୁଡାଙ୍କୁ ଇଞ୍ଜେକ୍ସନ ଦେଇସାରି କହିଲେ, "ମେଟନା, ଏଥର ନିଶ୍ଚିନ୍ତ ରୁହ । ତୁମର ଆଉ ଗୋଟିଏବି କୁକୁଡା ମରିବେ ନାହିଁ ।"

ତା'ପରେ ସେମାନେ ବିଦାୟ ନେଲେ । ଇତି ମଧ୍ୟରେ ଦୁଇବର୍ଷ ପୂରିଗଲା । ମେଟନା ଦେଖିଲା ପ୍ରତିଦିନ ତାର କୁକୁଡା ଗୁଡ଼ିକ ଅନ୍ତତଃ ପଚାଶରୁ ଅଧିକ ଅଣ୍ଡା ଦେଉଛନ୍ତି । ସେ ଅଣ୍ଡା ତକ ବିକିବା ଆରମ୍ଭ କରିଦେଲା । ପ୍ରତିଦିନ ସହରରୁ ଲୋକେ ଆସି ତା ପାଖରୁ କୁକୁଡା ଏବଂ ଅଣ୍ଡା କିଣିବାକୁ ଲାଗିଲେ । ମେଟନା ଢେର ରୋଜଗାର କଲା । ଏଣିକି ସେ ଭଲ ଖାଇଲା ଓ ଭଲ ପିନ୍ଧିଲା ।

ଦିନକର ସେ ଗ୍ରାମସେବକଙ୍କ ପାଖକୁ ଯାଇ କୃତଜ୍ଞତା ଜଣାଇଲା । ସେ କହିଲା, "ବାବୁ, ଆପଣଙ୍କ ସାମାନ୍ୟ କୁକୁଡାଟି ଯେ ମୋର ଦାରିଦ୍ର୍ୟ ଦୂର କରିଦେବ ମୁଁ ଏହା ସ୍ୱପ୍ନରେ ସୁଦ୍ଧା କଳ୍ପନା କରି ନଥିଲି ।

ସେତେବେଳେ ଗ୍ରାମସେବକଙ୍କ ପାଖରେ ଗାଁର ଆଉ ପାଞ୍ଚଛଅ ଜଣ ଲୋକ ବସିଥିଲେ । ମେଟନାର କଥା ଶୁଣି ସେମାନେ କହିଲେ, "ବାବୁ ଆମ ଗାଁରେ ଏବେବି ବହୁ ଗରିବ ଲୋକ ଅଛନ୍ତି । ଦିନ ଦିନ ଧରି ସେମାନେ ଉପାସରେ ରହନ୍ତି । ସେମାନେବି ଏମିତି କୁକୁଡା ପାଳନ କଲେ ସେମାନଙ୍କ ଦୁଃଖତ ଦୂର ହୋଇ ପାରନ୍ତା ।"

ଗ୍ରାମସେବକ କହିଲେ, "ହଁ, କାହିଁକି ହେବ ନାହିଁ । ତେବେ ତୁମେ ସବୁ ମୋ ସାଙ୍ଗରେ ଚାଲ । ଆମେ ସେସବୁ ଲୋକମାନଙ୍କୁ ବୁଝାଇବା ଯେ କୁକୁଡା ପାଳନ କିପରି ଏକ ଲାଭ-ଜନକ ବ୍ୟବସାୟ ।"

ଗ୍ରାମସେବକଙ୍କ ସହିତ ସେହି ଲୋକମାନେ ଉଠି ପଡ଼ିଲେ । ସେମାନେ ବୁଲି ବୁଲି ଗାଁ ଟା ସାରା ସବୁ ଲୋକଙ୍କୁ କୁକୁଡା ଯତ୍ନ ସମ୍ବନ୍ଧରେ ବୁଝାଇଲେ ।

ସେହି ବର୍ଷଠୁ ଗାଁର ଅଧିକାଂଶ ଲୋକ କୁକୁଡା ପାଳନ କରି ସୁଖରେ ଚଳିଲେ । ଗାଁରୁ ଦାରିଦ୍ର୍ୟତା ଲୋପ ପାଇଲା ।

ବନ୍ଧ ବାସିନୀ, ଉମର କୋଟ
କୋରାପୁଟ—୭୬୪୦୭୩

---

# ପରମେଶ୍ୱରଙ୍କୁ ଈଶ୍ୱର ସାହା

ଶ୍ରୀ ବିନୋଦଲାଲ ପାଢ଼ୀ

ସ୍ୱଚକ୍ଷୁରେ ନ ଦେଖିଲେ, ବିଶ୍ୱାସ କରି ହୁଏନାହିଁ । ସମସ୍ତଙ୍କ ଜୀବନରେ ଉତ୍‌ଥାନ ପତନ ଲାଗିଛି । ଅପ୍ରତ୍ୟାଶିତ ଭାବେ ମଣିଷର ଭାଗ୍ୟ ବଦଳିଯାଏ । ଯାହାକୁ କହନ୍ତି ପୁରୁଷର ଭାଗ୍ୟ ପତର ତଳେ ।

ସୁନ୍ଦରଗଡ ଜିଲ୍ଲା କୁଆଁରମୁଣ୍ଡା ବ୍ଲକ୍ ଅନ୍ତର୍ଗତ ସଲଙ୍ଗାବାହାଲ ଗ୍ରାମରେ ପରମେଶ୍ୱର ଚନ୍ଦନଙ୍କ ଘର । ବୟସ ଚାଳିଶ ପାଖା ପାଖି ହେବ । ଘରେ ତା'ର ସ୍ତ୍ରୀ ଓ ଛୁଆପିଲାଙ୍କୁ ମିଶାଇ ଛଅଜଣ । ଜମି ବାଡ଼ି କିଛିନାହିଁ । ଝାଟିମାଟି ତିଆରି କୁଡ଼ିଆଟି ତା'ର ସମ୍ବଳ । କେତେ ଦିନ ଆଉ ମଜୁରୀ ଖଟି କୁଟୁମ୍ବ ପରିପୋଷଣ କରିବ ? ତା'ବି ସବୁଦିନ ମିଳେନି । ଏହି ସବୁ କଥା ଚିନ୍ତାକରି ପରମେଶ୍ୱର ଦୁଃଖରେ ଭାଙ୍ଗି ପଡ଼ିଥାଏ ।

ସଲଙ୍ଗାବାହାଲ ଗ୍ରାମଟି ଦଲକି ଗ୍ରାମ ପଞ୍ଚାୟତ ଅନ୍ତର୍ଭୁକ୍ତ । ଦିନେ ପରମେଶ୍ୱର କୌଣସି କାମରେ ଦଲକି ଯାଇଥିବା ସମୟରେ ଗ୍ରାମ ପଞ୍ଚାୟତ ସେକ୍ରେଟାରୀଙ୍କ ସହିତ ଦେଖା ହେଲା । ପରମେଶ୍ୱର ତା'ର ପାରିବାରିକ ଦୁରାବସ୍ଥା ବିଷୟରେ କହିବାରୁ ସେକ୍ରେଟାରୀ ସରକାରଙ୍କ ଇ.ଆର.ଆର.ପି. କାର୍ଯ୍ୟକ୍ରମ ବିଷୟରେ ତାକୁ ସୂଚନା ଦେଇ କୁଆଁରମୁଣ୍ଡା ପଞ୍ଚାୟତ ସମିତି କାର୍ଯ୍ୟାଳୟକୁ ଯାଇ ବି. ଡି. ଓ.ଙ୍କ ସହିତ ସାକ୍ଷାତ କରିବା ପାଇଁ ପରାମର୍ଶ ଦେଇଥିଲେ । ପରମେଶ୍ୱର କୁଆଁରମୁଣ୍ଡା ଯାଇ ବି. ଡି. ଓ.ଙ୍କ ସହିତ ଦେଖାକରି ନିଜର ଦୁଃଖ ଗୁହାରୀ ଜଣାଇଲା । ଆବଶ୍ୟକ ତଦନ୍ତ ପରେ ତାକୁ ଇ. ଆର. ଆର. ପି. କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ କରାଗଲା ଏବଂ ୧୯୮୧ ମାର୍ଚ୍ଚ ୨୫ ତାରିଖ ଦିନ ପରମେଶ୍ୱରକୁ ଗୋଟିଏ ଦୁଧିଆଳୀ ଗାଈ ଯୋଗାଇ ଦିଆଗଲା । ଏହି ବାବଦକୁ ତା'ପାଇଁ ଟ୪,୦୦୦ଙ୍କା ଋଣ ମଞ୍ଜୁର କରାଗଲା । ସେଥିମଧ୍ୟରୁ ଟ୧,୦୦୦ଙ୍କା ରାଏବଗା ଷ୍ଟେଟବ୍ୟାଙ୍କ ଶାଖା ଋଣ ମଞ୍ଜୁର କରିଥିଲେ ।

ପରମେଶ୍ୱର ପୂର୍ବରୁ କେବେସୁଦ୍ଧା ଆଶା କରି ନଥିଲା ଯେ ତା'କୁ ଏପରି ସାହାଯ୍ୟ ମିଳିବ । ସେ ଗାଈଟିକୁ ଧରି ଖୁସି ମନରେ ଘରକୁ ଫେରିଲେ । ଘରେ ତା'ର ସ୍ତ୍ରୀ, ଛୁଆପିଲାଙ୍କ ଆନନ୍ଦ କହିଲେ ନସରେ ।

କୁଆଁରମୁଣ୍ଡାର ପଶୁ ଡାକ୍ତର ଯେପରି ପରାମର୍ଶ ଦେଇଥିଲେ, ସେହି ଅନୁସାରେ ସେ ଗାଈଟିର ଯତ୍ନ ନେଲା । ଗାଈ ଆସିଲା ପରଠାରୁ ସେ ମଜୁରୀ କାମଧନ୍ଦା ମଧ୍ୟ ବନ୍ଦକଲା । ଦଲକି, ରାଏବଗା ଓ ନିଜ ଗାଁରେ ସେ କ୍ଷୀର ଯୋଗାଇଲା । ପ୍ରଥମେ ତାକୁ ନେବା ଆଣିବାରେ ବହୁତ ଅସୁବିଧା ହେଉଥିଲା, କିନ୍ତୁ ଅଜି ସେହି ଅସୁବିଧା ନାହିଁ । ସେ ଖଣ୍ଡିଏ ସାଇକଲ କିଣିଛି । ପ୍ରତିଦିନ ଅନ୍ୟାନ୍ୟ ଖର୍ଚ୍ଚକୁ ବାଦ ଦେଲେ ଟ୨୦ଙ୍କା ଲେଖାଏଁ ଲାଭ ପାଉଛି । ଆଜି ତା'ର ପୂର୍ବପରି ଅଭାବ, ଅନଟନ ନାହିଁ । ତା'ର ପରିବାର ବେଶ ଆନନ୍ଦରେ ଚଳୁଛନ୍ତି ।

ଇତି ମଧ୍ୟରେ ୪ଟି ବର୍ଷ ବିତି ଯାଇଛି । ସେ ସରକାରଙ୍କ ଇ. ଆର. ଆର. ପି. କାର୍ଯ୍ୟକ୍ରମ ବଳରେ ଆଶାତୀତ ଭାବେ ସଫଳତା ଲାଭ କରି ପାରିଛି । ଋଣ ଟଙ୍କା ମଧ୍ୟ ପରିଶୋଧ କରି ସାରିଛି । ପରମେଶ୍ୱର ଜଣେ ସଚେତନ ବ୍ୟକ୍ତି । ଭବିଷ୍ୟତ କଥା ଚିନ୍ତାକରି ସଂଚୟ କାର୍ଯ୍ୟକ୍ରମକୁ ମଧ୍ୟ ଆଦରି ନେଇଛି । ନିଜର ଉନ୍ନତିର ରହସ୍ୟ କଥା ସାଙ୍ଗସାଥୀମାନଙ୍କୁ ଶୁଣାଇ ନିଜେ ଆନନ୍ଦ ପାଉଛି ।

ସୂଚନା ଓ ଲୋକସମ୍ପର୍କ ଅଧିକାରୀ
ସୁନ୍ଦରଗଡ଼ ।



ସାମନ୍ତସେଠିଙ୍କରେ ସ୍ୱର୍ଗୀୟ ଜନସାଧାରଣଙ୍କ ସହଭାଗରେ ମୁଖ୍ୟମନ୍ତ୍ରୀ ....

# ପ୍ରଗତି ପ୍ରସଙ୍ଗ

## କଳାହାଣ୍ଡି ଜିଲ୍ଲାରେ ଉନ୍ନୟନ କାର୍ଯ୍ୟକ୍ରମ

ଚଳିତ ଆର୍ଥିକ ବର୍ଷରେ କଳାହାଣ୍ଡି ଜିଲ୍ଲାରେ ବିଭିନ୍ନ ଉନ୍ନୟନ-ମୂଳକ କାର୍ଯ୍ୟ ଏବଂ ମରୁଡି ପରିସ୍ଥିତିର ମୁକାବିଲା କରିବାପାଇଁ ବିଭିନ୍ନ ପଦକ୍ଷେପ ନିଆଯାଇଛି ।

ଚଳିତ ରବି ଋତୁରେ ଏହି ଜିଲ୍ଲାରେ ୨,୫୮,୦୯୦ ହେକ୍ଟର ଜମିରେ ରବିଫସଲ କରାଯିବାପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା । ଏଥିପାଇଁ ଚାଷୀମାନଙ୍କୁ ସୁବିଧାରେ ବିହନ ଯୋଗାଇ ଦେବା ପାଇଁ କୃଷି ବିଭାଗ ତରଫରୁ ବିଭିନ୍ନ ବିକ୍ରୟ କେନ୍ଦ୍ର ଜରିଆରେ ସୋରିଷ ୧,୦୧୩ କୁଇଣ୍ଟାଲ, ଗହମ ୫୪,୪୨୦ କୁଇଣ୍ଟାଲ, ମଟର ୧,୫୩୦ କୁଇଣ୍ଟାଲ, କୁସୁମୀ ୨,୪୦୪ କୁଇଣ୍ଟାଲ, ମୁଗ ୪୦୦ କୁଇଣ୍ଟାଲ, ବିରି ୪,୩୭୫ କୁଇଣ୍ଟାଲ, ଧାନ ୧,୧୭୦ କୁଇଣ୍ଟାଲ ଯଥାକ୍ରମେ ଯୋଗାଇ ଦିଆଯାଇଛି ।

ବ୍ୟବହାର ଉପଯୋଗୀ ସେଚକୂପ ଅଞ୍ଚଳରେ ବ୍ୟାପକ ରବି କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି । ସେଚ କୂପଗୁଡିକ ଦ୍ୱାରା ଜଳସେଚନ କରାଯାଇ ପାରୁଥିବା ଜମିମାନଙ୍କରେ ମୁଖ୍ୟତଃ ଅଳ୍ପଜଳ ଦରକାର କରୁଥିବା ଫସଲ ଚାଷ ଉପରେ ଗୁରୁତ୍ୱ ଦେବାକୁ ଚାଷୀମାନଙ୍କୁ ଉତ୍ସାହିତ କରାଯାଉଛି ।

ଏତଦ୍‌ବ୍ୟତୀତ ଉତ୍ତେଇ ମଧ୍ୟମ ଜଳସେଚନ ଯୋଜନା ଦ୍ୱାରା ୬,୦୦୦ ଏକର, ସୁନ୍ଦର ଜଳସେଚନ ଯୋଜନା ଦ୍ୱାରା ୧,୬୨୫ ଏକର, ସାଇପଲ୍ଲ ମଧ୍ୟମ ଜଳସେଚନ ଯୋଜନା ଦ୍ୱାରା ୧,୩୦୦ ଏକର ଜମିକୁ ଚଳିତ ରବି କାର୍ଯ୍ୟକ୍ରମ ପାଇଁ ପାଣି ଯୋଗାଇ ଦିଆଯାଉଛି ।

ଜିଲ୍ଲାରେ ଥିବା ୪୮ ଗୋଟି କ୍ଷୁଦ୍ର ଜଳସେଚନ ଯୋଜନା ଦ୍ୱାରା ମୋଟ୍ ୮,୪୩୬ ଏକର ଜମିକୁ ଓ ୧୯୧ ଗୋଟି ଉଠା ଜଳସେଚନ ଯୋଜନା ଦ୍ୱାରା ୪,୧୦୦ ଏକର ଜମିକୁ ପାଣି ଯୋଗାଣ କରାଯାଉଛି । ସଘନ ଧାନଚାଷ ଯୋଜନା ଅନ୍ତର୍ଭୁକ୍ତ ବ୍ଲକଗୁଡିକରେ ଥିବା ସମସ୍ତ ସାର ବିକ୍ରୟ କେନ୍ଦ୍ରମାନଙ୍କରେ ପର୍ଯ୍ୟାପ୍ତ ପରିମାଣର ବିଭିନ୍ନ କିସମର ସାର ଗଚ୍ଛିତ ରଖାଯାଇଛି ।

ଚଳିତ ରବି କାର୍ଯ୍ୟକ୍ରମପାଇଁ ଚାଷୀମାନଙ୍କୁ ୫୦ ଲକ୍ଷ ଟଙ୍କା କୃଷିଋଣ ଯୋଗାଇ ଦେବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ୩୮ ଗୋଟି ସେବା ସମବାୟ ସମିତିର ୮୬୪ ଜଣ ସଭ୍ୟଙ୍କୁ ୧୨.୦୨ ଲକ୍ଷ ଟଙ୍କା ଋଣ ବଣ୍ଟନ କରିବାପାଇଁ ମଞ୍ଜୁର କରାଯାଇଛି । ତନ୍ମଧ୍ୟରୁ ୧୬ ଗୋଟି ସମବାୟ ସମିତିର ୨୧୨ ଜଣ ସଭ୍ୟଙ୍କୁ ୨.୭୩ ଲକ୍ଷ ଟଙ୍କା ବଣ୍ଟନ କରାଗଲାଣି । ଏହା ବ୍ୟତୀତ ଋଣ ମଞ୍ଜୁରୀ ଓ ବଣ୍ଟନକୁ ତ୍ୱରାନ୍ୱିତ କରିବାପାଇଁ ଗ୍ରାମ୍ୟ କୃଷି କର୍ମଚାରୀମାନଙ୍କୁ ଅତି କମ୍‌ରେ ୨ ଗୋଟି ଓ ଗୋଟିଏ ଋତୁରେ ୧୨ ଗୋଟି ଋଣ ଦରଖାସ୍ତ ସଂଗ୍ରହ କରିବାପାଇଁ ନିର୍ଦ୍ଦେଶ ଦିଆଯାଇଛି ।

ସମନ୍ୱିତ ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟକ୍ରମ ଆନୁକୂଲ୍ୟରେ ୧,୪୪୩ ଗୋଟି ପରିବାରଙ୍କୁ ଥଇଥାନ କରାଯାଇ ଉନ୍ନତିବିଧାନ କରାଯାଇଛି । ଏହା ବ୍ୟତୀତ ଜାତୀୟ ଗ୍ରାମ୍ୟ କର୍ମ ନିଯୁକ୍ତି ଯୋଜନା ମାଧ୍ୟମରେ ୧,୫୯୬ ହେକ୍ଟର ଜମିରେ ବୃକ୍ଷ ରୋପଣ, ୯୪ କି: ମି: ବିଶିଷ୍ଟ ୫୫ଟି ରାସ୍ତାର ଉନ୍ନତିବିଧାନ, ୩୬ ଗୋଟି ବିଦ୍ୟାଳୟଗୃହ ନିର୍ମାଣ ଏବଂ ୭୬ ଗୋଟି ଗ୍ରାମ୍ୟ ପୋଖରୀ ଖନନ କରାଯାଇ ପାରିଛି ।

ଚଳିତ ଆର୍ଥିକ ବର୍ଷରେ ସିଲିଂ ବହିର୍ଭୂତ ବଳକା ଜମି ୪୪୦ ଏକର ଜମିହୀନ ବ୍ୟକ୍ତିଙ୍କୁ ବଣ୍ଟନ କରିବାପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ଏଥିମଧ୍ୟରୁ ବର୍ତ୍ତମାନ ସୁଦ୍ଧା ୩୨୧.୭୯ ଏକର ଜମି ତଫସିଲଭୁକ୍ତ ଜାତି ୨୮, ତଫସିଲଭୁକ୍ତ ଉପଜାତି ୮୪ ଏବଂ ଅନ୍ୟାନ୍ୟ ୩୭ ଜଣ ବ୍ୟକ୍ତିଙ୍କୁ ଯୋଗାଇ ଦିଆଯାଇଛି ଏବଂ ୩୮୮ ଗୋଟି ଗୋଟି ଶ୍ରମିକଙ୍କୁ ଚିହ୍ନଟ କରାଯାଇ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ୩୭୬ ଜଣଙ୍କୁ ଥଇଥାନ କରାଯାଇଛି ।

ଚଳିତବର୍ଷ ଦରିଦ୍ରତମ ପରିବାରଙ୍କ ଥଇଥାନ ଯୋଜନା କାର୍ଯ୍ୟକ୍ରମରେ ୬୪ ଜଣ ତଫସିଲଭୁକ୍ତ ଜାତି ଓ ୬୩ ଜଣ ତଫସିଲଭୁକ୍ତ ଉପଜାତି, ସମନ୍ୱିତ ଗ୍ରାମ୍ୟ ଉନ୍ନୟନ ଯୋଜନାରେ ୩୩୬ ତଫସିଲଭୁକ୍ତ ଜାତି ଓ ୪୩୭ ତଫସିଲଭୁକ୍ତ ଉପଜାତି ଏସ୍. ସି. ଏଫ୍. ସି. କାର୍ଯ୍ୟକ୍ରମରେ ୩୬୧ ଜଣ ତଫସିଲଭୁକ୍ତ ଜାତି ଓ ୨୯୧ ଜଣ ତଫସିଲଭୁକ୍ତ ଉପଜାତି ଏବଂ ମାଛ

ଯୋଜନାରେ ୧୧୮ ଜଣ ଆଦିବାସୀ ପରିବାର ଉପକୃତ ହୋଇପାରିଛନ୍ତି ।

ଜିଲ୍ଲାର ସର୍ବମୋଟ୍ ୨,୬୫୨ ଗୋଟି ଗ୍ରାମରେ ୫,୯୬୬ ଗୋଟି ନଳକୂପ ଆବଶ୍ୟକ ଥିବା ସ୍ଥଳେ ଗତ ଡିସେମ୍ବର ସୁଦ୍ଧା ୩,୩୨୯ ଗୋଟି ନଳକୂପ ଖନନ କରାଯାଇ ପାରିଛି ଓ ୨୯୩ ଗୋଟି ନଳକୂପର ଖନନ କାର୍ଯ୍ୟ ଚାଲିଛି । ଚଳିତ ବର୍ଷ ୩୮୫ ଗୋଟି ନୂତନ ନଳକୂପ ଖନନ ସକାଶେ ସରକାରଙ୍କଠାରୁ ମଞ୍ଜୁରପ୍ରାପ୍ତ ହୋଇଛି ଏବଂ ଗତ ବର୍ଷର ୧୮୬ ଗୋଟି ଏପରି ସର୍ବମୋଟ୍ ୫୭୦ ଟି ମଧ୍ୟରୁ ୨୯୭ ଗୋଟି ନଳକୂପ ଖନନ ସରିଛି ।

ଚଳିତ ଶିକ୍ଷାବର୍ଷରେ ଏହି ଜିଲ୍ଲାର ୧,୨୧,୦୪୭, ୧୧ ରୁ ୧୪ ବର୍ଷ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କୁ ଶିକ୍ଷାଦାନର ବ୍ୟବସ୍ଥା କରାଯାଇଛି । ତନ୍ମଧ୍ୟରୁ ୨୮,୦୫୩ ଜଣ ଛାତ୍ରୀ ଅନ୍ତର୍ଭୁକ୍ତ । ଏତଦ୍‌ବ୍ୟତୀତ ଜିଲ୍ଲାରେ ୬୬୦ ଗୋଟି ପ୍ରୌଢଶିକ୍ଷା କେନ୍ଦ୍ର ସ୍ଥାପନ କରାଯାଇ ୧୯,୮୦୦ ଜଣ ବ୍ୟକ୍ତିଙ୍କୁ ଶିକ୍ଷାଦାନ କରାଯାଇ ପାରିଛି ।

କେୟାର ଓ ଓଡ଼ିଶା ସରକାରଙ୍କ ସହାୟତାରେ ମାଗଣାରେ ୧,୬୮,୧୦୦ ଜଣଙ୍କୁ ମାଗଣା ଭୋଜନ ଯୋଗାଇ ଦିଆଯାଉଛି । ଏହି ଭୋଜନ କାର୍ଯ୍ୟକ୍ରମରେ ପୁଷ୍ଟିହୀନତା ଭୋଗୁଥିବା ୦–୬ ବର୍ଷର ଶିଶୁ, ଗର୍ଭବତୀ ଓ ପ୍ରସୂତି ମହିଳା ତଥା ୬–୧୧ ବର୍ଷର ଛାତ୍ରଛାତ୍ରୀ ଉପକୃତ ହେଉଅଛନ୍ତି ।

ଗତ ୧୯୮୪-୮୫ ଆର୍ଥିକ ବର୍ଷରେ ୧୧୮ ଗୋଟି ଗ୍ରାମ ବିଦ୍ୟୁତ୍‌କରଣ କରିବାପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା । ତନ୍ମଧ୍ୟରୁ ବର୍ତ୍ତମାନ ସୁଦ୍ଧା ୮୩ ଗୋଟି ଗ୍ରାମକୁ ବିଦ୍ୟୁତ୍‌କରଣ କରାଯାଇ ପାରିଛି । ଚଳିତ ବର୍ଷରେ ଧାର୍ଯ୍ୟ କରାଯାଇଥିବା ୮୩ ଗୋଟି ଗ୍ରାମ ମଧ୍ୟରୁ ବର୍ତ୍ତମାନ ସୁଦ୍ଧା ୨ ଗୋଟି ଗ୍ରାମ ବିଦ୍ୟୁତ୍‌କରଣ କରାଯାଇଛି । ଅବଶିଷ୍ଟ ୮୧ ଗୋଟି ଗ୍ରାମର ବିଦ୍ୟୁତ୍‌କରଣ ଚଳିତ ଜୁନ୍‌ମାସ ସୁଦ୍ଧା ସଂପୂର୍ଣ୍ଣ କରିବାପାଇଁ ପଦକ୍ଷେପ ନିଆଯାଉଛି । ସେହିଭଳି ୧୩୫ ଗୋଟି ପମ୍ପସେଟ୍‌କୁ ବିଦ୍ୟୁତ୍ ସଂଯୋଗ କରିବାପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା । ତନ୍ମଧ୍ୟରୁ ୨୨ ଗୋଟି ବର୍ତ୍ତମାନ ସୁଦ୍ଧା ହୋଇପାରିଛି । ଅବଶିଷ୍ଟ ପମ୍ପସେଟ୍‌ଗୁଡ଼ିକୁ ଉପରୋକ୍ତ ସମୟ ମଧ୍ୟରେ ବିଦ୍ୟୁତ୍ ସଂଯୋଗ କରାଯିବାପାଇଁ ପଦକ୍ଷେପ ନିଆଯାଉଛି ।

ଗତ ଡିସେମ୍ବର ମାସ ସୁଦ୍ଧା ୫୮୩ ଜଣ କୁଷ୍ଠରୋଗୀ ଓ ୧,୩୭୧ ଜଣ ଯକ୍ଷ୍ମାରୋଗୀଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସା କେନ୍ଦ୍ର ତଥା ବିଭିନ୍ନ ସ୍ୱାସ୍ଥ୍ୟ କେନ୍ଦ୍ରମାନଙ୍କ ଜରିଆରେ ଚିକିତ୍ସା କରାଯାଉଛି । ଏତଦ୍‌ବ୍ୟତୀତ ଜିଲ୍ଲାରେ ବର୍ତ୍ତମାନ ସୁଦ୍ଧା ୪,୧୮୫ ଗୋଟି ଜନ୍ମ ନିୟନ୍ତ୍ରଣ ଅସ୍ତ୍ରୋପଚାର କରାଯାଇଛି ।

ନାରୀ ଓ ଶିଶୁମାନଙ୍କର କଲ୍ୟାଣ ନିମନ୍ତେ ୫ ଗୋଟି ସମନ୍ୱିତ ଶିଶୁ ବିକାଶ ଉନ୍ନୟନ ଯୋଜନା କାର୍ଯ୍ୟକାରୀ କରାଯାଉଛି ଏବଂ ଚଳିତ ବର୍ଷ ୩ ଗୋଟି ଯୋଜନା, ଯଥା–ଖଡ଼ିଆଳ, କୋମନା ଓ ଥୁଆମୂଳ-ରାମପୁର ନୂତନ ଭାବେ ସ୍ଥାପନ କରିବାପାଇଁ ସରକାରଙ୍କଠାରୁ ମଞ୍ଜୁରୀ ମିଳିଛି । ଏତଦ୍‌ବ୍ୟତୀତ ୩ ଗୋଟି ସ୍ୱେଚ୍ଛାସେବୀ ଅନୁଷ୍ଠାନ, ୧୬୬ ଗୋଟି ଅନାଥ ଶିଶୁଙ୍କୁ ଲାଳନ ପାଳନ କରୁଛନ୍ତି ।

ଜିଲ୍ଲାରେ ସର୍ବମୋଟ୍ ୮୪୩ ଗୋଟି ସୁଲଭ ମୂଲ୍ୟ ଦୋକାନ ସ୍ଥାପନ କରାଯାଇ ଜନସାଧାରଣଙ୍କୁ ସୁଲଭ ମୂଲ୍ୟରେ ଅତ୍ୟାବଶ୍ୟକ ଖାଉଟି ଦ୍ରବ୍ୟଗୁଡ଼ିକ ଯୋଗାଇ ଦିଆଯାଉଛି । ଏଥିମଧ୍ୟରୁ ୨୧୮ ଗୋଟି ଦୋକାନ ସମବାୟ ବିଭାଗଦ୍ୱାରା ପରିଚାଳିତ କରାଯାଉଛି । ଏତଦ୍‌ବ୍ୟତୀତ ନୂଆପଡ଼ା ଅନୁବିଭାଗର ସମସ୍ତ ବ୍ଲକ୍‌ର ହାଟମାନଙ୍କରେ ଜନସାଧାରଣଙ୍କ ସୁବିଧା ନିମନ୍ତେ ଏ ପର୍ଯ୍ୟନ୍ତ ୧,୯୩୬ କୁଇଣ୍ଟାଲ ଚାଉଳ ବିକ୍ରୀ କରାଯାଇଛି ଏବଂ ଚିନି ଓ କିରାସିନି ମଧ୍ୟ ଯୋଗାଇ ଦିଆଯାଉଛି ।

ଲକ୍ଷ୍ମୀଗଡ଼ ଓ ଥୁଆମୂଳ-ରାମପୁରରେ ସୁଲଭ ମୂଲ୍ୟରେ, ଯଥା–ଟ୧'୮୫ ପଇସାରେ ଚାଉଳ ଏବଂ ଟ୧'୫୦ ପଇସାରେ ଗହମ ସୁଲଭ ମୂଲ୍ୟ ଦୋକାନ ତଥା ବିଭିନ୍ନ ହାଟ ଜରିଆରେ ଚାଉଳ ୮୦ ଟନ୍ ଏବଂ ଗହମ ୮୯ ଟନ୍ ଯୋଗାଇ ଦିଆଯାଉଛି ।

ଜିଲ୍ଲାର ବିଭିନ୍ନ ହାଟରେ ଯଥା–ଭବାନୀପାଟଣାରେ ଚାଉଳ କେ: ଜି: ପ୍ରତି ଟ୨.୫୦ରୁ ଟ୨'୬୦, କେସିଙ୍ଗା ଟ୨.୫୦, ଜୁନାଗଡ ଟ୨'୨୦ ରୁ ଟ୨.୫୦ ଏବଂ ଖଡ଼ିଆଳ ରୋଡରେ ଟ୨'୫୦ ଲେଖାଏଁ ବିକ୍ରୟ କରାଯାଉଛି । ବର୍ତ୍ତମାନ ସୁଦ୍ଧା ୯,୬୦୫.୩ ମେଟ୍ରିକ୍ ଟନ୍ ଚାଉଳ ଭାରତୀୟ ଖାଦ୍ୟ ନିଗମରୁ ଯୋଗାଇ ଦିଆଯାଉଛି ଏବଂ ୧୨୧'୮ ମେଟ୍ରିକ୍ ଟନ୍ ଚାଉଳ ଖାଉଟିମାନଙ୍କୁ ବିଭିନ୍ନ ବିକ୍ରୟ କେନ୍ଦ୍ରମାନଙ୍କ ଜରିଆରେ ଯୋଗାଇ ଦିଆଯାଉଛି । ବର୍ତ୍ତମାନ ଚାଉଳ ପାଇଁ ବିଶେଷ ଚାହିଦା ନାହିଁ । ଜିଲ୍ଲାରେ ଜନସାଧାରଣଙ୍କୁ ସୁଲଭ ମୂଲ୍ୟରେ ଚାଉଳ ବିକ୍ରୟ କରିବା ପାଇଁ ୧୧୫'୦ ଟନ୍ ଚାଉଳ ଗଚ୍ଛିତ ଅଛି । ସରକାର ୮୬ ଜାନୁଆରୀ ପାଇଁ ୨୦୦ ମେଟ୍ରିକ୍‌ଟନ୍ ଗହମ ଅନୁଦାନ ଦେଇଛନ୍ତି । ଚାହିଦା ନଥିବାରୁ ଭାରତୀୟ ଖାଦ୍ୟ ନିଗମରୁ ଏହା ବର୍ତ୍ତମାନ ସୁଦ୍ଧା ଉଠାଣ କରାଯାଇ ନାହିଁ । ଏତଦ୍‌ବ୍ୟତୀତ ମଇଦା ଏବଂ ସୁଜି ଯୋଗାଣ ପାଇଁ କୌଣସି ଅସୁବିଧା ନାହିଁ, ସେହିଭଳି ଜାନୁଆରୀ ୧୯୮୬ ମାସ ପାଇଁ ୫୪୫ ଟନ୍ ଚିନି ଅନୁଦାନ ମିଳିଛି । ଏହି ଚିନି ଉଠାଣ କରାଯାଇ ଜନସାଧାରଣଙ୍କୁ ବଣ୍ଟନ କରାଯାଉଛି । ଚଳିତବର୍ଷର ୪ର୍ଥ ଭାଗରେ ୧,୨୪୦ ମେଟ୍ରିକ୍ ଟନ୍ ସିମେଣ୍ଟ ଅନୁଦାନ ମିଳିଥିଲା । ସେଥିମଧ୍ୟରୁ ୧୬୭.୫ ମେଟ୍ରିକ୍ ଟନ୍ ସିମେଣ୍ଟ ଉଠାଣ କରି ଜିଲ୍ଲାର ମହଜୁଦ୍‌କାରୀମାନେ ମହଜୁଦ କରି ରଖିଛନ୍ତି । କଣ୍ଟ୍ରୋଲ କପଡ଼ା ଏବଂ ଜନତା କପଡ଼ାର ଅଭାବ ଥିବାରୁ ପରିଚାଳନା ନିର୍ଦ୍ଦେଶକ, ଓଡ଼ିଶା ସମବାୟ ଫେଡେରେସନ୍, ଭୁବନେଶ୍ୱରଙ୍କୁ ଯୋଗାଇ ଦେବା ସକାଶେ ଅନୁରୋଧ କରାଯାଇଛି । ଶିଶୁ ଖାଦ୍ୟ ପାଇଁ ଏ ମାସରେ ୧୯୦ ପେଟି ଅମୁଲ ସ୍ପ୍ରେ ପାଇକାରୀ ବିକ୍ରେତାମାନେ ପାଇଛନ୍ତି । ଏହାଛଡ଼ା ଅନ୍ୟାନ୍ୟ ଶିଶୁଖାଦ୍ୟ ମଧ୍ୟ ଏହି ଜିଲ୍ଲାରେ ଗଚ୍ଛିତ ଅଛି । ଉକ୍ତ ଖାଦ୍ୟର ବିତରଣ ସୁବ୍ୟବସ୍ଥିତ ରୂପରେ ଚାଲିଛି । ଏତଦ୍‌ବ୍ୟତୀତ ଟାୟାର ଓ ଟ୍ୟୁବ୍ ମିଳିବାରେ କୌଣସି ଅସୁବିଧା ପରିଲକ୍ଷିତ ହୋଇ ନାହିଁ । ଚଳିତ ଜାନୁଆରୀ ମାସରେ ୩୮୪ କି: ଲି: କିରାସିନି ଅନୁଦାନ ମଧ୍ୟରୁ ୧୬୬ କି: ଲି: କିରାସିନି ପାଇକାରୀ ବିକ୍ରେତାମାନଙ୍କୁ ବିକ୍ରୟ ପାଇଁ ଯୋଗାଇ ଦିଆଯାଇଛି । ଏହାବ୍ୟତୀତ ୬୦୦ ଟିଣ ଡାଲଡେଲ ନୂଆପଡ଼ା ପୁରାତନ ମହଜୁଦକାରୀ ଷ୍ଟୋରେଜ୍ ଏଜେଣ୍ଟ ପାଇଛନ୍ତି । ଏହା ଜନସାଧାରଣଙ୍କୁ ବିକ୍ରୟପାଇଁ ଯୋଗାଇ ଦିଆଯାଉଛି । ଏହି ଜିଲ୍ଲାରେ ଗ୍ରାମ୍ୟ ଗୃହ ନିର୍ମାଣ ଯୋଜନା ୧୯୮୪-୮୫ ମସିହାରୁ

ଆରମ୍ଭ ହୋଇଛି । ଉକ୍ତ ଯୋଜନା ବାବଦକୁ ଅଦ୍ୟାବଧି ୩,୩୨୮ ଗୋଟି ଗୃହ ନିର୍ମାଣ ପାଇଁ ୪୦.୧୨୫ ଲକ୍ଷ ଟଙ୍କା ଅନୁଦାନ ମିଳିଛି । ସେଥିମଧ୍ୟରୁ ବର୍ତ୍ତମାନ ସୁଦ୍ଧା ୨,୭୦୫ ଗୋଟି ଗୃହ ନିର୍ମାଣ କରାଯାଇ ୧,୧୧୦ ତଫସିଲଭୁକ୍ତ ଜାତି, ୯୬୮ ତଫସିଲଭୁକ୍ତ ଉପଜାତି ଏବଂ ୬୨୭ ଅନ୍ୟାନ୍ୟପରିବାରଙ୍କୁ ଯୋଗାଇ ଦିଆଯାଇଛି । ଅବଶିଷ୍ଟ ଗୃହର ନିର୍ମାଣ କାର୍ଯ୍ୟ ଚାଲିଛି ।

ଚଳିତ ବର୍ଷ ମରୁଡିଜନିତ ୧୭ ଗୋଟି ବ୍ଲକ୍‌ପାଇଁ ଗ୍ରାମ୍ୟ ଗୋଷ୍ଠୀ ଉନ୍ନୟନ ଓ ପୁନର୍ଗଠନ ବିଭାଗରୁ ମୋଟ୍ ୧୬,୭୫,୦୦୦ ଟଙ୍କା ଅନୁଦାନ ମିଳିଥିଲା ଏବଂ ଉକ୍ତ ଅର୍ଥକୁ ବିନିଯୋଗ କରିବା ନିମନ୍ତେ ସଂପୃକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀମାନଙ୍କୁ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଯଥା—ରାସ୍ତା ତିଆରି ଏବଂ ବନ୍ଧ ଓ ପୋଖରୀ ଖନନ କରି ଗରିବ ଶ୍ରେଣୀ ଲୋକଙ୍କୁ କାମଧନ୍ଦା ଯୋଗାଇ ଦେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ବର୍ତ୍ତମାନ ସୁଦ୍ଧା ୧୧,୭୨,୬୧୦ ଟଙ୍କା ବିନିଯୋଗ କରାଯାଇଛି ।

ଏତଦ୍‌ବ୍ୟତୀତ ରାଜସ୍ୱ ବିଭାଗରୁ ମିଳିଥିବା ୩୯,୧୩,୫୦୦ ଟଙ୍କା ଚଳିତ ବର୍ଷ ନୂଆପଡା ଅନୁବିଭାଗରେ ମରୁଡିଜନିତ ପ୍ରତିକାର କରି ଲୋକଙ୍କୁ କାମଧନ୍ଦା ଯୋଗାଇବା ପାଇଁ ଅନୁଦାନ ମିଳିଛି । ଏ ପର୍ଯ୍ୟନ୍ତ ଉକ୍ତ ଅନୁଦାନରୁ ୩୭,୦୭,୫୦୦ ଟଙ୍କା ଖର୍ଚ୍ଚ କରାଯାଇଛି ଏବଂ ଅବଶିଷ୍ଟ ଟଙ୍କାର କାର୍ଯ୍ୟ ଚାଲୁ ରହିଛି ।

ଚଳିତ ଆର୍ଥିକ ବର୍ଷରେ ୫୦୦ ଗୋଟି ଜୈବିକ ବାଷ୍ପ ପ୍ରକଳ୍ପ ସ୍ଥାପନ କରିବାପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ଏଥିମଧ୍ୟରୁ ବର୍ତ୍ତମାନ ସୁଦ୍ଧା ୧୬୪ ଗୋଟି ସ୍ଥାପନ ହୋଇସାରିଛି ।

ଜିଲ୍ଲାରେ ୩·୪୬ ଲକ୍ଷ ଚାରା ରୋପଣ କରିବା ପାଇଁ ସରକାରଙ୍କ ତରଫରୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ତନ୍ମଧ୍ୟରୁ ବର୍ତ୍ତମାନ ସୁଦ୍ଧା ବିଭିନ୍ନ ବିଭାଗ ମାଧ୍ୟମରେ ୪,୨୯୬ ହେକ୍ଟର ଜମିରେ ୬୧·୩୪ ଲକ୍ଷ ଚାରା ରୋପଣ କରାଯାଇଛି ।

୧୯୮୫-୮୬ ମସିହାରେ ଜିଲ୍ଲାର ବିଭିନ୍ନ ନୂତନ ରାସ୍ତା ଓ ରାସ୍ତା ଉପରେ ପୋଲ ନିର୍ମାଣ ବାବଦକୁ ନିର୍ବାହୀ ଯନ୍ତ୍ରୀ ଯଥାକ୍ରମେ ୫୧.୬୫ ଲକ୍ଷ ଓ ୭୬·୫୩ ଲକ୍ଷ ଟଙ୍କା ଅନୁଦାନ ପାଇଥିଲେ । ସେଥିମଧ୍ୟରୁ ଯଥାକ୍ରମେ ୧୧.୯୩ ଲକ୍ଷ ଓ ୪୧·୫୨ ଲକ୍ଷ ଟଙ୍କା ଖର୍ଚ୍ଚ ସରିଛି । ଏତଦ୍‌ବ୍ୟତୀତ ରାସ୍ତାଗୁଡିକର ରକ୍ଷଣାବେକ୍ଷଣ ନିମନ୍ତେ ବିଗତ ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ନିର୍ବାହୀ ଯନ୍ତ୍ରୀ ୨୬·୧୬ ଲକ୍ଷ ଟଙ୍କା ପାଇଛନ୍ତି । ବର୍ତ୍ତମାନ ପର୍ଯ୍ୟନ୍ତ ୧୬·୫୧ ଲକ୍ଷ ଟଙ୍କା ଖର୍ଚ୍ଚ ସରିଛି ।

କଳାହାଣ୍ଡି ପ୍ରକଳ୍ପ ବିଭାଗ ନିର୍ବାହୀ ଯନ୍ତ୍ରୀ ଚଳିତ ବର୍ଷ ପଞ୍ଚାୟତ ରାସ୍ତା ନିମନ୍ତେ ୧୦.୪୨ ଲକ୍ଷ, ଗ୍ରାମ୍ୟରାସ୍ତା ନିମନ୍ତେ ୧୧.୫୨ ଲକ୍ଷ, ଜାତୀୟ ଗ୍ରାମ୍ୟ କର୍ମ ନିଯୁକ୍ତି ଯୋଜନା କାର୍ଯ୍ୟକ୍ରମ ନିମନ୍ତେ ୨·୦୦ ଲକ୍ଷ ଏବଂ ରାସ୍ତାଗୁଡିକର ରକ୍ଷଣାବେକ୍ଷଣ ନିମନ୍ତେ ୩୮·୦୪ ଲକ୍ଷ ଟଙ୍କା ଅନୁଦାନ ପାଇଛନ୍ତି । ଉକ୍ତ ଅନୁଦାନରୁ ଯଥାକ୍ରମେ ୧୦·୩୬ ଲକ୍ଷ, ୩·୬୬ ଲକ୍ଷ, ୫.୧୬ ଲକ୍ଷ, ୨·୭୯ ଲକ୍ଷ ଟଙ୍କା ଖର୍ଚ୍ଚ କରିପାରିଛନ୍ତି । ଏତଦ୍‌ବ୍ୟତୀତ ଏହି ବିଭାଗ ଦ୍ୱାରା ୧୯୮୩-୮୪ ମସିହାର କାର୍ଯ୍ୟକ୍ରମ ଅନୁସାରେ ଆର୍. ଏଲ୍. ଇ. ଜି. ପି. ଓ ୧୯୮୪-୮୫ ମସିହାର କାର୍ଯ୍ୟକ୍ରମ ଅନୁଯାୟୀ ୫.୬୦ ଲକ୍ଷ ଓ ୩·୧୨ ଲକ୍ଷ ଟଙ୍କା ଖର୍ଚ୍ଚ କରି ଲୋକଙ୍କୁ କାର୍ଯ୍ୟ ଯୋଗାଇ ଦିଆଯାଇଛି ।

---

## ପରିବାର କଲ୍ୟାଣପାଇଁ ପ୍ରୋତ୍ସାହନ

ସୀମିତ ପରିବାର ଗଠନରେ ଆଗ୍ରହୀ ଦଂପତିଙ୍କ ପାଇଁ ମିଳୁଥିବା ଆର୍ଥିକ ସୁବିଧା ସୁଯୋଗକୁ ଇତିମଧ୍ୟରେ ବୃଦ୍ଧି କରାଯାଇଛି । ପୂର୍ବରୁ ପୁରୁଷ ଅସ୍ତ୍ରୋପଚାର ପାଇଁ ମିଳୁଥିବା ସର୍ବମୋଟ୍ ଟଙ୍କାର ପରିମାଣ ୧୧୫ ଟଙ୍କାରୁ ୧୪୫ ଟଙ୍କାକୁ ଓ ମହିଳା ଅସ୍ତ୍ରୋପଚାର ପାଇଁ ୧୩୫ ଟଙ୍କାରୁ ୧୫୫ ଟଙ୍କାକୁ ବୃଦ୍ଧି କରାଯାଇଛି । ଏ ବାବଦ ଟଙ୍କା ଅସ୍ତ୍ରୋପଚାର ପରେ ପରେ ମିଳିଥାଏ ।

ଏହା ବ୍ୟତୀତ ସ୍ଥାୟୀ ଗର୍ଭ ନିରୋଧ ପଦ୍ଧତି ଗ୍ରହଣ କରିବା ପାଇଁ ପ୍ରବର୍ତ୍ତାଉଥିବା ବ୍ୟକ୍ତିଙ୍କୁ ପ୍ରତ୍ୟେକ ପୁରୁଷ ଅସ୍ତ୍ରୋପଚାର ପାଇଁ ପୂର୍ବରୁ ଥିବା ୭ ଟଙ୍କାରୁ ୧୦ ଟଙ୍କାକୁ ଓ ମହିଳା ଅସ୍ତ୍ରୋପଚାର ପାଇଁ ପୂର୍ବରୁ ଥିବା ୬ ଟଙ୍କାରୁ ୮ ଟଙ୍କାକୁ ବୃଦ୍ଧି କରାଯାଇଛି ।

ଆଉମଧ୍ୟ ଭାସେକ୍ଟୋମୀ ଓ ଟ୍ୟୁବେକ୍ଟୋମୀ ନିମନ୍ତେ ଗ୍ରାମ୍ୟ ଧାଈ (ଟି. ବି. ଏ.) ପ୍ରବର୍ତ୍ତକ ହିସାବରେ କାର୍ଯ୍ୟ କଲେ ସେମାନଙ୍କୁ ଯଥାକ୍ରମେ ପୂର୍ବ ପ୍ରଚଳିତ ୭ ଟଙ୍କା ପରିବର୍ତ୍ତେ ୧୫ ଟଙ୍କା ଓ ୬ ଟଙ୍କା ପରିବର୍ତ୍ତେ ୧୨ ଟଙ୍କା ମିଳିବ ।

---

## ରାଜ୍ୟ ମତ୍ସ୍ୟ ପରାମର୍ଶଦାତା ବୋର୍ଡ଼

ରାଜ୍ୟ ସରକାର ମତ୍ସ୍ୟ ପରାମର୍ଶଦାତା ବୋର୍ଡକୁ ପୁନର୍ଗଠନ କରିଛନ୍ତି । ମତ୍ସ୍ୟ ବିଭାଗ ରାଷ୍ଟ୍ରମନ୍ତ୍ରୀ ଏହି ବୋର୍ଡର ଅଧ୍ୟକ୍ଷ ରହିବେ ଏବଂ ମତ୍ସ୍ୟ ନିର୍ଦ୍ଦେଶକ ଏହାର ସଭ୍ୟ ଓ ଆବାହକ ଭାବରେ କାର୍ଯ୍ୟ କରିବେ । ଏହି ପୁନର୍ଗଠିତ ବୋର୍ଡରେ ଯେଉଁମାନେ ସଭ୍ୟ ରହିବେ, ସେମାନେ ହେଲେ :—ବାଲେଶ୍ୱର, ବାଙ୍କୀ, ଚିଲିକା, ଗୋପାଳପୁର, ଆସ୍କା, ଏରସମା, ବୀରମିତ୍ରପୁର ସମ୍ବଲପୁର, ଆନନ୍ଦପୁର, ରାଇରଙ୍ଗପୁର, ପାଲଲହଡ଼ା, ସଇଁତଳା, କୋକସରା, ଉମରକୋଟ, ବୌଦ, ନୂଆପଡ଼ା, ଯାଜପୁର, ନିର୍ବାଚନ ମଣ୍ଡଳୀର ବିଧାୟକଗଣ, ଅବସରପ୍ରାପ୍ତ ମତ୍ସ୍ୟ ବିଭାଗ ନିର୍ଦ୍ଦେଶକ ଶ୍ରୀ ଗଜେନ୍ଦ୍ରନାଥ ମିତ୍ର, ପାଟଣାଗଡ଼ର ଶ୍ରୀ ଚନ୍ଦ୍ରଭାନୁ ମେହେର, ଜଂଗଲ, ମତ୍ସ୍ୟ ଓ ପଶୁ ପାଳନ ବିଭାଗ ଶାସନ ସଚିବ, ଭାରତୀୟ ଷ୍ଟେଟ୍‌ବ୍ୟାଂକ, ସିଣ୍ଡିକେଟ ବ୍ୟାଂକ ଓ ନାବାର୍ଡର ପ୍ରତିନିଧି ବୃନ୍ଦ, ଅଗନ୍‌ବୋଟ୍ ବିଲ୍ଡର୍ସ ଓ ଟ୍ରଲର ଓନର ଆସୋସିଏସନ୍‌ର ପ୍ରତିନିଧି, ରାଜ୍ୟ ଅର୍ଥ ନିଗମ, ଓମ୍ବାର୍ଡ ଓ ମତ୍ସ୍ୟ ଯାଆଁଳ ଉନ୍ନୟନ ନିଗମର ପରିଚାଳନା ନିର୍ଦ୍ଦେଶକଗଣ, ବାଲୁଗାଁ କେନ୍ଦ୍ର ମତ୍ସ୍ୟ ସମବାୟ ବାଣିଜ୍ୟିକ ସମିତି, କଟକସ୍ଥ କେନ୍ଦ୍ର ମତ୍ସ୍ୟ ଗବେଷଣା ପ୍ରତିଷ୍ଠାନ, କଟକସ୍ଥ ସି. ଆଇ. ଫୁଡ୍ ଲିମିଟେଡ଼ ଓ ଏମ୍: ପି: ଇ: ଡି: ଏ: ର: ପ୍ରତିନିଧିମାନେ ।

ଏହି ପରାମର୍ଶଦାତା ବୋର୍ଡ ରାଜ୍ୟ ମତ୍ସ୍ୟ ସମ୍ପଦ ଉପଯୁକ୍ତ ବିନିଯୋଗ ଓ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ ତଥା ଅନ୍ୟାନ୍ୟ କାର୍ଯ୍ୟକ୍ରମ ସମ୍ବନ୍ଧରେ ରାଜ୍ୟ ସରକାରଙ୍କୁ ପରାମର୍ଶ ଦେବେ । ବୋର୍ଡର ବୈଠକ ବର୍ଷକୁ ଅନ୍ତତଃ ପକ୍ଷେ ଦୁଇଥର

ବର୍ଷି ବିଭିନ୍ନ କାର୍ଯ୍ୟକ୍ରମଗୁଡ଼ିକର ସମୀକ୍ଷା କରିବେ ।

---

## କଳାହାଣ୍ଡି ଜିଲ୍ଲାରେ ସମନ୍ୱିତ ଗ୍ରାମାଞ୍ଚଳ ଉନ୍ନୟନ କାର୍ଯ୍ୟକ୍ରମ

ଚଳିତ ଆର୍ଥିକ ବର୍ଷର ନଭେମ୍ବର ଶେଷସୁଦ୍ଧା ସମନ୍ୱିତ ଗ୍ରାମାଂଚଳ ଉନ୍ନୟନ କାର୍ଯ୍ୟକ୍ରମ ଅନୁଯାୟୀ କଳାହାଣ୍ଡି ଜିଲ୍ଲାରେ ୧୭୭ଜଣ ମହିଳାଂକ ସମେତ ୧,୪୪୩ ଜଣ ଉପକୃତ ହୋଇଛନ୍ତି । ସେମାନଂକ ମଧ୍ୟରେ ୩୩୬ ଜଣ ତଫସିଲଭୁକ୍ତଜାତି ଓ ୪୩୭ ଜଣ ତଫସିଲଭୁକ୍ତ ସଂପ୍ରଦାୟର ଲୋକ ଅନ୍ତର୍ଭୁକ୍ତ ।

ଏ ବାବଦରେ ମୋଟ୍ ୨୫ ଲକ୍ଷ ୮୮ ହଜାର ଟଂକା ବିନିଯୋଗ କରାଯାଇଛି ଏବଂ ବିଭିନ୍ନ ଧଂଦା ଲାଗି ସମବାୟ ଓ ବ୍ୟବସାୟିକ ବ୍ୟାଂକଗୁଡ଼ିକରୁ ଉପରୋକ୍ତ ଲୋକମାନଂକୁ ୩୫ ଲକ୍ଷ ୫୩ ହଜାର ଟଂକାର ଋଣ ମଂଜୁର କରାଯାଇଛି ।

---

## ଫୁଲବାଣୀ ଜିଲ୍ଲାରେ ଗୋତିଶ୍ରମିକ ଥଇଥାନ

ଗତ ଡ଼ିସେମ୍ବର ଶେଷସୁଦ୍ଧା ଫୁଲବାଣୀଜିଲ୍ଲାରେ ୧,୭୦୬ଜଣ ଗୋତି ଶ୍ରମିକଂକୁ ଥଇଥାନ କରାଯାଇଛି । ଏମାନଙ୍କ ମଧ୍ୟରେ ୭୭୧ ଜଣ ତଫସିଲଭୁକ୍ତ ଜାତି ଓ ୬୨୯ ଜଣ ତଫସିଲଭୁକ୍ତ ସଂପ୍ରଦାୟ ଲୋକ ଅନ୍ତର୍ଭୁକ୍ତ । ଏ ବାବଦରେ ମୋଟ ୫୦ ଲକ୍ଷ ୮୬ ହଜାର ଟଂକା ବିନିଯୋଗ କରାଯାଇଛି ।

ଏହି ଯୋଜନାର ଆରମ୍ଭରୁ ଡ଼ିସେମ୍ବର ଶେଷସୁଦ୍ଧା ଜିଲ୍ଲାରେ ୧,୦୧୮ ଜଣ ତଫସିଲଭୁକ୍ତ ଜାତି ଓ ୮୨୬ ଜଣ ତଫସିଲଭୁକ୍ତ ସଂପ୍ରଦାୟର ଲୋକଂକସମେତ ମୋଟ୍ ୨,୭୭୩ ଜଣ ଗୋତି ଶ୍ରମିକଂକୁ ମୁକ୍ତ କରାଯାଇଛି ।

## ଭୁବନେଶ୍ୱରସ୍ଥ ରାମକୃଷ୍ଣ କଲୋନୀଠାରେ କୁଷ୍ଠ ନିବାରଣ ଦିବସ ପାଳନ

ମହାତ୍ମା ଗାଂଧୀଂଙ୍କ ତିରୋଧାନ ଦିବସଟି କୁଷ୍ଠ ନିବାରଣ ଦିବସଭାବେ ପାଳନ କରାଯାଉଥିବାରୁ ଏହି ଉପଲକ୍ଷେ ଗତ ଜାନୁଆରୀ ୨୯ ଦିନ ହିନ୍ଦ୍ କୁଷ୍ଠ ନିବାରଣ ସଂଘର ରାଜ୍ୟ ଶାଖା ତରଫରୁ ଭୁବନେଶ୍ୱରସ୍ଥ ରାମକୃଷ୍ଣ କୁଷ୍ଠ କଲୋନୀଠାରେ ଏକ ଉତ୍ସବ ପାଳନ କରାଯାଇଥିଲା । ଏଥିରେ ରାଜ୍ୟପାଳ ତଥା ହିନ୍ଦ୍ କୁଷ୍ଠ ନିବାରଣ ସଂଘର ରାଜ୍ୟଶାଖା ସଭାପତି ଶ୍ରୀ ବିଶ୍ୱମ୍ଭରନାଥ ପାଣ୍ଡେ ମୁଖ୍ୟ ଅତିଥିଭାବେ ଓ ରାଜ୍ୟ ସ୍ୱାସ୍ଥ୍ୟ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ହେମାନନ୍ଦ ବିଶ୍ୱାଳ ସଭାପତିତ୍ୱ କରିଥିଲେ ।

ରାଜ୍ୟପାଳ ଶ୍ରୀ ପାଣ୍ଡେ ଉଦ୍‌ବୋଧନଦେଇ କହିଲେ ଯେ କୁଷ୍ଠରୋଗୀର ସେବା ଏକ ପରମ ଧର୍ମ । ଗାଂଧୀଜୀ ଏହା ଉପରେ ବିଶେଷ ଗୁରୁତ୍ୱ ଆରୋପ କରିଥିଲେ । ଆମର ଅର୍ଥନୈତିକ ବିଂଶସୂତ୍ରୀ କାର୍ଯ୍ୟକ୍ରମରେ କୁଷ୍ଠରୋଗ ନିବାରଣ ମଧ୍ୟ ଅନ୍ତର୍ଭୁକ୍ତ । କୁଷ୍ଠରୋଗକୁ ଡରିବାର କିଛି କାରଣ ନାହିଁ । ଏହା ଏକ ଭଲହେବାରୋଗବୋଲି ଯେଉଁ ଧାରଣା ରହିଛି, ତାହା ଠିକ୍ ନୁହେଁ । କୁଷ୍ଠରୋଗୀର ସେବାପାଇଁ ବହୁ ବଦାନ୍ୟ ବ୍ୟକ୍ତି ଓ ବହୁ ଦାତବ୍ୟ ଅନୁଷ୍ଠାନ ବଖରର ଆଗ୍ରହପ୍ରକାଶ କରି ସେବାକରି ଆସିଛନ୍ତି । ଏଲ୍ଲାହାବାଦ୍‌ଠାରେ ଆମେରିକା ଲୋକମାନେ କୁଷ୍ଠାଶ୍ରମ ପ୍ରତିଷ୍ଠାକରି ସେବା କରୁଛନ୍ତି ।

ଆମ ରାଜ୍ୟରେ, ବିଶେଷକରି ପୁରୀ ଓ ଗଂଜାମ ଜିଲ୍ଲାରେ ବହୁତ କୁଷ୍ଠରୋଗୀ ଅଛନ୍ତି । ଆନ୍ଧ୍ରର ଶ୍ରୀକାକୁଲମ୍ ଜିଲ୍ଲା ଓ ତାମିଲନାଡୁର ମଦୁରାଇ ଅଂଚଳରେ ମଧ୍ୟ ଅନେକ କୁଷ୍ଠ ରୋଗୀ ଅଛନ୍ତି । ପୁରୁଲିଆରେ ପ୍ରତି ୧ ହଜାରଙ୍କ ମଧ୍ୟରେ ୩ ଶହ ଜଣ କୁଷ୍ଠରୋଗୀ ଅଛନ୍ତି ବୋଲି ରାଜ୍ୟପାଳ ସୂଚନା ଦେଇଥିଲେ ।

ସମ୍ବଲପୁର ଜିଲ୍ଲା ହାତୀବାଡ଼ି କୁଷ୍ଠାଶ୍ରମରେ କୁଷ୍ଠରୋଗୀମାନଂକୁ ବିଭିନ୍ନ ମାଧ୍ୟମରେ ଥଇଥାନ କରାଯିବା ପାଇଁ ଯେଉଁସବୁ କାର୍ଯ୍ୟକ୍ରମ ରହିଛି, ଅନ୍ୟତ୍ର ମଧ୍ୟ ଅନୁରୂପ ବ୍ୟବସ୍ଥା କରାଯାଇ ସେମାନଙ୍କ ଦ୍ୱାରା ପ୍ରସ୍ତୁତ ହସ୍ତଶିଳ୍ପ, ବସ୍ତ୍ର, କୃଷିଜାତ ଦ୍ରବ୍ୟ, ବିଶେଷକରି କଟକ କୁଷ୍ଠାଶ୍ରମରେ ପ୍ରସ୍ତୁତ ହେଉଥିବା ଯୋତା ଇତ୍ୟାଦିର ଉପଯୁକ୍ତ ମାର୍କେଟିଂ ଉପରେ ରାଜ୍ୟପାଳ ଗୁରୁତ୍ୱ ଆରୋପ କରିଥିଲେ । ଏହି ସଭାରେ ରାଜ୍ୟପାଳ ୬୫ ବର୍ଷରୁ ଉର୍ଦ୍ଧ୍ୱ ୧୦ ଜଣ କୁଷ୍ଠରୋଗୀଂକୁ ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ କରିଥିଲେ ।

ସ୍ୱାସ୍ଥ୍ୟ ରାଷ୍ଟ୍ରମନ୍ତ୍ରୀ ତାଂକ ଭାଷଣରେ ରାଜ୍ୟ ସରକାରର କୁଷ୍ଠ ନିରାକରଣ ଓ ସେମାନଂକ ଥଇଥାନ ସଂପର୍କରେ ସୂଚନା ଦେଇ କହିଲେ ଯେ ଆମ ରାଜ୍ୟରେ ପ୍ରାୟ ସାଢ଼େ ୩ ଲକ୍ଷ କୁଷ୍ଠରୋଗୀ ଅଛନ୍ତି । ତନ୍ମଧ୍ୟରୁ ପ୍ରାୟ ୩୦ ହଜାର ଭିକ୍ଷାବୃତ୍ତି ଅବଲମ୍ବନ କରୁଛନ୍ତି । ଏମାନଙ୍କ ଆରୋଗ୍ୟ ସକାଶେ ୟୁନିସେଫ୍ ତରଫରୁ ମଲଟି ଡ୍ରଗ୍ ଯୋଗାଇ ଦିଆଯାଉଛି । କୁଷ୍ଠରୋଗୀଂକୁ ବାସନ୍ଦ ବ୍ୟବସ୍ଥା ଉଚ୍ଛେଦ୍ ସକାଶେ ଏକ ଆଇନ ପ୍ରଣୟନ କରାଯାଉଛି, ଯାହାକି ଆସନ୍ତା ବିଧାନ ସଭାରେ ଉପସ୍ଥାପନ କରାଯିବ । ଏ ସଂପର୍କରେ କେବଳ ଆଇନ ପ୍ରଣୟନ କଲେ, ଯଥେଷ୍ଟ ହେବନାହିଁ ଏବଂ ଏଥିପାଇଁ ବିଭିନ୍ନ ସ୍ୱେଚ୍ଛାସେବୀମାନେ ଆଗଭରହୋଇ ଜନମତ ସଶକ୍ତିକରିବାକୁ ସେ ପରାମର୍ଶ ଦେଇଥିଲେ । ହାତୀବାଡ଼ି କୁଷ୍ଠାଶ୍ରମ ଭଳି ପୁରୀଠାରେ ଆଉ ଗୋଟିଏ କୁଷ୍ଠାଶ୍ରମ (ହେଲ୍‌ଥ ହୋମ୍) ଖୁବ୍ ନିକଟରେ ଖୋଲଯାଉଛି ବୋଲି ସେ ସୂଚନା ଦେଇଥିଲେ ।

ଏହି ସଭାରେ ଶ୍ରୀ ବିଶ୍ୱାଳ ରାମକୃଷ୍ଣ କୁଷ୍ଠ କଲୋନୀର ପିଲମାନଙ୍କ ଦ୍ୱାରା ଅନୁଷ୍ଠିତ କ୍ରୀଡ଼ା ପ୍ରତିଯୋଗିତାର କୃତୀ ଖେଳାଳୀମାନଂକୁ ପୁରସ୍କାର ବିତରଣ କରିଥିଲେ ।

ସର୍ବଭାରତୀୟ ଇଂଦିରା କୁଷ୍ଠସେବା ସମିତିର ସଂପାଦକ ଶ୍ରୀ ପୂର୍ଣ୍ଣଚଂଦ୍ର ନାୟକ ଉତ୍ସବରେ ଭାଷଣଦେଇ କୁଷ୍ଠରୋଗୀଂଙ୍କ କେତେକ ମୌଳିକ ସମସ୍ୟା ଉପରେ ଦୃଷ୍ଟି ଆକର୍ଷଣ କରିଥିଲେ । ସଂଘର ରାଜ୍ୟ ଶାଖା ଅବୈତନିକ ସଂପାଦକ ଶ୍ରୀ ବିଶ୍ୱନାଥ ଧନ୍ୟବାଦ ଅର୍ପଣ କରିଥିଲେ ।

ଅନ୍ୟମାନଂଙ୍କ ମଧ୍ୟରେ ଜଟଣୀ ବିଧାୟକ ଶ୍ରୀ ସୁରେଶକୁମାର ରାଉତରାୟ, ସ୍ୱାସ୍ଥ୍ୟ ନିର୍ଦ୍ଦେଶକ, ଡ଼ଃ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ ।

## ମାଛଚାଷ ପାଇଁ

ସପ୍ତମ ଯୋଜନାରେ ମତ୍ସ୍ୟଚାଷର ଉନ୍ନତି ପାଇଁ ରାଜ୍ୟ ଓ କେଂନ୍ଦ୍ର ସରକାରଂକ ସହାୟତାରେ ମତ୍ସ୍ୟ ଉନ୍ନୟନ ସଂସ୍ଥା

ଲବଣ ଜଳ ଉନ୍ନୟନ ସଂସ୍ଥା, କ୍ଷୁଦ୍ର ଘାଟ ଓ ଅବତରଣ ସୁବିଧା ଓ ମତ୍ସ୍ୟ ସମବାୟ ସମିତିକୁ ସାହାଯ୍ୟ ପ୍ରଦାନ କାର୍ଯ୍ୟକ୍ରମଗୁଡ଼ିକରେ ୬ କୋଟି ୧୬ ଲକ୍ଷ ୬୯ ହଜାର ଟଙ୍କା ବ୍ୟୟ କରାଯିବା ପାଇଁ ଅନୁମୋଦନ କରାଯାଇଛି । ତନ୍ମଧ୍ୟରୁ ରାଜ୍ୟ ସରକାର ୪ କୋଟି ୭୧ ଲକ୍ଷ ୬୯ ହଜାର ଟଙ୍କା ଓ କେନ୍ଦ୍ର ସରକାର ୧ କୋଟି ୯୫ ଲକ୍ଷ ଟଙ୍କା ବିନିଯୋଗ କରିବାପାଇଁ ବ୍ୟବସ୍ଥା ରଖାଯାଇଛି ।

ଏଠାରେ ଉଲ୍ଲେଖନୀୟ ଯେ ରାଜ୍ୟ ସରକାର ଷଷ୍ଠ ଯୋଜନା କାଳରେ ଉପରୋକ୍ତ କାର୍ଯ୍ୟକ୍ରମଗୁଡ଼ିକ ପାଇଁ ମୋଟ୍ ୨ କୋଟି ୮୪ ଲକ୍ଷ ୧୫ ହଜାର ଟଙ୍କା ବ୍ୟୟ କରିଛନ୍ତି । ସେଥିମଧ୍ୟରେ କେନ୍ଦ୍ର ସରକାରଙ୍କ ୫୭ ଲକ୍ଷ ୯୦ ହଜାର ଟଙ୍କା ଅନ୍ତର୍ଭୁକ୍ତ ଥିଲା ।

---

## ଜାଳେଣୀ କାଠ ଡିପୋ

୧୯୮୫-୮୬ ଆର୍ଥିକ ବର୍ଷରେ ଓଡ଼ିଶା ବନ ନିଗମ, ସିମିଳିପାଳ ବନ ଉନ୍ନୟନ ନିଗମ ଓ ଜଂଗଲ ବିଭାଗ ତରଫରୁ ରାଜ୍ୟରେ ମୋଟ୍ ୬୬୮ଟି ଜାଳେଣିକାଠ ଡିପୋ ଖୋଲାଯାଇଛି । ତନ୍ମଧ୍ୟରୁ ବାଲେଶ୍ୱର ଜିଲ୍ଲାର ୧୯ଟି ବ୍ଲକ୍‌ରେ ମୋଟ୍ ୪୮ଟି ଡିପୋ ଖୋଲାଯାଇଛି ।

ମୟୂରଭଞ୍ଜ ଜିଲ୍ଲାରେ ସିମିଳିପାଳ ଉନ୍ନୟନ ନିଗମ ଓ କମିଶନ ଏଜେଣ୍ଟଙ୍କ ଦ୍ୱାରା ୩୦ଟି ଜାଳେଣି କାଠ ବିକ୍ରୟ କେନ୍ଦ୍ର ଖୋଲାଯାଇଛି । ସେଥିମଧ୍ୟରୁ ସିମିଳିପାଳ ଉନ୍ନୟନ ନିଗମ ୨୩ଟି ଓ କମିଶନ ଏଜେଣ୍ଟଙ୍କ ଦ୍ୱାରା ୭ଟି ବିକ୍ରୟ କେନ୍ଦ୍ର ଖୋଲାଯାଇଛି ।

## ଟସର ବିକ୍ରୀ

ଓଡ଼ିଶାରେ ଟସର ଶିଳ୍ପ ବହୁ ପ୍ରାଚୀନକାଳରୁ ବିଶ୍ୱରେ ଖ୍ୟାତି ଅର୍ଜନ କରିଥିଲେ ସୁଦ୍ଧା ଏହି ଶିଳ୍ପକୁ ସୁଦୃଢ଼ଭିତ୍ତି ଉପରେ ପ୍ରତିଷ୍ଠିତ କରିବାପାଇଁ କୌଣସି ବିଧିବଦ୍ଧ କାର୍ଯ୍ୟକ୍ରମ ହାତକୁ ନିଆଯାଇନଥିଲା । କେତେକ ଶ୍ରେଣୀର ଅଧିବାସୀ ଜଂଗଲରୁ କୋଷା ଓ ଟସର ସଂଗ୍ରହକରି ମଠାବସ୍ତ୍ର ପ୍ରସ୍ତୁତ କରୁଥିଲେ । କାଳକ୍ରମେ ଜଂଗଲ କ୍ଷୟ ହେବା ଫଳରେ ଟସର ଓ କୋଷା ସଂଗ୍ରହକରିବା କ୍ଷେତ୍ରରେ ଅନ୍ତରାୟ ଦେଖାଦେଲା । ଟସରଶିଳ୍ପକୁ ବଂଚାଇରଖିବା ପାଇଁ ଏବଂ ଏହାର ଅଭିବୃଦ୍ଧି ଘଟାଇବାପାଇଁ ରାଜ୍ୟ ସରକାର ସମବାୟ ସମିତି ଜରିଆରେ ଟସର ଶିଳ୍ପ ପ୍ରବର୍ତ୍ତନ କରିବାରେ ସକ୍ଷମ ହୋଇଛନ୍ତି । ଗତ ସେପ୍ଟେମ୍ବର ମାସରେ କୋଷା ଉତ୍ପାଦନ ସମବାୟ ସମିତିମାନଙ୍କ ଜରିଆରେ ୧,୨୦୩ କାହାଣ ୧୦ ପଣ କୋଷା ସଂଗ୍ରହ କରାଯାଇଛି, ଯାହାର ମୂଲ୍ୟ ୨ ଲକ୍ଷ ୮୨ ହଜାର ଟଙ୍କା । ଆଉ ମଧ୍ୟ ଉପରୋକ୍ତ ମାସରେ ୧,୧୨୦ କାହାଣ କୋଷା ବିକ୍ରୀ କରାଯାଇ ୩ ଲକ୍ଷ ୧୨ ହଜାର ଟଙ୍କା ଉପାର୍ଜନ କରାଯାଇ ପାରିଛି । ଚଳିତ ବର୍ଷର ସେପ୍ଟେମ୍ବର ମାସ ସୁଦ୍ଧା ମୋଟ୍ ୪୯ ଲକ୍ଷ ୬୬ ହଜାରଟଙ୍କା ମୂଲ୍ୟର ୨୫,୬୮୯ କାହାଣ ଟସର ସଂଗ୍ରହ କରାଯାଇଛି ଏବଂ ୮୪ ଲକ୍ଷ ୨୨ ହଜାର ଟଙ୍କା ମୂଲ୍ୟର ୩୮,୩୮୧ କାହାଣ କୋଷା ବିକ୍ରୀ କରାଯାଇଛି ।

## କଳାହାଣ୍ଡିରେ ସରକାରୀ କୋଠାବାଡ଼ି

କଳାହାଣ୍ଡିର ୧ ନମ୍ବର ପୂର୍ତ୍ତ ଡିଭିଜନ୍ ଦ୍ୱାରା ଧରମଗଡ଼ ଓ କୋକସରାଠାରେ ନିର୍ମିତ ହେଉଥିବା ସରକାରୀ କୋଠାବାଡ଼ି ମଧ୍ୟରୁ ଗତ ମାସ ସୁଦ୍ଧା ୪ଟି କୋଠାବାଡ଼ିର ନିର୍ମାଣକାର୍ଯ୍ୟ ସଂପୂର୍ଣ୍ଣ ହୋଇଛି । ଏଗୁଡ଼ିକ ହେଲା :–ଧରମଗଡ଼ଠାରେ ଗୋଟିଏ 'ଡି' ଟାଇପ୍ ଓ ୨ଟି 'ଏଫ୍' ଟାଇପ୍ କ୍ୱାଟର, ତହସିଲ ଅଫିସ ଗୃହ ଏବଂ ଭବାନୀପାଟଣାଠାରେ ଚୌକିଦାର କ୍ୱାଟର । ଏଗୁଡ଼ିକର ନିର୍ମାଣ ବାବଦରେ ସମୁଦାୟ ୫ ଲକ୍ଷ ୭୮ ହଜାର ୩୫୯ ଟଙ୍କା ବ୍ୟୟ କରାଯାଇଛି ।

ସେହିପରି ଧରମଗଡ଼ଠାରେ ୭ଟି 'ଇ' ଟାଇପ କ୍ୱାଟର ଓ ଆଦିବାସୀ ଛାତ୍ରୀନିବାସ ନିର୍ମାଣ, କୋକସରାଠାରେ ବ୍ଲକ୍, କର୍ମଚାରୀଙ୍କ କ୍ୱାଟର ଏବଂ ବ୍ଲକ୍ ଅଫିସର ଉନ୍ନୟନ କାର୍ଯ୍ୟ ତ୍ୱରାନ୍ୱିତ ହେଉଛି । ଏ ବାବଦରେ ୬ ଲକ୍ଷ ୪ ହଜାର ୭୩୩ ଟଙ୍କା ବ୍ୟୟ ହେଲାଣି ।

---

## ଦେଓଗଡ଼ରେ ଦୁଇଟି ସେତୁ ନିର୍ମାଣ

ସମ୍ବଲପୁର ଜିଲ୍ଲାର ଦେଓଗଡ଼ ପୂର୍ତ୍ତ ଡିଭିଜନ୍ ଅନ୍ତର୍ଗତ ବାଉଁଶପୋଲ ସେତୁ ଓ ରାମପୁର-ବାମଣ୍ଡା ରାସ୍ତାରେ ଚଂପାଳୀ ନାଳ ସେତୁର ନିର୍ମାଣକାର୍ଯ୍ୟ ସମ୍ପୂର୍ଣ୍ଣ ହେଲାଣି । ସେତୁଦୁଇଟିର ସଂଯୋଗକାରୀ ରାସ୍ତା-ସବୁ ବର୍ତ୍ତମାନ ନିର୍ମିତ ହେଉଛି । ଦେଓଗଡ଼ ରେଢ଼ାଖୋଲ ରାସ୍ତା ସମେତ ବାଉଁଶପୋଲ ସେତୁର ନିର୍ମାଣ ବାବଦରେ ଆଜିସୁଦ୍ଧା ୪୯ ଲକ୍ଷ ୧୬ ହଜାର ଟଙ୍କା ଏବଂ ଚଂପାଳୀ ସେତୁ ବାବଦରେ ୧୬ ଲକ୍ଷ ୧୨ ହଜାର ଟଙ୍କା ଯୋଗାଇ ଦିଆଯାଇଛି । ଏହା ବ୍ୟତୀତ ପତ୍ରାପାଲ୍ଲୀ-ଝାରଲ୍ଲପାଲ୍ଲୀ ରାସ୍ତାରେ ଉକ୍‌ଡେଗା ନାଳ ସେତୁ ଏବଂ ବାରକୋଟ୍-ଦାରଜିଂଗ ରାସ୍ତାରେ ଏକ 'ଡାଇଭରସନ୍ ରୋଡ୍'ର ନିର୍ମାଣଲାଗି ଯଥାକ୍ରମେ ୩ ଲକ୍ଷ ୬୯ ହଜାର ୭୮୫ ଟଙ୍କା ଏବଂ ୮୯ ଲକ୍ଷ ୨୬ ହଜାର ୬୭୩ ଟଙ୍କା ଯୋଗାଇ ଦିଆଯାଇଛି ।

---

## ଫୁଲବାଣୀ ଜିଲ୍ଲାରେ ସମନ୍ୱିତ ଗ୍ରାମାଞ୍ଚଳ ବିକାଶ କାର୍ଯ୍ୟକ୍ରମ

ଚଳିତ ଆର୍ଥିକ ବର୍ଷର ନଭେମ୍ବର ଶେଷସୁଦ୍ଧା ସମନ୍ୱିତ ଗ୍ରାମାଞ୍ଚଳ ଉନ୍ନୟନ କାର୍ଯ୍ୟକ୍ରମ ଅନୁଯାୟୀ ଫୁଲବାଣୀ ଜିଲ୍ଲାରେ ୫୭୫ ଜଣ ଉପକୃତ ହୋଇଛନ୍ତି । ସେମାନଙ୍କ ମଧ୍ୟରେ ୧୬୨ ଜଣ ତଫସିଲଭୁକ୍ତ ଜାତି ଓ ୧୯୮ ଜଣ ତଫସିଲଭୁକ୍ତ ସଂପ୍ରଦାୟର ଲୋକ ଅନ୍ତର୍ଭୁକ୍ତ ।

ଏ ବାବଦରେ ମୋଟ ୧୯ ଲକ୍ଷ ୯୮ ହଜାର ଟଙ୍କା ବିନିଯୋଗ କରାଯାଇଛି ଏବଂ ଉପରୋକ୍ତ ଲୋକମାନଙ୍କୁ ବିଭିନ୍ନ ଧନ୍ଦା ଲାଗି ସମବାୟ ଓ ବ୍ୟବସାୟିକ ବ୍ୟାଙ୍କଗୁଡ଼ିକରୁ ୧୯ ଲକ୍ଷ ୬୮ ହଜାର ଟଙ୍କାର ଋଣ ମଂଜୁର କରାଯାଇଛି ।

---

## ପାଣ୍ଡୁଲିପି ପ୍ରକାଶ ପାଇଁ ଆର୍ଥିକ ସହାୟତା

କେନ୍ଦ୍ରସରକାରଙ୍କ ମାନବ ଶକ୍ତି ବିକାଶ ମନ୍ତ୍ରଣାଳୟ ପକ୍ଷରୁ ଭାରତୀୟ ଭାଷା ଏବଂ ଇଂରାଜୀରେ ରଚିତ ଉପାଦେୟ

ପାଣ୍ଡୁଲିପିଗୁଡ଼ିକର ପ୍ରକାଶନ ନିମନ୍ତେ ଆର୍ଥିକ ସହାୟତା ଯୋଗାଇ ଦେବାକୁ ୭ମ ଯୋଜନାରେ ଏକ ସ୍ୱତନ୍ତ୍ର ଯୋଜନା ପ୍ରଣୟନ କରାଯାଇଛି । ଏକହଜାର ଖଣ୍ଡ ପୁସ୍ତକ ପ୍ରକାଶନ ପାଇଁ ଆବଶ୍ୟକ ହେଉଥିବା ଖର୍ଚ୍ଚର ଶତକଡ଼ା ୮୦ ଭାଗ ଏବଂ ୫୦୦ଖଣ୍ଡ ପ୍ରକାଶନ ପାଇଁ ସଂପୂର୍ଣ୍ଣ ସାହାଯ୍ୟ ଯୋଗାଇ ଦେବାର ବ୍ୟବସ୍ଥା ରହିଛି । ବିଭିନ୍ନ ଭାଷା ପାଇଁ ଉର୍ଦ୍ଦିଷ୍ଟ ମଂଜୁରୀ କମିଟିଂକ ସୁପାରିଶକ୍ରମେ ଏହି ସାହାଯ୍ୟ ଯୋଗାଇ ଦିଆଯିବ ।

ନିମ୍ନଲିଖିତ ରଚନା ପାଇଁ ଆର୍ଥିକ ସାହାଯ୍ୟ ନିମନ୍ତେ ଉପଯୁକ୍ତ ବିବେଚିତ ହେବେ :—୧—ଜ୍ଞାନକୋଷ, ଗ୍ରନ୍ଥାବଳୀ ଓ ଶବ୍ଦକୋଷ, ୨—ବିଭିନ୍ନ ପାଣ୍ଡୁଲିପିଗୁଡ଼ିକର ବିଶେଷ ବିବରଣୀ ସମ୍ବଳିଣୀ ସଂକଳନ (୫୦୦ ଖଣ୍ଡରୁ ଉର୍ଦ୍ଧ୍ୱ ହେବନାହିଁ), ୩—ବିଭିନ୍ନ ଭାଷା ଶିକ୍ଷା କରିବା ଲାଗି ସହାୟକ ରଚନା, ୪—ଭାଷାତତ୍ତ୍ୱ, ସାହିତ୍ୟ, ସାମାଜିକ, ନୃତତ୍ତ୍ୱ ଓ ସାଂସ୍କୃତିକ ବିଷୟ ସଂପର୍କରେ ନିଜସ୍ୱ ରଚନା, ୫—ସମାଲୋଚନାମୂଳକ ରଚନା ଓ ପୁରାତନ ପାଣ୍ଡୁଲିପିଗୁଡ଼ିକର ପ୍ରକାଶନ (ଭାରତୀୟ ଭାଷା କିମ୍ବା ଇଂରାଜୀରେ), ୬—(୪)ରେ ଦର୍ଶାଯାଇଥିବା ରଚନାଗୁଡ଼ିକର ଇଂରାଜୀ କିମ୍ବା ଭାରତୀୟ ଭାଷାରେ ଅନୁବାଦ, ୭—ଭାରତୀୟ ଭାଷାରେ ରଚିତ ପୁରାତନ ସଂକଳନମାନଂକର ଅନ୍ୟ ଭାରତୀୟ ଭାଷାରେ ଅନୁବାଦ, ୮—ଅନ୍ୟାନ୍ୟ ମୂଲ୍ୟବାନ ୩୦ ବର୍ଷରୁ ଊର୍ଦ୍ଧ୍ୱ ପୁରାତନ ରଚନାମାନଂକର ପୁନଃପ୍ରକାଶନ ବା ସଂଶୋଧିତ ସଂସ୍କରଣ, ୯—ଅନ୍ୟାନ୍ୟ ରଚନା, ଯାହାକି ଭାରତୀୟ ଭାଷାର ଅଭିବୃଦ୍ଧି ତଥା ପ୍ରସାର ଦିଗରେ ସହାୟକ ହେବ ।

ଏହି ସାହାଯ୍ୟ ବ୍ୟବସ୍ଥା ରେଜେଷ୍ଟ୍ରୀଭୁକ୍ତ ସ୍ୱେଚ୍ଛାସେବୀ ସଂଗଠନ, ସମିତି, ଏଣ୍ଡୋମେଣ୍ଟ ବା ଟ୍ରଷ୍ଟ ଏବଂ ବ୍ୟକ୍ତିବିଶେଷଂକୁ ଯୋଗାଇ ଦେବାର ବ୍ୟବସ୍ଥା ରହିଛି । ଏପରିକି ସରକାରୀ ସାହାଯ୍ୟପ୍ରାପ୍ତ ଅନୁଷ୍ଠାନମାନେ ମଧ୍ୟ ଏହି ସାହାଯ୍ୟ ପାଇପାରିବେ । ବିଶ୍ୱବିଦ୍ୟାଳୟ, ସଂସ୍କୃତ ଶିକ୍ଷାର ପ୍ରସାର ନିମନ୍ତେ ଉଦ୍ଦିଷ୍ଟ ସଂସ୍ଥା ଏବଂ ଅନ୍ୟାନ୍ୟ ଅନୁଷ୍ଠାନକୁ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି ।

ସାହାଯ୍ୟ ପାଇବାପାଇଁ ଆବେଦନ ଫର୍ମ ତଥା ନିୟମାବଳୀ ରାଜ୍ୟ ଶିକ୍ଷା ଓ ଯୁବ କଲ୍ୟାଣ ବିଭାଗ ଅଧୀନରେ ଥିବା ଉଚ୍ଚଶିକ୍ଷା ମାଧ୍ୟମିକଶିକ୍ଷା ଓ ପ୍ରାଥମିକ ଏବଂ ପୌଢ଼ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ଉତ୍କଳ, ସମ୍ବଲପୁର ଓ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟଠାରୁ ପାଇପାରିବେ । ଆର୍ଥିକ ସାହାଯ୍ୟ ପାଇଁ ଅନୁମୋଦିତ ଫର୍ମରେ ନିର୍ଦ୍ଦେଶକ (ଭାଷା ବିଭାଗ) କିମ୍ବା ଉପ ପରାମର୍ଶଦାତା (ସଂସ୍କୃତ) ଶିକ୍ଷା ମନ୍ତ୍ରଣାଳୟ, ଶାସ୍ତ୍ରୀ ଭବନ, ନୂଆଦିଲ୍ଲୀ—୧୧,୦୦,୦୧ଙ୍କ ଠିକଣାରେ ପଠାଇବା ଆବଶ୍ୟକ ।

## ବନ୍ୟା ସାହାଯ୍ୟ

ଗତବର୍ଷ ବନ୍ୟାରେ ରାଜ୍ୟର ୧୧ ଟି ଜିଲ୍ଲାର କ୍ଷତିଗ୍ରସ୍ତ ଲୋକଙ୍କୁ ସାହାଯ୍ୟଦେବା ଏବଂ ମରାମତି ଓ ପୁନରୁଦ୍ଧାର କାର୍ଯ୍ୟ କରିବା ବାବଦରେ ସଂପୃକ୍ତ ଜିଲ୍ଲାପାଳମାନଙ୍କୁ ଅଦ୍ୟାବଧି ୨୪ କୋଟି ୧୦ ଲକ୍ଷ ୯୫ ହଜାର ଟଙ୍କା ଦିଆଯାଇଛି । ଜିଲ୍ଲାଓ୍ୱାରୀ ଆର୍ଥିକ ସାହାଯ୍ୟର ପରିମାଣ ହେଲା:—କଟକ ପାଇଁ ୬ କୋଟି ୧୬ ଲକ୍ଷ ୩୬ ହଜାର ଟଙ୍କା, ପୁରୀ ପାଇଁ ୩ କୋଟି ୬୬ ଲକ୍ଷ ୬୫ ହଜାର ଟଙ୍କା, ବାଲେଶ୍ୱର ପାଇଁ ୩ କୋଟି ୧୬ ଲକ୍ଷ ୨୪ ହଜାର ଟଙ୍କା, ମୟୂରଭଞ୍ଜ ପାଇଁ ୩୦ ଲକ୍ଷ ୫ ହଜାର ଟଙ୍କା, ଗଞ୍ଜାମ ପାଇଁ ୧ କୋଟି ୯ ଲକ୍ଷ ୫୭ ହଜାର ଟଙ୍କା, ଫୁଲବାଣୀ ପାଇଁ ୬୬ ଲକ୍ଷ ୧୩ ହଜାର ଟଙ୍କା, କଳାହାଣ୍ଡି ପାଇଁ ୨୪ ଲକ୍ଷ ୪୪ ହଜାର ଟଙ୍କା, ଢେଙ୍କାନାଳ ପାଇଁ ୧୭ ଲକ୍ଷ ୬୫ ହଜାର ଟଙ୍କା, ସମ୍ବଲପୁର ପାଇଁ ୧ କୋଟି ୬୧ ଲକ୍ଷ ୫୧ ହଜାର ଟଙ୍କା, ବଲାଙ୍ଗୀର ପାଇଁ ୫ କୋଟି ୨ ଲକ୍ଷ ୮୩ ହଜାର ଟଙ୍କା ଓ କେନ୍ଦୁଝର ପାଇଁ ୧ କୋଟି ୧୯ ଲକ୍ଷ ୫୨ ହଜାର ଟଙ୍କା ।

## ବଲାଙ୍ଗୀର ପ୍ରୋଜେକ୍ଟ ଡିଭିଜନ

ଜାତୀୟ ରାଜପଥ ଓ ପ୍ରକଳ୍ପ ସଂସ୍ଥା ଅଧୀନସ୍ଥ ବଲାଙ୍ଗୀର ପ୍ରୋଜେକ୍ଟ ଡିଭିଜନ୍‌ର ଗ୍ରାମାଞ୍ଚଳରେ ୮ଟି ସେତୁର ନିର୍ମାଣ ଓ ୮ ଟି ରାସ୍ତାର ଉନ୍ନୟନ କାର୍ଯ୍ୟ ତ୍ୱରାନ୍ୱିତ ହେଉଛି । ନିର୍ମାଣାଧୀନ ସେତୁଗୁଡ଼ିକ ହେଲା:—ପାଟଣାଗଡ଼-ଡାମକିପାଲୀ ରାସ୍ତାରେ ସୁକ୍‌ତେଲ ସେତୁ, ବଲାଙ୍ଗୀର-ଚନ୍ଦନଭାଟି ରାସ୍ତାରେ ସୁକ୍‌ତେଲ ସେତୁ, ଧର୍ମଶାଳା—ସୁବଳୟା ରାସ୍ତାରେ ହରିହର ଯୋର ସେତୁ, ବନ୍ଧପଡ଼ା ନାଳ ସେତୁ, ଭାଲକୁଣୀ ଯୋର ସେତୁ, ଝରଣୀ ଯୋର ସେତୁ, ସୁରୁବାଲୀ ଯୋର ସେତୁ ଏବଂ ଲଙ୍କ ସେତୁ । ଏଗୁଡ଼ିକର ନିର୍ମାଣ ବାବଦରେ ଗତ ଡିସେମ୍ବର ମାସ ସୁଦ୍ଧା ୬୧ ଲକ୍ଷ ୬୯ ହଜାର ୯୦୪ ଟଙ୍କା ବ୍ୟୟ କରାଯାଇଛି । ସେହିପରି ଉନ୍ନତି କରାଯାଉଥିବା ୮ଟି ରାସ୍ତା ବାବଦରେ ୩୨ ଲକ୍ଷ ୫୩ ହଜାର ଟଙ୍କା ବ୍ୟୟ କରାଗଲାଣି । ସେହି ସବୁ ରାସ୍ତା ହେଲା—ବରଗଡ଼-ବଲାଙ୍ଗୀର-ଭବାନୀପାଟଣା ରାସ୍ତା, ବଲାଙ୍ଗୀର-ପାଟଣାଗଡ-ବେଲପଡା-କଣ୍ଟାବାଞ୍ଜି—ବଙ୍ଗମୁଣ୍ଡା—ଛନ୍ଦଗେରୀ ରାସ୍ତା, ପାଟଣାଗଡ-ଖପରାଖୋଲ-ହରିଶଙ୍କର ରାସ୍ତା, ସମ୍ବଲପୁର-ସୋନପୁର ରାସ୍ତା, ତୁରେଇକେଲ-କଣ୍ଟାବାଞ୍ଜି-ଗୁଡ଼ିଘାଟ-ଟିକରପଡ଼ା ରାସ୍ତା, ଧର୍ମଶାଳା-ସୁବଳୟା ରାସ୍ତା ସୋନପୁର-ବିନିକା-ରାମପୁର-ଡୁଙ୍ଗୁରିପାଲି ରାସ୍ତା ଏବଂ ଦେଓଗାଁ ଦେଶାନ୍ଧ ରାସ୍ତା । ଏହିସବୁ ରାସ୍ତାରେ ପ୍ରାୟ ୨୫ ଟି କଲ୍‌ଭର୍ଟ ଓ କଜ୍‌ଓ୍ୱେର ନିର୍ମାଣ ସଂପୂର୍ଣ୍ଣ ହୋଇଛି ଓ ଅନ୍ୟ କେତେକ ନିର୍ମାଣାଧୀନ ଅଛି ।

## ଇଲେକ୍‌ଟ୍ରୋନିକ୍ ଦ୍ୱିଭାଷିକ ଟାଇପ୍ ମେସିନ୍ ଓ ପ୍ଲେନ୍ ପେପର କପିୟର

ଓଡ଼ିଆକୁ ସରକାରୀ ଭାଷା ରୂପେ ପ୍ରଚଳନ କରାଯାଉଥିବା ଦିନରୁ ବିଭିନ୍ନ କାର୍ଯ୍ୟାଳୟକୁ ଓଡ଼ିଆ ଟାଇପ୍ ମେସିନ୍ ଯୋଗାଇବା ଅବ୍ୟାହତ ରହିଛି । ତଥାପି କେତେକ ନିର୍ଦ୍ଦିଷ୍ଟ କ୍ଷେତ୍ରରେ ଇଂରାଜୀ ଭାଷାର ବ୍ୟବହାର ହୋଇପାରିବ ବୋଲି ସ୍ଥିର ହୋଇଛି । ଇତିମଧ୍ୟରେ ଇଲେକ୍‌ଟ୍ରୋନିକ୍ ଦ୍ୱିଭାଷିକ (ଇଂରାଜୀ-ଓଡ଼ିଆ) ଟାଇପ୍ ମେସିନ୍ ଓ ପ୍ଲେନ୍ ପେପର କପିୟର ଯନ୍ତ୍ର ପ୍ରଚଳନ ପ୍ରତି ସରକାରଙ୍କ ଦୃଷ୍ଟିକୁ ଆସିଛି । ଏଥିପାଇଁ ବିଭିନ୍ନ କଂପାନୀମାନେ ଏପରି ମେସିନ୍ ତିଆରି କରିସାରିଲେଣି । ରାଜ୍ୟ ସଚିବାଳୟ ଓ ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟମାନଙ୍କରେ କର୍ମଦକ୍ଷତା ବୃଦ୍ଧି କରିବା ଉଦ୍ଦେଶ୍ୟରେ କେଉଁ ଦୁଇଟି ମେସିନ୍ ପ୍ରଚଳନ କରିବା ଉପଯୁକ୍ତ ହେବ, ସେ ସଂପର୍କରେ ଅନୁଧ୍ୟାନ କରିବାପାଇଁ ସରକାର ଏକ ୭-ଜଣିଆ ବୈଷୟିକ କମିଟି ଗଠନ କରିଛନ୍ତି ।

ମୁଦ୍ରଣ, ଲିଖନ ସାମଗ୍ରୀ ଓ ପ୍ରକାଶନର କମିଶନର ତଥା ନିର୍ଦ୍ଦେଶକ ଏହି କମିଟିର ସଭାପତି ଅଛନ୍ତି । କମିଟିର ଅନ୍ୟ ସଦସ୍ୟମାନେ ହେଲେ:—ନିର୍ଦ୍ଦେଶକ, ଏକ୍ସପୋର୍ଟ ପ୍ରମୋଶନ୍ ଓ ମାର୍କେଟିଂ, ଅତିରିକ୍ତ ଶାସନ ସଚିବ; ବିଜ୍ଞାନ, କାରୀଗରୀ ଓ ପରିବେଶ ବିଭାଗ, ପ୍ରଶାସନିକ ସଂସ୍କାର ପ୍ରତିନିଧି, ଇଲେକ୍‌ଟ୍ରୋନିକ୍ ଉନ୍ନୟନ ନିଗମର ପ୍ରତିନିଧି ଏବଂ ବାଣିଜ୍ୟ ଓ ପରିବହନ ବିଭାଗ ଅର୍ଥ ପରାମର୍ଶଦାତା । ମୁଦ୍ରଣ, ଲିଖନ ସାମଗ୍ରୀ ଓ ପ୍ରକାଶନ ସହକାରୀ ନିର୍ଦ୍ଦେଶକ (ଅଫିସ୍ ମେସିନ୍ ଓ ଇକ୍ୟୁଇପ୍‌ମେଣ୍ଟ) କମିଟିର ଆବାହକ ରହିଲେ ।

ସରକାରୀ କାର୍ଯ୍ୟାଳୟଗୁଡ଼ିକରେ ଏହି ଦୁଇଟି ମେସିନ୍ ପ୍ରଚଳନରେ କି କି ସୁବିଧା ଓ ଅସୁବିଧା ରହିଛି, ତାହା ପରୀକ୍ଷାକରି ଏହି ବୋର୍ଡ ଗଠନ ପ୍ରଣାଳୀ ସ୍ଥିର କରିବା ଏବଂ ମେସିନ୍‌ଗୁଡ଼ିକର ଦାମ୍ ନିର୍ଦ୍ଧାରଣ କରିବା ଏହି କମିଟିର କାର୍ଯ୍ୟ ।

## ହାଉସିଂ ବୋର୍ଡ ତରଫରୁ ଘରଦୁଆର

ଗତ ଷଷ୍ଠ ଯୋଜନା କାଳ ମଧ୍ୟରେ ରାଜ୍ୟ ଗୃହ ନିର୍ମାଣ ବୋର୍ଡର ଉଦ୍ୟମରେ ସହର ଓ ଗ୍ରାମାଞ୍ଚଳଗୁଡ଼ିକରେ କେତେକ ସରକାରୀ କୋଠାବାଡ଼ି ସମେତ ସମୁଦାୟ ୧୮, ୯୧୮ଟି ଗୃହ ନିର୍ମାଣ କରାଯାଇ ସଂପୃକ୍ତ ବ୍ୟକ୍ତି ଏବଂ ସରକାରୀ ବିଭାଗମାନଙ୍କୁ ଯୋଗାଇ ଦିଆଯାଇଛି । ଏହିସବୁ ଗୃହ ମଧ୍ୟରେ ବିଭିନ୍ନ ସହର ଅଞ୍ଚଳରେ ନିମ୍ନ ଓ ମଧ୍ୟମ ଆୟକାରୀ ଏବଂ ଆର୍ଥିକ ଦୁର୍ବଳ ଶ୍ରେଣୀ ଲୋକମାନଙ୍କ ସମେତ ବ୍ୟବସାୟୀକ ଉଦ୍ଦେଶ୍ୟରେ ନିର୍ମିତ ହୋଇଥିବା ସମୁଦାୟ ୪୭୪୭ ଟି ବାସଗୃହ ଅନ୍ତର୍ଭୁକ୍ତ । ଏହି ୪୭୪୭ଟି ଗୃହ ମଧ୍ୟରୁ ସ୍ଥାନୀୟ ବୀରସୁରେନ୍ଦ୍ର ସାଏ ନଗରରେ ୧୦୧୮ ଟି ଗୃହ, ରାଉରକେଲାର ବାସନ୍ତୀ କଲୋନୀରେ ୧୬୦୩ ଟି ଗୃହ, ଭୁବନେଶ୍ୱରର କପିଳ ପ୍ରସାଦରେ ୯୨୦ଟି ଗୃହ, ବରମୁଣ୍ଡାରେ ୮୦୨ଟି ଗୃହ ଏବଂ ଢେଙ୍କାନାଳରେ ୨୨୨ ଟି ଗୃହ ନିର୍ମିତ ହୋଇଛି । ଏହା ବ୍ୟତୀତ ଭଡ଼ାସୂତ୍ରରେ ଦେବା ଉଦ୍ଦେଶ୍ୟରେ ଉତ୍କଳ ବିଶ୍ୱବିଦ୍ୟାଳୟ ଓ ଜନସ୍ୱାସ୍ଥ୍ୟ ବିଭାଗ କର୍ମଚାରୀଙ୍କ ପାଇଁ ଯଥାକ୍ରମେ ୭୪ଟି ଓ ୧୦୮ ଟି ବାସଗୃହ ନିର୍ମାଣ କରାଯାଇଛି । ସେହିପରି ଗ୍ରାମାଞ୍ଚଳ ଗୃହ ନିର୍ମାଣ ଯୋଜନା ଅନୁଯାୟୀ କଟକ, ପୁରୀ ଢେଙ୍କାନାଳ, ଗଞ୍ଜାମ, କୋରାପୁଟ, କଳାହାଣ୍ଡି, ବଲାଙ୍ଗୀର ଓ ଫୁଲବାଣୀ ଜିଲ୍ଲାର ଗ୍ରାମାଞ୍ଚଳଗୁଡ଼ିକରେ ୧୨, ୬୭୪ ଟି ଗୃହ ନିର୍ମିତ ହୋଇ ସଂପୃକ୍ତ ଲୋକମାନଙ୍କୁ ଯୋଗାଇ ଦିଆଯାଇଛି । ସଂପୂର୍ଣ୍ଣ ହୋଇଥିବା ଏହି ୧୭, ୪୨୨ ଟି ବାସଗୃହର ନିର୍ମାଣ ବାବଦରେ 'ହୁଡ୍‌କୋ' ସଂସ୍ଥା ଆର୍ଥିକ ସହାୟତା କରିଥିଲେ ।

ଉକ୍ତ ଗୃହଗୁଡ଼ିକ ବ୍ୟତୀତ ରାଜ୍ୟ ସରକାରଙ୍କ ଆର୍ଥିକ ସହାୟତାରେ ନିର୍ମିତ ହୋଇଥିବା ଗୃହର ସଂଖ୍ୟା ହେଲା:— ୧୩୯୮ । ସେହିପରି ଶ୍ରମ ବିଭାଗ, ରାଜ୍ୟ ସମବାୟ ବ୍ୟାଙ୍କ ଏବଂ ଇ.ଏସ୍.ଆଇ. ନିଗମ ପାଇଁ 'ଡିପୋଜିଟ୍ ଓ୍ୱାର୍କ' ଅନୁସାରେ ୨୨ ଟି ଗୃହର ନିର୍ମାଣ କାର୍ଯ୍ୟ ସଂପୂର୍ଣ୍ଣ ହୋଇଯାଇଛି ।

ଏଠାରେ ଉଲ୍ଲେଖ କରାଯାଇପାରେ ଯେ ଚଳିତ ଆର୍ଥିକ ବର୍ଷରେ ଡିସେମ୍ବର ଶେଷ ସୁଦ୍ଧା ଗୃହ ନିର୍ମାଣ ବୋର୍ଡ ଦ୍ୱାରା ଅଧିକ ୨୪୮୫ ଟି ବାସଗୃହ ନିର୍ମିତ ହୋଇଛି । ଏଗୁଡ଼ିକ ମଧ୍ୟରେ 'ହୁଡ୍‌କୋ'ର ଆର୍ଥିକ ସହାୟତାରେ ଚୌଦ୍ୱାର ଓ ଚନ୍ଦ୍ରଶେଖରପୁରଠାରେ ନିର୍ମିତ ୨୧୮୫ ଟି ଏବଂ ରାଜ୍ୟ ସରକାରଙ୍କ ଆର୍ଥିକ ସହାୟତାରେ ଡୁମ୍‌ଡୁମାଠାରେ ନିର୍ମିତ ୩୦୦ ଟି ଗୃହ ଅନ୍ତର୍ଭୁକ୍ତ ।

—

## କଟକ ସଦର ଗୋ-ଉନ୍ନୟନ ଯୋଜନାର ଅଗ୍ରଗତି

ଚଳିତ ବର୍ଷ ଡିସେମ୍ବର ଶେଷସୁଦ୍ଧା କଟକ ସଘନ ଗୋ—ଉନ୍ନୟନ ଯୋଜନା ଅଞ୍ଚଳରେ ୧୬୩୮ ଟି ଗାଈଙ୍କର କୃତ୍ରିମ ପ୍ରଜନନ କରାଯାଇଛି । ପୂର୍ବରୁ ପ୍ରଜନନ କରାଯାଇଥିବା ଗାଈଙ୍କଠାରୁ ଉକ୍ତ ମାସ ମଧ୍ୟରେ ୫୪୦ ଗୋଟି ଉନ୍ନତ ଅଣ୍ଡିରା ବାଛୁରୀ ଓ ୪୧୯ ଗୋଟି ଉନ୍ନତ ମାଈ ବାଛୁରୀ ଜନ୍ମିଛନ୍ତି । ଏହି ସମୟ ମଧ୍ୟରେ ୨୫୮୬ ଗୋଟି ଅଣ୍ଡିରା ବାଛୁରୀଙ୍କୁ ଧାରଣା କରାଯିବା ସଙ୍ଗେ ସଙ୍ଗେ ୫ ଗୋଟି ବୁଢ଼ାଷଣ୍ଢଙ୍କୁ ଅପସାରଣ କରାଯାଇଛି । ୫୨ ଏକର ୪୦ ଡେସିମିଲ୍ ଜମିରେ ୨୦୮ ଗୋଟି ଘାସଗୁଚ୍ଛ ପ୍ରଦର୍ଶନ କ୍ଷେତ୍ର ପ୍ରସ୍ତୁତ କରାଯାଇ ୧୫୭ କେ: ଜି: ଘାସମଞ୍ଜି ଯୋଗାଇ ଦିଆଯାଇଛି । ଏତଦ୍‌ବ୍ୟତୀତ ୨୪, ୧୨୯ ଗୋଟି ପଶୁପକ୍ଷୀଙ୍କର ସାଧାରଣ ରୋଗର ଚିକିତ୍ସା କରାଯିବା ସଙ୍ଗେ ସଙ୍ଗେ ୮୩୭୮ ଗୋଟି ପଶୁପକ୍ଷୀଙ୍କୁ ବିଭିନ୍ନ ସଂକ୍ରାମକ ରୋଗର ପ୍ରତିଷେଧକ ଟିକା ଦିଆଯାଇଛି ।

—

## ବନ୍ୟଜନ୍ତୁ ସଂରକ୍ଷଣ ବାବଦରେ ଏକକୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ

ଚଳିତ ବର୍ଷ ବନ୍ୟଜନ୍ତୁ ସଂରକ୍ଷଣ ନିମନ୍ତେ ୧ କୋଟି ୨୪ ଲକ୍ଷ ୨ ହଜାର ଟଙ୍କା ଖର୍ଚ୍ଚ କରିବା ପାଇଁ ବ୍ୟୟ ଅଟକଳ କରାଯାଇଛି । ବନ୍ୟଜନ୍ତୁମାନଙ୍କ ସୁରକ୍ଷା ପାଇଁ ଜଙ୍ଗଲ ବିଭାଗ ଅଧୀନରେ ଜଣେ ଅତିରିକ୍ତ ମୁଖ୍ୟ ବନ ସଂରକ୍ଷଣ ନିଯୁକ୍ତି ପାଇଛନ୍ତି ଏବଂ ତାଙ୍କୁ ସାହାଯ୍ୟ କରିବା ପାଇଁ ତାଙ୍କ ତତ୍ତ୍ୱାବଧାନରେ ଜଣେ ଜଙ୍ଗଲ ବିଭାଗ କନ୍‌ଜରଭେଟର ଓ ୭ ଜଣ ଡିଭିଜନାଲ୍ ଫରେଷ୍ଟ ଅଫିସର ରହିଛନ୍ତି । ଏତଦ୍‌ବ୍ୟତୀତ ରାଜ୍ୟର ବିଭିନ୍ନ କ୍ଷେତ୍ରୀୟ ବନ ଅଧିକାରୀଙ୍କୁ ବନ୍ୟଜନ୍ତୁ ତତ୍ତ୍ୱାବଧାରକ ରୂପେ କ୍ଷମତା ଅର୍ପଣ କରାଯାଇଛି ।

ବନ୍ୟଜନ୍ତୁ ସଂରକ୍ଷଣ ପାଇଁ ରାଜ୍ୟରେ ମୋଟ୍ ୧୪ ଟି ଅଭୟାରଣ୍ୟ ସୃଷ୍ଟି କରାଯାଇଛି । ଯେଉଁ ଯେଉଁ ସ୍ଥାନରେ ଏହି ଅଭୟାରଣ୍ୟଗୁଡ଼ିକ ଅବସ୍ଥିତ, ସେଗୁଡ଼ିକ ହେଲା—ଭିତର କନିକା, ସାତକୋଶିଆଗଣ୍ଡ, ସିମିଳିପାଳ, ହଦଗଡ଼, ନନ୍ଦନକାନନ ଚିଲିକା, ବାଇଶିପଲ୍ଲୀ, କୋଟଗଡ଼, ଖଲାଶୁଣି, ଚନ୍ଦକା-ଡମପଡ଼ା, ସୁନାବେଡ଼ା, କୁଲିଡିହା, ବାଲୁଖଣ୍ଡ-କୋଣାର୍କ, ଦେବ୍ରୀଗଡ଼ ଓ ଲକ୍ଷ୍ମୀଭାଲି ।

## ରାଜ୍ୟରେ ୬୭ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର କେନ୍ଦୁପତ୍ର ଉତ୍ପାଦନ

ଷଷ୍ଠ ଯୋଜନା କାଳରେ ରାଜ୍ୟରେ ୬୭ କୋଟି ୩୮ ଲକ୍ଷ ୧୬ ହଜାର ଟଙ୍କା ମୂଲ୍ୟର ୧୬ ଲକ୍ଷ ୨୩୯ ହଜାର

କୁଇଣ୍ଟାଲ କେନ୍ଦୁପତ୍ର ଆମଦାନୀ ହୋଇଛି । ତନ୍ମଧ୍ୟରୁ ୧୯୮୦-୮୧ ରେ ୮ କୋଟି ୮୮ ଲକ୍ଷ ଟଙ୍କା ମୂଲ୍ୟର ୩ ଲକ୍ଷ ୮ ହାଜର କୁଇଣ୍ଟାଲ, ୧୯୮୧-୮୨ ରେ ୯ କୋଟି ଟଙ୍କା ମୂଲ୍ୟର ୩ ଲକ୍ଷ ୨ ହଜାର କୁଇଣ୍ଟାଲ, ୧୯୮୨-୮୩ ରେ ୧୪ କୋଟି ୧୬ ହଜାର ଟଙ୍କା ମୂଲ୍ୟର ୨ ଲକ୍ଷ ୯୫ ହଜାର କୁଇଣ୍ଟାଲ, ୧୯୮୩-୮୪ ରେ ୧୮ କୋଟି ୫୦ ଲକ୍ଷ ଟଙ୍କା ମୂଲ୍ୟର ୩ଲକ୍ଷ ୩୮ ହଜାର କୁଇଣ୍ଟାଲ ଓ ୧୯୮୪-୮୫ ରେ ୧୭ କୋଟି ଟଙ୍କା ମୂଲ୍ୟର ୩ ଲକ୍ଷ ୯୬ ହଜାର କୁଇଣ୍ଟାଲ କେନ୍ଦୁପତ୍ର ଆମଦାନୀ ହୋଇଛି । ରାଜ୍ୟର ସଂଗୃହୀତ କେନ୍ଦୁପତ୍ରର ମାନ କ୍ରମଶଃ ବୃଦ୍ଧି ପାଉଛି ।

## କୋରାପୁଟ ଜିଲ୍ଲାର କ୍ଷୁଦ୍ର ଓ କୁଟୀର ଶିଳ୍ପର ଅଗ୍ରଗତି

କୋରାପୁଟ ଜିଲ୍ଲାରେ ଚଳିତ ଆର୍ଥିକ ବର୍ଷର ଗତ ନଭେମ୍ବର ମାସ ସୁଦ୍ଧା ୩୬୬୦ ଟି କୁଟୀର ଶିଳ୍ପ ଏବଂ ୮୩ଟି କ୍ଷୁଦ୍ର ଶିଳ୍ପ ପ୍ରତିଷ୍ଠା କରାଯାଇ ସେଗୁଡ଼ିକ ମାଧ୍ୟମରେ ୫୦୮୪ ଜଣ ବ୍ୟକ୍ତିଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରାଯାଇ ପାରିଛି । କୁଟୀର ଶିଳ୍ପ ପାଇଁ ୭୧ ଲକ୍ଷ ୯୦ ହଜାର ଟଙ୍କା ଏବଂ କ୍ଷୁଦ୍ର ଶିଳ୍ପ ପାଇଁ ୧ କୋଟି ୧ ଲକ୍ଷ ୧୨ ହଜାର ଟଙ୍କା ବିନିଯୋଗ କରାଯାଇଛି ।

---

## ସମ୍ବଲପୁର ଜିଲ୍ଲାରେ ସମନ୍ୱିତ ଗ୍ରାମାଞ୍ଚଳ ଉନ୍ନୟନ କାର୍ଯ୍ୟକ୍ରମ

ଚଳିତ ଆର୍ଥିକ ବର୍ଷର ଗତ ନଭେମ୍ବର ଶେଷ ସୁଦ୍ଧା ସମନ୍ୱିତ ଗ୍ରାମାଞ୍ଚଳ ବିକାଶ କାର୍ଯ୍ୟକ୍ରମ ଅନୁଯାୟୀ ସମ୍ବଲପୁର ଜିଲ୍ଲାରେ ୨୯ ଜଣ ମହିଳାଙ୍କ ସମେତ ମୋଟ୍ ୩୨୧୯ ଜଣ ଉପକୃତ ହୋଇଛନ୍ତି । ସେମାନଙ୍କ ମଧ୍ୟରେ ୧୭୨ ଜଣ ତଫସିଲଭୁକ୍ତ ଜାତି ଓ ୯୯୨ ଜଣ ତଫସିଲଭୁକ୍ତ ସଂପ୍ରଦାୟର ଲୋକ ଅନ୍ତର୍ଭୁକ୍ତ ।

ଏ ବାବଦରେ ମୋଟ୍ ୫୦ ଲକ୍ଷ ୪୪ ହଜାର ଟଙ୍କା ବିନିଯୋଗ କରାଯାଇଛି ଏବଂ ସମବାୟ ଓ ବ୍ୟବସାୟିକ ବ୍ୟାଙ୍କଗୁଡ଼ିକରୁ ଉପରୋକ୍ତ ଲୋକମାନଙ୍କୁ ବିଭିନ୍ନ ଧନ୍ଦା ଲାଗି ୬୫ ଲକ୍ଷ ୨୦ ହଜାର ଟଙ୍କାର ଋଣ ମଞ୍ଜୁର କରାଯାଇଛି ।

---

## ଦାମନଯୋଡ଼ି ଆହତ ବ୍ୟକ୍ତିଙ୍କୁ ସରକାରୀ ସାହାଯ୍ୟ

ନାଲକୋ ଶିଳ୍ପାଞ୍ଚଳ ଦାମନଯୋଡ଼ିଠାରେ ଗତ ୩-୨-୮୬ ତାରିଖରେ ଘଟିଥିବା ଦୁର୍ଭାଗ୍ୟଜନକ ସଂଘର୍ଷରେ ଆହତ ବ୍ୟକ୍ତିମାନଙ୍କୁ ମାଥାଇପୁଟ, ସୁନାବେଡ଼ା ଓ କୋରାପୁଟ ସଦର ଡାକ୍ତରଖାନାଠାରେ ଚିକିତ୍ସା କରାଯାଉଛି । ଜିଲ୍ଲା ପ୍ରଶାସନ ତରଫରୁ ଔଷଧ, ରୁଟି, ବ୍ୟାଣ୍ଡେଜ୍ କନା, ଗୁଣ୍ଡଦୁଧ ଓ ବିସ୍କୁଟ୍ ପ୍ରଭୃତି ଆହତ ବ୍ୟକ୍ତିମାନଙ୍କୁ ଯୋଗାଇ ଦିଆଯାଉଛି । ଏହା ବ୍ୟତୀତ ସଂଘର୍ଷ ଯୋଗୁଁ ବାସଚ୍ୟୁତ ବ୍ୟକ୍ତିମାନଙ୍କ ମଧ୍ୟରେ ୪୧୨ ଖଣ୍ଡ ଧୋତି ଓ ୫୬ ଖଣ୍ଡ ଗେଞ୍ଜି ବଣ୍ଟନ କରାଯାଇଛି ଏବଂ ଆଶ୍ରୟହୀନ ଲୋକମାନଙ୍କୁ ମାଗଣାରେ ଖାଦ୍ୟ ଯୋଗାଇ ଦେବା ନିମନ୍ତେ ଜିଲ୍ଲା କର୍ତ୍ତୃପକ୍ଷଙ୍କ ତରଫରୁ ଜରୁରୀକାଳୀନ ଭିତ୍ତିରେ ୪ ହଜାର ଟଙ୍କା ମଞ୍ଜୁର କରାଯାଇ ଜିଲ୍ଲା ପୁଲିସ ଅଧ୍ୟକ୍ଷଙ୍କ ତତ୍ତ୍ୱାବଧାନରେ ଖାଦ୍ୟ ବଣ୍ଟନ କରାଯାଉଛି ।

## ସୁନ୍ଦରଗଡ଼ ଜିଲ୍ଲାରେ ସମନ୍ୱିତ ଗ୍ରାମାଞ୍ଚଳ ଉନ୍ନୟନ କାର୍ଯ୍ୟକ୍ରମ

ସମନ୍ୱିତ ଗ୍ରାମାଞ୍ଚଳ ଉନ୍ନୟନ କାର୍ଯ୍ୟକ୍ରମ ଅନୁଯାୟୀ ଚଳିତ ଆର୍ଥିକ ବର୍ଷର ନଭେମ୍ବର ଶେଷ ସୁଦ୍ଧା ସୁନ୍ଦରଗଡ଼ ଜିଲ୍ଲାରେ ୩୮୭୧ ଜଣ ଉପକୃତ ହୋଇଛନ୍ତି । ସେମାନଙ୍କ ମଧ୍ୟରେ ୪୯୦ ଜଣ ତଫସିଲଭୁକ୍ତ ଜାତି ଓ ୨୨୮୯ ଜଣ ତଫସିଲଭୁକ୍ତ ସଂପ୍ରଦାୟର ଲୋକ ଅନ୍ତର୍ଭୁକ୍ତ ।

ଏ ବାବଦରେ ମୋଟ ୫୨ ଲକ୍ଷ ୬୮ ହଜାର ଟଙ୍କା ବିନିଯୋଗ କରାଯାଇଛି ଏବଂ ସମବାୟ ଓ ବ୍ୟବସାୟିକ ବ୍ୟାଙ୍କଗୁଡ଼ିକରୁ ଉପରୋକ୍ତ ଲୋକମାନଙ୍କୁ ବିଭିନ୍ନ ଧନ୍ଦା ଲାଗି ମୋଟ୍ ୬୧ ଲକ୍ଷ ୫୩ ହଜାର ଟଙ୍କାର ଋଣ ମଞ୍ଜୁର କରାଯାଇଛି ।

---

## ତାଳଚେରଠାରେ ଭୂମିକମ୍ପ

ଢେଙ୍କାନାଳ ଜିଲ୍ଲାର କାମାକ୍ଷା ନଗର ଓ ତାଳଚେର ସବ୍‌ଡିଭିଜନ ଅନ୍ତର୍ଗତ ବରାଂଗ, ପରଜଂଗ, ମୁଣ୍ଡେଇଯୋର ତଥା ତାଳଚେର ସହର୍ ନିକଟବର୍ତ୍ତୀ କେତେକ ଅଞ୍ଚଳରେ ନିକଟରେ ହୋଇଥିବା ଭୂମିକଂପର କାରଣ ଅନୁସନ୍ଧାନ କରିବା ପାଇଁ ରାଜ୍ୟ ସରକାରଙ୍କ ଅନୁରୋଧକ୍ରମେ ଦିଲ୍ଲୀସ୍ଥିତ ଭାରତୀୟ ପାଣିପାଗ ବିଭାଗର ଭୂମିକଂପ ନିର୍ଦ୍ଦେଶକ ଡକ୍ଟର ହରି ନାରାୟଣ ଶ୍ରୀବାସ୍ତବ ଏବଂ ଭାରତୀୟ ଭୂତତ୍ତ୍ୱବିତ ବିଭାଗର ସିନିୟର ଭୂତତ୍ତ୍ୱବିତ୍ ଶ୍ରୀଯୁକ୍ତ ମହାନ୍ତି, ଜିଲ୍ଲା କଲେକ୍ଟର ଶ୍ରୀ ଯୁକ୍ତ ଷଡ଼ଙ୍ଗୀ ଏବଂ ଅନ୍ୟାନ୍ୟ ସଂପୃକ୍ତ ବିଭାଗୀୟ ଉଚ୍ଚ ପଦସ୍ଥ ଅଫିସରମାନଙ୍କ ସହିତ ଗତ ଫେବୃଆରୀ ୮ ତାରିଖ ଦିନ ଭୂମିକଂପ ଅନୁଭୂତ ହୋଇଥିବା କେତେକ ଅଞ୍ଚଳ ପରିଦର୍ଶନ କରି ପ୍ରାଥମିକ ଅନୁସନ୍ଧାନ କରିଥିଲେ ।

ପ୍ରାଥମିକ ଅନୁଧ୍ୟାନରୁ ଜଣାଯାଏ ଯେ ଗତ ଜାନୁଆରୀ ୧୯ ତାରିଖ ଦିନ ହୋଇଥିବା ଭୂମିକଂପର ପ୍ରକୋପ ମଧ୍ୟମ ଧରଣର ଥିଲା ଏବଂ ତାହାର ପରବର୍ତ୍ତୀ କେତେକ ନିର୍ଦ୍ଦିଷ୍ଟ ଦିନରେ ହୋଇଥିବା ମୃଦୁ ଧରଣର ଭୂକଂପନ କେବଳ ପ୍ରଥମ ଭୂମିକଂପର ପ୍ରଭାବର ଫଳମାତ୍ର ଏବଂ ଏହା କ୍ରମେ-କ୍ରମେ ହ୍ରାସ ପାଇଯାଉଛି । ସୁତରାଂ ଏଥିପାଇଁ ସଂପୃକ୍ତ ଅଞ୍ଚଳର ଜନସାଧାରଣଙ୍କ ମଧ୍ୟରେ କୌଣସି ପ୍ରକାର ଆତଙ୍କ ସୃଷ୍ଟି ହେବାର ଆଦୌ କାରଣ ନାହିଁ । ପ୍ରାଥମିକ ଅନୁସନ୍ଧାନରୁ ଆହୁରି ମଧ୍ୟ ଜଣାଯାଏ ଯେ ଏହି ଭୂମିକଂପର ନିକଟବର୍ତ୍ତୀ କୋଇଲା ଖଣି କିମ୍ବା ରେଂଗାଲି ବନ୍ଧ ସହିତ କୌଣସି ସଂପର୍କ ନାହିଁ ।

କେନ୍ଦ୍ର ସରକାରଙ୍କ ସହାୟତାରେ ବିଶେଷ ତଥ୍ୟ ସଂଗ୍ରହ କରିବା ଉଦ୍ଦେଶ୍ୟରେ ରାଜ୍ୟ ସରକାର ଖୁବ୍ ନିକଟରେ ତାଳଚେର ନିକଟବର୍ତ୍ତୀ ପରାଂଗଠାରେ ଅତି ଉତ୍କୃଷ୍ଟ ଧରଣର ଆଧୁନିକ ଭୂକଂପନ ଯନ୍ତ୍ର ସ୍ଥାପନ କରାଇ ବିଶେଷଜ୍ଞମାନଙ୍କ ଦ୍ୱାରା ଅନୁସନ୍ଧାନ କରାଯିବାର ନିଷ୍ପତ୍ତି ଗ୍ରହଣ କରିଛନ୍ତି ।

## ଫୁଲବାଣୀ ଜିଲ୍ଲାରେ କ୍ଷୁଦ୍ର ଓ କୁଟୀର ଶିଳ୍ପ ପ୍ରତିଷ୍ଠା

ଚଳିତ ଆର୍ଥିକ ବର୍ଷର ଗତ ନଭେମ୍ବର ସୁଦ୍ଧା ଫୁଲବାଣୀ ଜିଲ୍ଲାରେ ୫୩ ଟି କ୍ଷୁଦ୍ର ଶିଳ୍ପ ଏବଂ ୧୭୩୪ ଟି କୁଟୀର ଶିଳ୍ପ

ପ୍ରତିଷ୍ଠା କରାଯାଇ ସେଗୁଡ଼ିକ ମାଧ୍ୟମରେ ସମୁଦାୟ ୨୭୬୨ ଜଣଙ୍କୁ ନିଯୁକ୍ତି ସୁବିଧା ଯୋଗାଇ ଦିଆଯାଇଛି । କ୍ଷୁଦ୍ରଶିଳ୍ପ ପାଇଁ ୧୦ ଲକ୍ଷ ୯୦ ହଜାର ଟଙ୍କା ଏବଂ କୁଟୀର ଶିଳ୍ପ ପାଇଁ ୩୨ ଲକ୍ଷ ୮୫ ହଜାର ଟଙ୍କା ବିନିଯୋଗ କରାଯାଇଛି ।

## ଇଂରାଜୀ ଭାଷା ଶିକ୍ଷା ପ୍ରତିଷ୍ଠାନ

ଇଂରାଜୀ ଭାଷା ଶିକ୍ଷା ସଂପର୍କରେ ବିଶେଷ ଗବେଷଣା କରିବା ସଙ୍ଗେ ସଙ୍ଗେ ଶିକ୍ଷକମାନଙ୍କୁ ତାଲିମ ଦେବା ପାଇଁ ଏକ ସ୍ୱତନ୍ତ୍ର ଇଂରାଜୀ ଭାଷା ଶିକ୍ଷା ପ୍ରତିଷ୍ଠାନ ପ୍ରତିଷ୍ଠା କରାଯିବାର ପରିକଳ୍ପନା କରାଯାଇଛି । ଚଳିତବର୍ଷ ଏହା ଶିକ୍ଷା ବିଭାଗ ଅଧୀନରେ ଖୋଲାଯିବାକୁ ବ୍ୟବସ୍ଥା କରାଯାଉଛି । ପ୍ରସ୍ତାବିତ ନୂତନ ଶିକ୍ଷାନୀତି ପ୍ରଚଳନ କରାଯିବା ପରିପ୍ରେକ୍ଷୀରେ ଏପରି ଏକ ଅନୁଷ୍ଠାନର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏହାର କାରଣ ହେଲା ଉଚ୍ଚ ଶିକ୍ଷା ଏବଂ ବୈଷୟିକ ଶିକ୍ଷା ସଂପର୍କରେ ସମ୍ୟକ୍ ଜ୍ଞାନ ଅର୍ଜନ କରିବା ଲାଗି ଇଂରାଜୀ ଭାଷାର ଆବଶ୍ୟକତା ଅଧିକ ରହିଥିବା ଉପଲବ୍ଧି କରାଯାଉଛି । ଏଣୁ ମାଧ୍ୟମିକ ବିଦ୍ୟାଳୟ ସ୍ତରରୁ ମାତୃଭାଷାର ଶିକ୍ଷା ହେବା ସଙ୍ଗେ ସଙ୍ଗେ ଇଂରାଜୀ ଭାଷାରେ ଦକ୍ଷତା ଅର୍ଜନ କରିବା ପାଇଁ ଛାତ୍ର ଛାତ୍ରୀମାନଙ୍କୁ ଉଚିତ ଦିଗ୍‌ଦର୍ଶନ ଦେବା ଉଦ୍ଦେଶ୍ୟରେ ଇଂରାଜୀ ଭାଷା ଶିକ୍ଷକମାନଙ୍କୁ ଏହି ପ୍ରତିଷ୍ଠାନ ତାଲିମ ଦେଇ ପାରିବ ।

---

## ଭୂମିହୀନଙ୍କୁ ସଲାମୀଛାଡ

ଭୂମିହୀନ ଲୋକଙ୍କୁ ଯେଉଁ ସିଲିଂ ବହିର୍ଭୂତ ଜମି ବଣ୍ଟନ କରାଯାଇଛି ସେଗୁଡ଼ିକର ବନ୍ଦୋବସ୍ତ କାର୍ଯ୍ୟ ପାଇଁ ସେମାନଙ୍କୁ ସଲାମୀ ଛାଡ଼ କରାଯିବା ସଙ୍ଗେ ସଙ୍ଗେ ସେମାନଙ୍କୁ ରାଜ୍ୟରେ କାର୍ଯ୍ୟକାରୀ କରାଯାଉଥିବା ବିଭିନ୍ନ ଦାରିଦ୍ର୍ୟ ଦୂରୀକରଣ କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ କରି ସାହାଯ୍ୟ ଯୋଗାଇ ଦେବା ପାଇଁ ରାଜ୍ୟ ସରକାର ସ୍ଥିର କରିଛନ୍ତି ।

୧୯୮୫ ଅକ୍ଟୋବର ଶେଷ ସୁଦ୍ଧା ୧ ଲକ୍ଷ ୬୫ ହଜାର ୮୬୯ ଏକର ବଳକା ଘୋଷିତ ଜମି ସରକାରଙ୍କ ଠାରେ ନ୍ୟସ୍ତ କରାଯାଇଛି । ଏହି ସମୟ ମଧ୍ୟରେ ସମୁଦାୟ ୧ ଲକ୍ଷ ୪୪ ହଜାର ୮୬୯ ଏକର ଜମି ଦଖଲକୁ ନିଆଯାଇ ତନ୍ମଧ୍ୟରୁ ୧ ଲକ୍ଷ ୩୨ ହଜାର ୪୯୦ ଏକର ଜମି ୧ ଲକ୍ଷ ୭ ହଜାର ୯୬୧ ଜଣ ଭୂମିହୀନଙ୍କ ମଧ୍ୟରେ ବଣ୍ଟନ କରାଯାଇଛି । ସପ୍ତମ ଯୋଜନାରେ ୩୬ ହଜାର ଏକର ସିଲିଂ ବହିର୍ଭୂତ ଜମିକୁ ଭୂମିହୀନଙ୍କ ମଧ୍ୟରେ ବଣ୍ଟନ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ।

---

## ରାଜ୍ୟରେ କ୍ଷୁଦ୍ର ଓ କୁଟୀର ଶିଳ୍ପ

ଚଳିତ ଆର୍ଥିକ ବର୍ଷର ଗତ ଡିସେମ୍ବର ମାସ ସୁଦ୍ଧା ରାଜ୍ୟରେ ୩୫,୨୨୨ ଟି କୁଟୀର ଶିଳ୍ପ ଏବଂ ୧,୮୪୬ଟି କ୍ଷୁଦ୍ର ଶିଳ୍ପ ପ୍ରତିଷ୍ଠା କରାଯାଇ ସେଗୁଡ଼ିକ ମାଧ୍ୟମରେ ଯଥାକ୍ରମେ ୫୨,୮୧୦ ଜଣ ଏବଂ ୧୨,୨୬୩ ଜଣ ବ୍ୟକ୍ତିଙ୍କୁ କାମ ଯୋଗାଇ ଦିଆଯାଇଛି । କୁଟୀର ଶିଳ୍ପ ପାଇଁ ୭ କୋଟି ୬ ଲକ୍ଷ ୨୦ ହଜାର ଟଙ୍କା ଏବଂ କ୍ଷୁଦ୍ର ଶିଳ୍ପ ପାଇଁ ୨୮ କୋଟି ୫୮ ଲକ୍ଷ ୭୦ ହଜାର ଟଙ୍କା ବିନିଯୋଗ କରାଯାଇଛି ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ ଷଷ୍ଠ ପଞ୍ଚ ବାର୍ଷିକ ଯୋଜନା କାଳ ମଧ୍ୟରେ ରାଜ୍ୟରେ ୩ ଲକ୍ଷ ୬୫ ହଜାର ୯୧୬ଟି କୁଟୀର ଶିଳ୍ପ ଏବଂ ୧୪,୩୩୫ଟି କ୍ଷୁଦ୍ର ଶିଳ୍ପ ପ୍ରତିଷ୍ଠିତ ହୋଇଥିଲା ଏବଂ ଏଗୁଡ଼ିକ ମାଧ୍ୟମରେ ୬ ଲକ୍ଷ ୮୪ ହଜାର ୪୧୩ ଜଣ ବ୍ୟକ୍ତିଙ୍କ ପାଇଁ କର୍ମ ସଂସ୍ଥାନ ବ୍ୟବସ୍ଥା କରାଯାଇ ପାରିଥିଲା ।

## ସମୁଦ୍ର ମାଛରୁ ଆୟ

ଷଷ୍ଠ ଯୋଜନା କାଳରେ ସମୁଦ୍ରରୁ ମୋଟ୍ ୧୫୬ କୋଟି ୨୮ ଲକ୍ଷ ଟଙ୍କା ମୂଲ୍ୟର ୨ ଲକ୍ଷ ୫୭ ହଜାର ୧୩୫ ମେଟ୍ରିକ୍ ଟନ୍ ସମୁଦ୍ର ମାଛ ମରାଯାଇଛି । ତନ୍ମଧ୍ୟରୁ ୧୯୮୦-୮୧ରେ ୨୪ କୋଟି ୧୬ ଲକ୍ଷ ଟଙ୍କା ମୂଲ୍ୟର ୩୮,୭୦୦ ମେଟ୍ରିକ୍ ଟନ୍, ୧୯୮୧-୮୨ରେ ୨୪ କୋଟି ୩୫ ଲକ୍ଷ ଟଙ୍କା ମୂଲ୍ୟର ୮୩,୯୦୦ ମେଟ୍ରିକ୍ ଟନ୍, ୧୯୮୨-୮୩ରେ ୩୨ କୋଟି ୪୦ ଲକ୍ଷ ଟଙ୍କା ମୂଲ୍ୟର ୪୧,୪୦୦ ମେଟ୍ରିକ୍ ଟନ୍, ୧୯୮୩-୮୪ ବର୍ଷରେ ୩୫ କୋଟି ୧୭ ଲକ୍ଷ ଟଙ୍କା ମୂଲ୍ୟର ୪୭,୦୬୫ ମେଟ୍ରିକ୍ ଟନ୍ ଓ ୧୯୮୪-୮୫ରେ ୪୦ କୋଟି ୨୦ ଟଙ୍କା ମୂଲ୍ୟର ୪୬ ଲକ୍ଷ ୦୭୦ ମେଟ୍ରିକ୍ ଟନ୍ ମାଛ ଧରା ଯାଇଛି ।

---

## ଗାଁ ଗାଁରେ ନଳକୂପ

ଓଡ଼ିଶାରେ ପାନୀୟ ଜଳାଭାବ ଗ୍ରାମ ରୂପେ ଚିହ୍ନିତ ହୋଇଥିବା ସମୁଦାୟ ୨୭,୦୭୭ଟି ଗ୍ରାମ ମଧ୍ୟରୁ ଗତ ଜାନୁଆରୀ ମାସ ଶେଷ ସୁଦ୍ଧା ୨୬,୮୧୯ଟି ଗ୍ରାମରେ ନଳକୂପ ମାନ ବସାଯାଇ ଜଳକଷ୍ଟ ଦୂର କରାଯାଇ ପାରିଛି । ତନ୍ମଧ୍ୟରୁ ୧୯୮୦ ମସିହା ସୁଦ୍ଧା ୩,୪୬୧ଟି ଓ ଗତ ଷଷ୍ଠ ଯୋଜନାକାଳ (୧୯୮୦-୮୫) ମଧ୍ୟରେ ୨୨,୩୫୭ଟି, ଏହିପରି ସର୍ବମୋଟ ୨୫,୮୧୮ଟି ଜଳକ୍ଲିଷ୍ଟ ଗ୍ରାମରେ ଆଂଶିକ ବା ସଂପୂର୍ଣ୍ଣ ଭାବରେ ଜଳାଭାବ ଦୂର କରାଯାଇଛି । ଏହିସବୁ ଗ୍ରାମରେ ସମୁଦାୟ ୫୦,୫୮୧ଟି ନଳକୂପ ବସାଯାଇଛି ।

ଅବଶିଷ୍ଟ ୧୨୫୯ଟି ଜଳକ୍ଲିଷ୍ଟ ଗ୍ରାମ ମଧ୍ୟରୁ ଗତ ଜାନୁଆରୀ ମାସ ଶେଷ ସୁଦ୍ଧା ୩୭୧ଟି ଗ୍ରାମରେ ସର୍ବନିମ୍ନ ଗୋଟିଏ ଲେଖାଏଁ ନଳକୂପ ବସାଯାଇଛି ।

---

## ପରିମଳ ଯୋଜନା ମାଧ୍ୟମରେ

କଟକ ଜିଲ୍ଲା ରଘୁନାଥପୁର ବ୍ଲକ୍‌ରେ ଗ୍ରାମ୍ୟ ପରିମଳ ଯୋଜନାକୁ ଗୋଷ୍ଠୀ ଉନ୍ନୟନ ଓ ଗ୍ରାମ୍ୟ ପୁନର୍ଗଠନ ବିଭାଗ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ବଟକୃଷ୍ଣ ଜେନା ଉଦ୍‌ଘାଟନ କରିଛନ୍ତି । ଏହି ଉପଲକ୍ଷେ ଆୟୋଜିତ ଏକ ଉତ୍ସବରେ ଶ୍ରୀ ଜେନା କହିଲେ ଯେ ଗ୍ରାମ ପରିବେଶକୁ ନିର୍ମଳ ରଖିବା ପାଇଁ ପ୍ରଧାନମନ୍ତ୍ରୀ ଶ୍ରୀ ଗାନ୍ଧୀଙ୍କ ନିର୍ଦ୍ଦେଶକ୍ରମେ ଏହି ଯୋଜନା କାର୍ଯ୍ୟକାରୀ କରାଯାଉଛି । ବିଭିନ୍ନ ସ୍ଥାନରେ ମଳତ୍ୟାଗ କରିବା ଓ ଅଳିଆ ଆବର୍ଜନା ପକାଇବା ଫଳରେ ବାୟୁମଣ୍ଡଳ ଓ ଜଳ ଦୂଷିତ ହୁଏ ଏବଂ ଏହାର କୁ-ପ୍ରଭାବ ମାନବ ସମାଜ ଉପରେ ପଡ଼ିଥାଏ;

ଫଳରେ ଏହା ମାନବ ସମାଜକୁ ଧ୍ୱଂସ ମୁଖକୁ ଟାଣିନେବ । ସେଥିପାଇଁ ଗାଁ ଗହଳରେ ସାନିଟାରୀ ପାଇଖାନାମାନ ତିଆରି କରାଯାଇ ସାଧାରଣ ଲୋକ ଓ ପିଲମାନେ ଏହାକୁ ଯେପରି ବ୍ୟବହାର କରିବେ, ସେଥିପାଇଁ ଅଭ୍ୟସ୍ତ ହେବାକୁ ବିଭିନ୍ନ ପଦକ୍ଷେପ ନିଆଯାଉଛି । ସମନ୍ୱିତ ଶିଶୁ ବିକାଶ ଯୋଜନା କାର୍ଯ୍ୟକାରୀ କରାଯାଉଥିବା ରାଜ୍ୟର ୧୧ଟି ବ୍ଲକ୍‌ରେ 'ୟୁନିସେଫ୍' ସହାୟତାରେ ଏହି ଯୋଜନା ଆରମ୍ଭ ହୋଇଛି । ଆସନ୍ତା ବର୍ଷ ସ୍ୱରି ପାଞ୍ଚ ଗୋଟି ବ୍ଲକ୍‌ରେ ରାଜ୍ୟ ସରକାର ଏହା କାର୍ଯ୍ୟକାରୀ କରାଇବେ ବୋଲି ଶ୍ରୀ ଜେନା କହିଥିଲେ । ଜଳ ଓ ବାୟୁ ସଂକ୍ରାନ୍ତ ରୋଗରେ ପଡ଼ି ପ୍ରାଣ ହରାଉଥିବା ଶିଶୁ ମୃତ୍ୟୁହାର ଏହାଦ୍ୱାରା ହ୍ରାସ ପାଇବ ବୋଲି ଶ୍ରୀ ଜେନା ଆଶା ପ୍ରକାଶ କରିଥିଲେ । ସେ ଏଥିପାଇଁ ଜନସାଧାରଣ ବିଶେଷକରି ଯୁବ ସମାଜର ସହଯୋଗ ଲୋଡ଼ିଥିଲେ ।

ସ୍ଥାନୀୟ ପଞ୍ଚାୟତ ସମିତି ଚେୟାରମ୍ୟାନ୍ ଶ୍ରୀ ନିମାଇଁ ଚରଣ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ଗୋଷ୍ଠୀ ଉନ୍ନୟନ ଓ ଗ୍ରାମ୍ୟ ପୁନର୍ଗଠନ ବିଭାଗ ଶାସନ ସଚିବ ଶ୍ରୀ ରମାକାନ୍ତ ରଥ ଉଦ୍‌ବୋଧନ ଦେଇ କହିଲେ ଯେ ସମନ୍ୱିତ ଶିଶୁ ବିକାଶ ଓ ଗ୍ରାମ୍ୟ ପରିମଳ ଯୋଜନାଅଙ୍ଗାଙ୍ଗୀ ଭାବେ ଜଡ଼ିତ । ଏହି ଉଭୟ ଯୋଜନା ଶିଶୁ ବିକାଶ ଓ ସ୍ୱାସ୍ଥ୍ୟ ଭିତ୍ତିକ ହୋଇଥିବାରୁ ଏହାକୁ ସଫଳ ଭାବେ କାର୍ଯ୍ୟକାରୀ କରାଇବାକୁ ସେ କହିଥିଲେ । ସମାଜସେବୀ ଶ୍ରୀ ରାଧୁଭୂଷଣ ମିଶ୍ର ଭାଷଣ ଦେଇ କହିଲେ ଯେ ୧୦୦ ଜଣ ଶିଶୁରୁ ପ୍ରାୟ ୩୫ ଜଣ ଜଳ ଦ୍ୱାରା ସଂକ୍ରମିତ ରୋଗରେ ପଡ଼ିଥାନ୍ତି ଏହି ଗ୍ରାମ୍ୟ ପରିମଳ ଯୋଜନା ସଠିକ୍ ଭାବେ କାର୍ଯ୍ୟକାରୀ ହୋଇପାରିଲେ ଶିଶୁ ମୃତ୍ୟୁହାର କମିଯିବ ।

---

## ଅବକାରୀ ରାଜସ୍ୱ ବୃଦ୍ଧି

୧୯୮୬-୮୭ ବର୍ଷ ପାଇଁ ବଲାଙ୍ଗୀର ଜିଲ୍ଲାର ୮୯ଟି ମଦଭାଟି, ୨୮ଟି ଗଞ୍ଜା ଓ ୮ଟି ଭାଙ୍ଗ ଦୋକାନ ସଂପ୍ରତି ବଲାଙ୍ଗୀର ଠାରେ ଜିଲ୍ଲାପାଳଙ୍କ ଦ୍ୱାରା ନିଲାମ କରାଯାଇଛି । ଏଥିରୁ ମୋଟ୍ ୬୬ ଲକ୍ଷ ୪୯ ହଜାର ୪୫୨ ଟଙ୍କା ଅବକାରୀ ରାଜସ୍ୱ ମିଳିପାରିବ । ମଦଭାଟି ବାବଦରେ ୬୨ ଲକ୍ଷ ୫୯ ହଜାର ୨୦୦ ଟଙ୍କା ଓ ଗଞ୍ଜା, ଭାଙ୍ଗ ବାବଦରେ ୩ ଲକ୍ଷ ୯୦ ହଜାର ୨୫୨ ଟଙ୍କା ଏହି ଅବକାରୀ ରାଜସ୍ୱର ଅନ୍ତର୍ଭୁକ୍ତ । ୧୯୮୫-୮୬ରେ ନିଲାମ ହୋଇଥିବା ଅର୍ଥଠାରୁ ଏହା ୮ ଲକ୍ଷ ୫୫ ହଜାର ୧୪୪ ଟଙ୍କା ଅଧିକ ।

ଏଠାରେ ଉଲ୍ଲେଖନୀୟ ଯେ ୧୯୮୫-୮୬ରେ ଏହି ଜିଲ୍ଲାରେ ମୋଟ୍ ୫୭ ଲକ୍ଷ ୯୪ ହଜାର ୩୦୮ ଟଙ୍କା ଅବକାରୀ ରାଜସ୍ୱ ମିଳିଥିଲା ।

---

## ବାର୍ଦ୍ଧକ୍ୟ ଭତ୍ତା

୧୯୮୫ ଜୁନ୍ ଶେଷ ସୁଦ୍ଧା ରାଜ୍ୟରେ ୧ ଲକ୍ଷ ୩ ହଜାର ୪୯୩ ଜଣଙ୍କୁ ବାର୍ଦ୍ଧକ୍ୟ ଭତ୍ତା ମଞ୍ଜୁର କରାଯାଇଛି । ପ୍ରଚଳିତ ବାର୍ଦ୍ଧକ୍ୟ ଭତ୍ତା ପରିକଳ୍ପନାକୁ ଆହୁରି ଅଧିକ ବ୍ୟାପକ କରାଯାଇ ନିରାଶ୍ରୟା ବିଧବାମାନଙ୍କୁ ଏହାର ଅନ୍ତର୍ଭୁକ୍ତ କରାଯାଇଛି । ବାର୍ଦ୍ଧକ୍ୟ ଭତ୍ତା ପାଇଁ ସର୍ବନିମ୍ନ ବୟସ ସୀମା ୬୫ ବର୍ଷ ରଖାଯାଇଥିବା ସ୍ଥଳେ ଅସହାୟ ବିଧବାମାନଙ୍କ ପାଇଁ ଏହାକୁ ୫୦ ବର୍ଷ ରଖା ଯାଇଛି ।

---

## କ୍ଷୁଦ୍ର ଓ କୁଟୀର ଶିଳ୍ପ ପ୍ରତିଷ୍ଠା

ଚଳିତ ଆର୍ଥିକ ବର୍ଷର ଗତ ଡିସେମ୍ବର ମାସ ସୁଦ୍ଧା ବାଲେଶ୍ୱର ଜିଲ୍ଲା ଶିଳ୍ପ କେନ୍ଦ୍ର ମାଧ୍ୟମରେ ୪,୮୨୬ଟି କୁଟୀର ଶିଳ୍ପ ଏବଂ ୧୨୯ ଟି କ୍ଷୁଦ୍ର ଶିଳ୍ପ ପ୍ରତିଷ୍ଠା କରାଯାଇ ସେଗୁଡ଼ିକରେ ଯଥାକ୍ରମେ ୮,୬୩୧ ଜଣ ଏବଂ ୬୬୩ ଜଣ ବ୍ୟକ୍ତିଙ୍କୁ କର୍ମ ସଂସ୍ଥାନ ସୁବିଧା ଯୋଗାଇ ଦିଆଯାଇ ପାରିଛି । କ୍ଷୁଦ୍ର ଶିଳ୍ପ ପାଇଁ ୧ କୋଟି ୮ ଲକ୍ଷ ୮୪ ହଜାର ଟଙ୍କା ଏବଂ କୁଟୀର ଶିଳ୍ପ ପାଇଁ ୬୪ ଲକ୍ଷ ୩୧ ହଜାର ଟଙ୍କା ବିନିଯୋଗ କରାଯାଇଛି ।

---

## କ୍ଷୁଦ୍ର ଓ କୁଟୀର ଶିଳ୍ପ

ଚଳିତ ଆର୍ଥିକ ବର୍ଷର ଗତ ଡିସେମ୍ବର ମାସସୁଦ୍ଧା ବଲାଙ୍ଗୀର ଜିଲ୍ଲାରେ ୧,୪୬୮ ଟି କୁଟୀର ଶିଳ୍ପ ଏବଂ ୧୧୪ଟି କ୍ଷୁଦ୍ର ଶିଳ୍ପ ପ୍ରତିଷ୍ଠା କରାଯାଇ ସେଗୁଡ଼ିକ ମାଧ୍ୟମରେ ୩୩୮୩ ଜଣ ବ୍ୟକ୍ତିଙ୍କୁ କାମ ଯୋଗାଇ ଦିଆଯାଇଛି । କୁଟୀର ଶିଳ୍ପ ପାଇଁ ୨୩ ଲକ୍ଷ ୮୧ ହଜାର ଟଙ୍କା ଏବଂ କ୍ଷୁଦ୍ର ଶିଳ୍ପ ପାଇଁ ୨ କୋଟି ୬ ଲକ୍ଷ ୪୯ ହଜାର ଟଙ୍କା ବିନିଯୋଗ କରାଯାଇଛି । ଏହା ବ୍ୟତୀତ କ୍ଷୁଦ୍ର ଶିଳ୍ପ ପ୍ରତିଷ୍ଠା ପାଇଁ ୨୪୪ଟି ସ୍ଥାୟୀ ଏବଂ ୧୮ଟି ଅସ୍ଥାୟୀ ଅନୁମତି ପତ୍ର ମିଳିଛି ।

---

## କ୍ଷୁଦ୍ର ଓ ମଧ୍ୟମ ସହର ଉନ୍ନୟନ ପାଇଁ

ରାଜ୍ୟର ୬ଟି କ୍ଷୁଦ୍ର ଓ ମଧ୍ୟମ ସହର, ଯଥା:— ସମ୍ବଲପୁର, ପୁରୀ, ବାଲେଶ୍ୱର, ରାଉରକେଲା (ସିଭିଲ୍ ଟାଉନସିପ୍), ଜୟପୁର ଓ ଢେଙ୍କାନାଳରେ କାର୍ଯ୍ୟକାରୀ ହେଉଥିବା ସମନ୍ୱିତ ସହର ଉନ୍ନୟନ ଯୋଜନା ବାବଦରେ ଷଷ୍ଠ ଯୋଜନା କାଳରେ ସର୍ବମୋଟ ୩ କୋଟି ୮୮ ଲକ୍ଷ ୯୦ ହଜାର ୫୦୦ ଟଙ୍କା ଯୋଗାଇ ଦିଆଯାଇଛି । କେନ୍ଦ୍ର ସରକାରଙ୍କ ଆନୁକୂଲ୍ୟରେ ସେହିସବୁ ସହରରେ କାର୍ଯ୍ୟକାରୀ ହେଉଥିବା ଏହି ଯୋଜନା ବାବଦରେ ସେହି ସମୟ ମଧ୍ୟରେ ୨ କୋଟି ୧୨ ଲକ୍ଷ ୨୭ ହଜାର ଟଙ୍କା କେନ୍ଦ୍ରୀୟ ସାହାଯ୍ୟ ମିଳିଥିଲା । ଏହା ବ୍ୟତୀତ ରାଜ୍ୟ ସରକାର ୯୭ ଲକ୍ଷ ୭୧ ହଜାର ଟଙ୍କା ଏବଂ ସଂପୃକ୍ତ ପୌର ସଂସ୍ଥା, ଉନ୍ନୟନ ଟ୍ରଷ୍ଟ ଏବଂ ସ୍ୱତନ୍ତ୍ର ଯୋଜନା କର୍ତ୍ତୃପକ୍ଷମାନେ ନିଜସ୍ୱ ସଂବଳରୁ ଋଣ ଓ ଅର୍ଥ ଆକାରରେ ୭୮ ଲକ୍ଷ ୯୨ ହଜାର ୫୦୦ ଟଙ୍କା ଯୋଗାଇ ଦେଇଥିଲେ । ସଂପୃକ୍ତ ସହରର ପୌରସଂସ୍ଥା, ଟ୍ରଷ୍ଟ ଓ ଯୋଜନା କର୍ତ୍ତୃପକ୍ଷମାନଙ୍କୁ ସମୁଦାୟ ଅର୍ଥ ଯୋଗାଇ ଦିଆଯାଇଥିଲା ।

ସେହିସବୁ ସହରରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରିବା ବାବଦରେ ଆଜି ସୁଦ୍ଧା ସମୁଦାୟ ୩ କୋଟି ୬୯ ଲକ୍ଷ ଟଙ୍କା ବ୍ୟୟ କରାଯାଇଛି । ଏହି ଅର୍ଥ ବିନିଯୋଗରେ ସେହି ସହରାଞ୍ଚଳଗୁଡ଼ିକରେ ଗୃହ ନିର୍ମାଣ ପାଇଁ ୧,୦୯୦ଟି ଜମିର ଉନ୍ନତି କରାଯିବା ସଙ୍ଗେ ସଙ୍ଗେ ୪୨୩ଟି ଦୋକାନ ଘର ଏବଂ ୧୫·୪୬ କି: ମି: ରାସ୍ତାର ନିର୍ମାଣ କାର୍ଯ୍ୟ ସଂପୂର୍ଣ୍ଣ କରାଯାଇଛି ।

ଚଳିତ ସପ୍ତମ ଯୋଜନା କାଳ ମଧ୍ୟରେ ରାଜ୍ୟର ଅଧିକ ୨୦ଟି ସହରକୁ ଏହି କେନ୍ଦ୍ରୀୟ ପ୍ରକଳ୍ପର ଅନ୍ତର୍ଭୁକ୍ତ କରିବାର ପ୍ରସ୍ତାବ ରହିଛି । ପ୍ରଥମ ପର୍ଯ୍ୟାୟରେ ଯୋଜନାର ୨ ବର୍ଷ ମଧ୍ୟରେ ୧୨ଟି ସହର ଯଥା— ବାରିପଦା, କେନ୍ଦୁଝର, ବଲାଙ୍ଗୀର, ଭବାନୀପାଟଣା, ରାୟଗଡ଼ା, ଆଠଗଡ଼, ଝାରସୁଗୁଡ଼ା, ଖୁର୍ଦ୍ଦାପୁର, ଜଗତ୍‌ସିଂହପୁର, ଅନୁଗୁଳ, ପାରଳାଖେମୁଣ୍ଡି ଓ ରାଇରଙ୍ଗପୁରରେ ଏହି ପ୍ରକଳ୍ପ କାର୍ଯ୍ୟକାରୀ କରିବା ଲାଗି ଉଦ୍ୟମ କରାଯାଉଛି । ଏହିସବୁ ସହର ମଧ୍ୟରୁ ବାରିପଦା, କେନ୍ଦୁଝର, ବଲାଙ୍ଗୀର ଓ ଜଗତସିଂହପୁର ସହରର ଉନ୍ନୟନ ଲାଗି ପ୍ରୋଜେକ୍ଟ ରିପୋର୍ଟ ପ୍ରସ୍ତୁତ କରାଯାଇ କେନ୍ଦ୍ରୀୟ ଅନୁମୋଦନ ଓ ଆର୍ଥିକ ସହାୟତା ପାଇଁ ପଠାଯାଇଛି ।

---

## ନୂତନ ଜଙ୍ଗଲ ସୃଷ୍ଟି

ଜଙ୍ଗଲ ବିଭାଗ ତରଫରୁ ଚଳିତ ଆର୍ଥିକ ବର୍ଷରେ ୫୫ ହଜାର ୪୮୨ ହେକ୍ଟର ଜମିରେ ବୃକ୍ଷ ରୋପଣ, ନୂତନ ଜଙ୍ଗଲ ସୃଷ୍ଟି, ପଥପାର୍ଶ୍ୱ ବନୀକରଣ ଓ ଫାର୍ମ ଜଙ୍ଗଲ ସୃଷ୍ଟି କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ଧ୍ୱଂସପ୍ରାପ୍ତ ଜଙ୍ଗଲରେ ବୃକ୍ଷ ରୋପଣ ପାଇଁ ଆର. ଏଲ୍.ଇ. ଜି. ପି. ଗ୍ରାଣ୍ଟରୁ ଅର୍ଥ ବିନିଯୋଗ କରାଯିବା ସଙ୍ଗେ ସଙ୍ଗେ ଆସନ୍ତା ଆର୍ଥିକ ବର୍ଷରେ ବନୀକରଣ କାର୍ଯ୍ୟକ୍ରମ ପାଇଁ ୧୫ ନିୟୁତ ଚାରା ପ୍ରସ୍ତୁତ କରାଯାଉଛି । ୧୯୮୬-୮୭ରେ ୬୦ ହଜାର ହେକ୍ଟର ଜମିରେ ନୂତନ ଜଙ୍ଗଲ ସୃଷ୍ଟି ଓ ୫୦ ହଜାର ହେକ୍ଟର ଜଙ୍ଗଲକୁ ସମୃଦ୍ଧ କରାଯିବା ସଙ୍ଗେ ସଙ୍ଗେ ସମୁଦ୍ର କୂଳବର୍ତ୍ତୀ ଇଲାକାରେ ଜଙ୍ଗଲର ବିକାଶସାଧନ ପାଇଁ ମଧ୍ୟ ଉଦ୍ୟମ କରାଯାଉଛି । ଏହା ବ୍ୟତୀତ ଫାର୍ମ ଜଙ୍ଗଲ କାର୍ଯ୍ୟକ୍ରମ ଅଧୀନରେ ୧୬ ନିୟୁତ ଚାରାଗଛ ବଣ୍ଟନ କରାଯିବା ପାଇଁ ସ୍ଥିର କରାଯାଇଛି ।

---

## ବାସହୀନଙ୍କୁ ଘରଡ଼ିହ

ଚଳିତ ଆର୍ଥିକ ବର୍ଷରେ ରାଜ୍ୟରେ ୭ ହଜାର ଏକର ସିଲିଂ ବଳକା ଜମି ବଣ୍ଟନ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ସେଥିମଧ୍ୟରୁ ଜାନୁଆରୀ ମାସ ଶେଷ ସୁଦ୍ଧା ମୋଟ୍ ୪,୮୭୫ ଜଣ ଲୋକଙ୍କୁ ୪,୯୭୦ ଏକର ବଳକା ଜମି ବଣ୍ଟନ କରାଯାଇଛି । ଉପକୃତ ହୋଇଥିବା ଲୋକମାନଙ୍କ ମଧ୍ୟରୁ ଆଦିବାସୀଙ୍କ ସଂଖ୍ୟା ରହିଛି ୧,୭୮୧ ହରିଜନ ଓ ଅନ୍ୟାନ୍ୟ ଶ୍ରେଣୀର ଲୋକଙ୍କ ସଂଖ୍ୟା ଯଥାକ୍ରମେ ୧,୭୨୮ ଓ ୧,୩୫୬ ।

ବାସହୀନଙ୍କୁ ଘରଡ଼ିହ ବଣ୍ଟନ କାର୍ଯ୍ୟକ୍ରମ ଅନୁଯାୟୀ ଚଳିତ ଆର୍ଥିକ ବର୍ଷରେ ୩୦ ହଜାର ପରିବାରକୁ ଘରଡ଼ିହ ବଣ୍ଟନର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ଜାନୁଆରୀ ମାସ ଶେଷ ସୁଦ୍ଧା ଏହି ବାବଦରେ ମୋଟ୍ ୩୦,୯୫୫ଟି ପରିବାରଙ୍କୁ ୧,୩୭୫ ଏକର ଜମି ଘରଡ଼ିହ ପାଇଁ ବଣ୍ଟନ କରାଯାଇଛି । ସେମାନଙ୍କ ମଧ୍ୟରେ ୯୪୧ ଜଣ ଆଦିବାସୀଙ୍କୁ ୪୪୩ ଏକର, ୭,୨୯୦ ଜଣ ହରିଜନଙ୍କୁ ୩୧୪ ଏକର ଜମି ବଣ୍ଟନ ଅନ୍ତର୍ଭୁକ୍ତ ।

କୃଷି ପାଇଁ ସରକାରୀ ପତିତ ଜମି ବଣ୍ଟନ କାର୍ଯ୍ୟକ୍ରମରେ ଚଳିତ ଆର୍ଥିକ ବର୍ଷର ଜାନୁଆରୀ ଶେଷସୁଦ୍ଧା ମୋଟ୍ ୨,୫୬୩ଟି ପରିବାର ଉପକୃତ ହୋଇଛନ୍ତି । ସେମାନଙ୍କୁ ୩,୦୩୧ ଏକର ପତିତ ଜମି ବଣ୍ଟନ କରାଯାଇଛି । ଏହି ଯୋଜନାରେ ୮୩୯ଟି ଆଦିବାସୀ ପରିବାରଙ୍କୁ ୮୩୬ ଏକର, ୬୧୯ଟି ହରିଜନ ପରିବାରଙ୍କୁ ୮୪୪ ଏକର ଏବଂ ଅନ୍ୟାନ୍ୟ ୧,୧୦୫ଟି ପରିବାରଙ୍କୁ ୧,୩୫୧ ଏକର ଜମି ଦିଆଯାଇଛି ।

---


## ବୋରିଗୁମାରେ ଆର. ଆଇ. ଡ଼ି. କାର୍ଯ୍ୟକ୍ରମ

ସମନ୍ୱିତ ଗ୍ରାମ୍ୟ ଉନ୍ନୟନ ଯୋଜନାକୁ ଅଧିକ ସକ୍ରିୟ କରିବା ସଙ୍ଗେ ସଙ୍ଗେ ଏହି ଯୋଜନା ଦ୍ୱାରା ଉପକୃତ ଲୋକମାନଙ୍କର ଆୟ ବଢ଼ାଇବା ପାଇଁ କୋରାପୁଟ ଜିଲ୍ଲା ବୋରିଗୁମା ବ୍ଲକକୁ ଭାରତୀୟ ଶିଳ୍ପ ଉନ୍ନୟନ ବ୍ୟାଙ୍କ୍ ପରୀକ୍ଷାମୂଳକ ବ୍ଲକ ଭାବେ ଗ୍ରହଣ କରିଛନ୍ତି ।

ବୋରିଗୁମାଠାରେ ଏହି ପ୍ରକଳ୍ପକୁ ଉଦ୍‌ଘାଟନ କରି ଗୋଷ୍ଠୀ ଉନ୍ନୟନ ଓ ଗ୍ରାମ୍ୟ ପୁନର୍ଗଠନ ବିଭାଗ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ବଟକୃଷ୍ଣ ଜେନା କହିଲେ ଯେ ଗ୍ରାମାଞ୍ଚଳରେ ଗରିବ ଲୋକଙ୍କୁ ଆର୍ଥିକ ସହାୟତା ଦେଇ ସେମାନଙ୍କ ଆୟ ବଢ଼ାଇବା ପାଇଁ ଏହି ଯୋଜନା ସମଗ୍ର ଦେଶରେ କାର୍ଯ୍ୟକାରୀ ହେଉଛି । ଏହି ଯୋଜନାରେ ରାଜ୍ୟ ସରକାର ଓ ବ୍ୟବସାୟୀକ ବ୍ୟାଙ୍କମାନେ ଉପକୃତ ଲୋକମାନଙ୍କୁ ଆର୍ଥିକ ସହାୟତା ଦେଉଥାନ୍ତି । ମାତ୍ର ଭାରତୀୟ ଶିଳ୍ପ ଉନ୍ନୟନବ୍ୟାଙ୍କ ପ୍ରତି ରାଜ୍ୟରେ ଗୋଟିଏ ବ୍ଲକ୍‌କୁ ପରୀକ୍ଷାମୂଳକ ବ୍ଲକ୍‌ଭାବେ ନେଇଛନ୍ତି । ଆର୍ଥିକ ସହାୟତା ସମେତ ଉପକୃତ ବ୍ୟକ୍ତିମାନଙ୍କୁ ବୈଜ୍ଞାନିକ, ବୈଷୟିକ ଓ ପ୍ରଯୁକ୍ତି ଜ୍ଞାନ ଯୋଗାଇ ଦେଇ ଉତ୍ପାଦିତ ସାମଗ୍ରୀର ବିକ୍ରୟ ଦାୟିତ୍ୱ ଏହି ସଂସ୍ଥା ଗ୍ରହଣ କରିବେ । ସେମାନଙ୍କ ଆୟ ବଢ଼ାଇ ସେମାନଙ୍କୁ ଦାରିଦ୍ର୍ୟ ସୀମାରେଖା ଉପରକୁ ଉଠାଇବା ଏହାର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଶ୍ରୀ ଜେନା କହିଥିଲେ ।

ବିଶେଷକରି କୃଷି ଉପରେ ଅଧିକ ଚାପ ନଦେଇ, ଶିଳ୍ପକୁ ଅଧିକ ପ୍ରୋତ୍ସାହିତ କରି ଦ୍ରୁତ ଶିଳ୍ପାୟନ ମାଧ୍ୟମରେ ବୋରିଗୁମା ଅଞ୍ଚଳର ଗରିବ ଆଦିବାସୀ ଓ ବେକାରୀମାନଙ୍କୁ ଆର୍ଥିକ କ୍ଷେତ୍ରରେ ସ୍ୱଚ୍ଛଳ କରିବା ପାଇଁ ଏହି ଉଦ୍ୟମ କରାଯାଉଛି ? ଭାରତୀୟ ଶିଳ୍ପ ଉନ୍ନୟନ ବ୍ୟାଙ୍କ୍ ଆମ ରାଜ୍ୟର ଓରିଟକୋ ସଂସ୍ଥା ମାଧ୍ୟମରେ ଏହି ପ୍ରକଳ୍ପ କାର୍ଯ୍ୟକାରୀ କରୁଛନ୍ତି ବୋଲି ଶ୍ରୀ ଜେନା ପ୍ରକାଶ କରିଥିଲେ ।

---



# ବିଚ୍ଛିନ୍ନାଞ୍ଚଳ ମିଶ୍ରଣ ଓ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ

ଶ୍ରୀ ବଳରାମ ମହାନ୍ତି

୧୧୨ ଠାରୁ ୧୫୬୮ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଓଡ଼ିଶା ଏକ ସ୍ୱାଧୀନ ବିଶାଳ ହିନ୍ଦୁ ରାଜ୍ୟରୂପେ ପ୍ରତିଷ୍ଠିତ ଥିଲା । ୧୫୬୮ ରେ ଓଡ଼ିଶା ବଙ୍ଗ ସୁଲତାନମାନଙ୍କ ଦ୍ୱାରା ଏବଂ ତା' ପରେ ୧୫୭୬ ରେ ମୋଗଲ ଶାସନାଧୀନ ହେଲା । ଏହି ସମୟ ଭିତରେ ଓଡ଼ିଶାର ସୀମା ମୋଟାମୋଟି ଉତ୍ତରରେ ଗଙ୍ଗାନଦୀ-ଠାରୁ ଦକ୍ଷିଣରେ ଗୋଦାବରୀ ନଦୀ ପର୍ଯ୍ୟନ୍ତ ବିସ୍ତୃତ ଥିଲା । ଏଥିରେ ବର୍ତ୍ତମାନର ବସ୍ତର, ଭାଇଜାଗପଟମ୍ ଏଜେନ୍‌ସି, ରାୟପୁରର କେତେକ ଅଞ୍ଚଳ, ବିଲାସପୁର ଓ ଯଶପୁର ବର୍ତ୍ତମାନର ସିଂହଭୂମି, ମେଦିନୀପୁର, ବର୍ଦ୍ଧମାନ, ବାଙ୍କୁଡ଼ା ଓ ମାନଭୂମ୍ ଜିଲ୍ଲାର ବହୁ ଅଞ୍ଚଳ ଅନ୍ତର୍ଭୁକ୍ତ ଥିଲା । ମୋଗଲମାନେ ଓଡ଼ିଶାରେ ୧୭୫ ବର୍ଷ ପର୍ଯ୍ୟନ୍ତ ରାଜତ୍ୱ କଲାପରେ ମରହଟ୍ଟାମାନେ କ୍ଷମତାକୁ ଆସିଲେ । ୧୭୫୧ ଖ୍ରୀଷ୍ଟାବ୍ଦରେ ନବାବ୍ ଆଲିବର୍ଦ୍ଦି ଖାଁ ଏକ ଚୁକ୍ତି ଦ୍ୱାରା ଓଡ଼ିଶାର ଗୋଟିଏ ଅଂଶକୁ ନାଗପୁରର ଭୋନ୍‌ସଲ-ମାନଙ୍କୁ ହସ୍ତାନ୍ତର କରିଦେଲେ ଏବଂ ମେଦିନୀପୁର ଅଞ୍ଚଳକୁ ନିଜ ଶାସନାଧୀନରେ ରଖିଲେ । ଦକ୍ଷିଣ ଓଡ଼ିଶାର ଅଧିକାଂଶ ଅଞ୍ଚଳ ଅର୍ଥାତ୍ ଗଞ୍ଜାମ, ଚିକାକୋଲି ଓ ଭାଇଜାଗପଟମ୍ ସମେତ ଗୋଲକୁଣ୍ଡାର ସୁଲତାନଙ୍କ ଦ୍ୱାରା ୧୫୭୧ ଖ୍ରୀଷ୍ଟାବ୍ଦରେ ଅଧିକୃତ ହୋଇଥିଲା । ତା'ପରେ ଓଡ଼ିଶାର ବଙ୍ଗଳା ଅଞ୍ଚଳ ଅର୍ଥାତ୍ ମେଦିନୀପୁର-ଧଳଭୂମ ଅଞ୍ଚଳ, ବଙ୍ଗ, ବିହାର ଓ ଓଡ଼ିଶାର କ୍ଲାଇବଙ୍କ ଦେବାନୀ ଭିତରେ ଅନ୍ତର୍ଭୁକ୍ତ ହେଲା । ସେହି ସମୟରେ କର୍ଣ୍ଣାଟକ ଯୁଦ୍ଧ ଫଳରେ ଇଂରେଜମାନେ ଇଚ୍ଛାପୁର ପର୍ଯ୍ୟନ୍ତ ଦକ୍ଷିଣ ସରକାରରେ ଅନ୍ତର୍ଭୁକ୍ତ ଥିବା ଓଡ଼ିଶାର ଦକ୍ଷିଣାଞ୍ଚଳ ପାଇଲେ । ପରେ ସେମାନେ ଉତ୍ତର ଗଞ୍ଜାମ ପର୍ଯ୍ୟନ୍ତ ଅଧିକାର କରିନେଲେ । ଦଶବର୍ଷ ଭିତରେ ଏହିସବୁ ଅଞ୍ଚଳ ଖଣ୍ଡ ଖଣ୍ଡ ହୋଇ ବ୍ରିଟିଶ୍ ଶାସନାଧୀନ ହେଲା ।

୧୮୦୩ ମସିହାରେ ଇଂରେଜମାନେ ବହୁ ଦେଶୀୟ ରାଜ୍ୟ ସମେତ ଓଡ଼ିଶାକୁ ସଂପୂର୍ଣ୍ଣରୂପେ ଦଖଲ କରି ନେଲେ । ୧୮୧୬ ଠାରୁ ୧୮୨୦ ମସିହା ଭିତରେ ଇଂରେଜମାନେ ମରହଟ୍ଟା-ମାନଙ୍କଠାରୁ ସମ୍ବଲପୁର ଓ ସରାଇକଳା, ଖରସୁଆଁ ସମେତ ସିଂହଭୂମି ରାଜ୍ୟ ଦଖଲ କରି ନେଇଥିଲେ । ସେତେବେଳେ ଓଡ଼ିଶା ଏକ ବିଶାଳ ରାଜ୍ୟ ଥିବାରୁ ଇଂରେଜମାନେ ଏକ ସମୟରେ ଓଡ଼ିଶାକୁ ଦଖଲକରି ପାରିନଥିଲେ । ଓଡ଼ିଶାର ବିଭିନ୍ନ ଅଞ୍ଚଳ ଭିନ୍ନ ଭିନ୍ନ ସମୟରେ ବ୍ରିଟିଶ ଶାସନାଧୀନ ହୋଇଥିଲା ।

ଓଡ଼ିଶାର ବିଶାଳ ଭୌଗୋଳିକ ଅଞ୍ଚଳ ମୋଗଲ ଶାସନ ସମୟରୁହିଁ ଖଣ୍ଡ ବିଖଣ୍ଡିତ ହେବା ଆରମ୍ଭ ହୋଇ ବ୍ରିଟିଶ ଶାସନାଧୀନରେ ରହିଥିବା ବେଳେ ସଂପୂର୍ଣ୍ଣ ଖଣ୍ଡ ଖଣ୍ଡ ହୋଇଗଲା । ମୋଗଲ ସମ୍ରାଟ ଆଉରଙ୍ଗଜେବଙ୍କ ସମୟରେ ଯେତେବେଳେ ମୋଗଲ ସାମ୍ରାଜ୍ୟର ପତନ ଆରମ୍ଭ ହେଲା, ସେହି ସମୟରେ ମୋଗଲ ସାମ୍ରାଜ୍ୟ ଅନ୍ତର୍ଗତ ବିଭିନ୍ନ ସୁବାଦାରମାନେ ସ୍ୱାଧୀନ ଶାସକ ଭଳି କାର୍ଯ୍ୟ କଲେ । ସେତେବେଳେ ମୁର୍ସିଦ କୁଲିଖାଁ ଓଡ଼ିଶାର ସୁବାଦାର ଥିଲେ । ସେହିଦିନଠାରୁ ଅର୍ଥାତ୍ ୧୭୧୩ ଖ୍ରୀଷ୍ଟାବ୍ଦଠାରୁ ଓଡ଼ିଶା ବଙ୍ଗଳା ଶାସନାଧୀନ ହୋଇ ରହିଲା । ସଂପୂର୍ଣ୍ଣ ଓଡ଼ିଆଭାଷୀ ଅଞ୍ଚଳ ମେଦିନୀପୁର ଜିଲ୍ଲାକୁ ବଙ୍ଗ ପ୍ରଦେଶକୁ ହସ୍ତାନ୍ତର କରି ଦିଆ ହେଲା । ଏହି ସମୟରୁ ହିଁ ବିଶାଳ ଓଡ଼ିଆଭାଷୀ ଭୂଖଣ୍ଡ ଖଣ୍ଡ ଖଣ୍ଡ ହେବା ଆରମ୍ଭ ହେଲା । ବ୍ରିଟିଶ୍ ଶାସନ ପୂର୍ବରୁ ବିଶାଳ ଓଡ଼ିଆଭାଷୀ ଅଞ୍ଚଳ ଖଣ୍ଡ ଖଣ୍ଡ ହେବା ଆରମ୍ଭ ହୋଇଥିଲେ ମଧ୍ୟ ବ୍ରିଟିଶ୍ ଶାସନାଧୀନ ହେଲା ବେଳକୁ ଓଡ଼ିଶାର ଭୌଗୋଳିକ ସୀମା ତଥାପି ସୁବିସ୍ତୃତ ଥିଲା । ସେତେବେଳେ ଓଡ଼ିଶାର ସୀମା ଉତ୍ତରରେ ବଙ୍ଗପ୍ରଦେଶ-ଠାରୁ ଦକ୍ଷିଣରେ ଗୋଦାବରୀ ନଦୀ ଏବଂ ପୂର୍ବ ଉପକୂଳରେ ବଙ୍ଗୋପସାଗରଠାରୁ ପଶ୍ଚିମରେ ଗଣ୍ଡୱାନା ପର୍ଯ୍ୟନ୍ତ ବିସ୍ତୃତ ଥିଲା । ବ୍ରିଟିଶ୍ ଶାସକମାନେ ଏହି ବିସ୍ତୃତ ଅଞ୍ଚଳକୁ ଖଣ୍ଡ ଖଣ୍ଡ କରି ବଙ୍ଗଳା, ମାଡ୍ରାଜ, ମଧ୍ୟପ୍ରଦେଶ ଓ ବିହାର ସହିତ ଯୋଡ଼ି ଦେଇଥିଲେ ।

## ବ୍ରିଟିଶ ଶାସନରେ ଓଡ଼ିଶାର ଅର୍ଥନୈତିକ ଦୁର୍ଦ୍ଦଶା

ବ୍ରିଟିଶ ଶାସନାଧୀନ ହେବାପରେ ବଙ୍ଗ ପ୍ରଦେଶର

ଅନ୍ତର୍ଭୁକ୍ତ ହୋଇଥିବା ଓଡ଼ିଶାର ଉପକୂଳବର୍ତ୍ତୀ ଅଞ୍ଚଳ ଅଧିବାସୀ ରାଜନୈତିକ ଦୁର୍ଦ୍ଦଶା ଛଡ଼ା ଘୋର ଅର୍ଥନୈତିକ ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଥିଲେ । ସେତେବେଳେ ବଙ୍ଗପ୍ରଦେଶର ରାଜଧାନୀ କଲିକତା ଥିଲା ସମଗ୍ର ଭାରତବର୍ଷର ରାଜଧାନୀ । ତେଣୁ ବ୍ରିଟିଶ୍ ସରକାର ବଙ୍ଗ ପ୍ରଦେଶରେ ଶିଳ୍ପ, କୃଷି, ଜଳସେଚନ, ଶିକ୍ଷା ଓ ଯାତାୟତ କ୍ଷେତ୍ରରେ ଆଧୁନିକ ଉନ୍ନୟନ ଯୋଜନା-ମାନ କାର୍ଯ୍ୟକାରୀ କରିଥିଲେ ମାତ୍ର ବଙ୍ଗ ପ୍ରଦେଶ ସହିତ ଯୋଡ଼ି ହୋଇ ରହିଥିବା ଓଡ଼ିଶାର ଡିଭିଜନ୍ ସେଥିରୁ ବଞ୍ଚିତ ହୋଇଥିଲା । ଏହାର ପରିଣାମରେ ୧୮୬୬ ଖ୍ରୀଷ୍ଟାବ୍ଦରେ ଓଡ଼ିଶାର କଟକ, ପୁରୀ ଓ ବାଲେଶ୍ୱର ଜିଲ୍ଲାର ୧୦ ଲକ୍ଷ ଲୋକ ପ୍ରାଣ ହରାଇଲେ । ଏହି ଭୟାବହ ମୃତ୍ୟୁ ବ୍ରିଟିଶ୍ ଶାସନ କର୍ତ୍ତୃପକ୍ଷଙ୍କୁ ସୁଦ୍ଧା ସ୍ତମ୍ଭୀତ କରି ଦେଇଥିଲା । ସେତେବେଳକୁ ଓଡ଼ିଶା ଡିଭିଜନ୍ ୬୩ ବର୍ଷ କାଳ ବ୍ରିଟିଶ୍ ଶାସନାଧୀନ ହୋଇ ରହି ସାରିଥିଲେ ମଧ୍ୟ ଗୋଟିଏ ହେଲେ ଜଳସେଚନ ଯୋଜନା କାର୍ଯ୍ୟକାରୀ ହୋଇ ନଥିଲା କି ମାଇଲିଏ ରେଳରାସ୍ତା ପଡ଼ି ନଥିଲା । ୯ ବର୍ଷ ପୂର୍ବରୁ କଲିକତା ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠିତ ହୋଇ ସାରିଥିଲେ ମଧ୍ୟ ଓଡ଼ିଶାରେ ଗୋଟିଏ ମାତ୍ର ହାଇସ୍କୁଲ ଓ ସାମାନ୍ୟ କେତୋଟି ମାଇନର ସ୍କୁଲ ଥିଲା । ୧୮୬୬ ଦୁର୍ଭିକ୍ଷ ଯାହାକି ନଅଙ୍କ ଦୁର୍ଭିକ୍ଷ ବୋଲି କଥିତ, ତାହା ବ୍ରିଟିଶ୍ ସରକାରଙ୍କର ଓଡ଼ିଶା ପ୍ରତି ନିଷ୍ଠୁର ଅବହେଳା ପ୍ରମାଣିତ କରି ଦେଇଥିଲା । ନିଜେ ତତ୍କାଳୀନ ଭାରତ ମନ୍ତ୍ରୀ ଲର୍ଡ଼ ନର୍ଥକୋଟ ଏହାକୁ ବ୍ରିଟିଶ୍ ଶାସନର ବିଫଳତାର ସ୍ମୃତିସ୍ତମ୍ଭ ବୋଲି ସ୍ୱୀକାର କରିଥିଲେ ଏବଂ ଓଡ଼ିଆ ଡିଭିଜନ୍ ବଙ୍ଗ ପ୍ରଦେଶରୁ ଅଲଗା ହୋଇଯିବା ଉଚିତ୍ ବୋଲି ମତ ପ୍ରକାଶ କରିଥିଲେ ।

## ନଅଙ୍କ ଦୁର୍ଭିକ୍ଷ ପରେ ଓଡ଼ିଆଙ୍କ ଭିତରେ ଜାଗରଣ

ନଅଙ୍କ ଦୁର୍ଭିକ୍ଷରେ ଓଡ଼ିଶାବାସୀ ଏହି ଚରମ ଦୁର୍ଦ୍ଦଶା ଓଡ଼ିଆଙ୍କ ଭିତରେ ଚେତନା ଆଣି ଦେଲା । ସେମାନେ ଅନୁଭବ କଲେ ଯେ ବ୍ରିଟିଶ୍ ଶାସନରେ ଦୀର୍ଘକାଳ ଧରି ଓଡ଼ିଆମାନେ ନିଷ୍ଠୁର ଭାବରେ ଅବହେଳିତ ଓ ନିଷ୍ପେଷିତ ହୋଇ ରହିଥିଲେ ମଧ୍ୟ ସଂଗଠିତ ଉଦ୍ୟମ ଅଭାବରୁ ହିଁ ଏହା ସରକାରଙ୍କ ଦୃଷ୍ଟିକୁ ଆସି ପାରିନାହିଁ । ତେଣୁ ଏହି ଅନ୍ୟାୟ, ଅବହେଳା ଦୂରୀକରଣ ପାଇଁ ସଂଗଠିତ ଭାବରେ ଆନ୍ଦୋଳନ କରିବାକୁ ହେବ । ନଅଙ୍କ ଦୁର୍ଭିକ୍ଷ ବର୍ଷ ଅର୍ଥାତ୍ ୧୮୬୬ ଖ୍ରୀଷ୍ଟାବ୍ଦରେ କର୍ମବୀର ଗୌରୀଶଙ୍କର ରାୟଙ୍କ ଉଦ୍ୟମରେ କଟକରୁ 'ଉତ୍କଳଦୀପିକା' ସମ୍ବାଦପତ୍ର ପ୍ରକାଶ ପାଇଲା । ଏହି ପତ୍ରିକା ଜରିଆରେ ସେତେବେଳର ବୁଦ୍ଧିଜୀବୀମାନେ ଓଡ଼ିଶାବାସୀଙ୍କ ଦୁଃଖଦୁର୍ଦ୍ଦଶା ପ୍ରକାଶକଲେ । ସମଗ୍ର ଓଡ଼ିଆ ଭାଷୀଙ୍କ ଭିତରେ ଜାଗରଣ ସୃଷ୍ଟି କରିବା ତଥା ବିଚ୍ଛିନ୍ନାଞ୍ଚଳ ମିଶ୍ରଣ ଓ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପାଇଁ 'ଉତ୍କଳ ଦୀପିକା' ମାଧ୍ୟମରେ କ୍ଷେତ୍ର ପ୍ରସ୍ତୁତ ଆରମ୍ଭ ହୋଇଥିଲା । ଏହା ଫଳରେ ଉପକୂଳ ଅଞ୍ଚଳରେ କେତେକ ଆଧୁନିକ ଉନ୍ନୟନ କାର୍ଯ୍ୟ ତ୍ୱରାନ୍ୱିତ ହେଲା । ତଥାପି ନଅଙ୍କ ଦୁର୍ଭିକ୍ଷର ୩୩ ବର୍ଷ ପରେ ଯାଇ ପ୍ରଥମ ରେଳବାଇ ଲାଇନ ଓ ୧୩ ବର୍ଷ ପରେ ପ୍ରଥମ ଜଳସେଚନ ଯୋଜନା କାର୍ଯ୍ୟକାରୀ ହେଲା । ନଅଙ୍କ ଦୁର୍ଭିକ୍ଷ ବେଳକୁ ଓଡ଼ିଶାରେ ଗୋଟିଏ ମାତ୍ର ହାଇସ୍କୁଲ ଥିଲା କଟକରେ । ପରେ ଆଉ ୨ଟି ଜିଲ୍ଲା ସ୍କୁଲ ସ୍ଥାପିତ ହେଲା । ୧୮୬୭ ମସିହାରେ ଏହି ତିନୋଟି ସ୍କୁଲରୁ ୧୦ ଜଣ ପିଲା ଏନ୍‌ଟ୍ରାନ୍‌ସ ପରୀକ୍ଷା ଦେଇ ୩ ଜଣ ପାଶ କରିଥିଲେ ।

## ଓଡ଼ିଆଭାଷୀ ଅଞ୍ଚଳର ପ୍ରଥମ ସଂଗଠିତ ସଂସ୍ଥା ଉତ୍କଳ ସଭା

୧୮୮୨ ମସିହାରେ ଭାରତର ତତ୍କାଳୀନ ବଡ଼ଲାଟ୍ ଲର୍ଡ଼ ରିପନ୍‌ଙ୍କ ଶାସନକାଳରେ ବ୍ରିଟିଶ୍ ସରକାର ଯେଉଁ ନୂତନ ସ୍ୱାୟତ୍ତ ଶାସନ ବ୍ୟବସ୍ଥା ପ୍ରବର୍ତ୍ତନ କଲେ ତାରି ସୁବିଧା ନେବା ପାଇଁ କଟକର କେତେକ ବୁଦ୍ଧିଜୀବୀ 'ଉତ୍କଳ ସଭା' ନାମରେ ଏକ ଅନୁଷ୍ଠାନ ଗଠନ କରିଥିଲେ । ଓଡ଼ିଆଭାଷୀ ଅଞ୍ଚଳରେ ଏହା ପ୍ରଥମ ସଂଗଠିତ ସଂସ୍ଥା । ଏହାର ପ୍ରଥମ ସଭାପତି ଥିଲେ ଚୌଧୁରୀ କାଶୀନାଥ ଦାସ ଓ ସଂପାଦକ ଥିଲେ କର୍ମବୀର ଗୌରୀଶଙ୍କର ରାୟ । ଏହାର ଦୁଇବର୍ଷ ପୂର୍ବରୁ ଉତ୍କଳ ଗୌରବ ମଧୁସୂଦନ ଦାସ କଲିକତାରୁ ଆସି କଟକରେ ଆଇନ୍-ଜୀବୀ ଭାବରେ କାର୍ଯ୍ୟ କରୁଥାନ୍ତି । ମଧୁସୂଦନ ପ୍ରଥମେ ଉତ୍କଳ ସଭାର ଜଣେ ସହଯୋଗୀ ସଭ୍ୟଥିଲେ । ପରେ ସେ ଏହାର ନେତୃତ୍ୱ ନେଇ ଏହାକୁ ପୁନର୍ଗଠିତ କଲେ । ଉତ୍କଳ ସଭାର ୩ ବର୍ଷ ପରେ ୧୮୮୫ ମସିହାରେ ଜାତୀୟ କଂଗ୍ରେସ ସ୍ଥାପିତ ହେଲା । ସେତେବେଳେ କଂଗ୍ରେସ ଭାରତର ନରମପନ୍ଥୀ ବୁଦ୍ଧିଜୀବୀମାନଙ୍କର ଅନୁଷ୍ଠାନ ରୂପେ କାର୍ଯ୍ୟ କରୁଥିଲା । ଉତ୍କଳ ସଭା ପକ୍ଷରୁ ଜାତୀୟ କଂଗ୍ରେସର ବାର୍ଷିକ ଅଧିବେଶନକୁ ୧୯୦୩ ମସିହା ପର୍ଯ୍ୟନ୍ତ ପ୍ରତିବର୍ଷ କେତେକ ପ୍ରତିନିଧି ଯୋଗ ଦେଉଥିଲେ । ଏହି ପ୍ରତିନିଧିମାନଙ୍କ ଭିତରେ ନିଜେ ମଧୁସୂଦନ ଦାସ, ଗୋକୁଳାନନ୍ଦ ଚୌଧୁରୀ, ହରିବଲ୍ଲଭ ଘୋଷ ପ୍ରମୁଖ ଥିଲେ । ସେମାନେ ଫେରି ଆସି ଜାତୀୟ କଂଗ୍ରେସର ପ୍ରସ୍ତାବଗୁଡ଼ିକୁ ସଭା ସମିତି କରି ପ୍ରଚାର କରୁଥିଲେ । ୧୮୮୪ରେ ମଧୁସୂଦନଙ୍କ ନେତୃତ୍ୱରେ ଉତ୍କଳ ସଭାପକ୍ଷରୁ ଏକ ପ୍ରତିନିଧି ଦଳ ବଙ୍ଗଳାର ଲାଟ୍‌ଙ୍କୁ ଓଡ଼ିଶା ପରିଦର୍ଶନବେଳେ ସାକ୍ଷାତ କରି ଏକ ସ୍ମାରକ ପତ୍ର ଦେଇଥିଲେ । ଏଥିରେ ସମ୍ବଲପୁର ଓ ଗଞ୍ଜାମ ଜିଲ୍ଲାକୁ ଓଡ଼ିଶା ସହିତ ମିଶାଇ ଦେବାକୁ ତଥା ଓଡ଼ିଶାରେ ଶିଳ୍ପ, ଶିକ୍ଷା ଓ ରେଳବାଇର ପ୍ରସାର କରିବା ପାଇଁ ଅନୁରୋଧ କରାଯାଇ ଥିଲା । ତାଙ୍କ ପରବର୍ତ୍ତୀ ବଙ୍ଗଲାଟ 'ଷ୍ଟୁଆର୍ଟ ବାର୍ଲେଙ୍କୁ' ମଧ୍ୟ ବିଭିନ୍ନ ବିଚ୍ଛିନ୍ନାଞ୍ଚଳ ମିଶ୍ରଣ ପାଇଁ ଉତ୍କଳ ସଭା ସ୍ମାରକପତ୍ର ଦେଇଥିଲେ । ଉତ୍କଳ ସଭା ଦୀର୍ଘ ୨୦ ବର୍ଷ ପର୍ଯ୍ୟନ୍ତ ବିଚ୍ଛିନ୍ନାଞ୍ଚଳ ମିଶ୍ରଣ ତଥା ଓଡ଼ିଶାର ରାଜନୈତିକ ଓ ଅର୍ଥନୈତିକ ବିକାଶ ପାଇଁ ଓଡ଼ିଆଭାଷୀ ଅଞ୍ଚଳର ସଂଗଠନ ରୂପେ କାର୍ଯ୍ୟ କରିଥିଲା । ଉତ୍କଳସଭାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଅନୁସରଣ କରି ପରେ ଗଞ୍ଜାମ ଓ ବାଲେଶ୍ୱର ପ୍ରଭୃତି ଜିଲ୍ଲାରେ ଅନୁଷ୍ଠାନମାନ ଗଢି ଉଠିଥିଲା । ଉତ୍କଳସଭା ଗଠନ ପୂର୍ବରୁ ମଧ୍ୟ ବିଚ୍ଛିନ୍ନାଞ୍ଚଳ ମିଶ୍ରଣ ପାଇଁ ବାଲେଶ୍ୱର ଜିଲ୍ଲାରେ ଆନ୍ଦୋଳନ ଆରମ୍ଭ ହୋଇଥିଲା । ବାଲେଶ୍ୱରର ଲୋକପ୍ରିୟ ଜମିଦାର ବୈକୁଣ୍ଠନାଥ ଦେ କଟକର ବିଚିତ୍ରାନନ୍ଦ ପଟ୍ଟନାୟକ ୧୮୭୫ ମସିହାରେ ପ୍ରଥମେ ବିଚ୍ଛିନ୍ନାଞ୍ଚଳ ମିଶ୍ରଣ ପାଇଁ ବ୍ରିଟିଶ୍ ସରକାରଙ୍କୁ ଏକ ସ୍ମାରକପତ୍ର ଦେଇଥିଲେ । ମାତ୍ର ସେତେବେଳେ ବ୍ରିଟିଶ୍ ସରକାର ଏହି ପ୍ରସ୍ତାବ ପ୍ରତି କୌଣସି ଗୁରୁତ୍ୱ ଦେଇ ନଥିଲେ ।

## ସମ୍ବଲପୁରରେ ସ୍କୁଲ ଓ କଚେରୀରୁ ଓଡ଼ିଆଭାଷା ଉଠାଇ ଦେବା ଆଦେଶ

ଇତିମଧ୍ୟରେ ମାନ୍ଦ୍ରାଜ, ମଧ୍ୟପ୍ରଦେଶ ତଥା ବଙ୍ଗ ପ୍ରଦେଶର ଓଡ଼ିଆ ସ୍କୁଲ ଓ କଚେରୀରୁ ଓଡ଼ିଆଭାଷା ଉଠାଇ ଦେବା ପାଇଁ ଷଡ଼ଯନ୍ତ୍ର ଚାଲିଲା । ମଧ୍ୟପ୍ରଦେଶ ସରକାର ୧୮୯୫ ମସିହାରେ ସମ୍ବଲପୁର ଜିଲ୍ଲାରେ ଓଡ଼ିଆ ଭାଷା ପ୍ରଚଳନ ନିଷେଧ କରି ଏକ ଆଦେଶ ଜାରି କଲେ । ଏହି ଆଦେଶ ବିରୁଦ୍ଧରେ ସମ୍ବଲପୁର ତଥା ସମଗ୍ର ଓଡ଼ିଆ ଭାଷୀ ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା । ଉତ୍କଳସଭା ପକ୍ଷରୁ ଏହି 'ଅନ୍ୟାୟ ଓ ଜବରଦସ୍ତ କାର୍ଯ୍ୟାନୁଷ୍ଠାନ ବିରୁଦ୍ଧରେ ପ୍ରତିବାଦ କରି ଭାରତର ବଡ଼ଲାଟ ଲର୍ଡ ଏଲ୍‌ଗିନ୍‌ଙ୍କ ନିକଟକୁ ସ୍ମାରକପତ୍ର ପଠାଯାଇଥିଲା । ଏଥିରେ ସେମାନେ ଦର୍ଶାଇଥିଲେ ଯେ ନିଜ ମାତୃଭାଷା ବ୍ୟବହାର କରିବା ପାଇଁ ମନା କରିଦେବା ଅତି ନିକୃଷ୍ଟ ଧରଣର ମୂର୍ଖବନ୍ଧ ଆଦେଶ ଏବଂ ଅତ୍ୟନ୍ତ ସ୍ୱେଚ୍ଛାଚାରୀ ଶାସନରେ ମଧ୍ୟ ଏହା କରାଯାଏ ନାହିଁ । ଏହି ପ୍ରତିବାଦର କୌଣସି ଫଳ ହେଲା ନାହିଁ; କିଛି ଦିନ ପରେ ସମ୍ବଲପୁର ଜିଲ୍ଲା କଚେରୀରେ ମଧ୍ୟ ଓଡ଼ିଆ ଭାଷା ପ୍ରଚଳନ ବନ୍ଦ କରି ଦିଆଗଲା । ମାତ୍ର ସମ୍ବଲପୁରବାସୀ ଏଥିରେ ଦବି ନଯାଇ ଧରଣୀଧର ମିଶ୍ର, ବ୍ରଜମୋହନ ପଟ୍ଟନାୟକ, ମଦନ ମୋହନ ମିଶ୍ର ଓ ବଳଭଦ୍ର ସୁପକାର ପ୍ରମୁଖଙ୍କ ନେତୃତ୍ୱରେ ତୀବ୍ର ଆନ୍ଦୋଳନ ଚଳାଇଲେ । ସେତେବେଳେ ସମ୍ବଲପୁରରୁ ପ୍ରକାଶ ପାଉଥିବା ଏକମାତ୍ର ପତ୍ରିକା "ସମ୍ବଲପୁର ହିତୈଷିଣୀ" ଆନ୍ଦୋଳନର ମୁଖପତ୍ର ରୂପେ କାର୍ଯ୍ୟ କରିଥିଲା । କବି ଗଙ୍ଗାଧର ମେହେରଙ୍କ ଏହି ଉପଲକ୍ଷେ ଲିଖିତ କବିତା "ଉତ୍କଳ ରୋଦନ" ସମ୍ବଲପୁର ବାସୀଙ୍କୁ ଉଦ୍‌ବୁଦ୍ଧ କରିଥିଲା । ସମ୍ବଲପୁରର ନେତୃସ୍ଥାନୀୟ ବ୍ୟକ୍ତିମାନେ ବଡ଼ଲାଟଙ୍କୁ ତୃତୀୟଥର ପାଇଁ ସ୍ମାରକପତ୍ର ଦେଇଥିଲେ ଏବଂ ମଧ୍ୟପ୍ରଦେଶର ଲେ. ଗଭର୍ଣ୍ଣର ଆଣ୍ଡ୍ରୁଫ୍ରେଜରଙ୍କ ସମ୍ବଲପୁର ଗସ୍ତବେଳେ ଲୋକେ ବହୁ ସଂଖ୍ୟାରେ ତାଙ୍କୁ ଭେଟି ଏହି ନିଷ୍ପତ୍ତିର ପ୍ରତିବାଦ କରିଥିଲେ । ୧୮୯୫ ମସିହାରେ ଓଡ଼ିଶା ଡିଭିଜନର ତତ୍କାଳୀନ ରାଜସ୍ୱ କମିଶନର ଏଚ୍. ଜି. କୁକ୍ ତାଙ୍କ ବାର୍ଷିକ ପ୍ରଶାସନିକ ରିପୋର୍ଟରେ ଓଡ଼ିଶାର ବିଚ୍ଛିନ୍ନାଞ୍ଚଳ ମିଶ୍ରଣ ଆନ୍ଦୋଳନକୁ ସମର୍ଥନ ଜଣାଇ ଅନ୍ୟାନ୍ୟ ପ୍ରସ୍ତାବ ଭିତରେ ମଧ୍ୟ ପ୍ରଦେଶ ଅନ୍ତର୍ଗତ ସମ୍ବଲପୁର ଜିଲ୍ଲାକୁ ଓଡ଼ିଶା ସହିତ ମିଶାଇ ଦେବା ପାଇଁ ସୁପାରିଶ କରିଥିଲେ । ଯାହାହେଉ ସମ୍ବଲପୁର ତଥା ସମଗ୍ର ଓଡ଼ିଶାବାସୀଙ୍କ ତୀବ୍ର ପ୍ରତିବାଦ ଓ ନିରବଚ୍ଛିନ୍ନ ଆନ୍ଦୋଳନ ଯୋଗୁ ମଧ୍ୟପ୍ରଦେଶ ସରକାର ତାଙ୍କର ଅନ୍ୟାୟ ଆଦେଶକୁ ୧୯୦୧ ମସିହା ଜୁନ ପହିଲାଠାରୁ ପ୍ରତ୍ୟାହାର କରିନେଲେ ଏବଂ ପୁଣି ଓଡ଼ିଆଭାଷା ପ୍ରବର୍ତ୍ତନ କଲେ ମାତ୍ର ସେତେବେଳେ ସମ୍ବଲପୁର ଜିଲ୍ଲାକୁ ଓଡ଼ିଶାରେ ଅନ୍ତର୍ଭୁକ୍ତ କରିବା ପାଇଁ ବ୍ରିଟିଶ୍ ସରକାର ରାଜି ହୋଇ ନଥିଲେ । ୧୯୦୫ ମସିହାରେ ସମ୍ବଲପୁର ଜିଲ୍ଲା ଓଡ଼ିଶା ଡିଭିଜନରେ ମିଶ୍ରଣ ପାଇଁ ନିଷ୍ପତ୍ତି କରାଯାଇଥିଲା । ସମ୍ବଲପୁର ଜିଲ୍ଲା ସହିତ ପାଟନା, କଳାହାଣ୍ଡି ସୋନପୁର, ବାମଣ୍ଡା ଓ ରେଢ଼ାଖୋଲ ପ୍ରଭୃତି ୫ଟି ଓଡ଼ିଆ ଦେଶୀୟ ରାଜ୍ୟ ମଧ୍ୟ ବଙ୍ଗ ପ୍ରଦେଶ ସହିତ ମିଶିଥିଲା ।

## ଉତ୍କଳ ସମ୍ମିଳନୀ ଓ ଉତ୍କଳ ଗୌରବ ମଧୁସୂଦନଙ୍କ ନେତୃତ୍ୱ

୧୮୯୫ରେ ସମ୍ବଲପୁର ବାସୀଙ୍କ ଭାଷା ଆନ୍ଦୋଳନକୁ ଦୃଢ ସମର୍ଥନ ଜଣାଇ ସମଗ୍ର ଓଡ଼ିଆଭାଷୀ ଅଞ୍ଚଳରେ ଯେଉଁ ଆନ୍ଦୋଳନ ଚାଲିଥିଲା ତାହା ଶେଷରେ ବିଚ୍ଛିନ୍ନାଞ୍ଚଳ ମିଶ୍ରଣ ଓ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଆନ୍ଦୋଳନରେ ପରିଣତ ହେଲା । ଏ ଦିଗରେ ଗଞ୍ଜାମ ଜିଲ୍ଲା ଅଧିବାସୀ ଅଗ୍ରଣୀ ହୋଇଥିଲେ, ଓଡ଼ିଆଭାଷା ଅଞ୍ଚଳର ମିଶ୍ରଣର ପାଇଁ ଗଞ୍ଜାମ ଜିଲ୍ଲାରେ ଆନ୍ଦୋଳନ ଚଳେଇବା ନିମନ୍ତେ ୧୯୦୨ ମସିହାରେ ବ୍ରହ୍ମପୁରଠାରେ 'ଓଡ଼ିଆ ଜାତୀୟ ସମିତି' ନାମରେ ଏକ ସଂଗଠନ ସ୍ଥାପନ କରାଯାଇଥିଲା । ଏହି ବର୍ଷ ଗଞ୍ଜାମ ଜିଲ୍ଲାବାସୀଙ୍କ ପକ୍ଷରୁ ସମଗ୍ର ଓଡ଼ିଆଭାଷୀ ଅଞ୍ଚଳର ମିଶ୍ରଣ ନିମନ୍ତେ ଦାବୀ କରି ତତ୍କାଳୀନ ଭାରତର ବଡ଼ଲାଟ୍ ଲର୍ଡ କର୍ଜ୍ଜନଙ୍କ ନିକଟକୁ ଏକ ସ୍ମାରକ ପତ୍ର ପଠାଯାଇଥିଲା । ୧୯୦୩ ମସିହାରେ ଗଞ୍ଜାମ ଜିଲ୍ଲାର ରମ୍ଭାଠାରେ ଜିଲ୍ଲାର ବିଭିନ୍ନ ଅଞ୍ଚଳର ପ୍ରତିନିଧିଙ୍କୁ ନେଇ "ଗଞ୍ଜାମ ଜାତୀୟ ସମିତି" ନାମରେ ଏକ ଅନୁଷ୍ଠାନ ଗଠନ କରାଗଲା ଏହି ସମ୍ମିଳନୀରେ ନିମନ୍ତ୍ରିତ ହୋଇ କଟକ, ପୁରୀ, ବାଲେଶ୍ୱର ଓ ସମ୍ବଲପୁର ଜିଲ୍ଲାର ପ୍ରତିନିଧିମାନେ ଯୋଗ ଦେଇଥିଲେ । ଏହି ପ୍ରତିନିଧିମାନଙ୍କ ଭିତରେ ମଧୁସୂଦନ ଦାସ, ବିଶ୍ୱନାଥ କର, ନନ୍ଦ କିଶୋର ବଳ, କୃଷ୍ଣପ୍ରସାଦ ଚୌଧୁରୀ ଓ ଗୋପାଳ ଚନ୍ଦ୍ର ପ୍ରହରାଜଙ୍କ ନାମ ଉଲ୍ଲେଖଯୋଗ୍ୟ । ଏହି ସମ୍ମିଳନୀରୁ ଫେରିବା ପରେ ଉତ୍କଳ ଗୌରବ ମଧୁସୂଦନ ଅନୁଭବ କରିଥିଲେ ଯେ ସମଗ୍ର ଓଡ଼ିଆ ଭାଷୀ ଅଞ୍ଚଳକୁ ମିଶାଇ ସ୍ୱତନ୍ତ୍ର ଓଡ଼ିଶାପ୍ରଦେଶ ଗଠନ ପାଇଁ ବିଭିନ୍ନ ଓଡ଼ିଆଭାଷୀ ଅଞ୍ଚଳରେ ଯେଉଁ ତୀବ୍ର ଆଶା ଓ ଆକାଂକ୍ଷା ପ୍ରକାଶ ପାଉଛି । ଏହି ସମସ୍ତ ଅଞ୍ଚଳର ସବୁ ଶ୍ରେଣୀର ଲୋକଙ୍କ ପ୍ରତିନିଧିଙ୍କୁ ନେଇ ଏକ ବ୍ୟାପକ ସଂସ୍ଥା ସ୍ଥାପନ କରିବାର ଆବଶ୍ୟକତା ରହିଛି । ସେଥିପାଇଁ କଟକଠାରେ ୧୯୦୩ ଡିସେମ୍ବର ମାସରେ ଏକ ସମ୍ମିଳନୀର ଆୟୋଜନ କରାଯାଇଥିଲା । ସେତେବେଳକୁ ଉତ୍କଳ ଗୌରବ ମଧୁସୂଦନ କେବଳ ଜଣେ ଖ୍ୟାତନାମା ଆଇନଜୀବୀ ଭାବରେ ନୁହେଁ ଜଣେ ଉଚ୍ଚକୋଟୀର ବକ୍ତା, ଦକ୍ଷ ସଂଗଠକ ଓ ଓଡ଼ିଆ ଆନ୍ଦୋଳନର ପ୍ରବକ୍ତା ଭାବରେ ପ୍ରତିଷ୍ଠିତ ହୋଇ ସାରିଥିଲେ । କଟକଠାରେ ମାନ୍ଦ୍ରାଜ, ମଧ୍ୟପ୍ରଦେଶ ଓ ବଙ୍ଗ ପ୍ରଦେଶ ଅନ୍ତର୍ଗତ ଓଡ଼ିଆଭାଷୀ ଅଞ୍ଚଳର ପ୍ରତିନିଧିମାନେ ଡିସେମ୍ବର ୩୦-୩୧ ତାରିଖରେ ସମ୍ମିଳିତ ହୋଇ ଉତ୍କଳ ସମ୍ମିଳନୀ ପ୍ରତିଷ୍ଠା କରିଥିଲେ । ଏହି ଐତିହାସିକ ସମ୍ମିଳନୀରେ ମୟୂରଭଞ୍ଜ ମହାରାଜା ଶ୍ରୀ ରାମଚନ୍ଦ୍ର ଭଞ୍ଜଦେଓ ସଭାପତିତ୍ୱ କରିଥିଲେ । ଉତ୍କଳ ଗୌରବ ମଧୁସୂଦନ ଦାସ ଥିଲେ ଅଭ୍ୟର୍ଥନା କମିଟିର ସେକ୍ରେଟେରୀ । ଉତ୍କଳମଣି ଗୋପବନ୍ଧୁ ଦାସ ଏହି ସମ୍ମିଳନୀର ଜଣେ ସ୍ୱେଚ୍ଛାସେବକ ଭାବରେ କାର୍ଯ୍ୟ କରିଥିଲେ ।

ଉତ୍କଳ ସମ୍ମିଳନୀ ସମଗ୍ର ଓଡ଼ିଆଭାଷୀ ଅଞ୍ଚଳକୁ ନେଇ ଏକ ସ୍ୱତନ୍ତ୍ର ପ୍ରଦେଶ ଗଠନ ନିମନ୍ତେ ନିରବଚ୍ଛିନ୍ନ ଉଦ୍ୟମ ଚଳାଇବା ପାଇଁ ପ୍ରସ୍ତାବ ଗ୍ରହଣ କରିବା ସଙ୍ଗେ ସଙ୍ଗେ ଓଡ଼ିଶାର ବିଭିନ୍ନ ଅର୍ଥନୈତିକ ଓ ରାଜନୈତିକ ସମସ୍ୟା ସଂପର୍କରେ ଆଲୋଚନା କରି ପ୍ରସ୍ତାବ ଗ୍ରହଣ କରିଥିଲେ । ଏହି ସମ୍ମିଳନୀ ସମଗ୍ର ଓଡ଼ିଆଭାଷୀ ଅଞ୍ଚଳର ପ୍ରବଳ ଉତ୍ସାହ ଓ ଉନ୍ମାଦନା ସୃଷ୍ଟି କରିଥିଲା ଏବଂ ଲୋକଙ୍କ ଭିତରେ ଜାଗରଣ ଆଣି ଦେଇଥିଲା । ବିଭିନ୍ନ ଅଧିବେଶନରେ ମୟୂରଭଞ୍ଜ, ଢେଙ୍କାନାଳ, କନିକା, ସୁରଙ୍ଗି, ପାରଳା ଓ ଜୟପୁର ରାଜାଙ୍କ ବ୍ୟତୀତ ମଧୁସୂଦନ ଦାସ, ଜଗବନ୍ଧୁ ସିଂହ, ଫକୀର ମୋହନ ସେନାପତି ପ୍ରମୁଖ ପୌରହିତ୍ୟ କରିଥିଲେ ।

## ରିଜଲି ସର୍କୁଲାର

ଯେଉଁ ବର୍ଷ ଉତ୍କଳ ସମ୍ମିଳନୀ ଅନୁଷ୍ଠିତ ହେଲା ସେହି ବର୍ଷ ୧୯୦୩ ମସିହାରେ ଭାରତର ବଡ଼ଲାଟ ଲର୍ଡ କର୍ଜନ ଭାରତର ଅନେକ ଅଞ୍ଚଳର ସୀମା ଅଦଳ ବଦଳ କରିବା ନିମନ୍ତେ ଏକ ଆଦେଶନାମା ପ୍ରକାଶ କରିଥିଲେ । ଏହାହିଁ ରିଜଲେ ସର୍କୁଲାର ନାମରେ ସୁପରିଚିତ । ଏହି ଆଦେଶନାମାରେ ଉଲ୍ଲେଖ ଥିଲା ଯେ ସବୁ ଦିଗ ବିଚାର କରି ଭାରତ ସରକାର ସମସ୍ତ ଓଡ଼ିଆଭାଷୀ ଅଞ୍ଚଳକୁ ଗୋଟିଏ ପ୍ରଶାସନିକ ସଂସ୍ଥା ଅର୍ଥାତ୍ ବଙ୍ଗଳା ପ୍ରଦେଶ ଅଧୀନରେ ରଖିବାକୁ ନିଷ୍ପତ୍ତି କରିଛନ୍ତି । ଏଥିରେ କୁହାଯାଇଥିଲା ଯେ ସମ୍ବଲପୁର ଓ ଏହାର ଦେଶୀୟ ରାଜ୍ୟ, ଗଞ୍ଜାମ ଜିଲ୍ଲା ଓ ଭିଜାଗାପଟମ୍ ଅଞ୍ଚଳକୁ ମିଶାଇ ଏକ ଶାସନାଧୀନ କରାଯିବ । ଏହି ଆଦେଶନାମା ଫଳରେ ଓଡ଼ିଆଭାଷୀ ଲୋକଙ୍କ ପ୍ରତି ସୁବିଚାର କରାଯାଇଛି ବୋଲି ସନ୍ତୋଷ ପ୍ରକାଶ କରିଥିଲେ । ମାତ୍ର ମାନ୍ଦ୍ରାଜର ତତ୍କାଳୀନ ଲାଟ ଏହି ପ୍ରଦେଶର ଓଡ଼ିଆଭାଷୀ ଅଞ୍ଚଳକୁ ଛାଡ଼ିବାକୁ ରାଜି ହୋଇ ନଥିଲେ । ତେଣୁ ୧୯୦୫ରେ ଭାରତ ସରକାର ଏ ସଂପର୍କରେ ଯେଉଁ ପ୍ରସ୍ତାବ ଗ୍ରହଣ କଲେ ସେଥିରେ ଗଞ୍ଜାମ ଓ ଭିଜାଗାପଟମ୍ ଏଜେନ୍ସିକୁ ଛାଡ଼ିଦେଇ କେବଳ ସମ୍ବଲପୁର ଅଞ୍ଚଳକୁ ହସ୍ତାନ୍ତର କରାଗଲା । ଏହାପରେ ଓଡ଼ିଆଭାଷୀ ଲୋକେ ନିରବଚ୍ଛିନ୍ନ ଭାବରେ ଆନ୍ଦୋଳନ ଚଳାଇଥିଲେ ମଧ୍ୟ ମୁଖ୍ୟତଃ ମାନ୍ଦ୍ରାଜ ସରକାରଙ୍କ ତୀବ୍ର ବିରୋଧ ଯୋଗୁଁ ବିଚ୍ଛିନ୍ନାଞ୍ଚଳ ମିଶ୍ରଣ ଓ ସ୍ୱତନ୍ତ୍ର ପ୍ରଦେଶ ଗଠନ ପାଇଁ ବହୁ ବିଳମ୍ବ ଘଟିଥିଲା ।

## ବିହାର ଓଡ଼ିଶା ପ୍ରଦେଶ ଗଠନ

୧୯୦୫ରେ ବ୍ରିଟିଶ ସରକାର ବଙ୍ଗ ପ୍ରଦେଶକୁ ଦୁଇଭାଗ କରିଦେବା ଫଳରେ ବଙ୍ଗଳାରେ ବଙ୍ଗଭଙ୍ଗ ଆନ୍ଦୋଳନ ହେଲା ଏବଂ ଏହା ଶେଷରେ ବିଦେଶୀ ବର୍ଜନ ଓ ସନ୍ତ୍ରାସବାଦ ରୂପ ଧାରଣ କଲା । ଏହାର ୬ ବର୍ଷ ପରେ ବ୍ରିଟିଶ ସରକାର ବାଧ୍ୟ ହୋଇ ବଙ୍ଗଭଙ୍ଗ ନିଷ୍ପତ୍ତିକୁ ପ୍ରତ୍ୟାହାର କରିନେଲେ ଏବଂ ଏହା ସଙ୍ଗେ ସଙ୍ଗେ ଓଡ଼ିଶା ଡିଭିଜନକୁ ବିହାର ସହିତ ମିଶାଇ ବଙ୍ଗ ପ୍ରଦେଶରୁ ଅଲଗା କରିଦେଇ ଏକ ସ୍ୱତନ୍ତ୍ର ପ୍ରଦେଶ ଗଠନ କଲେ । ଏହା ଓଡ଼ିଶାବାସୀଙ୍କ ଆଶା ପୂରଣ କରିବ ବୋଲି ଭାରତ ସରକାର ଆଶା କରିଥିଲେ ମାତ୍ର ତାହା ହେଲାନାହିଁ । ୧୯୧୨ ଏପ୍ରିଲ ପହିଲା ଦିନ ବିହାର-ଓଡ଼ିଶା-ପ୍ରଦେଶ ଗଠିତ ହେଲା । ସେତେବେଳେ ଓଡ଼ିଶା ଡିଭିଜନ-ଅନୁଗୁଳ, ବାଲେଶ୍ୱର, କଟକ, ପୁରୀ ଓ ସମ୍ବଲପୁର ଏହି ୫ଟି ଜିଲ୍ଲାକୁ ନେଇ ଗଠିତ ହୋଇଥିଲା, ଏହାର ମୋଟ କ୍ଷେତ୍ରଫଳ ଥିଲା ୧୩.୭୩୬ ବର୍ଗ ମାଇଲ ଓ ଲୋକ ସଂଖ୍ୟା ଥିଲା ୪୯,୬୮,୮୭୩ । ବିହାର । ଓଡ଼ିଶା ବିଧାନସଭାରେ ୨୧ ଜଣ ନିର୍ବାଚିତ ସଭ୍ୟଙ୍କ ଭିତରେ ୫ ଜଣ ଓଡ଼ିଆ ସଭ୍ୟ ଥିଲେ ।

## ମଣ୍ଟାଗୁ ଚେମ୍ସ୍‌ଫୋର୍ଡ ଶାସନ ସଂସ୍କାରରେ ଓଡ଼ିଶା ସମସ୍ୟା

ବିହାର ଓଡ଼ିଶା ପ୍ରଦେଶ ଗଠନରେ ଅସନ୍ତୋଷ ପ୍ରକାଶ କରି ଓଡ଼ିଆମାନେ ଉତ୍କଳ ସମ୍ମିଳନୀ ଜରିଆରେ ସମସ୍ତ ଓଡ଼ିଆଭାଷୀ ଅଞ୍ଚଳକୁ ଏକତ୍ର କରି ଏକ ସ୍ୱତନ୍ତ୍ର ପ୍ରଦେଶ ଗଠନ ନିମନ୍ତେ ନିରବଚ୍ଛିନ୍ନ ଆନ୍ଦୋଳନ ଚଳାଇବା ପାଇଁ ସଂକଳ୍ପବଦ୍ଧ ହେଲେ । ୧୯୧୨ ମସିହାରେ ଉତ୍କଳ ସମ୍ମିଳନୀର ବାଲେଶ୍ୱର ଅଧିବେଶନରେ ଏଥିପାଇଁ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ନେତୃତ୍ୱରେ ଏକ ସାତ ଜଣିଆ କମିଟି ଗଠିତ ହେଲା । ୧୯୧୭ ମସିହାରେ ଭାରତ ମନ୍ତ୍ରୀ ମଣ୍ଟେଗୁ ଓ ବଡ଼ଲାଟ ଚେମ୍ସଫୋର୍ଡଙ୍କ କଲିକତା ପରିଦର୍ଶନ ବେଳେ ସେମାନଙ୍କ ସହିତ ସାକ୍ଷାତ କରି ଏହି କମିଟି ଏକ ସ୍ମାରକପତ୍ର ଦେଇଥିଲେ । ଏଥିରେ ସେମାନେ ପ୍ରସ୍ତାବ ଦେଇଥିଲେ ଯେ ଡକ୍ଟର ଗ୍ରିଅର ସନ୍ ତାଙ୍କ ରଚିତ "ଲିଙ୍ଗୁଇଷ୍ଟିକ୍ ସର୍ଭେ ଅଫ୍ ଇଣ୍ଡିଆ" ପୁସ୍ତକରେ ଯେଉଁ ଓଡ଼ିଆଭାଷୀ ଅଞ୍ଚଳମାନ ଉଲ୍ଲେଖ କରିଛନ୍ତି ସେହି ଅଞ୍ଚଳଗୁଡ଼ିକୁ ବର୍ତ୍ତମାନ ପାଇଁ ବିହାର ଓଡ଼ିଶା ପ୍ରଦେଶ ଭିତରେ ରଖାଯାଉ ଏବଂ ନିକଟ ଭବିଷ୍ୟତରେ ଏହା ଯେପରି ଏକ ସ୍ୱତନ୍ତ୍ର ପ୍ରଶାସନିକ ସଂସ୍ଥାରେ ପରିଣତ ହେବ, ସେହି ଉଦ୍ଦେଶ୍ୟରେ ହିଁ ଏହା କରାଯାଉ । ପ୍ରସ୍ତାବିତ ଶାସନତନ୍ତ୍ରୀଙ୍କ ସଂସ୍କାରରେ ଓଡ଼ିଶାବାସୀଙ୍କ ଦାବୀ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବା ନିମନ୍ତେ ଜନମତ ସୃଷ୍ଟି ପାଇଁ ଉଦ୍ୟମ କରାଯାଇଥିଲା ।

୧୯୧୮ ମସିହା ଜୁଲାଇ ମାସରେ ପ୍ରକାଶିତ ମଣ୍ଟେଗୁ ଚେମସ୍‌ଫୋର୍ଡ ଶାସନ ସଂସ୍କାରରେ ଭାଷାସୂତ୍ରରେ ଅଞ୍ଚଳ ଗଠନର ଯଥାର୍ଥତାକୁ ସ୍ୱୀକାର କରିବା ସଙ୍ଗେ ସଙ୍ଗେ ଓଡ଼ିଆଭାଷୀ ଅଞ୍ଚଳକୁ ନେଇ ଏକ ଉପ-ପ୍ରଦେଶ ଗଠନ କରାଯିବାର ସୂଚନା ଦିଆଯାଇଥିଲା । ୧୯୧୮ ମସିହାରେ ଉତ୍କଳ ଗୌରବ ମଧୁସୂଦନଙ୍କ ସଭାପତିତ୍ୱରେ ଉତ୍କଳ ସମ୍ମିଳନୀ ସଂପର୍କରେ ଏକ ପ୍ରସ୍ତାବ ଗ୍ରହଣ କଲେ । ଏହି ପ୍ରସ୍ତାବରେ ଓଡ଼ିଆ ଭାଷୀ ଅଞ୍ଚଳଗୁଡ଼ିକୁ ଏକତ୍ର ଗୋଟିଏ ପ୍ରଶାସନିକ ସଂସ୍ଥାରେ ରଖାଯିବା ପାଇଁ ଉକ୍ତ ରିପୋର୍ଟରେ ନିର୍ଦ୍ଦିଷ୍ଟ ବ୍ୟବସ୍ଥା ନଥିବାରୁ ଗଭୀର କ୍ଷୋଭ ପ୍ରକାଶ କରି କୁହାଯାଇଥିଲା ଯେ ଏହା ନହେଲେ ଓଡ଼ିଆମାନେ ଏହି ଶାସନ ସଂସ୍କାର ଦ୍ୱାରା ଉପକୃତ ହୋଇପାରିବେ ନାହିଁ । ଶେଷରେ ଓଡ଼ିଶା ପାଇଁ ଉପ-ପ୍ରଦେଶ ଗଠନ ପ୍ରସ୍ତାବ ସଂପର୍କରେ କେନ୍ଦ୍ର ବିଧାନ ପରିଷଦ ଓ ବିହାର ଓଡ଼ିଶା ପରିଷଦରେ ଆଲୋଚିତ ହୋଇଥିଲା ଏବଂ ସେତେବେଳର ବିହାରର ଜଣେ ବିଶିଷ୍ଟ ବ୍ୟକ୍ତି ଡକ୍ଟର ସଚ୍ଚିଦାନନ୍ଦ ସିଂହ କେନ୍ଦ୍ର ବିଧାନ ପରିଷଦରେ ଏ ସଂପର୍କରେ ଏକ ପ୍ରସ୍ତାବ ଆଗତ କରିଥିଲେ । ଏହି ପ୍ରସ୍ତାବରେ କୁହାଯାଇଥିଲା ଯେ ମାନ୍ଦ୍ରାଜ, ବଙ୍ଗଳା ଓ ମଧ୍ୟପ୍ରଦେଶରେ ଥିବା ଓଡ଼ିଆଭାଷୀ ଅଞ୍ଚଳଗୁଡ଼ିକୁ ଓଡ଼ିଶା ଡିଭିଜନ ସହିତ ମିଶାଇ ଦେବାପାଇଁ ଏକ ପରିକଳ୍ପନା ପ୍ରସ୍ତୁତ କରିବା ନିମନ୍ତେ ସରକାରୀ ଓ ବେସରକାରୀ ସଭ୍ୟମାନଙ୍କୁ ନେଇ ଗୋଟିଏ କମିଟି ଗଠନ କରାଯାଉ । ମାତ୍ର ଏଥିରେ କୌଣସି ଫଳ ହେଲାନାହିଁ, ସ୍ଥିତାବସ୍ଥା ହିଁ ରହିଲା ।

## ଉତ୍କଳ ସମ୍ମିଳନୀ

ଉତ୍କଳମଣି ଗୋପବନ୍ଧୁ ୧୯୦୩ରେ ଉତ୍କଳ ସମ୍ମିଳନୀର ପ୍ରଥମ ବାର୍ଷିକ ଅଧିବେଶନରେ ଜଣେ ସ୍ୱେଚ୍ଛାସେବକ ଭାବରେ କାର୍ଯ୍ୟ କରିଥିବା କଥା ପୂର୍ବରୁ ଉଲ୍ଲେଖ କରାଯାଇଛି । ସେତେବେଳକୁ ଗୋପବନ୍ଧୁ ଜଣେ କଲେଜ ଛାତ୍ର । ତା' ପରବର୍ଷ ସେ ବି. ଏ. ପାଶକଲେ ମାତ୍ର ସେ ସମୟଠାରୁ ଉତ୍କଳ ଗୌରବ ମଧୁସୂଦନଙ୍କ ଦୃଷ୍ଟି ସେ ଆକର୍ଷଣ କରିଥିଲେ । କ୍ରମଶଃ ଗୋପବନ୍ଧୁଙ୍କ ନିଃସ୍ୱାର୍ଥପର ସେବାଭାବ, ସଂଗଠନ କ୍ଷମତା ଓ ନିଷ୍ଠାରେ ମଧୁସୂଦନ ମୁଗ୍ଧ ହୋଇ ଯାଇଥିଲେ ଏବଂ ବିଚ୍ଛିନ୍ନାଞ୍ଚଳ ମିଶ୍ରଣ କାର୍ଯ୍ୟରେ ସେ ତାଙ୍କର ଜଣେ ବିଶ୍ୱସ୍ତ ସହକର୍ମୀ ହେବେ ବୋଲି ବିଶ୍ୱାସ କରିଥିଲେ । ଗୋପବନ୍ଧୁ ତାଙ୍କର ପ୍ରଥମ କର୍ମମୟ ଜୀବନ ବନ୍ୟା ଓ ମରୁଡ଼ି ପ୍ରପୀଡ଼ିତ ଓଡ଼ିଶାବାସୀଙ୍କ ସେବାରେ ତଥା ଜାତୀୟ

ଶିକ୍ଷାନୁଷ୍ଠାନ କାର୍ଯ୍ୟରେ ନିଜକୁ ନିୟୋଜିତ କରିଥିଲେ ଏବଂ ତାଙ୍କର ଏହି କାର୍ଯ୍ୟ ସହିତ ଉତ୍କଳ ସମ୍ମିଳନୀ ସାହାଯ୍ୟ ଓ ସହଯୋଗ କରିଥିଲେ । ୧୯୨୦ ଡିସେମ୍ବର ମାସରେ ଗୋପବନ୍ଧୁ ନାଗପୁର ଅଧିବେଶନରୁ ମହାତ୍ମାଗାନ୍ଧୀଙ୍କ ଅସହଯୋଗ ସଂଗ୍ରାମ ଆହ୍ୱାନରେ ଉଦ୍‌ବୁଦ୍ଧ ହୋଇ ଫେରିବା ପରେ ଚକ୍ରଧରପୁରଠାରେ ଅନୁଷ୍ଠିତ ଉତ୍କଳ ସମ୍ମିଳନୀ ବୈଠକରେ ଯୋଗ ଦେଇଥିଲେ । ତାଙ୍କ ସହକର୍ମୀ ଜଗବନ୍ଧୁ ସିଂହଙ୍କ ନେତୃତ୍ୱରେ ପରିଚାଳିତ ଏହି ଅଧିବେଶନରେ ଉତ୍କଳ ସମ୍ମିଳନୀ ଜାତୀୟ କଂଗ୍ରେସର ଲକ୍ଷ୍ୟ ଓ ଆଦର୍ଶକୁ ଗ୍ରହଣ କରିନେବା ପାଇଁ ଏକ ପ୍ରସ୍ତାବ ଆଗତ କଲେ ଏବଂ ତାହା ବହୁ ମତରେ ଗୃହୀତ ହୋଇଥିଲା । ଗୋପବନ୍ଧୁ ଯୁକ୍ତି ବାଢିଥିଲେ ଯେ କଂଗ୍ରେସ ଭାଷା ସୂତ୍ରରେ ପ୍ରଦେଶ ଗଠନ ନୀତି ଗ୍ରହଣ କରି ନେଇଥିବାରୁ ଉତ୍କଳ ସମ୍ମିଳନୀର ସଭ୍ୟମାନେ ବହୁ ସଂଖ୍ୟାରେ କଂଗ୍ରେସରେ ଯୋଗ ଦିଅନ୍ତୁ । ବିଚ୍ଛିନ୍ନାଞ୍ଚଳ ମିଶ୍ରଣ ଓ ସ୍ୱତନ୍ତ୍ର ପ୍ରଦେଶ ଗଠନ ଲକ୍ଷ୍ୟ ପୂରଣ ହୋଇ ପାରିବ । ଏହି ବୈଠକରେ ଉତ୍କଳ ଗୌରବ ମଧୁସୂଦନ ଉପସ୍ଥିତ ନ ଥିଲେ ।

## ସାଇମନ୍ କମିଶନଙ୍କ ବର୍ଜନ

୧୯୨୮ ମସିହାରେ ବ୍ରିଟିଶ ସରକାରଙ୍କ ଦ୍ୱାରା ନିଯୁକ୍ତ ସାଇମନ୍‌ଙ୍କ ନିଯୁକ୍ତି ପର୍ଯ୍ୟନ୍ତ ଓଡ଼ିଆଙ୍କ ସମସ୍ୟା ବିଚାର ପାଇଁ ବ୍ରିଟିଶ ସରକାର କୌଣସି ପଦକ୍ଷେପ ନେଇନାହିଁ । ଭାରତର ଶାସନତାନ୍ତ୍ରିକ ସଂସ୍କାର ପାଇଁ ସୁପାରିଶ କରିବା ନିମନ୍ତେ ସାଇମନ୍ କମିଶନର କୌଣସି ଭାରତୀୟ ସଭ୍ୟ ନଥିବାରୁ ଜାତୀୟ କଂଗ୍ରେସ ଏହି କମିଶନକୁ ସଂପୂର୍ଣ୍ଣ ବର୍ଜନ କରିଥିଲେ । ଉତ୍କଳ ପ୍ରଦେଶ କଂଗ୍ରେସ ମଧ୍ୟ ସେହି ନୀତି ଅନୁସରଣ କରିଥିଲେ ମାତ୍ର ଉତ୍କଳ ସମ୍ମିଳନୀର ବହୁ ସଭ୍ୟ ଏହି କମିଶନ୍‌ଙ୍କ ନିକଟରେ ବିଚ୍ଛିନ୍ନାଞ୍ଚଳ ମିଶ୍ରଣ ଓ ସ୍ୱତନ୍ତ୍ର ପ୍ରଦେଶ ଗଠନ ଦାବୀ ଉପସ୍ଥାପିତ କରିବାକୁ ଚାହିଁଥିଲେ । କମିଶନଙ୍କ ସୁପାରିଶ ମତେ ବିହାର-ଓଡ଼ିଶା ବିଧାନ ସଭାର ଯେଉଁ କମିଟି କମିଶନ୍‌ଙ୍କ ସହିତ ସହଯୋଗ କରି କଥାବାର୍ତ୍ତା କରିବା ପାଇଁ ନିଯୁକ୍ତ ହୋଇଥିଲା, ସେଥିରେ କଂଗ୍ରେସ ସଭ୍ୟମାନେ ସହଯୋଗ କରିନଥିଲେ ମାତ୍ର ଦୁଇଜଣ ଅଣ-କଂଗ୍ରେସ ସଭ୍ୟ ସହଯୋଗ କଲେ । ଯାହାହେଉ ଉତ୍କଳ ସମ୍ମିଳନୀର କେତେକ ବିଶିଷ୍ଟ ସଭ୍ୟ ସାଇମନ୍ କମିଶନ୍‌ଙ୍କ ନିକଟରେ ଓଡ଼ିଆଙ୍କ ଦାବୀ ଉପସ୍ଥିତ କରିବା ଫଳପ୍ରଦ ହେଲା । କମିଶନ ଓଡ଼ିଆଙ୍କ ଦାବୀର ଯଥାର୍ଥତା ହୃଦୟଙ୍ଗମ କରି ଏ ସଂପର୍କରେ ପୁଙ୍ଖାନୁପୁଙ୍ଖ ବିଚାର କରି ସୁପାରିଶ କରିବା ପାଇଁ ମେଜର ଅଟ୍‌ଲିଙ୍କ ନେତୃତ୍ୱରେ ଏକ କମିଟି ଗଠନ କଲେ । ଅଟ୍‌ଲି କମିଟି ତାଙ୍କ ରିପୋର୍ଟରେ ମାନ୍ଦ୍ରାଜ ଓ ମଧ୍ୟପ୍ରଦେଶର ଓଡ଼ିଆଭାଷୀ ଅଞ୍ଚଳଗୁଡ଼ିକୁ ବିହାର-ଓଡ଼ିଶା ପ୍ରଦେଶର ଓଡ଼ିଶା ଡିଭିଜନ ସହିତ ମିଶାଇ ଦେବା ଓ ଏକ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ସପକ୍ଷରେ ସୁପାରିଶ କରିଥିଲେ । ଅଟଲି କମିଟିର ସୁପାରିଶ ଫଳରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ବିଷୟକୁ ବ୍ରିଟିଶ ଶାସନର ସର୍ବୋଚ୍ଚ ସ୍ତରରେ ଉପସ୍ଥାପିତ କରାଯାଇ ପାରିଥିଲା ।

## ସ୍ୱତନ୍ତ୍ର ପ୍ରଦେଶ ଗଠନରେ ପାରଳା ମହାରାଜାଙ୍କ ନେତୃତ୍ୱ

୧୯୩୦ରେ ଲଣ୍ଡନ ଠାରେ ଭାରତର ଶାସନତାନ୍ତ୍ରିକ ସମସ୍ୟା ବିଚାର ପାଇଁ ଯେଉଁ ପ୍ରଥମ ଗୋଲଟେବୁଲ ବୈଠକ ବସିଲା ସେଥିରେ ଯୋଗଦେବା ନିମନ୍ତେ ମନୋନୀତ ପ୍ରତିନିଧିମାନଙ୍କ ଭିତରେ ବିଚ୍ଛିନ୍ନାଞ୍ଚଳ ମିଶ୍ରଣର ବିଶିଷ୍ଟ ନେତା ପାରଳାଖେମୁଣ୍ଡି ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ ସ୍ଥାନ ପାଇବା ଫଳରେ ଓଡ଼ିଶା ସମସ୍ୟା ସର୍ବୋଚ୍ଚ ସ୍ତରରେ ଉପସ୍ଥାପିତ ହେବା ପାଇଁ ସୁଯୋଗ ମିଳିଲା । ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ସମ୍ବନ୍ଧରେ ସେ ଏକ ସୁଚିନ୍ତିତ ସ୍ମାରକପତ୍ର ବ୍ରିଟିଶ ଶାସନ କର୍ତ୍ତୃପକ୍ଷଙ୍କୁ ଦେଇଥିଲେ । ଏହାପରେ ୧୯୩୧ ମସିହାରେ ଦ୍ୱିତୀୟ ଗୋଲଟେବୁଲ ବୈଠକ ପୂର୍ବରୁ କରାଚୀ କଂଗ୍ରେସ ଅଧିବେଶନ ବେଳେ ଓଡ଼ିଶାର କଂଗ୍ରେସ ପ୍ରତିନିଧିମାନେ ଓଡ଼ିଶା ସମସ୍ୟା ସଂପର୍କରେ ମହାତ୍ମାଗାନ୍ଧୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ଏବଂ ଦ୍ୱିତୀୟ ଗୋଲଟେବୁଲ ବୈଠକରେ ଏହି ବିଷୟ ଉପସ୍ଥାପିତ କରିବା ପାଇଁ ଗାନ୍ଧୀଜୀ ପ୍ରତିଶ୍ରୁତି ଦେଇଥିଲେ । ସେହିବର୍ଷ ଡ଼କ୍ଟର ହରେକୃଷ୍ଣ ମହତାବଙ୍କ ସଭାପତିତ୍ୱରେ ପ୍ରଦେଶ କଂଗ୍ରେସ କମିଟି ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପାଇଁ ଦାବୀ କରି ଏକ ପ୍ରସ୍ତାବ ଗ୍ରହଣ କରିଥଲେ ଏବଂ ଏ ସଂପର୍କରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ପଣ୍ଡିତ ନୀଳକଣ୍ଠ ଦାସଙ୍କ ସଭାପତିତ୍ୱରେ ଏକ ସାତ ଜଣିଆ କମିଟି ଗଠନ କରିଥଲେ ।

## ଓଡନେଲ ସୀମା ନିର୍ଦ୍ଧାରଣ

ଏହିପରି ଓଡିଶାରେ ଦଳଗତ ନିର୍ବିଶେଷରେ ବିଚ୍ଛିନ୍ନାଞ୍ଚଳ ମିଶ୍ରଣ ଓ ସ୍ୱତନ୍ତ୍ର ପ୍ରଦେଶ ଗଠନ ପାଇଁ ଯେଉଁ ସର୍ବ ସମ୍ମତ ମତ ପ୍ରକାଶ ପାଇଲା ସେଥିରେ ବ୍ରିଟିଶ କର୍ତ୍ତୃପକ୍ଷ ତୁରନ୍ତ ଓଡ଼ିଶା ସମସ୍ୟାର ସମାଧାନ ପାଇଁ ତତ୍‌ପର ହେଲେ ଏବଂ ୧୯୩୧ ମସିହା ସେପ୍‌ଟେମ୍ବର ମାସରେ ସାର ସାମୁଏଲ ଓଡ଼ନେଲଙ୍କ ସଭାପତିତ୍ୱରେ ଏକ ସୀମା ନିର୍ଦ୍ଧାରଣ କମିଟି ଗଠନ କଲେ । ଓଡ଼ନେଲ କମିଟି ୪୧୦ ଜଣ ବ୍ୟକ୍ତିବିଶେଷ ଓ ଅନୁଷ୍ଠାନର ସାକ୍ଷ୍ୟ ଗ୍ରହଣ କରି ସବୁ ଦିଗ ବିଚାର କରି ସୁପାରିଶ କଲେ ଯେ ନୂତନ ଓଡିଶା ପ୍ରଦେଶ ଓଡିଶା ଡିଭିଜନ, ଅନୁଗୁଳ, ରାୟପୁର ଜିଲ୍ଲାର ଖଡିଆଳ ଜମିଦାରୀ ଏବଂ ଗଞ୍ଜାମ ଜିଲ୍ଲା ଓ ଭାଇଜାଗ ଏଜେନ୍‌ସିର ଅଧିକାଂଶ ଅଞ୍ଚଳକୁ ନେଇ ଗଠିତ ହେବ । ମୋଟରେ ନୂତନ ଓଡିଶା ପ୍ରଦେଶର ଆୟତନ ହେବ ୩୩,୦୦୦ ବର୍ଗ ମାଇଲ ଓ ଲୋକସଂଖ୍ୟା ହେବ ପ୍ରାୟ ୮୨,୭୭,୦୦୦ । ଏହି ସୁପାରିଶ ଘୋଷଣା ପରେ ଓଡିଶାବାସୀ ଅଞ୍ଚଳରେ ମିଶ୍ରିତ ପ୍ରତିକ୍ରିୟା ପ୍ରକାଶ ପାଇଲା । ବହୁ ଆକାଂକ୍ଷିତ ସ୍ୱତନ୍ତ୍ର ପ୍ରଦେଶ ଗଠନ ହେବ ବୋଲି ଲୋକଙ୍କର ବିଶ୍ୱାସ ଜନ୍ମି ଥିଲା । ମାତ୍ର ନୂତନ ପ୍ରଦେଶରୁ ମଞ୍ଜୁଷା, ସିଂହଭୂମି, ଫୁଲଝର ଓ ଦକ୍ଷିଣ ପଶ୍ଚିମ ମେଦିନୀପୁର ପ୍ରଭୃତି ଓଡିଆଭାଷୀ ଅଞ୍ଚଳ ଅନ୍ତର୍ଭୁକ୍ତ ହେଉ ନ ଥିବାରୁ ଲୋକେ ହତାଶ ଓ କ୍ଷୁବ୍‌ଧ ହୋଇଥିଲେ । ଏଥିପାଇଁ ଉତ୍କଳ ସମ୍ମିଳନୀ ପାରଳାଖେମୁଣ୍ଡି ମହାରାଜାଙ୍କ ନେତୃତ୍ୱରେ ଦଳେ ପ୍ରତିନିଧିଙ୍କୁ ବଡ଼ଲାଟଙ୍କ ନିକଟକୁ ପଠାଇବା ପାଇଁ ପ୍ରସ୍ତାବ ଗ୍ରହଣ କରିଥିଲେ ।

## ଶ୍ୱେତପତ୍ରରେ ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଘୋଷଣା ଓ ସୀମା ନିର୍ଦ୍ଧାରଣ

ତୃତୀୟ ଗୋଲଟେବୁଲ ବୈଠକ ପରେ ଭାରତମନ୍ତ୍ରୀ ସାର ସାମୁଏଲ ହୋର ୧୯୩୨ ମସିହା ଡିସେମ୍ବର ମାସ ୨୪ ତାରିଖରେ ଘୋଷଣା କଲେ ଯେ ଭାରତର ଶାସନତାନ୍ତ୍ରିକ ବ୍ୟବସ୍ଥାରେ ଓଡିଶା ଏକ ସ୍ୱତନ୍ତ୍ର ପ୍ରଦେଶ ରୂପେ ଗଠିତ ହେବ । ଏହାପରେ ୧୯୩୩ ମସିହା ମାର୍ଚ୍ଚ ମାସରେ ପ୍ରକାଶିତ ଶ୍ୱେତପତ୍ରରେ କୁହାଗଲା ଯେ ଭାରତର ୧୦ଟି

ପ୍ରଦେଶ ଭଳି ଓଡ଼ିଶା ଗୋଟିଏ ଘଟ ଶାସିତ ପ୍ରଦେଶ ରୂପେ ଗଠିତ ହେବ । ଏଥିରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶର ଯେଉଁ ସୀମା ନିର୍ଦ୍ଧାରଣ କରାଯାଇଥିଲା ତାର ଆୟତନ ୨୧,୫୪୫ ବର୍ଗମାଇଲ କମାଇ ଦିଆଯାଇଥିଲା । କାରଣ ଭିଜାଗାପଟମ୍ ଏଜେନ୍‌ସି, ଜଳନ୍ତର ମାଳିଆ ଓ ପାରଳା-ଖେମୁଣ୍ଡିକୁ ବାଦ ଦିଆଯାଇଥିଲା । ଶ୍ୱେତପତ୍ରରେ ସ୍ୱତନ୍ତ୍ର ଓଡ଼ିଶା ଯେଉଁ ସୀମା ନିର୍ଦ୍ଧାରଣ କରାଗଲା ଓଡ଼ିଆଭାଷୀ ଅଞ୍ଚଳର ସବୁ ଶ୍ରେଣୀର ଲୋକେ ସେଥିରେ କ୍ଷୁବ୍ଧ ହୋଇ ଏହାର ତୀବ୍ର ପ୍ରତିବାଦ କଲେ । ବିହାର-ଓଡ଼ିଶା ବିଧାନ ପରିଷଦରେ ଏହି ପ୍ରସ୍ତାବରେ ବିରୋଧ କରାଗଲା ।

## ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ପାଇଁ ସୀମା ନିର୍ଦ୍ଧାରଣ ସମ୍ପର୍କରେ ବୃତ୍ତାନ୍ତ ନିଷ୍ପତ୍ତି

ଶ୍ୱେତପତ୍ରର ପ୍ରସ୍ତାବ ତୀବ୍ର ସମାଲୋଚିତ ହେବାରୁ ଭାରତମନ୍ତ୍ରୀ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶର ସୀମା ନିର୍ଦ୍ଧାରଣ ସଂପର୍କରେ ପୁନର୍ବାର ନିଷ୍ପତ୍ତି କରିବାର ଦାୟିତ୍ୱ ମିଳିତ ଜଏଣ୍ଟ ପାର୍ଲିଆମେଣ୍ଟାରୀ କମିଟି ଉପରେ ନ୍ୟସ୍ତ କଲେ । ପାରଳାଖେମୁଣ୍ଡି ମହାରାଜା ଶ୍ୱେତପତ୍ର ନିଷ୍ପତ୍ତିରେ ନିରାଶ ନ ହୋଇ ଗୋଟିଏ ସାତଜଣିଆ କମିଟିର ନେତୃତ୍ୱନେଇ ଲଣ୍ଡନ ଯାତ୍ରା କରିଥିଲେ । ୧୯୩୩ ମସିହା ଜୁଲାଇ ୩ ତାରିଖରେ ଭାରତମନ୍ତ୍ରୀଙ୍କ ସହିତ ସାକ୍ଷାତକରି ସେମାନେ ନିଜ ମତାମତ ଜଣାଇଦେଲେ । ଇତି ମଧ୍ୟରେ ତେଲୁଗୁ ପ୍ରତିନିଧି ଓ ମାନ୍ଦ୍ରାଜ ସରକାର ଶ୍ୱେତପତ୍ରର ପ୍ରସ୍ତାବକୁ ବଦଳାଇବା ବିରୁଦ୍ଧରେ ସେମାନଙ୍କ ମତ ଉପସ୍ଥାପିତ କଲେ । ବ୍ରିଟିଶ ସରକାର ପୁଣିଥରେ ଭାରତ ସରକାରଙ୍କ ମତ ଲୋଡ଼ିଲେ ଏହି ଅବସ୍ଥାରେ ପାରଳାଖେମୁଣ୍ଡି ମହାରାଜା ତାଙ୍କ ରାଜ୍ୟକୁ ଭାଗ ଭାଗ କରିଦେବା ନିଷ୍ପତ୍ତି କରି ବ୍ରିଟିଶ ସରକାର ଓ ମାନ୍ଦ୍ରାଜ ସରକାରଙ୍କୁ ତାହା ଜଣାଇଦେଲେ । ତାଙ୍କର ଏହି ନିଷ୍ପତ୍ତି ଫଳରେ ସୀମା ସମାସ୍ୟାର ସମାଧାନ ହେଲା ଜଏଣ୍ଟ ପାର୍ଲିଆମେଣ୍ଟାରି କମିଟି ଶେଷରେ ୧୯୩୪ ମସିହା ନଭେମ୍ବର ମାସରେ ସେମାନଙ୍କ ରିପୋର୍ଟ ଦେଲେ । ଶ୍ୱେତ-ପତ୍ରରେ ନିର୍ଦ୍ଧାରଣ କରାଯାଇଥିବା ଅଞ୍ଚଳ ସହିତ ୧୯୩୨ ମସିହାର ସୀମା ନିର୍ଦ୍ଧାରଣ କମିଟି ନିଷ୍ପତ୍ତି କରିଥିବା ଜୟପୁର ଜମିଦାରୀ ଅଞ୍ଚଳ, ପାରଳାଖେମୁଣ୍ଡି ଓ ଜଳନ୍ତର ମାଳିଆ ଓ ପାରଳାଖେମୁଣ୍ଡି ସହର ସମେତ ପାରଳାଖେମୁଣ୍ଡି ଜମିଦାରୀର ଏକ କ୍ଷୁଦ୍ର ଅଂଶ ଯୋଗ କରିବା ପାଇଁ ସେମାନେ ସୁପାରିଶ କଲେ । ଏହା ଫଳରେ ନୂତନ ଓଡ଼ିଶା ପ୍ରଦେଶର ଆୟତନ ୩୨,୬୯୫ ବର୍ଗମାଇଲ ହେଲା । ଏହି ସୀମା ସହିତ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶର ଗଠନ ଆଦେଶନାମା ୧୯୩୬ ମସିହା ମାର୍ଚ୍ଚ ୩ ତାରିଖରେ ପ୍ରକାଶ ପାଇଲା ।

## ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଉଦ୍‌ଘାଟନ

୧୯୩୬ ମସିହା ଅପ୍ରେଲ ପହିଲାଦିନ ନୂତନ ସୀମାସହ ନୂତନ ଓଡ଼ିଶା ପ୍ରଦେଶ ଉଦ୍‌ଘାଟନ ଉତ୍ସବ ପାଳିତ ହେଲା । ସାର୍ ଜନ ଅଷ୍ଟିନ ହବାକ୍ ନୂତନ ଓଡ଼ିଶା ପ୍ରଦେଶର ପ୍ରଥମ ଲାଟ ହେଲେ । ମାତ୍ର ବିଚ୍ଛିନ୍ନାଞ୍ଚଳ ମିଶ୍ରଣ ଓ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପାଇଁ ଅର୍ଦ୍ଧଶତାବ୍ଦୀ ଧରି ସଂଗ୍ରାମର ସର୍ବମାନ୍ୟ ନେତା କୁଳବୃଦ୍ଧ ମଧୁସୂଦନ ସେତେବେଳକୁ ଜୀବିତ ନ ଥିଲେ । ଏହି ସଂଗ୍ରାମର ଅନ୍ୟତମ ନେତା ଉତ୍କଳମଣି ଗୋପବନ୍ଧୁ ଏହାର ଆଠବର୍ଷ ପୂର୍ବରୁ ଇହଧାମ ତ୍ୟାଗ କରିଥିଲେ । କୁଳବୃଦ୍ଧ ମଧୁସୂଦନ ଜୀବନର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ସ୍ୱତନ୍ତ୍ର ଓଡ଼ିଶାର ସମୃଦ୍ଧିପାଇଁ ସ୍ୱପ୍ନ ଦେଖୁଥିଲେ । ସ୍ୱତନ୍ତ୍ର ଓଡ଼ିଶାର ପ୍ରଶାସନିକ ରୂପରେଖ ନିର୍ଦ୍ଧାରଣ କରିବାପାଇଁ ସାର୍ ଜନ ହାବାକଙ୍କ ନେତୃତ୍ୱରେ ୧୯୩୩ ମସିହାରେ ନିଯୁକ୍ତି କମିଟିରେ କୁଳବୃଦ୍ଧ ମଧୁସୂଦନ ଜଣେ ବିଶିଷ୍ଟ ସଭ୍ୟଥିଲେ । ଏହି କମିଟିର ସୁପାରିଶରେ ସେ ସ୍ୱାକ୍ଷର କରିଥିଲେ । ସେତେବେଳକୁ ତାଙ୍କୁ ୮୫ ବର୍ଷ ବୟସ । ବିଚ୍ଛିନ୍ନାଞ୍ଚଳ ମିଶ୍ରଣ ଓ ସ୍ୱତନ୍ତ୍ର ପ୍ରଦେଶ ଗଠନ ଏବଂ ଓଡ଼ିଶାର କୁଟୀର ଶିଳ୍ପର ପୁନରୁଦ୍ଧାର ପାଇଁ ସେ ତାଙ୍କର ସମସ୍ତ ଶକ୍ତି ଓ ଅର୍ଥ ଥାକାତରେ ଦାନ କରିଥିଲେ ।

୧୧୩–ବାପୁଜୀ ନଗର, ଭୁବନେଶ୍ୱର ।



### ଆମ ରାଜ୍ୟର ସମ୍ବଳ ସଂଗ୍ରହରେ

# ସ୍ୱଳ୍ପ ସଂଚୟର


## ଗୁରୁତ୍ୱପୂର୍ଣ୍ଣ ଭୂମିକା


ବର୍ତ୍ତମାନ ଆମ ରାଜ୍ୟର ସମ୍ବଳ ସଂଗ୍ରହରେ ସ୍ୱଳ୍ପ ସଂଚୟ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି । ଷଷ୍ଠ ପଞ୍ଚବାର୍ଷିକ ଯୋଜନା କାଳ ମଧ୍ୟରେ ଏ ବାବଦରେ ଆମ ରାଜ୍ୟ ସରକାରଙ୍କୁ କେନ୍ଦ୍ର ସରକାରଙ୍କଠାରୁ ୯୦ କୋଟି ୮୯ଲକ୍ଷ ଟଙ୍କା ଋଣ ସହାୟତା ମିଳିଥିଲା କିନ୍ତୁ ସପ୍ତମ ପଞ୍ଚବାର୍ଷିକ ଯୋଜନାର ପ୍ରଥମ ବର୍ଷରେ ଅର୍ଥାତ୍ ୧୯୮୫-୮୬ ଆର୍ଥିକ ବର୍ଷର ନଭେମ୍ବର ମାସ ଶେଷ ସୁଦ୍ଧା ୪୧ କୋଟି ୯୩ ଲକ୍ଷ ଟଙ୍କା କେନ୍ଦ୍ରୀୟ ଋଣ ସହାୟତା ମିଳିଛି ।

ଆଜିକାଲି ସ୍ୱଳ୍ପ ସଂଚୟ ଯୋଜନାରେ ସର୍ବାଧିକ ସୁଧ ସାଙ୍ଗକୁ ଆୟକର ରିହାତି, ସମ୍ପତ୍ତିକର ଛାଡ଼, ଲଟେରୀ ଏବଂ ଜୀବନ ବୀମା ପ୍ରଭୃତି ସୁବିଧା ମିଳୁଥିବାରୁ, ଆମ ରାଜ୍ୟର ଜମାକାରୀମାନଙ୍କ ମଧ୍ୟରେ ଏହି ଯୋଜନା-ଗୁଡ଼ିକରେ ପୁଞ୍ଜି ଖଟାଇବା ପାଇଁ ବିଶେଷ ଆଗ୍ରହ ଦେଖାଯାଉଛି ।

ସ୍ୱଳ୍ପ ସଂଚୟ ସଂଗଠନ
ଓଡ଼ିଶା ସରକାର

" ---- "ଉତ୍କଳ ଦେଶର" ଉଦ୍‌ବୋଧନ କବିବରଙ୍କ ଭାଷାରେ "ଭାରତ ପଙ୍କଜ ଦଳନିଭ ଉତ୍କଳ"। ସେ ଯୁଗରୁ ଏ ଯୁଗ ଯାଏଁ ଯଥାର୍ଥ ସେ ବାଣୀ । କଳା, ଭାସ୍କର୍ଯ୍ୟ, ଶିଳ୍ପ, ଶିକ୍ଷା, ସାହିତ୍ୟ, ଧର୍ମ ଆଦି ସମସ୍ତ ଦିଗରେ ତ୍ରୁଟି କେବେହେଁ ବିଚ୍ଛିନ୍ନତାର ପ୍ରତୀକ ନୁହେଁ । ବହୁଦଳ ପରିଶୋଭିତ ପଙ୍କଜରୁ ଉଦ୍ଭୂତ ହୁଏ ଅନନ୍ୟ ସାଧାରଣ ଶୋଭା, ସୌଷ୍ଠବ, ସୌନ୍ଦର୍ଯ୍ୟ ଓ ସୌରଭ । ବହୁସ୍ୟାମ ଏକୋହଂ ପରି ବିବିଧ ଧାରା, ଧାରଣା ଓ ଧ୍ୟାନ ମଧ୍ୟରେ ପରିବର୍ଦ୍ଧିତ ଶୋଭାର ଉତ୍ସାର ରୂପେ ସଂସ୍କୃତି ଓ ସାଧନା। ଏହି ପଙ୍କଜ ଏକ ଦଳର ନୁହେଁ, କିମ୍ବା ଅସଙ୍ଗତ ତଥା ବିଚ୍ଛିନ୍ନ ଓ ବିକ୍ଷିପ୍ତ ଦଳର ନୁହେଁ। ଦଳ ଓ ପୁଷ୍ପ ପରସ୍ପର ପରିପୂରକ । ଦଳର ଏକାଧିକ୍ୟ ପୁଷ୍ପର ଏକୀଭୂତ ଶୋଭାବର୍ଦ୍ଧକ । ଦଳର ସମାହାରହିଁ ପୁଷ୍ପର ଶୋଭାର ଭଣ୍ଡାର। ସେହି କାରଣରୁ ଏହି ଭୂଖଣ୍ଡର ଗୌରବଗାନ ଯୁଗେ ଯୁଗେ ଭାରତୀୟ ପ୍ରଜ୍ଞା ଓ ପ୍ରତିଭାକୁ ସମୃଦ୍ଧ କରିଛି । ବିଭିନ୍ନ ଜଳଧାରାରେ ସମୃଦ୍ଧ ସ୍ରୋତ ଏହାର ସ୍ପନ୍ଦନ ବିଶ୍ୱବକ୍ଷରେ ଇତିହାସର ସ୍ୱୀକୃତି ଲାଭ କରିଛି। ସୌରଭର ବିକୀରଣ ଦେଶ ତଥା ଦେଶାନ୍ତରର ଚିନ୍ତାରାଜ୍ୟରେ ସ୍ପନ୍ଦିତ ହୋଇଛି । "





ଏଇ ମାଟି...


ଜୀବନ ଜୁଆରେ


# ଆମ ପାହାଡ଼ି ମୂଲକର ସଂସ୍କୃତି




ଶିଳ୍ପ ବିକାଶ ପଥରେ


ଶିଳ୍ପ ବିକାଶ ପଥରେ

# সাগর ও বন্দর




ଆମ ନନ୍ଦନ କାନନ
ବାସିନ୍ଦା...


ଯେତେ ଦେଖୁଥିଲେ
ନୂଆ ଦିଶୁଥିବ...

# ଓଡ଼ିଶା ଓ ଓଡ଼ିଆ



ଶ୍ରୀ ଚନ୍ଦ୍ରରଞ୍ଜନ ଦାସ

ଓଡ଼ିଶା ଗୋଟିଏ ଭୂମି ଓ ଓଡ଼ିଆ ହେଉଛି ଏକ ଜନଗୋଷ୍ଠୀର ନାମ । ପୃଥିବୀରେ ବାସ କରି ଆସିଥିବା ଯାବତୀୟ ଜନ ଗୋଷ୍ଠୀ ପରି ଏହି ଜନ ଗୋଷ୍ଠୀଟିର ମଧ୍ୟ ଏକ ସଂହତି ରହିଛି । ଏକ ନିୟତି ମଧ୍ୟ ରହିଛି । ଏହି ସଂହତି ଏବଂ ନିୟତି କେବଳ ଭାବଗତ ନୁହେଁ, ତାହା ଆହ୍ୱାନଗତ । ଓଡ଼ିଆ ଏକ ଜନ ଗୋଷ୍ଠୀର ନାମ, ଏକ ଭାଷାର ମଧ୍ୟ ନାମ । ସେହି ଭାଷାର ଏକ ସାହିତ୍ୟ ରହିଛି, ଏକ ଐକ୍ୟବିଧାୟକ ଆବେଦନ ମଧ୍ୟ ରହିଛି । ଓଡ଼ିଶାରେ ଆମେ ଯେଉଁମାନେ ଓଡ଼ିଆ ଭାଷା କହୁ, କେବଳ ସେହିମାନଙ୍କୁହିଁ ଓଡ଼ିଆ ବୋଲି କୁହାଯିବ ନା ଅନ୍ୟ ଭାଷା ଭାଷୀମାନଙ୍କ ସମେତ ଏହି ରାଜ୍ୟରେ ବାସ କରୁଥିବା ସମସ୍ତଙ୍କୁ ଓଡ଼ିଆ ବୋଲି କୁହାଯାଇ ପାରିବ ? ଘରେ ଓଡ଼ିଆ କହୁଥିବା ବହୁ ସଂଖ୍ୟା ବିଶିଷ୍ଟ ଓଡ଼ିଆମାନଙ୍କୁ ଆପଣା ଭିତରେ ଏହି ପ୍ରଶ୍ନଟିର ଏକ ସମାଧାନ କରିବାକୁହିଁ ପଡ଼ିବ । ପୁରାତନ କାଳରୁ ଆରମ୍ଭ କରି ଏବ ପର୍ଯ୍ୟନ୍ତ କୌଣସି ସମୟରେ ହିଁ ଓଡ଼ିଶା ଭୂମିର ସମସ୍ତେ କଦାପି ଓଡ଼ିଆ କହୁ ନ ଥିଲେ । ଓଡ଼ିଆ ପୂର୍ବରୁ ଏଠାରେ ଏକାଧିକ ଆଦିବାସୀ ଭାଷା ରହିଥିଲା, ଏବେ ମଧ୍ୟ ରହିଛି ।

ଏହି ଭୂମିର 'ଓଡ଼ିଶା' ନାମଟି ମଧ୍ୟ ଆଦୌ ସବୁଦିନର ନୁହେଁ । ଆହୁରି ଯଥାର୍ଥ ଭାବରେ କହିଲେ, ଷୋଡ଼ଶ-ସପ୍ତଦଶ ଶତାବ୍ଦୀ ବେଳକୁ ଯେତେବେଳେ ମୋଗଲମାନେ ବଙ୍ଗଠାରୁ ଆସି ବର୍ତ୍ତମାନ ଓଡ଼ିଶାର ଉପକୂଳ ଅଞ୍ଚଳଟିକୁ ଅଧିକାର କଲେ, ସେତେବେଳେ ସେମାନେ ତାହାକୁ ଓଡ଼ିଶା ବୋଲି କହିଲେ । ସେତେବେଳେ ସେହି ମୋଗଲବନ୍ଦୀ ଅଞ୍ଚଳ ବ୍ୟତୀତ ଓଡ଼ିଆ ଭାଷାଭାଷୀ ଗଡ଼ଜାତମାନେ ମଧ୍ୟ ରହିଥିଲେ । ମୋଗଲମାନଙ୍କ ପୂର୍ବରୁ କଳିଙ୍ଗ ଥିଲା, ଉତ୍କଳିଙ୍ଗ ଥିଲା, କୋଶଳ ଏବଂ ତୋଷାଳି ମଧ୍ୟ ଥିଲା, ମାତ୍ର ଓଡ଼ିଶା ନ ଥିଲା । ଏମାନେ ପରସ୍ପର ମଧ୍ୟରେ ଯୁଦ୍ଧ କରୁଥିଲେ, ପରସ୍ପରର ଦିଅଁମାନଙ୍କୁ ସାନ ବୋଲି ଦେଖାଇ ନିଜ ଦିଅଁକୁ ସେମାନଙ୍କଠାରୁ ଅଧିକ ମହିମାର ଓ ଅଧିକ ଗରିମାର ବୋଲି ଦେଖାଉଥିଲେ । ତିନୋଟି ବା ତତୋଽଧିକ ଖଣ୍ଡ ରାଜ୍ୟକୁ ଏକାଠି କରି ଯେଉଁମାନେ ଏଠାରେ ନିଜକୁ ସକଳ କଳିଙ୍ଗ ଅଧିପତି ବୋଲି ଘୋଷଣା କରିଥିଲେ, ସେମାନେ ମୂଳତଃ ଓଡ଼ିଶାରେ ନଥିଲେ, ଜୋରରେ ଦକ୍ଷିଣରୁ ଆସିଥିଲେ ଏବଂ ରାଜ୍ୟବିଜୟର କ୍ରମରେ ଏହି ଭୂମିଟିକୁ ଏକ ରାଜନୀତିକ ବିସ୍ତୃତତର ରୂପ ଦେଇଥିଲେ । ଆଗ କାଳରେ ରାଜ୍ୟ ରାଜ୍ୟ ମଧ୍ୟରେ ଯେଉଁ ସବୁ ଯୁଦ୍ଧ ହେଉଥିଲା, ତାହାକୁ ଅଧିକତର ଯଥାର୍ଥତା ସହିତ ଜାତି ଜାତି ମଧ୍ୟରେ ହେଉଥିବା କୌଣସି ଯୁଦ୍ଧ ବୋଲି ନ କହି ରାଜବଂଶ ସହିତ ରାଜବଂଶର ଯୁଦ୍ଧ ବୋଲି କୁହାଯାଇ ପାରିବ ।

ଓଡ଼ିଶାରେ ଜାତୀୟତାବାଦର ସଂକ୍ରମଣ ହେବା ପରେ ଯାଇ ଆମେ ଏଠି ମଧ୍ୟ ନିଜକୁ ଗୋଟିଏ ଜାତି ବୋଲି କହିବାକୁ ଏବଂ ଅନୁଭବ କରିବାକୁ ଆରମ୍ଭ କଲୁ । ଏହା ଊନବିଂଶ ଶତାବ୍ଦୀର ଶେଷ ଭାଗର କଥା । ସେହି ସଂକ୍ରମଣ ଓ ସେହି ପ୍ରେରଣାରୁ ତତ୍କାଳୀନ ଓଡ଼ିଶାରେ ଏକ ସ୍ୱତନ୍ତ୍ର କିସମର ନେତୃତ୍ୱ ମଧ୍ୟ ଆବିର୍ଭୂତ ହୋଇଥିଲା, ଯାହାରକି ପୂର୍ବତନ କୌଣସି ରୂପ ଓ ପର୍ଯ୍ୟାୟରେ ସମାନ୍ତର ଦେଖିବାକୁ ମିଳିବନାହିଁ । ତାପରେ ଏହି ଭୂମିର ସାହିତ୍ୟକୁ ଏକ ବିଶେଷ ବ୍ୟଞ୍ଜନା ଦେଇ ଓଡ଼ିଆ ସାହିତ୍ୟ ବୋଲି କୁହାଗଲା । ଏକ ସମୂହ ଭାବରେ ଆପଣାର ଉନ୍ନତି ବିଧାନ ଲାଗି ଯେଉଁ ଆନ୍ଦୋଳନ ସେତେବେଳେ ଆମ ଆଦ୍ୟମାନେ କରିଥିଲେ, ତାହାକୁ ଓଡ଼ିଆ ଆନ୍ଦୋଳନ ବୋଲି କୁହାଗଲା । ଏଠାରେ ସର୍ବପ୍ରଧାନ ସମ୍ମିଳନୀ ଉତ୍କଳ ସମ୍ମିଳନୀ ବୋଲି ଅଭିହିତ ହେଲା । ତଥାପି ସ୍ମରଣ ରଖିବାକୁ ହେବ ଯେ ,ଯେତେବେଳେ ଏହି ଯାବତୀୟ ସମ୍ମିଳନ, ଅଭିଯାନ ଓ ଆନ୍ଦୋଳନ ଯେଉଁମାନଙ୍କ ଦ୍ୱାରା ହୋଇଥିଲା, ସେମାନେ ଓଡ଼ିଶାର ପ୍ରଧାନତଃ ଓଡ଼ିଆ ଭାଷାଭାଷୀମାନଙ୍କୁହିଁ ଆଗରେ ରଖି ଏହି ସବୁକିଛିରେ ଆଗ୍ରହୀ ହେଉଥିଲେ । ରାଜନୀତିକ ଓଡ଼ିଶା ତ୍ରିଭିଭଜନର ସୀମା ବାହାରେ ତତ୍କାଳୀନ ଅନ୍ୟାନ୍ୟ ପ୍ରଦେଶମାନଙ୍କରେ ଯେଉଁସବୁ ଓଡ଼ିଆ ଭଷାଭାଷୀ ରହିଥିଲେ, ସେହି ସମସ୍ତଙ୍କୁ ଏକାଠି କରି ଓଡ଼ିଶା ବୋଲି ସ୍ୱତନ୍ତ୍ର

ପ୍ରଦେଶଟିଏ ଗଠନ କରିବାର ବିଷୟ ତଥା କାର୍ଯ୍ୟକ୍ରମ ସେତିକିବେଳେ ଆରମ୍ଭ ହୋଇଥିଲା । ଉତ୍ସାହ ଏବଂ ଉଦ୍ୟମଗୁଡ଼ିକ ସେତେବେଳେ ଏପରି ଏକାଗ୍ର ଓ ଏକୋଦ୍ଦିଷ୍ଟ ହୋଇ ରହିଥିଲା ଯେ ,ଏହି ଭୂମିରେ ବାସ କରୁଥିବା ଅନ୍ୟ ଭାଷାଭାଷୀମାନଙ୍କ ବିଷୟରେ ଆମ ତତ୍କାଳୀନ ନେତାମାନେ ହୁଏତ ଆଦୌ କୌଣସି ବିଚାର କରି ନ ଥିଲେ । ତେଣୁ ସେହି ଅନ୍ୟ ଭାଷାଭାଷୀମାନେ ମୁଖ୍ୟ ସ୍ରୋତଟିର ବାହାରେ ବାହାରେ ରହିଥିଲେ ।

ଏହି ଶତାବ୍ଦୀ ଆରମ୍ଭରୁ ଭାରତୀୟ ସ୍ୱତନ୍ତ୍ରତା ସଂଗ୍ରାମର ବିପ୍ଳବତର ଢେଉ ଗୁଡ଼ିକ ମଧ୍ୟ ଆସି କ୍ରମେ ଏଠି ସ୍ଥାନୀୟ ଉଦ୍ୟମଟିର ଜଳାଶୟର ବାଡ଼ ଗୁଡ଼ିକରେ ଆଘାତ କରିବାକୁ ଲାଗିଲା । ସେଥିରୁ ଦ୍ୱନ୍ଦ୍ୱ ଉପୁଜି ଥିଲା । ସ୍ଥାନୀୟ ଓ ଜାତୀୟ ମଧ୍ୟରେ ତଥାପି ଏକ ସଞ୍ଚାର ପଥ ନିରୂପଣ କରିବାକୁ ଯାଇ ନାନା କିସମର ନେତୃତ୍ୱ ଓଡ଼ିଶାରେ ଦୃଷ୍ଟିଗୋଚର ହୋଇଥିଲା । ଉପସ୍ଥିତ ଆହ୍ୱାନ ଗୁଡ଼ିକର ଜିଏ ଯେଉଁ ସ୍ତରରେ ସମ୍ମୁଖୀନ ହୁଏ, ତାହାର ନେତୃତ୍ୱ ମଧ୍ୟ ସେହି ସ୍ତରର ମୂଲ୍ୟ ପରିଧି ଭିତରେ ସୀମାବଦ୍ଧ ହୋଇ ରହିଥାଏ । ଭାରତୀୟତାକୁ ସେତେବେଳେ କେତେକ ନେତୃତ୍ୱ ଉତ୍କଳୀୟତା ଉପରେ ଏକ ଆକ୍ରମଣ ବୋଲି ଅନୁଭବ କଲେ । ତେଣୁ ଭାରତୀୟତାକୁ ଭୟ କଲେ; ଜାତି କହିଲେ ସେମାନେ ଓଡ଼ିଆ ଜାତି ବୋଲି ବୁଝିଲେ । ଓଡ଼ିଶାକୁ ଗୋଟିଏ ଦେଶ ବୋଲି କହିଲେ । ବୃହତ୍ତର ପରିଧିଟି ଭିତରେ ପ୍ରବେଶ କଲେ ନିଜ ଘରର ଚିହ୍ନା ପରିଚିତି କାଳେ ସେହି ପ୍ରକ୍ରିୟାରେ ଗିଳି ହୋଇ ପଡ଼ିବ, ସେମାନେ ସେଥିପାଇଁ ସେଇଟି ଭିତରେ ନିଜକୁ କିଳି ରଖିବାକୁହିଁ ଧ୍ରୁବ ବୋଲି ମଣୁଥିଲେ । ଅନ୍ୟ ନେତୃତ୍ୱଟି ସାନ ଘରଟିକୁ ଡେଇଁ ବୃହତ୍ତରଟି ମଧ୍ୟକୁ ଯିବାକୁ ଇଚ୍ଛା କରୁଥିଲା । ସ୍ୱାଧୀନ ଭାରତର ଦୀର୍ଘ ପଚିଶ ବର୍ଷ ପରେ ମଧ୍ୟ ଓଡ଼ିଶାରେ ହୁଏତ ସେହି ଦ୍ୱନ୍ଦ୍ୱଟି ଅନେକ ବ୍ୟକ୍ତିଙ୍କୁ ଭାରି କାମୁଡ଼ି କରି ରହିଛି । ତଥାପି ଓଡ଼ିଶାର ଦିଗ୍‌ବଳୟକୁ ନାନା ଭାବରେ ଅଧିକ ପ୍ରସାରିତ କରିବା ଲାଗି ଅତୀତର ସେହି ଦ୍ୱନ୍ଦ୍ୱରେ ଯେଉଁ ଦୁଇ ଜଣ ମୁଖ୍ୟତଃ ଉଦ୍‌ବୋଧନ ଦେଇଥିଲେ ଓ କାର୍ଯ୍ୟ କରିଥିଲେ, ସେମାନେ ହେଉଛନ୍ତି ଶ୍ରୀ ପ୍ୟାରୀମୋହନ ଆଚାର୍ଯ୍ୟ ଓ ଶ୍ରୀ ଗୋପବନ୍ଧୁ ଦାସ । ସେହି ଦୁଇ ବ୍ୟକ୍ତିଙ୍କର ସମକାଳୀନ ସଂଘର୍ଷଗୁଡ଼ିକର ପରିପ୍ରେକ୍ଷୀରେ ଅଧିକ ଆଲୋଚନା କରାଯାଇ ପାରିଲେ ଆମେ ଆମର ଏହି କାଳଟିର ଦ୍ୱନ୍ଦ୍ୱ ତଥା ପ୍ରତିଶ୍ରୁତି-ଗୁଡ଼ିକୁ ଅଧିକ ସଷ୍ଟ ଭାବରେ ବୁଝିବାକୁ ସମର୍ଥ ହୋଇ ପାରିବା ।

ସବାଆଗ ଓଡ଼ିଶାର ମଣିଷଙ୍କୁ ନେଇ ଓଡ଼ିଶା । ଅକାରଣରେ ଭବବିହ୍ୱଳ ହୋଇ ପଡ଼ିବାକୁ ଆଦୌ ମନ ନକରୁଥିବା ଯେ କେଣସି ବ୍ୟକ୍ତି ଏକଥା ଅତି ସହଜରେ ସ୍ୱୀକାର କରିବ । ଅନେକ ସମୟରେ ଓଡ଼ିଶାର ନେତାମାନେ ତଥା କର୍ତ୍ତାମାନେ ଯେତେବେଳେ ଓଡ଼ିଶାକୁ ଏକ ଅପେକ୍ଷାକୃତ ଅନଗ୍ରସର ରାଜ୍ୟ ବୋଲି କହି ଦିଲ୍ଲୀରେ ଅଧିକ ସହାୟର ଦାବୀ କରିଥାନ୍ତି, ଓଡ଼ିଶା ଭିତରେ ମଧ୍ୟ ଯେ ଅଞ୍ଚଳ ଅଞ୍ଚଳ ଭିତରେ ନାନା କ୍ଷେତ୍ରରେ ଏକ ସର୍ବନିମ୍ନ ଭାରସାମ୍ୟର ଏବେସୁଦ୍ଧା ଅଭାବ ରହିଛି, ସେମାନେ ସେକଥା ସତେ ଅବା ଭୁଲି ଯାଉଥିବା ପରି ମନେ ହୁଅନ୍ତି । ଗୋଟିଏ ସମାଜର ମଣିଷ ଅର୍ଥାତ୍ ସବୁ ମଣିଷ । ଓଡ଼ିଶାରେ ଏ ପର୍ଯ୍ୟନ୍ତ ସବୁ ମଣିଷଙ୍କୁ ସାମିଲ କରି କୌଣସି ଯୋଜନା ହୋଇନାହିଁ । ଅର୍ଥକ୍ଷେତ୍ରରେ ହୋଇନାହିଁ, ସଂସ୍କୃତି କ୍ଷେତ୍ରରେ ହୋଇନାହିଁ, ଶିକ୍ଷାର କ୍ଷେତ୍ରରେ ତ ସମଗ୍ର ଭାରତରେ ହୋଇନାହିଁ । ଏଠାରେ ଯେଉଁମାନେ ଅପେକ୍ଷାକୃତ ଅଧିକ ଉପରେ ଅଛନ୍ତି, ସେମାନେ ତଳ ଥାକଗୁଡ଼ିକରେ ରହିଥିବା ମଣିଷମାନଙ୍କୁ ହୀନତର ବୋଲି ଜାଣନ୍ତି । ତେଣୁ ଏଠି ମଣିଷ ମଣିଷ ଭିତରେ ବ୍ୟବଧାନଗୁଡ଼ାକ ଭାରି ଜଳଜଳ ହୋଇ ଦିଶି ଯାଉଥାଏ । ଓଡ଼ିଆ ଭାଷାକୁ ହି ଯଦି ଓଡ଼ିଶାର ଗୋଷ୍ଠୀ ଜୀବନରେ ଏକ ପ୍ରଧାନ ଏକ୍ୟସୂତ୍ର ବୋଲି ଗ୍ରହଣ କରାଯାଏ, ତେବେ ସେହି କ୍ଷେତ୍ରରେ ମଧ୍ୟ ଶିଷ୍ଟ ଓ ଅଶିଷ୍ଟ ମାନଙ୍କ ଭିତରେ ଏକ ଦୂରତା ସ୍ପଷ୍ଟ ପ୍ରତୀୟମାନ ହୋଇ-ଥାଏ । ଓଡ଼ିଶାରେ ତଥାକଥିତ ବଡ଼ମାନେ ଓଡ଼ିଆ କହିବାକୁ ଅମଙ୍ଗ ହୁଅନ୍ତି । ତେଣୁ ସାନମାନେ ପ୍ରାୟ ନିୟମ ଭିତରେ ପଡ଼ି ସେମାନଙ୍କୁ ଅସାଧାରଣ ବହୁଦୂରର ବୋଲି ଅନୁମାନ କରି-ବାରେ ଲାଗିଥାଆନ୍ତି । ବିକାଶର ପଥରେ ବିକାଶ ଚାଲିଥାଏ । ସଭାମାନଙ୍କର ଭାଷଣରେ ସତ୍ୟଯୁଗ ଆସିଗଲା ବୋଲି ବାଣ ମରାଯାଏ—ତଥାପି ଏଠ ବାବୁମାନେ ସତ୍ୟଯୁଗ କହିଲେ କେବଳ ନିଜର ନିୟନ୍ତ୍ରଣାଧୀନ ଏକ ଯୁଗକୁହିଁ ବୁଝନ୍ତି । ତଥାକଥିତ ଶିକ୍ଷାପ୍ରାପ୍ତ ଓ ଶିକ୍ଷାରୁ ବଞ୍ଚିତମାନଙ୍କ ମଧ୍ୟରେ ରହିଥିବା ବ୍ୟବଧାନ ସମ୍ଭବତଃ ଓଡ଼ିଶାରେହିଁ ଭାରତବର୍ଷର ଅନ୍ୟ ରାଜ୍ୟ-ଗୁଡ଼ିକର ତୁଳନାରେ ସବୁଠାରୁ ଅଧିକ । ଉପରୁ ଦୟା ହେଲେ ତଳର ଦୁଃଖ ଯାଏ—ଏହି ଦୁଷ୍ଟ ବାକ୍ୟଟି ଆମର ସମାଜଗତ ଯାବତୀୟ ଶିଷ୍ଟତାକୁ ଏପରି କାବୁ କରି ମାଡ଼ିବସିଛି ଯେ, ଏଇ ସମାଜଟେ କେବେ ପାରସ୍ପରିକତା ଏବଂ ସମ୍ମାନବୋଧକୁ ଭିତ୍ତି କରି କୌଣସି ସହଜୀବନ ସମ୍ଭବ ହୋଇପାରିବ ବୋଲି ଆମେ ଏବେ ମଧ୍ୟ ବିଶ୍ୱାସ କରି ପାରୁନାହୁଁ । ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ହୋଇଥିଲା ଏଠାରେ ବାସ କରୁଥିବା ଲୋକେ ଏକ ସ୍ୱାଭାବିକ ସଂହତି ମଧ୍ୟରେ ପରସ୍ପରର ଅତି ନିକଟବର୍ତ୍ତୀ ହୋଇ ଜୀବନ ବହି ପାରିବେ ବୋଲି । ଯେକେ ଲୋକ ଯେତେ-ବେଳେ ବଡ଼ମାଛ ହୋଇ ବହୁତ ମଣିଷଙ୍କୁ ସାନମାଛ ମଣି ଗିଳି ପକାଇବାକୁହିଁ ପାର୍ଥିବ ପରମ ଯଶ ବୋଲି ମନେ କରନ୍ତି, ତେବେ ଆଦୌ କୌଣସି ସଂହତି ସମ୍ଭବ ବା ହେବ କିପରି ? ଆମେ ଅନ୍ୟପ୍ରକାରେ ଚିନ୍ତା କରିଥିଲେ ଓ ମଣିଷକୁହିଁ ସବାଆଗ ମନେ ରଖି ପାରିଥିଲେ ଆଜି ଆମର ଓଡ଼ିଶା ମଧ୍ୟ ଅନ୍ୟପ୍ରକାର ହୋଇ-ଥାନ୍ତା । ଏଠି ଅପରିମିତ ପ୍ରାକୃତିକ ସଂପଦ ଭରି ହୋଇ ରହିଛି, ବୁଦ୍ଧିଆ ମଣିଷମାନେ ରହିଛନ୍ତି, ଆମ ପଛରେ ଏକ ଦୀର୍ଘ ସଭ୍ୟତା ଓ ସଂସ୍କୃତିର ମୂଳଦୁଆ ମଧ୍ୟ ରହିଛି, ଆମର ନିଜସ୍ୱ ସାହିତ୍ୟ ରହିଛି, ସଙ୍ଗୀତ ଓ ନୃତ୍ୟ ରହିଛି, ନିଜସ୍ୱ ସ୍ଥାପତି ମଧ୍ୟ ରହିଛି । ଏହି ସବୁକିଛି ଥାଉଥାଉ ଏଠି ଯଥାର୍ଥ ସହଯୋଗିତା ସମ୍ଭବ ହୋଇ ପାରୁନାହିଁ କାହିଁକି ? ପୁରୁଣାମାନେ ଏକଥା ଆଦୌ ନଭାବିବା ଲାଗି ପଣକରି ସାରିଥିଲେ ମଧ୍ୟ ନୂଆମାନେ ତଥାପି ତାହା ଭାବନ୍ତୁ, ଏପରି ହେବାର କାରଣଗୁଡ଼ିକୁ ଖୋଜନ୍ତୁ । ପାଠ ପଢ଼ିଥିଲେ ମଧ୍ୟ ଯେଉଁମାନେ ତଥାପି ଅପାଠୁଆ ଅନେକଙ୍କ ଠାରୁ ଅଲଗା ଓ ଆପଣା ଛାଡ଼ିକିଆ ହୋଇ ରହିବାକୁ ମୋଟେ ଇଚ୍ଛା କରୁନାହାନ୍ତି, ସେମାନେ ପ୍ରସୀମତ ଓ ଅତ୍ୟନ୍ତ ଶୂନ୍ୟାତ୍ମିକ ଭିତରୁ ବାହାରି ନିଜକୁ ଅନ୍ୟ ସମସ୍ତଙ୍କ ସହିତ ଯଥାସମ୍ଭବ ଅଧିକ ଆତ୍ମୀୟତା ସହିତ ଯୋଡ଼ି କରି ରଖିବାକୁ ଚେଷ୍ଟା କରନ୍ତୁ, ତେବେ ସେମାନେ ଏକ ଅନ୍ୟପ୍ରକାର ଓଡ଼ିଶାକୁ ଅବଶ୍ୟ ଆବିଷ୍କାର କରିପାରିବେ । ସେହି ଓଡ଼ିଶାର ନିର୍ମାଣ ଲାଗି କାର୍ଯ୍ୟ କରି ଆପଣାକୁ ଧନୀ ମନେ କରିବେ । ସେମାନେ ସାମନ୍ତମାନଙ୍କ ଚପି ଆସରୁ ବାହାରିଯାଇ ପାରିବେ ।

ଇଉରୋପକୁ ମଧ୍ୟ ଦିନେ ଜାତୀୟତାର ଯୁଗ ଆସିଥିଲା । ସେହି ଜାତୀୟ ଜାଗରଣ କ୍ରମଶଃ ଏକ ସର୍ବମାନବିକ ଜାଗରଣ ମଧ୍ୟକୁ ଉନ୍ନୋଳିତ ଏବଂ ସଂପ୍ରସାରିତ ହୋଇଗଲା । ଜାତୀୟତାର ପ୍ରଥମ ଉନ୍ମୋଚନଟି ରାଜନୀତିକ ଓ ସାମାଜିକ ନାନା ଅନ୍ୟ ଉନ୍ମୋଚନ ଲାଗି ବାଟ ଛାଡ଼ି ଦେଇଥିଲା । ଜାତୀୟତାବାଦ ଇଉରୋପରେ ସାମନ୍ତବାଦର ବିଲୋପ କରାଇଲା । ଯାବତୀୟ ନିର୍ମାଣ ଓ ଯାବତୀୟ ଅଭିକ୍ରମରେ କ୍ରମେ ସବୁ ମଣିଷଙ୍କ ସକାଶେ ସ୍ଥାନ ରହିଲା । ଶିକ୍ଷା ସାର୍ବଜନୀନ ହେଲା,–ସାମାଜିକ ବ୍ୟବସ୍ଥାକୁ ଅନୁକୂଳ ଭାବରେ ମାର୍ଜିତ କରାଇ ସେଥିରେ ସବୁ ମଣିଷଙ୍କୁ ସ୍ୱୀକୃତି ଦିଆଗଲା । ଭାଗ୍ୟବାନ ବିଦାୟ ନେଇ ଗୁଡ଼ିଗଲା, ଅସହାୟ ମଣିଷମାନେ ସ୍ୱାଭିମାନୀ ମଣିଷରେ ପରିଣତ ହେଲେ । ମନୁଷ୍ୟକୃତ ବ୍ୟବଧାନଗୁଡ଼ିକ ଯଥାସମ୍ଭବ ଅଧିକ ପରିମାଣରେ ଦୂର କରାଯାଇ ସବୁ ମଣିଷଙ୍କୁ ସତେଅବା ଗୋଟିଏ ସଂହତି ମଧ୍ୟକୁ ଆଣିବାର ପ୍ରୟାସ କରାଗଲା । ସାମୂହିକ ପରିକଳ୍ପନା ତଥା ଆୟୋଜନର ଯାବତୀୟ ବ୍ୟବସ୍ଥାକୁ ଯଥାସମ୍ଭବ ଅଧିକ ସାର୍ବଜନୀନ କରାଗଲା । ପ୍ରକୃତରେ ଏକ ଯୁଗ ପରିବର୍ତ୍ତନ ଘଟିଲା, ସୋପାନ–ପରିବର୍ତ୍ତନ ଘଟିଲା । ଓଡ଼ିଶାରେ ଏସବୁକୁ ହିଁ ସର୍ବାଗ୍ର ସ୍ଥାନ ଦିଆଯିବାକୁ ଏବେ ମଧ୍ୟ ବହୁତ ବାଟ ବାକି ରହିଛି । ସେଥିଲାଗି ନିଜକୁ ଓଡ଼ିଆ ବୋଲି ଅନୁଭବ କରିବାକୁ ମଧ୍ୟ ଏଠାରେ ଅଧିକାଂଶ ମନୁଷ୍ୟ ଏକ ଅନୁକୂଳ ପରିବେଶ ଓ ପରିସର ଲାଭ କରି ପାରିନାହାନ୍ତି । ଓଡ଼ିଆ ଜାତି କେବଳ ଖାତାରେ ଓଡ଼ିଆ ହୋଇ ରହିଛି । ଓଡ଼ିଆ ବୋଲି ଯେଉଁଠି ମଣିଷମାନଙ୍କର ଏକ ସ୍ୱାଭାବିକ ରହିଥାନ୍ତା, ସେଠି ଥୋକେ ମଣିଷ ଏପରି ଉଗ୍ର ଭାବରେ ମାନୀ ଓ ଅତିମାନୀ ହୋଇ ରହିଛନ୍ତି ଯେ ସେମାନେ ଅନ୍ୟମାନଙ୍କୁ ହୀନ ଓ ଅତିହୀନ କରି ନଦେଖିଲେ ନିଜ ବିଷୟରେ ସତେ ଅବା ଆଦୌ କୌଣସି ଆତ୍ମପ୍ରତ୍ୟୟ ଲାଭକରି ପାରୁନାହାନ୍ତି । ଜ୍ଞାନୀ ଓ ବିଜ୍ଞାନୀମାନଙ୍କର ଜ୍ଞାନ ଓ ବିଜ୍ଞାନ ଏଠି ସର୍ବଜନଙ୍କର କାମରେ ଯଥାର୍ଥ ଭାବରେ ଲାଗି ପାରୁନାହିଁ । ଜ୍ଞାନ ଜ୍ଞାନୀର ମାନକୁ ବଢ଼ାଇବାରେ ହିଁ ସତେ ଅବା ସବୁଠାରୁ ଅଧିକ ସାହାଯ୍ୟ କରୁଛି ଏବଂ ସବୁଠାରୁ ଅଧିକ ବିଚିତ୍ର କଥା ହେଉଛି ଯେ, ଓଡ଼ିଶାରେ ବିଦ୍ୟମାନ ଥିବା ଯାବତୀୟ ସମ୍ଭାବନା ଦୃଷ୍ଟିରୁ ଓଡ଼ିଶା ଯେ ତଥାପି ଏପରି ନିଃସ୍ୱହୀନ ହୋଇ ରହିଛି, ଆମର ଯୋଗ୍ୟତମ ସ୍ଥାନମାନଙ୍କରେ ବସିଥିବା ବ୍ୟକ୍ତିମାନେ ତାହାକୁ ଆଦୌ ଅସହ୍ୟ ବୋଲି ଅନୁଭବ କରୁନାହାନ୍ତି । ସେମାନେ ହୁଏତ ନିଜ ଘରେ ବିଦେଶୀ ହୋଇ ରହିଛନ୍ତି ବୋଲି ସେହି ଅନୁଭବ ନିମନ୍ତେ ସମର୍ଥ ହୋଇ ପାରିନାହାନ୍ତି ।

ଉତ୍କଳମଣି ଗୋପବନ୍ଧୁ ଦାସ ଏକଦା ଏକ ସାଧାରଣ ମଞ୍ଚରେ ଘୋଷଣା କରି କହିଥିଲେ ଯେ, ଓଡ଼ିଶାବାସୀ ଆମେ ସମସ୍ତେ ସର୍ବପ୍ରଥମେ ମଣିଷ, ତାପରେ ଭାରତୀୟ ଓ ସର୍ବଶେଷରେ ପାତ୍ର ଓଡ଼ିଆ । ତତ୍କାଳୀନ ପ୍ରାଦେଶିକତାଗତ କଳବାୟୁରେ ଏପରି ଏକ ବାକ୍ୟ ଉଚ୍ଚାରଣ କରିବାକୁ ସେତେବେଳେ ଅନେକ ସାହସ ଆବଶ୍ୟକ ହୋଇଥିବ । ମାତ୍ର ସେହି କଥାଟି ଯେ ପ୍ରକୃତରେ ସତ, ଆପଣାର ଚେତନାର ଉପସ୍ଥିତି ଯଥାସମ୍ଭବ ଅଧିକ ପ୍ରଶସ୍ତ ଭାବରେ ଖୋଲି ନିଜକୁ ଓଡ଼ିଆ ବୋଲି ଅନୁଭବ କରିବାର ଅର୍ଥଟିକୁ ଅନୁଭବ କରି ପାରିବାକୁ ଆରମ୍ଭ କରିବା ମାତ୍ରକେ ତାହା ଏକାନ୍ତ ସ୍ପଷ୍ଟ ହୋଇ ଯାଉଛି । ଏକଦା ଶ୍ରୀ ଅରବିନ୍ଦ କହିଥିଲେ, ଯିଏ କେବଳ କୃଷ୍ଣଙ୍କୁ ଜାଣିଛି, ସିଏ ପ୍ରକୃତରେ କୃଷ୍ଣଙ୍କୁ ମଧ୍ୟ ଜାଣିନାହିଁ । ଯିଏ କେବଳ ଓଡ଼ିଶାକୁ ଜାଣିଛି, ଏଇଠି ଏତିକି ଭିତରେ ଘାର ପକାଇ ବାଡ଼ ବସାଇ ମାନୀ ହୋଇଛି, ସିଏ ପ୍ରକୃତରେ ଓଡ଼ିଆ ମଧ୍ୟ ହୋଇ ପାରିନାହିଁ । ଆପଣାକୁ ଏପରି ଏକ ସଂବେଦନଶୀଳ କେନ୍ଦ୍ରରେ ପରିଣତ କରି ପାରିବାକୁ ହେବ, ଯେପରିକି କେନ୍ଦ୍ରସ୍ଥ ହେବା ମାତ୍ରକେ ଆମକୁ ଏହି ପରିଧିଟି ସେପାଖରେ ଆହୁରି ଅଧିକ ପରିଧିମାନ ଦିଶିଯାଇ ପାରୁଥିବ । ନାନା ବୃହତ୍ତର ପରିଧିର ପରିପ୍ରେକ୍ଷୀରେ ନିଜର ପରିଧିଟିକୁ ଦେଖି ପାରିଲେ ଯାଇ ଆମେ ତାହାକୁ ପ୍ରକୃତରେ ସମଗ୍ର ଭାବରେ ଦେଖିବାକୁ ସମର୍ଥ ହେବା ।

ଓଡ଼ିଶାରେ ଓଡ଼ିଆ ହେବା ଏକ ଆହ୍ୱାନ । ନିଜକୁ ଏକ ନିର୍ଦ୍ଦିଷ୍ଟ ଭୂମିରେ ବିଶେଷ ଦାୟାଦରୂପେ ଅନୁଭବ କରିବା ମଧ୍ୟ ଏକ ଆହ୍ୱାନ । ଯେଉଁମାନେ ମୂଳତଃ ଭୋଗକରିବାକୁ ହିଁ ସାମୂହିକ ଜୀବନ ଉପରେ ନିଜର ଜାଲକୁ ବିସ୍ତାର କରି ରହିଥାନ୍ତି, ସେମାନେ ହୁଏତ ଆଦୌ କୌଣସି ଆହ୍ୱାନକୁ ଶୁଣି ପାରନ୍ତି ନାହିଁ । ଏଠାରେ ମୁଁ ଅଛି, କାରଣ ଏଠାରେ ଅନ୍ୟମାନେ ବି ରହିଛନ୍ତି । ଏହି ସର୍ବମୂଳ ଅଙ୍କଟି ଦ୍ୱାରା ନିଜ ଜୀବନର ଯାବତୀୟ ଔଚିତ୍ୟକୁ ବୁଝି ତାହାର ସମାଧାନ ବାହାର କରିବାକୁ ଚେଷ୍ଟା କରୁଥିବା ମଣିଷ ନିଜର ଦାୟିତ୍ୱ ସମ୍ବନ୍ଧରେ ଅବଶ୍ୟ ସଚେତନ ରହିବ । ଯିଏ ଯେତେ ଉପରେ, ତାର ସେତିକି ବେଶୀ ଦାୟିତ୍ୱ, ଯିଏ ଯେତେ ଅର୍ଜନର ଅଧିକାରୀ ହୋଇପାରିଛି, ନିଜକୁ ସମସ୍ତଙ୍କର କାର୍ଯ୍ୟରେ ଲଗାଇବାର ଦାୟିତ୍ୱ ତା'ର ସେତିକି ଅଧିକ, ଏହିପରି ଗୋଟିଏ ମୂଲ୍ୟ ସୂତ୍ର ଉପରେ ନିଜ ଜୀବନକୁ ଅବସ୍ଥାପିତ କରି ରଖିପାରିଲେ ଆମେ ଓଡ଼ିଶାରେ ଥିବା ଓଡ଼ିଆ ହୋଇପାରିବା, ଭାରତରେ ଜଣେ ସଚ୍ଚା ଭାରତୀୟ ହୋଇପାରିବା ଏବଂ ପୃଥିବୀ ମଧ୍ୟରେ ମଧ୍ୟ ଜଣେ ସଚ୍ଚା ମଣିଷ ହୋଇପାରିବା, ଏକାବେଳକେ ଅତ୍ୟନ୍ତ ବିରୋଧହୀନ ଭାବରେ ଆମେ ଏସବୁ ହୋଇପାରିବା, ଆମ ପରିଚୟର ନକ୍ସାଟି ସେତେବେଳେ ଯାଇ ସଂପୂର୍ଣ୍ଣ ହେବ ।

4R/2 Cancer ward Flats
Medical College.
Cuttack—753007





*With best compliments from :*

# ORISSA CEMENT LIMITED

## RAJAGANGPUR-770017

TELEX-0635 240

* *Leading Manufacturers of wide spectrum of highly sophisiticated World-Class REFRACTORIES Tailormade to suit Customer's requirements.*

*Also widely acclaimed are DCL's KONARK BRAND PORTLAND and RATH BRAND SLAG CEMENT packed in H. D. P. E. (Polythene) bag resistant to moisture & prone to minimum seepage of cement.*

*For quality and satisfactory performance insist on DCL products.*

ଭାରତ ବିଖ୍ୟାତ ପ୍ରାଣୀ ଉଦ୍ୟାନ

# ନନ୍ଦନକାନନରେ

ଭାରତର ବୃହତ୍ତମ ସିଂହ ସଫାରୀ ସହିତ ଦେଶ ବିଦେଶର ପଶୁ, ପକ୍ଷୀ ଓ ସରୀସୃପଙ୍କୁ ପ୍ରାକୃତିକ ପରିବେଶରେ ଦେଖନ୍ତୁ, କ୍ଷୁଦ୍ର ରେଳଗାଡ଼ିରେ ବୁଲନ୍ତୁ ଓ ନୌକାବିହାର କରନ୍ତୁ, ତାହା ସଙ୍ଗେ ସଙ୍ଗେ ବଣଭୋଜୀ କରି ଆନନ୍ଦରେ ଦିନଟି ଉପଭୋଗ କରନ୍ତୁ ।

(ସୋମବାର ଦିନ ନନ୍ଦନକାନନ ବନ୍ଦ ରୁହେ)

ଓଡ଼ିଶା ବନବିଭାଗ

# ସଂସ୍କୃତ ଭାଷା ଓ ସାହିତ୍ୟକୁ ଓଡ଼ିଶାର ଅବଦାନ

ଶ୍ରୀ ନୀଳମଣି ମିଶ୍ର

ସଂସ୍କୃତ ଭାଷାକୁ ଦେବଭାଷା ବୋଲି କୁହାଯାଇଛି । ବେଦ ଅପୌରୁଷେୟ ହେଉଥିବାରୁ, ବୈଦିକ ଭାଷାର ସ୍ରଷ୍ଟା ସ୍ୱୟଂ ବ୍ରହ୍ମା ବୋଲି କଥିତ ହୁଏ । ପରବର୍ତ୍ତୀକାଳରେ ପାଣିନି ଯାସ୍କ ଆଦି ମହର୍ଷିମାନେ ବୈଦିକ ଭାଷାକୁ ସମ୍ୟକ୍ ଭାବରେ ମାର୍ଜିତ କରି ସଂସ୍କୃତ ଭାଷାର ସୃଷ୍ଟି କରିଥିଲେ । ସେହି ଅନାଦି କାଳରୁ ଏ' ଭାଷା ବୃହତ୍ତର ଭାରତବର୍ଷରେ ଗୁଣୀ, ବିଦ୍ୱାନ ତଥା ଗବେଷକମାନଙ୍କ ଦ୍ୱାରା ଆଦୃତ ହୋଇ ଆସୁଛି ।

ସଂସ୍କୃତଭାଷା ପ୍ରାନ୍ତୀୟ ଭାଷାର ଜନନୀ । ପ୍ରତ୍ୟେକ ଆଞ୍ଚଳିକ ଭାଷା ( ଆଦିବାସୀଙ୍କ ଭାଷା ବ୍ୟତୀତ )ରେ ସଂସ୍କୃତ ଶବ୍ଦ ପରିପୂର୍ଣ୍ଣମାତ୍ରାରେ ରହିଛି । ଯେ କୌଣସି ଆଞ୍ଚଳିକ ଭାଷାରୁ ସଂସ୍କୃତ ଶବ୍ଦ ପୃଥକ କରି ଦେଲେ, ସେ ଭାଷା ଅନ୍ତଃସାର ଶୂନ୍ୟ ହୋଇଯିବ ।

ଦିନେ ହୁଏତ ସଂସ୍କୃତ ଭାଷା ରାଜଭାଷା ରୂପେ ସମଗ୍ର ଭାରତରେ ଆଦୃତ ହୋଇଥିଲା । ପ୍ରତ୍ୟେକ ଅଞ୍ଚଳର ବିଦ୍ୱାନ୍‌ମାନେ ସଂସ୍କୃତ ଭାଷାରେ କାବ୍ୟ, ନାଟକ, ଅଳଙ୍କାର, ଦର୍ଶନ, ଜ୍ୟୋତିଷ, ଧର୍ମଶାସ୍ତ୍ର, ଅଭିଧାନାଦି ଗ୍ରନ୍ଥଲେଖି ସଂସ୍କୃତଭାଷା ଓ ସାହିତ୍ୟକୁ ସମୃଦ୍ଧ କରିଥିଲେ ।

ଆଲୋଚନାରୁ ଜଣାଯାଏ—ଓଡ଼ିଶାର ବିଦ୍ୱାନମାନେ ସର୍ବଭାରତୀୟ ବିଦ୍ୱାନ୍‌ମାନଙ୍କ ସହିତ କାନ୍ଧକୁ କାନ୍ଧ ମିଶାଇ ସଂସ୍କୃତ ଭାଷା ଓ ସାହିତ୍ୟର ଅଭ୍ୟୁତ୍‌ଥାନ ଲାଗି ଯେଉଁ ଯୋଗଦାନ ଦେଇଥିଲେ ତା'ର ପଟାନ୍ତର ନାହିଁ । ବୈଦିକ ଯୁଗରୁ ଆରମ୍ଭକରି ଊନବିଂଶ ଶତାବ୍ଦୀର ଶେଷାର୍ଦ୍ଧ ପର୍ଯ୍ୟନ୍ତ ଓଡ଼ିଶାର ବିଦ୍ୱାନ୍‌ମାନେ ବିଭିନ୍ନ ବିଭାଗରେ ବହୁଗ୍ରନ୍ଥ ଲେଖି ସଂସ୍କୃତଭାଷା ଓ ସାହିତ୍ୟକୁ ସମୃଦ୍ଧ କରିଛନ୍ତି । ସେ ସମ୍ବନ୍ଧରେ ଆଜିସୁଦ୍ଧା ଆଲୋଚନାରୁ ଯେତିକି ତଥ୍ୟ ଉପଲବ୍ଧି ହୁଏ ତାହାର ସଂକ୍ଷିପ୍ତ ବିବରଣୀ ନିମ୍ନରେ ପ୍ରଦତ୍ତ ହେଲା:—

## ବୈଦିକ ସାହିତ୍ୟ

ଓଡ଼ିଶାରେ ଋକ୍‌ବେଦର ସଂହିତା ଗ୍ରନ୍ଥ ବେଶୀ ସଂଖ୍ୟାରେ ମିଳୁନାହିଁ । ତା' ବ୍ୟତୀତ ଅନ୍ୟାନ୍ୟ ତିନିଗୋଟି 'ବେଦର ମନ୍ତ୍ର ବ୍ରାହ୍ମଣ, ଆରଣ୍ୟକ ଓ ଉପନିଷଦ୍ ଆଦି ଗ୍ରନ୍ଥ ଓଡ଼ିଶାରେ ବହୁ ସଂଖ୍ୟାରେ ମିଳୁଛି । ଅଥର୍ବ ବେଦର ପୈପ୍ପଲାଦଶାଖା ସମ୍ବନ୍ଧୀୟ 'ମନ୍ତ୍ର ପୋଥି ଭାରତର ଅନ୍ୟାନ୍ୟ ଅଞ୍ଚଳରେ ମିଳୁ ନଥିବା ବେଳେ ଓଡ଼ିଶାରୁ ଏହି ମନ୍ତ୍ର ପୋଥି ବହୁସଂଖ୍ୟାରେ ଉପଲବ୍ଧ ହୁଏ । କେବଳ ସେତିକି ନୁହେଁ, ଆଥର୍ବଣୀୟ ଉପନିଷଦ ମଧ୍ୟ ଆମ ରାଜ୍ୟରେ ବହୁସଂଖ୍ୟାରେ ମିଳୁଛି ଏବଂ ତନ୍ମଧ୍ୟରୁ କେତେକ ଅଦ୍ୟାପି ଲୋକଲୋଚନର ଗୋଚରକୁ ଆସି ନାହିଁ ।

ସେହି ଭଳି ଯଜୁର୍ବେଦୀୟ କେତେ ଖଣ୍ଡି ବ୍ରାହ୍ମଣ ଗ୍ରନ୍ଥ ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ମିଳୁଛି, ଯାହାର ପ୍ରଚାର ଓ ପ୍ରସାର ଭାରତର ଅନ୍ୟତ୍ର ହୋଇ ପାରି ନାହିଁ । ବିଶେଷତଃ ଯଜୁର୍ବେଦ ଉପରେ ପ୍ରସ୍ତୁତ ସାୟଣଭାଷ୍ୟର ଉତ୍ତରାର୍ଦ୍ଧ ଭାରତର ଅନ୍ୟାନ୍ୟ ଅଞ୍ଚଳରେ ଆଦୌ ମିଳୁ ନଥିବା ବେଳେ ଓଡ଼ିଶାରୁ କେତେ ଖଣ୍ଡି ପୋଥି ମିଳି ପାରିଛି ଏବଂ ରାଜ୍ୟ ସଂଗ୍ରହାଳୟର ପୋଥିକୁ ଅବଲମ୍ବନ କରି ବାରାଣସେୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ପକ୍ଷରୁ ଯଜୁର୍ବେଦର ସାୟଣ ଭାଷ୍ୟ ଏବଂ କଲିକତା ସଂସ୍କୃତ ମହାବିଦ୍ୟାଳୟ ପକ୍ଷରୁ ପୈପ୍ପଲାଦ ସଂହିତା ପ୍ରକାଶ ପାଇଛି । ଏଥିରୁ ମନେ ହୁଏ ଓଡ଼ିଆ ବିଦ୍ୱାନ୍‌ମାନଙ୍କ ଦ୍ୱାରା ବୈଦିକ ସାହିତ୍ୟର ଚର୍ଚ୍ଚା ବହୁଳ ଭାବରେ ହେଉଥିଲା ।

## ତନ୍ତ୍ର

ଭାରତୀୟ ତନ୍ତ୍ର ସାହିତ୍ୟକୁ ଉତ୍କଳର ଅବଦାନ ମଧ୍ୟ କମ୍ ନୁହେଁ । ଖ୍ରୀଷ୍ଟୀୟ ସପ୍ତମ-ଅଷ୍ଟମ ଶତାବ୍ଦୀରୁ ଏ' ଦେଶରେ ତନ୍ତ୍ରର ଚର୍ଚ୍ଚା ହୋଇ ଆସୁଛି । ବିଶେଷତଃ ତନ୍ତ୍ରଜଗତର ପ୍ରଥମ ପୀଠ 'ଓଡ୍ରପୀଠ' ବୋଲି କଥିତ ହେଉଛି । ପ୍ରାଚୀନ ତନ୍ତ୍ରଶାସ୍ତ୍ରମାନଙ୍କରେ 'ଓଡ୍ରାଖ୍ୟଂ ପ୍ରଥମଂପୀଠମ୍' ଏବଂ ବିରଜା ଭୈରବୀ ଯତ୍ର ଜଗନ୍ନାଥସ୍ତୁ ଭୈରବଃ' ବୋଲି ଉତ୍କଳର ସୁଖ୍ୟାତି ରହିଛି । ଆହୁରି ମଧ୍ୟ ଜଣାଯାଏ ଯେ, ତନ୍ତ୍ରର ପରିପ୍ରସାର ଫଳରେ ଓଡ଼ିଶାରେ ବିରଜା, ଭଦ୍ରକାଳୀ, ବିମଳା,

ଭଗବତୀ, ଚର୍ଚ୍ଚିକା, କୀଚକେଶ୍ୱରୀ, ମାଣିକେଶ୍ୱରୀ, ପାଟଣେଶ୍ୱରୀ, ସମଲେଇ, ବ୍ୟାଘ୍ରଦେବୀ ଆଦି, ବହୁସଂଖ୍ୟକ ଦେବୀପୀଠ ପ୍ରତିଷ୍ଠିତ ହୋଇଛି । ତଦ୍‌ବ୍ୟତୀତ 'ଉଡ୍ଡାମରେଶ୍ୱର ତନ୍ତ୍ର' ଭକ୍ତଭାସ୍ୱର, କୁମାରତନ୍ତ୍ର ପ୍ରଭୃତି ପ୍ରଖ୍ୟାତ ତାନ୍ତ୍ରିକ ଗ୍ରନ୍ଥ ଓଡ଼ିଶାରେ ଲିଖିତ ହୋଇଛି ।

ଖ୍ରୀଷ୍ଟୀୟ ଚତୁର୍ଦ୍ଦଶ ଶତାବ୍ଦୀର ପ୍ରଖ୍ୟାତ ପଣ୍ଡିତ ବିଦ୍ୟାକର ବାଜପେୟୀଙ୍କ 'ଶକ୍ତି ପ୍ରତିମା ପ୍ରତିଷ୍ଠା' ଗ୍ରନ୍ଥଟି ଅଦ୍ୟାପି ମୁଦ୍ରିତ ହୋଇ ନାହିଁ । ଏହା ବ୍ୟତୀତ ଉତ୍କଳୀୟ ବିଦ୍ୱାନ୍ ଗୋଦାବର ମିଶ୍ରଙ୍କ 'ଶାରଦା ଶରଦର୍ଚ୍ଚନ ପଦ୍ଧତି, ଯନ୍ତ୍ରଚିନ୍ତାମଣି, ତନ୍ତ୍ରଚିନ୍ତାମଣି, ବର୍ଦ୍ଧନ ମହାପାତ୍ରଙ୍କ 'ଦୁର୍ଗୋତ୍ସବ ଚନ୍ଦ୍ରିକା' ଦାମୋଦର ନନ୍ଦଙ୍କ ଉଗ୍ରତାରପଦ୍ଧତି, ଗଣେଶାସ୍ତ୍ରର ଚନ୍ଦ୍ରିକା, ରାମଚନ୍ଦ୍ର ଉଦ୍‌ଗାତାଙ୍କ 'ତାରିଣୀକୂଳ ସୁଧାତରଙ୍ଗିଣୀ', ଜଗନ୍ନାଥ ଆଶ୍ରମଙ୍କ ଦୁର୍ଗାଯଜନଦୀପିକା', ପଣ୍ଡିତ ଲକ୍ଷେଶ୍ୱର ରଥଙ୍କ 'ଜ୍ଞାନବଲ୍ଲୀ ତନ୍ତ୍ର' ଓ 'ଶିବାର୍ଚ୍ଚନ ପଦ୍ଧତି', ପୁରୁଷୋତ୍ତମ ଦେବଙ୍କ ଭୁବନେଶ୍ୱରୀ ପଲ୍ଲବ', ରଘୁନାଥ ଦାସଙ୍କ 'ବନଦୁର୍ଗା ପୂଜା' ଏବଂ ମହା-ମହୋପାଧ୍ୟାୟଙ୍କ 'ଶ୍ରୀବିଦ୍ୟାପଦ୍ଧତି' ପ୍ରଭୃତି ବହୁ ତନ୍ତ୍ରଗ୍ରନ୍ଥ ଓଡ଼ିଶାରେ ଲିଖିତ ହୋଇଥିବାର ପ୍ରମାଣ ଉପଲବ୍ଧ ହୁଏ ।

## ଧର୍ମଶାସ୍ତ୍ର

ସଂସ୍କୃତ ସ୍ମୃତିଶାସ୍ତ୍ର ବା ଧର୍ମଶାସ୍ତ୍ର ରଚନାରେ ଉତ୍କଳୀୟ ବିଦ୍ୱାନ୍‌ମାନଙ୍କ ଖ୍ୟାତି ଖ୍ରୀଷ୍ଟୀୟ ପଞ୍ଚମ ଷଷ୍ଠ ଶତାବ୍ଦୀରୁ ସମଗ୍ର ଭାରତବର୍ଷରେ ପରିବ୍ୟାପ୍ତ ହୋଇଛି । ବିଶେଷତଃ ଖ୍ରୀ: ଅ: ୧୦୯୯ରେ ବିଦ୍ୱାନ୍ ଶତାନନ୍ଦ ଆଚାର୍ଯ୍ୟ ସ୍ମୃତିଗ୍ରନ୍ଥ ରଚନାର ପରଂପରା ସୃଷ୍ଟି କରି ଯାଇଛନ୍ତି । ତାଙ୍କ ପରେ ଭାରତୀୟ

ସ୍ମୃତିଗ୍ରନ୍ଥର ଉନ୍ନତି କଳ୍ପେ ଯେଉଁ କେତେଜଣ ଉତ୍କଳୀୟ ବିଦ୍ୱାନ୍ ଲେଖନୀ ଚାଳନା କରିଥିଲେ ସେମାନଙ୍କ ମଧ୍ୟରେ ବାଜପେୟୀ ଶମ୍ଭୁକର ମିଶ୍ର, ବିଦ୍ୟାକର ମିଶ୍ର, ଜଗନ୍ନାଥ ମିଶ୍ର, ଓ ରାମଚନ୍ଦ୍ର ବାଜପେୟୀଙ୍କ ନାମ ବହୁ ଚର୍ଚ୍ଚିତ ଓ ବହୁ କୀର୍ତ୍ତିତ । ସମ୍ଭୁକର ବାଜପେୟୀ କୋଣାର୍କ ମନ୍ଦିରର ପ୍ରତିଷ୍ଠାତା ନରସିଂହ ଦେବଙ୍କ ଠାରୁ ଦାନନେବା ପାଇଁ ପ୍ରତ୍ୟାଖ୍ୟାନ କରି ରାଜ କୋପର ଶିକାର ହୋଇଥିଲେ । ସେହି ଅଭିମାନରେ ପଣ୍ଡିତ ଶମ୍ଭୁକର ସ୍ୱଦେଶ ତ୍ୟାଗ କରି ଦୀର୍ଘ ତିରିଶ ବର୍ଷ କାଳ କାଶୀରେ ରହି ପ୍ରଚଣ୍ଡ ପ୍ରତିଭାର ଅଧିକାରୀ ହୋଇଥିଲେ । ତାଙ୍କ ପୁତ୍ର ବିଦ୍ୟାକର, ନାତି ଜଗନ୍ନାଥ ଓ ଶିଷ୍ୟ ରାମଚନ୍ଦ୍ର ମଧ୍ୟ ତାଙ୍କରି ପରି ବିଦ୍ୱତାର ଅଧିକାରୀ ରୂପେ ସର୍ବ-ଭାରତୀୟ ସ୍ତରରେ ସୁଖ୍ୟାତି ଅର୍ଜନ କରିଥିଲେ ।

ଓଡ଼ିଶାର ଗଜପତି ଶାସକଙ୍କ ଅମଳରେ ବହୁ ବିଦ୍ୱାନ୍ ଲେଖନୀ ଚାଳନା କରି ଭାରତୀୟ ସ୍ମୃତି ଶାସ୍ତ୍ରକୁ ସମୃଦ୍ଧ କରିଥିଲେ । ସେମାନଙ୍କ ମଧ୍ୟରେ ମନ୍ତ୍ରୀବର ରାଜଗୁରୁ ଗୋଦାବର ମିଶ୍ର ପ୍ରତାପରୁଦ୍ରଙ୍କ ଶାସନ କାଳରେ 'ଚିନ୍ତାମଣି' ଶୀର୍ଷକ ଅଠର ଖଣ୍ଡି ଗ୍ରନ୍ଥ ଲେଖିବା ସଙ୍ଗେ ସଙ୍ଗେ ରାଜଗୁରୁ ଆସନରେ ଆସୀନ ହୋଇଥିଲେ । ତାଙ୍କ ଲିଖିତ ଗ୍ରନ୍ଥ ମାନଙ୍କରୁ ନିମ୍ନଲିଖିତ ମତେ ପ୍ରଶସ୍ତି ଥିବାର ଦେଖାଯାଏ—

"ଶ୍ରୀମନ୍ ହାସକାଧୀଶ୍ୱର ଗଜପତି ପ୍ରତାପରୁଦ୍ରଦେବ ସହସ୍ତଧାରିତ କନକକେଶରି ଚତୁଷ୍କପାବେଷ୍ଟିତ ଶାତକୁମ୍ଭମୟ କୁମ୍ଭସମ୍ଭୃତ ମେଘାଡ଼ମ୍ବରାଭିଧାନ ସିତାତପତ୍ର ଶୋଭମାନ କବିପୁଙ୍ଗବ ପଣ୍ଡିତବର ରାଜଗୁରୁ ବାଜପେୟଯାଜି ଶରତ୍‌ପୁଣ୍ଡରୀକଯାଜି ସର୍ବତୋମୁଖଯାଜି ସାମହରିକଯାଜି ମନ୍ତ୍ରୀବର ଗୋଦାବରୀବର୍ଦ୍ଧନ ଗୋଦାବରମିଶ୍ର..."

'ମାଦଳାପାଞ୍ଜି' ଆଦି ପ୍ରାଚୀନ ପୁସ୍ତକରୁ ଜଣାଯାଏ, ଏକଦା ଅସମୟରେ ଗୋଦାବରୀ ନଦୀରେ ବନ୍ୟା ସୃଷ୍ଟି କରାଇ ସେ 'ଗୋଦାବରୀ ବର୍ଦ୍ଧନ' ଉପାଧିରେ ଭୂଷିତ ହୋଇଥିଲେ । ତାଙ୍କ ଲିଖିତ 'ଆଗ୍ନ୍ଵର ଚିନ୍ତାମଣି' 'ନୀତିଚିନ୍ତାମଣି' ସାମୁଦ୍ରିକ କାମଧେନୁ ଆଦି ଗ୍ରନ୍ଥ ଅଦ୍ୟାପି ପ୍ରକାଶ ପାଇନାହିଁ ।

ଗଜପତି ପ୍ରତାପରୁଦ୍ର ଦେବଙ୍କ ନାମରେ ରଚିତ 'ସରସ୍ୱତୀବିଳାସ' 'ପୌଢ଼ ପ୍ରତାପ ମାର୍ତ୍ତଣ୍ଡ' ଆଦି ସ୍ମୃତି ସାହିତ୍ୟର ଖଣ୍ଡିଏ ଖଣ୍ଡିଏ ଉପାଦେୟ ଗ୍ରନ୍ଥ ।

ଗଜପତି ମୁକୁନ୍ଦଦେବଙ୍କ ସଭା କବି ତଥା ଗୋଦାବରୀ ମିଶ୍ରଙ୍କ ବଂଶଧର ମହାମହୋପାଧ୍ୟାୟ ନରସିଂହ ମିଶ୍ର 'ବର୍ଣ୍ଣ ପ୍ରଦୀପ', 'ପ୍ରାୟଶ୍ଚିତ ପ୍ରଦୀପ', 'ଶ୍ରାଦ୍ଧପ୍ରଦୀପ', 'ପ୍ରତିଷ୍ଠା ପ୍ରଦୀପ' ପ୍ରଭୃତି 'ପ୍ରଦୀପ' ଶୀର୍ଷକ ଅଠର ଖଣ୍ଡି ଗ୍ରନ୍ଥ ରଚନା କରି ସ୍ୱଦେଶ ତଥା ସର୍ବ ଭାରତୀୟ ସ୍ତରରେ ପ୍ରଖ୍ୟାତି ଅର୍ଜନ କରିଥିଲେ ।

ନିମ୍ନୋକ୍ତ ଶ୍ଳୋକ ତିନିଟିରୁ ଜଣାଯାଏ ଯେ, ନରସିଂହ ମିଶ୍ର ପ୍ରଖ୍ୟାତ ମୀମାଂସକ, ନୈୟାୟିକ ତଥା ସ୍ମୃତିଶାସ୍ତ୍ରବିତ୍ ଥିଲେ ଏବଂ ଦିଲ୍ଲୀ ଦରବାରରେ (ବାଦ୍‌ଶାହ୍ ଆକବରେ) ପ୍ରଶଂସିତ ହୋଇଥିଲେ ।

"ବିଜିତ୍ୱ ବାଦେନ ସଭାନ୍ତରାଳେ ତଂ ଗୌଡ଼ଦେଶାଗତତାର୍କିକେନ୍ଦ୍ରମ୍
ମୁକୁନ୍ଦଭୂମିନୃପତେ ର୍ଜଗାମ ନାନା ବିଧାନୁଗ୍ରହ ପାତ୍ରତାଂ ଯଃ ॥

× × × ×

ମୀମାଂସକାନାଂ ଧୁରି କୀର୍ତ୍ତନୀୟୋ
ବେଦାନ୍ତବେଦୀ ସୁକବିଃ ସ୍ମୃତିଜ୍ଞଃ ।
ବିଦ୍ୟାସୁ ଯୋଅଷ୍ଟାଦଶସୁ ପ୍ରଦୀପଂ
ନିର୍ମାୟ ଯୋଗେନ ଜଗାମ ସିଦ୍ଧିମ୍ ॥

ଦିଲ୍ଲୀଶ୍ୱରଂ ଯଃ ପରିତୋଷ୍ୟ ବାଗ୍‌ଭିଃ
ବିଦ୍ୟାଭିରଷ୍ଟାଦଶଭିଃ ପ୍ରବୀଣଃ
ମୁକୁନ୍ଦ ଦେବସ୍ୟ ପ୍ରଶସ୍ତବାଚଃ
ସମାନୟତ୍ ସର୍ବଜନସ୍ୟ ମଧ୍ୟେ ॥

ସ୍ମୃତିଶାସ୍ତ୍ର ରଚନାରେ ଆଉ ଯେଉଁ ପ୍ରଖ୍ୟାତ ଓଡ଼ିଆ ପଣ୍ଡିତଗଣ ସର୍ବଭାରତୀୟ ସ୍ତରରେ ସୁଖ୍ୟାତି ଅର୍ଜନ କରିଥିଲେ, ସେମାନେ ହେଲେ—ବିଶ୍ୱନାଥମିଶ୍ର, ଦିବ୍ୟସିଂହ ମହାପାତ୍ର, ରଘୁନାଥ ଦାଶ, କୃଷ୍ଣମିଶ୍ର ଓ ଗଦାଧର ରାଜଗୁରୁ ଆଦି ।

## କାବ୍ୟନାଟକାଳଂକାର

ମହାକବି କାଳିଦାସ, ଭବଭୂତି, ଭାରବି, ମାଘ ପ୍ରଭୃତି କବି କୋବିଦଗଣ ସଂସ୍କୃତି କାବ୍ୟ ସାହିତ୍ୟକୁ ସମୃଦ୍ଧ କରିଛନ୍ତି । ଏହି କାବ୍ୟଗୁଡ଼ିକ ପାଇଁ ଭାରତୀୟ ବିଦ୍ୱାନ୍‌ମାନେ ପାଶ୍ଚାତ୍ୟ ପଣ୍ଡିତଙ୍କ ଦୃଷ୍ଟିରେ ଉନ୍ନତ ହୋଇ ପାରିଥିଲେ । ଭାରତର ଅନ୍ୟାନ୍ୟ ଅଞ୍ଚଳରେ ସଂସ୍କୃତ ସାହିତ୍ୟର ପ୍ରଭୂତ ଚର୍ଚ୍ଚା ଚାଲିଥିବା ସମୟରେ ଓଡ଼ିଆ ବିଦ୍ୱାନ୍‌ମାନେ ମଧ୍ୟ ସ୍ୱ ସ୍ୱ ପ୍ରତିଭାର ପରାକାଷ୍ଠା ପ୍ରଦର୍ଶନ କରିଥିଲେ ।

ଆଲୋଚନାରୁ ଜଣାଯାଏ—ସଂସ୍କୃତ ଜଗତରେ ସୁପ୍ରସିଦ୍ଧ କଥାକାବ୍ୟ 'ପଞ୍ଚତନ୍ତ୍ର'ର ପ୍ରଣେତା ବିଷ୍ଣୁଶର୍ମା କଳିଙ୍ଗର ମାଠର ବଂଶୀୟ ରାଜା ଶକ୍ତିବର୍ମାଙ୍କ ରାଜସଭାରେ ଥାଇ, ତାଙ୍କପୁତ୍ର ଅନନ୍ତ ଶକ୍ତିବର୍ମାଙ୍କୁ ପାଠ ପଢ଼ାଇବାବେଳେ, ରାଜପୁତ୍ରଙ୍କ ମନବିନୋଦନ ନିମିତ୍ତ ପଶୁପକ୍ଷୀଙ୍କ କାହାଣୀରେ ପରିପୂର୍ଣ୍ଣ 'ପଞ୍ଚତନ୍ତ୍ର' ରଚନା କରିଥିଲେ ।

ସେହି ଯୁଗରୁ ଅର୍ଥାତ୍ ଖ୍ରୀଷ୍ଟୀୟ ପଞ୍ଚମ ଷଷ୍ଠ ଶତାବ୍ଦୀରୁ ଆରମ୍ଭକରି ଊନବିଂଶ ଶତାବ୍ଦୀ ଯାଏ ବହୁ ଓଡ଼ିଆ ବିଦ୍ୱାନ୍ ସଂସ୍କୃତ କାବ୍ୟ, ନାଟକ, ଚମ୍ପୂ, ଖଣ୍ଡକାବ୍ୟ ତଥା ଅଳଙ୍କାର ଗ୍ରନ୍ଥ ରଚନାରେ ଦକ୍ଷତା ପ୍ରଦର୍ଶନ କରିଥିଲେ ହେଁ ଅଦ୍ୟାପି ସର୍ବଭାରତୀୟ ତାଲିକାରେ ସେମାନଙ୍କ ନାମ ଦେଖିବାକୁ ମିଳେନାହିଁ । କିନ୍ତୁ ବିଦ୍ୱତ୍ତାରେ ସେମାନେ ଆଦୌ ନ୍ୟୂନ ନଥିଲେ ।

'ଅନର୍ଘରାଘବ ନାଟକ' ସଂସ୍କୃତ ନାଟକ ମଧ୍ୟରେ ଖଣ୍ଡିଏ ଅତ୍ୟନ୍ତ ଉପାଦେୟ ଗ୍ରନ୍ଥ । ଭାସ ଓ ଭବଭୂତିଙ୍କପରେ ରାମାୟଣୀୟ ବିଷୟବସ୍ତୁକୁ ନେଇ ନାଟକ ରଚନାରେ ଦକ୍ଷତା ପ୍ରଦର୍ଶନ କରିଥିଲେ ମୁରାରି ମିଶ୍ର । ସେ 'ଅନର୍ଘରାଘବ ନାଟକ'ର ପ୍ରଥମ ପ୍ରଦର୍ଶନ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କର କୌଣସି ଏକ ଯାତ୍ରାରେ କରାଇଥିଲେ । ଖୁବ୍ ସମ୍ଭବତଃ ବହୁଜନସମାଗମ ହେଉଛି—ରଥଯାତ୍ରା । ମୁରାରିକବି 'ଅନର୍ଘରାଘବ'ର ଅଭିନୟ କରାଇବା ଇଚ୍ଛାରେ ସୂତ୍ରଧାର ମୁଖରେ କହିଛନ୍ତି—"ଭୋ ଭୋ ଲବଣୋଦବେଳାବଳାଳୀ ତମାଳତରୁ କନ୍ଦଳସ୍ୟ ତ୍ରିଭୁବନ ମୌଳିମଣ୍ଡନ ମହାନୀଳମଣେଃ କମଳାକୁଚକଳସ କସ୍ତୁରିକା ପତ୍ରାଙ୍କୁରସ୍ୟ ଭଗବତପୁରୁଷୋତ୍ତମସ୍ୟ ଯାତ୍ରାୟଂ......

ଅନ୍ୟଜଣେ ପ୍ରଖ୍ୟାତ ଓଡ଼ିଆ ନାଟ୍ୟକାର ହେଉଛନ୍ତି 'ପ୍ରବୋଧଚନ୍ଦ୍ରୋଦୟ' ନାଟକର ପ୍ରଣେତା କୃଷ୍ଣମିଶ୍ର । ନାଟ୍ୟକାର କୃଷ୍ଣମିଶ୍ର 'ପ୍ରବୋଧ ଚନ୍ଦ୍ରୋଦୟ' ପରି ଏକ ଦାର୍ଶନିକ ବିଷୟବସ୍ତୁ ପରିପୂର୍ଣ୍ଣ ନାଟକକୁ କାଶୀରାଜ କୀର୍ତ୍ତିବର୍ମାଙ୍କ ଦରବାରରେ ପ୍ରଦର୍ଶନ କରିଥିଲେ । ଏକାଦଶ ଶତାବ୍ଦୀର ଓଡ଼ିଆ ବିଦ୍ୱାନ୍ କୃଷ୍ଣମିଶ୍ର ସ୍ୱରଚିତ ନାଟକରେ ନିଜର ପରିଚୟଦେଇ ଲେଖିଛନ୍ତି—ଅହଂ ଉତ୍କଳ ଦେଶାଦ୍‌ଆଗତୋସ୍ମି । ଅସ୍ତି ତତ୍ର ସାଗରତୀର ସଂନିବେଶେ ପୁରୁଷୋତ୍ତମ ଶର୍ବ୍ଦିତଂ ଦେବାୟତନମ୍............

ପ୍ରସିଦ୍ଧ 'ନୈଷଧୀୟ ଚରିତ'ର କବି ଶ୍ରୀହର୍ଷ ଉତ୍କଳୀୟ ଥିଲେ ବୋଲି ବହୁ ଗବେଷକ ମତପ୍ରଦାନ କରିଛନ୍ତି । ନୈଷଧୀୟ ଚରିତରେ କଳିଙ୍ଗ ଓ ଉତ୍କଳ ରାଜାଙ୍କ କୀର୍ତ୍ତି ବର୍ଣ୍ଣନାର ବୈଶିଷ୍ଟ୍ୟ ଶ୍ରୀ ଜଗନ୍ନାଥଙ୍କ ସ୍ନାନ ଯାତ୍ରାର ଉଲ୍ଲେଖ, ନଳନାମକ ଘାସ (ଯାହାକି କେବଳ ଚିଲିକାରେ ମିଳିଥାଏ), ଭୋଜିଘରେ ଓଡ଼ିଆ ଘରର ଖାନା ପିନା, କଉଡ଼ି ଖେଳ ତଥା ଓଡ଼ିଶାରେ ନଳବଂଶର ବିକାଶ ଆଦିରୁ ଶ୍ରୀ ହର୍ଷ କବିଙ୍କୁ ଉତ୍କଳୀୟ ବୋଲି ଅନୁମାନ କରାଯାଏ ।

କବିକୁଳମଉଡ଼ମଣି ଆଚାର୍ଯ୍ୟ ଜୟଦେବ ପୁରୀଜିଲ୍ଲା ପ୍ରାଚୀନଦୀ ତଟବର୍ତ୍ତୀ କେନ୍ଦୁଳୀଗ୍ରାମରେ ପିତା ଭୋଜଦେବ ମାତା ବାମା ଦେବୀଙ୍କ କ୍ରୋଡ଼ମଣ୍ଡନକରି ଜନ୍ମଗ୍ରହଣ କରିଥିଲେ । ସେ 'ଗୀତଗୋବିନ୍ଦ' ରଚନାକରି ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କୁ ପରିତୋଷ କରାଇଥିଲେ । ଏ ସମ୍ବନ୍ଧରେ ମୈଥିଳ କବି ଚନ୍ଦ୍ରଦତ୍ତ ତାଙ୍କ 'ଭକ୍ତମାଳା' ପୁସ୍ତକରେ ଲେଖିଛନ୍ତି—

"ଜଗନ୍ନାଥ ପୁରୀପ୍ରାନ୍ତେ
ଦେଶେ ବୈ ସ୍ୱେତ୍‌କଳାଭିଧେ,
କିନ୍ଦୁବିଲ୍ୱ ଇତି ଖ୍ୟାତୋ
ଗ୍ରାମୋ ବ୍ରାହ୍ମଣସଙ୍କୁଳଃ ।
ତତ୍ରୋତ୍କଳକଲେ ଦ୍ୱିଜୋ ଜାତୋ
ଜୟଦେବ ଇତି ଶ୍ରୁତଃ ।
ବିଦ୍ୟାଭ୍ୟାସରତଃ ଶାନ୍ତଃ
ପୁରୁଷୋତ୍ତମ ପୂଜକଃ" ॥
ତଦାରଭ୍ୟାତିଭକ୍ତ୍ୟା ବୈ
ପତ୍ନ୍ୟା ସହ ହରିଂ ଭଜନ୍ ।
ଗାୟନ୍ ବୈ ଗୀତଗୋବିନ୍ଦଂ
ତୋଷୟା ମାସ କେଶବମ୍ ।
ନିର୍ମାୟ ଗୀତ ଗୋବିନ୍ଦଂ
ପୁସ୍ତକଂ ପୁରୁଷୋତ୍ତମେ ।
ନିବେଦ୍ୟ କୃତ କୃତ୍ୟୋହଭୂତ୍ ।
ଜୟଦେବୋ ମହାମନାଃ ॥"

ଉତ୍କଳର ମହାନ କବି, ସାଧୁ ପ୍ରଧାନ, ଜୟଦେବ ଆଚାର୍ଯ୍ୟଙ୍କ 'ଗୀତ ଗୋବିନ୍ଦ' ମହାକାବ୍ୟର ଅବଲମ୍ବନରେ କବିଚନ୍ଦ୍ର ରାୟ ଦିବାକର ମିଶ୍ର, ଅଭିନବ ଗୀତ ଗୋବିନ୍ଦ', ବୌଦ ରାଜା ନାରାୟଣ ଭଞ୍ଜ 'ରୁକ୍ମିଣୀ ପରିଣୟ ମହାକାବ୍ୟ', ରାୟ ରାମାନନ୍ଦ ପଟ୍ଟନାୟକ 'ଶ୍ରୀ ଜଗନ୍ନାଥ ବଲ୍ଲଭ', 'ରଘୁଉତ୍ତମତୀର୍ଥ ମୁକୁନ୍ଦ ବିଳାସ', ଅଭିନବ ନିତ୍ୟାନନ୍ଦ 'ଶ୍ରୀ ଶିବଲୀଳାମୃତ' ଓ ଶ୍ରୀକୃଷ୍ଣଲୀଳାମୃତ', ରାମଚନ୍ଦ୍ର ଖଡ଼ଗରାୟ । ନବହରି ଚରିତ' କବିଚନ୍ଦ୍ର କମଳ ଲୋଚନ ଖଡ଼୍ଗରାୟ 'ଗୀତ ମୁକୁନ୍ଦ' ଶତଂଜୀବ ମିଶ୍ର 'ମୁଦିତ ମାଧବ' ଓ ଲିଙ୍ଗରାଜ ରଥ 'ଗୀତ ସୀତା ବଲ୍ଲଭ' ଶୀର୍ଷକ ଗୀତ କାବ୍ୟ ରଚନା କରିଥିଲେ । ପ୍ରତ୍ୟେକ 'ଗୀତ ଗୋବିନ୍ଦର କାନ୍ତ କୋମଳ ପଦାବଳୀ' ସୁଗେୟ ଛନ୍ଦ ଯୋଜନାର ଅନୁକରଣ କରି ଜୟଦେବଙ୍କ ପରଂପରାକୁ ଅକ୍ଷୁର୍ଣ୍ଣ ରଖିଛନ୍ତି ।

ତଦ୍‌ବ୍ୟତୀତ 'ଗୀତଗୋବିନ୍ଦ' ମହାକାବ୍ୟର କଥାବସ୍ତୁ, ତଥା ସରସ ସାବଲୀଳ ପଦ ଯୋଜନାର ଅନୁକରଣ କରି ଜୀବଦେବଙ୍କ ପୁତ୍ର ଜୟଦେବ (୨ୟ) 'ପୀୟୂଷଲହରୀ', ହରେକୃଷ୍ଣ କବିରାଜ 'ଶ୍ରୀରାଧା ବିଳାସ ମହାକାବ୍ୟ, ଅନାଦି-ମିଶ୍ର 'କୃଷ୍ଣକେଳୀତରଙ୍ଗିଣୀ' ଓ ରାସପୋଷୀରୂପକ', କବି-ଭୂଷଣ ଗୋବିନ୍ଦ ସାମନ୍ତରାୟ 'ସମ୍ଭ୍ରମମାଧବ ନାଟକ, କମଳ-ଲୋଚନ ଖଡ଼୍ଗରାୟ 'ବ୍ରଜଯୁବ ବିଳାସ' ମହାକାବ୍ୟ ପ୍ରଭୃତି କାବ୍ୟ ନାଟକ ରଚନା କରିଥିଲେ ।

ଖ୍ରୀଷ୍ଟୀୟ ଚତୁର୍ଦ୍ଦଶ ଓ ପଞ୍ଚଦଶ ଶତାବ୍ଦୀରେ 'କପିଞ୍ଜଳ' ଗୋତ୍ରଜ ତଥା ଓଡ଼ିଶାର ପ୍ରସିଦ୍ଧ ସାନ୍ଧି ବିଗ୍ରହିକ ବଂଶର ଦାୟାଦମାନଙ୍କ ମଧ୍ୟରୁ ନାରାୟଣ ଦାସ 'ସର୍ବାଙ୍ଗ ସୁନ୍ଦରୀ ଟୀକା' ମହାମହୋପାଧ୍ୟାୟ ଚଣ୍ଡିଦାସ 'କାବ୍ୟପ୍ରକାଶ ଦୀପିକା' ଓ ଧ୍ୱନି ସିଦ୍ଧାନ୍ତ ସଂଗ୍ରହ' ଭୁବନାନନ୍ଦ ସାନ୍ଧିବିଗ୍ରହିକ 'ଅନ୍ୟାପଦେଶ ଶତକ', କୃଷ୍ଣାନନ୍ଦ ମହାପାତ୍ର 'ସହୃଦୟାନନ୍ଦ ମହାକାବ୍ୟ', ଚନ୍ଦ୍ରଶେଖର ସାନ୍ଧି ବିଗ୍ରହିକ ମହାପାତ୍ର 'ପୁଷ୍ପମାଳା' ଓ ଭାଷାର୍ଣ୍ଣବ', ରାଘବାନନ୍ଦ ସାନ୍ଧିବିଗ୍ରହିକ ମହାପାତ୍ର 'ଭଷାପରିଣୟ ଓ ଛନ୍ଦୋବିବେକ' ପ୍ରଭୃତି ଉପାଦେୟ ସଂସ୍କୃତ କାବ୍ୟ, ନାଟକ,

ଛନ୍ଦଃ, ଅଳଙ୍କାର ଓ ଟୀକାଗ୍ରନ୍ଥମାନ ରଚନା କରିଥିଲେ ।

ପଣ୍ଡିତ ରାଘବାନନ୍ଦ ମହାପାତ୍ର, ଜୟଦେବଙ୍କ 'ଗୀତଗୋବିନ୍ଦ'ରେ ବର୍ଣ୍ଣିତ "ବେଦାନୁଦ୍ଧରତେ..........." ଶ୍ଳୋକର ଅବଲମ୍ବନରେ ଗୋଟିଏ ଶ୍ଳୋକରେ ଦଶଅବତାରର ବର୍ଣ୍ଣନା କରିଛନ୍ତି–

'ଯସ୍ୟାଲୀୟତ ଶଲ୍କସୀମ୍ନି ଜଳଧିଃ ପୃଷ୍ଠେଜଗନ୍ମଣ୍ଡଳଂ
ଦଂଷ୍ଟ୍ରାୟାଂ ଧରଣୀ ନଖେ ଦିତିସୁତାଧୀଶଃ ପଦେ ରୋଦସୀ ।

କ୍ରୋଧେ କ୍ଷତ୍ରଗଣଃ ଶରେ ଦଶମୁଖଃ ପାଣୌ ପ୍ରଲମ୍ବାସୁରଃ
ଧ୍ୟାନେ-ବିଶ୍ୱମସାବଧାର୍ମିକ କୁଳଂ କସ୍ମୈଚିଦସ୍ମୈ ନମଃ' ॥

ଏହି 'କପିଞ୍ଜଳ' କୁଳରେ ଜନ୍ମଗ୍ରହଣ କରିଥିଲେ– ବିଶ୍ୱବିଖ୍ୟାତ କବିରାଜ ବିଶ୍ୱନାଥ ମହାପାତ୍ର । ତାଙ୍କ ରଚିତ 'ସାହିତ୍ୟ ଦର୍ପଣ' ଗ୍ରନ୍ଥ ଓ 'ଚନ୍ଦ୍ରକଳା' ନାଟିକା ବର୍ତ୍ତମାନ ସୁଦ୍ଧା ପ୍ରକାଶ ପାଇଛି । ସେଥିରେ ଏକା ଧାରରେ "ସାହିତ୍ୟାର୍ଣ୍ଣବ କର୍ଣ୍ଣଧାର, ଧ୍ୱନିପ୍ରସ୍ଥାପନ ପରମାଚାର୍ଯ୍ୟ, କବିସୂକ୍ତି ରତ୍ନାକର ଓ ଅଷ୍ଟାଦଶଭାଷାବାର ବିଳାସିନୀ ଭୁଜଙ୍ଗ" । ଆଲୋଚନାରୁ ଜଣାଯାଏ–ତାଙ୍କରଚିତ 'ନରସିଂହ ବିଜୟକାବ୍ୟ', ପ୍ରଭାବତୀ ପରିଣୟ ନାଟକ, କାବ୍ୟପ୍ରକାଶ ଦର୍ପଣଟୀକା, 'କୁବଳୟାଶ୍ୱଚରିତ' (ପ୍ରାକୃତକାବ୍ୟ), 'ରାଘବବିଳାସ ମହାକାବ୍ୟ' ଓ 'ପ୍ରଶସ୍ତି-ରତ୍ନାବଳୀ' ପ୍ରଭୃତି ପୁସ୍ତକ ଅଦ୍ୟାପି ଲୋକଲୋଚନର ଗୋଚରକୁ ଆସି ନାହିଁ ।

ସୂର୍ଯ୍ୟବଂଶୀ ଗଜପତି କପିଳେନ୍ଦ୍ର ଦେବ, ପୁରୁଷୋତ୍ତମ ଓ ପ୍ରତାପରୁଦ୍ର ଦେବଙ୍କ ଅମଳରେ ତିନିଜଣ ପ୍ରଖ୍ୟାତ ପଣ୍ଡିତ –କବିଡିଣ୍ଡିମ ଜୀବଦେବାଚାର୍ଯ୍ୟ, କବିଚନ୍ଦ୍ର ରାୟ ଦିବାକର ମିଶ୍ର ଓ କବୀନ୍ଦ୍ର ମାର୍କଣ୍ଡେୟ ମିଶ୍ର ଯଥାକ୍ରମେ ଶ୍ରୀମଦ୍‌ଭାଗବତ, ଶ୍ରୀ ମହାଭାରତ ଓ ଶ୍ରୀରାମାୟଣର ବିଷୟବସ୍ତୁ ଅବଲମ୍ବନରେ ତିନିଖଣ୍ଡି ଉପାଦେୟ ମହାକାବ୍ୟ ଲେଖିଛନ୍ତି । ସେହି ତିନିଖଣ୍ଡ ମହାକାବ୍ୟ ମଧ୍ୟରୁ କବୀନ୍ଦ୍ର ମାର୍କଣ୍ଡେୟ ମିଶ୍ରଙ୍କ 'ଦଶଗ୍ରୀବବଧ ମହାକାବ୍ୟ' ଓଡ଼ିଶା ସାହିତ୍ୟ ଏକାଡେମୀ' ପକ୍ଷରୁ ପ୍ରକାଶ ପାଇଛି । ମହାଭାରତର ଅବଲମ୍ବନରେ ଲିଖିତ 'ଭାରତାମୃତ ମହାକାବ୍ୟ' ଓ ଶ୍ରୀମଦ୍ ଭାଗବତର ଦଶମସ୍କନ୍ଧ ଅବଲମ୍ବନରେ ଲିଖିତ 'ଭକ୍ତିଭାଗବତ ମହାକାବ୍ୟ' ଯଥାକ୍ରମେ ଦିବାକର ମିଶ୍ର ଓ ଜୀବଦେବାଚାର୍ଯ୍ୟଙ୍କ ଦ୍ୱାରା ଲିଖିତ ହୋଇଥିଲା ।

କବିଚନ୍ଦ୍ର ରାୟ ଦିବାକର ଉତ୍କଳର ଗଜପତି ଦରବାରରେ ରହି କାବ୍ୟଚର୍ଚ୍ଚା କରିବା ସଙ୍ଗେ ସଙ୍ଗେ କର୍ଣ୍ଣାଟାଧିପ କୃଷ୍ଣଦେବ ରାୟଙ୍କ ସଭାମଣ୍ଡନ କରିଥିଲେ । ସେ 'ଜାନକୀ ପ୍ରମୋଦ' ଓ 'ଅଭିନବ ଗୀତଗୋବିନ୍ଦ' ଆଦି କାବ୍ୟ ରଚନା କରି ପୃଷ୍ଠପୋଷକ ଗଜପତି ରାଜା ପୁରୁଷୋତ୍ତମ ଦେବଙ୍କ ନାମରେ ଭଣିତ କରିଥିଲେ ।

କବିଡିଣ୍ଡିମ ଜୀବଦେବାଚାର୍ଯ୍ୟ ଗଜପତିରାଜା ପ୍ରତାପରୁଦ୍ରଙ୍କ ବାହିନୀରେ ଯାଇ ବେଙ୍କଟାଚଳ (ତିରୁପତି)ରେ ଅବସ୍ଥାନ ପୂର୍ବକ ରାଜାଙ୍କ (ପ୍ରତାପରୁଦ୍ରଙ୍କ) ସତର ଅଙ୍କରେ ମାଘ ମାସରେ 'ଭକ୍ତିଭାଗବତ' ମହାକାବ୍ୟ ରଚନା କରିଥିଲେ । ସେତେବେଳେ କବିଙ୍କୁ ମାତ୍ର ପଞ୍ଚତିରିଶବର୍ଷ ବୟସ ହୋଇଥିଲା । ଏ' ସମ୍ବନ୍ଧରେ ଗୋଟିଏ ବଚରଣୀ 'ଭକ୍ତି ଭାଗବତ' ମହାକାବ୍ୟରୁ ମିଳିଥାଏ–

"ଶ୍ରୀ ରୁଦ୍ରଦେବ ନୃପତ୍ୟ ବଧ ବେଙ୍କଟାଦ୍ରୌ
କର୍ଣ୍ଣାଟଦେଶ ବିଜୟେନ ବସତ୍ୟୁଦାରେ ।
ତେନାସ୍ୟ ଶୀଘ୍ର କବିନା ଜଗଦୀଶ୍ୱରସ୍ୟ
କାବ୍ୟଂ ନିବଦ୍ଧମିଦ ମୁକ୍ତଳ ଭକ୍ତିସିଦ୍ଧମ୍ ।"

+ + +

ଅଙ୍କେସ୍ୟେ ସପ୍ତଦଶକେ ନୃପତେଃ ସପଞ୍ଚ-
ତ୍ରିଂଶାବ୍ଦକୁମିତବୟାଃ କବିଡିଣ୍ଡିମୋଽୟମ୍ ।
ଗୋଦାବରୀପରିସରେ ନିବସନ୍ନକାର୍ଷୀନ୍
ମାସେନ ତତ୍ର ମକରେଣ ମହାପ୍ରବନ୍ଧମ୍ ।"

ଏହା ବ୍ୟତୀତ ଗଜପତି କପିଳେନ୍ଦ୍ର, ପୁରୁଷୋତ୍ତମ ଓ ପ୍ରତାପରୁଦ୍ରଙ୍କ ନାମରେ ଭଣିତ ହୋଇଥିବା 'ପରଶୁରାମବିଜୟ' ପ୍ରଭୃତି ବହୁ ଗ୍ରନ୍ଥ ସେହି ସମୟରେ ରଚିତ ହୋଇଥିଲା । ମହାକବି ଜୀବଦେବ ଆଚାର୍ଯ୍ୟଙ୍କ ଲିଖିତ ଦାର୍ଶନିକ ତତ୍ତ୍ୱ-ସମ୍ବଳିତ ନାଟକ 'ଭକ୍ତିବୈଭବ ନାଟକ' ଓ 'ଉଷାହବତୀ' ନାଟିକା ଅଦ୍ୟାପି ଆଲୋଚକମାନଙ୍କ ହସ୍ତଗତ ହୋଇପାରିଛି ।

ଖ୍ରୀଷ୍ଟୀୟ ଷୋଡ଼ଶ ଶତାବ୍ଦୀରେ ଆହୁରି କେତେଜଣ କୃତବିଦ୍ୟ ଓଡ଼ିଆ କବି ସଂସ୍କୃତରେ ବହୁଗ୍ରନ୍ଥ ରଚନା କରି ସଂସ୍କୃତ ଭାଷା ଓ ସାହିତ୍ୟର ଶ୍ରୀ ବୃଦ୍ଧି କରିଥିଲେ । ତନ୍ମଧ୍ୟରେ କହ୍ନାଇ ଖୁଣ୍ଟିଆଙ୍କ 'ମହାଭାବ ପ୍ରକାଶ', ପରମାନନ୍ଦଦାସଙ୍କ 'ଶ୍ରୀ ଚୈତନ୍ୟ ଚନ୍ଦ୍ରୋଦୟ' ନାଟକ, ଚିନ୍ତାମଣି ମିଶ୍ରଙ୍କ 'ବାକ୍ୟଂସ-ବିବେକ' 'ଶମ୍ବରାରି ଚରିତ', 'ତ୍ରିଶିରୋବଧ' ଓ 'କଂସବଧ' ପ୍ରମୁଖ ପୁସ୍ତକ, ଅତିବଡ଼ି ଜଗନ୍ନାଥ ଦାଶଙ୍କ 'ଶ୍ରୀକୃଷ୍ଣଭକ୍ତିଲତାଫଳ', 'ନିତ୍ୟାନୀଳାଦ୍ରି ବିଳାସ', ଗଙ୍ଗା ଦାସଙ୍କ 'ଛନ୍ଦୋମଞ୍ଜରୀ' ପ୍ରଭୃତି ଗ୍ରନ୍ଥଗୁଡ଼ିକ ସଂସ୍କୃତଭଣ୍ଡାର ଖଣ୍ଡିଏ ଖଣ୍ଡିଏ ପରମ ଉପାଦେୟ ପୁସ୍ତକ ରୂପେ ପରିଗଣିତ ହେଉଛି ।

ଗଜପତି ପ୍ରତାପରୁଦ୍ରଙ୍କ ପରେ ପରେ ପ୍ରାୟ ଓଡ଼ିଶାର ସ୍ୱାଧୀନତା ରବି ଅସ୍ତାଚଳଗାମୀ ହୋଇଥିଲେ । ଓଡ଼ିଶା ଏକ ସୀମିତ ପରିସର ମଧ୍ୟରେ ଚିହ୍ନିତ ହୋଇ ଯେନତେନ ପ୍ରକାରେଣ ନାମକୁ ମାତ୍ର ନିଜର ପୂର୍ବ ଗୌରବକୁ ଅକ୍ଷୁର୍ଣ୍ଣ ରଖି ପାରିଥିଲା । ତପରେ ମୋଗଲ, ମରହଟ୍ଟାମାନେ ଏ' ଦେଶର ଶାସନଦଣ୍ଡ ଗ୍ରହଣ କରିଥିଲେ । ସେହି ଦୁର୍ଦ୍ଦିନରେ ମଧ୍ୟ ବହୁ କବି କୋବିଦ ରାଜାଶ୍ରୟ ଗ୍ରହଣ କରି ଗ୍ରନ୍ଥରଚନାରେ ମନବଳାଇଥିଲେ । ଖ୍ରୀଷ୍ଟୀୟ ଷୋଡ଼ଶ ଶତାବ୍ଦୀରୁ ଅଷ୍ଟାଦଶ ଶତାବ୍ଦୀ ମଧ୍ୟରେ ବହୁ ଉତ୍କଳୀୟ ବିଦ୍ୱାନ ଓଡ଼ିଆଭାଷାର ପ୍ରଚଣ୍ଡ ପ୍ରଭାବ ସତ୍ତ୍ୱେ ସଂସ୍କୃତଭାଷାର ପରିପୁଷ୍ଟି ନିମିତ୍ତ ଲେଖନୀ ଚାଳନା କରି କାବ୍ୟ, ମହାକାବ୍ୟ, ଖଣ୍ଡକାବ୍ୟ, ସଙ୍ଗୀତ, ଚମ୍ପୂ ଓ ନାଟକ ପ୍ରଭୃତିର ରଚନା କରିଥିଲେ । ସେହି ସମୟର ବିଦ୍ୱାନମାନଙ୍କ ମଧ୍ୟରେ କୃଷ୍ଣଦାସ ବଡ଼ଜେନା ମହାପାତ୍ର 'ଗୀତପ୍ରକାଶ', ଗଜପତି ରାମଚନ୍ଦ୍ରଦେବ 'ଶ୍ରୀକୃଷ୍ଣଭକ୍ତ ବାତ୍ସଲ୍ୟ ନାଟକ', ବିଶ୍ୱନାଥ ସାମନ୍ତରାୟ 'କାବ୍ୟପ୍ରକାଶ ବିବରଣ', ଗଙ୍ଗାଧର ମିଶ୍ର 'କୋଶଳାନନ୍ଦ ମହାକାବ୍ୟ' (ଐତିହାସିକ ମହାକାବ୍ୟ), ହଳଧର ମିଶ୍ର 'ବସନ୍ତୋତ୍ସବ ମହାକାବ୍ୟ', ସଙ୍ଗୀତ କଳ୍ପଲତା ଓ ହଳଧର ସଂହିତା, ନରସିଂହ ମିଶ୍ର 'ରସ ମହୋଦୟନାଟିକା' ବିଦ୍ୟାକର ପୁରୋହିତ 'ନାରାୟଣ ଶତକ', ଅନାଦୀ ମିଶ୍ର 'ମଣିମାଳା ନାଟିକା' ଆଦି ଏବଂ କବିରତ୍ନ ପୁରୁଷୋତ୍ତମ ମିଶ୍ର ବହୁଗ୍ରନ୍ଥର ଟୀକା ସମେତ 'ସଙ୍ଗୀତ ନାରାୟଣ' ଓ ତାଳସର୍ବସ୍ୱ ପ୍ରଭୃତି । ରଘୁନାଥ ରଥ 'ସଂଗୀତାର୍ଣ୍ଣବ ଚନ୍ଦ୍ରିକା'

ଓ ନାଟ୍ୟମନୋରମା ରଘୁନାଥ ଦାସ 'ସାହିତ୍ୟଭୂଷଣ' ଆଦି, ଚମ୍ପୂଦେବ ପ୍ରହରାଜ ରାମକୃଷ୍ଣ ଦୁଇଅର୍ଥବୋଧକ 'ରାଘବ ଯାଦବୀୟ ମହାକାବ୍ୟ, କବିରାଜ ଭଗବାନ୍ ରଥ 'ମୃଗୟା ଚମ୍ପୂ', ପୁଷ୍ପିଶ୍ଚ ଶତକ, ବାସୁଦେବ ରଥ ସୋମ ଯାଜୀ 'ଗଙ୍ଗା ବଂଶାନୁଚରିତଂ ଚମ୍ପୂ' ପ୍ରଭୃତି ଗ୍ରନ୍ଥ ରଚନା କରିଥିଲେ ।

ଉତ୍କଳୀୟ ସଂସ୍କୃତ ବିଦ୍ୱାନ୍‌ମାନଙ୍କ ମଧ୍ୟରେ ବ୍ରାହ୍ମଣେତର ଜାତିର କବିମାନଙ୍କ ସଂଖ୍ୟା ଆଦୌ ଉଣା ନୁହେଁ । ରାୟରାମାନନ୍ଦ ପଟ୍ଟନାୟକ ଓ କୃଷ୍ଣଦାସ ବଡ଼ଜେନା ଯେଉଁ ପରମ୍ପରା ସୃଷ୍ଟି କରି ଯାଇଥିଲେ, ତା'ରି ଅବଲମ୍ବନରେ ବହୁ ବ୍ରାହ୍ମଣେତର ଜାତିର ଓଡ଼ିଆ କବି ସଂସ୍କୃତ ଭାଷାରେ ବ୍ୟୁତ୍ପନ୍ନ ହୋଇ କାବ୍ୟ, ଖଣ୍ଡ କାବ୍ୟ, ଚମ୍ପୂ, ଅଳଙ୍କାର ଆଦି ଗ୍ରନ୍ଥ ରଚନା କରିଥିଲେ । ସେମାନଙ୍କ ମଧ୍ୟରେ ହରିନାୟକ ଓ କୃଷ୍ଣଦାସ ବଡ଼ଜେନା ସଙ୍ଗୀତ ଶାସ୍ତ୍ର ରଚନାରେ ଦକ୍ଷତା ପ୍ରଦର୍ଶନ କରିଥିଲେ ଏବଂ ଟିଗିରିଆ ରାଜା ଯଦୁନାଥ ସିଂହ ନୃତ୍ୟ ସମ୍ବନ୍ଧରେ 'ଅଭିନୟ ଦର୍ପଣ' ପ୍ରକାଶ ରଚନା କରି ସ୍ୱପ୍ରତିଭାର ଚମତକାରିତା ଦେଖାଇଥିଲେ ।

ବଡ଼ ଖେମୁଣ୍ଡି ରାଜ୍ୟ (ଗଞ୍ଜାମ) ର ମନ୍ତ୍ରୀ ରାମଚନ୍ଦ୍ର ମଙ୍ଗରାଜଙ୍କ ସୁପୁତ୍ର କୃଷ୍ଣଶ୍ରୀଚନ୍ଦନ ମହାକବି କାଳିଦାସଙ୍କ 'ମେଘଦୂତ' ର ଅବଲମ୍ବନରେ 'ଅବ୍ଦଦୂତ' ନାମକ ଖଣ୍ଡିଏ ଖଣ୍ଡକାବ୍ୟ ରଚନା କରି, କାଳିଦାସୀୟ ପଦ୍ଧତିର ଅନୁସରଣ କରିଥିଲେ । ଶ୍ରୀଚନ୍ଦନଙ୍କ ଖଣ୍ଡକାବ୍ୟର ନାୟକ ଶ୍ରୀରାମଚନ୍ଦ୍ର ଅଶୋକ ବନରେ ବନ୍ଦିନୀ ସୀତାଙ୍କ ନିକଟକୁ ମେଘ (ଅବ୍ଦ)କୁ ଦୂତ ରୂପେ ପଠାଇ କହିଛନ୍ତି—

"ରାମଃ କାମପ୍ରହରଣଶତୈଃ ପାରବଶ୍ୟଂ ପ୍ରପନ୍ନଃ
ସ୍ମାରଂ ସ୍ମାରଂ ହୃଦିବିନିହିତାଂ ପ୍ରେୟସୀଂ ବିପ୍ରୟୋଗାତ୍ ।
ଏକସ୍ମିନ୍ନବନୀ ଶୟନେ ମାଲ୍ୟବଚ୍ଛୈଳସାନା-
ବଙ୍କେ ଖେଳତ୍ ସ୍ଫୁରିତଚପଳା କାନ୍ତମବ୍ଦଂ ଦଦର୍ଶ ॥

× × ×

ଅମ୍ବୁନ୍ତ୍ରିଂ ତ୍ୱମସି ଜଳଦ ପ୍ରାଣତୁଲ୍ୟଂ ପ୍ରିୟୋମେ ।
ପ୍ରାପ୍ତୋ ନାଥଃ ଶରଣମସକୃତ୍ ତ୍ୱାଂ ଶରଣ୍ୟଂ ଗତୋଽସ୍ମି ।
ଦୈବାଦ୍ରକ୍ଷୋଧିପଗୃହଗତାଂ । ପ୍ରେୟସୀଂ ଭର୍ତ୍ତୁ ଦେବୀଂ
ସନ୍ଦେଶଂ ମେ ନୟ ମୟି ସଖେ ଭୋ ପ୍ରସୀଦ ପ୍ରସୀଦ ॥

+ × ×

ମନ୍ତ୍ରୀ ଶ୍ରୀରାମଚନ୍ଦ୍ରଃ ଖିମୁଣ୍ଡି ନୃପତେ ମଙ୍ଗରାଜେ ଯଶୋଦାଦେବୀ ଯଂ ମଙ୍ଗରାଜଂ ତନୟ ମଜୟଦ୍ରାୟ ନାରାୟଣଂ ଚ ।
ପଦ୍ମା ରାଧାଖ୍ୟଦେବ୍ୟାଃ ପ୍ରଥିତ ତନୁଭୁବା ତସ୍ୟ ନାମାବ୍ଦଦୂତଂ
କୃଷ୍ଣଃ ଶ୍ରୀଚନ୍ଦନେନ ପ୍ରିୟମିତି ରଚିତଂ ଖଣ୍ଡକାବ୍ୟଂ ସମାପ୍ତମ୍" ॥


ପାରଳାଖେମୁଣ୍ଡିର ରାଜା ନାରାୟଣଦେବଙ୍କ ଦରବାରରେ ରହି ଗୋପୀନାଥ ପାତ୍ର 'କବି ଚିନ୍ତାମଣି' ନାମକ ଖଣ୍ଡିଏ 'ଅଳଙ୍କାର' ଗ୍ରନ୍ଥ ରଚନା କରିଥିଲେ । ସେହି ଗ୍ରନ୍ଥରେ କରଣକୁଳସମ୍ଭବ ଗୋପୀନାଥ ପାତ୍ର ଅଳଙ୍କାର ଶାସ୍ତ୍ରର ବିଭିନ୍ନ ବିଭାଗ ଉପରେ ଆଲୋଚନା କରିଛନ୍ତି । ଏହାଙ୍କ ବ୍ୟତୀତ ବଡ଼ଖେମୁଣ୍ଡିର ଅଧିବାସୀ ବ୍ରଜସୁନ୍ଦର ପଟ୍ଟନାୟକ ଓ ତାଙ୍କ ପୁତ୍ର ବକ୍ରବାକ୍ ଚକ୍ରପାଣି ଯଥାକ୍ରମେ 'ସୁଲୋଚନା ମାଧବୀୟ ମହାକାବ୍ୟ' ତଥା 'ଗୁଣ୍ଡିଚ୍ଚ ବିଜୟ ଚମ୍ପୂ' ଶୀର୍ଷକ ଦୁଇଖଣ୍ଡି ଉପାଦେୟ ସଂସ୍କୃତ କାବ୍ୟଗ୍ରନ୍ଥ ଲେଖିଛନ୍ତି ।

ଏହି ପିତାପୁତ୍ର ଦ୍ୱୟଙ୍କ ବ୍ୟତୀତ ଗୋପୀନାଥ ପଟ୍ଟନାୟକ 'ଶୁଦ୍ରାହ୍ନିକ ପଦ୍ଧତି', ଯୋଗୀଶ୍ୱର ପାତ୍ର 'ଅଦ୍ଭୁତ ସାଗର', ଗଦାଧର ପଟ୍ଟନାୟକ 'ରବୀନ୍ଦୁଗ୍ରହଣ' ପ୍ରଭୃତି ଗ୍ରନ୍ଥ ଲେଖି ସଂସ୍କୃତ ଭାଷାର ଶ୍ରୀମଣ୍ଡନ କରିଛନ୍ତି ।

ଖଣ୍ଡପଡ଼ା ରାଜପରିବାରର ସାମନ୍ତ ଚନ୍ଦ୍ରଶେଖର ସିଂହ 'ସିଦ୍ଧାନ୍ତଦର୍ପଣ' ଓ 'ଦର୍ଶଦୀପିକା' ପ୍ରଭୃତି ଭୂଗୋଳ ଓ ଖଗୋଳ ସମ୍ବନ୍ଧୀୟ ଗ୍ରନ୍ଥ ଲେଖି ବିଶ୍ୱରେ ତୁମୁଳ ଆନ୍ଦୋଳନ ସୃଷ୍ଟି କରିଥିଲେ । ଏହାଙ୍କ ବ୍ୟତୀତ ତ୍ରିପୁରାରି କରଣ 'କେରଳସୂତ୍ର ଭାଷ୍ୟ, କେରଳସାର ପ୍ରଭୃତି ଜ୍ୟୋତିଷଗ୍ରନ୍ଥ ଲେଖି ପ୍ରସିଦ୍ଧି ଅର୍ଜନ କରିଥିଲେ ।

ଅଷ୍ଟାଦଶ ଶତାବ୍ଦୀ ଓ ଊନବିଂଶ ଶତାବ୍ଦୀର ବହୁ ଓଡ଼ିଆ ବିଦ୍ୱାନ୍ ସଂସ୍କୃତ ଭାଷା ଓ ସାହିତ୍ୟର ଉନ୍ନତି କଳ୍ପେ ଅନେକ ଗ୍ରନ୍ଥ ଲେଖିଛନ୍ତି । ସେ ଗୁଡ଼ିକର ପ୍ରଚାର ଓ ପ୍ରସାର ହୋଇପାରିଲେ, ବିଶ୍ୱରେ ସଂସ୍କୃତଜ୍ଞ ଓଡ଼ିଆ ବିଦ୍ୱାନଙ୍କ ପ୍ରତିଷ୍ଠା ଇତିହାସର ପୃଷ୍ଠାରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ପାରନ୍ତା ।

ରାଜ୍ୟ ସଂଗ୍ରହାଳୟ
ଭୁବନେଶ୍ୱର ।



# ଓଡ଼ିଶୀ ନୃତ୍ୟ ଏକ ଆଧ୍ୟାତ୍ମିକ ପ୍ରକ୍ରିୟା





ଡକ୍ଟର ମିନତି ମିଶ୍ର

ଜୀବନ ସଂପର୍କରେ ସଚେତନ ପ୍ରତ୍ୟେକ ମଣିଷ, କୌଣସି ଏକ କାର୍ଯ୍ୟ ସଂପାଦନା ପାଇଁ ଏକ ନିର୍ଦ୍ଦିଷ୍ଟଲକ୍ଷ୍ୟ ସ୍ଥଳରେ ପହଁଚିବାକୁ ଚାହେଁ । ଏହି ଲକ୍ଷ୍ୟ ସ୍ଥଳରେ ପହଂଚିବାବେଳେ ତାକୁ ନିଶ୍ଚିତଭାବେ ବହୁ ବାଧା, ବଂଧନର ସମ୍ମୁଖୀନ ହେବାକୁ ପଡ଼େ । ତେଣୁ ଅନ୍ୟ କୌଣସି ପନ୍ଥା ନଥିବାରୁ, ବାଧ୍ୟ ବାଧକତାରେ ସେ ଉକ୍ତ କାର୍ଯ୍ୟ ସମାପନପାଇଁ ଯେଉଁମାନେ ଅଗ୍ରସର ହୁଅନ୍ତି, ନିର୍ଦ୍ଦିଷ୍ଟ ଲକ୍ଷ୍ୟ ସ୍ଥଳରେ ପହଂଚିପାରିଲେ ମଧ୍ୟ, ପୂର୍ଣ୍ଣତାଲାଭ କରିପାରନ୍ତି ନାହିଁ । କିନ୍ତୁ ଯେ ଏହାକୁ ନିଜର କର୍ତ୍ତବ୍ୟ ମନେକରି, ସବୁପ୍ରକାର ଝଡ଼ ଝଂଜାର ସମ୍ମୁଖୀନ ହୋଇ ଲକ୍ଷ୍ୟ ହାସଲପାଇଁ ଆବଶ୍ୟକ ସାଧନାରେ ମଗ୍ନରହି, ନିଜକୁ ସେଥିପାଇଁ ଉତ୍ସର୍ଗକରି, ସଫଳ ହୋଇପାରେ, ସେ ଲକ୍ଷ୍ୟ ସ୍ଥଳରେ ପହଂଚିବା ସଂଗେସଂଗେ ପୂର୍ଣ୍ଣତା ପ୍ରାପ୍ତ ହୁଏ । କାରଣ ସେତେବେଳେ ତାର ଦେହ ଦେହାତୀତକୁ ଖସିଯାଏ । ତାର ଆତ୍ମା ଏକ ଅଦୃଶ୍ୟ ଶକ୍ତି ସହିତ ଏକୀଭୂତ ହୋଇଯାଏ । ସେ ସେତେବେଳେ ନିଜର ସତ୍ତା ହରାଇ ବସେ ।

ଏହାହିଁ ହେଉଛି ମନୁଷ୍ୟର କର୍ତ୍ତବ୍ୟ ଦୃଷ୍ଟିରୁ ବାସ୍ତବ ଜୀବନ ଦର୍ଶନ । ତାର ଏହି ପୂର୍ଣ୍ଣତା ଆଣିଦିଏ ନିଜ ଉପରେ ଅଗାଧ ଆତ୍ମବିଶ୍ୱାସ ଏବଂ ଅପୂରନ୍ତ ସ୍ୱର୍ଗୀୟ ଆନଂଦ, ତାର ଏହି ଆନଂଦମୟ ସାଧନାର ପରିପୂର୍ଣ୍ଣତା ଅନ୍ୟକୁ ଅଭିଭୂତକରେ ।

ନୃତ୍ୟ କ୍ଷେତ୍ରରେ ଏହିପରି ସାଧନାର ଆବଶ୍ୟକତା ପୂର୍ଣ୍ଣମାତ୍ରାରେ ରହିଛି । ସାଧାରଣଲୋକେ, ନୃତ୍ୟକୁ ଏକ ଆମୋଦଦାୟକ କଳା-ପ୍ରଦର୍ଶନ ପର୍ଯ୍ୟାୟଭୁକ୍ତ କରିଥାନ୍ତି, କିନ୍ତୁ ସାଧନାକଳ୍ପିତ ନୃତ୍ୟ ଭିତରେ ଯେଉଁ ଗୂଢ଼ତତ୍ତ୍ୱ ରହିଛି ଏବଂ ଅନ୍ତର୍ନିହିତ ଶକ୍ତିର ପ୍ରଭାବ ରହିଛି ଏବଂ ଯାହା ଏକ ଅଲୌକିକ, ଅଦର୍ଶନୀୟ ବଳରେ ବଳୀୟାନ୍, ସେ ବିଷୟ ସାଧାରଣଲୋକେ ବୁଝନ୍ତି ନାହିଁ ସତ୍ୟ, କିନ୍ତୁ ପୂର୍ଣ୍ଣତା ପ୍ରାପ୍ତ ନୃତ୍ୟରେ ସେମାନେ ମୁଗ୍ଧ ହୁଅନ୍ତି । ଏହା ମୂଳରେ ଯେ ଆତ୍ମୋତ୍ସର୍ଗର ସୀମାହୀନ ସାଧନା ନିହିତ ଅଛି, ସେ ବିଷୟ ନଜାଣିଲେ ମଧ୍ୟ, ନୃତ୍ୟ ଦେଖି ସାଧାରଣଲୋକେ ମଧ୍ୟ ତାଂକ ଅନ୍ତରତମ ପ୍ରଦେଶରେ ଆନଂଦରେ ଆତ୍ମହରା ହୁଅନ୍ତି ।

ସାଧାରଣଲୋକେ ଜାଣି ପାରନ୍ତି ନାହିଁ ଯେ, (ଜାଣିବାର ଅବକାଶ ମଧ୍ୟ ନ ଥାଏ) ନୃତ୍ୟ ଶିଳ୍ପୀ ମନ ପ୍ରାଣକୁ ଏକକରି, କଳା ପରିବେଷଣ କରିଥାଏ । ଶିଳ୍ପୀର କଳାକୁ ନାନା ଦୈହିକ ଭଂଗୀ, ହସ୍ତଚକ୍ଷୁପାଦ ଚାଳନା ଭିତରେ ରହିଥିବା ସଂଯମ, ନିୟମ, ଆସନ, ପ୍ରାଣାୟମ, ଧ୍ୟାନ ଓ ଧାରଣା ନୃତ୍ୟ ସହିତ ଏପରି ଭାବରେ ସଂଶ୍ଳିଷ୍ଟ ଯେ, ସାଧାରଣ ସଚେତନ ଦର୍ଶକର ଅବଚେତନ ମନ, ତାର ଅଲକ୍ଷ୍ୟରେ ଆତ୍ମତୃପ୍ତି ଲାଭ କରିବାକୁ ବାଧ୍ୟହୁଏ । କାରଣ ତାର ମନ ଏକ ଅତିନ୍ଦ୍ରିୟ ରାଜ୍ୟରେ ବିଚରଣକରେ, ଯାହା ଭିତରେ ସେ ସତ୍ୟ, ଶିବ ସୁନ୍ଦରର ସ୍ପର୍ଶ ପାଏ ।

କୌଣସି ନୃତ୍ୟ ଶିଳ୍ପୀ, ତାର ନୃତ୍ୟ ପରିବେଷଣ କାଳରେ, ଯୋଗଭିତ୍ତିକ ପଦ୍ଧତିରେ ସାମାନ୍ୟତମ ବ୍ୟତିକ୍ରମ ଆଣିଲେ, ସାଧାରଣ ଦର୍ଶକରମନ ସେଇ ଅତିଂନ୍ଦ୍ରିୟ ଅମରାବତୀରୁ ବାସ୍ତବ ରାଜ୍ୟକୁ ଅବତରଣ କରେ । ନୃତ୍ୟରେ ଅନ୍ତର୍ନିହିତ ସମ୍ମୋହନ ଶକ୍ତି ସଂପର୍କରେ ଜ୍ଞାନ ନଥିଲେ ମଧ୍ୟ, ସେ ଶିଳ୍ପୀର ତ୍ରୁଟି ଉପଲବ୍ଧି କରିପାରେ । ସେ ତ୍ରୁଟି କ'ଣ, ସେ ବିଷୟ ସେମାନଂକ ଭିତରୁ କେହି ହୁଏତ କହି ପାରିବେ ନାହିଁ; କିନ୍ତୁ ସାବଲୀଳ ଭାବରେ ପରିବେଷିତ ନୃତ୍ୟ ଯେ ବ୍ୟାହତ ହୋଇଛି, ତାହା ଅନୁଭବ କରି ପାରିବେ ।

କେବଳ ନୃତ୍ୟ ନୁହେଁ, ସାଧନାଭିତ୍ତିକ ଯେ କୌଣସି କୃତୀର ମହନୀୟତା, ତାର ପ୍ରକ୍ରିୟାରୁ ହିଁ ସାବ୍ୟସ୍ତ ହୁଏ ଏବଂ ତାର ସଫଳ ବା ବିଫଳ ପ୍ରତିକ୍ରିୟା ଅନ୍ୟମାନଂକ ମନରେ ପ୍ରତିଫଳିତ ହୁଏ । କଳାକ୍ଷେତ୍ରରେ, ବିଶେଷକରି ନୃତ୍ୟ କ୍ଷେତ୍ରରେ

ଏହି ପ୍ରକ୍ରିୟା ଯେପରି ସୂକ୍ଷ୍ମ—ଏହାର ପ୍ରତିକ୍ରିୟା ସେହିପରି ଅବ୍ୟକ୍ତ ଓ ଅବୋଧ୍ୟ । ତେଣୁ ନୃତ୍ୟ ପରିବେଷଣ ବେଳେ ଶିଳ୍ପୀର ସାମାନ୍ୟତମ ତ୍ରୁଟି ସାଧାରଣ ଦର୍ଶକ ନିକଟରେ ବିରାଟ ଆକାର ଧାରଣ କରେ ।

ତେଣୁ ଏକ ସଫଳ ନୃତ୍ୟ ଶିଳ୍ପୀ ଯଦି ତାର କଳା ମାଧ୍ୟମରେ ନିଜକୁ ଏକ ଅସୀମ ଶକ୍ତି ନିକଟରେ ସମର୍ପଣକରି, ନିଜର ଦେହ ଓ ମନକୁ, ସେ ଶକ୍ତି ସହିତ ମିଶାଇ ଦେବାରେ ସମର୍ଥ-ନହୁଏ, ତେବେ ତାର କଳା, ସାର୍ଥକତା ଲଭ କରିପାରେ ନାହିଁ । ଏହା ନଦୀର ବାଧାହୀନ ସ୍ରୋତଭଳି ତରଂଗାୟିତ ପ୍ରବାହ, ନଦୀର ଉତ୍ପତ୍ତିସ୍ଥାନ କେତେ ଦୂରରେ, ସେ କେତେ ବାଧାବିଘ୍ନ ଅତିକ୍ରମକରି ସମତଳ ଭୂମିରେ ଶାନ୍ତ ଭାବରେ ପ୍ରବାହିତ, ତାହା ସ୍ନାନରତ ଲୋକେ ନବୁଝି ଆନଂଦରେ ଅବଗାହନ କରନ୍ତି—ନଦୀକୂଳରେ ପ୍ରଭାତ ବା ସାୟଂ କାଳରେ ସ୍ୱଚ୍ଛ ଜଳରାଶିର ସୌଂଦର୍ଯ୍ୟରେ ମୁଗ୍ଧ ହୁଅନ୍ତି । ଏ ସଫଳ ନୃତ୍ୟ ଶିଳ୍ପୀର ନୃତ୍ୟ ପରିବେଷଣ, ସାଧାରଣ କ୍ଷେତ୍ରରେ ଯଦି ନଦୀର ପ୍ରବାହଭଳି ସାବଲୀଳ ହୁଏ, ତେବେ ତାହା ସାର୍ଥକ ନୃତ୍ୟବୋଲି, ଲୋକେ ଚମତ୍କାର ବୋଲି ମତକରିବା ସଂଗେସଂଗେ ପୁଲକିତ ହେବେ । କାରଣ ସାଧନାଭିତ୍ତିକ ନୃତ୍ୟ ସହିତ ଜଡ଼ିତ ରହିଛି ଏପରି ଏକ ଶକ୍ତି ଯାହାର ସ୍ଥାନ ଅତି ଉଚ୍ଚରେ, ଯାହାକୁ ସାର୍ଥକ ଶିଳ୍ପୀ ତା'ର ଦେହ ମନକୁ ନିବିଷ୍ଟ ଚିତ୍ତରେ ଏକ କରିପାରିଲେ ହିଁ ଆନଂଦ (bliss) ହାସଲ କରିବାରେ ସମର୍ଥ ହୁଏ ।

ଭାରତରେ ଲୋକ ନୃତ୍ୟ ବ୍ୟତୀତ ବହୁ ପ୍ରକାରର ଶାସ୍ତ୍ରୀୟ ନୃତ୍ୟ ରହିଛି, ନିର୍ଦ୍ଦିଷ୍ଟ ଶାସ୍ତ୍ରୀୟ ନୃତ୍ୟ ପରିବେଷଣ ପାଇଁ ବହୁ ନୃତ୍ୟଶିଳ୍ପୀ ମଧ୍ୟ ରହିଛନ୍ତି । ପ୍ରତ୍ୟେକ ନୃତ୍ୟରେ ରହିଛି, ପୂର୍ବରୁ ସୂଚୀତ କଳାକାରର ଦେହ ଓ ପ୍ରାଣର ସମ୍ମିଳିତ ଅତ୍ମୋତ୍ସର୍ଗ ସହିତ, ଏକ ଅଦୃଶ୍ୟ ଶକ୍ତିର ମହାମିଳନ, କଳା-ପ୍ରଦର୍ଶନ କାଳରେ ସାଧକଶିଳ୍ପୀ ତାର ଅନ୍ତର୍ନିହିତ ଶକ୍ତିକୁ, ସେହି ଶକ୍ତି ସହିତ ଭାବ ପ୍ରବଣତାର ସହିତ ମିଶାଇ ପରମାନନ୍ଦ ପ୍ରାପ୍ତହୁଏ । ଯାହାର ପରିସମାପ୍ତି ମୋକ୍ଷ ।

ଓଡ଼ିଶୀ ନୃତ୍ୟ କ୍ଷେତ୍ରରେ ସାଧନା ପ୍ରାପ୍ତ କଳାକାର ଅତୁଳ ଆନଂଦରେ ସ୍ପର୍ଶ ପାଇଥାନ୍ତି । ଏହି ନୃତ୍ୟ ଏକ ଚିରନ୍ତନ ସତ୍ୟ ଉପରେ ଆଧାରିତ, ଯାହା ମାଧ୍ୟମରେ କଳାକାର ତା'ର ସାଧନାର ଚରମ ଓ ପରମ ଶକ୍ତିର ଅନୁସଂଧାନକରି, ନିଜେ ଉପଲବ୍ଧି କରିଥାଏ । ସେ ଏଥିପାଇଁ ଦେହ ଓ ମନର ପ୍ରତ୍ୟେକ ଅଂଶକୁ କଳାତ୍ମକ ଭାବରେ ପରିପ୍ରକାଶ କରିଥାଏ । ତେଣୁ ଓଡ଼ିଶୀ ନୃତ୍ୟ ହେଉଛି ଦୈହିକ ଓ ମାନସିକ ପ୍ରକ୍ରିୟାର ପ୍ରତିଫଳନ । ଏହାର ଚରମ ଲକ୍ଷ୍ୟ ହେଲ, କଳାକାରର ଆତ୍ମା ସାର୍ବଜନୀନ ସତ୍ୟ (Universal Truth) ସହିତ ମିଳନ ।

ଓଡ଼ିଶୀ ନୃତ୍ୟ ତେଣୁ ଆରମ୍ଭହୁଏ ମଂଗଳା ଚରଣ ସ୍ତରରୁ, କଳାକାର ନୃତ୍ୟର ଏହି ସ୍ତରରେ ନିଜକୁ ସର୍ବମୟ କର୍ତ୍ତାଙ୍କ ନିକଟରେ ସମର୍ପଣକରି ଆଶୀର୍ବାଦ ପାଇଁ ନିବେଦନ କରେ, ଭୂମିମାପ ବକ୍ଷରେ ପାଦ ସଂସ୍ପର୍ଶପାଇଁ ଓ ନୃତ୍ୟ କରୁଥିବାବେଳେ ଅନାଗତ ବିପତ୍ତି, ତ୍ରୁଟି ବିଚ୍ୟୁତି ପାଇଁ ସଭାରେ ଉପସ୍ଥିତ ସଦ୍‌ଜନଂକ ନିକଟରେ ଆଗୁଆ କ୍ଷମା ଭିକ୍ଷାକରେ ଏବଂ ଗୁରୁଙ୍କୁ ପ୍ରଣାମ ଜଣାଇ ମଞ୍ଚ ବା ରଂଗ ଦେବତା ଉଦ୍ଦେଶ୍ୟରେ ପୁଷ୍ପ ସମର୍ପଣ କରେ ।

ସାଧନାର ଚରମ ପରିସ୍ଥିତି ବା ଶୀର୍ଷ ସ୍ଥାନରେ ପହଂଚିବା ପୂର୍ବରୁ କଳାକାର କେତେକ ସ୍ଥିତି ମଧ୍ୟ ଦେଇ ଗତି କଲାବେଳେ ଓଡ଼ିଶୀ ନୃତ୍ୟରେ ମଂଗଳାଚରଣପରେ ସ୍ଥାୟୀ ଓ ପଲ୍ଲବୀ ପ୍ରଦର୍ଶନର ବ୍ୟବସ୍ଥା ରହିଛି । ଏହି ସ୍ତରରେ ହିଁ ସେ ତା'ର ମନ ଆଉ ପ୍ରାଣକୁ, ବିଭିନ୍ନ ତାଳ ଓ କଳାତ୍ମକଭଂଗୀ ଜରିଆରେ ଏକୀଭୂତ କରିଥାଏ ।


ପରବର୍ତ୍ତୀ ସୋପାନ 'ଅଭିନୟ'ରେ ହିଁ ଏହି ନୃତ୍ୟ ଏକୀଭୂତ ମନପ୍ରାଣ ସଂପୂର୍ଣ ଭାବରେ ପରିପ୍ରକାଶ ପାଏ । ବିଭିନ୍ନ ଭାବରେ ରସାପ୍ଳୁତ କରି, କଳାର ବୈଶିଷ୍ଟ୍ୟ ପ୍ରତିପାଦନକରି, କଳାକାର ନିଜର ଦୈହିକ ସ୍ଥିତିକୁ ନିମଜ୍ଜାଇଦିଏ, ଗୀତର ଭାବ ଭିତରେ । ନିବିଷ୍ଟ ଚିତ୍ତରେ ନିଜକୁ ସମର୍ପଣ କରିଦିଏ ଗୀତର ବର୍ଣ୍ଣିତ ଚରିତ୍ର ସହିତ ଓ ଚରିତ୍ରର ନିର୍ଦ୍ଦିଷ୍ଟ ସ୍ଥିତି ସହିତ । ମୁଖ, ଚକ୍ଷୁ, ହସ୍ତ ଓ ପାଦ ପ୍ରଭୃତିଦ୍ୱାରା, ନିଜର ଅଭିନୟଦ୍ୱାରା ଯେଉଁ ସାତ୍ତ୍ୱିକ ଭାବ ଦେଖାଦିଏ, ତାହା ଦର୍ଶକ ମନକୁ ନେଇଯାଏ ଦେହାତୀତ ଶୀର୍ଷ ଦେଶକୁ । କଳାକାରର ଅଭିନୟ ଏପରି ଏକ ସ୍ତରରେ ପହଂଚିଯାଏ, ଯେଉଁଠି ସେ ଭାବ ପ୍ରବଣହୋଇ ମହାନଂଦର ଅଧିକାରପାଏ । ତାହାହିଁ ତା ପକ୍ଷରେ ହୁଏ ଚରମ ମୁହୂର୍ତ୍ତ—ଯେଉଁ ମୁହୂର୍ତ୍ତରେ ସେ ନିଜର ମନ ପ୍ରାଣକୁ ଲୀନ କରିଦିଏ ସର୍ବମୟ ଶକ୍ତି ମଧ୍ୟରେ ।

ଏହି ପରମାନଂଦ ପାଉଥିବାହେତୁ ସେ ଆତ୍ମହରାହୋଇ, ହର୍ଷୋନ୍ମାଦହୋଇ, ଉଲ୍ଲସିତହୋଇ ନୃତ୍ୟ ସମାପ୍ତକରେ, ଯାହା ଓଡ଼ିଶୀନୃତ୍ୟ ପଦ୍ଧତି ଅନୁଯାୟୀ ମୋକ୍ଷନାମରେ ନାମିତ ।

ମୋଟ ଉପରେ ଏହି ନୃତ୍ୟରେ ବିଶେଷତ୍ୱହେଲ, ଦୀର୍ଘ ସାଧନା ଜରିଆରେ ପ୍ରାପ୍ତକଳାର ପରିପ୍ରକାଶ ପାଇଁ ତାର ଅଂଗ କେତେ ପରିମାଣରେ ଶୁଦ୍ଧ, ଅଂଗରେ କେତେ ପରିମାଣରେ ଲାଳିତ୍ୟ ରହିଛି, ସାବଲୀଳତା ରହିଛି, ତାର ମନ ଓ ପ୍ରାଣ କଳା ଜରିଆରେ କେତେ ପରିମାଣରେ ସର୍ବମୟ କର୍ତ୍ତା ମଧ୍ୟରେ ଲୀନ ହେବାପାଇଁ ବ୍ୟାକୁଳ ଏବଂ ପରିଶେଷରେ ସେହି ଅଲୌକିକ ଶକ୍ତି ନିକଟରେ କେତେଦୂର ସମର୍ପଣ କରିବାରେ ସକ୍ଷମ, ତାର ସଫଳ ପରିପ୍ରକାଶର ପରଖ ।

ଯେଉଁ କଳାକାର ଏହି ପରଖରେ ଉତ୍ତୀର୍ଣ୍ଣହୁଏ, ତାହାର ନୃତ୍ୟ ଦର୍ଶକଂକୁ ମୁଗ୍ଧକରେ, ଓ ଦର୍ଶକଂକୁ ଅଭିଭୂତ କରିବାରେ ସକ୍ଷମହୁଏ ଏବଂ ଅପୂର୍ବ ଆନଂଦରେ ଆତ୍ମହରା କରାଇପାରେ ଓ ଶାନ୍ତିପୂର୍ଣ ଅବସ୍ଥା ଉପଲବ୍ଧ କରାଇପାରେ ।

ଅଧ୍ୟକ୍ଷା
ସଙ୍ଗୀତ ମହାବିଦ୍ୟାଳୟ
ଭୁବନେଶ୍ୱର-୧





# ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି

କୁମାରୀ ସସ୍ମିତା ରାଜଗୁରୁ

କାଳ ପ୍ରବାହରେ ସମସ୍ତେ ଭାସିଯାନ୍ତି ଓ ଭାସିଯିବେ । କିନ୍ତୁ ସେହିମାନେ ହିଁ ସ୍ମରଣୀୟ ହୁଅନ୍ତି, ଯେ କି ଦେଶ ଓ ଜାତି ପାଇଁ ଜୀବନ ଉତ୍ସର୍ଗ କରିଥିଲେ । ଓଡ଼ିଶାରେ କେତେ ରାଜା ମହାରାଜା ଜନ୍ମି ସୁଖ ସମ୍ଭୋଗରେ ଜୀବନ କଟାଇ ଚାଲି ଗଲେଣି, କେହି ହେଲେ ଆଜି ତାଙ୍କୁ ମନେ ପକାଉ ନାହାନ୍ତି । କିନ୍ତୁ ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ଏ ଜାତିର ଇତିହାସରେ ଚିରସ୍ମରଣୀୟ ହୋଇ ରହିବେ । ଓଡ଼ିଆ ଜାତିର ମଙ୍ଗଳ ସକାଶେ ସେ ଯେଉଁ ତ୍ୟାଗ ଓ କଷ୍ଟସାଧ୍ୟ କର୍ମ କରି ଯାଇଅଛନ୍ତି, ତାହା ଏ ଜାତିର ହୃଦୟରେ ଚିର ମୁଦ୍ରିତ ହୋଇ ରହିବ ।

ଆଜିକୁ ପ୍ରାୟ ୯୪ ବର୍ଷ ପୂର୍ବେ ଠିକ୍ ଆଜିର ପରି ଏପ୍ରିଲ ମାସର ଏକ ଅମାବାସ୍ୟା ରାତିରେ ପାରଳାଖେମୁଣ୍ଡି ରାଜପ୍ରାସାଦରେ ମହାରାଣୀ ବିଷ୍ଣୁପ୍ରିୟା ଦେବୀଙ୍କ ଗର୍ଭରୁ କୃଷ୍ଣଚନ୍ଦ୍ରଙ୍କର ଜନ୍ମ । ପୁରୁଣା ପାଟଣାର ଏକ ମଧ୍ୟବିତ୍ତ ସାମନ୍ତ ପରିବାରରେ ଜନ୍ମିଥିଲେ ବୁଢ଼ା ରାଣୀ କୃଷ୍ଣପ୍ରିୟା ଅତ୍ୟନ୍ତ ସ୍ନେହଶୀଳା, ଶାନ୍ତ ଓ କୃଷ୍ଣଭକ୍ତି ପରାୟଣା ରମଣୀ । ସେ ପ୍ରତ୍ୟହ 'ଭାଗବତ' ଓ 'ମହାଭାରତ' ନିଜେ ପାଠ କରି ସେଥିର ନୀତିଗୁଡ଼ିକ ତାଙ୍କ ସେବିକା ପୋଇଲି ଓ ନାରୀ ସହଚରିଣୀମାନଙ୍କୁ ଶୁଣାଉ ଥିଲେ ।

ଶିଶୁ କୃଷ୍ଣଚନ୍ଦ୍ର ମାଆଙ୍କ କୋଳରେ ବସି 'ମହାଭାରତ' କଥାଗୁଡ଼ିକ ମନ ଲଗାଇ ଶୁଣନ୍ତି । ଥରେ ସେ ମାଆଙ୍କୁ ପଚାରିଲେ "ମାମା" ମହାଭାରତର ଶ୍ରେଷ୍ଠ ବ୍ୟକ୍ତି କିଏ ?" ମାଆ କହିଲେ 'ଭୀଷ୍ମ' । ସେ ଆମ କୁଳର ପିତୃ ପୁରୁଷ । ତୁମେ ବଡ଼ ହେଲେ ରାଜଗୁରୁଙ୍କୁ ପଚାରି ତାଙ୍କରି 'ତର୍ପଣ' କରିବ । ଆମ ବଂଶ ଯେଉଁ ଗଙ୍ଗାଦେବୀଙ୍କଠାରୁ ଜାତ ହୋଇଛନ୍ତି, ଭୀଷ୍ମଦେବ ମଧ୍ୟ ତାଙ୍କରି ଗର୍ଭରୁ ଜାତ ହୋଇ ବ୍ରହ୍ମଚାରୀଙ୍କ ପରି ଅବିବାହିତ ହୋଇ ରହିଲେ । ତାଙ୍କ ପରି କ୍ଷତ୍ରିୟବୀର, ବିଷ୍ଣୁଭକ୍ତ, ତ୍ୟାଗୀ ଓ ପ୍ରତିଜ୍ଞ ପୃଥିବୀରେ ଆଉ କେହିହେଲେ ଜନ୍ମି ନାହାନ୍ତି ।

ଶିଶୁ ଅବସ୍ଥାରେ ବୁଢ଼ା କୃଷ୍ଣଚନ୍ଦ୍ରଙ୍କ ମନରେ ଗଙ୍ଗ ବଂଶର ମହତ୍ତ୍ୱ ଓ ଭୀଷ୍ମଙ୍କ ଆଦର୍ଶ ସବୁବେଳେ ଖେଳ, କଲା ।

କୃଷ୍ଣଚନ୍ଦ୍ରଙ୍କ ପ୍ରାଥମିକ ଶିକ୍ଷା ରାଜପ୍ରାସାଦରେ ଜଣେ ଗୃହଶିକ୍ଷକଙ୍କ ଦ୍ୱାରା ସଂପନ୍ନ ହେଲା । ଓଡ଼ିଶାର ତତ୍କାଳୀନ ଶିକ୍ଷିତ ଓ ସାହିତ୍ୟିକ ଶ୍ୟାମସୁନ୍ଦର ରାଜଗୁରୁଙ୍କ ତତ୍ତ୍ୱାବଧାନରେ ସେ ଇଂରାଜୀ, ଓଡ଼ିଆ, ଇତିହାସ, ଭୂଗୋଳ, ଅଙ୍କ ପ୍ରଭୃତି ଶିକ୍ଷା କରୁଥିଲେ । ସର୍ବାପେକ୍ଷା ଇତିହାସରେ ତାଙ୍କର ଶ୍ରଦ୍ଧା ବଳବତର ଥିଲା । ତେଣୁ ଉତ୍ତରଜୀବନରେ ତାଙ୍କ ବଂଶର ଇତିହାସ ଲେଖିବାକୁ ଡା. ସତ୍ୟନାରାୟଣ ରାଜଗୁରୁଙ୍କୁ କହି ତାହା ସଂପୂର୍ଣ୍ଣ ଲେଖା ହେଲା ପରେ ସେଥିର ପ୍ରକାଶ ଓଡ଼ିଶା ସରକାରଙ୍କ ଦ୍ୱାରା କାର୍ଯ୍ୟରେ ପରିଣତ କରାଇଥିଲେ ।

ପିତା ଗୌରଚନ୍ଦ୍ର ଗଜପତି ୧୯୦୫ ମସିହାରେ ମୃତ୍ୟୁ ବରଣ କଲେ । ସେତେବେଳକୁ ତାଙ୍କର ଏକମାତ୍ର ଉତ୍ତରାଧିକାରୀ କୃଷ୍ଣଚନ୍ଦ୍ର ୧୩ ବର୍ଷ ବୟସର ନାବାଳକ ଛାତ୍ର ଥିଲେ । ତେଣୁ ପାରଳାଖେମୁଣ୍ଡି ଏଷ୍ଟେଟ୍‌ରେ ପରିଚାଳନା ଭାର ସରକାର ବହନ କରି କୃଷ୍ଣଚନ୍ଦ୍ରଙ୍କ ଅଧିକ ଶିକ୍ଷା ପାଇଁ ମାନ୍ଦ୍ରାଜର ରାଜକୁମାର କଲେଜକୁ ପଠାଇ ଦେଲେ । ସେଠାରେ ତାଙ୍କ ପ୍ରାଇଭେଟ ଶିକ୍ଷକ ରୂପେ ଦୁଇଜଣ ଇଂରାଜୀ ଅଧ୍ୟାପକ, Cameran Morrison ଓ Dala Hay ନିଯୁକ୍ତ ହୋଇଥିଲେ । ଅଧ୍ୟାପକ ମି : ମୋରିସନ୍ ଥିଲେ ୟୁରୋପର ଜଣେ ସୁପ୍ରସିଦ୍ଧ ସାହିତ୍ୟିକ ଓ ଇତିହାସଜ୍ଞ ପଣ୍ଡିତ । ତାଙ୍କ ଠାରୁ କୃଷ୍ଣଚନ୍ଦ୍ର ଶିକ୍ଷାକଲେ ବ୍ୟବହାରିକ ପଦ୍ଧତି, ରାଜନୀତି, ସାଧୁତା, ବିଜ୍ଞାନ ଓ ଇତିହାସ । ଏଥର ରାଜକୁମାର କଲେଜରେ ଥିବା ଗଞ୍ଜାମର ଓଡ଼ିଆ ରାଜକୁମାର ମାନେ ସମସ୍ତେ ମିଳିମିଶି 'ହରିଶ୍ଚନ୍ଦ୍ର—ନାଟକ" ଅଭିନୟ କରିବାକୁ ଯାଇ ପ୍ରତ୍ୟେକ ଗୋଟିଏ ଗୋଟିଏ ଭୂମିକାରେ ଅଭିନୟ କରିବାକୁ ସ୍ଥିର କରିଥିଲେ । କୃଷ୍ଣଚନ୍ଦ୍ର ନିଜେ ବାଛି ନେଲେ ଋଷି ବିଶ୍ୱାମିତ୍ରଙ୍କ ଭୂମିକା, ଯେ କି ରାଜା ହରିଶ୍ଚନ୍ଦ୍ରଙ୍କ ସତ୍ୟପରୀକ୍ଷା ପରୀକ୍ଷା କରିବାକୁ ଯାଇ ତାଙ୍କର ସାମ୍ରାଜ୍ୟ ସଙ୍ଗେ ଆତ୍ମଗୋଷ୍ଠୀ ମଧ୍ୟ ଦାନ ଛଳରେ ଅପହରଣ କରିଥିଲେ ଅତି ସୁନ୍ଦର ଭାବେ ଅଭିନୟ କରି କୃଷ୍ଣଚନ୍ଦ୍ର ପ୍ରଶଂସିତ ହୋଇଥିଲେ ସତ; ଓଡ଼ି

ତାଙ୍କ ହୃଦୟରେ ତଦବଧି ସତ୍ୟ ଓ ଦାନର ମହତ୍ତ୍ୱ ସୃଷ୍ଟି ହେଲା । ସେ ତାଙ୍କ ଉତ୍ତର ଜୀବନରେ ସେହି ଦୁଇଟି ନୀତି ବରାବର ରକ୍ଷା କରିଆସିଛନ୍ତି । ତାଙ୍କ ପିତାଙ୍କ ମୃତ୍ୟୁ ବେଳେ ରେଙ୍ଗୁନ୍ ମ୍ୟୁନିସିପାଲିଟି ବ୍ୟାଙ୍କ୍‌ରେ ଯେଉଁ ଏକ କୋଟି ଟଙ୍କା ଗଚ୍ଛିତ ଥିଲା, ସେଥିରୁ ଅର୍ଦ୍ଧାଧିକ ଦାନ ଧର୍ମରେ ଏବଂ ଅପରାର୍ଦ୍ଧ ପ୍ରଜାମାନଙ୍କ ମଙ୍ଗଳ ନିମନ୍ତେ ପାରଳା-ଖେମୁଣ୍ଡିଠାରୁ ନୌପଡ଼ା ପର୍ଯ୍ୟନ୍ତ ଯେଉଁ ରେଳପଥ ତାଙ୍କ ପିତା କରିଥିଲେ ତାହା ଗୁଣୁପୁର ପର୍ଯ୍ୟନ୍ତ ପ୍ରସାରିତ କରି ଦେଇଥିଲେ । ଆଦର୍ଶ କୃଷି ଓ ଗୋପାଳନ ପାଇଁ ବହୁଧନ ବ୍ୟୟ କରି (ହୋମ୍‌ଫାର୍ମ) ଚଳାଇଲେ । ନାରୀ ଶିକ୍ଷା ପାଇଁ ଗୋଟିଏ ଉଚ୍ଚ ଇଂରାଜୀ ବିଦ୍ୟାଳୟ ବସାଇଥିଲେ ଏବଂ ସଂସ୍କୃତ କଲେଜ ସ୍ଥାପନ କରି ଛାତ୍ରମାନଙ୍କର ରହିବା ଓ ଖାଇବା ଖର୍ଚ୍ଚ ବହନ କରୁଥିଲେ । ତାଙ୍କ ପିତୃବ୍ୟଙ୍କ ସ୍ମୃତି ରକ୍ଷା ପାଇଁ ଗୋଟିଏ ରଙ୍ଗାଳୟ ଗଢ଼ାଇଲେ ଏବଂ ବହୁ ଲେଖକ ଓ କବିମାନଙ୍କ ଗ୍ରନ୍ଥ ପ୍ରକାଶ ସକାଶେ ଖର୍ଚ୍ଚ ବହନ କରିଥିଲେ । ଓଡ଼ିଶାର ବିଭିନ୍ନ ଅନୁଷ୍ଠାନ ଓ ବିଦ୍ୟାଳୟକୁ ସେ ଅର୍ଥଦାନ କରିଥିବା ଆଜି ସୁଦ୍ଧା ସ୍ମୃତି ପଟରୁ ଲିଭିଯାଇନାହିଁ । ଓଡ଼ିଶାର କେତେ ରାଜାମହାରାଜା ଯେତେବେଳେ ପ୍ରଜାଙ୍କ ଧନ ଶୋଷଣ କରି ନିଜେ ଘୋର ବିଳାସ ବ୍ୟସନରେ କାଳ-କାଟୁଥିଲେ, ସେତେବେଳେ କୃଷ୍ଣଚନ୍ଦ୍ରଙ୍କ ମନରେ ଗରୀବ ଓଡ଼ିଆ ଓ ଆଦିବାସୀ ଶବରମାନଙ୍କ ଦୁଃଖ ଦୁର୍ଦ୍ଦଶା କିପରି ତିରୋହିତ ହେବ, ସେହି ଭାବନା ଖେଳୁଥିଲା ।

ତାଙ୍କ ଚରିତ୍ର ମଧ୍ୟ ଅତି ଅଦ୍ଭୁତ; ଯେ ତାଙ୍କ ସମ୍ମୁଖରେ ବଡ଼ିମା ପ୍ରକାଶ କରେ, ମିଥ୍ୟା କହେ, କିମ୍ବା ତାଙ୍କର ଗୁଣଗାନ କରେ ସେପରି ଲୋକଙ୍କୁ ସେ ଅତ୍ୟନ୍ତ ଘୃଣା ଜିଂଘାସାକରି ପାଖରୁ ତଡ଼ି ଦେଉଥିଲେ, କିନ୍ତୁ ଆଜି ଅଧିକାଂଶ ନେତା ଖୋସାମୋଦ ପ୍ରିୟ ଏବଂ ଚାଟୁବାକ୍ୟରେ ବିବେକ ହରାଇଥାନ୍ତି ।

କୃଷ୍ଣଚନ୍ଦ୍ର ଗଜପତିଙ୍କ ଗୋଟିଏ ମାତ୍ର ଦୋଷଥିଲା । ସେ ହେଉଛି କ୍ଷଣିକ ରାଗ । ସେ ଯେତେବେଳେ ରାଗନ୍ତି, ସେତେବେଳେ ତାଙ୍କ ସମ୍ମୁଖକୁ କେହି କର୍ମଚାରୀ ବା ସାଧାରଣ ଲୋକ ଯିବାକୁ ଭୟ କରନ୍ତି । ରାଗରେ ଯଦି କେଉଁ ନିରପରାଧ ଲୋକକୁ ସେ ଦଣ୍ଡିତ କରି ଦିଅନ୍ତି, ତେବେ ଅଳ୍ପ ସମୟ ପରେ ରାଗ କମିଗଲେ ତାଂକ ମନରେ ଅନୁତାପ ହୁଏ; ପୁଣି ସେହି ଲୋକର କିଛି ଉପକାର କରି ସଂଶୋଧନ କରିବା ଅଭ୍ୟାସ ତାଙ୍କ ସ୍ୱଭାବର ଏକ ବୈଶିଷ୍ଟ୍ୟ ବୋଲି କୁହାଯାଇପାରେ । ବହୁ ସୁଗୁଣ ମଧ୍ୟରେ ତାଙ୍କର ସେ କ୍ଷଣିକ ରାଗ ଏକ ଦୋଷବୋଲି ଧରାଯାଏ । ମହାକବି କାଳିଦାସ ଲେଖିଛନ୍ତି :—

"ଏକୋହି ଦୋଷୋ ଗୁଣ ସନ୍ନିପାତେ
ନିମଜ୍ଜତେ ନ୍ଦୋ କିରଣେ ସ୍ୱିବାଙ୍କଃ ।"

ଅର୍ଥାତ୍, ଏକମାତ୍ର ଦୋଷ ତୁଲ୍ୟ ଯେଉଁ କଳଙ୍କ ରେଖାଟି ଚନ୍ଦ୍ରଙ୍କର ରହିଛି ତାହା ତାଙ୍କର ବହୁ ଉଜ୍ଜ୍ୱଳ ଗୁଣ ଭିତରେ ନିମଜ୍ଜିତ ହୋଇଯାଏ ।

୧୯୧୩ ମସିହାରେ କୃଷ୍ଣଚନ୍ଦ୍ର ଗଜପତିଙ୍କ ଅଭିଷେକ ଉତ୍ସବ ମହା ସମାରୋହରେ ପାଳିତ ହେଲା । ସେଦିନ ତାଙ୍କ ପୁରୋହିତ ପଣ୍ଡିତ ମଧୁସୂଦନ ରାଜଗୁରୁ (ଏ ଲେଖିକାର ବୃଦ୍ଧ ପିତାମହ) ଯୁବକ କୃଷ୍ଣଚନ୍ଦ୍ରଙ୍କୁ ଶ୍ରୀ ଜଗନ୍ନାଥଙ୍କ ମନ୍ଦିରକୁ ସଙ୍ଗରେ ନେଇ ସେଠାରେ କେତୋଟି ନୀତି ପାଳନ କରିବାକୁ ପ୍ରତିଶ୍ରୁତି କରାଇ ଥିଲେ । ଯଥା: (୧) ପ୍ରଜାମାନଙ୍କୁ ସନ୍ତୁଷ୍ଟ କରିବା. (୨) ହିନ୍ଦୁଧର୍ମ ରକ୍ଷାକରିବା, (୩) ସୁରା ପାନ ନ କରିବା, (୪) ପରଧନରେ ଲୋଭ ନ କରିବା ଓ (୫) ନିରାପରାଧୀଙ୍କୁ ଦଣ୍ଡିତ ନ କରିବା । ଶ୍ରୀ ଜଗନ୍ନାଥ ମନ୍ଦିରରେ କୁଳଗୁରୁଙ୍କ ଆଦେଶ ଯଥା ସମ୍ଭବ ମାନି ସେ ଜୀବନ କଟାଇଥିଲେ ।

ଖ୍ରୀ : ୧୯୧୩ରେ ତାଙ୍କ ବିବାହ ପରେ ତାଙ୍କର ଦୁଇଟି କୁମାରୀ ଓ ଦୁଇଟି ପୁତ୍ର ଜନ୍ମ ହୋଇଥିଲେ । କିନ୍ତୁ ସେଥିର ମାତ୍ର ଅଳ୍ପ ଦୁଇଟି ବର୍ଷପରେ ରାଣୀଙ୍କର ଅକାଳ ବୟୋଗ ହେଲା । ୩୨ ବା ୩୩ବର୍ଷ ବୟସରେ ସେ ବିପତ୍ନିକ ହେବାରୁ ତାଙ୍କ ପାରିବାରିକ ଜୀବନରେ ଘୋର ଦୁଃଖ ଦେଖାଦେଲା । ବୃଦ୍ଧମାତାଙ୍କଠାରେ ସନ୍ତାନ ସନ୍ତତିଙ୍କ ପାଳନଭାର ଦେଇ, ସେ ଦେଶ ଓ ଜାତି ଚିନ୍ତାରେ ଅଧିକ ସମୟ କଟାଇଲେ ।

କୃଷ୍ଣଚନ୍ଦ୍ରଙ୍କୁ ତାଙ୍କ ହିତୈଷୀ ଓ କୁଳପୁରୋହିତ ବୁଝାଇଲେ ଯେ ସେ ଦ୍ୱିତୀୟବାର ବିବାହ କରିବା ଉଚିତ । କାରଣ ଧର୍ମଶାସ୍ତ୍ର ଅନୁସାରେ ରାଜା ବିପତ୍ନିକ ହେବା ଅନୁଚିତ୍ । ରାଜଗୁରୁଙ୍କ ସେହି ଉପଦେଶ ଏଡ଼ାଇ ଦେଇ କୃଷ୍ଣଚନ୍ଦ୍ର କହିଥିଲେ "ରଘୁପତି ରାମଚନ୍ଦ୍ର ତ ନିଜେ ବିପତ୍ନିକ ଥିଲେ । ତାଙ୍କ ଆଦର୍ଶ କଣ ଆମେ ଗ୍ରହଣ କରିବା ଧର୍ମନୁହେଁ ?" ଏ ଯୁକ୍ତିରେ ରାଜଗୁରୁ ନୀରବ ହୋଇଗଲେ ।

ସେତେବେଳେ ବସ୍ତର ରାଜାଙ୍କ ମୃତ୍ୟୁ ପରେ ତାଙ୍କର ଅନୂଢ଼ା କୁମାରୀଙ୍କ ବିବାହ ପାଇଁ ତାଙ୍କ ପୁରୋହିତ ଆସି ପ୍ରସ୍ତାବ କଲେ ଯେ, "ଏତେ ବଡ଼ ବସ୍ତର ରାଜ୍ୟର ଶାସନ କାର୍ଯ୍ୟ ଚଳାଇବାକୁ ଗଙ୍ଗବଂଶର ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଏକମାତ୍ର ସମର୍ଥ ହେବେ । ତେଣୁ ଆମେ ଏହି ବିବାହ ପ୍ରସ୍ତାବ ନେଇ ଏଠାକୁ ଆସିଛୁ ।" କିନ୍ତୁ ମହାରାଜ କୃଷ୍ଣଚନ୍ଦ୍ର ଏଥିରେ ସମ୍ମତ ହେଲେ ନାହିଁ । ତେଣୁ ମୟୂରଭଞ୍ଜ ରାଜଭ୍ରାତାଙ୍କ ସଙ୍ଗେ ବସ୍ତର ରାଜକୁମାରୀଙ୍କ ଶୁଭବିବାହ ସଂପନ୍ନ ହେଲା । କୃଷ୍ଣଚନ୍ଦ୍ର ଗଜପତିଙ୍କର ଅର୍ଥ ଓ କ୍ଷମତା ପ୍ରତି ଯଦି କିଂଚିତମାତ୍ର ଲୋଭ ଥାଆନ୍ତା, ତା'ହେଲେ ସେ ସେହି ପ୍ରସ୍ତାବଟି ଏତେ ସହଜରେ ପ୍ରତ୍ୟାଖ୍ୟାନ କରନ୍ତେ ନାହିଁ ।

ତାଙ୍କର ସମୟଜ୍ଞାନ ଅତିପ୍ରଖର; ପ୍ରତି ମିନିଟ୍‌କୁ ଅନୁସରଣ କରି ତାଙ୍କ କାର୍ଯ୍ୟ ଚାଲିଥାଏ । ବୋଧହୁଏ ସେ ଏହି ଅଭ୍ୟାସ ମାନ୍ଦ୍ରାଜରେ ତାଙ୍କ ଇଂରାଜୀ ଟ୍ୟୁଟର ମିଃ ମୋରିଶନଙ୍କଠାରୁ ଶିକ୍ଷା କରିଥିଲେ । ପ୍ରତ୍ୟହ ପ୍ରଭାତ ୪ଟା ବେଳେ ଶଯ୍ୟା ତ୍ୟାଗ କରି ୬ଟା ପୂର୍ବରୁ ସାମାନ୍ୟ କଫି ଓ ଜଳଖିଆ ଖାଇ ମୋଟର ଗାଡ଼ିରେ (ପୂର୍ବେ ଘୋଡ଼ା ଗାଡ଼ିରେ) ସର୍ବପ୍ରଥମେ ତାଙ୍କ କୃଷି କ୍ଷେତ୍ର 'ହୋମ୍-ଫାର୍ମ'କୁ ଯାଇ ଗୋରୁମାନଙ୍କର ଖାଦ୍ୟ ଓ ସ୍ୱାସ୍ଥ୍ୟ ସଂପର୍କରେ ନିଯୁକ୍ତ ଲୋକଙ୍କୁ ଉପଦେଶ ଦେଇ ସନ୍ତୁଷ୍ଟୋତ୍ତରକୁ ଉଦର ପୂର୍ଣ୍ଣ ହେବା ପର୍ଯ୍ୟନ୍ତ ସେଠାରେ ବସି ରହୁଥିଲେ । ସେହି ସମୟରେ ସେଠାର କର୍ମଚାରୀ ଓ ସାଧାରଣ ଲୋକଙ୍କ ଅଭାବ-ଅଭିଯୋଗ ଶୁଣି ଫେରିଲା ପରେ ସଙ୍ଗେ ସଙ୍ଗେ ସେଥିର ପ୍ରତିକାର ବ୍ୟବସ୍ଥା କରୁଥିଲେ । ଏପରିଭାବେ ତାଙ୍କର ପ୍ରତ୍ୟକ୍ଷ ବ୍ୟବସ୍ଥା ହେତୁ କୃଷି-କ୍ଷେତ୍ରରେ କିମ୍ବା ଗୋରୁଙ୍କ ସେବାରେ ଆଦୌ ବ୍ୟତିକ୍ରମ ହେଉ ନ ଥିଲା । ଗୋରୁଙ୍କ ସ୍ୱାସ୍ଥ୍ୟ ରକ୍ଷା ନିମନ୍ତେ ସେ ଜଣେ ପଶୁଚିକିତ୍ସକଙ୍କୁ ନିଯୁକ୍ତ କରି ସ୍ୱତନ୍ତ୍ର ଏକ ପଶୁ ଚିକିତ୍ସାଳୟର

ବ୍ୟବସ୍ଥା କରିଥିଲେ । ଏହା କେବଳ ତାଙ୍କ ନିଜ ଗୋରୁଙ୍କ ପାଇଁ ନୁହେଁ, ଜମିଦାରୀର ସମସ୍ତ ପ୍ରଜାମାନଙ୍କର ମଧ୍ୟ ଉପକାରରେ ଲାଗୁଥିଲା ।

ଗୋସେବା ସାରି ଠିକ୍ ସକାଳ ୯ଟା ବେଳେ ସେ ନଅରକୁ ଫେରି ସ୍ନାନାଦି ନିତ୍ୟକର୍ମ ଶେଷ କରି 'ଦେବାର୍ଚ୍ଚନ' ସଂପନ୍ନ କରୁଥିଲେ । ସେତେବେଳେ ରାଜଗୁରୁ ଓ ପଣ୍ଡିତ ବ୍ରାହ୍ମଣମାନେ ହିଁ ଦେବାର୍ଚ୍ଚନ-ଗୃହରେ ଉପସ୍ଥିତ ରହୁଥିଲେ । ଏକ ଶାନ୍ତ-ନିଃଶବ୍ଦ-ପରିବେଶ ମଧ୍ୟରେ ପଟ-ବସ୍ତ୍ର-ପରିହିତ ମହାରାଜା ତିଳକ ଓ ଇଷ୍ଟଦେବତାଙ୍କ ଆରାଧନା ଓ ଜପକର୍ମ ଶେଷ କରିସାରି, ତାଙ୍କ ଅଧୀନରେ ପରିଚାଳିତ ଅନ୍ୟାନ୍ୟ ମଠ ମନ୍ଦିରମାନଙ୍କ ଭଲମନ୍ଦ ଖବର ରଖୁଥିଲେ ।

'ଦେବାର୍ଚ୍ଚନ' ପରେ ପ୍ରଭାତ ଠିକ୍ ୧୧ଟା ବେଳେ ତାଙ୍କର ଭୋଜନ ଶେଷ ହେଉଥିଲା । ତା ପରେ ସେ ନିଜ ଏଷ୍ଟେଟ୍‌ର ଶାସନ-ସଂପର୍କିତଫାଇଲ-ପତ୍ର ଦେଖି କଚେରୀରେ ଅପରାହ୍ଣ ୨ଟା ପର୍ଯ୍ୟନ୍ତ ବସି କାମ କରୁଥିଲେ । ସମୟେ ସମୟେ ତାଙ୍କ ସେକ୍ରେଟାରୀ କିମ୍ବା ମେନେଜର ବା ଦେବାନଙ୍କୁ ଡକାଇ ଆବଶ୍ୟକୀୟ ପରାମର୍ଶ ଦେଉଥିଲେ ।

ଅପରାହ୍ଣ ୨ଟା ପରେ ପ୍ରାୟ ଦେଢ଼ଘଣ୍ଟା ବିଶ୍ରାମ କରି ଖବର-କାଗଜ କିମ୍ବା ବହିପତ୍ର ପଢ଼ିବା ଅଭ୍ୟାସ ତାଙ୍କର ରହିଥିଲା । ଅପରାହ୍ଣ ୪ଟା ବେଳେ ସାମାନ୍ୟ କଫି ଓ ଜଳଯୋଗ ସାରି ସନ୍ଧ୍ୟା ୫ଟାରୁ ଘଣ୍ଟାଏ ଏଷ୍ଟେଟ୍‌ର ଜଙ୍ଗଲ ବିଭାଗ କର୍ମଚାରୀ ଓ ବାଣୁଆଙ୍କୁ ସଙ୍ଗରେ ଧରି ମୋଟରରେ ବୁଲି ଆସୁଥିଲେ । ଜଙ୍ଗଲଗୁଡ଼ିକ ଯେପରି କ୍ରମେ ବର୍ଦ୍ଧିତ ହେବ ଓ ନୂଆ ନୂଆ ବୃକ୍ଷରୋପଣ କରାଯିବ, ସେଥିର ଚିକିନିଖି ବ୍ୟବସ୍ଥା କରିବା ଥିଲା ତାଙ୍କର ଦୈନନ୍ଦିନ କର୍ମ । କ୍ଷତ୍ରିୟ କୁଳାଚାର ଅନୁସାରେ ନିର୍ଦ୍ଦିଷ୍ଟ ଦିନମାନଙ୍କରେ ବନ୍ୟଜନ୍ତୁ ଶିକାର କରିବାକୁ ସେ ଭୁଲିଯାଇ ନ ଥିଲେ । ବ୍ୟାଘ୍ର ଶିକାର ଥିଲା ତାଙ୍କର ଏକ ପ୍ରିୟ କର୍ମ ।

ଯେଉଁ ଦିନ ସନ୍ଧ୍ୟା ଭ୍ରମଣରେ ବା ଶିକାରକୁ ଯାଇ ନ ଥାନ୍ତି ସେ ଦିନ ସନ୍ଧ୍ୟା କ୍ରିକେଟ ଖେଳରେ ତାଙ୍କର ସମୟ କଟିଯାଏ ।

ନଅର ପାର୍ଶ୍ୱରେ ଥିବା ବିରାଟ ଖେଳ ପଡ଼ିଆକୁ ଯାଇ ସେଠାରେ 'କଲେଜ-ଟିମ୍'ରେ ତାଙ୍କ ପାଇଁ ପ୍ରସ୍ତୁତି ଥିବା ସ୍ୱତନ୍ତ୍ର ଖେଳାଳୀଙ୍କ ସଙ୍ଗେ ମିଶି ବ୍ୟାଟିଂ କରିବା ଥିଲା ତାଙ୍କର ଅତ୍ୟନ୍ତ ପ୍ରିୟ ଆମୋଦ । ସୁଦକ୍ଷ 'ଫାଷ୍ଟ-ବୋଲର' ବୁଲ୍ଲି ନାମକ ଜଣେ ତେଲୁଗୁ ଯୁବକର ବୋଲିଂ ତାଙ୍କର ପ୍ରିୟ ଥିଲା; କାରଣ ତାଙ୍କର ବୋଲିଂ ବନ୍ଧୁକର ଗୁଳି ପରି ଅତି କ୍ଷିପ୍ର । ଥରେ ସେହି ଖେଳରେ ବଲ୍‌ଟା ମହାରାଜାଙ୍କ କଂସରେ ବାଜିବାରୁ ସେ ବହୁଦିନ ପର୍ଯ୍ୟନ୍ତ ଖେଳିବାକୁ ଯାଇ ପାରିଲେ ନାହିଁ । ତାଙ୍କ ବାମ ଆଖିରେ ଦରଜଟା ମଧ୍ୟ ବହୁତ ବର୍ଷ ପର୍ଯ୍ୟନ୍ତ ରହି ଥିଲା ।

ତାଙ୍କ ଜୀବନର ଅତି ପ୍ରିୟ କର୍ମଥିଲା ଘୋଡ଼ା ସବାରୀ । ସେଥିରେ ସେ ଦୁଇଥର ଘୋର ବିପଦର ସମ୍ମୁଖୀନ ହୋଇଥିଲେ । ପ୍ରଥମ ବିପଦଟି ହେଉଛି, ମହେନ୍ଦ୍ରତନୟା ନଦୀ ତଟରେ ଏକଦା ତାଙ୍କ ନିର୍ଦ୍ଦିଷ୍ଟ ସବାରୀ–ଘୋଡ଼ାରେ ବସି ତୀର ବେଗରେ ଶୁଷ୍କ ଧାନ ଜମି ଭିତରେ ଗଲାବେଳେ ଗୋଟିଏ ଉଚ୍ଚ ହିଡ଼ ଉପରେ ଲଂଫ ଦେଇ ଆର ପାଖରେ ଥିବା ଏକ ଶିଆଳଗାତ ଭିତରେ ଘୋଡ଼ାର ଆଗ ଦୁଇଟି ପାଦ ପଶିଯିବା ଫଳରେ ଘୋଡ଼ା ଓଲଟି ପଡ଼ି ସଙ୍ଗେ ସଙ୍ଗେ ମରିଗଲା । ଖଣ୍ଡେ ଦୂରରେ ମହାରାଜା ମୂର୍ଚ୍ଛିତ ହୋଇ ପଡ଼ିଲେ । କେହି କେଉଁଠାରେ ନାହିଁ, ମଧ୍ୟାହ୍ନ ସମୟ । ଦୈବାତ ସେତିକି ବେଳେ ଜଣେ ବୃଦ୍ଧ ବ୍ରାହ୍ମଣ ରାମଲିଙ୍ଗେଶ୍ୱର ମହାଦେବଙ୍କ ମନ୍ଦିରରୁ ସେ ବାଟରେ ଫେରୁଥିଲେ । ସେ ଦଉଡ଼ି ଯାଇ କମଣ୍ଡଳରେ ଧରିଥିବା ପାଣି ମହାରାଜାଙ୍କ ମୁହଁରେ ଛିଞ୍ଚି ତାଙ୍କୁ ସଚେତ କଲେ । ତା ପରେ ଅନ୍ୟମାନଙ୍କୁ ଜଣାଇ ରାଜାଙ୍କୁ ଚିକିତ୍ସା ସକାଶେ ରାଜବାଟିକୁ ନିଆଗଲା । ଦ୍ୱିତୀୟ ଥର ବିପଦଟି ହେଲା, ଯେତେବେଳେ, ସେ ଘୋଡ଼ାଗାଡ଼ିରୁ ଛିଟ୍କାଡ଼ି ହୋଇ ସୀତାସାଗର ପାଣିରେ ପଡ଼ି ଚିଙ୍ଗୁଡ଼ିଆ ଦଳରେ ଛନ୍ଦି ହୋଇ ବୁଡ଼ିଯାଉଥିଲେ । ଠିକ୍ ସେତିକି ବେଳେ ଜଣେ କେଉଟ ଅଳ୍ପଦୂରରେ ମାଛ ଧରୁଥିଲେ । ସେ ତାଙ୍କୁ ଉଦ୍ଧାର କରି ପ୍ରାଣ ରକ୍ଷା କଲା । ଉଭୟ ରକ୍ଷକଙ୍କୁ ମହାରାଜା ପୁରସ୍କୃତ କରିଥିଲେ ।

୧୯୨୯ ସାଲରେ ଭାରତ ସର୍କାରଙ୍କ ପକ୍ଷରୁ ଏଗ୍ରିକଲଚର କମିଶନ (Agriculture Commission) ର ସଭ୍ୟ ରୂପେ ମନୋନୀତ ହୋଇ ସେ ବର୍ମାରୁ ଉତ୍କୃଷ୍ଟ ଜାତୀୟ ଆଖୁ ସଂଗ୍ରହ କରି ସର୍ବପ୍ରଥମେ ତାହା ଭାରତରେ ପ୍ରଚଳିତ କଲେ । ସେହି କମିଶନ୍ ପକ୍ଷରୁ ବ୍ରିଟିଶ୍ ସର୍କାରଙ୍କ ବିଭିନ୍ନ ଅଞ୍ଚଳରେ ଗସ୍ତ କରି ସେ ଯେଉଁ ଲକ୍ଷେ ଟଙ୍କା ଗସ୍ତଖର୍ଚ୍ଚ ପାଇଥିଲେ, ସେଥିରେ ଅଧିକ ଆଉ କିଛି ମିଶାଇ କୁନୁରଠାରେ ଏକ "ପୁଷ୍ଟି ଖାଦ୍ୟ ଗବେଷଣା କେନ୍ଦ୍ର" ପାଇଁ ଦାନ କଲେ ।

ସ୍ୱତନ୍ତ୍ର-ଓଡ଼ିଶା-ପ୍ରଦେଶ ଗଠନ ପାଇଁ ଲଣ୍ଡନ୍‌ର ଗୋଲ ଟେବୁଲ ବୈଠକରେ ଯୋଗ ଦେଇ ସେ ଯେଉଁ ପ୍ରସ୍ତାବଟି ଆଗତ କଲେ, ସେଥିର ଫଳସ୍ୱରୂପ ଓଡ଼ିଆମାନେ ଆଜି ଏକ ସ୍ୱତନ୍ତ୍ର-ପ୍ରଦେଶ ଲାଭ କରିଅଛନ୍ତି । ୧୯୩୬ ଏପ୍ରିଲ ପହିଲାରେ ଓଡ଼ିଶା-ପ୍ରଦେଶ ଗଠିତ ହେଲା । ସେଦିନ କଟକ ବାରବାଟି କିଲ୍ଲାରେ ମହାରାଜା ଯେଉଁ 'ଗାର୍ଡେନ୍-ପାର୍ଟି'ରେ ହଜାର ସଂଖ୍ୟାରେ ଓଡ଼ିଆ ଓ ଅନ୍ୟାନ୍ୟ ଶୁଭାକାଂକ୍ଷୀମାନଙ୍କୁ ଆପ୍ୟାୟିତ କରିଥିଲେ, ତାହା ଏ ଜାତିର ଏକ ମହାନ୍ ଉତ୍ସବ । ୪୪ ବର୍ଷୀୟ ମହାରାଜାଙ୍କ କୃତିତ୍ୱ ଓ ଜାତିପ୍ରାଣତା ଶତଶତ ମୁଖରେ ପ୍ରଶଂସିତ ହେଲା ।

କିନ୍ତୁ ତାଙ୍କ ପାରିବାରିକ ଜୀବନ ଅତି ଦୁଃଖମୟ ହୋଇଥିଲା । ରାଣୀଙ୍କ ବିୟୋଗ ପରେ ଯେଉଁ ଗୁଡ଼ିଏ ସନ୍ତାନଙ୍କୁ ସେ ଅତି ଯତ୍ନରେ ବଢ଼ାଇଥିଲେ, ସେଥିରୁ ଅକାଳରେ ଜ୍ୟେଷ୍ଠ ପୁତ୍ର ଓ ଜ୍ୟେଷ୍ଠ କନ୍ୟାଙ୍କ ବିୟୋଗ ତାଙ୍କ ପ୍ରାଣରେ ଦାରୁଣ ଆଘାତ ଦେଲା । ସେ ଓଡ଼ିଶାର ପ୍ରଥମ ମୁଖ୍ୟମନ୍ତ୍ରୀ ହୋଇ ଓଡ଼ିଶା ପାଇଁ ଏକ ବିଶ୍ୱବିଦ୍ୟାଳୟ ଗଠନ ଓ ମେଡ଼ିକାଲ୍ କଲେଜ ସ୍ଥାପନ କରିଥିଲେ । କିନ୍ତୁ ଓଡ଼ିଶାରେ ଯେଉଁ ଦୃଢ଼ ଓ ନିର୍ମଳ ଶାସନର କଳ୍ପନା ସେ କରିଥିଲେ, ତାହା ସେପରି ନହେବା ଦେଖି ନିରାଶା ଓ ଦୁଃଖରେ ରାଜନୀତି କ୍ଷେତ୍ରରୁ ଚିର ବିଦାୟ ନେଲେ । ତାଙ୍କ ଆରାଧ୍ୟ ପିତୃ ପୁରୁଷ ଭୀଷ୍ମଦେବ ମହାଭାରତ ଯୁଦ୍ଧକ୍ଷେତ୍ରରୁ ବିଦାୟ ନେଇ ଯେପରି ଶରଶଯ୍ୟାରେ ନୀରବ ଦର୍ଶକ ହୋଇ ରହିଥିଲେ, କୃଷ୍ଣଚନ୍ଦ୍ର ଗଜପତି ମଧ୍ୟ ସେପରି ଓଡ଼ିଶା ରାଜ୍ୟର ରାଜନୈତିକ ସଂଘର୍ଷର ମୂକ ଦର୍ଶକ


ହୋଇ ରହିଥିଲେ । ୧୯୭୨ ମସିହାରେ ୮୨ ବର୍ଷ ବୟସରେ ତାଙ୍କ କର୍ମମୟ ଜୀବନର ଅବସାନ ହେଲା ।

ଆଜି ଓଡ଼ିଶା ପ୍ରଦେଶ ଗଠନର ଅର୍ଦ୍ଧଶତାବ୍ଦୀ ସୁବର୍ଣ୍ଣ ଜୟନ୍ତୀରେ ସେହି ମହାନ ବ୍ୟକ୍ତିତ୍ୱର ଗୁଣାବଳୀ ଓ ଚରିତ୍ର ସ୍ମରଣ କଲେ ମନ ପୁଲକିତ ହୁଏ ।

ମାର୍ଫତ୍ ଡକ୍ଟର ଏସ୍. ଏନ୍. ରାଜଗୁରୁ
ଚିତ୍ରକର ଲେନ୍,
ପାରଳାଖେମଣ୍ଡି, ଗଞ୍ଜାମ ।

—

ଓଡ଼ିଶା ହାଇକୋର୍ଟ, କଟକ ।





୧୯୮୬ ଦିଲ୍ଲୀ ସାଧାରଣତନ୍ତ୍ର ଦିବସରେ ପ୍ରଦର୍ଶିତ ଓଡ଼ିଶାର ପ୍ରଦର୍ଶନ ମଣ୍ଡପପାଇଁ ପ୍ରଧାନମନ୍ତ୍ରୀଙ୍କ ଠାରୁ ପୁରସ୍କାର ଗ୍ରହଣ...

*For Quality Refractories*

**APPROACH—**

# TATA
## REFRACTORIES LIMITED

P. O. BELPAHAR
Dist. SAMBALPUR, ORISSA
Pin: 768218


ଆଜି
ମନେପଡ଼ନ୍ତି...

# ଓଡ଼ିଶାର ପୁରାଭିଲେଖ



ଡଃ ସ୍ନିଗ୍ଧା ତ୍ରିପାଠୀ

ପୁରାଭିଲେଖ କହିଲେ ସାଧାରଣତଃ ଆମ ଆଖି ଆଗରେ ଭାସି ଉଠେ ଆମରି ଆଖ ପାଖରେ ଅବସ୍ଥିତ ଏବଂ ବହୁଜନ-ବିଦିତ ଧଉଳି ପାହାଡ଼ରେ ଉତ୍କୀର୍ଣ୍ଣ ମୌର୍ଯ୍ୟ ସମ୍ରାଟ ଅଶୋକଙ୍କ ଅନୁଶାସନ କିମ୍ବା ତନ୍ନିକଟବର୍ତ୍ତୀ ଉଦୟଗିରି-ଖଣ୍ଡଗିରିଠାରେ କଳିଙ୍ଗ ସମ୍ରାଟ ଖାରବେଳଙ୍କ ୧୩ ବର୍ଷ ରାଜତ୍ୱବିବରଣୀ ସମ୍ବଳିତ ଉତ୍କୀର୍ଣ୍ଣ ଶିଳାଲେଖ । ଏହା ଛଡ଼ା ଓଡ଼ିଶାର ପ୍ରାୟ ସର୍ବତ୍ର ପ୍ରାଚୀନ ମନ୍ଦିର ଗାତ୍ରରେ ଏହିପରି ଅନେକ ପ୍ରାଚୀନ ଯୁଗର ଲେଖା ଖୋଦିତ ହୋଇରହିଛି । ଏଗୁଡ଼ିକ ମଧ୍ୟରୁ ବହୁ ପୁରାଭିଲେଖ ବର୍ତ୍ତମାନସୁଦ୍ଧା ଲୋକଲୋଚନକୁ ଆସିପାରି ନାହିଁ । ସାଧାରଣ ଲୋକଙ୍କ ମନରେ ଅନେକ ସମୟରେ ଏହିସବୁ ପ୍ରାଚୀନ ଲେଖା ଏବଂ ତହିଁରେ ବ୍ୟବହୃତ ଅଦ୍ଭୁତ ଲିପି ସମ୍ବନ୍ଧରେ କୌତୂହଳ ସୃଷ୍ଟି ହେବା ସ୍ୱାଭାବିକ । ଏଗୁଡ଼ିକର ପାଠୋଦ୍ଧାର ଫଳରେ ଓଡ଼ିଶାର ଐତିହାସିକ ତଥା ଗବେଷକମାନେ ସେକାଳର ଇତିହାସ ଓ ସଂସ୍କୃତି ସମ୍ବନ୍ଧରେ ନୂତନ ଆଲୋକପାତ କରିବାରେ ସକ୍ଷମ ହୋଇଛନ୍ତି । ପ୍ରାଚୀନ ଲେଖ ଓ ତହିଁରେ ବ୍ୟବହୃତ ପ୍ରାଚୀନ ଲିପିସମୂହର ଅନୁଶୀଳନ, ଆଲୋଚନା ଓ ସେଗୁଡ଼ିକର ପାଠୋଦ୍ଧାର ହେଉ ପ୍ରତ୍ନ-ଲେଖ ଓ ପ୍ରତ୍ନ-ଲିପି ତତ୍ତ୍ୱ । ଭାରତର ଅନ୍ୟାନ୍ୟ ଅଞ୍ଚଳ ପରି ଓଡ଼ିଶାରେ ମଧ୍ୟ ପ୍ରାୟ ସର୍ବତ୍ର ବିଶେଷତଃ ପ୍ରାଚୀନ ଐତିହାସିକ ଓ ତୀର୍ଥସ୍ଥାନମାନଙ୍କରେ ଉତ୍କୀର୍ଣ୍ଣ ଲେଖ ଦେଖିବାକୁ ମିଳେ । ସାଧାରଣତଃ, ଶିଳା, ପ୍ରସ୍ତରଖଣ୍ଡ, ଧାତୁନିର୍ମିତ ଆଧାର, ପୋଡ଼ା ଇଟା ଖଣ୍ଡ ବା ପୋଡ଼ା ମାଟିର ଅନ୍ୟାନ୍ୟ ଉପକରଣ, ହାତୀଦାନ୍ତରେ ନିର୍ମିତ ଉପକରଣ ପ୍ରଭୃତିକୁ ଆଧାର କରି ପୁରାଭିଲେଖ ଖୋଦିତ ହେବା ଲକ୍ଷ୍ୟ କରାଯାଏ । ଏହାଛଡ଼ା ଛାଞ୍ଚ ଅଥବା ମୁଦ୍ରଣ ଉପକରଣ ସାହାଯ୍ୟରେ ନିର୍ମିତ ପ୍ରାଚୀନ ଧାତୁ ମୁଦ୍ରା ଉପରେ ଉତ୍କୀର୍ଣ୍ଣ ଲେଖ, ପୋଡ଼ାମାଟିର ସିଲ୍-ମୋହର, ଏବଂ କାଳି ବା ରଙ୍ଗ ସାହାଯ୍ୟରେ ବସ୍ତ୍ର-ଖଣ୍ଡ ଅଥବା ତାଳପତ୍ର, ଭୂର୍ଜପତ୍ର ଇତ୍ୟାଦି ଉପରେ ଅଙ୍କିତ ଲେଖା ମଧ୍ୟ ପୁରାଭିଲେଖ ତତ୍ତ୍ୱର ଅନ୍ତର୍ଗତ । ପ୍ରାଚୀନ ଯୁଗରେ ରାଜା ମହାରାଜାମାନେ ସଂକ୍ଷିପ୍ତ ପ୍ରଶସ୍ତି ସହ ନିଜ ନିଜ ନାମାଙ୍କିତ ଧାତୁମୁଦ୍ରା ପ୍ରଚଳନ କରିଥିଲେ । ଉଦାହରଣ ସ୍ୱରୂପ, ଗୁପ୍ତ-ରାଜବଂଶୀୟ ସମ୍ରାଟ ସମୁଦ୍ରଗୁପ୍ତ ଏବଂ ଚନ୍ଦ୍ରଗୁପ୍ତ ଦ୍ୱିତୀୟଙ୍କ ସ୍ୱର୍ଣ୍ଣମୁଦ୍ରାରେ ନିଜ ନିଜ ନାମ ସହିତ ସେମାନଙ୍କର ସଂକ୍ଷିପ୍ତ ପ୍ରଶସ୍ତି ଲେଖାଯାଇଥିବାର ଦେଖାଯାଏ । ଧାତୁନିର୍ମିତ ଛାଞ୍ଚ ସାହାଯ୍ୟରେ ଏହି ମୁଦ୍ରାଗୁଡ଼ିକ ତିଆରି ହେଉଥିବା ଯୋଗୁଁ ଏଥିରେ ଥିବା ପ୍ରତିକୃତି ତଥା ଲେଖାସବୁ ଖୋଦିତ ନ ହୋଇ ଉତ୍କୀର୍ଣ୍ଣ ବା ରିଲିଫ ( relief ) ଅର୍ଥାତ୍ ସମତଳରୁ ଉଚ୍ଚୋଦ୍‌ଗତ ହୋଇଥାଏ । ପୋଡ଼ାମାଟିର ସିଲ୍ ବା ମୁଦ୍ରାରେ ଥିବା ଲେଖ ମଧ୍ୟ ଏହି ପ୍ରକାର । ମଧ୍ୟଯୁଗରେ ଅର୍ଥାତ୍ ମୁସଲମାନ ଓ ମୋଗଲ ରାଜତ୍ୱକାଳୀନ ପାରସିକ୍ ଓ ଆରବିକ୍ ଭାଷାଭାଷୀ ଓ ଲିପିର ଲେଖସବୁ ଶିଳା ବା ଧାତୁରେ ଖୋଦିତ ନ ହୋଇ ଅକ୍ଷରଗୁଡ଼ିକର ଚତୁଃପାର୍ଶ୍ୱରୁ ଖୋଳାଯାଇ ସୃଷ୍ଟି କରାଯାଇଥିବା ସମତଳରୁ ଉଚ୍ଚୋଦ୍‌ଗତ ଅକ୍ଷର ସାହାଯ୍ୟରେ ଲେଖାଯାଇଥିଲା । ଏହାର ଅନୁକରଣରେ ମଧ୍ୟ ଯୁଗ ତଥା ଖ୍ରୀଷ୍ଟୀୟ ୧୭୦୦-୧୮୦୦ ଶତାବ୍ଦୀର କେତେକ ଭାରତୀୟ ଭାଷାର ଅଭିଲେଖ ଉତ୍କୀର୍ଣ୍ଣ ହୋଇଥିବା ଦେଖାଯାଏ । ଓଡ଼ିଶାରେ ଏପରି ଅଭିଲେଖର ସଂଖ୍ୟା କମ୍ ଏବଂ ତାହା ମଧ୍ୟ ଖ୍ରୀଷ୍ଟୀୟ ୧୭୦୦-୧୮୦୦ ଶତାବ୍ଦୀରେ ଉତ୍କୀର୍ଣ୍ଣ ଦ୍ୱିଭାଷୀ ବା ତ୍ରିଭାଷୀ ଲେଖ ଅର୍ଥାତ ଉର୍ଦ୍ଦୁ-ଓଡ଼ିଆ, ଅଥବା ଦେବ ନାଗରୀ-ଓଡ଼ିଆ-ବଙ୍ଗଳା ଭାଷାଯୁକ୍ତ ଅଭିଲେଖ (ଓଡ଼ିଶା ରାଜ୍ୟ ସଂଗ୍ରହାଳୟ, ଭୁବନେଶ୍ୱରରେ ଏ ପ୍ରକାର କେତେକ ଅଭିଲେଖ ସଂରକ୍ଷିତ) ।

ସନ୍ନିହିତ ବିଷୟର ଅବତାରଣା ଅନୁସାରେ ପ୍ରତ୍ନଲେଖଗୁଡ଼ିକ ସଂକ୍ଷିପ୍ତ ବା ବିସ୍ତୃତ ହୋଇଥାଏ । ଏପରିକି କେତେକ କେବଳ ଗୋଟିଏ ବା ଦୁଇଟି ଅକ୍ଷର ବା ଶବ୍ଦବିଶିଷ୍ଟ ହେବା ସ୍ଥଳେ ଆଉ କେତେକ, କୌଣସି ଅକ୍ଷର ଖୋଦିତ ନ ହୋଇ କେବଳ ପ୍ରତୀକ- ଚିହ୍ନ ବିଶିଷ୍ଟ ମଧ୍ୟ ହୋଇଥାଏ । ଉଦାହରଣସ୍ୱରୂପ କେବଳ ସ୍ୱସ୍ତିକ ଚିହ୍ନ ଅଥବା ବୌଦ୍ଧମାନଙ୍କର ଧର୍ମ-ଚକ୍ର-

ପ୍ରବର୍ତ୍ତନ ମୁଦ୍ରାର ଚିହ୍ନ ଥାଇ ଅଭିଲେଖ ହୋଇଥାଏ । ସେହିପରି କେବଳ ବ୍ୟକ୍ତିବିଶେଷର ନାମ ଯୁକ୍ତ ପୋଡ଼ାମାଟିରେ ପ୍ରସ୍ତୁତ ସିଲମୋହର, ଦୂରଦେଶରୁ ଆଗତ ତୀର୍ଥଯାତ୍ରୀମାନଙ୍କର କେବଳ ନାମ ଖୋଦିତ ପ୍ରସ୍ତର ଖଣ୍ଡ ଅଥବା ପ୍ରାଚୀନ ସ୍ତୂପ ବା ମନ୍ଦିର ଗାତ୍ରରେ, ପୁରାଣ ତଥା ଜାତକ ଗଳ୍ପ ଅବଲମ୍ବନରେ ଅଙ୍କିତ ଲିପିଚିତ୍ରର ସଂକ୍ଷିପ୍ତ ପରିଚୟଲିପି ବହୁସଂଖ୍ୟାରେ ଦେଶର ନାନା ଅଞ୍ଚଳରେ ଦେଖାଯାଏ । ଏଗୁଡ଼ିକର ତୁଳନାରେ ବର୍ତ୍ତମାନ ସୁଦ୍ଧା ଆବିଷ୍କୃତ ସବିସ୍ତାର ପୁରାଭିଲେଖର ସଂଖ୍ୟା ମଧ୍ୟ କିଛି କମ୍ ନୁହେଁ । ଗଦ୍ୟ ବା ପଦ୍ୟ ଆକାରରେ ରଚିତ ପ୍ରାଚୀନକାଳର ବିଭିନ୍ନ ଘଟଣାର ସବିସ୍ତାର ବର୍ଣ୍ଣନା ଅତୀତର ସ୍ମୃତି ରକ୍ଷାର୍ଥେ ଶିଳାଖଣ୍ଡ ଧାର୍ମିକ ଅନୁଷ୍ଠାନର ପ୍ରସ୍ତର ପ୍ରାଚୀରରେ କିମ୍ବା ଧାତୁ ପାତ୍ରରେ ଖୋଦିତ କରାଯାଉଥିଲା । ଆତ୍ମଜୀବନୀ, ତଥା କୀର୍ତ୍ତିକଳାପର ସ୍ମୃତି ଚିରସ୍ଥାୟୀ କରିବା ଉଦ୍ଦେଶ୍ୟରେ ଇଷ୍ଟଦେବ-ଦେବୀଙ୍କ ପ୍ରଶସ୍ତି ସହ ଆତ୍ମପ୍ରଶସ୍ତି ଲେଖାଇବା ପ୍ରାଚୀନ ଶାସକଗୋଷ୍ଠୀ ତଥା ଧନୀ ଓ ପ୍ରଭାବଶାଳୀ ବ୍ୟକ୍ତିମାନଙ୍କର ଅନ୍ୟତମ ପ୍ରଥା ଥିଲା । ଅନେକ କ୍ଷେତ୍ରରେ ଏହି ପ୍ରଶସ୍ତିମୟ ସୁଦୀର୍ଘ ପୁରାଭିଲେଖଗୁଡ଼ିକ କାବ୍ୟ ବା ଖଣ୍ଡକାବ୍ୟର ଆକାର ନେଇଥିବା ମଧ୍ୟ ପରିଲକ୍ଷିତ ହୁଏ । ଆମଦେଶର କେତେକ ଅଞ୍ଚଳରେ କାବ୍ୟ ନାଟକ ଆକାରରେ ରଚିତ କେତେକ ସୁଦୀର୍ଘ ଅଭିଲେଖ ଆବିଷ୍କୃତ ହୋଇଛି । କେତେକ ସର୍ଗରେ ବିଭକ୍ତ ରାଜସ୍ଥାନର ଉଦୟପୁର ଅଞ୍ଚଳରୁ ଆବିଷ୍କୃତ 'ରାଜପ୍ରଶସ୍ତିକାବ୍ୟ' ନାମକ ପୁରାଭିଲେଖର ଉଲ୍ଲେଖ କରାଯାଇପାରେ । ପୁରାଭିଲେଖର ବିଷୟବସ୍ତୁ ସ୍ୱରୂପ 'ହରକେଳି-ନାଟକ' ଓ 'ଲଳିତବିଗ୍ରହରାଜ' ନାମକ ଦୁଇଟି ନାଟକର ସନ୍ଧାନ ମଧ୍ୟ ରାଜସ୍ଥାନ ଅଞ୍ଚଳରୁ ପ୍ରତ୍ନତତ୍ତ୍ୱବିଦ୍‌ମାନେ ପାଇଛନ୍ତି । ଓଡ଼ିଶାରେ ଅବଶ୍ୟ କାବ୍ୟ, ନାଟକ ସଦୃଶ ସୁବୃହତ୍ ପୁରାଭିଲେଖର ସନ୍ଧାନ ଏ ପର୍ଯ୍ୟନ୍ତ ମିଳିନାହିଁ କିନ୍ତୁ ସୁନ୍ଦର, ସାବଲୀଳ ସଂସ୍କୃତ ଭାଷାରେ ରଚିତ, ପ୍ରାଚୀନ ରାଜବଂଶୀୟ କୀର୍ତ୍ତିକଳାପ ସମ୍ବନ୍ଧୀୟ ସୁଦୀର୍ଘ ପ୍ରଶସ୍ତିର ସଂଖ୍ୟା କିଛି କମ୍ ନୁହେଁ । ପ୍ରତ୍ନତାତ୍ତ୍ୱିକମାନଙ୍କ ପ୍ରଚେଷ୍ଟାରେ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ଓ ବିଭିନ୍ନ ଯୁଗରେ ରାଜତ୍ୱ କରୁଥିବା ରାଜବଂଶଗୁଡ଼ିକ, ଯଥା ଭୌମକର, ସୋମବଂଶୀ, ଗଙ୍ଗବଂଶୀ ଆଦି ରାଜାମାନଙ୍କର ପ୍ରସ୍ତର ତଥା ଧାତବ ଆଧାରରେ ଖୋଦିତ ବଂଶୀ ଆଦି ସୁବୃହତ୍ ପ୍ରଶସ୍ତିଗୁଡ଼ିକର ପାଠୋଦ୍ଧାର ହୋଇ ବର୍ତ୍ତମାନ ବହୁ ଗୁରୁତ୍ୱପୂର୍ଣ୍ଣ ଐତିହାସିକ ତଥ୍ୟ ସହିତ ଭାଷାତତ୍ତ୍ୱ ସମ୍ବନ୍ଧରେ ମଧ୍ୟ ମହତ୍ତ୍ୱପୂର୍ଣ୍ଣ ଆଲୋକପାତ ସମ୍ଭବ ହୋଇଛି ।

ବର୍ତ୍ତମାନ ସୁଦ୍ଧା ଓଡ଼ିଶାରେ ଯେତେ ପୁରାଭିଲେଖ ଆବିଷ୍କୃତ ହୋଇଛି, ସେଗୁଡ଼ିକ ବର୍ଣ୍ଣିତ ବିଷୟବସ୍ତୁ ଅନୁଯାୟୀ ପ୍ରଧାନତଃ ଦୁଇ ଭାଗରେ ବିଭକ୍ତ କରାଯାଇପାରେ, ଯଥା– (୧) ଶାସକଗୋଷ୍ଠୀ କର୍ତ୍ତୃକ କିମ୍ବା ସେମାନଙ୍କ ତରଫରୁ ଖୋଦିତ ଅର୍ଥାତ୍ ସରକାରୀ ଅଭିଲେଖ ଏବଂ (୨) ବ୍ୟକ୍ତିଗତ ଏବଂ ବ୍ୟକ୍ତିଗତ ଅନୁଷ୍ଠାନ ତରଫରୁ ଖୋଦିତ ଅର୍ଥାତ୍ ବେସରକାରୀ ଅଭିଲେଖ । ଉଭୟ ପ୍ରକାର ଅଭିଲେଖ ଆମଦେଶରେ ବହୁ ସଂଖ୍ୟାରେ ଆବିଷ୍କୃତ ହୋଇଛି ଏବଂ ପ୍ରାଚୀନ ଇତିହାସ ତଥା ସଂସ୍କୃତି ଜାଣିବାରେ ଉଭୟ ପ୍ରକାର ପୁରାଭିଲେଖର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ତେବେ ପ୍ରଥମ ବିଭାଗ ଅର୍ଥାତ୍ ସରକାରୀ ଲେଖଗୁଡ଼ିକ ଅପେକ୍ଷାକୃତ ଅଧିକ ଐତିହାସିକ ତଥ୍ୟ ସମନ୍ୱିତ ମନେ ହୁଏ । ପୁଣି, ଏହି ସରକାରୀ ପୁରାଭିଲେଖଗୁଡ଼ିକ ବର୍ଣ୍ଣିତ ବିଷୟକ୍ରମରେ କେତେକ ଭାଗରେ ବିଭକ୍ତ କରାଯାଇପାରେ । ମୁଖ୍ୟତଃ, (୧) ରାଜକୀୟ ଅନୁଶାସନ–ପୁରୀ ଜିଲ୍ଲାର ଧଉଳି ଓ ଗଞ୍ଜାମ ଜିଲ୍ଲାର ଜଉଗଡ଼ଠାରେ ମୌର୍ଯ୍ୟସମ୍ରାଟ ଅଶୋକଙ୍କ (ଖ୍ରୀ : ପୂ: ୩ୟ ଶତାବ୍ଦୀ) ପ୍ରସ୍ତର ଖୋଦିତ ଧର୍ମାନୁଶାସନ ଏହି ପର୍ଯ୍ୟାୟଭୁକ୍ତ । ଏଗୁଡ଼ିକ ହେଲା ସମ୍ରାଟଙ୍କ ନିଜ ପ୍ରଜା ତଥା ରାଜକର୍ମଚାରୀଙ୍କ ପ୍ରତି କର୍ତ୍ତବ୍ୟ, ନୈତିକ ଆଗ୍ରହ ଆଚରଣ ସମ୍ବନ୍ଧୀୟ ଉପଦେଶାବଳୀ । (୨) ସ୍ମାରକ ତଥା ପ୍ରଶସ୍ତିମୂଳକ ଅଭିଲେଖ– ଭୁବନେଶ୍ୱରସ୍ଥ ଉଦୟଗିରି–ଖଣ୍ଡଗିରିଠାରେ ପ୍ରସ୍ତର–ଖୋଦିତ କଳିଙ୍ଗ ସମ୍ରାଟ ଖାରବେଳଙ୍କ ୧୩ ବର୍ଷ ରାଜତ୍ୱ କାଳରେ ବର୍ଣ୍ଣନା ସ୍ମାରକଲେଖ ପର୍ଯ୍ୟାୟଭୁକ୍ତ କରାଯାଏ । ଏହା ଛଡ଼ା କଟକ ଜିଲ୍ଲାର ସ୍ୱପ୍ନେଶ୍ୱର ମନ୍ଦିରର ଗଙ୍ଗବଂଶୀ ଅନିୟଙ୍କ ଭୀମ ୩ୟଙ୍କ ଅଭିଲେଖ, ଭୁବନେଶ୍ୱର ମେଘେଶ୍ୱର ମନ୍ଦିରର ଗଙ୍ଗବଂଶୀୟ ଶିଳାଲେଖ, ବ୍ରହ୍ମେଶ୍ୱର ମନ୍ଦିରରେ ଥିବା ସୋମବଂଶୀ ଉଦ୍ୟୋତକେଶରୀଙ୍କ ମାତା କୋଲାବତୀ-ଦେବୀଙ୍କ ଶିଳାଲେଖ ଇତ୍ୟାଦି ପ୍ରଶସ୍ତିମୂଳକ ପୁରାଭିଲେଖ । (୩) ଦାନପତ୍ର ବା ଶାସନ ପଟ୍ଟ–ପଣ୍ଡିତ, ଶାସ୍ତ୍ରଜ୍ଞ ବ୍ରାହ୍ମଣ, ଧର୍ମାନୁଷ୍ଠାନ, କିମ୍ବା ଯୋଗ୍ୟ ବିବେଚିତ ରାଜକର୍ମଚାରୀ ବା ବ୍ୟକ୍ତିବିଶେଷଙ୍କୁ ଗ୍ରାମ ବା ଭୂମିଦାନ ମୁଖ୍ୟତଃ ଏହି ପର୍ଯ୍ୟାୟଭୁକ୍ତ ଅଭିଲେଖର ବିଷୟ ବସ୍ତୁ । (୪) ଏହାଛଡ଼ା, କେତେକ ଅଭିଲେଖକୁ ବିବିଧ ପର୍ଯ୍ୟାୟଭୁକ୍ତ କରାଯାଏ, ଯେପରି, କେତେକ କ୍ରୟ-ଶାସନ ଅର୍ଥାତ୍ ଭୂସଂପତି କ୍ରୟ-ବିକ୍ରୟ ସଂକ୍ରାନ୍ତ ତମ୍ବା ପଟାରେ ଲିଖିତ ଅଭିଲେଖ, ତମ୍ବା କିମ୍ବା ଅନ୍ୟାନ୍ୟ ଧାତୁ ନିର୍ମିତ ଆଧାରରେ ତାନ୍ତ୍ରିକ ଚିତ୍ର ସହିତ ଲିଖିତ ଅଭିଲେଖ, ପୋଡ଼ା ମାଟିର ଇଟା ବା ଧାତୁ ନିର୍ମିତ ଆଧାରରେ ଲିଖିତ ବିଭିନ୍ନ ଧର୍ମର ଦେବ-ଦେବୀଙ୍କ ଉଦ୍ଦେଶ୍ୟରେ ରଚିତ ମନ୍ତ୍ର ଇତ୍ୟାଦି ଏହି ବିବିଧ ପର୍ଯ୍ୟାୟଭୁକ୍ତ କରାଯାଇ ପାରେ । (ଏ ପ୍ରକାର କେତେକ ଅଭିଲେଖ ବର୍ତ୍ତମାନ ଓଡ଼ିଶା ରାଜ୍ୟ ସଂଗ୍ରହାଳୟରେ ସଂରକ୍ଷିତ) ।

ଦ୍ୱିତୀୟ ବିଭାଗ ଅର୍ଥାତ୍ ବେସରକାରୀ ଅଭିଲେଖର ଅଧିକାଂଶ ଦାନ-ଧର୍ମ ସମ୍ବନ୍ଧୀୟ । ନାନା ଧର୍ମସଂପ୍ରଦାୟଭୁକ୍ତ ଧନୀ ଓ ଦରିଦ୍ର ଜନସାଧାରଣଙ୍କ ଦ୍ୱାରା ବ୍ୟକ୍ତିଗତ ବା ଗୋଷ୍ଠୀଗତ ଭାବରେ ଧର୍ମାନୁଷ୍ଠାନ, ଦେବ-ଦେବୀଙ୍କର ମୂର୍ତ୍ତି ପ୍ରତିଷ୍ଠା କୂପ-ପୋଖରୀ ଖୋଳାଇବା ବା ତୀର୍ଥସ୍ଥାନମାନଙ୍କରେ ଦାନ କିମ୍ବା ଅନ୍ୟାନ୍ୟ କୌଣସି ଜନହିତକର କାର୍ଯ୍ୟର ସ୍ମୃତି ରକ୍ଷାର୍ଥେ ଏହି ଅଭିଲେଖଗୁଡ଼ିକ ସାଧାରଣତଃ ଉତ୍କୀର୍ଣ୍ଣ କରା ହେଉଥିଲା । ବସ୍ତୁତଃ ଏଗୁଡ଼ିକ ସଂକ୍ଷିପ୍ତ, ତେବେ କିଛି କିଛି ବର୍ଣ୍ଣନାତ୍ମକ ଲେଖ ମଧ୍ୟ ଆବିଷ୍କୃତ ହୋଇଛି । ପ୍ରତିଷ୍ଠିତ ଦେବ-ଦେବୀଙ୍କର ଧାତୁ ବା ପ୍ରସ୍ତର ପ୍ରତିମାର ପୃଷ୍ଠ ବା ପାଦ ଦେଶରେ, ଶିରୋ ଭାଗରେ, ପ୍ରାଚୀନ ମନ୍ଦିର ପ୍ରାଚୀରରେ ମଧ୍ୟ ଏ ପ୍ରକାର ଅଭିଲେଖ ଦେଖା ଯାଏ । ଅନେକ କ୍ଷେତ୍ରରେ ଏହି ଲେଖଗୁଡ଼ିକରେ ତତ୍କାଳୀନ ରାଜବଂଶ ବା ରାଜାଙ୍କର ରାଜତ୍ୱ ବର୍ଷ ତଥା ରାଜ୍ୟ ସମ୍ବନ୍ଧରେ ଆଲୋକ ମିଳିଥାଏ । ଖ୍ରୀ. ଅ: ପ୍ରାୟ ୧୦ମ ଶତାବ୍ଦୀ ଓ ୧୧ଶ ଶତାବ୍ଦୀ ମଧ୍ୟରେ ଏ ପ୍ରକାର ପ୍ରତ୍ନଲେଖ ଉତ୍କୀର୍ଣ୍ଣ ପ୍ରଥା ବିଶେଷ ଭାବରେ ପ୍ରଚଳିତ ଥିଲା । ପୁରୀ, ଭୁବନେଶ୍ୱର, ଯାଜପୁର ଆଦି ଓଡ଼ିଶାର ପ୍ରାଚୀନ ସହରଗୁଡ଼ିକରେ ଥିବା ମନ୍ଦିରରେ ତଥା

ପ୍ରାଚୀନ କଳିଙ୍ଗ ଅଧୀନରେ ଥିବା ଶ୍ରୀକାକୁଳମ୍, ଶ୍ରୀକୂର୍ମମ୍ ସୀମାଚଳମ୍, ଦ୍ରାକ୍ଷାରାମ ଆଦି (ବର୍ତ୍ତମାନ ଏ ସବୁ ଅଞ୍ଚଳ ଆନ୍ଧ୍ର ପ୍ରଦେଶାନ୍ତର୍ଗତ) ସ୍ଥାନର ପ୍ରାଚୀନ ମନ୍ଦିରମାନଙ୍କରେ ମଧ୍ୟଯୁଗୀୟ ଓଡ଼ିଶାର ଅସଂଖ୍ୟ ଉତ୍ସର୍ଗ ସମ୍ବନ୍ଧୀୟ ଅଭିଲେଖ ଦେଖାଯାଏ । ଏଗୁଡ଼ିକର ଆଲୋଚନାରୁ ଜଣାଯାଏ ଜନ-ସାଧାରଣ, ଧନୀ ଓ ସମ୍ଭ୍ରାନ୍ତ ପରିବାରର ସଦସ୍ୟମାନେ ସାଧାରଣତଃ ତୀର୍ଥ ଭ୍ରମଣର ସ୍ମୃତିରକ୍ଷା ତଥା ତୀର୍ଥସ୍ଥାନ-ମାନଙ୍କରେ ଅଧିଷ୍ଠିତ ଦେବ-ଦେବୀଙ୍କ ଉଦ୍ଦେଶ୍ୟରେ ଦାନ, ଉତ୍ସର୍ଗ ଆଦି ବିଷୟ ଉଲ୍ଲେଖ ଉତ୍କୀର୍ଣ୍ଣ କରାଉଥିଲେ । ଅନେକ କ୍ଷେତ୍ରରେ ଜଣାଯାଏ, ଉତ୍ସର୍ଗମୂଳକ ଲେଖଗୁଡ଼ିକ ପୂର୍ବରୁ ଖୋଦେଇ ହୋଇଥାଏ ଓ ତୀର୍ଥ ଭ୍ରମଣ ସମୟରେ ସାଙ୍ଗରେ ନିଆଯାଇ ମନ୍ଦିରର ଯଥାସ୍ଥାନରେ ଲଗାଇ ଦିଆଯାଏ । ଏହି ପ୍ରଥା ବର୍ତ୍ତମାନ ଯୁଗରେ ମଧ୍ୟ ପ୍ରଚଳିତ । ତୀର୍ଥସ୍ଥାନରେ ବ୍ୟକ୍ତି ବିଶେଷ ଉପସ୍ଥିତ ନ ଥାଇ ମଧ୍ୟ ମନ୍ଦିରକୁ ଦାନ କରିବା ସଂପର୍କରେ କେତେକ ପୁରାଭିଲେଖରୁ ସୂଚନା ମିଳେ । ମୁଖ୍ୟତଃ ଦାନ-ଧର୍ମ ସମ୍ବନ୍ଧୀୟ ହୋଇଥିଲେ ମଧ୍ୟ ପ୍ରସଙ୍ଗକ୍ରମେ ଅନ୍ୟାନ୍ୟ ବିଷୟ ବସ୍ତୁର ଅବତାରଣା ଏହି ବେସରକାରୀ ପ୍ରତ୍ନ ଲେଖ ଗୁଡ଼ିକର ଐତିହାସିକ ଗୁରୁତ୍ୱ ବଢ଼ାଇଥାଏ ।

ପ୍ରଶସ୍ତିମୂଳକ ପୁରାଭିଲେଖଗୁଡ଼ିକ ସାଧାରଣତଃ ସୁସ୍ଥାନୀ, ତତ୍ତ୍ୱଜ୍ଞ ବ୍ରାହ୍ମଣ ତଥା ସୁକବିମାନଙ୍କ ଦ୍ୱାରା ରଚିତ ହେଉଥିଲା ସେମାନେ ରାଜପୃଷ୍ଠପୋଷକତାରେ ଅନେକ ସମୟରେ ରାଜକବି, ରାଜଗୁରୁ ରୂପେ ରାଜଦରବାରରେ ନିଯୁକ୍ତି ଲଭ କରୁଥିଲେ । ପ୍ରାଚୀନତମ ପ୍ରଶସ୍ତି ବା ସ୍ମାରକ ଅଭିଲେଖ-ଗୁଡ଼ିକରେ ପ୍ରଶସ୍ତିକାରମାନଙ୍କ ନାମୋଲ୍ଲେଖ ବିଶେଷ ଦେଖାଯାଏ ନାହିଁ । ତେବେ ପ୍ରାକ୍ ମଧ୍ୟ ଯୁଗରୁ ଅର୍ଥାତ୍ ୬ଷ୍ଠ–୭ମ ଶତାବ୍ଦୀଠାରୁ ପ୍ରଶସ୍ତି ରଚୟିତାମାନଙ୍କ ନାମ ଅଭିଲେଖରେ ଦେଖିବାକୁ ମିଳେ । ଓଡ଼ିଶାରେ ବର୍ତ୍ତମାନ ସୁଦ୍ଧା ଆବିଷ୍କୃତ ପ୍ରଶସ୍ତିଲେଖଗୁଡ଼ିକର ରଚୟିତାମାନଙ୍କ ମଧ୍ୟରୁ ଭୁବନେଶ୍ୱରର ବ୍ରହ୍ମେଶ୍ୱର ମନ୍ଦିରରେ ଥିବା ସୋମବଂଶୀ ଉଦ୍ଦ୍ୟୋତ କେଶରୀଙ୍କ ମାତା କୋଲାବତୀ ଦେବୀଙ୍କ ଲେଖର ରଚୟିତା ହେଲେ ପୁରୁଷୋତ୍ତମଭଟ୍ଟ, ଅନନ୍ତବାସୁଦେବ ମନ୍ଦିରରେ ଥିବା ଭବଦେବ ଭଟ୍ଟଙ୍କ ଅଭିଲେଖର ରଚୟିତା ହେଲେ ବାଚସ୍ପତି, ସ୍ୱପ୍ନେଶ୍ୱର ମନ୍ଦିରରେ ଥିବା ଗଙ୍ଗବଂଶୀ ପ୍ରଶସ୍ତିଲେଖର ରଚୟିତା ହେଲେ ପଣ୍ଡିତ କବି ଭାସ୍କର । ଏହି ସବୁ ପ୍ରଶସ୍ତିକାରଙ୍କ ନାମ ତଥା ଭାରତର ଅନ୍ୟାନ୍ୟ ଅଞ୍ଚଳର ସୁପ୍ରସିଦ୍ଧ ପ୍ରଶସ୍ତି ଲେଖଗୁଡ଼ିକର ରଚୟିତା, ଯେପରି ଗୁପ୍ତ ସମ୍ରାଟ ସମୁଦ୍ରଗୁପ୍ତ (ଖ୍ରୀ: ଅ: ୪ର୍ଥ ଶତାବ୍ଦୀ) ଙ୍କ ଆଲାହାବାଦ ପ୍ରଶସ୍ତିକାର ହରିସେଣ, ପଶ୍ଚିମ ଚାଲୁକ୍ୟବଂଶୀ ୨ୟ ପୁଲକେଶୀଙ୍କ ଆଇହୋଲ ପ୍ରଶସ୍ତିଲେଖର ରଚୟିତା ରବିକୀର୍ତ୍ତୀ, ମାନ୍ଦାସୋର ଅଞ୍ଚଳରୁ ପ୍ରାପ୍ତ ଗୁପ୍ତବଂଶୀ ପ୍ରଶସ୍ତିଲେଖର ରଚୟିତା ବସ୍ତଭଟ୍ଟି ଆଦି ପ୍ରଶସ୍ତିକାରମାନଙ୍କ ନାମ କେବଳ ଏହି ଅଭିଲେଖ ଗୁଡ଼ିକରୁହିଁ ଜାଣିବାକୁ ମିଳେ । ଏହି ଲେଖଗୁଡ଼ିକ ଅତି ଉଚ୍ଚକୋଟୀର ରଚନା ବୋଲି ପଣ୍ଡିତମାନେ ସ୍ୱୀକାର କରନ୍ତି କିନ୍ତୁ ସେମାନଙ୍କ ଅନ୍ୟାନ୍ୟ କୃତିର ସନ୍ଧାନ ଏ ପର୍ଯ୍ୟନ୍ତ ମିଳିନାହିଁ, କିମ୍ବା, କାଳର କରାଳ କବଳରେ କ୍ରମେ ଲୁପ୍ତ ହୋଇଥିବା ମଧ୍ୟ ଅସମ୍ଭବ ନୁହେଁ । ଅନେକ କ୍ଷେତ୍ରରେ ଭାଷା ଏବଂ ବର୍ଣ୍ଣପ୍ରକରଣ ସମ୍ବନ୍ଧରେ ଅତି ଅଳ୍ପ ଜ୍ଞାନ ଥିବା ବ୍ୟକ୍ତିଙ୍କୁ ମଧ୍ୟ ପ୍ରଶସ୍ତି ରଚନା ଦାୟିତ୍ୱ ଦିଆ ଯାଉଥିଲା, ଯାହା ଫଳରେ ବିଶେଷତଃ ଅନେକ ବେସରକାରୀ ଅଭିଲେଖ ଭାଷା ଓ ବର୍ଣ୍ଣବିନ୍ୟାସଗତ ଦୋଷଯୁକ୍ତ ହେବାର ଲକ୍ଷ୍ୟ କରାଯାଏ । ରାଜକୀୟ ଦାନ ପତ୍ରଗୁଡ଼ିକ ମୁଖ୍ୟତଃ ଦୀର୍ଘସ୍ଥାୟୀ କରିବା ଉଦ୍ଦେଶ୍ୟରେ ଧାତୁ ନିର୍ମିତ ଆଧାର ବିଶେଷତଃ ତମ୍ବା ପଟାରେ ଉତ୍କୀର୍ଣ୍ଣ କରିବା ପ୍ରଥା ପ୍ରଚଳିତ ଥିଲା । ଅତି ପ୍ରାଚୀନ କାଳର ତାମ୍ର-ଶାସନ ଗୁଡ଼ିକ (ଓଡ଼ିଶାରେ ସର୍ବପ୍ରାଚୀନ ତାମ୍ର ଶାସନ ଗୁଡ଼ିକ ଖ୍ରୀ : ଅ : ପ୍ରାୟ ୫ମ-୬ଷ୍ଠ ଶତାବ୍ଦୀର ବୋଲି ଜଣାଯାଏ) ସାଧାରଣତଃ ସଂକ୍ଷିପ୍ତ ବର୍ଣ୍ଣନାମୂଳକ ହେବା ସ୍ଥଳେ ପରବର୍ତ୍ତୀ ଯୁଗରେ କ୍ରମଶଃ ବର୍ଣ୍ଣନାରେ ବିସ୍ତାରଲାଭ ଘଟିଥିବାର ଲକ୍ଷ୍ୟ କରାଯାଏ । ପ୍ରଥମେ କେବଳ ଦାତାଙ୍କ ନାମ ତଥା ବଂଶା-ବଳୀ ସହ ଦାନ ବିଷୟ ଉଲ୍ଲେଖିତ ହେବା ସ୍ଥଳେ ପରବର୍ତ୍ତୀ ଯୁଗରେ ଦାନ ପାତ୍ରଗୁଡ଼ିକରେ ରାଜା ଓ ରାଜବଂଶର ବର୍ଣ୍ଣନାତ୍ମକ ପ୍ରଶସ୍ତି ଯୁକ୍ତ ହେବା ଫଳରେ ଦାନପଟାଗୁଡ଼ିକ ବୃହଦାକାର କରାଗଲା । ଖ୍ରୀ : ଅ : ପ୍ରାୟ ୧୦ମ ଶତାବ୍ଦୀ ପରଠାରୁ ଏ ପ୍ରକାର ବିସ୍ତୃତ ରାଜ ପ୍ରଶସ୍ତି ଯୁକ୍ତ ଦାନ ଶାସନର ପ୍ରଚଳନ ସଚରାଚର ଦେଖାଯାଏ । ଏ ପ୍ରକାର ବଂଶାବଳୀ ବର୍ଣ୍ଣନା ସରକାରୀ ପୁରାଭିଲେଖ ଛଡ଼ା ବେସରକାରୀ ବା ବ୍ୟକ୍ତିଗତ ଅଭିଲେଖରେ ମଧ୍ୟ ଦେଖିବାକୁ ମିଳେ । ଅନ୍ୟ ଐତିହାସିକ ଉପାଦାନ ଅଭାବରେ, ଅନେକ ସମୟରେ ଏଗୁଡ଼ିକ ଐତିହାସିକମାନଙ୍କୁ ବହୁ ଉପାଦେୟ ତଥ୍ୟ ଯୋଗାଇ ଥାଏ ।

ଭାରତର ଅନ୍ୟାନ୍ୟ ଅଞ୍ଚଳର ପ୍ରତ୍ନଲେଖ ସଦୃଶ ଓଡ଼ିଶାର ପ୍ରାଚୀନତମ ଅଭିଲେଖଗୁଡ଼ିକ ପ୍ରାକୃତ ଭାଷାରେ ରଚିତ । ଓଡ଼ିଶାରେ ଖ୍ରୀ: ଅ: ପ୍ରାୟ ୫ମ ଶତାବ୍ଦୀଠାରୁ ଲେଖା ରଚନାପାଇଁ ସଂସ୍କୃତ ଭାଷାର ପ୍ରଚଳନ ପରିଲକ୍ଷିତହୁଏ । ତେବେ, ସଂସ୍କୃତ-ଭାଷା ଠିକ୍ କେଉଁ ସମୟରୁ ଓଡ଼ିଶାରେ ପ୍ରଚଳିତହେଲା, ସେ ବିଷୟରେ ସଠିକ୍ କିଛି କହିବା ବର୍ତ୍ତମାନ ଅସମ୍ଭବ, କାରଣ ଭବିଷ୍ୟତରେ ହୁଏତ ୫ମ ଶତାବ୍ଦୀର ପୂର୍ବବର୍ତ୍ତୀ କୌଣସି ସଂସ୍କୃତ ଭାଷାରେ ରଚିତ ଅଭିଲେଖ ଐତିହାସିକମାନଙ୍କ ଦୃଷ୍ଟିଗୋଚର ହୋଇପାରେ । ଭାରତର କେତେକ ଅଞ୍ଚଳରେ ଖ୍ରୀ: ପୂ: ୧ମ ଶତାବ୍ଦୀଠାରୁ ସଂସ୍କୃତ ଭାଷାର ବ୍ୟବହାର ପ୍ରତ୍ନଲେଖମାନଙ୍କରେ ଦେଖାଯାଉଛି । ଓଡ଼ିଶାରେ, ସମ୍ଭବତଃ, ଗୁପ୍ତରାଜତ୍ୱକାଳର ଆରମ୍ଭ ହେବାପରେ ସଂସ୍କୃତ ଭାଷାର ବହୁଳ ପ୍ରସାର ଓ ପ୍ରସାର ଲାଭ ଘଟିଥିଲା । ଏବଂ ପ୍ରାକୃତ ଭାଷାର ବ୍ୟବହାର ଧୀରେ ଧୀରେ ଲୋପ ପାଇଥିଲା । ଖ୍ରୀ: ଅ: ୫ମ ଶତାବ୍ଦୀଠାରୁ ଓଡ଼ିଶାର ପ୍ରାୟ ସମସ୍ତ ଅଭିଲେଖ ସଂସ୍କୃତ ଭାଷାରେହିଁ ରଚିତ, କେବଳ ଅଳ୍ପ କେତେକ ଲେଖରେ କ୍ଷେତ୍ରବିଶେଷରେ ଆଞ୍ଚଳିକ ପ୍ରାକୃତ ଭାଷାର ପ୍ରଭାବ ପରିଲକ୍ଷିତ ହୁଏ । ଖ୍ରୀ: ଅ: ପ୍ରାୟ ୧୧ଶ ଶତାବ୍ଦୀରେ ଲିଖିତ ଓଡ଼ିଆ ଭାଷାର ସର୍ବପ୍ରାଚୀନ ଲେଖ ବାଲେଶ୍ୱର ଜିଲ୍ଲାରୁ ଆବିଷ୍କୃତ ହୋଇ ବର୍ତ୍ତମାନ ଓଡ଼ିଶା ରାଜ୍ୟ ସଂଗ୍ରହାଳୟରେ ରଖାଯାଇଛି । ଦୁଇଧାଡ଼ି ବିଶିଷ୍ଟ ଏହି ଲେଖଟି ଖ୍ରୀ: ଅ: ୧୧ଶ ଶତାବ୍ଦୀରେ ପ୍ରଚଳିତ ଉତ୍ତର ଭାରତୀୟ ପ୍ରତ୍ନାକ୍ଷରୀ ଲିପିରେ ଏକ ପ୍ରସ୍ତର ବୁଦ୍ଧ ପ୍ରତିମାର ପାଦଦେଶରେ ଖୋଦିତ ହୋଇଛି । ଖ୍ରୀ: ଅ: ପ୍ରାୟ ୧୩ଶ-୧୪ଶ ଶତାବ୍ଦୀରେ ଗଙ୍ଗବଂଶ ରାଜତ୍ୱ କାଳରେ ଓଡ଼ିଆଭାଷା ସରକାରୀ ଭାଷାରୂପେ ପ୍ରଚଳନ ଆରମ୍ଭ ହେଲା, ପୂର୍ବେ ସଂସ୍କୃତ ହିଁ ସରକାରୀ ଭାଷା ଥିଲା । ଗଙ୍ଗସମ୍ରାଟ ନରସିଂହ ୧ମଙ୍କ କେତେକ ଅଭିଲେଖରେ ଓଡ଼ିଆ ଭାଷାର ବ୍ୟବହାର ଦେଖିବାକୁମିଳେ । ଓଡ଼ିଆ ଭାଷାପରି ଓଡ଼ିଆ ଲିପିର

ବ୍ୟବହାର ମଧ୍ୟ ଖ୍ରୀ: ଅ: ପ୍ରାୟ ୧୪ଶ ଶତାବ୍ଦୀରେ ଗଙ୍ଗରାଜ କାଳରେହିଁ ଆରମ୍ଭହୋଇଥିଲା । ବ୍ରାହ୍ମୀ ଲିପିରୁ ଜନ୍ମଲାଭ କରିଥିବା ଓଡ଼ିଆ ଲିପିରେ ଉତ୍ତର ତଥା ଦକ୍ଷିଣ ଭାରତୀୟ ବ୍ରାହ୍ମୀ ଲିପିର ଏହାର କ୍ରମବିକାଶ ଆଲୋଚନା କଲେ, ସ୍ପଷ୍ଟ ପରିଲକ୍ଷିତହୁଏ ଐତିହାସିକମାନଙ୍କଠାରେ 'କଳିଙ୍ଗଲିପି' ନାମରେ ଅଭିହିତ ଯେଉଁ ପ୍ରାକ୍-ଓଡ଼ିଆ ଲିପି ବିଶେଷତଃ ଦକ୍ଷିଣ ଓଡ଼ିଶାର ପ୍ରାକ୍-ମଧ୍ୟ ଯୁଗୀୟ ପ୍ରତ୍ନଲେଖମାନଙ୍କରେ ବ୍ୟବହୃତ ହୋଇଥିବା ଦେଖାଯାଏ, ତାହା ପ୍ରକୃତରେ ଗୁପ୍ତରାଜତ୍ୱର (ଖ୍ରୀ: ଅ: ୪ର୍ଥଠାରୁ ୬ଷ୍ଠ ଶତାବ୍ଦୀ) ପରବର୍ତ୍ତୀକାଳର ଉତ୍ତର ଓ ଦକ୍ଷିଣ ଭାରତୀୟ ବ୍ରାହ୍ମୀ ଲିପିର ମିଶ୍ରଣରେ ସୃଷ୍ଟ ।

ମଧ୍ୟଯୁଗରେ, ଅର୍ଥାତ୍ ମୁସଲମାନ ଓ ମୋଗଲ ରାଜତ୍ୱ କାଳରେ ପ୍ରସ୍ତର ବା ତମ୍ବାପଟାରେ ପ୍ରଶସ୍ତି ଉତ୍କୀର୍ଣ୍ଣ ପ୍ରଥାର ହ୍ରାସ ଲକ୍ଷ୍ୟ କରାଯାଏ । ମୋଗଲ ଶାସକମାନେ ସାଧାରଣତଃ ରାଜକୀୟ ଅଧ୍ୟାଦେଶ ହାତ-ତିଆରି କାଗଜରେ ଲେଖାଉଥିଲେ । ଏ ଯୁଗରେ ଅନେକ ମୁସଲମାନ ଐତିହାସିକ ମଧ୍ୟ ଜନ୍ମଗ୍ରହଣ କରିଥିଲେ, ଯେଉଁମାନେ ସମସାମୟିକ ଘଟଣା ସମ୍ବଳିତ ଐତିହାସିକ ପୁସ୍ତକମାନ କାଗଜରେ ରଚନାକରି ଯାଇଛନ୍ତି ।

ଏହି ମୋଗଲ ରାଜତ୍ୱକାଳରେ ହିଁ ଆମ ଦେଶରେ କାଗଜର ବ୍ୟବହାର ବିଶେଷ ଲୋକପ୍ରିୟ ହୋଇଥିଲା । ପୂର୍ବେ ସାହିତ୍ୟ ତଥା ଶାସ୍ତ୍ରାଦି ଚର୍ଚ୍ଚାରେ ତାଳପତ୍ର, ଭୂର୍ଜ୍ଜପତ୍ର ଆଦି ବ୍ୟବହାର କରାଯାଉଥିଲା ଏବଂ ସର୍ବୋପରି ଦୀର୍ଘକାଳ ସ୍ଥାୟୀ କରିବା ଉଦ୍ଦେଶ୍ୟରେ ପ୍ରସ୍ତର ବା ଧାତବ ଆଧାରରେ ବ୍ୟବହାର ଉପରୋକ୍ତ ଆଲୋଚନାରୁ ସହଜରେ ଅନୁମେୟ । କାଗଜରେ କାଳି ବା ରଙ୍ଗ ସାହାଯ୍ୟରେ ଲେଖିବା ଅପେକ୍ଷାକୃତ ସହଜସାଧ୍ୟ ଥିବାରୁ ଏହାର ବ୍ୟବହାର ବୃଦ୍ଧି ପାଇବା ସଙ୍ଗେ ସଙ୍ଗେ ପ୍ରସ୍ତର ଏବଂ ଧାତୁ ପାତ୍ରରେ ଲେଖ ଉତ୍କୀର୍ଣ୍ଣ ପ୍ରଥା ଧୀରେ ଧୀରେ ଲୋପପାଇଲା । ଅବଶ୍ୟ ଭାରତର ଆସାମ, ତ୍ରିପୁରା ଆଦି କେତେକ ଅଞ୍ଚଳରୁ, ଓଡ଼ିଶାର କେତେକାଞ୍ଚଳରେ ତମ୍ବା ପଟାରେ ଭୂମି ଦାନ ତଥା ରେକର୍ଡ଼୍ରିକରଣ ପ୍ରଥା ଚାଲୁ ରହିଥିଲା, ଯେପରି ଗଞ୍ଜାମ, କୋରାପୁଟ ଆଦି ଅଞ୍ଚଳରେ କେତେକ କରଦ ରାଜା ଖ୍ରୀ: ଅ: ୧୭ଶ-୧୮ଶ ଶତାବ୍ଦୀ ପର୍ଯ୍ୟନ୍ତ ଓଡ଼ିଆଭାଷା ଓ ଲିପିରେ ଲେଖା-ଯାଇଥିବା ତମ୍ବାପଟା ଦାନ ପ୍ରଥା ଅନୁସରଣ କରୁଥିଲେ । ପରିଶେଷରେ, ଦେଶରେ ଛାପାଖାନାର ପ୍ରତିଷ୍ଠାପରେ ଏହି ପ୍ରାଚୀନ ଲେଖ ଉତ୍କୀର୍ଣ୍ଣ ପ୍ରଥାର ଅବସାନ ଘଟିଲା ।

ଏପିଗ୍ରାଫିଷ୍ଟ
ଓଡ଼ିଶା ରାଜ୍ୟ ସଂଗ୍ରହାଳୟ
ଭୁବନେଶ୍ୱର



• ଦିଲ୍ଲୀରେ ରାଷ୍ଟ୍ରପତି ଶ୍ରୀ ଜୈଲ ସିଂହଙ୍କୁ ମୁଖ୍ୟମନ୍ତ୍ରୀ [illegible] ସମ୍ବର୍ଦ୍ଧନା •

# ଓଡ଼ିଶାର ବନ୍ୟସମ୍ପଦ





ଶ୍ରୀ ଭୂପାଳ ଚନ୍ଦ୍ର ମହାପାତ୍ର

ଭାରତୀୟ ଆର୍ଯ୍ୟ ସଂସ୍କୃତିର ଅଭ୍ୟୁଦୟ ଓ ପରିପ୍ରକାଶ କେବଳ ଜଙ୍ଗଲ ସଭ୍ୟତାରୁ ହିଁ ରୂପ ନେଇଥିଲା । ଆମର ଆଧ୍ୟାତ୍ମିକ, ସାଂସ୍କୃତିକ, ଅର୍ଥନୈତିକ ଓ ବୈଜ୍ଞାନିକ ଦୃଷ୍ଟିକୋଣରୁ ଯେଉଁସବୁ ସାହିତ୍ୟ, ବେଦ, ବେଦାନ୍ତ, ଉପନିଷଦ ଓ ପୁରାଣ ଆଦି ରଚନା କରାଯାଇଥିଲା, ତାହାର ରଚୟିତା ମହର୍ଷି ଓ ଋଷିମାନେ ଜଙ୍ଗଲ ମଧ୍ୟରେ ଆଜୀବନ ସାଧନା କରି ଭାରତ ତଥା ବିଶ୍ୱର ସାରସ୍ୱତ ଭଣ୍ଡାରକୁ ସମୃଦ୍ଧିଶାଳୀ କରିଛନ୍ତି । ଏ ସବୁର ସାହିତ୍ୟିକ ମୂଲ୍ୟବୋଧ ଆଜି ହଜାର ହଜାର ବର୍ଷ ପରେ ମଧ୍ୟ ବିଶ୍ୱର ଦାର୍ଶନିକ, ବୈଜ୍ଞାନିକ, ସାହିତ୍ୟିକ ତଥା କଳା ଅନୁରାଗୀମାନଙ୍କୁ ଅଧିକରୁ ଅଧିକ ଆକୃଷ୍ଟ କରିବା ସଙ୍ଗେ ସଙ୍ଗେ ଆଶ୍ଚର୍ଯ୍ୟାନ୍ୱିତ କରିଛି । ବିଶ୍ୱର ସାହିତ୍ୟ ସାଧକମାନେ ବହୁ ଚେଷ୍ଟା କରି ମଧ୍ୟ ଅଦ୍ୟାବଧି ଅନୁରୂପ ସାହିତ୍ୟ ସୃଷ୍ଟି କରି ପାରି ନାହାନ୍ତି । ମାନବ ସଭ୍ୟତା ଓ ସଂସ୍କୃତିର ବାହାକ ଏହି ଜଙ୍ଗଲ । ଗୀତାରେ ଭଗବାନ ଶ୍ରୀକୃଷ୍ଣ କହିଛନ୍ତି: ବୃକ୍ଷମାନଙ୍କ ମଧ୍ୟରେ ମୁଁ ଅଶ୍ୱତ୍ଥ ଏବଂ ଋଷିମାନଙ୍କ ମଧ୍ୟରେ ମୁଁ ବଶିଷ୍ଠ । ଏଥିରୁ ସ୍ପଷ୍ଟ ପ୍ରତୀୟମାନ ହୁଏ ଯେ ସ୍ରଷ୍ଟା ମଧ୍ୟ ନିଜେ ଜଙ୍ଗଲ ପରିବେଶକୁ ଉଚ୍ଚ ସ୍ଥାନ ଦେଇଛନ୍ତି ।

ଆମର ପୁରାଣମାନଙ୍କରେ ବର୍ଣ୍ଣିତ ଯେ ଭଗବାନ ବିଷ୍ଣୁ ପ୍ରଳୟ ଜଳରେ ବଟ ପତ୍ରରେ ଶୟନ କରିଥିଲେ । ଗୌତମ ବୁଦ୍ଧ ନିରଞ୍ଜନା ନଦୀ ତଟରେ ଅଶ୍ୱତ୍ଥ ବୃକ୍ଷ ମୂଳରେ ଧ୍ୟାନମଗ୍ନ ରହି ସାଧନାରେ ସିଦ୍ଧି ଲାଭ କରିଥିଲେ । ସର୍ବୋପରି ଆମର ଜଗନ୍ନାଥ ସଂସ୍କୃତି ଜଙ୍ଗଲ ସଭ୍ୟତାରୁ ସୃଷ୍ଟି ହୋଇଥିଲା । ଶ୍ରୀ ମନ୍ଦିରରେ ପୂଜିତ ଚତୁର୍ଦ୍ଧା ମୂର୍ତ୍ତି ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ଓ ସୁଦର୍ଶନଙ୍କର ବିଗ୍ରହ ନିମ୍ବ ଦାରୁରେ ମଧ୍ୟ ନିର୍ମିତ । ଦୁର୍ଗାପୂଜା ସମୟରେ ବେଲବୃକ୍ଷ ଏବଂ ବକୁଳ ଅମାବାସ୍ୟା ଦିନ ଆମ୍ବ ବୃକ୍ଷକୁ ଆମେ ପୂଜା କରୁଥାଉଁ । ଆମ ଭାରତୀୟ ସଂସ୍କୃତି ଜୀବନରେ ବୃକ୍ଷପୂଜା ସ୍ମରଣାତୀତ କାଳରୁ ପ୍ରଚଳିତ । ଏପରିକି ମହେଞ୍ଜୋଦାରୋ ଓ ହରପ୍ପା ସଭ୍ୟତାରେ ବୃକ୍ଷପୂଜା ପ୍ରଚଳିତ ଥିବା ଇତିହାସ କହେ । ବୃକ୍ଷର ଜୀବନଚକ୍ର ସହିତ ମନୁଷ୍ୟର ଜୀବନ ଚକ୍ରର ସାମଞ୍ଜସ୍ୟ ଥିବାରୁ ମନୁଷ୍ୟ ଯୁଗେ ଯୁଗେ ବୃକ୍ଷକୁ ଦେବ ଦେବୀ ରୂପେ ପୂଜାକରି ଆସୁଛି । ମନୁଷ୍ୟ ପରି ବୃକ୍ଷର ଜୀବନରେ ଆସିଥାଏ ଶୈଶବ, କୌମାର, ଯୌବନ ଓ ଜରା ।

ଆମ ରାଜ୍ୟର ବନ ସଂପଦ ଅନ୍ୟାନ୍ୟ ରାଜ୍ୟ ତୁଳନାରେ ବିପୁଳ । ଏହା ଭାରତବର୍ଷର ବନ ସଂପଦର ଶତକଡ଼ା ୮ ଭାଗ । ସ୍ୱାଧୀନତାର ପ୍ରାକ୍ କାଳରେ ଆମର ବନ ସଂପଦ ଭୌଗୋଳିକ ଅବସ୍ଥିତିର ୪୬ ଭାଗ ଥିଲା । ସେତେବେଳେ ଲୋକସଂଖ୍ୟା ଖୁବ୍ କମ୍ ଥିଲା । ସ୍ୱାଧୀନତା ପ୍ରାପ୍ତିର ମାତ୍ର ୩୮–୩୯ ବର୍ଷର ବ୍ୟବଧାନ ଭିତରେ ଲୋକସଂଖ୍ୟା ଗୁଣିତକ ହିସାବରେ ବଢ଼ି ୨ କୋଟି ୨୬ ଲକ୍ଷରେ ପହଞ୍ଚିଛି । କିନ୍ତୁ କ୍ରମ ବର୍ଦ୍ଧମାନ ଲୋକସଂଖ୍ୟା ଅନୁପାତରେ ବନ ସଂପଦର ଅଭିବୃଦ୍ଧି ଘଟିବା ପରିବର୍ତ୍ତେ କ୍ଷୟପ୍ରାପ୍ତ ହୋଇ ଶତକଡ଼ା ୨୪ ଭାଗରେ ପହଞ୍ଚିଛି । ଏହା ଫଳରେ ପ୍ରାକୃତିକ ଭାରସାମ୍ୟ ଓ ପରିବେଶର ସୁରକ୍ଷା କରାଯାଇ ପାରୁ ନାହିଁ ।

ବନ ସଂପଦର ଶ୍ରୀ ବୃଦ୍ଧି କରିଥାଏ ପଶୁ ସଂପଦ । ଆମର ଲୋକ ସାହିତ୍ୟରେ ଢଗ ଢମାଳି ଅଛି–ଘରକୁ ସୁନ୍ଦର ଶିଶୁ, ବଣକୁ ସୁନ୍ଦର ପଶୁ–ଗଛକୁ ସୁନ୍ଦର ପକ୍ଷୀ, ରାଣୀକୁ ସୁନ୍ଦର ସଖୀ । କିନ୍ତୁ ଚଳିତ ଶତାବ୍ଦୀରେ ବନ ସଂପଦର କ୍ଷୟପ୍ରାପ୍ତ ହେବା ସଙ୍ଗେ ସଙ୍ଗେ ପଶୁ ସଂପଦର ମଧ୍ୟ କ୍ଷୟ ଘଟିଛି । ସ୍ରଷ୍ଟାର ସୃଷ୍ଟିରେ ଖାଦ୍ୟ ଓ ଖାଦକ ଏକ ବୈଚିତ୍ର୍ୟ ହେଲେ ସୁଦ୍ଧା ପୁରା କାଳରେ ମନୁଷ୍ୟ ନିର୍ଦ୍ଦିଷ୍ଟ ସମୟରେ ମାଂସ ଆହାର କରିବାର ପରଂପରା ପ୍ରଚଳିତ ଥିଲା । କାଳକ୍ରମେ ମନୁଷ୍ୟ ମାଂସାଶୀ ହେବା ସଙ୍ଗେ ସଙ୍ଗେ ଆଗ୍ନେୟାସ୍ତ୍ର ଉଦ୍‌ଭାବନ କଲା । ଶିକ୍ଷିତ ମନୁଷ୍ୟ ବନଭୂମିର ନୀରିହ ପଶୁମାନଙ୍କୁ ଶିକାର କରି ନିଜର ପୌରୁଷର ପରିଚୟ ଦେଲା । ଫଳରେ ଦିନକୁ ଦିନ ପଶୁ ସମାଜର ବିଲୟ ଘଟିବାକୁ ଲାଗିଲା । ଏପରିକି ହୀନ ଅର୍ଥ

ଉପାର୍ଜନ ଉଦ୍ଦେଶ୍ୟରେ ଅତି ମୂଲ୍ୟବାନ ପଶୁ ହାତୀକୁ ମାରି, ତାର ଦାନ୍ତ ବିକ୍ରିକରି ପ୍ରଚୁର ଅର୍ଥ ଉପାର୍ଜନ କଲେ । ତେଣୁ ସରକାର ପଶୁ ସଂପଦର ସୁରକ୍ଷା ପାଇଁ ୧୯୭୨ ମସିହାରେ ଆଇନ୍ ପ୍ରଣୟନ କଲେ । ଆମେ ଆଇନ୍ ସାଙ୍ଗକୁ ବ୍ୟାପକ ଗଣ ଚେତନା ସୃଷ୍ଟି କରି ନ ପାରିଲେ ବନ ସଂପଦ ଓ ପଶୁ ସଂପଦର ସୁରକ୍ଷା କରିବା ସମ୍ଭବପର ହେବନାହିଁ ।

ପରିବେଶର ସୁରକ୍ଷା ସଙ୍ଗେ ସଙ୍ଗେ ପୁରାତନ ଜଙ୍ଗଲର ସୁରକ୍ଷଣ ଏବଂ ନୂତନ ଜଙ୍ଗଲ ସୃଷ୍ଟି କରି ଉଦ୍ଭିଦ ଜଗତ ଓ ପ୍ରାଣୀ ଜଗତ ମଧ୍ୟରେ ଭାରସାମ୍ୟ ରକ୍ଷା କରିବାର ଉଦ୍ୟମ କରାଯାଉଛି । ପୂର୍ବରୁ ଆମ ରାଜ୍ୟରେ ଯେଉଁ ପରିମାଣରେ ବୃକ୍ଷ ରୋପଣ ତଥା ବନୀକରଣ କରାଯାଉଥିଲା, ଅନ୍ତତଃ ପକ୍ଷେ ତାହିଁରୁ ୪/୫ ଗୁଣ ଅଧିକ ବନୀକରଣ କରିବା ଉଦ୍ଦେଶ୍ୟରେ ଓଡ଼ିଶା ସରକାର ବୃକ୍ଷ ରୋପଣ ନିଗମ ପ୍ରତିଷ୍ଠା କରିଛନ୍ତି । ଜାତୀୟ ଗ୍ରାମାଞ୍ଚଳ କର୍ମ ଯୋଗାଣ କାର୍ଯ୍ୟକ୍ରମ (ଏନ୍.ଆର୍.ଇ.ପି.) ଏବଂ ଗ୍ରାମାଞ୍ଚଳ ଶ୍ରମିକ ନିଯୁକ୍ତି କାର୍ଯ୍ୟକ୍ରମ (ଆର୍.ଏଲ୍.ଇ.ଜି.ପି.) ବାବଦ ଅର୍ଥରୁ ଶତକଡ଼ା ୨୦ ଭାଗ, ଜଙ୍ଗଲ ସୃଷ୍ଟିକରିବା ନିମନ୍ତେ ଉଦ୍ଦିଷ୍ଟ । ଏହି ଅର୍ଥରେ ୧୯୮୬-୮୭ ଆର୍ଥିକ ବର୍ଷରେ ଓଡ଼ିଶା ବୃକ୍ଷ ରୋପଣ ନିଗମ ଦ୍ୱାରା ୬୦ ହଜାର ହେକ୍ଟର ଜମିରେ ବୃକ୍ଷ ରୋପଣ କରାଯିବା ପାଇଁ ଲକ୍ଷ ଧାର୍ଯ୍ୟ ହୋଇଛି । ରେ... ବହୁଳ ପରିମାଣରେ ଏବଂ ଠିକ୍ ସମୟରେ ଗଛଗଛା ଉତ୍ପା... ନିମନ୍ତେ ନର୍ସରୀଗୁଡ଼ିକୁ ଆଧୁନିକୀକରଣ ତଥା ସଂପ୍ରସା... କରାଯାଉଛି । ରାଜ୍ୟର ୫ଟି ସ୍ଥାନରେ ଯଥା : ଧୁଆଁ... ଢେଙ୍କାନାଳ, ଅନୁଗୁଳ, ସମ୍ବଲପୁର ଓ ବଲାଙ୍ଗୀରଠାରେ ଏ. ... ଆର. ଫୋର୍ସକୁ ଅବସ୍ଥାପିତ କରାଯାଉଛି । ଏହାବ୍ୟତୀ... ବିଭିନ୍ନ ସ୍ଥାନରେ ୮ଟି ଭ୍ରାମ୍ୟମାଣ ସ୍କ୍ୱାର୍ଡ ରଖାଯାଇ ସେ... ସନ୍ଧାନ ନିଆଯାଉଛି । ଏହାର କାର୍ଯ୍ୟକାରୀତାକୁ ସରକା... ଥରକୁ ଥର ସମୀକ୍ଷା କରୁଛନ୍ତି ।

ବନ ସଂପଦ ଓ ପଶୁ ସଂପଦକୁ ରକ୍ଷା କରିବା ଜ... ସାଧାରଣଙ୍କର ଏକ ପବିତ୍ର କର୍ତ୍ତବ୍ୟ । ସରକାରଙ୍କ ପ୍ରଣୀ... ଆଇନ୍‌ଗୁଡ଼ିକର ସଫଳ କାର୍ଯ୍ୟକାରୀତା ଜନସାଧାରଣ... ଆନ୍ତରିକ ସହଯୋଗ ତଥା ଉତ୍ସର୍ଗୀକୃତ ମନୋଭାବ ଉପ... ନିର୍ଭର କରେ । ତେଣୁ ବହୁ ଅର୍ଥ ବ୍ୟୟରେ କରାଯାଉଥି... ବନୀକରଣ ସେମାନେ ରକ୍ଷା କରିବା ସଙ୍ଗେ ସଙ୍ଗେ ଜଙ୍ଗଲମାନଙ୍କ... ଚୋରୀ କରୁଥିବା କାଠ ଚୋରଙ୍କୁ ଧରାଇ ଦେବାରେ ସାହା... କରିବା ଆବଶ୍ୟକ । ଜନସାଧାରଣଙ୍କ ସହଯୋଗ ନ ମିଳି... ଜଙ୍ଗଲକୁ ରକ୍ଷା କରିବା ସରକାରଙ୍କ ପକ୍ଷେ ଅତୀବ କଷ୍ଟ... ହୋଇ ପଡ଼ିବ ।





# ଜନନୀ ଜନ୍ମଭୂମିଶ୍ଚ



**ଅଧ୍ୟାପକ ଶତ୍ରୁଘ୍ନ ନାଥ**

ସମତାନରେ ଉଚ୍ଚାରିତ ସ୍ୱରର ଲହରୀ ଚୂଡ଼ାରେ ଭାସି ଆସୁଅଛି 'ଭାରତମେବ ନମାମ', ଭାରତମେବ ନମାମ---।" କାରଣ ଭାରତ ମେବା ଗତିର ସ୍ୱାକମ୍' । ଏହି ସ୍ୱୀକୃତି କିନ୍ତୁ କେବଳ ସଙ୍ଗୀତର ଆବେଗମୟୀ ମୂର୍ଚ୍ଛନାରୁ ନୁହେଁ, ଏକ ସୁଦୂର ଅତୀତର ଅନ୍ତଃଚେତନା ଓ ଦିବ୍ୟଦୃଷ୍ଟା କବି ମାନସର ଭାବୀ ଲହରଣରୁ, ସେ ସମ୍ବୋଧନ କରୁଛନ୍ତି ।

ସର୍ବେଷାଂ ନୋ ଜନନୀ ଭାରତ, ଧରଣୀ କଲ୍ପଲତେୟମ୍

ଭାରତ ସ୍ୱାଧୀନତା ସଂଗ୍ରାମର ମୂଳମନ୍ତ୍ର ଥିଲା "ବନ୍ଦେ ମାତରଂ" । ୧୮୮୨ ମସିହାରେ କଥା ସମ୍ରାଟ ବଙ୍କିମଚନ୍ଦ୍ରଙ୍କ ଉପନ୍ୟାସ "ଆନନ୍ଦ ମଠର" ଏକ ସଂଗୀତ, ସଂଗ୍ରାମୀ ଓ ସଂଗ୍ରାମର ଆବଶ୍ୟକତା ଓ ଉଦ୍‌ବୋଧନ ଏପରି ମର୍ମସ୍ପର୍ଶୀ ଥିଲା ଯେ ୧୮୯୬ ଭାରତୀୟ ଜାତୀୟ କଂଗ୍ରେସ ଅଧିବେଶନରେ ଏହା ଗାନ କରାଯାଇଥିଲା । କବିଙ୍କର ବ୍ୟକ୍ତିତ୍ୱ ଆନନ୍ଦ ମଠର ବିପ୍ଳବୀ ସନ୍ୟାସୀ ଭବାନନ୍ଦଙ୍କର ମୁଖରେ ପ୍ରକାଶ ପାଇଛି । ମାତୃଭୂମି ହିଁ ଏକମାତ୍ର ମା, ଆମର ଅନ୍ୟ ମା ନାହିଁ, ବାପା ନାହିଁ, ବନ୍ଧୁ ନାହିଁ, ପତ୍ନୀ ନାହିଁ ପୁତ୍ର ନାହିଁ, କିମ୍ବା ଗୃହ ନାହିଁ, କେବଳ "ବନ୍ଦେ ମାତରଂ । ଏହାପରେ ୧୯୧୧ ଡିସେମ୍ବର ରେ ଭାରତୀୟ ଜାତୀୟ କଂଗ୍ରେସ କଲିକତା ଅଧିବେଶନରେ ବିଶ୍ୱକବି ରବିନ୍ଦ୍ରନାଥଙ୍କ "ଜନଗଣମନ ଅଧିନାୟକ ଜୟ ହେ' ସଂଗୀତ "ବନ୍ଦେ ମାତରଂ" ସହିତ ଗାନ କରାଯାଇ ସେ ଦିନରୁ ଏହି ଦୁଇଟି ଜାତୀୟ ସଂଗୀତର ସ୍ୱୀକୃତି ପାଇଛି । ପ୍ରାୟ ସମସାମୟିକ ଭାବରେ ଅର୍ଥାତ୍ ୧୯୦୩ ମସିହାରେ ରଚନା କରାଯାଇ ଭାରତ ବନ୍ଦନା ଉତ୍କଳ ସମ୍ମିଳନୀ ମଞ୍ଚରେ ଗାନ କରାଯାଉଛି । "ସର୍ବେଷାଂନୋ ଜନନୀ ଭାରତଂ" ଓ ଭାରତକୁ ଆଜିର ଜାତୀୟ ପୁଷ୍ପ ପଙ୍କଜ ସଙ୍ଗେ ତୁଳନା କରି ଉତ୍କଳ ଏହାର ମାତ୍ର ଏକ ଦଳରୂପେ ଆଖ୍ୟାୟିତ କରାଯାଇଛି । ଉତ୍କଳ ସମ୍ମିଳନୀ କାହିଁକି ଓ କାହାପାଇଁ ଆଜିର ଏହି ସଂଗୀତର ସହନୀୟତା ଓ ପ୍ରାସଙ୍ଗିକତା ସଷ୍ଟ ହୋଇ ହୁଏ ନାହିଁ, କବିବର ରାଧାନାଥଙ୍କର ଏହି ସଂସ୍କୃତ ସଙ୍ଗୀତ ଭାରତର ଅନ୍ୟତମ ବା ଏକମାତ୍ର ଜାତୀୟ ସଂଗୀତ ହେବ ନାହିଁ କାହିଁକି ?

ଉତ୍କଳୀୟ ଜୀବନର ସଂପୂର୍ଣ୍ଣ ଓ ସର୍ବୋତ୍ତମ ପରି ପ୍ରକାଶ ହେଉଛି ଉତ୍କଳ ସମ୍ମିଳନୀର ଘୋଷିତ ମନ୍ତ୍ର । ଅତୀତର ଗୌରବରୁ ସ୍ୱାଭିମାନର ଜନ୍ମ, ସାଂପ୍ରତିକ ଚେତନାରେ ଏହା ପରିପୁଷ୍ଟ ଓ ଭବିଷ୍ୟତ ପାଇଁ ଏହା ଏକ ଆଲୋକ ସ୍ତମ୍ଭ । ୧୯୧୩ରେ ପୁରୀଠାରେ ଅନୁଷ୍ଠିତ ଉତ୍କଳ ସମିଳନୀରେ ଯୋଗ ଦିଅନ୍ତି ଅନ୍ୟମାନଙ୍କ ମଧ୍ୟରେ ଥ୍ୟାସକବି ଫକୀର ମୋହନ, କନିକାର ରାଜା ସାହେବ ରାଜେନ୍ଦ୍ର ନାରାୟଣ ଓ ବ୍ରଜ ସୁନ୍ଦର ଦାସ । ସଭାପତି କୁଳବୃଦ୍ଧ ମଧୁସୂଦନଙ୍କର ଐତିହାସିକ ଅଭିଭାଷଣରେ ସେ ସ୍ପଷ୍ଟ କରି ଦିଅନ୍ତି,..........

ଯେଉଁ ଅର୍ଥରେ ଇଂରେଜ ଜାତି, ଜାପାନୀ ଜାତି, ବଙ୍ଗାଳୀ ଜାତି ଏହି ଶବ୍ଦମାନ ଆମ୍ଭେମାନେ ବ୍ୟବହାର କରିଥାଉଁ ସେହି ଅର୍ଥରେ ମୁଁ ଜାତି ଶବ୍ଦ ବ୍ୟବହାର କରୁଅଛି । ଉତ୍କଳ ଜାତିର ଅର୍ଥ ଯେଉଁମାନେ ଆପଣାକୁ ଉତ୍କଳ ସନ୍ତାନ ବୋଲି ମନେ କରନ୍ତି ଏବଂ ଉତ୍କଳର ଅତୀତ ଗୌରବରେ ଯେଉଁମାନେ ଆପଣାକୁ ଗୌରବାନ୍ୱିତ ମନେ କରନ୍ତି ଓ ଭାବୀ ଗୌରବକୁ ଆକାଂକ୍ଷା କରନ୍ତି, ସେମାନଙ୍କୁ ମୁଁ ଉତ୍କଳ ଜାତି ବୋଲି ଜ୍ଞାନ କରେ । ..............................

"ମୁଁ ଉତ୍କଳ ମାତାର ସନ୍ତାନ ଏବଂ ଉତ୍କଳ ଭୂମିରେ ଯେଉଁମାନେ ଜନ୍ମ ଗ୍ରହଣ କରିଅଛନ୍ତି ଓ ଯେଉଁମାନେ ମରଣାନ୍ତେ ତାଙ୍କର ମୃତ ଦେହକୁ ଉତ୍କଳ ମାତାର କ୍ରୋଡ଼ରେ ଅର୍ପଣ କରିବାକୁ ଇଚ୍ଛା କରନ୍ତି ସେମାନେ ଯେଉଁ ଜାତି ହୁଅନ୍ତୁ, କି ବଙ୍ଗାଳୀ, କି ମୁସଲମାନ, କି ବ୍ରାହ୍ମଣ, କି କରଣ, କି ପାଣ, କି ପଞ୍ଜାବୀ, କି ମାନ୍ଦ୍ରାଜୀ ଏ ସମସ୍ତେ ଉତ୍କଳ ସନ୍ତାନ । ଯେ ଉତ୍କଳ ମାତାର କ୍ରୋଡ଼ରେ ଜନ୍ମ ଗ୍ରହଣ କରିଅଛି ଏବଂ ଯେ ବିଶ୍ୱାସ କରେ କି ମୃତ୍ୟୁ ପରେ ଦୁର୍ଗନ୍ଧ ହେତୁ ତାହାର ମୃତ ଦେହକୁ ଜନ୍ମ ନେଇଥିବା ମାତା ଘରୁ ବାହାର କରି ଦେଲେ ସେହି ଦୁର୍ଗନ୍ଧ ଶରୀରକୁ ଉତ୍କଳ ମାତା ଆପଣାର କ୍ରୋଡ଼ରେ

ଗ୍ରହଣ କରିବେ, ସେହି ହେଉଛି ଉତ୍କଳ ସନ୍ତାନ" (ସମାଜ ବିଶେଷାଙ୍କ, ୧୦-୭-୧୩) ।

ଅନ୍ୟ ଏକ ମହାନୁଭବ ବ୍ୟକ୍ତିଙ୍କ ଅଭିଭାଷଣର କିୟଦଂଶ ଏଠାରେ ଉଦ୍ଧାର କରିବା । ଏହା ୧୯୧୯ ମସିହା ଉତ୍କଳ ସମ୍ମିଳନୀର ସଭାପତି ପୁଣ୍ୟାତ୍ମା ଗୋପବନ୍ଧୁଙ୍କର, ........................................ "ଭାଇ ଉତକଳବାସୀ, ତୁମେ ଯେ ହୁଅ, ବଙ୍ଗାଳୀ, ଓଡ଼ିଆ, ତେଲେଙ୍ଗା, ହିନ୍ଦୁସ୍ଥାନୀ, ହିନ୍ଦୁ, ଖ୍ରୀଷ୍ଟିୟାନ, ମୁସଲମାନ, ଉତ୍କଳ ଭୂମି ତୁମକୁ ଆପଣା ଶରୀରରେ ବହି ତୁମର କେତେ ଅଳି ଅର୍ଦ୍ଦଳି ସହୁଛନ୍ତି । ତୁମର ହେଉ ବା ତୁମ ଶିଶୁ ସନ୍ତାନମାନଙ୍କର ହେଉ, ଏହା ଶୈଶବର ଲୀଳାଭୂମି, ଯୌବନର କର୍ମକ୍ଷେତ୍ର, ବାର୍ଦ୍ଧକ୍ୟର ବିଶ୍ରାମ ସ୍ଥାନ ଏବଂ ଅନ୍ତିମ କାଳର ଆଶ୍ରୟ । ଏ ଦେଶକୁ ଏପରି ଭାବରେ ଯେବେ ଗ୍ରହଣ କରିଥାଅ, ଦେଶାନୁରାଗର ପବିତ୍ର ସୂତ୍ରରେ ଏ ଦେଶର ଅନ୍ୟମାନଙ୍କ ସଙ୍ଗେ ଯଦି ଭାଗ୍ୟ ଆବଦ୍ଧ କରିଥାଅ, ତେବେ ଏ ଦେଶାନୁସାରେ ତୁମର ଜାତି । ଏ ଦେଶର ଇତିହାସ ଓ ସଭ୍ୟତା ତୁମର । କାରଣ ଏ ଦେଶର ଅତୀତ ଇତିହାସର ଫଳ ଏବେ ତୁମେ ଭୋଗ କରୁଅଛ ଏବଂ ଏହାର ବର୍ତ୍ତମାନ ଓ ଭବିଷ୍ୟତ ଗଠନରେ ତୁମେ ଯୋଗ ଦେଉ ଅଛ, ସୁତରାଂ ତୁମେ ଓଡ଼ିଆ, ତୁମେ ଉତ୍କଳ, ଉତ୍କଳ ସମ୍ମିଳନୀରେ ତୁମ ନିମନ୍ତେ ପ୍ରଶସ୍ତ ସ୍ଥାନ ରହିଅଛି । ଉତ୍କଳ ମାତା ମଧ୍ୟ ତୁମର ସେବା ପୂଜା ଗ୍ରହଣ କରିବାକୁ ସତୃଷ୍ଣ ନୟନରେ ଅନାଇ ରହିଛନ୍ତି ।"

ଉଲ୍ଲିଖିତ ଉଦ୍ଧୃତ ଦୁଇଟି ପରସ୍ପର ପରିପୂରକ ଓ ମହାନୁଭାବୁକତାର ପରିପ୍ରକାଶକ । ଜାତି, ବର୍ଣ୍ଣ ଓ ସଂପ୍ରଦାୟର ସଂକୀର୍ଣ୍ଣ ପ୍ରାଚୀର ମଧ୍ୟରେ ଆବଦ୍ଧ ହେବାର ନାହିଁ । ଏଠି ସତ୍ୟ ପ୍ରତିଧ୍ୱନିତ ହୁଏ କପିଳ ସଂହିତାର ବାଣୀରେ—

"ବର୍ଷାନାଂ ଭାରତ ଶ୍ରେଷ୍ଠ     ଦେଶାନାଂ ଉତ୍କଳ ଶ୍ରୁତଃ
ଉତ୍କଳସ୍ୟ ସମଂଦେଶ     ଦେଶ ନାସ୍ତି ମହୀତଳେ ।"

ସେ ପ୍ରକାର "ଉତକଳ ଦେଶର ଉଦ୍‌ବୋଧନ କବିବରଙ୍କ ଭାଷାରେ "ଭାରତ ପଙ୍କଜ ଦଳମିବ ଉତ୍କଳ" । ସେ ଯୁଗରୁ ଏ ଯୁଗ ଯାଏ ଯଥାର୍ଥ ସେ ବାଣୀ, କଳା, ଭାସ୍କର୍ଯ୍ୟ, ଶିଳ୍ପ, ଶିକ୍ଷା, ସାହିତ୍ୟ, ଧର୍ମ ଆଦି ସମସ୍ତ ବିଭବରେ କୃତି କେବେହେଁ ବିଚ୍ଛିନ୍ନତାର ପ୍ରତୀକ ନୁହେଁ । ବହୁ ଦଳ ପରିଶୋଭିତ ପଙ୍କଜରୁ ଉଦ୍ଭୂତ ହୁଏ ଅନନ୍ୟ ସାଧାରଣ ଶୋଭା, ସୌଷ୍ଠବ, ସୌନ୍ଦର୍ଯ୍ୟ ଓ ସୌରଭ । ବହୁସ୍ୟାମ ଏକୋଅହଂ ପରି ବହୁ ଧାରା, ଧାରଣା ଓ ଧ୍ୟାନ ମଧ୍ୟରେ ପରିବର୍ଦ୍ଧିତ ଶୋଭାର ଭଣ୍ଡାର ରୂପେ ସଂସ୍କୃତି ଓ ସାଧନା । ଏହି ପଙ୍କଜ ଏକ ଦଳର ନୁହେଁ, କିମ୍ବା ଅସଙ୍ଗତ ତଥା ବିଚ୍ଛିନ୍ନ ଓ ବିକ୍ଷିପ୍ତ ଦଳର ନୁହେଁ, ଦଳ ଓ ପୁଷ୍ପ ପରସ୍ପର ପରିପୂରକ । ଦଳର ଏକାଧିକ୍ୟ ପୁଷ୍ପର ଏକୀଭୂତ ଶୋଭାବର୍ଦ୍ଧକ । ଦଳର ସମାହାର ହିଁ ପୁଷ୍ପର ଶୋଭାର ଭଣ୍ଡାର ।

ସେହି କାରଣରୁ ଏହି ଭୂଖଣ୍ଡର ଗୌରବବାନ ଯୁଗେ ଯୁଗେ ଭାରତୀୟ ପ୍ରଜ୍ଞା ଓ ପ୍ରତିଭାକୁ ସମୃଦ୍ଧ କରିଛି । ବିଭିନ୍ନ ବନସ୍ପତି ଲାଭ କରିଛି । ସୌରଭର ବିକିରଣ ଦେଶ ତଥା ଦେଶାନ୍ତରର ଚିନ୍ତା ରାଜ୍ୟରେ ସନ୍ଦିତ ହୋଇଛି । ଭୌଗୋଳିକ ସୀମାରେ ଚିହ୍ନିତ କଲେ କଳିଙ୍ଗ—ଉତ୍କଳ କବିଙ୍କ ଭାଷାରେ "ଗଙ୍ଗାଠାରୁ ଗୋଦାବରୀ ଯାଏ ବ୍ୟାପି, କୀର୍ତ୍ତିମାଳା ଯାର ବିରାଜେ ଅଦ୍ୟାପି ।" ଉତ୍ତର ତଥା ଦକ୍ଷିଣରେ ଭାରତର ବିଭିନ୍ନ ଅଞ୍ଚଳ ସହିତ ଏବଂ ଭାରତର କେନ୍ଦ୍ରାଞ୍ଚଳ ଓ ପଶ୍ଚିମାଞ୍ଚଳ ସହିତ ସଂଯୁକ୍ତ ରହି ପ୍ରଭାବିତ ହେବା ଏବଂ ପଶ୍ଚାତରେ ପ୍ରଭାବିତ କରିବାର ସୁଯୋଗ ମିଳିଛି । ଶ୍ରୀଲଙ୍କା, ଜାଭା, ବାଲି, ମେକ୍ସିକୋ, ତିବ୍ବତ, ଚୀନଦେଶ ଇତ୍ୟାଦି ଦେଶ ସହିତ ବାଣିଜ୍ୟିକ, ସାଂସ୍କୃତିକ ଓ ରାଜନୈତିକ ସଂପର୍କରେ ସୁଯୋଗ ମିଳିଛି । ପୂର୍ବ ସୀମାରେ ଥିବା ସୁଦୀର୍ଘ ଉପକୂଳ ଯୋଗୁଁ ଗଙ୍ଗବଂଶୀ ଓ ସୂର୍ଯ୍ୟବଂଶୀ ନରପତିମାନଙ୍କ ଉଦ୍ୟମରେ ରାଜ୍ୟ ବିସ୍ତାର ଚୂଡ଼ାନ୍ତ ହୋଇଥିଲା । ଗଙ୍ଗାଠାରୁ ଗୋଦାବରୀ ଯାଏ ଅତ୍ୟନ୍ତଃ ବଂଶଧାରା ପର୍ଯ୍ୟନ୍ତ ମୁଖଲିଙ୍ଗ ସମେତ ଉପକୂଳ ଭୂମିକୁ କଳିଙ୍ଗ କୁହାଯାଉଥିଲା । ଏହି ଉପକୂଳ ଅଞ୍ଚଳ ସହିତ ମେଦିନୀପୁରରୁ ଗୟା ପର୍ଯ୍ୟନ୍ତ ଥିଲା ସେ କାଳରେ ଉତ୍କଳ ବା ଉତ୍କଳ । ଆହୁରି ମଧ୍ୟ ଏହାର ପଶ୍ଚିମରେ କୋଶଳର ଆଜି କାଲିର ମଧ୍ୟପ୍ରଦେଶ ଅନ୍ତର୍ଗତ ରାୟପୁର, ଜବଲପୁର ସମେତ ଯାଜପୁର ପର୍ଯ୍ୟନ୍ତ ବିସ୍ତୃତ ଥିଲା । ଏହି ତିନୋଟି ମିଶି ତ୍ରିକଳିଙ୍ଗ ଓ ସୋମବଂଶୀ ସମ୍ରାଟମାନେ ତ୍ରିକଳିଙ୍ଗାଧିପତି ଥିଲେ ! ତେଣୁ ଭାରତର ତଥା ବିଶ୍ୱର ଅବଶିଷ୍ଟ ଅଞ୍ଚଳ ସହିତ ଓଡ଼ିଶା ଅତୀତରେ ନିବିଡ଼ ଭାବରେ ଜଡ଼ିତ ଥିଲା । ବିଶାଳ ଭୂଖଣ୍ଡର ଅଧିବାସୀମାନଙ୍କ ଭାଷା, ଧର୍ମ ଓ ଚଳଣୀ ବିଭିନ୍ନ ହୋଇଥିବାରୁ ସେ ଯୁଗରେ ଓଡ଼ିଶା ଏକ ନିର୍ଦ୍ଦିଷ୍ଟ ଭାଷାଭାଷୀ ସାଂସ୍କୃତିକ ଅଞ୍ଚଳ ନଥିଲା । ଠିକ୍ ଭାରତର ସଂମିଶ୍ରିତ ( Compsil ) ସଂସ୍କୃତି ପରି ଏଠି ବିଭିନ୍ନ ଭାଷା, ଭାବ ଓ ବିଚାରଧାରାର ଅବାଧ ମିଳନ ଘଟିଥିଲା ।

"ବିଶ୍ୱ ସଂସ୍କୃତିକୁ ଓଡ଼ିଶାର ଦାନ" ଶୀର୍ଷକ ସନ୍ଦର୍ଭରେ ପଣ୍ଡିତ ନୀଳକଣ୍ଠ ଦାସର ଭୌତିକ ଓ ଆତ୍ମିକ ଦିଗ ସମ୍ବନ୍ଧରେ ତାତ୍ତ୍ୱିକ ବିଶ୍ଳେଷଣ କରିଛନ୍ତି । ଶେଷୋକ୍ତ ଦିଗ ଉପରେ ଆଲୋକପାତ କରିବାକୁ ଯାଇ ଫ୍ରାନସ୍ ଦେଶର ଅଧ୍ୟାପକ (Syloan Leog) ଙ୍କ ପ୍ରମାଣକୁ ଉଦ୍ଧାର କରି ସେ କହନ୍ତି ଯେ ୭୯୫ ଖ୍ରୀଷ୍ଟାବ୍ଦରେ ଉତ୍କଳର ରାଜଧାନୀ ଗୁହେଶ୍ୱର ପାଟକ (ଯାଜପୁର)ରୁ ସମ୍ରାଟ ଶୁଭକର କେଶରୀ ଗଣ୍ଡବ୍ୟୂହ ନାମକ ବୌଦ୍ଧ ଧର୍ମର ଏକ ଯୋଗଗ୍ରନ୍ଥ ନିଜେ ରଚନା କରି ତତ୍କାଳୀନ ଚୀନ ସମ୍ରାଟ ( Te-tsong ) ଙ୍କୁ ସେ ଉପହାର ଦେଇଥିଲେ । ଏହାକୁ ନେଇ ଯାଇଥିଲେ ଯୋଗସିଦ୍ଧ ପଣ୍ଡିତ ପ୍ରାଜ୍ଞ । ପ୍ରାଜ୍ଞ ଆଫଗାନିସ୍ଥାନରୁ ଆସି ଓଡ଼ିଶାର ପୁଷ୍ପଗିରି ବିହାରରେ ଯୋଗ ଶିକ୍ଷା କରୁଥିଲେ । ସେ ଏଠାରେ ହିଁ ଯୋଗ ସିଦ୍ଧ ହୋଇଥିଲେ । କଟକ ଜିଲ୍ଲାର ରତ୍ନଗିରି, ଉଦୟଗିରି ଓ ଲଳିତଗିରିକୁ ନେଇ ପୁଷ୍ପଗିରି ବିଶ୍ୱବିଦ୍ୟାଳୟ ସେତେବେଳେ ବୌଦ୍ଧ ଶିକ୍ଷା ପାଇଁ ବିହାରର ନାଳନ୍ଦା ସହ ସମକକ୍ଷ ପ୍ରସିଦ୍ଧି ଲାଭ କରିଥିଲା ।

ମନୀଷୀ ପ୍ରାଜ୍ଞ ଯେପରି ଓଡ଼ିଶାକୁ ଆକୃଷ୍ଟ ହୋଇ ଆସିଥିଲେ ସେପରି ଉଲ୍ଲେଖନୀୟ ହେଉଛି ଯେ ଖ୍ରୀଷ୍ଟ ୭ମ ଶତାବ୍ଦୀରେ ୯ଜଣ ବୌଦ୍ଧ ଭିକ୍ଷୁ ଓଡ଼ିଶାରୁ ବିତାଡ଼ିତ ହୋଇ ବ୍ରହ୍ମଦେଶର ରାଜାଙ୍କୁ ବୌଦ୍ଧ ଧର୍ମରେ ଦୀକ୍ଷିତ କରି ରାଜପ୍ରତିଷ୍ଠା ଲାଭ କରିଥିଲେ । ଏହା (Harvey) ଙ୍କ ଲିଖିତ ବ୍ରହ୍ମଦେଶର

ଇତିହାସରୁ ଜଣାପଡ଼େ । ସେହିପରି ସିଂହଳ ସହିତ ଆମ ସଂପର୍କ ସାଂସ୍କୃତିକ ଓ ଐତିହାସିକ । ସଂଘମିତ୍ରା ଓ ମହେନ୍ଦ୍ର ସେଠାରେ ବୌଦ୍ଧଧର୍ମ ପ୍ରଚାର କରିଥିଲେ । ପୂର୍ବରୁ ମଧ୍ୟ ସୂଚନା ଦିଆଯାଇଛି ଯେ ଜାଭା ପ୍ରଭୃତି ଦ୍ୱୀପପୁଞ୍ଜ ସହିତ ଆମ ସଂପର୍କ କେବଳ କିମ୍ବଦନ୍ତୀରୁ ନୁହେଁ, ଏହା ଇତିହାସ ପ୍ରମାଣିତ ଅର୍ଥିକ ଦାନର ଅନ୍ୟତମ ଦିଗ ହେଉଛି ଧର୍ମକ୍ଷେତ୍ର । ପଣ୍ଡିତ ନୀଳକଣ୍ଠଙ୍କ ବିସ୍ତୃତ ଓ ପାଣ୍ଡିତ୍ୟପୂର୍ଣ୍ଣ ବିଶ୍ଳେଷଣ ଅନୁସାରେ ବୌଦ୍ଧ, ଜୈନ ବା ଅନ୍ୟ ଯେଉଁ ନାମରେ ଇତିହାସରେ ବା ପରମ୍ପରାରେ ନାମିତ ହୋଇଥାଉ ପଛକେ ଏହା ପୂର୍ବେ ତଥା ପୂର୍ବ ଉପକୂଳ ଭାରତର ପାରମ୍ପରିକ ଧର୍ମ । ଭୌତିକ ଦିଗରୁ ବିଚାର କରାଗଲେ ଓଡ଼ିଶାର ଦାନ ବା ଆଦାନ ପ୍ରଦାନର ସଂପର୍କ ସୁପ୍ରତିଷ୍ଠିତ । ଆଚାର, ବ୍ୟବହାର, ବ୍ୟବସାୟ, କଳା, କବିତା, ରେଖାଖୋଦନ ପ୍ରଭୃତି ଦିଗରେ ବହିର୍ବିକାଶ ଘଟିଛି । ଗଙ୍ଗ ସଭ୍ୟତା, କୌଶଳ ସଭ୍ୟତା, ଓଡ୍ର ସଭ୍ୟତା ଓ ଶବର ସଭ୍ୟତାର ସମନ୍ୱୟ ତଥା ସଂଶ୍ଳେଷଣ ଏହି ଐତିହାସିକ ଭୂମିରେ ଘଟିଛି । ଅତଏବ ପଣ୍ଡିତ ନୀଳକଣ୍ଠଙ୍କ ସିଦ୍ଧାନ୍ତ ଅନୁସାରେ ବିଶ୍ୱ ତଥା ଭାରତର ବିକ୍ଷୋରିତ ଶକ୍ତି ସମୂହର ସମତା ଓ ସାମଞ୍ଜସ୍ୟ ପ୍ରତିପାଦନ କରିବା ପାଇଁ ଓଡ଼ିଶାର ଦାନ ଅତୁଳନୀୟ ।

କେବଳ ଆଜି ନୁହେଁ, ଆଜି ଅବଶ୍ୟ ଏହି ପ୍ରକ୍ରିୟା ଗଣମାଧ୍ୟମ ଯୋଗୁଁ ଏକ ବିଶ୍ୱଗ୍ରାସୀ ଆନ୍ଦୋଳନର ରୂପ ନେଇଛି, ପ୍ରାଚୀନ କାଳରେ ଭାବର ବିନିମୟ ସମାଜକୁ ବାନ୍ଧି ରଖିଥିଲା । ଏହା ଫଳରେ ସାମାଜିକ ଓ କୌଟୁମ୍ବିକ ସଂପର୍କ ସ୍ଥାପିତ ହୋଇଛି । ଏହାର ବାହକ ଥିଲା ସଂସ୍କୃତ ଓ ଭାରତୀୟ ସଂସ୍କୃତିର ସଂସ୍କୃତ ହେଉଛି ମୂଳଧାର । ବହୁ ଭାଷାଭାଷୀ ଭାରତରେ ସଂସ୍କୃତ ଆଧୁନିକ ଭାରତୀୟ ଭାଷା ସମୂହର ଜନନୀ ଓ ସେଥିପାଇଁ ସଂସ୍କୃତକୁ ରାଷ୍ଟ୍ରଭାଷାର ସ୍ଥାନ ଦେବା ପାଇଁ କାଟ୍‌ଜୁ ମୁନ୍‌ସୀ ଆଦି ଅନେକ ଅକାଟ୍ୟ ଯୁକ୍ତି ବାଢ଼ି ଥାନ୍ତି । ସେମାନଙ୍କ ମତରେ ଏହା କରାଗଲେ ସାଂସ୍କୃତିକ ଏକାମତା ଏକ ସହଜ ସାଧ୍ୟ ବ୍ୟାପାର ହେବ । ଏ କ୍ଷେତ୍ରରେ ସଂସ୍କୃତ ସାହିତ୍ୟକୁ ଉତ୍କଳର ଦାନ ସମ୍ବନ୍ଧରେ ଆଲୋଚନା କରାଗଲେ ଭାରତୀୟ ସଂସ୍କୃତ ସାହିତ୍ୟର ନଭୋମଣ୍ଡଳରେ ଉତ୍କଳର ଦାନ ପରମ୍ପରା କ୍ରମେ ଏକ ଉଜ୍ଜ୍ୱଳ ଜ୍ୟୋତିଷ୍କସମ ଜାଜ୍ୱଲ୍ୟମାନ ଓ ଏହା ଫଳରେ ନଭୋମଣ୍ଡଳ ଦେଦୀପ୍ୟମାନ । ପଣ୍ଡିତ ନୀଳକଣ୍ଠଙ୍କ (ସଂସ୍କୃତ ଓ ସଂସ୍କୃତି) ପରି ଗବେଷକ ଡକ୍ଟର କୃଷ୍ଣବିହାରୀ ତ୍ରିପାଠୀ ଏହି ଆଲୋଚନାକୁ (୧) ସାହିତ୍ୟ, (୨) ନାଟକ, (୩) କାବ୍ୟ ଓ ଖଣ୍ଡକାବ୍ୟ, (୪) ଅଳଙ୍କାର ସାହିତ୍ୟ ଓ (୫) ସ୍ମୃତି ଶାସ୍ତ୍ରରେ ବିଭକ୍ତ କରିଛନ୍ତି । ଏକ ସୁବିସ୍ତୃତ ଗ୍ରନ୍ଥସୂଚୀ ଓ ସଂସ୍କୃତ ଶିଳାଲେଖ ତଥା ଖ୍ରୀଷ୍ଟପୂର୍ବ ୩ୟ ଶତାବ୍ଦୀରୁ ଓଡ଼ିଶାର ଇତିହାସର ଆଶ୍ରୟ ନିଆଯାଇଛି । ଓଡ଼ିଶା ସାହିତ୍ୟ ଏକାଡେମୀ ଦ୍ୱାରା ପ୍ରକାଶିତ ଓଡ଼ିଶାରେ ସଂସ୍କୃତ ଚର୍ଚ୍ଚାର ପରମ୍ପରା (୧୯୮୨) ଛଅ ଜଣ ଗବେଷକଙ୍କ ମିଳିତ ଉଦ୍ୟମରେ ଛଅ ଗୋଟି ସନ୍ଦର୍ଭର ସମାବେଶ କରାଯାଇଛି । ଏପରି ଅନେକ ଗବେଷକ ଓ ବିଦ୍ୱାନମଣ୍ଡଳୀଙ୍କ ସଂସ୍କୃତ ସାରସ୍ୱତ ସାଧନାର ସମ୍ୟକ୍ ଆଲୋଚନା ଏହି ପ୍ରବନ୍ଧର କଳେବରର ଦୃଷ୍ଟିରୁ ସମ୍ଭବ ନୁହେଁ । ତେଣୁ ଅଦ୍ୟାବଧି ଅବହେଳିତ ରହିଥିବା ସଂସ୍କୃତ ସାଧନାରୁ ମାତ୍ର କେତୋଟି ଦିଗକୁ ଉପସ୍ଥାପନ କରିବା । ଖ୍ରୀଷ୍ଟପୂର୍ବ ୩ୟ ଶତାବ୍ଦୀରେ ଧଉଳିଗିରି ଓ ଜଉଗଡ଼ରେ କଳିଙ୍ଗ ବିଜେତା ଅଶୋକଙ୍କର ୧୪ଟି ଶିଳାଲେଖ ମଧ୍ୟ-ଆର୍ଯ୍ୟ ଭାଷାରେ ଦେଖାଯାଏ । ତ୍ରୟୋଦଶ ଅନୁଶାସନଟିରେ ସମ୍ବେଦନା, କରୁଣା, ସହିଷ୍ଣୁତା ଓ ସାମ୍ୟ ଭାବର ବାଣୀ ଦ୍ୱାରା ଶିଳାଟାର ଉତ୍କୀର୍ଣ୍ଣ ହୋଇଛି ଓ ଏହା ଶତାବ୍ଦୀ "ଶତାବ୍ଦୀ ଧରି ଉତ୍କଳୀୟ ତଥା ଭାରତୀୟ ସଂସ୍କୃତିର ନେତୃତ୍ୱଗାନ କରିବା ସଙ୍ଗେ ସଙ୍ଗେ ଜାତି, ଧର୍ମ ଓ ବର୍ଣ୍ଣ ନିର୍ବିଶେଷରେ ସମଗ୍ର ବିଶ୍ୱର ଏକ କାଳଜୟୀ ଆବେଦନ ସୃଷ୍ଟି କରିଛି" । ଗୁପ୍ତ ରାଜତ୍ୱ କାଳରେ ନାଗବଂଶୀୟ ସମ୍ରାଟ୍ ଶତ୍ରୁଭଞ୍ଜଙ୍କର ୪ର୍ଥ ଶତାବ୍ଦୀର ବ୍ରାହ୍ମୀବର୍ଣ୍ଣମାଳାରେ ଖୋଦିତ ସଂସ୍କୃତ ଭାଷାର ଶିଳାଲେଖ ପରବର୍ତ୍ତୀ କାଳରେ ବାଣଭଟ୍ଟଙ୍କ ପ୍ରସିଦ୍ଧ "କାଦମ୍ବରୀ" ଉପନ୍ୟାସ ଭାଷାର ଜନନୀ ସ୍ୱରୂପା । ଭଟ୍ଟ ନାରାୟଣଙ୍କ ବେଣୀ ସଂହାର ନାଟକ, ମୁରାରି ମିଶ୍ରଙ୍କ ଅନର୍ଘ ରାଘବ, କୃଷ୍ଣ ମିଶ୍ରଙ୍କ ପ୍ରବୋଧ ଚନ୍ଦ୍ରୋଦୟ ପ୍ରଭୃତି ଉଚ୍ଚକୋଟିର ନାଟକ ପଣ୍ଡିତ ମଣ୍ଡଳୀଙ୍କ ଦୃଷ୍ଟି ଆକର୍ଷଣ କରିଛି । ବିଶ୍ୱନାଥ କବିରାଜଙ୍କର ବହୁ ଉଲ୍ଲେଖନୀୟ କୃତି ମଧ୍ୟରେ ସାହିତ୍ୟ ଦର୍ପଣ ଭାରତୀୟ ସଂସ୍କୃତ ସମୁଦ୍ରର ଅତୁଳନୀୟ ରତ୍ନ ଓ ଏହାର ଅନୁବାଦ ଇଂରାଜୀ, ହିନ୍ଦୀ, ବଙ୍ଗଳା ଆଦି ଭାଷାରେ ଦେଖିବାକୁ ମିଳେ । କବିଚନ୍ଦ୍ର ରାୟ ଦିବାକର ମିଶ୍ରଙ୍କ ମହାକାବ୍ୟ "ଭାରତାମୃତମ୍" ଏକ ଅକ୍ଷୟ କୀର୍ତ୍ତି ଭାବରେ ସ୍ୱୀକୃତ । ଏକାଦଶ ଶତାବ୍ଦୀରେ "ଭାସ୍ୱତୀ"ର ରଚୟିତା ଶତାନନ୍ଦ ଆଶ୍ଚର୍ଯ୍ୟ "ଗ୍ରହଣେ ଭାସ୍ୱତୀ ଧନ୍ୟାଃ" ହୋଇ ଅଛନ୍ତି । ଏହାଙ୍କର ୨୦ଟି ଟୀକା ଭାରତରେ ବିଭିନ୍ନ ପ୍ରଦେଶର ଜ୍ୟୋତିର୍ବିଦମାନଙ୍କ ଦ୍ୱାରା ପ୍ରଣୀତ ହୋଇଛି । ଜଗନ୍ନାଥ ଦାଶ, ଦୀନକୃଷ୍ଣ ଦାଶ, ଚକ୍ରପାଣି ପଟ୍ଟନାୟକ ଓ ବ୍ରଜନାଥ ବଡ଼ଜେନା ପ୍ରଭୃତି ମଧ୍ୟଯୁଗୀୟ ଓଡ଼ିଆ କବିଙ୍କର ସଂସ୍କୃତ ରଚନା ରହିଛି "ସଂସ୍କୃତର ପ୍ରଭାବ ଓଡ଼ିଆ ସାହିତ୍ୟରେ ରୀତି ଯୁଗ ଅତଳାନ୍ତ ଚିତ୍ର ସୁସ୍ପଷ୍ଟ" । ଏପରିକି କବିବର ରାଧାନାଥ ଆଧୁନିକ ଓଡ଼ିଆ କବିତାର ଜନକ ହେଲେ ହେଁ ସେ ସଂସ୍କୃତରେ ଭାରତ ପଙ୍କଜ ରଚନା କରିଛନ୍ତି ଓ ପୀଠ ଉତ୍କଳ ସମ୍ମିଳନୀ ହେଲେ ହେଁ "ଭାରତ ବନ୍ଦନା" ଗାନ କରାଯାଇଛି ।

ଉତ୍କଳୀୟ କବିରାଜ ଶ୍ରୀ ଜୟଦେବ "ଲଳିତ କୋମଳ କାନ୍ତ ପଦ୍ୟାବଳୀ ମଣ୍ଡିତ ଗୀତିକାବ୍ୟ 'ଗୀତ ଗୋବିନ୍ଦ' ରଚନା କରି ବିଶ୍ୱ ବିଖ୍ୟାତ ହୋଇଛନ୍ତି । ଭାରତର ବିଭିନ୍ନ ପ୍ରାନ୍ତରେ ଏହି ଗୀତିଛନ୍ଦର ଅନୁକରଣ ରହିଛି । ଇଂରେଜ, ଫରାସୀ ଓ ଜର୍ମାନ ପଣ୍ଡିତମାନେ ସ୍ୱସ୍ୱଭାଷାରେ ଏହାର ଅନୁବାଦ କରିଛନ୍ତି । ଗଙ୍ଗ ରାଜତ୍ୱର ପ୍ରାରମ୍ଭରେ "ନୈଷଧ ଚରିତ" ପ୍ରଣେତା ଭାରତ ପ୍ରଖ୍ୟାତ ସଂସ୍କୃତ କବି ଶ୍ରୀହର୍ଷଙ୍କ ଉତ୍କଳୀୟତା ସମ୍ବନ୍ଧରେ ଗବେଷକ କେଦାର ନାଥ ମହାପାତ୍ରଙ୍କ ଆଲୋଚନା ଦ୍ରଷ୍ଟବ୍ୟ (କୋଣାର୍କ, ପ୍ରଥମ ବର୍ଷ, ୪ର୍ଥ ସଂଖ୍ୟା) । ୭ମ ଶତାବ୍ଦୀରେ ନାଟ୍ୟକୃତି ଯୋଗୁଁ ଭବଭୂତି ସର୍ବଭାରତୀୟ ସ୍ତରରେ ଗୌରବମୟ ସ୍ଥାନ ଅଧିକାର କରିଛନ୍ତି । ସେ ପଶ୍ଚିମ ଓଡ଼ିଶାର ବୋଲି ବହୁ ଗବେଷକ ମତ ଦିଅନ୍ତି । (ସମ୍ବଲପୁର ଇତିହାସ, ଶିବପ୍ରସାଦ ଦାଶ) ମହାକବି କାଳିଦାସଙ୍କୁ ଉତ୍କଳୀୟ ବୋଲି ପ୍ରମାଣ କରିଛନ୍ତି । ପୀତାମ୍ବର ପଣ୍ଡା ତାଙ୍କ ପ୍ରଣୀତ (Kalidas in his own worlds (1960, Balasore Town Press) ଭୁବନେଶ୍ୱର ଅଦୂରବର୍ତ୍ତୀ କପିଳେଶ୍ୱର ଗ୍ରାମରେ ବୁଦ୍ଧଦେବଙ୍କ ଜନ୍ମ ବିଷୟରେ ତଥ୍ୟ ସମ୍ବଳିତ ଆଲୋଚନା କରିଛନ୍ତି ସ୍ୱର୍ଗତଃ ଚକ୍ରଧର ମହାପାତ୍ର, ସୁତରାଂ ସଂସ୍କୃତ ସାହିତ୍ୟ ସାଧନାରେ ଉତ୍କଳୀୟ ଗୌରବୋଜ୍ଜ୍ୱଳ

ପରମ୍ପରା ଭାରତରୁ ବିଚ୍ଛିନ୍ନ ନୁହେଁ ବରଂ ଏହା ଯଥାର୍ଥତଃ ତା'ର ଶକ୍ତିଶାଳୀ ପ୍ରତିରୂପ । ଭାରତୀୟ ରୂପବିଭବ ଏଥିରେ ପ୍ରତିଫଳିତ ।

ଏହି ଆଲୋଚନାର ଅନ୍ୟ ଏକ ଦିଗ ହେଉଛି ସନ୍ଥ ପରମ୍ପରା । ବିଶ୍ୱ ତଥା ଭାରତ ଯେଉଁ ଯୋଗୁଁ ମହିମାନ୍ୱିତ । ଏହାର କ୍ଷେତ୍ର ଓ ଭିତ୍ତି ଭିନ୍ନ ଭିନ୍ନ ହେଲେ ହେଁ ଏହାର ଅନ୍ତଃସ୍ରୋତ ହେଉଛି ନିତ୍ୟାନୁନେତା, ଯୁଗେ ଯୁଗେ ନିତ୍ୟ ଓ ଚିରନ୍ତନ କିନ୍ତୁ ପ୍ରତି ଯୁଗକୁ ଏହା ନୂତନ । ଉତ୍କଳୀୟ ସନ୍ଥଜୀବନ ପ୍ରବାହରେ ତାହାହିଁ ପ୍ରତିଫଳିତ ହୋଇଅଛି । ଅଜାମିଳ, ରଘୁ ଅରକ୍ଷିତ ଆଦିଙ୍କଠାରୁ ଆରମ୍ଭ କରି ସାଲବେଗ, ଦାସିଆ ବାଉରୀ ସାଧୁ ସୁନ୍ଦର ଦାସ, ଭୀମ ଭୋଇ ପ୍ରଭୃତି ଏହି ପରମ୍ପରାର ଉଜ୍ଜ୍ୱଳ ପ୍ରତୀକ । ଅଚ୍ୟୁତ, ଅନନ୍ତ, ଯଶୋବନ୍ତ, ଜଗନ୍ନାଥ ଓ ବଳରାମ ପଞ୍ଚସଖା ନାମରେ ନାମିତ । ଏହି ସମସ୍ତଙ୍କର ସାଧ୍ୟ, ସାଧନାପଦ୍ଧତି ଓ ସାହିତ୍ୟକୃତିରେ ସ୍ୱାତନ୍ତ୍ର୍ୟ ରହିଛି । କିନ୍ତୁ ଭାରତୀୟ ଜୀବନରେ ଯେପରି, ଏମାନେ ସେହିପରି ଭାରତୀୟ ଗୌରବ ସହିତ ଅନାବିଳ ମାଧୁର୍ଯ୍ୟରେ ସଂଯୁକ୍ତ ରହିଛନ୍ତି । ଧ୍ୱନି ପ୍ରତିଧ୍ୱନିର ଘାତ ପ୍ରତିଘାତ ପରି ଏକ ଅଖଣ୍ଡ ମାଳା ସଦୃଶ ସୁଶୋଭିତ । ପୂର୍ବ ସୂଚିତ ଭୌଗୋଳିକ ଅବସ୍ଥିତି ଯୋଗୁ ସ୍ଥଳ, ଜଳ, ନଦୀପଥ ଦ୍ୱାରା ଉତ୍କଳ ଭାରତର ଅବଶିଷ୍ଟାଂଶ ସହିତ ସଂଯୋଗର ସଂପର୍କ ରକ୍ଷା କରିଅଛି । ଶ୍ରୀଚୈତନ୍ୟ, ଗୁରୁନାନକ, କବିର ଆଦି ଉତ୍ତରରୁ ତଥା ଶ୍ରୀ ରାମାନୁଜାଚାର୍ଯ୍ୟ, ଶ୍ରୀ ବିଷ୍ଣୁସ୍ୱାମୀ, ଆଚାର୍ଯ୍ୟ ନିମ୍ବାର୍କ, ଶ୍ରୀ ମାଧ୍ୱାଚାର୍ଯ୍ୟ ଆଦି ଦକ୍ଷିଣରୁ ଆସି ଶ୍ରୀକ୍ଷେତ୍ରରେ ସ୍ୱସ୍ୱ ମହିମାର ପ୍ରଚାର କରିଛନ୍ତି । ଭାରତୀୟ ପ୍ରତିଭାର ଏହା ଏକ ଉଜ୍ଜ୍ୱଳ ପ୍ରତିଚ୍ଛବି ପରି ମନେ ହୁଏ ।

ଭାସ୍କର୍ଯ୍ୟ, ସ୍ଥାପତ୍ୟ, କଳା, ନୃତ୍ୟ, ସଙ୍ଗୀତ, ନାଟକ, ଆୟୁର୍ବେଦ, ଜ୍ୟୋତିଷ, ତନ୍ତ୍ର, ବ୍ୟାକରଣ, ପୁରାଣ, ଦର୍ଶନ, ଅଭିଧାନ ଆଦି ବହୁବିଧ ବିଷୟରୁ ବିଚାର କଲେ ଚିନ୍ତା, କଳାକୃତି ଓ ସାଧନାରେ ଭାବର ସଂକ୍ରମଣ ଅବାଧରେ ଘଟିଥିବାର ଅନୁମାନ କରାଯାଏ । ଭାରତ ଏସବୁ ଫଳରେ ଶୋଭାବନ୍ତ, ଋଦ୍ଧିମନ୍ତ ଓ ରସୋତ୍ତୀର୍ଣ୍ଣ ହୋଇଅଛି ଏବଂ ଉତ୍କଳୀୟ ଦାନ ଏଥି ସହିତ ଅନନ୍ୟସାଧାରଣ ହୋଇ ରହିଛି । ଦଶମ ଶତାବ୍ଦୀ ଓ ସମ୍ଭବତଃ ଏଥି ପୂର୍ବରୁ ଭାସ୍କର୍ଯ୍ୟ ନୈପୁଣ୍ୟ ମହନୀୟ ଓ ମୋହନୀୟ ହୋଇ ବିଶ୍ୱବିସ୍ତୃତ ହୋଇଛି । ପ୍ରସ୍ତର ଗାତ୍ର ଏଯାବତ୍ ସ୍ପନ୍ଦିତ, ଛନ୍ଦମୟ ଓ ଜୀବନ୍ତ ହୋଇଛି । କଳାକୃତିରେ ବିଶ୍ୱ ବିସ୍ମୟ ହେଉଛି ଗାରିମାମୟ ଉତ୍କଳ, କଳିଙ୍ଗ ଓ ସେଥିର କେତୋଟି ନମୁନା ହେଉଛି କୋଣାର୍କର ସୂର୍ଯ୍ୟ ମନ୍ଦିର, ପୁରୀର ଜଗନ୍ନାଥ ମନ୍ଦିର, ଭୁବନେଶ୍ୱରର ରାଜରାଣୀ ମନ୍ଦିର ଆଦି । ଏସବୁ ଅତୁଳ୍ୟ କଳାକାରୀ କଳା ପାଇଁ କଳାର ଜୟବୈଜୟନ୍ତୀ ବହନ କରିଛନ୍ତି ଓ ଏଥିରେ କଳାକାର ଓ କଳାପୃଷ୍ଠପୋଷକ ଗୌଣ ବା ଅଗ୍ରଣୀ ହୋଇଛନ୍ତି । ବ୍ୟଷ୍ଟି ପାଇଁ ବ୍ୟକ୍ତିକୁ ଓ ଦେଶ ପାଇଁ ବ୍ୟକ୍ତି ସ୍ୱାର୍ଥକୁ ଜଳାଞ୍ଜଳି ଦେବାର ପରମ୍ପରା ଉତ୍କଳ ଓ ଭାରତରେ ସୁପ୍ରତିଷ୍ଠିତ । ଏହାର ଗୋଟିଏ ଧ୍ୱନି ମିଳେ କଳିଙ୍ଗ ଯୁଦ୍ଧରେ, ଯାହାର ଇତିହାସ ଚଣ୍ଡାଶୋକଙ୍କ ଧର୍ମାଶୋକ ପରିଣତିକୁ ସ୍ୱର୍ଣ୍ଣାକ୍ଷ ଚିତ୍ରିତ କରୁଥିବା ସଙ୍ଗେ ଯେଉଁ ଅଗଣିତ ନରନାରୀମାନଙ୍କ ରକ୍ତ ରଞ୍ଜିତ ସ୍ରୋତରେ ଏହି ପରିବର୍ତ୍ତନ ଘଟିଲା, ସେମାନଙ୍କ ନାମୋଲ୍ଲେଖ କରିବାରେ କୁଣ୍ଠିତ । ଏହି ଧ୍ୱନିର ପ୍ରତିଧ୍ୱନି ସନ୍ଥକବି ଭୀମଭୋଇଙ୍କ ଭାଷାରେ "ମୋ ଜୀବନ ପଛେ ନର୍କେ ପଡ଼ିଥାଉ, ଜଗତ ଉଦ୍ଧାର ହେଉ" ହୁଏ ଏହି ପ୍ରତିଧ୍ୱନିର ଆଦ୍ୟଧ୍ୱନି ହୋଇପାରେ ପ୍ରହ୍ଲାଦଙ୍କ ପ୍ରାର୍ଥନା, "କାମୟେ ଦୁଃଖତପ୍ତାନାମ୍ ପ୍ରାଣିନାମ ଆର୍ତ୍ତି ନାଶନମ୍" ବା ଉପନିଷଦରେ "ସର୍ବୋଽତ୍ର ସୁଖିନଃ ସନ୍ତୁ ।

ହାତୀଗୁମ୍ଫା ଶିଳାଲିପିରୁ ଜଣାଯାଏ ଯେ ଖ୍ରୀଷ୍ଟପୂର୍ବ ଦ୍ୱିତୀୟ ଶତକରେ ଗନ୍ଧର୍ବ ବେଦ ବିଶାରଦ ଖାରବେଳ (ଗାନ୍ଧର୍ବ ବେଦ ବୁଧୋଦପ–ନାଟ ଗୀତ–ବାଦତ–ସନ୍ଦସ ନାହିଁ, ଉସବ–ସମାଜ–କରପ ନାହିଁ–ଚ କୀଡ଼ୟତି–ନଗରିମ୍) ଲୋକମାନଙ୍କ ମନୋରଞ୍ଜନ ପାଇଁ "ରାଣୀ ଗୁମ୍ଫା" ପ୍ରେକ୍ଷାଳୟ ନିର୍ମାଣ କରିଥିଲେ । ଏହାର ପରିମାପ ଭରତ ମୁନିକୃତ ନାଟ୍ୟଶାସ୍ତ୍ର ବର୍ଣ୍ଣିତ "ବିକୃଷ୍ଟ ମଧ୍ୟମ ପ୍ରେକ୍ଷାବେଶ୍ମ" ହୋଇ ପ୍ରମାଣିତ (Yatra the Theatre by Dhiren Das ଏପରି ଶାସ୍ତ୍ରୀୟ ପ୍ରେକ୍ଷାଳୟ ବର୍ତ୍ତମାନ ସୁଦ୍ଧା ଅନ୍ୟ କେଉଁଠି ମିଳି ନାହିଁ । ପୂର୍ବରୁ ସୂଚନା ଦିଆଯାଇଛି ଯେ ଚତୁର୍ଦ୍ଦଶ ଶତାବ୍ଦୀରେ ବିଶ୍ୱନାଥ କବିରାଜଙ୍କ ସାହିତ୍ୟ ଦର୍ପଣ ଭାରତୀୟ ସାହିତ୍ୟରେ ଏକ ଅପୂରଣୀୟ ଗ୍ରନ୍ଥ । ସେଥିରୁ ନାଟ୍ୟଶାସ୍ତ୍ରର ଉଲ୍ଲେଖ ପାଇଁ ପ୍ରାୟ ଶହେ ବର୍ଷ ମଧ୍ୟରେ ଗବେଷକମାନେ ତାର ଅବସ୍ଥିତି ପାଉଛନ୍ତି । ଉତ୍କଳର ବୈଶିଷ୍ଟ୍ୟ ମଧ୍ୟ ପ୍ରତିଫଳିତ ହୁଏ ଅଚ୍ୟୁତାନନ୍ଦଙ୍କ ରାସ ଯାତ୍ରାରେ । ଷୋଡ଼ଶ ଶତାବ୍ଦୀରେ ସେ ସର୍ବ ଭାରତୀୟ ସ୍ତରରେ ଏହା ପ୍ରଥମ ପ୍ରବର୍ତ୍ତକ–

"ଗୋପରେ ରାହାସ, ନଦୀଆରେ କୀରିତନ"
ଏଥି ଆମ୍ଭେ ଉଦେ କଲୁ ରାହାସ କୀର୍ତ୍ତନ",

"କଳିରେ ରାହାସ ଥାନ ଅଟଇ ଜଗତର" (ଝଙ୍କାର) କୀର୍ତ୍ତନ ମାଧ୍ୟମରେ ରାହାସ ଦ୍ୱାରା ଐକ୍ୟ ପ୍ରତିଷ୍ଠାର ଏହା ହେଉଛି ନିଦର୍ଶନ । ଆହୁରି ମଧ୍ୟ ଗବେଷକମାନେ ସୂଚିତ କରନ୍ତି ଯେ ଆସାମ ରାଜ୍ୟର ସାଂସ୍କୃତିକ ଜନକ ଶ୍ରୀ ଶ୍ରୀ ଶଙ୍କର ଦେବ ସର୍ବ ଭାରତ ଭ୍ରମଣ ଶେଷରେ ପୁରୀକୁ ଆଗମନ କରିଥିଲେ । ସେଠି ଅବସ୍ଥାନ କାଳରେ ଗୀତ ବାଦ୍ୟ ମାଧ୍ୟମରେ ନୀତି ଶିକ୍ଷା ଦେବାର ଧାରଣା ପାଇଥିଲେ । ସେ ଆସାମକୁ ଫେରିଯାଇ "ଅଙ୍କିଆ ନାଟ" ଓ "ଭାଓନା" ଇତ୍ୟାଦି ଆସାମରେ ଆରମ୍ଭ କରିଥିଲେ । ଆସାମର "ସତ୍ର" ଓ "ନାମ ଘର" ଅଟି ତାଙ୍କ ଦାନ । ଡ଼: ସତ୍ୟନାରାୟଣ ରାଜଗୁରୁ (କୋଣାର୍କ ୪୪ଶ ସଂଖ୍ୟା, ୧୯୮୧) ପ୍ରମାଣ କରିଛନ୍ତି ଯେ ଅହୋବଳ ହେଉଛନ୍ତି "ସଙ୍ଗୀତ ପାରିଜାତ" ଗ୍ରନ୍ଥ କର୍ତ୍ତା ଓ ଏହି ଗ୍ରନ୍ଥରେ ଯେଉଁ ରାଗ ରାଗିଣୀ ବର୍ଣ୍ଣନା କରାଯାଇଛି ସେଥିରୁ ଅଧିକାଂଶ ଓଡ଼ିଶାରେ ହିଁ ପ୍ରଚଳିତ । ଏ ସବୁ ଉତ୍ତର ଭାରତୀୟ ଓ ଦକ୍ଷିଣ ଭାରତୀୟ ସଙ୍ଗୀତ ମଧ୍ୟରେ ଯୋଗସୂତ୍ର ରକ୍ଷା କରୁଛି । ଆମ ସୁପରିଚିତ ଗଣଶିକ୍ଷା ମାଧ୍ୟମ ପାଲରେ ପ୍ରୀତିକର ରାଗିଣୀରେ ହିନ୍ଦୁସ୍ଥାନୀ ଓ କର୍ଣ୍ଣାଟକୀ ପଦ୍ଧତି ଅନୁସୃତ ହୋଇ ହିନ୍ଦୁ ଓ ମୁସଲମାନ ଐକ୍ୟର ନିଦର୍ଶନ ହୋଇଛି । ଓଡ଼ିଆ, ବଙ୍ଗଳା, ଉର୍ଦ୍ଦୁ ଓ ହିନ୍ଦୀ ଭାଷାର ଏକ ଅପୂର୍ବ ମିଶ୍ରଣ ଏହି ଐକ୍ୟର ବାହକ ଅଟେ । ନୃତ୍ୟକଳା ଓ ସଙ୍ଗୀତ ବିଦ୍ୟାରେ ଓଡ଼ିଶା ନିଜର ମୌଳିକତା ରକ୍ଷା କରିବା ସଙ୍ଗେ ସଙ୍ଗେ ବିଶ୍ୱ ତଥା ଜାତୀୟ ଚିତ୍ରକୁ ବୈଚିତ୍ର୍ୟମୟ ଓ ବର୍ଣ୍ଣାଢ୍ୟ କରିଛି ।

ସ୍ୱତନ୍ତ୍ର ଶିକ୍ଷାର ବୈଶିଷ୍ଟ୍ୟ ସହିତ ଜାତୀୟତାର ସମନ୍ୱୟ କରାଯାଇ ଜନଜୀବନର ଅନ୍ୟତମ ସର୍ବନିମ୍ନ ମୌଳିକ ଆବଶ୍ୟକତାର ପରିପୂର୍ଣ୍ଣ କରିବା ଉଦ୍ଦେଶ୍ୟରେ ସ୍ୱାଧୀନତାର ପ୍ରାକ୍ କାଳରେ ଯେଉଁ ସବୁ ପରୀକ୍ଷା କରାଯାଇଥିଲା, ତନ୍ମଧ୍ୟରେ ସତ୍ୟବାଦୀ ବନ ବିଦ୍ୟାଳୟର ପ୍ରତିଷ୍ଠା ଏକ ଆଦ୍ୟ ପରିକଳ୍ପନା ପରି ମନେ ହୁଏ । ଏହି ସବୁ ପରୀକ୍ଷାର ଇତିହାସ ସଙ୍କଳନରେ ସେବାଗ୍ରାମ, ଜାମିଆ ମିଲିଆ ଇସ୍‌ଲାମିଆ, ଶାନ୍ତିନିକେତନ ଆଦି ଜାତୀୟ ଶିକ୍ଷା ତୀର୍ଥର ଶିଥ ବାହାର କଲାବେଳେ ସତ୍ୟବାଦୀ ଚିନ୍ତ୍ୱର, ପରୀକ୍ଷା ନିରୀକ୍ଷା ଆଦି ସର୍ବ ପ୍ରଥମେ ମନକୁ ଆସେ ।

ସ୍ୱଦେଶୀ ଭାବନା, ସ୍ୱ ନିୟନ୍ତ୍ରଣ ଓ ସ୍ୱାଭିମାନରୁ ଜନ୍ମ ନିଏ ସ୍ୱାଧୀନ ହେବାର ଦୁର୍ବାର ବାସନା । ପରାଧୀନତାରୁ ମୁକ୍ତ ହୋଇ ପ୍ରାଣର ମୂର୍ଚ୍ଛନା ପୁଷ୍ପିତ, ଅପ୍ରତିହତ ଏବଂ ଏକାତ୍ମ ହୁଏ । ଏହାହିଁ ସର୍ବତ୍ର ସ୍ୱାଧୀନତା ସଂଗ୍ରାମ ନାମରେ ପରିଚିତ ଏବଂ ଭାରତରେ ଏହା ଅନନ୍ୟ ସାଧାରଣ, କାରଣ ସତ୍ୟାଗ୍ରହ ଏହାର ସାଧନ । ଏହାର ବିପ୍ଳବ ହୃଦୟରେ, କିନ୍ତୁ ହାତାହାତି ବା ହାତ ହତିଆରରେ ନୁହେଁ, ଫଳ ହୁଏ ସହାବସ୍ଥାନ, କିନ୍ତୁ ଶତ୍ରୁତା ନୁହେଁ । ଭାରତର ଏହି ପରୀକ୍ଷା ଆଜି ବିଶ୍ୱର ଏକ ପ୍ରତିଷ୍ଠିତ ପ୍ରୟୋଗ । ଏହା ଜାଗ୍ରତ ଲୋକ ଶକ୍ତିର ସମୂହ ଆନ୍ଦୋଳନ, ସର୍ବ ଭାରତର ଓ ସମସ୍ତଙ୍କର ବୀରତ୍ୱର କାହାଣୀ ଲୋମହର୍ଷଣକାରୀ ଓ ଏହାର ଶପଥ ଜୀବନ ବିସର୍ଜନ । ଏ ଦିଗରେ ତଥା ପ୍ରଥମ ସୂତ୍ରପାତରେ ଓଡ଼ିଶାର ଦାନ ଓ ଆଦାନ ପ୍ରଦାନ ଇତିହାସ ପୃଷ୍ଠାରେ ସ୍ମରଣୀୟ ହୋଇ ରହିଛି । ଗବେଷକ ସତ୍ୟ ନାରାୟଣ ରାଜଗୁରୁ (ଉତ୍କଳ ପ୍ରସଙ୍ଗ, ସୁରେନ୍ଦ୍ର ସାଏ ବିଶେଷାଙ୍କ, ଏପ୍ରିଲ ୧୯୮୪) ଉପ ସଂହାର କରନ୍ତି, ସମସ୍ତ ଭାରତରେ ସିପାହୀ ବିଦ୍ରୋହ ପୂର୍ବରୁ ଓଡ଼ିଶାରେ ପ୍ରଥମେ ସ୍ୱାଧୀନତା ଆନ୍ଦୋଳନର ସୂତ୍ରପାତ ହୋଇଥିଲା । ଝାନ୍ସୀର ରାଣୀ ଦୁର୍ଗାବାଈଙ୍କ ପରି ପାରଳାର ଗଜପତି ପାଟ ମହାଦେବୀ ଏବଂ ତାନ୍ତିଆ ଟୋପୀଙ୍କ ଭୂମିକାରେ ଓଡ଼ିଶାର ଜଗବନ୍ଧୁ ବିଦ୍ୟାଧର, ସୁରେନ୍ଦ୍ର ସାଏ, ଦୋରାବିଶୋୟୀ, ଗୁଡ଼ିଆପାତି ପ୍ରଭୃତି ସ୍ୱାଧୀନତା ପ୍ରେମୀ ଓଡ଼ିଆ ବୀରମାନଙ୍କ ଅଭୁତ ଆତ୍ମଯୋଗ ଏ ଜାତିର ଇତିହାସରେ ଚିର ସ୍ମରଣୀୟ ହୋଇ ରହିବ । ଏହି ଭୂମିର ଝଲକ ରୂପ ନେଇଛି ଭାରତୀୟ ବହ୍ନିରେ ଓ ଏଥିପାଇଁ ଇନ୍ଧନ ଯୋଗାଣର ଚିରନ୍ତ.. ସଂଯୋଗରେ ଉତ୍କଳର ଭୂମିକା ଉଲ୍ଲେଖନୀୟ ।

ଏହି ବହୁଦିଗ ପ୍ରସାରୀ ଗଭୀର ଆଲୋଚନାର ପରିସରକୁ ଏକ ପ୍ରବନ୍ଧ ମଧ୍ୟରେ ସୀମିତ କରିବା ଦୃଷ୍ଟିରୁ ଗଭୀରତା ଓ ପ୍ରସରର ଦ୍ୱନ୍ଦ୍ୱ ସ୍ୱତଃ ଉପସ୍ଥିତ ହୁଏ । କୌଣସି ଯୁକ୍ତିଯୁକ୍ତତା ପ୍ରତି ଦୃଷ୍ଟି ନ ଦେଇ ପ୍ରସରକୁ ଅଗ୍ରାଧିକାର ଦିଆଗଲେ ତାହା ମଧ୍ୟ ସୀମାହୀନ ଜଣାପଡ଼େ । ସେଥିରେ ମଧ୍ୟ ଅଧିକ ଅଗ୍ରସର ହେବାର ପ୍ରଲୋଭନରୁ କ୍ଷାନ୍ତ ରହି ଏକ ଶେଷ, କିନ୍ତୁ ସମ୍ଭବତଃ ଶ୍ରେଷ୍ଠ ଦିଗ ବିଷୟରେ ଯତ୍କିଞ୍ଚିତ୍ ଆଲୋଚନା ଉପସଂହାରରେ କରିବା । ଏହା ହେଉଛି ଜୀବନର ଧାର୍ମିକ ଦିଗ, ଯେଉଁଥିରେ ମାନବ ମାତ୍ରେ ଏକାନ୍ତ ତଥା ଏକନିଷ୍ଠ ଚିତ୍ତରେ ଅଭିନିବିଷ୍ଟ ରହନ୍ତି । ଭାଷା ବିଭିନ୍ନ ହେଉ ବା ଭାଷା ଅସ୍ପଷ୍ଟ କିମ୍ବା ଅଶବ୍ଦ ହେଉ, ଜୀବନର ଏହି ତନ୍ତ୍ରୀଟି ସଦା ଶବ୍ଦାୟମାନ । ବ୍ୟାକୁଳତା, ବ୍ୟଥା, ବିଷାଦ ଓ ବିରହରେ ଏହା ସତତ ମୁଖରିତ ହର୍ଷ, ଉଲ୍ଲାସ ଓ ଉତ୍ଫୁଲ୍ଲତାରେ ଏହି ତନ୍ତ୍ରୀ ସ୍ପଷ୍ଟ ଭାବରେ ଅନୁଭୂତ । ଏକ ସ୍ପନ୍ଦନର ନିବେଦନ ଏହାର ଲକ୍ଷଣ ଓ ଚେଷ୍ଟା

ଏହା ସାଂପ୍ରଦାୟିକ ନୁହେଁ । ଏହା ଜୀବନର ଜୀବନ୍ତ ବୃତ୍ତି ଓ ଜୀବମାତ୍ରେ ସେହି ଜୀବନର ଜୀବ ପ୍ରତି ଉନ୍ମୁଖ । ଏ ଦୃଷ୍ଟିରୁ ବିଚାର କଲେ ଉତ୍କଳ ଏକ ସମନ୍ୱୟର ପୀଠ ହୋଇ ଯୁଗେ ଯୁଗେ ଭାରତୀୟ ସମନ୍ୱୟ ଧାରାକୁ ପ୍ରଭାବିତ ଓ ପରିପୁଷ୍ଟ କରିବା ସଙ୍ଗେ ସଙ୍ଗେ ଆପଣା ବକ୍ଷରେ ସମନ୍ୱୟର ଧାରାକୁ ଭାଗବତକାରଙ୍କ ନିମ୍ନୋକ୍ତ ଭାଷାରେ ଶାଣିତ ଓ ବଳିଷ୍ଠ କରିଛି ।

"ଦେଖ ଏ ଯେତେ ନଦନଦୀ,
ପ୍ରବାହେ ମିଳନ୍ତି ଜଳଧି
ଆପଣା ଗୁଣ ପାଶୋରନ୍ତି,
ଲବଣ ଗୁଣକୁ ଭଜନ୍ତି ।"

ଚତୁର୍ଦ୍ଧାମ ମଧ୍ୟରୁ ଉତ୍କଳର ପୁରୁଷୋତ୍ତମ ଧାମ ଅନ୍ୟତମ ଓ ଧାମଚତୁଷ୍ଟୟ ଭାରତର ସାଂସ୍କୃତିକ ଏକାତ୍ମତା ରକ୍ଷା କରିବା ଦିଗରେ ଆଲୋକବର୍ତ୍ତିକା ସଦୃଶ ଚିର ଜାଜ୍ୱଲ୍ୟମାନ । ଅବଶ୍ୟ ଆମର ପ୍ରାର୍ଥନା ହେଉଛି, "ଆନୋ ଭଦ୍ରା କ୍ରତବୋ ଯନ୍ତୁ ବିଶ୍ୱତଃ" ଏବଂ ଆମର ନୀତି ହେଉଛି, "ଏକଂ ସତ୍ ବିପ୍ରାଃ ବହୁଧା ବଦନ୍ତି ।" ସତ୍ୟାନୁସନ୍ଧାନୀ ଆମେ, ଆଗେଇ ଚାଲୁ ଉନ୍ମୁକ୍ତ ମନରେ । ସମସ୍ତ ବିଶ୍ୱର ଧାରାକୁ ଆମେ ଆବାହନକରୁ ଓ ଆଲିଙ୍ଗନ କରୁ ପୂର୍ଣ୍ଣ ପ୍ରାଣରେ । ଏ ପ୍ରକାର ସହନଶୀଳତା, ସହିଷ୍ଣୁତା ଓ ଉଦାରତାର ପରିବେଶ ଉତ୍କଳୀୟ ଦେବ-ଜଗତର ନାଥ, ଜଗନ୍ନାଥଙ୍କୁ ବିଭିନ୍ନ ସମୟରେ ବିଷ୍ଣୁ, କୃଷ୍ଣ, ରାମ, ବାମନ, ନରସିଂହ, ବୁଦ୍ଧ ଓ ଜିନଙ୍କ ସଙ୍ଗେ ଏକୀକୃତ କରାଯାଇ ଧାର୍ମିକ ଐକ୍ୟର ପ୍ରତୀକ ଭାବରେ ସେ ଉପାସ୍ୟ ହୋଇ ଆସୁଛନ୍ତି । ଆର୍ଯ୍ୟ ଓ ଆର୍ଯ୍ୟେତର ବିଶ୍ୱର ସ୍ରୋତରେ ତାଙ୍କୁ ସଂଶ୍ଳିଷ୍ଟ କରାଯାଇଛି । ଜଗନ୍ନାଥ ଧର୍ମଧାରା ସହିତ ଆଦିବାସୀ ଜୀବନର ସଂପର୍କ ପରଂପରାକ୍ରମେ କରାଯାଇ ଏକ ମହାନ ଚେତନାର ଉଦ୍ଭବ ଘଟିଛି । ପୁରାଣ ବର୍ଣ୍ଣିତ ଚଣ୍ଡାଳୁଣୀ ଉପାଖ୍ୟାନରେ ଲକ୍ଷ୍ମୀଙ୍କର ଭୂମିକା ଦ୍ୱାରା ସ୍ୱଚ୍ଛତା, ଅନାବିଳତା ଓ ନିଷ୍କପଟତାର ଉଜ୍ଜ୍ୱଳ ଦୃଷ୍ଟାନ୍ତକୁ ଉଜ୍ଜୀବିତ କରିବା ସଙ୍ଗେ ସଙ୍ଗେ ଜୀବେ ମୈତ୍ରୀର ଆଦର୍ଶ ଆଚରଣ ସିଦ୍ଧ ହୋଇଛି । ଆହୁରି ମଧ୍ୟ ଉତ୍କଳୀୟ ଉପାସନାର ମହାନ୍‌ପୀଠ 'ଶ୍ରୀ ମନ୍ଦିର'ରେ ବଡ଼ଠାକୁରଙ୍କଠାରେ ସାକାର, ନିରାକାର ଓ ଶୂନ୍ୟବାଦୀମାନଙ୍କର ଅପୂର୍ବ ସଂଯୋଗ ତଥା ସମନ୍ୱୟ ଘଟିଛି । ବହୁ କିମ୍ବଦନ୍ତୀ ଓ ପ୍ରବାଦ ଐତିହାସିକ ତଥ୍ୟ ଏସବୁ ସମନ୍ୱୟଧାରାର ପ୍ରମାଣ ସ୍ୱରୂପ । ମହର୍ଷି ଦେବେନ୍ଦ୍ରନାଥ ଠାକୁର ଆତ୍ମଜୀବନୀ (୧୮୫୧) ରେ ଲେଖିଛନ୍ତି, "ମୋର ଚଷମାଟା ତଳେ ପଡ଼ି ଭାଙ୍ଗିଗଲା । ସାକାର ଜଗନ୍ନାଥ ଆଉ ଦେଖିବାର ସୁବିଧା ହେଲାନାହିଁ । ମୁଁ ସେଇ ନିରାକାର ଜଗନ୍ନାଥଙ୍କୁ ହିଁ ଦେଖିଲି । ଏଠାରେ ଗୋଟିଏ ପ୍ରବାଦ ଅଛି ଯେ ଯାହା ମନରେ ଧରି ଜଗନ୍ନାଥ ମନ୍ଦିରକୁ ଯାଏ, ସେ ତାହା ଦେଖିବାକୁ ପାଏ, ମୋ ନିକଟରେ ତାହା ପୂର୍ଣ୍ଣ ହେଲା ।" ମହାପ୍ରସାଦଲୀଳା ପ୍ରତି ତାଙ୍କ ଦୃଷ୍ଟି ପଡ଼ିଛି ଓ ସେ ଉଲ୍ଲେଖ କରିଛନ୍ତି "ମହାପ୍ରସାଦ ଘେନି ଭାରି ଆନନ୍ଦଚହଳ ପଡ଼ିଗଲା । ଜମାଦାର, ବ୍ରାହ୍ମଣ, ସୁଆର, ସମସ୍ତେ ସେଇ ମହାପ୍ରସାଦ, ଏ ତା'ମୁହଁରେ ଓ ସେ ଏଆ ମୁହଁରେ ଦେବାକୁ ଲାଗିଲେ । ସେତେବେଳେ ବ୍ରାହ୍ମଣ ଓ ଶୂଦ୍ରଭେଦ ଆଉ ରହିଲା ନାହିଁ । ସମସ୍ତେ ଏକତ୍ର ଖାଇ ଆନନ୍ଦଲାଭ କଲେ । ଓଡ଼ିଆ ଜାତି ଧନ୍ୟ, ସେ ଏହି ବିଷୟରେ ସମସ୍ତଙ୍କୁ ଜିତି ଯାଇଛି ! ସେ ସକଳ ଜାତିକୁ ଏକ କରି ନେଇଛି, (ଓଡ଼ିଆ ଭଣ୍ଡାରର, ଅଧ୍ୟାପକ ବୈଷ୍ଣବ ଚରଣ ସାମଲ)" । ବସ୍ତୁତଃ ସମଗ୍ର ମାନବ ସମାଜର ଗୌର ବର୍ଣ୍ଣ, କୃଷ୍ଣ, ଶ୍ୱେତ, ହରିଦ୍ରା ଓ ଲୋହିତର ସମାହାର ଏବଂ

ସମନ୍ୱୟ ବଡ଼ ମନ୍ଦିରରେ ହୋଇ ଥିବାରୁ କବି ସମ୍ରାଟ ଗାଇଛନ୍ତି "ସୃଷ୍ଟିକର୍ତ୍ତେ ଚୌକର୍ଣ୍ଣ ଦେବାକୁ ସମର୍ଥ ।"

"ଶିଳାକ୍ଷରେ ଯହିଁ ଜୀବେ ମୈତ୍ରୀ
ଘୋଷିତ ଅଶୋକ ସାମ୍ରାଜ୍ୟେ"

ଭକ୍ତକବି ମଧୁସୂଦନଙ୍କର ଏହି ଉକ୍ତି ଉତ୍କଳର ପବିତ୍ର ପୀଠରେ ଏ ଆର୍ଷ ଉଦ୍‌ଘୋଷିତ ଜୀବେଦୟା ବୋଧ ଉତ୍କଳୀୟ ଧର୍ମ-ଜୀବନର ମମତା ଓ ମାୟାର ବନ୍ଧନ ହୋଇଛି । ଊନବିଂଶ ଶତାବ୍ଦୀରେ ବ୍ରାହ୍ମ ଧର୍ମର ଅଭ୍ୟୁଦୟ ଘଟିଛି ଏବଂ ପ୍ୟାରିମୋହନ, ବିଶ୍ୱନାଥ, ମଧୁସୂଦନ ପ୍ରମୁଖ ମନୀଷିଗଣ ଉତ୍କଳର ଏହି ଚିନ୍ତାଧାରାକୁ ପ୍ରବାହିତ କରିଛନ୍ତି । କିନ୍ତୁ ସେହି ବିଶ୍ୱଭାବନା ପୁଣ୍ୟାତ୍ମା ପଣ୍ଡିତ ଗୋପବନ୍ଧୁ ସେବା ମାଧ୍ୟମରେ ପ୍ରତି ପ୍ରାଣରେ ରୂପାୟିତ କରିଛନ୍ତି ଓ ତାଙ୍କ ଲେଖନୀରେ ପ୍ରକାଶ ପାଇଛି :—

"ଭାରତର ପ୍ରତି ବୃକ୍ଷ କଳ୍ପବଟ
ପ୍ରଭୁ ଜଗନ୍ନାଥ ସର୍ବତ୍ର ପ୍ରକଟ ।

ଉତ୍କଳେ ନେତାର ନାହିଁ ପ୍ରୟୋଜନ
ଉତ୍କଳର ନେତା ସ୍ୱୟଂ ନାରାୟଣ ।"

ଏହି ପରିପ୍ରେକ୍ଷୀରେ ପ୍ରାକ୍ ଐତିହାସିକ ଯୁଗର ବିଶୁଦ୍ଧାତ୍ମ ଜ୍ଞାନ ଭକ୍ତିଯୋଗ ଆଧାରିତ ଆଦିସତ୍ୟ ସନାତନ ଧର୍ମଧାରାର ପ୍ରବାହ ଆକସ୍ମିକ ଭାବରେ ଇତିହାସର ପୃଷ୍ଠା ଉଦ୍‌ଘାଟନ କରେ ଜମ୍ବୁଦ୍ୱୀପ ଉତ୍କଳ ଭୂଖଣ୍ଡରେ । ସନ୍ଥକବି ଭୀମଭୋଇ ସେହି ଉପଲକ୍ଷ୍ୟରେ ଭଜନ ଲେଖିଲେ :

"ଅଣ ଆକାର ତା ଦେହୀ
ନିତ୍ୟେ ଅଛି ଭବେ ହୋଇ
ପୂରିଛି ସକଳ ଦେହୀ
ଅନୁବ୍ରତେ ଖୋଜ ତାକୁ ।"

ସେ ହେଉଛନ୍ତି ମହିମାଧର୍ମର ସଂସ୍ଥାପକ ମହିମାସ୍ୱାମୀ । ହିମାଳୟଗିରି କନ୍ଦରରେ ତାଙ୍କର ଅଲୌକିକ ଆବିର୍ଭାବ । ଅନନ୍ତକୋଟି ବିଶ୍ୱବ୍ରହ୍ମାଣ୍ଡର ପାପତାପ ସ୍ୱଅଙ୍ଗରେ ଗ୍ରହଣ କରି ପ୍ରତ୍ୟେକ ପ୍ରାଣୀ, ପରିବାର ପୁରପଲ୍ଲୀରୁ "ଏକଂ ନିତ୍ୟଂ ବିମଳଂ ଅଚଳଂ ସର୍ବଧିଃ ସାକ୍ଷୀଭୂତଂ" ପରବ୍ରହ୍ମଙ୍କ ସଚେତନତାରେ ଚେତାଇ ରଖିବାର ପ୍ରୟାସରେ ୧୮୨୬ ମସିହାରେ ପବିତ୍ର ଦାଣ୍ଡରେ ଦେଶଦେଶାନ୍ତର ଭ୍ରମଣାନ୍ତେ ଲୋକଲୋଚନକୁ ଆସନ୍ତି ଧୂଳିଆଗୋସାଇଁ । ଶ୍ରୀମଦ୍ ଭାଗବତ୍ କଥିତ ଅବଧୂତ ପରଂପରା ଜାତି ଧର୍ମ ନିର୍ବିଶେଷରେ ସମସ୍ତଙ୍କ ପାଇଁ ସଂପୂର୍ଣ୍ଣ ବର୍ଦ୍ଧିମା ବିମୋଚିତ ତ୍ୟାଗ ଧର୍ମରେ ପ୍ରକାଶ ପାଏ ମାନବାତ୍ମାର କଲ୍ୟାଣ ପାଇଁ ସମସ୍ତ ବାହ୍ୟାଡ଼ମ୍ବର ଶୂନ୍ୟ ଜୀବନ ଧର୍ମୀ ପ୍ରବାହର ପ୍ରାବ... ଖୋଜିବୁଲେ ଅନାବରଣ ସ୍ଥାନ, ଅନାମ ନାମ, ଅଜପାଜପ ଓ ବିଶୁଦ୍ଧ ଗଣଚେତନା । ସମସ୍ତଙ୍କର ବିଶ୍ୱାସ ରହେ ଏକ ପ୍ରଭୁ ପରଂବ୍ରହ୍ମଙ୍କଠାରେ ଓ ବିଶ୍ୱାସ କଲ୍ୟାଣ ହୁଏ ଏକମାତ୍ର ସାଧନ ଓ ଭଜନ ।

ଯୁଗେ ଯୁଗେ ଉତ୍କଳର ସାମାଜିକ, ଧାର୍ମିକ ଓ ସାଂସ୍କୃତିକ ଇତିହାସ ସମଭାବାପନ୍ନତା, ସହିଷ୍ଣୁତା ଓ ଉଦାର ମାନବ ପ୍ରେମର ବାର୍ତ୍ତାରେ ପ୍ରଜ୍ଜ୍ୱଳିତ ହୋଇ ଆଧୁନିକ ସମୟ ପର୍ଯ୍ୟନ୍ତ ଗତି କରି ଆସିଛି । ଭାରତୀୟ ଚେତନାରୁ ଅଭିନ୍ନ ରହି ସ୍ୱକୀୟ ମୌଳିକତା ପରିପୁଷ୍ଟ ହୋଇଛି ଓ ଭାରତର ସମୂହ ସୌରଭ ବିଶ୍ୱବ୍ୟାପୀ ହୋଇଛି । ଦଳର ବିଭିନ୍ନତା ମଧ୍ୟରେ ଏକ କମଳ ହେଉଛି ଜନନୀ ରୂପୀ ଜନ୍ମଭୂମି । ଏହା ସମସ୍ତଙ୍କଠାରୁ ବଡ଼, ବଡ଼ ମଧ୍ୟ ସ୍ୱର୍ଗଠାରୁ । ଶ୍ରୀ ରାମଚନ୍ଦ୍ର ନିଜ ମନୋଭାବ ପ୍ରକାଶ କରିଛନ୍ତି :

"ନ ମେ ରୋଚତେ ଲକ୍ଷ୍ମଣ ଅପି ସ୍ୱର୍ଣ୍ଣମୟୀ ଲଙ୍କା
ଜନନୀ ଜନ୍ମଭୂମିଶ୍ଚ ସ୍ୱର୍ଗାଦପି ଗରୀୟସୀ ।"

ସେହି ଅନୁରକ୍ତିରେ ଭକ୍ତକବି ମଧୁସୂଦନ କମଳ ପ୍ରତି ଯେଉଁ ନିବେଦନ କରିଛନ୍ତି, ତାହାହିଁ ଆମ ମୌଳିକତାର ମହତ ପରିଚୟ ହେବ :


"ପଙ୍କଜ ଅଟୁ ତୁହି ତେଣୁ ଭରସା
ତୋ ପରି ଶୁଭ୍ରହେବି ଲଭି ସୁଦଶା ।

ଶିଖାଅ ମୋତେ ସଦା ପୁଣ୍ୟବ୍ରତ
ତୋର ଆଶୀଷେ ପୂରୁ ମୋ ମନୋରଥ ।

—

ଶହୀଦ ନଗର
ଭୁବନେଶ୍ୱର






ଶ୍ରୀ ଲକ୍ଷ୍ମୀଧର ନାୟକ

ସିଂହଭୂମି ସଂପର୍କରେ କିଛି କହିବାକୁ ଗଲବେଳେ ପ୍ରଥମେ ମନେ ପଡ଼େ ସରେଇକଳା ଖରସୁଆଁ କଥା । ଏ ଦୁଇଟି ଗଡ଼ଜାତ ରାଜ୍ୟ ଆମକୁ ମିଳିଥିଲା ଭାରତ ସ୍ୱାଧୀନତା ପାଇବାର ପାଞ୍ଚ ମାସ ପରେ । ସେ ହେଉଛି ୧୯୪୮ ଜାନୁୟାରୀ ୧ ତାରିଖ କଥା ।

ତା'ର ପନ୍ଦର ଦିନ ପୂର୍ବରୁ ୧୯୪୭ ନଭେମ୍ବର ୧୪ ତାରିଖରେ ଗଡ଼ଜାତ ରାଜାମାନଙ୍କୁ କଟକ ଡକେଇ ଆଣିଥିଲେ ତତ୍‌କାଳୀନ ମୁଖ୍ୟମନ୍ତ୍ରୀ ଡକ୍‌ଟର ମହତାବ । ସର୍ଦ୍ଦାର ପଟେଲ ସେତେବେଳେ କେନ୍ଦ୍ରରେ ଥିଲେ ସ୍ୱରାଷ୍ଟ୍ରମନ୍ତ୍ରୀ । ସେ ଓଡ଼ିଶା ଆସି, ଚବିଶରୁ ୨୩ଟି ଗଡ଼ଜାତ ରାଜ୍ୟକୁ ଓଡ଼ିଶା ପ୍ରଦେଶ ସହିତ ସାମିଲ କରାଇ ଦେଇଥିଲେ, ମାତ୍ର ଗୋଟିଏ କଲମ ଗାରରେ ।

କେବଳ ବାଦ୍ ପଡ଼ି ଯାଇଥିଲା ମୟୂରଭଞ୍ଜ । କାରଣ ସେଠି ପ୍ରଜାମଣ୍ଡଳ ପରିଷଦ ମାର୍ଫତରେ ରାଜ୍ୟର ଶାସନ ଭାର ଦେଇ ଦେଇଥିଲେ ମହାରାଜା । ସୁତରାଂ ସେମାନଙ୍କୁ ନପଚାରି ଓଡ଼ିଶା ସହିତ ମିଶ୍ରଣ ଚୁକ୍ତିରେ ଦସ୍ତଖତ ଦେଇ-ପାରିବେ ନାହିଁ ବୋଲି ସେ କହିଥିଲେ ।

ଆପତ୍ତି ମଧ୍ୟ କରିଥିଲେ ସରେଇକଳା ରାଜା ସାହେବ । ସେ ମଧ୍ୟ ତାଙ୍କ ରାଜ୍ୟର ପ୍ରଜାମଙ୍ଗଳ ସଂସ୍ଥା କଥା ଉଲ୍ଲେଖ କରିଥିଲେ । କିନ୍ତୁ ତାଙ୍କ ପୁଅ ବଲାଙ୍ଗୀର ପାଟଣା ମହାରାଜା, ସରେଇକଳା ଓ ଖରସୁଆଁ ରାଜ୍ୟ ଦୁଇଟିର ଭୌଗଳିକ ପରିସ୍ଥିତି କଥା ବୁଝାଇଥିଲେ । ସିଂହଭୂମି ଜିଲ୍ଲାଟି ବିହାର ଭିତରେ । ଏଣୁ ସରେଇକଳା, ଖରସୁଆଁରେ ଯଦି କେତେକ ସୁବିଧାବାଦୀ ପ୍ରଜାମାନଙ୍କ ଦ୍ୱାରା କୌଣସି ବିଦ୍ରୋହର ସୂତ୍ରପାତ ହୁଏ କୌଣସି ସମୟରେ, ତେବେ ନୀଳଗିରି ରାଜାଙ୍କ ପରି, ଅବସ୍ଥା ଅତ୍ୟନ୍ତ ଦୟନୀୟ ହୋଇ ପଡ଼ିବ । କାରଣ : ଯେହେତୁ ମୟୂରଭଞ୍ଜ ମିଶିଲା ନାହିଁ, ସରେଇକଳା ଗଡ଼କୁ ଯିବା ପାଇଁ ଓଡ଼ିଶା ସରକାରଙ୍କୁ ବାଟ ନାହିଁ । ତେଣୁ ପ୍ରଜା-ବିଦ୍ରୋହ ହେଲେ, ସେମାନଙ୍କୁ ଦମନ କରିବା ପାଇଁ ଓଡ଼ିଶା ସରକାର, ଇଚ୍ଛା କଲେ ମଧ୍ୟ ସୈନ୍ୟସାମନ୍ତ ପଠେଇ ପାରିବେ ନାହିଁ । ଅବସ୍ଥା ସାଂଘାତିକ ହୋଇ ପଡ଼ିବ ।

ଏ ଯୁକ୍ତିର ଯଥାର୍ଥତା ହୃଦୟଙ୍ଗମ କଲେ ସରେଇକଳା, ଖରସୁଆଁ ରାଜା ଦୁହେଁ । ଶେଷ ମୁହୂର୍ତ୍ତରେ ମିଶ୍ରଣ ଚୁକ୍ତିରେ ଦସ୍ତଖତ ଦେଲେ ।

ଗଡ଼ଜାତଗୁଡ଼ିକୁ ଓଡ଼ିଶା ସହିତ ମିଶାଇ ଦିଆନଯାଉ ବୋଲି ପ୍ରବଳ ଆପତ୍ତି କରିଥିଲେ ଗଡ଼ଜାତ ପ୍ରଜାମାନଙ୍କର ଜଣେ ତୁଙ୍ଗ ପ୍ରତିନିଧି ମଧ୍ୟ । ସେ କହିଥିଲେ ରାଜାମାନଙ୍କଠୁ ଶାସନ କ୍ଷମତା ଅବଶ୍ୟ କାଢ଼ି ନିଆଯାଉ, କିନ୍ତୁ ତାହା ଡକଟର ମହତାବଙ୍କ ହାତରେ ଅର୍ପଣ କରାନଯାଉ । ସବୁ ଗଡ଼ଜାତକୁ ମିଶେଇ ଆଉ ଗୋଟିଏ ସ୍ୱତନ୍ତ୍ର ପ୍ରଦେଶ ଗଢ଼ାଯାଉ ଏବଂ ତା'ର ଶାସନ ଭାର ଦିଆଯାଉ ପ୍ରଜାମାନଙ୍କ ଦ୍ୱାରା ନିର୍ବାଚିତ ପ୍ରତିନିଧିଙ୍କ ହାତରେ ।

ଏ ପ୍ରସ୍ତାବକୁ ମାତ୍ର ଗୋଟିଏ ପଦରେ ନାକଚ କରି-ଦେଇଥିଲେ ସର୍ଦ୍ଦାର ପଟେଲ । କହିଥିଲେ; ସ୍ୱୈରଙ୍କଠୁ ନେଇ ତାହୁଙ୍କ ହାତରେ ଦବା ପାଇଁ ମୁଁ ଓଡ଼ିଶା ଆସି ନାହିଁ ।

ଭୟରେ ତଟସ୍ଥ ହୋଇ ଯାଇଥିଲେ ସମସ୍ତେ । ମିଶ୍ରଣ ଚୁକ୍ତିରେ ଦସ୍ତଖତ ଦେଇ ପକେଇଥିଲେ ଚୁପ୍ ଚାପ୍ । ସରେଇକଳା ଫେରି ଆସିଥିଲେ ମହାରାଜା ଆଦିତ୍ୟ ପ୍ରତାପ ସିଂ ଦେଓ । କିନ୍ତୁ ଏକ ଅପ୍ରତ୍ୟାଶିତ ସମସ୍ୟାର ସମ୍ମୁଖୀନ ହୋଇ ବ୍ୟତିବ୍ୟସ୍ତ ହୋଇ ପଡ଼ିଥିଲେ ଶୋଚନୀୟ ଭାବରେ ।

ଏ ଭିତରେ ତାଙ୍କ 'ଗଡ଼'ର କେତେଜଣ ସୁବିଧାବାଦୀ କ୍ଷମତାଲୋଭୀ ପ୍ରଜା, ସିଂହଭୂମିର ଜଣେ ଯୁବନେତାଙ୍କ

ପ୍ରରୋଚନାରେ ପଡ଼ି, ପ୍ରଜାମଣ୍ଡଳ ନାଁରେ ଏକ ପରିଷଦ ଗଢ଼ି ଗୋଳମାଳ ସୃଷ୍ଟି କରିବାକୁ ପ୍ରସ୍ତୁତ ହୋଇ ରହିଛନ୍ତି । ମିଶ୍ରଣ ଚୁକ୍ତିରେ ଦସ୍ତଖତ କରିବା ରାଜାଙ୍କ ଅଧିକାରକୁ ଚ୍ୟାଲେଞ୍ଜ ଦେଉଛନ୍ତି ଖୋଲା ଖୋଲି ଭାବରେ, ହଜାର ହଜାର ପ୍ରଚାରପତ୍ର ବାଣ୍ଟି, ଗାଁ ଗଣ୍ଡାରେ, ସର୍ଢେଇକଳା, ଖରସୁଆଁ ରାଜ୍ୟର ପ୍ରତି ଘରେ ଘରେ ଓଡ଼ିଆ ଅଧିବାସୀଙ୍କୁ ଉତ୍ତେଜିତ କରି ତୋଳିଛନ୍ତି ରାଜାଙ୍କ ମନମୁଖି କାର୍ଯ୍ୟ କଳାପ ବିରୁଦ୍ଧରେ ।

ଏଇ ଯୁବନେତା ଜଣକ ଯଦିଓ ସିଂହଭୂମିର ଜଣେ ସମ୍ମାନସ୍ପଦ ନେତୃସ୍ଥାନୀୟ ବ୍ୟକ୍ତିଙ୍କ ସନ୍ତାନ, ବାପାଙ୍କ ସୁନାମ ଓ ଓଡ଼ିଶା ପାଇଁ ତାଙ୍କ ତ୍ୟାଗର ସୁଯୋଗ ନେଇ ଏଇ ଘଡ଼ିସନ୍ଧି ବେଳେ ମୟୂରଭଞ୍ଜ ପ୍ରଜା ପ୍ରତିନିଧିଙ୍କ ପରି, ସର୍ଢେଇକଳା ରାଜାଙ୍କଠୁ ଜୋରଜବରଦସ୍ତ ଶାସନ କ୍ଷମତା ଛଡ଼ାଇନେଇ ନିଜେ କିପରି ତାଙ୍କର ଅନୁଗାମୀମାନଙ୍କୁ ନେଇ ମନ୍ତ୍ରୀମଣ୍ଡଳ ଗଢ଼ି, ମୁଖ୍ୟମନ୍ତ୍ରୀ ହେବେ ଏଇ ଦୁର୍ବାର ଆଶା ନେଇ ସବୁ ପ୍ରକାର ଷଡ଼ଯନ୍ତ୍ର କରି ସାରିଛନ୍ତି ।

କେବଳ ରାଜାଙ୍କୁ ବିତାଡ଼ିତ କରିବାର ସଂକଳ୍ପ ନୁହେଁ, ରାଜାଙ୍କଠୁ ଯଦି ଓଡ଼ିଶା ସରକାର ନେଇଛି, ତା'ହେଲେ ତାଙ୍କୁ ମଧ୍ୟ ମୁହାଁ ମୁହିଁ ଚ୍ୟାଲେଞ୍ଜ ଦେବା ରଣକୌଶଳ ( Strategy ) କରି ରଖିଛନ୍ତି ।

ଏକ ଆଡ଼େ ରାଜ୍ୟର ଉତ୍କ୍ଷିପ୍ତ ଓଡ଼ିଆ ଅଧିବାସୀଙ୍କୁ ଏକଜୁଟ କରାଇ ରାଜପ୍ରାସାଦକୁ ଘେରାଉ କରିଛନ୍ତି । ସେମାନଙ୍କୁ ମଦପିଆଇ ରାଜ ପରିବାରବର୍ଗଙ୍କୁ ଅକଥ୍ୟ ଭାଷାରେ ଗାଳିଗୁଲଜ କରିବାକୁ ମତେଇଛନ୍ତି ।

ଅନ୍ୟଆଡ଼େ ଦୁଇ ରାଜ୍ୟର ସୀମାନ୍ତରେ ଓଡ଼ିଶାର ବିରଣତୁ ବିହାର ସରକାର, ଆଦିବାସୀମାନଙ୍କୁ ମତେଇ ସେମାନେ ଓଡ଼ିଶା ସହିତ ସାମିଲ ହେବାକୁ ଚାହାନ୍ତି ନାହିଁ, ବିହାର ସହିତ ରହିବାକୁ ଚାହାନ୍ତି ବୋଲି ସ୍ଲୋଗାନ ଦେଇ ସର୍ଢେଇକଳା ଗଡ଼ ଅଭିମୁଖେ ମାଡ଼ି ଆସିବାକୁ ଯେଉଁ ସାଂଘାତିକ ବ୍ୟବସ୍ଥା କରି ରଖିଛି, ତା' ସହିତ ମଧ୍ୟ ଗୋଟାଏ ଆପୋଷ ବୁଝାମଣା କରି ନେଇଛନ୍ତି ।

ପୁଣି, ଏ ବୁଝାମଣା ହୋଇଛି ଆଉ କାହା ସହିତ ନୁହେଁ ଖୋଦ ବିହାର ମୁଖ୍ୟମନ୍ତ୍ରୀଙ୍କ ସହିତ । ଯୁବନେତା, ପାଟନା ଯାଇ ସାକ୍ଷାତ କରିଛନ୍ତି ତାଙ୍କୁ, ଜଣେ ସୋସିଆଲିଷ୍ଟ ନେତାଙ୍କ ମଧ୍ୟସ୍ଥତାରେ । ସାହାଯ୍ୟ ନେଇଛନ୍ତି ଟାଟା କଂପାନୀର ଓଡ଼ିଆ ଭିଆସନ ଅଫିସରଙ୍କଠୁ ମଧ୍ୟ ।

ଏ ସୁଯୋଗ ଗ୍ରହଣ କରିବାରେ ପଶ୍ଚାତ୍‌ପଦ ହେଇନି ବିହାର ସରକାର । ଯୁବନେତାଙ୍କୁ ପଦ-ପଦବୀର ପ୍ରଚଣ୍ଡ ଲୋଭ ଦେଖାଇ ଅପର୍ଯ୍ୟାପ୍ତ ଅର୍ଥର ସାହାଯ୍ୟ ମଧ୍ୟ ଯୋଗାଇ ଦେଇଛନ୍ତି ମୁକ୍ତ ହସ୍ତରେ ବିହାର ମୁଖ୍ୟମନ୍ତ୍ରୀ ।

କାରଣ ଓଡ଼ିଆ ରାଜାଙ୍କ ବିରୁଦ୍ଧରେ ଏବଂ ଓଡ଼ିଶା ସରକାର ବିରୁଦ୍ଧରେ ଓଡ଼ିଆ ଅଧିବାସୀମାନଙ୍କ ବିଦ୍ରୋହକୁ ସଫଳ କରଇ ପାରିଲେ କେନ୍ଦ୍ର ସରକାରଙ୍କୁ ଖୁବ୍ ସହଜରେ ବୁଝାଇ ପାରିବେ, ସିଂହଭୂମି ଉପରେ ଓଡ଼ିଶା ନେତାମାନେ ଯେଉଁ ଦାବୀ କରି ଆସୁଛନ୍ତି ବିଗତ ୫୦ ବର୍ଷ ଧରି, ତାହା ସଂପୂର୍ଣ୍ଣ ଅନ୍ୟାୟ ଆଉ ଅବାସ୍ତବ ।

ପରିସ୍ଥିତି ଅତ୍ୟନ୍ତ ଜଟିଳ, ରାଜା ଭାବିଲେ କ'ଣ କରାଯାଇପାରେ ଏ ଅବସ୍ଥାରେ ଓଡ଼ିଶା ସହିତ ମିଶ୍ରଣ ଚୁକ୍ତିରେ ସଇକରି ସେ କ'ଣ ଭୁଲ କରିଛନ୍ତି ? ତାଙ୍କ ସମ୍ମାନ ଏବଂ ସମସ୍ତ ରାଜପରିବାରବର୍ଗଙ୍କ ଇଜ୍ଜତ, ମହତ୍ ଯେ ଏପରି ଭାବରେ ବିପର୍ଯ୍ୟସ୍ତ ହେଇ ପଡ଼ିଲା, ଏହାର ପ୍ରତିକାର କ'ଣ ? ରାଜଉଆସ ଭିତରେ ସୁଖ ଶାନ୍ତିରେ ରହିବାତ ଦୂରର କଥା ତାଙ୍କ ପରିବାରବର୍ଗଙ୍କ ନିରାପତ୍ତା ପାଇଁ ଯେ ଯାଚି ଯିବେ କାହା ପାଖକୁ ?

୧୯୪୮ ଜାନୁୟାରୀ ୧ରେ ମିଶ୍ରଣ ଚୁକ୍ତି ଲାଗୁ ହେଲାମାତ୍ରେ ଓଡ଼ିଶା ସରକାର ତାଙ୍କ ରାଜ୍ୟର ଜଣେ ଦକ୍ଷ ପ୍ରଶାସକଙ୍କୁ ପଠାଇ ଦେଲେ ସର୍ଢେଇକଳା; କଲେକ୍ଟର ଦୁର୍ଗାଚରଣ ଦାସ । କିନ୍ତୁ ସେ ଆସି ଘୋର ଅବ୍ୟବସ୍ଥା ଦେଖିଲେ ଚାରିଆଡ଼େ, ବିଚଳିତ ହେଇ ପଡ଼ିଲେ ସଂପୂର୍ଣ୍ଣ ଭାବରେ । ବିହାର ସରକାରଙ୍କ ନିର୍ଦ୍ଦେଶରେ ଉତ୍କ୍ଷିପ୍ତ ଆଦିବାସୀମାନଙ୍କ ବିଦ୍ରୋହକୁ ଜବତ୍ କରିବା କୌଶଳ ଚିନ୍ତା କରିବେ ନା ଗଡ଼ଭିତରେ ଓଡ଼ିଆ ପ୍ରଜାମାନଙ୍କ ଯଥେଚ୍ଛାଚାର, ସ୍ଲୋଗାନ, ସଭା-ସମିତି, ପଟୁଆର ପ୍ରଭୃତିକୁ ଦୃଢ଼ ହସ୍ତରେ ଦମନ କରିବେ ?

ରାଜା ଆଦିତ୍ୟପ୍ରତାପ ଯେପରି ଆତଙ୍କିତ, ପ୍ରଶାସକ ଦୁର୍ଗାଦାସ, ସେ ମଧ୍ୟ ସେଇପରି କିଂକର୍ତ୍ତବ୍ୟବିମୂଢ଼ !

ଆଲୋଚନା ହେଲା ଉଭୟଙ୍କ ଭିତରେ । ପ୍ରଜାମଣ୍ଡଳ କର୍ମୀମାନଙ୍କୁ ଗିରଫ କରାଯାଇ ପାରିବ କିନ୍ତୁ ଏ ପ୍ରଜାମଣ୍ଡଳ ଯୁବନେତା ଜଣକ ଯେ ଅତ୍ୟନ୍ତ କୌଶଳୀ ! ଓଡ଼ିଶା ମନ୍ତ୍ରୀ ମଣ୍ଡଳରେ ଜଣେ ପ୍ରଭାବଶାଳୀ ମନ୍ତ୍ରୀଙ୍କ ସହଧର୍ମିଣୀଙ୍କୁ ଧର୍ମ-ମା କରି ଡକେଇ ଆଣି ଗଡର ସଦର ରାସ୍ତା କଡ଼ରେ ପ୍ରଜାମଣ୍ଡଳ ଅଫିସ୍ ଘରେ ବସାଇ ରଖିଛନ୍ତି । ପ୍ରଜା ବିଦ୍ରୋହର ସଞ୍ଚାଳିକା ଭାବେ ମହାନେତ୍ରୀ ସାଜିଛନ୍ତି ସେ ଏଠି । ଗିରଫ୍ କଲେ ସେଇ ନାରୀନେତ୍ରୀ କିମ୍ବା ତାଙ୍କ ବିବେକ ବୁଦ୍ଧିର ମାର୍ଫତଦାର ( Conscience Keeper ) ଯୁବନେତା ମହୋଦୟଙ୍କୁ ହାତକଡ଼ା ଦେବାକୁ ହେବ ସର୍ବ ପ୍ରଥମ ।

ସୁତରାଂ କାର୍ଯ୍ୟଟି କରିବା ପୂର୍ବରୁ ଅନ୍ତତଃ ଓଡ଼ିଶାର ସେଇ ପ୍ରଭାବଶାଳୀ ମନ୍ତ୍ରୀ ମହାଶୟଙ୍କୁ ତାଙ୍କ ସହଧର୍ମିଣୀଙ୍କ ସଂପର୍କରେ ତ ଟିକିଏ ଜଣାଇବାକୁ ପଡ଼ିବ । କହିବାକୁ ହେବ: ସୋସିଆଲିଷ୍ଟ ନେତ୍ରୀଙ୍କ ବାହୁଛାୟାତଳେ ସିଂହଭୂମିର ଯୁବନେତା ଜଣକ, ବିହାର ସରକାରଙ୍କ ହାତ ବାରିସି ହେଇ, ଓଡ଼ିଶା ସରକାର ବିରୋଧୀ କାର୍ଯ୍ୟକଳାପରେ କିପରି ଲିପ୍ତ ରହିଛନ୍ତି ଏତକ ନଜଣାଇ କିଛି ପଦକ୍ଷେପ ନେବା ତ ସମ୍ଭବ ନୁହେଁ ।

କଲେକ୍ଟରଙ୍କ ଏଇ ପରାମର୍ଶକୁ କାର୍ଯ୍ୟକାରୀ କରିବା ଦାୟିତ୍ୱ ନେଲେ ରାଜାସାହେବ ।

ବୁଦ୍ଧି ଓ ବିଚକ୍ଷଣତାରେ ରାଜା ଆଦିତ୍ୟପ୍ରତାପ ଖୁବ୍ ଧୁରନ୍ଧର ବୋଲି ଇଷ୍ଟର୍ଣ୍ଣ ଷ୍ଟେଟ ଏଜେନ୍ସିର ପ୍ରେସିଡେଣ୍ଟ ଭାବେ ନିର୍ବାଚିତ ହେଉଥିଲେ ସେ ସର୍ବସମ୍ମତି କ୍ରମେ । ଏ ପ୍ରସ୍ତାବକୁ ତୁରନ୍ତ କାର୍ଯ୍ୟକାରୀ କରିବା ପାଇଁ ସମୟ ଲାଗିଲା ନାହିଁ

ତାଙ୍କୁ । ଉପାୟ ନିର୍ଦ୍ଧାରଣ କଲେ ଅବିଳମ୍ବେ । ସିଂହଭୂମି ଜିଲ୍ଲାର କେତେ ଜଣ ଓଡ଼ିଆ ନେତୃସ୍ଥାନୀୟ ବ୍ୟକ୍ତିଙ୍କୁ ସରେଇକଳା ଡକେଇ ଆଣିବାକୁ ବ୍ୟବସ୍ଥା କଲେ । ଏଇ ବ୍ୟବସ୍ଥା କାର୍ଯ୍ୟକ୍ରମର ଲିଷ୍ଟ ଭିତରେ ଥିଲା ମୋ ନାଁ ।

ରାଜାସାହେବଙ୍କ ଭାଇ ବିଜୟପ୍ରତାପ ସିଂ ଦେଓଙ୍କ ଶ୍ରେଷ୍ଠ ଚିଠି ନେଇ ମୋ' ପାଖକୁ ଆସିଲେ ତାଙ୍କର ବିଶ୍ୱସ୍ତ କର୍ମଚାରୀ । ସେଥିରେ ମତେ ଅନୁରୋଧ କରାଯାଇ ଥିଲା । ସିଂହଭୂମିର ନେତୃସ୍ଥାନୀୟ ବ୍ୟକ୍ତିଙ୍କ ଭିତରେ ମୋର ଅନ୍ତରଙ୍ଗ ବନ୍ଧୁ ହେଉଥିଲେ, ଦୁଇ ତିନିଜଣଙ୍କୁ ନେଇ ରାଜାସାହେବଙ୍କୁ ଦେଖା କରିବାକୁ ଯେପରି ଯଥାଶୀଘ୍ର ସରେଇକଳାରେ ଉପସ୍ଥିତ ହେବି ।

କିନ୍ତୁ ମୋର ଅନ୍ତରଙ୍ଗବନ୍ଧୁ ପୁଣି ନେତୃସ୍ଥାନୀୟ ବ୍ୟକ୍ତି, ସିଂହଭୂମିର ସେପରି କିଏ ହୋଇପାରନ୍ତି ?

ହଠାତ୍ ମନେ ପଡ଼ିଲା ତାରାପଦ ବାବୁଙ୍କ କଥା । ଠିକ୍ କଲି ତାଙ୍କ ମତାମତ ଲୋଡ଼ିବି ।

ଖଣ୍ଡା ମୌଜା ସଂଲଗ୍ନ ତାଙ୍କ ପଲ୍ଲୀ ଗାଁ ମାନସ ମୁଣ୍ଡିଆରୁ ସେ ଯେତେବେଳେ ଜାମସେଦପୁର ଆସନ୍ତି, ଅଧିକାଂଶ ସମୟ ସାକ୍ଚୀରେ ହୃଷିନନ୍ଦଙ୍କ ମିଷ୍ଟାନ୍ନ ଭଣ୍ଡାରରେ ଦିନତମାମ ବସି ରହନ୍ତି । ସେଇଠି ସେ ସିଂହଭୂମିରେ ଓଡ଼ିଆ ଶିକ୍ଷା ଆନ୍ଦୋଳନର ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳିତ କରନ୍ତି । ଓଡ଼ିଆ ସ୍କୁଲମାନଙ୍କର ଅଭାବ ଅସୁବିଧା କଥା ବୁଝନ୍ତି । ସତ୍ୟବାଦୀ ବନ ବିଦ୍ୟାଳୟର ଛାତ୍ର ଥିଲେ ସେ । ଗୋପବନ୍ଧୁଙ୍କ ସହିତ ପଦବ୍ରଜରେ ବୁଲିଥିଲେ ସେ ଛାତ୍ର ଜୀବନରେ । ଅତ୍ୟନ୍ତ ଅମାୟିକ ଲୋକ । ଏକ ସମୟରେ ଜାମସେଦ୍‌ପୁରରେ ଗୋଟିଏ ଓଡ଼ିଆ ପ୍ରେସ ଆରମ୍ଭ କରିବାକୁ ଯଥେଷ୍ଟ ସାହାଯ୍ୟ କରିଥିଲେ ସେ ମତେ ।

ତାଙ୍କ ଗାଁକୁ ଯାଇ ପରାମର୍ଶ କରିବା ଆଗରୁ, ସାକଚୀରେ ଥରେ ଖୋଜି ଦେଖିବା ପାଇଁ ଗଲି । ସୁଯୋଗକୁ ସାକ୍ଷାତ ପାଇଗଲି । ଚିଠିଟି ଦେଖାଇଲି । ସେ ରାଜି ହୋଇଗଲେ ମୋ ସାଙ୍ଗେ ସରେଇକଳା ଯିବାକୁ । ପରାମର୍ଶ ଦେଲେ ସିଂହଭୂମିର ଅନ୍ୟତମ ନେତା ଆଡଭୋକେଟ୍ ମୃତ୍ୟୁଞ୍ଜୟ ଦାଶଙ୍କୁ ନେବା ପାଇଁ ।

ସରେଇକଳା ଓ ଖରସୁଆଁ ରାଜ୍ୟରେ ଯୋଉ ପରିସ୍ଥିତି ହୋଇଛି ସେ ସବୁର ଟିକି ନିଖି ଖବର ରଖିଛନ୍ତି ସେ, କହିଲେ । ଓଡ଼ିଶା ସହିତ ମିଶ୍ରଣ ଚୁକ୍ତିରେ ତ ଦୁଇ ରାଜା ସାହେବ ଦସ୍ତଖତ ଦେଇ ଆସିଲା ପରେ ସେମାନଙ୍କ ବିରୁଦ୍ଧରେ ଓଡ଼ିଆ ପ୍ରଜାମାନଙ୍କୁ ସଙ୍ଗଠିତ କରି ଉତ୍ତେଜିତ କରାଇବାର କ'ଣ ଦରକାର ସେକଥା ବୁଝିପାରୁ ନାହାନ୍ତି ମତେ କହିଲେ । ବରଂ ସର୍ଦ୍ଦାର ପଟେଲଙ୍କ ଦୃଢ଼ ନିଷ୍ପତ୍ତି ଫଳରେ ଏ ମିଶ୍ରଣ ସମ୍ଭବ ହେଇପାରି ଥିବା ଯୋଗୁଁ, ଅଦୂର ଭବିଷ୍ୟତରେ ବାଉଣ୍ଡରୀ କମିଶନ ବସିବ ଯେତେବେଳେ, ଭାଷା ସୂତ୍ରରେ ପ୍ରଦେଶମାନଙ୍କ ସୀମାସରହଦ ଚିହ୍ନଟ କାର୍ଯ୍ୟ କରିବା ପାଇଁ ସେତେବେଳେ ସମସ୍ତ ସିଂହଭୂମି ଜିଲ୍ଲା ନହେଉ ପଛେ, ସଦର ଅଞ୍ଚଳ ମିଳିଯିବାର ସମ୍ଭାବନା ଯେ ଖୁବ୍ ଉଜ୍ଜ୍ୱଳ, ଏ କଥା ବିଚାରକୁ ନେଇ ବରଂ ଦୁଇ ରାଜାଙ୍କୁ ଖୁସି କରି ରଖିବା ଆମର ଉଚିତ । କାରଣ ସେତେବେଳ ସେମାନଙ୍କ ମତାମତକୁ କମିଶନ ଯଥେଷ୍ଟ ଗୁରୁତ୍ୱ ଦେବେ ।

ମୃତ୍ୟୁଞ୍ଜୟବାବୁ, ତାରାପଦ ବାବୁଙ୍କ ଅନୁରୋଧ ରଖିଲେ । ଆମେ ତିନିହେଁ ସରେଇକଳାରେ ପହଞ୍ଚିଲୁ ।

ରାଜା ସାହେବଙ୍କ ସହିତ ସାକ୍ଷାତ ହେଲା ତାଙ୍କ ଗଡ଼ଠୁ ଅଳ୍ପ ଦୂରରେ ଥିବା ଡ଼ାକବଙ୍ଗଳାରେ ।

ସବୁକଥା ବୁଝେଇ କହିଲେ ଆମକୁ ରାଜା ଆଦିତ୍ୟପ୍ରତାପ । ମୋ ରାଜ୍ୟରେ ଓଡ଼ିଆ ପ୍ରଜାମାନେ ମୋ ଜାତୀୟତାକୁ ଏପରି ଅବିଶ୍ୱାସ କରିବେ ଏହା ମୁଁ କଳ୍ପନା କରିପାରୁ ନାହିଁ । କ'ଣ କରିନାହିଁ ମୁଁ ଓଡ଼ିଆ ସାହିତ୍ୟ, କଳା, ନୃତ୍ୟ ଆଉ ସଂସ୍କୃତିକୁ ବିଶ୍ୱ ଦରବାରରେ ବଡ଼ କରି ଥୋଇବା ପାଇଁ ? ଭାରତବର୍ଷର ବିଭିନ୍ନ ପ୍ରଦେଶରେ କେବଳ ନୁହେଁ, ଇଂଲଣ୍ଡ ଫ୍ରାନ୍ସ୍, ଇଟାଲୀ, ଜର୍ମାନୀ ଏବଂ ସମଗ୍ର ପାଶ୍ଚାତ୍ୟ ଦେଶରେ ସରେଇକଳା ଛଉଦଳର ନୃତ୍ୟ ଆଉ ସଂସ୍କୃତିକୁ ପ୍ରଚାର କରିବା ପାଇଁ 'ରାଜକୋଷରୁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ସର୍ବସ୍ୱାନ୍ତ ହେଉଛି । ପୁଣି ରବିନ୍ଦ୍ରନାଥଙ୍କ ପରି ବିଶ୍ୱକବିଙ୍କୁ ସରେଇକଳା ଡ଼କେଇ ଆଣି ରାଜପ୍ରାସାଦରେ ରଖି, ଓଡ଼ିଆ ଜାତିର ଐତିହ୍ୟ ଆଉ ପରଂପରାକୁ ଉଚ୍ଚ କଣ୍ଠରେ ପ୍ରଶଂସା କରିବା ପାଇଁ ତାଙ୍କୁ ପ୍ରଭାବିତ କରେଇଛି ମୁଁ । ଅଥଚ ସେସବୁ ପାଇଁ ପଦେ ଧନ୍ୟବାଦ ଦେବା କଥା ନୁଆଡ଼େ ଗଲା ଏ ପ୍ରଜାମାନଙ୍କର, ମୋ ବିରୁଦ୍ଧରେ ଏକଜୁଟ ହେଇ ରାଜପରିବାରର ପୁଅ, ଝିଅ, ବୋହୂଙ୍କ ଚରିତ୍ର ସଂହାର କରୁଛନ୍ତି ଏମାନେ, ଦିନ ଦିପହରେ ରାଜଉଆସ ଚାରିପାଖେ ହାଣ୍ଡିଆ ଖାଇ, ନଙ୍ଗଳା ହେଇ ନାଚିକୁଦି ବିଭତ୍ସ ଅଙ୍ଗଭଙ୍ଗୀ କରି । ଯୋଉ ବିହାର ନେତାମାନେ ମୋ ବିରୁଦ୍ଧରେ ସବୁଦିନ ଖଡ଼୍‌ଗ ହସ୍ତ, ପୁଣି ଆଜି, ଏଇ ଅବସ୍ଥାରେ, ମୁଁ ଯେତେବେଳେ ଓଡ଼ିଶା ସହିତ ମିଶ୍ରଣ ଚୁକ୍ତିରେ ଦସ୍ତଖତ କରିଦେଇ ଆସିଚି ବୋଲି, ଆଦିବାସୀମାନଙ୍କୁ ଏକଜୁଟ କରାଇ ଆମକୁ ଆକ୍ରମଣ କରିବାକୁ କ୍ଷିପ୍ତ କରି ତୋଳିଛନ୍ତି ସେମାନେ, ସେତେବେଳେ ମତେ ସାହାଯ୍ୟ କରିବେ କଣ, ଅପମାନିତ କରୁଛନ୍ତି ବିଚ୍ ବଜାରରେ ।

ପରିସ୍ଥିତିର ଗୁରୁତ୍ୱ ଉପଲବ୍ଧି କଲୁ ଆମେ କିନ୍ତୁ........

ଉପାୟ ନିର୍ଦ୍ଧାରଣ କରିଦେଲେ ରାଜା ସାହେବ । ଅନୁରୋଧ କଲେ ଆମକୁ, କଟକ ଯାଇ ଡ଼କ୍ଟର ମହତାବଙ୍କୁ ସବୁକଥା ବିଶଦ ଭାବରେ ବୁଝେଇ ଆସିବାକୁ ଏବଂ ଓଡ଼ିଶା ମନ୍ତ୍ରୀମଣ୍ଡଳର୍ ସେଇ ପ୍ରଭାବଶାଳୀ ବ୍ୟକ୍ତି, ଯାହାଙ୍କ ସହଧର୍ମିଣୀ ନାରୀନେତ୍ରୀ ଏଠି ବସିରହି ପ୍ରଜାମଣ୍ଡଳର ଯୁବନେତାଙ୍କ କଥାରେ ପରିଚାଳିତ ହୋଇ ସରେଇକଳା କଲେକ୍ଟରଙ୍କୁ ଭୀଷଣ ଅସୁବିଧାରେ ପକାଉଛନ୍ତି, ତାଙ୍କୁ ମଧ୍ୟ ।

କଟକ ଗଲୁ ଆମେମାନେ । ସେତେବେଳେ ବାରବାଟୀ କିଲ୍ଲା ମୈଦାନ ପାଖରେ ଥିଲା ଓଡ଼ିଶା ସେକ୍ରେଟେରୀଏଟ ଅଫିସ । ଡ଼କ୍ଟର ମହତାବଙ୍କୁ ସାକ୍ଷାତ କରିବା ପୂର୍ବରୁ ପ୍ରଭାବଶାଳୀ ମନ୍ତ୍ରୀ ମହୋଦୟଙ୍କୁ ଦେଖା କରିବାକଥା କହୁଥିଲେ ତାରାପଦବାବୁ । କାରଣ ତାଙ୍କ ସହିତ ଖୁବ୍ ଅନ୍ତରଙ୍ଗ ଥିଲେ ସେ ।

ଘନ ଘନ ବିଡ଼ିଟେଣାଧୂଆଁ ଫୁଙ୍କି ଛାଡ଼ିବା ଭିତରେ ମନ୍ତ୍ରୀ ମହୋଦୟ ଶୁଣିଲେ ସବୁ ଆମଠୁ । କହିଲେ ହଁ, ଆଦିବାସୀମାନଙ୍କୁ ଓଡ଼ିଶା ବିରୁଦ୍ଧରେ ଉତ୍‌କ୍ଷିପ୍ତ କରାଇବା ବିହାର

ସରକାରଙ୍କ ପକ୍ଷରେ ସ୍ୱାଭାବିକ କଥା । କିନ୍ତୁ ତା' ବିରୁଦ୍ଧରେ ପ୍ରତିକାର କରିବା ପାଇଁ ତ ସମୟ ଲାଗିବ । ସବୁକଥା କେନ୍ଦ୍ରକୁ ଜଣାଇବାକୁ ପଡ଼ିବ ଆମକୁ ଏବଂ ଖୁବ୍ ବଡ଼ଧରଣର ଗୋଳମାଳ ନଘଟିଲା ପର୍ଯ୍ୟନ୍ତ ଆମେ ତ କିଛି କରିପାରିବୁ ନାହିଁ । ସେଇପରି ପ୍ରଜାମଣ୍ଡଳ କର୍ମୀଙ୍କ ବିରୁଦ୍ଧରେ କିଛି କାର୍ଯ୍ୟାନୁଷ୍ଠାନ ପାଇଁ, ତା' ମଧ୍ୟ ସେଇ କଲେକ୍ଟରର ରିପୋର୍ଟ ଉପରେ ନିର୍ଭର କରେ । ଅବଶ୍ୟ ଅବସ୍ଥା ଗୁରୁତର, ଯା' ମୁଁ ମାନୁଛି ଆପଣମାନଙ୍କ କଥାରୁ । କିନ୍ତୁ ପ୍ରଜାମଣ୍ଡଳର ଯୋଉ ଯୁବନେତାଙ୍କ କଥା କହୁଛନ୍ତି, ସେ ତ ଆପଣମାନଙ୍କର ବି ଖୁବ୍ ପରିଚିତ । ଆପଣମାନେ ଯାଇ ତାଙ୍କୁ ବୁଝାନ୍ତୁ । କହି ଟିକେ ରହିଯାଇ ପୁଣି କହିଲେ : ଅବଶ୍ୟ ଏଭିତରେ ହଠାତ୍ ମନ୍ତ୍ରୀ ହବା ନିଶା ଯଦି ତାଙ୍କୁ ଘାରିଥାଏ ଏବଂ ବିହାର ମୁଖ୍ୟମନ୍ତ୍ରୀ ତାଙ୍କୁ କିଣିନେଇ ଯାଇଥାଆନ୍ତି, ତେବେ ଆପଣମାନଙ୍କ ମଧ୍ୟସ୍ଥତା କିଛି କାମ ଦେବନାହିଁ । ମହତାବ ବାବୁଙ୍କୁ ଏ ବିଷୟରେ କହିବା ଆଗରୁ ସବୁତଥ୍ୟ ସଂଗ୍ରହ କରିବାକୁ ପଡ଼ିବ ମତେ ସରେଇକଳା କଲେକ୍ଟରଙ୍କଠୁ । କାରଣ ଏ ଦାୟିତ୍ୱ ମୋର ।

ଠିକ୍ ଏଇ ସମୟରେ ଓ୍ୱାରଲେସ୍‌ରେ ମାସେଜ୍ ଆସିଛି ବୋଲି ସେ ପାଖ ପ୍ରକୋଷ୍ଠରୁ ଜଣେ କିଏ ଆସି କହିଲା । ମନ୍ତ୍ରୀ ଉଠିଗଲେ ।

ଆମର ପରବର୍ତ୍ତୀ କାର୍ଯ୍ୟକ୍ରମ କ'ଣ ହେବ, ଆଲୋଚନା କରୁବୁ ହଠାତ୍ ମନ୍ତ୍ରୀଜୀ ପୁଣି ଘରଭିତରକୁ ଆସି ବଡ଼ ବିଷଣ୍ଣ ଗଳାରେ କହିଲେ : ସବୁ ଗୋଳମାଳ ହୋଇଗଲା ତାରାପଦବାବୁ, ପ୍ରଜାମଣ୍ଡଳର ସେଇ ଯୁବନେତା ଆରେଷ୍ଟ ହୋଇଗଲେଣି, ଖବର ଆସିଲା । ଏଇଟା ବଡ଼ ଭୁଲ୍ ହେଲା । ପ୍ରଜାମଣ୍ଡଳ କର୍ମୀମାନେ ଉତ୍ତେଜିତ ହୋଇପଡ଼ିବେଣି । ବରଂ ଆପଣମାନେ ସେଇଠିକି ଫେରିଯାଇ ଦେଖନ୍ତୁ ଯଦି କିଛି କରିପାରିବେ । ମୁଁ ମହତାବବାବୁଙ୍କ ପାଖକୁ ଯାଉଛି । କହି, ତରବର ହୋଇ ଉଠିଗଲେ ।

ଏ ପରିସ୍ଥିତିରେ ଡକ୍ଟର ମହତାବଙ୍କୁ ଆମେ ଆଉ ଦେଖାକରିବାର କୌଣସି ପ୍ରୟୋଜନ ଦେଖିଲୁନାହିଁ । ଜାମସେଦପୁର ଫେରିଆସିଲୁ ।

ତା' ପରେ ଘଟଣା ହେଲା, ଆଦିବାସୀମାନଙ୍କର ଏକ ପଟୁଆର ସରେଇକଳା ଗଡ଼କୁ ମାଡ଼ି ଆସୁଥିବା ବେଳେ, ଅବସ୍ଥାକୁ ଆୟର କରିବା ପାଇଁ କଲେକ୍ଟର ଦୁର୍ଗା ଦାସ ଗୁଳି ଚଳେଇବାକୁ ନିର୍ଦ୍ଦେଶ ଦେବା ଲାଗି ବାଧ୍ୟ ହେଲେ ଏବଂ ଅଳ୍ପ କେତେ ଜଣ ମୃତାହତ ହେଲେ ।

ବିହାର କଂଗ୍ରେସ ଦଳର ସର୍ବୋଚ୍ଚ ନେତା ଡକ୍ଟର ରାଜେନ୍ଦ୍ର ପ୍ରସାଦ କେନ୍ଦ୍ର ମନ୍ତ୍ରୀମଣ୍ଡଳରେ ମହା ପ୍ରଭାବଶାଳୀ ଖାଦ୍ୟ ମନ୍ତ୍ରୀ ସେତେବେଳେ ବିହାର ମୁଖ୍ୟମନ୍ତ୍ରୀ ତାଙ୍କୁ ଏପରି ପ୍ରଭାବିତ କଲେ, ତାଙ୍କରି ହସ୍ତକ୍ଷେପ ଫଳରେ ସର୍ଦ୍ଦାର ପଟେଲ ଜଣେ ମଧ୍ୟସ୍ଥ ନିଯୁକ୍ତ କଲେ ଭୁକିବାଣ୍ଡର ବିଚାର କରିବା ପାଇଁ ।

ଏଇ ପରିପ୍ରେକ୍ଷୀରେ ପୁଣି ଥରେ ଲୋଡ଼ା ହେଲା ସରେଇକଳା ଓ ଖରସୁଁଆ ଉଭୟ ରାଜ୍ୟଙ୍କର ମତାମତ ।

କମିଶନଙ୍କ ପାଖରେ ଆଦିବାସୀମାନଙ୍କ ମତାମତ ଏବଂ ରାଜ୍ୟର ଓଡ଼ିଆ ଅଧିବାସୀଙ୍କମାନଙ୍କ ଓଡ଼ିଶା ସରକାର ବିରୋଧି ମତାମତ ଦୁଇଟିଯାକ ମହଜୁଦ୍ ଥିଲା । କେବଳ ଦୁଇ ରାଜାଙ୍କ ଶେଷ ଅଭିପ୍ରାୟ କ'ଣ, ସେତିକି ଜାଣିବା ଦରକାର ପଡ଼ିଲା ।

ସୁତରାଂ ଏଇ ପରିପ୍ରେକ୍ଷୀରେ, ସରେଇକଳା ରାଜା ସାହେବଙ୍କର ଉପାୟ କଣ ଥିଲା, ମିଶ୍ରଣ ଚୁକ୍ତିକୁ ଅସ୍ୱୀକାର କରିବା ଛଡ଼ା ? ପୁଣି ରାଜ ପରିବାରବର୍ଗଙ୍କର ଧନ ଜୀବନ, ଆଉ ସମ୍ମାନ, ସବୁ ସେତେବେଳେ ବିପନ୍ନ ଓଡ଼ିଶା ସରକାରଙ୍କ ପାଖରେ ଏବଂ ରାଜ୍ୟର ଓଡ଼ିଆ ପ୍ରଜାମାନେ ଯେତେବେଳେ ଜଣେ ସୁବିଧାବାଦୀ, କ୍ଷମତାଲୋଭି ଯୁବନେତାଙ୍କ କୁଚକ୍ରାନ୍ତର ଅସହାୟ ଶୀକାର, ସେତେବେଳେ ରାଜ ପରିବାର ବର୍ଗଙ୍କ ନିରାପତ୍ତାକୁ ଏଇ ଶିଖ୍ ମନାଭଙ୍କ ପାଖରେ ସମର୍ପଣ କରିବାର ବା କି ଯଥାର୍ଥତା ଅଛି ?

ଶୁଣିବାକୁ ମିଳେ ସେ ନୂଆଦେ କମିଶନଙ୍କ ଆଗରେ କହିଥିଲେ; ହଁ, ମୁଁ ଚାହେଁ ମୋର ଖାଣ୍ଟି ଓଡ଼ିଆ ରାଜ୍ୟଟି ଓଡ଼ିଶା ସହିତ ରହୁ । କିନ୍ତୁ ମୋ ବିରୁଦ୍ଧରେ ଆଦିବାସୀମାନଙ୍କ ବିକ୍ଷୋଭକୁ ମୁଁ ଗୁରୁତ୍ୱ ଦେବାକୁ ନ ଚାହିଁଲେ ମଧ୍ୟ, ରାଜ୍ୟର ଓଡ଼ିଆ ଅଧିବାସୀମାନେ ମୋ ବିରୁଦ୍ଧରେ ଯେପରି ଷଡ଼ଯନ୍ତ୍ର କରିଛନ୍ତି, ମୋ ପରିବାରବର୍ଗଙ୍କ ଚରିତ୍ର ସଂହାର କରିଛନ୍ତି, ମୋ ଇଜତ ଆଉ ସମ୍ମାନକୁ ତଳି ତଳାନ୍ତ କରିଛନ୍ତି, ସେ ଦୃଷ୍ଟିରୁ ସେମାନଙ୍କୁ ଆଉ ମୋ ବାହୁ ଛାୟା ତଳେ ରଖିବାକୁ ଚାହେଁନା ମୁଁ । ଯାଆନ୍ତୁ ସେମାନେ ବିହାରକୁ, ଭୋଗନ୍ତୁ ନିଜ ଦେଶ, ଜାତି ଆଉ ରାଜ ଦ୍ରୋହର ଫଳାଫଳ । ମୋ ନିରାପତ୍ତା ଆଉ ପରିବାରବର୍ଗଙ୍କ ଧନ ଜୀବନ ରକ୍ଷା କରିବା ପାଇଁ ମୁଁ ବାଧ୍ୟ ହେଉଛି ବିହାର ସହିତ ରହିବା ପାଇଁ । ଓଡ଼ିଶା ଦେଶ ଏବଂ ଓଡ଼ିଆ ଜାତି ସହିତ ମୋ ରାଜ ପରିବାରର ଏ ଐତିହ୍ୟ, ପରଂପରା, ଭାଷା, କଳା, ଓ ସଂସ୍କୃତିର ବନ୍ଧନ ଆବାହମାନ କାଳରୁ ରହି ଆସିଥିଲେ ମଧ୍ୟ ଆଜି ମତେ ବାଧ୍ୟ କଲେ ମୋ ରାଜ୍ୟର ପ୍ରଜାମାନେ ମିଶ୍ରଣ ଚୁକ୍ତିକୁ ଅସ୍ୱୀକାର କରିବା ପାଇଁ । ମତାମତ ଦୁଇ ରାଜାଙ୍କଠୁ ମିଳିଲା ପରେ ୧୯୪୮ ମେ , ୧୬ ତାରିଖ ଦିନ ମଧ୍ୟସ୍ଥଙ୍କ

ରିପୋର୍ଟକୁ ବିଚାର କରି, କେନ୍ଦ୍ର ସରକାରଙ୍କ ପକ୍ଷରୁ ଶ୍ରୀ ଯୁକ୍ତ ମେନନ୍ ଆକାଶବାଣୀ ମାଧ୍ୟମରେ ଦିଲ୍ଲୀରୁ ପ୍ରଚାର କରିଥିଲେ । ଓଡ଼ିଶା ସରକାରଙ୍କ ହାତରୁ ସରେଇକଳା ଓ ଖରସୁଁଆ ରାଜ୍ୟ ଦୁଇଟିକୁ କାଟିନେଇ ବିହାର ସରକାରଙ୍କ ଶାସନାଧୀନରେ ରଖାଗଲା । ଏପରି ଘୋଷଣା କରିବା ପାଇଁ ମେନନ୍ ନିଷ୍ପତ୍ତି ନେଇଥିଲେ କାରଣ ମୟୂରଭଞ୍ଜ ସେତେବେଳେ ଯାଏ ଓଡ଼ିଶା ସହିତ ମିଶି ନ ଥିଲା ଏବଂ ଏଇ ଦୁଇ ରାଜ୍ୟକୁ ଶାସନ କରିବା ଲାଗି, ଓଡ଼ିଶା ସରକାରଙ୍କ ପାଇଁ ତାଙ୍କ ସୈନ୍ୟ ସାମନ୍ତଙ୍କୁ ପଠାଇବା ଲାଗି ବାଟ ନ ଥିଲା ।

ଏଇ ଉପରୋକ୍ତ ଘଟଣାଗୁଡ଼ିକର ପରିପ୍ରେକ୍ଷୀରେ ଆଜି ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ହେବାର ୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ ସେତେବେଳେ ସୁବର୍ଣ୍ଣ ଜୟନ୍ତୀ ପାଳନ କରା ଯାଉଛି, ସେତେବେଳେ ସବୁ ଆନନ୍ଦ ଉଲ୍ଲାସ ଭିତରେ ଗୋଟିଏ କଥା ମନକୁ ଆସେ : ଉତ୍କଳ ଜନନୀ ଏବେ ବି ଛିନ୍ନମସ୍ତା । କାରଣ ସିଂହଭୂମି ଓଡ଼ିଶା ସହିତ ଏପର୍ଯ୍ୟନ୍ତ ମିଶିଲା ନାହିଁ । ଅନ୍ତତଃ ସରେଇକଳା, ଖରସୁଆଁ ରାଜ୍ୟ ଦୁଇଟି ମିଳିଲେ ବେଳେ ଉତ୍କଳ ଜନନୀର ସ୍କନ୍ଧ ଦେଶରେ ଶିର ସଂଯୋଗ ହେଲା ବୋଲି ମନେ କରି, ଅଦୂର ଭବିଷ୍ୟତରେ ଉତ୍କଳ ଜନନୀ

ପ୍ରଶାସନିକ ହେଇପାରେ ବୋଲି ଯେଉଁ ସମ୍ଭାବନା ଆମେ ଦେଖିଥିଲୁ ତାହାବି ସଂପୂର୍ଣ୍ଣ ଭାବେ ନଷ୍ଟଭ୍ରଷ୍ଟ ହେଇଗଲା ।

ସୂଚ୍ୟାଗ୍ର ପରିମାଣ ଜମି ପାଇଁ ମହାଭାରତ ଯୁଦ୍ଧ ହୋଇଥିଲା । ଅଥଚ ଦୁଇଟି ରାଜ୍ୟ ଆମକୁ ମିଳିଥିଲା ଆମେ ରକ୍ଷି ପାରିଲୁ ନାହିଁ । ଏଥିପାଇଁ କିଏ ଦାୟୀ, କିଏ ଦୋଷୀ, କଣ ପ୍ରତିକାର, କି ପ୍ରାୟଶ୍ଚିତ, ସେତିକି ଯଦି ବିଚାର ହୋଇ ଜାତୀୟ ସ୍ତରରେ କିଛି କାର୍ଯ୍ୟାନୁଷ୍ଠାନର ସୂଚୀପତ୍ର ପ୍ରସ୍ତୁତ କରାଯାଇ ପାରନ୍ତା, ଏଇ ଅବକାଶରେ ତା'ହେଲେ ଅନ୍ତତଃ ମୁଣ୍ଡଟେକି ପରସ୍ପରକୁ ଚାହିଁବାର ଗର୍ବ ଟିକିଏ ଅନୁଭବ କରନ୍ତୁ ଆମେ ସମସ୍ତେ ।

ଏଥର କାରଣ ସଂପର୍କରେ........

ଅନେକ ସମୟରେ କୁହାଯାଏ, ଡକ୍ଟର ମହତାବ, କେନ୍ଦ୍ରରେ ଯାଇ ସର୍ଦ୍ଦାର ପଟେଲ ବା ନେହେରୁଙ୍କ ଆସନରେ ବସିବେ ବୋଲି ବିହାରର ସର୍ବଭାରତୀୟ ସ୍ତରର ନେତା ଡକ୍ଟର ରାଜେନ୍ଦ୍ରପ୍ରସାଦ ଏବଂ ପଶ୍ଚିମବଙ୍ଗର ଡା: ବିଧାନ ରାୟଙ୍କୁ ଖୁସି କରିବାକୁ ଚାହୁଁଥିଲେ ସବୁବେଳେ ଏବଂ ମହାଭାରତୀୟ ଉଦାରତା ଦେଖାଇ ସରେଇକଳା, ଖରସୁଆଁ ରାଜ୍ୟ ଦୁଇଟିକୁ ଚୁପ୍‌ଚାପ୍ ଫେରାଇ ଦେଲେ । ଏପରିକି ବିଧାନ ସଭାରେ ସୁଦ୍ଧା କଥାଟାକୁ ପକେଇ, ସଭ୍ୟମାନଙ୍କର ମତ ଲୋଡ଼ିବାକୁ ଗଣତାନ୍ତ୍ରିକ ପ୍ରଥାକୁ ସମ୍ମାନ ଦେଲେ ନାହିଁ ।

କିନ୍ତୁ ଏହାଯେ ଆଦୌ ଠିକ୍ ନୁହେଁ, ଉପରୋକ୍ତ ବିଶ୍ଳେଷଣକୁ ଅନୁଧ୍ୟାନ କଲେ ଖୁବ୍ ସ୍ପଷ୍ଟ ହେଇଯିବ ।

ଯେଉଁ ରାଜାମାନଙ୍କୁ ତାଙ୍କରି ପ୍ରଜାମାନେ ଅବଜ୍ଞା କଲେ ଏବଂ ଯେଉଁ ଓଡ଼ିଆ ଅଧିବାସୀମାନେ, ଓଡ଼ିଶା ସରକାରଙ୍କ ସହିତ ରହିବାକୁ ଅନିଚ୍ଛା ପ୍ରକାଶ କଲେ ସେ ଅବସ୍ଥାରେ ଡକ୍ଟର ମହତାବଙ୍କର କି ଚାପ ପ୍ରୟୋଗ କରିବାର ଥିଲା ତାହା ଉପରେ କ'ଣ ବାଏନେଟ୍ ମୁନରେ ସରେଇକଳା ଓ ଖରସୁଆଁ ରାଜ୍ୟର ଓଡ଼ିଆ ପ୍ରଜାମାନଙ୍କୁ ଲହୁ ଲୁହାଣ କରିଥାନ୍ତେ ?

ଦ୍ୱିତୀୟ କାରଣଟି ହେଲା, ଯାହା ଖୋଦ୍ ମହତାବ — କହନ୍ତି ନିଜ ଉପରୁ ଦାୟିତ୍ୱ ଖସେଇ ଦେବାପାଇଁ । ସେଇଟି ହେଲା : ଦୁଇ ଗଡ଼ଜାତର ରାଜା, ଓଡ଼ିଶା ସହିତ ମିଶ୍ରଣ ଚୁକ୍ତିକୁ ଅସ୍ୱୀକାର କଲେ ।

ଏ ଉତ୍ତରଟି ମଧ୍ୟ ଭୁଲ୍ । ରାଜା ଦୁଇଜଣ ମିଶ୍ରଣ ଚୁକ୍ତିକୁ ଅସ୍ୱୀକାର କରିନାହାନ୍ତି ତ ସ୍ୱଇଚ୍ଛାରେ, ମିଶ୍ରଣ ଚୁକ୍ତିକୁ ଅସ୍ୱୀକାର କରିବାକୁ ଦୁଇ ରାଜାଙ୍କୁ ବାଧ୍ୟ କରାଇଥିଲେ, ରାଜ୍ୟ ପ୍ରଜାମଣ୍ଡଳର କର୍ମୀମାନେ ।

ଅର୍ଥାତ୍ ସରେଇକଳା, ଖରସୁଆଁ ରାଜ୍ୟ ଦୁଇଟି ଓଡ଼ିଆ ଜାତି ହରେଇଲା ସବୁଦିନ ପାଇଁ । ସେ କେବଳ ସିଂହଭୂମିର ସେଇ କ୍ଷମତା ଲୋଭୀ କେତେଜଣ ଯୁବନେତାଙ୍କ ସ୍ୱାର୍ଥ, ଯେଉଁମାନେ ମନ୍ତ୍ରୀ ମହାମନ୍ତ୍ରୀ ହେବାର ସ୍ୱପ୍ନ ଦେଖିଥିଲେ, ଓଡ଼ିଶା ସହିତ ସମଗ୍ର ଗଡ଼ଜାତ ଅଞ୍ଚଳ ମିଶ୍ରଣର ସୁବର୍ଣ୍ଣ ସୁଯୋଗରେ ।

ଏଥର ପ୍ରତିକାରର କଥା । ଏପର୍ଯ୍ୟନ୍ତ, ସିଂହଭୂମିରେ ଓଡ଼ିଆ ଭାଷା, ଓଡ଼ିଆ ଶିକ୍ଷା, ଓଡ଼ିଆ ସଂସ୍କୃତିର ରକ୍ଷଣାବେକ୍ଷଣ କ୍ଷେତ୍ରରେ ଯେଉଁ ଅସନ୍ତୋଷର ଝଡ଼ ବହି ଚାଲିଛି ବିହାର ସରକାର ବିରୁଦ୍ଧରେ ତା'ର ବିସ୍ତୃତ ବିବରଣୀ ମୁଁ ଦେବାକୁ ଚେଷ୍ଟା କରିଛି, ପ୍ରକାଶ ପାଇବାକୁ ଥିବା 'ସେ ପାଖେ ଆରମ୍ଭ ଏପାଖେ ଶେଷ' ଗ୍ରନ୍ଥରେ । ମୋ' ଆତ୍ମ ଜୀବନୀରେ ।

ସୁତରାଂ ପ୍ରତିକାର କରିବା ପ୍ରସଙ୍ଗରେ ଗୋଟିଏ କଥା ଏଠି ଉଲ୍ଲେଖ କରିବା ଅପ୍ରାସଙ୍ଗିକ ହେବ ନାହିଁ ବୋଧହୁଏ । ସରେଇକଳା ରାଜା ସାହେବଙ୍କ ବିରୁଦ୍ଧରେ ଡକ୍ଟର ମହତାବଙ୍କ ଖାସ୍ ଅଭିଯୋଗ - ସେ ମନାକଲେ ଓଡ଼ିଶା ସହିତ ରହିବାକୁ ଏଇ ଯୋଉ ଉକ୍ତି ଏବଂ ଏଇ ଉକ୍ତି ଯୋଗୁଁ ରାଜା ଆଦିତ୍ୟ-ପ୍ରତାପ ଜଣେ ଓଡ଼ିଆ ଜାତୀୟତା ବିରୋଧୀ ବ୍ୟକ୍ତି, ଏଇ ଯେଉଁ ଚିତ୍ର ଦିଆଯାଏ ସର୍ବସାଧାରଣରେ ତା' ଯେ ସଂପୂର୍ଣ୍ଣ ଭୁଲ୍, ନିମ୍ନରେ ଉଦ୍ଧାର କରାଯାଇଥିବା ରାଜାସାହେବଙ୍କ ଚିଠିରୁ ହିଁ ତା' ବେଶ୍ ବୁଝା ପଡ଼ିଯିବ ।

Seraikalla,
28th September, 1960

My dear Laxmidhar Babu.

The President of the All India Gantantra Parishad Sir Rajendra Narayan Singh Deo. Maharaja of Patna, is Coming to Seraikalla on the 29th Morning. He will proced to Baripada from Seraikalla on the 30th morning. In view of the vary peculiar circumsatnces and problems of Singhbhum, Seraikarlla and Kharsuan, Solidenity among us is necessary than ther before and we should therefore welcome all opportunities of mutual exchange of Views in order to findout basik of Co-operation among us to tackle the immediate and urgent problems of Singbhum which affect all parties and Sections of the people alike. I shall therefore be grateful to you if you come down to Seraikella on the 29th and meet me and the Maharaja of Patana.

Plese send a reply through the bearer of this letter.

I hope this will find you in the enjoyment of excellent health.

With best wishes
A. P. SINGH
(Raja A. P. Singh Deo)

ବୁଝାପଡ଼ିବ, ଉପରୋକ୍ତ ଚିଠିରୁ ୧୯୪୮ ମେ' ରେ ବିହାର ସହିତ ରହିବାକୁ ମତ ଦେଇ ରାଜା ସାହେବ କି ସାଂଘାତିକ ମନସ୍ତାପ ଭିତରେ ଛଟପଟ ହେଉଥିଲେ । ତା ନ ହେଲେ ଦୁଇବର୍ଷ ପରେ ସେ ଏପରି ଏକ ଚିଠି ସିଂହଭୂମିର ବିଶିଷ୍ଟ ବ୍ୟକ୍ତି ତଥା ଓଡ଼ିଶାର ନେତୃ ସ୍ଥାନୀୟ ବ୍ୟକ୍ତିମାନଙ୍କୁ ଦେଇଥାନ୍ତେ କାହିଁକି ?


ସେ ଦିନର ଆଲୋଚନା ସଭାକୁ ଯେଉଁମାନେ ଆସିଥିଲେ, ସେମାନଙ୍କ ଭିତରେ ଥିଲେ ଓଡ଼ିଶାର ପ୍ରଭାବଶାଳୀ ନେତା, ବାଗ୍ମୀ ଯଦୁମଣି ମଙ୍ଗରାଜ ଏବଂ ବିଚକ୍ଷଣ ରାଜନୀତିଜ୍ଞ ଆଡ୍-ଭୋକେଟ୍ ମଧୁ ମହାନ୍ତି ।


ଆଲୋଚନାର ଏକମାତ୍ର ବିଷୟବସ୍ତୁ ଥିଲା, ୧୯୪୯ ଜାନୁଆରୀ ୧ ରେ ମୟୂରଭଞ୍ଜ ରାଜ୍ୟ ଓଡ଼ିଶା ସହିତ ମିଶିଯାଇଥିବା ଦୃଷ୍ଟିରୁ ସରେଇକଳା, ଖରସୁଆଁ ରାଜ୍ୟ ଦୁଇଟିକୁ କେନ୍ଦ୍ର ସରକାର ପୁଣି ଓଡ଼ିଶା ସରକାରଙ୍କୁ ଫେରାଇ ଦିଅନ୍ତୁ ଏବଂ ଏ ଦିଗରେ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ କ'ଣ କରାଯିବ ତାର ଉପାୟ ନିର୍ଦ୍ଧାରଣ କରାଯାଉ ।

ମୋ ଜାଣିବାରେ ରାଜା ଆଦିତ୍ୟ ପ୍ରତାପଙ୍କର ସେ ଦିନର ସେଇ 'ଉପାୟ ନିର୍ଦ୍ଧାରଣ' ଅନୁରୋଧଟିର ବିଚାର ଏ ପର୍ଯ୍ୟନ୍ତ ଓଡ଼ିଶାର ଅଢ଼େଇକୋଟି ଜନସାଧାରଣ କିମ୍ବା ଓଡ଼ିଆ ଜାତିର ନେତୃସ୍ଥାନୀୟ ବ୍ୟକ୍ତିମାନେ କେହି କରି ନାହାନ୍ତି, କି କରିବା କଥା ସ୍ମରଣ ମଧ୍ୟ ରଖି ନାହାନ୍ତି ।

ଏଇ ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ସେଇ 'ଉପାୟ ନିର୍ଦ୍ଧାରଣ' ପ୍ରସ୍ତାବଟି ସଂପର୍କରେ ଯଦି କିଛି ବିଚାର କରାଯାଇ ପାରନ୍ତା ଏବଂ ଦଳମତ ନିର୍ବିଶେଷରେ, ରାଜ୍ୟସ୍ତରରେ ଆବାଳବୃଦ୍ଧବନିତା, ବୃହତ୍ତର ଉତ୍କଳର ନବ ରୂପାୟନ ପାଇଁ ଆନ୍ଦୋଳନର ଏକ ନୂତନ ଦିଗନ୍ତ ଆଡ଼େ ଆଗେଇ ଯାଇ ପାରନ୍ତେ, ତେବେ ହୁଏତ ସାର୍ଥକ ହୁଅନ୍ତା ଜନ୍ମଭୂମିର ପୂଜାମଣ୍ଡପରେ ଏ ଜାତିର ସ୍ୱପ୍ନ, ସାଧନା ଆଉ ଶପଥ ।

କିଶୋର ଭବନ
କଟଣୀ–୭୫୨୦୫୦
ପୁରୀ





ପଲ୍ଲୀ ଓଡ଼ିଶା ବିକାଶରେ ଆମର କାମ୍ୟ
ରାଜ୍ୟର ସୁଖ, ସମୃଦ୍ଧି ଓ ପ୍ରଗତି

# ଓଡ଼ିଶା ଖଦୀ ଓ ଗ୍ରାମୋଦ୍ୟୋଗ ବୋର୍ଡ଼

## ଭୁବନେଶ୍ୱର

**ଆମର ଆଭିମୁଖ୍ୟ—**

ଖଦୀ ଓ ଗ୍ରାମ୍ୟ ଶିଳ୍ପର ପ୍ରସାର ଦ୍ୱାରା

୧ । ଗ୍ରାମାଞ୍ଚଳରେ ଅଧିକ କର୍ମ ସଂସ୍ଥାନ

୨ । ଗ୍ରାମାଞ୍ଚଳରେ ବାସ କରୁଥିବା କାରୀଗରମାନଙ୍କୁ ବିଭିନ୍ନ ସମବାୟ ସମିତି ଜରିଆରେ ଆର୍ଥିକ ସହାୟତା ପ୍ରଦାନ ।

୩ । ଗ୍ରାମ୍ୟ ଅର୍ଥନୀତିରେ ବୈପ୍ଳବିକ ପରିବର୍ତ୍ତନ ।

**ବ୍ୟବସ୍ଥା—**

**୧ । କାର୍ପାସ ଖଦୀ--**

ମସଲିନ, ରଙ୍ଗୀନ ସାର୍ଟିଂ, ପ୍ୟାଣ୍ଟିଂ ଶାଢୀ, ଧୋତି, ଲୁଙ୍ଗୀ, ଗାମୁଛା, ବିଛଣା ଚଦର ।

**୨ । ସିଲ୍କ୍ ଖଦୀ--**

ମଠା, ପାଟ, ଟସର, ଏଣ୍ଡି ବାପ୍ତା, କାଣ୍ଡିଆ ।

**୩ । ଗ୍ରାମ୍ୟ ଶିଳ୍ପ--**

ମହୁଶିଳ୍ପ, ଶସ୍ୟ ଓ ଡାଲି ପ୍ରଶୋଧନ, ଦିଆସିଲି, ଚମଡ଼ା ଶିଳ୍ପ, ବେତ ଓ ବାଉଁଶ, ବଢେଇ ଓ କମାର ଶିଳ୍ପ, ମୃତ୍ତିକା ଶିଳ୍ପ, ଗ୍ରାମ୍ୟ ତେଲ, ତାଳଗୁଡ଼, ଗୁଡ଼ ଓ ଖଣ୍ଡସାରୀ, ତନ୍ତୁ ଶିଳ୍ପ, ଫଳ ସଂରକ୍ଷଣ, ସାବୁନ, ହାତତିଆରି କାଗଜ, ଚୁନ ଶିଳ୍ପ, ଲାକ୍ଷ, ଖଇର ଇତ୍ୟାଦି ୨୦ଟି ଗ୍ରାମ୍ୟ ଶିଳ୍ପ ।

**୪ । ପଲ୍ଲୀ ବସ୍ତ୍ର--**

**ଆର୍ଥିକ ସହାୟତା---**

୧୯୮୪-୮୫ରେ ୯୬୧ଟି ସମବାୟ ସମିତି ମାଧ୍ୟମରେ ଏହି ଶିଳ୍ପଗୁଡ଼ିକୁ ୧୧,୩.୧୮ ଲକ୍ଷ ଟଙ୍କା ଋଣ ଓ ୩୨.୮୨ ଲକ୍ଷ ଟଙ୍କା ଅନୁଦାନ ଦିଆଯାଇଛି ।

**ଉତ୍ପାଦନ---**

୧୯୮୪-୮୫ ଆର୍ଥିକ ବର୍ଷରେ ଏହି ସବୁ ପ୍ରକଳ୍ପରୁ ଉତ୍ପାଦିତ ଦ୍ରବ୍ୟର ମୂଲ୍ୟ ୧୫, ୧୪,୦୬୬,୩୮ ଟଙ୍କା ଏବଂ ଏବର୍ଷ ଏହିସବୁ ପ୍ରକଳ୍ପରେ ୬୪୦୮୧ ଜଣ କାର୍ଯ୍ୟ କରି ମଜୁରୀ ବାବଦରୁ ୫୩୬୪୪୬୪୫ ଟଙ୍କା ପାଇଛନ୍ତି ।

ଶ୍ରୀ ସୁଧାଂଶୁ ଭୂଷଣ ମିଶ୍ର ଆଇ. ଏ. ଏସ୍.
ସଭାପତି

ଶ୍ରୀ ନରେଶ ଚନ୍ଦ୍ର ଦଣ୍ଡ, ଓ. ଏ. ଏସ୍.
ସଚିବ




ଅଧ୍ୟାପକ ଶ୍ରୀକାନ୍ତ ମହାନ୍ତି

୧୯୩୬ ମସିହାରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପୂର୍ବରୁ ବ୍ରିଟିଶ ଶାସନର ସର୍ବୋଚ୍ଚ ସ୍ତରରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶର ପ୍ରଶାସନିକ ଓ ଆର୍ଥିକ ସମସ୍ୟା ସମ୍ବନ୍ଧରେ ଆଲୋଚନା ଚାଲିଥିଲାବେଳେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶର ଶାସନ ବାବଦ ଖର୍ଚ୍ଚ ତୁଲାଇବାକୁ ଯଦି ନିଅଣ୍ଟ ପଡ଼େ, ଅଧିକ ଟିକସ ଦେଇ ତାହା ଭରଣା କରିବାକୁ ଓଡ଼ିଆମାନେ ପଛେଇବେ ନାହିଁ ବୋଲି ପାରଳାଖେମୁଣ୍ଡି ମହାରାଜା କୁଆଡ଼େ ଲଣ୍ଡନରେ କହିଦେଇଥିବାରୁ ତାଙ୍କୁ ଏପରି କହିବାର ଅଧିକାର କିଏ ଦେଲା ବୋଲି ଓଡ଼ିଶାର କେତେ ବ୍ୟକ୍ତି ପ୍ରଶ୍ନ କରିଥିଲେ ଏବଂ ପାରଳାଖେମୁଣ୍ଡିରେ ସଭା ହୋଇ ଏଭଳି ବିବୃତିର ପ୍ରତିବାଦ କରି ଭାରତ ମନ୍ତ୍ରୀଙ୍କୁ ଜଣାଇବାକୁ ପଡ଼ିଥିଲା । ଏ କଥାର ଯାହା ସତ୍ୟତା ଥାଉନା କାହିଁକି, ସ୍ୱତନ୍ତ୍ର ପ୍ରଦେଶ ଗଠନ ପୂର୍ବରୁ ଓଡ଼ିଶାର ଆୟ ତୁଳନାରେ ପ୍ରଶାସନିକ ବ୍ୟୟ ଯେ ଅଧିକ ହୋଇ ପାରେ ଏହିଭଳି ସନ୍ଦେହ ସେତେବେଳେ ପ୍ରକାଶ ପାଇଥିଲା । ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ହେବା ପରେ ତିନୋଟି ପ୍ରଦେଶରୁ ଆସିଥିବା ୬ଟି ଜିଲ୍ଲାର ଆୟ ଓ ବ୍ୟୟ ହିସାବ କଲାପରେ ଦେଖାଗଲା ଯେ ବ୍ୟୟ ଅପେକ୍ଷା ଆୟ ୪୦ ଲକ୍ଷ ଟଙ୍କା ନିଅଣ୍ଟ ପଡ଼ୁଛି । କେନ୍ଦ୍ର ସରକାର ଏହି ନିଅଣ୍ଟ ପରିମାଣ ଭରଣା କରିବାରୁ ବଜେଟ ସମତୁଲ ହୋଇପାରିଥିଲା । ୧୯୩୬-୩୭ ମସିହାରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶର ଲୋକ ପ୍ରତିନିଧି ସରକାର ଯେଉଁ ପ୍ରଥମ ବଜେଟ ଆଗତ କରିଥିଲେ, ସେଥିରେ ଆୟ ଥିଲା ଏକ କୋଟି ୭୦ ଲକ୍ଷ ଏବଂ ବ୍ୟୟ ଥିଲା ଏକ କୋଟି ୫୫ ଲକ୍ଷ । ଏହି ଆୟ ଭିତରେ କେନ୍ଦ୍ର ସରକାରଙ୍କର ୪୦ ଲକ୍ଷ ଟଙ୍କା ଗ୍ରାଣ୍ଟ୍ ଏବଂ ଅଟୋନେମିୟରଙ୍କ ନିଷ୍ପତ୍ତି କ୍ରମେ ଆୟକର ଓ ଝୋଟ ଶୁଳ୍କ ବାବଦରେ ଅଧିକ ଅର୍ଥ ମିଳିବାରୁ ଏହି ବଜେଟ୍‌ରେ ବ୍ୟୟ ଅପେକ୍ଷା ସାଢ଼େ ୧୪ ଲକ୍ଷ ଟଙ୍କା ଅଧିକ ହୋଇଗଲା । ସେତେବେଳେ ଭୂ-ରାଜସ୍ୱ ଥିଲା ରାଜ୍ୟର ମୁଖ୍ୟ ଆୟର ପନ୍ଥା । ଭୂ-ରାଜସ୍ୱ ଛଡ଼ା ଜଙ୍ଗଲ, ଅବକାରୀ, ଷ୍ଟାମ୍ପ ଓ ରେଜିଷ୍ଟ୍ରେସନ୍ ଆଦିରୁ କିଛି ଆୟ ହେଉଥିଲା । ଏତିକି ଆୟରୁ ପ୍ରଶାସନିକ ଖର୍ଚ୍ଚ ଯାଇ ଆଉ କୌଣସି ଉନ୍ନୟନ କାମ ପାଇଁ ସାମାନ୍ୟ ଅର୍ଥ ବଳୁଥିଲା ।

ତେବେ ସ୍ୱତନ୍ତ୍ର ପ୍ରଦେଶ ଗଠନ ସମୟ ସହିତ ବର୍ତ୍ତମାନ ଅବସ୍ଥା ତୁଳନା କଲେ ତାହା ଠିକ୍ ହେବନାହିଁ । ସେତେବେଳେ ଓଡ଼ିଶା ମୋଟେ ୬ଟି ଜିଲ୍ଲାକୁ ନେଇ ଗଠିତ ହୋଇଥିଲା । ପୂର୍ବତନ ଗଡ଼ଜାତଗୁଡ଼ିକ ଓଡ଼ିଶାଠାରୁ ଅଲଗା ରହିଥିଲା । ତେଣୁ ଗଡ଼ଜାତ ମିଶ୍ରଣ ପରେ ସ୍ୱାଧୀନତା ବେଳର ଅବସ୍ଥା ସହିତ ବର୍ତ୍ତମାନର ଅବସ୍ଥାକୁ ତୁଳନା କଲେ ତାହା ଯଥାର୍ଥ ହେବ । ୧୯୪୮-୪୯ରେ ଗଡ଼ଜାତ ମିଶ୍ରଣ ପରେ ଓଡ଼ିଶାର ଆୟତନ ଶତକଡ଼ା ୮୪ ଭାଗ ଓ ଲୋକସଂଖ୍ୟା ଶତକଡ଼ା ୬୦ ଭାଗ ବୃଦ୍ଧି ପାଇଥିଲା । ଆୟତନ ଓ ଲୋକସଂଖ୍ୟା ବୃଦ୍ଧି ପାଇଥିଲେ ମଧ୍ୟ ଓଡ଼ିଶାର ଆୟ ସେହି ପରିମାଣରେ ବୃଦ୍ଧି ପାଇଲା ନାହିଁ । ଜଙ୍ଗଲ ଓ ଖଣିଜ ସଂପଦ ପୂର୍ଣ୍ଣ ଏହି ବିସ୍ତୃତ ଅଞ୍ଚଳ ଓଡ଼ିଶାରେ ମିଶିଲେ ମଧ୍ୟ ଏହି ମୂଲ୍ୟବାନ୍ ସଂପଦସବୁ ଉପଯୋଗ ପାଇଁ ବ୍ୟବସ୍ଥା ନ ହୋଇଥିବାରୁ ବହୁକାଳ ଧରି ଅନୁନ୍ନତ ଅବସ୍ଥାରେ ଥିବା ଏହି ବିସ୍ତୃତ ଗଡ଼ଜାତ ଅଞ୍ଚଳକୁ ଉପଯୁକ୍ତ ଅର୍ଥନୈତିକ ସ୍ତରକୁ ଆଣିବାପାଇଁ ଅଧିକ ପରିମାଣ ବ୍ୟୟ କରିବାକୁ ପଡ଼ିଲା । ତେଣୁ ମିଶ୍ରଣ ପରବର୍ତ୍ତୀ ବଜେଟ୍‌ମାନଙ୍କରେ ଆୟ ଅପେକ୍ଷା ବ୍ୟୟ ପରିମାଣ ବୃଦ୍ଧି ପାଇବାରେ ଲାଗିଲା । ୧୯୪୭-୪୮ ମସିହାଠାରୁ ଆୟ ଅପେକ୍ଷା ବ୍ୟୟ ବୃଦ୍ଧି ପାଇ ୧୯୪୯-୫୦ ମସିହା ବଜେଟରେ ଆୟ ହେଲା ୧୦ କୋଟି ୮୧ ଲକ୍ଷ ଟଙ୍କା ଓ ବ୍ୟୟ ହେଲା ୧୧ କୋଟି ୭୦ ଲକ୍ଷ ଟଙ୍କା ଅର୍ଥାତ୍ ବ୍ୟୟ ପରିମାଣ ୯୦ ଲକ୍ଷ ଟଙ୍କା ଅଧିକ ହୋଇଥିଲା ।

୧୯୩୬ ମସିହାରେ ସ୍ୱତନ୍ତ୍ର ପ୍ରଦେଶ ଗଠିତ ହେଲାବେଳେ କେହି କଳ୍ପନା କରି ନଥିଲେ ଯେ ଓଡ଼ିଶାରେ ୧୦୦ କୋଟି ଟଙ୍କା ବ୍ୟୟରେ ହୀରାକୁଦ ଭଳି ବହୁମୁଖୀ ଯୋଜନା, ୩୦୦ କୋଟି ଟଙ୍କା ବ୍ୟୟରେ ରାଉରକେଲା ଇସ୍ପାତ୍ କାରଖାନା, ୩୦ କୋଟି

ଟଙ୍କା ବ୍ୟୟରେ ପାରାଦୀପ ଭଳି ବୃହତ୍ ବନ୍ଦର ବା ୯୨ କିଲୋମିଟର ଏକ୍ସପ୍ରେସ୍ ରାସ୍ତା ଏବଂ ଦୁଇହଜାର କୋଟି ଟଙ୍କା ବ୍ୟୟରେ ଗୋଟିଏ ଆଲୁମିନିୟମ୍ କାରଖାନା ନିର୍ମିତ ହୋଇପାରିଛି । ସ୍ୱାଧୀନତା ପରେ ବିଶେଷ ଭାବରେ ୧୯୫୧-୫୨ ମସିହାଠାରୁ ପ୍ରଥମ ପଞ୍ଚବାର୍ଷିକ ଯୋଜନା ଆରମ୍ଭ ହେବାପରେ ଯୋଜନାବଦ୍ଧ ଭାବରେ ଓଡ଼ିଶାର ଅର୍ଥନୈତିକ ବିକାଶ ଦିଗରେ ପଦକ୍ଷେପ ନେବା ସମ୍ଭବ ହେଲା ।

## ଯୋଜନା ଓ ଅଣ-ଯୋଜନା ଆୟ, ବ୍ୟୟ ବୃଦ୍ଧି

୧୯୫୧-୫୨ ମସିହାଠାରୁ ଭାରତର ଅନ୍ୟାନ୍ୟ ରାଜ୍ୟ ପରି ଓଡ଼ିଶାରେ ପ୍ରଥମ ପଞ୍ଚବାର୍ଷିକ ଯୋଜନା କାର୍ଯ୍ୟକାରୀ ହେଲା । ପ୍ରଥମ ଯୋଜନାରେ ଓଡ଼ିଶାରେ ମୋଟରେ ୧୮.୪ କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା । ଆଜି ଷଷ୍ଠ ଯୋଜନା ଶେଷରେ ୧୫ଶହ କୋଟିରୁ ଅଧିକ ଖର୍ଚ୍ଚ ହୋଇଛି । ପ୍ରଥମ ଯୋଜନାର ଶେଷ ଭାଗରେ ୧୯୫୬-୫୭ ମସିହାରେ ଓଡ଼ିଶାର ମୋଟ ରାଜସ୍ୱ ଆୟ ହୋଇଥିଲା ୧୬ କୋଟି ୫୫ଲକ୍ଷ ଟଙ୍କା ଓ ବ୍ୟୟ ପରିମାଣ ଥିଲା ୨୩ କୋଟି ୧୯ ଲକ୍ଷ । ଷଷ୍ଠ ଯୋଜନା ଶେଷରେ ୧୯୮୪-୮୫ ମସିହାରେ ମୋଟ ରାଜସ୍ୱ ଆୟ ୮୪୨ କୋଟି ଟଙ୍କାକୁ ବୃଦ୍ଧି ପାଇଥିଲା ଏବଂ ବ୍ୟୟ ମଧ୍ୟ ୮୩୫.୭ କୋଟି ଟଙ୍କାକୁ ବୃଦ୍ଧି ପାଇଥିଲା । ୧୯୫୧-୫୨ ମସିହାରେ ସମସ୍ତ ପ୍ରକାର ଟିକସରୁ ମୋଟରେ ପ୍ରାୟ ୭କୋଟି ଟଙ୍କା ମିଳିଥିବା ସ୍ଥଳେ ୧୯୮୪-୮୫ ମସିହାରେ କେବଳ ବିକ୍ରିକରରୁ ୧୩୭ କୋଟି ଟଙ୍କା ମିଳିଥିଲା । ସ୍ୱତନ୍ତ୍ର ପ୍ରଦେଶ ଗଠନ ପରଠାରୁ ସ୍ୱାଧୀନତା ପର୍ଯ୍ୟନ୍ତ ଭୂ-ରାଜସ୍ୱ ରାଜ୍ୟର ମୁଖ୍ୟ ଆୟର ପନ୍ଥା ଥିଲା । ମାତ୍ର ସ୍ୱାଧୀନତା ପରେ ୧୯୬୫-୬୬ରେ ଓଡ଼ିଶା ସରକାର ଭୂ-ରାଜସ୍ୱ ଏକାବେଳକେ ଉଠାଇ ଦେଇ ଚଳି ଯାଇଥିଲେ । ଏବେ ମଧ୍ୟ ରାଜ୍ୟର ମୋଟ ଟିକସର ପରିମାଣ ୧୯୮୪-୮୫ ମସିହାରେ ୨୪୭.୬ କୋଟି ହେବ ବୋଲି ଧାର୍ଯ୍ୟ କରାଯାଇଥିବା ସ୍ଥଳେ ସେଥିଭିତରୁ ଭୂରାଜସ୍ୱର ପରିମାଣ ମୋଟେ ୧୨ କୋଟି ଟଙ୍କା ହେବ ବୋଲି ଅଟକଳ କରାଯାଇଛି । ସେହିପରି ପଞ୍ଚବାର୍ଷିକ ଯୋଜନା ଆରମ୍ଭ ହେବା ପରଠାରୁ ବିଭିନ୍ନ ବାବଦରେ ବିଶେଷ ଭାବରେ ଉନ୍ନୟନ ଯୋଜନା ବାବଦରେ ଖର୍ଚ୍ଚ ବହୁ ପରିମାଣରେ ବୃଦ୍ଧି ପାଇଛି । ଦୃଷ୍ଟାନ୍ତ ସ୍ୱରୂପ କୃଷି ଓ ଆନୁଷଙ୍ଗିକ ବିଷୟ ପାଇଁ ୧୯୫୧-୫୨ ମସିହାରେ ସରକାର ମୋଟରେ ୭୯ ଲକ୍ଷ ୫୯ ହଜାର ଟଙ୍କା ଖର୍ଚ୍ଚ କରିଥିବା ସ୍ଥଳେ ଷଷ୍ଠ ଯୋଜନା ଶେଷରେ ୧୯୮୪-୮୫ ମସିହାରେ କୃଷି ବାବଦରେ ୧୪୮୦ କୋଟି ଟଙ୍କାରୁ ଅଧିକ ଖର୍ଚ୍ଚ କରିଥିଲେ । ଏହି ସମୟ ଭିତରେ ଶିକ୍ଷା ବାବଦ ଖର୍ଚ୍ଚ ୧ କୋଟି ୨୫ ଲକ୍ଷ ଟଙ୍କାରୁ ୧୯୮୪-୮୫ ମସିହାରେ ୧୬୬ କୋଟି ଟଙ୍କାକୁ ଏବଂ ସ୍ୱାସ୍ଥ୍ୟ ଓ ଚିକିତ୍ସା ବାବଦ ଖର୍ଚ୍ଚ ୬୮ ଲକ୍ଷ ଟଙ୍କାରୁ ସାଢ଼େ ୯୮ କୋଟି ଟଙ୍କାକୁ ବୃଦ୍ଧି ପାଇଥିଲା । ପ୍ରଥମ ପଞ୍ଚବାର୍ଷିକ ଯୋଜନା ଆରମ୍ଭରେ ୧୯୫୧-୫୨ ମସିହାରେ ଓଡ଼ିଶା ସରକାର କେନ୍ଦ୍ର ସରକାରଙ୍କ ଗ୍ରାଣ୍ଟ ଓ ଅନୁଦାନ ବାବଦରେ ମୋଟେ ଏକ କୋଟି ୩୦ ଲକ୍ଷ ଟଙ୍କାରୁ କିଛି ଅଧିକ ଅର୍ଥ ପାଉଥିଲେ । ବର୍ତ୍ତମାନ ୨୩୨ କୋଟି ଟଙ୍କା ପର୍ଯ୍ୟନ୍ତ ପାଉଛନ୍ତି । ଏଥିରୁ ଜଣାପଡ଼ିବ ଯେ ପଞ୍ଚବାର୍ଷିକ ଯୋଜନା କାଳ ଭିତରେ ଓଡ଼ିଶାର ବିଭିନ୍ନ ବାବଦ ଆୟ ତଥା ବ୍ୟୟ ବହୁ ପରିମାଣ ବୃଦ୍ଧି ପାଇଛି ।

## କୃଷି ଉତ୍ପାଦନ ବୃଦ୍ଧି

ପ୍ରଥମ ପଞ୍ଚବାର୍ଷିକ ଯୋଜନାରେ କୃଷି ଉତ୍ପାଦନ ପରିମାଣ ୨୩.୯୩ ଲକ୍ଷ ଟନ୍ ହୋଇଥିବା ସ୍ଥଳେ ଷଷ୍ଠ ଯୋଜନା ଶେଷରେ ୧୯୮୩-୮୪ ମସିହାରେ ମୋଟ ଖାଦ୍ୟ ଶସ୍ୟ ଉତ୍ପାଦନ ପରିମାଣ ୭୦ ଲକ୍ଷ ଟନ୍‌କୁ ଟପି ଯାଇଛି । ତେଣୁ ୩୦ ବର୍ଷ ଭିତରେ ପ୍ରାୟ ୩ଗୁଣ ବୃଦ୍ଧି ପାଇଛି । ଏଥି ଭିତରୁ ଚାଉଳ ପରିମାଣ ୨୦ ଲକ୍ଷ ଟନ୍‌ରୁ ୫୧ ଲକ୍ଷ ଟନ୍‌କୁ ବୃଦ୍ଧି ପାଇଛି । ହେକ୍ଟର ପିଛା ଚାଉଳ ଉତ୍ପାଦନ ପରିମାଣ ୫.୫୮ କୁଇଣ୍ଟାଲରୁ ୯.୧୯ କୁଇଣ୍ଟାଲକୁ ବୃଦ୍ଧି ପାଇଛି । ଖାଦ୍ୟଶସ୍ୟ ଛଡ଼ା ତୈଳବୀଜ ଉତ୍ପାଦନ ପ୍ରଥମ ଯୋଜନାରେ ୬୮ ହଜାର ଟନ୍‌ରୁ ୧୯୮୩-୮୪ରେ ୭ ଲକ୍ଷ ୩୭ ହଜାର ଟନ୍‌କୁ, ଆଖୁ ୯୨ ହଜାର ଟନ୍‌ରୁ ୩ଲକ୍ଷ ୬୬ ହଜାର ଟନ୍‌କୁ, ଝୋଟ ଓ ମେସ୍ତା ୨.୪୫ ଲକ୍ଷ ଟନ୍‌ରୁ ୬ଲକ୍ଷ ୭୦ ହଜାର ଟନ୍‌କୁ ବୃଦ୍ଧି ପାଇଛି । ସ୍ୱତନ୍ତ୍ର ପ୍ରଦେଶ ଗଠନ ବେଳେ ଓଡ଼ିଶାର ଉପକୂଳ ଅଞ୍ଚଳରେ ଦୁଇଟି ମାତ୍ର ବଡ଼ ଜଳସେଚନ ଯୋଜନା ଥିଲା ଏବଂ ତାହା ହେଲା ମହାନଦୀ ଓ ବୈତରଣୀ କେନାଲ ଯୋଜନା । କଟକ ଓ ବାଲେଶ୍ୱରରେ କାର୍ଯ୍ୟକାରୀ ହୋଇଥିବା ଏହି ଦୁଇଟି ଜଳସେଚନ ଯୋଜନା ସହିତ ଗଡ଼ଜାତ ମିଶ୍ରଣ ପରେ ମୟୂରଭଞ୍ଜ ଜିଲ୍ଲାର ହଳଦିଆ ଓ ବଳଦିଆ ଜଳସେଚନ ଯୋଜନା ମିଶି ସ୍ୱାଧୀନତା ପୂର୍ବରୁ ମୋଟରେ ୩ ଲକ୍ଷ ୭୦ ହଜାର ଏକର ଜମିପାଇଁ ସ୍ଥାୟୀ ଜଳସେଚନ ବ୍ୟବସ୍ଥା ଥିଲା । ହେକ୍ଟର ହିସାବରେ ଏହା ୨ଲକ୍ଷ ହେକ୍ଟରରୁ କିଛି ଅଧିକା ହେବ । ବିଭିନ୍ନ ଯୋଜନାକାଳ ଭିତରେ ବୃହତ୍, ମଧ୍ୟମ ଓ କ୍ଷୁଦ୍ର ଜଳସେଚନ ଯୋଜନାମାନ କାର୍ଯ୍ୟକାରୀ ହେବା ଫଳରେ ୧୯୮୨-୮୩ ଶେଷ ସୁଦ୍ଧା ଓଡ଼ିଶାରେ ୧୩ ଲକ୍ଷ ୨୨ ହଜାର ହେକଟର ଜମିରେ ଖରିଫ୍ ଫସଲ ଓ ୫ ଲକ୍ଷ ୨୭ ହଜାର ଏକର ଜମିରେ ରବି ଫସଲପାଇଁ ଜଳସେଚନ ବ୍ୟବସ୍ଥା କରାଯାଇ ପାରିଛି ।

## ବିଦ୍ୟୁତ୍ ଶକ୍ତିର ପ୍ରସାର

ଓଡ଼ିଶାରେ ବିଦ୍ୟୁତ୍ ଶକ୍ତି ଉତ୍ପାଦନ ପାଇଁ ଯଥେଷ୍ଟ ଜଳ ସଂପଦ ଓ କୋଇଲା ରହିଥିଲେ ମଧ୍ୟ ସ୍ୱାଧୀନତା ପୂର୍ବରୁ ତାର କୌଣସି ଉପଯୋଗ ହୋଇ ପାରି ନଥିଲା । ସ୍ୱତନ୍ତ୍ର ପ୍ରଦେଶ ହେବାର ୧୨ ବର୍ଷ ପରେ ସରକାରୀ ଉଦ୍ୟମରେ ପ୍ରଥମେ ତାପଜ ବିଦ୍ୟୁତ୍ ଶକ୍ତି ଉତ୍ପାଦନ ଆରମ୍ଭ ହେଲା । ତା' ପୂର୍ବରୁ ବେସରକାରୀ ଉଦ୍ୟମରେ ଓଡ଼ିଶାର କେତୋଟି ସହରରେ ଡିଜେଲ ଚାଳିତ ବିଦ୍ୟୁତ ଶକ୍ତି ଉତ୍ପାଦନ କରାଯାଇ ସରକାରୀ ଅଫିସ ଓ କେତେକ ଘରେ ଯୋଗାଇ ଦିଆଯାଉଥିଲା । ସେତେବେଳେ ବେସରକାରୀ ଉଦ୍ୟମରେ ପରିଚାଳିତ ଯେଉଁ ସାମାନ୍ୟ କେତୋଟି ଶିଳ୍ପ ଓଡ଼ିଶାରେ ଥିଲା ସେମାନେ ବିଦ୍ୟୁତ ଶକ୍ତିପାଇଁ ନିଜର ଡିଜେଲ ଚାଳିତ ଇଞ୍ଜିନ୍ ବସାଇଥିଲେ । ୧୯୪୯ ମସିହାରେ ଓଡ଼ିଶା ସରକାର ଚୌଦ୍ୱାରଠାରେ ପ୍ରଥମେ ୭୫୦ କିଲୋୱାଟ୍‌ର ଗୋଟିଏ ତାପଜ

ବିଦ୍ୟୁତ ଶକ୍ତି ଉତ୍ପାଦନ କେନ୍ଦ୍ର ସ୍ଥାପନ କଲେ ଓ ତା'ପର ବର୍ଷ ଚୌଦ୍ୱାରଠାରେ ୫ ହଜାର କିଲୋୱାଟ୍ ଶକ୍ତି ବିଶିଷ୍ଟ ତାପଜ କେନ୍ଦ୍ର ସ୍ଥାପନ କଲେ । ସ୍ୱାଧୀନତା ପୂର୍ବରୁ ୧୯୫୦ ମସିହା ଶେଷ ଭାଗରେ ସରକାରୀ ଉଦ୍ୟମରେ ସ୍ଥାପିତ ବିଦ୍ୟୁତ ଉତ୍ପାଦନ କେନ୍ଦ୍ରରୁ ୪'୬ ମେଗାୱାଟ୍ ଓ ଶିଳ୍ପ ସଂସ୍ଥାମାନଙ୍କ ଦ୍ୱାରା ସ୍ଥାପିତ କେନ୍ଦ୍ରରୁ ୫ ମେଗାୱାଟ୍, ଏହିପରି ୯'୬ ମେଗାୱାଟ୍ ବିଦ୍ୟୁତ ଶକ୍ତି ଉତ୍ପାଦନ କରାଯାଉଥିଲା । ପ୍ରଥମ ପଞ୍ଚମବାର୍ଷିକ ଯୋଜନା ଶେଷ ଭାଗରେ ଆନ୍ଧ୍ର ଓ ଓଡ଼ିଶା ସରକାରଙ୍କ ମିଳିତ ଯୋଜନା ଡୁଡୁମା ଜଳ ବିଦ୍ୟୁତ ଯୋଜନା ଓ ହୀରାକୁଦ ବହୁମୁଖୀ ଯୋଜନାର ନିର୍ମାଣ କାର୍ଯ୍ୟ ଶେଷ ହୋଇ ଆସିଥିଲା । ଏହି ସମୟରେ ମୋଟ ବିଦ୍ୟୁତ୍ ଶକ୍ତିର ପରିମାଣ ୩୨ ମେଗାୱାଟ୍‌କୁ ବୃଦ୍ଧି ପାଇଥିଲା । ଏହା ଫଳରେ କଟକ ଓ ଚୌଦ୍ୱାର ଅଞ୍ଚଳରେ ବେସରକାରୀ ଉଦ୍ୟମରେ କେତେକ ଶିଳ୍ପ ଗଢି ଉଠିଥିଲା । ଦ୍ୱିତୀୟ ପଞ୍ଚବାର୍ଷିକ ଯୋଜନା ଶେଷରେ ହୀରାକୁଦ ବନ୍ଧ ଯୋଜନାର ପ୍ରଥମ ଭାଗ କାର୍ଯ୍ୟ ସଂପୂର୍ଣ୍ଣ ହେବାରୁ ଏବଂ ଡୁଡୁମା ଜଳ ବିଦ୍ୟୁତ୍ ଯୋଜନାରୁ ଓଡ଼ିଶାର ୩୦ ଭାଗ ବିଦ୍ୟୁତ୍ ଶକ୍ତି ମିଶି ମୋଟରେ ୨୬୦ ମେଗାୱାଟ୍ ଶକ୍ତି ଉତ୍ପାଦନ ହେଉଥିଲା । ତୃତୀୟ ଯୋଜନାରେ ତାଲିମେଳ ଯୋଜନା ଓ ତାଳଚେର ତାପଜ ବିଦ୍ୟୁତ୍ ଯୋଜନା ଆରମ୍ଭ ହୋଇ ଚତୁର୍ଥ ଯୋଜନାରେ ଶେଷ ହୋଇଥିଲା । ଏହି ଦୁଇଗୋଟି ବିଦ୍ୟୁତ୍ ଉତ୍ପାଦନ ଯୋଜନା କାମ ଶେଷ ହୋଇ ଏବଂ ଷଷ୍ଠ ଯୋଜନାରେ ବ୍ରାହ୍ମଣୀ ନଦୀରୁ ଉତ୍ପାଦନ ବିଦ୍ୟୁତ୍ ଶକ୍ତି ମିଶି ମୋଟରେ ବର୍ତ୍ତମାନ ଓଡ଼ିଶାର ସ୍ଥାପିତ ବିଦ୍ୟୁତ୍ ଶକ୍ତିର ପରିମାଣ ୯୦୦ ମେଗାୱାଟ୍‌ରୁ କିଛି ଅଧିକ । ପ୍ରଥମ ପଞ୍ଚବାର୍ଷିକ ଯୋଜନା ପୂର୍ବରୁ ଓଡ଼ିଶାର ଗୋଟିଏ ହେଲେ ଗ୍ରାମରେ ବିଦ୍ୟୁତ୍ ଶକ୍ତିର ପ୍ରସାର ହୋଇ ନଥିଲା । ବର୍ତ୍ତମାନ ପ୍ରାୟ ୨୨ ହଜାର ଗ୍ରାମରେ ବିଦ୍ୟୁତ୍ ସଂଯୋଗ କରାଯାଇଛି ।

## ଶିଳ୍ପ ପ୍ରସାର

୧୯୩୬ ମସିହାରେ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ରୂପେ ଗଠିତ ହେଲାବେଳେ ଶିଳ୍ପ ପ୍ରସାର ଦୃଷ୍ଟିରୁ ଅତ୍ୟନ୍ତ ଅବହେଳିତ ଅବସ୍ଥାରେ ଥିଲା । ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶର ବିଭିନ୍ନ ଅଂଶ ଯେଉଁ ତିନୋଟି ପ୍ରଦେଶରେ ପ୍ରାୟ ୧୫୦ ବର୍ଷ ପର୍ଯ୍ୟନ୍ତ ଯୋଡ଼ି ହୋଇ ରହିଥିଲା, ସେହି ପ୍ରଦେଶର ସରକାରଙ୍କ ନିର୍ମମ ଅବହେଳା ଯୋଗୁଁ ଖଣିଜ ସଂପଦ ପୂର୍ଣ୍ଣ ଓଡ଼ିଶା ସଂପୂର୍ଣ୍ଣ ଅନୁନ୍ନତ ଅବସ୍ଥାରେ ଥିଲା । ସ୍ୱତନ୍ତ୍ର ପ୍ରଦେଶର ଲୋକ ପ୍ରତିନିଧିମୂଳକ ସରକାର କାର୍ଯ୍ୟ ଆରମ୍ଭ କଲାବେଳକୁ ଓଡ଼ିଶାରେ ବେସରକାରୀ ଉଦ୍ୟମରେ ଗୋଟିଏ କାଚକଳ (ବାରଙ୍ଗ), ଗୋଟିଏ କାଗଜ କଳ ( ବ୍ରଜରାଜନଗର ) ଓ ଗୋଟିଏ ଚିନିକଳ (ରାୟଗଡ଼ା) ସ୍ଥାପିତ ହୋଇଥିଲା । ଆବଶ୍ୟକୀୟ ବିଦ୍ୟୁତ୍ ଶକ୍ତି ଓ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ଅଭାବରୁ କୌଣସି ଶିଳ୍ପପତି ଓଡ଼ିଶାରେ ଶିଳ୍ପ ସ୍ଥାପନପାଇଁ ଆଗ୍ରହ ପ୍ରକାଶ କରୁନଥିଲେ । ସ୍ୱତନ୍ତ୍ର ପ୍ରଦେଶ ହେଲାବେଳେ ଉଚ୍ଚ ବୈଷୟିକ ଶିକ୍ଷାପାଇଁ କୌଣସି ଅନୁଷ୍ଠାନ ନଥିଲା । କଟକର ଇଂଜିନିୟରିଂ ସ୍କୁଲ ସେତେବେଳେ ଥିଲା ଏକମାତ୍ର ବୈଷୟିକ ଶିକ୍ଷାନୁଷ୍ଠାନ । ଏଥିରେ ୬୦ଜଣ ଛାତ୍ର ଅଧ୍ୟୟନ କରୁଥିଲେ । ତା'ଛଡ଼ା କୁଟୀର ଓ କ୍ଷୁଦ୍ରଶିଳ୍ପ ଶିକ୍ଷା ପାଇଁ ୧୦ଟି ଶିଳ୍ପ ବିଦ୍ୟାଳୟ ଓ ୧୧ଟି ବୃତ୍ତିମୂଳକ ଶିକ୍ଷାନୁଷ୍ଠାନ ଥିଲା । ସେତେବେଳେ ଓଡ଼ିଶା ବାହାରର ଇଂଜିନିୟରିଂ କଲେଜମାନଙ୍କରେ ଶିକ୍ଷା ନେବାପାଇଁ ୫୦ଜଣ ଛାତ୍ରଙ୍କୁ ସରକାର ସାହାଯ୍ୟ ଦେଉଥିଲେ ।

ପ୍ରଥମ ପଞ୍ଚବାର୍ଷିକ ଯୋଜନା ଶେଷ ଭାଗରେ ଡୁଡୁମା ମିଳିତ ଯୋଜନା ଓ ହୀରାକୁଦ ବହୁମୁଖୀ ଯୋଜନାର ନିର୍ମାଣ କାର୍ଯ୍ୟ ଶେଷ ହୋଇ ବିଦ୍ୟୁତ୍ ଶକ୍ତି ମିଳିବାରୁ ଦ୍ୱିତୀୟ ଯୋଜନା କାଳରେ ରାଉରକେଲା ଇସ୍ପାତ କାରଖାନାକୁ ଓ ଚୌଦ୍ୱାର ଶିଳ୍ପଗୁଡ଼ିକୁ ବିଦ୍ୟୁତ୍ ଶକ୍ତି ଯୋଗାଇ ଦିଆଯିବା ସଙ୍ଗେ ସଙ୍ଗେ ଏହି ବିଦ୍ୟୁତ୍ ଶକ୍ତି ଉପଯୋଗ କରି ବେସରକାରୀ ଉଦ୍ୟମରେ ଚୌଦ୍ୱାରଠାରେ ଗୋଟିଏ କାଗଜ କଳ, ଯୋଡ଼ା ଓ ରାୟଗଡ଼ାଠାରେ ଫେରୋ ମାଙ୍ଗାନିଜ୍ କାରଖାନା ଓ ହୀରାକୁଦଠାରେ ଗୋଟିଏ ଆଲୁମିନିୟମ କାରଖାନା ସ୍ଥାପିତ ହେଲା । ଏହାଛଡ଼ା କଟକ ନିକଟରେ ଗୋଟିଏ ଶିଳ୍ପନଗରୀ (ମଧୁପାଟଣା) ସ୍ଥାପିତ ହୋଇ ସେଠାରେ ସରକାରଙ୍କ ଆର୍ଥିକ ସହାୟତାରେ ୪୦ଟି ପଥ ପ୍ରଦର୍ଶକ ଶିଳ୍ପ ସ୍ଥାପିତ ହୋଇଥିଲା । ତୃତୀୟ ଯୋଜନା ଭିତରେ ଓଡ଼ିଶା ସରକାର "ଓଡ଼ିଶା ଶିଳ୍ପ ଉନ୍ନୟନ କର୍ପୋରେସନ୍" ନାମରେ ଏକ ସଂସ୍ଥା ଗଠନ କରି ଗୋଟିଏ ସିମେଣ୍ଟ କାରଖାନା (ବରଗଡ଼) ଓ ଗୋଟିଏ ଫେରୋକ୍ରୋମ କାରଖାନା (ଯୋଜପୁର) ନିଜେ ସ୍ଥାପନ କଲେ ଓ ହୀରାକୁଦ ଯନ୍ତ୍ରପାତି କାରଖାନାକୁ ପୁନର୍ଗଠିତ କରି ନିଜେ ଚଳେଇଲେ ଓ ବଡ଼ବିଲ ଲୁହା କାରଖାନା (କଳିଙ୍ଗ ଆଇରନ୍ ୱାର୍କସ) କିଣି ନେଇ ପରିଚାଳନା କଲେ । ପୂର୍ବରୁ ବେସରକାରୀ ଉଦ୍ୟମରେ ଗୋଟିଏ ସିମେଣ୍ଟ କାରଖାନା (ରାଜଗାଙ୍ଗପୁର), ଓଡ଼ିଶା ଟେକ୍ସଟାଇଲ୍ ମିଲ୍ ( ଚୌଦ୍ୱାର ) ପ୍ରଭୃତି ଶିଳ୍ପ ସ୍ଥାପିତ ହୋଇ ସାରିଥିଲା ।

୧୫୭

ଏହାଛଡ଼ା ଗ୍ରାମାଞ୍ଚଳରେ ଶିଳ୍ପର ପ୍ରସାର ପାଇଁ ପଞ୍ଚାୟତ ଶିଳ୍ପ ଯୋଜନା କାର୍ଯ୍ୟକାରୀ ହେଲା । ଏହା ଫଳରେ ତିନିବର୍ଷ ଭିତରେ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ୧୧୮ଟି କ୍ଷୁଦ୍ରଶିଳ୍ପ ସ୍ଥାପିତ ହୋଇପାରିଥିଲା । ଚତୁର୍ଥ ପଞ୍ଚବାର୍ଷିକ ଯୋଜନାରେ ୪ଟିଯାକ ବିଦ୍ୟୁତ୍ ଉତ୍ପାଦନ ଯୋଜନାରୁ ଆବଶ୍ୟକୀୟ ବିଦ୍ୟୁତ୍ ଶକ୍ତି ମିଳିଯିବାରୁ ଏବଂ ରାସ୍ତାଘାଟ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ହେବାରୁ ଓଡ଼ିଶାରେ ଶିଳ୍ପ ପ୍ରସାର ପାଇଁ ବାହାରର ଶିଳ୍ପୋଦ୍ୟୋଗୀମାନଙ୍କୁ ଆକୃଷ୍ଟ କରିବା ଉଦ୍ଦେଶ୍ୟରେ ସରକାର କେତେକ ରିହାତି ଘୋଷଣା କଲେ ଓ ପରବର୍ତ୍ତୀ ଯୋଜନା କାଳରେ ଅଧିକ ରିହାତି ଦିଆଗଲା । ଏହି ରିହାତି ଭିତରେ ଶିଳ୍ପ ସ୍ଥାପନ ଉପଯୋଗୀ ସ୍ଥାନ ଓ ନିର୍ମିତ ଗୃହ, ଜଳ ଓ ବିଦ୍ୟୁତ୍ ଯୋଗାଣରେ ରିହାତି, କଞ୍ଚାମାଲ ଯୋଗାଣରେ ଅକ୍‌ଟ୍ରୋଇ ଟିକସ ରିହାତି, ଉପିକଲ ସଂସ୍ଥା ସାହାଯ୍ୟରେ ଶିଳ୍ପ କାରଖାନା ପାଇଁ ନକ୍‌ସା ନିର୍ମାଣ ଇତ୍ୟାଦି ଅନ୍ତର୍ଭୁକ୍ତ । ଏହାଛଡ଼ା ପଞ୍ଚମ ଯୋଜନା କାଳରେ ସମସ୍ତ ଜିଲ୍ଲାରେ ଶିଳ୍ପ କେନ୍ଦ୍ରମାନ ସ୍ଥାପିତ ହୋଇ ତଦ୍ୱାରା ଗୋଟିଏ ସଂସ୍ଥା ସାହାଯ୍ୟରେ କ୍ଷୁଦ୍ରଶିଳ୍ପଗୁଡ଼ିକରେ ପ୍ରସାରପାଇଁ ଓ ଷଷ୍ଠ ଯୋଜନାରେ ଉପିକଲ୍ ସାହାଯ୍ୟରେ ବୃହତ୍ ଓ ମଧ୍ୟମ ଧରଣର ଶିଳ୍ପ ସ୍ଥାପନପାଇଁ ଉଦ୍ୟମ ହୋଇଥିଲା ।

ଶିଳ୍ପ ପ୍ରସାରପାଇଁ ବିଭିନ୍ନ ଯୋଜନାରେ ଉଦ୍ୟମ ହେବା ଫଳରେ ଓ ଷଷ୍ଠ ଯୋଜନାରେ ଏହି ଉଦ୍ୟମକୁ ତ୍ୱରାନ୍ୱିତ କରାଯିବା ଫଳରେ ବର୍ତ୍ତମାନ ଓଡ଼ିଶାରେ ବୃହତ୍, ମଧ୍ୟମ ଓ କ୍ଷୁଦ୍ର ଶିଳ୍ପର ପ୍ରସାର ପାଇଁ ଅନୁକୂଳ ବାତାବରଣ ସୃଷ୍ଟି ହୋଇଛି । ବର୍ତ୍ତମାନ ଓଡ଼ିଶାର ବିଭିନ୍ନ ସ୍ଥାନରେ ସରକାରୀ ଓ ବେସରକାରୀ ଉଦ୍ୟମରେ ୨ଟି ସିମେଣ୍ଟ କାରଖାନା (ରାଜଗାଙ୍ଗପୁର ଓ ବରଗଡ଼), ୩ଟି କାଗଜକଳ (ଚୌଦ୍ୱାର, ବ୍ରଜରାଜନଗର ଓ ରାୟଗଡ଼ା) ୨ଟି ଫେରୋ-ମାଙ୍ଗାନିଜ କାରଖାନା (ଯୋଡ଼ା ଓ ବଡବିଲ୍) ୩ଟି ବଡ଼ ସାର କାରଖାନା (ରାଉରକେଲା, ତାଳଚେର ଓ ପାରାଦୀପ), ଗୋଟିଏ ବୃହତ୍ ଲୁଗାକଳ (ଚୌଦ୍ୱାର), ଦୁଇଟି ବଡ଼ ସୂତାକଳ (ବରଗଡ଼ ଓ କଟକ), ଗୋଟିଏ ଫେରୋସିଲିକନ (କୋରାପୁଟର ଥେରୁବାଲି), ତିନୋଟି ବଡ଼ ଚିନିକଳ (ଆସ୍କା, ବରଗଡ଼ ଓ ରାୟଗଡ଼ା), ଗୋଟିଏ ଫେରୋକ୍ରୋମ (ଯାଜପୁର), ଗୋଟିଏ ଆଲୁମିନିୟମ୍ , ଗୋଟିଏ କେବଲ୍ ଓ ଗୋଟିଏ ରିରୋଲିଙ୍ଗ ମିଲ୍ ପ୍ରତିଷ୍ଠିତ ହୋଇଛି ।

ଏହାଛଡ଼ା ସଂପୂର୍ଣ୍ଣ ରୂପେ କେନ୍ଦ୍ର ସରକାରଙ୍କ ଉଦ୍ୟମରେ ରାଉରକେଲାଠାରେ ଇସ୍ପାତ୍ କାରଖାନା, ସୁନାବେଡ଼ାଠାରେ ମିଗ୍ ବିମାନ ନିର୍ମାଣ କାରଖାନା, ପାରାଦୀପରେ ସାର କାରଖାନା, ମଞ୍ଚେଶ୍ୱରଠାରେ ରେଲବାଇ ମରାମତି କାରଖାନା ଓ ତାଳଚେରଠାରେ ଗୁରୁଜଳ କାରଖାନା ନିର୍ମିତ ହୋଇସାରିଛି ଏବଂ ଛତ୍ରପୁରଠାରେ ବିରଳ ମୃତ୍ତିକା କାରଖାନା ଓ ଦୁଇ ହଜାର କୋଟିରୁ ଅଧିକ ଟଙ୍କା ବ୍ୟୟରେ ଦାମନଯୋଡ଼ି ଓ ଅନୁଗୁଳଠାରେ ବିରାଟ ଆଲମ୍ୟୁନିୟମ କାରଖାନାର ନିର୍ମାଣ କାର୍ଯ୍ୟ ଚାଲିଛି । କେନ୍ଦ୍ର ସରକାରଙ୍କ ଶିଳ୍ପନୀତି ଅନୁସରଣରେ ବଡ଼ବଡ଼ ଶିଳ୍ପପୁଞ୍ଜିର ନିର୍ମାଣ କାର୍ଯ୍ୟକାରୀ ହେଉଛି । ଏହି ଶିଳ୍ପ ଯୋଜନାରେ ସରକାରୀ ତଥା ମିଳିତ ଉଦ୍ୟମରେ ୧୦ଟି ମୌଳିକ ଶିଳ୍ପ ଓ ୨୬ ଟି ମଧ୍ୟମ ଧରଣ ଶିଳ୍ପର ନିର୍ମାଣ କାର୍ଯ୍ୟ ଚାଲିଛି । ଏଥିରେ ୭୦ କୋଟିରୁ ଅଧିକ ଅର୍ଥ ବିନିଯୋଗ କରାଯିବ ଓ ୮ ହଜାରରୁ ଅଧିକ ଲୋକ ନିଯୁକ୍ତି ପାଇବେ ।

ଓଡ଼ିଶା ଶିଳ୍ପ ଉନ୍ନୟନ ଓ ଅର୍ଥ ବିନିଯୋଗ କର୍ପୋରେସନ (ଇପିକଲ) ଙ୍କ ମିଳିତ ଉଦ୍ୟମରେ ତଥା ସହାୟତାରେ ୯୦ଟି ପର୍ଯ୍ୟନ୍ତ ମଧ୍ୟମ ଧରଣର ଶିଳ୍ପର ନିର୍ମାଣ କାର୍ଯ୍ୟ ଶେଷ ହୋଇ ଉତ୍ପାଦନ ଆରମ୍ଭ ହୋଇଛି ଏବଂ ଏଥିରେ ୨୦୦ କୋଟି ଟଙ୍କାରୁ ଅଧିକ ବିନିଯୋଗ କରାଯାଇଛି । ଇପିକଲ୍, କ୍ଷୁଦ୍ରଶିଳ୍ପ କର୍ପୋରେସନ୍ ଓ ଓଡ଼ିଶା ଅର୍ଥ କର୍ପୋରେସନ୍ ସହାୟତାରେ ୯ ହଜାର ପର୍ଯ୍ୟନ୍ତ କ୍ଷୁଦ୍ର ଓ କୁଟୀର ଶିଳ୍ପ ସ୍ଥାପିତ ହୋଇଛି ।

## ବୈଷୟିକ ଶିକ୍ଷାର ପ୍ରସାର

ଶିଳ୍ପ ଓ ଚିକିତ୍ସାର ପ୍ରସାର ପାଇଁ ବୈଷୟିକ ଶିକ୍ଷା ପ୍ରସାର ଏକାନ୍ତ ଆବଶ୍ୟକ । ମୁଖ୍ୟତଃ ବୈଷୟିକ ଶିକ୍ଷାର ଅଭାବ ଯୋଗୁ ଓଡ଼ିଶାର ଯୁବକମାନେ ଓଡ଼ିଶାର ଶିଳ୍ପ ପ୍ରସାରରେ ବିଶେଷ ଭାଗ ନେଇ ପାରି ନ ଥିଲେ । ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ହେଲାବେଳେ କଟକର ଇଞ୍ଜିନିୟରିଙ୍ଗ ସ୍କୁଲ ଓ ମେଡ଼ିକାଲ ସ୍କୁଲ ଥିଲା ଦୁଇଟି ମାତ୍ର ବୈଷୟିକ ଶିକ୍ଷାନୁଷ୍ଠାନ । ସ୍ୱତନ୍ତ୍ର ପ୍ରଦେଶ ହେବାର ୭ବର୍ଷ ପରେ ଯାଇ ମେଡ଼ିକାଲ ସ୍କୁଲ କଲେଜରେ ପରିଣତ ହେଲା ଏବଂ ସେଥିରେ ମାତ୍ର ୩୫ ଜଣ ଛାତ୍ର ଭର୍ତ୍ତି ହୋଇ ପାରୁଥିଲେ । ପ୍ରଥମ ପଞ୍ଚବାର୍ଷିକ ଯୋଜନା କାର୍ଯ୍ୟକାରୀ ହେବାବେଳେ ଓଡ଼ିଶାରେ ଓଭରସିଅରଙ୍କ ଅଭାବ ଯୋଗୁ ଗ୍ରାମାଞ୍ଚଳର କାମ ମାପଚୁପ ନ ହୋଇ ପାରି ଠିକାଦାର-ମାନଙ୍କର ବିଲ ଦିଆହୋଇ ପାରିଲାନାହିଁ କି ଅଧିକ ଡାକ୍ତରଖାନା ଖୋଲିବା ସମ୍ଭବ ହେଲାନାହିଁ । ତେଣୁ, ବିଧାନସଭାରେ ସଭ୍ୟମାନେ ବାହାରୁ ଓଭରସିଅର ଓ ଡାକ୍ତରମାନଙ୍କୁ ଆଣିବା ପାଇଁ ନିଜେ ସୂଚନା ଦେଲେ । ସେଥିପାଇଁ ବାହାରୁ ଓଭରସିଅର ଓ ଡାକ୍ତରମାନଙ୍କୁ ସରକାର ଆଣି କାର୍ଯ୍ୟ କରିଥିଲେ । ପ୍ରଥମ ଯୋଜନା ଶେଷ ଭାଗରେ ଓଡ଼ିଶାରେ ଗୋଟିଏ କୃଷି କଲେଜ, ଗୋଟିଏ ପଶୁପାଳନ ଓ ପଶୁ ଚିକିତ୍ସା କଲେଜ ସ୍ଥାପିତ ହେଲା । ଦ୍ୱିତୀୟ ଯୋଜନାରେ ବୁର୍ଲାଠାରେ ଗୋଟିଏ ଇଞ୍ଜିନିୟରିଙ୍ଗ କଲେଜ ଓ ଗୋଟିଏ ଇଞ୍ଜିନିୟରିଙ୍ଗ ସ୍କୁଲ ସ୍ଥାପିତ ହୋଇଥିଲା । ତୃତୀୟ ଯୋଜନାରେ ବୈଷୟିକ ଶିକ୍ଷାପାଇଁ ଦୃଢ଼ ପଦକ୍ଷେପ ନିଆଯିବା ଫଳରେ ରାଉରକେଲାଠାରେ ଆଞ୍ଚଳିକ ଇଞ୍ଜିନିୟରିଙ୍ଗ କଲେଜ, ପଲିଟେକନିକ, ଭୁବନେଶ୍ୱରରେ ଆଞ୍ଚଳିକ ଟ୍ରେନିଂ କଲେଜ, ସୈନିକ ସ୍କୁଲ ତଥା ଦଶଟି ବିଜ୍ଞାନ କଲେଜ ପ୍ରତିଷ୍ଠିତ ହୋଇ ପାରିଥିଲା । ପରବର୍ତ୍ତୀ ଯୋଜନା କାଳ ଭିତରେ ବୈଷୟିକ ଶିକ୍ଷାର ପ୍ରସାର ପାଇଁ ଅଧିକ ପଦକ୍ଷେପ ନିଆଯିବା ଫଳରେ ଷଷ୍ଠ ଯୋଜନା ଶେଷରେ ୧୯୮୫-୮୬ ମସିହାରେ ଓଡ଼ିଶାରେ ତିନୋଟି ଇଞ୍ଜିନିୟରିଙ୍ଗ କଲେଜ, ଆଠଟି ପଲିଟେକ୍‌ନିକ ଓ ତିନୋଟି ଇଞ୍ଜିନିୟରିଙ୍ଗ ସ୍କୁଲ ସ୍ଥାପିତ ହୋଇଛି ଏବଂ ଏଥିରେ ଯଥାକ୍ରମେ ୬୬୦ ଜଣ, ୯୦୭ ଜଣ ଓ ୬୦୦ ଜଣ ଛାତ୍ର ଡିଗ୍ରୀ ଓ ଡିପ୍ଲୋମା ଶ୍ରେଣୀରେ ଅଧ୍ୟୟନ କରିବାର ସୁବିଧା ପାଉଛନ୍ତି । ଏହାଛଡ଼ା ବିଭିନ୍ନ ଜିଲ୍ଲାରେ ସ୍ଥାପିତ ୧୩ଟି ଶିଳ୍ପ ତାଲିମ ଅନୁଷ୍ଠାନରେ ୪,୫୦୦ ପର୍ଯ୍ୟନ୍ତ ଛାତ୍ର ଶିଳ୍ପ ସମ୍ବନ୍ଧୀୟ ବୈଷୟିକ ଶିକ୍ଷା ପାଇବାର ସୁଯୋଗ ପାଉଛନ୍ତି । ରାଜ୍ୟର ତିନୋଟି ମେଡ଼ିକାଲ କଲେଜରେ ୩୦୦ ଛାତ୍ର ଡ଼ାକ୍ତରୀ ଶିକ୍ଷାପାଇଁ ଭର୍ତ୍ତି ହେଉଛନ୍ତି । ଏହା ଫଳରେ ୧୯୮୬ ମସିହା ବେଳକୁ ଓଡ଼ିଶାର ବୈଷୟିକ ଶିକ୍ଷାନୁଷ୍ଠାନରୁ ଉତ୍ତୀର୍ଣ୍ଣ ହେଉଥିବା ଇଞ୍ଜିନିୟର ଓ ଡାକ୍ତର ଉଦ୍‌ବୃତ୍ତ ହୋଇ ସର୍ବଭାରତୀୟ ସ୍ତରରେ ତଥା ବିଭିନ୍ନ ରାଜ୍ୟର ପ୍ରତିଯୋଗିତାରେ ଅନ୍ୟତ୍ର ଚାକିରୀ ପାଇଁ ଉଦ୍ୟମ କରୁଛନ୍ତି ଓ ଓଡ଼ିଶାରେ ଆତ୍ମନିଯୁକ୍ତି ପାଇଁ ଉଦ୍ୟମ କରୁଛନ୍ତି ।

## ଶିକ୍ଷା ପ୍ରସାର

ବ୍ରିଟିଶ ଶାସନାଧୀନ ହେବା ପରେ ବ୍ରିଟିଶ ସରକାର ଯେଉଁ ତିନୋଟି ପ୍ରଦେଶ ସହିତ ଓଡ଼ିଆଭାଷୀ ଅଞ୍ଚଳଗୁଡ଼ିକୁ ଯୋଡ଼ି ଦେଲେ, ସେହିସବୁ ପ୍ରଦେଶ ଓ ଓଡ଼ିଆ ଭାଷୀ ଅଞ୍ଚଳରେ ଶିକ୍ଷା ପ୍ରସାର ପ୍ରତି ଚରମ ଅବହେଳା ପ୍ରଦର୍ଶନ କରିଥିଲେ । ତେଣୁ, ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠିତ ହେବା ପରେ ଓଡ଼ିଶାର ୬ଟି ଜିଲ୍ଲାରେ ମାତ୍ର ୫ଟି କଲେଜ, ୩୬ଟି ହାଇସ୍କୁଲ ଓ ୧୮୩ଟି ମାଇନର ସ୍କୁଲ ଥିଲା । ସ୍ୱତନ୍ତ୍ର ପ୍ରଦେଶର ପ୍ରଶାସନିକ ସମସ୍ୟା ସଂପର୍କରେ ସୁପାରିଶ କରିବା ପାଇଁ ସାର ଜନ୍ ହବାକ୍‌ଙ୍କ ସଭାପତିତ୍ୱରେ ୧୯୩୪ରେ ଯେଉଁ କମିଟି ଗଠିତ ହୋଇଥିଲା ସେମାନେ ସ୍ୱତନ୍ତ୍ର ଓଡ଼ିଶା ପାଇଁ ଏକ ହାଇକୋର୍ଟ ସ୍ଥାପନ ପାଇଁ ସୁପାରିଶ କଲେ ମଧ୍ୟ ସ୍ୱତନ୍ତ୍ର ବିଶ୍ୱବିଦ୍ୟାଳୟ ଗଠନ ପାଇଁ ସୁପାରିଶ କରିନଥିଲେ । ସ୍ୱତନ୍ତ୍ର ପ୍ରଦେଶର ସାତବର୍ଷ ପରେ ପ୍ରଥମ ବିଶ୍ୱବିଦ୍ୟାଳୟ ସ୍ଥାପିତ ହେଲା ।

୧୯୪୮-୪୯ ମସିହାରେ ଗଡ଼ଜାତ ମିଶ୍ରଣ ପରେ ୧୩ଟି ଜିଲ୍ଲାରେ ମୋଟରେ ୨୦ଟି କଲେଜ, ୬୪୨ଟି ମାଧ୍ୟମିକ ବିଦ୍ୟାଳୟ ଓ ୧୦ ହଜାର ପର୍ଯ୍ୟନ୍ତ ପ୍ରାଥମିକ ବିଦ୍ୟାଳୟ ଥିଲା ବିଦ୍ୟାଳୟ ଓ କଲେଜମାନଙ୍କରେ ୫୭୦୦ ପର୍ଯ୍ୟନ୍ତ ଛାତ୍ର, ମାଧ୍ୟମିକ ସ୍କୁଲରେ ୯୦ ହଜାରରୁ କିଛି ଅଧିକ ଛାତ୍ର ଓ ପ୍ରାଥମିକ ସ୍କୁଲମାନଙ୍କରେ ସାଢ଼େ ୪ ଲକ୍ଷ ପର୍ଯ୍ୟନ୍ତ ଛାତ୍ର ଅଧ୍ୟୟନ କରୁଥିଲେ । ଏହି ପରିପ୍ରେକ୍ଷୀରେ ଓଡ଼ିଶାରେ ପ୍ରଥମ ପଞ୍ଚବାର୍ଷିକ ଯୋଜନା ଆରମ୍ଭ ହେଲା । ପଞ୍ଚବାର୍ଷିକ ଯୋଜନାରେ ଶିକ୍ଷାର ପ୍ରସାର ପାଇଁ ଅଧିକ ଅର୍ଥ ବ୍ୟୟ କରାଯିବା ଫଳରେ ଦ୍ୱିତୀୟ ଯୋଜନା ଶେଷରେ ପ୍ରାଥମିକ ସ୍ତରରେ ଛାତ୍ର ସଂଖ୍ୟା ପ୍ରାୟ ୫ ଲକ୍ଷ ଓ ସ୍କୁଲ ସଂଖ୍ୟା ୯୬୬୫, ମାଇନର ସ୍କୁଲ ସଂଖ୍ୟା ୫୦୬ ଓ ହାଇସ୍କୁଲ ସଂଖ୍ୟା ୧୭୨କୁ ବୃଦ୍ଧି ପାଇଲା । ତୃତୀୟ ଯୋଜନାରେ ବାଳିକାଙ୍କ ଶିକ୍ଷା ଓ ବୈଷୟିକ ଶିକ୍ଷା ପ୍ରତି ଅଧିକ ଦୃଷ୍ଟି ଦିଆଯିବା ଫଳରେ ୧୦ଟି ଅଧିକ ବିଜ୍ଞାନ କଲେଜ ଏବଂ କେବଳ ବାଳିକାଙ୍କ ପାଇଁ ୩୦୦ ମାଇନର ସ୍କୁଲ, ୯୨ଟି ହାଇସ୍କୁଲ ସ୍ଥାପିତ ହୋଇଥିଲା । ୧୯୮୪-୮୫ ମସିହା ଶେଷରେ ପ୍ରାୟ ୩୬,୨୦୦ ପ୍ରାଥମିକ ସ୍କୁଲ, ୮୨୧୨ଟି ମାଇନର ସ୍କୁଲ ଓ ୩୨୨୦ଟି ହାଇସ୍କୁଲ ଓ ସବୁ ପ୍ରକାର କଲେଜ ମିଶି ୨୮୮ଟି କଲେଜ ପ୍ରତିଷ୍ଠିତ ହୋଇଛି । ବର୍ତ୍ତମାନ ପ୍ରାଥମିକ ସ୍କୁଲମାନଙ୍କରେ ୩୨ ଲକ୍ଷ ଛାତ୍ରଛାତ୍ରୀ, ମାଇନର ସ୍କୁଲମାନଙ୍କରେ ପ୍ରାୟ ୮ ଲକ୍ଷ, ହାଇସ୍କୁଲମାନଙ୍କରେ ପ୍ରାୟ ୫ ଲକ୍ଷ ଛାତ୍ର ଏବଂ ବିଭିନ୍ନ କଲେଜରେ ଦେଢ଼ ଲକ୍ଷ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି । ଓଡ଼ିଶାରେ ବର୍ତ୍ତମାନ ୫ଟି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠିତ ହୋଇଛି । ଏହାଛଡ଼ା ୧୧ଟି ଶିକ୍ଷକ ଟ୍ରେନିଂ କଲେଜ, ୫ଟି ସଂସ୍କୃତ କଲେଜ, ଓ ଉର୍ଦ୍ଦୁ ଶିକ୍ଷା ପାଇଁ ୩୧ଟି ମାଦ୍ରାସା ଅଛି ।

## ସ୍ୱାସ୍ଥ୍ୟୋନ୍ନତି ଓ ଚିକିତ୍ସାର ପ୍ରସାର

ଜନଗଣନା ରିପୋର୍ଟ ଅନୁଧ୍ୟାନ କଲେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ବେଳେ ଓଡ଼ିଶାବାସୀଙ୍କ ସ୍ୱାସ୍ଥ୍ୟର ଅବସ୍ଥା କିପରି ଶୋଚନୀୟ ଥିଲା ସହଜରେ ଅନୁଧ୍ୟାନ କରାଯାଇ ପାରିବ । ୧୯୫୧ ଜନଗଣନା ରିପୋର୍ଟ ଅନୁଯାୟୀ ୧୯୪୧ ଠାରୁ ୧୯୫୧ ମସିହା ଭିତରେ ମେଲେରିଆ ଜ୍ୱର, ହଇଜା, ବସନ୍ତ ତଥା ଅନ୍ୟାନ୍ୟ ସଂକ୍ରାମକ ରୋଗରେ ୨୦ ଲକ୍ଷରୁ ଅଧିକ ଲୋକଙ୍କର ମୃତ୍ୟୁ ଘଟିଥିଲା ଏବଂ ସେଥି ଭିତରୁ କେବଳ ମେଲେରିଆ ଜ୍ୱରରେ ୧୧ ଲକ୍ଷ ଲୋକଙ୍କର ମୃତ୍ୟୁ ଘଟିଥିଲା । ଏଥିରେ କନ୍ଧମାଳ, ଅନୁଗୁଳ ଓ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଅଧିକ ମୃତ୍ୟୁ ଘଟିଥିଲା । ୧୯୩୬ରୁ ୧୯୫୦ ପର୍ଯ୍ୟନ୍ତ ଓଡ଼ିଶାରେ ଜନ୍ମର ହାର ଶତକଡ଼ା ୩୬'୬ ଭାଗରୁ ୨୬'୮ ଭାଗକୁ କମି ଆସିଥିଲା । ୧୯୩୬ରେ ଓଡ଼ିଶାରେ ମୃତ୍ୟୁର ହାର ଶତକଡ଼ା ୨୭'୮ ଭାଗ ଥିଲା ବେଳେ ୧୯୪୪ରେ ସର୍ବୋଚ୍ଚ ଶତକଡ଼ା ୩୦'୪ ଭାଗକୁ ବୃଦ୍ଧି ପାଇଥିଲା । ଏହି ସମୟରେ କେବଳ ବାଲେଶ୍ୱର ଜିଲ୍ଲାରେ ମୃତ୍ୟୁହାର ଶତକଡ଼ା ୪୦ ଭାଗ ବୃଦ୍ଧି ପାଇଲା । ପ୍ରଥମ ଯୋଜନା ପରଠାରୁ ସ୍ୱାସ୍ଥ୍ୟୋନ୍ନତି ଓ ଚିକିତ୍ସା ପାଇଁ ବିଭିନ୍ନ ପରିକଳ୍ପନାମାନ କାର୍ଯ୍ୟକାରୀ ହେବାରୁ ଓଡ଼ିଶାରେ ସ୍ୱାସ୍ଥ୍ୟୋନ୍ନତି ଘଟିଲା । ପ୍ରଥମ ଯୋଜନା ଶେଷ ଭାଗରେ ଓଡ଼ିଶାରେ ୩୬୫ଟି ହାସପାତାଳ ଓ ଡାକ୍ତରଖାନା ଥିଲା ଏବଂ ୧୧ଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ସ୍ଥାପିତ ହୋଇଥିଲା । ସେତେବେଳେ ୧୦ ଲକ୍ଷ ଲୋକରେ ମୋଟେ ୨୭ଟି ହାସପାତାଳ ଓ ଡାକ୍ତରଖାନା ଥିଲା । ୧୦ ଲକ୍ଷରେ ସର୍ବଭାରତୀୟ ସ୍ତରରେ ୩୨୦ଟି ଶଯ୍ୟା ଥିବା ସ୍ଥଳେ ଓଡ଼ିଶାରେ ୨୦୦ଟି ଶଯ୍ୟା ଥିଲା ଏବଂ ସାଧାରଣ ଚିକିତ୍ସା କାର୍ଯ୍ୟକ୍ରମରେ ମୁଣ୍ଡପିଛା ୧'୪୫ ଟଙ୍କା ଓ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମରେ ୨'୪୫ ଟଙ୍କା ଖର୍ଚ୍ଚ ହେଉଥିଲା । ପ୍ରଥମ ଯୋଜନାରେ ଓଡ଼ିଶାରେ ମୋଟରେ ୧୦୮୩ ଜଣ ଡାକ୍ତର ଥିଲେ ।

ତୃତୀୟ ପଞ୍ଚବାର୍ଷିକ ଯୋଜନା ବେଳକୁ ୧୫ଟି ମେଲେରିଆ ପ୍ରତିଷେଧକ ସଂସ୍ଥା, ୫ଟି ବାତଜ୍ୱର ନିୟନ୍ତ୍ରଣ ସଂସ୍ଥା, ୯ଟି ଯକ୍ଷ୍ମା ଟିକା ଦାନ ସଂସ୍ଥା ଥିଲା । ବ୍ୟାପକ ବସନ୍ତ ଟିକା ଦିଆଯାଇଥିବାରୁ ମେଲେରିଆ ଜ୍ୱରରେ ମୃତ୍ୟୁ ସଂଖ୍ୟା ୧୯୫୧ରେ ୮୦ ହଜାରରୁ ୧୯୬୮ରେ ୨ ହଜାରକୁ କମି ଆସିଥିଲା ଏବଂ ବସନ୍ତ ରୋଗରେ ମୃତ୍ୟୁ ସଂଖ୍ୟା ୬୫୦୦ରୁ ୨୨ ଓ ହଇଜାରେ ମୃତ୍ୟୁ ସଂଖ୍ୟା ୪୨୦୦ ରୁ ୬୫ କୁ ହ୍ରାସ ପାଇଥିଲା । ୧୯୫୧ରେ ମୃତ୍ୟୁହାର ଏକ ହଜାରରେ ପ୍ରାୟ ୨୬ ଥିଲାବେଳେ ୧୯୭୧ରେ ମୃତ୍ୟୁହାର ୧୪କୁ କମି ଆସିଥିଲା ଓ ଜନ୍ମହାର ୨୫'୬୯ରୁ ୩୪କୁ ବୃଦ୍ଧି ପାଇଥିଲା । ୧୯୮୩-୮୪ ମସିହା ବେଳକୁ ହାସପାତାଳ, ଡାକ୍ତରଖାନା ଓ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ମିଶାଇଲେ ଏକ ହଜାରରୁ ଅଧିକ ହେବ ଓ ମୋଟ ଶଯ୍ୟା ସଂଖ୍ୟା ପ୍ରାୟ ୧୫ ହଜାର । ଏହାଛଡ଼ା ୯୪୨ଟି ସ୍ୱାସ୍ଥ୍ୟ ଉପକେନ୍ଦ୍ର, ୭୦ଟି ସ୍ୱାସ୍ଥ୍ୟ ସାହାଯ୍ୟ କେନ୍ଦ୍ର, ୧୩୯ଟି ଆୟୁର୍ବେଦୀୟ ଡାକ୍ତରଖାନା ଓ ହାସପାତାଳ ଏବଂ ୧୫୮ଟି ହୋମିଓପାଥିକ ଡାକ୍ତରଖାନା ସ୍ଥାପିତ ହୋଇଛି । ବର୍ତ୍ତମାନ ଓଡ଼ିଶାରେ ଏକ ହଜାର ଲୋକଙ୍କ ପ୍ରତି ଜନ୍ମହାର ୧୪'୩ ଓ ମୃତ୍ୟୁ ହାର ୧୪୮'୪୯ । ରାଜ୍ୟରେ ୩୭୭୦ ଜଣ ଡାକ୍ତର ଓ ୧୩୩୨ ନର୍ସ ଅଛନ୍ତି । ମୋଟରେ ରାଜ୍ୟରେ ସାତ ହଜାର ଲୋକ ପ୍ରତି ଜଣେ ଡାକ୍ତର ଓ ୨ ହଜାର ଲୋକ ପ୍ରତି ଗୋଟିଏ ଶଯ୍ୟା ରହିଛି ।

୧୧୩ ବାପୁଜୀ ନଗର, ଭୁବନେଶ୍ୱର—୧



# ଓଡିଶାରେ ନବଜାଗରଣ ଓ ମଧୁସୂଦନ



ଶ୍ରୀ ସୁରେନ୍ଦ୍ର ମହାନ୍ତି


ଇଂରାଜୀରେ ଯେଉଁ ଅର୍ଥରେ "ରେନାଁସା" କୁହାଯାଏ, ଭାରତୀୟ ଇତିହାସରେ ସେ ପ୍ରକାର 'ରେନାଁସା' ଠିକ୍ ଘଟି ନାହିଁ । ୟୁରୋପର ମଧ୍ୟଯୁଗରେ କନ୍‌ଷ୍ଟାଣ୍ଟିନୋପଲର ପତନ ପରେ ୟୁରୋପକୁ କ୍ରୁଜେଡ୍ ବେଳର ଯେଉଁ ଖ୍ରୀଷ୍ଟିଆନ ବାହିନୀ ଆତ୍ମରକ୍ଷା ପାଇଁ ପଳାଇ ଆସିଥିଲେ ସେମାନେ ସେମାନଙ୍କର ଅତୀତ ସାହିତ୍ୟ, ସଂସ୍କୃତ ଓ ଇତିହାସ ମଧ୍ୟରେ ନିଜର ଅନନ୍ୟତା ଓ ସ୍ୱକୀୟତାର ସନ୍ଧାନ ପାଇଲେ । ମୋଟା ମୋଟି ଭାବରେ ଏହାକୁ ରେନାଁସା କୁହାଯାଏ । ଇଟାଲି ଥିଲା ଏହି ରେନାଁସାର ପ୍ରାଣକେନ୍ଦ୍ର । ସେହି ସୂତ୍ରରେ ପ୍ରାଚୀନ ଗ୍ରୀକ୍ ସାହିତ୍ୟ ଓ ଦର୍ଶନ ସହିତ ସେମାନଙ୍କର ନୂତନ ପରିଚୟ ଘଟିଲା । ଗ୍ରୀକ୍ ଦାର୍ଶନିକମାନେ ଥିଲେ ହେତୁବାଦୀ । ସେହି ହେତୁବାଦୀ ଦର୍ଶନ ସହିତ ପରିଚୟ ମଧ୍ୟରୁ ଜନ୍ମନେଲା ରାସନାଲିଜିମ୍ ( Rationalism ) । ଏହା କ୍ରମେ ବିଭିନ୍ନ କ୍ଷେତ୍ରରୁ ପ୍ରସାରିତ ହୋଇ ମଧ୍ୟଯୁଗୀୟ ୟୁରୋପର ସାମାଜିକ ରାଜନୈତିକ ଓ ଆଧ୍ୟାତ୍ମିକ ପରିସରମାନଙ୍କରେ ଆଣିଥିଲା ଏକ ବିପୁଳ ମନ୍ଥନ । 'ପାପାସୀ' ବା ଧର୍ମଯାଜକତନ୍ତ୍ର ଉପରେ ରେନାଁସା ହାଣିଥିଲା ପ୍ରଥମ ଆଘାତ । ହେତୁବାଦୀ ଚିନ୍ତା ବା ଦର୍ଶନ ମଧ୍ୟଯୁଗରେ କୁସଂସ୍କାର ଉପରେ ଯେପରିକି 'ଜେହାଦ୍' ଘୋଷଣା କରିଥିଲା । ଏଥିରୁ ପୁଣି ଜନ୍ମଲାଭ କରିଥିଲା Reformation ଆନ୍ଦୋଳନ । ପରବର୍ତ୍ତୀ କାଳରେ Scientific revolution ବା ବୈଜ୍ଞାନିକ ବିପ୍ଳବ ଓ Industrial revolution ବା ଶିଳ୍ପ ବିପ୍ଳବ ଥିଲା ଏହାର ଫଳଶ୍ରୁତି ।

କିନ୍ତୁ ଉନବିଂଶ ଶତାବ୍ଦୀର ପ୍ରଥମ ପାଦରେ ଭାରତୀୟମାନେ ଇଂରାଜୀ ଶିକ୍ଷା ଓ ସଂସ୍କୃତି ସହିତ ପରିଚିତ ହୋଇ ପ୍ରଥମେ ଯାହା ଆରମ୍ଭ କରିଥିଲେ, ତାହା ହେଉଛି ସାମାଜିକ ଓ ଆଧ୍ୟାତ୍ମିକ କ୍ଷେତ୍ରରେ ଅତୀତରେ ପ୍ରତିଷ୍ଠିତ ମୂଲ୍ୟବୋଧ ଓ ସଂସ୍କୃତି ଉପରେ ଅଶୋଭନୀୟ କୁଠାରଘାତ । ଉନବିଂଶ ଶତାବ୍ଦୀର Young Bengal ଥିଲା ଏହାର ବାର୍ତ୍ତାବହ । ସନାତନ ବ୍ରାହ୍ମଣମାନଙ୍କ ଘରକୁ Young Bengal ର ଯୁବକମା ଏକ ଅର୍ଥଶୂନ୍ୟ ବିଦ୍ରୋହ ରୂପେ ଗୋରୁହାଡ଼ ଫିଙ୍ଗୁଥି ଘଟଣାର ବିବରଣୀ ବଙ୍ଗଳାର ସାମାଜିକ ଇତିହାସ ଓଲଟାଇଲେ ମିଳିବ । ଆଧୁନିକତା ନାମରେ ପ୍ରଚୁର ସୁରାପ କରି ଉନ୍ମତ୍ତ ହୋଇ ପଥରେ ଘାଟରେ ବୁଲିବା ସେତେବେ ହୋଇ ପଡ଼ିଲା "ଆଧୁନିକତାର" ଅନ୍ୟତମ ନିଦର୍ଶନ ଇତ୍ୟାଦି ଇତ୍ୟାଦି ! ବଙ୍ଗଳା ଦେଶରେ ନବ ଜାଗରଣ ମୋହ ଭାରତର ପ୍ରାଚୀନ ସଂସ୍କୃତି ଓ ମୂଲ୍ୟବୋଧକୁ ମାଡ଼ି ମ ଏହିପରି ଭାବରେ ହୀନ ଫେସନର ତରୁଣମାନେ 'ପ୍ରେତନୃ କରୁଥିବା ବେଳେ ପାଶ୍ଚାତ୍ୟରେ ମନୀଷୀମାନେ କିନ୍ତୁ ଭାରତୀ ସଂସ୍କୃତି ଓ ସାଧନା ପ୍ରତି ଅଧିକରୁ ଅଧିକ ଆକୃଷ୍ଟ ହେଉଥିଲେ ଗୋଟିଏ ଉଦାହରଣ ଦେଲେ ଯଥେଷ୍ଟ ହେବ ଯେ ଗଭର୍ଣ୍ଣ ଜେନେରାଲ ଓ୍ୱାରେନ୍ ହେଷ୍ଟିଙ୍ଗସଙ୍କୁ ବିଲାତ ପାର୍ଲାମେଣ୍ଟରେ ଭାରତରେ ତାଙ୍କର କେତେକ କର୍ମ, ଅପକର୍ମ ପାଇଁ impeac କରାଯାଉଥିବା ବେଳେ ବନାରସ୍‌ରେ ସଂସ୍କୃତ ପଣ୍ଡିତମା ତାଙ୍କୁ ଅଭିନନ୍ଦନ ଜଣାଇ ତାଙ୍କ ଉଦ୍ଦେଶ୍ୟରେ ମାନପତ୍ର ପା କରୁଥିଲେ ; କାରଣ ଭାରତୀୟ ଆଧ୍ୟାତ୍ମିକ ଦର୍ଶନର ଶ୍ରେ କୃତୀ ଶ୍ରୀମଦ୍ ଭାଗବତ ଗୀତାର ଇଂରାଜୀ ଅନୁବାଦ ଓ୍ୱାରେନ୍ ହେଷ୍ଟିଙ୍ଗସଙ୍କ ଆନୁକୂଲ୍ୟରେ ସଂପାଦିତ ହୋଇଥିଲା ସେତେବେଳେ ଜର୍ମାନ୍ ପଣ୍ଡିତ ମ୍ୟାକସ୍‌ମୁଲରର ପ୍ରମୁଖ ନ ଥି ଆମେମାନେ କଦାପି ଉପନିଷଦ ପ୍ରଭୃତି ଭାରତୀୟ ଆଧ୍ୟାତ୍ମି ଐଶ୍ୱର୍ଯ୍ୟ ସହିତ ନୂତନ ଭାବରେ ପରିଚିତ ହୋଇ ପାରି ନ ଥାନ୍ତୁ ଏ ସବୁ ଏଠାରେ ଉଲ୍ଲେଖ କରିବାର ଉଦ୍ଦେଶ୍ୟ ହେଉଛି ୟୁରୋପୀ ରେନାଁସାଠାରୁ ଭାରତୀୟ ରେନାଁସା ଗୁଣାତ୍ମକ ଓ ମୌଳି ଦୃଷ୍ଟିରୁ ଥିଲା ସ୍ୱତନ୍ତ୍ର । ୟୁରୋପୀୟ ରେନାଁସା ଅତୀତ ମୂଲ୍ୟବୋଧ ମଧ୍ୟରୁ ନୂତନ ମୂଲ୍ୟବୋଧ ସୃଷ୍ଟିପାଇଁ ପ୍ରେର ପାଇଥିବା ବେଳେ ଭାରତରେ ଯାହାକୁ ରେନାଁସା ବୋ

ଯାଇଛି ସେଥିରୁ ଜନ୍ମଲାଭ କରିଥିଲା ଆଧୁନିକତା ନାମରେ ...ପରାଚୀନ ଚିନ୍ତାମୁକ୍ତ ପ୍ରମତ୍ତତା । କଲିକତାରେ Young ...ngal ଆନ୍ଦୋଳନ ଥିଲା ଏହି ପ୍ରମତ୍ତତାର ସୂତ୍ରର । ...ତେବେବେ ବଙ୍ଗଳା ସାହିତ୍ୟରେ ଏହାର ଅନେକ 'ସାଟାୟାର' ...ହିଲେ ମିଳିବ । ନାଟ୍ୟକାର ସୁପ୍ରସିଦ୍ଧ କବି ଦ୍ୱିଜେନ୍ଦ୍ର ଲାଲ ...ା Young Bengal ର ଏହି ବିକୃତିକୁ ଲକ୍ଷ୍ୟ କରି ...ଖିଥିଲେ :

"ନୂତନ କିଛୁ କରରେ ଭାଇ ନୂତନ କିଛୁ କର
କିଛୁ ଯଦି କରତେ ନ ପାର ମାକେ ଧରେ ମାର"

ଉଦ୍ୟମରେ ବ୍ରାହ୍ମଧର୍ମ ଓ ବ୍ରାହ୍ମସମାଜ ଜନ୍ମଲାଭ କରିଥିଲା । ବଙ୍ଗଳାରେ ପ୍ରସିଦ୍ଧ କବି ମାଇକେଲ ମଧୁସୂଦନ ଦତ୍ତ ମଧ୍ୟ ଏହି ଆଧୁନିକତାର ମୋହରେ ଖ୍ରୀଷ୍ଟିଆନ ହୋଇ ପଡ଼ିଲେ । ବୋଧହୁଏ ଏହି କଥାଟି ନବୁଝି ଓଡ଼ିଶାରେ ସ୍ୱାର୍ଥମାନେ ମଧ୍ୟ ମଧୁସୂଦନଙ୍କ ପ୍ରତି ବୀତଶ୍ରଦ୍ଧ ଥିଲେ । ମଧୁସୂଦନ କିନ୍ତୁ ନିଜର କର୍ମ ସାଧନାରେ ରେନାଁସା ବା ନବଜାଗରଣର ସବୁ ସ୍ପନ୍ଦନ ଓ ଉଦ୍‌ବେଳନ ନୀଳକଣ୍ଠ ପରି ଆତ୍ମସ୍ଥ କରିଥିଲେ ସୁଦ୍ଧା, ସେ ତଥାକଥିତ ଆଧୁନିକତାର ବିକୃତିରେ ନ ମାତି ଅନ୍ୱେଷଣ କରିଥିଲେ କୀର୍ତ୍ତିକିରୀଟିନୀ ଓଡ଼ିଶାର ଅତୀତର ଇତିହାସ, ଐତିହ୍ୟ, ସଂସ୍କୃତି ଓ ସାହିତ୍ୟ । ତାଙ୍କର ପ୍ରସିଦ୍ଧ




...ଜାତୀୟ ଗୌରବ ମଧୁସୂଦନ ୟଙ୍ଗବେଙ୍ଗଲ ଆନ୍ଦୋଳନର ... ପ୍ରମତ୍ତ କାଳରେ କଲିକତାରେ ପଥେ ପଥେ ବୁଲୁଥିଲେ, ... ଶିକ୍ଷାପାଇଁ ସୁଯୋଗ ସନ୍ଧାନରେ । ସେତେବେଳେ ...ମେ L. M. S. College ଓ ପରେ 'ହିନ୍ଦୁ କଲେଜ ବା ...esidency College'ରେ ଜଣେ ଛାତ୍ର ରୂପେ Young ...ngalର ମେଜାଜ୍ ସେ ଯେ ଆହରଣ କରି ନଥିଲେ ନୁହେଁ ... ସେ ତଥାକଥିତ ଆଧୁନିକତାର ପ୍ରମତ୍ତତାରେ ନମାତି ...ିହାସର, ପରମ୍ପରା ଓ ଐତିହ୍ୟ ମଧ୍ୟରୁ ସନ୍ଧାନ ...ଥିଲେ, ନୂତନ ଓଡ଼ିଶାର ଅଭ୍ୟୁଦୟ । ମଧୁସୂଦନ କାହିଁକି ...ଷ୍ଟିଆନ ହୋଇଗଲେ ବୋଲି ଯେଉଁମାନେ ନାହିଁବା ବୁଝନ୍ତ ...ନ୍ତି ସେମାନେ ଜାଣିବା ଉଚିତ୍, ସେତେବେଳେ ବଙ୍ଗଦେଶରେ ...ଧୁନିକତାର ମୋହରେ ଖ୍ରୀଷ୍ଟିଆନ ହୋଇଯିବା ହିନ୍ଦୁ ଯୁବକ...ନଙ୍କ ମଧ୍ୟରେ ଥିଲା ଗୋଟିଏ ଫେସନ, ଯେଉଁଥିରୁ ହିନ୍ଦୁ ...ମାଜକୁ ରକ୍ଷା କରିବା ପାଇଁ କେଶବଚନ୍ଦ୍ର ସେନ ପ୍ରମୁଖଙ୍କ


କବିତା 'ମାଆ ମାଆ ବୋଲି କେତେ ମୁଁ ଡାକିଲି ମାଆକୁ ପାଇଲି ନାହିଁ..............' ଥିଲା ଏହି ବ୍ୟାକୁଳ ଅନ୍ୱେଷଣର କାବ୍ୟିକ ପରିପ୍ରକାଶ । ସେତେବେଳେ ବେଙ୍ଗଲ, ମାଡ୍ରାସ ପ୍ରେସିଡେନ୍‌ସି ଓ ମଧ୍ୟପ୍ରଦେଶ ମଧ୍ୟରେ ଖଣ୍ଡ ବିଖଣ୍ଡିତ ହୋଇ ପଡ଼ିଥିବା ଛିନ୍ନମସ୍ତା ମାତୃଭୂମି, ଉତ୍କଳ ଜନନୀଙ୍କୁ ଦେଖି ସେଦିନ ସେ ମର୍ମାହତ ହୋଇଥିଲେ । ଏହି ମାନସିକ ଆଲୋଡନ ମଧ୍ୟରୁ ଜନ୍ମଲାଭ କରିଥିଲା ଖଣ୍ଡ ବିଖଣ୍ଡିତ ଓଡ଼ିଆଜାତିକୁ ଭାଷା ସୂତ୍ରରେ ଏକତ୍ର କରିବା ଶପଥ । ମଧୁସୂଦନ ଆତ୍ମାରେ ଓ ଚିନ୍ତାରେ ଥିଲେ ଜଣେ ମହାନ ଭାରତୀୟ । ସେଥିପାଇଁ ସେ All India Christian Communityର ସଭାପତି ରୂପେ ଭାରତରେ ଏକାଧିକବାର ନିର୍ବାଚିତ ହୋଇଥିଲେ । ଭାଷାଭିତ୍ତିକ ପ୍ରଦେଶ ଗଠନର ଚିନ୍ତାଧାରାର ଜନକ ଥିଲେ ମଧୁସୂଦନ । ଆଜି ଭାରତରେ ଭାଷାଭିତ୍ତିକ ଯେଉଁ ରାଜ୍ୟସବୁ ଗଠିତ ହୋଇଅଛି, ମଧୁସୂଦନ

ଥିଲେ ତାର ଭିତ୍ତିନିର୍ମାତା । ପରବର୍ତ୍ତୀ କାଳରେ ଭାରତୀୟ ଜାତୀୟ କଂଗ୍ରେସ ମଧ୍ୟ ଏହାକୁ ସ୍ୱୀକାର କରିଥିଲା ।


ବସ୍ତୁତଃ ଭାରତୀୟ ରାଜନୈତିକ ଚିନ୍ତାଧାରାକୁ ଏହା ହେଉଛି ମଧୁସୂଦନଙ୍କର ପ୍ରଧାନ ଅବଦାନ । ଆଜି ଏହାକୁ ସ୍ୱୀକାର ନ କଲେ, ଇତିହାସକୁ ଅସ୍ୱୀକାର କରିଦେବାପରି ହେବ ।

ମଧୁସୂଦନ ଓଡ଼ିଶା କହିଲେ ମାନଚିତ୍ର ଗୋଟିଏ 'ନିଷ୍ପ୍ରାଣ ଭୌଗୋଳିକ ସତ୍ତାକୁ ବିଶ୍ୱାସ କରୁ ନଥିଲେ । ସବୁକ୍ଷେତ୍ରରେ ଓଡ଼ିଆମାନେ ନିଜର ଶକ୍ତି ଓ ସାଧନା ବଳରେ ଯେପରି ବିଶ୍ୱରେ ସୁନାମର ଅଧିକାରୀ ହୋଇପାରନ୍ତି ତାହା ଥିଲା ତାଙ୍କର ଧ୍ୟେୟ ଓ ଶ୍ରେୟ । ସେ ନିଜେ ଥିଲେ ଏହି ଅନନ୍ୟତା, ଏହି ଆଭିଜାତ୍ୟ ଓ ଏହି ସ୍ୱାଭିମାନର ପ୍ରତୀକ । ସେ ଓଡ଼ିଆ ଜାତିର ଏହି ସ୍ୱକୀୟତା ଓ ସ୍ୱାଭିମାନ ରକ୍ଷା କରିବା ପାଇଁ ଶେଷକୁ ଦେବାଳିଆ ସୁଦ୍ଧା ହେଲେ । ସେ ତ ସେତେବେଳର ଜଣେ ଅତି ବିଶିଷ୍ଟ ଆଡଭୋକେଟ୍ ରୂପେ ଲକ୍ଷ ଲକ୍ଷ ଟଙ୍କା ରୋଜଗାର କରିଥିଲେ; ମାତ୍ର ସେସବୁ ଯାଇଥିଲା ଉତ୍କଳ ଜନନୀର ସେବାରେ–ଶିଳ୍ପ ବିକାଶ, ରାଜନୈତିକ ସେବା ଓ ସାମ୍ବାଦିକତାଦି ବିଭିନ୍ନ କ୍ଷେତ୍ରରେ [illegible] ଲଗାଇବାରେ ।

ଆଜି ମଧୁସୂଦନଙ୍କୁ ଆମେ ସ୍ମରଣ କରୁଥିବେଳେ [illegible] କେବଳ ଓଡ଼ିଶାରେ ନବଜାଗରଣର ବାର୍ତ୍ତାବହ ରୂପେ ନୁ[illegible] ସମଗ୍ର ଭାରତରେ ଊନବିଂଶ ଶତାବ୍ଦୀର ଜଣେ ବ[illegible] ରାଜନୈତିକ, ଦାର୍ଶନିକ ଓ ସମାଜ ସଂସ୍କାରକ ରୂପେ ସ୍ୱୀକ[illegible] କରିବା ଉଚିତ । ମୋର ମନେହୁଏ ଆଜି ଶତ ବିଡ଼ମ୍ବନା ଆହ୍ୱାନ ମଧ୍ୟରେ ଓଡ଼ିଆର ଅଭ୍ୟୁତ୍ଥାନ ଓ ଉନ୍ନ[illegible] ମଧୁସୂଦନଙ୍କ ବାଣୀର ମନନ, ଚିନ୍ତନ ଓ ଅନୁଶୀଳନ ମଧ୍ୟ[illegible] କେବଳ ସମ୍ଭବ ହୋଇପାରିବ । ମଧୁସୂଦନଙ୍କର ଶୋ[illegible] ଦୁଇଟା ମ୍ୟାଲେରିଆ ରୋଗୀପରି ଦିଶୁଥିବା ଦୁର୍ଭିକ୍ଷ ନିର୍[illegible] କରି ନୁହେଁ ବା ବର୍ଷରେ ଥରେ ଦୁଇଥର 'ପ୍ରେତପକ୍ଷ ଭୁରି ଆୟୋଜନ କରି ନୁହେଁ' ସଂଗ୍ରାମ, ତାରୁଣ୍ୟ ଓ [illegible] ପ୍ରେରଣାରେ ଆଜିସୁଦ୍ଧା ମଧୁସୂଦନ ମୋ ଦୃଷ୍ଟିରେ ଅନା[illegible] କାଳର ତରୁଣ । ଊନବିଂଶ ଶତାବ୍ଦୀରେ ଓଡ଼ିଶାର ଅନ୍ଧକାର[illegible] ଆକାଶରେ ସେଦିନ ଯେଉଁ ସୂର୍ଯ୍ୟୋଦୟ ହୋଇଥିଲା [illegible] ତାର ସୂର୍ଯ୍ୟାସ୍ତ ହୋଇନାହିଁ । ସେହି କୀର୍ତ୍ତିମାନ ପୁ[illegible] ଆସନ୍ତୁ ଆମେମାନେ ବିନମ୍ର ପ୍ରଣତି ଜଣାଇବା ।



ଉତ୍କଳୀୟ ଶିଳ୍ପୀର କମନୀୟତା ···




ବିହଙ୍ଗ ମାଳିନୀ ଶୋକ ପାଶୋରା ଅପ୍‌ସରାଭୁବନ

# ଚିଲିକା

## ପ୍ରକୃତି ରାଣୀର ଓଡ଼ିଶାକୁ ଏକ ଅଯାଚିତ ଦାନ

ଭାରତର ପୂର୍ବ ଉପକୂଳରେ ଅବସ୍ଥିତ ଏହି ବିଶାଳ ହ୍ରଦର ଦୃଶ୍ୟ ଅତୀବ ମନୋରମ ।

ବିଦେଶାଗତ ପକ୍ଷୀ କାକଳୀରେ ପୂରିତ ଏହି ହ୍ରଦର ନୀଳ ଜଳ ରାଶିରେ ନୌକା-ବିହାର କରିବା ଏକ ଅଭୁଲା ସ୍ମୃତି ।

ଭକ୍ତ ପ୍ରାଣକୁ ଉଦ୍‌ବେଳିତ କରେ ଏହାମଧ୍ୟରେ ଥିବା ପ୍ରସିଦ୍ଧ ଠାକୁରାଣୀ ମନ୍ଦିର 'କାଳିଜାଈ' ।

ଏହାର ପ୍ରାକୃତିକ ସୌନ୍ଦର୍ଯ୍ୟ ଉପଭୋଗ କରିବାପାଇଁ ଆପଣଙ୍କ ପାଇଁ ଉନ୍ମୁକ୍ତ ରହିଛି ରମ୍ଭା ଓ ବରକୁଳଠାରେ ଥିବା ପାନ୍ଥନିବାସ ।

ସବିଶେଷ ବିବରଣୀ ପାଇଁ ଆପଣଙ୍କ ସେବାରେ---

**ଓଡ଼ିଶା ପର୍ଯ୍ୟଟନ**

ପର୍ଯ୍ୟଟନ କାର୍ଯ୍ୟାଳୟ, ରମ୍ଭା
ଫୋନ-୪୪

ପର୍ଯ୍ୟଟନ କାର୍ଯ୍ୟାଳୟ, ବ୍ରହ୍ମପୁର
ଫୋନ-୩୨୨୬

# ଓଡ଼ିଶା ଅର୍ଥନୀତିର କେତେକ ଦିଗ

ଶ୍ରୀ ଶରତ ରାଉତ

1913 ମସିହା ମାର୍ଚ୍ଚ 7 ତାରିଖ ଦିନ ଉତ୍କଳ ଗୌରବ ମଧୁସୂଦନ ଇମ୍ପେରିଆଲ କାଉନସିଲ୍‌ରେ ଭାଷଣ ଦେଇ କହିଥିଲେ ଓଡ଼ିଶାର ପ୍ରାଚୀନ ଶିଳ୍ପ ଓ ସ୍ଥାପତ୍ୟରୁ ଓଡ଼ିଆ ଜାତିର କଳା-କୌଶଳର ନିଦର୍ଶନ ମିଳିଥାଏ । କିନ୍ତୁ ଦୁର୍ଭାଗ୍ୟର ବିଷୟ ଯେଉଁ ... ଦିନେ ଭୁବନେଶ୍ୱର ମନ୍ଦିର ଗାତ୍ରରେ ପଥର ଦେହରେ ... ସୂକ୍ଷ୍ମ କାରୁକାର୍ଯ୍ୟ ସୃଷ୍ଟି କରି ପାରିଥିଲେ, ତାହା ଆଜି ଦିନକୁ ... ମଜୁରିରେ କୁଲି ଖଟୁଛନ୍ତି । ସେ ଦିନର ସେ ଗୌରବର ଉଦ୍ଧାର ପାଇଁ କଣ କିଛି କରାଯାଇ ପାରିବ ନାହିଁ ? ସ୍ୱତନ୍ତ୍ର ... ପ୍ରଦେଶ ଗଠନ ପାଇଁ ଆନ୍ଦୋଳନର ଅଭିମୁଖ୍ୟ ଥିଲା ଏହି ... ପ୍ରଶ୍ନର ସମାଧାନ । ଆଜି ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ପାଳନ ... ପୁଣି ସେହି ପ୍ରଶ୍ନର ସମ୍ମୁଖୀନ ହେବାକୁ ପଡୁଛି ଆମକୁ ।

ବ୍ରିଟିଶ୍ ଶାସନାଧୀନରେ ଭାରତର ଯେ କୌଣସି ପ୍ରଦେଶ ... ଓଡ଼ିଶା ସର୍ବାପେକ୍ଷା ଅଧିକ କ୍ଷତିଗ୍ରସ୍ତ ହୋଇଥିଲା । ... ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ପଡୋଶୀ ପ୍ରଦେଶମାନଙ୍କ ସହିତ ... ଦିଆଯାଇଥିଲା । ଏହା ଫଳରେ ଅର୍ଥନୈତିକ ବିକାଶ ... ହେଲା । ଅବଶେଷରେ ବହୁ ଆନ୍ଦୋଳନ ପରେ 1936 ... ଏପ୍ରିଲ୍ ପହିଲା ତାରିଖରୁ ଓଡ଼ିଶା ଗୋଟିଏ ସ୍ୱତନ୍ତ୍ର ପ୍ରଦେଶ ... । କିନ୍ତୁ ଓଡ଼ିଶାର ଅର୍ଥନୈତିକ ବିକାଶ ପାଇଁ ଦ୍ରୁତ ପଦକ୍ଷେପ ... ପ୍ରାପ୍ତି ପରେ ହିଁ ଥିଲା । ସ୍ୱାଧୀନତା ପରେ ଓଡ଼ିଶା ଯେ ଅର୍ଥନୈତିକ କ୍ଷେତ୍ରରେ ବିକାଶ ଲାଭ କରିଛି ଏହା ଅନସ୍ୱୀକାର୍ଯ୍ୟ । ... ପ୍ରଶ୍ନ ହେଉଛି ଯେ ଯେଉଁ ହାରରେ ଆର୍ଥିକ ପ୍ରଗତି ... କରାଯାଇଛି ତାହା ଯଥେଷ୍ଟ କି ଏବଂ ସର୍ବଭାରତୀୟ ପରି-... ଓଡ଼ିଶାର ଆର୍ଥିକ ବିକାଶରେ କି ସମ୍ଭାବନା ଓ ସମସ୍ୟା ... ?

ଯେକୌଣସି ରାଜ୍ୟର ଆର୍ଥିକ ବିକାଶର ମୂଲ୍ୟାୟନ କରିବାପାଇଁ ... ମାପକାଠି ବ୍ୟବହାର କରାଯାଇଥାଏ । ସେଗୁଡ଼ିକ ଯେ ... ତାହା କୁହାଯାଇ ପାରିବ ନାହିଁ । ମାତ୍ର ଏହାଦ୍ୱାରା ... ସମ୍ପର୍କରେ ସାମାନ୍ୟ ଧାରଣା କରାଯାଇପାରେ । ଏହି ... ରାଜ୍ୟର ଅବସ୍ଥା ସମୀକ୍ଷା କରାଯାଇପାରେ । ଯେ କୌଣସି ... ରାଜ୍ୟର ଆୟ ମୁଖ୍ୟତଃ କୃଷି, ଶିଳ୍ପ ଓ ସେବା (services) ଅର୍ଥନୀତିର ଏହି ତିନୋଟି ମୁଖ୍ୟ ଅଂଶରୁ ଉପଜାତ ... । ଅନୁନ୍ନତ ରାଜ୍ୟଗୁଡ଼ିକରେ ମୁଖ୍ୟତଃ କୃଷିରୁ ଅଧିକ ଆୟ ... । ଯେଉଁ ରାଜ୍ୟରେ ଶିଳ୍ପ ଓ ସେବା କ୍ଷେତ୍ରରୁ ଅଧିକ ଆୟ ... ସେହି ରାଜ୍ୟ ଉନ୍ନତ ରାଜ୍ୟ ଭାବରେ ପରିଗଣିତ ହୁଏ । ... ଦୃଷ୍ଟିରୁ ବିଚାର କଲେ ଓଡ଼ିଶାରେ କୃଷିରୁ ଏବେ ବି ଶତକଡ଼ା 67 ଭାଗ ଆୟ ହେଉଛି । କିନ୍ତୁ ସର୍ବଭାରତୀୟ ସ୍ତରରେ କୃଷିରୁ ପ୍ରାପ୍ତ ଶତକଡ଼ା 40 ଭାଗ ଆୟ ହେଉଛି । ଏଥିରୁ ଶିଳ୍ପ-କ୍ଷେତ୍ରରେ ଯେ ଓଡ଼ିଶା କେତେ ପଛୁଆ ତାର ଧାରଣା କରିହେବ ।

ଆଉ ଗୋଟିଏ ପ୍ରଶ୍ନ ହେଲା ମୁଣ୍ଡପିଛା ଆୟ (per capita income) ବିଶ୍ୱ ବ୍ୟାଙ୍କର ନିର୍ଦ୍ଧାରିତ ନୀତି ଅନୁଯାୟୀ ମୁଣ୍ଡପିଛା ବାର୍ଷିକ 300 ଆମେରିକାନ୍ ଡଲାରରୁ କମ୍ ଆୟ କରୁଥିବା ଦେଶଗୁଡ଼ିକ ସବୁଠାରୁ ଅନୁନ୍ନତ ବୋଲି ବିଚାର କରାଯାଇଥାଏ । ଭାରତ ଏବେ ମଧ୍ୟ ଏହିପରି ସର୍ବାପେକ୍ଷା ଅନୁନ୍ନତ ରାଜ୍ୟମାନଙ୍କ ତାଲିକାରେ ରହିଛି । କିନ୍ତୁ ଭାରତରେ ମଧ୍ୟ ବିଭିନ୍ନ ରାଜ୍ୟମାନଙ୍କ ମଧ୍ୟରେ ବହୁ ତାରତମ୍ୟ ରହିଛି । ସାରା ଭାରତରେ ମୁଣ୍ଡପିଛା ଆୟ 749 ଟଙ୍କା । ଓଡ଼ିଶାରେ ମୁଣ୍ଡପିଛା ଆୟ 575 ଟଙ୍କା । କେଉଁ ଅବସ୍ଥା କେତେ ବର୍ଷ ଭିତରେ ଓଡ଼ିଶାର ମୁଣ୍ଡପିଛା ଆୟକୁ ସର୍ବଭାରତୀୟ ସ୍ତରକୁ ନେବାକୁ ହେବ ଓ ତାପରେ ସର୍ବଭାରତୀୟ ସ୍ତରଠାରୁ ମଧ୍ୟ ଅଧିକ କରିବାପାଇଁ ବିଧିବଦ୍ଧ ପ୍ରଚେଷ୍ଟା କରିସିବା ଆବଶ୍ୟକ ।

ଏହା ସହିତ ଆଉ ଗୋଟିଏ ପ୍ରଶ୍ନ ଉଠେ ଦାରିଦ୍ର୍ୟ । ଗାନ୍ଧୀଜୀ ଓଡ଼ିଶାକୁ ଭାରତବର୍ଷର ଦାରିଦ୍ର୍ୟର ପ୍ରତୀକ ବୋଲି କହିଥିଲେ । ଯେଉଁଠାରେ ମୁଣ୍ଡପିଛା ଆୟ ଏତେ କମ୍ ସେଠାରେ ଦାରିଦ୍ର୍ୟ ରହିବ । ତେବେ ପ୍ରକୃତରେ କେତେଲୋକ ଦରିଦ୍ର ? ଓ ଦାରିଦ୍ର୍ୟର ସଂଜ୍ଞା କ'ଣ ? ଦାରିଦ୍ର୍ୟର ସଂଜ୍ଞା କପରି ନିର୍ଦ୍ଧାରିତ ହେବ ଏ ବିଷୟରେ ଅର୍ଥନୀତିଜ୍ଞମାନଙ୍କ ବିଭିନ୍ନ ମତାମତ ରହିଛି ।

ତେବେ ମୋଟା ମୋଟି ଭାବରେ ଯେଉଁମାନେ ଗ୍ରାମାଞ୍ଚଳରେ ଦୈନିକ 2,400 କାଲୋରି ଓ ସହରାଞ୍ଚଳରେ 2,100 କାଲୋରିରୁ କମ୍ ଖାଦ୍ୟ ଖାଇବାକୁ ପାଉଛନ୍ତି ସେମାନଙ୍କୁ ଦାରିଦ୍ର୍ୟର ସୀମା-ରେଖା ତଳେ ଅଛନ୍ତି ବୋଲି ଗ୍ରହଣ କରାଯାଉଛି । ଏହି ହିସାବରେ ଦେଖିଲେ, ଯୋଜନା କମିଶନର ସଦସ୍ୟ ଓ ବରିଷ୍ଠ ଅର୍ଥନୀତିଜ୍ଞ ହନୁମନ୍ତରାଓଙ୍କ ମତ ଅନୁସାରେ ଓଡ଼ିଶାର ଶତକଡ଼ା 66.4 ଭାଗ ଲୋକ ଦାରିଦ୍ର୍ୟର ସୀମାରେଖାତଳେ 1977-78ରେ ଥିଲେ । 1983-84 ବେଳକୁ ଓଡ଼ିଶାର ଶତକଡ଼ା 55 ଭାଗ ଲୋକ ଦାରିଦ୍ର୍ୟର ସୀମାରେଖା ତଳେ ରହିଛନ୍ତି । ଏହା 1980 ମସିହା ପରଠାରୁ ସରକାରୀ ସ୍ତରରେ ଦାରିଦ୍ର୍ୟ ଦୂରୀକରଣ ଯୋଜନାଗୁଡ଼ିକର କାର୍ଯ୍ୟକାରିତା ଯୋଗୁଁ ସମ୍ଭବ ହୋଇପାରିଛି । ମାତ୍ର ସର୍ବଭାରତୀୟ ପରିପ୍ରେକ୍ଷୀରେ ବିଚାର କଲେ ଦେଖାଯାଏ ଯେ ସାରା ଭାରତରେ ଶତକଡ଼ା 36 ଭାଗ ଲୋକ ଦାରିଦ୍ର୍ୟର ସୀମାରେଖା-

ତଳେ ଥିବା ବେଳେ ଓଡ଼ିଶାରେ ଏହା ବହୁତ ଅଧିକ । ଯଦି ଦ୍ରୁତ ଗତିରେ ହ୍ରାସପାଇଁ ଯୋଜନା ପ୍ରଣୟନ ନ କରାଯାଏ ତାହେଲେ ଓଡ଼ିଶାରେ ଦାରିଦ୍ର୍ୟ ଦୂର କରାଯାଇପାରିବ ନାହିଁ ।

କେବଳ କାଲୋରି ଭିତ୍ତିରେ ଦାରିଦ୍ର୍ୟର ମୂଲ୍ୟାୟନ କରିବା ମୋ ମତରେ, ଏକ ଅବାସ୍ତବ ପ୍ରଚେଷ୍ଟା । ମଣିଷ ତ ଖାଲି 2400 କାଲୋରି ଖାଦ୍ୟ ଖାଇ କଷ୍ଟେମଷ୍ଟେ ବଞ୍ଚିବାପାଇଁ ଜନ୍ମଲାଭ କରି- ନାହିଁ । ସମସ୍ତଙ୍କର ଗୋଟିଏ ସର୍ବନିମ୍ନ ଜୀବନଧାରଣର ମାନ **(minimum standard of living)** ପାଇବାର ଅଧିକାର ରହିଛି । ଯେଉଁମାନେ ଦାରିଦ୍ର୍ୟର ସୀମାରେଖା ତଳେ ଅଛନ୍ତି ସେମାନେ ଯେ କେବଳ ବଞ୍ଚିବାପାଇଁ ଆବଶ୍ୟକ ହେଉଥିବା ଖାଦ୍ୟ ପାଉନାହାନ୍ତି ତା ନୁହେଁ, ମଣିଷ ହିସାବରେ କେତେକ ସର୍ବନିମ୍ନ ଶ୍ରଦ୍ଧା ମଧ୍ୟ ପୂରଣ କରିବାକୁ ସକ୍ଷମ ହେଉନାହାନ୍ତି । ଏପରିକି ପାନୀୟ ଜଳର ମଧ୍ୟ ସୁବିଧା ଏପର୍ଯ୍ୟନ୍ତ ସମସ୍ତଙ୍କୁ ଦିଆଯାଇ ପାରିନାହିଁ । ସେହିଭଳି ପାଠ ପଢିବା ବା ମାଗଣାରେ ଚିକିତ୍ସା ପାଇବା ବ୍ୟବସ୍ଥାରୁ ମଧ୍ୟ ବଞ୍ଚିତ ହେଉଛନ୍ତି । 1981 ମସିହାର ଜନ ଗଣନା ତଥ୍ୟରୁ ଜଣାଯାଏ ଯେ, ଓଡ଼ିଶାର ଶତକଡ଼ା 34 ଭାଗ ଲୋକ ସାକ୍ଷର । ମହିଳାମାନଙ୍କ ମଧ୍ୟରେ କେବଳ 21 ଭାଗ ମହିଳା ସାକ୍ଷର । ଯଦି ସାକ୍ଷରତା ବିଶେଷକରି ମହିଳାମାନଙ୍କ ଭିତରେ ପ୍ରସାର କରା ନ ଯାଏ, 2,001 ମସିହାରେ ଓଡ଼ିଶାର ଅନେକ ଲୋକ ନିରକ୍ଷର ରହିଯିବେ । ତେଣୁ ଆସନ୍ତା ବର୍ଷ ଗୁଡ଼ିକରେ ସମସ୍ତେ ଯେଉଁଭଳି ସର୍ବନିମ୍ନ ଜୀବନ ଧାରଣର ମାନ ଲାଭ କରନ୍ତି ସେଥିପାଇଁ ପ୍ରଚେଷ୍ଟା ହେବା ଉଚିତ ।

ଷଷ୍ଠ ଯୋଜନା କାଳରେ ଦେଶରେ ବିଭିନ୍ନ ପ୍ରକାର ଦାରିଦ୍ର୍ୟ ନିରାକରଣ ଯୋଜନାରେ 14·30 ଲକ୍ଷ ପରିବାରଙ୍କୁ ସହାୟତା ଦିଆଯାଇଥିଲା । ଏମାନଙ୍କ ଭିତରୁ 3.70 ଲକ୍ଷ ପରିବାର ହରିଜନ ଓ 4·27 ଲକ୍ଷ ପରିବାର ଆଦିବାସୀ । ମୋଟାମୋଟି ଭାବରେ ଶତକଡ଼ା 50 ଭାଗରୁ ଅଧିକ ଉପକୃତ ଲୋକ ଆଦିବାସୀ ଓ ହରିଜନ ସମ୍ପ୍ରଦାୟର ଲୋକ । ଓଡ଼ିଶା ଲୋକସଂଖ୍ୟାର ପ୍ରାୟ 37 ଭାଗ ଲୋକ ଆଦିବାସୀ ଓ ହରିଜନ ସମ୍ପ୍ରଦାୟର ଓ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଲୋକମାନଙ୍କ ମଧ୍ୟରୁ ଅଧିକାଂଶ ତପଶିଲଭୁକ୍ତ ସମ୍ପ୍ର- ଦାୟର ଲୋକ । ତେଣୁ ସପ୍ତମ ଯୋଜନାକାଳରେ ଏହି କାର୍ଯ୍ୟକ୍ରମ ଅଧିକ ବ୍ୟାପକ କରିବାପାଇଁ ଲକ୍ଷ ରଖାଯାଇଛି । ଗ୍ରାମାଞ୍ଚଳରେ ଦାରିଦ୍ର୍ୟ ନିରାକରଣ ପାଇଁ ଉପଯୁକ୍ତ କର୍ମ ନିଯୁକ୍ତି ବ୍ୟବସ୍ଥା ଅଗ୍ରାଧିକାର ଭିତ୍ତିରେ କାର୍ଯ୍ୟକରିବାକୁ ହେବ । ଗ୍ରାମାଞ୍ଚଳରେ ବେକାର ସଂଖ୍ୟା କେତେ ସେସମ୍ପର୍କରେ ଏପର୍ଯ୍ୟନ୍ତ ସଠିକ ତଥ୍ୟ ସଂଗ୍ରହ କରାଯାଇ ପାରିନାହିଁ । କିନ୍ତୁ **National Sample Survey** ଦ୍ୱାରା ହୋଇଥିବା ସର୍ଭେରୁ ଜଣାଯାଏ ଯେ ଓଡ଼ିଶାରେ ଶତକଡ଼ା 8.13 ଭାଗ ଲୋକ ବେକାର ଅଛନ୍ତି । ସପ୍ତମ ଯୋଜନା ଆରମ୍ଭର ପୂର୍ବରୁ 14.5 ଲକ୍ଷ ଲୋକ ବେକାର ବୋଲି କଳନା କରାଯାଇଛି । ପ୍ରତିବର୍ଷ ଅଧିକ 1.7 ଲକ୍ଷ ଲୋକଙ୍କୁ ନୂତନ କର୍ମ ନିଯୁକ୍ତି ଦେବାର ବ୍ୟବସ୍ଥା କରିବାକୁ ହେବ । ଏହି ହିସାବରେ ସମୀକ୍ଷା କଲେ ମୋଟାମୋଟି ଭାବରେ ରାଜ୍ୟରେ ସପ୍ତମ ଯୋଜନା କାଳରେ 23 ଲକ୍ଷ ଲୋକଙ୍କପାଇଁ କର୍ମସଂସ୍ଥାନ ବ୍ୟବସ୍ଥା କରିବାକୁ ହେବ । ତେଣୁ ମୋତେ ଯେଉଁ ପ୍ରଶ୍ନ ଉଠେ ସପ୍ତମ ଯୋଜନା କାଳରେ ଓଡ଼ିଶାରେ ସରକାରଙ୍କ ପ୍ରଥମ [illegible] କ'ଣ ଏହାକୁ ଗୋଟିଏ ବାକ୍ୟରେ କହିଲେ ଏହା ହେବ 23 [illegible] ଲୋକଙ୍କ ପାଇଁ କର୍ମସଂସ୍ଥାନ ବ୍ୟବସ୍ଥା ।

ମାତ୍ର ଏହି 23 ଲକ୍ଷ ଲୋକଙ୍କ ପାଇଁ କର୍ମସଂ[illegible] ବ୍ୟବସ୍ଥା କିପରି କରାଯାଇପାରିବ ? ଏହା ସଙ୍ଗଠିତ କ୍ଷେତ୍ର[illegible] **(Organised Sector)** କରାଯିବା ସମ୍ଭବ ନୁହେଁ । [illegible] ସରକାରୀ କ୍ଷେତ୍ରରେ ବା ସରକାରୀ ଉଦ୍ୟୋଗରେ ଏତେ [illegible] ସଂସ୍ଥାନ କରାଯାଇ ପାରିବ ନାହିଁ । ଏପରିକି ବୃହତ୍ ଶିଳ୍ପ ମାଧ୍ୟ[illegible] ମଧ୍ୟ ଏତେ ନିଯୁକ୍ତି ଦେବା ସମ୍ଭବ ନୁହେଁ । ଏହି ନିଯୁକ୍ତି ଅସଙ୍ଗଠିତ [illegible] କ୍ଷେତ୍ରରେ କରାଯାଇପାରେ । ଏଥିପାଇଁ କୃଷି, ପଶୁପାଳନ, [illegible] ଶିଳ୍ପ ଓ କ୍ଷୁଦ୍ରଶିଳ୍ପ ଉପରେ ଗୁରୁତ୍ୱ ଦିଆଯାଇଛି । ଶିକ୍ଷିତ ବେ[illegible] ଯେଉଁମାନେ କି ବିଭିନ୍ନ କର୍ମସଂସ୍ଥାନ ଅଫିସରେ ନାଁ [illegible] ରେଜିଷ୍ଟ୍ରିଭୁକ୍ତ କରିଛନ୍ତି ସେଭଳି ବେକାରଙ୍କ ସଂଖ୍ୟା ପ୍ରତି[illegible] ବୃଦ୍ଧି ପାଉଛି । ଗାଁ ଗହଳରେ ଶିକ୍ଷାର ପ୍ରସାର ହେବା ସଙ୍ଗେ [illegible] ଶିକ୍ଷିତ ବେକାରଙ୍କ ସଂଖ୍ୟା ବଢ଼ି 1983-84ସୁଦ୍ଧା ସମୁଦାୟ 5[illegible] ଲକ୍ଷଥିଲା । ଏମାନଙ୍କ ଭିତରୁ 1.59 ଲକ୍ଷ ମାଟ୍ରିକ୍ ପାସ୍ [illegible] 0. 33 ଲକ୍ଷ ଅଣ୍ଡର ଗ୍ରାଜୁଏଟ୍, 0. 64 ଲକ୍ଷ ଗ୍ରାଜୁଏ[illegible] ଅନ୍ତର୍ଭୁକ୍ତ । ଏହି ଶ୍ରେଣୀର ଶିକ୍ଷିତ ଯୁବକ ମାନଙ୍କୁ ଯଦି [illegible] ପ୍ରକାର ଉଦ୍ୟୋଗରେ ନିଯୁକ୍ତି ବ୍ୟବସ୍ଥା କରାଯାଇନପାର[illegible] ତାହେଲେ ଗୁରୁଆତେ ଅସନ୍ତୋଷ ସୃଷ୍ଟି ହେବ ।

ଓଡ଼ିଶାରେ କୃଷି ବିକାଶ ମୋଟାମୋଟି ଭାବରେ ଜଳ[illegible] ସେଚନର ଅଭାବରୁ ବ୍ୟାହତ ହୋଇଛି । ପ୍ରତିବର୍ଷ [illegible] ସମୟରେ ବନ୍ୟା, ମରୁଡ଼ି ପ୍ରଭୃତି ପ୍ରାକୃତିକ ବିପତ୍ତି ଲାଗି [illegible] ଆମର ଦେଶର ମୋଟ ଚାଷ ଜମିର ଶତକଡ଼ା 47 ଭାଗ [illegible] ଜଳସେଚିତ ହେଲେ ଓଡ଼ିଶାରେ ମାତ୍ର ଶତକଡ଼ା 28 ଭାଗ ଜମି[illegible] ଜଳସେଚନର ସୁବିଧା ଅଛି । ତେଣୁ ଜଳସେଚନର ବିକାଶ ପା[illegible] ଉପଯୁକ୍ତ ବ୍ୟବସ୍ଥା କରିବା ଆସନ୍ତା କେତେ ବର୍ଷରେ ଯୋଜନା[illegible] ଏକ ମୁଖ୍ୟ କାର୍ଯ୍ୟକ୍ରମ ହେବ । ଏହି ପ୍ରସଙ୍ଗରେ ମଧ୍ୟ ଉଲ୍ଲେ[illegible] କରାଯାଇପାରେ ଯେ ଜଳ ସେଚନର ସୁବିଧା ଥିଲେ ମଧ୍ୟ [illegible] ପରିଚାଳନା ( water management ) ଓ ବୈଜ୍ଞାନି[illegible] ପଦ୍ଧତିରେ ଜଳ ବ୍ୟବହାର ନ ହେଉଥିବାରୁ ବହୁ କୃଷି [illegible] ସେଚନର ସୁବିଧା ନେଇପାରୁ ନାହାନ୍ତି । ଓଡ଼ିଶାର ଶତକଡ଼ା 7[illegible] ଭାଗ କୃଷି ପରିବାର 5 ଏକରରୁ କମ୍ ଜମି ଚାଷ କରନ୍ତି [illegible] ମୋଟାମୋଟି ଭାବରେ କ୍ଷୁଦ୍ର କୃଷି ଓ ନାମମାତ୍ର କୃଷିଙ୍କ ସଂ[illegible] ଶତକଡ଼ା 70 ଭାଗ । ଏହା ବ୍ୟତୀତ ଭୂମିହୀନ କୃଷି ଶ୍ରମି[illegible] ସଂଖ୍ୟା ପ୍ରାୟ ଶତକଡ଼ା 27.65 ଛୋଟ ଚାଷୀମାନେ [illegible] ବୈଜ୍ଞାନିକ ପଦ୍ଧତିର ସୁବିଧା ପାଇ ପାରୁ ନାହାନ୍ତି । ସେମାନେ[illegible] ଆବଶ୍ୟକ ହେଉଥିବା ଉପାଦାନ କିଣିବାପାଇଁ ସେମାନଙ୍କର [illegible] ଅଭାବ । ଏହା ଫଳରେ କୃଷି ଉତ୍ପାଦନ ବ୍ୟାହତ ହେଉଛି [illegible] ଗତବର୍ଷ ରାଜ୍ୟରେ 70 ଟନ୍ ଧାନ ଅମଳ କରି ଏକ ନୂତନ [illegible] ରେକର୍ଡ ସୃଷ୍ଟି କରାଯାଇଛି । କିନ୍ତୁ ହେକ୍ଟରପ୍ରତି ହାରରେ [illegible] ପିଛା ଉତ୍ପାଦନ ବେଶି ଥିଲେ ମଧ୍ୟ ଅନ୍ୟାନ୍ୟ ରାଜ୍ୟ ତୁଳନାରେ [illegible] କମ୍ । ଗାଁ ଗହଳରେ ତେଣୁ କୃଷି ପାଇଁ ଯୋଜନା [illegible] ହେବ । ସେଥିରେ ଛୋଟ ଚାଷୀ ମାନଙ୍କୁ ସଂଗଠିତ କରି ସେମାନଙ୍କୁ [illegible]

ଦ୍ରବ୍ୟ ଯୋଗାଣ ଠିକ୍ ସମୟରେ ଯୋଗାଇଦେବା ଯୋଜନାର ମୂଳ ଲକ୍ଷ୍ୟ ।

ଏହି ସମୟରେ ପ୍ରଶ୍ନ ଉଠେ ଯୋଜନାରେ କୃଷି ବା ଶିଳ୍ପକୁ ପ୍ରାଧାନ୍ୟ ଦେବାକୁ ହେବ । ବାସ୍ତବରେ ଦେଖିବାକୁ ଗଲେ କୃଷି ବିକାଶ ଓ ଶିଳ୍ପ ବିକାଶ ଉଭୟ ପରସ୍ପର ବିରୋଧୀ ନୁହେଁ, ବରଂ ଏହା ପରସ୍ପରର ପରିପୂରକ । କୃଷି ବିକାଶ ବିନା ଶିଳ୍ପକ୍ଷେତ୍ରରେ ବିକାଶ ଲାଭ କରିବା ସମ୍ଭବ ହେବ ନାହିଁ । କାରଣ ଅନେକାଂଶ ଶିଳ୍ପ ପାଇଁ କୃଷି ଉତ୍ପାଦନ କଞ୍ଚାମାଲ ଭାବରେ ବ୍ୟବହୃତ ହୁଏ । ସେହିପରି ଉନ୍ନତ ଧରଣର କୃଷି ମଧ୍ୟ ଶିଳ୍ପନିର୍ଭରଶୀଳ ହେବାକୁ ପଡ଼ିବ ଓ ନୂତନ ଯନ୍ତ୍ରପାତିର ପ୍ରୟୋଗ କରିବାକୁ ପଡ଼ିବ । ମହାରାଷ୍ଟ୍ର, ପଞ୍ଜାବ ଆଦି ଯେଉଁ ରାଜ୍ୟମାନଙ୍କରେ ବିଶେଷ ଭାବରେ ଆର୍ଥିକ ବିକାଶ କ୍ଷେତ୍ରରେ ସଫଳତା ମିଳିପାରିଛି । ସେଠାରେ କୃଷି ଓ ଶିଳ୍ପ ଉଭୟ କ୍ଷେତ୍ରରେ ସମୃଦ୍ଧି ପରିଲକ୍ଷିତ ହେଉଅଛି । ତେଣୁ ଆମର ରାଜ୍ୟର ମଧ୍ୟ କୃଷି ଭିତ୍ତିକ ଶିଳ୍ପ ସ୍ଥାପନରେ ଅଗ୍ରାଧିକାର ଦିଆଯିବା ଉଚିତ । ସେଥିପାଇଁ ଉପଯୁକ୍ତ ଯୋଜନା ପ୍ରଣୟନ କରିବା ଆବଶ୍ୟକତା ରହିଛି ।

ଅଗ୍ରଗାମୀ ବର୍ଷମାନଙ୍କରେ ଓଡ଼ିଶା ପ୍ରଦେଶରେ କୃଷି ବିକାଶ ପ୍ରତି ବିଶେଷ ଗୁରୁତ୍ୱ ଦିଆଯାଉଛି । ବର୍ତ୍ତମାନ ରାଜ୍ୟରେ ଯେଉଁ ବିଦ୍ୟୁତ ଯୋଜନା କରାଯାଉଛି ସେଥିରୁ ତାର installed capacity 1134 MW ସେଥିରୁ ପ୍ରାୟ 534 MW ପର୍ଯ୍ୟନ୍ତ ବିଦ୍ୟୁତ ଉତ୍ପାଦନ କରାଯାଇପାରିବ । କିନ୍ତୁ ରାଜ୍ୟରେ ଅଧିକାଂଶ ବିଦ୍ୟୁତ ଶକ୍ତି ମାଛକୁଣ୍ଡ, ହୀରାକୁଦ ଆଦି ନଦୀ ବନ୍ଧ ଯୋଜନା ଦ୍ୱାରା ଉତ୍ପାଦନ ହେଉଛି । ତେଣୁ ବର୍ଷାର ଅଭାବ ହେଲେ ଅସୁବିଧା ସୃଷ୍ଟି ହୁଏ । ଶିଳ୍ପ ବିକାଶ ପାଇଁ ଓଡ଼ିଶାରେ ଗୋଟିଏ ଅନୁକୂଳ ବାତାବରଣ ସୃଷ୍ଟି ହେଉଥିବାରୁ ବହୁ ଲୋକ ଶିଳ୍ପ ପାଇଁ ଆଗ୍ରହ ପ୍ରକାଶ କରୁଛନ୍ତି । ଏହା ଫଳରେ ବିଦ୍ୟୁତ ଶକ୍ତିର ଚାହିଦା ଆହୁରି ବୃଦ୍ଧି ପାଇବାକୁ ଲାଗିଛି । ଏହାକୁ ଆଖିରେ ରଖି ଆସନ୍ତା କେତେ ବର୍ଷ ମଧ୍ୟରେ ବିଦ୍ୟୁତ ଶକ୍ତି ଉତ୍ପାଦନ ବଢାଇବାକୁ କେତେଗୋଟି ଯୋଜନା ନିଆଯାଉଛି । ବିଶେଷ କରି ଇବ୍ ଉପତ୍ୟକାରେ ତାଳଚେର ନୂତନ 840 MW ର ପ୍ଲାଣ୍ଟ ସ୍ଥାପନ ହେଲେ ବିଦ୍ୟୁତ ଶକ୍ତିର ଉତ୍ପାଦନ ଉଲ୍ଲେଖନୀୟ ଭାବରେ ବୃଦ୍ଧି ହେବ । ସପ୍ତମ ପଞ୍ଚବାର୍ଷିକ ଯୋଜନାରେ ଏହି କ୍ଷେତ୍ରରେ 700 କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି, କିନ୍ତୁ ଏହା ଯଥେଷ୍ଟ ନୁହେଁ । ସେଥିପାଇଁ ମୁଖ୍ୟମନ୍ତ୍ରୀ କେନ୍ଦ୍ର ସରକାରଙ୍କ ଠାରେ ଏହାଠାରୁ ଯଥେଷ୍ଟ ଅଧିକ ଅର୍ଥ ବ୍ୟବସ୍ଥା କରିବାପାଇଁ ବାରମ୍ବାର ଦାବୀ କରିଛନ୍ତି ।

ଅର୍ଥନୈତିକ ବିକାଶ ପାଇଁ ସୁଚିନ୍ତିତ ଯୋଜନା ପ୍ରଣୟନ କରିବା ସହିତ ସେହି ଯୋଜନା ଗୁଡ଼ିକୁ ଠିକ୍ ଭାବରେ କାର୍ଯ୍ୟକାରୀ କରାଇବା ଆବଶ୍ୟକ । ଯେତେବେଳେ ରାଜ୍ୟରେ ପ୍ରଥମ ପଞ୍ଚବାର୍ଷିକ ଯୋଜନା କାର୍ଯ୍ୟକାରୀ କରାଗଲା ସେତେବେଳେ ଏହି ଯୋଜନାରେ ସମୁଦାୟ 17.4 କୋଟି ଟଙ୍କା ଖର୍ଚ୍ଚ କରାଯାଇଥିଲା ଓ ଏଥିରୁ 10.07 କୋଟି ଟଙ୍କା କେନ୍ଦ୍ର ସରକାରଙ୍କଠାରୁ ସହାୟତା ଭାବରେ ମିଳିଥିଲା । ଷଷ୍ଠ ଯୋଜନାରେ 8654 କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା ଓ 63.56 କୋଟି ଟଙ୍କା କେନ୍ଦ୍ରରୁ ସାହାଯ୍ୟ ମିଳିଥିଲା । ସେହିପରି ସପ୍ତମ ଯୋଜନାରେ 2,700 କୋଟି ଟଙ୍କା ବ୍ୟୟ ଧାର୍ଯ୍ୟ କରାଯାଇଛି ଓ ଏଥିରୁ 1143.76 କୋଟି ଟଙ୍କା କେନ୍ଦ୍ରୀୟ ସହାୟତା ମିଳିବ ବୋଲି ଅଟକଳ କରାଯାଇଛି । ମାତ୍ର ଓଡ଼ିଶାର ବିକାଶ ପାଇଁ ଏହା ଅପେକ୍ଷା ଯଥେଷ୍ଟ ଅଧିକ ଅର୍ଥର ଆବଶ୍ୟକତା ରହିଛି । ଗତ ନଭେମ୍ବର 8 ତାରିଖରେ ଜାତୀୟ ଉନ୍ନୟନ ପରିଷଦରେ ଭାଷଣ ଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ କହିଥିଲେ

"During the Sixth Plan, we in Orissa, have achieved a growth rate of 6.1%. Despite this, our per capita income still 25% below the national average. 28% of the water resources of the State has been furnished as against 60% for the the country as a whole. Employment in the industries is almost one-third of the national figure. Railway and Road infrastructure also exhibit glaring deficience. There is, in my view, an imperative need to evolve news strategy and operational approaches to ensure elimination of such regional imbalance. I would advocate for treating Orissa as a special category like Assam, Jammu and Kashmir for speedier growth."

ଯୋଜନା ପ୍ରଣୟନ ପଦ୍ଧତିକୁ ବିକେନ୍ଦ୍ରୀକରଣ କରିବା ପାଇଁ ଜିଲ୍ଲା ସ୍ତରରେ ଯୋଜନା ବୋର୍ଡ ଗଠନ କରିବାପାଇଁ ନିଷ୍ପତ୍ତି ନିଆଯାଇଛି ଓ ଏହା ଆସନ୍ତା ବର୍ଷଠାରୁ କାର୍ଯ୍ୟକାରୀ କରାଯିବ । କିନ୍ତୁ ଜିଲ୍ଲା ସ୍ତରରେ କେବଳ ଯୋଜନା ପ୍ରଣୟନକୁ ବିକେନ୍ଦ୍ରୀକରଣ କଲେ ହେବନାହିଁ । ଜିଲ୍ଲା ଯୋଜନାବୋର୍ଡ ଓ ଏଥି ସହିତ ସମ୍ପୃକ୍ତ ସରକାରୀ ଓ ବେସରକାରୀ ସଦସ୍ୟମାନଙ୍କର ଅର୍ଥନୈତିକ ନିଷ୍ପତ୍ତି ନେବା କ୍ଷମତା ରହିବା ଉଚିତ । ଜିଲ୍ଲାସ୍ତରରେ ତାହାଙ୍କ ବ୍ଲକ୍ ସ୍ତରରେ ମଧ୍ୟ ଉନ୍ନୟନ ଯୋଜନା କରିବାକୁ ହେବ ଓ ବିଶେଷ କରି ଲୋକ ପ୍ରତିନିଧିମାନଙ୍କୁ ଏହି ଯୋଜନା ପ୍ରଣୟନରେ ସମ୍ପୃକ୍ତ କରିବାକୁ ହେବ । ଓଡ଼ିଶା ଗୋଟିଏ ସ୍ୱତନ୍ତ୍ର ପ୍ରଦେଶ ହେବାପରେ ଓଡ଼ିଆ ଜାତି ତାର ସ୍ୱାଭିମାନ ମର୍ଯ୍ୟାଦା ଫେରି ପାଇଛି । ସ୍ୱାଧୀନତାପରେ ବିଭିନ୍ନ କ୍ଷେତ୍ରରେ ଓଡ଼ିଆମାନେ ବିଭିନ୍ନ ସ୍ଥାନରେ ନିଜର କୃତିତ୍ୱ ଦେଖାଇଛନ୍ତି । ଆସନ୍ତା 50 ବର୍ଷରେ ଯଦି ଓଡ଼ିଶା ଆର୍ଥିକ କ୍ଷେତ୍ରରେ ଦ୍ରୁତ ପ୍ରଗତି ଲାଭ କରେ । ସାରା ଭାରତରେ ଓଡ଼ିଶାର ସେହି ପ୍ରାଚୀନ ଗୌରବମୟ ପରମ୍ପରା ପୁନର୍ଜୀବିତ ହେବ ।

ବସ୍ତ୍ରମନ୍ତ୍ରୀ
ଯୋଜନା ଓ ସମନ୍ୱୟ,
ସୂଚନା ଓ ଲୋକ ସଂପର୍କ ବିଭାଗ,
ଓଡ଼ିଶା



# ଶ୍ରୀଜଗନ୍ନାଥ ଓ ଓଡ଼ିଆ ଜାତୀୟତା

ଶ୍ରୀ ଦୁର୍ଗାଚରଣ କୁଅଁର

ଶ୍ରୀ ଜଗନ୍ନାଥଙ୍କୁ କେନ୍ଦ୍ରକରି ଓଡ଼ିଶାର ଧର୍ମ, ସଂସ୍କୃତି ଓ ଜାତୀୟତାର ବିକାଶ ହୋଇଛି । ହିନ୍ଦୁମାନଙ୍କ ଦ୍ୱାରା ପୂଜିତ ବିଭିନ୍ନ ଦେବଦେବୀଙ୍କ ମଧ୍ୟରେ ମୂର୍ତ୍ତିତତ୍ତ୍ୱ ତଥା ଧର୍ମଧାରଣା ଦୃଷ୍ଟିରୁ ଜଗନ୍ନାଥ ଯେଉଁଭଳି ଅନନ୍ୟ, ଓଡ଼ିଆ ଭାଷାଭାଷୀ ଲୋକମାନଙ୍କ ମଧ୍ୟରେ ଜଗନ୍ନାଥଙ୍କର ପ୍ରତିଷ୍ଠା ଓ ଲୋକପ୍ରିୟତା ସେହିଭଳି ଅନନ୍ୟ ସାଧାରଣ । ଗୋଟିଏ ଅଞ୍ଚଳର ଜନଜୀବନ ସହିତ ଏକ ଦେବତାଙ୍କର ଏ ପ୍ରକାର ନିବିଡ଼ ସଂପର୍କ ଭାରତରେ ଅନ୍ୟତ୍ର ଦୃଷ୍ଟିଗୋଚର ହୁଏ ନାହିଁ । ଏ ସଂପର୍କର ଧାରା ପୁଣି କେଉଁ ସ୍ମରଣାତୀତ କାଳରୁ ଗଢ଼ି ଆସୁଛି ।

ଜଗନ୍ନାଥ ଉପାସନାର ଆରମ୍ଭ କେବେ ଏବଂ କିଭଳି ଭାବେ ତାହା ହୋଇଥିଲା ସେ ବିଷୟ ଏବେବି ରହସ୍ୟାବୃତ । ଜଗନ୍ନାଥଙ୍କର ପ୍ରାଚୀନତା ପ୍ରମାଣ କରିବାକୁ ଯାଇ କେହି କେହି ଋଗ୍ ବେଦର ଏକ ମନ୍ତ୍ର: "ଅଦୋ ଯଦ୍ଦାରୁ ପ୍ଲବତେ ସିନ୍ଧୋଃପାରେ ଅପୁରୁଷମ୍ । ତଦାରଭସ୍ୱଦୁର୍ହଣୋ ତେନ ଗଚ୍ଛ ପରସ୍ତରମ୍" ଉଦ୍ଧାର କରିଥାନ୍ତି । କିନ୍ତୁ ଏହି ଅପରୁଷ ଦାରୁ ଯେ ପୂର୍ବ ସାଗର କୂଳରେ ପୂଜା ପାଉଥିବା ଦାରୁବ୍ରହ୍ମ ଜଗନ୍ନାଥଙ୍କୁ ବୁଝାଉଛି ଏନେଇ ପଣ୍ଡିତମାନଙ୍କ ମଧ୍ୟରେ ମତ ପ୍ରାର୍ଥକ୍ୟ ରହିଛି । ସେଇଭଳି ଅଷ୍ଟମ ଶତାବ୍ଦୀର ବଜ୍ରଯାନୀ ରାଜା ଇନ୍ଦ୍ରଭୂତିଙ୍କ 'ଜ୍ଞାନସିଦ୍ଧି' ଗ୍ରନ୍ଥର ଆରମ୍ଭରେ ଥିବା "ପ୍ରଣିପତ୍ୟ ଜଗନ୍ନାଥଂ ସର୍ବଜିନ ବରାର୍ଚ୍ଚିତମ୍, ସର୍ବ ବୁଦ୍ଧମୟଂ ସିଦ୍ଧି ବ୍ୟାପିନ ଗଗୋନପମଂ" ରେ ଇନ୍ଦ୍ରଭୂତି ଜଗନ୍ନାଥଙ୍କୁ ବନ୍ଦନା କରି ଅଛନ୍ତି କିମ୍ବା ଜଗନ୍ନାଥ ଶବ୍ଦ ବୁଦ୍ଧଙ୍କର ବିଶେଷଣ ଭାବେ ବ୍ୟବହୃତ ହୋଇଛି । ଏ ନେଇ ମତଦ୍ୱୈଧ ରହିଛି । ତେବେ ପୁରାଣ, ଶିଳାଲେଖ ତଥା ସମକାଳୀନ ସାହିତ୍ୟରେ ବିଭିନ୍ନ ଉଲ୍ଲେଖରୁ ପୁରୁଷୋତ୍ତମ କ୍ଷେତ୍ରରେ ପୂଜିତ ଜଗନ୍ନାଥଙ୍କର ଖ୍ୟାତି ୯ାଂ୧୦ମ ଶତାବ୍ଦୀ ବେଳକୁ ଭାରତବ୍ୟାପୀ ହୋଇଥିବାର ନିଶ୍ଚିତ ପ୍ରମାଣ ମିଳେ ।

୧୨ଶ ଶତାବ୍ଦୀରେ ଗଙ୍ଗ ସମ୍ରାଟ ଚୋଡ଼ଗଙ୍ଗ ଦେବ ... ବିଶାଳ ଜଗନ୍ନାଥ ମନ୍ଦିର ନିର୍ମାଣ କରି ଜଗନ୍ନାଥଙ୍କ ... ପୂଜା ପାଇଁ ବହୁ ଭୂ-ସଂପତ୍ତି ଦାନ କରି ବିଭିନ୍ନ ଯାତ୍ରା ... ପର୍ବାଣୀ ବ୍ୟବସ୍ଥା କରିବା ପରଠାରୁ ହିନ୍ଦୁ ଜଗତରେ ... ପ୍ରତିଷ୍ଠା ଓ ଲୋକପ୍ରିୟତା ଯଥେଷ୍ଟ ବୃଦ୍ଧି ପାଇଥିଲା ।

ଜଗନ୍ନାଥ ଉପାସନାର ଉପତ୍ତି ବିଷୟଟି ପୂର୍ଣ୍ଣ ... ରହସ୍ୟାଚ୍ଛନ୍ନ । ଏ ନେଇ ବହୁ ପାଶ୍ଚାତ୍ୟ ତଥା ... ପଣ୍ଡିତ ଭିନ୍ନ ଭିନ୍ନ ମତ ପୋଷଣ କରନ୍ତି । ଜଗନ୍ନାଥଙ୍କୁ ... ବୌଦ୍ଧ, ଜୈନ, ବୈଦିକ ବା ସାବର ଦେବତା ... ପ୍ରତିପାଦିତ କରିବାପାଇଁ ନାନା ଯୁକ୍ତିର ଅବତାରଣା ... ଏବଂ ବୌଦ୍ଧ ତ୍ରିରତ୍ନ, ଜୈନ ବଣ୍ଡମଙ୍ଗଳ, ବୈଦିକ ... ଓଁକାର ଏବଂ ଶବରଙ୍କ ଦାରୁ ଉପାସନାରେ ... ଜଗନ୍ନାଥ ମୂର୍ତ୍ତିର ମୂଳ ଉତ୍ସ ଅନୁସଂଧାନ କରିଛନ୍ତି ... ଅତୀତରେ ଘନ ଅରଣ୍ୟାନୀ ଆଚ୍ଛାଦିତ ଶବର ... ଭୂଖଣ୍ଡରେ ସେମାନଙ୍କ ଦାରୁ ଉପାସନାରୁ ଯେ ... ଜଗନ୍ନାଥ ଉପାସନାର ଉଦ୍ଭବ ହୋଇଛି, ଏ ମତଟି ... ବିଶ୍ୱାସଯୋଗ୍ୟ ଏବଂ ବହୁ ପଣ୍ଡିତ ଏମତକୁ ଗ୍ରହଣ ... ନେଇଛନ୍ତି । ନେଗ୍ରିଟୋମାନଙ୍କ ପରେ ଅଷ୍ଟ୍ରିକ ଭାଷାଭାଷୀ ... ଶବରମାନେ ଭାରତକୁ ଆସିଥିଲେ । ପ୍ରାଗ୍-ଐତିହାସିକ ... ଯୁଗରୁ ଏଯାବତ୍ ବିଭିନ୍ନ ବୃକ୍ଷକୁ ପୂଜାକରିବା ବିଧି ... ମଧ୍ୟରେ ପ୍ରଚଳିତ ଏବଂ ସେମାନଙ୍କ ପରେ ... ଆସିଥିବା ଦ୍ରାବିଡ଼ ଓ ଆର୍ଯ୍ୟମାନେ ସେମାନଙ୍କର ଏ ପ୍ରଥା ... ଆଦରି ନେଇଛନ୍ତି । ପୁରୀ ଜଗନ୍ନାଥ ... ଦାରୁ ଦେବତାଙ୍କ ସେବା ପୂଜାରେ ଶବର ବଂଶୋଦ୍ଭବ ... ଦଇତାମାନଙ୍କର ପ୍ରାଧାନ୍ୟ ଜଗନ୍ନାଥଙ୍କ ଶବର ... ଏକ ସ୍ପଷ୍ଟ ସୂଚନା । ବିଭିନ୍ନ ସମୟରେ ନେଗ୍ରିଟୋ, ... ଦ୍ରାବିଡ଼ ଓ ଆର୍ଯ୍ୟମାନେ ଆସି ଓଡ଼ିଶା ଭୂମିରେ ... କରିଛନ୍ତି ଏବଂ ସେମାନଙ୍କ ସଭ୍ୟତା, ଧର୍ମଧାରଣା ...

ଦେଶୀର ସମ୍ମିଶ୍ରଣରେ ଓଡ଼ିଆ ସଭ୍ୟତା ଓ ଜାତୀୟତାର ବିକାଶ ହୋଇଛି । ଆଦିଦେବତା ଜଗନ୍ନାଥଙ୍କଠାରେ ଏ ସମସ୍ତ ଜାତି ଓ ସଂପ୍ରଦାୟର ପ୍ରଭାବ ପଡ଼ି ଏକୀଭୂତ ହୋଇ ଯାଇଛି । ଆର୍ଯ୍ୟ, ଆର୍ଯ୍ୟେତର ସବୁ ସଂପ୍ରଦାୟର ତାଙ୍କ ଉପରେ ସମାନ ଅଧିକାର । ଜଣେ ବିଖ୍ୟାତ ପାଶ୍ଚାତ୍ୟ ପଣ୍ଡିତ ଉଇଲିୟମ ହଣ୍ଟର ଜଗନ୍ନାଥଙ୍କର ଏହି ବୈଶିଷ୍ଟ୍ୟ ଲକ୍ଷ୍ୟ କରି କହିଛନ୍ତି : "The very origin of Jagannath proclaims him not less the god of the Brahmans than of low-caste aboriginal races."

ଓଡ଼ିଶାରେ ବିଭିନ୍ନ ସମୟରେ ପ୍ରଭାବ ବିସ୍ତାର କରିଥିବା ଶବର, ଜୈନ, ବୌଦ୍ଧ ଓ ବୈଦିକ ବା ବ୍ରାହ୍ମଣ୍ୟ ଧର୍ମର ଅପୂର୍ବ ସମନ୍ୱୟ ଜଗନ୍ନାଥ ଧର୍ମରେ ହୋଇଛି । ହିନ୍ଦୁ ଧର୍ମରେ ଶୈବ, ବୈଷ୍ଣବ, ଶାକ୍ତ, ସୌର, ଗାଣପତ୍ୟ ଇତ୍ୟାଦି ବିଭିନ୍ନ ସଂପ୍ରଦାୟର ପ୍ରଭାବ ମଧ୍ୟ ଜଗନ୍ନାଥ ମନ୍ଦିରରେ ପ୍ରଚଳିତ ବିଭିନ୍ନ ପୂଜାବିଧି ଓ ପର୍ବପର୍ବାଣୀରେ ଦେଖିବାକୁ ମିଳେ । ତନ୍ତ୍ର ମନ୍ତ୍ରରେ ଜଗନ୍ନାଥ ଭୈରବ ଓ ବିମଳା ଭୈରବୀ । ସେ ମଧ୍ୟ ଶଙ୍କରଙ୍କର ଅଦ୍ୱୈତ ବ୍ରହ୍ମ ଓ ମହାଯାନ ପନ୍ଥୀ ମାନଙ୍କର 'ଶୂନ୍ୟ' । ୧୬ଶ ଶତାବ୍ଦୀର ଯୋଗମାର୍ଗୀ ଓଡ଼ଶୀ ବୈଷ୍ଣବ କବି ଅଚ୍ୟୁତାନନ୍ଦ ଦାସ ତାଙ୍କ 'ଶୂନ୍ୟସଂହିତା'ରେ ଜଗନ୍ନାଥଙ୍କୁ 'ଶୂନ୍ୟପୁରୁଷ' ରୂପେ ବର୍ଣ୍ଣନା କରିଅଛନ୍ତି । ଶାରଳା ମହାଭାରତରେ ତଥା ଜଗନ୍ନାଥ ଦାସଙ୍କ 'ଦାରୁବ୍ରହ୍ମ ଗୀତା'ରେ ଜଗନ୍ନାଥ ବହୁବାର ବୁଦ୍ଧ ରୂପେ ବର୍ଣ୍ଣିତ । 'ପଞ୍ଚସଖା' ଭାବରେ ପରିଚିତ ଓଡ଼ିଶାର ଜ୍ଞାନ ଓ ଯୋଗମାର୍ଗୀ ବୈଷ୍ଣବ କବି ବଳରାମ ଦାସ, ଜଗନ୍ନାଥ ଦାସ, ଅଚ୍ୟୁତାନନ୍ଦ ଦାସ, ଯଶୋବନ୍ତ ଦାସ ଓ ଅନନ୍ତ ଦାସ ଜଗନ୍ନାଥଙ୍କର ପରମ ଉପାସକ ଥିଲେ । ସେମାନଙ୍କର ବିଭିନ୍ନ ଲେଖା ଓ ଧର୍ମ ପ୍ରଚାର ଫଳରେ ଓଡ଼ିଶାରେ ବୈଷ୍ଣବ ଧର୍ମର ଯେଉଁ ମହାପ୍ଲାବନ ସୃଷ୍ଟି ହୋଇଥିଲା ତାହା ଓଡ଼ିଶାର ଜନମାନସରେ ଜଗନ୍ନାଥଙ୍କୁ ଏ ଜାତିର 'ପ୍ରାଣଦେବତା' ରୂପେ ପ୍ରତିଷ୍ଠିତ କରିବାରେ କମ୍ ସହାୟକ ହୋଇ ନାହିଁ । ଜଗନ୍ନାଥଙ୍କ ମୂର୍ତ୍ତିକଳାରେ ହିନ୍ଦୁ ଧର୍ମର କୌଣସି ଦେବଦେବୀଙ୍କର ସାମାନ୍ୟତମ ମେଳ ସୁଦ୍ଧା ନାହିଁ । ସେ ଏକକ, ପୁଣି ବିଭିନ୍ନ ଧର୍ମ ସମନ୍ୱୟର ପ୍ରତୀକ । ପଣ୍ଡିତ ନୀଳକଣ୍ଠଙ୍କ ମତରେ "There is no discarding any in this religion of man and all the gods and goddesses attacking and appealing have found a place in the compound of the temple. Jagannath has welcomed and embraced all, but been overwhelmed by none and has lost Himself in none."

କେବଳ ଧର୍ମ ଦୃଷ୍ଟିରୁ ନୁହେଁ, ରାଜନୀତି ବିଗ୍ରହରୁ ମଧ୍ୟ ଜଗନ୍ନାଥ ଓଡ଼ିଶାର ରାଷ୍ଟ୍ର ଦେବତା ରୂପେ କଳ୍ପିତ । ପୂର୍ବେ ରାଷ୍ଟ୍ରର ସାର୍ବଭୌମତ୍ୱ ରାଜାଙ୍କଠାରେ ହିଁ ନ୍ୟସ୍ତ ଥିଲା ଏବଂ ରାଜା ରାଷ୍ଟ୍ରର ଧର୍ମ, ସଂସ୍କୃତି ଓ ସମାଜ ବ୍ୟବସ୍ଥାକୁ ବହୁଭାବେ ନିୟନ୍ତ୍ରଣ କରୁଥିଲେ । ସେଥିପାଇଁ ଏକ ବ୍ୟାପକ ଅର୍ଥରେ 'ରାଜାନୁଗତ ଧର୍ମ' ବୋଲି କୁହାଯାଇଛି । ପ୍ରାଚୀନ ଓଡ଼ିଶାର ରାଜନୀତି ସହିତ ଜଗନ୍ନାଥଙ୍କୁ କିଭଳି ସଂଶ୍ଳିଷ୍ଟ କରାଯାଇଛି ତାହା ସହଜରେ ଅନୁଧ୍ୟାନ କରାଯାଇ ପାରେ । ଗଙ୍ଗ ସମ୍ରାଟ ତୃତୀୟ ଅନଙ୍ଗଭୀମ ଦେବ ଜଗନ୍ନାଥଙ୍କର ପରମ ଭକ୍ତ ରୂପେ ତାଙ୍କର ସାମ୍ରାଜ୍ୟକୁ ଜଗନ୍ନାଥଙ୍କ ନାମରେ ଉତ୍ସର୍ଗ କରି ନିଜକୁ ତାଙ୍କ 'ରାଉତ' ବା ପ୍ରତିନିଧି ରୂପେ ଅଭିହିତ କରି ଅଛନ୍ତି । ତାଙ୍କର କେତେକ ଅଭିଲେଖରେ ସେ ନିଜକୁ 'ପୁରୁଷୋତ୍ତମ ପୁତ୍ର' ଓ 'ରାଉତ' ବୋଲି ଉଲ୍ଲେଖ କରିଥିବାର ଦେଖାଯାଏ । ତାଙ୍କ ରାଜ୍ୟ ଶାସନର ନୀତିନିୟମମାନ ପାଳନ କରିବା ପାଇଁ ସାମନ୍ତ ରାଜାମାନଙ୍କୁ ନିର୍ଦ୍ଦେଶ ଦେଇ ତାହାର ବ୍ୟତିକ୍ରମ କଲେ "ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ଶ୍ରୀଚରଣକୁ ଦ୍ରୋହ କଲରୁ ଯେ ପାପ ତାହା ପାଇବ" ବୋଲି କହିଥିବା ବିଷୟ ମାଦଳାପାଞ୍ଜିରେ ଉଲ୍ଲେଖ ଅଛି । ଅନଙ୍ଗଭୀମଙ୍କ ପରବର୍ତ୍ତୀ ଓଡ଼ିଶାର ରାଜାମାନେ ଏହି ପରମ୍ପରା ଅନୁସରଣ କରି ନିଜକୁ ଜଗନ୍ନାଥଙ୍କ 'ରାଉତ' ରୂପେ ଅଭିହିତ କରି ତାଙ୍କର ପ୍ରତିନିଧି ରୂପେ ରାଜ୍ୟ ଶାସନ କରିଅଛନ୍ତି ଏବଂ ଜଗନ୍ନାଥ ଓଡ଼ିଶାର ପ୍ରକୃତ ଅଧିପତି ହୋଇଥିବାରୁ କେତେକ ନିଜର ଅଭିଷେକ ମଧ୍ୟ କରାଇ ନାହାନ୍ତି । ରାଜ୍ୟର ବହୁ ପ୍ରଶାସନିକ ଘୋଷଣା ଜଗନ୍ନାଥଙ୍କ ସମ୍ମୁଖରେ କରାଯାଉଥିଲା । ଜଗନ୍ନାଥ ମନ୍ଦିର କାନ୍ଥରେ ଉତ୍କୀର୍ଣ୍ଣ ଗଜପତି କପିଳେନ୍ଦ୍ର ଦେବଙ୍କର ଏକ ଶିଳାଲିପିରୁ ଜଣାଯାଏ ଯେ ଖ୍ରୀ: ୧୪୩୬ ରେ ସେ ଜଗନ୍ନାଥ ଦର୍ଶନକୁ ଆସି ସାମନ୍ତ ରାଜା ଓ ରାଜକର୍ମଚାରୀମାନଙ୍କ ଉପସ୍ଥିତିରେ ଲୁଣ ଓ କଉଡ଼ି ଉପରୁ ଟିକସ ଛାଡ଼ ଘୋଷଣା କରିଥିଲେ । ଜଗନ୍ନାଥଙ୍କୁ ଓଡ଼ିଶାର ଅଧିପତି ବୋଲି ଘୋଷଣା କରି ତାଙ୍କର ପ୍ରତିନିଧି ରୂପେ ରାଜ୍ୟ ଶାସନ କରିବା ସେ କାଳର ରାଜନୀତି ଦୃଷ୍ଟିରୁ ମଧ୍ୟ ଉପଯୋଗୀ ବ୍ୟବସ୍ଥା । ଏହାକୁ Divine right of Kingship ସହିତ ତୁଳନା କରାଯାଇ ପାରେ । ଏହାଦ୍ୱାରା ବିଦ୍ରୋହୀ ସାମନ୍ତ, ସେନାପତିମାନଙ୍କର ଆନୁଗତ୍ୟ ଲାଭ କରିବା ରାଜାମାନଙ୍କ ପକ୍ଷରେ ସହଜ ହେଉଥିଲା । ପରମ୍ପରା କ୍ରମେ ଏବେ ପୁରୀର ଗଜପତି ମହାରାଜାଙ୍କୁ ମଧ୍ୟ ଜଗନ୍ନାଥଙ୍କ ପ୍ରତିନିଧି ବା ଚଳନ୍ତି 'ବିଷ୍ଣୁ' ରୂପେ ସମ୍ମାନ କରାଯାଏ । ଜଗନ୍ନାଥଙ୍କର ପ୍ରଥମ ସେବକ ଭାବେ ଓଡ଼ିଶା ରାଜାମାନଙ୍କର ସ୍ୱର୍ଣ୍ଣ ସମାର୍ଜନୀ ହସ୍ତରେ ଜଗନ୍ନାଥଙ୍କ ଛେରା ପହଁରା ବିଧି ଏବେ ମଧ୍ୟ ପାଳିତ ହେଉଛି । ସ୍ୱାଧୀନ ଓଡ଼ିଶାର ନରପତିମାନେ ଜଗନ୍ନାଥଙ୍କର ରାଜକୀୟ ପୂଜାବିଧି ପ୍ରଚଳନ କରି ବହୁ ମୂଲ୍ୟମାନ ହୀରା, ନୀଳା, ଓ ସହସ୍ର ସହସ୍ର ମାଢ଼ ସୁନା ରୂପା ଦାନ କରିବା ସଙ୍ଗେ ସଙ୍ଗେ ବିପୁଳ ଭୂସଂପତ୍ତି ଖଞ୍ଜା କରି ଦେଇଥିଲେ । ଅନଙ୍ଗ ଭୀମଦେବ ଜଗନ୍ନାଥଙ୍କ ସେବା ପୂଜା ପାଇଁ ଯେଉଁ ଛତିଶା ନିଯୋଗ ବ୍ୟବସ୍ଥା କରିଥିଲେ ପରବର୍ତ୍ତି କାଳରେ ଏହି ନିଯୋଗ ସଂଖ୍ୟା ବହୁଗୁଣ ବୃଦ୍ଧି ପାଇଛି । ୧୮୦୫ ସାଲରେ ପୁରୀର ତତ୍କାଳୀନ କଲେକ୍ଟର ଗ୍ରୋମ ପୁରୀ ମନ୍ଦିରରେ ୨୫୦ ଶ୍ରେଣୀର ସେବକ ଥିବାର ଏକ ତାଲିକା ପ୍ରସ୍ତୁତ କରିଥିଲେ । ୧୯୫୨ ସାଲରେ ସରକାରଙ୍କ ଦ୍ୱାରା ପ୍ରଣୀତ 'ରେକର୍ଡ ଅଫ୍ ରାଇଟ୍ସ୍'ରେ ୧୫୦ ପ୍ରକାର ନିଯୋଗର ସବିଶେଷ ବିବରଣୀ ରହିଛି । କାଞ୍ଚି କାବେରୀ କାହାଣୀର ସୃଷ୍ଟି ମଧ୍ୟ ଜଗନ୍ନାଥଙ୍କର ଏହି ରାଷ୍ଟ୍ରନାୟକତ୍ୱରୁ । ଗଜପତି ପୁରୁଷୋତ୍ତମ ଦେବ କାଞ୍ଚି ଯୁଦ୍ଧରେ ପରାସ୍ତ ହେବାରୁ ଜଗନ୍ନାଥ ଓ ବଳରାମ ରାଉତପଣେ କାଞ୍ଚି ଅଭିଯାନ କରିଛନ୍ତି ଉତ୍କଳ ରାଜା ଓ ଉତ୍କଳ ସାମ୍ରାଜ୍ୟର ମାନ ରକ୍ଷା କରିବା ପାଇଁ ।

ଜଗନ୍ନାଥ ଧର୍ମର ଉଦାର ସାର୍ବଜନୀନତା ଓଡ଼ିଶାର ରାଜାମାନଙ୍କ ଧର୍ମନୀତିରେ ପ୍ରତିଫଳିତ ହୋଇଛି । ଅନ୍ୟର ଧର୍ମବିଶ୍ୱାସ ପ୍ରତି ସେମାନେ କେବଳ ସହନଶୀଳ ହୋଇ ନାହାନ୍ତି, ଅନେକ କ୍ଷେତ୍ରରେ ପୃଷ୍ଠପୋଷକତା ମଧ୍ୟ କରିଛନ୍ତି । ୮ମ

ଶତାବ୍ଦୀଠାରୁ ୧୦ମ ଶତାବ୍ଦୀ ପର୍ଯ୍ୟନ୍ତ ରାଜତ୍ୱ କରିଥିବା ଓଡ଼ିଶାର ଭୌମକର ରାଜବଂଶ ବୌଦ୍ଧଧର୍ମାବଲମ୍ବୀ ଥିଲେବି ବ୍ରାହ୍ମଣ୍ୟଧର୍ମ ବିଦ୍ୱେଷୀ ନଥିଲେ । ଏହି ବଂଶର ଶୁଭାକର ଦେବ (୧ମ)ଙ୍କ ରାଣୀ ମାଧବୀ ଦେବୀ ମାଧବେଶ୍ୱର ନାମକ ଏକ ଶିବ ମନ୍ଦିର ଯାଜପୁରଠାରେ ନିର୍ମାଣ କରିଥିଲେ ଓ ଅନ୍ୟ କେତେକ ଭୌମକର ବଂଶୀୟ ରାଜା ବ୍ରାହ୍ମଣମାନଙ୍କୁ ବହୁ ଭୂମିଦାନ କରିଥିବାର ଦୃଷ୍ଟାନ୍ତ ରହିଛି । ବୌଦ୍ଧଧର୍ମାବଲମ୍ବୀ ଭୌମ ରାଜାମାନେ ନିଜକୁ 'ପରମସୌଗତ' ଉପାଧିରେ ଭୂଷିତ କରୁଥିଲେବି ଏହି ବଂଶର ଶୁଭାକର ଦେବ (୩ୟ) ନିଜକୁ 'ପରମ ମାହେଶ୍ୱର' ଓ ତାଙ୍କର ମହିଷୀ ତ୍ରିଭୁବନ ମହାଦେବୀ ନିଜକୁ 'ପରମ ବୈଷ୍ଣବୀ' ବୋଲି ଉଲ୍ଲେଖ କରିଥିବା କେତେକ ଶିଳାଲେଖରେ ଦେଖିବାକୁ ମିଳେ । ପରମ ଶୈବ ଓ ଭୁବନେଶ୍ୱରର ପ୍ରସିଦ୍ଧ ଲିଙ୍ଗରାଜ ମନ୍ଦିର ନିର୍ମାତା ସୋମବଂଶୀ ନରପତି ଯଯାତିକେଶରୀ ସୋନପୁରଠାରେ ପାତାଳି ହୋଇଥିବା ଜଗନ୍ନାଥଙ୍କର ଜୀର୍ଣ୍ଣ ବିଗ୍ରହକୁ ପୁରୀ ଆଣି ଏକ ମନ୍ଦିର ନିର୍ମାଣ କରି ପୁନଃ ପ୍ରତିଷ୍ଠା କରିଥିବା ବିଷୟ ମାଦଳାପାଞ୍ଜିରେ ଉଲ୍ଲେଖ ଅଛି । କୋଣାର୍କ ସୂର୍ଯ୍ୟ ମନ୍ଦିର ନିର୍ମାତା ଗଙ୍ଗସମ୍ରାଟ ନରସିଂହ ଦେବ(୧ମ) ଏକତ୍ର ଜଗନ୍ନାଥ, ଦୁର୍ଗା ଓ ଶିବଙ୍କୁ ଉପାସନା କରୁଥିବାର ଚିତ୍ର କୋଣାର୍କ ମନ୍ଦିର ଗାତ୍ରର ଏକାଧିକ ସ୍ଥାନରେ ଖୋଦିତ ହୋଇଛି । ସ୍ୱାଧୀନ ଓଡ଼ିଶାର ନରପତିମାନଙ୍କର ବୈଷ୍ଣବ, ଶାକ୍ତ ଓ ଶୈବ ଧର୍ମପ୍ରତି ସମାନ ଦୃଷ୍ଟିଭଙ୍ଗୀ ଏଥିରୁ ସୂଚୀତ ହୁଏ । ଜଗନ୍ନାଥ ଧର୍ମର ଉଦାରତା, ସହିଷ୍ଣୁତା ଓ ସଂଯମ କେବଳ ସ୍ୱାଧୀନ ଓଡ଼ିଶାର ରାଜନ୍ୟବର୍ଗଙ୍କୁ ଅନୁପ୍ରାଣିତ କରି ନଥିଲ, ଓଡ଼ିଆର ଜାତୀୟ ଚରିତ୍ରକୁ ମଧ୍ୟ ଏହା ବହୁଭାବେ ପ୍ରଭାବିତ କରିଛି ।

ଓଡ଼ିଶାର ଧର୍ମ, ସାହିତ୍ୟ, ଲୋକ ବିଶ୍ୱାସ ଓ ସାମାଜିକ ଚଳଣୀ–ସବୁକିଛି ଜଗନ୍ନାଥ ଚେତନା ଦ୍ୱାରା ଉଦ୍‌ବୁଦ୍ଧ । ଓଡ଼ିଶାର ଜନଜୀବନଠାରୁ ଜଗନ୍ନାଥ ଅଭିନ୍ନ । ଓଡ଼ିଶାର କାବ୍ୟ ପୁରାଣ ଲେଖକମାନେ ପ୍ରଥମେ ଜଗନ୍ନାଥଙ୍କୁ ବନ୍ଦନା କରି ସେମାନଙ୍କ ଲେଖା ଆରମ୍ଭ କରି ଅଛନ୍ତି । ଓଡ଼ିଶାରେ ପ୍ରଚଳିତ ବର୍ଷପଞ୍ଜିକା ଜଗନ୍ନାଥ ମନ୍ଦିର ପଣ୍ଡିତ ସଭା ଦ୍ୱାରା ଅନୁମୋଦିତ ନ ହେଲେ ଗୃହୀତ ହୁଏନାହିଁ । ଜଗନ୍ନାଥ ମନ୍ଦିରରେ ପାଳିତ ବିଭିନ୍ନ ଯାତ୍ରା ଓ ପର୍ବପର୍ବାଣୀ ଏହି ପଞ୍ଜିକାମାନଙ୍କରେ ବିଶେଷ ଭାବେ ପ୍ରସ୍ତୁତ ହୋଇଥାଏ ଏବଂ ବର୍ଷର କେତେକ ତିଥି ବାର ଯଥା:– ଦେବସ୍ନାନ ପୂର୍ଣ୍ଣିମା, ଚିତାଲାଗି ଅମାବାସ୍ୟା, ଚନ୍ଦନ ପୂର୍ଣ୍ଣିମା, ହେରା ପଞ୍ଚମୀ, ଦମନକ ଚତୁର୍ଦ୍ଦଶୀ ଇତ୍ୟାଦି ଜଗନ୍ନାଥ ମନ୍ଦିରରେ ପାଳିତ ପର୍ବପର୍ବାଣୀ ଅନୁଯାୟୀ ନାମିତ । ଶୟନ ଯାତ୍ରା କାଳରେ ତିନି ମାସ ଧରି ଜଗନ୍ନାଥ ବିଶ୍ରାମ ନେଉଥିବା ଯୋଗୁଁ ବିବାହ, ଉପନୟନ, ନବବଧୂ ଯାତ୍ରା ଇତ୍ୟାଦି ଶୁଭ କାର୍ଯ୍ୟ ଓଡ଼ିଶାରେ ହୁଏ ନାହିଁ । ଜଗନ୍ନାଥଙ୍କ ମହାପ୍ରସାଦର ପବିତ୍ରତା ସମଗ୍ର ହିନ୍ଦୁ ଜଗତରେ ସ୍ୱୀକୃତ କିନ୍ତୁ ଓଡ଼ିଆ ଜାତି ପକ୍ଷରେ ଏହାର ମହତ୍ତ୍ୱ ଅପରିସୀମ । ମହାପ୍ରସାଦ ଛୁଇଁ ଯେଉଁ ଶପଥ ନିଆଯାଏ, ତାକୁ ଭାଙ୍ଗିବା ଜଣେ ଓଡ଼ିଆ ପକ୍ଷରେ ଏକ ପ୍ରକାର ଅସମ୍ଭବ । ମୃତ୍ୟୁ କାଳରେ ବି ମହାପ୍ରସାଦ ବା ନିର୍ମାଲ୍ୟ ଜଳ ଟିକିଏ ପାଟିରେ ନପଡ଼ିଲେ ଓଡ଼ିଆ ଶାନ୍ତିରେ ମରିପାରେ ନାହିଁ ।

ଭାଗ୍ୟର ବିପର୍ଯ୍ୟୟ ହେତୁ ଏକଦା ସମୃଦ୍ଧ ଓଡ଼ିଶା ରାଜ୍ୟ ନିଜର ସ୍ୱାଧୀନତା ହରାଇ ପଡୋଶୀ ରାଜ୍ୟମାନଙ୍କ ଅଧୀନରେ ଅବହେଳିତ ଓ ନିର୍ଯ୍ୟାତିତ ହୋଇ ଦୀର୍ଘକାଳ ରହିଲା । ଏହା ଥିଲା ଓଡ଼ିଆ ଜାତିର ଚରମ ଦୁର୍ଦ୍ଦିନର ସମୟ । ଦୁଃଖ, ଦାରିଦ୍ର୍ୟ ଓ ଅଶିକ୍ଷା ଭିତରେ ସେ ହୁଏତ ଭୁଲି ଯାଇଥିଲା ତା'ର ଅତୀତ ଦୀରତ୍ୱର ଗୌରବ, ସାହିତ୍ୟ କଳା ଓ ସ୍ଥାପତ୍ୟକୁ କିନ୍ତୁ ଓଡ଼ିଆ ଭାଷାଭାଷୀ ଲୋକେ ଯେଉଁଠି ଯେଉଁ ଅବସ୍ଥାରେ ଥିଲେବି ତାଙ୍କର ପରମ ଧ୍ୟେୟ ଜଗନ୍ନାଥଙ୍କୁ ଭୁଲି ନଥିଲେ । ସେଥିରେ ତା'ର ଜାତୀୟତାର ପ୍ରତୀକ, ବଞ୍ଚି ରହିବାର ପାଥେୟ ଏବଂ ଭବିଷ୍ୟତର ଧ୍ରୁବତାରା ।

ଅତୀତରେ ବହୁବାର ଓଡ଼ିଶା ବାହାରର ଶତ୍ରୁଙ୍କ ଦ୍ୱାରା ଆକ୍ରାନ୍ତ ହୋଇଛି । ବିଧର୍ମୀମାନେ ଯେତେବେଳେ ଓଡ଼ିଶା ଆକ୍ରମଣ କରିଛନ୍ତି ଓଡ଼ିଆ ଜାତିର ପ୍ରଥମ ଓ ପ୍ରଧାନ ଚିନ୍ତା ହୋଇଛି ଜଗନ୍ନାଥଙ୍କର ସୁରକ୍ଷା । କେତେବେଳେ ଘନ ଅରଣ୍ୟରେ, ପାହାଡ଼ କନ୍ଦରରେ କିମ୍ବା ଚିଲିକା ହ୍ରଦ ଭିତରେ ସେ ତାଙ୍କୁ ନେଇ ଲୁଚାଇ ରଖିଛି କିମ୍ବା କେଉଁଠି ପାତାଳି କରିଛି । ବିଧର୍ମୀ ଶତ୍ରୁ ଦେଶ ଲୁଣ୍ଠନ କରିଛନ୍ତି, ବହୁ ମନ୍ଦିର ଓ ଦେବ ବିଗ୍ରହ ଧ୍ୱଂସ କରିଛନ୍ତି କିନ୍ତୁ ଓଡ଼ିଆ ଜାତିର ଧର୍ମଧାରାକୁ ସେମାନେ ଜବଲିତ କରିପାରିନାହାନ୍ତି । ଜଗନ୍ନାଥ ଧର୍ମର ଚେର ଏ ମାଟିର ବହୁତ ଗଭୀରରେ । ତାକୁ ଦୋହଲାଇବା ସେମାନଙ୍କ ପକ୍ଷରେ ସମ୍ଭବ ହୋଇନାହିଁ । ଏ ସଂକ୍ରାନ୍ତରେ ବାହାରର ଜଣେ ପ୍ରଖ୍ୟାତ ଐତିହାସିକ ଡଃ କେ, ଆର. କାନୁନ୍‌ଗୋଙ୍କ ମତାମତ ବଡ ସମୀଚିନ ମନେ ହୁଏ । ତାଙ୍କ ଭାଷାରେ, "Here in Orissa, Muslim armies no doubt overran the land, but itself was totaly helpless against its presiding deity Jagannath; because Jagannath was not like Somanath and Viswanath idols thoused in temples but a living god enshrined in the hearts of the children of the soil."

ଷ୍ଟେଟ ଏଡ଼ିଟର,
ଗେଜେଟିୟରସ୍‌, ଓଡ଼ିଶା
ଭୁବନେଶ୍ୱର ।

ଜାତି ପ୍ରେମବହ୍ନି
ପ୍ରଜ୍ୱଳିତ କର
ସ୍ୱାର୍ଥକୁ ଦିଅ ଆହୁତି,
ସ୍ୱାର୍ଥ ମେଧ ଯଜ୍ଞେ
ଗୃହିଥାବେ ନାଚ
ଜାତିକୁ ମିଳାଇ ଜାତି

–ମଧୁସୂଦନ

ପୁଣ୍ୟ ଜନ୍ମ ମାଟି ପୁଣ୍ୟ ଦେବାଳୟ
ଉଦ୍ଧରିବା ପାଇଁ କଲେ ତନୁ କ୍ଷୟ,
ମାନବ ଜୀବନ ହୁଅଇ ସଫଳ
ଏ ମହା ଦୀକ୍ଷା କି ବୁଝିବ ଉତ୍କଳ ?

–ଗୋପବନ୍ଧୁ

# ଓଡ଼ିଆ ସରକାରୀ ଭାଷା କାହିଁକି ?



ଶ୍ରୀ ସହଦେବ ସାହୁ

ଓଡ଼ିଆ ସରକାରୀ ଭାଷା ହେବାର ବର୍ଷେ ପୂରିଗଲାଣି । କେତେ ଏବେ ବି ସନ୍ଦେହ କରୁଛନ୍ତି, ସତେ କ'ଣ ଓଡ଼ିଆ ସରକାରୀ ଭାଷା ହୋଇ ରହିବ ? ୧୯୬୮ ମସିହା ଅପ୍ରେଲ ପହିଲାରେ ଓଡ଼ିଆକୁ ସରକାରୀ ଭାଷା କରିବାର ଆଦେଶ ହୋଇଥିଲା ! କିଛିଦିନ କାର୍ଯ୍ୟକାରୀ ହେଲା ପରେ ସେ ଆଦେଶ କାଗଜରେ ହିଁ ରହିଗଲା । ଇଂରାଜୀ ତାର ପୂର୍ବସ୍ଥାନ ଫେରିପାଇଲା । ଏଥିପାଇଁ କିଏ ଦାୟୀ ଓ ଏ ବିଷୟ ବିଚାର କରିବାର ବେଳ ଏ ନୁହେଁ । ଏବେ ୧୯୮୫ ମସିହା ଅପ୍ରେଲ ପହିଲାରୁ ପୁଣି ଥରେ ଓଡ଼ିଆକୁ ସରକାରୀ ଭାଷା କରାଯାଇଛି । ଲୋକମାନଙ୍କୁ ଏଥିପାଇଁ ପ୍ରସ୍ତୁତ କରିବାକୁ ସରକାର ବହୁ ପୂର୍ବରୁ ଏ ସମ୍ପର୍କରେ ତାଙ୍କର ନିଷ୍ପତ୍ତି ଜଣାଇ ଦେଇଥିଲେ । ସମାଲୋଚକମାନେ ଓଡ଼ିଆ ଭାଷାର ଅସଂପୂର୍ଣ୍ଣ ତଥା ଅଯୋଗ୍ୟତା ଉପରେ କେତେ ଲେଖାଲେଖି କଲେ । ତଥାପି ଓଡ଼ିଆକୁ ସରକାରୀ ଭାଷା କରାଗଲା ଏବଂ ଯେଉଁ ସଚିବାଳୟରୁ ଏହାର ବ୍ୟବହାର ୧୯୬୮ ମସିହାରେ ବନ୍ଦ ହୋଇ ଆସିଥିଲା, ସେହି ସଚିବାଳୟରେ ଓଡ଼ିଆ ଭାଷାର ଯେପରି ବିଶେଷ ବ୍ୟବହାର ହୁଏ ସେଥିପ୍ରତି ଖୋଦ ମୁଖ୍ୟମନ୍ତ୍ରୀ ନଜର ରଖିଲେ । ତଥାପି କେତେକ ଆଶଙ୍କା କରନ୍ତି ଯେ, ୧୯୮୫ ମସିହାର ଆଦେଶ ୧୯୬୮ ମସିହାର ଆଦେଶ ଭଳି ଭଙ୍ଗୁର ହୋଇଯିବ ।

ଆଶଙ୍କାକାରୀମାନେ ସାଧାରଣତଃ ଦୁଇଟି ବଡ଼ କାରଣ ଦିଅନ୍ତି । ପ୍ରଥମଟି ହେଲା, ସରକାରୀ କାରବାର ଭଳି ଜଟିଳ କାର୍ଯ୍ୟରେ ମାଧ୍ୟମ ହେବାଭଳି ଶବ୍ଦ ଭଣ୍ଡାର ଓଡ଼ିଆରେ ନାହିଁ । ଓଡ଼ିଆ ସବୁ ପ୍ରକାର ହାବଭାବକୁ ପ୍ରକାଶ କରିବାରେ ଅସମର୍ଥ । ନିତ୍ୟ ନୂତନ ଉଦ୍‌ଭାବନ ଓ ଆବିଷ୍କାରକୁ ପ୍ରକାଶ କରିବାକୁ ଏହାର ଶବ୍ଦ ଭଣ୍ଡାରରେ ଯଥେଷ୍ଟ ମାଲ ନାହିଁ । ଦ୍ୱିତୀୟଟି ହେଲା, ସରକାରୀ ଭାଷାର ଉପସିଦ୍ଧାନ୍ତ ରୂପେ ଓଡ଼ିଆ ଆମ ରାଜ୍ୟରେ ଶିକ୍ଷାର ମାଧ୍ୟମ ହେବ, ବସ୍ତୁତଃ ବର୍ତ୍ତମାନ ଶିକ୍ଷା କ୍ଷେତ୍ରରେ ଓଡ଼ିଆ ବିକଳ୍ପ ମାଧ୍ୟମ ରୂପେ ବ୍ୟବହୃତ ହୋଇ ପାରୁଛି । କିନ୍ତୁ ଏହା ଆମ ରାଜ୍ୟର ଛାତ୍ରମାନଙ୍କ ସ୍ୱାର୍ଥର ପ୍ରତିକୂଳ ହେବ । କାରଣ ସେମାନେ ଉଚ୍ଚତର ଶିକ୍ଷା ତଥା ଗବେଷଣା ପାଇଁ ବହୁତ ଅସୁବିଧାରେ ପଡ଼ିବେ । ତେଣୁ ଗବେଷଣା କ୍ଷେତ୍ରରେ ଓଡ଼ିଆମାନେ ପଛରେ ପଡ଼ିରହିବେ । ଆଉ କେତେକ ସମାଲୋଚକ କହନ୍ତି, ପ୍ରାଦେଶିକ ଭାଷାକୁ ସରକାରୀ ଭାଷାକରି ଆମେ ସର୍ବଭାରତୀୟ ସ୍ରୋତର ବିରୋଧ କରିବା ।

ଏଭଳି ସମାଲୋଚକମାନେ ଭୁଲି ଯାଆନ୍ତି ଯେ, ଅନ୍ୟସବୁ ପ୍ରଦେଶରେ ପ୍ରାଦେଶିକ ଭାଷା ସେ ପ୍ରଦେଶର ସରକାରୀ ଭାଷା ହୋଇଗଲାଣି, ଆମେ ବହୁତ ପଛରେ ଏ ପଦକ୍ଷେପ ନେଇଛୁ । ଉର୍ଦ୍ଦୁଭଳି କେତେକ ଭାଷା କେତେଗୁଡ଼ିଏ ରାଜ୍ୟରେ ଦ୍ୱିତୀୟ ସରିକାରୀ ଭାଷାର ମର୍ଯ୍ୟାଦା ଦାବୀ କରୁଛନ୍ତି । ଯଦି କିଛି ଲାଭନାହିଁ, ତେବେ ଏମାନେ ଦ୍ୱିତୀୟ ସ୍ଥାନ ପାଇବା ପାଇଁ ଏତେ ବ୍ୟସ୍ତ କାହିଁକି ? ଅନ୍ୟ ରାଜ୍ୟମାନଙ୍କରେ ହୋଇଥିବା ସରକାରୀ ଭାଷା କ'ଣ ଓଡ଼ିଆଠାରୁ ବେଶୀ ପ୍ରାଚୀନ, ବେଶୀ ସମୃଦ୍ଧ ?

ଆମେ ଯେଉଁ ଇଂରାଜୀକୁ ଆଜି ନିଜର ବୋଲି କହୁଁଛୁ, ତାହା ୧୮୩୭ ମସିହାରେ ହିଁ ଇଷ୍ଟଇଣ୍ଡିଆ କମ୍ପାନୀ ଅଧିକୃତ ଭାରତୀୟ ଅଞ୍ଚଳରେ ସରକାରୀ ଭାଷା ହୋଇଥିଲା । ମୋଗଲ ଶାସନରେ ପର୍ସିଆନ ଭାଷା ଭାରତର ସରକାରୀ ଭାଷା ଥିଲା । ୧୮୩୭ ମସିହାରେ ଭାରତରେ ଇଂରାଜୀ ଭାଷାରେ କାରବାର କରିବା ପାଇଁ କେତେଲୋକ ପ୍ରସ୍ତୁତ ଥିଲେ ? କିଛିଟି ଲୋକଙ୍କୁ ସେମାନଙ୍କ କାମରେ ସାହାଯ୍ୟ କରି କିଛି ଫାଇଦା ଉଠାଇବାକୁ ଆଙ୍ଗୁଠି ଅଗରେ ଗଣି ହୋଇପିବା ଭଳି କେତୋଟି ଲୋକ ଖଣ୍ଡିଆଡ଼ା

ଇଂରାଜୀ ଶିଖିଥିବେ । ଲେଖାଲେଖିରେ କିରାଣୀ କାମ ଚଳାଇବା ଭଳି ଯେଉଁମାନେ ଇଂରାଜୀ ଶିଖିଥିବେ, ସେମାନଙ୍କ ସଂଖ୍ୟା ଶତାଧିକ ହୋଇ ନଥିବ । ତଥାପି ଇଷ୍ଟଇଣ୍ଡିଆ କମ୍ପାନୀର ବୋର୍ଡ ଅଫ୍ ଡାଇରେକ୍ଟର ଆମ ଦେଶବାସୀଙ୍କ ଉପରେ ଇଂରାଜୀ ଭାଷା ଲଦିଦେଲେ ଏବଂ ଆମେମାନେ ପ୍ରଭୁ ଭକ୍ତି ଦେଖାଇ ଏତେ ଶୀଘ୍ର ଆଗେଇ ଗଲୁ ଯେ ଶତାବ୍ଦୀ ଶେଷ ବେଳକୁ ଇଂରାଜୀ ଆମମାନଙ୍କର ମାତୃଭାଷା ଠାରୁ ମଧ୍ୟ ପ୍ରିୟ ହୋଇଗଲା । ଦେଶ ସ୍ୱାଧୀନ ହେବାର ୪୦ ବର୍ଷ ପୂରିବାକୁ ଯାଉଛି, ତଥାପି ଆମଦେଶର ଶିକ୍ଷିତ ଲୋକେ ଇଂରାଜୀକୁ ଯେ କୌଣସି ଭାରତୀୟ ଭାଷାଠାରୁ ବେଶୀ ଭଲଭାବରେ ଜାଣନ୍ତି ବୋଲି ଦାବୀ କରୁଛନ୍ତି ଓ ଓଡ଼ିଆ ସରକାରୀ ଭାଷାର ଭୂମିକା ତୁଲେଇ ପାରିବ ନାହିଁ ବୋଲି କହୁଛନ୍ତି । ଇଂରାଜୀ ଭାଷାକୁ ଏ ପ୍ରକାର ବୌଦ୍ଧିକ ପ୍ରିୟତା ପାଇବା ପାଇଁ ଶହେବର୍ଷ ଲାଗିଥିଲା, କିନ୍ତୁ ଓଡ଼ିଆକୁ ଦଶବର୍ଷରୁ ବେଶୀ ଲାଗିବ ନାହିଁ, କାରଣ ଏହା ରାଜ୍ୟର ମାତୃଭାଷା । ଏଥିପାଇଁ କେବଳ ଦରକାର ଦୃଢ଼ ପଦକ୍ଷେପ ଓ ମନୋବଳ ।

ସରକାରୀ କାମପାଇଁ ଓଡ଼ିଆ ଭାଷାରେ ଯଥେଷ୍ଟ ଶବ୍ଦ ମିଳୁନାହିଁ ବୋଲି ଯେଉଁମାନେ କହନ୍ତି, ସେମାନେ ଭୁଲିଯାଆନ୍ତି ଯେ ଓଡ଼ିଶାର ପୂର୍ବତନ ଗଡ଼ଜାତ ବା ଦେଶୀୟ ରାଜ୍ୟମାନଙ୍କରେ ଓଡ଼ିଆ ହିଁ ସରକାରୀ ଭାଷାଥିଲା । ଛବିଶଟି ଗଡ଼ଜାତରେ ଓଡ଼ିଆ ବ୍ୟବହାର ହେଉଥିଲେ ହେଁ ବାମଣ୍ଡା ରାଜ୍ୟ (ବର୍ତ୍ତମାନ ସମ୍ବଲପୁର ଜିଲ୍ଲା ଅନ୍ତର୍ଗତ ଦେବଗଡ଼ ଓ କୁଚିଣ୍ଡା ସବ୍‌ଡିଭିଜନ ଦୁଇଟିର ସମ୍ମିଶ୍ରଣ) ଏ ଦିଗରେ ସ୍ୱୟଂ ସମ୍ପୂର୍ଣ୍ଣ ହୋଇଥିଲା । ୧୮୮୦ ମସିହା ଦଶକରୁ ଓଡ଼ିଆରେ ଛପାହେବା କାଗଜପତ୍ର କଲିକତା ବା ରାୟପୁର ପଠା ନ ଯାଇ ଦେବଗଡ଼ର ଜଗନ୍ନାଥ-ବଲ୍ଲଭ ପ୍ରେସରେ ହିଁ ଛପାହେଲା । ଆଇନ କାନୁନ ସବୁ ଓଡ଼ିଆରେ ତିଆରି ହୋଇଥିଲା । ଏବେ ଯଦି କୌଣସି ଚିଠା ଦଲିଲ ବା ଅନ୍ୟ କାଗଜ ତିଆରି କରିବାରେ ଅସୁବିଧା ଲାଗୁଛି ଦେବଗଡ଼ର ପୁରୁଣା କାଗଜପତ୍ର ଅଣ୍ଟାଳିଲେ ଖାଣ୍ଟି ଓଡ଼ିଆ ବାକ୍ୟ ମିଳିବ । ଭୁବନେଶ୍ୱରସ୍ଥ ରାଜ୍ୟ-ଅଭିଲେଖାଗାରରେ ଏହାର ନମୁନା ଥିବା କଥା । କେବଳ ନିଜ ରାଜ୍ୟ କାରବାରରେ ଏହି ରାଜ୍ୟମାନେ ଓଡ଼ିଆ ବ୍ୟବହାର କରି ସନ୍ତୁଷ୍ଟ ନ ଥିଲେ, ସେମାନେ ତତ୍‌କାଳୀନ ଭାରତ ସରକାରଙ୍କୁ ପ୍ରଭାବିତ କରି ଖାସ ଭାରତ ସରକାରଙ୍କ ବିଭାଗ ଦ୍ୱାରା ପରିଚାଳିତ ଡାକଘର କାଗଜପତ୍ରରେ ଓଡ଼ିଆ ଚଳାଉଥିଲେ । ଡାକ ବିଭାଗ (ତାର ବିଭାଗ ବହୁତ ପରେ ସୃଷ୍ଟି ହେଲା) ବ୍ୟବହାର କରୁଥିବା ଫର୍ମ କେବଳ ଓଡ଼ିଆରେ (ଇଂରାଜୀ ସହିତ ଓଡ଼ିଆ ଥାଇ ଦ୍ୱିଭାଷୀ କି ନୁହେଁ) ଛପା ହୋଇ ଦେଶୀୟ ରାଜ୍ୟମାନଙ୍କରେ ଥିବା ଡାକଘରେ ବ୍ୟବହାର ହେଉଥିଲା । ବାମଣ୍ଡା ରାଜା ନିଜ ରାଜ୍ୟରେ ଗଢ଼ି କରିଥିବା ଖାସ ଡାକ ବ୍ୟବସ୍ଥାକୁ ୧୮୯୫ ମସିହା ଜାନୁୟାରୀ ପହିଲାରୁ ଭାରତ ସରକାରଙ୍କ ଇମ୍ପେରିଆଲ ପୋଷ୍ଟ ଅଫିସ ଅଧୀନକୁ ଦେଇଦେଲେ । ଅନ୍ୟ ଦେଶୀୟ ରାଜ୍ୟ-ଗୁଡ଼ିକରେ କୌଣସି ଡାକ ବ୍ୟବସ୍ଥା ନ ଥିଲା । ଯାହାକିଛି ଡାକ ବ୍ୟବସ୍ଥା ଥିଲା ବା ହେଲା ତାହା କେବଳ ବିଲାତ ସାମ୍ରାଜ୍ୟଙ୍କ ଡାକ ବ୍ୟବସ୍ଥାର ଅଧୀନ ଥିଲା । ତଥାପି କେବଳ ଓଡ଼ିଆରେ ଛପା ହୋଇଥିବା ମନିଅର୍ଡ଼ର ଫର୍ମ, ରେଜିଷ୍ଟ୍ରେସନ ଫର୍ମ, ରସିଦ ଓ ରେଜିଷ୍ଟର ଆଦି ଏହି ରାଜ୍ୟମାନଙ୍କରେ ଥିବା ଡାକଘରେ ବ୍ୟବହାର ହେଉଥିଲା । ଆଜକୁ ସତାଅଶୀ ଅଠାଅଶୀ ବର୍ଷ ତଳେ ବ୍ୟବହାର ହୋଇଥିବା ଆଠମାଳି କରୁ କଟକରୁ ସୋନପୁରରୁ ଆଲ୍ଲାହାବାଦକୁ ଓ ବାରିପଦାରୁ ମେଦିନାପୁରକୁ ପଠା ହୋଇଥିବା ମନି ଅର୍ଡରର ରସିଦ ଓ ପ୍ରାପ୍ତି ସ୍ୱୀକାର ରସିଦ ଖଣ୍ଡେ ଖଣ୍ଡେ ମୋର ଡାକ ଟିକଟ ସଂଗ୍ରହ ବହିରେ ରହିଛି । ପରେ ପରେ ଦ୍ୱିଭାଷୀ ଫର୍ମ ବ୍ୟବହାର ହୋଇଛି । ବାହାରକୁ ଯାଉଥିବା ଫର୍ମରେ ଡାକବିଭାଗ କର୍ମଚାରୀମାନେ ଇଂରାଜୀରେ ଆବଶ୍ୟକ ଧାଡ଼ିଗୁଡ଼ିକର ଅନୁବାଦ କରି ଲେଖି ଦେଉଥିଲେ । ଅଶୀ ନବେବର୍ଷ ତଳେ ଯଦି ଓଡ଼ିଆ ଡାକଘରେ ଚଳୁଥିଲା, ଆଜି ରାଜ୍ୟ ସରକାରଙ୍କ ଦପ୍ତରମାନଙ୍କରେ ଚଳି ପାରିବ କାହିଁକି ? ସୁଖର କଥା ଓଡ଼ିଶା ଫିଲାଟେଲିକ ପ୍ରଦର୍ଶନୀର ସ୍ମରଣୀକାରେ ଏ ସମ୍ବନ୍ଧରେ ଗୋଟିଏ ପ୍ରବନ୍ଧ ଲେଖିବା ପରେ ଓଡ଼ିଶା ମଣ୍ଡଳର ତତ୍‌କାଳୀନ ମହା ଡାକପାଳ ଓଡ଼ିଆ ସହିତ ତ୍ରିଭାଷୀ ମନିଅର୍ଡର ଫର୍ମ ଛପାଇ ଯୋଗାଇଥିଲେ କିନ୍ତୁ ଅନ୍ୟ କୌଣସି ଫର୍ମ ଉପରେ ଏହାର ପ୍ରଭାବ ପଡ଼ିନାହିଁ । ଏ ତ ହେଲା କେନ୍ଦ୍ର ସରକାରଙ୍କ କଥା । ଅସଲ କଥା ହେଉଛି ଯଦି ଇଂରାଜୀ ପଢ଼ୁଆ କର୍ମଚାରୀ ପାଇବା ପୂର୍ବରୁ ଦେଶୀୟ ରାଜ୍ୟମାନେ ସେମାନଙ୍କ ସରକାରୀ କାମ ପୂରାପୂରି ଓଡ଼ିଆ ଭାଷାରେ ଚଳାଉଥିଲେ, ଇତି ମଧ୍ୟରେ ବହୁତ ଉନ୍ନତ ହୋଇଥିବା ଓଡ଼ିଆରେ ଆମେ କାହିଁକି ସରକାରୀ କାମ ଚଳାଇ ପାରିବା ନାହିଁ ?

ଭାଷାଭିତ୍ତିରେ ପ୍ରଦେଶ ଗଠନର ଇତିହାସ ୧୯୩୬ ମସିହାରେ ଓଡ଼ିଶାରୁ (ସିନ୍ଧୁ ପ୍ରଦେଶ ବି) ହିଁ ଆରମ୍ଭ ହୋଇଥିଲା । ୧୮୩୭ ମସିହାରୁ ଇଂରେଜମାନେ ଇଂରାଜୀକୁ ସର୍ବଭାରତୀୟ ସରକାରୀ ଭାଷା କରିଥିଲେ ହେଁ ବିଭିନ୍ନ ପ୍ରଦେଶରେ ପ୍ରାଦେଶିକ ଭାଷା ଚାଲୁ ରଖିଥିଲେ । ଓଡ଼ିଶା ତିନିଖଣ୍ଡ ହୋଇ ବିଭିନ୍ନ ପ୍ରଦେଶର ଅନ୍ତର୍ଭୁକ୍ତ ଥାଇ ସେ ସବୁ ପ୍ରଦେଶରେ ଭାଷା କହୁଥିଲା । ଉତ୍ତରରେ ବଙ୍ଗଳା ପ୍ରେସିଡେନ୍‌ସିର ବଙ୍ଗଳା, ପଶ୍ଚିମରେ ସେଣ୍ଟ୍ରାଲ ପ୍ରଭିନ୍‌ସେସ୍‌ର ହିନ୍ଦି ଓ ଦକ୍ଷିଣରେ ମାନ୍ଦ୍ରାସ ପ୍ରେସିଡେନ୍‌ସିର ତେଲଗୁ । ୧୯୩୬ ମସିହାରେ ଭାଷାଭିତ୍ତିକ ପ୍ରଦେଶ ଗଠନ ହେଲାପରେ ଆମର ସେତିକି ସବୁ ଦୁଃଖ ମେଣ୍ଟିଗଲା, ଆମେ କ୍ରମେ କ୍ରମେ ଓଡ଼ିଆ ଭାଷାର ଗୁରୁତ୍ୱ କମାଇ ଇଂରାଜୀ ଉପରେ ଲଦିଦେଲୁ ।

ଅନ୍ୟ ପକ୍ଷରେ କେତେକ ସରକାରୀ କାର୍ଯ୍ୟରେ ଇଂରାଜୀ ବ୍ୟବହାର ଅସମ୍ଭବ ହେଲା । ଯଥା ଜମିଜମା, ମାପଚୁପ ଓ ବନ୍ଦୋବସ୍ତ ବିଭାଗରେ କ୍ଷେତ୍ର କର୍ମଚାରୀମାନଙ୍କ ମଧ୍ୟରେ । ଅନେକ ପାରସୀୟ ଶବ୍ଦ ଓଡ଼ିଆରେ ଥାଇ ଜମିଜମା ମାପଚୁପ କାମକୁ ଏତେ ସରଳ କରି ଦେଇଛି ଯେ, ଫିଲ୍ଡ଼ରେ କର୍ମଚାରୀମାନେ ଇଂରାଜୀ ବ୍ୟବହାର କରନ୍ତି ନାହିଁ । ବନ୍ଦୋବସ୍ତ କ୍ୟାମ୍ପକୁ ପରିଦର୍ଶନରେ ଯାଇ ଥରେ ମୁଁ ଏତେ ଆପତ୍ତି ମାମଲା କାହିଁକି ବଢ଼ୁଛି ବୋଲି ପଚାରିବାରୁ ସେଠାର ସହକାରୀ ବନ୍ଦୋବସ୍ତ ଅଧିକାରୀ କହିଲେ, "ସାର, ପେସ୍‌କାର ମଧ୍ୟ କେତେକ କେସ୍‌ରେ ବଦ୍‌ର କରୁଛି । ତେଣୁ ସୁଓମୋଟୁ କେସ୍ ବଢ଼ିଯାଉଛି ।" ଯେଉଁମାନେ ବନ୍ଦୋବସ୍ତର ଭାଷା ବିଷୟରେ ଅନଭିଜ୍ଞ ସେମାନେ ବୋଧହୁଏ ବୁଝି ପାରିବେ ନାହିଁ । ସେ ଛାଉଣୀରେ ଠିଆ ହୋଇଥିବା କେତେକ ଲୋକଙ୍କୁ ପଚାରି ଜାଣିଲି ଯେ, ସେମାନେ ସହଜରେ

ବନ୍ଦୋବସ୍ତ ଅଧିକାରୀଙ୍କ କଥା ବୁଝି ପାରୁଛନ୍ତି । ସେମାନେ ଯଦି କହିଲେ, ସୁଓମୋଟୁ କେସ୍ ନ ହେଲେ ଆମେ ସେଟେଲ୍‌ମେଣ୍ଟ ଅଫିସରଙ୍କ ପାଖକୁ ଅପିଲରେ କିମ୍ବା ଆପଣଙ୍କ ପାଖକୁ ଦୌଡ଼ି ଦୌଡ଼ି ଖର୍ଚ୍ଚାନ୍ତ ହୋଇଯିବୁ । ସହକାରୀ ବନ୍ଦୋବସ୍ତ ଅଧିକାରୀ ଯଦି ଖାଣ୍ଟି ଓଡ଼ିଆରେ ତାଙ୍କ ବକ୍ତବ୍ୟ କହିଥାଆନ୍ତେ ତାଙ୍କୁ ଶବ୍ଦ ଅଣ୍ଡାଳିବାକୁ ପଡ଼ିଥା'ନ୍ତା, ବୋଧହୁଏ ଗୁଡ଼ାଏ ବାକ୍ୟ ବ୍ୟବହାର କରି ମଧ୍ୟ ପୂରାଭାବ ପ୍ରକାଶ କରି ପାରି ନ ଥାନ୍ତେ । ବିଶେଷ କାର୍ଯ୍ୟ ପାଇଁ ବିଶେଷ ଶବ୍ଦର ପ୍ରୟୋଗ ଦରକାର । ଇଂରାଜୀରେ ଯାହାକୁ ଟେକନିକାଲ୍ ଟର୍ମ କୁହାଯାଏ, ତହିଁରେ ପ୍ରତି ଶବ୍ଦର ନିର୍ଦ୍ଦିଷ୍ଟ ଅର୍ଥ, ସାଧାରଣ ଅର୍ଥଠାରୁ ଭିନ୍ନ । ଇଂରାଜୀରେ ଡିଟରମିନ ( determine )ର ସାଧାରଣ ଅର୍ଥ ନିର୍ଦ୍ଦିଷ୍ଟ କରିବା, ହିସାବ କରିବା, ପ୍ରତିଜ୍ଞା କରିବା ଇତ୍ୟାଦି କିନ୍ତୁ ଆଇନ ଅଦାଲତରେ ଏହାର ଅର୍ଥ ଶେଷ କରିବା, ସମାପ୍ତ କରିବା ଇତ୍ୟାଦି । ଦୁଇଟି ଅର୍ଥ ବିଲକୁଲ୍ ତଫାତ୍ । ଓଡ଼ିଆରେ ସେହିଭଳି ବ୍ୟବହାର ବଢ଼ାଇବାକୁ ପଡ଼ିବ । ଗୋଟିଏ ଉଦାହରଣ ଦେଲେ ବୁଝିହେବ । "କ୍ଷମତା"ର ଅର୍ଥ ସାଧାରଣରେ ଶକ୍ତି, ଅଧିକାର ଆଦି । ଏହାର ବିଶେଷ ଅର୍ଥ ( capacity ) କାପାସିଟି, ଧାରଣ, ପରିମାଣ, କାର୍ଯ୍ୟକାରିତାର ମାପ ଇତ୍ୟାଦି ।

ଉଚ୍ଚଶିକ୍ଷା ପାଇଁ ମାଧ୍ୟମର ଗୁରୁତ୍ୱ ବିଷୟ ବିଚାର କରାଯାଉ । ଦେଶର ଶିକ୍ଷିତମାନଙ୍କ ମଧ୍ୟରେ ଶତକଡ଼ା ନବେଭାଗ ସାଧାରଣ କଳା ବା ବିଜ୍ଞାନ ଶିକ୍ଷା ନେଇଥାଆନ୍ତି । ବାକି ଦଶଭାଗ ବୈଷୟିକ ଶିକ୍ଷା ନେଇଥାଆନ୍ତି । ଏହି ଦଶ ଭିତରୁ ଏକଭାଗ ମାତ୍ର ଗବେଷଣା କରିଥାନ୍ତି । ଯେଉଁମାନେ ସାଧାରଣ କଳା ବା ବିଜ୍ଞାନ ଶିକ୍ଷା ନିଅନ୍ତି ସେମାନଙ୍କ ପାଇଁ ମାତୃଭାଷାର ମାଧ୍ୟମ ପଢ଼ାକୁ ସହଜ କରିଦିଏ । ଯଦି ଅଶୁଦ୍ଧ ଇଂରାଜୀରେ ଲେଖା ହୋଇଥିବା ପରୀକ୍ଷା ଖାତାକୁ ପାସ୍ ନମ୍ବର ଦେବା, ଅପେକ୍ଷାକୃତ ଶୁଦ୍ଧ ଓଡ଼ିଆରେ ଲେଖିଥିବା ପରୀକ୍ଷାର୍ଥୀଙ୍କୁ ବେଶୀ ନମ୍ବର ନ ଦେବା କାହିଁକି ? ଓଡ଼ିଆରେ ବି. ଏ. ବା ଏମ୍. ଏ. ପଢ଼ିବା ପାଇଁ ସାଧାରଣତଃ ଭଲ ଛାତ୍ରମାନେ ଆସନ୍ତି ନାହିଁ । ଏହାର ଗୋଟିଏ ବଡ଼ କାରଣ ଥିଲା, (ଏବେ ବୋଧହୁଏ ନାହିଁ), ଯେ ସେମାନଙ୍କୁ ଭଲ ନମ୍ବର ମିଳୁ ନ ଥିଲା । କେତେକ ଅଧ୍ୟାପକ ନିଜେ ପ୍ରଥମ ଶ୍ରେଣୀ ପାଇ ନ ଥିବାରୁ ଛାତ୍ରମାନଙ୍କୁ ପ୍ରଥମ ଶ୍ରେଣୀ ଦେଉ ନ ଥିଲେ । ସେମାନେ ଭୁଲି ଯାଉଥିଲେ ଯେ ଶିକ୍ଷକଠାରୁ ଛାତ୍ର, ପିତାଠାରୁ ପୁତ୍ର ଯଦି ଭଲ କରିବାର ସୁବିଧା ନ ପାଏ ଅର୍ଥାତ୍ ଭଲ ନ କରେ, ତେବେ ଦୁନିଆ ଥାଣୁ ହୋଇ ରହିଯିବ । ଆଗେଇ ପାରିବ ନାହିଁ । ଅଗ୍ରଗତିର କଣ୍ଟା ଅଟକି ହୋଇଯିବ । ଦୁଃଖର କଥା, ଏବେ ଓଡ଼ିଆ ଡିଗ୍ରୀଧାରୀମାନେ ଭଲ ନମ୍ବର ପାଉଛନ୍ତି କିନ୍ତୁ ସର୍ବ ଭାରତୀୟ ଚାକିରୀ ପାଇଁ ଓଡ଼ିଆରେ ପରୀକ୍ଷା ଦେଉଥିବା ପ୍ରାର୍ଥୀମାନେ ଘୃଣାର ପାତ୍ର ହେଉଛନ୍ତି । "ଓଡ଼ିଆରେ ଲେଖିଛି, ଏ ଗୋଟେ କ'ଣ ଏତେ ବଡ଼ ଚାକିରୀ କରିବ ?" ଏହି ଧାରଣା ରଖି ଆମ ରାଜ୍ୟର ପରୀକ୍ଷକମାନେ ଓଡ଼ିଆ ମାଧ୍ୟମରେ ପରୀକ୍ଷା ଦେଉଥିବା ଓ. ଏ. ଏସ୍. ଓ ଆଇ. ଏ. ଏସ୍. ପରୀକ୍ଷାର୍ଥୀଙ୍କୁ କମ୍ ନମ୍ବର ଦେଉଛନ୍ତି । ତେଣୁ ଓଡ଼ିଆ ମାଧ୍ୟମରେ ପରୀକ୍ଷା ଦେଉଥିବା ପିଲାଙ୍କ ସଂଖ୍ୟା କ୍ରମେ କ୍ରମେ କମି କମି ଯାଉଛି । ସମ୍ଭବତଃ ଏହି କାରଣରୁ ଶିକ୍ଷିତମାନଙ୍କ ମଧ୍ୟରେ ଓଡ଼ିଆ ପ୍ରତି ଆଦର ମଧ୍ୟ କମି କମି ଯାଉଛି । ଆମ ଦେଶର ସମ୍ବିଧାନ ଓଡ଼ିଆକୁ ୧୫ଟି ଜାତୀୟ ଭାଷା ଭିତରେ ଗୋଟିଏ ବୋଲି ସ୍ୱୀକୃତି ଦେଇଥିଲେ ହେଁ ଓଡ଼ିଆ ପିଲାମାନେ ଏହି ସୁବିଧାର ଫାଇଦା ଉଠାଇ ପାରୁନାହାନ୍ତି । ଆମ ପରୀକ୍ଷକ-ଅଧ୍ୟାପକଙ୍କ ମାତୃଭାଷା ପ୍ରତି ମମତା ଆଉ ଟିକେ ବଢ଼ିଗଲେ ଏ ଅସୁବିଧା ରହନ୍ତା ନାହିଁ । ଓଡ଼ିଆ ସରକାରୀ ଭାଷା ହୋଇଗଲେ ଏ ମମତା ଆପେ ଆପେ ବଢ଼ିବ ।

ଉଚ୍ଚତର ଶିକ୍ଷା ଏବଂ ଗବେଷଣା ପାଇଁ ଓଡ଼ିଆ ଉପଯୁକ୍ତ ମାଧ୍ୟମ ନୁହେଁ ବୋଲି ଯେଉଁମାନେ କହନ୍ତି, ସେମାନେ ଏହି ଉଚ୍ଚଶିକ୍ଷା ଓ ଗବେଷଣା ପାଇଁ କ'ଣ ଦରକାର, ବୋଧହୁଏ ତାହା ଜାଣନ୍ତି ନାହିଁ । ଯେଉଁଠାରେ ଗବେଷଣା ପାଇଁ ଉପଯୁକ୍ତ ଆବାହାଓ୍ୱା ଅଛି ସେଠାକୁ ପ୍ରାର୍ଥୀମାନେ ଯାଆନ୍ତି । ଏଥିପାଇଁ ଭାଷା ପ୍ରତି ନଜର ନ ଥାଏ । ଯୁକ୍ତରାଷ୍ଟ୍ର ଆମେରିକା ହେଲେ ଇଂରାଜୀ, ଜର୍ମାନୀ ହେଲେ ଜର୍ମାନ ଭାଷା, ସୋଭିଏତ ୟୁନିୟନ ହେଲେ ରୁଷୀୟ ଭାଷା, ଜାପାନ ହେଲେ ଜାପାନୀ ଭାଷା ଇତ୍ୟାଦି ଶିଖିବାକୁ ହୁଏ । କାରଣ ସେ ଦେଶରେ ହେଉଥିବା ଗବେଷଣା ସେ ଦେଶର ଭାଷାରେ ହୋଇଥାଏ । ଯେତେବେଳେ ଆମ ଦେଶରେ କୌଣସି ଗବେଷଣାର ବିଷୟବସ୍ତୁ ଖୁବ୍ ବେଶୀ ଉନ୍ନତ ହୋଇଯିବ, ଲୋକେ ଆମ ଦେଶର ଭାଷା ପଢ଼ିବାକୁ ବାଧ୍ୟ ହେବେ । ଜାପାନୀମାନେ ଆମେରିକାରେ ପଢ଼ିବାପାଇଁ ଇଂରାଜୀ ପଢ଼ନ୍ତି, କିନ୍ତୁ ନିଜ ଦେଶରେ ଜାପାନୀ ଭାଷାରେ ପଢ଼ନ୍ତି । ମାକ୍ସ ମୁଲର ପ୍ରାଚ୍ୟବିଦ୍ୟା ବିଷୟରେ ଗବେଷଣା କରିବାକୁ ଭାରତ ଆସିଥିଲେ, ଜର୍ମାନୀ ଭାଷା ମାଧ୍ୟମରେ ପଢ଼ିବାକୁ ନୁହେଁ, ସଂସ୍କୃତ ଭାଷାରେ ପଢ଼ିବାକୁ । ଫକୀରମୋହନଙ୍କ ବିଷୟରେ ଗବେଷଣା କରିବା ପାଇଁ ବିଲାତର ଓଡ଼ିଆ ସାହିତ୍ୟବିତ୍ ଡଃ ବୋଲଟନ୍ ଇଂରାଜୀ ମାଧ୍ୟମରେ ଫକୀରମୋହନଙ୍କ ସାହିତ୍ୟ ସୃଷ୍ଟିକୁ ପଢ଼ିନାହାଁନ୍ତି, ସେ ଓଡ଼ିଆରେ ପଢ଼ିଛନ୍ତି ଅର୍ଥାତ୍ ଗବେଷଣା ପାଇଁ ଯେଉଁ ଭାଷା ଦରକାର ତାହା ଶିଖିବାକୁ ପଡ଼ିବ । ସେଥିପାଇଁ ସାଧାରଣ ପଢ଼ାର ମାଧ୍ୟମରୂପେ ବ୍ୟବହୃତ ଭାଷା ଦରକାର ହୋଇପାରେ, ନ ହୋଇ ବି ପାରେ । ଅଣଇଂରାଜୀଭାଷୀ ଜାପାନୀ ବା ଚୀନା ଲୋକେ ଇଂରାଜୀରେ ପଢ଼ି ଜର୍ମାନୀରେ ଗବେଷଣା କରିବାକୁ ଯାଆନ୍ତି ନାହିଁ । ଇଂରାଜୀରେ ଶିକ୍ଷିତ ଭାରତୀୟମାନେ ପାଟ୍ରିସ ଲୁମୁମ୍ବା ବିଶ୍ୱବିଦ୍ୟାଳୟରେ ପଢ଼ିବାପାଇଁ ରୁଷୀୟ ଭାଷା ଶିଖିବାକୁ ବାଧ୍ୟ ହୁଅନ୍ତି ଓ ଜର୍ମାନୀରେ ପଢ଼ିବାକୁ ଜର୍ମାନ ଭାଷା ଶିଖନ୍ତି । ଏହା ନ ଶିଖିଲେ ସେ ଦେଶରେ ଜଣେ ଅନୁବାଦକ ନିଯୁକ୍ତ କରି ତାଙ୍କୁ ଦରମା ଦେବାକୁ ହେବ । ଏତେ ପଇସା ଆସିବ କୁଆଡ଼ୁ ? ବିଦେଶରେ ପଢ଼ିବା ପାଇଁ ଇଂରାଜୀ ଶିକ୍ଷିତଙ୍କୁ ଏ ଅସୁବିଧା ଥିବାବେଳେ, ଓଡ଼ିଆରେ ପଢ଼ିବା ଲୋକେ ରାଜ୍ୟ ବାହାରେ ଉଚ୍ଚତର ଅଧ୍ୟୟନ ବା ଗବେଷଣା ପାଇଁ ବିଶେଷ ଅସୁବିଧାରେ ପଡ଼ିବେ କାହିଁକି ? ପ୍ରକାରାନ୍ତରେ ମାତ୍ର ଶତକଡ଼ା ୧ ଭାଗ ଉଚ୍ଚତର ଗବେଷଣା କରିବା ପାଇଁ ବିଦେଶୀ ଭାଷା ଦରକାର କରିବେ ବୋଲି ବାକି ଶତକଡ଼ା ୯୯ ଭାଗ ମାତୃଭାଷାରେ ପଢ଼ିବାରୁ ବଞ୍ଚିତ ହେବେ କାହିଁକି ? ଅଧିକ ଗୋଟିଏ ବିଦେଶୀ ବା ବାହାରର ଭାଷା ପଢ଼ିବା ପାଇଁ ଯେଉଁ ସମୟ ଓ ଶକ୍ତି ଦରକାର ହୁଏ, ତାହାକୁ ଅସଲ ପାଠରେ ଲଗାଇଲେ ଛାତ୍ରଛାତ୍ରୀ ଆହୁରି ଭଲ ଫଳ ଦେଖାଇ ପାରିବେ ।

ଓଡ଼ିଆ ସରକାରୀ ଭାଷା ହେଲେ ଅନ୍ୟ ଗୋଟିଏ ବିଦେଶୀ ଭାଷା ପଢ଼ିବାଜନିତ ସମୟ ଓ ଶକ୍ତି ବଞ୍ଚିଯିବ ।

ଆଉଗୋଟିଏ ଅଭିଯୋଗ ହେଉଛି ଯେ, ଓଡ଼ିଆରେ ଶବ୍ଦ ସମ୍ଭାର ଯଥେଷ୍ଟ ନାହିଁ । ଏପରି ଯେଉଁମାନେ କହନ୍ତି ସେମାନେ ଭାଷାର ସ୍ୱଭାବ ବୁଝି ନାହାନ୍ତି । ଏମାନେ ଭାବନ୍ତି, ଛାତ୍ର ଅବସ୍ଥାରେ ଯାହା ପଢ଼ିଥିଲେ, ତାହାଠାରୁ ନୂଆ ଶବ୍ଦ ଶୁଣିବାକୁ ରାଜି ନୁହଁନ୍ତି, ଭାଷାର ଅଭିବୃଦ୍ଧି ନାହିଁ । ଏମାନେ ଛାତ୍ର ଅବସ୍ଥାରେ ଯାହା ପଢ଼ିଥିଲେ, ତାହାଠାରୁ ନୂଆ ଶବ୍ଦ ଶୁଣିବାକୁ ରାଜି ନୁହଁନ୍ତି, ନୂଆ ଶବ୍ଦ ମିଶିଲେ ଆମ ଭାଷା ଅଶୁଦ୍ଧ ହୋଇଯିବ, କଳଙ୍କିତ ହେବ, ଇତ୍ୟାଦି ଇତ୍ୟାଦି ବୋଲି କହନ୍ତି । ଏହିଭଳି ରକ୍ଷଣଶୀଳ ଭାଷାବିତ୍‌ମାନଙ୍କ ଯୋଗୁଁ ସଂସ୍କୃତ ଭାଷା ମୃତଭାଷା ହୋଇଗଲା । ଇଂରାଜୀକୁ ପ୍ରଶଂସା କଲାବେଳେ ସେମାନେ ଭୁଲିଯାଆନ୍ତି ଯେ ଇଂରାଜୀ ଆନ୍ତର୍ଜାତିକ ଭାଷା ହେବାର ବଡ଼ କାରଣ ଯେ ତାହା ବିଶ୍ୱର ବିଭିନ୍ନ ଭାଷାରୁ ଦରକାରୀ ଶବ୍ଦ ସବୁ ଗ୍ରହଣ କରିନେଇଛି ।

ଆମର ମନୋଭାବକୁ ଯଥେଷ୍ଟ ଭାବରେ ପ୍ରକାଶ କରିବାକୁ ଯେଉଁ ଶବ୍ଦ ଉତ୍କୃଷ୍ଟ, ତାହା ଯେଉଁ ଭାଷାର ହେଉନା କାହିଁକି ତା'କୁ ବ୍ୟବହାର ନ କରିବା କାହିଁକି ? ନିଜଭାଷାରେ ସେମିତି ଶବ୍ଦଟିଏ ନାହିଁ ବୋଲି ଆମ ଭାଷାରେ ଆଉ ନୂଆ ଶବ୍ଦ କ'ଣ ଗ୍ରହଣ କରିବା ନାହିଁ ? ସ୍କଲାର, ପ୍ରଫେସର, ଇଣ୍ଟେଲେକ୍ଟୁଆଲ୍ ଆଦି ଶବ୍ଦ ଥିବାବେଳେ ଇଂରାଜୀଭାଷାରେ ଭାରତୀୟ ଶବ୍ଦ "ପଣ୍ଡିତ" କାହିଁକି ଗ୍ରହଣ କରାଯାଇଛି କାରଣ ପଣ୍ଡିତ ଯେଉଁ ଭାବ ପ୍ରକାଶ କରୁଛି ; ଇଂରାଜୀରେ ଅନ୍ୟଶବ୍ଦ ସବୁ ସେ ଭାବ ପୂରାପୂରି ପ୍ରକାଶ କରିପାରୁନାହିଁ । ବଦମାସ (Badmash), ଖେଚୁଡ଼ି (Kedgeree), ଝୋଟ (Jute), ଜଗନ୍ନାଥ (Juggernaut) ଆଦି ଭାରତୀୟ ଶବ୍ଦ ଇଂରାଜୀ ହୋଇଯାଇଛି । ଗ୍ରୀକ୍, ଲାଟିନ୍ ଆଦି ସହିତ ଅନ୍ୟ ସମସ୍ତ ଅଣଇଂରାଜୀ ଶବ୍ଦ ଇଂରାଜୀରୁ କାଢ଼ିଦେଲେ, ଇଂରାଜୀ ଭାଷାର ଶବ୍ଦଭଣ୍ଡାର ସାଧାରଣ ଦୈନନ୍ଦିନ ବ୍ୟବହାର ପାଇଁ ଅଯୋଗ୍ୟ ହୋଇଯିବ । ଇଂରାଜୀର ଯଦି ଏପରି ଅବସ୍ଥା, ଓଡ଼ିଆରେ ଅନ୍ୟଭାଷାର ଉପଯୁକ୍ତ ଶବ୍ଦ ସବୁ ନ ନେବା କାହିଁକି ? ପେନ୍‌ସିଲ୍, ଇଞ୍ଜିନ୍, ଷ୍ଟେସନ୍, ମିନିଟ୍, ସେକେଣ୍ଡ ଭଳି ଇଂରାଜୀ ଶବ୍ଦକୁ ଓଡ଼ିଆମାନେ ଯେତେ ସହଜରେ ବୁଝିବେ, ସଂସ୍କୃତ ସାହାଯ୍ୟରେ ଏହାର ସମାର୍ଥ ଶବ୍ଦ ତିଆରି କଲେ ବୁଝିପାରିବେକି ? ତେବେ ସହଜବୋଧ ବିଦେଶୀ ଶବ୍ଦ ଓଡ଼ିଆ ଭାଷା ଭଣ୍ଡାରକୁ ଆସିବ ନାହିଁ କାହିଁକି ? ଆଜିକାଲିର ବିଜ୍ଞାନ ଓ ବୈଷୟିକ ବିଦ୍ୟା ଏତେ ନୂଆନୂଆ ଶବ୍ଦ ତିଆରି କରିଛି ଯେ ପୃଥିବୀର ସବୁଭାଷା ସେହି ଶବ୍ଦକୁ ବ୍ୟବହାର କରୁଛନ୍ତି; ଆମେ କାହିଁକି ନିଛକ ଓଡ଼ିଆମି ଦେଖାଇବା ?

ମାତୃଭାଷାକୁ ସରକାରୀ ଭାଷା କରିବାର ଦୁଇଟି ଉପକାର ଅଛି । ରାଜ୍ୟର ଅଧିକାଂଶ ଲୋକେ ସରକାରୀ ଚିଠିପତ୍ର ସହଜରେ ବୁଝିପାରିବେ ଓ ବାହାରୁ ସାହାଯ୍ୟ ନ ନେଇ ଚିଠି ସରକାରୀ କର୍ମଚାରୀମାନଙ୍କୁ ଲେଖିପାରିବେ । ଫଳରେ ଭାବ ଆଦାନପ୍ରଦାନରେ ଦୂରତା ରହିବ ନାହିଁ, ମଧ୍ୟସ୍ଥ ଶ୍ରେଣୀ ଉଠିଯିବ । ତେଣୁ ଅଧିକା ଖର୍ଚ୍ଚ ବଞ୍ଚିଯିବ । ଦ୍ୱିତୀୟ ଉପକାରଟି ସାଙ୍ଗେ ସାଙ୍ଗେ ଜାଣିହୁଏ ନାହିଁ । ସରକାରୀ ଭାଷା ହେଲେ ଓଡ଼ିଆର ବହୁଳ ପ୍ରସାର ହେବ—ବ୍ୟବହାର ବଢ଼ିଲେ ଭାବର ଆଦାନ ପ୍ରଦାନ ପାଇଁ ନୂଆ ନୂଆ ଶବ୍ଦ ସୃଷ୍ଟିହେବ । ଲେଖକଙ୍କ ମୌଳିକ ଶବ୍ଦ ସବୁଭାଷାକୁ ସମୃଦ୍ଧ କରିବ । ସରକାରୀ ଭାଷାର ଅନୁସିଦ୍ଧାନ୍ତ ରୂପେ ସ୍କୁଲ କଲେଜରେ ଓଡ଼ିଆ ମାଧ୍ୟମର ବହୁଳ ପ୍ରସାର ହେବ । ଏହି କାରଣରୁ ଓଡ଼ିଆ ପାଠକ ସଂଖ୍ୟା ବଢ଼ିଯିବ ଓ ତାହା ଓଡ଼ିଆ ସାହିତ୍ୟକୁ ଆଗେଇନେବ । ଉର୍ଦ୍ଦୁ, ପର୍ସିଆନ ଓ ଇଂରେଜୀ ଦିନେ ନା ଦିନେ ଭାରତକୁ ଅଜଣା ଥିଲା । ସରକାରୀ ଭାଷାରୂପେ କେତେବର୍ଷ ବ୍ୟବହାର ହେଲାପରେ ଲୋକେ ଆପଣାର କରିନେଲେ, ଏବେ ଭିନ୍ନ ଭାଷାଭାଷୀ ଲୋକେ ଅନ୍ୟଭାଷା ଶିଖିବାକୁ ଚାହୁଁନାହାନ୍ତି । ଇଂରାଜୀ ପ୍ରତି ଆମେ ଏତେ ଆକୃଷ୍ଟ ହେବାର କାରଣ, ୧୮୩୭ରୁ ୧୯୪୭ ପର୍ଯ୍ୟନ୍ତ ବା ୧୧୦ ବର୍ଷର ସରକାରୀ ଭାଷାରୂପେ ବ୍ୟବହାର । ଓଡ଼ିଆକୁ ମାତ୍ର ୧୦ ବର୍ଷ ପୂରାପୂରି ସରକାରୀ ଭାଷାରୂପେ ବ୍ୟବହାର କରାଯାଉ, ଆମେ ତା' ପ୍ରତି ଅଧିକ ବେଶୀ ଆକୃଷ୍ଟ ହେବା, ସେ ପରା ଆମର ମାତୃଭାଷା ।

ଓଡ଼ିଆ ସରକାରୀ ଭାଷା କାହିଁକି ହେବ—ଏ ପ୍ରଶ୍ନ ନ କରି ଓଡ଼ିଆ ସରକାରୀ ଭାଷା କାହିଁକି ନ ହେବ, ଏ ପ୍ରଶ୍ନ କରିବା ଉଚିତ୍ । କେବଳ ସଚିବାଳୟର କେତୋଟି ବିଭାଗରେ ନୁହେଁ, ସଚିବାଳୟର ସବୁ ବିଭାଗରେ ଓ ତଳ କାର୍ଯ୍ୟାଳୟ ମାନଙ୍କରେ ପୂରାମାତ୍ରାରେ ଓଡ଼ିଆ ଭାଷା ଚାଲୁହେବା ଦରକାର । ଅଧାପନ୍ତରିଆ କରି ରଖିଦେଲେ ପୁଣି ୧୯୬୮ ଅପ୍ରେଲ ପରିକି ଆଦେଶ ଭଳି କର୍ମଚାରୀମାନେ ଓ ଜନତା ଇଂରାଜୀ ବ୍ୟବହାର କରିବା ଆରମ୍ଭ କରିଦେବେ ।

କମିଶନର୍,
ଲ୍ୟାଣ୍ଡ୍ ରେକର୍ଡ ଆଣ୍ଡ ସେଟଲ୍‌ମେଣ୍ଟ୍,
କଟକ ।

ଭାଷାହିଁ ଜୀବନୀଶକ୍ତି ଜାତିମାନଙ୍କର,
ଯେଉଁ ଜାତି ଭାଷାହୀନ ସେ ଜାତି ବର୍ବର ।

—ବ୍ୟାସକବି ଫକୀରମୋହନ

ଉଚ୍ଚ ହେବା ପାଇଁ କର ଯେବେ ଆଶା,
ଉଚ୍ଚ କର ଆଗେ ନିଜ ମାତୃଭାଷା ।

—ଗଙ୍ଗାଧର



# ଦକ୍ଷିଣ-ପୂର୍ବ ଏସିଆରେ ସାଂସ୍କୃତିକ ଉପନିବେଶ

ଡକ୍ଟର ଆଶୁତୋଷ ପ୍ରସାଦ ପଟ୍ଟନାୟକ

ସମଗ୍ର ଦକ୍ଷିଣ-ପୂର୍ବ ଏସିଆର ଇତିହାସ ଊନବିଂଶ ଶତାବ୍ଦୀର ଶେଷ ପର୍ଯ୍ୟନ୍ତ ଭାରତୀୟ ଐତିହାସିକମାନଙ୍କ ନିକଟରେ ପ୍ରାୟ ଅଜ୍ଞାତ ରହିଥିଲା କହିଲେ ଚଳେ । ବିଂଶ ଶତାବ୍ଦୀର ପ୍ରଥମ ଭାଗରେ ଡଚ୍ ଓ ଫରାସୀ ଐତିହାସିକମାନଙ୍କ ସାହାଯ୍ୟରେ କେତେକ ଭାରତୀୟ ଐତିହାସିକ ଏ କ୍ଷେତ୍ରରେ ପ୍ରବେଶ ଲାଭ କରିଥିଲେ ଓ କ୍ରମେ କ୍ରମେ ଏହି ଅଞ୍ଚଳରେ ରହିଥିବା ଭାରତୀୟ ସାଂସ୍କୃତିକ ଜୀବନଧାରା ସଂପର୍କରେ ଆଲୋଚନା ଆରମ୍ଭ ହେଲା । ଏ ପର୍ଯ୍ୟନ୍ତ ଏ କ୍ଷେତ୍ରରେ ହୋଇଥିବା ଅଗ୍ରଗତି ମୂଳତଃ ଚୀନ ଦେଶର ଇତିହାସ ସେ ଦେଶର ପରିବ୍ରାଜକମାନଙ୍କ ପ୍ରଦତ୍ତ ବିବରଣୀ ଓ କେତେକ ଆରବୀୟ ବଣିକ ତଥା ୟୁରୋପୀୟ ନାବିକମାନଙ୍କର ଲିଖିତ ବୃତ୍ତାନ୍ତ ଉପରେ ପ୍ରତିଷ୍ଠିତ । ଏ କ୍ଷେତ୍ରରେ ଆହୁରି ଅଧିକ ଐତିହାସିକ ପର୍ଯ୍ୟାଲୋଚନାର ଆବଶ୍ୟକତା ରହିଥିବା ସ୍ଥଳେ, ଯେତିକି ସାବ୍ୟସ୍ତ ହୋଇ ପାରିଛି, ସେଥିରୁ ଜଣାଯାଏ ଯେ, ଭାରତର ପୂର୍ବ ଉପକୂଳ ତଥା ଦକ୍ଷିଣାଞ୍ଚଳର ବିଭିନ୍ନ ପ୍ରାଚୀନ ରାଜ୍ୟ ଦକ୍ଷିଣ-ପୂର୍ବ ଏସିଆରେ ଭାରତୀୟ ସଭ୍ୟତା ଓ ସଂସ୍କୃତିର ବିକାଶରେ ସହାୟକ ହୋଇଥିଲେ । ଏହି ରାଜ୍ୟମାନଙ୍କ ମଧ୍ୟରେ 'କଳିଙ୍ଗ'ର ଯେ ଏକ ବିଶେଷ ଭୂମିକା ରହିଥିଲା, ତାହା ଅଦ୍ୟାବଧି ମିଳୁଥିବା ଐତିହାସିକ ଉପାଦାନମାନଙ୍କରୁ ସ୍ପଷ୍ଟ ପ୍ରତୀୟମାନ ହୋଇଥାଏ ।

ପ୍ରାଗୈତିହାସିକ ଯୁଗରୁ ଭାରତ ଓ ଦକ୍ଷିଣ-ପୂର୍ବ ଏସିଆ ମଧ୍ୟରେ ନୌ ସଂପର୍କ ଓ ସାଂସ୍କୃତିକ ଆଦାନ ପ୍ରଦାନ ଆରମ୍ଭ ହୋଇଥିବା କଥାରେ ଐତିହାସିକମାନେ ପ୍ରାୟ ଏକମତ ହୋଇଥିଲେ ହେଁ, ବହୁ ସଂଖ୍ୟକ ଭାରତୀୟ ଏହି ଅଞ୍ଚଳରେ ଯାଇ ବିଭିନ୍ନ ସମୟରେ ବସବାସ କରିଥିବାର ପ୍ରାୟ ଦୁଇ ପ୍ରକାର କାରଣ ଦର୍ଶାଇ ଥାଆନ୍ତି । କେତେକଙ୍କ ମତରେ ଦ୍ରାବିଡ଼ ଓ ଆର୍ଯ୍ୟମାନେ କାଳକ୍ରମେ ଉତ୍ତର ପଶ୍ଚିମ ଦିଗରୁ ଭାରତରେ ପ୍ରବେଶ କରିବାରୁ, ସେମାନଙ୍କ ଚାପରେ ମୂଳ ଭାରତୀୟ ଅଧିବାସୀମାନଙ୍କ ମଧ୍ୟରୁ କେତେକ ଯାଇ ଦକ୍ଷିଣ-ପୂର୍ବ ଏସିଆରେ ଆଶ୍ରୟ ନେଲେ । ଆଉ କେତେକଙ୍କ ମତରେ ଖ୍ରୀଷ୍ଟ ପୂର୍ବ ତୃତୀୟ ଶତାବ୍ଦୀରେ ଅଶୋକଙ୍କର କଳିଙ୍ଗ ଆକ୍ରମଣ କାଳରେ ଓ ଏହାପରେ ସମୁଦ୍ରଗୁପ୍ତଙ୍କ ସାମରିକ ଅଭିଯାନ ସମୟରେ ବହୁ ସଂଖ୍ୟକ ଭାରତୀୟ ପଳାଇ ଯାଇ ଦକ୍ଷିଣ-ପୂର୍ବ ଏସିଆରେ ଆଶ୍ରୟ ନେଇଥିଲେ । ଅବଶ୍ୟ ଏକ ତତ୍କାଳୀନ ଶିଳାଲିପିରେ କଳିଙ୍ଗ ଯୁଦ୍ଧ ଶେଷରେ ଅନୁତାପଗ୍ରସ୍ତ ଅଶୋକଙ୍କର ନିଜ ଭାଷାରେ କେତେକ 'ପଳାତକ'ଙ୍କର ଉଲ୍ଲେଖ ରହିଛି କିନ୍ତୁ ଏହି ପଳାତକମାନେ କେଉଁଆଡ଼େ ଗଲେ ତାର କୌଣସି ବିବରଣୀ ନାହିଁ । ତତ୍କାଳୀନ କଳିଙ୍ଗର ଚିନିପାଖ ମହା ପରାକ୍ରମୀ ଅଶୋକଙ୍କର ଶାସନାଧୀନ ରହିଥିବାରୁ ସମୁଦ୍ର ଯାତ୍ରାରେ ନିପୁଣ କେତେକ ତରୁଣ କଳିଙ୍ଗବାସୀ (ବନ୍ଦୀ ହୋଇ ମଗଧ ଯିବା ପରିବର୍ତ୍ତେ) ସମୁଦ୍ର ପଥରେ ସୁଦୂର ଦ୍ୱୀପଗୁଡ଼ିକୁ ଚାଲିଯାଇଥିବା ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନପାରେ । ଅଶୋକଙ୍କର ଏହି ଆକ୍ରମଣର ଫଳ ଯାହା ହେଉ ନା କାହିଁକି, କଳିଙ୍ଗର ତତ୍କାଳୀନ ନୌବାଣିଜ୍ୟ, ଉନ୍ନତ ପୋତାଶ୍ରୟ ଓ ସମୃଦ୍ଧି ନିଶ୍ଚିତ ଭାବରେ ଆକ୍ରମଣର କାରଣ ହୋଇଥିଲା । କଳିଙ୍ଗର ଉପକୂଳ ଦନ୍ତୁରୀତ ହେବା ସଙ୍ଗେ ସଙ୍ଗେ, ଏଥିରେ ଅନେକଗୁଡ଼ିଏ ନଦୀ ପ୍ରବାହିତ ହେଉଥିବାରୁ ସମଗ୍ର ରାଜ୍ୟରେ ନୌଚାଳନା ସୁବିଧାଜନକ ହେଉଥିଲା । ଖ୍ରୀଷ୍ଟୀୟ ପ୍ରଥମ ଓ ଦ୍ୱିତୀୟ ଶତାବ୍ଦୀର ଗ୍ରୀକ ଐତିହାସିକମାନଙ୍କ ବିବରଣୀରୁ ଜଣାପଡ଼େ ଯେ, ଭାରତର ପୂର୍ବ ଉପକୂଳରେ ଥିବା ୯ଟି ପ୍ରଧାନ ବନ୍ଦର ମଧ୍ୟରୁ ୫ଗୋଟି କଳିଙ୍ଗର ଉପକୂଳରେ ଅବସ୍ଥିତ ଥିଲା । ସେଗୁଡ଼ିକ ହେଲା :— ସପଟମା, କଣ୍ଡଗିଲଇ (ଗଣ୍ଡଶୈଳ), ପିଟୁଣ୍ଡ (ପିଥୁଣ୍ଡ), ପଲୌର (ପଲୁର-ଦନ୍ତପୁର), ଗଙ୍ଗେ (ଗଞ୍ଜାମ) ଓ ତାମଲିତି (ତାମ୍ରଲିପ୍ତି) । ଏଗୁଡ଼ିକ ମଧ୍ୟରେ 'ପଲୌର' ସର୍ବ ପ୍ରଧାନ ଥିଲା ଓ ଏହାର ଏକ ବିଶାଳ ପୋତାଶ୍ରୟ ରହିଥିଲା । ଏହି ପଲୌର ଓ ତାମ୍ରଲିପ୍ତି ବନ୍ଦରରୁ ଦକ୍ଷିଣ-ପୂର୍ବ ଏସିଆ ଅଭିମୁଖେ ସମୁଦ୍ର ଯାତ୍ରାକରିବା ସମ୍ଭବ ହେଉଥିଲା । ଆଜି ଓଡ଼ିଶାର

ଉପକୂଳରେ ଏହି ପଲୌରର ସ୍ଥାନ ନିରୂପଣ କରାଯାଇ ପାରି ନ ଥିଲେ ବି, ସେତେବେଳେ ଏହି ବନ୍ଦରକୁ କେନ୍ଦ୍ର କରି ଭୌଗୋଳିକ ଟଲେମି ପୂର୍ବାଞ୍ଚଳର ମାନଚିତ୍ର ଅଙ୍କନ କରିଥିଲେ । ପ୍ରସିଦ୍ଧ ଓଡ଼ିଆ ଐତିହାସିକ ନବୀନ କୁମାର ସାହୁ ଏହି ପୋତାଶ୍ରୟର ଅବସ୍ଥିତି ଋଷିକୁଲ୍ୟା ଓ ବଂଶଧାରା ନଦୀ ମଧ୍ୟବର୍ତ୍ତୀ ଅଞ୍ଚଳରେ ହୋଇପାରେ ବୋଲି ଉଲ୍ଲେଖ କରିଛନ୍ତି କିନ୍ତୁ ବଂଶଧାରା ନଦୀର ମୁହାଣ ଅଞ୍ଚଳରେ ଥିବା 'କଳିଙ୍ଗ ପଟନ'ଠାରୁ ଏକ ପ୍ରାଚୀନ ବୃହତ୍ ପୋତାଶ୍ରୟର ସମସ୍ତ ଲକ୍ଷଣ ରହିଛି ; ଏହାଛଡ଼ା ଏହି ମୁହାଣ ନିକଟରେ ଥିବା ବୌଦ୍ଧପୀଠ 'ଶାଳୀ ହୁଣ୍ଡମ୍'ର ଧ୍ୱଂସାବଶେଷକୁ ଲକ୍ଷ୍ୟ କଲେ, ଏଠାରେ ଯେ ଦିନେ ପଲୌର (ଦନ୍ତପୁର) ଅବସ୍ଥିତ ଥିଲା ଏପରି ବିଶ୍ୱାସ ମନକୁ ଆସିଥାଏ । ବୋଧହୁଏ ଏହି ଅଞ୍ଚଳରେ ଗଙ୍ଗବଂଶର ରାଜତ୍ୱ କାଳରେ ଏହା ରାଜଧାନୀ କଳିଙ୍ଗ ନଗର (ମୁଖଲିଙ୍ଗମ୍)ର ନିକଟବର୍ତ୍ତୀ ହୋଇଥିବାରୁ ଏହାର ନାମକରଣ 'କଳିଙ୍ଗ ପଟନ' କରାଯାଇଥିଲା । ଏହି ପ୍ରାଚୀନ ପଲୌର ବନ୍ଦରରୁ ନୌଯାତ୍ରା କରି କଳିଙ୍ଗର ନାବିକମାନେ ସୁଦୂର ବ୍ରହ୍ମଦେଶ, ଶ୍ୟାମ, ମାଳୟ ଓ ଇଣ୍ଡୋନେସିଆ ଅଞ୍ଚଳ ସହିତ ଯୋଗାଯୋଗ ପ୍ରତିଷ୍ଠା କରିବାରେ ସମଗ୍ର ପୂର୍ବ ଉପକୂଳରେ ଅଗ୍ରଣୀ ହୋଇ ପାରିଥିଲେ । ଏହି ସବୁ ଅଞ୍ଚଳର ଅଧିବାସୀମାନଙ୍କ ମଧ୍ୟରେ ପ୍ରଚଳିତ କେତେକ କିମ୍ବଦନ୍ତୀ ଓ ଲୋକକଥାରେ କଳିଙ୍ଗର ଲୋକେ ସେଠାରେ ପ୍ରଥମେ ପହଞ୍ଚି ଥିବାର ପ୍ରମାଣ ମିଳେ । ଚୀନ ଦେଶର ଐତିହାସିକମାନେ ମଧ୍ୟ ଏହି ଅଞ୍ଚଳରେ ପହଞ୍ଚିଥିବା ପ୍ରଥମ ଭାରତୀୟମାନଙ୍କୁ "କୁନ୍-ଲୁନ୍" ଆଖ୍ୟା ଦେଇଛନ୍ତି । ଚୀନ୍ ଦେଶର ତତ୍ କାଳୀନ ଐତିହାସିକ ବିବରଣୀରେ ବହୁସ୍ଥଳରେ କୁନ୍-ଲୁନ୍ (K'un-lun writing) କୁନ୍‌ଲୁନ୍ ଭାଷା ଓ କୁନ୍ ଲୁନ୍ ବଣିକମାନଙ୍କ ସଂପର୍କରେ ଉଲ୍ଲେଖ ରହିଛି । ଅର୍ଥାତ୍ ଏହିସବୁ ଅଞ୍ଚଳର ଭାଷା, ଲେଖା (Script) ଧର୍ମ ଓ ଆସ୍ତର ବ୍ୟବହାର ଇତ୍ୟାଦି ବହୁ ପରିମାଣରେ ଏହି 'କୁନ୍‌ଲୁନ୍' ନାବିକ ଓ ବଣିକ ମାନଙ୍କ ଦ୍ୱାରା ପ୍ରଭାବିତ ହୋଇଥିଲା । ଏହି କୁନ୍‌ଲୁନ୍ ଶବ୍ଦ କଳିଙ୍ଗର ଅଧିବାସୀମାନଙ୍କୁ' ପରିଷ୍କାର ବୁଝାଉ ଥିଲେ ମଧ୍ୟ, ୟୁରୋପୀୟ ଐତିହାସିକମାନେ କାହିଁକି ଯେ ଏହାକୁ "ସମସ୍ତ ଭାରତୀୟ ଓ ଭାରତୀୟ ସଂସ୍କୃତିର ପ୍ରତିଶବ୍ଦ" ରୂପେ ଗ୍ରହଣ କରିଛନ୍ତି, ତାହା ସହଜରେ ବୁଝି ହୁଏନାହିଁ । ଐତିହାସିକ ସିଲ୍‌ଭିଆନ୍ ଲେଭି (Sylvain Levi) ଏହାର ଅର୍ଥ 'ଦ୍ୱୀପାନ୍ତର' କରିଛନ୍ତି ଓ ନିକୋଲସ୍ ଜେ. କ୍ରୋମ (Nicholas J. krom) ଏହାକୁ ମାଳୟ ଅଞ୍ଚଳ ଅଧିବାସୀ ବୋଲି କହିଛନ୍ତି । ଅବଶ୍ୟ ଏ କଥା ସତ ଯେ ଇଣ୍ଡୋନେସିଆ ଓ ମାଳୟର ଅଧିକାଂଶ ଅଞ୍ଚଳରେ ଭାରତୀୟମାନଙ୍କୁ କ୍ଲିଙ୍ଗ୍ (କଳିଙ୍ଗର ଅଧିବାସୀ) କୁହାଯାଉ ଥିବାର ଅନେକ ପ୍ରମାଣ ଅଛି ; ଏପରିକି ଏ ଅଞ୍ଚଳର ହିନ୍ଦୁମାନଙ୍କୁ ଆଜି ପର୍ଯ୍ୟନ୍ତ ମଧ୍ୟ କ୍ଲିଙ୍ଗ୍ ସମ୍ବୋଧନ କରା ଯାଇଥାଏ । କଳିଙ୍ଗର ଅଧିବାସୀ ଏହି ଅଞ୍ଚଳରେ ପ୍ରଥମେ ପଦାର୍ପଣ କରିଥିବାରୁ ଓ ପରେ ଆସିଥିବା ଅନ୍ୟାନ୍ୟ ଭାରତୀୟ ନାବିକମାନଙ୍କର ସେମାନଙ୍କ ସହିତ ସାମଞ୍ଜସ୍ୟ ଥିବାରୁ ଦକ୍ଷିଣ-ପୂର୍ବ ଏସିଆର ମୂଳ ଅଧିବାସୀମାନେ ଭାରତୀୟମାନଙ୍କୁ କ୍ଲିଙ୍ଗ କହିବାର ଯଥାର୍ଥତା ରହିଛି । କିନ୍ତୁ ଚୀନ୍ ଦେଶର ଐତିହାସିକମାନେ ଯାହାକୁ 'କୁନ୍‌ଲୁନ୍' କହିଛନ୍ତି ସେମାନେ ନିଶ୍ଚିତ ଭାବରେ କଳିଙ୍ଗର ଲୋକ । ଦକ୍ଷିଣ-ପୂର୍ବ ଏସିଆର ଇତିହାସ ଓ ସଂସ୍କୃତି ବ୍ୟାପାରରେ ଦୀର୍ଘକାଳ ଧରି ଆଲୋଚନା କରି ଆସୁଥିବା ପ୍ରସିଦ୍ଧ ଫରାସୀ ଐତିହାସିକ ଜି. କୋଏଡ଼େସ୍ (G. coedes) ଙ୍କ ମତରେ ସମଗ୍ର ଦକ୍ଷିଣ-ପୂର୍ବ ଏସିଆର ବିଭିନ୍ନ ଅଞ୍ଚଳର ଭାଷା ଓ ଲିପି ଗୋଟିଏ ମୂଳ ଭାରତୀୟ ଭାଷା ଦ୍ୱାରା ପ୍ରଭାବିତ । ଏହି ମୂଳ ଭାଷାଟି ହିଁ 'କୁନ୍‌ଲୁନ୍' ବା କଳିଙ୍ଗର ଭାଷା । ତତ୍‌କାଳୀନ କଳିଙ୍ଗର ଭାଷା ଓ ଲିପି କ'ଣ ଥିଲା ନିର୍ଦ୍ଧାରଣ କରି ତା ସହିତ ଦକ୍ଷିଣ-ପୂର୍ବ ଏସଆର ଦେଶମାନଙ୍କର ଭାଷା ଓ ଲିପିର ସାମଞ୍ଜସ୍ୟ ପ୍ରମାଣ କରାଯାଇ ପାରିଲେ ଏ କ୍ଷେତ୍ରରେ ଐତିହାସିକମାନଙ୍କ ମଧ୍ୟରେ ଥିବା ବାଦାନୁବାଦର ଅବସାନ ହୋଇପାରିବ । ଏହା ସତ୍ତ୍ୱେ ଏହି ଅଞ୍ଚଳର ଦେଶମାନଙ୍କରେ କଳିଙ୍ଗର ଦୀର୍ଘ ଅତୀତର ସାଂସ୍କୃତିକ ପ୍ରଭାବ ଓ ଉପନିବେଶମାନଙ୍କ ସଂପର୍କରେ ଯେଉଁ ନିର୍ବିବାଦ ପ୍ରମାଣମାନ ଆଜି ମିଳୁଛି, ସେଥିରୁ ଅନ୍ୟ କେତୋଟି ଆଲୋଚନା କଲେ ଏହି ଅଞ୍ଚଳର ଯେ ଦିନେ କଳିଙ୍ଗର ଅଧିବାସୀମାନଙ୍କର ପ୍ରାଧାନ୍ୟ ରହିଥିଲା, ତାହା ନିଃସନ୍ଦେହରେ କୁହାଯାଇ ପାରେ ।

## ବ୍ରହ୍ମଦେଶରେ କଳିଙ୍ଗର ଉପନିବେଶ

ଗ୍ରୀକ୍ ଭୌଗୋଳିକ ଟଲେମିଙ୍କ ରଚନା ସଂପର୍କରେ ଆଲୋଚନା କରି ଐତିହାସିକ ଜେରିନି (G. E. Gerini) ଦୃଢ଼ ଭାବରେ ଘୋଷଣା କରିଛନ୍ତି ଯେ ଅଶୋକଙ୍କର କଳିଙ୍ଗ ଆକ୍ରମଣର ବହୁ ପୂର୍ବରୁ କଳିଙ୍ଗବାସୀ ଲୋକେ ବ୍ରହ୍ମଦେଶର ବିଭିନ୍ନ ଅଞ୍ଚଳରେ ଉପନିବେଶମାନ ସ୍ଥାପନ କରି ସାରିଥିଲେ । ଏହି ଐତିହାସିକଙ୍କ ଲେଖା ଅନୁଯାୟୀ ବ୍ରହ୍ମଦେଶର 'ପେଗୁ' ଉପକୂଳ କଳିଙ୍ଗ ଓ ତହିଁର ଉତ୍ତର-ପଶ୍ଚିମାଞ୍ଚଳ 'ଉତ୍କଳ' ନାମରେ ବହୁକାଳରୁ ପରିଚିତ ଥିଲା । ଏହି ବ୍ୟାପାରରେ ଆହୁରି କେତେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମଧ୍ୟ ଚୀନ ଦେଶର ଇତିହାସ, ବୌଦ୍ଧ ଜାତକ ଓ ଅନ୍ୟାନ୍ୟ ଐତିହାସିକମାନଙ୍କ ବିବରଣୀରୁ ମିଳିଥାଏ । ବ୍ରହ୍ମଦେଶର କେତେକ ପରମ୍ପରା ଅନୁସରଣ କରି ଅଧ୍ୟାପକ ସ୍କଟ୍ (Scott) ଏକ ସିଦ୍ଧାନ୍ତରେ ଉପନୀତ ହୋଇଛନ୍ତି ଯେ ଖ୍ରୀ: ପୂ: ୫୪୩ରେ ତେଲଙ୍ଗ ବା ତୈଲଙ୍ଗମାନେ ବ୍ରହ୍ମଦେଶର ଦକ୍ଷିଣ ଅଞ୍ଚଳରେ 'ଥାଟନ୍' ରାଜ୍ୟ ସ୍ଥାପନ କରିଥିଲେ । ଏହି ତେଲଙ୍ଗମାନେ ଯେ କଳିଙ୍ଗର ଦକ୍ଷିଣାଞ୍ଚଳର ଅଧିବାସୀ ଏଥିରେ ସନ୍ଦେହର ଅବକାଶ ନାହିଁ । ଖ୍ରୀଷ୍ଟୀୟ ପ୍ରଥମ ଶତାବ୍ଦୀ ବେଳକୁ ଏଇ 'ଥାଟନ୍' ରାଜ୍ୟ, ଭାରତ ତଥା ରୋମ ସାମ୍ରାଜ୍ୟର ପୂର୍ବାଞ୍ଚଳରେ ଥିବା ରାଜ୍ୟଗୁଡ଼ିକ ସହିତ ବାଣିଜ୍ୟ ସଂପର୍କ ରକ୍ଷା କରି ପାରିଥିଲା । ଖ୍ରୀଷ୍ଟୀୟ ତୃତୀୟ ଶତାବ୍ଦୀରେ ଆସିଥିବା ଚୀନ ପରିବ୍ରାଜକ 'କାଙ୍ଗ-ତାଇ' (Kang-tai) ଥାଟନ ଅଞ୍ଚଳର ସମସ୍ତ ଅଧିବାସୀଙ୍କୁ ବୁଦ୍ଧଙ୍କର ଉପାସକ ବୋଲି ବର୍ଣ୍ଣନା କରିଛନ୍ତି । ଏହି ତେଲଙ୍ଗମାନେ ଖ୍ରୀଷ୍ଟୀୟ ପଞ୍ଚମ ଓ ଷଷ୍ଠ ଶତାବ୍ଦୀ ଆଡ଼କୁ ବ୍ରହ୍ମଦେଶରେ ବିଶେଷ ପ୍ରଭାବଶାଳୀ ହୋଇ ପାରିଥିଲେ । ଏମାନଙ୍କୁ ମନ (Mon) ବଂଶୀୟ ଲୋକ କହିବା ସଙ୍ଗେ ସଙ୍ଗେ ବ୍ରହ୍ମ ଦେଶର ଏକ ସଭ୍ୟ ଜନଜାତି ରୂପେ ଗଣନା କରାଯାଏ । ଫରାସୀ ଐତିହାସିକ କୋଏଡ଼େସ୍ (Coedes) ଏହି ଅଧିବାସୀଙ୍କୁ 'ଓଡ଼ିଶାର ଲୋକ' କହିବା ସଙ୍ଗେ ସଙ୍ଗେ ଏକଦା ସେମାନେ ବର୍ତ୍ତମାନର 'ଥାଟନ' ସ୍ଥାନରେ 'ସୁଧର୍ମାବତୀ' ନାମକ ଏକ ପ୍ରଧାନ ଉପନିବେଶ ପ୍ରତିଷ୍ଠା କରିଥିବା ସୂଚାଉଛନ୍ତି । ଖ୍ରୀ: ଅ: ୫୭୩ରେ ଏହି 'ମନ୍' ମାନେ 'ରମଣ୍ୟଦେଶ' ନାମକ ରାଜ୍ୟ ସ୍ଥାପନ କରିଥିଲେ ।

ଏହାର ରାଜଧାନୀର ନାମ "ହଂସବତୀ" (ବର୍ତ୍ତମାନର ପେଗୁ) ରହିଥିଲା । ଏହି ହଂସବତୀ ନଗରୀ ଏକ ସମୟରେ ଉଷା (Ussa) ନାମରେ ମଧ୍ୟ ପରିଚିତ ହୋଇଥିଲା ।

ତେଲଙ୍ଗ (ମନ୍) ମାନଙ୍କର 'ରମଣ୍ୟ ଦେଶ'ର ଉତ୍ତର ପଶ୍ଚିମକୁ 'ପ୍ୟୁ' ଜାତିର ଲୋକଙ୍କର ରାଜ୍ୟ ଥିଲା । ଚୀନାମାନେ ସେମାନଙ୍କୁ ପିଆଓ (Piao) କହିଥିବାରୁ ପରବର୍ତ୍ତୀ କାଳରେ ସେମାନେ 'ପ୍ୟୁ' ନାମରେ ପରିଚିତ । ଚୀନ ପରିବ୍ରାଜକ ହୁଏନ୍-ସାଙ୍ଗ (Hsuan-stang) ଓ ଇଚିଙ୍ଗ (I-ching) 'ପ୍ୟୁ' ମାନଙ୍କର ରାଜ୍ୟକୁ 'ସେ-ଲି-ଚା-ଟା-ଲୋ' ବା ଶ୍ରୀକ୍ଷେତ୍ର (ବର୍ତ୍ତମାନର ପ୍ରୋମ୍) ବୋଲି କହିଛନ୍ତି । ଏହି 'ପ୍ୟୁ' ମାନେ କେଉଁ ଅଞ୍ଚଳରୁ ଆସିଥିଲେ ତାହା ନିଶ୍ଚିତରୂପେ ଜଣା ପଡ଼ିନଥିଲେ ମଧ୍ୟ ସେମାନଙ୍କୁ ତୀବ୍ବତୀୟମାନଙ୍କ ବଂଶଧର ବୋଲି କେତେକ ଐତିହାସିକ ଗ୍ରହଣ କରିଛନ୍ତି । କିନ୍ତୁ ଯେଉଁ ଜାତି ନିଜ ରାଜ୍ୟର ନାମ ଶ୍ରୀକ୍ଷେତ୍ର ରଖିଲା, ଏହାଛଡ଼ା ଯେଉଁ ସ୍ଥାନ କ୍ରମେ 'ପ୍ରୋମ' (ପୁରୁଷୋତ୍ତମ ର ଅପଭ୍ରଂଶ) ନାମରେ ପରିଚିତ ହେଲା, ସେମାନେ ଉତ୍କଳର ଲୋକ ନହୋଇ ତୀବ୍ବତୀୟ ହେବେ କିପରି ? ଏଇ ଅଧିବାସୀମାନଙ୍କର ଯେ ଉତ୍କଳ ସହିତ ସଂପର୍କ ରହିଥିଲା—ତାହାକୁ ଗୁରୁତ୍ୱ ଦେବା ପାଇଁ ଫରାସୀ ଐତିହାସିକ କୋଏଡ଼େସ (Coedes) ନିମ୍ନୋକ୍ତ ଉକ୍ତି ପ୍ରକାଶ କରିଛନ୍ତି ।

"......the use of the term ussa (odra, i. e., Orissa ) for pega and Srikshetra (i. e. Puri) as an old name for prome in Burma certainly indicates a relationship between these states and Orissa".

ପ୍ୟୁ ମାନଙ୍କର ରାଜ୍ୟରେ ଥେରବାଦ ବୌଦ୍ଧଧର୍ମ ପ୍ରଚଳିତ ଥିଲା ଓ ସେଠାକାର ଶିକ୍ଷାଳୟମାନଙ୍କରେ ପାଲି ଭାଷାର ଶିକ୍ଷା ଦିଆଯାଉଥିଲା । ୧୮୯୭ ଖ୍ରୀ: ଅ: ରେ ପ୍ରୋମ୍ ନିକଟସ୍ଥ ଗ୍ରାମରୁ ଯେଉଁ ଅଭିଲେଖ ବାହାରିଛି, ସେହି ଧରଣର ଲିପି ସେକାଳର ଭାରତର କେତେକ ଅଞ୍ଚଳରେ ପ୍ରଚଳିତ ଥିବା ଜଣାପଡ଼େ । ବୌଦ୍ଧ ଧର୍ମ ସହିତ ଶୈବ ଓ ବୈଷ୍ଣବ ଧର୍ମ ମଧ୍ୟ ବ୍ରହ୍ମଦେଶର ଶ୍ରୀକ୍ଷେତ୍ର ଓ ତେଲାଙ୍ଗ ଅଞ୍ଚଳରେ ପ୍ରଚଳିତ ଥିଲା । ପାଗାନ୍ ଠାରେ ବିଷ୍ଣୁଙ୍କର ଯେଉଁ ମନ୍ଦିର ଆବିଷ୍କୃତ ହୋଇଛି, ତାହାର ଗାତ୍ରରେ ଦଶ ଅବତାର ଚିତ୍ର ଖୋଦନ କରାଯାଇଥିବାର ପ୍ରମାଣ ମିଳେ । ବର୍ମୀୟମାନେ କ୍ରମେ ପ୍ୟୁ ମାନଙ୍କର ରାଜ୍ୟ ଜୟକରି ସେମାନଙ୍କୁ ନିଜ ସଂସ୍କୃତିରେ ମିଶାଇ ଦେଇଥିଲେ । ୧୦୫୭ ଖ୍ରୀ:ଅ: ରେ ବର୍ମୀୟ ମାନେ ତେଲାଙ୍ଗ ରାଜ୍ୟ ଅଧିକାର କରିବାରୁ ମନ୍ ମାନେ ବହୁସଂଖ୍ୟାରେ ପଳାଇ ଯାଇ 'ଶ୍ୟାମ' ରାଜ୍ୟରେ ଆଶ୍ରୟ ନେଇଥିଲେ । ଆଜି ବର୍ମୀୟ-ମାନଙ୍କ ସଂସ୍କୃତିରେ ଏହି ମନ୍ ଓ ପ୍ୟୁ ମାନଙ୍କ ସଭ୍ୟତାର ବହୁ ପ୍ରଭାବ ପରିଲକ୍ଷିତ ହୋଇଥାଏ ।

## ଶ୍ୟାମ ଦେଶରେ କଳିଙ୍ଗର ଉପନିବେଶ

ଥାଇଲ୍ୟାଣ୍ଡର ପ୍ରାଚୀନ ନାମ ଶ୍ୟାମ । ଆଜି ସେ ଦେଶର ଲୋକଙ୍କର ଜୀବନ ଯାପନ ପ୍ରଣାଳୀ ଲକ୍ଷ କଲେ ସେଥିରେ ଭାରତୀୟ ଧର୍ମ ଓ ସଂସ୍କୃତିର ଏକ ବଳିଷ୍ଠ ପ୍ରଭାବ ଦେଖିବାକୁ ମିଳିଥାଏ । ଏହି ପ୍ରଭାବର କେତେକ ଉପାଦାନ ଯେ କଳିଙ୍ଗ ତଥା ଉତ୍କଳରୁ ଯାଇଛି, ଏଥିରେ ତିଳେମାତ୍ର ସନ୍ଦେହ ନାହିଁ । ତଥାପି ଐତିହାସିକମାନେ ଏ ପର୍ଯ୍ୟନ୍ତ ଏ ବ୍ୟାପାରରେ କୌଣସି ନିଶ୍ଚିତ ପ୍ରମାଣ ଉପସ୍ଥାପିତ କରି ପାରି ନାହାନ୍ତି । ଚୀନ ପରିବ୍ରାଜକ ହୁଏନ୍‌ସାଂଙ୍କ ବିବରଣୀରୁ ଜଣାଯାଏ ଯେ 'ତୋ-ଲୋ-ପୋ-ତି' ନାମକ ରାଜ୍ୟ ସପ୍ତମ ଶତାବ୍ଦୀର ମଧ୍ୟଭାଗରେ ପଶ୍ଚିମରେ ଶ୍ରୀକ୍ଷେତ୍ର (ବ୍ରହ୍ମଦେଶ) ଠାରୁ ପୂର୍ବରେ ଇଶାନପୁର (କାମ୍ବୋଡ଼ିଆ) ପର୍ଯ୍ୟନ୍ତ ଶ୍ୟାମ ଦେଶରେ ବିସ୍ତୃତ ଲାଭ କରିଥିଲା । ଏହି 'ତୋଲୋପୋତି' ଶ୍ୟାମଦେଶର ଏକ ପ୍ରାଚୀନ ରାଜଧାନୀ 'ଦ୍ୱାରାବତୀ' ବୋଲି ସେ ଦେଶର ଐତିହାସିକମାନେ ଏକ ସିଦ୍ଧାନ୍ତରେ ପହଞ୍ଚିଛନ୍ତି । ପରବର୍ତ୍ତୀ କାଳରେ ଯେଉଁ ସ୍ଥାନରେ ରାଜଧାନୀ 'ଅଯୋଧ୍ୟା' (Ayuthaya) ଖ୍ରୀ: ଅ: ୧୩୫୦ରେ ଅବସ୍ଥାପିତ ହୋଇଥିଲା, ଏକଦା ସେହି ଅଞ୍ଚଳରେ ଏହି 'ଦ୍ୱାରାବତୀ ନଗରୀ ଥିଲା ବୋଲି ପ୍ରମାଣ ମିଳୁଛି । ଏହି ଦ୍ୱାରାବତୀ ନଗରୀ ସଂପର୍କରେ ବିଶେଷ କିଛି ଜଣା ନପଡ଼ିଥିଲେ ମଧ୍ୟ ଫ୍ରା ପାଥମ୍ (Phra pathom) ଓ ଲୋପ୍‌ବୁରୀ (Lopburi) ଅଞ୍ଚଳରୁ ପ୍ରାଚୀନ ମନ୍ (Mon) ଭାଷାରେ ମିଳୁଥିବା ଅଭିଲେଖରୁ ଏହାର ଅଧିବାସୀମାନେ ପ୍ରଧାନତଃ 'ରମନ୍' ଥିଲେ ବୋଲି ଜଣାଯାଉଛି । ଏହା ବ୍ୟତୀତ ଏକ ଲୋକ କଥାରୁ ଜଣାଯାଏ ଯେ ଚମ୍ମାଦେବୀ (Chamma Devi) ନାମକ ରାଣୀଙ୍କ ନେତୃତ୍ୱରେ ଲୋପବୁରୀରୁ ଦଳେ ଅଧିବାସୀ ପଳାଇ ଆସି ହରିପୁଞ୍ଜୟ (Haripunjaya) ନାମକ ନଗରୀ ସ୍ଥାପନ କରିଥିଲେ । ଦ୍ୱାଦଶ ଶତାବ୍ଦୀରେ ଏହି ବଂଶ ହରିପୁଞ୍ଜୟରେ ରାଜତ୍ୱ କରିଥିବାର ପ୍ରମାଣ ସ୍ୱରୂପ ମନ୍ ଭାଷାରେ ଅନେକ ଅଭିଲେଖ ମଧ୍ୟ ମିଳିଛି । ବ୍ରହ୍ମଦେଶର ଇତିହାସରେ ଏହି ମନ୍ ମାନଙ୍କୁ କଳିଙ୍ଗରୁ ଆସିଥିବା 'ତେଲଙ୍ଗ' ଓ 'ମନ୍-ଖେର' ଜାତିର ସମ୍ମିଶ୍ରଣରେ ଗଢି ଉଠିଥିବା ସଭ୍ୟତାର ଦାୟଦ ରୂପେ ଗ୍ରହଣ କରାଯାଇଛି । ଏହି କଳିଙ୍ଗବାସୀଙ୍କ ବଂଶଧର ତଥା 'ମନ୍' ସଭ୍ୟତାର ଦାୟଦମାନେ ବର୍ମୀୟ-ମାନଙ୍କ ଚାପରେ କ୍ରମେ କ୍ରମେ ଆସି ଶ୍ୟାମ ଦେଶରେ ବସତି ସ୍ଥାପନ କରିଛନ୍ତି ଓ ସେମାନଙ୍କ ଦ୍ୱାରା ଦ୍ୱାରାବତୀ ରାଜ୍ୟ ଓ ହରିପୁଞ୍ଜୟ ନଗର ପ୍ରତିଷ୍ଠିତ ହୋଇଛି । ଶ୍ୟାମର 'ପୋଙ୍ଗ୍‌ତୁକ୍' ଠାରେ ଭୂଗର୍ଭରୁ ମିଳିଥିବା ବ୍ରଞ୍ଜ ନିର୍ମିତ ବୌଦ୍ଧ ମୂର୍ତ୍ତି ଓ ଚୈତ୍ୟର ଭଗ୍ନାବଶେଷ, ସେହି ଅଞ୍ଚଳରେ ପ୍ରଥମ ଓ ଦ୍ୱିତୀୟ ଶତାବ୍ଦୀରେ ଏକ ଭାରତୀୟ ଉପନିବେଶ ଗଢି ଉଠି ଥିବାର ସୂଚନା ଦିଏ । ଏହି ଉପନିବେଶ ୬ଷ୍ଠ ଶତାବ୍ଦୀରେ ଦ୍ୱାରାବତୀ ରାଜ୍ୟର ଅନ୍ତର୍ଗତ ହୋଇଥିବା ଜଣା ଯାଉଛି । କିନ୍ତୁ ପ୍ରଥମ ଓ ଦ୍ୱିତୀୟ ଶତାବ୍ଦୀରେ ଶ୍ୟାମ ଦେଶରେ ଏହି ପ୍ରାଚୀନ ଉପନିବେଶ କେଉଁ ଭାରତୀୟମାନେ ଗଢିଥିଲେ, ତାହା ଏ ପର୍ଯ୍ୟନ୍ତ ଜଣା ଯାଇନାହିଁ । ଏହା ସତ୍ତ୍ୱେ ସେମାନଙ୍କର କଳା ଓ ସ୍ଥାପତ୍ୟ ଉପରେ ଆଲୋଚନା କରି ଅଧ୍ୟାପକ ନିଳକଣ୍ଠ ଶାସ୍ତ୍ରୀ ସେମାନଙ୍କୁ ଭାରତର ପୂର୍ବ ଉପକୂଳର ଅଧିବାସୀ ବୋଲି ମତ ପ୍ରକାଶ କରିଛନ୍ତି । ତେଣୁ ସେମାନେ କଳିଙ୍ଗର ଅଧିବାସୀ ହୋଇଥିବା ସମ୍ଭାବନାକୁ ଏଡ଼ାଇ ଦେଇ ହେବ ନାହିଁ । କିନ୍ତୁ କଳିଙ୍ଗ ସଭ୍ୟତାର ବାହକ ଅର୍ଥାତ୍ ବ୍ରହ୍ମଦେଶର 'ତେଲଙ୍ଗ' ଓ 'ମନଖେର' ଜାତିର ସାଂସ୍କୃତିକ ଦାୟଦ 'ମନ୍' ମାନେ ଯେ ଦିନେ ଶ୍ୟାମ ଦେଶରେ ପ୍ରଭାବଶାଳୀ ହୋଇ ସେଠାରେ ବୌଦ୍ଧ, ବ୍ରାହ୍ମଣ୍ୟ ଓ ହିନ୍ଦୁ ସଂସ୍କୃତିର ପ୍ରସାର କରିଥିଲେ, ଏଥିରେ କୌଣସି ସନ୍ଦେହ ନାହିଁ ।

ଚୀନ୍ ଦେଶର ମୋଗଲ ସମ୍ରାଟ କୁବ୍‌ଲ ଖାଁ ୧୨୫୩ ଖ୍ରୀଷ୍ଟାବ୍ଦରେ 'ୟୁନାନ୍' ଅଞ୍ଚଳ ଆକ୍ରମଣ କରି ସେଠାରୁ ଥାଇ

ଜାତିକୁ ଚଳିଦେଇଥିଲେ । ବିଭିନ୍ନ ଗୋଷ୍ଠୀର ଥାଇଜାତି କ୍ରମେ କ୍ରମେ ଭିନ୍ନ ଭିନ୍ନ ଦେଶକୁ ଯାଇ ସେଠାରେ ବସତି ସ୍ଥାପନ କରିଥିଲେ । ସେମାନଙ୍କ ମଧ୍ୟରୁ ଗୋଟିଏ ଥାଇ ଗୋଷ୍ଠୀ ଶ୍ୟାମ ଓ ଲାଓସ ଯାଇ କେତୋଟି ରାଜ୍ୟ ପ୍ରତିଷ୍ଠା କରିଥିଲେ । ଏହି ରାଜ୍ୟମାନଙ୍କ ମଧ୍ୟରୁ କେତେକ ମଧ୍ୟ ଯୁଗର ଶେଷ-ଭାଗରେ ଶକ୍ତିଶାଳୀ ରାଜ୍ୟରୂପେ ସମଗ୍ର ଦକ୍ଷିଣ-ପୂର୍ବ ଏସିଆରେ ପ୍ରସିଦ୍ଧି ଲାଭ କରିଥିଲା । ଥାଇଲଣ୍ଡରୁ ମିଳୁଥିବା କେତେକ ଅଭିଲେଖରୁ ଜଣାଯାଇଛି ଯେ ତ୍ରୟୋଦଶ ଶତାବ୍ଦୀର ଶେଷଭାଗରେ 'ରାଜା ରାମ କାମେ ହାଏଙ୍ଗ' 'ସୁଖୋଥାଇ' (ସୁଖୋଦୟ) ଅଞ୍ଚଳରେ ରାଜତ୍ୱ କରୁଥିଲେ । ତ୍ରୟୋଦଶ ଶତାବ୍ଦୀର ମଧ୍ୟ-ଭାଗ ପର୍ଯ୍ୟନ୍ତ 'ହରିପୁଞ୍ଜୟ'ରେ ରାଜତ୍ୱ କରୁଥିବା 'ମନ୍' ରାଜାଙ୍କୁ ଏହି ଥାଇଶକ୍ତି ହିଁ ପରାଜିତ କରି ଏହି ଅଞ୍ଚଳକୁ ନିୟନ୍ତ୍ରଣା-ଧୀନ କରିଥିଲେ । 'ସୁଖୋଥାଇ' ରାଜବଂଶର ସମ୍ରାଟମାନେ ବୌଦ୍ଧଧର୍ମାବଲମ୍ବୀ ହେଲେ | ମଧ୍ୟ ହିନ୍ଦୁଧର୍ମର ଆଦର୍ଶକୁ ଅନେକାଂଶରେ ଗ୍ରହଣ କରିଛନ୍ତି । ନିଜକୁ 'ରାମ' ଙ୍କର ଅବତାର ବୋଲାଇବା, ରାମାୟଣ ରଚନା କରିବା ଓ ପରବର୍ତ୍ତୀ କାଳରେ 'ମନ୍' ମାନଙ୍କର ପୁରାତନ ରାଜଧାନୀ 'ଦ୍ୱାରାବତୀ' କୁ ନିଜର ରାଜଧାନୀ ରଚାଇ ନେଇ ତା'ର ନାମ 'ଅଯୋଧ୍ୟା' ଦେବା ଇତ୍ୟାଦି ଥାଇ ନରପତିମାନଙ୍କର କାର୍ଯ୍ୟକଳାପ ଲକ୍ଷ୍ୟ କଲେ, ସେମାନଙ୍କ ଉପରେ ହିନ୍ଦୁଧର୍ମର ପ୍ରଭାବ ଯେ ଅଧିକ ଥିଲା, ତାହା ଅସ୍ୱୀକାର କରାଯାଇ ପାରିବ ନାହିଁ । ଐତିହାସିକ କୋଏଡେସ୍‌ଙ୍କ ମତରେ ସଖୋଥାଇର ନରପତିମାନେ ମନ୍‌ଜାତି ଓ ବର୍ମୀୟମାନଙ୍କ ଦ୍ୱାରା ବହୁଭାବରେ ପ୍ରଭାବିତ ହୋଇଥିଲେ । ଆଜି ଥାଇଲ୍ୟାଣ୍ଡର ସାମାଜିକ ରୀତି ନୀତି ଓ ପର୍ବ ପର୍ବାଣୀକୁ ଲକ୍ଷ୍ୟ କଲେ କେତେକ ଉତ୍କଳୀୟ ରୀତି ନିଶ୍ଚିତ ଭାବରେ ଦେଖିବାକୁ ମିଳେ । ଏ ଭଳି ପର୍ବ ପର୍ବାଣୀ ପାଳନ ସୁଖୋଥାଇର ରାଜବଂଶ ମନ୍‌ମାନଙ୍କଠାରୁ ଶିଖିଥିଲେ କି ସିଧାସଳଖ ଉତ୍କଳରୁ ଗ୍ରହଣ କରିଥିଲେ, ସେ ବ୍ୟାପାରରେ ଏ ପର୍ଯ୍ୟନ୍ତ କିଛି ଜଣାଯାଇ ନାହିଁ । ଥାଇ ଇତିହାସ ଆଲୋଚନା କରିଥିବା ଐତିହାସିକମାନେ ଏ ସଂପର୍କରେ ଆଲୋକପାତ କରି ନାହାନ୍ତି ।

ଏହି ଲେଖକ ଗତ ୧୫ ବର୍ଷ ଭିତରେ ଦୁଇଥର ଥାଇଲ୍ୟାଣ୍ଡ ଯିବାର ସୁବିଧା ପାଇଥିଲୁ । ଏହାଛଡା କେତେକ ଥାଇବନ୍ଧୁଙ୍କ ଗହଣରେ ବର୍ଷାଧିକ କାଳ ଅତିବାହିତ କରି ଉତ୍କଳର ପର୍ବ-ପାଳନ ରୀତି ସହିତ ପୂର୍ଣ୍ଣସାମଞ୍ଜସ୍ୟ ରହିଥିବା ସେ ଦେଶର ଦୁଇଟି ପ୍ରଧାନ ପର୍ବ ସଂପର୍କରେ ନିମ୍ନୋକ୍ତ ରୂପେ ଅବଗତ ହୋଇଥିଲୁ ।

ପ୍ରଥମ ପର୍ବଟି ହେଲା ଆମରାଜ୍ୟରେ ପାଳିତ ହେଉଥିବା 'ଅକ୍ଷୟ ତୃତୀୟା' ଭଳି ସେ ଦେଶର କୃଷକମାନଙ୍କର ଏକ ବାର୍ଷିକ ଉତ୍ସବ । ସମ୍ରାଟ ଏହି ପର୍ବରେ ନିଜେ ଲଙ୍ଗଳ ଧରି ଚାଷକାର୍ଯ୍ୟ କରୁଥିବାରୁ ଏହାକୁ ରାଜକୀୟ ଚାଷ ଉତ୍ସବ (Royal ploughing Ceremony) ବୋଲି କୁହା-ଯାଇଥାଏ । ପର୍ବ ପାଳନର ବହୁ ପୂର୍ବରୁ ରାଜାଙ୍କର ବ୍ରାହ୍ମଣ ପୁରୋହିତ ଏଥିପାଇଁ ଦିନ ସ୍ଥିର କରିଥାନ୍ତି । (ଥାଇ ମାନେ ବୌଦ୍ଧଧର୍ମାବଲମ୍ବୀ ହେଲେ ମଧ୍ୟ ସେଠାରେ ପାଳିହୁଡା ବୌଦ୍ଧଧର୍ମାବଲମ୍ବୀ ବ୍ରାହ୍ମଣ ଅଛନ୍ତି ଓ ସେମାନେ ମଧ୍ୟ ଉପବୀତ ଧାରଣ କରନ୍ତି) । ସାଧାରଣତଃ ଏପ୍ରିଲମାସ ଶେଷ କିମ୍ବା 'ମେ' ମାସ ପ୍ରଥମ ସପ୍ତାହରେ ଏହି ରାଜକୀୟ ଚାଷ ଉତ୍ସବଟି



ପାଳନ କରାଯାଏ । (ଆମ ଓଡ଼ିଶାରେ ଅକ୍ଷୟ ତୃତୀୟା ପର୍ବ ଠିକ୍ ଏଇ ସମୟ ଭିତରେ ପଡେ) । ଏହି ପର୍ବ ପୂର୍ବରୁ ରାଜାଙ୍କ ପାଇଁ ଦୁଇଟି 'ସୁଲକ୍ଷଣ' ବଳଦ ଓ ନାନା କାରୁକାର୍ଯ୍ୟ ଶୋଭିତ ଲଙ୍ଗଳଟିଏ ପ୍ରସ୍ତୁତ ରଖାଯାଇଥାଏ । ବଳଦ ଦୁଇଟିକୁ ଫୁଲ ମାଳ ପିନ୍ଧାଇବା ସଙ୍ଗେ ସଙ୍ଗେ ସେମାନଙ୍କ ମୁଣ୍ଡ ଓ ଦେହରେ ନାନା ପ୍ରକାର ଚିତ୍ର ଆଙ୍କି ଦିଆଯାଏ । ଶ୍ୱେତ ବସ୍ତ୍ର ପରିହିତ ପାରିଷଦ ବୌଦ୍ଧଧର୍ମଗୁରୁ ଓ ବ୍ରାହ୍ମଣ ପୁରୋହିତଙ୍କ ଗହଣରେ ସମ୍ରାଟ ଲଙ୍ଗଳରେ ଚାଷ କରନ୍ତି । ବୌଦ୍ଧଧର୍ମଗୁରୁ ଧାନ ବିହନକୁ ଆଶୀର୍ବାଦ କରିବା ପରେ ତାହା ବୁଣି ଦିଆଯାଏ । ହଜାର ହଜାର କୃଷକ ଦୀର୍ଘ ସମୟଧରି ଠିଆହୋଇ ଏହି ପର୍ବ ପାଳନ ଦେଖନ୍ତି । ପର୍ବରେ ବ୍ୟବହୃତ ହେଉଥିବା ଧଳାବଳଦକୁ "ବ୍ରାହ୍ମଣ ବଳଦ" (Brahman Bull) ଓ ପାଳନ ରୀତିକୁ 'ବ୍ରାହ୍ମଣ ରୀତି' ବୋଲି କୁହାଯାଇଥାଏ । ଥାଇଭାଷାରେ ଠିକ୍ ଆମଭାଷା ପରି 'ପୁରୋହିତ' ଶବ୍ଦ ରହିଛି ଓ ଏହି ବୌଦ୍ଧ-ବ୍ରାହ୍ମଣ ପୁରୋହିତ ସମାଜରେ ଯଥେଷ୍ଟ ସମ୍ମାନ ପାଇଥାଏ । ରାଜକୀୟ ଚାଷ ଉତ୍ସବଟି ନିର୍ବିଘ୍ନରେ ପାଳିତ ହେଲେ, ଆଗାମୀ ବର୍ଷରେ ଦେଶର କୃଷିକର୍ମ ସଫଳ ହେବ ବୋଲି ମତ ପୋଷଣ କରାଯାଏ । ଏହି ପର୍ବଦିନଟିକୁ ଜାତୀୟ ଛୁଟି ଦିବସ ରୂପେ ସେ ଦେଶରେ ଗ୍ରହଣ କରାଯାଏ ।

ଆମ ପର୍ବ ପର୍ବାଣୀ ସହିତ ସାମଞ୍ଜସ୍ୟ ଥିବା ଥାଇଲ୍ୟାଣ୍ଡର ଦ୍ୱିତୀୟ ପର୍ବ ହେଲା 'ଲଇକ୍ରାଥଂ' (Loi Krathong). ସେ ଦେଶର କେହି କେହି ଏହାକୁ 'ଆଲୋକ ଉତ୍ସବ' କିମ୍ବା ଜଳଦେବୀ (Mother Water) ଙ୍କ ଉତ୍ସବ ମଧ୍ୟ କହିଥାନ୍ତି । ଏହି ପର୍ବ ସାଧାରଣତଃ ନଭେମ୍ବର ମାସରେ ପଡୁଥିବା ପୂର୍ଣ୍ଣିମା ଦିନ (କାର୍ତ୍ତିକ ପୂର୍ଣ୍ଣିମା) ପାଳନ କରାଯାଏ । କଦଳୀ ବାହୁଙ୍ଗା କିମ୍ବା ପଦ୍ମ ପତ୍ରରେ ଗୋଟିଏ ଡଙ୍ଗା ବା ପାତ୍ର ତିଆରି କରି ତାକୁ ଫୁଲରେ ସଜାଇ ଦିଆଯାଏ ଓ ସେଥିରେ ମହମବତୀ ଓ ଧୂପକାଠି ଜଳାଇ ନଈ, ନାଳ, ପୋଖରୀ ଓ କେନାଲ ଇତ୍ୟାଦିରେ ଭସାଇ ଦିଆଯାଏ । ସୁନ୍ଦରୀ ସୁବେଶିତା ଥାଇ ରମଣୀମାନେ ପ୍ରତ୍ୟେକ ସହର ଓ ଗ୍ରାମ ନିକଟସ୍ଥ ନଦୀ କିମ୍ବା କେନାଲ କୂଳରେ ବହୁ ଆଡମ୍ବରରେ ଏହି ପର୍ବ ପାଳନ କରିଥାନ୍ତି । ଏହି ପର୍ବ ପାଳନ କଲେ ଜଳପଥର ଦେବୀ 'ମାଏ ଖୋଙ୍ଗଖା' (ମାଖୋଙ୍ଗଖା) ସନ୍ତୁଷ୍ଟ ହୁଅନ୍ତି ବୋଲି ସେ ଦେଶର ଲୋକେ ବିଶ୍ୱାସ କରନ୍ତି ।



ଆମ ରାଜ୍ୟର କାର୍ତ୍ତିକ ପୂର୍ଣ୍ଣିମାର ବୋଇତ ବନ୍ଦାଣ ପର୍ବ ସହିତ ଏହାର ଏତେ ସାମଞ୍ଜସ୍ୟ ଥିବାରୁ ଏହି ଲେଖକ ଏ ବ୍ୟାପାରରେ ଅଧିକ ଅନୁସନ୍ଧାନ କରିଥିଲା । ସେଥିରୁ ଜଣାଗଲା ପ୍ରାୟ ୭୦୦ ବର୍ଷ ପୂର୍ବେ ତ୍ରୟୋଦଶ ଶତାବ୍ଦୀରେ 'ସୁଖୋଥାଇ' ର ଜଣେ ସଂଭ୍ରାନ୍ତ ମହିଳା (ରାଜବଂଶୀୟ ନାରୀ) ପ୍ରଥମେ ଫୁଲରେ ଏକ ଆଲୋକ ବର୍ତ୍ତିକା ତିଆରି କରି ନଦୀରେ ଭସାଇ ଏହି ପର୍ବ ପାଳନ କରିଥିଲେ । ଏହି ମହିଳାଙ୍କର ନାମ 'ନୋଫାବତ୍' ଓ ଥାଇଲ୍ୟାଣ୍ଡର ଗାଁ ଗହଳର ଲୋକେ ଏହି ନାମ ସହିତ ସୁପରିଚିତ । ପ୍ରଥମେ ଏହି ପର୍ବ କେବଳ 'ସୁଖୋଥାଇ' ଓ "ଚିଆଙ୍ଗ ମାଇ" ସହରରେ ପାଳିତ ହେଉଥିଲେ ସୁଦ୍ଧା କାଳକ୍ରମେ ଏହା ସମଗ୍ର ଥାଇଲ୍ୟାଣ୍ଡର ଗାଁ ଗହଳକୁ ବ୍ୟାପୀ ଯାଇଛି । ଆମ ରାଜ୍ୟରେ କାର୍ତ୍ତିକ ପୂର୍ଣ୍ଣିମାରେ ପାଳନ କରାଯାଉଥିବା ବୋଇତ ବନ୍ଦାଣ ପର୍ବ କଳିଙ୍ଗରେ କେବେ ଆରମ୍ଭ ହୋଇଥିଲା, ସେ ସଂପର୍କରେ କୌଣସି ଐତିହାସିକ ତଥ୍ୟ ଆମ ନିକଟରେ ନାହିଁ । ତଥାପି ତ୍ରୟୋଦଶ ଶତାବ୍ଦୀରୁ ଆଜି ପର୍ଯ୍ୟନ୍ତ ବର୍ଷର ପ୍ରାୟ ଗୋଟିଏ ଦିନରେ, ଗୋଟିଏ ଲକ୍ଷ୍ୟନେଇ ପାଳିତ ହେଉଥିବା ଏହି ପର୍ବ ଦୁଇଦେଶ ମଧ୍ୟରେ ଅତୀତରେ ଥିବା ଘନିଷ୍ଠ ସଂପର୍କ ବ୍ୟାପାରରେ ସୂଚାଇ ଦିଏ । ଆମ ରାଜ୍ୟର ମହାନଦୀ ତୀରବର୍ତ୍ତୀ ଅଞ୍ଚଳରେ ଧୀବରମାନଙ୍କ ମଧ୍ୟରେ 'ଖମେଶ୍ୱରୀ' ପୂଜାର ପ୍ରଚଳନ ରହିଛି ଓ ଗୋଟିଏ ଧୀବର ଗ୍ରାମର ନାମ ଖମେଶ୍ୱରୀ ପଲ୍ଲୀ (ଖେମ୍‌ସାହି ପାଡ଼ା) ମଧ୍ୟ ଅଛି । ତେଣୁ ଥାଇଲ୍ୟାଣ୍ଡର "ମା ଏ ଖୋଙ୍ଗଖା", "ମା ଖମେଶ୍ୱରୀ" ର ଅପଭ୍ରଂଶ ହୋଇଥିବାର ସମ୍ଭାବନା ମଧ୍ୟ ରହିଛି । ସେହିଭଳି ତ୍ରୟୋଦଶ ଶତାବ୍ଦୀରେ ଗଙ୍ଗମାନଙ୍କ ରାଜତ୍ୱ କାଳରେ ଓଡ଼ିଆଭାଷା ସୃଷ୍ଟି ହୋଇ ଯାଇଥିବାରୁ ଥାଇ ଶବ୍ଦ "ଲଇକାରଥାଙ୍ଗ" ହୁଏତ 'ନଈ କାର୍ତ୍ତିକ' ର ଅପଭ୍ରଂଶ ହୋଇପାରେ । ତଥାପି ପ୍ରଶ୍ନ ଆସେ—ଦୁଇଟି ଦେଶ ମଧ୍ୟରେ କେବଳ ନୌବାଣିଜ୍ୟ ଯୋଗୁ ଏତେ ବେଶୀ ଘନିଷ୍ଠତା ସୃଷ୍ଟିହେଲା କିପରି ?

ସୁଖୋଥାଇରୁ ମିଳିଥିବା ଏକ ଅଭିଲେଖରୁ ଜଣାଯାଏ ; ଜଣେ ଥାଇ ରାଜପୁତ୍ର ବୌଦ୍ଧଭିକ୍ଷୁ ଭାବରେ କଳିଙ୍ଗ, ପାଟଳୀପୁତ୍ର ଓ ଶ୍ରେଷ୍ଠ ମଣ୍ଡଳ ଇତ୍ୟାଦି ଭାରତୀୟ ରାଜ୍ୟ ଦୀର୍ଘ ଦିନଧରି ଭ୍ରମଣ କରିଥିଲେ । ତ୍ରୟୋଦଶ ଶତାବ୍ଦୀର ମହାପ୍ରତାପୀ ଗଙ୍ଗ ରାଜାଙ୍କ ଦରବାରର ସଂସ୍ପର୍ଶରେ ଆସି ଏହି ରାଜପୁତ୍ର ପରବର୍ତ୍ତୀ କାଳରେ ଥାଇ ଦରବାରରେ ଗଙ୍ଗ ଦରବାରରେ ଦେଖିଥିବା କେତେକ ପର୍ବ ପର୍ବାଣୀର ପ୍ରଚଳନ କରିଥାଇ ପାରନ୍ତି । ସୁଖୋଥାଇରେ 'ଲଇକାରଥଙ୍ଗ୍' ପର୍ବର ପ୍ରଥମ ପ୍ରଚଳନ କରିଥିବା ସଂଭ୍ରାନ୍ତ ମହିଳା ନୋଫାବତ୍ (ଲୋଭାବତୀ)? କଳିଙ୍ଗର ଏକ ରାଜକନ୍ୟା କିମ୍ବା ବଣିକ (ସାଧବ) କନ୍ୟା ହୋଇଥିବା ସମ୍ଭାବନାକୁ ମଧ୍ୟ ଏଡାଇ ଦିଆଯାଇ ପାରିବ ନାହିଁ । ଅତି ଦୁଃଖର କଥା ଏହିଯେ—କେତେକ ଐତିହାସିକ 'ସୁଖୋଥାଇ' ସମୟରୁ ଶ୍ୟାମଦେଶରେ ଆରମ୍ଭ ହୋଇଥିବା "ଲଇ କାରଥଙ୍ଗ" ଉତ୍ସବକୁ ଭାରତୀୟ ବଣିକମାନଙ୍କ ଅନୁକରଣରେ 'ଦୀପାବଳୀ' ଉତ୍ସବର ପାଳନ' ବୋଲି କହିଛନ୍ତି ଓ ଉତ୍କଳର ଜୀବନ ଧାରା ତଥା ପର୍ବ ପର୍ବାଣୀ ସହିତ ସଂପର୍କ ଅପରିଚିତ ୟୁରୋପୀୟ ଐତିହାସିକମାନେ ସେଥିରେ ମଧ୍ୟ ଏକମତ ହୋଇଛନ୍ତି ।

## କାମ୍ବୋଡ଼ିଆରେ କଳିଙ୍ଗର ପ୍ରଭାବ

ଆଧୁନିକ କାମ୍ବୋଡ଼ିଆ ଦେଶ ଖ୍ରୀଷ୍ଟୀୟ ପ୍ରଥମ ଶତାବ୍ଦୀରେ ଫୁନାନ୍ ଓ ଚେନ୍‌ଲା ନାମକ ଦୁଇଟି ରାଜ୍ୟରେ ବିଭକ୍ତ ଥିଲା । ଫୁନାନ୍ ରାଜ୍ୟଟି ପାର୍ବତ୍ୟ ଅଞ୍ଚଳରେ ପ୍ରତିଷ୍ଠିତ ହୋଇଥିବାରୁ ଏହାର ରାଜାଙ୍କୁ ସେତେବେଳେ ପର୍ବତ ଭୂପାଳ ବା ଶୈଳରାଜ କୁହାଯାଉଥିଲା । ଚୀନ୍ ପରିବ୍ରାଜକ 'କାଙ୍ଗଟାଇ'ଙ୍କ ବିବରଣୀରୁ ଜଣାପଡେ କୌଣ୍ଡିନ୍ୟ ନାମକ ଜଣେ ବ୍ରାହ୍ମଣ ସେହି ଅଞ୍ଚଳରେ ଗୋଟିଏ "ଆଦିବାସୀ ଉଲଗ୍ନ କନ୍ୟା"ଙ୍କୁ ବିବାହ କରିବା ଦ୍ୱାରା ଏହି ରାଜବଂଶର ଉତ୍ପତ୍ତି ହୋଇଥିଲା । ଚଂପାରାଜ୍ୟରୁ ମିଳିଥିବା ସଂସ୍କୃତ ଅଭିଲେଖରୁ ଜଣାଯାଏ—କୌଣ୍ଡିନ୍ୟ ନାମକ ବ୍ରାହ୍ମଣ-ମାନଙ୍କର ରାଜକନ୍ୟା 'ସୋମା'ଙ୍କୁ ବିବାହ କରିବା ଦ୍ୱାରା ଏହି ରାଜବଂଶର ସୃଷ୍ଟିହେଲା । ଏହି କୌଣ୍ଡିନ୍ୟଙ୍କୁ ଦକ୍ଷିଣ ଭାରତର 'କାଞ୍ଚିପୁର' ଅଞ୍ଚଳର ଜଣେ ବ୍ରାହ୍ମଣ ବୋଲି ଫରାସୀ ଐତିହାସିକ ଅର୍ମୋଏଡେସ୍ ମତ ଦେଇଥିଲେ ସୁଦ୍ଧା, ଏହା ଆଜି ପର୍ଯ୍ୟନ୍ତ ଅମୀମାଂସିତ ରହିଛି । ତଥାପି ଏହି ରାଜବଂଶର କେତେକ କାର୍ଯ୍ୟକଳାପ ଏତେ ବେଶୀ ପ୍ରାଚୀନ କଳିଙ୍ଗର ନିକଟତର ଯେ କୌଣ୍ଡିନ୍ୟ କଳିଙ୍ଗର ହୋଇଥିବା ସମ୍ଭାବନାକୁ ବାଦ୍ ଦେଇ ହେବ ନାହିଁ । ଫୁନାନ୍‌ର ରାଜଧାନୀର ନାମ ଏକଦା 'ବ୍ୟାଧପୁର' ଥିଲା ବୋଲି କେତେକ ପ୍ରମାଣ ମିଳିଛି । ଏହି ବଂଶର ରାଜା 'ଫାନ୍—ଚେନ' ପ୍ରାୟ ଖ୍ରୀ:ଅ: ୨୪୦ରେ ଭାରତ ବର୍ଷକୁ ଜଣେ ଦୂତ ପଠାଇ ଥିଲେ । ଏହି ଦୂତ ଗଙ୍ଗାମୁହାଣ ନିକଟବର୍ତ୍ତୀ ବନ୍ଦରରେ (ବୋଧହୁଏ ତାମ୍ରଲିପିରେ) ପହଞ୍ଚି କଳିଙ୍ଗର ରାଜତ୍ୱ କରୁଥିବା ମୁରୁଣ୍ଡ ରାଜାଙ୍କୁ ଭେଟିଥିଲେ । ଖ୍ରୀଷ୍ଟୀୟ ତୃତୀୟ ଶତାବ୍ଦୀରେ ଧର୍ମ ଦାମଧର ନାମକ ମୁରୁଣ୍ଡ ରାଜା ସେହି ଅଞ୍ଚଳରେ ଶାସନ କରୁଥିବା କଥା ଶିଶୁପାଳ ଗଡ଼ରୁ ମିଳିଥିବା ସ୍ୱର୍ଣ୍ଣ ମୁଦ୍ରାରୁ ଜଣା ପଡ଼ିଛି । କୌଣ୍ଡିନ୍ୟଙ୍କ ବଂଶଧରମାନଙ୍କ ମଧ୍ୟରେ ଜୟବର୍ମା ନାମକ ଜଣେ ରାଜା ପଞ୍ଚମ ଶତାବ୍ଦୀରେ ରାଜତ୍ୱ କରୁଥିଲେ । ସେ ନାଗସେନ ନାମକ ଜଣେ ବୌଦ୍ଧ ଭିକ୍ଷୁଙ୍କୁ ଦୂତ ରୂପେ ଚୀନ ସମ୍ରାଟଙ୍କ ପାଖକୁ ପଠାଇଥିଲେ । ଏହି ନାଗସେନଙ୍କ ବିବରଣୀରୁ

ଜଣାଯାଇଛି ଯେ ଫୁନାନ ରାଜ୍ୟରେ 'ମୋଟାନ୍' ପର୍ବତ ଚୂଡ଼ାରେ ମହେଶ୍ୱର ପୂଜିତ ହେଉଥିଲେ । ସେତେବେଳେ ଫୁନାନ ଅଞ୍ଚଳରେ ଶୈବଧର୍ମ ସହିତ ବୌଦ୍ଧଧର୍ମ ପ୍ରଚଳିତ ଥିଲା । ମୋଟାନ ପର୍ବତ ସମ୍ଭବତଃ କଳିଙ୍ଗର ମହେନ୍ଦ୍ର ପର୍ବତର ନାମ ହୋଇପାରେ ବୋଲି ଐତିହାସିକ ନବୀନ କୁମାର ସାହୁ ଦର୍ଶାଇଛନ୍ତି । ଏହାଛଡ଼ା ମହେନ୍ଦ୍ର ପର୍ବତର ଗୋକର୍ଣ୍ଣେଶ୍ୱର ଓ ମୋଟାନ୍ ପର୍ବତର ମହେଶ୍ୱର ଉଭୟ ସମକାଳୀନ ହୋଇଥିବାରୁ ଏହି ଦୁଇ ରାଜ୍ୟ ମଧ୍ୟରେ କୌଣସି ନିଶ୍ଚିତ ସଂପର୍କ ଥିବାର ସୂଚନା ଦିଏ । ଶୈବଧର୍ମ ବ୍ୟତୀତ ଫୁନାନ୍ ଅଞ୍ଚଳରେ ବୈଷ୍ଣବ ଧର୍ମ ମଧ୍ୟ ପ୍ରଚଳିତ ଥିବାର ପ୍ରମାଣ ମିଳେ । ଫୁନାନ୍ ରାଜବଂଶର କୁଳ ପ୍ରଭାବତୀ ନାମକ ଜଣେ ରାଣୀ ଏକ ବୈଷ୍ଣବ ମଠ ସ୍ଥାପନ କରି ନିଜର ଶେଷ ଜୀବନ ସେହିଠାରେ କଟାଇଥିଲେ । ଏକ ଅଭିଲେଖରୁ ଜଣାଯାଏ ଯେ କୁଳ ପ୍ରଭାବତୀଙ୍କ ପୁତ୍ର ଗୁଣବର୍ମା ଚକ୍ରତୀର୍ଥ ସ୍ୱାମୀ ବିଷ୍ଣୁଙ୍କର ମନ୍ଦିର ନିର୍ମାଣ କରିଥିଲେ । ଖ୍ରୀଷ୍ଟୀୟ ୬ଷ୍ଠ ଶତାବ୍ଦୀରେ କଳିଙ୍ଗର ପୁରୀରେ ଚକ୍ରତୀର୍ଥ ସ୍ୱାମୀ ପୁରୁଷୋତ୍ତମଙ୍କ ମନ୍ଦିର ଓ ବୈଷ୍ଣବ ଧର୍ମ ଥିଲା କି ନାହିଁ ଜଣା ପଡ଼ିଲେ, ଏ ଉଭୟଙ୍କ ମଧ୍ୟରେ ସଂପର୍କ ଆରୋପ କରାଯାଇ ପାରନ୍ତା ।

ଫୁନାନ୍ ରାଜ୍ୟର ପତନ ପରେ ଚେନ୍‌ଲା ରାଜ୍ୟର ଅଭ୍ୟୁଦୟ ହୋଇଥିଲା ଓ କାଳକ୍ରମେ ଦୁଇଟି ରାଜ୍ୟ ମିଶି କଂବୁଜ ରାଜ୍ୟର ସୃଷ୍ଟି ହେଲା । କଂବୁଜର ପ୍ରଥମ ସ୍ୱାଧୀନ ରାଜାଙ୍କର ନାମ ଭବବର୍ମା ଥିଲା । ତା'ଙ୍କ ପରେ ତାଙ୍କ ଭାଇ ମହେନ୍ଦ୍ର ବର୍ମା ରାଜା ହୋଇଥିଲେ । ଏହି ମହେନ୍ଦ୍ର ବର୍ମାଙ୍କ ରାଜତ୍ୱ କାଳରେ ଶୈବ ଓ ବୈଷ୍ଣବ ଧର୍ମର ସମନ୍ୱୟ ହୋଇ 'ହରିହର ଉପାସନା' ଆରମ୍ଭ ହୋଇଥିବା ଜଣା ପଡେ । ଠିକ୍ ସେହି ସମୟରେ ସୋମବର୍ମା ନାମକ ଜଣେ ବ୍ରାହ୍ମଣ ସେହି ରାଜ୍ୟରେ ତ୍ରିଭୁବନେଶ୍ୱର ଶିବ ଓ ସୂର୍ଯ୍ୟଙ୍କର ମନ୍ଦିର ନିର୍ମାଣ କରି ବିଗ୍ରହ ସ୍ଥାପନ କରିଥିଲେ । ଖ୍ରୀଷ୍ଟୀୟ ୭ମ ଶତାବ୍ଦୀର ପ୍ରାରମ୍ଭ କାଳରେ କଳିଙ୍ଗର ଏକାମ୍ର କ୍ଷେତ୍ରରେ ଗୌଡ଼ ଦେଶର ରାଜା ଶଶାଙ୍କ ତ୍ରିଭୁବନେଶ୍ୱର ଶିବଙ୍କର ମନ୍ଦିର ନିର୍ମାଣ କରିଥିଲେ ବୋଲି କେତେକ ପ୍ରମାଣ ରହିଅଛି । ଏକ ସମୟରେ ଦୁଇଟି ପୃଥକ୍ ଦେଶରେ ଏକ ଦେବତାର ପ୍ରତିଷ୍ଠା ଦୁଇଦେଶ ମଧ୍ୟରେ ଥିବା ଘନିଷ୍ଠ ସାଂସ୍କୃତିକ ସଂପର୍କର ସୂଚନା ଦେଇଥାଏ ।

## ଚମ୍ପା ରାଜ୍ୟରେ କଳିଙ୍ଗର ପ୍ରଭାବ

ଭିଏତ୍‌ନାମ ର ଅନ୍ନାମ୍ ଅଞ୍ଚଳରେ ଏକଦା ପ୍ରାଚୀନ ଚଂପା ରାଜ୍ୟ ଅବସ୍ଥିତ ଥିଲା । ଜୈନଗ୍ରନ୍ଥ 'ଉତ୍ତରାୟକ ସୂତ୍ର'ରେ ପ୍ରାଚୀନ କଳିଙ୍ଗ ସହିତ ଚଂପା ରାଜ୍ୟର ବାଣିଜ୍ୟ ସଂପର୍କ ଥିବା ବ୍ୟାପାରରେ ବର୍ଣ୍ଣନା ଅଛି । ଏଥିରୁ ଜଣାଯାଏ ଯେ ଚଂପା ରାଜ୍ୟର ବଣିକମାନେ କଳିଙ୍ଗର 'ପିହୁଣ୍ଡ' ବନ୍ଦରକୁ ଆସି ଏ ରାଜ୍ୟରେ ବ୍ୟବସାୟ କରୁଥିଲେ । ପ୍ରାଚୀନ ଅଙ୍ଗରାଜ୍ୟର ରାଜଧାନୀ ଚଂପାପୁରୀର ନାମାନୁସାରେ ଏହି ରାଜ୍ୟର ନାମକରଣ ହୋଇଥିବା ଅନୁମାନ କରାଯାଏ । କିନ୍ତୁ କଳିଙ୍ଗର ରାଜଧାନୀ 'ସିଂହପୁର'ର ନାମାନୁସାରେ ଏହାର ରାଜଧାନୀର ନାମ ଦିଆଯାଇଥିବା ସମ୍ଭାବନା । ଖ୍ରୀଷ୍ଟୀୟ ୨ୟ ଶତାବ୍ଦୀ ପରେ କଳିଙ୍ଗ ଓ ଚଂପା ମଧ୍ୟରେ ଯେ ସଂପର୍କ ସୃଷ୍ଟି ହୋଇଥିଲା ଏ ବ୍ୟାପାରରେ ଅଧ୍ୟାପକ ନବୀନ କୁମାର ସାହୁ ଦୃଢ଼ମତ ପୋଷଣ କରିଛନ୍ତି । ଚଂପାର ରାଜା ଭଦ୍ରବର୍ମାଙ୍କ ସମୟରେ ସଂସ୍କୃତ ଭାଷାରେ ରଚିତ ହୋଇଥିବା ଦୁଇଟି ଅଭିଲେଖରେ କଳିଙ୍ଗ ଅଞ୍ଚଳର ଲିପି ତଥା ଲିଖନ ରୀତି ଅନୁସରଣ କରାଯାଇ ଥିବାର ପ୍ରମାଣ ମିଳେ । ଚତୁର୍ଥ ଓ ପଞ୍ଚମ ଶତାବ୍ଦୀରେ ବହିର୍ବାଣିଜ୍ୟ ଦ୍ୱାରା ଚଂପା ଏକ ସମୃଦ୍ଧିଶାଳୀ ରାଜ୍ୟରେ ପରିଣତ ହୋଇଥିଲା । ପରବର୍ତ୍ତୀ କାଳରେ ଖ୍ରୀ: ୪୩୧ରୁ ୪୪୬ ମଧ୍ୟରେ ଚୀନ୍‌ଦେଶ ସହିତ ଯୁଦ୍ଧ ସଂଘଟିତ ହୋଇଥିବାରୁ ଚୀନାମାନେ ଚଂପାରାଜ୍ୟ ଲୁଣ୍ଠନ କରିଥିଲେ ଓ ଏହି ରାଜ୍ୟର ସାମୟିକ ପତନ ହୋଇଥିଲା । କିନ୍ତୁ ଚଂପା ରାଜ୍ୟ ପୁଣି ସ୍ୱାଧୀନ ହେଲା ଓ ଷଷ୍ଠ ଶତାବ୍ଦୀରେ ଏହି ରାଜ୍ୟରେ 'ବ୍ରହ୍ମକ୍ଷତ୍ରିୟ' ନାମକ ଏକ ନୂତନ ରାଜବଂଶ ରାଜତ୍ୱ କଲେ । ସେମାନଙ୍କ ପରେ 'ପ୍ରକାଶଧର୍ମ' ନାମକ ଜଣେ ପ୍ରସିଦ୍ଧ ରାଜା ଏହି ରାଜ୍ୟରେ ୭ମ ଶତାବ୍ଦୀରେ (ଖ୍ରୀ ୬୫୩–୭୮୬) ରାଜତ୍ୱ କରିଥିଲେ । ସେ ଅନ୍ୟାନ୍ୟ ଅନେକ ମନ୍ଦିର ସହ ତୁଓଙ୍ଗ–ମଙ୍ଗଠାରେ ପୁରୁଷୋତ୍ତମ ମନ୍ଦିର ନିର୍ମାଣ କରିଥିଲେ । ଚଂପା ରାଜ୍ୟରେ ୭ମ ଶତାବ୍ଦୀରେ ଏହି ପୁରୁଷୋତ୍ତମ ବିଷ୍ଣୁଙ୍କର ପ୍ରତିଷ୍ଠା ହୋଇ ଥିବାରୁ ସେତେବେଳକୁ ପୁରୀଧାମରେ ପୁରୁଷୋତ୍ତମଙ୍କର ପୂଜା ହୋଇ ସାରିଥିବ ବୋଲି ଐତିହାସିକ ନବୀନ କୁମାର ସାହୁ ପ୍ରକାଶ କରିଛନ୍ତି । ଏହି ପୁରୁଷୋତ୍ତମଙ୍କ ସହିତ ଚଂପା ରାଜ୍ୟରେ ଲକ୍ଷ୍ମୀଙ୍କର ପୂଜା ମଧ୍ୟ ପ୍ରଚଳିତ ଥିଲା ଓ ଲକ୍ଷ୍ମୀଙ୍କୁ ପଦ୍ମା ଓ ଶ୍ରୀ ମଧ୍ୟ କୁହାଯାଉଥିଲା । ଡ୍ରାକ୍‌ଏନଠାରେ ଦୁଇ ହସ୍ତରେ ପଦ୍ମଧାରଣ କରିଥିବା ଲକ୍ଷ୍ମୀଙ୍କର ମୂର୍ତ୍ତି ଆବିଷ୍କୃତ ହୋଇଛି । ୭ମ ଓ ଅଷ୍ଟମ ଶତାବ୍ଦୀରେ ଏହି ରାଜ୍ୟରେ ଶାକ୍ତ ଧର୍ମର ବିକାଶ ମଧ୍ୟ ହୋଇଥିଲା । 'ପୋ' ନଗରଠାରେ ଦେବୀ ଭଗବତୀଙ୍କ ପାଇଁ ଏକ ସୁନ୍ଦର ମନ୍ଦିର ନିର୍ମିତ ହୋଇଥିଲା ଓ ଏହି ଭଗବତୀ ରାଜ୍ୟର ପ୍ରସିଦ୍ଧ ଦେବୀ ଥିଲେ । ତତ୍କାଳୀନ କଳିଙ୍ଗର ଉପକୂଳରେ 'ବଙ୍କାଡ଼' (ବାଣପୁର) ଠାରେ ପ୍ରାୟ ସେହି ସମୟରୁ ଭଗବତୀଙ୍କ ପୂଜା ଆରମ୍ଭ ହୋଇ ଥିଲା । ଦୁଇଟି ରାଜ୍ୟରେ ଏକ ସମୟରେ ଏହି ଦେବୀ ଭଗବତୀଙ୍କର ପ୍ରତିଷ୍ଠା କଳିଙ୍ଗ ଓ ଚମ୍ପା ମଧ୍ୟରେ ବାଣିଜ୍ୟିକ ତଥା ସାଂସ୍କୃତିକ ସଂପର୍କର ସୂଚନା ଦେଇଥାଏ । ୧୪୭୧ ଖ୍ରୀଷ୍ଟାବ୍ଦରେ ଆନାମୀମାନେ ଚମ୍ପାର ରାଜଧାନୀକୁ ଅଧିକାର କରିବା ପରେ ଏହି ରାଜ୍ୟର ପତନ ହୋଇଥିଲା ।

## ଇଣ୍ଡୋନେସିଆରେ କଳିଙ୍ଗର ଉପନିବେଶ

ଆଜି ଓଡ଼ିଶାର ପୁରପଲ୍ଲୀରେ ପ୍ରାଚୀନ କଳିଙ୍ଗର ବାଣିଜ୍ୟ ସମ୍ପର୍କରେ ବହୁ ଜନଶ୍ରୁତି ଓ କିମ୍ବଦନ୍ତୀ ପ୍ରଚଳିତ ରହିଛି । ସେଗୁଡ଼ିକର ବିଷୟ ବସ୍ତୁରୁ ଓଡ଼ିଆ ସାଧବମାନେ ଜାଭା, ସୁମାତ୍ରା, ବାଲି ଓ ବୋର୍ଣ୍ଣିଓ ପ୍ରଭୃତି ଦ୍ୱୀପକୁ ବୋଇତ ନେଇ ଯାଉଥିବାର ସୂଚନା ମିଳେ । କାର୍ତ୍ତିକ ପୂର୍ଣ୍ଣିମାରେ ବୋଇତ ବନ୍ଦାଣ ଓ କଟକର 'ବାଲିଯାତ୍ରା' ଉତ୍ସବ ଆଜି ସେଇ ପ୍ରାଚୀନ ନୌବାଣିଜ୍ୟର ସ୍ମୃତି ବହନ କରେ । ଇଣ୍ଡୋନେସିଆର ଜାଭା ଓ ବାଲି ଦ୍ୱୀପରେ ମଧ୍ୟ ସେହି ଅଞ୍ଚଳରେ କଳିଙ୍ଗର ସାଧବମାନଙ୍କର ବାଣିଜ୍ୟ ଓ ବସତି ସ୍ଥାପନ ସମ୍ପର୍କରେ ବହୁ କିମ୍ବଦନ୍ତୀ ଆଜି ପର୍ଯ୍ୟନ୍ତ ପ୍ରଚଳିତ ଅଛି । ଗୋଟିଏ କିମ୍ବଦନ୍ତୀରୁ ଜଣାଯାଏ ଯେ, ଏକଦା କଳିଙ୍ଗ ଅଞ୍ଚଳରୁ ୨୦ ହଜାର ପରିବାର ଆସି ପ୍ରଥମେ ଜାଭା ଦ୍ୱୀପରେ ବସତି ସ୍ଥାପନ କରିଥିଲେ । ଏପରି ଜନଶ୍ରୁତିକୁ ବିଶ୍ୱାସକୁ ନେଇ ପ୍ରଖ୍ୟାତ ଐତିହାସିକ ରାଖାଲ ଦାସ ବାନାର୍ଜି କହିଛନ୍ତି ଯେ ଅଶୋକଙ୍କର

ବହୁସୁବର୍ଣ୍ଣ କଳିଙ୍ଗ ଏକ ଦରିଆ ପାରି ସାମ୍ରାଜ୍ୟ ଗଠନକରି ପାରିଥିଲା ଓ କଳିଙ୍ଗର ନାବିକମାନେ ପୂର୍ବ ଦିଗରେ ସୁଦୂର ଫିଲିପାଇନ ଦ୍ୱୀପପୁଞ୍ଜ ଓ ଦକ୍ଷିଣ ପୂର୍ବରେ ଭାରତ ମହାସାଗରୀୟ ଦ୍ୱୀପପୁଞ୍ଜ ପର୍ଯ୍ୟନ୍ତ ଉପନିବେଶମାନ ସ୍ଥାପନ କରି ପାରିଥିଲେ । କଳିଙ୍ଗର ଲୋକ ସେହି ଅଞ୍ଚଳରେ ସର୍ବପ୍ରଥମେ ପହଞ୍ଚିଥିଲେ ବୋଲି ସେଠାକାର ଆଦିମ ଅଧିବାସୀମାନେ ଆଜି ପର୍ଯ୍ୟନ୍ତ ବିଶ୍ୱାସ କରନ୍ତି । କେରିନିଙ୍କ ଲେଖାରୁ ଜଣାଯାଏ ଯେ, ଅଶୋକଙ୍କର ପରବର୍ତ୍ତୀ କାଳରେ ଦନ୍ତପୁର ରାଜପୁତ୍ର ବୋଇତରେ ଯାଉଥିବା ବେଳେ ମାଳୟର ପୂର୍ବ ଉପକୂଳରେ ଥିବା 'ଲିଗରି' (Ligor) ନାମକ ସ୍ଥାନରେ ତାଙ୍କର ବୋଇତ ଝଡ ତୋଫାନରେ ନଷ୍ଟ ହୋଇଯାଇଥିଲା ଓ ସେ ସେହି ଅଞ୍ଚଳରେ ପାରିଷଦ ଓ ନାବିକମାନଙ୍କ ସହ ବସତି ସ୍ଥାପନ କରିଥିଲେ । ମାଳୟର ପଶ୍ଚିମ ଉପକୂଳରେ ତକ୍କୋଲ (Takkola) ନାମକ ସ୍ଥାନରେ ଏକଦା ଏକ ଭାରତୀୟ ଉପନିବେଶ ଥିବାର ମଧ୍ୟ କେତେକ ପ୍ରମାଣ ମିଳୁଛି । ଖ୍ରୀଷ୍ଟିୟ ତୃତୀୟ ଶତାବ୍ଦୀ ସମୟର ଓ ସଂସ୍କୃତ ଭାଷାରେ ଦକ୍ଷିଣ ଭାରତୀୟ ଲିପିରେ ଲିଖିତ ବହୁ ଅଭିଲେଖ ମାଳୟ ଓ ଇଣ୍ଡୋଚାଇନା ଅଞ୍ଚଳରେ ମିଳିଥିଲେ ସୁଦ୍ଧା ଜାଭା ଦ୍ୱୀପରେ ଖ୍ରୀଷ୍ଟୀୟ ୫ମ ଶତାବ୍ଦୀ ଅନ୍ତର୍ଗତ ସେପରି କୌଣସି ଅଭିଲେଖ ଏ ପର୍ଯ୍ୟନ୍ତ ମିଳିନାହିଁ । କିନ୍ତୁ ଏହା ସତ୍ତ୍ୱେ ଏହି ଜାଭା ଅଞ୍ଚଳରେ ଯେ ପଞ୍ଚମ ଶତାବ୍ଦୀ ପୂର୍ବରୁ ଭାରତୀୟ ଉପନିବେଶମାନ ଗଢ଼ି ଉଠିଥିଲା ତାର ଅନେକ ପ୍ରମାଣ ରହିଅଛି । ଚୀନ ଦେଶର ଏକ ଐତିହାସିକ ବିବରଣୀରୁ ଜଣାଯାଏ ଯେ, ଖ୍ରୀ ୧୩୨ରେ ଜାଭାଦ୍ୱୀପର ରାଜା ଦେବ ବର୍ମା ଚୀନ ଦେଶକୁ ଦୂତ ପ୍ରେରଣ କରିଥିଲେ ଓ ଚୀନ ସମ୍ରାଟଙ୍କଠାରୁ କେତେକ ଉପଢୌକନ ମଧ୍ୟ ପାଇଥିଲେ । ଖ୍ରୀଷ୍ଟୀୟ ଦ୍ୱିତୀୟ ଶତାବ୍ଦୀରେ ଜାଭା ଦ୍ୱୀପରେ ଯେ ହିନ୍ଦୁ ଧର୍ମାବଲମ୍ବୀ ରାଜା ଶାସନ କରୁଥିଲେ ତାହା ଏଥିରୁ ଜଣା ଯାଇଥାଏ । ଜାଭା, ସୁମାତ୍ରା ଓ ବୋର୍ଣ୍ଣିଓ ଆଦି ଦ୍ୱୀପରେ ପ୍ରାୟ ଏକ ସମୟରେ ଭାରତୀୟ ଉପନିବେଶମାନ ଗଢ଼ି ଉଠିଥିଲା ବୋଲି ସାଧାରଣତଃ ବିଶ୍ୱାସ କରାଯାଏ ।

ଜାଭା ଦ୍ୱୀପର ପଶ୍ଚିମାଞ୍ଚଳରେ ପ୍ରଥମେ ଭାରତୀୟ ଉପନିବେଶ ଗଢ଼ି ଉଠିଥିଲା ଓ ସେହି ଅଞ୍ଚଳରେ ଖ୍ରୀଷ୍ଟୀୟ ପ୍ରଥମ ଶତାବ୍ଦୀ ବେଳକୁ କେତେଗୁଡ଼ିଏ କ୍ଷୁଦ୍ରରାଜ୍ୟ ସୃଷ୍ଟି ହୋଇ ସାରିଥିଲା । ପଞ୍ଚମ ଶତାବ୍ଦୀର ମଧ୍ୟ ଭାଗରେ ସେଠାରେ ଏକ ଶକ୍ତିଶାଳୀ ହିନ୍ଦୁରାଜ୍ୟ ଥିବା କଥା କେତେକ ଅଭିଲେଖାରୁ ଜଣାଯାଉଛି । ଟୁଗୁ (Tugu) ନାମକ ପାହାଡର ଶିଳାଲେଖାରୁ ଜଣାଯାଏ ଯେ ସେଠାରେ ପୂର୍ଣ୍ଣବର୍ମା ନାମକ ରାଜା ରାଜତ୍ୱ କରୁଥିଲେ । ସେ ନିଜକୁ ରାଜାଧିରାଜ ଉପାଧିରେ ଭୂଷିତ କରିବା ସଙ୍ଗେ ସଙ୍ଗେ ଏକ କେନାଲ ଖୋଳାଇ ତାର ନାମ 'ଚନ୍ଦ୍ରଭାଗା' ଦେଇଥିଲେ । ଏହି ଖନନ କାର୍ଯ୍ୟ ପୂର୍ଣ୍ଣବର୍ମାଙ୍କ ରାଜତ୍ୱର ୨୨ତମ ବର୍ଷରେ ଫାଲଗୁନ କୃଷ୍ଣ ଅଷ୍ଟମୀ-ଠାରୁ ଆରମ୍ଭ ହୋଇ ଚୈତ୍ର ଶୁକ୍ଳ ତ୍ରୟୋଦଶୀ ପର୍ଯ୍ୟନ୍ତ ଚାଲିଥିଲା ବୋଲି ଅଭିଲେଖାରେ ଉଲ୍ଲେଖଅଛି । ଅଭିଲେଖର ଏହି ତିଥିମାନ୍ତ ଗଣନା ଓ କେନାଲର ଚନ୍ଦ୍ରଭାଗା ନାମ କରଣରୁ ରାଜା ପୂର୍ଣ୍ଣବର୍ମାଙ୍କ ବଂଶ କଳିଙ୍ଗର ଉପକୂଳ ଅଞ୍ଚଳରୁ ଆସିଥିବାର ଅନୁମାନ କରାଯାଏ ।

ଖ୍ରୀଷ୍ଟୀୟ ସପ୍ତମ ଓ ଅଷ୍ଟମ ଶତାବ୍ଦୀରେ ଚୀନ ଦେଶରେ ଟାଙ୍ଗ ବଂଶର ସମ୍ରାଟମାନେ ରାଜତ୍ୱ କରୁଥିଲେ । ଏହି ଟାଙ୍ଗମାନଙ୍କ ରାଜତ୍ୱ କାଳରେ ଜାଭା ଦ୍ୱୀପରେ 'ହୋଲିଙ୍ଗ' (Holing) ନାମକ ଶକ୍ତିଶାଳୀ ରାଜ୍ୟ ପ୍ରତିଷ୍ଠିତ ହୋଇଥିଲା । ଏହି ହୋଲିଙ୍ଗ (କଳିଙ୍ଗର ଚୀନ ଭାଷାର ନାମ) ରାଜ୍ୟରୁ ଖ୍ରୀ: ୬୪୦, ୬୪୮ ଓ ୬୬୬ରେ (ସମୁଦାୟ ତିନିଥର) ରାଜଦୂତମାନେ ଟାଙ୍ଗ ସମ୍ରାଟଙ୍କ ଦରବାରକୁ ଯାଇଥିଲେ । "ଟାଙ୍ଗବଂଶର ନୂତନ ଇତିହାସ" (New History of Tang) ରେ ଏହି ହୋଲିଙ୍ଗ ବା କଳିଙ୍ଗ



ଡାହାପଗ ମୁକୁଟ (ଜାଭା ଓ ବାଲି)

ରାଜ୍ୟରେ ତତ୍କାଳୀନ ସମୃଦ୍ଧିକୁ ପ୍ରଶଂସା କରାଯାଇଛି । ଏହି ରାଜ୍ୟରେ ଜ୍ଞାନଭଦ୍ର ନାମକ ପ୍ରସିଦ୍ଧ ବୌଦ୍ଧ ସନ୍ୟାସୀ ଜନ୍ମ ଗ୍ରହଣ କରିଥିଲେ । ଏହି ଜ୍ଞାନଭଦ୍ରଙ୍କ ନିର୍ଦ୍ଦେଶରେ ଚୀନା ପରିବ୍ରାଜକ ହୁଇନିଂ (Hui-ning) ଥେରବାଦ ଗ୍ରନ୍ଥକୁ ଚୀନ ଭାଷାରେ ଅନୁବାଦ କରିଥିଲେ । ଏହି 'ହୋଲିଙ୍ଗ' ରାଜ୍ୟର ସ୍ଥାନ ଏ ପର୍ଯ୍ୟନ୍ତ ନିରୂପଣ କରାଯାଇ ପାରିନାହିଁ । କେତେକ ଐତିହାସିକ ଏହାର ସ୍ଥିତି ମାଳୟ ଉପଦ୍ୱୀପରେ ଦର୍ଶାଉଥିବା ବେଳେ, ଐତିହାସିକ କୋଏଡେସ, ଏହି ରାଜ୍ୟ କେନ୍ଦ୍ର ଜାଭାରେ ଥିଲା ବୋଲି ଯୁକ୍ତି କରନ୍ତି । ଏହି 'ହୋଲିଙ୍ଗ' ସମ୍ପର୍କରେ ଏ ପର୍ଯ୍ୟନ୍ତ ଅଧିକ ତଥ୍ୟ ଆବିଷ୍କୃତ ହୋଇନାହିଁ ; କିନ୍ତୁ ଆଶା କରାଯାଏ ଯେ ଦିନେ ଏହା ଉନ୍ମୋଚିତ ହେବ ଓ କଳିଙ୍ଗର ଏହି ପ୍ରସିଦ୍ଧ ଉପନିବେଶର ଇତିହାସ ଅଗୋଚର ରହିବ ନାହିଁ ।

ମଧ୍ୟ ଜାଭାର ଚଙ୍ଗଲ (Changal) ନାମକ ସ୍ଥାନର ଏକ ପ୍ରାଚୀନ ଶିବାଳୟରୁ ମିଳିଥିବା ଏକ ଅଭିଲେଖରୁ ଜଣାଯାଏ ଯେ, "କୁଞ୍ଜରାକୁଞ୍ଜ" ନାମକ ରାଜ୍ୟରେ ସଞ୍ଜୟ



ନାମକ ନରପତି ରାଜତ୍ୱ କରୁଥିଲେ । ଏହି ସଞ୍ଜୟ ଦକ୍ଷିଣ ଜାଭାର 'ମାତରମ' ଅଞ୍ଚଳରେ ରାଜତ୍ୱ କରିବାର ମଧ୍ୟ କେତେକ ପ୍ରମାଣ ମିଳୁଛି । ସଞ୍ଜୟଙ୍କ ପରେ ସେହି ବଂଶରେ ମହାରାଜା 'ପାନାଙ୍ଗକରନ୍ ((Panang karan) ଖ୍ରୀ ୭୭୮ ରେ ପରାକ୍ରମଶାଳୀ 'ଶୈଳେନ୍ଦ୍ରମାନଙ୍କ ଅଧୀନରେ ରାଜତ୍ୱ କରିଥିବାର ଏକ ଅଭିଲେଖରୁ ଜଣାପାଉଛି । ଏହି ଶୈଳେନ୍ଦ୍ରମାନେ ପ୍ରଥମେ ସୁମାତ୍ରାକୁ ଆସି ସେଠାରେ ଯେଉଁ ରାଜ୍ୟ ସ୍ଥାପନ କରିଥିଲେ ତାହା କ୍ରମେ ଶକ୍ତିଶାଳୀ ହୋଇ ଜାଭା ଓ ମାଳୟର ସମ୍ମିଶ୍ରଣରେ ବିଖ୍ୟାତ 'ଶ୍ରୀବିଜୟ' ସାମ୍ରାଜ୍ୟରେ ପରିଣତ ହେଲା । ଏହି ଶୈଳେନ୍ଦ୍ରମାନେ କଳିଙ୍ଗରେ ରାଜତ୍ୱ କରିଥିବା ଶୈଳୋଦ୍ଭବମାନଙ୍କର ବଂଶଧର ହୋଇଥିବା କଥା କେତେକ ଐତିହାସିକ ଦର୍ଶାଇଥିଲେ ମଧ୍ୟ ଅନ୍ୟ କେତେକ, ବିଶେଷତଃ ଫରାସୀ ଐତିହାସିକ କୋଏଡେସ୍ ଏହି ବଂଶକୁ ଫୁନାନ୍ ରାଜ୍ୟର 'ପର୍ବତେଶ୍ୱର' କୌଣ୍ଡିନ୍ୟ ବଂଶର ଏକ ଶାଖା ବୋଲି ଯୁକ୍ତି କରନ୍ତି । କିନ୍ତୁ ଶୈଳେନ୍ଦ୍ରମାନେ ଯେ କଳିଙ୍ଗର ଶୈଳୋଦ୍ଭବ ରାଜବଂଶର ଏକ ଶାଖା, ଏହା ନିଃସନ୍ଦେହରେ କୁହାଯାଇ ପାରେ । କଳିଙ୍ଗର ଭୌମ ରାଜା ୭୩୬ ଖ୍ରୀ:ଅ: ପରେ କଙ୍ଗୋଦ ରାଜ୍ୟ ଅଧିକାର କରି ଶୈଳୋଦ୍ଭବମାନଙ୍କୁ ବିତାଡ଼ିତ କରିଥିଲେ ଓ ସେମାନେ ଦେଶର ବିଭିନ୍ନ ଅଞ୍ଚଳକୁ ପଳାଇ ଯାଇ ଛୋଟ ଛୋଟ ରାଜ୍ୟ ସ୍ଥାପନ କରିଥିଲେ । ଏହି ରାଜବଂଶର ଏକ ଶାଖା ବାଣିଜ୍ୟିକ ସଂପର୍କ ଥିବା ସୁମାତ୍ରା ଯାଇ ସେଠାରେ ରାଜ୍ୟ ସ୍ଥାପନ କରିବା ତତ୍କାଳୀନ ପରିସ୍ଥିତିରେ ଆଦୌ ଅସମ୍ଭବ ନୁହେଁ । ଏହି ଶ୍ରୀବିଜୟ ସାମ୍ରାଜ୍ୟର ନରପତିମାନେ ଭାରତର ପାଳ ଓ ଗଙ୍ଗ ରାଜବଂଶ ସହିତ ରାଜନୈତିକ ଓ ସାଂସ୍କୃତିକ ସଂପର୍କ ରଖିଥିଲେ ସୁଦ୍ଧା ଭୌମମାନଙ୍କ ସହିତ କୌଣସି ସମ୍ପର୍କ ରଖୁନାହାନ୍ତି । ବୋଧହୁଏ ଏହିବଂଶ ସହିତ ପୂର୍ବ ଶତ୍ରୁତା ଦୃଷ୍ଟିରୁ ଏପରି କରାଯାଇଥିଲା ।

ଶୈଳେନ୍ଦ୍ର ବଂଶର ସମ୍ରାଟମାନେ ମହାଯାନ ବୌଦ୍ଧଧର୍ମର ପୃଷ୍ଠପୋଷକ ହେଲେ ମଧ୍ୟ ଶୈବଧର୍ମ ପ୍ରତି ସମ୍ମାନ ଦେଖାଉଥିଲେ । ଏହି ବଂଶର ରାଜତ୍ୱ କାଳରେ ଜାଭା ଦ୍ୱୀପରେ ପୃଥିବୀ ବିଖ୍ୟାତ ବୌଦ୍ଧସ୍ତୂପ ବରୋବଦୁର ଓ ପ୍ରମ୍ବାନନ୍‌ର ସୁବୃହତ୍ ଶୈବ ମନ୍ଦିର ନିର୍ମିତ ହୋଇ ପାରିଥିଲା । ଏକ ଅଭିଲେଖରୁ ଜଣାଯାଏ ଯେ





ଚଇତିଘୋଡ଼ା ନାଚ (ଜାଭା)

ରାଜା ଭୁଜୟ ତୁଙ୍ଗ ଦେବ (Bhujayottunga Deva) ଜାଭା ଦ୍ୱୀପରେ ଏହି ବଂଶର ରାଜତ୍ୱ ଆରମ୍ଭ କରିଥିଲେ । ଏହି ବଂଶର ସମ୍ରାଟମାନେ 'ସଂଗ୍ରାମ ଧନଞ୍ଜୟ' ଉପାଧି ଗ୍ରହଣ କରିଥିଲେ । ଭିଏତ୍‌ନାମ୍‌ର ଇତିହାସରୁ ଜଣାଯାଏ, 'ସେପୋ' (ଜାଭା) ଦ୍ୱୀପର କୁନ୍‌ଲୁନ୍‌ମାନେ ଖ୍ରୀ ୭୬୭ ରେ ଟୋଙ୍କିଙ୍ଗ (Tongking) ଆକ୍ରମଣ କରି ସେଠାକାର ଏକ ଶିବ ମନ୍ଦିରରୁ ଶିବଲିଙ୍ଗକୁ ଅପହରଣ କରିଥିଲେ । ଏଠାରେ ଜାଭା ଦ୍ୱୀପର ଏହି ଆକ୍ରମଣକାରୀଙ୍କୁ 'କୁନ୍‌ଲୁନ୍' ଅର୍ଥାତ୍ କଳିଙ୍ଗର ଅଧିବାସୀଙ୍କ ବଂଶଧର ବୋଲି ଅଭିହିତ କରିବା ଜାଭା ଦ୍ୱୀପରେ କଳିଙ୍ଗର ଅଧିବାସୀଙ୍କର ଆଧିପତ୍ୟକୁ ପ୍ରମାଣ କରେ । କିନ୍ତୁ ଏହି 'କୁନ୍‌ଲୁନ୍'ମାନେ ଶ୍ରୀବିଜୟ ସାମ୍ରାଜ୍ୟର ଲୋକ, କି 'ହୋଲିଙ୍ଗ' (କଳିଙ୍ଗ) ରାଜ୍ୟର ଲୋକ ତାହା ନିଶ୍ଚିତ ରୂପେ କୁହାଯାଇ ପାରିବ ନାହିଁ । ଜାଭା ଦ୍ୱୀପର ଶ୍ରୀବିଜୟ ସାମ୍ରାଜ୍ୟ ଖ୍ରୀ ୭୭୫ରୁ ତ୍ରୟୋଦଶ ଶତାବ୍ଦୀର ଶେଷ ପର୍ଯ୍ୟନ୍ତ ପ୍ରତିଷ୍ଠିତ ଥିବାର ବହୁ ପ୍ରମାଣ ରହିଅଛି । ତ୍ରୟୋଦଶ ଶତାବ୍ଦୀ ଶେଷରେ (ଖ୍ରୀ ୧୨୯୨) ଶ୍ରୀବିଜୟ ସାମ୍ରାଜ୍ୟର ଶେଷ ସମ୍ରାଟଙ୍କର ମୃତ୍ୟୁପରେ 'ମାଜାପହିତ' ସାମ୍ରାଜ୍ୟର ଅଭ୍ୟୁଦୟ ହୋଇଥିଲା । ଏହି ସାମ୍ରାଜ୍ୟରେ ହିନ୍ଦୁଧର୍ମର ଅଭ୍ୟୁତ୍ଥାନ ହୋଇ ଶୈବଧର୍ମ ବିଶେଷ ଲୋକପ୍ରିୟ ହୋଇ ପାରିଥିଲା । ଷୋଡଶ ଶତାବ୍ଦୀର ଆରମ୍ଭରେ ମୁସଲମାନ ଆକ୍ରମଣରୁ ରକ୍ଷା ପାଇବା ପାଇଁ ମାଜାପହିତ ସମ୍ରାଟ ସପରିବାରେ ନିଜର ପାରିଷଦ ଓ ଅନୁଚରମାନଙ୍କୁ ଧରି ବାଲିଦ୍ୱୀପରେ ଆଶ୍ରୟ ନେଇଥିଲେ ଓ ମାଜାପହିତ ସାମ୍ରାଜ୍ୟ ଧ୍ୱଂସ ହୋଇଯାଇଥିଲା । ସଭ୍ୟତା, ସଂସ୍କୃତି ଓ କଳା ଦୃଷ୍ଟିରୁ ଆଜି ଜାଭା ଦ୍ୱୀପର ପ୍ରସିଦ୍ଧି କେବଳ ଦକ୍ଷିଣ ପୂର୍ବ ଏସିଆରେ ସୀମାବଦ୍ଧ ନରହି ସମଗ୍ର ପୃଥିବୀ ବ୍ୟାପୀ ଯାଇଛି । ପ୍ରାମ୍ବାନନ୍ ଓ ବୋରୋବୁଦୁର କୀର୍ତ୍ତି ଆଜି ସମଗ୍ର ମାନବ ଜାତିର ଅତୁଳନୀୟ ସଂପତ୍ତି ହୋଇ ପାରିଛି । ଏ ସମସ୍ତର ମୂଳରେ ଯେ ଦିନେ ଆମ କଳିଙ୍ଗ ରାଜ୍ୟର ଅବଦାନ ଥିଲା, ଏକଥା ଦକ୍ଷିଣ-ପୂର୍ବ ଏସିଆର ଇତିହାସ ଗବେଷଣାରେ ପ୍ରସିଦ୍ଧି ଲାଭ କରିଥିବା ଫରାସୀ ଐତିହାସିକ ଜି. କୋଏଡ଼େସ୍‌ଙ୍କର ନିମ୍ନୋକ୍ତ ଉକ୍ତିରୁ ସହଜରେ ବୁଝିହେବ ।

"Java began to enter into history with appearance of a state called Ho-ling in the Chinese histories."


ଆଜି ବାଲିଦ୍ୱୀପରେ ହିନ୍ଦୁଧର୍ମ ଓ ସଂସ୍କୃତି ବଞ୍ଚିରହିଛି । ଷୋଡଶ ଶତାବ୍ଦୀର ପ୍ରଥମ ଭାଗରେ ମାଜାପହିତ ସମ୍ରାଟ ଏହି ଦ୍ୱୀପରେ ଆଶ୍ରୟ ନେବା ପରେ ଏହି ଦ୍ୱୀପର ଅଧିବାସୀଙ୍କର ସଂସ୍କୃତି ଓ କଳାର ଯଥେଷ୍ଟ ଅଭିବୃଦ୍ଧି ହୋଇଥିଲେ ମଧ୍ୟ, ଷୋଡ଼ଶ ଶତାବ୍ଦୀର ବହୁପୂର୍ବରୁ ଏଠାରେ ଯେ ଧର୍ମ, କଳା ଓ ସଂସ୍କୃତିର ବିକାଶ ଲାଭ କରିଥିଲା ଏଥିରେ ଆଦୌ ସନ୍ଦେହ ନାହିଁ । ବାଲିଦ୍ୱୀପରୁ ମିଳିଥିବା ପ୍ରାଚୀନତମ ଅଭିଲେଖ ନବମ ଶତାବ୍ଦୀର ବୋଲି ଜଣାଯାଇଛି । ଏଥିରେ ବାଲିଦ୍ୱୀପର ଭାଷା ସହିତ ସଂସ୍କୃତ ଭାଷା ମଧ୍ୟ ମିଶିଥିବାର ଲକ୍ଷ୍ୟ କରାଯାଏ । ଶିବ, ଦୁର୍ଗା, ବିଷ୍ଣୁ, ସୂର୍ଯ୍ୟ ଓ ଗଣେଶଙ୍କର ପୂଜା ବାଲିଦ୍ୱୀପରେ ବହୁକାଳରୁ ପ୍ରଚଳିତ । ଏହି ସୁଦୂର ଦ୍ୱୀପର ଅଧିବାସୀମାନଙ୍କର ଜୀବନଯାତ୍ରା ପ୍ରଣାଳୀ, ଧର୍ମ, ସଂସ୍କୃତି ଓ କଳା ଆମ ଓଡ଼ିଶାର ଏତେ ବେଶୀ ନିକଟବର୍ତ୍ତୀ ଯେ ତା'ର ତୁଳନାରେ ଏ ଦେଶରେ ଆମର ନିକଟତମ ରାଜ୍ୟହିଁ ପଛକୁ ରହିଯିବ ।

ଏହିଲେଖକ ପ୍ରାୟ ତିନିବର୍ଷତଳେ ଇଣ୍ଡୋନେସିଆର ଜାଭା ଓ ବାଲିଦ୍ୱୀପରେ କିଛିଦିନ କଟାଇବାର ସୁବିଧା ପାଇଥିଲା । ତେଣୁ ଏ ବ୍ୟାପାରରେ କେତେକ ପ୍ରତ୍ୟକ୍ଷ ଅନୁଭୂତି ଏଠାରେ ଉଲ୍ଲେଖ କରିବା ବୋଧହୁଏ ଅପ୍ରାସଙ୍ଗିକ ହେବ ନାହିଁ । ବାଲିଦ୍ୱୀପର ଅଧିବାସୀମାନେ ବହୁପରିମାଣରେ ଅତିଥିବତ୍ସଳ । ପରିବାରକୁ କୌଣସି ଅତିଥି ଆସିଲେ ପ୍ରଥମେ ତାକୁ ଗୋଟିଏ ପାନପତ୍ର ଓ ଗୋଟିଏ ଗୁଆ ଦେଇ ଅଭ୍ୟର୍ଥନା କରାଯାଏ । ଏହି ଲେଖକ ସେଠାକାର ଗାଁ ଗହଳର କେତେକ ପରିବାରରେ ଠିକ୍ ଏହିପରି ଅଭ୍ୟର୍ଥିତ ହୋଇଥିଲା । ଏହାଛଡ଼ା ସେମାନେ ଯେଉଁ ସାମାନ୍ୟ ଜଳଯୋଗର ବ୍ୟବସ୍ଥା କରିଥିଲେ–ତାହାଥିଲା ନଡ଼ିଆ, ପୁରଡିଆ ଛୁଞ୍ଚିପତ୍ର, ଚକୁଳି ଓ ଚିତୋଉ ପିଠାର ଏକ ଉନ୍ନତ ସଂସ୍କରଣ । କେତେକ ପରିବାର କର୍ତ୍ତା ପ୍ରକାଶ କଲେ ଯେ ଏକଦା ସେହି ଦ୍ୱୀପରେ ବିବାହ ଆଦି ଶୁଭ କାର୍ଯ୍ୟରେ ବନ୍ଧୁ-ନିମନ୍ତ୍ରଣ କଲାବେଳେ ମଧ୍ୟ ପାନ ଓ ଗୁଆ ପଠାଯାଉଥିଲା । ଏଥିରୁ ସ୍ପଷ୍ଟ ମନେହୁଏ ଯେ, ଏହି ଦ୍ୱୀପରେ ପ୍ରାଚୀନ ଓଡ଼ିଆ ଆଚରଣ ବିଧି ଏ ପର୍ଯ୍ୟନ୍ତ ବଞ୍ଚି ରହିଛି । ବାଲି ତଥା ସମଗ୍ର ଜାଭା ଅଞ୍ଚଳରେ ବିବାହ ଉତ୍ସବରେ ହିନ୍ଦୁ ପରିବାରରେ ବର କନ୍ୟାକୁ ଠିକ୍ ଆମ ଓଡ଼ିଶାରେ ବ୍ୟବହାର କରାଯାଉଥିବା ମୁକୁଟଭଳି ସୋଲ ଓ ଜରିରେ ତିଆରି ମୁକୁଟ ପିନ୍ଧିବାକୁ ପଡ଼େ । ଏହାବ୍ୟତୀତ ଜାଭା ଓ ବାଲିଦ୍ୱୀପର ନୃତ୍ୟ, ଗୀତ,



ଜାଭାଦ୍ୱୀପର ପ୍ରାଚୀନ ଅଳଙ୍କାର





ବାଦ୍ୟ, ସ୍ଥାପତ୍ୟ ଓ ଚିତ୍ରକଳାରେ ମଧ୍ୟ ଓଡ଼ିଶାର ଅନେକ ଉପାଦାନ ଦେଖିବାକୁ ମିଳେ । ଓଡ଼ିଶାରେ ପ୍ରଚଳିତ ଚଇତି ଘୋଡ଼ା ନାଚ, ଦଣ୍ଡ ନାଟ, ନାଗା ନାଚ ଇତ୍ୟାଦି ଲୋକ ନୃତ୍ୟ ଟିକିଏ ଭିନ୍ନ ରୂପରେ ସେଦେଶର ବିଭିନ୍ନ ସ୍ଥାନରେ ଦେଖାଯାଏ । ଆଜକୁ ପ୍ରାୟ ୩୦, ୪୦ ବର୍ଷତଳେ ଆମ ରାଜ୍ୟର ଗାଁ ଗହଳରେ ସ୍ତ୍ରୀଲୋକମାନେ ପିନ୍ଧୁଥିବା ରସଖଡ଼ୁ ଓ ରୂପା ଗହଣାର ଅନୁରୂପ ଅଳଙ୍କାର ସେଦେଶର ଗାଁ ଗହଳର ଲୋକେ ଏକଦା ବ୍ୟବହାର କରୁଥିଲେ । ଆମ ଓଢ଼ଣୀ ଶାଢ଼ି, ଚଦର ଓ ପାଟ ଇତ୍ୟାଦିରେ ଥିବା ବୟନ ପରିପାଟୀ (design) ର ନିକଟବର୍ତ୍ତୀ କେତେକ ଚିତ୍ର ସେ ଦେଶର ଗାଁ ଗଣ୍ଡାରେ ବିଆରି ଲୁଗାପଟାରେ ମଧ୍ୟ ଦେଖା ଯାଇଥାଏ । ଏହାଛଡ଼ା ଠିକ୍ ଆମ ଓଡ଼ିଶାର ଚିତ୍ରିତ ପୁରୁଣା ତାଳପତ୍ର ପୋଥି ଭଳି ବାଲିଦ୍ୱୀପର ଗାଁ ଗହଳରେ ଅନେକ ତାଳ ପତ୍ର ପୋଥି ଦେଖିବାକୁ ମିଳେ । କିନ୍ତୁ ଏ ସମସ୍ତ ସତ୍ତ୍ୱେ, ସେହି ଦେଶ ତଥା ବାଲିଦ୍ୱୀପର ଧର୍ମ ଓ ସଂସ୍କୃତିରେ ଅନେକ ସ୍ୱତନ୍ତ୍ରତା ରହିଛି । ସେହି ଦ୍ୱୀପର ମାଟି ଓ ପାଣି ପବନରେ ଯେପରି ଏ ଦେଶର ଆମ୍ବ ଗଛ, ପଣସ ଗଛ ଓ ବର ଗଛ ଆଦି କେତେକାଂଶରେ ଭିନ୍ନ ରୂପ ଗ୍ରହଣ କରିଛି, ଠିକ୍ ସେହିପରି ଧର୍ମ ଓ ସଂସ୍କୃତି ମଧ୍ୟ ବିଗତ ଦୁଇହଜାର ବର୍ଷକାଳ ସ୍ୱାଧୀନ ଓ ନିରଙ୍କୁଶ ଭାବରେ ବଢ଼ି ଅନେକ ସ୍ୱତନ୍ତ୍ରତା ହାସଲ କରିଛି । ଯଦି କେହି ବାହାରର ଦର୍ଶକ ଓଡ଼ିଶାର ଆଜିର ସାମାଜିକ ରୀତି ନୀତି ଓ ସଂସ୍କୃତି ସହ ଏହି ଜାଭା ଓ ବାଲି ଦ୍ୱୀପର ଅଧିବାସୀଙ୍କର ଚାଲିଚଳନ ଓ ସଂସ୍କୃତିକୁ ଲକ୍ଷ୍ୟ କରେ, ତେବେ ସେ ନିଶ୍ଚିତ ଭାବରେ କହିବ ଯେ ଏ ଉଭୟଙ୍କର ଉତ୍ସ କେବଳ ଗୋଟିଏ ଓ ତାହାହିଁ ହେଉ ପ୍ରାଚୀନ ଭୂମି କଳିଙ୍ଗ !

## ସହାୟକ ଗ୍ରନ୍ଥ ସୂଚୀ


1. G. Coedes, The Indianize and States of South-East Asia, East-West Centre Press, Honolulu, 1968.
2. K. C. Panigrahi, History of Orissa, Kitab Mahal, 1986
3. N. K. Sahu, Historical Geography of Orissa, Souvenir, Orissa Sahitya Akademi, 1982.

୪. ନବୀନ କୁମାର ସାହୁ, ଓଡ଼ିଆ ଜାତିର ଇତିହାସ (ପ୍ରାଚୀନ କଳିଙ୍ଗ) ଓଡ଼ିଶା ରାଜ୍ୟ ପାଠ୍ୟପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥା, ୧୯୭୪

୫. ଆଶୁତୋଷ ପ୍ରସାଦ ପଟ୍ଟନାୟକ, ରୂପରାଇଜ ଥାଇଲାଣ୍ଡ, ଇସ୍ତାହାର, ଶାରଦୀୟ ବିଶେଷାଙ୍କ–୧୯୮୨ ।

୬. ଆଶୁତୋଷ ପ୍ରସାଦ ପଟ୍ଟନାୟକ, ଓଡ଼ିଆ ସାଧବର ଗନ୍ତାଘର, ଇସ୍ତାହାର, (ଜାନୁଆରୀ, ଫେବୃଆରୀ, ମାର୍ଚ୍ଚ, ୧୯୮୩ (ଏପ୍ରିଲ, ମେ,–ଜୁନ୍–୧୯୮୩) ।



ଉପ ନିର୍ଦ୍ଦେଶକ,
ସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟ,
ଭୁବନେଶ୍ୱର–୧







OGP—MP-VI (I. & P. R.) 81—15000—29-3-1986

# ଗ୍ରାମ୍ୟ କଳା ଓ ଗ୍ରାମ୍ୟ କଳାକାର



Vol. XLII No. 9 UTKAL PRASANGA Regd. No. O-05 86
Licence No. C. R. N. P. 5—Licensed to post without Pre-Payment




ଉନ୍ନୟନ ପ୍ରସଙ୍ଗ